# ସ୍ୱାମୀ ବିବେକାନନ୍ଦଙ୍କ
# ବାଣୀ ଓ ରଚନା

## ଅଷ୍ଟମ ଖଣ୍ଡ

ରାମକୃଷ୍ଣ ମଠ
ଭୁବନେଶ୍ୱର

ପ୍ରକାଶକ
ସ୍ୱାମୀ ଆତ୍ମପ୍ରଭାନନ୍ଦ
ଅଧ୍ୟକ୍ଷ, ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର—୭୫୧ ୦୦୨
ଓଡ଼ିଶା

ସର୍ବସ୍ୱତ୍ୱ ସଂରକ୍ଷିତ

ଦ୍ୱିତୀୟ ସଂସ୍କରଣ : ଜୁଲାଇ ୧୯୯୦
**ପ୍ରଥମ ପୁନର୍ମୁଦ୍ରଣ : ୨୮ ଅଗଷ୍ଟ ୨୦୧୩**
ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
୫୦୦

**ମୂଲ୍ୟ– ଟ. ୧୩୦.୦୦**

ମୁଦ୍ରାକର :
ହିନ୍ଦୁସ୍ଥାନ ପ୍ରିଣ୍ଟିଙ୍ଗ୍ ଏଣ୍ଡ୍ ବାଇଣ୍ଡିଂ ୱାର୍କସ୍
ଏ/୪୮, ରାମେଶ୍ୱର ପାଟଣା
ଭୁବନେଶ୍ୱର—୭୫୧ ୦୦୨

***SWAMI VIVEKANANDANKA VANI O RACHANA Vol. - VIII :*** by Swami Vivekananda; Published by Ramakrishna Math, Vivekananda Marg, Bhubaneswar - 751 002; 1st Reprint on 28th August 2013; **Price : ₹ One Hundred Thirty only.**

# ପ୍ରକାଶକଙ୍କ ନିବେଦନ

ଶ୍ରୀଶ୍ରୀଭଗବାନଙ୍କର ଆଶୀର୍ବାଦରୁ 'ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା'ର ଅଷ୍ଟମ ଖଣ୍ଡ ପ୍ରକାଶିତ ହେଲା ।

ଏହି ଖଣ୍ଡରେ 'ପତ୍ରାବଳୀ'ର ଶେଷ ୧୮୮ଟି ପତ୍ର (ଅକ୍ଟୋବର ୧୮୯୭—ଜୁଲାଇ ୧୯୦୨) ଦିଆଯାଇଛି । 'ପତ୍ରାବଳୀ' ବ୍ୟତୀତ ଏଥିରେ ସନ୍ନିବେଶିତ ହୋଇଛି : 'ମହାପୁରୁଷ-ପ୍ରସଙ୍ଗ' ଏବଂ 'ଗୀତା-ପ୍ରସଙ୍ଗ' ।

'ମହାପୁରୁଷ-ପ୍ରସଙ୍ଗ'ରେ ରହିଛି ସ୍ୱାମୀଜୀଙ୍କର କେତେଗୁଡ଼ିଏ ବକ୍ତୃତା—ଯେଉଁଥିରେ ସେ ଉନ୍ମୋଚିତ କରିଛନ୍ତି ବୁଦ୍ଧ, ଯୀଶୁଖ୍ରୀଷ୍ଟ ଓ ମହମ୍ମଦଙ୍କର ଜୀବନ-ବାଣୀ ଏବଂ ସର୍ବୋପରି 'ମଦୀୟ ଆଚାର୍ଯ୍ୟଦେବ' ଭାଷଣରେ ଶ୍ରୀରାମକୃଷ୍ଣଦେବଙ୍କ ପ୍ରତି ତାଙ୍କର ଭକ୍ତି-ଅର୍ଘ୍ୟ । ଏଥିରେ ସନ୍ନିବେଶିତ 'ପଓହାରି ବାବା' ପ୍ରବନ୍ଧଟି ସେ 'ବ୍ରହ୍ମବାଦିନ୍' ପତ୍ରିକା ପାଇଁ ଲେଖିଥିଲେ । ଏହା ବ୍ୟତୀତ କେତୋଟି ସଂକ୍ଷିପ୍ତ ଆଲୋଚନା ମଧ୍ୟ ଏଥିରେ ସଂଯୁକ୍ତ ହୋଇଛି ।

'ଗୀତା-ପ୍ରସଙ୍ଗ'ରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ମୁଖ-ନିଃସୃତ ଶ୍ରୀମଦ୍ଭଗବଦ୍ଗୀତା ଉପରେ ସ୍ୱାମୀଜୀଙ୍କର ତିନୋଟି ପ୍ରସିଦ୍ଧ ବକ୍ତୃତା ଦିଆଯାଇଛି ।

ତଥ୍ୟପଞ୍ଜୀରେ ପ୍ରଥମେ 'ମହାପୁରୁଷ-ପ୍ରସଙ୍ଗ' ଓ ପରେ ସମଗ୍ର ପତ୍ରାବଳୀର ଅତି ପ୍ରୟୋଜନୀୟ ତଥ୍ୟପଞ୍ଜୀ ପ୍ରଦତ୍ତ ହୋଇଛି । ପତ୍ରାବଳୀର ସୂଚୀପତ୍ରରେ ସମସ୍ତ ପତ୍ରର କ୍ରମିକ ସଂଖ୍ୟାନୁସାରେ ଯଥାସମ୍ଭବ ସମସ୍ତ ପତ୍ରର ତାଲିକା, ସ୍ଥାନ, ଉଦ୍ଦିଷ୍ଟ ବ୍ୟକ୍ତି ଓ ଭାଷା ବିଷୟକ ତଥ୍ୟ ତାଲିକା-ଆକାରରେ ସଜ୍ଜିତ ହୋଇଛି । ଏହାଦ୍ୱାରା ଅନୁସନ୍ଧିତ୍ସୁ ପାଠକମାନଙ୍କର ବିଶେଷ ସୁବିଧା ହେବ ବୋଲି ଆଶା । ଏହା ବ୍ୟତୀତ ଅନ୍ୟାନ୍ୟ ଖଣ୍ଡ ଭଳି ଏହି ଖଣ୍ଡରେ ନିର୍ଦ୍ଦେଶିକା ମଧ୍ୟ ସଂଯୁକ୍ତ କରାଯାଇଛି ।

ଏହି ଖଣ୍ଡର ବିଭିନ୍ନ ଅଂଶର ସମ୍ପାଦନା କରିଛନ୍ତି ସର୍ବଶ୍ରୀ ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ମହାପାତ୍ର ନୀଳମଣି ସାହୁ, ରାମଚନ୍ଦ୍ର ପଣ୍ଡା, ସତ୍ୟନାରାୟଣ ମିଶ୍ର, କିଶୋର ମୋହନ ପଟ୍ଟନାୟକ ସ୍ୱାମୀ ବୈରାଗ୍ୟାନନ୍ଦ ଏବଂ ଶ୍ରୀମତୀ ଶ୍ୟାମା ଦେବୀ । ଅଧ୍ୟାପକ ଶ୍ରୀ ତତ୍ତ୍ୱକନ୍ଦର ମିଶ୍ର ଅନ୍ୟାନ୍ୟ ଖଣ୍ଡ ଭଳି ଏହି ଖଣ୍ଡର ସମ୍ପାଦନା ଓ ଭାଷା-ସଂଶୋଧନରେ ବିଶେଷ ଭୂମିକା ଗ୍ରହଣ କରିବା ସଙ୍ଗେ-ସଙ୍ଗେ ମୁଦ୍ରଣ-ସମ୍ବନ୍ଧୀୟ ସମସ୍ତ ଦାୟିତ୍ୱ ନିଃସ୍ୱାର୍ଥପର ଭାବରେ ତୁଲାଇଛନ୍ତି । ଏମାନଙ୍କୁ ଆମେ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛୁ ।

ଏହି ଖଣ୍ଡର ପ୍ରକାଶନ ପାଇଁ ଆର୍ଥିକ ଅନୁଦାନ ନିମନ୍ତେ ଆମେ କେନ୍ଦ୍ର ସରକାରଙ୍କଠାରେ ଗଭୀର ଭାବରେ ଋଣୀ । ଓଡ଼ିଶା ସରକାର ମଧ୍ୟ ଏଥିପାଇଁ ଆର୍ଥିକ ସହାୟତା କରିବାର ପ୍ରତିଶ୍ରୁତି ଦେଇ ଆମକୁ କୃତଜ୍ଞତା-ପାଶରେ ଆବଦ୍ଧ କରିଛନ୍ତି ।

ଏହି ଗ୍ରନ୍ଥପାଠରେ ଓଡ଼ିଶାବାସୀଙ୍କ ହୃଦୟରେ ଜ୍ଞାନ-ଭକ୍ତି ଅଧିକତର ବିକଶିତ ହେବ ବୋଲି ଆମର ଆଶା ଓ ବିଶ୍ୱାସ ।

ରାମକୃଷ୍ଣମଠ, ଭୁବନେଶ୍ୱର
୧୨ ଜୁଲାଇ ୧୯୯୦

ସ୍ୱାମୀ ଶିବେଶ୍ୱରାନନ୍ଦ
ଅଧ୍ୟକ୍ଷ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ପତ୍ରାବଳୀ (ପୂର୍ବାନୁବୃତ୍ତି) | ୧—୧୭୨ |
| [କ୍ରମିକ ସଂଖ୍ୟା ୩୯୨ରୁ ୫୭୯ ପର୍ଯ୍ୟନ୍ତ] | |
| ମହାପୁରୁଷ-ପ୍ରସଙ୍ଗ | ୧୭୩—୩୩୨ |
| ରାମାୟଣ | ୧୭୫ |
| ମହାଭାରତ | ୧୯୧ |
| ଜଡ଼ଭରତ ଉପାଖ୍ୟାନ | ୨୧୭ |
| ପ୍ରହ୍ଲାଦ ଚରିତ | ୨୨୦ |
| ଜଗତର ମହତ୍ତମ ଆଚାର୍ଯ୍ୟଗଣ | ୨୨୫ |
| କୃଷ୍ଣ ଓ ତାଙ୍କର ଶିକ୍ଷା | ୨୪୨ |
| ଭଗବାନ ବୁଦ୍ଧ | ୨୫୦ |
| ବୁଦ୍ଧଙ୍କର ବାଣୀ | ୨୫୨ |
| ଈଶଦୂତ ଯୀଶୁଖ୍ରୀଷ୍ଟ | ୨୬୫ |
| ଈଶ୍ୱରଙ୍କର ଦେହଧାରଣ ବା ଅବତାର | ୨୮୨ |
| ମହମ୍ମଦ | ୨୮୪ |
| ପଓହାରି ବାବା | ୨୮୭ |
| ମଦୀୟ ଆଚାର୍ଯ୍ୟଦେବ | ୩୦୦ |
| ଶ୍ରୀରାମକୃଷ୍ଣ ଓ ତାଙ୍କର ମତ | ୩୩୧ |
| ଶ୍ରୀରାମକୃଷ୍ଣ : ଜାତିର ଆଦର୍ଶ | ୩୩୨ |
| ଗୀତା-ପ୍ରସଙ୍ଗ | ୩୩୩—୩୬୫ |
| ଗୀତା—ପ୍ରଥମ ବକ୍ତୃତା | ୩୩୫ |
| ଗୀତା—ଦ୍ୱିତୀୟ ବକ୍ତୃତା | ୩୪୭ |
| ଗୀତା—ତୃତୀୟ ବକ୍ତୃତା | ୩୫୩ |

| ବିଷୟ | ପୃଷ୍ଠା |
| --- | --- |
| ତଥ୍ୟପଞ୍ଜୀ | ୩୬୭—୪୧୦ |
| ମହାପୁରୁଷ-ପ୍ରସଙ୍ଗ | ୩୬୭ |
| ସମଗ୍ର ପଦାବଳୀର ତଥ୍ୟପଞ୍ଜୀ | ୩୬୮ |
| ସମଗ୍ର ପଦାବଳୀର ସୂଚୀପତ୍ର | ୩୮୭ |
| ନିର୍ଦ୍ଦେଶିକା | ୪୧୧—୪୨୪ |

# ପ ତ୍ରା ବ ଳୀ

[ ପୂର୍ବାନୁବୃତ୍ତି ]

# ପତ୍ରାବଳୀ

[ ପୂର୍ବାନୁବୃତ୍ତି ]

୩୯୨ଇଂ (ଭଗିନୀ ନିବେଦିତାଙ୍କୁ ଲିଖିତ)

ଶ୍ରୀନଗର, କାଶ୍ମୀର, ୧ ଅକ୍ଟୋବର ୧୮୯୭

କଲ୍ୟାଣୀୟା ମାର୍ଗୋ,*

ଅନେକେ ଅନ୍ୟର ନେତୃତ୍ୱରେ ସର୍ବୋତ୍ତମ କାର୍ଯ୍ୟ କରିପାରନ୍ତି । ସମସ୍ତେ ନେତା ହୋଇପାରନ୍ତି । ସମସ୍ତେ ନେତା ହୋଇ ଜନ୍ମନ୍ତି ନାହିଁ, କିନ୍ତୁ ସେ ହିଁ ଶ୍ରେଷ୍ଠ ନେତା, ଯେ ଶିଶୁମାନଙ୍କ ଭଳି ଅନ୍ୟ ଉପରେ ନେତୃତ୍ୱ କରନ୍ତି । ଶିଶୁକୁ ଆପାତତଃ ଅନ୍ୟ ଉପରେ ନିର୍ଭରଶୀଳ ବୋଲି ମନେହେଲେ ସୁଦ୍ଧା ସେ ହିଁ ସମଗ୍ର ଘରର ରାଜା । ଅନ୍ତତଃ ମୋର ଧାରଣା—ଏହା ହିଁ ନେତୃତ୍ୱର ମୂଳ ରହସ୍ୟ ।··· ଅନେକେ ଅନୁଭବ କରନ୍ତି ସତ୍ୟ, କିନ୍ତୁ ଅଳ୍ପ କେତେଜଣ ପ୍ରକାଶ କରିପାରନ୍ତି । ଅନ୍ୟପ୍ରତି ଅନ୍ତରର ପ୍ରେମ, ପ୍ରଶଂସା ଓ ସହାନୁଭୂତି ପ୍ରକାଶ କରିବାର ଯେଉଁ କ୍ଷମତା, ତାହା ହିଁ ଜଣକୁ ଅନ୍ୟ ଅପେକ୍ଷା ଭାବ ପ୍ରଚାରରେ ଅଧିକ ସାଫଲ୍ୟ ପ୍ରଦାନ କରେ ।···

ତୁମ ନିକଟରେ କାଶ୍ମୀରର ବର୍ଣ୍ଣନା ଦେବାର ଚେଷ୍ଟା କରିବି ନାହିଁ । କେବଳ ଏତିକି କହିଲେ ହିଁ ଯଥେଷ୍ଟ ହେବ ଯେ, ଏହି ଭୂସ୍ୱର୍ଗ ବ୍ୟତୀତ ଅନ୍ୟ କୌଣସି ଦେଶ ଛାଡ଼ି ଆସିବା ବେଳକୁ ମୋର ମନ କେବେହେଲେ ଖରାପ ହୋଇ ନାହିଁ । ସମ୍ଭବ ହେଲେ ରାଜାଙ୍କୁ ରାଜି କରାଇ ଏଠାରେ ଗୋଟିଏ କେନ୍ଦ୍ର ପ୍ରତିଷ୍ଠା କରିବାର ମଧ୍ୟ ଯଥାସାଧ୍ୟ ଚେଷ୍ଟା କରୁଛି । ଏଠାରେ ଅନେକ କିଛି କରିବାର ଅଛି—ଆଉ ଉପକରଣ ମଧ୍ୟ ଯଥେଷ୍ଟ ଆଶାପ୍ରଦ ।···

ଅସୁବିଧା ଏହି—ମୁଁ ଦେଖିପାରୁଛି ଯେ, ଅନେକେ ସେମାନଙ୍କର ପ୍ରାୟ ସମସ୍ତ ସ୍ନେହପ୍ରୀତି ମୋତେ ଅର୍ପଣ କରନ୍ତି; କିନ୍ତୁ ପ୍ରତିଦାନରେ କୌଣସି ବ୍ୟକ୍ତିକୁ ମୋର ତ ସବୁଯାକ ଦେବା ଉଚିତ ନାହିଁ; କାରଣ ତାହା ହେଲେ ଦିନକରେ ହିଁ ସମସ୍ତ କାର୍ଯ୍ୟ ପଣ୍ଡ ହୋଇଯିବ । ଅଥଚ ନିଜର ସୀମାକୁ ଅତିକ୍ରମକରି ଦେଖିବାକୁ ଅନଭ୍ୟସ୍ତ ଏପରି ଲୋକ ମଧ୍ୟ ଅଛନ୍ତି, ଯେଉଁମାନେ ଏହିପରି ପ୍ରତିଦାନ ଚାହାଁନ୍ତି । କର୍ମର ସାଫଲ୍ୟ ଲାଗି ଯେତେ ଅଧିକ ସମ୍ଭବ, ଲୋକଙ୍କର ଐକାନ୍ତିକ ପ୍ରୀତି ମୋର ଏକାନ୍ତ ପ୍ରୟୋଜନ, ଅଥଚ ମୋତେ ସମ୍ପୂର୍ଣ୍ଣଭାବରେ ସବୁ ଗଣ୍ଡିର ବାହାରେ ରହିବାକୁ ହେବ । ନଚେତ୍ ହିଂସା ଓ କଳହରେ ସମସ୍ତ ଭାଙ୍ଗି ଚୂନା ହୋଇଯିବ । ଯେ ନେତା, ସେ ରହିବେ ବ୍ୟକ୍ତିର ଗଣ୍ଡିର ବାହାରେ । ମୋର ବିଶ୍ୱାସ, ତୁମେ ଏକଥା ବୁଝିପାରୁଛ । ମୁଁ ଏକଥା କହୁ ନାହିଁ ଯେ, ନେତା ଅପରର ଶ୍ରଦ୍ଧାକୁ ପଶୁଭଳି ନିଜ କାର୍ଯ୍ୟରେ ଲଗାଇବେ, ଆଉ ମନେମନେ ହସିବେ । ମୁଁ ଯାହା କହିବାକୁ ଚାହେଁ, ତାହା ମୋର ନିଜ ଜୀବନରେ ହିଁ ପରିସ୍ଫୁଟ; ମୋର ସ୍ନେହପ୍ରୀତି ଏକାନ୍ତ ମୋର ନିଜସ୍ୱ ଜିନିଷ, କିନ୍ତୁ ସେହିଭଳି ପୁଣି ପ୍ରୟୋଜନ ହେଲେ—ବୁଦ୍ଧଦେବ ଯେପରି କହିଥିଲେ 'ବହୁଜନହିତାୟ, ବହୁଜନ ସୁଖାୟ'—ସେହିପରି ମୁଁ ନିଜ ହସ୍ତରେ ହିଁ ମୋ ହୃଦୟକୁ ଉତ୍ପାଟିତ କରିପାରେ । ଏହି

---

* ମିସ୍ ମାର୍ଗାରେଟ୍ ନୋବେଲ୍

ପ୍ରେମରେ ଉନ୍ମତ୍ତତା ଅଛି; କିନ୍ତୁ ତଳେମାନ ବନ୍ଧନ ନାହିଁ । ପ୍ରେମ ପ୍ରଭାବରେ ଅଚେତନ ଜଡ଼ବସ୍ତୁ ଚେତନରେ ପରିବର୍ତ୍ତିତ ହୁଏ । ବସ୍ତୁତଃ ଏହା ହିଁ ହେଲା ଆମର ବେଦାନ୍ତର ସାରକଥା । ଏକମାତ୍ର ସଦ୍‌ବସ୍ତୁ ଅଜ୍ଞାନର ଚକ୍ଷୁରେ 'ଜଡ଼' ଏବଂ ଜ୍ଞାନୀର ଚକ୍ଷୁରେ 'ଭଗବାନ' ବୋଲି ପ୍ରତିଭାତ ହୁଅନ୍ତି ଏବଂ ଜଡ଼ ମଧ୍ୟରେ ଯେଉଁ ଚେତନର କ୍ରମିକ ପରିସ୍ଫୁରଣ—ତାହା ହିଁ ହେଲା ସଭ୍ୟତାର ଇତିହାସ । ଅଜ୍ଞାନମାନେ ନିରାକାରକୁ ମଧ୍ୟ ସାକାର ରୂପରେ ଦେଖନ୍ତି, ଜ୍ଞାନୀ ସାକାରରେ ମଧ୍ୟ ନିରାକାରର ଦର୍ଶନ ପାଆନ୍ତି । ସୁଖ-ଦୁଃଖ, ଆନନ୍ଦ-ନିରାନନ୍ଦ ମଧ୍ୟରେ ଆମେ କେବଳ ଏହି ଶିକ୍ଷା ହିଁ ପାଉଛୁ ।... ଅତିରିକ୍ତ ଭାବପ୍ରବଣତା କର୍ମ ପକ୍ଷରେ ଅନିଷ୍ଟକର । 'ବଜ୍ର ଭଳି ଦୃଢ଼ ଅଥଚ କୁସୁମଭଳି କୋମଳ'—ଏହା ହିଁ ହେଉଛି ସାର ନୀତି ।

ଚିରସ୍ନେହଶୀଳ ସତ୍ୟାବଦ୍ଧ, ବିବେକାନନ୍ଦ

**୩୯୩** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ମରୀ, ୧୦ ଅକ୍ଟୋବର ୧୮୯୭

ଅଭିନ୍ନହୃଦୟେଷୁ,

କାଶ୍ମୀର ହୋଇ ଗତ ପରଦିନ ସନ୍ଧ୍ୟାରେ ମରୀରେ ଆସି ପହଞ୍ଚିଛି । ସମସ୍ତେ ବେଶ୍ ଆନନ୍ଦରେ ଥିଲେ । କେବଳ କୃଷ୍ଣଲାଲ ଓ ଗୁପ୍ତଙ୍କୁ ମଝିରେ ମଝିରେ ଜ୍ୱର ହୋଇଥିଲା—ତାହା ସାମାନ୍ୟ । ସୁନେଲି ଇତ୍ୟାଦି ରଙ୍ଗରେ ଛପାଇ ଏହି Address (ଅଭିନନ୍ଦନଟି) ଖେତଡ଼ିର ରାଜାଙ୍କ ପାଖକୁ ପଠାଇବାକୁ ହେବ । ରାଜା ୨୧ କି ୨୨ ତାରିଖ ଅକ୍ଟୋବର ସୁଦ୍ଧା ବମ୍ବେରେ ଆସି ପହଞ୍ଚିବେ । ବମ୍ବେରେ ଆମର ବର୍ତ୍ତମାନ କେହି ନାହାନ୍ତି । ଯଦି କେହି ଥିବେ, ତେବେ ତାଙ୍କୁ ଗୋଟିଏ କପି ପଠାଇଦେବ—ଯାହାଦ୍ୱାରା କି ସେହି ବ୍ୟକ୍ତି ରାଜାଙ୍କୁ ଜାହାଜ ଭିତରେ ବା ବମ୍ବେ ସହରର କେଉଁଠାରେ ଏହି ଅଭିନନ୍ଦନଟି ପ୍ରଦାନ କରିବେ । ଭଲ କପିଟି ଖେତଡ଼ିକୁ ପଠାଇଦେବ । ଗୋଟିଏ ମିଟିଂରେ (ସଭାରେ) ସେଇଟିକୁ ପାସ୍ କରାଇନେବ । ଯଦି କିଛି ବଦଳାଇବାକୁ ଇଚ୍ଛା ହୁଏ, କ୍ଷତି ନାହିଁ । ତାହାପରେ ସମସ୍ତେ ଦସ୍ତଖତ କରିବେ; କେବଳ ମୋ ନାମର ଜାଗାଟି ଖାଲି ରଖିବ— ମୁଁ ଖେତଡ଼ି ଯାଇ ଦସ୍ତଖତ କରିବି । ଏ ବିଷୟରେ ଯେପରି କୌଣସି ତ୍ରୁଟି ନ ହୁଏ । ଲାଲା ହଂସରାଜ ସାହାଣୀ, ଓକିଲ୍ ରାୱଲପିଣ୍ଡି—ଠିକଣାରେ ଯୋଗେନ୍ କପର ଅଛି ପତ୍ର ପାଇବା ମାତ୍ରେ ଲେଖିବ । ରାଜା ବିନୟକୃଷ୍ଣଙ୍କ ତରଫରୁ ଅଭିନନ୍ଦନଟି ଦୁଇଦିନ ଡେରି ହେଉ ପଛକେ—ଆମଟା ଯେପରି ପହଞ୍ଚେ ।

ଏହିମାତ୍ର ତୁମର ୫ ତାରିଖର ପତ୍ର ପାଇଲି । ଯୋଗେନର ସମ୍ବାଦରେ ବିଶେଷ ଆନନ୍ଦିତ ହେଲି ଏବଂ ମୋର ଏହି ଚିଠି ପାଇବା ପୂର୍ବରୁ ହରିପ୍ରସନ୍ନ ବୋଧହୁଏ ଅମ୍ବାଲାରେ ପହଞ୍ଚିବ । ମୁଁ ସେମାନଙ୍କୁ ଠିକ୍ ଠିକ୍ advice (ନିର୍ଦ୍ଦେଶ) ସେଠାକୁ ପଠାଇବି । ମା ଠାକୁରାଣୀଙ୍କ ପାଇଁ ୨୦୦ ଟଙ୍କା ପଠାଇଲି—ପ୍ରାପ୍ତି ସ୍ୱୀକାର କରିବା ।... ଭବନାଥର ସ୍ତ୍ରୀ ସମ୍ବନ୍ଧରେ କାହିଁକି କିଛି ଲେଖିଲ ନାହିଁ ? ତାକୁ ଦେଖିବାକୁ ଯାଇଥିଲ କି ?

କ୍ୟାପ୍ଟେନ୍ ସେଭିଅର୍ କହୁଥିଲେ ଯେ, ସେ ଜାଗା ପାଇଁ ଅଧୀର ହୋଇପଡ଼ିଛନ୍ତି । ମସୌରୀ ନିକଟରେ ବା ଅନ୍ୟ କୌଣସି central (କେନ୍ଦ୍ରସ୍ଥଳରେ) ଗୋଟିଏ ସ୍ଥାନ ଯେତେ ଶୀଘ୍ର ହୁଏ—ତାଙ୍କର ଇଚ୍ଛା । ତାଙ୍କର ଇଚ୍ଛା ଯେ, ମଠରୁ ଦୁଇ ତିନି ଜଣ ଆସି ଜାଗା select (ପସନ୍ଦ) କରନ୍ତୁ । ସେମାନଙ୍କର ମନୋମତ ହେଲେ ସେ ମରୀରୁ ଯାଇ ଖରିଦ୍ କରି ସଙ୍ଗେ ସଙ୍ଗେ କୋଠା ତିଆରି ଆରମ୍ଭ କରିବେ । ଖର୍ଚ୍ଚ ଅବଶ୍ୟ ସେ ପଠାଇବେ । ମୋର selection (ପସନ୍ଦ) ତ ଜଣେ ଆମର ଇଞ୍ଜିନିୟର । ବାକି ଆଉ ଯେଉଁମାନେ ଏ ବିଷୟରେ ବୁଝିପାରନ୍ତି—ପଠାଇବ । ଇଚ୍ଛା ଏହି ଯେ, ଖୁବ୍ ଥଣ୍ଡା ସ୍ଥାନ ଦରକାର ନାହିଁ, ପୁଣି ବେଶୀ ଗରମ ମଧ୍ୟ ଯେପରି ନ ହୁଏ । ଡେରାଡୁନ୍ ଗରମ କାଳରେ ଅସହ୍ୟ—ଶୀତକାଳରେ ବେଶ୍ । ମସୌରୀ itself ଶୀତକାଳରେ ବୋଧହୁଏ ସମସ୍ତଙ୍କ ପକ୍ଷରେ ଠିକ୍ ନୁହେଁ । ତା'ର ଆଗକୁ ବା ପଛକୁ—ଅର୍ଥାତ୍ ବ୍ରିଟିଶ ବା ଗାଡ଼ୋୱାଲ ରାଜ୍ୟରେ ଜାଗା ନିଶ୍ଚୟ ମିଳିଯିବ । ଅଥଚ ସେହି ଜାଗାରେ ବାରମାସ ପାଣି ଥିବା ଦରକାର, ଗାଧୋଇବା ଓ ପିଇବା ପାଇଁ । ଏ ବିଷୟରେ ମିଷ୍ଟର ସେଭିଅର୍ ତୁମ ନିକଟକୁ ଖର୍ଚ୍ଚ ପଠାଇ ଚିଠି ଲେଖୁଛନ୍ତି । ତାଙ୍କ ସଙ୍ଗରେ ସବୁ ଠିକଣା କରିବ ।

ମୋର plan (ପରିକଳ୍ପନା) ବର୍ତ୍ତମାନ ଏହି—ନିରଞ୍ଜନ, ଦୀନ, ଲାଟୁ ଏବଂ କୃଷ୍ଣ-ଲାଲକୁ ଜୟପୁରକୁ ପଠାଇବା; ମୋ ସଙ୍ଗରେ କେବଳ ଅଚ୍ୟୁ ଆଉ ଗୁପ୍ତ । ମରୀରୁ ରାଓଲପିଣ୍ଡି, ସେଠାରୁ ଜାମ୍ମୁ, ସେଠାରୁ ଲାହୋର, ତା'ପରେ ସେଠାରୁ ଏକାବେଳକେ କରାଚି । ମୁଁ ଏଠା-ଠାରୁ ହିଁ ମଠ ପାଇଁ collection (ଅର୍ଥସଂଗ୍ରହ) ଆରମ୍ଭ କଲିଣି । ଯେକୌଣସି ସ୍ଥାନରୁ ତୁମ ନାମରେ ଟଙ୍କା ଆସୁନା କାହିଁକି, ତୁମେ ମଠ ଫଣ୍ଡରେ ଜମା କରିବ ଓ ଦୋରସ୍ତ ହିସାବ ରଖିବ । ଦୁଇଟା ଫଣ୍ଡ ଅଲଗା—ଗୋଟାଏ କଲିକତା ମଠ ପାଇଁ, ଆଉ ଗୋଟାଏ famine work, etc. (ଦୁର୍ଭିକ୍ଷ, ସେବାକାର୍ଯ୍ୟ ଇତ୍ୟାଦି) । ଆଜି ସାରଦା ଓ ଗଙ୍ଗାଧରର ଦୁଇଟି ଚିଠି ପାଇଲି । କାଲି ସେମାନଙ୍କୁ ଚିଠି ଲେଖିବି । ମୋର ମନେହୁଏ ସାରଦାକୁ ସେଠାକୁ ନପଠାଇ Central Province (ମଧ୍ୟପ୍ରଦେଶ)କୁ ପଠାଇଥିଲେ ଭଲ ହୋଇଥାନ୍ତା; ସେଠାରେ ସାଗରରେ ଓ ନାଗପୁରରେ ମୋର ଅନେକ ଲୋକ ଅଛନ୍ତି—ଧନୀ ଓ ପଇସା ଦେଲାବାଲା ଇତ୍ୟାଦି । ଯାହା ହେଉ, ଆସନ୍ତା ନଭେମ୍ବରରେ ସବୁ ହେବ । ଆଜି ଆଉ ସମୟ ନାହିଁ । ଏହିଠାରେ ଶେଷ ।

ଶଶୀବାବୁଙ୍କୁ ମୋର ବିଶେଷ ଆଶୀର୍ବାଦ ଓ ସ୍ନେହ ଦେବ । ମାଷ୍ଟର ମହାଶୟ ଏତେଦିନ ପରେ ଅଣ୍ଟା ଭିଡ଼ି ଲାଗିଛନ୍ତି ଦେଖୁଛି । ତାଙ୍କୁ ମୋର ବିଶେଷ ପ୍ରଣୟାଲିଙ୍ଗନ ଦେବ । ଏଥର ସେ ଚେଇଁ ଉଠିଛନ୍ତି ଦେଖି ମୋର ଛାତି ଦଶହାତ ଫୁଲି ଉଠିଲା । ମୁଁ କାଲି ତାଙ୍କୁ ପତ୍ର ଲେଖୁଛି । ଅଲମିତି—ଓୟା ଗୁରୁଜୀ ଫତେ—To work ! To work ! (କାମରେ ଲାଗିଯାଅ, କାମରେ ଲାଗିଯାଅ) । ତୁମର ସବୁ ଚିଠିପତ୍ର ପାଇଛି । ଇତି

ବିବେକାନନ୍ଦ

**୩୯୪** (ସ୍ୱାମୀ ତ୍ରିଗୁଣାତୀତାନନ୍ଦଙ୍କୁ ଲିଖିତ)

ମାରି, ୧୦ ଅକ୍ଟୋବର ୧୮୯୭

କଲ୍ୟାଣବରେଷୁ,

ତୁମ ପତ୍ରରୁ ତୁମର ଦେହ ବିଶେଷ ଭଲ ନାହିଁ ଜାଣି ଦୁଃଖିତ ହେଲି । Unpopular (ଅପ୍ରିୟ) ଲୋକଙ୍କୁ ଯଦି popular (ଲୋକପ୍ରିୟ) କରିପାର, ତେବେ ଯାଇ କହିବି ବାହାଦୁର୍ । ପରେ ସେଠାରେ କୌଣସି କାର୍ଯ୍ୟ ହେବାର ଆଶା ନାହିଁ । ତଦପେକ୍ଷା ଢାକା ବା ଅନ୍ୟ କୌଣସି ସ୍ଥାନକୁ ଯାଇପାରିଲେ ଭଲ ହୁଅନ୍ତା । ଯାହା ହେଉ, ନଭେମ୍ବରରେ ଯେ work close (କାର୍ଯ୍ୟ ବନ୍ଦ) ହେବ, ତାହା ହିଁ ମଙ୍ଗଳ । ଦେହ ଯଦି ବେଶୀ ଖରାପ ହୁଏ, ତେବେ ଚାଲି ଆସିବ । Central Provinceରେ (ମଧ୍ୟପ୍ରଦେଶରେ) ଅନେକ field (କାର୍ଯ୍ୟକ୍ଷେତ୍ର) ଅଛି ଏବଂ famine (ଦୁର୍ଭିକ୍ଷ) ଛଡ଼ା ମଧ୍ୟ ଆମ ଦେଶରେ କଅଣ ଦାରିଦ୍ର୍ୟର ଅଭାବ ଅଛି ? ଯେଉଁଠାରେ ହେଉ ଗୋଟାଏ ଭବିଷ୍ୟତ ବୁଝି ବସିପାରିଲେ କାର୍ଯ୍ୟ ହେବ । ଯାହା ହେଉ, ଦୁଃଖିତ ହୁଅ ନାହିଁ ।

ଯାହା କରିଯାଏ, ତାହାର ନାଶ ନାହିଁ—କେବେହେଲେ ନୁହେଁ; କିଏ ଜାଣେ ସେହିଠାରେ ହିଁ ପରେ ସୁନା ଫଳିପାରେ ।

ମୁଁ ଶୀଘ୍ର ଦେଶରେ କାର୍ଯ୍ୟ ଆରମ୍ଭ କରିବି । ବର୍ତ୍ତମାନ ଆଉ ପାହାଡ଼ରେ ବୁଲିବା ଦରକାର ନାହିଁ । ଦେହକୁ ଜଗିରଖି ସାବଧାନରେ ରଖିବ । କିମଧିକମିତି ।

ବିବେକାନନ୍ଦ

**୩୯୫** (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ)

ମରି, ୧୦ ଅକ୍ଟୋବର ୧୮୯୭

କଲ୍ୟାଣବରେଷୁ,

ତୁମ ପତ୍ର ପାଇ ବିଶେଷ ଆନନ୍ଦିତ ହେଲି । ବର୍ତ୍ତମାନ ଲମ୍ବା ପ୍ଲାନ ଦରକାର ନାହିଁ, ଯାହା under existing circumstances possible (ବର୍ତ୍ତମାନ ଅବସ୍ଥାରେ ସମ୍ଭବ) ହେବ, ତାହା ହିଁ କରିବ । କ୍ରମେ କ୍ରମେ the way will open to you (ତୁମର ପଥ ଖୋଲିଯିବ) । Orphanage (ଅନାଥାଶ୍ରମ) ଅବଶ୍ୟ ଅବଶ୍ୟ କରିବାକୁ ହେବ, ସେଥିରେ ଆଉ ସନ୍ଦେହ କଅଣ ? ଝିଅଟିକୁ ବି ଛଡ଼ାଯିବ ନାହିଁ । ତେବେ ଝିଅ orphanage (ଅନାଥାଶ୍ରମ) ପାଇଁ ମହିଳା ସୁପରିଣ୍ଟେଣ୍ଡେଣ୍ଟ ଦରକାର, ମୋର ବିଶ୍ୱାସ—'ମା ଏ ବିଷୟରେ ବେଶ୍ କାର୍ଯ୍ୟ କରିପାରିବେ । କିମ୍ବା ଉକ୍ତ ଗ୍ରାମର କୌଣସି ବୃଦ୍ଧା ବିଧବାକୁ ଏ କାର୍ଯ୍ୟରେ ବ୍ରତୀ କରାଅ, ଯାହାଙ୍କର ପିଲାପିଲି ନାହିଁ । ତେବେ ପୁଅ ଓ ଝିଅଙ୍କର ସ୍ୱତନ୍ତ୍ର ସ୍ଥାନ ହେବା ଦରକାର । ସେଭିଅର୍ ସାହେବ ଏ କାର୍ଯ୍ୟ ପାଇଁ ତୁମକୁ ଟଙ୍କା ପଠାଇବାକୁ ରାଜି । ତାଙ୍କ ଠିକଣା ନେଡୋନ୍'ସ ହୋଟେଲ, ଲାହୋର । ଯଦି ତାଙ୍କୁ ଚିଠି ଲେଖିବ, ଉପରେ ଲେଖିବ 'To wait arrival' (ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବ) । ମୁଁ ଶୀଘ୍ର କାଲି ବା

ପଅରଦିନ ଗ୍ରେଣ୍ଟଲପିଣ୍ଡି ଯାଉଛୁ, ପରେ ଜାମ୍ମୁ ହୋଇ ଲହୋର ଇତ୍ୟାଦି ଦେଖି, କରାଚି ପ୍ରଭୃତି ହୋଇ ରାଜପୁତାନାକୁ ଆସିବ । ମୋର ଦେହ ବେଶ୍ ଭଲ ଅଛି । ଇତି

ବିବେକାନନ୍ଦ

ପୁଃ—ମୁସଲମାନ ବାଳକ ମଧ୍ୟ ଅବଶ୍ୟ ନେବାକୁ ହେବ ଏବଂ ସେମାନଙ୍କର ଧର୍ମ ନଷ୍ଟ କରିବ ନାହିଁ । ସେମାନଙ୍କର ଖିଆପିଆ ଅଲଗା କରିଦେଲେ ହେଲା ଏବଂ ଯେପରି ସେମାନେ ନୀତି-ପରାୟଣ, ମନୁଷ୍ୟତ୍ୱଶାଳୀ ଏବଂ ପରହିତରତ ହୁଅନ୍ତି, ସେହି ପ୍ରକାର ଶିକ୍ଷା ଦେବ । ଏହାର ନାମ ଧର୍ମ—ଜଟିଳ ଦାର୍ଶନିକ ତତ୍ତ୍ୱ ବର୍ତ୍ତମାନ ଶିକାରେ ଟାଙ୍ଗି ରଖ । —ବି

ଆମ ଦେଶରେ ବର୍ତ୍ତମାନ ଆବଶ୍ୟକ manhood (ମନୁଷ୍ୟତ୍ୱ) ଏବଂ ଦୟା । 'ସ ଈଶଃ ଅନିର୍ବଚନୀୟ ପ୍ରେମସ୍ୱରୂପଃ'—ତେବେ—'ପ୍ରକାଶ୍ୟତେ କ୍ୱାପି ପାତ୍ରେ'* — ଏ ସ୍ଥଳେ ଏହା ହିଁ କହିବା ଉଚିତ,—'ସଃ ପ୍ରତ୍ୟକ୍ଷଃ ଏବ ସର୍ବେଷାଂ ପ୍ରେମରୂପଃ'—ସେ ପ୍ରେମ ରୂପରେ ସର୍ବଭୂତରେ ପ୍ରକାଶମାନ । ପୁଣି କାଳ୍ପନିକ ଈଶ୍ୱରଙ୍କର ପୂଜା କଅଣ ହେ ବାବୁ ! ବେଦ, କୋରାନ୍, ପୁରାଣ, ପୋଥିପତ୍ର ବର୍ତ୍ତମାନ କିଛି ଦିନ ଶାନ୍ତି ଲାଭ କରୁ—ପ୍ରତ୍ୟକ୍ଷ ଭଗବାନ ଦୟାପ୍ରେମର ପୂଜା ଦେଶରେ ହେଉ । ଭେଦ-ବୁଦ୍ଧି ହିଁ ବନ୍ଧନ, ଅଭେଦ-ବୁଦ୍ଧି ହିଁ ମୁକ୍ତି, ସାଂସାରିକ ମଦୋନ୍ମତ୍ତ ଜୀବର କଥାରେ ଡରଯାଅ ନାହିଁ ! ଅଭୀଃ ଅଭୀଃ । ଲୋକ ନା ପୋକ ! ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନ୍ ଇତ୍ୟାଦି ସବୁ ଜାତିର ପିଲାଙ୍କୁ ନିଅ, ତେବେ ପ୍ରଥମେ ଆସ୍ତେ ଆସ୍ତେ, ଅର୍ଥାତ୍ ସେମାନଙ୍କର ଖିଆପିଆ ଇତ୍ୟାଦି ଯେପରି ଟିକିଏ ଅଲଗା ହୁଏ; ଆଉ ଧର୍ମର ଯେଉଁ ସାର୍ବଜନୀନ ସାଧାରଣ ଭାବ, ତାହା ହିଁ ଶିଖାଇବ । ଇତି

ବିବେକାନନ୍ଦ

୩୯୭ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ମରି, ୧୧ ଅକ୍ଟୋବର ୧୮୯୭

ଅଭିନ୍ନହୃଦୟେଷୁ,

କାଶ୍ମୀରରୁ ଆଜିକୁ ଦଶଦିନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଯେପରି ଗୋଟାଏ ଝୁଙ୍କରେ କରିଛି ବୋଲି ମନେହେଉଛି । ତାହା ଦେହର ରୋଗ ହେଉ ବା ମନର । ବର୍ତ୍ତମାନ ମୋର ସିଦ୍ଧାନ୍ତ ଏହି ଯେ, ମୁଁ ଆଉ କାର୍ଯ୍ୟର ଯୋଗ୍ୟ ନୁହେଁ ।··· ତୁମମାନଙ୍କ ଉପରେ ଅତ୍ୟନ୍ତ କଡ଼ା ବ୍ୟବହାର କରିଛି, ବୁଝିପାରୁଛି । ତେବେ ତୁମେ ମୋର ସବୁ ସହ୍ୟ କରିବ, ମୁଁ ଜାଣେ; ସେ ମଠରେ ଆଉ କେହି ନାହିଁ ଯେ ସବୁ ସହିବ । ତୁମ ଉପରେ ଅଧିକ ଅଧିକ କଡ଼ା ବ୍ୟବହାର କରିଛି; ଯାହା ହେବାର ତାହା ହୋଇଛି—କର୍ମ ! ମୁଁ ଅନୁତାପ କଅଣ କରିବ, ସେଥିରେ ବିଶ୍ୱାସ ନାହିଁ—କର୍ମ ! ମା'ଙ୍କ କାର୍ଯ୍ୟ ମୋ ଦ୍ୱାରା ଯେତିକି ହେବାର ଥିଲା ସେତିକି କରାଇ ଶେଷରେ ଦେହମନକୁ ଚୂନା କରି ଛାଡ଼ିଦେଲେ 'ମା' । ମା'ଙ୍କ ଇଚ୍ଛା !

---

* ସେହି ଈଶ୍ୱର ଅନିର୍ବଚନୀୟ ପ୍ରେମସ୍ୱରୂପ—ତେବେ ପାତ୍ର ବିଶେଷରେ ପ୍ରକାଶ ପାଆନ୍ତି ।

ବର୍ତ୍ତମାନ ମୁଁ ଏ ସମସ୍ତ କାର୍ଯ୍ୟରୁ ଅବସର ନେଲି । ଦିନେ ଦୁଇଦିନ ମଧ୍ୟରେ ମୁଁ ସବୁ···ଛାଡ଼ିଦେଇ ଏକା ଗ୍ଲୁଲିଯିବି; କେଉଁଠାରେ ଚୁପ୍ ହୋଇ ବାକି ଜୀବନ କଟାଇବି । ତୁମେମାନେ ଯଦି ମାଫ୍ କରିପାରି କର, ଯାହା ଇଚ୍ଛା ହୁଏ କର । ମିସେସ୍ ବୁଲ୍ ବେଶୀ ଟଙ୍କା ଦେଇଛନ୍ତି । ଶରତ୍ ଉପରେ ତାଙ୍କର ଏକାନ୍ତ ବିଶ୍ୱାସ । ଶରତ୍‌ର ପରାମର୍ଶ ନେଇ ମଠର ସକଳ କାର୍ଯ୍ୟ କରି, ଯାହା ହେବ କରିବ । ତେବେ ମୁଁ ଚିରକାଳ ବୀର ଭଳି ଚାଲି ଆସିଛି—ମୋର କାର୍ଯ୍ୟ ବିଦ୍ୟୁତ୍ ଭଳି ଶୀଘ୍ର, ଆଉ ବଜ୍ର ଭଳି ଅଟଳ ହେବା ମୁଁ ଚାହେଁ । ମୁଁ ଏହିଭଳି ମରିବି । ସେଥିପାଇଁ ମୋ କାର୍ଯ୍ୟଟି କରିଦିଅ···ହାରିବା-ଜିତିବା ସହିତ କୌଣସି ସମ୍ପର୍କ ନାହିଁ । ମୁଁ ଲଢ଼େଇରେ କେବେ ପଛଘୁଞ୍ଚା ଦେଇ ନାହିଁ; ବର୍ତ୍ତମାନ କ'ଣ··· ହେବ ? ହାର-ଜିତ୍ ସବୁ କାର୍ଯ୍ୟରେ ଅଛି; ତେବେ ମୋର ବିଶ୍ୱାସ, ଯେ କାପୁରୁଷ, ସେ ମରି ନିଶ୍ଚିତ କୃମିକୀଟ ହୋଇ ଜନ୍ମେ । ଯୁଗଯୁଗ ତପସ୍ୟା କଲେ ମଧ୍ୟ କାପୁରୁଷର ଉଦ୍ଧାର ନାହିଁ—ମୋତେ କ'ଣ ଶେଷରେ କୃମି ହୋଇ ଜନ୍ମିବାକୁ ହେବ ?··· ମୋ ଆଖିରେ ସଂସାର ଖେଳ ମାତ୍ର—ଚିରକାଳ ତାହା ହିଁ ରହିବ । ଏହାର ମାନ-ଅପମାନ ଲାଭ-ଲୋକସାନ ନେଇ କ'ଣ ଛଅମାସ ଭାବିବାକୁ ହେବ ?··· ମୁଁ କାମର ମଣିଷ ! ଖାଲି ପରାମର୍ଶ ହେଉଛି—ଇଏ ପରାମର୍ଶ ଦେଉଛନ୍ତି, ସିଏ ଦେଉଛନ୍ତି; ଇଏ ଭୟ ଦେଖାଉଛନ୍ତି ତ ସିଏ ଡର ! ମୋ ଆଖିରେ ଏ ଜୀବନଟା ଏପରି କିଛି ମିଠା ନୁହେଁ ଯେ, ଏତେ ଡର-ଭୟରେ ହୁସିଆର ହୋଇ ବଞ୍ଚିବାକୁ ହେବ । ଟଙ୍କା, ଜୀବନ, ବନ୍ଧୁ-ବାନ୍ଧବ, ମନୁଷ୍ୟର ସ୍ନେହ-ପ୍ରୀତି ମୁଁ—ଏତେ ସବୁ ଜିନିଷକୁ ନିଶ୍ଚିତ କରି ଯେ କାର୍ଯ୍ୟ କରିବାକୁ ଚାହେଁ, ଏତେ ଭୟ ଯଦି କରିବାକୁ ହୁଏ—ତେବେ ଗୁରୁଦେବ ଯାହା କହୁଥିଲେ ଯେ, 'କାଉ ଭାରି ସିଆଣା', ତାହାର ତାହା ହିଁ ହୁଏ । ଆଉ ଯାହା ହେଉ, ଏସବୁ ଟଙ୍କା-ପଇସା, ମଠ-ଫଠ, ପ୍ରଚାର-ଫ୍ରଚାର କେଉଁଥିପାଇଁ ? ସମସ୍ତ ଜୀବନର ଗୋଟିଏ ଉଦ୍ଦେଶ୍ୟ—ଶିକ୍ଷା । ତାହାଛଡ଼ା ଧନ-ଦୌଲତ ସ୍ତ୍ରୀ-ପୁରୁଷ କ'ଣ ପ୍ରୟୋଜନ ?

ଏଥିପାଇଁ ଟଙ୍କା ଗଲା, କି ହାରିଗଲି—ମୁଁ ଏତେ ବୁଝିପାରେ ନାହିଁ ବା ପାରିବ ନାହିଁ । ଲଢ଼େଇ କଲି ଅଣ୍ଟାଭିଡ଼ି—ଏହା ମୁଁ ଖୁବ୍ ବୁଝେଁ; ଆଉ ଯେ କହେ, 'କୁଛ ପରୱା ନେହିଁ, ବାଃ ବାହାଦୁର୍, ମୁଁ ସାଙ୍ଗରେ ଅଛି'···ତାକୁ ବୁଝେଁ, ସେ ବୀରକୁ ବୁଝେଁ, ସେ ଦେବତାକୁ ବୁଝେଁ । ସେପରି ନରଦେବଙ୍କ ପାଦରେ ମୋର କୋଟି କୋଟି ନମସ୍କାର; ସେମାନେ ହିଁ ଜଗତ୍‌ପାବନ, ସେମାନେ ହିଁ ସଂସାରର ଉଦ୍ଧାରକର୍ତ୍ତା ! ଆଉ ଯେଉଁଗୁଡ଼ାକ ଖାଲି 'ବାପରେ ଆଗକୁ ଯାଆନା, ଏଇ ଭୟ, ସେଇ ଭୟ'—ଡିସ୍‌ପେପ୍‌ଟିକ୍‌ଗୁଡ଼ାକ— ପ୍ରାୟ ହିଁ ଛେଳୁଆ । ତେବେ ମୋର ମା'ଙ୍କ କୃପାରେ ମନର ଏତେ ଜୋର୍ ଯେ, ଘୋର ଡିସ୍‌ପେପ୍‌ସିଆ କେବେ-ହେଲେ ମୋତେ କାପୁରୁଷ କରିପାରିବ ନାହିଁ । କାପୁରୁଷମାନଙ୍କୁ ଆଉ କ'ଣ କହିବି, କିଛି କହିବାର ନାହିଁ । କିନ୍ତୁ ଯେତେ ବୀରମାନେ ଏ ଜଗତରେ ବଡ଼ କାର୍ଯ୍ୟ କରିବାରେ ନିଷ୍ଫଳ ହୋଇଛନ୍ତି, ଯେଉଁମାନେ କେବେହେଲେ କୌଣସି କାର୍ଯ୍ୟରୁ ହଟି ନାହାନ୍ତି, ଯେଉଁ ସକଳ ବୀର ଭୟ ଆଉ ଅହଙ୍କାର ବଶରୁ ହୁକୁମ୍ ଆଗ୍ରାହ୍ୟ କରି ନାହାନ୍ତି, ସେମାନେ ଯେପରି ମୋତେ

ଚରଣରେ ସ୍ଥାନ ଦଅନ୍ତୁ । ମୁଁ ଶାକ୍ତ ମା'ଙ୍କ ପୁଅ । ମେଁମେଁଇଆ ଫିଣିଫିଣିଆ, ଛଣ୍ଡା କନ୍ଥା ତମୋଗୁଣ ଆଉ ନରକକୁଣ୍ଡ ମୋ ଆଖିରେ ଦୁଇଟାଯାକ ଏକ । ମା ଜଗଦମ୍ବେ, ହେ ଗୁରୁଦେବ ! ତୁମେ ଚିରକାଳ କହୁଥିଲ, 'ଏ ବୀର !'—ମୋତେ ଯେପରି କାପୁରୁଷ ହୋଇ ମରିବାକୁ ନ ହୁଏ । ଏହା ହିଁ ମୋର ପ୍ରାର୍ଥନା । ହେ ଭାଇ !···'ଉତ୍ପତ୍ସ୍ୟତେଽସ୍ତି ମମ କୋଽପି ସମାନଧର୍ମା'—ଠାକୁରଙ୍କ ଏହି ଦାସାନୁଦାସମାନଙ୍କ ମଧ୍ୟରେ କେହି ନା କେହି ଉଠିବେ, ମୋ ଭଳି ମୋତେ ବୁଝିପାରିବେ ।

'ଜାଗ ବୀର ଘୁଞ୍ଚାଇ ସ୍ୱପନ; ଶିରରେ ଶମନ,··· ତାହା ନ ଡରାଉ ଜମା'—ଯାହା କେବେ କରି ନାହିଁ, ରଣେ ପୃଷ୍ଠଭଙ୍ଗ ଦେଇ ନାହିଁ, ଆଜି କଅଣ—ତାହା ହେବ ?··· ହାରିବା ଭୟରେ ଲଢ଼ାଇରୁ ହଟି ଆସିବ ? ହାରିବା ତ ଅଙ୍ଗର ଆଭରଣ; କିନ୍ତୁ ଲଢ଼େଇ ନ କରି ହାରିବ !

ତାହ୍ ! ମା !···ଗୋଟାଏ ତାଳ ଧରିବାର ମଣିଷ ନାହିଁ; ସେଥିରେ ପୁଣି ମନେ ମନେ ଖୁବ୍ ଅହଙ୍କାର, 'ଆମେ ସବୁ ବୁଝୁ' ।···ମୁଁ ବର୍ତ୍ତମାନ ଚାଲିଲି; ସବୁ··· ତୁମମାନଙ୍କର ରହିଲା । ମା ପୁଣି ମଣିଷ ଦଅନ୍ତୁ—ଯେଉଁମାନଙ୍କର ଛାତିରେ ସାହସ, ହାତରେ ବଳ, ଆଖିରେ ନିଆଁ ଜଳେ, ଯେଉଁମାନେ ଜଗଦମ୍ବାଙ୍କର ପୁତ୍ର—ଏଭଳି ଜଣେ ଯଦି ଦଅନ୍ତି, ତେବେ କାର୍ଯ୍ୟ କରିବି, ତେବେ ପୁଣି ଆସିବି, ନ ହେଲେ ଜାଣିଲି ମା'ଙ୍କ ଇଚ୍ଛା ଏହି ପର୍ଯ୍ୟନ୍ତ । ମୋର ବର୍ତ୍ତମାନ 'ଘଡ଼କେ ଘୋଡ଼ା ଛୁଟେ', ମୁଁ ଚାହେଁ ତନାଘନା କାର୍ଯ୍ୟ, ନିର୍ଭୀକ ହୃଦୟ ।···

ସାରଦା ବିଚାରାକୁ ବହୁତ ଗାଳି ଦେଇଛି । କଅଣ କରିବି ?··· ମୁଁ ଗାଳି ଦିଏ; କିନ୍ତୁ ମୋର ବି କହିବାର ଢେର ଅଛି ।··· ମୁଁ ଧଇଁସଇଁ ହୋଇ ଠିଆ ଠିଆ ତାହାର article (ପ୍ରବନ୍ଧ) ଲେଖିଛି ।···ସବୁ ଭଲ, ନୋହିଲେ ବୈରାଗ୍ୟ ହେବ କାହିଁକି ?··· ଶେଷକୁ କଅଣ ଆଉ ମା' ମୋତେ ବୁଡ଼ାଇ ମାରିବେ ? ସମସ୍ତଙ୍କ ପାଖରେ ମୋର ଅନେକ ଅପରାଧ—ଯା ଇଚ୍ଛା କର ।

ମୁଁ ତୁମମାନଙ୍କୁ ସମସ୍ତଙ୍କୁ ପ୍ରାଣ ଖୋଲି ଆଶୀର୍ବାଦ କରୁଛି— ମା' ଯେପରି ମହାଶକ୍ତିରୂପେ ତୁମମାନଙ୍କ ଭିତରକୁ ଆସନ୍ତି, 'ଅଭୟପ୍ରତିଷ୍ଠ' ତୁମମାନଙ୍କୁ ଯେପରି ଅଭୟ କରନ୍ତି । ମୁଁ ଜୀବନରେ ଏହା ହିଁ ଦେଖିଲି, ଯେ ସଦା ଆତ୍ମ-ସାବଧାନ କରେ, ସେ ପଦେ ପଦେ ବିପଦରେ ପଡ଼େ । ଯେ ମାନ ଭୟରେ ମରେ, ସେ ଅପମାନ ହିଁ ପାଏ । ଯେ ସଦା ଲୋକସାନକୁ ଡରେ, ସର୍ବଦା କ୍ଷତିରେ ପଡ଼େ ।···ତୁମମାନଙ୍କର ସମସ୍ତଙ୍କର କଲ୍ୟାଣ ହେଉ । ଅଳମିତି

ବିବେକାନନ୍ଦ

**୩୯୭ଇଂ**

ମାରି, ୧୧ ଅକ୍ଟୋବର ୧୮୯୭

ପ୍ରିୟ ଜଗମୋହନଲାଲ,

ମୁଁ ଜୟପୁରକୁ ଯେଉଁ ଦୁଇଜଣ ସନ୍ନ୍ୟାସୀଙ୍କୁ ପଠାଉଛି, ସେମାନଙ୍କର ଦେଖାଶୁଣା

କରିବା ପାଇଁ ଆପଣ ବମ୍ବେ ଯିବା ପୂର୍ବରୁ କାହାକୁ କହିଦେଇ ଯିବେ । ସେମାନଙ୍କର ଖାଇବା ଓ ରହିବା ପାଇଁ ଗୋଟିଏ ଭଲ ଜାଗାର ବ୍ୟବସ୍ଥା କରିବେ । ମୁଁ ସେଠାକୁ ନ ଯିବା ପର୍ଯ୍ୟନ୍ତ ସେମାନେ ସେଠି ରହିବେ । ସେମାନେ ସରଳ ଲୋକ—ପଣ୍ଡିତ ନୁହନ୍ତି । ସେମାନେ ମୋର ଲୋକ, ଜଣେ ମୋର ଗୁରୁଭାଇ । ଯଦି ସେମାନେ ଚାହାଁନ୍ତି, ସେମାନଙ୍କୁ ଖେତଡ଼ିକୁ ନେଇଯାଇ ପାରନ୍ତି, ମୁଁ ଶୀଘ୍ର ସେଠାକୁ ଯିବି । ବର୍ତ୍ତମାନ ଚୁପ୍‌ଚାପ୍ ବୁଲୁଛି । ଏ ବର୍ଷ ବେଶୀ ବକ୍ତୃତା ଦେବି ନାହିଁ । ଏହିସବୁ ହୈଚୈ ପ୍ରତି ମୋର ଆଉ କୌଣସି ଆସ୍ଥା ନାହିଁ, ଏହାଦ୍ୱାରା କାର୍ଯ୍ୟକ୍ଷେତ୍ରରେ କୌଣସି କଲ୍ୟାଣ ସାଧିତ ହୁଏ ନାହିଁ । କଲିକତାରେ ମୋର ପ୍ରତିଷ୍ଠାନଟି ଗଢ଼ିବା ପାଇଁ ମୋତେ ନୀରବରେ ଚେଷ୍ଟା କରିବାକୁ ହେବ; ମୁଁ ତେଣୁ ଅର୍ଥ ସଂଗ୍ରହ ପାଇଁ ବିଭିନ୍ନ କେନ୍ଦ୍ରରେ ଚୁପ୍‌ଚାପ୍ ବୁଲିବୁଲୁଛି ।

ଆଶୀର୍ବାଦ ସହ ଆପଣଙ୍କର, ବିବେକାନନ୍ଦ

**୩୯୮** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ମରୀ, ୧୨ ଅକ୍ଟୋବର ୧୮୯୭

ଅଭିନ୍ନହୃଦୟେଷୁ,

ଗତକାଲି ପତ୍ରରେ ସବିଶେଷ ଲେଖିଛି । କୌଣସି କୌଣସି ବିଷୟରେ ବିଶେଷ direction (ନିର୍ଦ୍ଦେଶ) ଦେବା ଆବଶ୍ୟକ ବୋଧ କରୁଛି ।··· (୧) ଯେଉଁ ଯେଉଁ ବ୍ୟକ୍ତି ଟଙ୍କା ଯୋଗାଡ଼ କରି ପଠାଇବେ, ତାହାର acknowledgement (ପ୍ରାପ୍ତିସ୍ୱୀକାର) ମଠରୁ ପାଇବେ । (୨) Acknowledgement ଦୁଇଖଣ୍ଡି—ଖଣ୍ଡେ ତାହାର, ଅପର ଖଣ୍ଡିକ ମଠରେ ରହିବ । (୩) ଖଣ୍ଡିଏ ବଡ଼ ଖାତାରେ ସେମାନଙ୍କର ନାମ ଓ ଠିକଣା ଲିପିବଦ୍ଧ ରହିବ । (୪) ମଠ ଫଣ୍ଡକୁ ଯେଉଁ ଟଙ୍କା ଆସିବ, ତାହାର ଯେପରି କଡ଼ା-ଗଣ୍ଡା ହିସାବ ରହେ ଏବଂ ସାରଦା ପ୍ରଭୃତି ଯାହାକୁ ଯାହା ଦିଆଯାଉଛି, ସେମାନଙ୍କ ନିକଟରୁ କଡ଼ାଗଣ୍ଡା ହିସାବ ନେବା ଦରକାର । ହିସାବର ଅଭାବରେ···ମୁଁ ଯେପରି ଜୁଆଚୋର ରୂପେ ଗଣା ନ ହୁଏ । ସେହି ହିସାବ ପରେ ଛପାଇ ପ୍ରକାଶିତ କରିବାକୁ ହେବ । (୫) ପତ୍ର ପାଇବା ମାତ୍ରେ ଓକିଲର ପରାମର୍ଶ ନେଇ ଏହି ମର୍ମରେ ଉଇଲ ରେଜିଷ୍ଟ୍ରୀ କରି ନେଇ ଆସିବ ଯେ, ଯଦି ମୁଁ ଏବଂ ତୁମେ ମରିଯାଉ ତେବେ ହରି ଏବଂ ଶରତ୍ ଆମ ମଠରେ ଯାହା କିଛି ଅଛି, ସବୁ ପାଇବେ ।

ଅମ୍ବାଲରୁ ଏବେ ସୁଦ୍ଧା କୌଣସି ସମ୍ବାଦ ପାଇ ନାହିଁ—ହରିପ୍ରସନ୍ନ ପ୍ରଭୃତି ପହଞ୍ଚିଛନ୍ତି କି ନାହିଁ ? ପତ୍ରଟି ମାଷ୍ଟର ମହାଶୟଙ୍କୁ ଦେବ । ଇତି ବିବେକାନନ୍ଦ

**୩୯୯ଇଂ** ('ଶ୍ରୀଶ୍ରୀରାମକୃଷ୍ଣକଥାମୃତ'କାର 'ଶ୍ରୀମ'ଙ୍କୁ ଲିଖିତ)

ରାଓଲପିଣ୍ଡି, ୧୨ ଅକ୍ଟୋବର ୧୮୯୭

ପ୍ରିୟ ମ—

C'est bon, mon ami (ବେଶ୍ ହେଉଛି ବନ୍ଧୁ)—ବର୍ତ୍ତମାନ ଆପଣ ଠିକ୍

କାର୍ଯ୍ୟରେ ହାତ ଦେଇଛନ୍ତି । ହେ ବୀର, ଆତ୍ମପ୍ରକାଶ କରନ୍ତୁ ! ଜୀବନ କଅଣ ନିଦ୍ରାରେ ହିଁ ଅତିବାହିତ ହେବ ? ସମୟ ଯେ ଚାଲିଯାଉଛି ! ସାବାସ୍, ଏହି ତ ପଥ !

ଆପଣଙ୍କ ପୁସ୍ତିକା ପ୍ରକାଶ ପାଇଁ ଅସଂଖ୍ୟ ଧନ୍ୟବାଦ; କେବଳ ଏହି ପୁସ୍ତିକା ଆକାରରେ ବହିର ଖରଚ ପୋଷେଇବ କି ନା ତାହା ହିଁ ଭାବୁଛି ।... ଲଭ ହେଉ ବା ନ ହେଉ ଗ୍ରାହ୍ୟ କରିବେ ନାହିଁ, ତାହା ଦିନର ଆଲୋକରେ ବାହାର ଆସୁ ! ଏଥିପାଇଁ ଆପଣଙ୍କ ଉପରେ ଯେପରି ଅଜସ୍ର ଆଶୀର୍ବାଦ ବର୍ଷିତ ହେବ, ସେହିପରି ତତୋଽଧିକ ଅଭିସମ୍ପାତ ମଧ୍ୟ ଆସିବ— ଜଗତର ଚିରନ୍ତନ ଧାରା ହିଁ ଏହି । ଏଇତ ସମୟ !

ଭଗବଦାଶ୍ରିତ, ବିବେକାନନ୍ଦ

୪୦୦ଇଂ (ଭଗିନୀ ନିବେଦିତାଙ୍କୁ ଲିଖିତ)

ଜାମ୍ମୁ, ୩ ନଭେମ୍ବର, ୧୮୯୭

କଲ୍ୟାଣୀୟା ମିସ୍ ନୋବ୍‌ଲ୍,

...ଅତ୍ୟଧିକ ଭାବପ୍ରବଣତା କାର୍ଯ୍ୟରେ ବାଧା ଆଣେ; 'ବଜ୍ରାଦପି କଠୋରାଣି ମୃଦୂନି କୁସୁମାଦପି'— ଏହା ହିଁ ହେବ ମୂଳମନ୍ତ୍ର ।

ମୁଁ ଶୀଘ୍ର ଷ୍ଟର୍ଡିଙ୍କୁ ଲେଖିବି । ସେ ତୁମକୁ ଠିକ୍ କହିଛି ଯେ, ଆପଦବିପଦରେ ମୁଁ ତୁମ ପାର୍ଶ୍ୱରେ ହିଁ ଠିଆହେବି । ଭାରତରେ ମୁଁ ଯଦି ଟିକିଏ ରୁଟି ପାଏ ତ, ତୁମେ ତାହାର ସବୁଟିକକ ପାଇବ—ଏହା ନିଶ୍ଚିତ ଜାଣିବ । ମୁଁ କାଲି ଲାହୋର ଯାଉଛି; ସେଠାରେ ପହଞ୍ଚି ଷ୍ଟର୍ଡିଙ୍କୁ ପତ୍ର ଲେଖିବି । କାଶ୍ମୀରରେ ମହାରାଜାଙ୍କ ନିକଟରୁ କିଛି ଜମି ପାଇବା ଆଶାରେ ଗତ ପନ୍ଦରଦିନ ହେଲା ମୁଁ ଏଠାରେ ଅଛି । ଯଦି ଏ ଦେଶରେ ରହେ ତ ଆଗାମୀ ଗ୍ରୀଷ୍ମକାଳରେ ପୁଣି କାଶ୍ମୀର ଯିବି ଏବଂ ସେଠାରେ କିଛି କାର୍ଯ୍ୟ ଆରମ୍ଭ କରିବି ଭାବୁଛି ।

ମୋର ଅସରନ୍ତି ସ୍ନେହ ଜାଣିବ ।

ତୁମମାନଙ୍କର, ବିବେକାନନ୍ଦ

୪୦୧ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଲାହୋର, ୧୧ ନଭେମ୍ବର ୧୮୯୭

ଅଭିନ୍ନହୃଦୟେଷୁ,

ଲାହୋରରେ ଲେକ୍‌ଚର୍ ଏକପ୍ରକାର ହୋଇଗଲା । ଦିନେ ଦୁଇଦିନ ମଧ୍ୟରେ ଡେରାଡୁନ୍ ଯାତ୍ରା କରିବି । ତୁମମାନଙ୍କ ସମସ୍ତଙ୍କର ଅମତ ଏବଂ ଅନ୍ୟାନ୍ୟ ଅନେକ ବାଧାବଶତଃ ସିନ୍ଧୁଯାତ୍ରା ବର୍ତ୍ତମାନ ସ୍ଥଗିତ ରହିଲା । ମୋର ଦୁଇଟଙ୍କି ବାକ୍ସଟି କେହି ରାସ୍ତାରେ ଖୋଲିଛି । ଅତଏବ ମୋର ଚିଠିପତ୍ର ଏକ୍ଷଣି ଆଉ ପଠାଇବ ନାହିଁ । ଖେତଡ଼ିରୁ ଲେଖିଲେ ପଠାଇବ । ଯଦି ଓଡ଼ିଶା ଯିବ ତ ଏପରି ବନ୍ଦୋବସ୍ତ କରିଯାଅ ଯେ, କୌଣସି ବ୍ୟକ୍ତି ତୁମର ପ୍ରତିନିଧି ହୋଇ ସମସ୍ତ କାର୍ଯ୍ୟ କରିବ—ଯଥା ହରି । ବିଶେଷତଃ ବର୍ତ୍ତମାନ ମୁଁ ପ୍ରତିଦିନ ଆମେରିକାରୁ ଟଙ୍କା ଆସିବା ଆଶା କରୁଛି ।

ହରି ଓ ଶରତ୍ ନାମରେ ଯେଉଁ ଉଇଲ୍ କରିବା ଲାଗି କହିଥିଲି, ତାହା ବୋଧହୁଏ ହୋଇଯାଇଛି ।

ଏଠାରେ ସମ୍ଭବତଃ ସଦାନନ୍ଦ ଓ ସୁଧୀରଙ୍କୁ ଛାଡ଼ି ଯିବି ଗୋଟିଏ ସଭା ସ୍ଥାପନ କରିସାରି । ଏଥର ଆଉ ଲେକ୍‌ଚର୍ ନୁହେଁ—ସଙ୍ଗେ ସଙ୍ଗେ ସିଧେ ରାଜପୁତାନା ଯାଉଛି । ମଠ ନ କରି ଆଉ କଥା ନାହିଁ । ନିୟମିତ ବ୍ୟାୟାମ ନ କଲେ ଦେହ କେବେହେଲେ ଭଲ ରହେ ନାହିଁ, ବକର ବକର ହୋଇ ଯେତେ ବେମାରି ଧରେ, ଏହା ନିଶ୍ଚିତ ଜାଣିବ । ସମସ୍ତଙ୍କୁ ମୋର ପ୍ରୀତି । ଇତି

ବିବେକାନନ୍ଦ

**୪୦୬** (ଶ୍ରୀମତୀ ଇନ୍ଦୁମତୀ ମିତ୍ରଙ୍କୁ ଲିଖିତ)

ଲାହୋର, ୧୫ ନଭେମ୍ବର ୧୮୯୭

କଲ୍ୟାଣୀୟାସୁ,

ମା, ଅତ୍ୟନ୍ତ ଦୁଃଖର ବିଷୟ ଯେ, ଏକାନ୍ତ ଇଚ୍ଛା ସତ୍ତ୍ୱେ ଏ ଯାତ୍ରାରେ ସିନ୍ଧୁଦେଶକୁ ଆସି ମଧ୍ୟ ତୁମମାନଙ୍କ ସହିତ ସାକ୍ଷାତ୍ ହେଲା ନାହିଁ । ପ୍ରଥମତଃ, କାପ୍‌ଟେନ୍ ଓ ମିସେସ୍ ସେଭିୟାର୍ ନାମକ ଯେଉଁମାନେ ଇଂଲଣ୍ଡରୁ ଆସି ମୋ ସହିତ ଆଜକୁ ପ୍ରାୟ ନଅମାସ ହେଲା ବୁଲୁଛନ୍ତି, ସେମାନେ ଡେହ୍‌ରାଡୁନରେ ଜମି କିଣି ଗୋଟିଏ ଅନାଥାଳୟ କରିବା ପାଇଁ ବିଶେଷ ବ୍ୟଗ୍ର । ସେମାନଙ୍କର ଅତ୍ୟନ୍ତ ଅନୁରୋଧ ଯେ, ମୁଁ ଯାଇ ଏହି କାର୍ଯ୍ୟ ଆରମ୍ଭ କରିଦିଏ; ସେଥିଲାଗି ଡେହ୍‌ରାଡୁନ୍ ନ ଗଲେ ନୁହେଁ ।

ଦ୍ୱିତୀୟତଃ ମୋର ଦେହର ଅସୁସ୍ଥତା ହେତୁ ଜୀବନ ଉପରେ ଭରସା ନାହିଁ । ଏକ୍ଷଣି ମଧ୍ୟ ମୋର ଉଦ୍ଦେଶ୍ୟ ଯେ, କଲିକତାରେ ଗୋଟିଏ ମଠ ଯେପରି ହୁଏ—ତାହାର ମଧ୍ୟ କିଛି କରିପାରିଲି ନାହିଁ । ଆଉ ମଧ୍ୟ ଦେଶର ଲୋକେ ବରଂ ପୂର୍ବେ ଆମର ମଠକୁ ଯେଉଁ ସାହାଯ୍ୟ କରୁଥିଲେ, ତାହା ବନ୍ଦ କରିଦେଇଛନ୍ତି । ସେମାନଙ୍କର ଧାରଣା ଯେ, ମୁଁ ଇଂଲଣ୍ଡରୁ ଅନେକ ଅର୍ଥ ଆଣିଛି !! ପୁଣି ଏଥର ମହୋତ୍ସବ ହେବା ବି ଅସମ୍ଭବ; କାରଣ ରାସମଣିଙ୍କ (ବଗିଚାର) ମାଲିକ—ମୁଁ ବିଲାତଫେରନ୍ତା ବୋଲି ମୋତେ ଉଦ୍ୟାନକୁ ଯିବାକୁ ଦେବେ ନାହିଁ !! ଅତଏବ ମୋର ପ୍ରଥମ କର୍ତ୍ତବ୍ୟ ଏହି ଯେ ରାଜପୁତାନା ପ୍ରଭୃତି ସ୍ଥାନରେ ଯେଉଁ ଦୁଇଚାରିଟି ବନ୍ଧୁ-ବାନ୍ଧବ ଅଛନ୍ତି, ସେମାନଙ୍କ ସଙ୍ଗରେ ସାକ୍ଷାତ୍ କରି କଲିକତାରେ ଗୋଟିଏ ସ୍ଥାନ କରିବା ପାଇଁ ପ୍ରାଣପଣ ଚେଷ୍ଟା କରିବା । ଏହିସବୁ କାରଣରୁ ଆପାତତଃ ଅତ୍ୟନ୍ତ ଦୁଃଖର ସହିତ ସିନ୍ଧୁଦେଶ-ଯାତ୍ରା ସ୍ଥଗିତ ରଖିଲି । ରାଜପୁତାନା ଓ କାଥିଆବାଡ଼ ହୋଇ ଆସିବାର ବିଶେଷ ଚେଷ୍ଟା କରିବି । ତୁମେ ଦୁଃଖିତ ହୁଅ ନାହିଁ । ମୁଁ ଦିନକ ପାଇଁ ମଧ୍ୟ ତୁମମାନଙ୍କୁ ଭୁଲେ ନାହିଁ, ତେବେ କର୍ତ୍ତବ୍ୟଟା ପ୍ରଥମେ ହିଁ କରିବା ଉଚିତ୍ । କଲିକତାରେ ଗୋଟିଏ ମଠ ହେଲେ ମୁଁ ନିଶ୍ଚିନ୍ତ ହେବି । ଏତେ ଯେ ସାରା ଜୀବନ ଦୁଃଖ-କଷ୍ଟରେ କାର୍ଯ୍ୟ କଲି, ତାହା ଯେ ମୋର ଦେହ ଯିବାପରେ ନିର୍ବାଣପ୍ରାପ୍ତ ହେବ ନାହିଁ, ସେ ଭରସା ହେଉଛି । ଆଜି ଡେହ୍‌ରାଡୁନ୍ ଚାଲିଲି—ସେଠାରେ ସାତଦିନ ରହି ରାଜପୁତାନାକୁ—ସେଠାରୁ କାଥିଆବାଡ଼ ଇତ୍ୟାଦି ।

ସାଶୀର୍ବାଦଂ, ବିବେକାନନ୍ଦସ୍ୟ

**୪୦୩** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଲାହୋର, ୧୫ ନଭେମ୍ବର ୧୮୯୭

ଅଭିନ୍ନହୃଦୟେଷୁ,

ବୋଧହୁଏ ତୁମର ଓ ହରିର ଦେହ ବର୍ତ୍ତମାନ ଭଲ ଅଛି । ଲାହୋରରେ ଖୁବ୍ ଧୂମ୍-ଧାମର ସହିତ କାର୍ଯ୍ୟ ହୋଇଗଲା । ଏବେ ଡେରାଡୁନ୍ ଚାଲିଲି । ସିନ୍ଧୁଯାତ୍ରା ସ୍ଥଗିତ ରହିଲା । ଗାଲୁ, ଲାଟୁ ଓ କୃଷ୍ଣଲାଲ ଜୟପୁରରେ ପହଞ୍ଚିଛନ୍ତି କି ନାହିଁ, ଏପର୍ଯ୍ୟନ୍ତ କୌଣସି ସମ୍ବାଦ ନାହିଁ । ଏଠାରୁ ମଠର ଖରଚ ଲାଗି ବାବୁ ନଗେନ୍ଦ୍ରନାଥ ଗୁପ୍ତ ମହାଶୟ ଚାନ୍ଦା ଆଦାୟ କରି ପଠାଇବେ । ଯଥାମତ ରସିଦ ତାଙ୍କୁ ଦେବ । ମରି, ରାଓଲପିଣ୍ଡି ଓ ଶିଆଲ-କୋଟରୁ କିଛି ପାଇଛ କି ନାହିଁ ଲେଖିବ ।

ଏହି ପତ୍ରର ଜବାବ C/o Post Master, Dehra-Dun ପଠାଇବ । ଅନ୍ୟ ଚିଠି ମୁଁ ଡେରାଡୁନ୍‌ରୁ ପତ୍ର ଲେଖିଲେ ଯାଇ ପଠାଇବ । ମୋ ଦେହ ଭଲ ଅଛି । ତେବେ ରାତିରେ ଥରେ ଦୁଇଥର ଉଠିବାକୁ ହୁଏ । ଭଲ ନିଦ ହେଉଛି । ଖୁବ୍ ଲେକ୍‌ଚର କଲେ ବି ନିଦ୍ରାରେ ବ୍ୟାଘାତ ହେଉ ନାହିଁ; ଆଉ ପ୍ରତିଦିନ ବ୍ୟାୟାମ ଚାଲିଛି । ତିନିମାସ ହେଲା ପ୍ରତିଦିନ ଭାତ ଖାଉଛି, କିନ୍ତୁ କୌଣସି ଗୋଳମାଳ ନାହିଁ । ଏଥର ପଢ଼ା-ଉଠି ଲାଗ । ସେଇ ବଡ଼ ଜାଗାଟା ଉପରେ ଚୁପ୍‌ଚାପ୍ ନଜର ରଖ । ଏଥର ମହୋତ୍ସବ ଯେପରି ସେଠାରେ ହେବ, ତାହାର ବିଧିମତ ଚେଷ୍ଟା କରାଯାଉଛି । ସମସ୍ତଙ୍କୁ ମୋର ସ୍ନେହ । ଇତି

ବିବେକାନନ୍ଦ

ପୁଃ—ମାଷ୍ଟର ମହାଶୟ ଯଦି ଆମମାନଙ୍କ ସମ୍ବନ୍ଧରେ ମଧ୍ୟେ ମଧ୍ୟେ 'ଟ୍ରିବିଉନ'ରେ ଲେଖନ୍ତେ, ତା' ହେଲେ ଭଲ ହୁଅନ୍ତା । ତା'ହେଲେ ଲାହୋରଟା ଆଉ ଅଣ୍ଡା ପଡ଼ନ୍ତା ନାହିଁ । ବର୍ତ୍ତମାନ ଖୁବ୍ ତାତିଉଠିଛି । ଟଙ୍କା-ପଇସା ଠିକଏ ହିସାବ କରି ଖର୍ଚ୍ଚ କରିବ; ତୀର୍ଥଯାତ୍ରାଟା ନିଜ ଉପରେ, ପ୍ରଚାରାଦି ମଠର ଭାର ।

**୪୦୪** (ଶ୍ରୀମତୀ ଇନ୍ଦୁମତୀ ମିତ୍ରଙ୍କୁ ଲିଖିତ)

ଡେରାଡୁନ୍, ୨୪ ନଭେମ୍ବର ୧୮୯୭

କଲ୍ୟାଣୀୟାସୁ,

ମା, ତୁମର ଓ ହରିପଦ ବାବାଜୀଙ୍କ ପତ୍ର ଯଥାସମୟରେ ପାଇଲି । ଅବଶ୍ୟ ତୁମମାନଙ୍କର ଦୁଃଖିତ ହେବାର କାରଣ ଅନେକ ହୋଇଛି । କଅଣ କରିବି କହ ? ବର୍ତ୍ତମାନ ଡେରାଡୁନ୍‌କୁ ଯେଉଁ କାର୍ଯ୍ୟରେ ଆସିଥିଲି, ତାହା ମଧ୍ୟ ନିଷ୍ଫଳ ହେଲା—ସିନ୍ଧୁଦେଶକୁ ମଧ୍ୟ ଯିବା ହେଲା ନାହିଁ । ପ୍ରଭୁଙ୍କ ଇଚ୍ଛା । ବର୍ତ୍ତମାନ ରାଜପୁତାନା ଓ କାଥିଆବାଡ଼ ଦେଇ ହୋଇ ସିନ୍ଧୁଦେଶ ମଧ୍ୟ ଦେଇ କଲିକତା ଯିବି, ଇଚ୍ଛା ଅଛି । ପଥରେ କିନ୍ତୁ ଅଳ୍ପ ଗୋଟିଏ ବିଘ୍ନ ହେବାର ସମ୍ଭାବନା । ତାହା ଯଦି ନ ହୁଏ ନିଶ୍ଚିତ ସିନ୍ଧୁଦେଶକୁ ଯାଉଛି । ଛୁଟି ନେଇ ହାଇଦ୍ରାବାଦକୁ ବୃଥା ଆସିବା ଇତ୍ୟାଦିରେ ତୁମମାନଙ୍କର ନିଶ୍ଚୟ ଅନେକ ଅସୁବିଧା ହୋଇ-

ଥିବ—ସମସ୍ତ ପ୍ରଭୁଙ୍କର ଇଚ୍ଛା । କଷ୍ଟ କଲେ ତା'ର ସୁଫଳ ଅଛି ନିଶ୍ଚିତ । ମୁଁ ଆଗାମୀ ଶୁକ୍ରବାର ଦିନ ଏ ସ୍ଥାନରୁ ଯିବି—ସାହାରନପୁର ହୋଇ ଏକାବେଳକେ ରାଜପୁତାନା ଯିବାର ଇଚ୍ଛା । ମୋ ଦେହ ବର୍ତ୍ତମାନ ଭଲ ଅଛି । ଭରସା କରୁଛି, ତୁମେମାନେ ମଧ୍ୟ ନିରୋଗ ଶରୀରରେ ସ୍ୱଚ୍ଛନ୍ଦରେ ଅଛ । ଏ ସ୍ଥାନରେ ଓ ଡେରାଡୁନ ନିକଟରେ ପ୍ଲେଗ ହେବାରୁ ଅନେକ ବିଭ୍ରାଟ ହେଉଛି ଏବଂ ଆମମାନଙ୍କୁ ଅନେକ ପରିମାଣରେ ବ୍ୟାଘାତ ସହ୍ୟ କରିବାକୁ ହେଉଛି ଓ ହେବ । ମଠ ଠିକଣାରେ ପତ୍ର ଲେଖିଲେ ହିଁ ମୁଁ ଯେଉଁ ସ୍ଥାନରେ ଥାଏ ନା କାହିଁକି ପାଇବି । ତୁମେ ଓ ହରିପଦ ବାବାଜୀ ମୋର ବିଶେଷ ଆଶୀର୍ବାଦ ଓ ପ୍ରୀତି ଜାଣିବ । ଇତି

ଆଶୀର୍ବାଦ, ବିବେକାନନ୍ଦସ୍ୟ

୪୦୫ (ସ୍ୱାମୀ ପ୍ରେମାନନ୍ଦଙ୍କୁ ଲିଖିତ) ଡେରାଡୁନ୍, ୨୪ ନଭେମ୍ବର ୧୮୯୭

ପ୍ରିୟବରେଷୁ,

ତୁମର ସକଳ ସମାଚାର ହରିପ୍ରସନ୍ନ ଭାଇଙ୍କ ମୁହଁରୁ ଶୁଣିଲି । ରାଖାଲ ଓ ହରିର ଦେହ ବର୍ତ୍ତମାନ ଭଲ ଅଛି ଶୁଣି ବିଶେଷ ସନ୍ତୋଷ ଲାଭ କଲି ।

ଏଥର ଟିହିରୀର ଶ୍ରୀଯୁକ୍ତ ବାବୁ ରଘୁନାଥ ଭଟ୍ଟାଚାର୍ଯ୍ୟ ମହାଶୟ କାନରେ ବେଦନା ହେତୁ ଅତ୍ୟନ୍ତ କଷ୍ଟ ଭୋଗୁଛନ୍ତି; ମୁଁ ମଧ୍ୟ ନିଜେ କାନର ବେଦନାରେ ଅନେକଦିନ ହେଲା ଭୋଗୁଛି । ଯଦି ତୁମମାନଙ୍କ ସନ୍ଧାନରେ ପୁରୁଣା ଘିଅ ଥାଏ, ତା'ହେଲେ ଡେରାଡୁନ୍‌କୁ କିଛି ଉକ୍ତ ବାବୁଙ୍କୁ ଏବଂ ଖେତଡ଼ିର ଠିକଣାରେ କିଛି ମୋ ନିକଟକୁ ପଠାଇବ । ହାବୁ, ଶରତ୍ (ଓକିଲ)ଙ୍କ ନିକଟରେ ନିଶ୍ଚୟ ପାଇବ । ଡେରାଡୁନ—N. W. P., ରଘୁନାଥ ଭଟ୍ଟାଚାର୍ଯ୍ୟ କହିଲେ ହିଁ ଉକ୍ତ ବାବୁ ପାଇଯିବେ ।

ମୁଁ ପରଦିନ ସାହାରନପୁରକୁ ଚାଲିଲି । ସେଠାରୁ ରାଜପୁତାନା । ଇତି

ବିବେକାନନ୍ଦ

ପୁଃ—ସମସ୍ତଙ୍କୁ ମୋର ପ୍ରୀତି । —ବି

୪୦୬ ('ଶ୍ରୀଶ୍ରୀରାମକୃଷ୍ଣ କଥାମୃତ'କାର 'ଶ୍ରୀମ'ଙ୍କୁ ଲିଖିତ)

ଡେରାଡୁନ୍, ୨୪ ନଭେମ୍ବର ୧୮୯୭

ପ୍ରିୟ ମ—,

ଆପଣଙ୍କର ଦ୍ୱିତୀୟ ପୁସ୍ତିକାଖଣ୍ଡିକ ପାଇଁ ଅଶେଷ ଧନ୍ୟବାଦ । ବହିଟି ବାସ୍ତବିକ୍ ଅପୂର୍ବ । ଆପଣଙ୍କ ପ୍ରଣାଳୀ ସମ୍ପୂର୍ଣ୍ଣ ମୌଳିକ । ଇତିପୂର୍ବରୁ ଅନ୍ୟ କୌଣସି ଜୀବନଚରିତକାର କୌଣସି ମହାପୁରୁଷଙ୍କ ଜୀବନ ଠିକ୍ ଏହି ଭାବରେ, ନିଜର କଳ୍ପନାରେ କିଛିମାତ୍ର ଅନୁରଞ୍ଜିତ ନ କରି, ପ୍ରକାଶ କରି ନାହାନ୍ତି । ଭାଷା ମଧ୍ୟ ଅନବଦ୍ୟ—ଯେପରି ସରସ ଓ ସତେଜ, ସେହିପରି ସରଳ ଓ ସହଜ ।

ମୁଁ ଯେ ବହିଟିକୁ କେତେଦୂର ଉପଭୋଗ କରିଛି, ତାହା ଭାଷାରେ ପ୍ରକାଶ କରିବାର ନୁହେଁ । ସେସବୁ ପାଠ କରିବା ସମୟରେ ମୁଁ ଯେପରି ସତକୁ ସତ ଅନ୍ୟ ଜଗତକୁ ଚାଲିଯାଏ ।

ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ନୁହେଁ କି ? ଆମର ଗୁରୁଦେବ ଥିଲେ ସମ୍ପୂର୍ଣ୍ଣ ମୌଳିକ; ସୁତରାଂ ଆମ ପ୍ରତ୍ୟେକଙ୍କୁ ବି ହୁଏତ ମୌଳିକ ହେବାକୁ ହେବ, ନଚେତ୍ କିଛି ନୁହେଁ । ବର୍ତ୍ତମାନ ମୁଁ ବୁଝିପାରୁଛି ଯେ, କାହିଁକି ଆମ ଭିତରୁ ଆଉ କେହି ଏହା ପୂର୍ବରୁ ତାଙ୍କର ଜୀବନୀ ଲେଖିବାକୁ ଚେଷ୍ଟା କରି ନାହାନ୍ତି । ଏହି ବିରାଟ କାର୍ଯ୍ୟ ଆପଣଙ୍କ ପାଇଁ ହିଁ ରହିଥିଲା । ସେ ନିଶ୍ଚୟ ଆପଣଙ୍କ ସଙ୍ଗରେ ଅଛନ୍ତି ।

ଅସୀମ ପ୍ରୀତି ଓ ନମସ୍କାର ଜାଣିବେ । ଇତି

ବିବେକାନନ୍ଦ

ପୁଃ—ସକ୍ରେଟିସ୍‌ଙ୍କ କଥୋପକଥନଗୁଡ଼ିକରେ ପ୍ଲେଟୋଙ୍କ କଥା ହିଁ ସବୁବେଳେ ଆଖିରେ ପଡ଼େ, ଆପଣଙ୍କର ଏହି ପୁସ୍ତିକାରେ ଆପଣ ନିଜକୁ ସମ୍ପୂର୍ଣ୍ଣ ଲୁଚାଇ ରଖିଛନ୍ତି । ନାଟକୀୟ ଅଂଶଗୁଡ଼ିକ ସତ୍ୟ ହିଁ ଅପୂର୍ବ । ଏ ଦେଶରେ ଏବଂ ପାଶ୍ଚାତ୍ୟରେ ପ୍ରତ୍ୟେକେ ବହିଟିକୁ ପସନ୍ଦ କରୁଛନ୍ତି ।

୪୦୭ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଦିଲ୍ଲୀ, ୩୦ ନଭେମ୍ବର ୧୮୯୭

ଅଭିନ୍ନହୃଦୟେଷୁ,

ମିସେସ ମୂଲର୍ ଯେଉଁ ଟଙ୍କା ଦେବେ ବୋଲି କହିଥିଲେ, ସେଥିରୁ କେତେକ କଲିକତାରେ ପହଞ୍ଚିଛି । ବାକି ପରେ ଆସିବ ଶୀଘ୍ର । ଆମର ମଧ୍ୟ କିଛି ଅଛି । ମିସେସ୍ ମୂଲର୍ ତୁମ ଓ ମୋ ନାମରେ ଗ୍ରିଣ୍ଡଲେ କୋମ୍ପାନୀ ପାଖରେ ଟଙ୍କା ରଖିବେ । ସେଥିରେ ତୁମର **power of attorney** (କ୍ଷମତାପତ୍ର) ଥିବା ଯୋଗୁ ତୁମେ ଏକା ହିଁ ସମସ୍ତ ଉଠାଇପାରିବ । ଏହାକୁ ରଖିବା ସଙ୍ଗେ ସଙ୍ଗେ ତୁମେ ନିଜେ ଓ ହରି ପାଟନା ଯାଇ ସେହି ଲୋକଟିକୁ ଧର—ଯେପରି ପାରିବ **influence** କର (ରାଜି କରାଅ); ଆଉ ଜମିଟା ଯଦି ନ୍ୟାଯ୍ୟ ଦାମ୍ ହୁଏ ତ କିଣିନିଅ । ନ ହେଲେ ଅନ୍ୟ ଜାଗାରେ ଚେଷ୍ଟା କରି ଦେଖ । ମୁଁ ଏଆଡ଼େ ମଧ୍ୟ ଟଙ୍କାର ଯୋଗାଡ଼ କରୁଛି । ନିଜ ଜମିରେ ମହୋତ୍ସବ କରିବା ପରେ ଯାଇ ଯାହା କାମ—ସେଥିରେ ବୁଢ଼ା ମରୁ ଆଉ ଜଞ୍ଜାଳ ଯାଉ । କଥା ଯେପରି ତୁମର ମନେରହେ ।

ଏହି ୮।୯ ମାସ ତୁମେ ଯେଉଁ କାର୍ଯ୍ୟ କରିଛ, ଖୁବ୍ ବାହାଦୁରି ଦେଖାଇଛ । ଏଥର ଧଡ଼ାଧଡ଼ ଦେଖନା, ଗୋଟାଏ ମଠ ଓ କଲିକତାରେ ଗୋଟାଏ ଜାଗା —ଏତିକି ହେଲେ ଯାଇ ଗୋଟିଏ କାମ ହେଲା । କାମଧନ୍ଦା ହେବ, ଅଥଚ ଖୁବ୍ ଗୋପନରେ । କାଶୀପୁରର ବଗିଗୃହଟାର ମଧ୍ୟ ତଲ୍ଲାସ ରଖ । ମୁଁ କାଲି ଆଲୱାର ହୋଇ ଖେତଡ଼ି ଯାଉଛି । ଦେହ ଭଲ ଅଛି,··· ଅବଶ୍ୟ ସର୍ଦ୍ଦି ହୋଇଛି । ଚିଠିପତ୍ର ଖେତଡ଼ିକୁ ପଠାଇବ । ସମସ୍ତଙ୍କୁ ସ୍ନେହ ପ୍ରୀତି । ଇତି

ବିବେକାନନ୍ଦ

ପୁଃ—ତୁମକୁ ଯେଉଁ ଉଇଲ କରିବାକୁ କହିଥିଲି ଶରତ୍ ଓ ହରିଙ୍କ ନାମରେ, ତା'ର

କ'ଅଣ ହେଲ ? ଅଥବା ତୁମେ ଜାଗା-ଫାଗା ମୋ ନାମରେ କିଣିବ—ମୁଁ ଉଇଲ୍ ଠିକ୍ କରି ରଖିବି । ଇତି
—ବି.

୪୦୮ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଖେତଡ଼ି, ୮ ଡିସେମ୍ବର ୧୮୯୭

ଅଭିନ୍ନହୃଦୟେଷୁ ,

ଆମେ କାଲି ଖେତଡ଼ି ଯାତ୍ରା କରିବୁ । ଦେଖୁ ଦେଖୁ ଶରୀରଟା ଅତ୍ୟନ୍ତ ବଢ଼ି ଉଠିଛି । ଖେତଡ଼ି ହୋଇ ସମସ୍ତଙ୍କୁ ମଠକୁ ପଠାଇବାର ସଙ୍କଳ୍ପ ଅଛି । ଯେଉଁସବୁ କାର୍ଯ୍ୟ ଏମାନଙ୍କଦ୍ୱାରା ହେବ ବୋଲି ଭାବିଥିଲି, ତା'ର କିଛି ହିଁ ହେଲା ନାହିଁ । ଅର୍ଥାତ୍ ମୋ ସାଙ୍ଗରେ ଥିଲେ କେହି ଯେ କିଛି କରିପାରିବେ ନାହିଁ—ତାହା ନିଶ୍ଚିତ । ସ୍ୱାଧୀନ ଭାବରେ ନ ବୁଲିଲେ ଏମାନଙ୍କଦ୍ୱାରା କିଛି ହେବ ନାହିଁ । ଅର୍ଥାତ୍ ମୋ ସାଙ୍ଗରେ ଥିଲେ କିଏ ଏମାନଙ୍କୁ ପଚାରିବ—କେବଳ ସମୟ ନଷ୍ଟ । ଏଥିପାଇଁ ଏମାନଙ୍କୁ ମଠକୁ ପଠାଉଛି ।

ଦୁର୍ଭିକ୍ଷ-ଫଣ୍ଡରେ ଯେଉଁ ଟଙ୍କା ବଳିଛି, ତାହାକୁ ଗୋଟାଏ ସ୍ଥାୟୀ କାର୍ଯ୍ୟ ପାଇଁ ଫଣ୍ଡ୍ କରି ରଖିଦେବ । ଅନ୍ୟ କୌଣସି ବିଷୟରେ ତାହା ଖରଚ କରିବ ନାହିଁ ଏବଂ ସମସ୍ତ ଦୁର୍ଭିକ୍ଷ-କାର୍ଯ୍ୟର ହିସାବ ଦେଖାଇ ଲେଖିବ ଯେ, ବାକି ଏତେ ଅଛି ଅନ୍ୟ ଭଲ କାର୍ଯ୍ୟ ପାଇଁ ।···

ମୁଁ କାମ ଚାହେଁ—don't want any humbug (କୌଣସି ଧପ୍‌ପାବାଜ୍ ଚାହେଁ ନାହିଁ) । ଯେଉଁମାନଙ୍କର କାମ କରିବାର ଇଚ୍ଛା ନାହିଁ—'ବାପା, ଏଥରକବେଳେ ବାଟ ଦେଖ' । ଖେତଡ଼ିରେ ପହଞ୍ଚି ତୁମର power of attorney (କ୍ଷମତାପତ୍ର)-ରେ ଦସ୍ତଖତ କରି ପଠାଇଦେବି—ଯଦି ପହଞ୍ଚିଥାଏ । ଆମେରିକାର ବୋଷ୍ଟନ୍ ଗ୍ରୁପାମର ଚିଠି କେବଳ ଖୋଲିବ, ଅନ୍ୟ କୌଣସି ଚିଠି ଖୋଲିବ ନାହିଁ । ମୋର ଚିଠିପତ୍ର ଖେତଡ଼ିକୁ ପଠାଇବ । ଟଙ୍କା ମୁଁ ରାଜପୁତାନାରେ ହିଁ ପାଇବି, ସେଥିପାଇଁ କୌଣସି ଚିନ୍ତା ନାହିଁ । ତୁମେମାନେ ପ୍ରାଣପଣେ ଜାଗାଟା ଠିକ୍ କର—ଏଥର ନିଜ ଜମି ଉପରେ ହିଁ ମହୋତ୍ସବ କରିବାକୁ ହେବ ।

ଟଙ୍କାଟା କ'ଅଣ ବେଙ୍ଗଲ ବ୍ୟାଙ୍କରେ ଅଛି ନା ତୁମେ ଅନ୍ୟ କେଉଁଠାରେ ରଖିଛ ? ଟଙ୍କା ପଇସା ସମ୍ବନ୍ଧରେ ବିଶେଷ ସାବଧାନ ହେବ । ହିସାବ ଠିକଣାଟି ରଖିବ ଓ ଟଙ୍କା ପାଇଁ ନିଜ ବାପାଙ୍କୁ ମଧ୍ୟ ବିଶ୍ୱାସ ନାହିଁ କରିବ । ଇତି

ସମସ୍ତଙ୍କୁ ପ୍ରେମପ୍ରୀତି ଜଣାଇବ । ହରି କପରି ଅଛି ଲେଖିବ । ମଝିରେ ଡେରାଡୁନ୍‌ରେ ଉଦାସୀ ସାଧୁ କଲ୍ୟାଣଦେବ ଓ ଆଉ ଜଣେ ଦୁଇ ଜଣଙ୍କ ସହିତ ସାକ୍ଷାତ୍ । ହୃଷୀକେଶ-ବାଲାମାନେ ମୋତେ ଦେଖିବା ପାଇଁ ଅତ୍ୟନ୍ତ ଉତ୍ସୁକ—'ନାରାୟଣ ହରିଙ୍କ' କଥା ପୁନଃ ପୁନଃ ଜିଜ୍ଞାସା ଇତ୍ୟାଦି ।

ବିବେକାନନ୍ଦ

୪୦୯ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଖେତଡ଼ି, ୧୪ ଡିସେମ୍ବର ୧୮୯୭

ଅଭିନ୍ନହୃଦୟେଷୁ,

ତୁମର Power of attorney (କ୍ଷମତାପତ୍ର)-ରେ ଆଜି ଦସ୍ତଖତ କରି ପଠାଇଲି ।··· ଟଙ୍କାଟା ଯେତେଶୀଘ୍ର ପାରିବ draw କରିବ (ଉଠାଇବ) ଏବଂ କରିସାରି ମୋତେ ତାର କରିବ । ଛତ୍ରପୁର ନାମରେ କେଉଁ ଗୋଟିଏ ଜାଗାର ବୁନ୍ଦେଲଖଣ୍ଡୀ ରାଜା ମୋତେ ନିମନ୍ତ୍ରଣ କରିଛନ୍ତି । ଯିବା ସମୟରେ ତାଙ୍କର ସେଠା ହୋଇ ଯିବି । ଲିମଡ଼ିର ରାଜା ମଧ୍ୟ ଡାକୁଛନ୍ତି ଆଗ୍ରହ କରି, ସେଠାକୁ ନ ଗଲେ ନ ଚଳେ । ପରେ ପେଁା କରି କାଥିଆବାଡ଼ ବୁଲି ଆସିବି ଆଉ କଅଣ ! କଲିକତାକୁ ଯାଇପାରିଲେ ହିଁ ରକ୍ଷା ।··· ବୋଷ୍ଟନର ଖବର ତ ଏପର୍ଯ୍ୟନ୍ତ ନାହିଁ; ତେବେ ହୁଏତ ଶରତ୍ ଟଙ୍କାଟା ନିଜେ ନେଇକରି ଆସୁଛି ।···ଯାହାହେଉ, ଯେଉଁଠାରୁ ଯାହା ଖବର ଆସିବ ତତ୍‌କ୍ଷଣାତ୍ ମୋତେ ଚିଠି ଲେଖି ଜଣାଇବ । ଇତି

ବିବେକାନନ୍ଦ

ପୁଃ—କାନାଇ କିପରି ଅଛି ? ଶୁଣୁଛି ତାହାର ଦେହ ଭଲ ନାହିଁ । ତାହାର ବିଶେଷ ଖବର ନେବ ଏବଂ କାହାର ଉପରେ ଯେପରି ଜୁଲୁମ୍ ନ ହୁଏ ଦେଖିବ । ହରିର ଓ ତୁମର ସ୍ୱାସ୍ଥ୍ୟ ସମ୍ବାଦ ଲେଖିବ । ଇତି

୪୧୦ଇଂ (ସ୍ୱାମୀ ଶିବାନନ୍ଦଙ୍କୁ ଲିଖିତ)

ଜୟପୁର, ୨୭ ଡିସେମ୍ବର ୧୮୯୭

ପ୍ରିୟ ଶିବାନନ୍ଦଜୀ,

ମାନ୍ଦ୍ରାଜରେ ଥିବା ସମୟରେ ବୋମ୍ବେ ଗିର୍‌ଗାଁଓର ଯେଉଁ ମିଷ୍ଟର ଶେଭଲିରଙ୍କ ସଙ୍ଗରେ ଆପଣଙ୍କର ଘନିଷ୍ଠ ପରିଚୟ ହୋଇଥିଲା, ସେ ଆଫ୍ରିକାରେ ଯେଉଁସବୁ ଭାରତୀୟ ବାସିନ୍ଦା ରହିଛନ୍ତି, ସେମାନଙ୍କର ଅଧ୍ୟାତ୍ମିକ ଅଭାବ ଦୂରୀକରଣ ପାଇଁ କାହାକୁ ପଠାଇବା ପାଇଁ ଲେଖିଛନ୍ତି । ଅବଶ୍ୟ ସେ ନିଜେ ମନୋନୀତ ବ୍ୟକ୍ତିକୁ ଆଫ୍ରିକାକୁ ପଠାଇବେ ଏବଂ ଏବଂ ଆବଶ୍ୟକୀୟ ସମସ୍ତ ବ୍ୟୟଭାର ବହନ କରିବେ ।

କାର୍ଯ୍ୟଟି ଆପାତତଃ ଖୁବ୍ ସହଜ କିମ୍ବା ନିର୍ଝଞ୍ଜାଟ ହେବ ବୋଲି ମନେହେଉ ନାହିଁ । କିନ୍ତୁ ଏ କାର୍ଯ୍ୟ ପାଇଁ ପ୍ରତ୍ୟେକ ସତ୍ ଲୋକ ଆଗେଇ ଆସିବା ଉଚିତ୍ । ଆପଣ ବୋଧହୁଏ ଜାଣନ୍ତି, ସେଠାର ଶ୍ୱେତକାୟମାନେ ଭାରତୀୟମାନଙ୍କୁ ଆଦୌ ଭଲ ଆଖିରେ ଦେଖନ୍ତି ନାହିଁ । ତେଣୁ ସେଠାକାର କାର୍ଯ୍ୟ ହେଉଛି—ଭାରତୀୟମାନଙ୍କର ତତ୍ତ୍ୱାବଧାନ କରିବା, ଅଥଚ ଏପରି ଧୀର ଭାବରେ ହେବ, ଯହିଁରେ ଅଧିକ ବିବାଦର ସୃଷ୍ଟି ନ ହୁଏ । ସଙ୍ଗେ ସଙ୍ଗେ ଅବଶ୍ୟ ଏ କାର୍ଯ୍ୟର ଫଳ ପାଇବାର ଆଶା କରାଯାଇପାରିବ ନାହିଁ; କିନ୍ତୁ ପରିଣାମରେ ଦେଖିବେ ଯେ, ଆଜି ସୁଦ୍ଧା ଭାରତର କଲ୍ୟାଣ ଲାଗି ଯେତେ କାର୍ଯ୍ୟ କରାଯାଇଛି, ସେସବୁ ଅପେକ୍ଷା ଏଥିରେ ବେଶୀ ଉପକାର ହେବ । ମୋର ଇଚ୍ଛା, ଆପଣ ଥରେ ଏଥିରେ ଆପଣଙ୍କର

ସ୍ୱାସ୍ଥ୍ୟ ପରୀକ୍ଷା କରି ଦେଖନ୍ତୁ । ଯଦି ଆପଣ ଏଥିରେ ରାଜି, ତେବେ ଏହି ପତ୍ରର ଉଲ୍ଲେଖ କରି ଶେଭିଲ୍ଲୁରଙ୍କୁ ଆପଣଙ୍କର ସମ୍ମତି ଜଣାଇବେ ଏବଂ ଆହୁରି ଖବର ମାଗି ପଠାଇବେ । 'ଶିବା ବଃ ସନ୍ତୁ ପନ୍ଥାନଃ' । ମୁଁ ଶାରୀରିକ ଖୁବ୍ ଭଲ ନାହିଁ; କିନ୍ତୁ ଦିନକେଇଟା ଭିତରେ କଲିକତା ଯାଉଛି, ସେଠାରେ ଦେହ ଭଲ ହୋଇଯିବା ଆଶା କରେ । ଇତି

ଭଗବତ୍ପଦାଶ୍ରିତ, ବିବେକାନନ୍ଦ

୪୯୧ (ଶ୍ରୀମତୀ ମୃଣାଳିନୀ ବସୁଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ଦେଓଘର, ବୈଦ୍ୟନାଥ, ୩ ଜାନୁଆରି ୧୮୯୮

ମା,

ତୁମ ପତ୍ରରେ କେତୋଟି ଅତି ଗୁରୁତର ପ୍ରଶ୍ନର ସମୁତ୍ଥାନ ହୋଇଛି । ଗୋଟିଏ କ୍ଷୁଦ୍ର ଲିପିରେ ସେସବୁ ପ୍ରଶ୍ନର ସଦୁତ୍ତର ସମ୍ଭବ ନୁହେଁ, ତେବେ ଯଥାସମ୍ଭବ ସଂକ୍ଷେପରେ ଉତ୍ତର ଲେଖୁଛି ।

୧ । ଋଷି, ମୁନି, ଦେବତା କାହାରି ସାଧ୍ୟ ନାହିଁ ଯେ, ସାମାଜିକ ନିୟମର ପ୍ରବର୍ତ୍ତନ କରିବେ । ସମାଜର ପଶ୍ଚାତ୍‌ରେ ଯେତେବେଳେ ତାତ୍କାଳିକ ଆବଶ୍ୟକତାର ବେଗ ଲାଗେ, ସେତେବେଳେ ଆତ୍ମରକ୍ଷା ପାଇଁ ସମାଜ ଆପେ ଆପେ କେତେଗୁଡ଼ିଏ ଆଚାରର ଆଶ୍ରୟ ନିଏ । ଋଷିମାନେ ସେହିସବୁ ଆଚାର ଲିପିବଦ୍ଧ କରିଛନ୍ତି ମାତ୍ର । ଆତ୍ମରକ୍ଷା ପାଇଁ ମନୁଷ୍ୟ ଯେପରି ଅନେକ ସମୟରେ ତତ୍କାଳ ରକ୍ଷା ପାଇବାର ଉପଯୋଗୀ ଅନେକ ଆଗାମୀ-ଅତି-ଅହିତକର ଉପାୟ ଅବଲମ୍ବନ କରେ, ସେହିପରି ସମାଜ ମଧ୍ୟ ଅନେକ ସମୟରେ ସେହି ସମୟ ପାଇଁ ରକ୍ଷା ପାଏ; କିନ୍ତୁ ଯେଉଁ ଉପାୟରେ ବଞ୍ଚେ, ତାହା ପରିଣାମରେ ଭୟଙ୍କର ହୁଏ ।

ଯଥା, ଆମ ଦେଶରେ ବିଧବା-ବିବାହ-ପ୍ରତିଷେଧ । ଭାବ ନାହିଁ ଯେ, ଋଷି ବା ଦୁଷ୍ଟ ପୁରୁଷମାନେ ସେହିସବୁ ନିୟମ ପ୍ରବର୍ତ୍ତିତ କରିଛନ୍ତି । ପୁରୁଷ ଜାତିର, ସ୍ତ୍ରୀକୁ ସମ୍ପୂର୍ଣ୍ଣ ଆୟତ୍ତାଧୀନ ରଖିବାର ଇଚ୍ଛା ଥିଲେ ମଧ୍ୟ ସମାଜର ସାମୟିକ ଆବଶ୍ୟକତାର ସହାୟ-ଅବଲମ୍ବନ ବ୍ୟତିରେକେ କେବେହେଲେ ସଫଳକାମ ହୁଏ ନାହିଁ । ଏହି ଆଚାର ମଧ୍ୟରେ ଦୁଇଟି ଅଙ୍ଗ ବିଶେଷ ଦ୍ରଷ୍ଟବ୍ୟ ।

(କ) ଶ୍ରେଷ୍ଠ ଜାତିଙ୍କ ମଧ୍ୟରେ ବିଧବାର ବିବାହ ହୁଏ ।

(ଖ) ଭଦ୍ରଜାତିମାନଙ୍କ ମଧ୍ୟରେ ପୁରୁଷ ଅପେକ୍ଷା ସ୍ତ୍ରୀଙ୍କର ସଂଖ୍ୟା ଅଧିକ ।

ବର୍ତ୍ତମାନ ଯଦି ପ୍ରତ୍ୟେକ କନ୍ୟାକୁ ବିବାହ ଦେବା ନିୟମ ହୁଏ, ତାହାହେଲେ ଜଣକୁ ଜଣେ ପାତ୍ର ମିଳିବା କଠିନ, ଜଣଙ୍କର ଦୁଇ-ତିନୋଟି କେଉଁଠାରୁ ହେବ ? ଅତଏବ ସମାଜ ଏକ ପକ୍ଷର କ୍ଷତି କରିଛି, ଅର୍ଥାତ୍ ଯେ ଥରେ ପତି ପାଇଛି, ତାହାକୁ ଆଉ ପତି ଦିଏ ନାହିଁ; ଦେଲେ ଗୋଟିଏ କୁମାରୀ ପତି ପାଇବ ନାହିଁ । ଯେଉଁସବୁ ଜାତିରେ ପୁଣି ସ୍ତ୍ରୀଙ୍କ ସଂଖ୍ୟା କମ୍, ସେମାନଙ୍କର ପୂର୍ବୋକ୍ତ ବାଧା ନ ଥିବାରୁ ବିଧବାର ବିବାହ ହୁଏ ।

ସେହିପରି ଜାତିଭେଦ ବିଷୟରେ ଏବଂ ଅନ୍ୟାନ୍ୟ ସାମାଜିକ ଆଚାର ସମ୍ବନ୍ଧରେ ମଧ୍ୟ ।

ପାଶ୍ଚାତ୍ୟ ଦେଶରେ ସେହିପରି କୁମାରୀମାନଙ୍କର ପତି ପାଇବାରେ ବିଶେଷ ସଙ୍କଟ ଦେଖା ଦେଉଛି ।

ଯଦି ଏହି ପ୍ରକାର କୌଣସି ସାମାଜିକ ଆଚାରର ପରିବର୍ତ୍ତନ ଘଟାଇବାକୁ ହୁଏ, ତାହାହେଲେ ସେହି ଆଚାରର ମୂଳରେ କଅଣ ଆବଶ୍ୟକତା ଅଛି, ତାହା ପ୍ରଥମେ ଅନୁସନ୍ଧାନ କରି ବାହାର କରିବାକୁ ହେବ ଏବଂ ତାହାକୁ ପରିବର୍ତ୍ତିତ କରିଦେଲେ ହିଁ ଉକ୍ତ ଆଚାରଟି ଆପଣାଛାଏଁ ନଷ୍ଟ ହୋଇଯିବ । ତଦ୍ଭିନ୍ନ ନିନ୍ଦା ବା ସ୍ତୁତି ଦ୍ୱାରା କାର୍ଯ୍ୟ ହେବ ନାହିଁ ।

୨ । ବର୍ତ୍ତମାନ କଥା ଏହି ସମାଜ ଏହି ଯେଉଁସବୁ ନିୟମ କରେ, ଅଥବା ସମାଜ ଯେ ସଂଗଠିତ ହୁଏ, ତାହା କଅଣ ସାମାଜିକ ସାଧାରଣର କଲ୍ୟାଣ ନିମିତ୍ତ ? ଅନେକେ କହନ୍ତି, ହିଁ, ପୁଣି କେହି କେହି କହିପାରନ୍ତି ଯେ, ତାହା ନୁହେଁ । କେତେଗୁଡ଼ିଏ ଲୋକ ଅପେକ୍ଷାକୃତ ଶକ୍ତିମାନ୍ ହୋଇ ଧୀରେ ଧୀରେ ଅନ୍ୟ ସମସ୍ତଙ୍କୁ ଆପଣାର ଅଧୀନ କରି ପକାନ୍ତି ଏବଂ କଳେ-ବଳେ ବା କୌଶଳରେ ସ୍ୱ-କାମନା ପୂର୍ଣ୍ଣ କରନ୍ତି । ଯଦି ଏହା ହିଁ ସତ୍ୟ ହୁଏ, ତାହାହେଲେ ଅଜ୍ଞ ଲୋକମାନଙ୍କୁ ସ୍ୱାଧୀନତା ଦେବାରେ ଭୟ ରହିଛି, ଏ କଥାର ମାନେ କଅଣ ? ସ୍ୱାଧୀନତାର ମାନେ ହିଁ ବା କଅଣ ?

ମୋର ତୁମର ଧନ ଆଦି ଅପହରଣର କୌଣସି ବାଧା ନ ରହିବାର ନାମ କିଛି ସ୍ୱାଧୀନତା ନୁହେଁ, କିନ୍ତୁ ମୋର ନିଜର ଦେହ ବା ବୁଦ୍ଧି ବା ଧନକୁ ଅପରର ଅନିଷ୍ଟ ନ କରି ଯେପରି ଇଚ୍ଛା ସେପରି ବ୍ୟବହାର କରିପାରିବି, ଏହା ମୋର ସ୍ୱାଭାବିକ ଅଧିକାର; ଏବଂ ଉକ୍ତ ଧନ ବା ବିଦ୍ୟା ବା ଜ୍ଞାନାର୍ଜ୍ଜନରେ ସକଳ ସାମାଜିକ ବ୍ୟକ୍ତିର ଯେପରି ସମାନ ସୁବିଧା ରହେ, ତାହା ମଧ୍ୟ ହେବା ଉଚିତ । ଦ୍ୱିତୀୟ କଥା ଏହି ଯେ, ଯେଉଁମାନେ କହନ୍ତି ଯେ, ଅଜ୍ଞ ବା ଗରିବମାନଙ୍କୁ ସ୍ୱାଧୀନତା ଦେଲେ ଅର୍ଥାତ୍ ସେମାନଙ୍କର ଶରୀର, ଧନ ଇତ୍ୟାଦିରେ ସେମାନଙ୍କୁ ପୂର୍ଣ୍ଣ ଅଧିକାର ଦେଲେ ଏବଂ ସେମାନଙ୍କର ସନ୍ତାନମାନଙ୍କୁ ଧନୀ ଉଚ୍ଚପଦସ୍ଥ ବ୍ୟକ୍ତିମାନଙ୍କର ସନ୍ତାନଙ୍କ ଭଳି ଜ୍ଞାନାର୍ଜନର ଏବଂ ନିଜର ଅବସ୍ଥାର ଉନ୍ନତି କରିବାର ସମାନ ସୁବିଧା ଦେଲେ ସେମାନେ ଉଚ୍ଛୃଙ୍ଖଳ ହୋଇଯିବେ, ସେମାନେ କଅଣ ଏକଥା ସମାଜର କଲ୍ୟାଣ ଲାଗି କହନ୍ତି ନା ସ୍ୱାର୍ଥରେ ଅନ୍ଧ ହୋଇ କହନ୍ତି ? ଇଂଲଣ୍ଡରେ ମଧ୍ୟ ଏକଥା ଶୁଣିଛି—'ଶ୍ରେଷ୍ଟ ଲୋକମାନେ ଲେଖାପଢ଼ା ଶିଖିଲେ ଆମର ଗୃହକର୍ମ କିଏ କରିବ ?'

ମୁଷ୍ଟିମେୟ ଧନୀଙ୍କ ବିଳାସ ପାଇଁ ଲକ୍ଷ ଲକ୍ଷ ନରନାରୀ ଅଜ୍ଞତାର ଅନ୍ଧକାରରେ ଓ ଅଭାବର ନରକରେ ବୁଡ଼ି ରହିଥାଆନ୍ତୁ; ସେମାନଙ୍କର ଧନ ହେଲେ ବା ସେମାନେ ବିଦ୍ୟା ଶିଖିଲେ ସମାଜ ଉଚ୍ଛୃଙ୍ଖଳ ହେବ !!

ସମାଜ କିଏ ? ଲକ୍ଷ ଲକ୍ଷ ସେମାନେ ? ନା ଏଇ ତୁମେ ମୁଁ ଦଶଜଣ ବଡ଼ ଜାତି !!!

ଆଉ ଯଦି ତାହା ହିଁ ସତ୍ୟ ହୁଏ, ତାହାହେଲେ ମଧ୍ୟ ତୁମର ମୋର କି ଅହଙ୍କାର ଯେ, ଆମେ ଅନ୍ୟ ସମସ୍ତଙ୍କୁ ପଥ ଦେଖାଇବୁ ? ଆମେ କଅଣ ସବଜାନ୍ତା ?

'ଉଦ୍ଧରେଦାତ୍ମନାତ୍ମାନଂ'—ନିଜେ ହିଁ ନିଜକୁ ଉଦ୍ଧାର କର । ସେ ଯାହାର ଆପଣାକୁ ଉଦ୍ଧାର କରୁ । ସର୍ବ ବିଷୟରେ ସ୍ୱାଧୀନତା ଅର୍ଥାତ୍ ମୁକ୍ତି ଦିଗକୁ ଅଗ୍ରସର ହେବା ପୁରୁଷାର୍ଥ । ଯହିଁରେ ଅନ୍ୟମାନେ—ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ୱାଧୀନତା ଆଡ଼କୁ ଅଗ୍ରସର ହୋଇପାରନ୍ତି ସେ ବିଷୟରେ ସହାୟତା କରିବା ଓ ନିଜେ ସେହି ଆଡ଼କୁ ଅଗ୍ରସର ହେବା ହିଁ ପରମ ପୁରୁଷାର୍ଥ । ଯେଉଁସବୁ ସାମାଜିକ ନିୟମ ଏହି ସ୍ୱାଧୀନତା ସ୍ଫୂର୍ତ୍ତିର ବ୍ୟାଘାତ କରେ, ତାହା ଅକଲ୍ୟାଣକର ଏବଂ ଯହିଁରେ ତାହାର ଶୀଘ୍ର ନାଶ ହୁଏ, ତାହା ହିଁ କରିବା ଉଚିତ୍ । ଯେଉଁ ସବୁ ନିୟମଦ୍ୱାରା ଜୀବକୁଳ ସ୍ୱାଧୀନତା-ପଥରେ ଅଗ୍ରସର ହୁଅନ୍ତି, ତାହାର ସହାୟତା କରିବା ଉଚିତ୍ ।

୩ । ଏ ଜନ୍ମରେ ଯେ ହଠାତ୍ ଦେଖିବା ମାତ୍ରେ ତାଦୃକ୍ ଗୁଣାଦିସମ୍ପନ୍ନ ନ ହେଲେ ମଧ୍ୟ ବ୍ୟକ୍ତିବିଶେଷଙ୍କ ଉପରେ ଆମର ଆନ୍ତରିକ ପ୍ରେମ ଆସି ଉପସ୍ଥିତ ହୁଏ, ତାହାକୁ ଅସ୍ମଦ୍ଦେଶୀୟ ପଣ୍ଡିତମାନେ ପୂର୍ବଜନ୍ମଜନିତ ବୋଲି ସିଦ୍ଧାନ୍ତ କରିଛନ୍ତି ।

୪ । ଇଚ୍ଛାଶକ୍ତି ସମ୍ବନ୍ଧରେ ତୁମର ପ୍ରଶ୍ନଟି ଚମତ୍କାର ଏବଂ ତାହା ହିଁ ବୁଝିବାର ବିଷୟ । ସକଳ ଧର୍ମର ଏହା ହିଁ ସାର—ବାସନାର ବିନାଶ; ସୁତରାଂ ସଙ୍ଗେ ସଙ୍ଗେ ନିଶ୍ଚୟ ଇଚ୍ଛାର ମଧ୍ୟ ବିନାଶ ହେଲା; କାରଣ ବାସନା ଇଚ୍ଛାବିଶେଷର ନାମ ମାତ୍ର । ତେବେ ପୁଣି ଏ ଜଗତ୍ କାହିଁକି ? ଏ ସମସ୍ତ ଇଚ୍ଛାର ବିକାଶ ହିଁ ବା କାହିଁକି ? କେତୋଟି ଧର୍ମ କହନ୍ତି ଯେ, ଅସତ୍ ଇଚ୍ଛାର ହିଁ ନାଶ ହେବା ଉଚିତ୍, ସତ୍‌ର ନୁହେଁ । ଇହଲୋକରେ ବାସନା-ତ୍ୟାଗ ପରଲୋକରେ ଭୋଗଦ୍ୱାରା ପରିପୂରିତ ହେବ । ଏ ଉତ୍ତରରେ ଅବଶ୍ୟ ପଣ୍ଡିତମାନେ ସନ୍ତୁଷ୍ଟ ନୁହନ୍ତି । ଅନ୍ୟ ଦିଗରେ ବୌଦ୍ଧ ଆଦି କହୁଛନ୍ତି ଯେ, ବାସନା ଦୁଃଖର ମୂଳ; ତାହାର ନାଶ ହିଁ ଶ୍ରେୟଃ, କିନ୍ତୁ ମଶା ମାରୁ ମାରୁ ମଣିଷ ମାରିଦେଲା ଭଳି ବୌଦ୍ଧାଦି ମତରେ ଦୁଃଖ ନାଶ କରୁ କରୁ ନିଜକୁ ବି ନାଶ କରି ପକାଇଲୁ ।

ସିଦ୍ଧାନ୍ତ ଏହି ଯେ, ଯାହାକୁ ଆମେ ଇଚ୍ଛା ବୋଲି କହୁ, ତାହା ତଦପେକ୍ଷା ଆହୁରି ଉଚ୍ଚତର ଅବସ୍ଥାର ନିମ୍ନ ପରିଣାମ । 'ନିଷ୍କାମ' ଅର୍ଥ ଇଚ୍ଛାଶକ୍ତିରୂପକ ନିମ୍ନ ପରିଣାମର ତ୍ୟାଗ ଓ ଉଚ୍ଚ ପରିଣାମର ଆବିର୍ଭାବ । ଏପରି ଅବସ୍ଥା ମନୋବୁଦ୍ଧିର ଅଗୋଚର, କିନ୍ତୁ ଯେପରି ମୋହର ଦେଖିବାକୁ ଗଲେ ଟଙ୍କା ଏବଂ ପଇସାରୁ ଅତ୍ୟନ୍ତ ପୃଥକ୍ ହେଲେ ମଧ୍ୟ ନିଶ୍ଚିତ ଜାଣୁ ଯେ, ମୋହର ଏ ଦୁହିଁଙ୍କ ଅପେକ୍ଷା ବଡ଼, ସେହିପରି ସେହି ଉଚ୍ଚତମ ଅବସ୍ଥା ବା ମୁକ୍ତି ବା ନିର୍ବାଣ ଯାହା କୁହ, ମନୋବୁଦ୍ଧିର ଅଗୋଚର ହେଲେ ମଧ୍ୟ ଇଚ୍ଛାଦି ସମସ୍ତ ଶକ୍ତି ଅପେକ୍ଷା ବଡ଼, ଯଦିଓ ତାହା ଶକ୍ତି ନୁହେଁ, କିନ୍ତୁ ଶକ୍ତି ତାହାର ପରିଣାମ, ଏଥିପାଇଁ ସେ ବଡ଼; ଯଦି ବି ସେ ଇଚ୍ଛା ନୁହେଁ, କିନ୍ତୁ ଇଚ୍ଛା ତାହାର ନିମ୍ନ ପରିଣାମ, ଏଥିଯୋଗୁଁ ତାହା ବଡ଼ । ଏବେ ବୁଝ, ସକାମ ଓ ପରେ ନିଷ୍କାମ ଭାବରେ ଯଥାଯଥ ଭାବରେ ଇଚ୍ଛାଶକ୍ତିର ପରିଚାଳନାର ଫଳ ଏହି ଯେ, ଇଚ୍ଛାଶକ୍ତି ହିଁ ତଦପେକ୍ଷା ଅନେକ ଉନ୍ନତ ଅବସ୍ଥା ଲାଭ କରିବ ।

୫ । ଗୁରୁମୂର୍ତ୍ତି ପ୍ରଥମେ ଧ୍ୟାନ କରିବାକୁ ହୁଏ, ପରେ ତାହା ଲୟ କରି ଇଷ୍ଟମୂର୍ତ୍ତି ବସାଇବାକୁ ହୁଏ । ଏ ସ୍ଥଳରେ ପ୍ରୀତିପାତ୍ର ହିଁ ଇଷ୍ଟରୂପରେ ଗ୍ରାହ୍ୟ ।

ମନୁଷ୍ୟଠାରେ ଈଶ୍ୱର-ଆରୋପ ଅତ୍ୟନ୍ତ କଠିନ; କିନ୍ତୁ ଚେଷ୍ଟା କରୁ କରୁ ନିଶ୍ଚୟ ସାଫଲ୍ୟ ଲାଭ କରିପାଇପାରେ । ପ୍ରତି ମନୁଷ୍ୟ ମଧ୍ୟରେ ସେ ଅଛନ୍ତି, ସେ ଜାଣୁ ବା ନ ଜାଣୁ; ତୁମର ଭକ୍ତିରେ ସେହି ଈଶ୍ୱରତ୍ୱ-ଉଦୟ ତାହା ମଧ୍ୟରେ ହେବ ହିଁ ହେବ ।

ସତତ କଲ୍ୟାଣାକାଙ୍କ୍ଷୀ, ବିବେକାନନ୍ଦ

[ଏହାର ପରବର୍ତ୍ତୀ କ୍ରମିକ ତିନୋଟି ଚିଠି ୭ମ ଖଣ୍ଡରେ ୩୮୯, ୩୯୦ ଓ ୩୯୧ ସଂଖ୍ୟାରେ ଦିଆଯାଇଛି ।]

୪୯୬ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

ମଠ, ବେଲୁଡ଼, ହାଓଡ଼ା, ୨ମାର୍ଚ୍ଚ ୯୮୯୮

ସ୍ନେହର ମେରି,

ମଦର ଚର୍ଚ୍ଚଙ୍କୁ ଲେଖିଥିବା ଚିଠିରୁ ଆଶାକରେ ମୋ ଖବର ଆଗରୁ ପାଇଛ । ତୁମେ ସମସ୍ତେ—ତୁମ ପରିବାରଟି—ମୋ ପ୍ରତି ଏତେ ସଦୟ ଯେ, ମନେହୁଏ ପୂର୍ବ ଜନ୍ମରେ ମୁଁ ନିଶ୍ଚୟ ତୁମମାନଙ୍କ ମଧ୍ୟରେ ଜଣେ ଥିଲି, ଆମେ ହିନ୍ଦୁମାନେ ଏହିପରି କହିଥାଉଁ । ମୋର ଏକମାତ୍ର ଆକ୍ଷେପ ହେଲା, କେହି କୋଟିପତି ମୋ ପାଖରେ ଜୁଟୁ ନାହାନ୍ତି; ଏହି ମୁହୂର୍ତ୍ତରେ କିଛି କୋଟିପତି ମୋର ଖୁବ୍ ଦରକାର; ମୁଁ ସଂଗଠନ କାମ କରି କରି ଜରାଜୀର୍ଣ୍ଣ ଓ ଓ ଉତ୍ତ୍ୟକ୍ତ ହୋଇଯାଉଛି । ହ୍ୟାରିଯେଟ୍ ଯଦିଓ କୋଟିଗୁଣସଂପନ୍ନ ଜଣକୁ ଲାଭ କରିଛି, ତା' ସହିତ କେତେ କୋଟି ଗୁଣ ଅର୍ଥ ଥିଲେ ଭଲ ମାନିଥାଆନ୍ତା, ସୁତରାଂ ତୁମେ ଯେପରି ପୁଣି ସେହି ଭୁଲ୍ ନ କର ।

କୌଣସି ଏକ ତରୁଣଯୁଗଳଙ୍କର ସ୍ୱାମୀ-ସ୍ତ୍ରୀ ହେବା ପାଇଁ ସବୁକିଛି ଅନୁକୂଳ ଥିଲା, କିନ୍ତୁ କନ୍ୟାପିତାଙ୍କର ଦୃଢ଼ ସଂକଳ୍ପ ଯେ, କୋଟିପତି ବ୍ୟତୀତ ଅନ୍ୟ କାହାକୁ କନ୍ୟାଦାନ କରିବେ ନାହିଁ । ତରୁଣଯୁଗଳ ହତାଶ ହୋଇପଡ଼ିଲେ; ଏହି ସମୟରେ ଜନୈକ ଚତୁର ଘଟକ ଆସି କାର୍ଯ୍ୟୋଦ୍ଧାର କଲେ । ସେ ବରକୁ ପଚାରିଲେ, ଦଶଲକ୍ଷ ମୁଦ୍ରା ବିନିମୟରେ ସେ ତା' ନାକଟି ଦେବାପାଇଁ ପ୍ରସ୍ତୁତ କି ନା । ବର କହିଲା, ନା । ଘଟକ ଜଣକ ତା'ପରେ କନ୍ୟାପିତାଙ୍କ ସମ୍ମୁଖରେ ଶପଥ କରି କହିଲା ଯେ, ବରର ଅନେକ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ସଞ୍ଚିତ ଅଛି । ବିବାହ ହୋଇଗଲା । ହଁ, ତୁମ ପାଇଁ ମଧ୍ୟ କୋଟିପତି ଜୁଟୁ ନାହାନ୍ତି; ଫଳରେ ମୋତେ ମଧ୍ୟ ଟଙ୍କା ମିଳୁ ନାହିଁ । ସେଥିପାଇଁ ମୋତେ ଅନେକ ଦୁର୍ଭାବନାରେ ପଡ଼ିବାକୁ ହେଉଛି ଏବଂ ନିଷ୍ଫଳ କଠୋର ପରିଶ୍ରମ କରିବାକୁ ପଡ଼ୁଛି; ସେଥିପାଇଁ ରୋଗାକ୍ରାନ୍ତ । ହଁ, ଅସଲ କାରଣଟିକୁ ଖୋଜି ବାହାର କରିବା ମୋ ଭଳି ମସ୍ତିଷ୍କର କାମ—ନିଜକୁ ଦେଖି ମୁଁ ମୁଗ୍ଧ ହୋଇଯାଏ !

ଲଣ୍ଡନରୁ ଫେରି ମୁଁ ଯେତେବେଳେ ଦକ୍ଷିଣ ଭାରତରେ ଏବଂ ଲୋକମାନେ ଯେତେବେଳେ ମୋତେ ଉତ୍ସବ ଓ ଭୋଜିରେ ଆପ୍ୟାୟିତ କରୁଛନ୍ତି ଏବଂ ମୋଠାରୁ ଷୋହଳ ଅଣା କାମ ଆଦାୟ କରୁଛନ୍ତି, ସେହି ସମୟରେ ଗୋଟିଏ ବଂଶଗତ ପୁରୁଣା ରୋଗ

ଦେଖାଦେଲା । ରୋଗର ପ୍ରବଣତା (ସମ୍ଭାବନା) ସବୁଦିନେ ଥିଲା, ଏବେ ଅତ୍ୟଧିକ ମାନସିକ ପରିଶ୍ରମ ହେତୁ ତାହା ଆତ୍ମପ୍ରକାଶ କଲା । ସଙ୍ଗେ ସଙ୍ଗେ ଦେହରେ ଦେଖାଦେଲା ସମ୍ପୂର୍ଣ୍ଣ ଅକ୍ଷମତା ଓ ନିତାନ୍ତ ଅବସାଦ । ମୋତେ ସଙ୍ଗେ ସଙ୍ଗେ ମାନ୍ଦ୍ରାଜ ଛାଡ଼ି ଅପେକ୍ଷାକୃତ ଥଣ୍ଡା ଉତ୍ତରାଞ୍ଚଳକୁ ଆସିବାକୁ ପଡ଼ିଲା; ଗୋଟିଏ ଦିନ ଡେରି କରିବା ମାନେ ଆଉ ଗୋଟିଏ ଜାହାଜ ଧରିବା ପାଇଁ ଆଉ ଗୋଟିଏ ସପ୍ତାହ ସେହି ପ୍ରଚଣ୍ଡ ଗରମରେ ଅପେକ୍ଷା କରିବା । ଗୋଟିଏ କଥା ମନେପଡ଼ିବାରୁ କହୁଛି—ମୁଁ ପରେ ଜାଣିଲି ଯେ, ମିଃ ବ୍ୟାରୋଜ୍ ତା' ପରଦିନ ମାନ୍ଦ୍ରାଜରେ ଆସି ପହଞ୍ଚିଥିଲେ ଏବଂ ତାଙ୍କର ପ୍ରତ୍ୟାଶା ଅନୁସାରେ ମୋତେ ସେଠାରେ ନ ପାଇ ଅତ୍ୟନ୍ତ ରୁଷ୍ଟ ହୋଇଥିଲେ—ଯଦିଓ ମୁଁ ତାଙ୍କର ରହିବାର ସ୍ଥାନ ଓ ସମ୍ବର୍ଦ୍ଧନାର ବ୍ୟବସ୍ଥା କରି ଆସିଥିଲି । ବିଚରା ଜାଣେନା ଯେ, ମୁଁ ସେତେବେଳେ ସମ୍ପୂର୍ଣ୍ଣ ମରଣାପନ୍ନ ।

ଗତ ଗ୍ରୀଷ୍ମଋତୁଟା ହିମାଳୟରେ ବୁଲିବୁଲିଛି; ଦେଖିଲି ଥଣ୍ଡା ଜଳବାୟୁକୁ ଆସିବା ମାତ୍ରେ ସୁସ୍ଥ ବୋଧ କରେ । କିନ୍ତୁ ସମତଳ ଅଞ୍ଚଳର ଗରମକୁ ଯାଉ ନ ଯାଉଣୁ ପୁନର୍ବାର ଶଯ୍ୟାଶାୟୀ ହୋଇଯାଏ । ଏବେ କଲିକତାରେ ଭୀଷଣ ଗରମ ପଡ଼ୁଛି, ସେଥିପାଇଁ ମୋତେ ପୁଣି ପଳାଇଯିବାକୁ ହେବ । ଏଥର ସୁଶୀତଳ ଆମେରିକାକୁ, କାରଣ ମିସେସ୍ ବୁଲ୍ ଓ ମିସ୍ ମ୍ୟାକ୍‌ଲିଓଡ୍ ଏବେ ଏଠାରେ ଅଛନ୍ତି । କଲିକତାରେ ଗଙ୍ଗାକୂଳରେ ସଙ୍ଘ ପାଇଁ ଖଣ୍ଡିଏ ଜମି କିଣିଛି । ଏହିଠାରେ ଗୋଟିଏ ଛୋଟ ଘରେ ଏମାନେ ବାସ କରୁଛନ୍ତି; ଖୁବ୍ ପାଖରେ, ଯେଉଁଠି ଏବେ ମଠ ସ୍ଥାପିତ ହୋଇଛି ସେହି ଘରେ ଆମେ ରହୁଛୁ ।

ପ୍ରତିଦିନ ସେମାନଙ୍କୁ ଦେଖାକରେ । ଏଥିରେ ସେମାନେ ମଧ୍ୟ ଖୁବ୍ ଆନନ୍ଦିତ । ମାସେ ପରେ କାଶ୍ମୀର-ଭ୍ରମଣରେ ଯିବା ପାଇଁ ସେମାନଙ୍କର ଇଚ୍ଛା; ଯଦି ସେମାନେ ଚାହାଁନ୍ତି, ମୁଁ ତାଙ୍କ ସଙ୍ଗରେ ଯିବି—ପରାମର୍ଶଦାତା, ବନ୍ଧୁ ଓ ସମ୍ଭବତଃ ଦାର୍ଶନିକ ହିସାବରେ । ତା'ପରେ ଆମେ ସମସ୍ତେ ସମୁଦ୍ର-ପଥରେ ସ୍ୱାଧୀନତା ଓ କୁସଂସ୍କାରହୀନତାର ଦେଶ ଉଦ୍ଦେଶ୍ୟରେ ଯାତ୍ରା କରିବୁ ।

ତୁମେ ମୋ ପାଇଁ ଉଦ୍‌ବିଗ୍ନ ହେବ ନାହିଁ, କାରଣ ରୋଗଟା ମୋତେ ଆଉ ଦୁଇ ତିନି ବର୍ଷ ଟାଣି ନେଇଯିବ । ଖୁବ୍ ବେଶୀ ହେଲେ ନିର୍ଦ୍ଦୋଷ ସଙ୍ଗୀ ହିସାବରେ ରହିପାରେ । ମୋର କୌଣସି ଦୁଃଖ ନାହିଁ । କେବଳ କାମଟାକୁ ସଜାଡ଼ି ନେବା ପାଇଁ କଠୋର ପରିଶ୍ରମ କରୁଛି—କେବଳ ଏଥିପାଇଁ ଯେ, ମୁଁ ଯେତେବେଳେ ରଙ୍ଗମଞ୍ଚରୁ ଅପସରିଯିବି, ସେତେବେଳେ ମଧ୍ୟ ଯନ୍ତ୍ରଟି ଯେପରି ଆଗେଇ ଚାଲେ । ଅନେକ ପୂର୍ବରୁ ଯେଉଁଦିନ ମୁଁ ଜୀବନକୁ ବିସର୍ଜନ ଦେଇଛି, ସେହିଦିନ ହିଁ ମୃତ୍ୟୁକୁ ଜୟ କରିଛି । ମୋର ଏକମାତ୍ର ଦୁଶ୍ଚିନ୍ତା ହେଲା 'କାମ', ଏପରିକି ତାହା ମଧ୍ୟ ପ୍ରଭୁଙ୍କୁ ସମର୍ପଣ କରିଦେଇଛି, ସେ ହିଁ ସବୁଠାରୁ ଭଲ ଜାଣନ୍ତି ।

ସତତ ପ୍ରଭୁସମୀପେ ତୁମର, ବିବେକାନନ୍ଦ

**୪୨ଶଇଂ** ଦାର୍ଜିଲିଂ, ୪ ଏପ୍ରିଲ ୧୮୯୮

ପ୍ରିୟ ଧୀରାମାତା,

କଲିକତାର ଗରମରେ ଆପଣ ନିଶ୍ଚୟ ସିଝିଯାଉଛନ୍ତି । ଏଠାରେ ସୁନ୍ଦର ଥଣ୍ଡା, ଏବଂ ବର୍ଷା ହେଲେ, ଯାହାକି ସବୁଦିନ ହୁଏ, ବେଶ୍ କାଲୁଆ । କାଲି ତୁଷାରପାତର ଦୃଶ୍ୟ ଥିଲା ଅତି ଚମତ୍କାର । ପୃଥିବୀରେ ଏହା ସବୁଠାରୁ ଛବିପରି ଦେଖିଲାଭଳି ସହର । ଘରଆଡ଼େ କି ରଙ୍ଗି ରଙ୍ଗି ରଙ୍ଗ, ବିଶେଷତଃ ଲେପଚ୍ଚା, ଭୁଟିୟା ଓ ପାହାଡ଼ୀ ଲୋକମାନଙ୍କର ପୋଷାକ ପରିଚ୍ଛଦରେ ! ସବୁ ଜାଗାରେ ଶ୍ରୀହୀନ ଛୋଟ-ଛୋଟିଆ ଲୁହା-ଗୃହରରେ ଛାଆରି ଗୁଡ଼ିସବୁ ନ ଥିଲେ ଆହୁରି କୋଡ଼ିଏ ଗୁଣ ଛବି ଭଳି ସୁନ୍ଦର ହୋଇଥାଆନ୍ତା ।

କଲିକତାରେ ମୋ ସ୍ୱାସ୍ଥ୍ୟ ଖରାପ ନ ଥିଲା । ଏଠାରେ ମଧ୍ୟ ସେହିପରି । କେବଳ ଚିନି ଆଦୌ ନାହିଁ ଏବଂ ଆପେକ୍ଷିକ ଗୁରୁତ୍ୱ (Specific gravity) ମାତ୍ର ୧୩ । କାଲି ରାତିରେ ଭଲ ନିଦ ହୋଇଥିଲା । ସକାଳେ କେତେକ ମାଇଲ ପର୍ବତାରୋହଣ ମୋର ମେଦବହୁଳ ଦେହ ନିମିତ୍ତ ଆଉ ସୁହାଉ ନାହିଁ । ଫ୍ଲାନେଲ୍ ପୋଷାକ ପିନ୍ଧିବା ଦ୍ୱାରା ଅବସ୍ଥା ଆହୁରି ଖରାପ, ସେଥି ନିମିତ୍ତ ତାକୁ ଛାଡ଼ି ଗ୍ରୀଷ୍ମକାଳୀନ ପରିଚ୍ଛଦ ପିନ୍ଧି ଭଲ ଅଛି ।

ମୁଁ ଆଗରୁ ଷ୍ଟର୍ଡିର ଚିଠିଟି ଆପଣଙ୍କ ପାଖକୁ ପଠାଇଛି । ବିଚରା ! ତା' ପାଇଁ ମୁଁ ଯେ କଅଣ କରିପାରିବି ଜାଣିପାରୁ ନାହିଁ । ସେ ପ୍ରକୃତରେ ନିଜ ସୃଷ୍ଟ ମରୁଭୂମିରେ ବାସ କରୁଛି । ଗୋଟିଏ କିନିଷ ସମସ୍ତଙ୍କ ପାଇଁ ଭଲ ନୁହେଁ । ବସ୍ତୁତଃ ବିବାହ ତାହା ପାଇଁ ନରକରେ ପରିଣତ ହେଲା । ସେ ଯଦିବା ଆସିପାରୁ ନାହିଁ, କହୁଛି ଯେ, ସେ ଭାରତର ଉପକୂଳ ପରିଭ୍ରମଣ କରୁଛି । ପ୍ରଭୁ ବିଚରାକୁ ସହାୟ ହୁଅନ୍ତୁ, ତା'ର ସକଳ ବନ୍ଧନ ମୋଚନ କରନ୍ତୁ, ଅଚିରେ ତାକୁ ମୁକ୍ତ କରନ୍ତୁ । ହଁ, ସେ ଯେ ଶୃଙ୍ଖଳ ଅନୁଭବ କରୁଛି ଏବଂ ଯନ୍ତ୍ରଣାର ଚକ୍ରକୁ ଆଲିଙ୍ଗନ ଓ ଚୁମ୍ବନ କରୁ ନାହିଁ, ଏହା ଭଲ ।

ଗତକାଲି ଏଠାରେ ହିନ୍ଦୁମାନଙ୍କ ନିକଟରେ ଗୋଟିଏ ଶ୍ରେଷ୍ଠ ଭାଷଣ ଦେଇଥିଲି । ଇଚ୍ଛା କରି ଏବଂ ସେମାନଙ୍କର ସମ୍ମତି ନେଇ ସେମାନଙ୍କର ସମସ୍ତ ଦୋଷ ତ୍ରୁଟି କହିଥିଲି । ଆଶା କରେ ଏ ନେଇ ସେମାନଙ୍କ ମଧ୍ୟରେ ଗର୍ଜନ ତର୍ଜନ ହେବ ।

ମିସ୍ ମୁଲର୍ ଏଠାରେ ଗୋଟିଏ ବଙ୍ଗଳା ନେଇଛନ୍ତି ଏବଂ ବୁଧବାର ଆସୁଛନ୍ତି । ମିସ୍ ନୋବଲ୍ ତାଙ୍କ ସାଥିରେ ଆସୁଛନ୍ତି କି ନା ଜାଣେ ନାହିଁ । ମୋର ପୂର୍ବ ପରିକଳ୍ପନା ଅନୁଯାୟୀ ତା'ର (ମିସ ନୋବଲ୍‌ର) ଆପଣଙ୍କ ସହିତ କାଶ୍ମୀରରେ ରହିବା ଭଲ ହେବ ।

ଆପଣ ବର୍ତ୍ତମାନ ସେ ଜାଗାଟି ପାଇଛନ୍ତି ନା ସ୍ଥାନ ପରିବର୍ତ୍ତନ କରିଛନ୍ତି ? ଯାହା ହେଉ ମୋର ପ୍ରତିଶ୍ରୁତି ଅନୁଯାୟୀ ମୁଁ କାଶ୍ମୀର ଯିବି ।

କିଛି ଦିନ ଏଠାରେ ଅଛି, ତା'ପରେ କଲିକତାରେ; ସେଠାରେ ମାତ୍ର ଏକ ସପ୍ତାହ ରହି ଉତ୍ତର-ପଶ୍ଚିମ ଦିଗକୁ ଯିବି । ଅବଶ୍ୟ ଉତ୍ତର-ପଶ୍ଚିମ ପ୍ରଦେଶରେ (ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ) ବର୍ତ୍ତମାନ କିଛି ଦେଖିବାର ସମୟ ନୁହେଁ । ସେଠାରେ ବର୍ତ୍ତମାନ ସବୁ କିଛି ଉତ୍ତପ୍ତ । ତଥାପି ବଙ୍ଗଳାର ଉତ୍ତାପ ଅପେକ୍ଷା ତାହା ସ୍ୱାସ୍ଥ୍ୟକର ।

ସତତ ପ୍ରଭୁ ସମୀପେ ଆପଣଙ୍କର, ବିବେକାନନ୍ଦ

**୪୧୪ଇଂ** (ମିସ ମାକଲାଉଡ଼ଙ୍କୁ ଲିଖିତ)

ଦାର୍ଜିଲିଂ, ୧୮ ଅପ୍ରେଲ ୧୮୯୮

ପ୍ରିୟ ଜୋ ଜୋ,

ମୁଁ ଜ୍ୱରରେ ଶଯ୍ୟାଗତ ଥିଲି । ଏହା ସମ୍ଭବତଃ ଅତ୍ୟଧିକ ପର୍ବତାରୋହଣ ଏବଂ ଏହି ସ୍ଥାନର ଅସ୍ୱାସ୍ଥ୍ୟକର ଅବସ୍ଥା ଯୋଗୁଁ ହୋଇଥିବ । ଆଜି ମୁଁ ପୂର୍ବାପେକ୍ଷା ଭଲ ଅଛି ଏବଂ ଦିନେ ଦୁଇ ଦିନ ମଧ୍ୟରେ ହିଁ ଏଠାରୁ ଚାଲିଯିବାକୁ ଇଚ୍ଛା । କଲିକତାରେ ଖୁବ୍ ଗରମ ହେଲେ ମଧ୍ୟ ସେଠାରେ ମୋର ବେଶ୍ ନିଦ ହେଉଥିଲା ଏବଂ ରୋଗ ମଧ୍ୟ ମନ୍ଦ ହେଉ ନ ଥିଲା । ଏଠାରେ ଦୁଇଟିଯାକ ହରାଇଛି—ଏତିକି ଯାହା ଲାଭ !

ମାର୍ଗାରେଟ୍ ସମ୍ବନ୍ଧରେ ଏବେ ସୁଦ୍ଧା ମିସ୍ ମୁଲର୍ଙ୍କ ସଙ୍ଗରେ ଦେଖା କରି କହିପାରି ନାହିଁ; କିନ୍ତୁ ଆଜି ତାଙ୍କୁ ପତ୍ର ଲେଖିବାର ଇଚ୍ଛା ଅଛି । ମାର୍ଗାରେଟ୍ ଏଠାକୁ ଆସିବେ ବୋଲି ସେ ସବୁ ଆୟୋଜନ କରିଛନ୍ତି । ସେମାନଙ୍କୁ ବଙ୍ଗଳା ଶିଖାଇବା ପାଇଁ ମିଷ୍ଟର୍ ଗୁପ୍ତଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି । ମିସ୍ ମୁଲର୍ ବୋଧହୁଏ ବର୍ତ୍ତମାନ ମାର୍ଗାରେଟ୍ଙ୍କ ପାଇଁ କିଛି କରିବେ, ତଥାପି ମୁଁ ତାଙ୍କୁ ଲେଖିବି ।

ଏ ଦେଶରେ ଥିବା ସମୟରେ ମାର୍ଗାରେଟ୍ ଯେକୌଣସି ସମୟରେ କାଶ୍ମୀର ଦେଖିବାକୁ ଯାଇପାରନ୍ତି, କିନ୍ତୁ ମିସ୍—ଯଦି ରାଜି ନ ହୁଅନ୍ତି, ତା' ହେଲେ ହିଁ ପୁଣି ଗୋଟାଏ ବଡ଼ ଗଣ୍ଡଗୋଳ ହେବ, ଆଉ ସେଥିରେ ତାଙ୍କର ଓ ମାର୍ଗାରେଟ୍ଙ୍କର ଉଭୟଙ୍କର ହିଁ କ୍ଷତି ହେବ ।

ପୁଣି ଆଲମୋଡ଼ା ଯିବି କି ନାହିଁ, ସ୍ଥିର ନାହିଁ । ମନେହୁଏ, ଅଧିକ ଅଶ୍ୱାରୋହଣ ଫଳରେ ପୁଣି ରୋଗର ଆକ୍ରମଣ ହେବା ନିଶ୍ଚିତ । ମୁଁ ତୁମ ଲାଗି ସିମଲାରେ ଅପେକ୍ଷା କରିବି । ଇତିମଧ୍ୟରେ ତୁମେ ହେଡ଼ଅଫିସମାନଙ୍କ ସଙ୍ଗରେ ଦେଖାସାକ୍ଷାତ୍ ଶେଷ କରିନିଅ । କାର୍ଯ୍ୟ ଆରମ୍ଭ କରି ତେବେ ଏ ବିଷୟରେ ଭାବି ଦେଖିବି । ମିସ୍ ନୋବଲ୍ ରାମକୃଷ୍ଣ ମିଶନରେ ଗୋଟିଏ ବକ୍ତୃତା ଦେଇଥିଲେ ଜାଣି ମୁଁ ଖୁବ୍ ଆନନ୍ଦିତ ହୋଇଛି ।

ତୁମମାନଙ୍କର ତ୍ରିମୂର୍ତ୍ତିଙ୍କୁ ଆନ୍ତରିକ ପ୍ରୀତି ଜଣାଉଛି । ଇତି

ସତତ ଭଗବଦାଶ୍ରିତ ତୁମମାନଙ୍କର, ବିବେକାନନ୍ଦ

**୪୧୫** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଦାର୍ଜିଲିଂ, ୨୩ ଅପ୍ରେଲ ୧୮୯୮

ଅଭିନ୍ନହୃଦୟେଷୁ,

ସନ୍ଦୁକଫୁ (Sandukaphu 11,924) ପ୍ରଭୃତି ସ୍ଥାନରୁ ଆସିବାପରଠାରୁ ଦେହ ଖୁବ୍ ଭଲ ଥିଲା, କିନ୍ତୁ ପୁନର୍ବାର ଦାର୍ଜିଲିଂ ଆସିବା ପରେ ପ୍ରଥମେ ଜ୍ୱର, ତାହା ଭଲ ହୋଇ ସର୍ଦ୍ଦିକାଶରେ ଭୋଗୁଛି । ପ୍ରତିଦିନ ପଳାଇବାକୁ ଚେଷ୍ଟା କରେ; ଏମାନେ ଆଜିକାଲି କରି ଡେରି କରାଇଦେଲେ । ଯାହାହେଉ, କାଲି ରବିବାର, ଏ ସ୍ଥାନରୁ ଯାତ୍ରାପଥରେ

ଖର୍ଷାନରେ ଦିନେ ରହି ସୋମବାର କଲିକତା ଯାତ୍ରା । ଏଠାରୁ ଗୁଡ଼ଲମାନଙ୍କ ଭାର କରିବ । ରାମକୃଷ୍ଣ ମିଶନର ଗୋଟିଏ anniversary meeting (ବାର୍ଷିକ ସଭା) କରିବା ଉଚିତ ଏବଂ ମଠର ଗୋଟିଏ ହେବା ଉଚିତ । ସେଥିରେ ଦୁଇ ଜାଗାରେ ହିଁ famine relief (ଦୁର୍ଭିକ୍ଷରେ ସାହାଯ୍ୟ)ର ହିସାବ submit (ପେଶ୍) କରିବାକୁ ହେବ ଏବଂ famine relief-ଟି publish (ପ୍ରକାଶ) କରିବାକୁ ହେବ । ଏସମସ୍ତ ଛଆରିକରି ରଖିବ ।

ନିତ୍ୟଗୋପାଳ କହୁଛି—ଇଂରାଜୀ କାଗଜଟାରେ ଖରଚ ଅଳ୍ପ; ଅତଏବ ପ୍ରଥମେ ତାହା ବାହାର କରିବା ପରେ ବଙ୍ଗଳାଟା ଦେଖାଯିବ । ଏସମସ୍ତ ମଧ୍ୟ ବିବେଚନା କରି ଦେଖିବାକୁ ହେବ । ଯୋଗେନ କାଗଜର ଭାର ନେବାକୁ ରାଜି ଅଛି ? ଶଶୀ ଲେଖିଛି—ଶରତ୍ ଯଦି ଥରେ ମାନ୍ଦ୍ରାଜ ଯାଏ ତାହାହେଲେ ସେମାନେ ଲେକ୍ଚର tour (ପର୍ଯ୍ୟଟନ) କରିବେ । ବାବା, ବର୍ତ୍ତମାନ ଯେଉଁ ଗରମ ! ଶରତ୍‌କୁ ପଚାରିବ—ଜି.ସି., ସାରଦା, ଶଶୀବାବୁ ପ୍ରଭୃତି articles (ପ୍ରବନ୍ଧ) ଛଆରିକରି ରଖିଛନ୍ତି କି ନାହିଁ । ମିସେସ ବୁଲ୍, ମାକ୍‌ଲଉଡ୍ ଓ ନିବେଦିତାଙ୍କୁ ମୋର ପ୍ରୀତି ଓ ଶୁଭେଚ୍ଛା ଦେବ । ଆମ୍ଭକେ ପ୍ରୀତି ଜାଣିବ ।

ବିବେକାନନ୍ଦ

୪୧୭ଇଂ (ମିସ୍ ମାକ୍‌ଲଉଡ୍‌ଙ୍କୁ ଲିଖିତ)

ଦାର୍ଜିଲିଂ, ୨୯ ଅପ୍ରେଲ ୧୮୯୮

ପ୍ରିୟ ଜୋ ଜୋ,

ମୋର ଅନେକଥର ଜ୍ୱର ହୋଇଗଲା—ଅବଶେଷରେ ଇନଫ୍ଲୁଏଞ୍ଜା । ବର୍ତ୍ତମାନ ତାହା ଅବଶ୍ୟ ଭଲ ହୋଇଯାଇଛି, କିନ୍ତୁ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି । ଚାଲିବା ପାଇଁ ଉପଯୁକ୍ତ ଶକ୍ତିଲାଭ କଲେ ହିଁ ମୁଁ କଲିକତାରେ ଯାଇ ପହଞ୍ଚିବ ।

ରବିବାର ମୁଁ ଦାର୍ଜିଲିଂ ଛାଡ଼ିବି; ବାଟରେ ହୁଏତ ଦିନେ ଦୁଇଦିନ କାର୍ସିଆଂରେ କଟାଇବି; ତା'ପରେ ସିଧା କଲିକତାକୁ । କଲିକତାରେ ନିଶ୍ଚୟ ବର୍ତ୍ତମାନ ଭୟଙ୍କର ଗରମ । ତୁମେ ସେଥିପାଇଁ ଭାବିବ ନାହିଁ—ଇନଫ୍ଲୁଏଞ୍ଜା ପକ୍ଷରେ ତାହା ଭଲ ହିଁ ହେବ । କଲିକତାରେ ଯଦି ପ୍ଲେଗ ଆରମ୍ଭ ହୁଏ, ତେବେ ମୋର ଆଉ କେଉଁଠିକି ଯିବା ହେବ ନାହିଁ; ତୁମେ ତାହାହେଲେ ସଦାନନ୍ଦ ସଙ୍ଗରେ କାଶ୍ମୀର ଚାଲିଯାଅ । ବୃଦ୍ଧ ଦେବେନ୍ଦ୍ରନାଥ ଠାକୁର ମହାଶୟଙ୍କୁ ତୁମର କପରି ମନେହେଲା ? ଚନ୍ଦ୍ରଦେବତା ଓ ସୂର୍ଯ୍ୟଦେବତା ସମେତ 'ହଂସ ବାବା' ଯେପରି ଫିଟ୍‌ଫାଟ୍ ହୋଇ ଥାଆନ୍ତି, ଏ ଅବଶ୍ୟ ସେପରି ନୁହନ୍ତି । ଅନ୍ଧକାର ରାତିରେ ଯେତେବେଳେ ଅଗ୍ନିଦେବତା, ସୂର୍ଯ୍ୟଦେବତା, ଚନ୍ଦ୍ରଦେବତା ଓ ତାରକାଦେବୀମାନେ ଶୋଇପଡ଼ନ୍ତି, ସେତେବେଳେ କିଏ ତୁମର ଅନ୍ତର ଆଲୋକିତ କରନ୍ତି ? ମୁଁ ତ ଏଇଟିକିକି ଆବିଷ୍କାର କରିଛି ଯେ, କ୍ଷୁଧା ହିଁ ମୋର ଚୈତନ୍ୟକୁ ଜଗାଇ ରଖେ । ଅହା, ଆଲୋକର ଐକ୍ୟ-ରୂପକ ମହାନ୍ ମତବାଦଟି କି ଅପୂର୍ବ ! ଭାବିଲି ଦେଖି, ଏହି ମତବାଦର ଅଭାବରେ ଜଗତ୍ ବହୁଯୁଗ ଧରି କି ଅନ୍ଧକାରରେ ନ ଥିଲା ! ଏହିସବୁ ଜ୍ଞାନ, ପ୍ରେମ ଓ କର୍ମ ଏବଂ ଯେତେ

ବୁଦ୍ଧ, କୃଷ୍ଣ ଓ ଖ୍ରୀଷ୍ଟ ଆସିଥିଲେ, ସବୁ ହିଁ ବୃଥା । ସେମାନଙ୍କର ଜୀବନ ଓ କାର୍ଯ୍ୟ ସମ୍ପୂର୍ଣ୍ଣ ବୃଥା ହୋଇଛି; କାରଣ ରାତରେ ଯେତେବେଳେ ସୂର୍ଯ୍ୟ ଓ ଚନ୍ଦ୍ର ତମିସ୍ରଲୋକରେ ବୁଡ଼ିଯାଆନ୍ତି, ସେତେବେଳେ କିଏ ଯେ ଅନ୍ତରର ଆଲୁଅ ଜଳାଇ ରଖନ୍ତି, ଏ ତତ୍ତ୍ୱ ତ ସେମାନେ ଆବିଷ୍କାର କରିପାରି ନାହାନ୍ତି !! ବଡ଼ ମୁଖରୋଚକ—କଅଣ କହୁଛ ?

ମୁଁ ଯେଉଁ ସହରରେ ଜନ୍ମିଛି, ସେଠାରେ ଯଦି ପ୍ଲେଗ୍ ଆସି ପଡ଼େ, ତେବେ ମୁଁ ତାହାର ପ୍ରତିକାରକଳ୍ପେ ଆତ୍ମୋତ୍ସର୍ଗ କରିବି ବୋଲି ସ୍ଥିର କରିଛି; ଆଉ ଜଗତରେ ଯେତେ ଜ୍ୟୋତିଷ୍କ ଆଜିପର୍ଯ୍ୟନ୍ତ ଆଲୋକ ଦେଇଛନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ଆହୁତି ଦେବା ଅପେକ୍ଷା ଏହି ଉପାୟଟା ମୋର ନିର୍ବାଣଲାଭର ଉତ୍କୃଷ୍ଟତର ଉପାୟ ।

ମାନ୍ଦ୍ରାଜ ସହିତ ବହୁତ ଚିଠି ଆଦାନ-ପ୍ରଦାନ ଫଳରେ ଏତିକି ହୋଇଛି ଯେ, ବର୍ତ୍ତମାନ ମୋତେ ସେମାନଙ୍କ ପାଇଁ କୌଣସି ସାହାଯ୍ୟ ପଠାଇବାକୁ ହେବ ନାହିଁ । ପ୍ରତ୍ୟୁତ ମୁଁ କଲିକତାରେ ଖଣ୍ଡିଏ କାଗଜ ଚଳାଇବି । ତୁମେ ଯଦି ସେହି କାଗଜ ଚାଲୁ କରିବାରେ ମୋତେ ସାହାଯ୍ୟ କର, ତେବେ ମୁଁ କୃତଜ୍ଞ ହେବି । ଚିରକାଳ ପାଇଁ ମୋର ଅସରନ୍ତି ପ୍ରୀତି ଜାଣିବ । ଇତି

ସଦାପ୍ରଭୁପଦାଶ୍ରିତ, ବିବେକାନନ୍ଦ

୪୯୭ଇଂ

ଆଲମୋଡ଼ା, ୨୦ ମେ ୧୮୯୮

କଲ୍ୟାଣୀୟା ମିସ୍ ନୋବଲ୍,

…କର୍ତ୍ତବ୍ୟର ଶେଷ ନାହିଁ; ପୁଣି ଜଗତ ଅତ୍ୟନ୍ତ ସ୍ୱାର୍ଥପର । ତୁମେ ଦୁଃଖ କର ନାହିଁ; 'ନ ହି କଲ୍ୟାଣକୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି'—(କଲ୍ୟାଣକାରୀ କେହି ଦୁର୍ଗତି ପ୍ରାପ୍ତ ହୁଏ ନାହିଁ) । ଇତି

ସତତ ତୁମମାନଙ୍କର, ବିବେକାନନ୍ଦ

୪୯୮ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଆଲମୋଡ଼ା, ୨୦ ମଇ ୧୮୯୮

ଅଭିନ୍ନହୃଦୟେଷୁ,

ତୁମ ପତ୍ରରୁ ସକଳ ସମାଚାର ଅବଗତ ହେଲି ଓ ତୁମ ତାରର ଜବାବ ପୂର୍ବରୁ ଦେଇଛି । ନିରଞ୍ଜନ ଓ ଗୋବିନ୍ଦଲାଲ ସାହା କାଠଗୋଦାମରେ ଯୋଗୀନ୍-ମାଙ୍କୁ ନିଶ୍ଚୟ ଅପେକ୍ଷା କରିବେ । ମୁଁ ନୈନିତାଲରେ ପହଞ୍ଚିଲା ବେଳକୁ ବାବୁରାମ ଏଠାରୁ ଘୋଡ଼ାରେ ଚଢ଼ି କାହାରି କଥା ନ ଶୁଣି ନୈନିତାଲକୁ ଯାଇଥିଲା ଏବଂ ଆସିବାଦିନ ମଧ୍ୟ ଘୋଡ଼ାରେ ଚଢ଼ି ଆମ ସଙ୍ଗରେ ଆସିଥିଲା । ମୁଁ ଡୋଲିରେ ଚଢ଼ି ଅନେକ ପଛରେ ପଡ଼ିଥିଲି । ରାତରେ ଯେତେବେଳେ ଡାକବଙ୍ଗଳାରେ ପହଞ୍ଚିଲି, ଶୁଣିଲି, ବାବୁରାମ ପୁଣି ଘୋଡ଼ାରୁ ପଡ଼ିଯାଇଛି ଓ ହାତରେ ଆଘାତ ଲାଗିଛି—ହାଡ଼ ଭାଙ୍ଗି ନାହିଁ, ଏବଂ ଧମକ ଖାଇବା ଭୟରେ ଦେଶୀ ଡାକବଙ୍ଗଳାରେ ଅଛି; କାରଣ ପଡ଼ିଯିବା ହେତୁ ମିସ୍ ମାକ୍ଲାଉଡ୍ ତାହାକୁ ଡୋଲି ଦେଇ

ନଙ୍କେ ତାହାର ଘୋଡ଼ାରେ ଆସିଛନ୍ତି । ସେହି ଗଡ଼ରେ ଆଉ ମୋ ସହିତ ଦେଖା ହୋଇ ନାହିଁ । ପରହିନ ଡୋଲି ଯୋଗାଡ଼ କରୁଛୁ—ଇତ୍ୟବସରେ ଶୁଣିଲି ସେ ପାଦରେ ଚାଲି ଚାଲି ଯାଇଛି । ସେଦିନଠାରୁ ତା'ର ଆଉ କୌଣସି ଖବର ନାହିଁ । ଗୋଟିଏ ଦୁଇଟି ଜାଗାକୁ ତାର କରିଛୁ; କିନ୍ତୁ ଖବର ନାହିଁ । ବୋଧହୁଏ କେଉଁ ଗ୍ରାମରେ··· ବସିଛି ।

ଯୋଗୀନ-ମା ପାଇଁ ଡୋଲି ହେବ; କିନ୍ତୁ ବାକି ସମସ୍ତଙ୍କୁ ପାଦରେ ଚାଲିବାକୁ ହେବ ।

ମୋ ଦେହ ଅପେକ୍ଷାକୃତ ଅନେକ ଭଲ, କିନ୍ତୁ ଡିସ୍‌ପେପ୍‌ସିଆ (ଅଜୀର୍ଣ୍ଣତା) ଯାଇ ନାହିଁ ଏବଂ ପୁନର୍ବାର ଅନିଦ୍ରା ଆସିଛି । ତୁମେ ଯଦି ଡିସ୍‌ପେପ୍‌ସିଆର ଗୋଟାଏ ଭଲ କବିରାଜି ଔଷଧ ଶୀଘ୍ର ପଠାନ୍ତି, ଭଲ ହୁଅନ୍ତା ।

ସେଠାରେ ଯେ ଗୋଟିଏ-ଦୁଇଟି କେସ୍ (ରୋଗର ଆକ୍ରମଣ) ବର୍ତ୍ତମାନ ହେଉଛି, ସେଥିପାଇଁ ସରକାରୀ ପ୍ଲେଗ୍ ହାସପାତାଲରେ ଅନେକ ଜାଗା ଅଛି ଏବଂ wardରେ wardରେ (ପ୍ରତି ମହାଲରେ) ମଧ୍ୟ ହାସପାତାଲ ହେବାର କଥା ଚାଲିଛି । ଏସବୁ ଦେଖି ଏବଂ ଆବଶ୍ୟକତା ବୁଝି ଯାହା ଭଲ ହେବ କରିବ । ତେବେ ବାଗ୍‌ବଜାରରେ କିଏ କଅଣ କହୁଛି ତାହା public opinion (ଜନସାଧାରଣଙ୍କର ମତ) ନୁହେଁ ଜାଣିବ ।··· ଆବଶ୍ୟକ ବେଳେ ଅଭାବ ଯେପରି ନ ହୁଏ ଓ ଅନର୍ଥକ ଅର୍ଥ ବ୍ୟୟ ନ ହୁଏ—ଏହିସବୁ ଦେଖି କାର୍ଯ୍ୟ କରିବ ।

ରାମଲାଲ ପାଇଁ ବିଶେଷ ଭାବରେ ରଘୁବୀରଙ୍କ ନାମରେ ଜାଗା କିଣିଦେବ । ସେଥିରେ ଉପସ୍ଥିତ ମା-ଠାକୁରାଣୀ ଓ ତାଙ୍କର ଅବର୍ତ୍ତମାନରେ ରାମଲାଲ, ଶିବୁ ସେମାନଙ୍କର ଉତ୍ତରାଧିକାରୀ ସେବାୟତ ରହିବେ, ଅଥବା ଯେପରି ଭଲ ହୁଏ କରିବ । ଘର ତୁମେ ଯେମିତି ଭଲ ବୁଝିବ ବର୍ତ୍ତମାନ ଆରମ୍ଭ କରିଦେବ; କାରଣ ନୂଆ ଘରେ ଦୁଇ ଏକମାସ ବାସ କରିବା ଠିକ୍ ନୁହେଁ, damp (ସନ୍ତସନ୍ତିଆ) ହୁଏ ।··· ପରେ ଗଙ୍ଗାକୂଳରେ ବନ୍ଦି ହେବ । କାଗଜ ପାଇଁ ଟଙ୍କାର ଚେଷ୍ଟା ହେଉଛି । ଯେଉଁ ୧୨୦୦ ଟଙ୍କା ତୁମେ କାଗଜ ପାଇଁ ଦେଇଛି, ତାହା ସେହି ହିସାବରେ ଯେପରି ରହେ ।

ଅଉ ସମସ୍ତେ ଭଲ ଅଛନ୍ତି । ସଦାନନ୍ଦର କାଲି ଗୋଡ଼ ମକଚି ଯାଇଛି, ସନ୍ଧ୍ୟାବେଳ ସୁଦ୍ଧା ଆରାମ ହୋଇଯିବ । ଏଥର ଆଲମୋଡ଼ାର ଜଳବାୟୁ ଅତି ଉତ୍ତମ । ସେଥିରେ ସେଭିଅର୍ ଯେଉଁ ବଙ୍ଗଳା ନେଇଛନ୍ତି ତାହା ଆଲମୋଡ଼ା ଭିତରେ ଉତ୍କୃଷ୍ଟ । ଆରପାଖରେ ଆନି ବେଶାନ୍ତ ଚକ୍ରବର୍ତ୍ତୀଙ୍କ ସହିତ ଗୋଟିଏ ଛୋଟ ବଙ୍ଗଳାରେ ଅଛନ୍ତି । ଚକ୍ରବର୍ତ୍ତୀ ବର୍ତ୍ତମାନ ଗଗନର (ଗାଜିପୁରର) ଜୁଆଁଇ । ମୁଁ ଦିନେ ଦେଖା କରିବାକୁ ଯାଇଥିଲି । ଆନି ବେଶାନ୍ତ ମୋତେ ଅନୁନୟ କରି କହିଲେ ଯେ, ଆପଣଙ୍କ ସମ୍ପ୍ରଦାୟ ସହିତ ଯେପରି ମୋ ସମ୍ପ୍ରଦାୟର ପୃଥିବୀମୟ ପ୍ରୀତି ଥାଏ ଇତ୍ୟାଦି । ଆଜି ଆନି ବେଶାନ୍ତ ଚାହା ଖାଇବା ପାଇଁ ଏଠାକୁ ଆସିବେ । ଆମର ଝିଅମାନେ ନିକଟରେ ଗୋଟିଏ ଛୋଟ ବଙ୍ଗଳାରେ ଅଛନ୍ତି ଏବଂ ବେଶ୍ ଭଲରେ ଅଛନ୍ତି । କେବଳ ଆଜି ମିସ୍ ମାକ୍‌ଲଉଡ୍ ଟିକିଏ ଅସୁସ୍ଥ । ହ୍ୟାର

ସେଭିଅର୍ ଦିନକୁଦିନ ବାବାଜି ବନିଯାଉଛି ।... ହରି-ଭାଇର ନମସ୍କାର ଓ ସଦାନନ୍ଦ, ଅଜୟ ଓ ସୁରେନ୍ଦ୍ରର ପ୍ରଣାମ ଜାଣିବ ଓ ସମସ୍ତଙ୍କୁ ଜଣାଇବ । ଇତି

ବିବେକାନନ୍ଦ

ସୁଶୀଲକୁ ମୋର ପ୍ରୀତି ଦେବ ଏବଂ କାନାଇ ପ୍ରଭୃତି ସମସ୍ତଙ୍କୁ । ଇତି —ବି.

୪୧୯ଇ° (ଖେତଡ଼ିର ମହାରାଜାଙ୍କୁ ଲିଖିତ)

ଆଲମୋଡ଼ା, ୯ ଜୁନ୍ ୧୮୯୮

ମହାମାନ୍ୟ ମହାରାଜ,

ଆପଣଙ୍କର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ନାହିଁ ଜାଣି ବିଶେଷ ଦୁଃଖିତ ହେଲି । କେତେଟାଦିନ ମଧ୍ୟରେ ନିଶ୍ଚୟ ଭଲ ହୋଇଯିବେ ।

ଆସନ୍ତା ଶନିବାର ଦିନ ମୁଁ କାଶ୍ମୀର ଯାଉଛି । ରେସିଡେଣ୍ଟଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଆପଣଙ୍କର ପରିଚୟପତ୍ର ଖଣ୍ଡିକ ପାଇଛି, କିନ୍ତୁ ଆପଣ ଯଦି ଅନୁଗ୍ରହ କରି ରେସିଡେଣ୍ଟଙ୍କ ନିକଟକୁ ଧାଡ଼ିଏ ଲେଖି ପଠାନ୍ତି ଯେ, ଆପଣ ମୋତେ ଖଣ୍ଡିଏ ପରିଚୟପତ୍ର ଦେଇଛନ୍ତି, ତା' ହେଲେ ଆହୁରି ଭଲ ହୁଅନ୍ତା ।

ଆପଣ ଦୟା କରି ଜଗମୋହନଙ୍କୁ କହିବେ, ସେ ଯେପରି କିଷନ୍ ଗଡ଼ର ଦେୱାନ୍‌ଙ୍କୁ ଏ କଥା ସ୍ମରଣ କରାଇ ଚିଠି ଲେଖନ୍ତି ଯେ, ସେ ମୋତେ କଥା ଦେଇଥିଲେ—ତାଙ୍କର ପଣ୍ଡିତମାନଙ୍କ ନିକଟରୁ ସେ ମୋତେ ବ୍ୟାସ-ସୂତ୍ରର ନିମ୍ବାର୍କ-ଭାଷ୍ୟ ଓ ଅନ୍ୟାନ୍ୟ ଭାଷ୍ୟର ନକଲ ସଂଗ୍ରହ କରି ଦେବେ ।

ପ୍ରୀତି ଓ ଆଶୀର୍ବାଦ ସହ ଆପଣଙ୍କର, ବିବେକାନନ୍ଦ

ପୁଃ—ବିଶ୍ୱସ୍ତ ଗୁଡ୍‌ୱିନ୍ ମରିଗଲେ । ଜଗମୋହନ ତାଙ୍କୁ ଭଲଭାବରେ ଜାଣନ୍ତି । ମୋର ଦୁଇଟା ବାଘଚମଡ଼ା ଦରକାର; ଯଦି ପାଏ ମଠରେ ଥିବା ଦୁଇଜଣ ଇଉରୋପୀୟ ବନ୍ଧୁଙ୍କ ନିକଟକୁ ଉପହାର ରୂପେ ପଠାଇବି । ଏ ପ୍ରକାର ଜିନିଷ ଉପହାର ପାଇଲେ ପାଶ୍ଚାତ୍ୟବାସୀମାନେ ସବୁଠାରୁ ବେଶୀ ଖୁସି ହୁଅନ୍ତି ।

୪୨୦ଇ° (ଶ୍ରୀଯୁକ୍ତ ମହମ୍ମଦ ସର୍ଫରାଜ ହୋସେନ୍‌ଙ୍କୁ ଲିଖିତ)

ଆଲମୋଡ଼ା, ୧୦ ଜୁନ୍ ୧୮୯୮

ପ୍ରୀତିଭାଜନେଷୁ,

ମୁଁ ଆପଣଙ୍କ ପତ୍ରର ମର୍ମ ବିଶେଷ ଭାବରେ ଉପଲବ୍ଧି କଲି ଏବଂ ମୁଁ ଏହା ଜାଣି ଯତ୍‌ପରୋନାସ୍ତି ଆନନ୍ଦିତ ହୋଇଛି ଯେ, ଭଗବାନ ଆମର ସମସ୍ତଙ୍କ ଅଜ୍ଞାତସାରରେ ଆମର ମାତୃଭୂମି ଲାଗି ଅପୂର୍ବ ଆୟୋଜନ କରୁଛନ୍ତି ।

ଏହାକୁ ଆମେ ବେଦାନ୍ତ ହିଁ କହୁ ବା ଆଉ ଯାହା କହୁନା କାହିଁକି, ଅସଲ କଥା ଏହି ଯେ, ଅଦ୍ୱୈତବାଦ ଧର୍ମର ଓ ଚିନ୍ତାର ଶେଷ କଥା, ଏବଂ କେବଳ ଅଦ୍ୱୈତ-ଭୂମିରୁ ହିଁ ମନୁଷ୍ୟ ସକଳ ଧର୍ମ ଓ ସମ୍ପ୍ରଦାୟକୁ ପ୍ରୀତି ଚକ୍ଷୁରେ ଦେଖିପାରେ । ମୋର ବିଶ୍ୱାସ ଯେ,

ତାହା ହିଁ ସବୁ ଶିକ୍ଷିତ ମାନବ-ସମାଜର ଧର୍ମ । ହିନ୍ଦୁଗଣ ଅନ୍ୟାନ୍ୟ ଜାତି ଅପେକ୍ଷା ଶୀଘ୍ର ଶୀଘ୍ର ଏହି ତତ୍ତ୍ୱରେ ପହଞ୍ଚିବାର ବାହାଦୁରୀ ଟିକେ ପାଇପାରନ୍ତି, କାରଣ ସେମାନେ ହିବ୍ରୁ କିମ୍ବା ଆରବୀ ଜାତି ଅପେକ୍ଷା ପ୍ରାଚୀନତର; କିନ୍ତୁ କର୍ମରେ ପରିଣତ ବେଦାନ୍ତ (Practical Vedantism)—ଯାହା ସମଗ୍ର ମାନବ-ଜାତିକୁ ନିଜର ଆତ୍ମା ବୋଲି ଦେଖେ ଏବଂ ତଦନୁରୂପ ବ୍ୟବହାର କରିଥାଏ—ତାହା ହିନ୍ଦୁମାନଙ୍କ ମଧ୍ୟରେ ସାର୍ବଜନୀନ ଭାବରେ ଏବେ ମଧ୍ୟ ପୁଷ୍ଟିଲାଭ କରିନାହିଁ ।

ପକ୍ଷାନ୍ତରରେ ଆମର ଅଭିଜ୍ଞତା ଏହି ଯେ, ଯଦି କୌଣସି ଯୁଗରେ କୌଣସି ଧର୍ମାବଲମ୍ବୀଗଣ ଦୈନନ୍ଦିନ ବ୍ୟାବହାରିକ ଜୀବନରେ ପ୍ରକାଶ୍ୟରୂପେ ଏହି ସାମ୍ୟର ସମୀପବର୍ତ୍ତୀ ହୋଇଥାନ୍ତି, ତେବେ ଏକମାତ୍ର ଇସଲାମ୍-ଧର୍ମାବଲମ୍ବୀଗଣ ହିଁ ଏହି ଗୌରବର ଅଧିକାରୀ ହୋଇପାରେ, ଏବଂ ଏହି ଆଚରଣର ଯେଉଁ ଗଭୀର ଅର୍ଥ ଏବଂ ଏହାର ଭିତ୍ତିସ୍ୱରୂପ ଯେଉଁ ସକଳ ତତ୍ତ୍ୱ ବିଦ୍ୟମାନ, ତତ୍ ସମ୍ବନ୍ଧରେ ହିନ୍ଦୁଗଣଙ୍କ ଧାରଣା ଖୁବ୍ ପରିଷ୍କାର, କିନ୍ତୁ ଇସଲାମ୍-ପନ୍ଥୀଗଣ ତଦ୍‌ବିଷୟରେ ସାଧାରଣତଃ ସଚେତନ ନୁହନ୍ତି ।

ସେଥିପାଇଁ ଆମର ଦୃଢ଼ ଧାରଣା ଯେ, ବେଦାନ୍ତର ମତବାଦ ଯେତେ ସୂକ୍ଷ୍ମ ଓ ବିସ୍ମୟକର ହେଉ ନା କାହିଁକି, କର୍ମପରିଣତ ଇସ୍‌ଲାମ-ଧର୍ମର ସହାୟତା ବ୍ୟତୀତ, ତାହା ମାନବସାଧାରଣର ଅଧିକାଂଶଙ୍କ ନିକଟରେ ସମ୍ପୂର୍ଣ୍ଣ ରୂପେ ନିରର୍ଥକ । ଆମେ ମାନବଜାତିକୁ ସେହି ସ୍ଥାନକୁ ନେଇଯିବାକୁ ଚାହୁଁ—ଯେଉଁଠାରେ ବେଦ ମଧ୍ୟ ନାହିଁ, ବାଇବେଲ ମଧ୍ୟ ନାହିଁ, କୋରାନ୍ ମଧ୍ୟ ନାହିଁ; ଅଥଚ ଏହା ବେଦ, ବାଇବେଲ ଓ କୋରାନ୍‌ର ସମନ୍ୱୟଦ୍ୱାରା ହିଁ ସାଧିତ ହୋଇପାରେ । ମାନବକୁ ଶିଖାଇବାକୁ ହେବ ଯେ, ସକଳ ଧର୍ମ 'ଏକତ୍ୱରୂପ ସେହି ଏକମାତ୍ର ଧର୍ମ'ର ହିଁ ବିବିଧ ପ୍ରକାଶ ମାତ୍ର, ସୁତରାଂ ଯାହା ପାଇଁ ଯେଉଁଟି ସର୍ବାପେକ୍ଷା ଉପଯୋଗୀ ସେ ସେଇଟିକୁ ବାଛି ନେଇପାରେ ।

ଆମର ନିଜର ମାତୃଭୂମି ପକ୍ଷରେ ହିନ୍ଦୁ ଓ ଇସଲାମଧର୍ମରୂପକ ଏହି ଦୁଇ ମହାନ୍ ମତର ସମନ୍ୱୟ ହିଁ—ବୈଦାନ୍ତିକ ମସ୍ତିଷ୍କ ଓ ଇସ୍‌ଲାମୀୟ ଦେହ—ଏକମାତ୍ର ଆଶା ।

ମୁଁ ମାନସ ଚକ୍ଷୁରେ ଦେଖୁଛି, ଏହି ବିବାଦ ବିଶୃଙ୍ଖଳା ଭେଦପୂର୍ବକ ଭବିଷ୍ୟତର ପୂର୍ଣ୍ଣାଙ୍ଗ ଭାରତ ବୈଦାନ୍ତିକ ମସ୍ତିଷ୍କ ଓ ଇସ୍‌ଲାମୀୟ ଦେହ ଯେନ ମହା ମହିମାରେ ଓ ଅପରାଜେୟ ଶକ୍ତିରେ ଜାଗି ଉଠୁଛି ।

ଭଗବାନ ଆପଣଙ୍କୁ ମାନବଜାତିର, ବିଶେଷ କରି ଆମର ଅତି ଦରିଦ୍ର ଜନ୍ମଭୂମିର ସାହାଯ୍ୟ ପାଇଁ ଗୋଟିଏ ମହାନ୍ ଯନ୍ତ୍ର ରୂପେ ଗଠିତ କରନ୍ତୁ, ଏହା ହିଁ ସତତ ପ୍ରାର୍ଥନା କରୁଛି । ଇତି

ଭବଦୀୟ ସ୍ନେହାବଦ୍ଧ, ବିବେକାନନ୍ଦ

୪୨୧ଇଂ (ମିଃ ଷ୍ଟର୍ଡିଙ୍କୁ ଲିଖିତ)

କାଶ୍ମୀର, ୩ ଜୁଲାଇ ୧୮୯୮

ପ୍ରିୟ ଷ୍ଟର୍ଡି,

ଉଭୟଙ୍କ ସଂସ୍କରଣ ସମ୍ପର୍କରେ ମୋର ସମ୍ମତି ଥିଲା, କାରଣ ଆମମାନଙ୍କ ମଧ୍ୟରେ

ବ୍ୟବସ୍ଥା ହୋଇଥିଲା ଯେ, ମୋର ବନ୍ଧୁଗୁଡ଼ିକ ଯେ କେହି ପ୍ରକାଶ କରିବାକୁ ଚାହିଁଲେ ଆମେମାନେ ଆପତ୍ତି କରିବୁ ନାହିଁ । ମିସେସ୍ ବୁଲ ଏ ସମ୍ବନ୍ଧରେ ସବୁ ଜାଣନ୍ତି, ସେ ତୁମ ପାଖକୁ ଲେଖୁଛନ୍ତି ।

ମିସ ସୁଟର୍ (Miss Souter)ଙ୍କ ନିକଟରୁ ସେହିଦିନ ଖଣ୍ଡିଏ ସୁନ୍ଦର ଚିଠି ପାଇଛି । ସେ ପୂର୍ବପରି ବନ୍ଧୁଭାବାପନ୍ନ ।

ଶିଶୁମାନଙ୍କୁ ମିସେସ୍ ଷ୍ଟର୍ଡିଙ୍କୁ ଓ ତୁମକୁ ମୋର ସ୍ନେହ ।

ପ୍ରଭୁ ସମୀପରେ ସତତ ତୁମର, ବିବେକାନନ୍ଦ

୪୨୨ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଶ୍ରୀନଗର, ୧୭ ଜୁଲାଇ ୯୮

ଅଭିନ୍ନହୃଦୟେଷୁ,

ତୁମ ପତ୍ରରୁ ସମସ୍ତ ଅବଗତ ହେଲି ।... ସାରଦା ସମ୍ବନ୍ଧରେ ଯାହା ଲେଖିଛ, ତାହା ବିଷୟରେ ମୋର ବକ୍ତବ୍ୟ ଏତିକି ଯେ, ବଙ୍ଗଳା ଭାଷାରେ magazine (ପତ୍ରିକା) paying (ଲାଭଜନକ) କରିବା ମୁସ୍କିଲ; ତେବେ ସମସ୍ତେ ମିଶି ଦ୍ୱାରେ ଦ୍ୱାରେ ବୁଲି subscriber (ଗ୍ରାହକ) ଯଦି ଯୋଗାଡ଼ କରିପାରିବ, ତେବେ ସମ୍ଭବ ହୋଇପାରେ । ଏ ବିଷୟରେ ତୁମମାନଙ୍କର ଯେପରି ମତ ହେବ କରିବ । ସାରଦା ବିଚାରି ସମ୍ପୂର୍ଣ୍ଣ ଭଗ୍ନ-ମନୋରଥ ହୋଇଛି । ଯେଉଁ ଲୋକଟି ଏଡ଼େ କାମିକା ଓ ନିଃସ୍ୱାର୍ଥପର, ତାହା ପାଇଁ ଏକ ହଜାର ଟଙ୍କା ଯଦି ପାଣିରେ ପଡ଼େ ତ କ୍ଷତି କଅଣ ? 'ରାଜଯୋଗ' ଛପା ହେବାର କଅଣ ହେଲା ? ଉପେନ୍‌କୁ ଦେଇ ଦିଅ ନା on certain shares (କିଛି ଲାଭରେ) ! ଟଙ୍କା ପଇସା ସମ୍ବନ୍ଧରେ ପୂର୍ବେ ଯାହା ଲେଖିଛି; ତାହା ହିଁ ଶେଷ । ଅତଃପର ଦିଆ-ନିଆ ସମ୍ବନ୍ଧରେ ତୁମେ ଯେପରି ବିବେଚନା କରିବ ତାହା ହିଁ କରିବ ।... ମୁଁ ବେଶ୍ ଦେଖିପାରୁଛି ଯେ, ମୋର policy (କାର୍ଯ୍ୟଧାରା) ଭୁଲ । ତୁମରଟା ଠିକ୍—about helping others (ଅପରକୁ ସାହାଯ୍ୟ କରିବା ସମ୍ବନ୍ଧରେ), ଅର୍ଥାତ୍ ଏକାବେଳକେ ବେଶୀ ବେଶୀ ଦେଲେ ଲୋକେ grateful (କୃତଜ୍ଞ) ନ ହୋଇ ଓଲଟା ଭାବନ୍ତି ଯେ, ଗୋଟାଏ ବୋକା ଲୋକ ବେଶ୍ ମିଳିଛି । I always lost sight of the demoralising influence of charity on the receiver (ଦାନ ଫଳରେ ଗ୍ରହୀତାର ଯେ ନୈତିକ ଅବନତି ହୁଏ, ସେଥିପ୍ରତି ମୋର ଦୃଷ୍ଟି ରହେ ନାହିଁ) । ଦ୍ୱିତୀୟତଃ, ଭିକ୍ଷାର ପଇସା ଯେଉଁ ଉଦ୍ଦେଶ୍ୟରେ ଲୋକେ ଦିଅନ୍ତି, ସେଥିରୁ ଟିକିଏ ମାତ୍ର ଏପାଖ-ସେପାଖ କରିବାର ଆମର ଅଧିକାର ନାହିଁ । କାଶ୍ମୀରର ପ୍ରଧାନ ବିଚାରପତି ଋଷିବର ମୁଖୋପାଧ୍ୟାୟଙ୍କ ଘର ଠିକଣାରେ ଦେଲେ ମିସେସ୍ ବୁଲ୍ ମାଲା ପାଇଯିବେ । ମିତ୍ର ମହାଶୟ ଓ ଜଜ୍‌ସାହେବ ଏମାନଙ୍କର ଖୁବ୍ ଯତ୍ନ କରୁଛନ୍ତି । କାଶ୍ମୀରର ଜମି ଏପର୍ଯ୍ୟନ୍ତ ମିଳି ନାହିଁ—ଶୀଘ୍ର ହେବାର ସମ୍ଭାବନା । ଏଠାରେ ତୁମେ ଗୋଟାଏ ଶୀତ କଟାଇ ପାରିଲେ ହିଁ ଦେହ ନିଶ୍ଚିତ ଭଲ ହୋଇଯିବ ।

ଯଦି ଉତ୍ତମ ଘର ହୁଏ ଏବଂ ଯଥେଷ୍ଟ କାଠ ଥାଏ ଏବଂ ଗରମ ଲୁଗା ଥାଏ, ବରଫର ଦେଶରେ ଆନନ୍ଦ ଛଡ଼ା ନିରାନନ୍ଦ ନାହିଁ; ଏବଂ ପେଟରୋଗ ପକ୍ଷରେ ଶୀତପ୍ରଧାନ ଦେଶ ବ୍ରହ୍ମୌଷଧି । ଯୋଗେନ୍‌ଭାଇଙ୍କୁ ମଧ୍ୟ ସଙ୍ଗରେ ଆଣିବ; କାରଣ ଏଦେଶ ପାହାଡ଼ ନୁହେଁ, ଚକଟାମାଟି ବଙ୍ଗଳା ଦେଶ ଭଳି ।

ଆଲମୋଡ଼ାରୁ କାଗଜଟିକୁ ବାହାର କଲେ କାର୍ଯ୍ୟ ଅନେକ ଆଗେଇ ଯାଆନ୍ତା । କାରଣ ସେଭିଅର୍ ବିଚରା ଗୋଟାଏ କାମ ପାଆନ୍ତା ଏବଂ ଆଲମୋଡ଼ାର ଲୋକେ ମଧ୍ୟ ଗୋଟାଏ କାମ ପାଆନ୍ତେ । ସମସ୍ତଙ୍କୁ ଗୋଟାଏ ଗୋଟାଏ ମନ ମୁତାବକ କାର୍ଯ୍ୟ ଦେବା ହିଁ ବଡ଼ ଓସ୍ତାଦି । କଲିକତାରେ ନିବେଦିତା ବାଳିକା ବିଦ୍ୟାଳୟଟିକୁ ଯେପରି ହେଉ ଠିଆ କରାଇଦେବାକୁ ହେବ । ମାଷ୍ଟର ମହାଶୟଙ୍କୁ କାଶ୍ମୀରକୁ ଆଣିବା ଏବେ ସୁଦ୍ଧା ଅନେକ ଦୂରର କଥା; କାରଣ ଏଠାରେ କଲେଜ ହେବାକୁ ଏବେ ସୁଦ୍ଧା ବହୁତ ଡେରି । ତେବେ ସେ ଲେଖିଛନ୍ତି ଯେ, ତାଙ୍କୁ ପ୍ରିନ୍‌ସିପାଲ କରି କଲିକତାରେ ଗୋଟିଏ କଲେଜ କରିବା । ହଜାରେ ଟଙ୍କା initial expense (ପ୍ରାରମ୍ଭିକ ବ୍ୟୟ) ହେଲେ ହିଁ ଚଳିବ । ସେ ବିଷୟରେ କୁଆଡ଼େ ତୁମମାନଙ୍କର ବିଶେଷ ମତ ଅଛି । ଏଥିରେ ଯାହା ଭଲ ବିବେଚନା କରିବ ତାହା ହିଁ କରିବ । ମୋର ଶରୀର ଭଲ ଅଛି । ରାତିରେ ପ୍ରାୟ ଆଉ ଉଠିବାକୁ ପଡ଼େ ନାହିଁ, ଅଥଚ ଦୁଇବେଳା ଭାତ, ଆଳୁ, ଚିନି ଯାହା ପାଉଛି ତାହା ଖାଉଛି । ଔଷଧ କିଛି କାମର ନୁହେଁ—ବ୍ରହ୍ମଜ୍ଞାନର ଦେହରେ ଔଷଧ ଧରେ ନାହିଁ ! ତାହା ହଜମ ହୋଇଯିବ—କିଛି ଭୟ ନାହିଁ ।

ଝିଅମାନେ ସମସ୍ତେ ଭଲ ଅଛନ୍ତି ଓ ତୁମମାନଙ୍କୁ ପ୍ରୀତି ଜଣାଉଛନ୍ତି । ଶିବାନନ୍ଦଙ୍କଙ୍କ ଦୁଇଟି ଚିଠି ଆସିଛି । ତାଙ୍କର ଅଷ୍ଟ୍ରେଲିଆନ୍ ଶିଷ୍ୟର ମଧ୍ୟ ଗୋଟିଏ ଚିଠି ପାଇଛି । କଲିକତାରେ ଶୁଣୁଛି କୁଆଡ଼େ ପ୍ଲେଗ୍ ଏକାବେଳକେ ବନ୍ଦ ହୋଇଯାଇଛି । ଇତି

ବିବେକାନନ୍ଦ

**୪୨୩ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)**

ଶ୍ରୀନଗର, ୧ ଅଗଷ୍ଟ ୧୮୯୮

ଅଭିନ୍ନହୃଦୟେଷୁ,

ତୁମର ବରାବର ବୁଝିବାରେ ଗୋଟିଏ ଭ୍ରମ ହୁଏ ଓ '—'ର ପ୍ରବଳ ବୁଦ୍ଧିର ଦୋଷରେ ବା ଗୁଣରେ ସେଇଟି ଯାଏ ନାହିଁ । ତାହା ଏହି ଯେ, ଯେତେବେଳେ ମୁଁ ହିସାବ-କିତାବର କଥା କହେ, ତୁମର ମନେହୁଏ ଯେ, ମୁଁ ତୁମମାନଙ୍କୁ ଅବିଶ୍ୱାସ କରୁଛି ।··· ମୋର କେବଳ ଭୟ ଏହି ଯେ, ବର୍ତ୍ତମାନ ତ ଏକପ୍ରକାର ଠିଆ କରେଇ ଦିଆଗଲା; ଅତଃପର ଆମେ ଗୁଲିଗଲେ କାର୍ଯ୍ୟ ଯେପରି ଗ୍ଲେ ଏବଂ ବଢ଼େ, ତାହା ହିଁ ଦିନରାତି ମୋର ଚିନ୍ତା । ହଜାର theoretical knowledge (ତାତ୍ତ୍ୱିକ ଜ୍ଞାନ) ଥାଉ ନା କାହିଁକି, ନିଜେ ହାତେ ହାତେ ନ କଲେ କିଛି ଶିଖାଯାଏ ନାହିଁ । Election (ନିର୍ବାଚନ), ଟଙ୍କା କଉଡ଼ିର ହିସାବ ଏବଂ

discussion (ଆଲୋଚନା)—ଏଥିପାଇଁ ମୁଁ ବାରମ୍ବାର କହେ, ଯହିଁରେ ସମସ୍ତେ କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇ ରହିବେ । ଜଣେ ମରିଗଲେ ମାତ୍ରକେ ଅନ୍ୟ ଜଣେ (ଦଶଜଣ if necessary— ପ୍ରୟୋଜନ ହେଲେ) should be ready to take it up (କାର୍ଯ୍ୟରେ ଲାଗିଯିବା ପାଇଁ ପ୍ରସ୍ତୁତ ରହିବା ଉଚିତ) । ଦ୍ୱିତୀୟ କଥା—ମଣିଷର interest (ଆଗ୍ରହ) ନ ଥିଲେ କେହି ଖଟେ ନାହିଁ; ସମସ୍ତଙ୍କୁ ଦେଖାଇବା ଉଚିତ ଯେ, every one has a share in the work and property and a voice in the management (ପ୍ରତ୍ୟେକର କାର୍ଯ୍ୟରେ ଓ ସମ୍ପତ୍ତିରେ ଅଂଶ ଅଛି ଓ କାର୍ଯ୍ୟଧାରା ସମ୍ବନ୍ଧରେ ମତ ପ୍ରକାଶର କ୍ଷମତା ଅଛି)—ଏତକବେଳୁ । Alternately (ପର୍ଯ୍ୟାୟକ୍ରମେ) ପ୍ରତ୍ୟେକଙ୍କୁ ହିଁ responsible positon (ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ) ଦେବ with an eye to watch and control (ନିୟନ୍ତ୍ରଣ ପ୍ରତି ଦୃଷ୍ଟି ରଖି), ତେବେ ଲୋକ ତିଆରି ହେବେ for business (କାର୍ଯ୍ୟ ପାଇଁ) । ଏପରି machine (ଯନ୍ତ୍ର)ଟି ଛିଡ଼ା କରାଅ, ଯେପରି ଆପେ ଆପେ ଚାଲିବ, ଯିଏ ମରୁ ବା ଯିଏ ବଞ୍ଚୁ । ଆମର ଇଣ୍ଡିଆର ଏହି ଗୋଟିଏ great defect (ପ୍ରଧାନ ଦୋଷ), we cannot make a permanent organisation (ଆମେ ସ୍ଥାୟୀ ପ୍ରତିଷ୍ଠାନ ଗଢ଼ିପାରୁ ନାହିଁ) and the reason is because we never like to share power with others and never think of what will come after we are gone (ଆଉ ତା'ର କାରଣ ଏହି ଯେ, ଆମେ ଅପର ସଙ୍ଗରେ କେବେହେଲେ ଦାୟିତ୍ୱ ଭାଗ କରିବାକୁ ଚାହୁଁ ନାହିଁ ଏବଂ ଆମ ପରେ କଅଣ ହେବ, ତାହା କେବେହେଲେ ଭାବୁ ନାହିଁ) ।

ପ୍ଲେଗ୍ ସମ୍ବନ୍ଧରେ ସବୁ ଲେଖିଛି । ମିସେସ୍ ବୁଲ୍ ଓ ମୁଲାର୍ ପ୍ରଭୃତିଙ୍କ ମତ ଯେ, ଯେତେବେଳେ ସାହି-ସାହିରେ ହାସପାତାଳ ହୋଇଗଲା, ସେତେବେଳେ ମିଛରେ କେତେଗୁଡ଼ାଏ ଟଙ୍କା ଖରଚ କାହିଁକି ? We lend our services as nurses etc. Those that pay the piper must command the tune (ଆମେ କେବଳ ସେବକ ହିସାବରେ କାର୍ଯ୍ୟ କରିବୁ । ଯେଉଁମାନେ ଖରଚ ଯୋଗାନ୍ତି ସେମାନଙ୍କ କଥା ଶୁଣିବାକୁ ପଡ଼େ) ।

କାଶ୍ମୀରର ରାଜା ଜମି ଦେବାକୁ ରାଜି । ଜମି ଦେଖି ଆସିଛି ମଧ୍ୟ । ଏବେ ଦୁଇ ଚାରି ଦିନ ଭିତରେ ହୋଇଯିବ—ପ୍ରଭୁଙ୍କର ଯଦି ଇଚ୍ଛା ହୁଏ । ଏଠାରେ ଗୋଟିଏ ଛୋଟ ଘର ଏଥର କରି ଯିବି । ଯିବା ସମୟରେ leave it in charge of Justice Mukherjee (ବିଚାରପତି ମୁଖୋପାଧ୍ୟାୟଙ୍କ ହେପାଜତରେ ରଖିଯିବି) । ଆଉ ତୁମେ ନ ହେଲେ ଆସି ଏଠାରେ ଗୋଟାଏ ଶୀତ କଟାଇଯାଅ with somebody else (ଅପର କାହାକୁ ସଙ୍ଗେ ଘେନି); ଦେହ ଭଲ ହୋଇଯିବ ଏବଂ କାମ ମଧ୍ୟ ହେବ । ଯେଉଁ ଟଙ୍କା press (ଛାପାଖାନା) ପାଇଁ ରଖି ଆସିଛି, ତା'ହେଲେ ହିଁ ଚଳିବ । —ତୁମେ ଯେପରି ବିବେଚନା କରିବ । ଏଥର N. W. P., ରାଜପୁତାନା ପ୍ରଭୃତିରୁ କେତେଗୁଡ଼ିଏ ଟଙ୍କା

ପାଇବି—ନିଶ୍ଚିତ । ଭଲ କଥା, କେଟେଜଙ୍କୁ···ଏହି ଖବରେ ଟଙ୍କା ଦିଅ । ଏହି ଟଙ୍କା ମୁଁ ମଠରୁ କରଜ ନେଉଛି ଏବଂ ପରିଶୋଧ କରିବି to you with interest (ତୁମ ପାଖରେ ସୁଧ ସମେତ) ।···

ମୋ ଦେହ ଏକପ୍ରକାର ଭଲ ଅଛି । ଘର ଆରମ୍ଭ ହୋଇଛି—ଭଲ କଥା ! ସମସ୍ତଙ୍କୁ ମୋର ପ୍ରୀତି ଦେବ । ଇତି

ବିବେକାନନ୍ଦ

୪୨୪ଇଂ

କାଶ୍ମୀର, ୨୫ ଅଗଷ୍ଟ ୧୮୯୮

କଲ୍ୟାଣୀୟା ମାର୍ଗଟ୍,

ଗତ ଦୁଇମାସ ଯାବତ୍ ମୁଁ ଅଳସୁଆଭଳି ଦିନ କଟାଉଛି । ମୁଁ ଭଗବାନଙ୍କ ଦୁନିଆରେ ଶ୍ରେଷ୍ଠ ସୌନ୍ଦର୍ଯ୍ୟର ଯାହା ପରାକାଷ୍ଠା ହୋଇପାରେ, ତାହାର ମଧ୍ୟଦେଇ ପ୍ରକୃତିର ଏହି ନୈସର୍ଗିକ ଉଦ୍ୟାନରେ ମନୋରମ ଝେଲମ୍‌ର ବକ୍ଷରେ ନୌକାରେ ଭସି ବୁଲୁଛି । ଏଠାରେ ପୃଥିବୀ, ପବନ, ଭୂମି, ଘାସ, ଗୁଳ୍ମରାଜି, ପାଦପଶ୍ରେଣୀ ପର୍ବତମାଳା ତୁଷାର-ରାଶି ଓ ନରଦେହ ସବୁ କିଛିର ଅନ୍ତତଃ ବାହାର ପଟରେ ଭଗବାନଙ୍କର ସୌନ୍ଦର୍ଯ୍ୟ ବିଚ୍ଛୁରିତ ହେଉଛି । ନୌକାଟି ମୋର ଘରଦ୍ୱାର; ଆଉ ମୁଁ ପ୍ରାୟ ସମ୍ପୂର୍ଣ୍ଣ ରିକ୍ତ—ଏପରିକି ଦୁଆତ-କଲମ ନାହିଁ କହିଲେ ଚଳେ, ଯେତେବେଳେ ଯେପରି ଜୁଟୁଛି, ଉଦରପୂର୍ତ୍ତି ହେଉଛି—ଠିକ୍ ଯେପରି ଗୋଟିଏ ରିପ୍ ଭ୍ୟାନ୍ ଉଇଙ୍କଲର ଗ୍ରନ୍ଥରେ ଛଳା (ବାଉଳା) ତନ୍ଦ୍ରାଚ୍ଛନ୍ନ ଜୀବନ !···

କାର୍ଯ୍ୟର ଉପରେ ନିଜକୁ ମାରି ନ ପକାଅ ଯେପରି । ଏଥିରେ କିଛି ଲାଭ ନାହିଁ; ସର୍ବଦା ମନେରଖିବ, 'କର୍ତ୍ତବ୍ୟ ହେଉଛି ଯେପରି ମଧ୍ୟାହ୍ନ-ସୂର୍ଯ୍ୟପରି—ତାର ତୀବ୍ରରଶ୍ମି ମନୁଷ୍ୟର ଜୀବନୀ-ଶକ୍ତି କ୍ଷୟ କରେ ।' ସାଧନାର ଦିଗ ଦେଇ ତାହାର ସାମୟିକ ମୂଲ୍ୟ ଅଛି ଅବଶ୍ୟ, ଏହାର ଅଧିକ କରିବାକୁ ଗଲେ ସେଇଟା ଗୋଟାଏ ଦୁଃସ୍ୱପ୍ନ ମାତ୍ର । ଆମେ ଜଗତର କାର୍ଯ୍ୟରେ ଅଂଶଗ୍ରହଣ କରୁ ଅବା ନ କରୁ, ଜଗତ ଆପଣାଛାଏଁ ଚାଲିବ । ମୋହଘୋରରେ ଆମେ ନିଜକୁ ଚୂନା କରିଦେଉ ମାତ୍ର । ଏକଜାତୀୟ ଭ୍ରାନ୍ତ ଧାରଣା ଅଛି, ଯାହା ଚରମ ନିଃସ୍ୱାର୍ଥପର ମୁଖା ପିନ୍ଧି ଦେଖା ଦିଏ, କିନ୍ତୁ ସର୍ବପ୍ରକାର ଅନ୍ୟାୟ ନିକଟରେ ଯେ ନତମସ୍ତକ ହୁଏ, ସେ ଚରମରେ ଅପରର ଅନିଷ୍ଟ ହିଁ କରେ । ଆପଣାର ନିଃସ୍ୱାର୍ଥପରତାଦ୍ୱାରା ଅପରକୁ ସ୍ୱାର୍ଥପର କରି ଗଢ଼ିବାର କୌଣସି ଅଧିକାର ଆମମାନଙ୍କର ନାହିଁ । ଅଛି କି ?

ତୁମମାନଙ୍କର, ବିବେକାନନ୍ଦ

୪୨୫ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ଶ୍ରୀନଗର, କାଶ୍ମୀର, ୨୮ ଅଗଷ୍ଟ ୧୮୯୮

ସ୍ନେହର ମେରୀ,

ତୁମ ନିକଟକୁ ପତ୍ର ଲେଖିବାର କୌଣସି ସୁଯୋଗ ଏହା ମଧ୍ୟରେ ପାଇ ନାହିଁ, ପୁଣି ତୁମର ପତ୍ର ପାଇବାର କୌଣସି ତାଗିଦ୍ ନ ଥିଲା, ସେଥିପାଇଁ ଅଯଥା କାରଣ ଦେଖାଇବି

ନାହିଁ । ଶୁଣିଲି ମିସେସ୍ ଲେଗେଟ୍‌ଙ୍କ ନିକଟକୁ ଲେଖାଯାଇଥିବା ମିସ୍ ମ୍ୟାକ୍‌ଲାଉଡ୍‌ଙ୍କ ଚିଠିରୁ ତୁମେ କାଶ୍ମୀର ଓ ଆମ ସମ୍ବନ୍ଧରେ ସମସ୍ତ ସମ୍ବାଦ ଜାଣିପାରୁଛ, ସୁତରାଂ ଏ ସମ୍ବନ୍ଧରେ ଆଉ ବଢ଼େଇ ଲେଖିବାର ପ୍ରୟୋଜନ ନାହିଁ ।

କାଶ୍ମୀରରେ ହାଇନ୍‌ସହୋଲ୍ଡ (Heinsholdt)-ଙ୍କର 'ମହାତ୍ମା'ସନ୍ଧାନ ସମ୍ପୂର୍ଣ୍ଣ ବ୍ୟର୍ଥତାରେ ପର୍ଯ୍ୟବସିତ ହେବ; ପ୍ରଥମରେ ପ୍ରତିପନ୍ନ କରିବାକୁ ହେବ ଯେ ସମଗ୍ର ବିଷୟଟି ଗୋଟିଏ ବିଶ୍ୱାସଯୋଗ୍ୟ ସୂତ୍ରରୁ ଆସିଛି, ପ୍ରଚେଷ୍ଟା ଖୁବ୍ ଚଞ୍ଚଳ ଆରମ୍ଭ କରାଯାଇଛି । ମଦର୍ ଚର୍ଚ୍ଚ ଓ ଫାଦର୍ ପୋପ୍ କିପରି ଅଛନ୍ତି ? ତୁମେମାନେ କିପରି ଅଛ ? ଜଣେ ଦଳରୁ ବାହାରିଯିବାରୁ* ପୁରୁଣା ଖେଳ ଆହୁରି ଉତ୍ସାହ ସହକାରେ ଚାଲିଛି କି ? ଫ୍ଲୋରେନ୍‌ସର କୌଣସି ପ୍ରତିମୂର୍ତ୍ତିପରି ଯାହାର ଚେହେରା ସେ କିପରି ଅଛି (ନାଁଟା ଭୁଲିଯାଇଛି) ?

କେତେଦିନ ପାଇଁ ମୁଁ ଦୂରକୁ ଚାଲିଯାଇଥିଲି । ବର୍ତ୍ତମାନ ମୁଁ ମହିଳାମାନଙ୍କ ସଙ୍ଗରେ ଯୋଗଦେବା ପାଇଁ ଯାଉଛି । ତା'ପରେ ଯାତ୍ରୀଦଳଟି ଯିବେ କୌଣସି ପାହାଡ଼ ପଛରେ ଥିବା ଏକ ବନର ଶାନ୍ତସୁନ୍ଦର ପରିବେଶକୁ, ଯେଉଁଠାରେ କୁଳୁକୁଳୁ ନାଦରେ ଗ୍ଲେସିଅର ନଦୀ ବହି ଚାଲିଛି । ସେଠାରେ ସେମାନେ ଦେବଦାରୁ ଗଛତଳେ ବୁଦ୍ଧଙ୍କ ପରି ଆସନ କରି ବସି ଗମ୍ଭୀର ଓ ଦୀର୍ଘସ୍ଥାୟୀ ଧ୍ୟାନରେ ନିମଗ୍ନ ହୋଇ ରହିବେ ।

ଏହିପରି ପ୍ରାୟ ମାସେ ଚାଲିବ; ତା'ପରେ ଯେତେବେଳେ ଆମମାନଙ୍କର ସତ୍‌କର୍ମର ଫଳଭୋଗ ଶେଷ ହେବ, ସେତେବେଳେ ପୁଣି ସ୍ୱର୍ଗରୁ ମର୍ତ୍ତ୍ୟରେ ପଡ଼ିବୁ । ତା'ପରେ କେତେମାସ କର୍ମଫଳ ସଞ୍ଚୟ କରିବୁ ଓ ଦୁଷ୍କର୍ମ ପାଇଁ ପୁଣି ନରକକୁ ଯିବାକୁ ହେବ—ସେ ନରକ ହେଉଛି ଚୀନ୍ । ଆମମାନଙ୍କର କୁକର୍ମ କ୍ୟାଣ୍ଟନ୍ ଓ ଅନ୍ୟାନ୍ୟ ନଗରଗୁଡ଼ିକର ଦୁର୍ଗନ୍ଧ ମଧ୍ୟରେ ଆମମାନଙ୍କୁ ନିମଜ୍ଜିତ କରିବ । ତା'ପରେ ଜାପାନର ନରକକୁ ଏବଂ ଶେଷରେ ପୁଣି ଯୁକ୍ତରାଷ୍ଟ୍ରର ସ୍ୱର୍ଗଲୋକକୁ ଯିବାକୁ ହେବ ।

କେତେ ସୁନ୍ଦର ସୁନ୍ଦର ଜିନିଷ ତୁମ ପାଖକୁ ପଠାଇବା ପାଇଁ ମୋର ଇଚ୍ଛା, କିନ୍ତୁ ହାୟ ! ଶୁଳ୍କ-ତାଲିକା କଥା ଭାବିଲେ ମୋର ଆକାଂକ୍ଷା 'ନାରୀମାନଙ୍କର ଯୌବନ ଓ ଭିକ୍ଷୁକମାନଙ୍କର ସ୍ୱପ୍ନ ପରି' ଉଭେଇଯାଏ ।

କଥା ପ୍ରସଙ୍ଗରେ କହୁଛି, ମୁଁ ଖୁସି ଯେ, ଦିନକୁ ଦିନ ମୋର କେଶ ପାଚିଯାଉଛି । ତୁମ ସଙ୍ଗରେ ପରବର୍ତ୍ତୀ ସାକ୍ଷାତ୍ ପୂର୍ବରୁ ମୋର ମୁଣ୍ଡଟି ପୂର୍ଣ୍ଣବିକଶିତ ଗୋଟିଏ ଶ୍ୱେତପଦ୍ମ ସଦୃଶ ହୋଇଥିବ ।

ଆଃହା ! ମେରି, ଯଦି ତୁମେ କାଶ୍ମୀର ଦେଖନ୍ତ—କେବଳ କାଶ୍ମୀର ! ପଦ୍ମ ଓ ହଂସରେ ପୂର୍ଣ୍ଣ ଚମତ୍କାର ହ୍ରଦଗୁଡ଼ିକ (ହଂସ ନାହିଁ, ରାଜହଂସୀ ଅଛି—ଏଇଟିକିକ କବିର ସ୍ୱାଧୀନତା) ଏବଂ ବାୟୁ-ସଞ୍ଚାଳିତ ସେହି ପଦ୍ମଗୁଡ଼ିକରେ ବଡ଼ ବଡ଼ କଳା କଳା ଭ୍ରମରଗୁଡ଼ିକ ବସିବାକୁ ଚେଷ୍ଟା କରୁଛନ୍ତି (ମୁଁ କହିବାକୁ ଚାହେଁ ଯେ ପଦ୍ମଗୁଡ଼ିକ ମଥା ହଲାଇ ଆପତ୍ତି

* ହ୍ୟାରିଏଟ୍‌ର ବିବାହ ଏଠାରେ ଉଦ୍ଦିଷ୍ଟ ।

ଜଣାଉଛନ୍ତି—ଇତି କବିତା)—ଏ ଦୃଶ୍ୟ ଯଦି ତୁମେ ଦେଖନ୍ତ, ତା'ହେଲେ ମୃତ୍ୟୁଶଯ୍ୟାରେ ମଧ୍ୟ ତୁମର ପରିପୂର୍ଣ୍ଣ ଜ୍ଞାନ ଥାଆନ୍ତା । ଯେହେତୁ ଏଇଟା ଭୂସ୍ୱର୍ଗ ଏବଂ ଯେହେତୁ ତର୍କଶାସ୍ତ୍ର କହେ—ହାତରେ ଥିବା ଗୋଟିଏ ପକ୍ଷୀ ବନରେ ଥିବା ଦୁଇଟି ସହିତ ସମାନ, ଅତଏବ ଏହି (ଭୂସ୍ୱର୍ଗର) କ୍ଷଣିକ ଦର୍ଶନ ମଧ୍ୟ ଲୋଭଜନକ, କିନ୍ତୁ ଅର୍ଥନୀତି ଦିଗରୁ ଅପରଟି (ଅର୍ଥାତ୍ ନ ଦେଖିବା) ଶ୍ରେୟସ୍କର । କୌଣସି କଷ୍ଟ ନାହିଁ, ପରିଶ୍ରମ ନାହିଁ, କୌଣସି ଖରଚପତ୍ର ନାହିଁ, ଶିଶୁସୁଲଭ ଭାବପୂର୍ଣ୍ଣ ଅତି ସହଜ ଜୀବନ ଏବଂ ତା'ପରେ ସେହି ଠିକଣା ସବୁ ।

ମୋ ଚିଠିଟା ତୁମ ପକ୍ଷରେ ବିରକ୍ତିକର ହୋଇଉଠୁଛି··· ସୁତରାଂ ଏଇଠି ଶେଷ କରୁଛି (ଏ ହେଲା କେବଳ ଆଳସ୍ୟ) । ବିଦାୟ

ମୋର ସ୍ଥାୟୀ ଠିକଣା :

ସତତ ପ୍ରଭୁସମୀପେ ତୁମର, ବିବେକାନନ୍ଦ

ମଠ, ବେଲୁଡ଼
ହାଓଡ଼ା ଜିଲା, ବଙ୍ଗଳା, ଭାରତବର୍ଷ

୪୨୭ (ଶ୍ରୀଯୁକ୍ତ ହରିପଦ ମିତ୍ରଙ୍କୁ ଲିଖିତ)

ଶ୍ରୀନଗର, କାଶ୍ମୀର, ୧୭ ସେପ୍ଟେମ୍ବର ୧୮୯୮

କଲ୍ୟାଣବରେଷୁ,

ତୁମର ପତ୍ର ଓ ତାର ପାଇ ସମସ୍ତ ଅବଗତ ହେଲି । ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରେ ଯେ, ତୁମେ ନିର୍ବିଘ୍ନରେ ସିନ୍ଧୀ ଭାଷାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅ ।

ମଝିରେ ମୋ ଦେହ ଅତ୍ୟନ୍ତ ଅସୁସ୍ଥ ହୋଇପଡ଼ିବାରୁ କିଛିଟା ଡେରି ହୋଇଗଲା, ନତୁବା ଏହି ସପ୍ତାହ ମଧ୍ୟରେ ହିଁ ପଞ୍ଜାବକୁ ଯିବାର କଳ୍ପନା ଥିଲା । ଏବେ ଦେଶରେ ଅତିଶୟ ଗରମ ବୋଲି ଡାକ୍ତର ଯିବାକୁ ନିଷେଧ କରୁଛନ୍ତି । ଅକ୍ଟୋବର ଶେଷ ସପ୍ତାହ ସୁଦ୍ଧା ବୋଧହୁଏ କରାଚୀରେ ପହଞ୍ଚିବି । ବର୍ତ୍ତମାନ ଏକପ୍ରକାର ଭଲ ଅଛି । ମୋ ସଙ୍ଗରେ ଏଥର କେହି ନାହିଁ । ଦୁଇଜଣ ଆମେରିକାନ୍ ଲେଡି ଫ୍ରେଣ୍ଡ ମାତ୍ର ଅଛନ୍ତି । ସେମାନଙ୍କ ସଙ୍ଗ ବୋଧହୁଏ ଲାହୋରରେ ଛାଡ଼ିବି । ସେମାନେ କଲିକତାରେ ବା ରାଜପୁତାନାରେ ମୋତେ ଅପେକ୍ଷା କରିବେ । ମୁଁ ସମ୍ଭବତଃ କଚ୍ଛଭୁଜ, ଜୁନାଗଡ଼, ଭାବନଗର, ଲିମ୍‌ଡ଼ି ଓ ବରୋଦା ହୋଇ କଲିକତା ଯିବି । ନଭେମ୍ବର ବା ଡିସେମ୍ବରରେ ଚୀନ ଓ ଜାପାନ ହୋଇ ଆମେରିକା ଯିବି—ଏଇ ତ ବର୍ତ୍ତମାନ ଯୋଜନା । ପରେ ଶ୍ରୀପ୍ରଭୁଙ୍କ ହାତ । ମୋର ଏଠାକାର ସମସ୍ତ ଖରଚପତ୍ର ଉକ୍ତ ଆମେରିକାନ୍ ବନ୍ଧୁମାନେ ଦିଅନ୍ତି ଏବଂ କରାଚୀ ପର୍ଯ୍ୟନ୍ତ ଭଡ଼ା ପ୍ରଭୃତି ସେମାନଙ୍କଠାରୁ ହିଁ ନେବି । ତେବେ ଯଦି ତୁମର ସୁବିଧା ହୁଏ, ୫୦ ଟଙ୍କା ଟେଲିଗ୍ରାମ କରି C/o ଋଷିବର ମୁଖୋପାଧ୍ୟାୟ, ଚିଫ୍ ଜଜ୍, କାଶ୍ମୀର ଷ୍ଟେଟ୍, ଶ୍ରୀନଗର—ଏହାଙ୍କ ନାମରେ ପଠାଇଲେ ଅନେକ ଉପକାର ହେବ । କାରଣ ସମ୍ପ୍ରତି ବେମାର ପଡ଼ି ବାଜେ ଖରଚ କିଛି ହୋଇଛି ଏବଂ ସର୍ବଦା ବିଦେଶୀ ଶିଷ୍ୟମାନଙ୍କ ନିକଟରୁ ଟଙ୍କା ଭିକ୍ଷା କରିବାକୁ ଲଜ୍ଜା ଲାଗେ ।

ସଦା ଶୁଭାକାଙ୍‌କ୍ଷୀ, ବିବେକାନନ୍ଦ

୪୨୭ଇଂ (ଖେତଡ଼ିର ମହାରାଜାଙ୍କୁ ଲିଖିତ)

C/o ଋଷିବର ମୁଖାର୍ଜି, କାଶ୍ମୀର
୧୭ ସେପ୍ଟେମ୍ବର ୧୮୯୮

ମହାମାନ୍ୟ ମହାରାଜ,

ଏଠାରେ ମୁଁ ଦୁଇସପ୍ତାହ ଧରି ଖୁବ୍ ଅସୁସ୍ଥ ହୋଇପଡ଼ିଥିଲି । ବର୍ତ୍ତମାନ ସୁସ୍ଥ ହୋଇ ଉଠିଛି । ମୋର କିଛି ଟଙ୍କାର ଅନଟନ ପଡ଼ିଛି । ଯଦିଓ ଆମେରିକାନ୍ ବନ୍ଧୁମାନେ ସାହାଯ୍ୟ ପାଇଁ ସେମାନଙ୍କର ଶକ୍ତି ଅନୁଯାୟୀ ସବୁକିଛି କରୁଛନ୍ତି, କିନ୍ତୁ ସବୁ ସମୟରେ ସେମାନଙ୍କ ନିକଟରେ ହାତ ପାତିବାକୁ ସଙ୍କୋଚ ଲାଗେ, ବିଶେଷତଃ ଦେହ ଖରାପ ହେଲେ ଖରଚର ପରିମାଣ ଅନେକ ବଢ଼ିଯାଏ । ଏହି ଜଗତରେ କେବଳ ଜଣଙ୍କ ନିକଟରେ ମୋର କିଛି ମାଗିବାକୁ ଲଜ୍ଜା ଲାଗେ ନାହିଁ ଏବଂ ସେ ହେଉଛନ୍ତି ଆପଣ । ଆପଣ ଦେଲେ କି ନ ଦେଲେ —ମୋ ନିକଟରେ ଦୁଇଟା ସମାନ । ଯଦି ସମ୍ଭବ ହୁଏ, ଅନୁଗ୍ରହ କରି କିଛି ଟଙ୍କା ପଠାଇବେ । ଆପଣ କିପରି ଅଛନ୍ତି ? ଅକ୍ଟୋବର ମାସର ମଝିଆଡ଼କୁ ମୁଁ ଏଠାରୁ ଯାଉଛି ।

ଜଗମୋହନଙ୍କର ଚିଠିରୁ କୁମାର (ଯୁବରାଜ) ସାହେବ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ବୋଲି ଜାଣି ବିଶେଷ ଆନନ୍ଦିତ ହେଲି । ମୋର ସବୁ ଖବର ଭଲ; ଆଶା କରେ ଆପଣଙ୍କର ସବୁ କୁଶଳ ।

ସତତ ପ୍ରଭୁସମୀପେ ଆପଣଙ୍କର, ବିବେକାନନ୍ଦ

୪୨୮ଇଂ (ଖେତଡ଼ିର ମହାରାଜାଙ୍କୁ ଲିଖିତ)

ଲାହୋର, ୧୬ ଅକ୍ଟୋବର ୧୮୯୮

ମହାମାନ୍ୟ ମହାରାଜ,

ମୋର 'ତାରବାର୍ତ୍ତା' ପରେ ଯେଉଁ ଚିଠିଖଣ୍ଡ ଯାଇଛି ସେଥିରେ ଆପଣଙ୍କର ଅଭିପ୍ରେତ ସମ୍ବାଦ ଥିଲା; ସେଥିପାଇଁ ଆପଣଙ୍କର 'ତାରବାର୍ତ୍ତା'ର ଉତ୍ତରରେ ମୋର ସ୍ୱାସ୍ଥ୍ୟର ସମ୍ବାଦ ଦେଇ ଆଉ କୌଣସି 'ତାର' କରି ନାହିଁ ।

ଏ ବର୍ଷ କାଶ୍ମୀରରେ ବହୁ ରୋଗ ଭୋଗ ପରେ ବର୍ତ୍ତମାନ ଆରୋଗ୍ୟଲାଭ କରିଛି ଏବଂ ଆଜି ସିଧା ସଳଖ କଲିକତା ଯାଉଛି । ଗତ ଦଶବର୍ଷ ହେଲା ବଙ୍ଗ ଦେଶରେ ଦୁର୍ଗାପୂଜା ଦେଖି ନାହିଁ, ଦୁର୍ଗାପୂଜା ସେଠାରେ ଗୋଟିଏ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ । ଆଶା କରେ, ଏ ବର୍ଷ ପୂଜା ଦେଖିବି ।

ପାଶ୍ଚାତ୍ୟଦେଶୀୟ ବନ୍ଧୁଗଣ ସପ୍ତାହେ ଦୁଇସପ୍ତାହ ମଧ୍ୟରେ ଜୟପୁର ଦେଖିବାକୁ ଯିବେ । ଯଦି ଜଗମୋହନ ସେଠାରେ ଥାଏ, ତା'ହେଲେ ତାକୁ ଦୟା କରି ନିର୍ଦ୍ଦେଶ ଦେବେ ସେ ଯେପରି ସେମାନଙ୍କର ଟିକିଏ ଦେଖାଶୁଣା କରେ ଏବଂ ସହର ଓ ପ୍ରାଚୀନ ଶିଳ୍ପ-କୀର୍ତ୍ତି-ଗୁଡ଼ିକ ବୁଲାଇ ଦେଖାଇଦିଏ ।

ମୋର ଗୁରୁଭ୍ରାତା ସାରଦାନନ୍ଦଙ୍କୁ ନିର୍ଦ୍ଦେଶ ଦେଉଛି, ଜୟପୁର ଯିବା ପୂର୍ବରୁ ମୁନ୍‌ସୀଜୀଙ୍କୁ ସେ ଯେପରି ଲେଖି ଜଣାନ୍ତି ।

ଆପଣ ଓ ଯୁବରାଜ କପରି ଅଛନ୍ତି ? ଆପଣଙ୍କର କଲ୍ୟାଣ ପାଇଁ ଯଥାବିଧି ପ୍ରାର୍ଥନା କରୁଛି ।

ଆପଣଙ୍କର ପ୍ରୀତିବଦ୍ଧ, ବିବେକାନନ୍ଦ

ପୁଃ—ମୋର ଭବିଷ୍ୟତ ଠିକଣା : ମଠ, ବେଲୁଡ଼, ହାଓଡ଼ା ଜିଲ୍ଲା, ବଙ୍ଗଳା ।

**୪୨୯** (ଶ୍ରୀଯୁକ୍ତ ହରିପଦ ମିତ୍ରଙ୍କୁ ଲିଖିତ)

ଲାହୋର, ୧୬ ଅକ୍ଟୋବର ୧୮୯୮

କଲ୍ୟାଣବରେଷୁ,

କାଶ୍ମୀରରେ ସ୍ୱାସ୍ଥ୍ୟ ଏକାବେଳକେ ଭାଙ୍ଗିପଡ଼ିଛି ଏବଂ ଗତ ୯ ବର୍ଷ ହେଲା ଦୁର୍ଗାପୂଜା ଦେଖି ନାହିଁ—ଏହି କାରଣରୁ କଲକତା ଚାଲିଲି । ଆମେରିକା ଯିବାର ସଂକଳ୍ପ ବର୍ତ୍ତମାନ ପରିତ୍ୟାଗ କରିଛି, ଏବଂ ଶୀତକାଳ ମଧ୍ୟରେ କରାଚୀ ଆସିବା ଲାଗି ବହୁତ ସମୟ ମିଳିବ ।

୫° ଟଙ୍କା ମୋର ଗୁରୁଭ୍ରାତା ସାରଦାନନ୍ଦ ଲାହୋରରୁ କରାଚୀ ପଠାଇବେ । ଦୁଃଖିତ ହେବ ନାହିଁ—ସବୁ ପ୍ରଭୁଙ୍କ ଇଚ୍ଛା । ମୁଁ ଏବର୍ଷ ତୁମମାନଙ୍କ ସହିତ ସାକ୍ଷାତ୍ ନ କରି କୁଆଡ଼େ ଯିବି ନାହିଁ ନିଶ୍ଚିତ । ସମସ୍ତଙ୍କୁ ମୋର ଆଶୀର୍ବାଦ ।

ସଦାଶୁଭାକାଂକ୍ଷୀ, ବିବେକାନନ୍ଦ

**୪୩°ଇ°** (ଖେତଡ଼ିର ମହାରାଜାଙ୍କୁ ଲିଖିତ)

ମଠ, ବେଲୁଡ଼, ୨୬ ଅକ୍ଟୋବର ୧୮୯୮

ମହାମାନ୍ୟ ମହାରାଜ,

ଆପଣଙ୍କର ସ୍ୱାସ୍ଥ୍ୟ ପାଇଁ ମୁଁ ବିଶେଷ ଉଦ୍‌ବିଗ୍ନ । ମୋର ଖୁବ୍ ଇଚ୍ଛା ଥିଲା ଆସିବା ବାଟରେ ଆପଣଙ୍କୁ ଦେଖିଆସିବି, କିନ୍ତୁ ମୋର ସ୍ୱାସ୍ଥ୍ୟ ଏପରି ଭାବରେ ଭାଙ୍ଗିପଡ଼ିଲା ଯେ, ଚିକିତ୍ସାର ଡେରି ନ କରି ମୋତେ ସମତଳ ଅଞ୍ଚଳକୁ ଚାଲିଆସିବାକୁ ହେଲା । ଭୟ ହେଉଛି, ମୋର ହୃଦ୍‌ଯନ୍ତ୍ରରେ କିଛି ଗୋଳମାଳ ହୋଇଛି ।

ଯାହା ହେଉ, ଆପଣଙ୍କର ଶାରୀରିକ ଅବସ୍ଥା ଜାଣିବା ପାଇଁ ମୁଁ ଖୁବ୍ ବ୍ୟଗ୍ର । ଯଦି ଆପଣ ଚାହାଁନ୍ତି—ଖେତଡ଼ିକୁ ଆପଣଙ୍କୁ ଦେଖିବାକୁ ଯିବି । ଆପଣଙ୍କର କଲ୍ୟାଣ ପାଇଁ ମୁଁ ଦିନରାତି ପ୍ରାର୍ଥନା କରୁଛି । କିଛି ବିପଦ ଘଟିଲେ ହତାଶ ହେବେ ନାହିଁ; 'ମା' ହିଁ ଆପଣଙ୍କୁ ରକ୍ଷା କରିବେ । ଆପଣଙ୍କର ସମ୍ବାଦ ବିସ୍ତୃତ ଭାବରେ ମୋତେ ଜଣାଇବେ ।··· କୁମାର ସାହେବ କପରି ଅଛନ୍ତି ?

ସର୍ବବିଧ ପ୍ରୀତି ଓ ଚିରନ୍ତନ ଆଶୀର୍ବାଦ ।

ସତତ ପ୍ରଭୁସମୀପେ ଆପଣଙ୍କର, ବିବେକାନନ୍ଦ

**୪୩୧ଇ°** (ଖେତଡ଼ିର ମହାରାଜାଙ୍କୁ ଲିଖିତ)

ମଠ, ବେଲୁଡ଼, ନଭେମ୍ବର (?) ୧୮୯୮

ମହାମାନ୍ୟ ମହାରାଜ,

ଆପଣଙ୍କର ଓ କୁମାରଙ୍କର ସ୍ୱାସ୍ଥ୍ୟ ଭଲ ଅଛି ଜାଣି ଖୁବ୍ ଆନନ୍ଦିତ ହେଲି । ଏଣେ

ମୋର ହୃଦ୍‌ଯନ୍ତ୍ରଟା ଖୁବ୍ ଦୁର୍ବଳ ହୋଇଯାଇଛି । ବାୟୁ ପରିବର୍ତ୍ତନ ଦ୍ୱାରା ମୋର ଆଉ କୌଣସି ଉପକାର ହେବ ବୋଲି ମନେହେଉ ନାହିଁ—ଗତ ଚଉଦବର୍ଷ ଧରି ମୁଁ ଏକାଥରକେ କେଉଁଠାରେ ତିନମାସ ରହିଛି ବୋଲି ମନେହେଉ ନାହିଁ । ଭାବୁଛି, ଯଦି କୌଣସି ପ୍ରକାରେ କୌଣସି ଗୋଟିଏ ସ୍ଥାନରେ କେତୋଟି ମାସ ରହିପାରିବି ତେବେ ମୋ ପକ୍ଷରେ ଭଲ ହେବ । ସେଥିପାଇଁ ମୋର କୌଣସି ମୁଣ୍ଡବ୍ୟଥା ନାହିଁ । ଯା ହେଉ, ମୁଁ ବୁଝିପାରୁଛି, ଏ ଜୀବନରେ ମୋର କାର୍ଯ୍ୟ ଶେଷ ହୋଇଛି । ଭଲ ଓ ମନ୍ଦ, ବେଦନା ଓ ଆନନ୍ଦ ମଧ୍ୟ ଦେଇ ମୋର ଜୀବନତରୀ ଭାସିଆସିଛି । ଫଳରେ ମୁଁ ଯେଉଁ ମହତ୍ତ୍ୱ ଶିକ୍ଷାଟି ଲାଭ କରିଛି, ତାହା ହେଉଛି—ଜୀବନଟା ଦୁଃଖମୟ, ଦୁଃଖ ଛଡ଼ା ଆଉ କିଛି ନାହିଁ । ମା ହିଁ ଜାଣନ୍ତି କେଉଁଟି ଶ୍ରେୟସ୍କର । ଆମେ ସମସ୍ତେ କର୍ମର ଅଧୀନ; କର୍ମ ତା'ର ନିଜ ବାଟ କରିନିଏ—ଏଥିରେ କୌଣସି ବ୍ୟତିକ୍ରମ ନାହିଁ । ଜୀବନରେ ଗୋଟିଏ ମାତ୍ର ବସ୍ତୁ ଅଛି, ଯାହାକୁ ଯେକୌଣସି ଉପାୟରେ ଲାଭ କରିବାକୁ ହେବ, ତାହା ହେଉଛି ପ୍ରେମ । ବିପୁଳ ଓ ଅନନ୍ତ ପ୍ରେମ, ଆକାଶ-ସଦୃଶ ଉଦାର ଓ ସାଗରସଦୃଶ ଗଭୀର—ତାହା ହିଁ ହେଲା ଜୀବନରେ ଗୋଟିଏ ବଡ଼ ଲାଭ । ଯେ ତାହା ପାଏ, ସେ ଧନ୍ୟ ।

ସତତ ପ୍ରଭୁସମୀପେ ଆପଣଙ୍କର, ବିବେକାନନ୍ଦ

**୪୩୨ଇଂ**

୫୭, ରାମକାନ୍ତ ବସୁ ଷ୍ଟ୍ରୀଟ୍, କଲିକତା
୧୨ ନଭେମ୍ବର ୯୮

ସ୍ନେହର ଜୋ,

ଆସନ୍ତାକାଲି ରବିବାର ଦିନ କେତେଜଣ ବନ୍ଧୁଙ୍କୁ ସାନ୍ଧ୍ୟ ଭୋଜିକୁ ନିମନ୍ତ୍ରଣ କରିଛି ।... ସେହି ସମୟରେ ତୁମର ଉପସ୍ଥିତି ଆଶା କରୁଛି । ସେତେବେଳେ ସବୁକିଛି ପ୍ରସ୍ତୁତ ଥିବ ।

ଶ୍ରୀଶ୍ରୀମା ଆଜି ସକାଳେ ନୂତନ ମଠ ଦେଖିବାକୁ ଯାଉଛନ୍ତି । ମୁଁ ମଧ୍ୟ ସେଠାକୁ ଯାଉଛି । ଆଜି ସନ୍ଧ୍ୟା ଛ'ଟାରେ ନିବେଦିତା ସଭାପତିତ୍ୱ କରିବ । ଯଦି ତୁମକୁ ଭଲ ଲାଗେ ଏବଂ ମିସେସ୍ ବୁଲ୍ ମଧ୍ୟ ଯଦି ଇଚ୍ଛା କରନ୍ତି, ତା'ହେଲେ ଚାଲିଆସ ।

ସତତ ପ୍ରଭୁସମୀପେ ତୁମର, ବିବେକାନନ୍ଦ

**୪୩୩ଇଂ** (ଖେତଡ଼ିର ମହାରାଜାଙ୍କୁ ଲିଖିତ)

ମଠ, ବେଲୁଡ଼, ୧୫ ଡିସେମ୍ବର ୧୮୯୮

ମହାମାନ୍ୟ ମହାରାଜ,

ମିଃ ଦୁଲିଚାନ୍ଦଙ୍କ ନାମରେ ୫୦୦-ର ଅର୍ଡର ସହ ଆପଙ୍କର ସହୃଦୟ ପତ୍ରଖଣ୍ଡିକ ପାଇଲି । ଆଜିକାଲି କେତେକ ପରିମାଣରେ ମୋର ଦେହ ଭଲ ଅଛି । ଜାଣେନା (ସ୍ୱାସ୍ଥ୍ୟର) ଏହି ଉନ୍ନତି ସ୍ଥାୟୀ ହେବ କି ନାହିଁ ।

ଶୁଣିଲି, ଏହି ଶୀତଋତୁରେ ଆପଣ କଲିକତା ଆସୁଛନ୍ତି । ଏ କଥା କ'ଣ ସତ୍ୟ ?

ନୂତନ ବଡ଼ଲାଟଙ୍କୁ ସମ୍ମାନ ଜଣାଇବା ପାଇଁ ଅନେକ ରାଜା ଆସୁଛନ୍ତି । କାଗଜରୁ ଜାଣିଲି ଶିଖର (Sikar)ର ମହାରାଜା ଇତମଧ୍ୟରେ ଏଠାକୁ ଆସିଛନ୍ତି ।

ଆପଣଙ୍କ ଓ ଆପଣଙ୍କର ସ୍ୱଜନମାନଙ୍କ ପାଇଁ ସର୍ବଦା ପ୍ରାର୍ଥନା ଜଣାଉଛି ।

ସତତ ପ୍ରଭୁସମୀପେ ଆପଣଙ୍କର, ବିବେକାନନ୍ଦ

**୪୩୪ଇଂ** ବେଲୁଡ଼ ମଠ, ୧୫ ଡିସେମ୍ବର ୧୮୯୮

ପ୍ରିୟ—,

...'ମା' ହିଁ ଆମମାନଙ୍କର ଏକମାତ୍ର ପଥପ୍ରଦର୍ଶକ । ଆଉ ଯାହାକିଛି ଘଟୁଛି ବା ଘଟିବ, ସେସବୁ ତାଙ୍କର ବିଧାନରେ ।...

ତୁମମାନଙ୍କର, ବିବେକାନନ୍ଦ

**୪୩୫ଇଂ** (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

ବୈଦ୍ୟନାଥ ଧାମ, ଦେଓଘର, ୨୮ ଡିସେମ୍ବର ୧୮୯୮

ପ୍ରିୟ ଧୀରାମାତା

ମୁଁ ଯେ ଆପଣଙ୍କର ସହଯାତ୍ରୀ ହୋଇପାରିବି ନାହିଁ, ତାହା ଆପଣ ପୂର୍ବରୁ ଜାଣିଛନ୍ତି । ଆପଣଙ୍କ ସଙ୍ଗରେ ଯିବା ଭଳି ଶାରୀରିକ ଶକ୍ତି ମୁଁ ସଂଗ୍ରହ କରିପାରୁ ନାହିଁ । ଛାତିରେ ଯେଉଁ କଫ ବସି ଯାଇଥିଲା, ତାହା ଏବେ ବି ଅଛି, ଆଉ ତାହା ହିଁ ମୋତେ ଭ୍ରମଣ ପାଇଁ ଅକ୍ଷମ କରିଦେଇଛି । ମୋଟ ଉପରେ ଏଠାରେ ମୁଁ କ୍ରମେ ସୁସ୍ଥ ହୋଇ ଉଠିବି ବୋଲି ଆଶା କରେ ।

ମୁଁ ଜାଣିଲି, ମୋର ଭଗିନୀ ଗତ କେତୋଟି ବର୍ଷ ଧରି ବିଶେଷ ସଂକଳ୍ପ ନେଇ ନିଜର ମାନସିକ ଉନ୍ନତି-ସାଧନର ଚେଷ୍ଟା କରୁଛି ! ବଙ୍ଗଳା ସାହିତ୍ୟ ମାଧ୍ୟମରେ ଯାହାକିଛି ଜାଣିବା ସମ୍ଭବ—ବିଶେଷ କରି ଅଧ୍ୟାତ୍ମବାଦ ସମ୍ବନ୍ଧରେ—ସେସବୁ ସେ ଶିଖିଛି, ଆଉ ତା'ର ପରିମାଣ ମଧ୍ୟ କମ୍ ନୁହେଁ । ଇତମଧ୍ୟରେ ସେ ନିଜର ନାମ ଇଂରାଜୀ ରୋମାନ୍ ଅକ୍ଷରରେ ଦସ୍ତଖତ କରି ଶିଖିଛି । ବର୍ତ୍ତମାନ ତାକୁ ଅଧିକତର ଶିକ୍ଷାଦାନ କରିବା ବିଶେଷ ମାନସିକ ପରିଶ୍ରମ-ସାପେକ୍ଷ; ସୁତରାଂ ସେହି କାର୍ଯ୍ୟରୁ ମୁଁ ବିରତ ରହିଛି । ମୁଁ କେବଳ ବିନା କାର୍ଯ୍ୟରେ ସମୟ କଟାଇବାକୁ ଚେଷ୍ଟା କରୁଛି ଏବଂ ଜୋର୍ କରି ବିଶ୍ରାମ ନେଉଛି ।

ଏପର୍ଯ୍ୟନ୍ତ ମୁଁ ଆପଣଙ୍କୁ କେବଳ ଶ୍ରଦ୍ଧା ହିଁ କରିଆସିଛି, କିନ୍ତୁ ବର୍ତ୍ତମାନ ଘଟଣା-ପରମ୍ପରାରେ ବୋଧହେଉଛି ଯେ, ମହାମାୟା ଆପଣଙ୍କୁ ମୋର ଦୈନନ୍ଦିନ ଜୀବନଯାତ୍ରା ପ୍ରତି ଲକ୍ଷ୍ୟ ରଖିବା ଲାଗି ନିଯୁକ୍ତ କରିଛନ୍ତି; ସୁତରାଂ ବର୍ତ୍ତମାନ ଶ୍ରଦ୍ଧା ସଙ୍ଗରେ ପ୍ରଗାଢ଼ ବିଶ୍ୱାସ ଯୁକ୍ତ ହୋଇଛି । ବର୍ତ୍ତମାନଠାରୁ ମୁଁ ମୋର ନିଜର ଜୀବନ ଏବଂ କର୍ମପ୍ରଣାଳୀ ବିଷୟରେ ମନେକରିବି ଯେ, ଆପଣ ମା'ଙ୍କର ଆଜ୍ଞା ପାଇଛନ୍ତି । ସୁତରାଂ ସକଳ ଦାୟିତ୍ୱବୋଧ ନିଜ କାନ୍ଧରୁ ଓହ୍ଲାଇ ପକାଇ ଆପଣଙ୍କ ଉପରେ ଦେଇ ମହାମାୟା ଯେଉଁ ନିର୍ଦ୍ଦେଶ ଦେବେ, ତାହା ହିଁ ମାନି ଚଳିବି ।

ଅତି ଶୀଘ୍ର ଇଉରୋପ କିମ୍ବା ଆମେରିକାରେ ଆପଣଙ୍କ ସହିତ ମିଳିତ ହୋଇପାରିବି, ଏହି ଆଶା ଘେନି ଏ ଚିଠି ଶେଷ କରୁଛି । ଇତି

ଆପଣଙ୍କର ସ୍ନେହର ସନ୍ତାନ, ବିବେକାନନ୍ଦ

**୪୩୭ଇଂ** ମଠ, ବେଲୁଡ଼, ୨ ଫେବୃଆରି ୧୮୯୯

ସ୍ନେହର ଜୋ,

ତୁମେ ଏହା ମଧ୍ୟରେ ନିଶ୍ଚିତ ଭାବରେ ନିଉୟର୍କରେ ପହଞ୍ଚି ଯାଇଛ ଏବଂ ଦୀର୍ଘ ଅନୁପସ୍ଥିତି ପରେ ସ୍ୱଜନଙ୍କ ସହିତ ମିଳିତ ହୋଇଛ । ଏଥର ଯାତ୍ରାରେ ଭାଗ୍ୟ ପଦେ ପଦେ ତୁମର ଅନୁକୂଳ ହୋଇଛି—ଏପରିକି ସମୁଦ୍ର ମଧ୍ୟ ସ୍ଥିର ଓ ଶାନ୍ତ ଥିଲା ଏବଂ ଜାହାଜରେ ଅବାଞ୍ଛିତ ସଙ୍ଗୀ ମଧ୍ୟ ସେପରି କେହି ନ ଥିଲେ । ମୋ ବେଳକୁ ଠିକ୍ ଏହାର ଓଲଟା । ତୁମ ସଙ୍ଗରେ ଯାଇ ନ ପାରି ମୁଁ ନିରାଶ ହୋଇପଡ଼ିଛି । ବୈଦ୍ୟନାଥରେ ବାୟୁପରିବର୍ତ୍ତନର କୌଣସି ଫଳ ହୋଇ ନାହିଁ । ସେଠାରେ ଆଠଦିନ ଆଠରାତି ଶ୍ୱାସକଷ୍ଟରେ ପ୍ରାଣ ଯିବା ଉପରେ ହୋଇଥିଲା । ମୁମୂର୍ଷୁ ଅବସ୍ଥାରେ ମୋତେ କଲିକତାକୁ ଅଣାଗଲା । ଏଠାକୁ ଆସି ବଞ୍ଚିବା ପାଇଁ ଲଢ଼େଇ ଆରମ୍ଭ କରିଛି ।

ଡାଃ ସରକାର ବର୍ତ୍ତମାନ ମୋର ଚିକିତ୍ସା କରୁଛନ୍ତି । ଆଗ ପରି ହତାଶ ଭାବ ଆଉ ନାହିଁ । ଅଦୃଷ୍ଟ ସଙ୍ଗରେ ନିଜକୁ ଖାପ୍ ଖୁଆଇ ନେଇଛି । ଏଇଟା ଆମ ପକ୍ଷରେ ବଡ଼ ଖରାପ ବର୍ଷ । ଯୋଗାନନ୍ଦ, ଯେ ମାଆଙ୍କ ଘରେ ରହୁଥିଲା, ମାସେ ହେଲା ବେମାର ପଡ଼ିଛି ଏବଂ ପ୍ରତିଦିନ ମୃତ୍ୟୁର ପ୍ରତୀକ୍ଷା କରୁଛି । ମା ହିଁ ଭଲ ଜାଣନ୍ତି । ପୁଣି କାମରେ ଲାଗିଛି, ଠିକ୍ ନିଜେ କରୁ ନାହିଁ, ସାରା ଭାରତରେ ପୁଣି ଗୋଟିଏ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ପିଲାମାନଙ୍କୁ ପଠାଇ ଦେଇଛି । ସର୍ବୋପରି, ତୁମେ ତ ଜାଣ, ଅର୍ଥାଭାବ ହିଁ ହେଉଛି ପ୍ରଧାନ ଅସୁବିଧା । ଜୋ ଓ ତୁମେ ବର୍ତ୍ତମାନ ଆମେରିକାରେ, ଆମମାନଙ୍କର ଏ ସ୍ଥାନର କାର୍ଯ୍ୟ ପାଇଁ କିଛି ଟଙ୍କା ସଂଗ୍ରହ କରିବାକୁ ଚେଷ୍ଟା କର ।

ମାର୍ଚ୍ଚ ସୁଦ୍ଧା ପୁଣି କାମରେ ଲାଗିପଡ଼ୁଛି, ଏପ୍ରିଲ୍‌ରେ ଇଉରୋପ ଯାତ୍ରା । ବାକି ମା' ହିଁ ଭଲ ଜାଣନ୍ତି ।

ଜୀବନଟା ସାରା ଦେହ ଓ ମନର କଷ୍ଟ ଅନେକ ସହିଛି; କିନ୍ତୁ ମା'ଙ୍କର ଅପାର କରୁଣା । ମୋର ପ୍ରାପ୍ୟ ଅପେକ୍ଷା ଅନନ୍ତ ଗୁଣ ବେଶୀ ଆନନ୍ଦ ଓ ଆଶୀର୍ବାଦ ପାଇଛି । ମା'ଙ୍କର କାମରେ ଅବିରାମ ସଂଗ୍ରାମ କରୁଛି, ମା' ଦେଖୁଛନ୍ତି । ମୁଁ ସର୍ବଦା ଲଢ଼େଇ କରିଚାଲିଛି ଏବଂ ଯୁଦ୍ଧକ୍ଷେତ୍ରରେ ମୁଁ ଶେଷ ନିଃଶ୍ୱାସ ଛାଡ଼ିବି ।

ତୁମ ପ୍ରତି ଚିରଦିନ ମୋର ଅଶେଷ ପ୍ରୀତି ଓ ଆଶୀର୍ବାଦ ।

ହିତଭ ସତ୍ୟସ୍ୱରୂପରେ ତୁମର, ବିବେକାନନ୍ଦ

୪୩୭ଇଂ (ଈଶ୍ୱରଚନ୍ଦ୍ର ଘୋଷ୍‌ଙ୍କୁ ଲିଖିତ)*

ବେଲୁଡ଼ ମଠ, ହାଓଡ଼ା, ୭ ମାର୍ଚ୍ଚ ୧୮୯୯

ପ୍ରିୟ ମହାଶୟ,

ଆପଣଙ୍କର ଅତ୍ୟନ୍ତ ସାନୁଗ୍ରହ ନିମନ୍ତ୍ରଣ ପାଇଁ ଅଶେଷ ଧନ୍ୟବାଦ । ଆପଣଙ୍କ ପତ୍ରର ଉତ୍ତର ଦେବା ପାଇଁ ଏତେ ଡେରି ହେବାରୁ ଅତ୍ୟନ୍ତ ଦୁଃଖିତ ।

ମୁଁ ସେତେବେଳେ ଖୁବ୍ ଅସୁସ୍ଥ ଥିଲି ଓ ଯାହାଙ୍କ ଉପରେ ପତ୍ରର ଉତ୍ତର ଦେବାର ଭାର ଥିଲା ସେ ଉତ୍ତର ଦେଇ ନାହାନ୍ତି ବୋଲି ମନେହୁଏ । ମୁଁ ସେ କଥା ବର୍ତ୍ତମାନ ମାତ୍ର ଜାଣିବାକୁ ପାଇଲି ।

ଆପଣମାନଙ୍କର ସାନୁଗ୍ରହ ଆହ୍ୱାନର ସୁଯୋଗ ନେବା ପାଇଁ ମୁଁ ଏବେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହିଁ । ଏହି ଶୀତଋତୁରେ ଆପଣଙ୍କର ଏ ଅଞ୍ଚଳ (ପୂର୍ବବଙ୍ଗ) ଦେଖିବି ବୋଲି ସଙ୍କଳ୍ପ କରିଥିଲି । କିନ୍ତୁ ମୋର କର୍ମର ଗତି ଅନ୍ୟ ପ୍ରକାର ! ପ୍ରାଚୀନ ବଙ୍ଗଳାର ସଭ୍ୟତାର କେନ୍ଦ୍ର ଦେଖିବାର ଆନନ୍ଦ ପାଇବା ପାଇଁ ମୋତେ ଅପେକ୍ଷା କରିବାକୁ ପଡ଼ିବ ।

ଆପଣଙ୍କର ସହୃଦୟତା ପାଇଁ ପୁନଶ୍ଚ ଧନ୍ୟବାଦ ।

ଶୁଭାର୍ଥୀ, ବିବେକାନନ୍ଦ

୪୩୮ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

ମଠ, ବେଲୁଡ଼, ଜିଲ୍ଲା ହାଓଡ଼ା, ୧୬ ମାର୍ଚ୍ଚ ୧୮୯୯

ସ୍ନେହର ମେରି,

ମିସେସ୍ ଆଡାମସ୍‌ଙ୍କୁ ଧନ୍ୟବାଦ; ସେ ତୁମଭଳି ଦୁଷ୍ଟ ଝିଅମାନଙ୍କୁ ଅବଶେଷରେ ଚିଠି ଲେଖିବା ପାଇଁ ଉଦ୍‌ବୁଦ୍ଧ କରିଛନ୍ତି । 'ଚକ୍ଷୁର ଅନ୍ତରାଳ ହେଲେ ଆଉ ମନେ ରହେ ନାହିଁ'—ଏ କଥା ଭାରତରେ ଯେପରି ସତ୍ୟ, ଆମେରିକାରେ ମଧ୍ୟ ସେହିପରି ।···

ଆଚ୍ଛା, ମୋର ଦେହ ଏକପ୍ରକାର ଭଲ ଅଛି, ସେଥିରୁ କେତେ ମାସ ହେଲା ମନେ-ହେଉଛି ଦେହଟା ଆହୁରି କିଛିକାଳ ତିଷ୍ଠିରହିବ ।···

ମ୍ୟାକ୍‌ସମୁଲର୍‌ଙ୍କର ନୂଆ ବହି 'ରାମକୃଷ୍ଣ : ତାଙ୍କର ଜୀବନୀ ଓ ବାଣୀ' (Rama-krishna : His Life and Sayings) ପଢ଼ିଛ କି ? ଯଦି ପଢ଼ି ନ ଥାଅ, ପଢ଼ ଏବଂ ମା'ଙ୍କୁ ପଢ଼ିବାକୁ ଦିଅ । ମା କିପରି ଅଛନ୍ତି ? ସେ କ'ଣ ବୁଢ଼ୀଭଳି ଦିଶୁଛନ୍ତି ? ଫାଦର୍ ପୋପ୍ କିପରି ଅଛନ୍ତି ?···

ମାର୍କିନ୍ ଓ ଇଂରେଜ ବନ୍ଧୁମାନଙ୍କୁ ଧନ୍ୟବାଦ । ସେମାନଙ୍କ ସାହାଯ୍ୟରେ ହିଁ ଗଙ୍ଗା-ତୀରରେ ଆମମାନଙ୍କର ଗୋଟିଏ ମଠ ହୋଇଛି । ମା'ଙ୍କୁ ମନ ଦେଇ ଦେଖିବାକୁ କହ—'ପୌତ୍ତଳିକ ପ୍ରଚାରକ'ମାନଙ୍କ ଦ୍ୱାରା ତୁମ ୟାଙ୍କି ଦେଶକୁ ପ୍ଳାବିତ କରିବାର ଯୋଜନା ଚାଲିଛି ।

* ଢାକାକୁ ଶୁଭାଗମନ ପାଇଁ ନାଗରିକଗଣଙ୍କ ପକ୍ଷରୁ ଅନୁରୋଧର ଉତ୍ତର ।

ଏହି ଗ୍ରୀଷ୍ମକାଳରେ ଜୋ ସଙ୍ଗରେ ଆମେରିକା ଯିବା ପାଇଁ ଖୁବ୍ ଇଚ୍ଛା; କିନ୍ତୁ ମନୁଷ୍ୟ ସଂକଳ୍ପ କରେ, ଏବଂ କିଏ ବିଧାନ କରନ୍ତି ? —ସବୁ ସମୟରେ ନିଶ୍ଚୟ ଭଗବାନ କରନ୍ତି ନାହିଁ । ଯାହା ଭଲ ହେବାର ତାହା ହେଉ ! ଅଭୟାନନ୍ଦ (ମେରି ଲୁଇ) ଭାରତକୁ ଆସିଛନ୍ତି । ବମ୍ବେ ଓ ମାଡ୍ରାଜରେ ତାଙ୍କର ବିଶେଷ ସମ୍ବର୍ଦ୍ଧନା ହୋଇଛି । ଆସନ୍ତା କାଲି ସେ କଲିକତାକୁ ଆସିବେ, ଏବଂ ଆମେମାନେ ମଧ୍ୟ ତାଙ୍କୁ ଯଥୋଚିତ ଅଭ୍ୟର୍ଥନା କରିବୁ ।

ମିସ୍ ହାଉ, ମିସେସ୍ ଆଡାମସ୍, ମଦର ଚର୍ଚ୍ଚ ଓ ଫାଦର ପୋପ୍ ଏବଂ ସାତସମୁଦ୍ରର ସେପାରିରେ ଯେଉଁସବୁ ବନ୍ଧୁ ଅଛନ୍ତି, ସେମାନଙ୍କର ସମସ୍ତଙ୍କୁ ମୋର ପ୍ରୀତି ଜଣାଉଛି । ଆମେମାନେ ସାତସମୁଦ୍ରରେ ବିଶ୍ୱାସ କରୁ—ଦଧି, ଦୁଗ୍ଧ, ମଧୁ, ସୁରା, ଇକ୍ଷୁରସ, ଲବଣ, ଆଉ ଗୋଟାଏ ଭୁଲିଯାଉଛି । ତୁମ ଗୃହଦେବୀଙ୍କ ପାଇଁ ମଧୁ-ସମୁଦ୍ର ଉପର ଦେଇ ବାୟୁ ବେଗରେ ସଞ୍ଚାଳିତ କରୁଛି ମୋର ସ୍ନେହ ।

ତୁମର ଚିରକାଳର ଭାଇ, ବିବେକାନନ୍ଦ

**୪୩୯ଇଂ**

ବେଲୁଡ଼ ମଠ
୧୧ ଅପ୍ରେଲ ୧୮୯୯

ପ୍ରିୟ—,

···ଦୁଇବର୍ଷର ଶାରୀରିକ କଷ୍ଟ ମୋର କୋଡ଼ିଏ ବର୍ଷର ଆୟୁ ହରଣ କରିଛି । ଭଲ କଥା, କିନ୍ତୁ ଏଥିରେ ଆତ୍ମାର କୌଣସି ପରିବର୍ତ୍ତନ ହୁଏ ନାହିଁ । ହୁଏ କି ? ସେହି ଆତ୍ମଭୋଳା ଆତ୍ମା ଏକଭାବରେ ବିଭୋର ହୋଇ ତୀବ୍ର ଏକାଗ୍ରତା ଓ ଆକୁଳତା ଯେନ ଠିକ୍ ସେହିପରି ଛିଡ଼ା ହୋଇଛନ୍ତି ।···

ତୁମମାନଙ୍କର, ବିବେକାନନ୍ଦ

**୪୪୦** ('ଭାରତୀ' ସମ୍ପାଦିକା ଶ୍ରୀମତୀ ସରଳା ଘୋଷାଲଙ୍କୁ ଲିଖିତ)

ବେଲୁଡ଼ ମଠ, ୧୬ ଅପ୍ରେଲ ୧୮୯୯

ମହାଶୟାସୁ,

ଆପଣଙ୍କ ପତ୍ରରେ ସାତିଶୟ ଆନନ୍ଦ ଲାଭ କଲି । ମୋର ବା ମୋର ଗୁରୁଭ୍ରାତା-ମାନଙ୍କର କୌଣସି ଗୋଟିଏ ବିଶେଷ ଆଦରର ବସ୍ତୁ ତ୍ୟାଗ କଲେ ଯଦି ଅନେକ ଶୁଦ୍ଧ ସତ୍ତ୍ୱ ଏବଂ ଯଥାର୍ଥ ସ୍ୱଦେଶହିତୈଷୀ ମହାତ୍ମା ଆମମାନଙ୍କ କାର୍ଯ୍ୟରେ ସହାୟ ହୁଅନ୍ତି, ତାହାହେଲେ ସେ ତ୍ୟାଗରେ ଆମର ମୁହୂର୍ତ୍ତେ ମାତ୍ର ବିଳମ୍ବ ହେବ ନାହିଁ ବା ଆଖିରୁ ଟୋପାଏ ହେଲେ ଲୁହ ଗଡ଼ିବ ନାହିଁ ଜାଣିବେ ଏବଂ କାର୍ଯ୍ୟକାଳରେ ମଧ୍ୟ ଦେଖିବେ । ତେବେ ଏତେଦିନଯାଏ କାହାରିକି ତ ଦେଖିଲି ନାହିଁ ଯେ, ସେ ପ୍ରକାର ସହାୟତା ଲାଗି ଅଗ୍ରସର । ଜଣେ ଦୁଇଜଣ ଆମର hobby (ଖିଆଲ)-ର ଜାଗାରେ ସେମାନଙ୍କର hobby ବସାଇବାକୁ ଚାହିଁଛନ୍ତି, ଏତିକିମାତ୍ର । ଯଦି ଯଥାର୍ଥ ସ୍ୱଦେଶର ବା ମନୁଷ୍ୟକୁଳର କଲ୍ୟାଣ ହୁଏ, ଶ୍ରୀଗୁରୁଙ୍କ ପୂଜା ଛାଡ଼ିଦେବା କଅଣ ବଡ଼ କଥା ? କୌଣସି ଉତ୍କଟ ପାପ କରି ଖ୍ରୀଷ୍ଟିଆନମାନଙ୍କର ଅନନ୍ତ ନରକ ଭୋଗ କରିବାକୁ ମଧ୍ୟ ପ୍ରସ୍ତୁତ ଅଛି ଜାଣିବେ । ତେବେ ମନୁଷ୍ୟ ଦେଖୁ ଦେଖୁ ବୁଢ଼ା ହେବାକୁ

ବସିଲ । ଏ ସଂସାର ଅତ୍ୟନ୍ତ କଠିନ ସ୍ଥାନ । ଗ୍ରୀକ୍ ଦାର୍ଶନିକଙ୍କର ଲଣ୍ଠନ ହାତରେ ଧରି ଅନେକ ଦିନରୁ ହିଁ ବୁଲୁଛୁ । ମୋର ଗୁରୁ ଠାକୁରେ ସର୍ବଦା ଗୋଟିଏ ବାଉଲ୍ ଗୀତ ଗାଉଥିଲେ—ସେଇଟି ମନେପଡ଼ିଲା—

'ମନେର ମାନୁଷ୍ ହୟ୍ ଯେ ଜନା
ନୟନେ ତାର୍ ଯାୟ୍ ଗୋ ଜାନା,
ସେ ଦୁ ଏକ୍ ଜନା,
ସେ ରସେର ମାନୁଷ୍ ଉଜାନ୍ ପଥେ କରେ ଆନାଗୋନା ।'

ଏଇ ତ ହେଲ ମୋ ତରଫରୁ । ଆଉ ଗୋଟିଏ ସୁଦ୍ଧା ଅତିରଞ୍ଜିତ ନୁହେଁ ଜାଣିବେ ଏବଂ କାର୍ଯ୍ୟକାଳରେ ମଧ୍ୟ ଦେଖିବେ ।

ତା'ପରେ ଯେଉଁ ସକଳ ଦେଶହିତୈଷୀ ମହାତ୍ମା ଗୁରୁପୂଜା ଛାଡ଼ିଦେଲେ ହିଁ ଆମମାନଙ୍କ ସଙ୍ଗରେ ଯୋଗଦେଇପାରନ୍ତି, ସେମାନଙ୍କ ସମ୍ବନ୍ଧରେ ମଧ୍ୟ ମୋର ଟିକିଏ ସନ୍ଦେହ ଅଛି । କହେ, ଦେଶ ପାଇଁ ଏତେ ଛାତି ଧଡ଼ପଡ଼, କଲିଜା ଛିଣ୍ଡି ଛିଣ୍ଡି ଯାଏ, ପ୍ରାଣ ଯିବା ଉପରେ, କଣ୍ଠରେ ଘଡ଼ଘଡ଼ ଇତ୍ୟାଦି—ଆଉ ଜଣେ ଠାକୁର ହିଁ ସବୁ ବନ୍ଦ କରିଦେଲେ ?

ଏଇ ଯେ ପ୍ରବଳ ତରଙ୍ଗମାଳିନୀ ନଦୀ, ଯାହାର ବେଗରେ ପାହାଡ଼ପର୍ବତ ଯେପରି ଭାସିଯାଉଛି, ଜଣେ ଠାକୁର ଏଗୁଡ଼ିକୁ ଏକାବେଳକେ ହିମାଳୟକୁ ଫେରାଇଦେଲେ ! ପଚାରୁଛି, ସେପ୍ରକାର ଦେଶହିତୈଷିତାରେ କେଉଁ ବଡ଼ କାର୍ଯ୍ୟ ହେବ ବୋଲି ମନେକରନ୍ତି, ବା ସେଭଳି ସହାୟତାରେ କଅଣ ବିଶେଷ ଉପକାର ହୋଇପାରେ ? ଆପଣମାନେ ଜାଣନ୍ତି, ମୁଁ ତ କିଛି ବୁଝିପାରେ ନାହିଁ । ତୃଷାର୍ତ୍ତର ପୁଣି ଏତେ ଜଳର ବିଚାର, କ୍ଷୁଧାରେ ମୃତପ୍ରାୟ ଲୋକର ଏତେ ଅନ୍ନବିଚାର, ଏତେ ନାକ ଟେକିବା ? କିଏ ଜାଣେ କାହାର କି ମତିଗତି ! ମୋର ଯେପରି ମନେହୁଏ ସେସବୁ ଲୋକ ଗ୍ଲାସ୍-କେସ୍ ଭିତରେ ଭଲ; କାର୍ଯ୍ୟ ସମୟରେ ସେମାନେ ଯେତେ ପଛରେ ରହନ୍ତି, ସେତେ କଲ୍ୟାଣ ।

'ପ୍ରୀତି ନ ମାନେ ଜାତି କୁଜାତ ।
ଭୂଖ୍ ନ ମାନେ ବାସି ଭାତ ।।'

ମୁଁ ତ ଏଇୟା ଜାଣେ । ତେବେ ମୋର ସବୁ ଭୁଲ ହୋଇପାରେ, ଠାକୁରଙ୍କ ଝାଳୁଆଟି ଗଳା ଭିତରେ ଅଟକି ଯିବ ସମସ୍ତେ ମରିଯାଉଥାନ୍ତି, ତେବେ ହୁଏତ ଝାଳୁଆଟି ଛାଡ଼ିଦିଆଯାଇପାରେ । ଯାହା ହେଉ, ଏ ସମ୍ବନ୍ଧରେ ଆପଣମାନଙ୍କ ସଙ୍ଗରେ ଅନେକ କଥା କହିବାର ଅତ୍ୟନ୍ତ ଆକାଙ୍କ୍ଷା ରହିଲା ।

ଏସବୁ କଥା କହିବା ଲାଗି ରୋଗ, ଶୋକ, ମୃତ୍ୟୁ ସମସ୍ତେ ହିଁ ମୋତେ ଏପର୍ଯ୍ୟନ୍ତ ସମୟ ଦେଇଛନ୍ତି—ବିଶ୍ୱାସ, ଏବେ ମଧ୍ୟ ଦେବେ ।

ଏହି ନବବର୍ଷରେ ଆପଣଙ୍କର ସମସ୍ତ କାମନା ପୂର୍ଣ୍ଣ ହେଉ ।

କିମଧିକମିତି, ବିବେକାନନ୍ଦ

୪୪୧ଇଂ

ମଠ, ଆଲମ୍ ବଜାର
୧୪ ଜୁନ୍ ୧୮୯୯

ପ୍ରିୟ ବନ୍ଧୁ,

ମୁଁ ଏଠାରେ ଯେପରି ଅଛି, ମହାମାନ୍ୟ (Highness) ଆପଣଙ୍କୁ ମଧ୍ୟ ସେହି ଭାବରେ ଚାହେଁ; ବନ୍ଧୁତ୍ୱ ଓ ଭଲପାଇବା ଆପଣଙ୍କର ବର୍ତ୍ତମାନ ସବୁଠାରୁ ଅଧିକ ପ୍ରୟୋଜନ ।

କେତେ ସପ୍ତାହ ପୂର୍ବରୁ ଆପଣଙ୍କୁ ଖଣ୍ଡିଏ ଚିଠି ଲେଖିଥିଲି, କିନ୍ତୁ ଆପଣଙ୍କର କୌଣସି ସମ୍ବାଦ ପାଇ ନାହିଁ । ଆଶାକରେ, ଏବେ ଆପଣଙ୍କ ସ୍ୱାସ୍ଥ୍ୟ ଖୁବ୍ ଭଲ ଅଛି । ଏହି ମାସ ୨୦ ତାରିଖରେ ପୁଣି ଇଂଲଣ୍ଡ ଯାଉଛି ।

ଏଥର ସମୁଦ୍ର-ଯାତ୍ରାରେ କିଛି ଉପକାର ହେବ ବୋଲି ଆଶା କରୁଛି ।

ଈଶ୍ୱର ଆପଣଙ୍କୁ ସବୁ ଆପଦବିପଦରୁ ରକ୍ଷା କରନ୍ତୁ ଏବଂ ସର୍ବବିଧ ଆଶୀର୍ବାଦରେ ମଣ୍ଡିତ କରନ୍ତୁ ।

ପ୍ରଭୁସମୀପେ ଆପଣଙ୍କର, ବିବେକାନନ୍ଦ

୪୪୨ଇଂ

ପୋର୍ଟ ସୟଦ
୧୪ ଜୁଲାଇ ୧୮୯୯

ପ୍ରିୟ ଷ୍ଟର୍ଡି,

ଏହିକ୍ଷଣି ତୁମ ଚିଠିଖଣ୍ଡିକ ଠିକ୍ ଆସି ପହଞ୍ଚିଛି । ପ୍ୟାରିସ୍‌ରୁ ମଁ ନୋବ୍‌ଲ୍‌ର ମଧ୍ୟ ଖଣ୍ଡିଏ ଆସିଛି । ମିସ୍ ନୋବ୍‌ଲ୍ ଆମେରିକାରୁ ବହୁ ଚିଠି ପାଇଛନ୍ତି ।

ନୋବ୍‌ଲ୍ ଜଣାଇଛନ୍ତି ଯେ, ତାଙ୍କୁ ଦୀର୍ଘକାଳ ବାହାରେ ରହିବାକୁ ହେବ; ସୁତରାଂ ମୋର ଲଣ୍ଡନ୍‌ରୁ ଓ ପ୍ୟାରିସ୍‌କୁ ତାଙ୍କର ସେଠାକୁ ଯିବାର ତାରିଖ ଯେପରି ପଛେଇଦିଏ । ତୁମେ ନିଶ୍ଚୟ ଜାଣ ଯେ, ବର୍ତ୍ତମାନ ଲଣ୍ଡନରେ ମୋର ବନ୍ଧୁମାନଙ୍କ ଭିତରୁ ଅନେକେ ନାହାନ୍ତି; ତା' ଛଡ଼ା ମିସ୍ ମାକ୍‌ଲାଉଡ୍ ମୋତେ ଯିବା ଲାଗି ଖୁବ୍ ଅନୁରୋଧ କରୁଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ଇଂଲଣ୍ଡରେ ରହିବା ଯୁକ୍ତିସଙ୍ଗତ ମନେହେଉ ନାହିଁ । ଅଧିକନ୍ତୁ ମୋର ଆୟୁ ଶେଷ ହୋଇ ଆସୁଛି—ଅନ୍ତତଃ ମୋତେ ଏହା ସତ୍ୟ ବୋଲି ଧରିନେଇ ଚାଲିବାକୁ ହେବ । ମୋର ବକ୍ତବ୍ୟ ଏହି ଯେ, ଆମେ ଯଦି ଆମେରିକାରେ ସତକୁ ସତ କିଛି କରିବାକୁ ଚାହୁଁ, ତେବେ ବର୍ତ୍ତମାନ ଆମର ସମସ୍ତ ବିକ୍ଷିପ୍ତ ଶକ୍ତିକୁ ଯଥୋଚିତ ସୁନିୟନ୍ତ୍ରିତ କରି ନ ପାରିଲେ ମଧ୍ୟ ଅନ୍ତତଃ ଏକମୁଖୀ କରିବାକୁ ହିଁ ହେବ । ତା' ପରେ କେତେମାସ ପରେ ମୁଁ ଇଂଲଣ୍ଡକୁ ଫେରିଯିବାର ଅବକାଶ ପାଇବି ଏବଂ ଭାରତବର୍ଷକୁ ଫେରି ନ ଯିବା ଯାଏ ଏକମନରେ କାର୍ଯ୍ୟ କରିପାରିବି ।

ମୋର ମନେହୁଏ, ଆମେରିକାର କାର୍ଯ୍ୟକୁ ସଂଗଠିତ କରି ଆଣିବା ଲାଗି ତୁମର ଆସିବା ଏକାନ୍ତ ପ୍ରୟୋଜନ । ଅତଏବ ଯଦି ପାରିବ, ମୋ ସଙ୍ଗରେ ହିଁ ତୁମର ଚାଲିଆସିବା

ଉଚିତ । ତୁରୀୟାନନ୍ଦ ମୋ ସଙ୍ଗରେ ଅଛି । ସାରଦାନନ୍ଦର ଭାଇ ବୋଷ୍ଟନ୍‌କୁ ଯାଉଛି ।···ତୁମେ ଯଦି ଆମେରିକାକୁ ନ ଆସି ବି ପାର, ତଥାପି ମୋର ଯିବା ଉଚିତ୍—କ'ଣ କହୁଛ ?

୪୪୮ଇଂ

The Lymes, Woodsides, Wimbledon
୮ ଅଗଷ୍ଟ ୧୮୯୯

ସ୍ନେହର ଜୋ,

ଅବଶେଷରେ ହ୍ୱାଜର । ତୁରୀୟାନନ୍ଦ ଓ ମୋ ପାଇଁ ସୁନ୍ଦର ବାସସ୍ଥାନ ମିଳିଛି । ସାରଦାନନ୍ଦର ଭ୍ରାତା ମିସ୍ ନୋବଲ୍‌ଙ୍କ ବାସସ୍ଥାନରେ ଅଛି, ଆସନ୍ତା ସୋମବାର ଦିନ ଯାତ୍ରା କରିବ ।

ସମୁଦ୍ରଯାତ୍ରାରେ ବେଶ୍ କିଛି ସ୍ୱାସ୍ଥ୍ୟୋନ୍ନତି ହୋଇଛି । ଡାମ୍ବେଲ ସାହାଯ୍ୟରେ ବ୍ୟାୟାମ ଓ ମୌସୁମୀ ଝଡ଼ରେ ଢେଉ ଉପରେ ଷ୍ଟୀମରର ଓଲଟପାଲଟ ହେତୁ ତାହା ଘଟିଛି । ଅଦ୍ଭୁତ ନୁହେଁ କି ? ଆଶାକରେ ସ୍ୱାସ୍ଥ୍ୟ ବଜାୟ ରହିବ । ଆମମାନଙ୍କର 'ମାତା' କେଉଁଠି—ଭାରତୀୟ ପୂଜନୀୟା ଗାଭୀମାତା (Worshipful Brahmini Cow) ? ମନେହୁଏ, ସେ ନ୍ୟୁୟର୍କରେ ତୁମ ସଙ୍ଗରେ ଅଛନ୍ତି ।

ଷ୍ଟାର୍ଡି, ମିସେସ୍ ଜନ୍‌ସନ୍ ଏବଂ ଅନ୍ୟ ସମସ୍ତେ ବାହାରକୁ ଯାଇଛନ୍ତି । ମାର୍ଗୋ ଏଥିପାଇଁ କିଞ୍ଚିତ୍ ଉଦ୍‌ବିଗ୍ନ । ଆସନ୍ତା ମାସ ପୂର୍ବରୁ ସେ ଯୁକ୍ତରାଷ୍ଟ୍ର ଯାଇପାରୁ ନାହିଁ । ଇତିମଧ୍ୟରେ ମୁଁ ସମୁଦ୍ରକୁ ଭଲପାଇ ବସିଛି । ମତ୍ସ୍ୟାବତାର ମୋ ଉପରେ ଚଢ଼ି ଯାଉଛନ୍ତି, ଆଶଙ୍କା ହୁଏ, ଭଲ ଭାବରେ ଚଢ଼ି ବସିଛନ୍ତି । ଅବ୍ୟର୍ଥ ଭାବରେ—ଏହି ବଙ୍ଗାଳୀ ଉପରେ ।

ଏଲବାର୍ଟା କିପରି ଅଛନ୍ତି ?··· ବୁଢ଼ାମାନେ ଓ ବାକି ସମସ୍ତେ ? ପ୍ରିୟ ମିସେସ୍ ବ୍ରେର୍ ର୍‌ୟାବିଟ୍ (Mrs. Brer Rabbit)-ଙ୍କଠାରୁ ଖଣ୍ଡିଏ ସୁନ୍ଦର ଚିଠି ପାଇଛି; ସେ ଲଣ୍ଡନରେ ଆମମାନଙ୍କ ସହିତ ଦେଖା କରିପାରି ନାହାନ୍ତି; ଆମମାନଙ୍କର ପହଞ୍ଚିବା ପୂର୍ବରୁ ସେ ଚାଲିଯାଇଥିଲେ ।

ଏଠାରେ ବର୍ତ୍ତମାନ ସୁନ୍ଦର ଉଷ୍ଣ ବାୟୁମଣ୍ଡଳ, ସମସ୍ତେ କହୁଛନ୍ତି, ଟିକିଏ ବେଶୀ ମାତ୍ରାରେ ଉଷ୍ଣ । କିଛିଦିନ ପାଇଁ ମୁଁ ଶୂନ୍ୟବାଦୀ ହୋଇଯାଇଛି, କୌଣସି କଥାରେ ବିଶ୍ୱାସ କରୁ ନାହିଁ । କୌଣସି କଥାର ପରିକଳ୍ପନା, କୌଣସି ଅନୁଶୋଚନା, ପ୍ରଚେଷ୍ଟା— କିଛିମାତ୍ର ନାହିଁ; କାର୍ଯ୍ୟ ପ୍ରସଙ୍ଗରେ କୌଣସି ହସ୍ତକ୍ଷେପ ନ କରିବା ମତ ଅବଲମ୍ବନ କରିଛି । ଆଉ ହଁ, ଜୋ, ଜାହାଜରେ ମୁଁ ଯେତେବେଳେ ତୁମର ବା ଭଗବତୀ-ଗାଭୀର ସମାଲୋଚନା କରୁଥିଲି, ସେତେବେଳେ ମାର୍ଗୋ ତୁମ ପକ୍ଷ ନେଇଥିଲା । ବିଚାରି ପିଲାଳିଆ, କ'ଣ ବା ଜାଣେ ! ଅସଲ କଥା ହେଉଛି, ଜୋ, ଲଣ୍ଡନରେ କୌଣସି କାର୍ଯ୍ୟ ହେବ ନାହିଁ, କାରଣ ତୁମେ ସେଠାରେ ନାହଁ । ଦେଖୁଛି ତୁମେ ମୋର ନିୟତି । ଏକାଠି ହୋଇ ଲାଗିଯାଅ, କର୍ମରୁ କାହାରି ନିସ୍ତାର ନାହିଁ । ଦେଖ, ଏଥରର ସମୁଦ୍ରଯାତ୍ରା ଫଳରେ ମୋର ବୟସ ଯେପରି

କେତେ ବର୍ଷ କମିଯାଇଛି । କେବଳ ହୃତ ଯେତେବେଳେ ଧଡ଼ଧଡ଼ କରେ, ସେତେବେଳେ ସୂଚନା ପାଏ ବୟସ ହୋଇଯାଇଛି । ଏହା କ'ଣ କିଛି ଅସ୍ଥି-ଚିକିତ୍ସାର ବିଷୟ ? ମୋତେ ରୋଗମୁକ୍ତ କରିବା ପାଇଁ ଗୋଟାଏ ଦୁଇଟା ପଞ୍ଜରା କାଟି ବାହାର କରିଦେବେ ନା କ'ଣ ? ଉଁ ହୁଁ, ତାହା ହେବ ନାହିଁ । ମୋର ପଞ୍ଜରା ଦ୍ୱାରା···ତିଆରି କରିବା ପ୍ରଭୃତି ଚଳିବ ନାହିଁ । ଯେଉଁଟା ଯାହା ହେଉ, ତା' ପକ୍ଷରେ ମୋର ହାଡ଼ ପାଇବା କଠିନ ହେବ । ମୋର ହାଡ଼ ଗଙ୍ଗାରେ ପ୍ରବାଳ ସୃଷ୍ଟି କରିବ, ମୋ ଭାଗ୍ୟରେ ଏହା ହିଁ ଲେଖା ଅଛି । ବର୍ତ୍ତମାନ ମୋର ଫାରସୀ ଭାଷା ଶିଖିବାର ଇଚ୍ଛା—ଯଦି ତୁମେ ପ୍ରତିଦିନ ମୋତେ ଗୋଟିଏ ଲେଖାଏଁ ପାଠ ଦେଇଯାଅ; କିନ୍ତୁ ସେସବୁରେ ବ୍ୟାକରଣର ଝଞ୍ଜଟ ଯେପରି ଆଦୌ ନ ରହେ—ମୁଁ କେବଳ ପଢ଼ିଯିବି, ଆଉ ତୁମେ ଇଂରାଜୀରେ ବ୍ୟାଖ୍ୟା କରିଯିବ । ଅଭେଦାନନ୍ଦଙ୍କୁ ମୋର ପ୍ରୀତି ଜଣାଇବ, ଆଉ କହିବ ଯେ ସେ ଯେପରି ତୁରୀୟାନନ୍ଦ ପାଇଁ ପ୍ରସ୍ତୁତ ରହେ । ମୁଁ ତାଙ୍କୁ ନେଇଯାଉଛି, ଶୀଘ୍ର ଚିଠି ଦିଅ ।

ସର୍ବବିଧ ପ୍ରୀତି ସହିତ, ବିବେକାନନ୍ଦ

୪୪୪ଇଂ (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

ଲିଇମସ୍, ଉଡ଼ସାଇଡ଼୍ ଉଇମ୍ବଲଡନ୍, ୬ ଅଗଷ୍ଟ ୧୮୯୯

ଷ୍ଟର୍ଡିର ଠିକଣାରେ ପଠାଇଥିବା ଚିଠି ପାଇଛି । ଆପଣଙ୍କ ସହୃଦୟ କଥାଗୁଡ଼ିକ ପାଇଁ କୃତଜ୍ଞ । ଏହା ପରେ ମୋତେ କ'ଣ କରିବାକୁ ହେବ ବା ଆଦୌ କିଛି କରିବାକୁ ହେବ ନାହିଁ ତାହା ମୁଁ ଜାଣେ ନାହିଁ । ଜାହାଜରେ ଉଠିବା ପରେ ବେଶ୍ ଭଲ ଥିଲି, କିନ୍ତୁ ବର୍ତ୍ତମାନ ଜାହାଜରୁ ଓହ୍ଲାଇବା ପରେ ଖୁବ୍ ଖରାପ ଅନୁଭବ କରୁଛି । ମାନସିକ ଉଦ୍‌ବେଗ କଥା କହିବାକୁ ଗଲେ ତାହା ବର୍ତ୍ତମାନ ପାଇଁ ଯଥେଷ୍ଟ ହୋଇଛି । ଖୁଡ଼ୀ, ଯାହାଙ୍କୁ ଆପଣ ଦେଖିଛନ୍ତି, ମୋତେ ଠକିବାକୁ ଗୋଟିଏ ଗଭୀର ଷଡ଼ଯନ୍ତ୍ର କରିଥିଲେ ଏବଂ ସେ ଓ ତାଙ୍କର କେତେକ ଲୋକ ମୋତେ ୬୦୦୦ ଟଙ୍କା ଅର୍ଥାତ୍ ୪୦୦ ପାଉଣ୍ଡରେ ଗୋଟିଏ ଘର ବିକ୍ରୀ କରିବା ନିମିତ୍ତ ଛଳନା କରିଥିଲେ ଏବଂ ତାହା ମୁଁ ମୋର ମା'ଙ୍କ ପାଇଁ କିଣିଥିଲି । ପରେ ସେମାନେ ସେ ଘରକୁ ମୋତେ ଦଖଲ ଦେଲେ ନାହିଁ; ଭାବିଥିଲେ ମୁଁ ସନ୍ନ୍ୟାସୀ, ଲୋକଲଜ୍ଜାରେ ଦଖଲ କରିବା ପାଇଁ କୋର୍ଟକୁ ଯିବି ନାହିଁ ।

ଆପଣ ଏବଂ ଅନ୍ୟ ବ୍ୟକ୍ତିମାନେ କାର୍ଯ୍ୟ ନିମିତ୍ତ ଯେଉଁ ଟଙ୍କା ମୋତେ ଦେଇଥିଲେ ସେଥିରୁ ଗୋଟିଏ ଟଙ୍କା ବି ମୁଁ ଖର୍ଚ୍ଚ କରିଛି ବୋଲି ମନେହେଉ ନାହିଁ । ମୋର ମା'ଙ୍କୁ ସାହାଯ୍ୟ କରିବାର ସୁସ୍ପଷ୍ଟ ଇଚ୍ଛା ଜଣାଇ କ୍ୟାପ୍‌ଟେନ୍ ସେଭିଅର୍ ମୋତେ ୮୦୦୦ ଟଙ୍କା ଦେଇଥିଲେ । ମନେହୁଏ ସେ ଟଙ୍କା ପାଣିରେ ଗଲା । ଏହା ବ୍ୟତୀତ ମୋର ପରିଜନଙ୍କ ପାଇଁ ଅବା ମୋର ବ୍ୟକ୍ତିଗତ ଖର୍ଚ୍ଚ ନିମିତ୍ତ ଆଉ କିଛି ଖର୍ଚ୍ଚ କରାଯାଇ ନାହିଁ । ମୋର ଖାଇବା ପ୍ରଭୃତିର ଖର୍ଚ୍ଚ ଖେତଡ଼ିର ମହାରାଜ ଦିଅନ୍ତି, ସେଥିରୁ ଅଧାରୁ ବେଶୀ ପ୍ରତି ମାସରେ ମଠକୁ ଯାଏ । ଏକମାତ୍ର ବ୍ରହ୍ମାନନ୍ଦ (ଖୁଡ଼ୀଙ୍କ ବିରୋଧରେ) ଏହି ମାମଲା ନିମିତ୍ତ କିଛି ଯଦି ଖର୍ଚ୍ଚ କରିଥାଏ; କାରଣ ଏହିପରି ଭାବରେ କଦାପି ଲୁଣ୍ଠିତ ହେବା ଉଚିତ ନୁହେଁ—ଯଦି ସେ

ତାହା କରିଥାଏ, ଯେକୌଣସି ଉପାୟରେ ହେଉ ମୁଁ ତାହା ପୂରଣ କରିଦେବି—ଯଦି ବଞ୍ଚିରହେ ।

ଇଉରୋପ ଏବଂ ଆମେରିକାରେ କେବଳ ଭାଷଣ ଦେଇ ଯେଉଁ ଟଙ୍କା ପାଇଛି, ତାହା ମୁଁ ମୋର ଇଚ୍ଛାନୁସାରେ ଖର୍ଚ୍ଚ କରୁଛି, କିନ୍ତୁ କାର୍ଯ୍ୟ ନିମିତ୍ତ ଯାହା ପାଇଛି, ତା'ର ପ୍ରତ୍ୟେକ ପଇସା ଖର୍ଚ୍ଚର ହିସାବ ରଖାଯାଇଛି, ତାହା ମଠରେ ଅଛି—ଏବଂ ସମସ୍ତ ବିଷୟ ହିସାବେକ ପରି ପରିଷ୍କାର ରହିବା ଉଚିତ ।··· ଏଡେନ୍‌ରେ ସାରଦାନନ୍ଦ ନିକଟରୁ ଗୋଟିଏ ପତ୍ରରେ ଜାଣିବାକୁ ପାଇଛି ଯେ, ସେମାନେ ହିସାବ ତିଆରି କରୁଥିଲେ । ମୁଁ ଏପର୍ଯ୍ୟନ୍ତ କିଛି ପାଇ ନାହିଁ ।

ଏପର୍ଯ୍ୟନ୍ତ ମୋର କୌଣସି ପରିକଳ୍ପନା ନାହିଁ କିମ୍ବା ପରିକଳ୍ପନା କରିବା ପାଇଁ କୌଣସି ପ୍ରବୃତ୍ତି ନାହିଁ । କାର୍ଯ୍ୟ କରିବାକୁ ଚାହୁଁ ନାହିଁ । ମା ଅନ୍ୟ କର୍ମୀ ଖୋଜି ନିଅନ୍ତୁ । ଏତିକରେ ହିଁ ମୋର ଯଥେଷ୍ଟ ବୋଝ ରହିଛି ।

ଆପଣଙ୍କର ଚିର-ଅନୁରକ୍ତ ସନ୍ତାନ, ବିବେକାନନ୍ଦ

୪୪୫ଇଂ (ମିସ୍ ମେରି ହେଲ୍‌ବଷ୍ଟର୍‌ଙ୍କୁ ଲିଖିତ)

C/o Miss Noble, Wimbledon, ଅଗଷ୍ଟ ୧୮୯୯

ସ୍ନେହର ମେରି,

ପୁଣି ଲଣ୍ଡନରେ ହାଜର । ଏଥର କୌଣସି ବ୍ୟସ୍ତତା ନାହିଁ, ଟଣାଟଣି ନାହିଁ, ଚୁପ୍ ହୋଇ ଗୋଟିଏ କୋଣରେ ବସି ଯୁକ୍ତରାଷ୍ଟ୍ରକୁ ଯିବା ପାଇଁ ପ୍ରଥମ ସୁଯୋଗ ଅପେକ୍ଷାରେ ରହିଛି । ବନ୍ଧୁମାନେ ପ୍ରାୟ ସମସ୍ତେ ଲଣ୍ଡନର ପଲ୍ଲୀ ଅଞ୍ଚଳରେ କିମ୍ବା ଅନ୍ୟତ୍ର ଚାଲିଯାଇଛନ୍ତି । ମୋର ଦେହ ସେତେ ସବଳ ନୁହେଁ ।

ତା' ହେଲେ କାନାଡ଼ାରେ ହ୍ରଦ୍ରବର, ଉଦ୍ୟାନ ଓ ନିର୍ଜନତା ମଧ୍ୟରେ ବେଶ୍ ଆନନ୍ଦରେ ରହିଛ । ଜାଣି ଖୁସି ଯେ, ତୁମେ ପୁଣି ସ୍ରୋତ ଉପରକୁ ଭାସି ଉଠିଛ । ଏହି ଅବସ୍ଥାରେ ଯେପରି ଚିରଦିନ ରହିପାର !

'ରାଜଯୋଗ'ର ଅନୁବାଦ ଏପର୍ଯ୍ୟନ୍ତ ଶେଷ କରିପାରି ନାହିଁ—ଅବଶ୍ୟ ତରତର ହେବାର କିଛି ନାହିଁ । ଜାଣିରଖ, କାମଟି ହେବାର ଥିଲେ ସମୟ ଓ ସୁଯୋଗ ଆସିବ ହିଁ ଆସିବ, ନ ହେଲେ ଆମର ଚେଷ୍ଟା ବୃଥା ।

କ୍ଷଣସ୍ଥାୟୀ କିନ୍ତୁ ପ୍ରଚଣ୍ଡ ଗ୍ରୀଷ୍ମର ଦେଶ କାନାଡ଼ା ବର୍ତ୍ତମାନ ନିଶ୍ଚୟ ସୁନ୍ଦର ଏବଂ ଖୁବ୍ ସ୍ୱାସ୍ଥ୍ୟକର । କେତେ ସପ୍ତାହ ପରେ ନିଉୟର୍କରେ ପହଞ୍ଚିବି, ଆଶାକରେ; ତା' ପରର କଥା ଜାଣି ନାହିଁ । ଆଗାମୀ ବସନ୍ତରେ ହୁଏତ ପୁଣି ଇଂଲଣ୍ଡକୁ ଫେରିଆସିବି ।

ମୁଁ ଏକାନ୍ତ ଭାବରେ ଚାହେଁ ଯେ, କାହାକୁ ଯେପରି କେବେହେଲେ ଦୁଃଖ ପାଇବାକୁ ନ ହୁଏ, କିନ୍ତୁ (ଏକଥା ମଧ୍ୟ ସତ୍ୟ ଯେ) ଏକମାତ୍ର ଦୁଃଖ ହିଁ ଜୀବନର ଗଭୀର ପ୍ରଦେଶକୁ ପ୍ରବେଶ କରିବାର ଅନ୍ତର୍ଦୃଷ୍ଟି ଆଣିଦିଏ । ତାହା ନୁହେଁ କି ?

ଆମର ବେଦନାର ମୁହୂର୍ତ୍ତରେ ଚିରଦିନ ପାଇଁ ବନ୍ଦ ଦୁଆର ପୁଣି ଖୋଲିଯାଏ ଏବଂ ଅନ୍ତରରେ ଆଲୋକର ବନ୍ୟା ପ୍ରବେଶ କରେ ।

ବୟସ ସଙ୍ଗେ ସଙ୍ଗେ ଆମର ଅଭିଜ୍ଞତା ବଢ଼େ । କିନ୍ତୁ ହାୟ ! ଏହି ଜଗତରେ ଲବ୍ଧ ଜ୍ଞାନକୁ ଆମେ କାମରେ ଲଗାଇପାରୁ ନାହିଁ । ଯେଉଁ ମୁହୂର୍ତ୍ତରେ ମନେହୁଏ ଯେ କିଛି ଶିଖିଛୁ, ସେତେବେଳେ ରଙ୍ଗମଞ୍ଚରୁ ଶୀଘ୍ର ବିଦାୟ ନେବାକୁ ପଡ଼େ । ଏହାର ନାମ ମାୟା !

ଏହି ଖେଳର ଜଗତ୍ କେଉଁଠାରେ ଥାଏ ଏବଂ କିପରି ବା ଏହି ଖେଳ ଚାଲେ, ଯଦି ଏହି ଖେଳର ମର୍ମ ଆମେ ଆଗରୁ ଜାଣିପାରନ୍ତେ ! ଅଖି ବାନ୍ଧି ଆମର ଖେଳ । ଏହି ଖେଳରେ ଆମ ଭିତରୁ କେହି ସଇତାନର ଅଭିନୟ କରୁଛି, କେହି ବା ବୀରର—କିନ୍ତୁ ଜାଣିରଖ, ଏସମସ୍ତ କେବଳ ଖେଳ । ଏତିକି ଯାହା ସାନ୍ତ୍ୱନା । ରଙ୍ଗମଞ୍ଚରେ ସିଂହ, ବାଘ, ଦାନବ ଏବଂ ଆସୁର କେତେ ଯେ ଜୀବ ଅଛନ୍ତି, କିନ୍ତୁ ସମସ୍ତଙ୍କ ମୁହଁରେ ତୁଣ୍ଡୀ ବନ୍ଧା; ସେମାନେ ତୀବ୍ର ଶବ୍ଦ କରନ୍ତି, କିନ୍ତୁ କାମୁଡ଼ି ପାରନ୍ତି ନାହିଁ ।—ଜଗତ୍ ଆମର ଆତ୍ମାକୁ ସ୍ପର୍ଶ କରିପାରେ ନାହିଁ । ଯଦି ତୁମେ ଚାହଁ, ଶରୀର ବିଦୀର୍ଣ୍ଣ ହେଲେ ମଧ୍ୟ ରକ୍ତର ଧାର ବହିଗଲେ ମଧ୍ୟ ଅନ୍ତରରେ ଗଭୀର ଶାନ୍ତି ଅନୁଭବ କରିପାରିବ । ଆଉ ତାହା ପାଇବାର ଉପାୟ ହେଲା ନିର୍ବାସନା ବା ସକଳ ଆଶାର ବିସର୍ଜନ; ତୁମେ କ'ଣ ଏହା ଜାଣ ? ଏହା ଅକ୍ଷମର ହତାଶାର ମନୋଭାବ ନୁହେଁ, ବିଜୟୀର ବିଜିତ ବସ୍ତୁର ପ୍ରତି ଯେଉଁ ଅବହେଳା, ଏହା ସେହି ମନୋଭାବ—କୌଣସି କିଛି ପାଇବା ପାଇଁ ସେ ଯେପରି ଲଢ଼େଇ କରେ, ପାଇବା ପରେ ସେହିପରି ସେଇଟାକୁ ଅଯୋଗ୍ୟ ମନେକରି ଫିଙ୍ଗିଦିଏ ।

ଏହି ନିର୍ବାସନା ଆଶା-ଶୂନ୍ୟତା ଓ ଲକ୍ଷ୍ୟହୀନତା ସହିତ ପ୍ରକୃତିର ଐକ୍ୟ ରହିଛି । ପ୍ରକୃତିରେ କୌଣସି ସାମଞ୍ଜସ୍ୟ, ଯୁକ୍ତିବିଚାର ବା ପରମ୍ପରା ନାହିଁ, ଆଗରୁ ଯେପରି ବିଶୃଙ୍ଖଳା ଥିଲା, ଏବେ ମଧ୍ୟ ସେହିପରି ଅଛି ।

ନିକୃଷ୍ଟ ମଣିଷ ସହିତ ପ୍ରକୃତିର ସାଦୃଶ୍ୟ ହେଉଛି ତା'ର ଚିନ୍ତା ପାର୍ଥିବ; ଶ୍ରେଷ୍ଠ ମଣିଷ ସହିତ ସାମଞ୍ଜସ୍ୟ ଜ୍ଞାନର ପରିପୂର୍ଣ୍ଣତାରେ । ଏହି ତିନିଜଣଯାକ ହିଁ ଲକ୍ଷ୍ୟଶୂନ୍ୟ, ପ୍ରବାହ-ତାଡ଼ିତ, ଆଶାହୀନ—ତିନିଜଣଯାକ ହିଁ ସୁଖୀ ।

ତୁମେ ମଜାଗଳ୍ପର ଚିଠି ଚାହଁ, ନୁହେଁ କି ? କିନ୍ତୁ ମୋ ଝୁଲିରେ ବେଶୀ ଗଳ୍ପ ନାହିଁ । ମିଃ ଷ୍ଟର୍ଡି ଦୁଇଦିନ ଆଗରୁ ଆସିଛି । କାଲି ୱେଲସ୍-ରେ ତା'ର ଘରକୁ ଚାଲିଯିବ । ଦିନେ ଦୁଇଦିନ ଭିତରେ ନିଉୟର୍କକୁ ଟିକେଟ୍ କାଟିବାକୁ ହେବ ।

କୌଣସି ପୁରୁଣା ବନ୍ଧୁଙ୍କର ଦେଖା ଏପର୍ଯ୍ୟନ୍ତ ପାଇ ନାହିଁ, ମିସ୍ ସୁଟର୍ ଏବଂ ମ୍ୟାକ୍ସ ଗାଇସିଲ୍ଙ୍କ ଛଡ଼ା—ଏମାନେ ଏବେ ଲଣ୍ଡନରେ । ଏମାନେ ମୋ ପ୍ରତି ଆଗରୁ ଯେପରି ସଦୟ ଥିଲେ ଏବେ ମଧ୍ୟ ସେହିପରି ।

ତୁମକୁ ଦେବା ପାଇଁ କୌଣସି ଖବର ନାହିଁ, କାରଣ ମୁଁ ନିଜେ ମଧ୍ୟ ଏପର୍ଯ୍ୟନ୍ତ ଲଣ୍ଡନର କିଛି ଖବର ଜାଣି ନାହିଁ । ଗର୍ଟ୍ରୁଡ୍ ଅର୍ଚ୍ଚ୍ୟାର୍ଡ଼ କେଉଁଠାରେ ଅଛି, ମୁଁ ଜାଣେ

ନାହିଁ, ଜାଣିଥିଲେ ତା' ପାଖକୁ ଚିଠି ଲେଖିଥାନ୍ତି । ମିସ୍ କେଟ୍ ଷ୍ଟିଲ୍ ମଧ୍ୟ ବାହାରେ, ଗୁରୁବାର କି ଶନିବାର ଦିନ ଆସିବ ।

ଜଣେ ସୁଶିକ୍ଷିତ ଫରାସୀ ବନ୍ଧୁଙ୍କ ନିକଟରୁ ପ୍ୟାରିସ୍‌ରେ ତାଙ୍କର ଅତିଥି ହୋଇ ରହିବାର ନିମନ୍ତ୍ରଣ ପାଇଥିଲି, କିନ୍ତୁ ଏଥର ଯିବା ହେଲା ନାହିଁ । ଅନ୍ୟ କୌଣସି ସମୟରେ ତାଙ୍କ ସହିତ କିଛିଦିନ କଟାଇ ଆସିବି ।

କେତେଜଣ ପୁରୁଣା ବନ୍ଧୁଙ୍କ ସହିତ ଦେଖା ହେବାର ଆଶା ଅଛି, ହେଲେ ଶୁଭେଚ୍ଛା ଜଣାଇବି । ଆମେରିକାରେ ତୁମ ସହିତ ନିଶ୍ଚୟ ଦେଖା ହେବ । ହୁଏତ ମୁଁ ବୁଲୁ ବୁଲୁ ହଠାତ୍ ଅଟୋସ୍କାରେ ଯାଇ ପହଞ୍ଚିବି, କିମ୍ବା ତୁମେ ନିଉୟର୍କରେ ଆସି ପହଞ୍ଚିବ ।

ବିଦାୟ, ଭାଗ୍ୟ ତୁମ ପ୍ରତି ପ୍ରସନ୍ନ ହେଉ ।

ସତତ ପ୍ରଭୁସମୀପେ ତୁମର, ବିବେକାନନ୍ଦ

**୪୪୭** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଲଣ୍ଡନ, ୧୦ ଅଗଷ୍ଟ ୧୮୯୯

ଅଭିନ୍ନହୃଦୟେଷୁ,

ତୁମ ଚିଠିରୁ ଅନେକ ସମ୍ବାଦ ପାଇଲି । ଜାହାଜରେ ମୋର ଦେହ ବହୁତ ଭଲ ଥିଲା, କିନ୍ତୁ ଉପରକୁ ଆସି ପେଟରେ ବାୟୁ ହେବାରୁ ଟିକିଏ ଖରାପ । ଜଣେ ବଡ଼ ଡାକ୍ତର କହିଲେ, ନିରାମିଷ ଖାଅ, ଆଉ ଡାଲି ଛୁଅଁ ନାହିଁ । ସେ ଏଠିକାର ଜଣେ ଗଣ୍ୟମାନ୍ୟ ଡାକ୍ତର । ତାଙ୍କ ମତରେ ୟୁରିକ୍ ଏସିଡ଼ ଗୋଳମାଳ ଯୋଗୁ ଯେତେ ବେମାରି ହୁଏ । ମାଂସ ଏବଂ ଡାଲି ୟୁରିକ୍ ଏସିଡ୍ ତିଆରି କରନ୍ତି; ଅତଏବ 'ତ୍ୟାଜ୍ୟଂ ବ୍ରହ୍ମପଦଂ' ଇତ୍ୟାଦି । ଯାହା ହେଉ ମୁଁ ତାଙ୍କୁ ସଲାମ୍ କରି ଚାଲି ଆସିଲି । ପରୀକ୍ଷା କରି କହିଲେ ଚିନି-ଫିନି ନାହିଁ—ଆଲବୁମିନ୍ ଅଛି । ଯାହା ହେଉ ! ନାଡ଼ୀ ଖୁବ୍, ଛାତିଟା ଟିକିଏ ଦୁର୍ବଳ ଯାହା, ମନ୍ଦ କଅଣ ? କେଇଟା ଦିନ ହବିଷ୍ୟାଶୀ ହେବା ଭଲ । ଏଠାରେ ସବୁ ଗଣ୍ଡଗୋଳ—ବନ୍ଧୁବାନ୍ଧବ ସବୁ ଗରମ ଦିନରେ ବାହାରକୁ ଯାଇଛନ୍ତି । ତା' ଉପରେ ଦେହ ସେତେ ଭଲ ନୁହେଁ—ଖାଇବା-ପିଇବାରେ ବି ଗଣ୍ଡଗୋଳ । ଅତଏବ ଦୁଇଚାରି ଦିନ ମଧ୍ୟରେ ଆମେରିକାକୁ ଯାଉଛି । ମିସେସ୍ ବୁଲଙ୍କ ପାଇଁ ହିସାବ ପଠାଇବ—କେତେ ଟଙ୍କା ଜମି କିଣିବା ପାଇଁ, କେତେ ଟଙ୍କାରେ ଘର, ଖାଇବା-ପିଇବା କେତେ ଟଙ୍କା ଇତ୍ୟାଦି ।

ସାରଦା କହୁଛି କାଗଜ ଚାଲୁ ନାହିଁ ।···ମୋର ଭ୍ରମଣ-ବୃତ୍ତାନ୍ତ ଖୁବ୍ advertise କରି (ବିଜ୍ଞାପନ ଦେଇ) ଛାପୁ ଦେଖି—ଗଡ଼ ଗଡ଼ କରି ଗ୍ରାହକ ହେବେ । ଖାଲି ପୁରୋହିତଗିରି ତିନିଭାଗ ଦେଲେ କଅଣ ଲୋକେ ପସନ୍ଦ କରିବେ ?

ଯାହା ହେଉ କାଗଜଟି ଉପରେ ଖୁବ୍ ନଜର ରଖିବ । ମନରେ ଜାଣିରଖ ଯେ, ମୁଁ ଯାଉଛି । ଏହା ବୁଝି ସ୍ୱାଧୀନ ଭାବରେ ତୁମେମାନେ କାର୍ଯ୍ୟ କର । 'ଟଙ୍କା କଉଡ଼ି, ବିଦ୍ୟାବୁଦ୍ଧି ସମସ୍ତ ପାଇଁ ଦାଦାର ଭରସା' ହେଲେ ହିଁ ସର୍ବନାଶ ନିଶ୍ଚୟ ! କାଗଜର ଟଙ୍କା ମୁଁ ଆଣିବି,

ପୁଣି ଲେଖା ମଧ୍ୟ ମୋର ସବୁ—ଆଉ ତୁମେମାନେ କଅଣ କରିବ ? ସାହେବମାନେ* କଅଣ କରୁଛନ୍ତି ? ମୋର ସରିଗଲାଣି ! ତୁମେମାନେ ଯାହା କରିବାର କର । ଗୋଟାଏ ପଇସା ଆଣିବାକୁ କେହି ନାହିଁ, ପ୍ରଚାର କରିବାକୁ କେହି ନାହିଁ, ଗୋଟାଏ ବିଷୟ ରକ୍ଷା କରିବାର ବୁଦ୍ଧି କାହାରି ନାହିଁ । ଗୋଟାଏ ଲାଇନ୍ ଲେଖିବାର···କ୍ଷମତା କାହାରି ନାହିଁ—ସବୁ ତୁଚ୍ଛା ମହାପୁରୁଷ !··· ତୁମମାନଙ୍କର ଯେତେବେଳେ ଏହି ଦଶା, ସେତେବେଳେ ପିଲାଙ୍କ ହାତରେ ଛଅ ମାସ ଗୁଡ଼ା ଦିଅ ସମସ୍ତ ଜିନିଷ—କାଗଜ-ପତ୍ର, ଟଙ୍କା-କଉଡ଼ି, ପ୍ରଚାର ଇତ୍ୟାଦି । ସେମାନେ ମଧ୍ୟ କିଛି ନ ପାରନ୍ତି ତ ସବୁ ବିକା-କିଣା କରି ଯେଉଁମାନଙ୍କ ଟଙ୍କା ସେମାନଙ୍କୁ ଦେଇ ଫକୀର ହୋଇଯାଅ । ମଠ ଖବର ତ କିଛି ପାଏ ନାହିଁ । ଶରତ୍ କଅଣ କରୁଛି ? ମୁଁ କାମ ଚାହେଁ । ମରିବା ପୂର୍ବରୁ ଦେଖିବାକୁ ଚାହେଁ ଯେ, ଆଜୀବନ କଷ୍ଟ କରି ଯାହା ଠିଆ କରାଇଛି, ତାହା ଏକ ପ୍ରକାର ଚାଲୁଛି । ତୁମେ ଟଙ୍କା-କଉଡ଼ି ବିଷୟ କମିଟି ସଙ୍ଗରେ ପ୍ରତ୍ୟେକ ବିଷୟରେ ପରାମର୍ଶ କରି କାର୍ଯ୍ୟ କରିବ । କମିଟିର ଦସ୍ତଖତ କରାଇ ନେବ ପ୍ରତ୍ୟେକ ଖରଚ ପାଇଁ । ନୋହିଲେ ତୁମେ ମଧ୍ୟ ବଦନାମ୍ ହେବ ନିଶ୍ଚୟ ! ଲୋକେ ଟଙ୍କା ଦେଲେ ଦିନେ ନା ଦିନେ ହିସାବ ଚାହିଁବେ—ଏହା ନିଶ୍ଚୟ । ପ୍ରତି ପଦରେ ସେଇଟି ତିଆରି କରି ନ ରଖିବା ଭୀଷଣ ଅନ୍ୟାୟ ।···ପ୍ରଥମରୁ ଏହିଭଳି ଅଳସୁଆମି କରୁକରୁ ଲୋକେ ଜୁଆଚୋର ହୁଅନ୍ତି । ମଠରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ନେଇ ଗୋଟିଏ କମିଟି କରିବ ଆଉ ପ୍ରତି ଖରଚ ସେମାନେ ଦସ୍ତଖତ ନ ଦେଲେ ହେବ ନାହିଁ—ଏକଦମ୍ ! ···ମୁଁ କାମ ଚାହେଁ; vigour (ଉଦ୍ୟମ) ଚାହେଁ—ଯିଏ ମରୁ କି ଯିଏ ବଞ୍ଚୁ; ସନ୍ନ୍ୟାସୀର ପୁଣି ମରିବା-ଜୀଇଁବା କଅଣ ?

ଶରତ୍ ଯଦି କଲିକତାକୁ ଉଦ୍‌ବୁଦ୍ଧ କରି ନ ପାରେ···ତୁମେ ଯଦି ଏହି ବର୍ଷକ ଭିତରେ ଅସଲ ଲୋକ ଯୋଗାଡ଼ ନ କରି ପାର, ତା' ହେଲେ ଦେଖିବ ତାମସା ! ମୁଁ କାମ ଚାହେଁ—no humbug (କୌଣସି ଠକାମି ନୁହେଁ) । ମାତା-ଠାକୁରାଣୀଙ୍କୁ ମୋର ସାଷ୍ଟାଙ୍ଗ ଇତ୍ୟାଦି । ଇତି

ବିବେକାନନ୍ଦ

୪୪୭ଇଂ

ରିଜ୍‌ଲି ମ୍ୟାନର୍, ୩୧ ଅଗଷ୍ଟ ୧୮୯୯

ପ୍ରିୟ ଇସାବେଲ୍ ,

ତୁମର ସଦୟ ପତ୍ରଟି ପାଇଁ ଅସଂଖ୍ୟ ଧନ୍ୟବାଦ—ତୁମ ସହିତ ଦେଖା ହେଲେ ବହୁତ ଆନନ୍ଦିତ ହେବି । ପଶ୍ଚିମକୁ ଯିବା ପଥରେ ଏଠାରେ ଗୋଟିଏ ଦିନ ଓ ଗୋଟିଏ ରାତି ରହିବା ନିମିତ୍ତ ଶ୍ରୀମତୀ ମ୍ୟାକ୍‌ଲାଉଡ୍ ତୁମକୁ ଶୀଘ୍ର ପତ୍ର ଦେଉଛନ୍ତି ।

ଚିକାଗୋର ଦିବ୍ୟ ପରିବାରଟିକୁ ମୋର ସ୍ନେହ; ଆଶା କରେ ଖୁବ୍ ଶୀଘ୍ର ପଶ୍ଚିମକୁ ଯାଇପାରିବି ଏବଂ ବହୁତ ମଜା ହେବ ।

* ସମ୍ଭବତଃ ପାଶ୍ଚାତ୍ୟ-ପ୍ରତ୍ୟାଗତ ଗୁରୁଭ୍ରାତାମାନଙ୍କୁ ଲକ୍ଷ୍ୟ କରି ଏ କଥା କୁହାଯାଇଛି ।

ତାହାହେଲେ ତୁମେ ଶେଷ ପର୍ଯ୍ୟନ୍ତ ଗ୍ରୀନ୍‌ଏକର୍‌ରେ । ତୁମେମାନେ କଅଣ ପ୍ରଥମ ବର୍ଷ ସେଠାରେ ଭର୍ତ୍ତି ହୋଇଛ ? ଜାଗାଟି ତୁମକୁ କିପରି ଲାଗୁଛି ? ଯଦି ତୁମ ସହିତ କୁମାରୀ ଫାର୍ମର୍‌ର ଦେଖାହୁଏ, ଅବଶ୍ୟ ତାକୁ ମୋର ସହୃଦୟ ସ୍ନେହ ଜଣାଇବ ଏବଂ ସେଠାରେ ସବୁ ବନ୍ଧୁମାନଙ୍କୁ ଜଣାଇବ । ଇତି

ତୁମର ଚିରସ୍ନେହବଦ୍ଧ, ବିବେକାନନ୍ଦ

୪୪୮ଇଂ

ରିଜ୍‌ଲି, ୨ ସେପ୍‌ଟେମ୍ବର ୧୮୯୯

ପ୍ରିୟ—,

ଜୀବନ ହେଉଛି କେତେଗୁଡ଼ିଏ ଘାତ-ପ୍ରତିଘାତ ଓ ଭୁଲ-ଭାଙ୍ଗିବାର ସମଷ୍ଟି ମାତ୍ର । ... ଜୀବନର ରହସ୍ୟ ହେଉଛି ଭୋଗ ନୁହେଁ, ପରନ୍ତୁ ଅଭିଜ୍ଞତା ଭିତର ଦେଇ ଶିକ୍ଷା ଲାଭ । କିନ୍ତୁ ହାୟ, ଯେତେବେଳେ ଆମର ପ୍ରକୃତ ଶିକ୍ଷା ଆରମ୍ଭ ହୁଏ ମାତ୍ର, ଠିକ୍ ସେତିକିବେଳେ ଡାକରା ଆସେ । ଏହା ହିଁ ଅନେକଙ୍କ ନିକଟରେ ପରଜନ୍ମର ଅସ୍ତିତ୍ୱ ସମ୍ବନ୍ଧରେ ଗୋଟିଏ ପ୍ରବଳ ଯୁକ୍ତି ବୋଲି ମନେ ହୁଏ ।... ସବୁଦିନ କାର୍ଯ୍ୟ ଉପରୁ ଦେଇ ଗୋଟାଏ ଘୂର୍ଣ୍ଣିବାୟୁ ବୋହିଯିବା ସବୁବେଳେ ଭଲ ବୋଲି ମନେହୁଏ—ସେଥିରେ ସବୁ ପରିଷ୍କାର ହୋଇଯାଏ ଏବଂ ଜିନିଷର ଅସଲ ରୂପଟି ଆମମାନଙ୍କ ଆଗରେ ଫୁଟିଉଠେ । ପୁଣି ସେ କାମକୁ ନୂଆ କରି ଗଢ଼ାଯାଏ—କିନ୍ତୁ ବଜ୍ର-ଦୃଢ଼ ଭିତ୍ତି ଉପରେ ।... ମୋର ଏକାନ୍ତ ଶୁଭେଚ୍ଛା ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୪୪୯ଇଂ (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

ରିଜ୍‌ଲି, ୪ ସେପ୍‌ଟେମ୍ବର ୧୮୯୯

ପ୍ରିୟ—,

...ମୋ ସମ୍ବନ୍ଧରେ ତ ସେହି ଗୋଟିଏ କଥା—ମା' ହିଁ ସବୁ ଜାଣନ୍ତି ।...

ତୁମମାନଙ୍କର, ବିବେକାନନ୍ଦ

୪୫୦ଇଂ

ରିଜ୍‌ଲି ମ୍ୟାନର୍
୧୪ ସେପଟେମ୍ବର ୧୮୯୯

ପ୍ରିୟ ଷ୍ଟର୍ଡି,

ମୁଁ ଲେଗେଟ୍‌ମାନଙ୍କ ଘରେ କେବଳ ବିଶ୍ରାମ ଉପଭୋଗ କରୁଛି, ଆଉ କିଛି କରୁ ନାହିଁ । ଅଭେଦାନନ୍ଦ ଏଠାରେ ଅଛି । ସେ ଖୁବ୍ ଖଟୁଛି । ଦିନେ ଦୁଇଦିନ ମଧ୍ୟରେ ସେ ବିଭିନ୍ନ ଜାଗାରେ କାର୍ଯ୍ୟ କରିବାକୁ ମାସକ ପାଇଁ ଚାଲିଯିବ । ତା'ପରେ ନିଉୟର୍କରେ କାର୍ଯ୍ୟ କରିବାକୁ ଆସିବ ।

ତୁମର ପ୍ରସ୍ତାବିତ ଧାରା ଅବଲମ୍ବନ କରି ମୁଁ କିଛି କରିବା ଚେଷ୍ଟାରେ ଅଛି; କିନ୍ତୁ ହିନ୍ଦୁମାନଙ୍କ ସମ୍ବନ୍ଧରେ ହିନ୍ଦୁର ଲେଖା ବହି ପାଶ୍ଚାତ୍ୟ ଦେଶରେ କେତେଦୂର ଆଦର ପାଇବ ଜାଣେ ନାହିଁ ।

ମିସେସ୍ ଜନ୍‌ସନଙ୍କ ମତରେ କୌଣସି ଧାର୍ମିକ ବ୍ୟକ୍ତିର ରୋଗ ହେବା ଉଚିତ ନୁହେଁ। ବର୍ତ୍ତମାନ ପୁଣି ତାଙ୍କର ମନେହେଉଛି ଯେ, ଧୂମପାନ ଆଦି ମଧ୍ୟ ପାପ। ମିସ୍ ମୁଲର୍ ମଧ୍ୟ ମୋତେ ଛାଡ଼ି ଚାଲିଯାଇଛନ୍ତି—ଏହି ରୋଗ ପାଇଁ। ହୁଏତ ସେମାନେ ହିଁ ଠିକ୍। ତୁମେ ଜାଣ ଏବଂ ମୁଁ ମଧ୍ୟ ଜାଣେ। ମୁଁ ଯାହା ତାହା ହିଁ ଅଛି। ଭାରତରେ ଅନେକେ ଏହି ଦୋଷ ପାଇଁ ଯେପରି ଆପତ୍ତି ଜଣାଇଛନ୍ତି, ସେହିପରି ଇଉରୋପୀୟମାନଙ୍କ ସହିତ ଆହାର କରିବା ମଧ୍ୟ ଦୂଷଣୀୟ ମନେ କରୁଛନ୍ତି। ଇଉରୋପୀୟମାନଙ୍କ ସହିତ ଆହାର କରେ ବୋଲି ମୋତେ ଗୋଟିଏ ପାରିବାରିକ ଦେବାଳୟରୁ ବାହାର କରିଦିଆଯାଇଥିଲା। ମୋର ତ ଇଚ୍ଛା ଯେ, ମୁଁ ଏପରି ନମନୀୟ ହୁଏ ଯେପରିକି ମୋତେ ପ୍ରତ୍ୟେକର ଇଚ୍ଛାନୁରୂପ ଆକାରରେ ଗଠିତ କରିଯାଇପାରେ; କିନ୍ତୁ ଦୁର୍ଭାଗ୍ୟର ବିଷୟ, ଏପରି ଲୋକ ତ ମୁଁ ଦେଖିଲି ନାହିଁ, ଯେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରେ। ବିଶେଷତଃ ଯାହାକୁ ବହୁତ ଜାଗାକୁ ଯିବାକୁ ହୁଏ, ତା' ପକ୍ଷରେ ସମସ୍ତଙ୍କୁ ତୁଷ୍ଟ କରିବା ସମ୍ଭବ ନୁହେଁ।

ମୁଁ ଯେତେବେଳେ ପ୍ରଥମେ ଆମେରିକାକୁ ଆସିଲି, ସେତେବେଳେ ପ୍ୟାଣ୍ଟ ପିନ୍ଧି ନ ନ ଥିଲେ ଲୋକେ ମୋ ପ୍ରତି ଦୁର୍ବ୍ୟବହାର କରୁଥିଲେ; ତା'ପରେ ମୋତେ ଶକ୍ତ ଆଣ୍ଡିନ୍ ଓ କଲର୍ ପିନ୍ଧିବାକୁ ବାଧ୍ୟ କରାଗଲା—ତା' ନ ହେଲେ ସେମାନେ ମୋତେ ଛୁଇଁବେ ନାହିଁ। ସେମାନେ ମୋତେ ଯାହା ଖାଇବାକୁ ଦେଉଥିଲେ, ତାହା ନ ଖାଇଲେ ମୋତେ ଅଦ୍ଭୁତ ବୋଲି ମନେକରୁଥିଲେ। ଏହିଭଳି ସବୁ।...

ଅବଶ୍ୟ ସବୁକିଛି ମୋର କର୍ମଫଳ—ଆଉ ଏଥିରେ ମୁଁ ଖୁସି ଅଛି। କାରଣ ଏଥିରେ ଯଦିଓ ତାତ୍କାଳିକ ଯନ୍ତ୍ରଣା ହୁଏ, ଏହା ଜୀବନରେ ଆଉ ଏକ ଅଭିଜ୍ଞତା ଅର୍ଜିତ ହୁଏ, ଏବଂ ଏହା ଏ ଜୀବନରେ ହେଉ ବା ପରଜୀବନରେ ହେଉ କାମରେ ଲାଗିବ।...

ମୁଁ କିନ୍ତୁ ଜୁଆରଭଟ୍ଟା ଭିତର ଦେଇ ଚାଲିଛି। ମୁଁ ସର୍ବଦା ଜାଣେ ଏବଂ ପ୍ରଚାର କରି ଆସିଛି ଯେ, ପ୍ରତ୍ୟେକ ଆନନ୍ଦର ପଶ୍ଚାତ୍ତରେ ଆସେ ଦୁଃଖ—ଚକ୍ରବୃଦ୍ଧି ସୁଧ ସମେତ ନ ହେଲେ ମଧ୍ୟ ଅନ୍ତତଃ ମୂଳଟା ନିଶ୍ଚୟ ଆସିବ। ମୁଁ ଜଗତ ନିକଟରୁ ପ୍ରଚୁର ସ୍ନେହପ୍ରୀତି ପାଇଛି, ସୁତରାଂ ଯଥେଷ୍ଟ ଘୃଣା ପାଇଁ ମଧ୍ୟ ମୋତେ ପ୍ରସ୍ତୁତ ରହିବାକୁ ହେବ। ଆଉ ଏଥିରେ ମୁଁ ଖୁସି ଅଛି—କାରଣ ଏହାଦ୍ୱାରା ମୋତେ ଅବଲମ୍ବନ କରି ମୋର ଏହି ମତବାଦ ହିଁ ପ୍ରମାଣିତ ହେଉଛି ଯେ, ପ୍ରତ୍ୟେକ ଉତ୍ଥାନ ସଙ୍ଗରେ ଥାଏ ତାହାର ଅନୁରୂପ ପତନ।

ମୋ ଦିଗରୁ ମୁଁ ମୋର ସ୍ୱଭାବ ଓ ନୀତିକୁ ସର୍ବଦା ଜାବୁଡ଼ି ଧରିଥାଏ—ଥରେ ଯାହାକୁ ବନ୍ଧୁ ବୋଲି ଗ୍ରହଣ କରିଛି, ସେ ସର୍ବଦା ହିଁ ମୋର ବନ୍ଧୁ। ତା'ଛଡ଼ା ଭାରତୀୟ ରୀତି ଅନୁସାରେ ମୁଁ ବାହାର ଘଟଣାବଳୀର କାରଣ ଆବିଷ୍କାର ପାଇଁ ଅନ୍ତରକୁ ଦୃଷ୍ଟିପାତ କରେ; ମୁଁ ଜାଣେ ଯେ, ମୋ ଉପରେ ଯେତେ ବିଦ୍ୱେଷ ଓ ଘୃଣାର ତରଙ୍ଗ ଆସି ପଡ଼େ ସେଥିପାଇଁ ଦାୟୀ ମୁଁ ଏବଂ କେବଳ ମୁଁ। ଏପରି ନ ହୋଇ ଅନ୍ୟପ୍ରକାର ହେବା ସମ୍ଭବ ନୁହେଁ।

ତୁମେ ଓ ମିସେସ୍ ଜନ୍‌ସନ୍ ଯେ ଆଉଥରେ ମୋତେ ଅନ୍ତର୍ମୁଖୀ ହେବା ପାଇଁ ଅବହିତ କରିଛ, ସେଥିପାଇଁ ତୁମମାନଙ୍କୁ ଧନ୍ୟବାଦ ଜଣାଉଛି ।

ଚିରକାଳ ପାଇଁ ସ୍ନେହ ଓ ଶୁଭାକାଙ୍‌କ୍ଷୀ, ବିବେକାନନ୍ଦ

୪୫୧ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ରିଜଲି ମ୍ୟାନର୍, ସେପଟେମ୍ବର ୧୮୯୯

ସ୍ନେହର ମେରୀ,

ହଁ, ଆସି ପହଞ୍ଚିଛି । ଗ୍ରୀନ୍‌ଏକର୍‌ରୁ ଇସାବେଲ୍‌ର ଖଣ୍ଡିଏ ଚିଠି ପାଇଛି । ତା'ସଙ୍ଗରେ ଏବଂ ହ୍ୟାରିଯେଟ୍ ସଙ୍ଗରେ ଶୀଘ୍ର ଦେଖା କରିବି । ହ୍ୟାରିଯେଟ୍ ପୂର୍ବ ପରି ମରିବ । ଯାହା ହେଉ, ମୁଁ ଅପେକ୍ଷା କରିବି, ମିଃ ଉଲି (Mr. Woolley) କୋଟିପତି ହେଲେ ହିଁ ମୋର ଟଙ୍କା ଦାବି କରିବି । ତୁମ ଚିଠିରେ ମଦର୍ ଚର୍ଚ୍ଚ ବା ଫାଦର୍ ପୋପ୍‌ଙ୍କର ଠିକଣାଖି ଖବର କିଛି ନାହିଁ, କେତେଗୁଡ଼ିଏ ସମ୍ବାଦପତ୍ର ମୋ ସମ୍ବନ୍ଧରେ କ'ଣ ଲେଖିଛନ୍ତି, ନ ଲେଖିଛନ୍ତି, କେବଳ ତାହା ହିଁ ଅଛି । କାଗଜର ଲେଖାପ୍ରତି ମୋର ଆଗ୍ରହ ବହୁ ଦିନରୁ ଚାଲିଯାଇଛି; ସେଗୁଡ଼ିକ କେବଳ ଜନସାଧାରଣଙ୍କ ନିକଟରେ ଆମକୁ ଟେକି ଧରନ୍ତି, ଏବଂ ତା' ଦ୍ୱାରା ମୋର ବହିଗୁଡ଼ିକ ତୁମ ମତରେ 'ଯେ କୌଣସିମତେ ବିକ୍ରି ହୋଇଯାଏ' । ବର୍ତ୍ତମାନ କ'ଣ କରିବାକୁ ଚେଷ୍ଟା କରୁଛି, ଜାଣ ? 'ଭାରତ ଓ ଭାରତବାସୀ' ସମ୍ବନ୍ଧରେ ଗୋଟିଏ ବହି ଲେଖୁଛି—ଛୋଟ, ସହଜ, ମଜା ଗଳ୍ପରେ ଭର୍ତ୍ତି । ପୁଣି ଫରାସୀ ଶିଖୁଛି । ଏ ବର୍ଷ ଶିଖି ନ ପାରିଲେ ଆଗାମୀ ବର୍ଷ ପ୍ୟାରିସ୍ ପ୍ରଦର୍ଶନୀ ଠିକ୍‌ଭାବରେ ଚଳାଇପାରିବି ନାହିଁ । ହଁ, ଏଠାରେ ବେଶ୍ କିଛି ଫରାସୀ ଶିଖିନେବାକୁ ଚାହେଁ, ଚାକରମାନେ ସୁଦ୍ଧା ଫରାସୀରେ କଥା କହନ୍ତି ।

ମିସେସ୍ ଲେଗେଟ୍‌ଙ୍କୁ ତୁମେ କେବେହେଲେ ଦେଖି ନାହଁ, ନୁହେଁ କି ? ପ୍ରକୃତରେ ସେ ଚମତ୍କାର । ଆସନ୍ତାବର୍ଷ ପୁଣି ତାଙ୍କର ଅତିଥି ହୋଇ ପ୍ୟାରିସ୍ ଯାଉଛି, ଯେପରି ପ୍ରଥମ ଥର ଯାଇଥିଲି ।

ବର୍ତ୍ତମାନ ଦର୍ଶନ ଓ ତୁଳନାମୂଳକ ଧର୍ମଶିକ୍ଷା ପାଇଁ ଏବଂ କର୍ମକେନ୍ଦ୍ର ରୂପେ ଗଙ୍ଗା-ତୀରରେ ଗୋଟିଏ ମଠ ହୋଇଛି ।

ସମୟ କିପରି କଟାଉଛ ? ପଢ଼ାପଢ଼ି କର ?—ଲେଖାଲେଖି କର ? ନା, କିଛି ହେଲେ କର ନାହିଁ ? ଏହି ସମୟ ମଧ୍ୟରେ ଅନେକ କିଛି ଲେଖିପାରିଥାନ୍ତ । ଯଦି ମୋତେ ଫରାସୀଟା ଶିଖାଇଥାନ୍ତ, ତା'ହେଲେ ଏତେବେଳକୁ ମୁଁ ବେଶ୍ ଫ୍ରଗି (ଫରାସୀ) ହୋଇଯାଇ-ଥାନ୍ତି; କିନ୍ତୁ ତାହା ନ କରି ମୋ ଦ୍ୱାରା ଯେତେ ବାଜେ କଥା କୁହାଉଛ । ଗ୍ରୀନ୍‌ଏକର୍‌କୁ ତୁମେ କୌଣସି ଦିନ ଯାଇ ନାହଁ; ଆଶା କରେ ସେଠାକାର ବିଷୟ ବର୍ତ୍ତମାନ ପ୍ରତିବର୍ଷ ବଢ଼ୁଛି ।

ତୁମର ଚିକିତ୍ସା (ଖ୍ରିଷ୍ଟିଆନ୍ ସାଇନ୍‌ସ) ଦ୍ୱାରା ମୋତେ ଭଲ କରିପାରିଲ ନାହିଁ ।

ତୁମର ରୋଗ-ନିରାମୟର କ୍ଷମତା ସମ୍ବନ୍ଧରେ ମୋର ଅସ୍ଥା ବେଶ୍ କିଛି କମିଯାଉଛି । ସ୍ୟାମ୍ କେଉଁଠି ?···

ମୋର କେଶ ଚଞ୍ଚଳ ପାଚି ଯାଉଥିଲା, ବର୍ତ୍ତମାନ କୌଣସି ପ୍ରକାରେ ତାହା ବନ୍ଦ ହୋଇଛି । ଦୁଃଖର ବିଷୟ ବର୍ତ୍ତମାନ କେତୋଟି ମାତ୍ର ପାଚିଲା କେଶ ଅଛି; ଅବଶ୍ୟ ଭଲ ଭାବରେ ସନ୍ଧାନ କଲେ ଅଦ୍ଭୁତ ଅନେକ ବାହାରି ପଡ଼ିବ । ଶୁଭ୍ରକେଶ ମୋର ବେଶ୍ ପସନ୍ଦ ।···

ମଦର୍ ଚର୍ଚ୍ଚ ଓ ଫାଦର୍ ପୋପ୍ ଇଉରୋପର ଦେଶଗୁଡ଼ିକରେ ବେଶ୍ ଆନନ୍ଦରେ କଟାଉଥିଲେ, ଦେଶକୁ ଯିବା ବାଟରେ ମୁଁ ତାହା ଠିକ୍ ଦେଖିପାଉଛି । ଆଉ ଚିକାଗୋରେ ତୁମେ ରୂପକଥାର ସିଣ୍ଡ୍ରେଲା ହୋଇ ବସିଅଛ—ତାହା ତୁମ ପକ୍ଷରେ ଭଲ । ଆସନ୍ତା ବର୍ଷ ତୁମକୁ ସାଙ୍ଗରେ ନେଇ ପ୍ୟାରିସ୍ ଯିବି, ବୁଢ଼ାବୁଢ଼ୀମାନଙ୍କୁ ରାଜି କରିଅ ତ । ସେଠାରେ ଅଦ୍ଭୁତ ଅଦ୍ଭୁତ ଦେଖିବାର ଜିନିଷ ଅଛି; ସମସ୍ତେ କହନ୍ତି, ଫରାସୀମାନେ ବ୍ୟବସାୟ ଉଠେଇନେବା ପୂର୍ବରୁ ଶେଷଥର ପାଇଁ ଗୋଟାଏ ବଡ଼ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛନ୍ତି ।

ହଁ, ଦୀର୍ଘକାଳ ଧରି ତୁମେ ମୋ ପାଖକୁ ଚିଠି ଲେଖି ନାହଁ । ଏ ଚିଠି ତୁମର ପ୍ରାପ୍ୟ ନୁହେଁ, କିନ୍ତୁ ଦେଖୁଛ—ମୁଁ କେଡ଼େ ଭଲ ମଣିଷ, ବିଶେଷ କରି ମୃତ୍ୟୁ ଯେତେବେଳେ ଦ୍ୱାରଦେଶରେ ଉପସ୍ଥିତ, ସେତେବେଳେ ମୁଁ କାହା ସଙ୍ଗରେ ବିବାଦ କରିବାକୁ ଚାହେଁ ନାହିଁ । ଇସାବେଲ୍ ଓ ହ୍ୟାରିଏଟ୍‌ଙ୍କୁ ଦେଖିବା ପାଇଁ ମୁଁ ବ୍ୟାକୁଳ । ମନେହୁଏ, ଗ୍ରୀନ୍‌ଏକର୍ ଇନ୍‌ରେ (Greenacre Inn) ସେମାନେ ଯଥେଷ୍ଟ ପରିମାଣରେ ରୋଗ-ନିରାମୟ-ଶକ୍ତିର ସରବରାହ ପାଉଛନ୍ତି ଏବଂ ବର୍ତ୍ତମାନ ମୋର ସ୍ୱାସ୍ଥ୍ୟଭଙ୍ଗରୁ ସେମାନେ ମୋତେ ଉଦ୍ଧାର କରିପାରିବେ । ଆମ ସମୟରେ କିନ୍ତୁ ସରାଇ ଘରଟି (Inn) ଆଧ୍ୟାତ୍ମିକ ଖାଦ୍ୟରେ ପୂର୍ଣ୍ଣ ଥିଲା, ପାର୍ଥିବ ପଦାର୍ଥର ପରିମାଣ ବହୁତ କମ୍ ଥିଲା । ତୁମେ କ'ଣ ଅସ୍ଥିବିଜ୍ଞାନ ସମ୍ବନ୍ଧରେ କିଛି ଜାଣ ? ନ୍ୟୁୟର୍କକୁ ଜଣେ ଆସି ବାସ୍ତବିକ୍ ଆଶ୍ଚର୍ଯ୍ୟ କାଣ୍ଡ କରୁଛି । ସପ୍ତାହକ ପରେ ତା'ଦ୍ୱାରା ମୋର ହାଡ଼ଗୋଡ଼ର ପରୀକ୍ଷା ହେବ ।

ମିସ୍ ହାଓ କେଉଁଠି ? ପ୍ରକୃତରେ ସେ ମହତ୍ ପ୍ରାଣ, ଜଣେ ଅକୃତ୍ରିମ ବନ୍ଧୁ । ମେରୀ, କଥା ପ୍ରସଙ୍ଗରେ କହୁଛି, ଭାବିଲେ ଅଦ୍ଭୁତ ଲାଗେ ଯେ, ତୁମର ପରିବାରଟି—ମଦର୍ ଚର୍ଚ୍ଚ ଓ ତାଙ୍କର ଧର୍ମଯାଜକ (Mr. Hale)— ସନ୍ନ୍ୟାସୀ ଓ ସଂସାରୀ ଦୁଇ ରୂପରେ ମୋ ମନରେ ଯେଉଁ ଛାପ ପକାଇଛନ୍ତି, ଅନ୍ୟ କୌଣସି ପରିଚିତ ପରିବାର ତାହା ପାରି ନାହାନ୍ତି । ପ୍ରଭୁଙ୍କର ଆଶୀର୍ବାଦ ଚିରଦିନ ତୁମ ଉପରେ ବର୍ଷୁଥାଉ ।

ମୁଁ ବର୍ତ୍ତମାନ ବିଶ୍ରାମ ନେଉଛି । ଲେଗେଟ୍ ପରିବାର ଭାରି ସହୃଦୟ । ଏଠାରେ ମୁଁ ଖୁବ୍ ସ୍ୱଚ୍ଛନ୍ଦରେ ବାସ କରୁଛି । ଡିଉଇ (Dewy) ଶୋଭାଯାତ୍ରା ଦେଖିବା ପାଇଁ ନ୍ୟୁୟର୍କ ଯିବାର ଇଚ୍ଛା । ସେଠାକାର ବନ୍ଧୁମାନଙ୍କ ସଙ୍ଗରେ ଦେଖାହୋଇ ନାହିଁ ।

ତୁମର ସମସ୍ତ ଖବର ଲେଖିବ; ତାହା ଜାଣିବା ପାଇଁ ମୋର ବିଶେଷ ଆଗ୍ରହ । ତୁମେ ନିଶ୍ଚୟ ଜୋ ଜୋଙ୍କୁ ଜାଣ । ମୋର ଅବିରତ ସ୍ୱାସ୍ଥ୍ୟଭଙ୍ଗ ହେତୁ ତାଙ୍କରି ଭାରତ-

ଭ୍ରମଣ ପଣ୍ଡ ହୋଇଛି, କିନ୍ତୁ ସେମାନେ କେତେ ସହୃଦୟ ଓ କ୍ଷମାପରାୟଣ ! କେଡେବର୍ଷି ଧରି ସେ ଓ ମିସେସ୍ ବୁଲ୍ ସ୍ୱର୍ଗୀୟ ଦୂତ ପରି ମୋର ତତ୍ତ୍ୱାବଧାନ କରିଛନ୍ତି । ଆଗାମୀ ସପ୍ତାହରେ ମିସେସ୍ ବୁଲ୍‌ଙ୍କର ଏଠାକୁ ଆସିବାର ସମ୍ଭାବନା ।

ଆଗରୁ ସେ ଏଠାକୁ ଆସି ହାଜର ହୁଅନ୍ତେଣି, କିନ୍ତୁ ତାଙ୍କର ଝିଅ (ଓଲସ୍ପା) ହଠାତ୍ ବେମାରରେ ପଡ଼େ । ଝିଅଟି ବହୁତ ଭୋଗିଛି, ତେବେ ବର୍ତ୍ତମାନ ବିପଦ କଟିଯାଇଛି । ଏଠାରେ ଲେଗେଟ୍‌ଙ୍କର ଖଣ୍ଡିଏ କୁଟୀର ମିସେସ୍ ବୁଲ୍ ନେଇଛନ୍ତି । ଅସମୟରେ ଶୀତ ନ ପଡ଼ିଲେ ଆମ୍ଭର ମାସେ ଏଠାରେ ମୋର ଚମତ୍କାର ଭାବରେ କଟିବ । ଜାଗାଟି ପ୍ରକୃତରେ ସୁନ୍ଦର—ବନରାଜିବେଷ୍ଟିତ ସୁନ୍ଦର ତୃଣାଚ୍ଛାଦିତ ପ୍ରାନ୍ତର ।

ସେଦିନ ଗଲ୍‌ଫ୍ ଖେଳିବା ପାଇଁ ଚେଷ୍ଟା କରିଗଲି; ଖେଳଟା ବିଶେଷ କଠିନ ବୋଲି ମନେହୁଏ ନାହିଁ—କେବଳ ଅଭ୍ୟାସ ଦରକାର । ତୁମର ଗଲ୍‌ଫ୍-ପ୍ରିୟ ବନ୍ଧୁମାନଙ୍କ ସହିତ ଦେଖା କରିବାକୁ କେବେ ଫିଲ୍‌ଡେଲ୍‌ଫିଆ ଯାଇ ନାହଁ ? ତୁମର ମତଲବଟା କ'ଣ ? ଅବଶିଷ୍ଟ ଜୀବନକୁ କିପରି କଟାଇବାକୁ ଚାହଁ କୁହ ତ ? କୌଣସି କାର୍ଯ୍ୟର ପରିକଳ୍ପନା କରିଛ କି ? ଖଣ୍ଡିଏ ବଡ଼ ଚିଠି ଲେଖ, ଲେଖିବ କି ? ନେପଲ୍‌ସର ରାଜପଥରେ ଚାଲୁ ଚାଲୁ ଜଣକଣ ମହିଳାଙ୍କ ସଙ୍ଗରେ ଆଉ ଜଣଙ୍କୁ ଯାଉଥିବାର ଦେଖିଲି—ନିଶ୍ଚୟ ଆମେରିକାନ୍—ତୁମ ସହିତ ତାଙ୍କର ଏତେ ସାଦୃଶ୍ୟ ଯେ, ମୁଁ ତ ପ୍ରାୟ କଥା କହିବାକୁ ଯାଉଥିଲି; ନିକଟକୁ ଆସିବାରୁ ଭୁଲ୍ ଭାଙ୍ଗିଲା । ଏଥରକ ପାଇଁ ବିଦାୟ । ଶୀଘ୍ର ଶୀଘ୍ର ଲେଖ ।

ସତତ ତୁମର ସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

**୪୫୨ଇ°** (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

ରିଜ୍‌ଲି ମ୍ୟାନର୍, ୩ ଅକ୍ଟୋବର ୧୮୯୯

ସ୍ନେହର ମେରି,

ତୁମର ଏକାନ୍ତ ହୃଦ୍ୟ କଥାଗୁଡ଼ିକ ପାଇଁ ଧନ୍ୟବାଦ । ବର୍ତ୍ତମାନ ମୁଁ ବହୁ ପରିମାଣରେ ଭଲ ଅଛି ଏବଂ ଦିନକୁ ଦିନ ଆହୁରି ଭଲ ହୋଇଯାଉଛି । କାଲି କିମ୍ବା ପଅରି ଦିନ ଝିଅକୁ ଧରି ମିସେସ୍ ବୁଲ୍‌ଙ୍କର ଆସିବାର କଥା । ସୁତରାଂ ଆମ୍ଭର କିଛିକାଳ ଭଲରେ କଟିବ ବୋଲି ମନେହୁଏ—ତୁମର ଅବଶ୍ୟ ସବୁ ସମୟ ଭଲରେ କଟୁଛି । ଫିଲ୍‌ଡେଲ୍‌ଫିଆ ଯାଉଛ ଜାଣି ଖୁସି ହୋଇଛି, କିନ୍ତୁ ସେଥରପରି ଏଥର ସେତେଟା ନୁହେଁ । ସେଥର ଦିଗନ୍ତରେ କୋଟିପତି ଦେଖାଦେଇଥିଲେ । ସବଂବିଧ ପ୍ରୀତି ଜାଣିବ ।

ସତତ ତୁମର ସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

**୪୫୩ଇ°** (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

ରିଜ୍‌ଲି ମ୍ୟାନର୍, ୩୦ ଅକ୍ଟୋବର ୧୮୯୯

ସ୍ନେହର ଆଶାବାଦୀ ଭଗିନି,

ତୁମର ଚିଠି ପାଇଛି । ସ୍ରୋତରେ ଭାସୁଥିବା ଆଶାବାଦୀକୁ କର୍ମରେ ପ୍ରବୃତ୍ତ କରିବା-

ଭଲ କିଛି ଗୋଟାଏ ଯେ ଘଟିଛି, ସେଥିପାଇଁ ଆନନ୍ଦିତ । ତୁମର ପ୍ରଶ୍ନଗୁଡ଼ିକ ଦୁଃଖବାଦର ଭିତ୍ତିକୁ ଦୋହଲାଇ ଦେଇଛି, କହିବାକୁ ହେବ । ବର୍ତ୍ତମାନ ବ୍ରିଟିଶ-ଭାରତର ଗୋଟିଏ ମାତ୍ର ଭଲ ଦିଗ ଅଛି—ଯଦିଓ ଅଜାଣତରେ ଘଟିଛି—ତାହା ଭାରତକୁ ଆଉଥରେ ଜଗତର ମଞ୍ଚ ଉପରକୁ ଉତ୍ତୋଳିତ କରିଛି, ଭାରତ ଉପରେ ବାହାର ପୃଥିବୀକୁ ଜୋର୍ କରି ଗୁଞ୍ଜିଦେଇଛି । ସଂଶ୍ଳିଷ୍ଟ ଲୋକମାନଙ୍କର ମଙ୍ଗଳ ପ୍ରତି ଦୃଷ୍ଟି ଦେଇ ଯଦି ତାହା କରାଯାଇଥା'ନ୍ତା ତାହା ହେଲେ—ଅନୁକୂଳ ପରିବେଶରେ ଜାପାନକ୍ଷେତ୍ରରେ ଯାହା ଘଟିଛି—ଭାରତକ୍ଷେତ୍ରରେ ଫଳାଫଳ ଆହୁରି କେତେ ବିସ୍ମୟକର ହୋଇପାରିଥା'ନ୍ତା ! କିନ୍ତୁ କେବଳ ରକ୍ତ-ଶୋଷଣ ଯେଉଁଠାରେ ପ୍ରଧାନ ଉଦ୍ଦେଶ୍ୟ, ସେଠାରେ କଲ୍ୟାଣକର କିଛି ହୋଇପାରେ ନାହିଁ । ମୋଟ ଉପରେ ପୁରୁଣା ଶାସନ ଲୋକମାନଙ୍କ ପକ୍ଷରେ ଏହା ଅପେକ୍ଷା ଭଲ ଥିଲା, କାରଣ ତାହା ସେମାନଙ୍କର ସର୍ବସ୍ୱ ଲୁଣ୍ଠନ କରିନେଇ ନାହିଁ ଏବଂ ସେଠାରେ ଅନ୍ତତଃ କିଛି ସୁବିଚାର, କିଛି ସ୍ୱାଧୀନତା ଥିଲା ।

କେତେଶହ ଅର୍ଦ୍ଧଶିକ୍ଷିତ, ବିଜାତୀୟ, ନବ୍ୟତନ୍ତ୍ରୀ ଲୋକଙ୍କୁ ନେଇ ବର୍ତ୍ତମାନ ବ୍ରିଟିଶ୍-ଭାରତର ସଜ୍ଜିତ ତାମସା—ଆଉ କିଛି ନୁହେଁ । ମୁସଲମାନ ଐତିହାସିକ ଫେରିସ୍ତାଙ୍କ ମତରେ ଦ୍ୱାଦଶ ଶତାବ୍ଦୀରେ ହିନ୍ଦୁଙ୍କ ସଂଖ୍ୟା ଥିଲା ୬୦ କୋଟି, ବର୍ତ୍ତମାନ ୨୦ କୋଟିରୁ ବି କମ୍ ।

ଇଂରେଜଙ୍କ ବିଜୟକାଳରେ କେତେ ଶତାବ୍ଦୀ ଧରି, ଯେଉଁ ସନ୍ତ୍ରାସର ରାଜତ୍ୱ ଚାଲିଥିଲା, ବ୍ରିଟିଶ ଶାସନର ଅବଶ୍ୟମ୍ଭାବୀ ପରିଣାମ ରୂପେ ୧୮୫୭ ଓ ୧୮୫୮ ଖ୍ରୀଷ୍ଟାବ୍ଦରେ ଯେଉଁ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା ଏବଂ ତା' ଅପେକ୍ଷା ଯେଉଁସବୁ ଭୟଙ୍କର ଦୁର୍ଭିକ୍ଷ ଦେଖାଦେଇଥିଲା (ଦେଶୀୟ ରାଜ୍ୟରେ କେବେହେଲେ ଦୁର୍ଭିକ୍ଷ ହୋଇ ନାହିଁ) ତାହା ଲକ୍ଷ ଲକ୍ଷ ଲୋକଙ୍କୁ ଗ୍ରାସ କରିଛି । ତା'ସତ୍ତ୍ୱେ ଜନସଂଖ୍ୟା ବହୁତ ବଢ଼ିଛି; କିନ୍ତୁ ମୁସଲମାନ ଶାସନ ପୂର୍ବରୁ ଦେଶ ଯେତେବେଳେ ସମ୍ପୂର୍ଣ୍ଣ ସ୍ୱାଧୀନ ଥିଲା, ବର୍ତ୍ତମାନ ମଧ୍ୟ ସେହି ସଂଖ୍ୟାରେ ପହଞ୍ଚି ନାହିଁ । ବର୍ତ୍ତମାନ ଜନସଂଖ୍ୟାର ଅନ୍ତତଃ ପାଞ୍ଚଗୁଣ ଲୋକଙ୍କୁ ସହଜରେ ଭରଣପୋଷଣ କରିବା ଭଳି ଜୀବିକା ଓ ଉତ୍ପାଦନର ସଂସ୍ଥାନ ଭାରତରେ ଅଛି—ଯଦି ସବୁକିଛି ସେମାନଙ୍କ ନିକଟରୁ କାଢ଼ିନିଆ ନ ଯାଏ ।

ଏଇ ତ ଅବସ୍ଥା—ଶିକ୍ଷାବିସ୍ତାର ମଧ୍ୟ ବନ୍ଦ କରିଦିଆଯାଉଛି, ସମ୍ବାଦପତ୍ରର ସ୍ୱାଧୀନତା ଅପହୃତ, (ଅବଶ୍ୟ ବହୁପୂର୍ବରୁ ଆମମାନଙ୍କୁ ନିରସ୍ତ୍ର କରାଯାଇଛି), ଯେଉଁଟିକକ ସ୍ୱାୟତ୍ତଶାସନ କେତେବର୍ଷ ପାଇଁ ଦିଆଯାଇଥିଲା, ଅବିଳମ୍ବେ ତାହା କାଢ଼ି ନିଆଯାଇଛି । ଦେଖୁଛି, ଆଉ କ'ଣ ଘଟୁଛି ! କେତୋଟି ଧାଡ଼ିର ସମାଲୋଚନା ପାଇଁ ଲୋକଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତରକୁ ଠେଲି ଦିଆଯାଉଛି, ଅବଶିଷ୍ଟ ଲୋକମାନେ ବିନା ବିଚାରରେ ଜେଲ୍‌ରେ । କେହି ଜାଣନ୍ତି ନାହିଁ, କେତେବେଳେ କାହାର ଦେହରୁ ମୁଣ୍ଡଟା ଉଡ଼େଇ ଦିଆଯିବ ।

ଭାରତବର୍ଷରେ କେତେବର୍ଷ ଧରି ଭୟ-ଅତ୍ୟାଚାରର ରାଜତ୍ୱ ଚାଲିଛି । ବ୍ରିଟିଶ ସୈନ୍ୟମାନେ ଆମର ପୁରୁଷମାନଙ୍କୁ ହତ୍ୟା କରିଛନ୍ତି, ସ୍ତ୍ରୀଲୋକମାନଙ୍କର ଇଜ୍ଜତ ନଷ୍ଟ

କରନ୍ତି, ତା' ବଦଳରେ ଆମମାନଙ୍କ ପଇସାରେ ଜାହାଜରେ ଚଢ଼ି ଦେଶକୁ ଫେରନ୍ତି ପେନ୍‌ସନ୍ ଭୋଗ କରିବା ପାଇଁ । ଭୟଙ୍କର ନୈରାଶ୍ୟରେ ଆମେମାନେ ବୁଡ଼ି ରହିଛୁ । କେଉଁଠି ସେହି ଭଗବାନ ? ମେରି, ତୁମେ ଆଶାବାଦୀ ହୋଇପାର, କିନ୍ତୁ ମୁଁ କ'ଣ ହୋଇପାରିବି ? ଧର, ଏହି ଚିଠିଟି ଯଦି ତୁମେ ପ୍ରକାଶ କରିଦିଅ—ଭାରତର ନୂତନ ଆଇନ ବଳରେ ଇଂରାଜ ସରକାର ମୋତେ ଏଠାରୁ ସିଧା ଭାରତକୁ ଟାଣିନେଇଯିବେ ଏବଂ ବିନା ବିଚାରରେ ମୋତେ ହତ୍ୟା କରିବେ । ଆଉ ମୁଁ ଜାଣେ, ତୁମମାନଙ୍କର ସବୁ ଖ୍ରୀଷ୍ଟିଆନ୍ ଶାସକ-ସମ୍ପ୍ରଦାୟ ଏହାକୁ ଉପଭୋଗ କରିବେ, କାରଣ ଆମେମାନେ ଯେ 'ହିଦେନ୍' । ଏହବୁ ଦେଖି ମୁଁ ନିଦ୍ରା ଯିବି, ଆଉ ଆଶାବାଦୀ ରହିବି ? ପୃଥିବୀର ସବୁଠାରୁ ବଡ଼ ଆଶାବାଦୀର ନାମ ନିରୋ (Nero) । ହାୟ୍, ସେହି ଭୟଙ୍କର ଅବସ୍ଥାର କଥା ସେମାନେ ସମ୍ବାଦ ହିସାବରେ ମଧ୍ୟ ଲେଖିବା ପାଇଁ ଉପଯୁକ୍ତ ମନେକରନ୍ତି ନାହିଁ । ନହାତ ଯଦି ଦରକାର ହୁଏ, ରଏଟର୍‌ର ଏଜେଣ୍ଟ ଆଗେଇ ଆସି 'ଆଦେଶ ଅନୁସାରେ ତିଆରି କରିଥିବା' ଠିକ୍ ଓଲଟା ଖବରଟି ବଜାରକୁ ଛାଡ଼ିବେ । ହିଦେନ୍-ହତ୍ୟା ଖ୍ରୀଷ୍ଟିଆନ୍‌ମାନଙ୍କ ପକ୍ଷରେ ଅବଶ୍ୟ ନ୍ୟାୟସଙ୍ଗତ ଅବସରବିନୋଦନ । ତୁମମାନଙ୍କର ମିଶନାରୀମାନେ ଭାରତକୁ ଈଶ୍ୱରଙ୍କ ମହିମା ପ୍ରଚାର କରିବାକୁ ଯାଆନ୍ତି, କିନ୍ତୁ ଇଂରେଜମାନଙ୍କ ଭୟରେ ସେଠାରେ ଗୋଟିଏ ସୁଦ୍ଧା ସତ୍ୟକଥା ଉଚ୍ଚାରଣ କରିପାରନ୍ତି ନାହିଁ; ଯଦି କରିବେ, ତା' ପରଦିନ ଇଂରାଜମାନେ ସେମାନଙ୍କୁ ତଡ଼ିଦେବେ ।

ପୂର୍ବରୁ ଶାସକମାନେ ଶିକ୍ଷା ପାଇଁ ଯେଉଁସବୁ ଜମି ଓ ସମ୍ପତ୍ତି ଦାନ କରିଥିଲେ, ସେସମସ୍ତ ଗ୍ରାସ କରିନିଆଯାଇଛି, ଏବଂ ବର୍ତ୍ତମାନ ସରକାର ଶିକ୍ଷା ପାଇଁ ରୁଷିଆ୍ ଅପେକ୍ଷା ମଧ୍ୟ କମ୍ ଖରଚ କରନ୍ତି—ଆଉ ସେ କି ଶିକ୍ଷା ! ମୌଳିକତାର ସାମାନ୍ୟ ଚେଷ୍ଟାକୁ ସୁଦ୍ଧା ତଣ୍ଟିଚିପି ମାରିଦିଆଯାଏ ।

ମେରି, ଆମମାନଙ୍କର କୌଣସି ଆଶା ନାହିଁ । ଯଦି ସତରେ ଏପରି କୌଣସି ଭଗବାନ ଆଆନ୍ତି, ଯେ ସମସ୍ତଙ୍କର ପିତାସ୍ୱରୂପ, ଯେ ବଳବାନ୍ ବିରୋଧରେ ଦୁର୍ବଳକୁ ରକ୍ଷା କରିବା ପାଇଁ ଭୀତ ନୁହନ୍ତି, ଏବଂ ଯେ କାଞ୍ଚନର ଦାସ ନୁହନ୍ତି ' ସେପରି କୌଣସି ଭଗବାନ ଅଛନ୍ତି କି ? କାଳ ହିଁ ତାହା ପ୍ରମାଣିତ କରିବ ।

ହଁ, ଆଶା କରୁଛି—କେତେ ସପ୍ତାହ ପରେ ଚିକାଗୋ ଯାଇପାରିବି ଏବଂ ସେତେବେଳେ ସବୁକଥା ଖୋଲି କହିବି ।···

ସର୍ବବିଧ ପ୍ରୀତିସହ ସତତ ତୁମର ଭ୍ରାତା, ବିବେକାନନ୍ଦ

ପୁଃ—ଧର୍ମ-ସମ୍ପ୍ରଦାୟ ହିସାବରେ '—' ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟଗୁଡ଼ିକ ଅର୍ଥହୀନ ସମ୍ମିଶ୍ରଣ; ଇଂରେଜ ପ୍ରଭୁଙ୍କ ନିକଟରେ ଆମମାନଙ୍କୁ ବଞ୍ଚିବାକୁ ଦେବାର ପ୍ରାର୍ଥନା ପହଞ୍ଚାଇବା ପାଇଁ ଏମାନେ ଗଜୁରି ଉଠିଛନ୍ତି । ଆମେମାନେ ଏକ ନୂତନ ଭାରତର ସୂଚନା କରିଛୁ—ଯଥାର୍ଥ ଉନ୍ନତ ଭାରତ, ପରର ଦୃଶ୍ୟ ଟିକିକ ଦେଖିବାର ଅପେକ୍ଷାରେ ଅଛୁ । ନୂତନ ମତବାଦରେ ଆମେ ସେତେବେଳେ ବିଶ୍ୱାସୀ ହେବୁଁ, ଯେତେବେଳେ ଜାତିର ତାହା

ପ୍ରୟୋଜନ ହେବ ଏବଂ ଆମ ପକ୍ଷରେ ତାହା ଯଥାର୍ଥ ସତ୍ୟ ହେବ । ଅନ୍ୟମାନଙ୍କର ସତ୍ୟର ପରୀକ୍ଷା ହେଲା 'ଆମମାନଙ୍କର ପ୍ରଭୁମାନେ ଯାହା ଅନୁମୋଦନ କରିବେ'; ଆଉ ଆମମାନଙ୍କର ହେଲା, 'ଯାହା ଭାରତୀୟ ଜ୍ଞାନ-ବିଚାରରେ ବା ଅଭିଜ୍ଞତାରେ ଅନୁମୋଦିତ', କେବଳ ତାହା । ଲଢେଇ ଆରମ୍ଭ ହୋଇଯାଇଛି, '—' ଓ ଆମମାନଙ୍କ ମଧ୍ୟରେ ନୁହେଁ, ··· ଆରମ୍ଭ ହୋଇଛି ଅଧିକ କଠିନ ଭୟଙ୍କର ଶକ୍ତି ବିରୋଧରେ । —ବି.

୪୫୪ଇଂ

C/o F. Leggett Esq.,
ରିଜଲି ମ୍ୟାନର, ଆଲ୍‌ଷ୍ଟାର କାଉଣ୍ଟି, ନିଉୟର୍କ

ପ୍ରିୟ ଷ୍ଟର୍ଡି,

ଠିକଣାର ଅସମ୍ପୂର୍ଣ୍ଣତା ହେତୁ, ତୁମର ଶେଷ ଚିଠିଟି କେତେ ଜାଗା ଘୂରି ଘୂରି ମୋ ପାଖରେ ଆସି ପହଞ୍ଚିଛି ।

ହୋଇପାରେ, ତୁମର ସମାଲୋଚନାରେ କେତେକ ଅଂଶ ସଙ୍ଗତ ସତ୍ୟ । ପୁଣି ଏହା ସମ୍ଭବ ଯେ, କୌଣସି ଦିନ ତୁମେ ଦେଖିବ ଯେ, କେତେ ଜଣ ଲୋକଙ୍କ ପ୍ରତି ତୁମର ବିରକ୍ତିରୁ ଏସବୁର ଉତ୍ପତ୍ତି ଏବଂ ମୁଁ ମଧ୍ୟ ଅନ୍ୟକୃତ ଅପରାଧର ଫଳଭୋଗୀ (scape-goat) ।

ସେ ଯାହା ହେଉ, ଏସବୁ ନେଇ ତିକ୍ତତାର ପ୍ରୟୋଜନ ନାହିଁ; କାରଣ ମୁଁ ଯାହା ନୁହେଁ, ତାହା କେବେ ଛଳନା କରିଛି ବୋଲି ମୋର ମନେହୁଏ ନାହିଁ । ପୁଣି ସେପରି କରିବା ମୋ ପକ୍ଷରେ କେବେହେଲେ ସମ୍ଭବପର ନୁହେଁ, କାରଣ ମୋର ଧୂମପାନ, ଖରାପ ମିଜାଜ୍ ଇତ୍ୟାଦି ବିଷୟ—ମୋ ସହିତ ଘଣ୍ଟାଏ ଖଣ୍ଡେ ଅତିବାହିତ କଲେ ଯେ କେହି ଜାଣିପାରିବ । 'ମିଳନ ପରେ ବିଚ୍ଛେଦ ଅଛି ।'—ଏହା ହିଁ ପ୍ରକୃତିର ନିୟମ । ସେଥିପାଇଁ କୌଣସି ନୈରାଶ୍ୟ ଭାବ ମୋ ମନରେ ଆସେ ନାହିଁ । ଆଶାକରେ ତୁମ ମନରେ କୌଣସି ତିକ୍ତତା ରହିବ ନାହିଁ । କର୍ମ ହିଁ ଆମମାନଙ୍କୁ ମିଳାଇଦିଏ, ପୁଣି କର୍ମ ହିଁ ବିଚ୍ଛେଦ କରେ ।

ମୁଁ ଜାଣେ, ତୁମେ କେତେ ଲାଜକୁଳା ଏବଂ ଅନ୍ୟର ମନୋଭାବରେ ଆଘାତ କରିବାକୁ କେତେ ନାପସନ୍ଦ କର । ମୁଁ ବେଶ୍ ବୁଝିପାରୁଛି, ସମ୍ପୂର୍ଣ୍ଣ ଭିନ୍ନ ଆଦର୍ଶର ଲୋକମାନଙ୍କୁ ନେଇ କାର୍ଯ୍ୟ ପରିକଳ୍ପନା କରିବା ପାଇଁ ତୁମକୁ ଯେତେବେଳେ ଲଢ଼ିବାକୁ ପଡ଼ୁଥିଲା, ସେତେବେଳେ ମାସ ପରେ ମାସ ତୁମକୁ କେତେ ମାନସିକ ଯନ୍ତ୍ରଣା ମଧ୍ୟ ଦେଇ ଗତି କରିବାକୁ ପଡ଼ୁଥିଲା । ଏପରି ଯେ ହେବ, ତାହା ପୂର୍ବରୁ ଅନୁମାନ କରିପାରିଥିଲେ ତୁମକୁ ଅନେକ ଅନାବଶ୍ୟକ ମାନସିକ ଅଶାନ୍ତିରୁ ଅବ୍ୟାହତି ଦେଇପାରିଥାନ୍ତି । ଏହା ପୁଣି ସେହି 'କର୍ମ' ।

ହିସାବପତ୍ର ପୂର୍ବରୁ ଉପସ୍ଥାପିତ କରାଯାଇପାରି ନାହିଁ, କାରଣ ଏପର୍ଯ୍ୟନ୍ତ ମଧ୍ୟ କାମ ଶେଷ ହୋଇ ନାହିଁ, କାମ ସମ୍ପୂର୍ଣ୍ଣ ହେଲେ ହିସାବପତ୍ର ଦାଖଲ କରିବି ବୋଲି ଭାବିଥିଲି । ଟଙ୍କା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବାରୁ କାର୍ଯ୍ୟ ମାତ୍ର ଗତବର୍ଷ ଆରମ୍ଭ ହୋଇଛି ଏବଂ ମୋର ନୀତି ହେଲା, ଟଙ୍କା ପାଇଁ ହାତ ନ ପାତି ଅନ୍ୟଠାରୁ ସ୍ୱେଚ୍ଛାକୃତ ଦାନ

ପାଇଁ ଅପେକ୍ଷା କରିବା ।

ମୋର ସବୁ କାମରେ ଏହି ଗୋଟିଏ ନୀତି, କାରଣ ମୋର ସ୍ୱଭାବ ଯେ ଯାହା ଅନେକଙ୍କ ନିକଟରେ ନିତାନ୍ତ ଅପ୍ରୀତିକର ସେ ସମ୍ବନ୍ଧରେ ମୁଁ ଖୁବ୍ ସଚେତନ ଏବଂ ଯେପର୍ଯ୍ୟନ୍ତ ମୋତେ କେହି ନ ଲୋଡ଼ୁଛି, ସେପର୍ଯ୍ୟନ୍ତ ମୁଁ ଅପେକ୍ଷା କରିଥାଏ । ମୁହୂର୍ତ୍ତିକ ମଧ୍ୟରେ ନିଜକୁ ବିଚ୍ଛିନ୍ନ କରିବା ପାଇଁ ମଧ୍ୟ ପ୍ରସ୍ତୁତ ଥାଏ । ପୁଣି ଏହି ବିଚ୍ଛେଦ ଘଟଣାରେ ମୋ ମନ କେବେହେଲେ ଖରାପ ହୁଏ ନାହିଁ କିମ୍ବା ସେ ବିଷୟରେ ବେଶୀ କିଛି ଚିନ୍ତା ମଧ୍ୟ କରେ ନାହିଁ; କାରଣ ମୋର ନିତ୍ୟ ଭ୍ରାମ୍ୟମାଣ ଜୀବନରେ ଏହା ମୋତେ ସର୍ବଦା କରିବାକୁ ହିଁ ପଡ଼ୁଛି । ତେବେ ଅନିଚ୍ଛା ସତ୍ତ୍ୱେ ଅନେକଙ୍କୁ ଯେଉଁ କଷ୍ଟ ଦିଏ, ତାହା ହିଁ ମୋର ଦୁଃଖ । ତୁମ ଠିକଣାରେ ମୋ ନାମରେ କୌଣସି ଚିଠି ଥିଲେ ପଠାଇଦେବ କି ?

ସକଳ ଶୁଭାଶିଷ ତୁମର ଚିରସାଥୀ ହେଉ—ବିବେକାନନ୍ଦର ନିରନ୍ତର ଏହା ହିଁ ପ୍ରାର୍ଥନା ।

ବିବେକାନନ୍ଦ

୪୫୫ଇଂ

ରିଜଲି, ୧ ନଭେମ୍ବର ୧୮୯୯

ପ୍ରିୟ ମାର୍ଗୋ,

···ମନେହେଉଛି ତୁମ ମନ ଯେପରି ବିଷାଦରେ ଆଚ୍ଛନ୍ନ । ତୁମେ ଡରିଯାଅ ନାହିଁ, କିଛି ତ ଚିରସ୍ଥାୟୀ ନୁହେଁ । ଯାହା କରନା କାହିଁକି, ଜୀବନ କିଛି ଅନନ୍ତ ନୁହେଁ ! ମୁଁ ସେଥିପାଇଁ ଖୁବ୍ କୃତଜ୍ଞ । ଜଗତ ମଧ୍ୟରେ ଯେଉଁମାନେ ଶ୍ରେଷ୍ଠ ଓ ସବୁଠାରୁ ସାହସୀ, ଦୁଃଖ-ଯାତନା ହିଁ ସେମାନଙ୍କର ବିଧିଲିପି; ଯଦିବା ଏହାର ପ୍ରତିକାର ସମ୍ଭବ ହୁଏ, ତଥାପି ତାହା ନ ହେବା ପର୍ଯ୍ୟନ୍ତ ଭବୀ ବହୁଯୁଗ ଧରି ଏ ଜଗତରେ ଏ ବିଷୟଟି ଅନ୍ତତଃ ଗୋଟିଏ ସ୍ୱପ୍ନଭଙ୍ଗର ଶିକ୍ଷାରୂପେ ଗ୍ରହଣୀୟ । ମୋର ସ୍ୱାଭାବିକ ଅବସ୍ଥାରେ ମୁଁ ତ ନିଜର ଦୁଃଖ-ଯନ୍ତ୍ରଣାକୁ ଆନନ୍ଦରେ ବରଣ କରେ । କାହାକୁ ନା କାହାକୁ ଏ ଜଗତରେ ଦୁଃଖ ଭୋଗ କରିବାକୁ ହିଁ ହେବ; ମୁଁ ଖୁସି ଯେ, ପ୍ରକୃତି ନିକଟରେ ଯେଉଁମାନେ ବଳିପ୍ରଦତ୍ତ ହୋଇଛନ୍ତି, ମୁଁ ସେମାନଙ୍କ ମଧ୍ୟରୁ ଜଣେ ।

ତୁମର, ବିବେକାନନ୍ଦ

୪୫୬ଇଂ

୧୮୦ ଡବ୍ଲିଉ. ୫୯, ଇ. ଗୁର୍ଣ୍ଣସୀ ସ୍କୋୟାର
୧୬ ନଭେମ୍ବର (୧୮୯୯ ?)

ପ୍ରିୟ ମିସେସ୍ ବୁଲ୍,

ବହୁତ ଅସ୍ତ୍ରା ଲାଗିବାରୁ ମୁଁ ଶଯ୍ୟାଶାୟୀ । ପୋଷାକଗୁଡ଼ିକ ତିଆରି ହୋଇ ନାହିଁ, ଆଗାମୀ ସପ୍ତାହରେ ହେବ । ମୋର ବର୍ତ୍ତମାନ କର୍ତ୍ତବ୍ୟ କ'ଣ ଜାଣି ନାହିଁ । ଡକ୍ଟର୍ ଗୁର୍ଣ୍ଣସୀ ଅତ୍ୟନ୍ତ ସଦୟ । ଏକାଧିକ ଚିକିତ୍ସକ ମୋତେ ପରୀକ୍ଷା କରି ଦେଖୁଛନ୍ତି । ଦେହର ଆଭ୍ୟନ୍ତରୀଣ ବିକାରଜନିତ କୌଣସି ବ୍ୟାଧି କେହି ଖୋଜି ପାଉ ନାହାନ୍ତି ।

ଏପରିକି, ବର୍ତ୍ତମାନ ମୂତ୍ରଗ୍ରନ୍ଥିର ଉପସର୍ଗଗୁଡ଼ିକ ଅନ୍ତର୍ହିତ ।

ବେଶ୍, ଏସମସ୍ତ ବୋଧହୁଏ ଅଜୀର୍ଣ୍ଣ ରୋଗଜନିତ । ବ୍ୟାଟ୍‌ଲ କ୍ରୀକ୍‌ର ଖାଇବା [ମିଚିଗାନ୍‌ର ବ୍ୟାଟ୍‌ଲ କ୍ରୀକ୍‌ର ତିଆରି ପ୍ରସିଦ୍ଧ ସ୍ୱାସ୍ଥ୍ୟକର ଖାଦ୍ୟ] ଖାଇ ଦେଖିବାକୁ ମୋର ବହୁତ ଇଚ୍ଛା । ଗୋଟିଏ ଖାଇବା ଦୋକାନ ଅଛି । ସେଠାରେ କେବଳ ବ୍ୟାଟ୍‌ଲ କ୍ରୀକ୍‌ର ଖାଇବା ରନ୍ଧା ହୋଇଥାଏ । ଆପଣ କଅଣ ଭାବନ୍ତି ଯେ, ମୁଁ ବର୍ତ୍ତମାନ ବି ତାହା ଖାଇ ଦେଖିବି ? ତା'ହେଲେ ମୁଁ ତେତ୍ରିସ୍‌ଷ୍ଟ୍ରିଟ୍ ଯିବି, ଆପଣ ମୋର ପୋଡ଼ାମାଟି ରଙ୍ଗର ମୋଟା କାଶ୍ମୀରୀ କୋଟ୍‌ଟା ପଠାଇ ଦେବେ ।

ସତତ ପ୍ରଭୁ ସମୀପେ ଆପଣଙ୍କର, ବିବେକାନନ୍ଦ

ପୁଃ—ଏହା ପୂର୍ବରୁ ତିନିଥର ହେଲ୍‌ମାର୍ଚ୍ଚର ଚିକିତ୍ସା ହୋଇଯାଇଛି । ଆସନ୍ତା ସପ୍ତାହରେ ଆଉ କିଛି ହେବ । ପେଟରେ ଏହି ବାୟୁ-ଆଧିକ୍ୟ ସମ୍ବନ୍ଧରେ କେହି କିଛି କରିପାରିବେ ନାହିଁ । ସେଥିପାଇଁ ଯେକୌଣସି ଉପାୟରେ ପଥ୍ୟ-ନିୟନ୍ତ୍ରଣର ଚେଷ୍ଟା କରିବାକୁ ପଡ଼ିବ ।

—ବି.

୪୫୭ଇଂ

ନ୍ୟୁୟର୍କ, ୧୫ ନଭେମ୍ବର ୧୮୯୯

ପ୍ରିୟ ମାର୍ଗୋ,

···ମୋଟ ଉପରେ ମୋ ସ୍ୱାସ୍ଥ୍ୟ ପାଇଁ ବିଶେଷ ଉଦ୍‌ବେଗର କୌଣସି କାରଣ ଅଛି ବୋଲି ମୁଁ ଭାବୁ ନାହିଁ । ଏହି ଜାତୀୟ ସ୍ନାୟୁପ୍ରଧାନ ଧାତୁର ଦେହ କେତେବେଳେ ମହାସଙ୍ଗୀତ-ସୃଷ୍ଟିର ଉପଯୋଗୀ ଯନ୍ତ୍ରସ୍ୱରୂପ ହୁଏ ତ, ପୁଣି କେତେବେଳେ ଅନ୍ଧକାରରେ କାନ୍ଦି ମରେ ।

ତୁମମାନଙ୍କର, ବିବେକାନନ୍ଦ

୪୫୮ଇଂ

C/O E. Guernsey, M. D., The Madrid

୧୫ ନଭେମ୍ବର ୧୮୯୯

ପ୍ରିୟ ମିସେସ୍ ବୁଲ୍,

ଶେଷ ପର୍ଯ୍ୟନ୍ତ—ବର୍ତ୍ତମାନ କେମ୍ବ୍ରିଜକୁ ଯିବା ପାଇଁ ସ୍ଥିର କରିଛି । ଯେଉଁସବୁ ଗଳ୍ପ ଆରମ୍ଭ କରିଥିଲି, ତାହା ଶେଷ କରିବାକୁ ହିଁ ହେବ । ପ୍ରଥମଟି ମାର୍ଗୋ ମୋତେ ଫେରସ୍ତ ଦେଇଛି ବୋଲି ମନେହେଉ ନାହିଁ ।

ଆସନ୍ତା ପରଦିନ ମୋର ପୋଷାକ ତିଆରି ହୋଇଯିବ, ତା'ପରେ ଯାତ୍ରା ପାଇଁ ପ୍ରସ୍ତୁତ ହୋଇପାରିବି; କେବଳ ଭୟ ଏହି ଯେ, ଦାରୁଣ ଶୀତ କାଳଟିରେ ଅବିରତ ପାର୍ଟି ଆଉ ବକ୍ତୃତା ଫଳରେ ସେଠାରେ ବିଶ୍ରାମ ମିଳିବ ନାହିଁ, ପରନ୍ତୁ ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇପଡ଼ିବ ।

ଯାହାହେଉ, ବୋଧହୁଏ ଆପଣ କୌଣସିଠାରେ ଗୋଟିଏ ଘରର ବ୍ୟବସ୍ଥା କରିଦେଇପାରିବେ, ଯେଉଁଠାରେ ଏହିସବୁ ବିଷୟରୁ ଅଲଗା ହୋଇ ଏକାନ୍ତରେ ରହିପାରିବି ।

ଯେପରି ହେଉ, ଏହି ସପ୍ତାହରେ ପୋଷାକ ତିଆରି ହୋଇଗଲେ ହିଁ ମୁଁ

ଚାଲିଆସୁଛି । ମୋ ପାଇଁ ଆପଣଙ୍କର ନ୍ୟୁୟର୍କକୁ ଆସିବା ଦରକାର ନାହିଁ । ଯଦି ଆପଣଙ୍କର ନିଜର କାର୍ଯ୍ୟ ଥାଏ, ତା'ହେଲେ ଅଲଗା କଥା । ମଣ୍ଟକ୍ଲେୟାର୍‌ର ମିସେସ୍ ହୁଇଲର୍‌ଙ୍କଠାରୁ ବିଶେଷ ସହୃଦୟ ଆମନ୍ତ୍ରଣ ପାଇଛି । ବୋଷ୍ଟନ୍‌କୁ ଯିବା ପୂର୍ବରୁ କେତେଘଣ୍ଟା ପାଇଁ ଅନ୍ତତଃ ମଣ୍ଟକ୍ଲେୟାର୍‌ରେ ବୁଲିଯିବାକୁ ହେବ ।

ଅନେକ ପରିମାଣରେ ସୁସ୍ଥ ବୋଧକରୁଛି । ଦୁର୍ଭାବନା ଛଡ଼ା ଆଉ କିଛି ଜଞ୍ଜାଳ ନାହିଁ; ଏଥର ତାହା ନିଶ୍ଚୟ ସମୁଦ୍ରକୁ ଫିଙ୍ଗିଦେବି ।

ଭାରତରେ ଲେଖା ଆପଣଙ୍କର ଚିଠିପତ୍ରରେ ପରୋକ୍ଷଭାବରେ ମୋ ସମ୍ବନ୍ଧରେ ଯେପରି କୌଣସି ସମ୍ବାଦ ନ ରହେ—ଆପଣଙ୍କ ନିକଟରେ କେବଳ ଏତିକି ଚାହେଁ; କିନ୍ତୁ ପାଇବି କି ନାହିଁ ସେ ବିଷୟରେ ମୋର ଆଶଙ୍କା ଅଛି । କିଛି ସମୟ ପାଇଁ ଅଥବା ଚିରଦିନ ପାଇଁ ମୁଁ ନିଜକୁ ଗୋପନ କରିବାକୁ ଚାହେଁ । ମୋର ପ୍ରସିଦ୍ଧିର ଦିନଟି ଅଭିଶପ୍ତ ହେଉ ।

ସର୍ବଦା ପ୍ରୀତିସହ, ବିବେକାନନ୍ଦ

୪୫୯ଇଂ C/O F. H. Leggett, 21 West 34th Street

ନ୍ୟୁୟର୍କ, ନଭେମ୍ବର ୧୮୯୯

ପ୍ରିୟ ଷ୍ଟଡ,

ମୋ ଆଚରଣକୁ ସମର୍ଥନ କରିବା ପାଇଁ ଏହି ଚିଠି ନୁହେଁ । ମୁଁ ଯଦି କିଛି ଅନ୍ୟାୟ କରିଥାଏ, ତେବେ ତାକୁ କେବଳ କଥାରେ ପୋଛିଦେଇ ହେବ ନାହିଁ, କି ବିରୁଦ୍ଧ ସମାଲୋଚନା ଦ୍ୱାରା ମୋତେ ସତ୍କାର୍ଯ୍ୟରୁ ବିରତ କରିହେବ ନାହିଁ ।

ବିଳାସିତା, ବିଳାସିତା—ଗତ କେତେମାସ ଧରି ଏହି କଥାଟି ଅନେକ ବେଶୀ ଶୁଣୁଛି, ପାଶ୍ଚାତ୍ୟବାସୀମାନେ ସେଥିପାଇଁ ଉପକରଣ ଯୋଗାଇଛନ୍ତି, ଏବଂ ବେଦା ତ୍ୟାଗର ମହିମା କୀର୍ତ୍ତନ କରି ଭଣ୍ଡ ମୁଁ କୁଆଡ଼େ ସେହି ବିଳାସ ଉପଭୋଗ କରୁଛି । ଏହି ବିଳାସ-ବ୍ୟସନ କୁଆଡ଼େ ମୋ କର୍ମ-ପଥରେ ବିଶେଷ ବାଧା ହୋଇ ଠିଆହୋଇଛି—ଅନ୍ତତଃ ଇଂଲଣ୍ଡରେ । ମୁଁ ଏହି ବିଶ୍ୱାସର କୁହୁକରେ ପଡ଼ିଥିଲି ଯେ, ମୋ ଜୀବନର ଊଷର ମରୁଭୂମିରେ ଅନ୍ତତଃ ଶ୍ରେଷ୍ଠ ମରୂଦ୍ୟାନଟିଏ ଅଛି; ସମଗ୍ର ଜୀବନର ଦୁଃଖ ଓ ଅନ୍ଧକାର ମଧ୍ୟରେ ଟିକିଏ ଆଲୋକର ଚିହ୍ନ, କଠୋର ପରିଶ୍ରମ ଓ କଠୋରତର ଅଭିଶପ୍ତ ଜୀବନରେ ମୁହୂର୍ତ୍ତିକର ଆରାମ—ସେହି ମରୂଦ୍ୟାନ, ସେହି ଚିହ୍ନ, ସେହି ମୁହୂର୍ତ୍ତିଟି କେବଳ ଟିକିଏ ଇନ୍ଦ୍ରିୟଗ୍ରାହ୍ୟ ସୁଖର ବିଷୟ !!!

ମୁଁ ଖୁବ୍ ଖୁସି ଥିଲି, ସେହି ଟିକକ ପାଇବା ପାଇଁ ଯେଉଁମାନେ ମୋତେ ସାହାଯ୍ୟ କରିଛନ୍ତି, ସେମାନଙ୍କୁ ମନରେ ଶହେଥର ଆଶୀର୍ବାଦ କରିଛି, କିନ୍ତୁ ଏପରି ସମୟରେ ତୁମର ଚିଠିଖଣ୍ଡିକ ଅକସ୍ମାତ୍ ପାଇଲି, ଏବଂ ମୋର ସ୍ୱପ୍ନ କୁଆଡ଼େ ମିଳାଇଗଲା; ତୁମମାନଙ୍କ ସମାଲୋଚନାରେ ମୋର ଆଉ କୌଣସି ଆସ୍ଥା ନାହିଁ—ଏସବୁ ବିଳାସ-ବ୍ୟସନ କଥାରେ ଆଉ କାନ ଦିଏ ନାହିଁ, ସ୍ମୃତିରେ ଜାଗିଉଠୁଛି ଅନ୍ୟ ଏକ ଦୃଶ୍ୟ । ସେହି କଥା ହିଁ ଲେଖୁଛି । ଉପଯୁକ୍ତ ମନେକଲେ ଏହି ଚିଠି ବନ୍ଧୁମାନଙ୍କ ପାଖକୁ ପଠାଇଦେବ ଏବଂ ଯଦି କେଉଁଠି

ଭୁଲ୍ ଲେଖିଥାଏ ତାକୁ ସଂଶୋଧନ କରିଦିଅ ।

କ୍ୟାପ୍‌ଟେନ୍ ଓ ମିସେସ୍ ସେଭିୟାର୍‌ଙ୍କ କଥା ଛାଡ଼ିଦେଲେ ଇଂଲଣ୍ଡରୁ ମୁଁ ରୁମାଲ୍ ଭଳି ଏତେ ଟିକିଏ ବସ୍ତୁ ପାଇଛି ବୋଲି ମନେପଡ଼ୁନାହିଁ । ଅଥଚ ଅନ୍ୟ ପକ୍ଷରେ ଇଂଲଣ୍ଡରେ ମୋ ଦେହ ଓ ମନ ଉପରେ ଅବିରତ ଚାପ ଫଳରେ ହିଁ ମୋର ସ୍ୱାସ୍ଥ୍ୟ ଭଗ୍ନ ହେଲା । ତୁମେ—ଇଂରେଜମାନେ ମୋତେ ଏହା ହିଁ ତ ଦେଇଛ, ଏବଂ ଅମାନୁଷିକ ଭାବରେ ଖଟେଇ ଖଟେଇ ମୃତ୍ୟୁ ଆଡ଼କୁ ଠେଲିଦେଇଛ । ଏବେ ପୁଣି ବିଳାସ-ବ୍ୟସନ ନେଇ ନିନ୍ଦା କରୁଛେଉଛ !! ତୁମମାନଙ୍କ ମଧ୍ୟରୁ କେହି ମୋତେ ଗୋଟିଏ ହେଲେ କୋଟ୍ ଦେଇଛ, କହିପାରିବ ? କେହି ଖଣ୍ଡିଏ ସିଗାର୍ ? ଖଣ୍ଡିଏ ମାଛ ବା ମାଂସ ? ତୁମମାନଙ୍କ ମଧ୍ୟରୁ ଏକଥା କହିବା ପାଇଁ ଦୁଃସାହସ କାହାର ଅଛି ଯେ, ତୁମମାନଙ୍କଠାରୁ ମୁଁ ଖାଦ୍ୟ, ପାନୀୟ, ସିଗାର୍, ପୋଷାକ ବା ଟଙ୍କା ମାଗିଛି ? ପଚାର… ଈଶ୍ୱରଙ୍କ ନାମରେ କହୁଛି, ପଚାର, ତୁମ ବନ୍ଧୁମାନଙ୍କୁ ପଚାର ଏବଂ ସର୍ବପ୍ରଥମେ ପଚାର ତୁମର ନିଜର 'ଅନ୍ତର୍ଯ୍ୟାମୀ ଭଗବାନଙ୍କୁ—ସିଏ କେବେହେଲେ ଶୁଅନ୍ତି ନାହିଁ ।'

ମୋ କାମ ପାଇଁ ତୁମେମାନେ ଯେଉଁ ଟଙ୍କା ଦେଇଛ, ତା'ର ପ୍ରତିଟି ପେନି ସେହିଠାରେ ହିଁ ରହିଛି । ତୁମମାନଙ୍କ ଆଖି ଆଗରେ ମୋ ଭାଇକୁ ପଠାଇ ଦେବାକୁ ପଡ଼ିଛି, ସମ୍ଭବତଃ ମୃତ୍ୟୁର ପ୍ରତୀକ୍ଷାରେ; କିନ୍ତୁ ତାକୁ ମୁଁ ଗୋଟାଏ ହେଲେ କଣା କଉଡ଼ି ଦେଇ ନାହିଁ, କାରଣ ତାହା ମୋର ବ୍ୟକ୍ତିଗତ ସମ୍ପତ୍ତି ନ ଥିଲା ।

ପୁଣି ଅନ୍ୟ ଢଗରେ କ୍ୟାପ୍‌ଟେନ୍ ଓ ମିସେସ୍ ସେଭିୟାର୍‌ଙ୍କ କଥା ମନେପଡ଼େ—ଶୀତରେ ସେମାନେ ମୋତେ ବସ୍ତ୍ର ଦେଇଛନ୍ତି, ମୋ ନିଜ ମା ଅପେକ୍ଷା ଅଧିକ ଯତ୍ନରେ ମୋର ସେବା କରିଛନ୍ତି, କ୍ଲାନ୍ତି ଓ ଦୁଃଖର ଦିନରେ ମୋର ସମଦୁଃଖୀ ହୋଇଛନ୍ତି; ଏବଂ ସେମାନଙ୍କ ପାଖରୁ ଆଶୀର୍ବାଦ ବ୍ୟତୀତ ଅନ୍ୟ କିଛି ପାଇ ନାହିଁ । ସେହି ମିସେସ୍ ସେଭିୟାର୍ ମାନ-ମର୍ଯ୍ୟାଦାକୁ ପରବାୟୁ କରି ନାହାନ୍ତି ବୋଲି ଆଜି ହଜାର ହଜାର ଲୋକଙ୍କର ପୂଜନୀୟା । ତାଙ୍କର ଦେହତ୍ୟାଗ ପରେ ଲକ୍ଷ ଲକ୍ଷ ଲୋକ ତାଙ୍କୁ ମନେରଖିବେ ଦରିଦ୍ର ଭାରତବାସୀଙ୍କର ଜଣେ ଅକୃତ୍ରିମ ଶୁଭାର୍ଥିନୀରୂପେ । ସେମାନେ କେବେହେଲେ ମୋତେ ବିଳାସିତା ପାଇଁ ନିନ୍ଦା କରି ନାହାନ୍ତି, ଯଦିଓ ମୋର ଇଚ୍ଛା ବା ପ୍ରୟୋଜନ ହେଲେ ବିଳାସିତାର ଉପକରଣ ଯୋଗାଇବା ପାଇଁ ସେମାନେ ପ୍ରସ୍ତୁତ ଥିଲେ ।

ମିସେସ୍ ବୁଲ୍, ମିସ୍ ମ୍ୟାକ୍‌ଲଉଡ୍, ମିଃ ଓ ମିସେସ୍ ଲେଗେଟ୍‌ଙ୍କ ବିଷୟରେ ତୁମକୁ କହିବା ନିଷ୍ପ୍ରୟୋଜନ । ମୋ ପାଇଁ ସେମାନଙ୍କର ସ୍ନେହ ଓ ସହୃଦୟତାର କଥା ତୁମେ ଜାଣ; ମିସେସ୍ ବୁଲ୍ ଓ ମିସ୍ ମ୍ୟାକ୍‌ଲଉଡ୍ ଆମ ଦେଶକୁ ଯାଇଛନ୍ତି ଏବଂ ଜୀବନର ସାଧାରଣ ସୁଖ-ସୁବିଧାଗୁଡ଼ିକୁ ତ୍ୟାଗ କରି ଆମ ମଧ୍ୟରେ ଏପରି ଭାବରେ ବସବାସ ଓ ମିଶାମିଶି କରିଛନ୍ତି, ଯାହାକି କୌଣସି ବିଦେଶୀ ଲୋକ କେବେହେଲେ କରି ନାହାନ୍ତି ଏବଂ ସେମାନେ କେବେହେଲେ ମୋର ବା ମୋର ବିଳାସିତା ପାଇଁ ସମାଲୋଚନା କରି ନାହାନ୍ତି, ବରଂ ମୋତେ ଭଲ ଖୁଆଇପାରିଲେ ଓ ମୁଁ ଚାହିଁଲେ ମୋତେ ଦାମୀ ସିଗାର୍ ଖୁଆଇ ସେମାନେ

ଆନନ୍ଦିତ ହୁଅନ୍ତ । ମୁଁ ଯେତେବେଳେ ତୁମମାନଙ୍କ ପାଇଁ ପ୍ରାଣପାତ କରୁଥିଲି ଏବଂ ମଳିଲା ଖାଇ ଭିତରେ ଅନାହାରରେ ରହି ଯେତେବେଳେ ତୁମେମାନେ ମୋର ମାଂସ କାଢ଼ି ନେଉଥିଲ ଏବଂ ସଞ୍ଚୟ କରି ରଖିଥିଲ ବିଳାସିତାର ଏହି ଅପବାଦ, ସେଦିନ ମଧ୍ୟ ଏହି ଲେଗେଟ୍ ଓ ବୁଲ୍‌ଙ୍କ ପରିବାର ଦେଇଥିବା ରୁଟି ହିଁ ମୁଁ ଖାଇଛି, ସେମାନେ ଦେଇଥିବା ପୋଷାକ ମୁଁ ପିନ୍ଧିଛି, ସେହିମାନଙ୍କ ଟଙ୍କାରେ ମୁଁ ଧୂମପାନ କରିଛି ଏବଂ ଅନେକଥର ଘରଭଡ଼ାଟା ମଧ୍ୟ ସେହିମାନେ ହିଁ ଦେଇ କରିଛନ୍ତି ।

—'ଶରତର ମେଘ ଗରଜେ ବିପୁଳ
ତାଳେ ନାହିଁ ବାରିଧାର,
ବର୍ଷାର ମେଘ ନିବିଧ ନୀରବ,
ଭସାଏ ବସୁନ୍ଧର ।'

ତେବେ ଦେଖ..., ଯେଉଁମାନେ ସାହାଯ୍ୟ କରିଛନ୍ତି ବା ଏବେ ମଧ୍ୟ କରୁଛନ୍ତି, ସେମାନଙ୍କ ପକ୍ଷରୁ କୌଣସି ଶ୍ବରୂପ ସମାଲୋଚନା ବା ନିନ୍ଦା ନାହିଁ; ଯେଉଁମାନେ କେବେ କିଛି କରନ୍ତି ନାହିଁ ଏବଂ କେବଳ ନିଜର ସ୍ୱାର୍ଥସିଦ୍ଧିର ପଥ ଖୋଜନ୍ତି ସେମାନେ ହିଁ କେବଳ ନିନ୍ଦା ଓ ସମାଲୋଚନା କରନ୍ତି । ଏପରି ମୂଲ୍ୟହୀନ, ହୃଦୟହୀନ, ସ୍ୱାର୍ଥଯୁକ୍ତ ଓ କଦର୍ଯ୍ୟ ସମାଲୋଚନା ଅପେକ୍ଷା ବଡ଼ ଆଶୀର୍ବାଦ ମୋ ପାଇଁ ଅଉ ନାହିଁ । ଏହିସବୁ ଚୂଡ଼ାନ୍ତ ସ୍ୱାର୍ଥାନ୍ୱେଷୀମାନଙ୍କଠାରୁ ଅନେକ କୋଶ ଦୂରରେ ରହିବା ମୋର ଯେତେ କାମ୍ୟ, ଜୀବନରେ ଅନ୍ୟ କିଛି ସେପରି ନୁହେଁ ।

ବିଳାସିତାର କଥା କହୁଛ ! ଏହିସବୁ ସମାଲୋଚକମାନଙ୍କୁ ଜଣ ଜଣ କରି ଦେଖ—ପ୍ରତ୍ୟେକର ମନ ପଡ଼ିରହିଛି ଦେହରେ, ଆତ୍ମାର ଉପଲବ୍ଧି କାହାରି ବିନ୍ଦୁଏ ହେଲେ ନାହିଁ । ଈଶ୍ୱରଙ୍କୁ ଧନ୍ୟବାଦ, ଆଗେ ହେଉ ବା ପରେ ହେଉ ସେମାନଙ୍କର ସ୍ୱରୂପ ବାହାରି ପଡ଼ୁଛି । ପୁଣି ଏହିସବୁ ହୃଦୟହୀନ ସ୍ୱାର୍ଥପର ଲୋକଙ୍କର ଅଭିପ୍ରାୟ ଅନୁସାରେ ତୁମେ ମୋର ଆଚରଣ ଓ କର୍ମଧାରା ପରିବର୍ତ୍ତନ କରିବାକୁ ଉପଦେଶ ଦେଉଛ,ଅଉ ମୁଁ ତାହା କରୁ ନାହିଁ ବୋଲି ତୁମର ବୁଦ୍ଧି ବିଭ୍ରାନ୍ତ !

ମୋ ଗୁରୁଭାଇମାନଙ୍କ ଉପରେ ମୁଁ ଯେଉଁ କାମ ଲଦି ଦିଏ, ସେମାନେ ତାହା ହିଁ କରନ୍ତି । ଯଦି ସେମାନେ କେବେ ସ୍ୱାର୍ଥପରତା ଦେଖାଇଥାଆନ୍ତି, ତାହା ମୋର ଆଦେଶରେ ହିଁ କରିଛନ୍ତି, ନିଜର ଖୁସି ଅନୁସାରେ ନୁହେଁ ।

ଲଣ୍ଡନରେ ମୋତେ ଯେପରି ଅନ୍ଧକାର ଗର୍ତ୍ତ ମଧ୍ୟରେ ରଖିଥିଲ ଏବଂ ଅନବରତ ପରିଶ୍ରମ ଓ ଅନାହାର ଭିତରେ ମାରିଦେବାର ଉପକ୍ରମ କରିଥିଲେ, ତୁମର ସନ୍ତାନ ପ୍ରତି ସେପରି କରିପାରିଥାଆନ୍ତ କି ? ମିସେସ୍ କ'ଣ ତାହା କରିବାକୁ ଚାହିଁବେ ?...

ମୁଁ ସନ୍ନ୍ୟାସୀ; ଏହାର ଅର୍ଥ ହେଲା—କୌଣସି ସନ୍ନ୍ୟାସୀ ଅକାରଣରେ ଦେହତ୍ୟାଗ ବା ଅପ୍ରୟୋଜନରେ କୃଚ୍ଛ୍ରତା କରିବ ନାହିଁ । ପାଶ୍ଚାତ୍ୟଦେଶରେ ଏପରି କଠୋରତା ଅବଲମ୍ବନ କରି ଆମେ ସନ୍ନ୍ୟାସର ନିୟମ ଭଙ୍ଗ କରିଛୁ । ସେମାନେ 'ମୋର ଭାଇ, ମୋର

ସନ୍ତାନ । ମୋ ପାଇଁ ସେମାନେ ଗର୍ତ୍ତରେ ମରନ୍ତୁ, ଏକଥା ମୁଁ ଚାହେଁ ନାହିଁ । ସତ୍ୟ ଓ ମଙ୍ଗଳକର ସମସ୍ତ ଶକ୍ତି ବଳରେ ମୁଁ ଚାହେଁ ନାହିଁ—ସେମାନେ ଏତେ କଷ୍ଟ ବଦଳରେ ଖଣ୍ଡି ଖଣ୍ଡି ମରନ୍ତୁ, କିମ୍ବା ଅଭିଶପ୍ତ ହୁଅନ୍ତୁ ।

ଆହୁରି ଗୋଟିଏ କଥା । ଯଦି ତୁମେ ଦେଖାଇପାର—କେଉଁଠାରେ ମୁଁ ଦେହ ପ୍ରତି ନିର୍ଯ୍ୟାତନାର କଥା ପ୍ରଚାର କରିଛି, ତାହାହେଲେ ଖୁସି ହେବି । ଶାସ୍ତ୍ର କଥା ଉଠାଇଲେ ମୁଁ କହିବି, ସନ୍ନ୍ୟାସୀ ଓ ପରମହଂସମାନଙ୍କର ଜୀବନଯାପନର ଯେଉଁ ନିୟମ ସେଠାରେ ଲିପିବଦ୍ଧ ଅଛି, ତାହା ଆମେ ପାଳନ କରି ନାହୁଁ—ଆମମାନଙ୍କ ବିରୋଧରେ ଏହି ଅଭିଯୋଗ ନେଇ ଯଦି କୌଣସି ପଣ୍ଡିତ (ଶାସ୍ତ୍ରୀ) ସାହସ କରନ୍ତି, [ ତାଙ୍କର ସମ୍ମୁଖୀନ ହେବାକୁ ] ମୁଁ ଖୁବ୍ ଖୁସି ହେବି ।

ହଁ···, ବେଦନାରେ ଭାରାକ୍ରାନ୍ତ ମୋର ଅନ୍ତର । ଏସବୁ ମୁଁ ବୁଝେ । ତୁମ ଭିତରଟା କ'ଣ, ତାହା ମୁଁ ଜାଣେ; କିନ୍ତୁ ତୁମେ ଏପରି ସବୁ ଲୋକଙ୍କ ପାଲରେ ପଡ଼ିଛ, ଯେଉଁମାନେ (ସେମାନଙ୍କର ସ୍ୱାର୍ଥସିଦ୍ଧି ପାଇଁ) ତୁମକୁ ବ୍ୟବହାର କରିବାକୁ ଚାହାଁନ୍ତି । ତୁମ ସ୍ତ୍ରୀଙ୍କ କଥା କହୁ ନାହିଁ । ସେ ସରଳପ୍ରାଣା, ତାଙ୍କ ଦ୍ୱାରା କିଛି ଅନିଷ୍ଟକର ସମ୍ଭବ ନୁହେଁ; କିନ୍ତୁ ବତ୍ସ, ତୁମ ଦେହରେ ଆମିଷ-ଗନ୍ଧ ଅଛି—ସାମାନ୍ୟ କିଛି ଟଙ୍କା ଅଛି, ସେଥିପାଇଁ ଶକୁନଗୁଡ଼ାକ ଚାରିପଟେ ଘୁରୁଛନ୍ତି । ଏହା ହିଁ ହେଲା ଜୀବନ ।

ପ୍ରାଚୀନ ଭାରତ ସମ୍ବନ୍ଧରେ ତୁମେ ଅନେକ କଥା କହିଥିଲ । ସେହି ଭାରତ ଆଜି ମଧ୍ୟ ବଞ୍ଚିଛି··· ଏପର୍ଯ୍ୟନ୍ତ ସେ ମରି ନାହିଁ, ଆଜି ମଧ୍ୟ ସେହି ଜୀବନ୍ତ ଭାରତ ନିର୍ଭୀକ ଭାବରେ ଧନୀର ଅନୁଗ୍ରହର ଆଶା ନ ରଖି ତା'ର ନିଜସ୍ୱ ବାଣୀ ପ୍ରଚାରର ମନୋବଳ ରଖିଛି; କାହାରି ମତାମତକୁ ସେ ଖାତିର୍ କରେ ନାହିଁ, ଏ ଦେଶରେ— ଯେଉଁଠାରେ ତା'ର ପାଦରେ ଶିକୁଳି ବନ୍ଧା କିମ୍ବା ଶିକୁଳିର ପ୍ରାନ୍ତଭାଗକୁ ଧରି ରଖିଥିବା ଶାସନକର୍ତ୍ତାମାନଙ୍କର ମୁହଁ ଆଗରେ ମଧ୍ୟ ନୁହେଁ । ସେହି ଭାରତ ଆଜି ମଧ୍ୟ ବଞ୍ଚି ରହିଛି···, ଅମ୍ଳାନ ପ୍ରେମର, ଚିରସ୍ଥାୟୀ ବିଶ୍ୱସ୍ତତାର ଚିରନ୍ତନ ଭାରତବର୍ଷ—କେବଳ ରୀତିନୀତିରେ ନୁହେଁ, ପ୍ରେମରେ, ବିଶ୍ୱାସରେ ଓ ବନ୍ଧୁତ୍ୱରେ । ସେହି ଭାରତର ଜଣେ ନଗଣ୍ୟ ସନ୍ତାନ ହିସାବରେ ମୁଁ ତୁମକୁ ଭଲପାଏ ଭାରତୀୟ-ପ୍ରେମରେ, ଏବଂ ଏହି ବିଭ୍ରାନ୍ତିରୁ ମୁକ୍ତ ହେବା ପାଇଁ ତୁମକୁ ସାହାଯ୍ୟ କରିବା ଲାଗି ମୁଁ ସହସ୍ରଥର ଦେହତ୍ୟାଗ କରିବାକୁ ପ୍ରସ୍ତୁତ ।

ଚିରଦିନ ତୁମର, ବିବେକାନନ୍ଦ

୪୭୦ଇଂ

1st East 39 St., New York
୨୦ ନଭେମ୍ବର ୧୮୯୯

ସ୍ନେହର ମେରି,

ଖୁବ୍ ସମ୍ଭବ କାଲି କାଲିଫର୍ଣ୍ଣିଆ ଯାତ୍ରା କରୁଛି । ବାଟରେ ଦିନେ ଦୁଇଦିନ ପାଇଁ ଚିକାଗୋରେ ରହିବି । ଯାତ୍ରା କରି ତୁମ ପାଖକୁ 'ତାର' କରିବି । କାହାକୁ ଷ୍ଟେସନ୍‌କୁ

ପଠାଇବ; କାରଣ 'ଭିତର' ଓ 'ବାହାର' (in and out) ଖୋଳ ମୁଁ କୌଣସି ଦିନ ବାହାର କରିପାରେ ନାହିଁ, ବର୍ତ୍ତମାନ ତ ଆହୁରି ଧନ୍ଦ ହେବ ।

ତୁମର ଚିରଦିନର ଭ୍ରାତା, ବିବେକାନନ୍ଦ

୪୭୧ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଆମେରିକା, ୨୦ ନଭେମ୍ବର ୧୮୯୯

ଅଭିନ୍ନହୃଦୟେଷୁ,

ଶରତ୍‌ର ପତ୍ରରୁ ଖବର ପାଇଲି ।... ହାର୍-ଜିତ୍ ସହିତ ମୋର ସମ୍ପର୍କ ନାହିଁ, ତୁମେମାନେ ଏତିକବେଳେ experience (ଅଭିଜ୍ଞତା) କରିନିଅ ।... ମୋର ଆଉ କୌଣସି ରୋଗ ନାହିଁ । ମୁଁ ପୁଣି... ଜାଗା ଜାଗା ବୁଲିବାକୁ ଚାଲିଲି । କୁଛ୍ ପରୱା ନେହିଁ, ମା ଭୈଃ । ସବୁ ଉଡ଼ିଯିବ ତୁମମାନଙ୍କ ଧାମନାରେ; ଖାଲି disobedient (ଅବାଧ୍ୟ) ହୁଅ ନାହିଁ, ସବୁ ସିଦ୍ଧି ହେବ ।... ଜୟ ମା ରଣରଙ୍ଗିଣୀ ! ଜୟ ମା, ଜୟ ମା ରଣରଙ୍ଗିଣୀ ! ବାହ ଗୁରୁ, ବାହ ଗୁରୁକୀ ଫତେ !

...ଅସଲ କଥା, କାପୁରୁଷତ୍ୱ ଅପେକ୍ଷା ପାପ ନାହିଁ; କାପୁରୁଷର ଉଦ୍ଧାର ହୁଏ ନାହିଁ—ଏହା ନିଶ୍ଚିତ । ଆଉ ସବୁ ସହ୍ୟ ହୁଏ, ଏଇଟା ସହ୍ୟ ହୁଏ ନାହିଁ । ଏହାକୁ ଯେ ନ ଛାଡ଼ିବ, ତା' ସଙ୍ଗରେ ମୋର ଆଉ ସମ୍ପର୍କ ରହେ କି ?... ଗୋଟିଏ ପାହାର ଖାଇଲେ ଦଶ ପାହାର ପାଲଟା ମାରିବାକୁ ହେବ... ତେବେ ମଣିଷ ।... କାପୁରୁଷ ଦୟାର ଆଧାର !!

ମୁଁ ଆଶୀର୍ବାଦ କରୁଛି, ଆଜି ଏହି ମହାମାୟାଙ୍କ ଦିନରେ, ଏହି ରାତିରେ ମା ତୁମମାନଙ୍କର ହୃଦୟରେ ଉଦୟ ହୁଅନ୍ତୁ, ତୁମମାନଙ୍କ ବାହୁରେ ଅନନ୍ତ ଶକ୍ତି ଦିଅନ୍ତୁ । ଜୟ କାଳୀ, ଜୟ କାଳୀ, ଜୟ କାଳୀ ମା ଅବତରଣ କରିବେ ହିଁ କରିବେ; ମହାବଳରେ ସର୍ବଜୟ—ବିଶ୍ୱବିଜୟ; ମା ଆସୁଛନ୍ତି; ଭୟ କଅଣ ? କାହାକୁ ଡର ? ଜୟ କାଳୀ, ଜୟ କାଳୀ ! ତୁମମାନଙ୍କର ଜଣ ଜଣଙ୍କ ତେଜରେ ଧରା କମ୍ପିବ ।... ଜୟ କାଳୀ, ଜୟ କାଳୀ ! ପୁଣି onward, forward (ଆଗେଇ ଚାଲ, ଆଗେଇ ଯାଅ) ! ବାହ ଗୁରୁ, ଜୟ ମା, ଜୟ ମା; କାଳୀ, କାଳୀ, କାଳୀ ! ରୋଗ, ଶୋକ, ଅପଦ, ଦୁର୍ବଳତା ସବୁ ଯାଇଛି ତୁମମାନଙ୍କର ! ମହାବିଜୟ, ମହାଲକ୍ଷ୍ମୀ, ମହାଶ୍ରୀ ତୁମମାନଙ୍କର ! ମାଭୈଃ ମାଭୈଃ । ଦଶା କଟିଯାଇଛି, ମାଭୈଃ ! ଜୟ କାଳୀ, ଜୟ କାଳୀ !

ବିବେକାନନ୍ଦ

ପୁଃ—ମୁଁ ମାଆଙ୍କର ଦାସ, ତୁମେମାନେ ମାଆଙ୍କର ଦାସ—ଆମର କଅଣ ବିନାଶ ଅଛି, ଭୟ ଅଛି ? ଅହଙ୍କାର—ଯେପରି ମନକୁ ନ ଆସେ—ପ୍ରେମ ପ୍ରୀତି ଯେପରି ମନରୁ ନ ଯାଏ । ତୁମମାନଙ୍କର କଅଣ ବିନାଶ ଅଛି ? ମାଭୈଃ ! ଜୟ କାଳୀ, ଜୟ କାଳୀ !

୪୭୨ଇଂ

୨୧ ପଶ୍ଚିମ, ୩୪ ସ୍ତ୍ରୀ, ନ୍ୟୁୟର୍କ
୨୧ ନଭେମ୍ବର ୧୮୯୯

ପ୍ରିୟ ବ୍ରହ୍ମାନନ୍ଦ,

ହିସାବ ଠିକ୍ ଅଛି । ମୁଁ ସେସବୁ ମିସେସ୍ ବୁଲ୍ଙ୍କ ହାତରେ ସମର୍ପି ଦେଇଛି ଏବଂ ସେ ବିଭିନ୍ନ ଦାତାଙ୍କୁ ହିସାବର ବିଭିନ୍ନ ଅଂଶ ଜଣାଇବାର ଭାର ନେଇଛନ୍ତି । ପୂର୍ବର କଠୋର ଚିଠିଗୁଡ଼ିକରେ ମୁଁ ଯାହା ଲେଖିଛି, ସେଥିରେ କିଛି ମନେକରିବ ନାହିଁ । ପ୍ରଥମତଃ, ସେଥିରେ ତୁମର ଉପକାର ହେବ—ଏହା ଫଳରେ ତୁମେ ଭବିଷ୍ୟତରେ ଯଥା ନିୟମରେ ଠିକ୍ ଭାବରେ ହିସାବ ରଖିବାକୁ ଶିଖିବ ଏବଂ ଗୁରୁଭାଇମାନଙ୍କୁ ମଧ୍ୟ ତାହା ଶିଖାଇଦେବ । ଦ୍ୱିତୀୟତଃ, ଏହି ସବୁ ଭର୍ତ୍ସନାରେ ମଧ୍ୟ ଯଦି ତୁମେମାନେ ସାହସୀ ନ ହୁଅ, ତାହାହେଲେ ତୁମମାନଙ୍କ ବିଷୟରେ ମୋତେ ସବୁ ଆଶା ଛାଡ଼ିଦେବାକୁ ହେବ । ମୁଁ ଚାହେଁ, ତୁମେମାନେ (କାମ କରି କରି) ପଛକେ ମରିଯାଅ, ତଥାପି ତୁମମାନଙ୍କୁ ଲଢ଼ିବାକୁ ହେବ ! ସିପାହୀ ଭଳି ଆଜ୍ଞାପାଳନରେ ଜୀବନ ଦିଅ ଏବଂ ନିର୍ବାଣ ଲାଭକର, କିନ୍ତୁ କୌଣସି ପ୍ରକାର ଭୀରୁତାକୁ ପ୍ରଶ୍ରୟ ଦେଲେ ଚଳିବ ନାହିଁ ।

କିଛିଦିନ ପାଇଁ ମୋର ଟିକିଏ ଲୁଚିରହିବାର ଆବଶ୍ୟକତା ପଡ଼ିଛି । ସେ ସମୟରେ ଯେପରି ମୋତେ କେହି ପତ୍ର ନ ଲେଖନ୍ତି ଏବଂ ନ ଖୋଜନ୍ତି । ମୋ ସ୍ୱାସ୍ଥ୍ୟ ପାଇଁ ଏହା ଏକାନ୍ତ ଆବଶ୍ୟକ । ମୋର ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇଯାଇଛି—ଏତିକି ମାତ୍ର; ଆଉକିଛି ନୁହେଁ ।

ତୁମମାନଙ୍କର ସର୍ବାଙ୍ଗୀନ କଲ୍ୟାଣ ହେଉ । ମୋର ରୂଢ଼ତା ଲାଗି ମନ ଖରାପ କରିବ ନାହିଁ । ତୁଣ୍ଡରେ ଯାହା ଥାଉନା କାହିଁକି— ତୁମେ ତ ମୋର ହୃଦୟ ଜାଣ ! ତୁମମାନଙ୍କର ସର୍ବପ୍ରକାର ଶୁଭ ହେଉ । ବିଗତ ପ୍ରାୟ ଏକବର୍ଷ ମୁଁ ଯେପରି ଗୋଟାଏ ଝିଙ୍କରେ ଚାଲିଛି । ଏହାର କାରଣ କିଛି ଜାଣେ ନାହିଁ । ଭାଗ୍ୟରେ ଏହି ନରକ-ଯନ୍ତ୍ରଣା-ଭୋଗ ଥିଲା— ଏବଂ ତାହା ହୋଇଯାଇଛି । ମୁଁ ପ୍ରକୃତରେ ବର୍ତ୍ତମାନ ପୂର୍ବାପେକ୍ଷା ବହୁତ ଭଲ । ପ୍ରଭୁ ତୁମମାନଙ୍କର ସହାୟ ହୁଅନ୍ତୁ ! ମୁଁ ଚିରବିଶ୍ରାମ ଲାଗି ଶୀଘ୍ର ହିମାଳୟକୁ ଯାଉଛି । ମୋର କାର୍ଯ୍ୟ ଶେଷ ହୋଇଛି । ଇତି

ସତତ ପ୍ରଭୁପଦାଶ୍ରିତ ତୁମମାନଙ୍କର, ବିବେକାନନ୍ଦ

ପୁଃ—ମିସେସ୍ ବୁଲ୍ ତୁମମାନଙ୍କୁ ତାଙ୍କର ଶ୍ରଦ୍ଧା ଜଣାଉଛନ୍ତି ।

୪୭୩ଇଂ

ଚିକାଗୋ, ୨୬ ନଭେମ୍ବର ୧୮୯୯

ପ୍ରିୟ ମିସେସ୍ ଲେଗେଟ୍,

ଆପଣଙ୍କର ସମସ୍ତ ସହୃଦୟତା, ବିଶେଷ କରି ସହୃଦୟ ପତ୍ରଟି ପାଇଁ ବହୁ ଧନ୍ୟବାଦ । ଆସନ୍ତା ଗୁରୁବାର ଦିନ ଚିକାଗୋରୁ ଯାଉଛି, ସେଦିନ ପାଇଁ ଟିକଟ ଓ ବର୍ଥ ଠିକ୍ କର୍‌ଯାଇଛି ।

ମିସ୍ ନୋବଲ୍ ଏଠାରେ ଖୁବ୍ ଭଲ କାମ ଚଲାଉଛନ୍ତି ଏବଂ ନିଜର ପଥ ସେ ନିଜେ

ଚିଠିଆଣିକରି ନେଉଛନ୍ତି । ଏଲ୍‌ବାର୍ଟା ସହିତ ସେଦିନ ଦେଖାହେଲା । ଏଠାରେ ରହିବାର ପ୍ରତ୍ୟେକଟି ମୁହୂର୍ତ୍ତ ସେ ଉପଭୋଗ କରୁଛି ଏବଂ ସେ ଖୁବ୍ ଆନନ୍ଦରେ ଅଛି । ମିସ୍ ଆଡାମ୍‌ସ୍ (Jane Adams) ଯଥାପୂର୍ବ ଦେବୀଙ୍କ ପରି ।

ଯାତ୍ରା କରିବା ପୂର୍ବରୁ ଜୋ ଜୋ ନିକଟକୁ ତାର କରିବି ଏବଂ ରାତିସାରା ବହି ପଢ଼ି କଟାଇବି ।

ଆପଣଙ୍କୁ ଓ ମିଃ ଲେଗେଟ୍‌ଙ୍କୁ ମୋର ପ୍ରୀତି ।

ଆପଣଙ୍କର ଚିରସ୍ନେହର, ବିବେକାନନ୍ଦ

୪୭୪ଇଂ (ମିସେସ୍ ଲେଗେଟ୍‌ଙ୍କୁ ଲିଖିତ)

ଚିକାଗୋ, ୩୦ ନଭେମ୍ବର ୧୮୯୯

ମା,

ମାଡାମ୍ କାଲ୍‌ଭେଙ୍କ ଆଗମନ ଛଡ଼ା ନୂତନ କୌଣସି ଖବର ନାହିଁ । ସେ ଜଣେ ମହୀୟସୀ ମହିଳା । ତାଙ୍କୁ ଯଦି ଆହୁରି କେବେ ଦେଖିବାକୁ ପାଆନ୍ତି ! ସାଇକ୍ଲୋନ୍ ମୁହଁରେ ଠିଆ ହୋଇ ବିଶାଳ ପାଇନ୍ ଗଛ ଲଢ଼େଇ କରିଯାଉଛି—ଏହା ଏକ ମହାନ୍ ଦୃଶ୍ୟ ।* ତାହା ନୁହେଁ କି ?

ଆଜି ରାତିରେ ଏ ସ୍ଥାନ ଛାଡ଼ିଯାଉଛି । ଏହି କେତୋଟି ଧାଡ଼ି ତରତରରେ ଲେଖୁଛି, କାରଣ ଅ— ଅପେକ୍ଷା କରିଛି । ମିସେସ୍ ଅଡାମ୍‌ସ୍ ପୂର୍ବପରି ସହୃଦୟ । ମାର୍ଗଟ୍ ଚମତ୍କାର ଆଗେଇ ଚାଲିଛି । କାଲିଫର୍ଣ୍ଣିଆରୁ ଆହୁରି ଲେଖିବି ।

ଫ୍ରାଙ୍କିନ୍‌ସେନ୍‌ଙ୍କୁ ମୋର ପ୍ରୀତି ।

ଆପଣଙ୍କର ଚିରସନ୍ତାନ, ବିବେକାନନ୍ଦ

୪୭୫ଇଂ

ଚିକାଗୋ, ୩୦ ନଭେମ୍ବର ୧୮୯୯

ପ୍ରିୟ ଧୀରାମାତା,

ଆଜି ରାତିରେ ମୁଁ ଏଠାରୁ ଚାଲିଯାଉଛି । ଏମାନେ ମୋତେ ଗୋଟିଏ ନୂଆ ବଡ଼ ଟ୍ରଙ୍କ ଦେଇଛନ୍ତି । ମ୍ୟାସ୍‌ପେରୋଙ୍କ ବହିଟି [ଫରାସୀ ଦେଶୀୟ ମିଶର-ବିଶେଷଜ୍ଞ ଏବଂ ପୁରାତତ୍ତ୍ୱବିଦ୍ ସାର୍ ଗ୍ୟାସ୍‌ଟନ୍ ମାସ୍‌ପେରୋ] ମୋ ପାଖରେ ଅଛି, କେବଳ ଦ୍ୱିତୀୟ ଖଣ୍ଡଟି । ପ୍ରଥମ ଖଣ୍ଡଟି ବୋଷ୍ଟନ୍‌ରେ । ଅନୁଗ୍ରହ କରି 'ଜୋ'ର ଠିକଣାରେ ସେଇଟି ପଠାଇଦେବେ ।

ସେମାନେ ଅତ୍ୟନ୍ତ ସଦୟ ବ୍ୟବହାର କରିଛନ୍ତି । ମ୍ୟାଡାମ୍ କାଲ୍‌ଭେ ଗତକାଲି ମୋ ପାଖକୁ ଆସିଥିଲେ । ସେ ଜଣେ ମହୀୟସୀ ମହିଳା ।

ଏଠାରେ ଆଉ କିଛି ଲେଖିବାର ନାହିଁ । କେବଳ ଜଣାଉଛି ଯେ, ମାର୍ଗୋ ଖୁବ୍ ଭଲ ଅଛି । ଅବଶ୍ୟ କାଲି ରାତିରେ କେହି କେହି ଅଭିଯୋଗ କରିଥିଲେ ଯେ ସ୍ୱାମୀ କେବେ ଭୁଲ୍ କରିପାରନ୍ତି ନାହିଁ, ଏହି ଦୃଢ଼ ଘୋଷଣା କରି ସେ ସେମାନଙ୍କୁ ଭୟ ଦେଖାଉଛି ।

* କନ୍ୟାର ମୃତ୍ୟୁରେ ମାଡାମ୍ କାଲ୍‌ଭେଙ୍କର ମନର ଅବସ୍ଥା ହିଁ ଏଠାରେ ବର୍ଣ୍ଣନାର ଲକ୍ଷ୍ୟ ।

ଆଶାକରେ ଆପଣ ବେଶ୍ ଭଲ ଅଛନ୍ତି । ଚଠିଟି ଖୁବ୍ ତରତରରେ ଲେଖା ହୋଇଛି । କାଲିଫର୍ଣ୍ଣିଆରୁ ସବିସ୍ତାର ଲେଖିବି । ମିସେସ୍ ଭଗ୍‌ନଙ୍କୁ ମୋର ସ୍ନେହ ଦେବେ ।

ଆପଣଙ୍କର ଚିରସନ୍ତାନ, ବିବେକାନନ୍ଦ

**୪୭୬ଇଂ**

ଲସ୍ ଆଞ୍ଜେଲସ୍, ୬ ଡିସେମ୍ବର ୧୮୯୯

ପ୍ରିୟ ନିବେଦିତା,

ତୁମର ଷଷ୍ଠଦଫା ଆସି ପହଞ୍ଚିଛି, କିନ୍ତୁ ସେଥିରେ ମଧ୍ୟ ମୋ ଭାଗ୍ୟର ବିଶେଷ କୌଣସି ପରିବର୍ତ୍ତନ ଘଟି ନାହିଁ । ସ୍ଥାନ-ପରିବର୍ତ୍ତନରେ ବିଶେଷ କୌଣସି ଉପକାର ହେବ ବୋଲି ଭାବୁଛ କି ? କାହାର କାହାର ପ୍ରକୃତି ଏପରି ଯେ ସେମାନେ ଦୁଃଖ ପାଇବାକୁ ହିଁ ଭଲ ପାଆନ୍ତି । ବସ୍ତୁତଃ ଯେଉଁମାନଙ୍କ ମଧ୍ୟରେ ମୁଁ ଜନ୍ମିଛି, ଯଦି ସେମାନଙ୍କ ପାଇଁ ମୋର ହୃଦୟକୁ ଅଜାଡ଼ି ଦେଇ ନ ଥାଆନ୍ତି, ତାହାହେଲେ ଅନ୍ୟ ପାଇଁ କରିବାକୁ ପଡ଼ିଥାଆନ୍ତା— ଏ ବିଷୟରେ କୌଣସି ସନ୍ଦେହ ନାହିଁ । ଏହା ହିଁ ହେଉଛି କାହାର କାହାର ସ୍ୱଭାବ—ମୁଁ ତାହା କ୍ରମେ ବୁଝିପାରୁଛି । ଆମେ ସମସ୍ତେ ସୁଖ ପଛରେ ଧାଉଁଛୁ ସତ୍ୟ; କିନ୍ତୁ କେହି କେହି ଯେ ଦୁଃଖ ମଧ୍ୟରେ ହିଁ ଆନନ୍ଦ ପାଆନ୍ତି—ଏଇଟା କଣ ଖୁବ୍ ଅଦ୍ଭୁତ ନୁହେଁ ? ଏଥିରେ କ୍ଷତି କିଛି ନାହିଁ; କେବଳ ଭାବିବାର ବିଷୟ ଏହି ଯେ, ସୁଖ ଦୁଃଖ ଉଭୟ ହିଁ ସଂକ୍ରାମକ । ଇଙ୍ଗାର୍‌ସୋଲ୍ ଥରେ କହିଥିଲେ ଯେ, ସେ ଯଦି ଭଗବାନ୍ ହୋଇଥାନ୍ତେ ତେବେ ସେ ବ୍ୟାଧିକୁ ସଂକ୍ରାମକ ନ କରି ସ୍ୱାସ୍ଥ୍ୟକୁ ହିଁ ସଂକ୍ରାମକ କରିଥାଆନ୍ତେ । କିନ୍ତୁ ସ୍ୱାସ୍ଥ୍ୟ ଯେ ବ୍ୟାଧି ଅପେକ୍ଷା ଅଧିକ ନ ହେଲେ ବି ଅନୁରୂପ ଭାବରେ ସଂକ୍ରାମକ, ତାହା ସେ ଟିକିଏ ମାତ୍ର ଭାବି ନ ଥିଲେ । ସେହିଠାରେ ହିଁ ତ ବିପଦ ! ମୋର ବ୍ୟକ୍ତିଗତ ସୁଖଦୁଃଖରେ ଜଗତର କିଛିମାତ୍ର ଯାଏ ଆସେ ନାହିଁ—କେବଳ ଅନ୍ୟମାନେ ଯେପରି ସଂକ୍ରମିତ ନ ହୁଅନ୍ତି, ତାହା ଦେଖିବାକୁ ହେବ । କର୍ମକୌଶଳ ତ ଏହିଠାରେ । ଯେତେବେଳେ କୌଣସି ମହାପୁରୁଷ ମଣିଷର ବ୍ୟଥାରେ ବ୍ୟଥିତ ହୁଅନ୍ତି, ସେତେବେଳେ ସେ ନିଜେ ବିମର୍ଷ ହୁଅନ୍ତି, ଛାତିରେ ଚାପୁଡ଼ା ମାରନ୍ତି ଏବଂ ସମସ୍ତଙ୍କୁ ଡାକି କହନ୍ତି, 'ତୁମେମାନେ ତେନ୍ତୁଳି-ପାଣି ପିଅ, କୋଇଲା ଚୋବାଅ, ଦେହରେ ପାଉଁଶ ବୋଳିହୋଇ ଗୋବରଗଦାରେ ବସିରହ ଏବଂ ଆଖିରୁ ଖାଲି ପାଣି ଗଡ଼ାଇ କରୁଣ ସ୍ୱରରେ ବିଳାପ କର ।' ମୁଁ ଦେଖୁଛି, ସେମାନଙ୍କର ସମସ୍ତଙ୍କର ତ୍ରୁଟି ଥିଲା—ସତକୁ ସତ ଥିଲା—ଯଦି ସତକୁ ସତ ଜଗତର ବୋଝ କାନ୍ଧକୁ ନେବା ଲାଗି ତୁମେ ପ୍ରସ୍ତୁତ ହୋଇଥାଅ, ତେବେ ସର୍ବତୋଭାବରେ ତାହା ଗ୍ରହଣ କର; କିନ୍ତୁ ତୁମର ବିଳାପ ଓ ଅଭିଶାପ ଯେପରି ଆମମାନଙ୍କୁ ଶୁଣିବାକୁ ନ ପଡ଼େ । ତୁମର ନିଜର ଜ୍ୱାଳା-ଯନ୍ତ୍ରଣାରେ ଆମମାନଙ୍କୁ ଏପରି ଶଙ୍କିତ କରିଦିଅ ନାହିଁ, ଯଦ୍ଦ୍ୱାରା ଆମେମାନେ ତୁମ ପାଖକୁ ନ ଆସି ନିଜର ଦୁଃଖର ବୋଝ ନେଇ ରହିବାକୁ ଭଲ ବୋଲି ମନେକରୁ । ଯେଉଁ ବ୍ୟକ୍ତି ସତକୁ ସତ ଜଗତର ଦାୟିତ୍ୱ ନିଜ ମୁଣ୍ଡକୁ ନିଅନ୍ତି, ସେ ଜଗତକୁ ଆଶୀର୍ବାଦ କରି କରି ନିଜ ପଥରେ ଚାଲିଥାନ୍ତି । ତାଙ୍କ ମୁହଁରେ ଗୋଟିଏ ହେଲେ ନିନ୍ଦାର କଥା, ଗୋଟିଏ

ହେଲେ ସମାଲୋଚନାର କଥା ନ ଥାଏ, ତାହାର କାରଣ ଏହା ନୁହେଁ ଯେ ଜଗତରେ ପାପ ନାହିଁ; ତାହାର କାରଣ ଏହି ଯେ, ସେ ସେହି ପାପ ନିଜ ସ୍କନ୍ଧକୁ ଟେକି ନେଇଛନ୍ତି— ସ୍ୱେଚ୍ଛାରେ, ସ୍ୱତଃପ୍ରବୃତ୍ତ ହୋଇ । ଯିଏ ଉଦ୍ଧାରକର୍ତ୍ତା, ତାଙ୍କୁ ହିଁ ଆନନ୍ଦରେ ଆପଣା ପଥରେ ଚାଲିବାକୁ ହେବ; ଯେଉଁମାନେ ଉଦ୍ଧାର ପାଉଛନ୍ତି, ସେମାନଙ୍କ ପକ୍ଷରେ ଏହା ନୁହେଁ ।

ଆଜି ପ୍ରାତଃକାଳରେ ହିଁ ଏହି ତତ୍ତ୍ୱଟି ମୋ ସମ୍ମୁଖରେ ଉଦ୍‌ଘାଟିତ ହୋଇଛି । ଯଦି ଏ ଭାବଟି ମୋ ମଧ୍ୟରେ ସ୍ଥାୟୀରୂପେ ଆସିଥାଏ ଏବଂ ମୋର ସମଗ୍ର ଜୀବନକୁ ପରିବ୍ୟାପ୍ତ କରିଥାଏ, ତେବେ ତାହା ଯଥେଷ୍ଟ ।

ଦୁଃଖଭାର-ଜର୍ଜରିତ ଯେ ଯେଉଁଠି ଅଛ, ସମସ୍ତେ ଆସ, ତୁମମାନଙ୍କର ସମସ୍ତ ବୋଝ ମୋ ଉପରେ ପକାଇଦେଇ ମନଖୁସିରେ ଚାଲୁଥାଅ, ଆଉ ତୁମେମାନେ ସୁଖୀ ହୁଅ ଏବଂ ଭୁଲିଯାଅ ଯେ, ମୁଁ ଜଣେ କେଉଁ କାଳରେ ଥିଲି । ଅନନ୍ତ ପ୍ରୀତି ଜାଣିବ । ଇତି

ତୁମର ପିତା, ବିବେକାନନ୍ଦ

୪୭୭ଇଂ

୧୨ ଡିସେମ୍ବର ୮୯୯

ପ୍ରିୟ ମିସେସ୍ ବୁଲ୍,

ଆପଣ ଠିକ୍ ଧରିଛନ୍ତି—ମୁଁ ନିଷ୍ଠୁର, ଅତ୍ୟନ୍ତ ନିଷ୍ଠୁର । ଆଉ ମୋ ମଧ୍ୟରେ କୋମଳତା ପ୍ରଭୃତି ଯାହା କିଛି ଅଛି, ତାହା ମୋର ତ୍ରୁଟି । ଏହି ଦୁର୍ବଳତା ଯଦି ମୋ ମଧ୍ୟରେ ଆହୁରି କମ୍, ଅନେକ କମ୍ ଥାଆନ୍ତା ! ହାୟ ! କୋମଳ ଭାବ ହିଁ ମୋର ଦୁର୍ବଳତା ଏବଂ ତାହା ହିଁ ମୋର ସବୁ ଦୁଃଖର ଆକର । ଭଲ କଥା, ମିଉନିସିପାଲିଟି ଆମମାନଙ୍କ ଉପରେ ଅତ୍ୟଧିକ କର ବସାଇ ଆମକୁ ଉଚ୍ଛେଦ କରିଦେବାକୁ ଚାହେଁ । ସେଇଟା ମୋର ଦୋଷ, କାରଣ ମୁଁ ଟ୍ରଷ୍ଟ ଗଠନ କରି ମଠଟିକୁ ସାଧାରଣଙ୍କ ହାତକୁ ଟେକିଦେଇ ନାହିଁ । ମୁଁ ମଧ୍ୟେ ମଧ୍ୟେ ମୋ ପିଲାଙ୍କ ପ୍ରତି କଟୂବାକ୍ୟ ପ୍ରୟୋଗ କରେ, ସେଥିପାଇଁ ମୁଁ ବିଶେଷ ଦୁଃଖିତ; କିନ୍ତୁ ସେମାନେ ମଧ୍ୟ ଜାଣନ୍ତି ଯେ, ସଂସାରରେ ସମସ୍ତଙ୍କ ଅପେକ୍ଷା ମୁଁ ସେମାନଙ୍କୁ ବେଶୀ ଭଲପାଏ ।

ଦୈବର ସହାୟତା ସତକୁ ସତ ହୁଏତ ମୁଁ ପାଇଛି; କିନ୍ତୁ ଓଃ ! ତାହାର ପ୍ରତ୍ୟେକଟି ବିନ୍ଦୁ ପାଇଁ ମୋତେ କି ପରିମାଣରେ ନା ରକ୍ତ ମୋକ୍ଷଣ କରିବାକୁ ପଡ଼ିଛି ! ତାହା ନ ପାଇଥିଲେ ହୁଏତ ମୁଁ ଅଧିକତର ସୁଖୀ ହୋଇଥାନ୍ତି ଏବଂ ମଣିଷ ହିସାବରେ ଆହୁରି ଭଲ ହୋଇଥାନ୍ତି । ବର୍ତ୍ତମାନ ଅବସ୍ଥା ଅବଶ୍ୟ ଖୁବ୍ ତମସାଚ୍ଛନ୍ନ ବୋଲି ମନେହୁଏ; ତେବେ ମୁଁ ନିଜେ ଯୋଦ୍ଧା, ଯୁଦ୍ଧ କରୁ କରୁ ହିଁ ମୋତେ ପ୍ରାଣ ଦେବାକୁ ହେବ—ମଙ୍ଗ ଛାଡ଼ିଲେ ଚଳିବ ନାହିଁ; ସେଥିପାଇଁ ତ ପିଲାଙ୍କ ଉପରେ ମୁଁ ମିଜାଜ୍ ଠିକ୍ ରଖିପାରେ ନାହିଁ । ମୁଁ ତ ସେମାନଙ୍କୁ ମୋ ଯୁଦ୍ଧରେ ବାଧା ନ ଦେବାକୁ କହୁଛି ।

ଅଦୃଷ୍ଟ ବିରୋଧରେ ମୋର କୌଣସି ଅଭିଯୋଗ ନାହିଁ । କିନ୍ତୁ ହାୟ, ବର୍ତ୍ତମାନ ମୁଁ ଚାହେଁ ଯେ, ମୋର ପିଲାମାନଙ୍କ ମଧ୍ୟରେ ଅନ୍ତତଃ ଜଣେ ହେଲେ ମୋ ପାର୍ଶ୍ୱରେ ଠିଆ

ହୋଇ ସମସ୍ତ ପ୍ରତିକୂଳ ଅବସ୍ଥା ସହିତ ସଂଗ୍ରାମ କରୁ ।

ଆପଣ କୌଣସି ଦୁଶ୍ଚିନ୍ତା କରିବେ ନାହିଁ । ଭାରତବର୍ଷରେ କୌଣସି କାର୍ଯ୍ୟ କରିବାକୁ ହେଲେ ମୋର ଉପସ୍ଥିତି ପ୍ରୟୋଜନ । ମୋର ସ୍ୱାସ୍ଥ୍ୟ ବର୍ତ୍ତମାନ ପୂର୍ବାପେକ୍ଷା ଅନେକ ପରିମାଣରେ ଭଲ; ହୁଏତ ସମୁଦ୍ରଯାତ୍ରାରେ ଆହୁରି ଭଲ ହେବ । ଯାହା ହେଉ, ଏଥର ଆମେରିକାରେ କେବଳ ବନ୍ଧୁବାନ୍ଧବମାନଙ୍କୁ ଉତ୍ୟକ୍ତ କରିବା ଛଡ଼ା ଆଉ ବିଶେଷ କୌଣସି କାର୍ଯ୍ୟ କରି ନାହିଁ । ମୋର ପାଥେୟ ବାବଦ ଅର୍ଥ-ସାହାଯ୍ୟ ଜୋ ନିକଟରୁ ହୁଏତ ପାଇବି, ତା' ଛଡ଼ା ମିଷ୍ଟର ଲେଗେଟ୍‌ଙ୍କ ଟଙ୍କା ଅଛି । ଭାରତବର୍ଷରେ କିଛି ଅର୍ଥ ସଂଗ୍ରହର ଆଶା ଏବେ ସୁଦ୍ଧା ମୋର ରହିଛି, ଭାରତର ବିଭିନ୍ନ ପ୍ରାନ୍ତରେ ମୋର ଯେଉଁସବୁ ବନ୍ଧୁବାନ୍ଧବ ଅଛନ୍ତି, ସେମାନଙ୍କ ପାଖକୁ ଏବେ ସୁଦ୍ଧା ମୁଁ ଯାଇ ନାହିଁ । ଆଶା କରେ, ପ୍ରୟୋଜନୀୟ ୫୦ ହଜାର ପୂରା କରିବା ଲାଗି ପନ୍ଦର ହଜାର ଟଙ୍କା ସଂଗ୍ରହ କରିପାରିବି ଏବଂ ଟ୍ରଷ୍ଟର ଦଲିଲ ହୋଇଗଲେ ମିଉନିସିପାଲିଟିର ଟ୍ୟାକ୍‌ସ ମଧ୍ୟ କମିଯିବ । ଆଉ ଯଦିବା ଏ ଅର୍ଥ ସଂଗ୍ରହ କରି ନ ପାରେ, ତଥାପି ଆମେରିକାରେ ନିରର୍ଥକ ବସି ରହିବା ଅପେକ୍ଷା ଚେଷ୍ଟା କରୁ କରୁ ମରିଯିବାକୁ ମୁଁ ଶ୍ରେୟଃ ମନେକରେ । ମୋର ଜୀବନର ଭୁଲଗୁଡ଼ିକ ଅବଶ୍ୟ ଖୁବ୍ ବଡ଼, କିନ୍ତୁ ସେଗୁଡ଼ିକର ପ୍ରତ୍ୟେକଟିର କାରଣ ଅତ୍ୟଧିକ ସ୍ନେହପ୍ରୀତି । ବର୍ତ୍ତମାନ ସ୍ନେହପ୍ରୀତି ଉପରେ ମୋର ବିତୃଷ୍ଣା ଆସିଯାଇଛି । ହାୟ ! ଯଦି ମୋର ଟିକିଏ ହେଲେ ତାହା ନ ଥାନ୍ତା ! ଭକ୍ତିର କଥା କହୁଛନ୍ତି ! ହାୟ, ମୁଁ ଯଦି ନିର୍ବିକାର ବୈଦାନ୍ତିକ ହୋଇପାରନ୍ତି ! ଯାଉ, ଏ ଜୀବନ ଶେଷ ହୋଇଛି; ପରଜନ୍ମରେ ଚେଷ୍ଟାକରି ଦେଖିବି । ମୋର ଦୁଃଖ ଏତିକି—ବିଶେଷତଃ ଆଜିକାଲି—ମୋର ବନ୍ଧୁବାନ୍ଧବଗଣ ମୋ ନିକଟରୁ ଆଶୀର୍ବାଦ ଅପେକ୍ଷା ଅପକାର ହିଁ ବେଶୀ ପାଇଛନ୍ତି । ଯେଉଁ ଶାନ୍ତି ଓ ନିର୍ଜନତା ଚିରଦିନ ଖୋଜୁଛି, ତାହା ମୋ ଅଦୃଷ୍ଟରେ ଜୁଟିଲା ନାହିଁ ।

ବହୁବର୍ଷ ପୂର୍ବେ ମୁଁ ହିମାଳୟକୁ ଯାଇଥିଲି, ଆଉ ଫେରିବି ନାହିଁ ବୋଲି ଠିକ୍ କରି । ଏଆଡ଼େ ମୋର ଭଉଣୀ ଆତ୍ମହତ୍ୟା କଲା, ସେ ସମ୍ବାଦ ମୋ ନିକଟରେ ପହଞ୍ଚିଲା, ଏବଂ ମୋର ସେହି ଦୁର୍ବଳ ହୃଦୟ ମୋତେ ସେହି ଶାନ୍ତିର ଆଶାରୁ ବିଚ୍ୟୁତ କଲା । ସେ ଦୁର୍ବଳ ହୃଦୟ ପୁଣି—ମୁଁ ଯେଉଁମାନଙ୍କୁ ଭଲପାଏ, ସେମାନଙ୍କ ପାଇଁ କିଛି ସାହାଯ୍ୟ ଭିକ୍ଷା କରିବାକୁ ମୋତେ ଭାରତରୁ ତଡ଼ିଦେଇଛି । ସେଥିପାଇଁ ମୁଁ ଆଜି ଆମେରିକାରେ ! ଶାନ୍ତି ଖୋଜିଛି, ଭକ୍ତିର ଆଳୟ ସେହି ମୋର ହୃଦୟଟି ମୋତେ ସେଥିରୁ ବଞ୍ଚିତ କରିଛି । ସଂଗ୍ରାମ ଓ ଯନ୍ତ୍ରଣା, ଯନ୍ତ୍ରଣା ଓ ସଂଗ୍ରାମ ! ଯାଉ, ତାହା ହିଁ ଯେତେବେଳେ ମୋର ନିୟତି, ତାହା ହିଁ ହେଉ; ଆଉ ଯେତେ ଶୀଘ୍ର ଏହାର ଶେଷ ହୁଏ, ସେତେ ମଙ୍ଗଳ । ଲୋକେ କହନ୍ତି ମୁଁ ଭାବପ୍ରବଣ, କିନ୍ତୁ ଅବସ୍ଥାର କଥା ଭାବନ୍ତୁ ଦେଖି ! ଆପଣ ମୋତେ କେତେ ଯେ ଭଲପାଆନ୍ତି ତାହା କହିବାର ନୁହେଁ—ମୋ ପ୍ରତି କେତେ ଯେ ସଦୟ ! ଅଥଚ ମୁଁ ହିଁ ଆପଣଙ୍କର ଏତେ ବେଦନାର କାରଣ ହେଲି । ମୁଁ ଏଥିପାଇଁ ବ୍ୟଥିତ । କିନ୍ତୁ ଯାହା ହେବାର ହୋଇ-ଯାଇଛି—ତାହା ତ ଅନ୍ୟଥା ହେବାର ନୁହେଁ ! ବର୍ତ୍ତମାନ ମୁଁ ରଜ୍ଜୁ ଛେଦନ କରିବାକୁ ଚାହେଁ, ଅଥବା ସେ ଚେଷ୍ଟାରେ ଶରୀରପାତ କରିବି । ଆପଣଙ୍କର ସନ୍ତାନ, ବିବେକାନନ୍ଦ

ପୁଃ—ମହାମାୟାଙ୍କର ଇଚ୍ଛା ହିଁ ପୂର୍ଣ୍ଣ ହେଉ । ସାନ୍ ଫ୍ରାନ୍‌ସିସ୍କୋ ହୋଇ ଭାରତବର୍ଷକୁ ଯିବାର ଖର୍ଚ୍ଚ ମୁଁ ଜୋ ଙ୍କଠାରୁ ମାଗିବି । ଯଦି ସେ ତାହା ଦିଏ, ତେବେ ଅବିଳମ୍ବେ ଜାପାନ ହୋଇ ଭାରତକୁ ଯାତ୍ରା କରିବି । ଏଥିରେ ମାସେ ଲାଗିବ । ଭାରତରେ କାର୍ଯ୍ୟ ଚଳାଇବା ଭଳି ବା କାର୍ଯ୍ୟର ଭିତ୍ତିକୁ ଦୃଢ଼ତର କରିବା ଲାଗି ସେଠାରେ କିଛି ଅର୍ଥ ସଂଗ୍ରହ କରିପାରିବି ବୋଲି ଆଶା ରଖିଛି—ଅନ୍ତତଃ ଯେଉଁ ବିଶୃଙ୍ଖଳ ଅବସ୍ଥାରେ ମୁଁ ତାହାକୁ ଦେଖିଛି, ତା'ଠାରୁ ଖରାପ ଆଉ ହେବ ନାହିଁ । କାମର ଶେଷଟା ସତେ ଯେପରି ଅତ୍ୟନ୍ତ ତମସାଚ୍ଛନ୍ନ ଓ ବିଶୃଙ୍ଖଳ ହୋଇଆସୁଛି—ଅବଶ୍ୟ ମୁଁ ଏପରି ପ୍ରତ୍ୟାଶା କରିଥିଲି । କିନ୍ତୁ ଭଗବାନଙ୍କ ଦୟାରୁ ଏକଥା ମନେକରିବେ ନାହିଁ ଯେ, ମୁଁ ମୁହୂର୍ତ୍ତିକ ପାଇଁ ମଙ୍ଗ ଛାଡ଼ିଦେବି । କାର୍ଯ୍ୟ କରି କରି ଅବଶେଷରେ ରାସ୍ତାରେ ପଡ଼ି ମରିବା ପାଇଁ ଭଗବାନ ଯଦି ମୋତେ ତାଙ୍କର ଧୋକଡ଼ା ବଗିଗାଡ଼ିର ଘୋଡ଼ା କରିଥାଆନ୍ତି, ତେବେ ତାଙ୍କରି ଇଚ୍ଛା ହିଁ ପୂର୍ଣ୍ଣ ହେଉ । ବର୍ତ୍ତମାନ ଆପଣଙ୍କ ଚିଠି ପାଇ ମୁଁ ଏତେ ଆନନ୍ଦରେ ଅଛି ଯେ, ଏଭଳି ଆନନ୍ଦ ବହୁ ବର୍ଷ ଯାବତ୍ ଉପଭୋଗ କରି ନାହିଁ । ବାହ୍ ଗୁରୁଜୀକା ଫତେ, ଗୁରୁଜୀଙ୍କର ଜୟ ହେଉ ! ହଁ, ଯେଉଁ ଅବସ୍ଥା ଆସୁନା କାହିଁକି—ସଂସାର ଆସୁ, ନରକ ଆସୁ, ଦେବତାମାନେ ଆସନ୍ତୁ, ମା ଆସନ୍ତୁ—ମୁଁ ସଂଗ୍ରାମ ଚଳାଇଯିବି, କେବେହେଲେ ହାର୍ ମାନିବି ନାହିଁ । ସ୍ୱୟଂ ଭଗବାନଙ୍କ ସଙ୍ଗେ ସଂଗ୍ରାମ କରି ରାବଣ ତିନି ଜନ୍ମରେ ମୁକ୍ତି ଲାଭ କରିଥିଲା । ମହାମାୟାଙ୍କ ସଙ୍ଗରେ ସଂଗ୍ରାମ ତ ଗୌରବର ବିଷୟ ।

ଆପଣଙ୍କର ଓ ଆପଣଙ୍କର ସ୍ୱଜନ-ବର୍ଗଙ୍କର ସର୍ବପ୍ରକାର ମଙ୍ଗଳ ହେଉ । ମୁଁ ଯେତିକିକର ଯୋଗ୍ୟ ତାହା ଅପେକ୍ଷା ଅନେକ, ଅନେକ ବେଶୀ ଆପଣ ମୋ ପାଇଁ କରିଛନ୍ତି ।

କ୍ରିଷ୍ଟିନ୍ ଓ ତୁରୀୟାନନ୍ଦଙ୍କୁ ମୋର ପ୍ରୀତି ଜଣାଇବେ ।

ବିବେକାନନ୍ଦ

୪୭୮ଇଂ (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

୨୨ ଡିସେମ୍ବର ୧୮୯୯

ପ୍ରିୟ ଧୀରାମାତା,

ଆଜି କଲିକତାର ଏକ ପତ୍ରରୁ ଜାଣିଲି ଯେ, ଆପଣଙ୍କର ଚେକ୍‌ଗୁଡ଼ିକ ପହଞ୍ଚିଛି; ତାହା ସଙ୍ଗରେ ବହୁ ଧନ୍ୟବାଦ ଓ କୃତଜ୍ଞତାର ବାଣୀ ମଧ୍ୟ ଆସିଛି ।

ଲଣ୍ଡନର ମିସ୍ ସୁଟର୍ ଗ୍ରୁପା ପତ୍ରରେ ନବବର୍ଷର ଅଭିବାଦନ ଜଣାଇଛନ୍ତି । ମୋର ବିଶ୍ୱାସ, ଆପଣ ତାଙ୍କୁ ଯେଉଁ ହିସାବ ପଠାଇଛନ୍ତି, ଇତିମଧ୍ୟରେ ସେ ତାହା ପାଇଛନ୍ତି । ଆପଣଙ୍କ ଠିକଣାରେ ସାରଦାନନ୍ଦଙ୍କର ଯେଉଁସବୁ ଚିଠି ଆସିଛି, ତାହା ଦୟାକରି ପଠାଇଦେବେ ।

ଏବେ ମୋର ପୁଣି ଦେହ ଖରାପ ହୋଇଥିଲା; ତେଣୁ ଚିକିତ୍ସକ ରଗଡ଼ି ରଗଡ଼ି ମୋର କେତେ ଇଞ୍ଚ ଚମଡ଼ା ଉତାରି ଦେଇଛନ୍ତି । ଆଜି ପର୍ଯ୍ୟନ୍ତ ବି ମୁଁ ତା'ର ଯନ୍ତ୍ରଣା

ଅନୁଭବ କରୁଛି । ନିବେଦିତା ପାଖରୁ ମୁଁ ଖଣ୍ଡିଏ ଖୁବ୍ ଆଶାପ୍ରଦ ପତ୍ର ପାଇଛି । ମୁଁ ପ୍ୟାସାଡେନାରେ ପରିଶ୍ରମ କରୁଛି ଏବଂ ଆଶା କରୁଛି ଯେ, ଏଠାରେ ମୋର କାର୍ଯ୍ୟର କିଛି ଫଳ ହେବ । ଏଠାରେ କେହି କେହି ଖୁବ ଉତ୍ସାହୀ । 'ରାଜଯୋଗ' ବହି ଖଣ୍ଡିକ ସତରେ ଏହି ଉପକୂଳରେ ଚମତ୍କାର କାର୍ଯ୍ୟ କରିଛି । ମୋ ମନ ବସ୍ତୁତଃ ଖୁବ୍ ଭଲ ଅଛି; ସମ୍ପ୍ରତି ମୁଁ ଯେପରି ଶାନ୍ତିରେ ଅଛି ସେପରି କୌଣସି ଦିନ ନ ଥିଲି । ଯେପରି ଧରନ୍ତୁ, ବକ୍ତୃତା ଫଳରେ ମୋର ନିଦ୍ରାରେ ବ୍ୟାଘାତ ହୁଏ ନାହିଁ । ଏହା ନିଶ୍ଚୟ ଗୋଟିଏ ଲାଭ ! କିଛି ଲେଖାଲେଖି କାମ ମଧ୍ୟ କରୁଛି । ଏଠାକାର ବକ୍ତୃତାଗୁଡ଼ିକ ଜଣେ ସାଙ୍କେତିକ ଲେଖକ ଟିପି ନେଇଥିଲେ; ସ୍ଥାନୀୟ ଲୋକେ ତାହା ଛପାଇବାକୁ ଚାହାଁନ୍ତି ।

ଜୋ ନିକଟକୁ ଲିଖିତ ସ୍ୱାମୀ—ର ପତ୍ରରୁ ଖବର ପାଇଲି ଯେ, ମଠର ସମସ୍ତେ ଭଲ ଅଛନ୍ତି ଏବଂ ଭଲ କାର୍ଯ୍ୟ କରୁଛନ୍ତି । ବରାବର ଯେପରି ହୋଇଥାଏ— ପରିକଳ୍ପନାଗୁଡ଼ିକ କ୍ରମେ କାର୍ଯ୍ୟରେ ପରିଣତ ହେଉଛି । କିନ୍ତୁ ମୁଁ ଯେପରି କହୁଥାଏ, 'ମା ହିଁ ସବୁ ଜାଣନ୍ତି' । ସେ ଯେପରି ମୋତେ ମୁକ୍ତି ଦିଅନ୍ତୁ ଏବଂ ତାଙ୍କ କାର୍ଯ୍ୟ ପାଇଁ ଅନ୍ୟ ଲୋକ ବାଛି ନିଅନ୍ତୁ ! ଭଲ କଥା, ଫଳାଭିସନ୍ଧିଶୂନ୍ୟ ହୋଇ କାର୍ଯ୍ୟ କରିବାର ଯେଉଁ ଉପଦେଶ ଗୀତାରେ ଅଛି, ତାହା ମନେ ମନେ ଠିକ୍ ଠିକ୍ ଅଭ୍ୟାସ କରିବାର ପ୍ରକୃତ ଉପାୟ ମୁଁ ଆବିଷ୍କାର କରିପକାଇଛି । ଧ୍ୟାନ, ମନୋଯୋଗ ଓ ଏକାଗ୍ରତାର ସାଧନ ସମ୍ବନ୍ଧରେ ମୁଁ ଏପରି ଆଲୋକ ଲାଭ କରିଛି ଯେ, ତାହା ଅଭ୍ୟାସ କଲେ ଆମେ ସର୍ବପ୍ରକାର ଉଦ୍‌ବେଗ ଓ ଦୁର୍ଭାବନାର ଅତୀତ ହୋଇଯିବୁ । ମନଟାକୁ ଇଚ୍ଛାନୁସାରେ ଗୋଟିଏ ଜାଗାରେ ସ୍ଥିର କରି ରଖିଦେବାର କୌଶଳ ଛଡ଼ା ଏହା ଆଉ କିଛି ନୁହେଁ । ବର୍ତ୍ତମାନ ଆପଣଙ୍କ ନିଜର ଅବସ୍ଥା କିପରି—ବିଚାରୀ ଧୀରାମାତା ! ମା ହେବାର ଏହି ଦାୟିତ୍ୱ, ଏହି ଶାସ୍ତି ! ଆମେ ସବୁ କେବଳ ନିଜ ନିଜର କଥା ଭାବୁ, ମାଆଙ୍କ କଥା କେବେହେଲେ ଭାବୁ ନାହିଁ । ଆପଣ କିପରି ଅଛନ୍ତି ? ଆପଣଙ୍କର କିପରି ଚାଲିଛି ? ଆପଣଙ୍କ ଡିଅର ଏବଂ ମିସେସ୍ ବ୍ରିଗ୍‌ସ୍‌ଙ୍କର ଖବର କଅଣ ?

ଆଶାକରେ, ତୁରୀୟାନନ୍ଦ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିଛି ଏବଂ କାର୍ଯ୍ୟରେ ଲାଗିଯାଇଛି । ବିଚରାର ଭାଗ୍ୟରେ କେବଳ ଦୁର୍ଭୋଗ ! କିନ୍ତୁ ସେଥିପାଇଁ କିଛି ମନେକରିବେ ନାହିଁ । ଯନ୍ତ୍ରଣା-ଭୋଗରେ ମଧ୍ୟ ଗୋଟିଏ ଆନନ୍ଦ ଅଛି, ଯଦି ତାହା ପର ପାଇଁ ହୁଏ । ତାହା ନୁହେଁ କି ? ମିସେସ୍ ଲେଗେଟ୍ ଭଲ ଅଛନ୍ତି; ଜୋ ମଧ୍ୟ ସେହିପରି; ଆଉ ସେମାନେ କହୁଛନ୍ତି; ମୁଁ ଭଲ ଅଛି । ହୁଏତ ସେମାନଙ୍କ କଥା ଠିକ୍ । ଯାହା ହେଉ, ମୁଁ କାର୍ଯ୍ୟ କରିଯାଉଛି ଏବଂ କାର୍ଯ୍ୟ ମଧ୍ୟରେ ମରିବାକୁ ଚାହେଁ—ଅବଶ୍ୟ ଯଦି ତାହା ମାଆଙ୍କର ଅଭିପ୍ରେତ ହୁଏ । ମୁଁ ସନ୍ତୁଷ୍ଟ ଅଛି । ଇତି

ଆପଣଙ୍କର ଚିରସନ୍ତାନ, ବିବେକାନନ୍ଦ

୪୭୯ (ସ୍ୱାମୀ ତୁରୀୟାନନ୍ଦଙ୍କୁ ଲିଖିତ)

ଲସ୍ ଆଞ୍ଜେଲ୍‌ସ, ଡିସେମ୍ବର ୧୮୯୯

ହରିଭାଇ,

...ତୁମର ଭଙ୍ଗାଗୋଡ଼ ଯୋଡ଼ିହୋଇଯାଇଛି ଶୁଣି ଖୁସି ଅଛି ଏବଂ ବେଶ୍ କାମ

କରୁଛ, ତାହା ମଧ୍ୟ ଶୁଣୁଛି ।… ମୋ ଦେହ ଠିକ୍ ଚାଲୁ ନାହିଁ । ମୋଟ ଉପରେ ମୋର ମଧ୍ୟ ମନ କୁଣ୍ଠୁ, କୁଣ୍ଠୁ କଲେ ରୋଗ ହୁଏ । ରାନ୍ଧୁଛି, ଯାହା ଇଚ୍ଛା ତାହା ଖାଉଛି, ଦନଘଡ ଖଟୁଛି, ବେଶ୍ ଅଛି, ଖୁବ୍ ଶୋଉଛି !!

ମୁଁ ଆସୁଛି ନ୍ୟୁୟର୍କକୁ ମାସକ ଭିତରେ । ସାରଦାର କାଗଜ* କଅଣ ବନ୍ଦ ହୋଇ-ଯାଇଛି ? କାହିଁ ଆଉ ତ ପାଉ ନାହିଁ ! Awakened (‘ପ୍ରବୁଦ୍ଧ ଭାରତ’) ମଧ୍ୟ ଶୋଇଛି ବୋଧହୁଏ ? ମୋତେ ତ ଆଉ ପଠାଇ ନାହାନ୍ତି । ଗୁଡ଼, ଦେଶରେ ତ ‘ପିଲଗ୍ ହୋଇଛନ୍ତି’ —କିଏ ଅଛି କିଏ ନାହିଁରେ ରାମ !! ବୁଝିଲ, ଅଟୁର ଖଣ୍ଡେ ଚିଠି ଆଜି ଆସି ହାଜର । ସେ ରାଜପୁତାନାରେ ଶିଖର ରାଜାଙ୍କ ରାମଗଡ଼ ସହରରେ ଲୁଚିଥିଲା । କିଏ କହୁଛି ଯେ, ବିବେକାନନ୍ଦ ମରିଯାଇଛି, ତେଣୁ ସେ ଗୋଟିଏ ପତ୍ର ଲେଖିଛି ମୋତେ !! ତାକୁ ଖଣ୍ଡିଏ ଜବାବ ପଠାଉଛି ।

ମୋର ସମସ୍ତ କୁଶଳ । ତୁମର, ତା'ର କୁଶଳ ଜଣାଇବ । ଇତି

ଦାସ, ବିବେକାନନ୍ଦ

୪୭୦ଇଂ

୯୨୧, ପଶ୍ଚିମ ୨୧ ନମ୍ବର ରାସ୍ତା, ଲସ୍ ଆଞ୍ଜେଲସ୍
୨୩ ଡିସେମ୍ବର ୧୮୯୯

କଲ୍ୟାଣୀୟା ନିବେଦିତା,

ବାସ୍ତବିକ ମୁଁ ଚୌମ୍ବକ ଚିକିତ୍ସା-ପ୍ରଣାଳୀରେ (magnetic healing) କ୍ରମଶଃ ସୁସ୍ଥ ହୋଇଉଠୁଛି । ମୋଟ କଥା, ବର୍ତ୍ତମାନ ମୁଁ ବେଶ୍ ଭଲ ଅଛି । ମୋ ଦେହର କୌଣସି ଯନ୍ତ୍ର କେବେ ବିଗିଡ଼ି ନାହିଁ—ସ୍ନାୟବିକ ଦୌର୍ବଲ୍ୟ ଓ ଅଜୀର୍ଣ୍ଣତା ହିଁ ମୋ ଦେହରେ ଯାହା କିଛି ଗଣ୍ଡଗୋଳର ସୃଷ୍ଟି କରିଥିଲା ।

ବର୍ତ୍ତମାନ ମୁଁ ପ୍ରତ୍ୟହ ଆହାର ପୂର୍ବରୁ ବା ପରେ ଯେକୌଣସି ସମୟରେ ହେଉ, ମାଇଲ ମାଇଲ୍ ଧରି ବୁଲିଆସେ । ମୁଁ ବେଶ୍ ଭଲ ହୋଇଯାଇଛି ଏବଂ ମୋର ଦୃଢ଼ ବିଶ୍ୱାସ—ଭଲ ହିଁ ରହିବ ।

ବର୍ତ୍ତମାନ ଚକ ବୁଲୁଛି—ମା ତାହାକୁ ବୁଲାଉଛନ୍ତି । ତାଙ୍କର କାର୍ଯ୍ୟ ଯେତେଦିନ ଶେଷ ନ ହେଉଛି, ସେତେଦିନ ସେ ମୋତେ ଯିବାକୁ ଦେବେ ନାହିଁ—ଏହା ହିଁ ହେଉଛି ରହସ୍ୟ ।

ଦେଖ, ଇଂଲଣ୍ଡ କିପରି ଉନ୍ନତି ଆଡ଼କୁ ଆଗେଇ ଯାଉଛି । ଏହି ରକ୍ତପାତ ପରେ ସେଠାକାର ଲୋକେ ଏହି ‘କ୍ରମାଗତ ଲଢ଼େଇ, ଲଢ଼େଇ’ ଅପେକ୍ଷା ବଡ଼ ଓ ଉଚ୍ଚ ଜିନିଷ ଭାବିବାର ସମୟ ପାଇବେ । ଏହା ଆମ ପାଇଁ ଏକ ସୁଯୋଗ । ଆମେ ବର୍ତ୍ତମାନ ଟିକିଏ ଉଦ୍ୟମଶୀଳ ହୋଇ ସେମାନଙ୍କୁ ଦଳଦଳ କରି ଧରିବୁ, ପ୍ରଚୁର ଅର୍ଥ ସଂଗ୍ରହ କରିବୁ ଏବଂ ତା'ପରେ ଭାରତୀୟ କାର୍ଯ୍ୟଟିକୁ ମଧ୍ୟ ପୂରାଦମ୍‌ରେ ଚଳାଇଦେବୁ । ଘରଆଡ଼ର ଅବସ୍ଥା ବେଶ୍

---

* ‘ଉଦ୍‌ବୋଧନ’ ପତ୍ରିକା ।

ଆଶାପ୍ରଦ ବୋଧ ହେଉଛୁ, ଅତଏବ ପ୍ରସ୍ତୁତ ହୁଅ । ଗୃହ ଭଗ୍ନୀ ଓ ତୁମେ ମୋର ପ୍ରୀତି ଜାଣିବ । ଇତି

ବିବେକାନନ୍ଦ

୪୭୧ଇଂ

୯୨୧, ପଶ୍ଚିମ ୨୧ନଂ ରାସ୍ତା, ଲସ୍ ଆଞ୍ଜେଲସ
୨୭ ଡିସେମ୍ବର ୧୮୯୯

ପ୍ରିୟ ଧୀରାମାତା,

ଶୁଭ ନବବର୍ଷ ଆପଣଙ୍କ ନିକଟକୁ ଆସୁ ଏବଂ ବହୁବାର ଏହି ଭାବରେ ଆସୁଥାଉ— ଏହା ହିଁ ମୋର ଆକାଙ୍କ୍ଷା । ମୋର ସ୍ୱାସ୍ଥ୍ୟ ପୂର୍ବାପେକ୍ଷା ଅନେକ ଭଲ ଅଛି ଏବଂ ପୁଣି କାର୍ଯ୍ୟ କଲାଭଳି ଯଥେଷ୍ଟ ଶକ୍ତି ପାଇଛି । ଇତିମଧ୍ୟରେ କାର୍ଯ୍ୟ ଆରମ୍ଭ କରିଛି ଏବଂ ସାରଦାନନ୍ଦଙ୍କୁ କିଛି ଟଙ୍କା (୧୩୦୦ ଟଙ୍କା) ପଠାଇଛି;···ଦରକାର ହେଲେ ଆହୁରି ପଠାଇବି । ତିନି ସପ୍ତାହ ଯାବତ୍ ସାରଦାନନ୍ଦର କୌଣସି ସମ୍ବାଦ ପାଇ ନାହିଁ; ଆଉ ଆଜି ଭୋରବେଳେ ଗୋଟିଏ ଦୁଃସ୍ୱପ୍ନ ଦେଖିଛି । ବିଚରା ପିଲାମାନେ ! ମୁଁ ମଝିରେ ମଝିରେ ସେମାନଙ୍କ ପ୍ରତି କେତେ ରୂଢ଼ ବ୍ୟବହାର ନ କରେ !··· ଏସବୁ ସତ୍ତ୍ୱେ ସେମାନେ ଜାଣନ୍ତି ଯେ, ମୁଁ ସେମାନଙ୍କର ସର୍ବୋତ୍ତମ ବନ୍ଧୁ ।··· ମୁଁ ତିନି ସପ୍ତାହ ଆଗରୁ ସେମାନଙ୍କୁ 'ତାର' କରି ଜଣାଇଛି ଯେ, ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛି । ମୁଁ ଯଦି ଆହୁରି ଅସୁସ୍ଥ ହୋଇ ନ ପଡ଼େ, ତେବେ ଯେଉଁ ଠିକ୍ କ ସ୍ୱାସ୍ଥ୍ୟ ବର୍ତ୍ତମାନ ଅଛି, ସେଥିରେ ହିଁ ଚଳିଯିବ । ମୋ ପାଇଁ ମୋଟେ ଭାବିବେ ନାହିଁ; ମୁଁ ପଡ଼ି-ଉଠି କାର୍ଯ୍ୟରେ ଲାଗିଯାଇଛି ।

ମୁଁ ଆଉ ଗଳ୍ପ ଲେଖିପାରି ନାହିଁ ବୋଲି ଦୁଃଖିତ । ଏହାଛଡ଼ା ମୁଁ ଅନ୍ୟ କିଛି କିଛି ଲେଖିଛି ଏବଂ ପ୍ରତିଦିନ କିଛି ଲେଖିବାର ଆଶା ରଖେ । ମୁଁ ବର୍ତ୍ତମାନ ପୂର୍ବାପେକ୍ଷା ଅନେକ ଶାନ୍ତିରେ ଅଛି ଏବଂ ବୁଝିପାରୁଛି ଯେ, ଏହି ଶାନ୍ତି ବଜାୟ ରଖିବାର ଏକମାତ୍ର ଉପାୟ ହେଉଛି ଅପରକୁ ଶିଖାଇବା । କାର୍ଯ୍ୟ ହିଁ ହେଉଛି ମୋର ଏକମାତ୍ର ସେଫ୍‌ଟି ଭଲ୍‌ଭ୍ (ଅତିରିକ୍ତ ଗ୍ୟାସ୍ ବାହାର କରିଦେଇ ଯନ୍ତ୍ରକୁ ବଞ୍ଚାଇ ରଖିବାର ଉପାୟ) । ମୋର ଦରକାର ହେଉଛି କେବଳ ପରିଷ୍କାର ମସ୍ତିଷ୍କବାଲା କେତେଜଣ ଲୋକ, ଯେଉଁମାନେ ମାଡ଼ି ମକଚି କାର୍ଯ୍ୟ କରିଯିବା ସଙ୍ଗେ ସଙ୍ଗେ ଆନୁଷଙ୍ଗିକ ସମସ୍ତ ବିଷୟର ଦେଖାଶୁଣା କରିବେ । ମୋର ଏତିକି ଆଶଙ୍କା ଯେ, ଭାରତରେ ଏପରି ଲୋକ ପାଇବାକୁ ଅନେକ କାଳ ବିତିଯିବ; ଆଉ ଯଦି ସେଭଳି କୌଣସି ଲୋକ ଥାଏ, ତା'ହେଲେ ମଧ୍ୟ ପାଶ୍ଚାତ୍ୟ ତାହାରି ପାଖରୁ ତାହାର ଶିକ୍ଷା ଗ୍ରହଣ କରିବା ଉଚିତ । ପୁଣି, ମୋ ପକ୍ଷରେ କାର୍ଯ୍ୟ କରିବା ସେତିକିବେଳେ ସମ୍ଭବ ହୁଏ, ଯେତେବେଳେ ମୋତେ ସମ୍ପୂର୍ଣ୍ଣରୂପେ ନିଜ ଗୋଡ଼ରେ ଠିଆ ହେବାକୁ ପଡ଼େ । ନିଃସଙ୍ଗ ଅବସ୍ଥାରେ ହିଁ ମୋର ଶକ୍ତି ଖୋଲେ ବେଶୀ । ମାଆଙ୍କର ତାହା ହିଁ ଯେପରି ଅଭିପ୍ରାୟ । ଜୋ-ର ବିଶ୍ୱାସ ଏହି ଯେ, ମାଆଙ୍କ ମନରେ ବହୁ ବଡ଼ ବଡ଼ ବିଷୟର ପରିକଳ୍ପନା ଚାଲିଛି—ତାହା ହିଁ ଯେପରି ସତ ହୁଏ ! ଜୋ ଓ ନିବେଦିତା ଯେପରି ସତକୁ ସତ

ଭବିଷ୍ୟତ୍-ଦ୍ରଷ୍ଟା ହୋଇପଡ଼ିଛନ୍ତି ଦେଖୁଛି ! ମୁଁ କେବଳ ଏତିକି କହିପାରେ ଯେ, ମୁଁ ଜୀବନରେ ଯାହାକିଛି ଆଘାତ ପାଇଛି, ଯେତେ କିଛି ଯନ୍ତ୍ରଣା ଭୋଗ କରିଛି—ସବୁଯାକ ଗୋଟାଏ ସାନନ୍ଦ ଆତ୍ମତ୍ୟାଗରେ ପରିଣତ ହେବ, ଯଦି ମା ପୁଣି ଭାରତ ଆଡ଼କୁ ଦୟାକରି ଦୃଷ୍ଟି ପକାନ୍ତି ।

ମିସ୍ ଗ୍ରିନ୍‌ଷ୍ଟିଡେଲ୍ ମୋତେ ଖଣ୍ଡିଏ ଚମତ୍କାର ଚିଠି ଲେଖିଛନ୍ତି—ତହିଁର ଅଧିକାଂଶ ଆପଣଙ୍କ ସମ୍ବନ୍ଧରେ । ସେ ତୁରୀୟାନନ୍ଦ ସମ୍ବନ୍ଧରେ ମଧ୍ୟ ଖୁବ୍ ଉଚ୍ଚଧାରଣା ପୋଷଣ କରନ୍ତି । ତୁରୀୟାନନ୍ଦଙ୍କୁ ମୋର ପ୍ରୀତି ଜଣାଇବେ । ମୋର ବିଶ୍ୱାସ, ସେ ଚମତ୍କାର କାର୍ଯ୍ୟ କରିବ । ତାହାର ସାହସ ଓ ସ୍ଥୈର୍ଯ୍ୟ ଅଛି ।

ମୁଁ ଶୀଘ୍ର କାଲିଫର୍ଣ୍ଣିଆରେ କାର୍ଯ୍ୟ କରିବାକୁ ଯାଉଛି । କାଲିଫର୍ଣ୍ଣିଆ ଛାଡ଼ି ଗଲାବେଳେ ମୁଁ ତୁରୀୟାନନ୍ଦଙ୍କୁ ଡାକି ପଠାଇବି ଏବଂ ତାକୁ ପ୍ରଶାନ୍ତ ମହାସାଗର ଉପକୂଳରେ କାର୍ଯ୍ୟରେ ଲଗାଇବି । ମୋର ନିଶ୍ଚିତ ଧାରଣା ଏଠାରେ ଗୋଟିଏ ବଡ଼ କାର୍ଯ୍ୟକ୍ଷେତ୍ର ଅଛି । 'ରାଜଯୋଗ' ବହିଟି ଏଠାରେ ଖୁବ୍ ପରିଚିତ ବୋଲି ମନେହେଉଛି । ମିସ୍ ଗ୍ରିନ୍‌ଷ୍ଟିଡେଲ୍ ଆପଣଙ୍କ ଘରେ ଖୁବ୍ ଶାନ୍ତି ପାଇଛନ୍ତି ଏବଂ ବେଶ୍ ଆନନ୍ଦରେ ଅଛନ୍ତି । ଏଥିରେ ମୁଁ ବେଶ୍ ଖୁସି ଅଛି । ଦିନକୁ ଦିନ ତାଙ୍କର ସବୁ ବିଷୟରେ ଟିକିଏ ସୁବିଧା ହେଉ । ତାଙ୍କର ଚମତ୍କାର କାର୍ଯ୍ୟକ୍ଷମତା ଓ ବ୍ୟବସାୟ-ବୁଦ୍ଧି ଅଛି ।

ଜୋ ଜଣେ ମହିଳା-ଚିକିତ୍ସକଙ୍କୁ ଖୋଜି ବାହାର କରିଛି । ସେ 'ମାଲିସ୍' ଚିକିତ୍ସା କରନ୍ତି । ଆମେ ଦୁଇଜଣଯାକ ତାଙ୍କର ଚିକିତ୍ସାଧୀନ ଅଛୁଁ । ଜୋ-ର ଧାରଣା ଯେ ସେ ମୋତେ ଖୁବ୍ ଚେଙ୍ଗା କରି ତୋଳୁଛନ୍ତି । ଆଉ ସେ ନିଜେ ଦାବି କରେ ଯେ, ତା' ନିଜ ଉପରେ ଅଲୌକିକ ଫଳ ଫଳିଛି । 'ହାତ ମାଲିସ୍'ର ଚିକିତ୍ସା ଫଳରେ ହେଉ କି କାଲିଫର୍ଣ୍ଣିଆର 'ଓଜନ' ବାଷ୍ପ ଫଳରେ ହେଉ, ଅଥବା ବର୍ତ୍ତମାନ କର୍ମର ଦଶା ତୁଟିଯିବା ଫଳରେ ହେଉ, ମୁଁ ଭଲ ହୋଇ ଉଠିଛି । ପେଟ ପୂରାଇ ଖାଇବା ପରେ ତିନିମାଇଲ ଚାଲିପାରିବା ଗୋଟାଏ ବିରାଟ କଥା ନିଶ୍ଚୟ !

ଓଲିୟାକୁ ମୋର ଆନ୍ତରିକ ପ୍ରୀତି ଓ ଆଶୀର୍ବାଦ ଜଣାଇବେ ଏବଂ ଡାକ୍ତର ଜେମ୍‌ସ ଓ ବୋଷ୍ଟନ୍‌ର ଅପରାପର ବନ୍ଧୁମାନଙ୍କୁ ମୋର ପ୍ରୀତି ଜଣାଇବେ । ଇତି

ଆପଣଙ୍କର ଚିରସନ୍ତାନ, ବିବେକାନନ୍ଦ

୪୭୨ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

921, West 21st St., ଲସ୍ ଆଞ୍ଜେଲସ୍
୨୭ ଡିସେମ୍ବର ୧୮୯୯

ପ୍ରିୟ ମେରୀ,

ବଡ଼ଦିନର ଆନନ୍ଦ, ନବବର୍ଷର ସୁଙ୍କ ତୁମର ଜନ୍ମଦିନ ସହିତ ଜଡ଼ିତ ହୋଇ ବାରମ୍ବାର ଆସୁଥାଉ । ଗୋଟିଏ ନିଃଶ୍ୱାସରେ ଏହି ଅଭିନନ୍ଦନ ଶୁଭେଚ୍ଛା ଓ ପ୍ରାର୍ଥନା

ପଠାଇଲି । ତୁମେ ଜାଣି ଖୁସି ହେବ ଯେ, ମୋର ରୋଗ ଭଲ ହୋଇଯାଇଛି । ଏହା କେବଳ ବଦ୍‌ହଜମ ନିମିତ୍ତ, କିଡ୍‌ନି ବା ହାର୍ଟର କୌଣସି ରୋଗ ନୁହେଁ— ଡାକ୍ତରମାନେ କହୁଛନ୍ତି; ଆଉ ସେପରି କିଛି ନୁହେଁ । ମୁଁ ବର୍ତ୍ତମାନ ପ୍ରତ୍ୟହ ରାତ୍ରିଭୋଜନ ପରେ ପ୍ରାୟ ୩ ମାଇଲ୍ ଚାଲୁଛି ।

ହଁ ଶୁଣ, ଯେ ମୋତେ ଭଲ କରିଛି, ସେ ଧୂମପାନ ଉପରେ ଜୋର୍ ଦେଉଛି । ତେଣୁ ଖୁବ୍ କରି ପାଇପ୍ ଟାଣୁଛି ଏବଂ ତା'ର ଫଳ ଭଲ ହୋଇଛି । ସିଧା କଥା, ସ୍ନାୟୁ-ଦୌର୍ବଲ୍ୟ ପ୍ରଭୃତିର କାରଣ ହେଲା ଅଜୀର୍ଣ୍ଣତା, ତା' ଛଡ଼ା ଆଉ କିଛି ନୁହେଁ ।

ମୁଁ ମୋ କାର୍ଯ୍ୟରେ ଲାଗିପଡ଼ିଛି । କାମ, କାମ—ତେବେ କଠିନ କାମ ନୁହେଁ; ମୁଁ କିଛି ଗ୍ରାହ୍ୟ କରେ ନାହିଁ, ଏଥର କିଛି ଟଙ୍କା ପାଇବାକୁ ଚାହୁଁଛି । ମାର୍ଗଟଙ୍କୁ ଏହା ଜଣାଇ ଦେବ, ବିଶେଷ କରି ପାଇପ୍ ବିଷୟ । ତୁମେ କ'ଣ ଜାଣ, କିଏ ମୋତେ ଭଲ କରିପାରିଛି ? କୌଣସି ଡାକ୍ତର ନୁହଁନ୍ତି କିମ୍ବା ଖ୍ରୀଷ୍ଟିଆନ୍ ସାଇନ୍‌ସର 'ଆରୋଗ୍ୟକାରୀ' ମଧ୍ୟ ନୁହେଁ— ଜଣେ ଚୌମ୍ବକ ଚିକିତ୍ସକ (a magnetic healing woman) । ଅଦ୍ଭୁତ କଥା !— ହାତକୁ ଘଷି ସେ ଚିକିତ୍ସା କରେ— ଏପରିକି ଭିତରର ଚିକିତ୍ସା ମଧ୍ୟ, ତା'ର ରୋଗୀମାନେ ଏ ବିଷୟରେ ମୋତେ କହିଛନ୍ତି ।

ରାତି ହୋଇଯାଇଛି । ମାର୍ଗଟ୍, ହ୍ୟାରିଏଟ୍, ଇସାବେଲ୍ ଓ ମଦର୍ ଚର୍ଚ୍ଚଙ୍କୁ ଅଲଗା ଅଲଗା ଚିଠି ଲେଖିବାର ଆଶା ଛାଡ଼ିବାକୁ ହେଲା । ଇଚ୍ଛା ହିଁ ତ ଅଧେ କାମ । ସେମାନେ ସମସ୍ତେ ଜାଣନ୍ତି, ମୁଁ ସେମାନଙ୍କୁ କେତେ ଗଭୀର ଭାବରେ ଭଲ ପାଏ । ତେଣୁ ବର୍ତ୍ତମାନ ପାଇଁ ମୋ ତରଫରୁ ତୁମେ ସେମାନଙ୍କୁ ନବବର୍ଷର ଶୁଭବାଞ୍ଛା ଜଣାଇଦେବ ।

ଏଠାରେ ବର୍ତ୍ତମାନ ଠିକ୍ ଉତ୍ତରଭାରତ ପରି ଶୀତ, କେବଳ ମଝିରେ କିଛିଦିନ ଗରମ । ଗୋଲାପ ଫୁଲ ଫୁଟିଛି ଏବଂ ଚମତ୍କାର ପାମ୍ ଗଛଗୁଡ଼ିକ । କ୍ଷେତରେ ବାର୍ଲି ଫଳିଛି, ମୋ କୁଡ଼ିଆ ଘରପାଖରେ ଗୋଲାପ ଏବଂ ଅନ୍ୟାନ୍ୟ ନାନାଜାତିର ଫୁଲ ଫୁଟିଛି । ଗୃହକର୍ତ୍ତ୍ରୀ ମିସେସ୍ ବ୍ଲଜେଟ୍ ଚିକାଗୋର ମହିଳା—ସ୍ଥୂଳାଙ୍ଗୀ, ବୃଦ୍ଧା ଏବଂ ଖୁବ୍ ରସିକା ଏବଂ ବାକ୍‌ଚତୁରୀ । ଚିକାଗୋରେ ସେ ମୋ ବକ୍ତୃତା ଶୁଣିଛନ୍ତି ଏବଂ ଖୁବ୍ ମାତୃସ୍ୱଭାବା ।

ଇଂରେଜମାନଙ୍କ ପାଇଁ ମୋର ଭାରି ଦୁଃଖ—ସେମାନେ ଦକ୍ଷିଣ ଆଫ୍ରିକାରେ ଖୁବ୍ ଅସୁବିଧାରେ ପଡ଼ିଯାଇଛନ୍ତି ।* ତମ୍ବୁ ବାହାରେ କର୍ତ୍ତବ୍ୟରତ ଜଣେ ସୈନିକ ଥରେ ଚିତ୍କାର କରି କହିଥିଲା ଯେ, ସେ ଜଣେ ତାତାର୍‌କୁ ଧରିଛି । ତମ୍ବୁ ଭିତରୁ ଆଦେଶ ଆସିଲା, 'ତାକୁ ଭିତରକୁ ନେଇଆସ ।' ସୈନିକ କହିଲା, 'ସେ ଆସିବାକୁ ଚାହୁଁ ନାହିଁ ।' ତା' ପରେ କଡ଼ା ଆଦେଶ ଆସିଲା, 'ତେବେ ତୁମେ ନିଜେ ଆସ ।' 'ସେ ଯେ ମୋତେ ଯିବାକୁ ଦେଉ ନାହିଁ ।' ଏହି କଥାରୁ 'ତାତାର ଧରିବା'** ପ୍ରବଚନଟି ଆସିଛି । ତୁମେ କଅଣ କାହାକୁ ଧରିଛ ?

---

* 'ବୁଅର୍' ଯୁଦ୍ଧ ପ୍ରସଙ୍ଗରେ

** 'Catching a Tartar'

ବର୍ତ୍ତମାନ ମୁଁ ସୁଖୀ ଏବଂ ବାକି ଜୀବନଟା ସୁଖୀ ରହିବ ବୋଲି ଆଶା କରୁଛି ।

ବେଶ୍ କିଛି ଟଙ୍କା କରିପାରିଲେ ଖୁସି ହେବି । କିଛି କିଛି କରୁଛି । ମାର୍ଗଟ୍‌କୁ କହ, ମୁଁ ବେଶ୍ କିଛି ଟଙ୍କା ଯୋଗାଡ଼ କରିଛି ଏବଂ ଜାପାନ, ହନଲୁଲୁ, ଚୀନ ଓ ଜାଭା ବାଟେ ଦେଶକୁ ଫେରିବି । ଶୀଘ୍ର ଟଙ୍କା ପାଇବା ପାଇଁ ଏହା ବେଶ୍ ଭଲ ଜାଗା ଏବଂ ଶୁଣିଛି ସାନ୍ ଫ୍ରାନ୍‌ସିସ୍କୋ ଏହା ଅପେକ୍ଷା ଭଲ । ସେ କ'ଣ କିଛି କରିପାରିଛି ?

ତୁମେ ଆଉ କୋଟିପତି ଯୋଗାଡ଼ କରିପାରିଲ ନାହିଁ । ତା'ର ଅଧା କିମ୍ବା ତା'ର ଚଉଠ ପାଇଁ ଚେଷ୍ଟା କରୁ ନାହଁ କାହିଁକି ? ଅରେ, 'ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ।' ମୋର ଟଙ୍କା ଦରକାର, ସେ ମିଚଗାନ୍ ହ୍ରଦରେ ବୁଡ଼ି ମରୁ, ସେଥିରେ ମୋର କୌଣସି ଆପତ୍ତି ନାହିଁ । ସେଦିନ ଏଠାରେ ସାମାନ୍ୟ ଭୂମିକମ୍ପ ହୋଇଯାଇଛି । ଭୂମିକମ୍ପଟି ଆଶା କରେ ଚିକାଗୋରେ ମଧ୍ୟ ହୋଇଛି ଏବଂ ଇସାବେଲ୍‌ର କାଦୁଅପାଣି ଉପରକୁ ଉଠି ଆସିଛି । ରାତି ହୋଇଯାଉଛି । ହାଇ ଆସିଲାଣି; ସୁତରାଂ ଇତି ।

ସ୍ନେହାସ୍ପଦ; ପ୍ରୀତି ଓ ଆଶୀର୍ବାଦ ।                                          ବିବେକାନନ୍ଦ

**୪୭୩ଇଂ** (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

ଲସ୍ ଆଞ୍ଜେଲସ, ୧୭ ଜାନୁଆରି ୧୯୦୦

ପ୍ରିୟ ଧୀରାମାତା,

ସାରଦାନନ୍ଦ ପାଇଁ ପ୍ରେରିତ କାଗଜପତ୍ର ସହ ଆପଣଙ୍କ ପତ୍ର ଖଣ୍ଡିକ ପାଇଛି; ଏଥିରେ କିଛି ସୁସମ୍ବାଦ ଅଛି । ଏ ସପ୍ତାହରେ ଆହୁରି କିଛି ସୁସମ୍ବାଦର ଆଶାରେ ଅଛି । ଆପଣ ଆପଣଙ୍କର ଅଭିପ୍ରାୟ ସମ୍ବନ୍ଧରେ ତ କିଛି ଲେଖିଲେ ନାହିଁ । ମିସ୍ ଗ୍ରିନ୍‌ଷ୍ଟିଡେଲ୍ ମୋତେ ଖଣ୍ଡିଏ ପତ୍ର ଲେଖି ଆପଣଙ୍କ ପ୍ରତି ତାଙ୍କର ଗଭୀର କୃତଜ୍ଞତା ଜଣାଇଛନ୍ତି—ପୁଣି କିଏ ବା ନ ଜଣାଇପାରେ ? ଇତିମଧ୍ୟରେ ତୁରୀୟାନନ୍ଦ ବେଶ୍ ଚଳାଇ ଯାଉଛି, ଆଶାକରେ ।...

ଏଠାରେ ବା ଅନ୍ୟ କେଉଁଠାରେ ବକ୍ତୃତା ଦ୍ୱାରା ବିଶେଷ କିଛି ହେବ ବୋଲି ଆଶା କରେ ନାହିଁ । ସେଥିରେ ମୋର ଖରଚ ବି ପୋଷେଇବ ନାହିଁ । କେବଳ ସେତିକି ନୁହେଁ, ପଇସା ଖରଚର ସମ୍ଭାବନା ଘଟିଲେ ହିଁ କାହାରିକୁ ଦେଖିବାକୁ ମିଳେ ନାହିଁ । ଏ ଦେଶରେ ବକ୍ତୃତା-କ୍ଷେତ୍ରଟିକୁ ବେଶୀ ଚଷିଦିଆଯାଇଛି; ଆଉ ଲୋକମାନେ ବକ୍ତୃତା ଶୁଣିବାର ମନୋଭାବକୁ ଅତିକ୍ରମ କରିଯାଇଛନ୍ତି ।... ମୁଁ ଏଠାକୁ ପ୍ରଧାନତଃ ସ୍ୱାସ୍ଥ୍ୟ ପାଇଁ ଆସିଥିଲି; ଆଉ ମୁଁ ତାହା ପାଇଛି ।... ବର୍ତ୍ତମାନ ମୋର ମନେହେଉଛି ଯେ, ମଞ୍ଚରେ ଠିଆ ହୋଇ ବକ୍ତୃତା ଦେବା କାମ ମୋର ଶେଷ ହୋଇଯାଇଛି; ଏହି ଜାତୀୟ କାମ କରି ଆଉ ମୋର ସ୍ୱାସ୍ଥ୍ୟ ଭଙ୍ଗ କରିବା ନିଷ୍ପ୍ରୟୋଜନ ।

ବର୍ତ୍ତମାନ ମୋ ପାଖରେ ସ୍ପଷ୍ଟ ହୋଇ ଉଠିଛି ଯେ, ମୋତେ ମଠର ସବୁ ଭାବନା ଛାଡ଼ିଦେବାକୁ ହେବ ।... ଆଉ ମୋ ପାଖକୁ ଏହି ସର୍ବଶ୍ରେଷ୍ଠ ତ୍ୟାଗର ଆହ୍ୱାନ ମଧ୍ୟ ଆସୁଛି —ମୋର ଉଚ୍ଚାକାଙ୍‌କ୍ଷା, ନେତୃତ୍ୱ ଓ ଯଶୋଭିଳାଷ ବିସର୍ଜନ ଦେବାକୁ ହେବ । ମୋର

ମନ ପ୍ରସ୍ତୁତ ହୋଇ ରହିଛି ଏବଂ ମୋତେ ଏହି ତପସ୍ୟା କରିବାକୁ ହେବ ।... ମୁଁ ବର୍ତ୍ତମାନ ଜୋ-ର ଓ ନିବେଦିତାର କଳ୍ପନା-ବିଳାସକୁ ବାସ୍ତବତାର ଦୃଷ୍ଟିରେ ଦେଖିବାକୁ ଶିଖିଛି । ସେମାନେ ମୋର ହୋଇ ସେମାନଙ୍କ କଳ୍ପନାକୁ ରୂପ ଦାନ କରନ୍ତୁ—ମୋ ପାଖରେ ସେସବୁ ଆଉ ନାହିଁ । ମୁଁ ଗୋଟିଏ ଟ୍ରଷ୍ଟ-ଦଲିଲ କରିବାକୁ ଚାହେଁ,... ଶରତ୍ ପାଖରୁ କାଗଜପତ୍ର ପାଇଲେ ହିଁ ତାହା କରିପକାଇବି । ତା'ପରେ ମୁଁ ଶାନ୍ତ ହେବି । ମୁଁ ଚାହେଁ ବିଶ୍ରାମ, ମୁଠିଏ ଅନ୍ନ, କେତେଖଣ୍ଡ ବହି ଏବଂ କିଛି ଲେଖାପଢ଼ା କାମ । ମା ବର୍ତ୍ତମାନ ମୋତେ ଏହି ଆଲୋକ ସ୍ପଷ୍ଟ ଦେଖାଉଛନ୍ତି । ଅବଶ୍ୟ ଆପଣଙ୍କୁ ହିଁ ସେ ଏହାର ପ୍ରଥମ ଆଭାସ ଦେଇଥିଲେ । କିନ୍ତୁ ମୁଁ ସେତେବେଳେ ବିଶ୍ୱାସ କରି ନ ଥିଲି ।... ମୁଁ ମୋ ନିଜ ଅପେକ୍ଷା ଆପଣଙ୍କ ପରିଚାଳନାରେ ଅଧିକ ବିଶ୍ୱାସ କରେ । ଜୋ-ର ଓ ନିବେଦିତାର ମନ ଅତି ମହାନ୍; କିନ୍ତୁ ମା ବର୍ତ୍ତମାନ ମୋତେ ଚଲାଇ ନେବାର ଆଲୋକ ଆପଣଙ୍କ ହାତକୁ ଟେକି ଦେଉଛନ୍ତି । ଆପଣ କିଅଣ ଆଲୋକ ପାଉଛନ୍ତି ? ଆପଣଙ୍କର ପରାମର୍ଶ କିଅଣ ?

ମୁଁ ବୁଝିପାରୁଛି ଯେ, ମୁଁ ଆଉ ବକ୍ତୃତା-ମଞ୍ଚରୁ ବାଣୀ ପ୍ରଚାର କରିପାରିବି ନାହିଁ ।... ଏଥିରେ ମୁଁ ଖୁସି । ମୁଁ ବିଶ୍ରାମ ଚାହେଁ । ମୁଁ ଯେ କ୍ଲାନ୍ତ ହୋଇପଡ଼ିଛି, ତାହା ନୁହେଁ; କିନ୍ତୁ ପରବର୍ତ୍ତୀ ଅଧ୍ୟାୟ ହେବ—କଥା ନୁହେଁ, ଅଲୌକିକ ସ୍ପର୍ଶ, ଯେପରି ଶ୍ରୀରାମକୃଷ୍ଣଙ୍କର ଥିଲା ।...

ଆପଣଙ୍କର ଚିରସନ୍ତାନ, ବିବେକାନନ୍ଦ

**୪୭୪ଇଂ** (ଭଗିନୀ ନିବେଦିତାଙ୍କୁ ଲିଖିତ)

ଲସ୍ ଆଞ୍ଜେଲସ୍, ୨୪ ଜାନୁଆରି ୧୯୦୦

ସ୍ନେହର—,

ଯେଉଁ ଶାନ୍ତି ଓ ବିଶ୍ରାମ ମୁଁ ଖୋଜୁଛି, ତାହା ଆସିବ ବୋଲି ତ ମନେ ହେଉ ନାହିଁ । ତେବେ ମହାମାୟା ମୋଦ୍ୱାରା ଅପରର—ଅନ୍ତତଃ ମୋର ସ୍ୱଦେଶର—କିଅଞ୍ଚିତ୍ କଲ୍ୟାଣ କରାଉଛନ୍ତି; ଆଉ ଏହି ଉତ୍ସର୍ଗର ଭାବ ଅବଲମ୍ବନରେ ନିଜର ଅଦୃଷ୍ଟ ସହିତ ଗୋଟିଏ ଆପୋଷ ନିଷ୍ପତ୍ତି କରିବା ମଧ୍ୟ ଅପେକ୍ଷାକୃତ ସହଜ । ଆମେ ସମସ୍ତେ ନିଜ ନିଜ ଭାବରେ ଉତ୍ସର୍ଗୀକୃତ । ମହାପୂଜା ଚାଲିଛି—ଗୋଟିଏ ବିରାଟ ବଳି ଛଡ଼ା ଅନ୍ୟ କୌଣସି ପ୍ରକାରେ ଏହାର ଅର୍ଥ ମିଳେ ନାହିଁ । ଯେଉଁମାନେ ସ୍ୱେଚ୍ଛାରେ ମୁଣ୍ଡ ପାତି ଦିଅନ୍ତି, ସେମାନେ ଅନେକ ଯନ୍ତ୍ରଣାରୁ ଅବ୍ୟାହତି ପାଆନ୍ତି । ଆଉ ଯେଉଁମାନେ ବାଧା ଦିଅନ୍ତି, ସେମାନଙ୍କୁ ଜୋର୍ କରି ଦବେଇ ଦିଆଯାଏ, ଏବଂ ସେମାନଙ୍କର ଦୁର୍ଭୋଗ ମଧ୍ୟ ବେଶୀ ହୁଏ । ମୁଁ ବର୍ତ୍ତମାନ ସ୍ୱେଚ୍ଛାରେ ଆତ୍ମସମର୍ପଣ କରିବାକୁ ବଦ୍ଧପରିକର । ଇତି

ତୁମମାନଙ୍କର, ବିବେକାନନ୍ଦ

**୪୭୫ଇଂ**

୧୨୩୧ ପାଇନ ଷ୍ଟ୍ରୀଟ, ସାନ ଫ୍ରାନ୍‌ସିସ୍କୋ
୨ ଫେବୃଆରି [ମାର୍ଚ୍ଚ] ୧୯୦୦

ପ୍ରିୟ ଜୋ,

ତୁମର ଚିଠି ଏବଂ ତା' ସହିତ ଫ୍ରାନ୍‌ସରୁ ଦୁଇଟି ଏବଂ ଭାରତରୁ ଗୋଟିଏ ଚିଠି

ଏନ୍ଦ୍ରିଷଣି ପାଇଲି । ସାଧାରଣତଃ ଭଲ ଖବର ପାଉଛି ଏବଂ ମୁଁ ଖୁସି ।

ଆର୍ଥିକ ଦୃଷ୍ଟିରୁ ଲସ୍ ଆଞ୍ଜେଲ୍‌ସରୁ ୩୦୦ ଡଲାର୍ ପାଇଛି । ମିସେସ୍ ବୋଲ୍‌ସଙ୍କ ପାଖରେ ନଗଦ ପ୍ରାୟ୍ ୧୦୦ ଡଲାର୍ ଅଛି । ମିସେସ୍ ହେଣ୍ଡରକ୍ ଏବଂ ସେ ଏପର୍ଯ୍ୟନ୍ତ ହିସାବ ଚୂଡ଼ାନ୍ତ କରି ନାହାନ୍ତି । ମୋଟ ଉପରେ ଏହି ଧନ ଶହ ଡଲାର୍ ତାଙ୍କ ପାଖରେ ଅଛି । ମୁଁ ଲେଖିବା ସଙ୍ଗେ ସଙ୍ଗେ ସେ ମୋ ପାଖକୁ ତାହବିଲ୍ ପଠାଇଦେବେ ।

ରେଭରେଣ୍ଡ ବେଞ୍ଜାମିନ୍ ଫେ ମିଲ୍‌ସ ଓକ୍‌ଲାଣ୍ଡର ଜଣେ ଅତି ଜନପ୍ରିୟ ଇଉନି-ଟାରିୟାନ୍ (ଈଶ୍ୱରଙ୍କ ତ୍ରିମୂର୍ତ୍ତିରେ ଅବିଶ୍ୱାସୀ ଖ୍ରୀଷ୍ଟିଅନ୍, ଯେ କି ଈଶ୍ୱରଙ୍କୁ କେବଳ ପିତା ଭାବରେ ମାନନ୍ତି) ପ୍ରଚାରକ । ସେ ଏଠାରୁ ମୋତେ ଆମନ୍ତ୍ରଣ କରିଥିଲେ ଏବଂ ସାନ୍ ଫ୍ରାନ୍‌ସିସ୍କୋ ଯିବା ପାଇଁ ବାଟଖର୍ଚ୍ଚ ଦେଇଥିଲେ । ଓକ୍‌ଲାଣ୍ଡରେ ଦୁଇଥର ଭାଷଣ ଦେଇ-ଥିଲି । ପ୍ରଥମଥର ୧୫୦୦ ଲୋକ ସମାବେଶ ହୋଇଥିଲେ । ଗତଥରର ସଂଗୃହୀତ ଅର୍ଥରୁ ମୁଁ ୩୦ ଡଲାର୍ ପାଇଥିଲି । ମୁଣ୍ଡ ପିଛା ୫୦ ସେଣ୍ଟ ହିସାବରେ ଗୃହାରେ ମୋର କ୍ଲାସ୍ ହେବ ।

ହେଡେନ ହଲରେ (୨୩, ଫେବ୍ରୁଆରି) ମୁଣ୍ଡ ପିଛା ୫୦ ସେଣ୍ଟ ଗୃହାରେ ସାନ୍ ଫ୍ରାନ୍‌ସିସ୍‌କୋରେ ଗୋଟିଏ ବକ୍ତୃତା ହେଲା । ଖର୍ଚ୍ଚ ଉଠି ଯାଇଥିଲା । ଆଗାମୀ ସୋମବାର [ରବିବାର ?] ପାଇଓନିୟରଙ୍କ ନ ନେଇ ଭାଷଣ ଦେବି, ତା'ପରେ ଗୋଟିଏ କ୍ଲାସ୍ । ମିସେସ୍ ହାର୍ସଟ୍‌ଙ୍କ [ମିସେସ୍ ଫେବ ଏପ୍‌ପାର୍ସନ୍ ହାର୍ସଟ୍] ସାଥିରେ ଦେଖା କରିବାକୁ ଯାଇଥିଲି । ସେ ଘରେ ନ ଥିଲେ । ମୁଁ କାର୍ଡ଼ଟିଏ ରଖି ଆସିଥିଲି । ଅଧ୍ୟାପକ ଲ କୋଁତେଙ୍କ ସମ୍ବନ୍ଧରେ ମଧ୍ୟ ତାହା । [ବିଖ୍ୟାତ ମାର୍କିନ୍ ଭୂବିଜ୍ଞାନୀ ଜୋସେଫ୍ ଲ କୋଁତେ, ଯାହାଙ୍କର ବୟସ ସେତେବେଳେ ସତୁରୀର ଶେଷ ସ୍ତରରେ ଏବଂ ଯେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଥିଲେ ।]

ମେରୀ (ହେଲ୍) ଲେଖିଛି ଯେ, ତୁମେ କୁଆଡ଼େ ଲେଖିଛ —ମୁଁ ଯେକୌଣସି ଧନ ପୂର୍ବାଞ୍ଚଳକୁ ଯାଇପାରେ । ମୁଁ ଜାଣେ ନାହିଁ । ମୋର ବହିର ସୁଖ୍ୟାତିରେ ଏଠାରେ ମୋର ଗୋଟିଏ ବଡ଼ ଅନୁଗାମୀ ଦଳ ଗଢ଼ି ଉଠିଛି । କିଛି ଅର୍ଥପ୍ରାପ୍ତି ହେବ, ବେଶୀ ନୁହେଁ । ସେଣ୍ଟ ଫ୍ରାନ୍‌ସିସ୍ (ଫ୍ରାନ୍‌ସିସ୍ ଲେଗେଟ୍) ମୋ ତରଫରୁ ବ୍ୟାଙ୍କରେ କିଛି ଅର୍ଥ ଜମା କରିପାରନ୍ତି । କିନ୍ତୁ ମୋର ବିନା ଦସ୍ତଖତରେ ତାହା କିପରି ସମ୍ଭବ ହେବ ?—ଏବଂ ମୁଁ ତ ଏଠାରେ ? କରିପାରିଲେ ଭଲ ହେବ । ତୁମେ କ'ଣ କୌଣସି ପ୍ରକାଶକଙ୍କ ନିକଟରେ ମୋର ବହିଗୁଡ଼ିକ ଚିରକାଳ ନିମିତ୍ତ ବିକ୍ରି କରିଦେବା ପାଇଁ କିଛି ସମ୍ଭାବନାର ସୂଚନା ପାଇଛ ?

ଫରାସୀମାନଙ୍କ ଆମନ୍ତ୍ରଣ ଠିକ୍ ଅଛି । [ସେପ୍‌ଟେମ୍ବର ମାସରେ ପ୍ୟାରିସ୍ ଏକ୍‌ସ୍ପୋଜି-ସନ୍‌ରେ 'କଂଗ୍ରେସ୍ ଅଫ୍ ଦ ହିଷ୍ଟ୍ରୀ ଅଫ୍ ରିଲିଜିଅନ୍'—ଏହା ଉପରେ ଭାଷଣ ଦେବାକୁ ନିମନ୍ତ୍ରଣ] କିନ୍ତୁ ଆମେ ଯେଉଁ ବିଷୟ ନିର୍ବାଚନ କରିଛୁ ସେ ସମ୍ବନ୍ଧରେ କୌଣସି ଭଲ ନିବନ୍ଧ ଲେଖିବା ପ୍ରାୟ୍ ଅସମ୍ଭବ ମନେହୁଏ; କାରଣ ଭାଷଣ ଦେଇ ମୋତେ ଯଦି ଅର୍ଥ ଉପାର୍ଜନ କରିବାକୁ ହୁଏ, ତାହା ହେଲେ ଅନ୍ୟ କିଛି କରିବା ନିମିତ୍ତ ସମୟ ଖୁବ୍ କମ୍ ରହିବ । ତା' ଛଡ଼ା

ଏଠାରେ କୌଣସି ସଂସ୍କୃତ ବହି ମିଳେ ନାହିଁ । ତେବେ ଚେଷ୍ଟାକରି ଦେଖେ, ଯଦି ତାହା ସଙ୍ଗେ ଫ୍ରାନ୍ସକୁ ଯାଇପାରେ, କିନ୍ତୁ କିଛି ଲେଖା ପଠାଇବାକୁ ନ ପଡ଼େ । କୌଣସିମତେ ଭିତରରେ ଲେଖା କେବେହେଲେ ଭଲ ଜ୍ଞାନଗର୍ଭକ ଲେଖା ହୁଏ ନାହିଁ । ସେଥିପାଇଁ ସମୟ ଓ ଅଧ୍ୟୟନ ଦରକାର ।

ମିଷ୍ଟର (କେଗ୍‌ଲଡ) ନୋବେଲ୍‌ଙ୍କୁ ସ୍ୱୀକୃତି ଓ ଧନ୍ୟବାଦ ଜଣାଇ ଗୋଟିଏ ଚିଠି ଲେଖିବ କି ? [ୟୁରୋପ] ଯିବା ପୂର୍ବରୁ ଯଦି ପାରେ, ଏସବୁ ବିଷୟରେ ମୋତେ ଠିକ୍‌ଭାବି ଭାବରେ ସବୁ କଥା ଲେଖିବ । ମୋର ସ୍ୱାସ୍ଥ୍ୟ ଏକପ୍ରକାର ଅଛି । (ପେଟରେ) ବାୟୁ ମୋଟାମୋଟି ରହୁଛି ଏବଂ ଏ ସହରରେ ଖାଲି ଉଠାଣି ରାସ୍ତା, ତେଣୁ ବହୁତ କ୍ଲାନ୍ତ ହୋଇ-ପଡ଼ୁଛି । ଅକୁଣ୍ଠ ପ୍ରୀତି ଜାଣିବ ।

ତୁମର ସ୍ନେହର, ବିବେକାନନ୍ଦ

ପୁଃ—ମିସେସ ଲେଗେଟ୍‌ଙ୍କ ଅନ୍ତର୍ଧାନରେ ଅଉ କେହି ଉତ୍ତର ଦେଇଛନ୍ତି କି ?

୪୭୭ଇଂ

୪୪୭ ଡଗ୍‌ଲସ୍ ବିଲ୍‌ଡିଂ, ଲସ୍ ଆଞ୍ଜେଲସ୍, କାଲିଫର୍ଣ୍ଣିଆ

୧୫ ଫେବୃଆରି ୧୯୦୦

ପ୍ରିୟ ନିବେଦିତା,

ତୁମର—ତାରିଖର ପତ୍ର ଆଜି ପାସାଡେନାରେ ମୋ ନିକଟରେ ପହଞ୍ଚିଲା । ଦେଖୁଛି, ଜୋ ତୁମକୁ ଚିକାଗୋରେ ଧରିପାରି ନାହିଁ, ତେବେ ନ୍ୟୁୟର୍କରୁ ସେମାନଙ୍କର ଏପର୍ଯ୍ୟନ୍ତ କୌଣସି ଖବର ପାଇ ନାହିଁ । ଇଂଲଣ୍ଡରୁ ଗଦାଏ ଇଂରେଜି ଖବରକାଗଜ ପାଇଲି—ଲଫାପା ଉପରେ ଲେଖା ଗୋଟିଏ ଲାଇନ୍‌ରେ ମୋ ପ୍ରତି ଶୁଭେଚ୍ଛା ପ୍ରକାଶ କରାଯାଇଛି ଓ ଦସ୍ତଖତ ଅଛି—ଏଫ୍. ଏଇଚ୍. ଏମ୍ ! ଅବଶ୍ୟ ଏଗୁଡ଼ିକ ମଧ୍ୟରେ ଦରକାରୀ ବିଶେଷ କିଛି ନ ଥିଲା । ମୁଁ ମିସ୍ ମୁଲର୍‌ଙ୍କୁ ଖଣ୍ଡିଏ ଚିଠି ଲେଖିଥାନ୍ତି; କିନ୍ତୁ ମୁଁ ତ ଠିକଣା ଜାଣେ ନାହିଁ । ମୋର ଭୟ ହେଲା, ଚିଠି ଲେଖିଲେ ସେ କାଳେ ଡରିଯିବେ !...

ମୁଁ ମିସେସ୍ ସେଭିଅର୍‌ଙ୍କ ପାଖରୁ ଖବର ପାଇଲି ଯେ, ନିରଞ୍ଜନ କଲିକତାରେ ସାଂଘାତିକ ଭାବରେ ପୀଡ଼ିତ ହୋଇପଡ଼ିଛି—ଜାଣେ ନାହିଁ, ତାହାର ଦେହାନ୍ତ ହୋଇଯାଇଛି କି ନାହିଁ । ଯାହା ହେଉ ନିବେଦିତା, ମୁଁ ବର୍ତ୍ତମାନ ଖୁବ୍ ଦୃଢ଼ ହୋଇଛି— ପୂର୍ବାପେକ୍ଷା ମୋର ଦୃଢ଼ତା ଖୁବ୍ ବଢ଼ିଛି—ମୋ ହୃଦୟ ଯେପରି ଲୁହାପାତିଅରେ ବନ୍ଧା ହୋଇଯାଇଛି । ମୁଁ ଏବେ ସନ୍ନ୍ୟାସଜୀବନର ବହୁ ପାଖାପାଖି ଚାଲିଛି ।

ମୁଁ ଦୁଇସପ୍ତାହ ହେଲା ସାରଦାନନ୍ଦ ନିକଟରୁ କୌଣସି ଖବର ପାଇ ନାହିଁ । ତୁମେ ଗଳ୍ପଗୁଡ଼ିକ ପାଇଛ ଜାଣି ଖୁସି ହେଲି । ଯଦି ଭଲ ବିବେଚନା କର, ତା' ହେଲେ ସେଗୁଡ଼ିକୁ ପୁଣି ନୂଆ କରି ଲେଖ । କୌଣସି ପ୍ରକାଶକଙ୍କୁ ଯଦି ପାଅ, ତାଙ୍କଦ୍ୱାରା ସେଗୁଡ଼ିକ ଛପାଇ ପ୍ରକାଶ କରିଦିଅ; ଆଉ ଯଦି ବିକ୍ରି କରି କିଛି ଲାଭ ହୁଏ, ତୁମର କାର୍ଯ୍ୟ ପାଇଁ ନିଅ । ମୋର ନିଜର ଦରକାର ନାହିଁ । ମୁଁ ଏଠାରେ କିଛି ଅର୍ଥ ପାଇଛି । ମୁଁ ଆସନ୍ତା ସପ୍ତାହରେ

ସାନ୍ ଫ୍ରାନ୍‌ସିସ୍କୋକୁ ଯାଉଛ, ସେଠାରେ ସୁବିଧା କରିପାରିବ—ଆଶା କରେ ।...

ଭୟ କର ନାହିଁ—ତୁମ ବିଦ୍ୟାଳୟ ପାଇଁ ଟଙ୍କା ଆସିବ, ଅସିବ ହିଁ ଆସିବ । ଆଉ ଯଦି ନ ଆସେ, ସେଥିରେ ବା ଯାଏ ଆସେ କେତେ ? ମା ଜାଣନ୍ତି, କେଉଁ ରାସ୍ତା ଦେଇ ନେଇଯିବେ । ସେ ଯେଉଁ ବାଟ ଦେଇ ନେଇଯାନ୍ତୁ ନା କାହିଁକି, ସବୁ ରାସ୍ତା ସମାନ । ଜାଣେ ନା, ମୁଁ ଶୀଘ୍ର ପୂର୍ବକୁ* ଯିବି କି ନାହିଁ । ଯଦି ଯିବାର ସୁଯୋଗ ହୁଏ, ତେବେ ଇଣ୍ଡିଆକୁ ନିଶ୍ଚିତ ଯିବି ।

ଏହି ଆନ୍ତର୍ଜାତିକ ମିଳାମିଶାର ଯୋଜନାଟି ଖୁବ୍ ଭଲ—ଯେପରି ହେଉ ସେଥିରେ ଯୋଗ ଦିଅ; ଆଉ ଯଦି ତୁମେ ମଝିରେ କେତେଗୁଡ଼ିଏ ଭାରତୀୟ ନାରୀ-ସମିତିକୁ ସେଥିରେ ଯୋଗ ଦିଆଇପାର, ତେବେ ଆହୁରି ଭଲ ହୁଅନ୍ତା ।...

କୁଛି ପରବାୟ ନାହିଁ, ଆମର ସବୁ ସୁବିଧା ହୋଇଯିବ । ଏହି ଲଢ଼େଇଟା ଯେମିତି ଶେଷ ହୋଇଯିବ ସଙ୍ଗେ ସଙ୍ଗେ ଆମେ ଇଂଲଣ୍ଡ ଯିବା ଓ ସେଠାରେ ଖୁବ୍ ଖାଟି କାମ କରିବାର ଚେଷ୍ଟା କରିବା—କଅଣ କହୁଛ ? ଷ୍ଟିଭ୍‌ମାତାଙ୍କୁ ଲେଖିବ କି ? ଯଦି ତାଙ୍କୁ ଲେଖିବା ଭଲ ବୋଲି ଭାବ, ତେବେ ତାଙ୍କ ଠିକଣା ପଠାଇବ । ସେ କଅଣ ତା'ପରେ ତୁମକୁ ପତ୍ରାଦି ଲେଖିଛନ୍ତି ?

ଧୈର୍ଯ୍ୟ ଧରି ରହ, ଶକ୍ତ ଓ ନରମ—ସବୁ ଠିକ୍ ଘୂରି ଘୂରି ଆସିବ । ଏହି ଯେଉଁ ତୁମର ନାନା ପ୍ରକାର ଅଭିଜ୍ଞତା ଲାଭ ହେଉଛି, ମୁଁ ଏହି ଟିକକ ଚାହେଁ । ମୋର ମଧ୍ୟ ଶିକ୍ଷା ହେଉଛି । ଯେଉଁ ମୁହୂର୍ତ୍ତରେ ଆମେ ଉପଯୁକ୍ତ ହେବା, ସେତେବେଳେ ହିଁ ଆମ ପାଖକୁ ଟଙ୍କା ଓ ଲୋକ ଉଡ଼ିଆସିବେ । ବର୍ତ୍ତମାନ ମୋର ସ୍ନାୟୁପ୍ରଧାନ ଧାତୁ ଓ ତୁମର ଭାବୁକତା ମିଶି ସବୁ ଗୋଳମାଳ ହୋଇଯାଇପାରେ । ସେହି କାରଣରୁ ହିଁ 'ମା' ମୋର ସ୍ନାୟୁଗୁଡ଼ିକୁ ଧୀରେ ଧୀରେ ନିରୋଗ କରିଦେଉଛନ୍ତି, ଆଉ ତୁମର ଭାବୁକତାକୁ ଶାନ୍ତ କରି ଆଣୁଛନ୍ତି । ତା' ପରେ ଆମେ ଯାଉଛୁ ତ, ଆଉ କଅଣ ! ଏଥର ରାଶିରାଶି ଭଲ କାର୍ଯ୍ୟ ହେବ, ନିଶ୍ଚିତ ଭାବରେ ଜାଣିରଖ । ଏଥର ଆମେ ପ୍ରାଚୀନ ଦେଶ—ଇଉରୋପର ମୂଳଭିତ୍ତି ପର୍ଯ୍ୟନ୍ତ ଦୋହଲାଇ ଦେବୁ ।...

ମୁଁ କ୍ରମଶଃ ଧୀର, ସ୍ଥିର, ଶାନ୍ତ ପ୍ରକୃତି ହୋଇ ଆସୁଛି—ଯାହା ଘଟୁ ନା କାହିଁକି, ମୁଁ ପ୍ରସ୍ତୁତ । ଏଥର ଯେ କାର୍ଯ୍ୟରେ ଲାଗିଯିବି, ପ୍ରତ୍ୟେକ ପ୍ରହାରରେ ବେଶ୍ କାର୍ଯ୍ୟ ହେବ—ଗୋଟାଏ ହେଲେ ବୃଥା ଯିବ ନାହିଁ—ଏହା ହିଁ ହେଉଛି ମୋ ଜୀବନର ଆଗାମୀ ଅଧ୍ୟାୟ । ମୋର ପ୍ରୀତି ଆଦି ଜାଣିବ । ଇତି

ବିବେକାନନ୍ଦ

ପୁଃ—ତୁମର ବର୍ତ୍ତମାନ ଠିକଣା ଲେଖିବ । ଇତି

—ବି.

* ନିଉୟର୍କ ଆଡ଼କୁ ଯିବାର କଥା କହୁଛନ୍ତି ।

୪୭୭ଇଂ (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

ଲସ୍ ଆଞ୍ଜେଲସ୍, ୧୫ ଫେବୃଆରି ୧୯୦୦

ପ୍ରିୟ ଧୀରାମାତା,

ଏହି ଚିଠି ଆପଣଙ୍କ ପାଖରେ ପହଞ୍ଚିବା ପୂର୍ବରୁ ମୁଁ ସାନ୍ ଫ୍ରାନ୍‌ସିସ୍‌କୋ ଯାତ୍ରା କରିବି । କାର୍ଯ୍ୟଟି ସମ୍ବନ୍ଧରେ ଆପଣଙ୍କୁ ସବୁ ଜଣାଅଛି । ମୁଁ ବେଶୀ କାର୍ଯ୍ୟ କରି ନାହିଁ, କିନ୍ତୁ ଦିନକୁ ଦିନ ମୋର ହୃଦୟ—(ଦେହ ଓ ମନ ଉଭୟ ଦିଗରୁ) —ଅଧିକ ସବଳ ହେଉଛି । କୌଣସି କୌଣସି ଦିନ ମୋର ବୋଧହୁଏ ଯେ, ମୁଁ ସବୁ ସହ୍ୟ କରିପାରେ ଏବଂ ସବୁ ଦୁଃଖ ବରଣ କରିପାରେ । ମିସ୍ ମୁଲର୍ ଯେଉଁ କାଗଜ ବଣ୍ଡିଲ୍ ପଠାଇଥିଲେ, ତାହା ମଧ୍ୟରେ ଉଲ୍ଲେଖଯୋଗ୍ୟ କିଛି ନ ଥିଲା । ତାଙ୍କ ଠିକଣା ଜଣା ନ ଥିବାରୁ ମୁଁ ତାଙ୍କୁ କିଛି ମାତ୍ର ଲେଖି ନାହିଁ । ତା' ଛଡ଼ା ଭୟ ମଧ୍ୟ ଥିଲା ।

ମୁଁ ଏକା ରହିଲେ ହିଁ ଅଧିକତର ଭଲ କାର୍ଯ୍ୟ କରିପାରେ; ଏବଂ ଯେତେବେଳେ ସମ୍ପୂର୍ଣ୍ଣ ନିଃସହାୟ ଥାଏ, ସେତିକବେଳେ ମୋର ଦେହ-ମନ ସର୍ବାପେକ୍ଷା ଭଲ ରହେ ! ମୁଁ ଯେତେବେଳେ ମୋର ଗୁରୁଭାଇଙ୍କୁ ଛାଡ଼ି ଆଠବର୍ଷ ଏକାକୀ ଥିଲି, ସେତେବେଳେ ପ୍ରାୟ ଦିନେକ ପାଇଁ ମଧ୍ୟ ଅସୁସ୍ଥ ହୋଇ ନାହିଁ । ବର୍ତ୍ତମାନ ପୁଣି ଏକା ରହିବା ଲାଗି ପ୍ରସ୍ତୁତ ହେଉଛି ! ଅବାକ୍ କାଣ୍ଡ ! କିନ୍ତୁ ମା ସତେ ଯେପରି ମୋତେ ସେହି ଭାବରେ ହିଁ ରହିବାକୁ ଚାହାନ୍ତି— ଜୋ ଯେପରି ଚାହେଁ ନିଃସଙ୍ଗ ଗଣ୍ଡାର ଭଳି ଏକାକୀ ବୁଲିବାକୁ '... ବିଚରା ତୁରୀୟାନନ୍ଦ କେତେ ଯେ ନ ଭୋଗିଛି, ଅଥଚ ମୋତେ କିଛି ମାତ୍ର ଜଣାଇ ନାହିଁ— ସେ ବଡ଼ ସରଳଚିତ୍ତ ଓ ଭଲମଣିଷ ! ମିସେସ୍ ସେଭିଅର୍‌ଙ୍କ ପତ୍ରରୁ ଜାଣିଲି, ବିଚରା ନିରଞ୍ଜନାନନ୍ଦ କଲିକତାରେ ଏତେଦୂର ସାଙ୍ଘାତିକ ଭାବରେ ଅସୁସ୍ଥ ହୋଇପଡ଼ିଛି ଯେ, ସେ ବର୍ତ୍ତମାନ ବଞ୍ଚିଛି କି ନାହିଁ ଜାଣେ ନାହିଁ । ଭଲ କଥା ! ସୁଖ-ଦୁଃଖ ହାତ ଧରାଧରି ହୋଇ ବୁଲିବାକୁ ଭଲ ପାଆନ୍ତି । ଏହା ଅତି ଅଦ୍ଭୁତ ବ୍ୟାପାର ! ସେମାନେ ଯେପରି ଚକ୍ରାକାରରେ ବୁଲନ୍ତି । ମୋ ଭଉଣୀର ଖଣ୍ଡିଏ ପତ୍ରରୁ ଜାଣିଲି ଯେ, ତା'ର ପାଳିତା କନ୍ୟାଟି ମରିଯାଇଛି । ଭାରତର ଭାଗ୍ୟରେ ଯେପରି ଏକମାତ୍ର ଦୁଃଖ ହିଁ ରହିଛି । ତାହା ହିଁ ହେଉ ! ସୁଖଦୁଃଖରେ ମୁଁ ଯେପରି ବୋଧଶୂନ୍ୟ ହୋଇଯାଉଛି । ବର୍ତ୍ତମାନ ମୁଁ ଯେପରି ଲୁହାପରି ହୋଇଯାଉଛି ! ତାହା ହିଁ ହେଉ—ମାଆଙ୍କର ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

ଗତ ଦୁଇବର୍ଷଧରି ଯେଉଁ ଦୁର୍ବଳତାର ପରିଚୟ ଦେଇ ଆସୁଛି, ମୁଁ ସେଥିପାଇଁ ଅତ୍ୟନ୍ତ ଲଜ୍ଜିତ; ଏହାର ସମାପ୍ତିରେ ମୁଁ ଖୁସି ଅଛି । ଇତି

ଆପଣଙ୍କର ଚିରସ୍ନେହାବଦ୍ଧ ସନ୍ତାନ, ବିବେକାନନ୍ଦ

୪୭୮ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ପ୍ୟାସାଡେନା, ୨୦ ଫେବୃଆରି ୧୯୦୦

ପ୍ରିୟ ମେରି,

ମିଃ ହେଲ୍‌ଙ୍କର ମୃତ୍ୟୁର ବେଦନାଦାୟକ ସମ୍ବାଦ ବହନ କରି ତୁମର ଚିଠିଖଣ୍ଡ

ଗତକାଲି ପଢ଼ିଥିଲୁ । ମୁଁ ମର୍ମାହତ ହୋଇଛି, ସନ୍ନ୍ୟାସ-ଶିକ୍ଷା ସତ୍ତ୍ୱେ ମୋର ହୃଦୟବୃତ୍ତି ବର୍ତ୍ତମାନ ମଧ୍ୟ ଜୀବିତ ଅଛି । ତା' ଛଡ଼ା ଯେଉଁସବୁ ମହାପ୍ରାଣ ମାନବଙ୍କୁ ମୁଁ ଦେଖିଛି, ମିଃ ହେଲ୍ ସେମାନଙ୍କ ମଧ୍ୟରେ ଜଣେ ।

ଅବଶ୍ୟ ତୁମେ ଦୁଃଖିତ ଓ ଅତ୍ୟନ୍ତ ବ୍ୟଥିତ ହୋଇଛ, ମଦର୍ ଚର୍ଚ୍ଚ, ହ୍ୟାରିୟେଟ୍— ସମସ୍ତଙ୍କର ସେହି ଏକା ଅବସ୍ଥା, ବିଶେଷତଃ ଏ ପ୍ରକାର ଶୋକ ତୁମମାନଙ୍କ ପକ୍ଷରେ ଯେତେ-ବେଳେ ଏହି ପ୍ରଥମ । ଜୀବନରେ ମୁଁ ଅନେକ ସହିଛି, ଅନେକଙ୍କୁ ହରାଇଛି, ପୁଣି ସେହି ବିୟୋଗର ସବୁଠାରୁ ବିଚିତ୍ର ଯନ୍ତ୍ରଣା ହେଲା—ମୋର ମନେହୋଇଛି, ଯେ ଗୁଲିଗଲେ ମୁଁ ତାଙ୍କର ଯୋଗ୍ୟ ନ ଥିଲି । ପିତାଙ୍କ ମୃତ୍ୟୁପରେ ମାସ ପରେ ମାସ ଏହି ଯନ୍ତ୍ରଣାରେ କଟାଇଛି —ମୁଁ ତାଙ୍କର କେତେ ଅବାଧ୍ୟ ନ ଥିଲି !

ତୁମେ ଖୁବ୍ କର୍ତ୍ତବ୍ୟନିଷ୍ଠ ଥିଲ; ଯଦି ତୁମର ଏହି ପ୍ରକାରର କିଛି ମନେହୁଏ, ତା' ହେଲେ ଜାଣିରଖ, ତାହା ଶୋକର ଗୋଟିଏ ରୂପ ।

ମେରି, ମୋର ମନେହୁଏ, ଠିକ୍ ବର୍ତ୍ତମାନଠାରୁ ତୁମର ଯଥାର୍ଥ ଜୀବନର ଆରମ୍ଭ । ଆମେ ଯେତେ ବହି ପଢ଼ୁ ବା ବକ୍ତୃତା ଶୁଣୁ ବା ଲମ୍ବା ଲମ୍ବା କଥା କହୁ, ଶେଷରେ ଅଭିଜ୍ଞତା ହିଁ ଏକମାତ୍ର ଶିକ୍ଷକ, କେବଳ ତାହା ହିଁ ଆଖି ଫିଟାଇଦିଏ । ଅଭିଜ୍ଞତା ଯେଉଁ ଭାବରେ ହୁଏ, ସେହି ଭାବରେ ହିଁ ତାହା ସବୁଠାରୁ ଭଲ । ଆମେ ଶିଖୁ ହସର ଆଲୋକରେ, ଆମେ ଶିଖୁ ଆଖିର ଲୁହରେ । ଜାଣେନା କାହିଁକି ଏପରି ହୁଏ; କିନ୍ତୁ ତାହା ଯେ ହୁଏ, ତାହା ଦେଖିବାକୁ ପାଏ । ତାହା ହିଁ ଯଥେଷ୍ଟ । ମଦର୍ ଚର୍ଚ୍ଚଙ୍କ ପାଇଁ ଅବଶ୍ୟ ଧର୍ମର ସାନ୍ତ୍ୱନା ଅଛି । ଆମେସବୁ ଯଦି ସ୍ୱପ୍ନରେ ବୁଡ଼ି ରହିପାରିଥାଆନ୍ତୁ !

ଜୀବନରେ ଏତେଦିନ ପର୍ଯ୍ୟନ୍ତ ତୁମେ ନିରାପଦ ଆଶ୍ରୟ ପାଇଆସିଛ, ଆଉ ମୋତେ ବରାବର ଜଳିବାକୁ କାନ୍ଦିବାକୁ ପଡ଼ିଛି । ବର୍ତ୍ତମାନ କ୍ଷଣକାଳ ପାଇଁ ତୁମେ ଜୀବନର ଅନ୍ୟ ଦିଗଟା ଦେଖିବାକୁ ପାଇଲ । ଏହି ପ୍ରକାରର ନିରବଚ୍ଛିନ୍ନ ଆଘାତ ପରେ ଆଘାତରେ ମୋ ଜୀବନ ତିଆରି ହୋଇଛି; ଏହା ଅପେକ୍ଷା ଶତଗୁଣ ଭୟଙ୍କର ଆଘାତ—ଦାରିଦ୍ର୍ୟ, ବିଶ୍ୱାସଘାତକତା ଆଉ ମୋ ନିଜର ନିର୍ବୁଦ୍ଧିତାର ଯନ୍ତ୍ରଣା । ଏହା ନୈରାଶ୍ୟବାଦ ? କିପରି ତାହା ଆସେ ବର୍ତ୍ତମାନ ତୁମେ ବୁଝିପାରିବ । ଠିକ୍ ଠିକ୍, ତୁମକୁ ଆଉ କ'ଣ କହିବି ମେରି, ସବୁ କଥା ତ ତୁମକୁ ଜଣା । କେବଳ ଗୋଟିଏ କଥା କହୁଛି ଏବଂ ତା' ଭିତରେ ଟିକିଏ ମାତ୍ର ଭେଜାଲ୍ ନାହିଁ, ଯଦି ଆମମାନଙ୍କର ଦୁଃଖ ବିନିମୟ କରିବା ସମ୍ଭବ ହୁଅନ୍ତା, ଏବଂ ତୁମକୁ ଦେବା ଭଳି ଆନନ୍ଦଭରା ମନ ଯଦି ମୋର ଥାଆନ୍ତା, ତା'ହେଲେ ନିଶ୍ଚିତଭାବରେ କହୁଛି, ଚିରଦିନ ପାଇଁ ତୁମ ସଙ୍ଗରେ ତାହା ବିନିମୟ କରିନିଅନ୍ତି । ସେକଥା ମା ହିଁ ଜାଣନ୍ତି ।

ତୁମର ଚିରବିଶ୍ୱସ୍ତ ଭ୍ରାତା, ବିବେକାନନ୍ଦ

୪୭୯ (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ) ଓଁ ତତ୍‌ସତ୍

କାଲିଫର୍ଣ୍ଣିଆ, ୨୧ ଫେବୃଆରି ୧୯୦୦

କଲ୍ୟାଣବରେଷୁ,

ତୁମ ପତ୍ରରୁ ସମସ୍ତ ସମାଚାର ଅବଗତ ହୋଇ ବିଶେଷ ଆନନ୍ଦଲାଭ କଲି । ବିଦ୍ୟାବୁଦ୍ଧିର ବେଶୀଭାଗ ଉପରେ ଚାକଚକ୍ୟ ମାତ୍ର; ସମସ୍ତ ଶକ୍ତିର ଭିତ୍ତି ହେଉଛି ହୃଦୟ । 'ଜ୍ଞାନବଲକ୍ରିୟା'ଶାଳୀ ଆତ୍ମାର ଅଧିବାସ ହୃଦୟରେ, ମସ୍ତିଷ୍କରେ ନୁହେଁ । ଶତଞ୍ଚୈକା ଚ ହୃଦୟସ୍ୟ ନାଡ୍ୟଃ (ହୃଦୟରେ ଏକଶହ ଏକ ନାଡ଼ୀ ଅଛି) ଇତ୍ୟାଦି । ହୃଦୟ ନିକଟରେ 'ସିମ୍ପାଥେଟିକ୍ ଗାଙ୍ଗ୍‌ଲିୟନ୍' ନାମକ ଯେଉଁ ପ୍ରଧାନ କେନ୍ଦ୍ର, ସେଠାରେ ଆତ୍ମାଙ୍କର ଦୁର୍ଗ । ହୃଦୟ ଯେତେ ଦେଖାଇପାରିବ ସେତେ ଜୟ । ମସ୍ତିଷ୍କର ଭାଷା କେହି କେହି ବୁଝନ୍ତି, ହୃଦୟର ଭାଷା ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସମସ୍ତେ ବୁଝନ୍ତି । ତେବେ ଆମ ଦେଶରେ, ମଡ଼ାକୁ ବଞ୍ଚାଇବା—ଡେରି ହେବ; କିନ୍ତୁ ଅପାର ଅଧ୍ୟବସାୟ ଓ ଧୈର୍ଯ୍ୟବଳ ଯଦି ଥାଏ, ତା'ହେଲେ ନିଶ୍ଚିତ ସିଦ୍ଧି, ଏଥିରେ ଆଉ ସନ୍ଦେହ କଅଣ ?

ଇଂରେଜ ରାଜପୁରୁଷମାନଙ୍କର ଦୋଷ କଅଣ ? ଯେଉଁ ପରିବାରଟିର ଅସ୍ୱାଭାବିକ ନିର୍ଦ୍ଦୟତାର କଥା ଲେଖିଛ, ତାହା କଅଣ ଭାରତବର୍ଷରେ ଅସାଧାରଣ, ନା ସାଧାରଣ ? ଦେଶଟାଯାକ ତ ଏହିଭଳି ହୋଇ ଠିଆ ହୋଇଛି, ତେବେ ଆମର ଦେଶୀ ସ୍ୱାର୍ଥପରତା, ନିହାତି ଦୁଷ୍ଟାମି କରି ହୋଇ ନାହିଁ, ବହୁ ଶତାବ୍ଦୀ ଯାବତ୍ ବିଫଳତା ଆଉ ନିର୍ଯ୍ୟାତନାର ଫଳସ୍ୱରୂପ ଏହି ପଶୁବତ୍ ସ୍ୱାର୍ଥପରତା; ଏହା ଅସଲ ସ୍ୱାର୍ଥପରତା ନୁହେଁ—ଏହା ହେଉଛି ଗଭୀର ନୈରାଶ୍ୟ । ଟିକିଏ ସିଦ୍ଧି ଦେଖିଲେ ହିଁ ତାହା ଦୂର ହୋଇଯିବ । ଇଂରେଜ ରାଜପୁରୁଷମାନେ ଏହି ଟିକକ ଚାରିଆଡ଼େ ଦେଖୁଛନ୍ତି, ତେଣୁ ପ୍ରଥମରୁ କିପରି ବିଶ୍ୱାସ କରିବେ ? ତେବେ ଯଥାର୍ଥ କାର୍ଯ୍ୟ ଦେଖିଲେ ସେମାନେ କିପରି ସହାନୁଭୂତି କରନ୍ତି କହିଲ ? ଦେଶୀ ରାଜପୁରୁଷମାନେ ସେମିତି କରନ୍ତି କି ?

ଏହି ଘୋର ଦୁର୍ଭିକ୍ଷ, ବନ୍ୟା, ରୋଗ-ମହାମାରୀ ଦିନରେ କଂଗ୍ରେସବାଲାମାନେ କିଏ କେଉଁଠି ଅଛନ୍ତି କୁହ ? ଖାଲି 'ଆମ ହାତରେ ରାଜ୍ୟ-ଶାସନର ଭାର ଦିଅ' କହିଲେ କ'ଣ ଚଳେ ? କିଏ ବା ଶୁଣୁଛି ସେମାନଙ୍କର କଥା ? ମନୁଷ୍ୟ ଯଦି କାର୍ଯ୍ୟ କରେ—ତାକୁ କଅଣ ଆଉ ମୁହଁ ଫିଟାଇ କହିବାକୁ ପଡ଼େ ? ତୁମମାନଙ୍କ ଭଳି ଯଦି ୨୦୦୦ ଲୋକ ପ୍ରତି ଜିଲ୍ଲାରେ କାର୍ଯ୍ୟ କରନ୍ତି—ତେବେ ଇଂରେଜମାନେ ତୁମମାନଙ୍କୁ ଡାକି ରାଜକାର୍ଯ୍ୟରେ ପରାମର୍ଶ ନେବେ ଯେ !! 'ସ୍ୱକାର୍ଯ୍ୟମୁଦ୍ଧରେତ୍ ପ୍ରାଜ୍ଞଃ' (ପ୍ରାଜ୍ଞ ବ୍ୟକ୍ତି ନିଜର କାର୍ଯ୍ୟ ଉଦ୍ଧାର କରିବେ) ।··· ଅ—କୁ centre(କେନ୍ଦ୍ର) ଖୋଲିବାକୁ ଦେଇ ନାହାନ୍ତି, ସେଥିରେ କଅଣ ଯାଏ ଆସେ ? କିଷଣଗଡ଼ ଦେଇଛି ତ ? ମୁହଁ ବୁଜି ସେ କାର୍ଯ୍ୟ ଦେଖାଇଯାଉ—କିଛି କୁହାବୋଲା, ଝଗଡ଼ା-ବିବାଦ ଦରକାର ନାହିଁ । ମହାମାୟାଙ୍କର ଏହି କାର୍ଯ୍ୟରେ ଯେ ସହାୟତା କରିବେ ସେ ତାଙ୍କର ଦୟା ପାଇବେ, ଯେ ବାଧା ଦେବ 'ଅକାରଣାବିଷ୍କୃତବୈରଦାରୁଣଃ' (ବିନାହେତୁରେ ଦାରୁଣ ଶତ୍ରୁତାବିଶିଷ୍ଟ), ନିଜ ଗୋଡ଼ରେ ନିଜେ

କୁହାଡ଼ ହାଣିବ ।

'ଶନୈଃ ପନ୍ଥା' ଇତ୍ୟାଦି, ସୋଳହ ଗୋଟଉଁ ବେଲ ।—ଯେତେବେଳେ ପ୍ରଧାନ କାର୍ଯ୍ୟ ହୁଏ, ଭିତ୍ତିସ୍ଥାପନ ହୁଏ, ରାସ୍ତା ତିଆରି ହୁଏ, ଯେତେବେଳେ ଅମାନୁଷିକ ବଳ ଆବଶ୍ୟକ ହୁଏ—ସେତେବେଳେ ନିଃଶବ୍ଦରେ ଜଣେ ଦୁଇଜଣ ଅସାଧାରଣ ପୁରୁଷ ନାନା ବିଘ୍ନ-ବିପତ୍ତି ମଧ୍ୟରେ ନୀରବ ଭାବରେ କାର୍ଯ୍ୟ କରନ୍ତି । ଯେତେବେଳେ ହଜାର ହଜାର ଲୋକଙ୍କର ଉପକାର ହୁଏ, ଢାକ ଢୋଲ ବାଜଉଠେ, ଦେଶସାରା ବାହବା ଦିଅନ୍ତି—ସେତେବେଳେ କଳ ଚାଲୁ ହୋଇଯାଇଛି, ସେତେବେଳେ ବାଳକଟିଏ ବି କାର୍ଯ୍ୟ କରିପାରେ, ନିର୍ବୋଧ ଲୋକ ବି କଳରେ ଟିକିଏ ବେଗ ଦେଇପାରେ । ଏଇଟି ବୁଝ୍—ସେହି ଗୋଟିଏ ଦୁଇଟି ଗାଁ ଉପରେ ସେହି ୨୦ଟି ଅନାଥ ବାଳକ ସହିତ ଅନାଥାଶ୍ରମ, ସେହି ୧୦ ଜଣ ୨୦ ଜଣ କାର୍ଯ୍ୟକାରୀ—ସେତିକି ଯଥେଷ୍ଟ, ସେମାନେ ବଜ୍ରବୀଜ । ସେଥିରୁ ସମୟରେ ଲକ୍ଷ ଲକ୍ଷ ଲୋକଙ୍କର ଉପକାର ହେବ; ବର୍ତ୍ତମାନ ୨୧୦ଟା ସିଂହର ପ୍ରୟୋଜନ—ତା'ପରେ ଶତଶତ ଶୃଗାଳମାନେ ମଧ୍ୟ ଉତ୍ତମ କାର୍ଯ୍ୟ କରିପାରିବେ ।

ଅନାଥ ବାଳକା ହାତରେ ପଡ଼ିଲେ ସେମାନଙ୍କୁ ଆଗେ ନେବାକୁ ହେବ । ତାହା ନ ହେଲେ ଖ୍ରୀଷ୍ଟାନ୍‌ମାନେ ସେମାନଙ୍କୁ ନେଇଯିବେ । ବର୍ତ୍ତମାନ ବିଶେଷ ବନ୍ଦୋବସ୍ତ ନାହିଁ, ସେଥିରେ କଅଣ ଯାଏ ଆସେ ? ମାଆଙ୍କ ଇଚ୍ଛାରେ ସବୁ ବନ୍ଦୋବସ୍ତ ହୋଇଯିବ । ଘୋଡ଼ା ହେଲେ ଚାବୁକ ଆପେ ଆସିବ । ବର୍ତ୍ତମାନ ପୁଅ ଝିଅଙ୍କୁ ଏକା ସାଙ୍ଗରେ ରଖ । ଗୋଟିଏ ଚାକରାଣୀ ରଖ—ଝିଅମାନଙ୍କୁ ଦେଖିବ, ଅଲଗା ପାଖରେ ନେଇ ଶୋଇବ; ତା' ପରେ ଆପେ ବନ୍ଦୋବସ୍ତ ହୋଇଯିବ । ଯାହା ପାଇବ ଟାଣିନେବ, ବର୍ତ୍ତମାନ ବାଛବିଚାର କର ନାହିଁ—ପରେ ଆପଣା ଛାଏଁ ସିଧା ହୋଇଯିବ । ସବୁ କାର୍ଯ୍ୟରେ ପ୍ରଥମେ ଅନେକ ବାଧା— ପରେ ରାସ୍ତା ସଳଖ ହୋଇଯାଏ ।

ତୁମର ସାହେବଙ୍କୁ ମୋର ବହୁ ଧନ୍ୟବାଦ ଦେବ । ନିର୍ଭୟରେ କାର୍ଯ୍ୟ କରିଯାଅ—ବାହ୍ ବାହାଦୁର !! ସାବାସ୍, ସାବାସ୍, ସାବାସ୍ ! ! !

ଭାଗଲପୁରରେ ଯେଉଁ କେନ୍ଦ୍ର ସ୍ଥାପନର କଥା ଲେଖିଛ, ତାହା ବେଶ୍—ସ୍କୁଲର ପିଲାଙ୍କୁ ଚେତାଇବା ଇତ୍ୟାଦି । କିନ୍ତୁ ଆମର mission (କାର୍ଯ୍ୟ) ହେଉଛି ଅନାଥ, ଦରିଦ୍ର, ମୂର୍ଖ, ଚଷାମୂଲିଆଙ୍କ ପାଇଁ; ଆଗେ ସେମାନଙ୍କ ପାଇଁ କରି ଯଦି ସମୟ ବଳେ ତା' ହେଲେ ଭଦ୍ର ଲୋକଙ୍କ ପାଇଁ । ସେହି ଚଷାମୂଲିଆମାନେ ସ୍ନେହପ୍ରୀତି ଦେଖି ତରଳିବେ; ପରେ ସେହିମାନେ ହିଁ ପଇସାଏ ଦୁଇ ପଇସା ସଂଗ୍ରହ କରି ନିଜ ଗ୍ରାମରେ ମିଶନ୍ start (ପ୍ରତିଷ୍ଠା) କରିବେ ଏବଂ କ୍ରମେ ସେହିମାନଙ୍କ ମଧ୍ୟରୁ ଶିକ୍ଷକ ବାହାରିବେ ।

କେତେଗୁଡ଼ିଏ ଚାଷୀ ପୁଅଝିଅଙ୍କୁ ଟିକିଏ ଲେଖାପଢ଼ା ଶିଖାଅ ଓ ଅନେକଗୁଡ଼ିଏ ଭାବ ମୁଣ୍ଡରେ ପ୍ରବେଶ କରାଇଦିଅ—ତା'ପରେ ଗ୍ରାମର ଚାଷୀମାନେ ଚାନ୍ଦା କରି ସେମାନଙ୍କ ଭିତରୁ ଜଣ ଜଣଙ୍କୁ ନିଜ ନିଜ ଗ୍ରାମରେ ରଖିବେ । 'ଉଦ୍ଧରେଦାତ୍ମନାତ୍ମାନ' (ନିଜେ ହିଁ ନିଜକୁ ଉଦ୍ଧାର କରିବ)—ସବୁ ବିଷୟରେ ଏହା ହିଁ ସତ୍ୟ । We help them to

help themselves (ସେମାନେ ଯେପରି ନିଜେ ନିଜର କାର୍ଯ୍ୟ କରିପାରନ୍ତି, ସେଥିପାଇଁ ଆମେ ସେମାନଙ୍କୁ ସାହାଯ୍ୟ କରୁଛୁ) । ଏହି ଯେ ଚଷାମାନେ ତାଲ୍ ଦେଉଛନ୍ତି—ଏଇ ଟିକକ ହେଉଛି ଅସଲ କାର୍ଯ୍ୟ । ସେମାନେ ଯେତେବେଳେ ବୁଝିପାରିବେ ନିଜର ଅବସ୍ଥା, ଉପକାର ଏବଂ ଉନ୍ନତିର ଆବଶ୍ୟକତା, ସେତିକିବେଳେ ତୁମର କାର୍ଯ୍ୟ ଠିକ୍ ହେଉଛି ବୋଲି ଜାଣିବ । ତା' ଛଡ଼ା ପଇସାବାଲାମାନେ ଦୟା କରି ଗରିବର କିଛି ଉପକାର କରିବେ—ତାହା ଚିରନ୍ତନ ହୁଏ ନାହିଁ ଏବଂ ତା'ର ପରିଣାମ ମଧ୍ୟ ଉଭୟ ପକ୍ଷ ପାଇଁ ଅପକାରକ । ଚଷାଭୂଷା ମୃତପ୍ରାୟ; ଏଥିଲାଗି ପଇସାବାଲାମାନେ ସାହାଯ୍ୟ କରି ସେମାନଙ୍କୁ ଚେତାଇ ଦିଅନ୍ତୁ—ଏତିକି ମାତ୍ର ! ତା'ପରେ ଚଷାମାନେ ଆପଣାର କଲ୍ୟାଣ ଅପେ ବୁଝନ୍ତୁ, ଦେଖନ୍ତୁ ଓ କରନ୍ତୁ । ତେବେ ଯେପରି ଧନୀ-ଦରିଦ୍ରର ବିବାଦ ସୃଷ୍ଟି କରି ନ ବସ । ଧନୀମାନଙ୍କୁ ଆଦୌ ଗାଳି-ଗୁଲଜ ଦେବ ନାହିଁ । ସ୍ୱକାର୍ଯ୍ୟମୁଦ୍ଧରେତ୍ ପ୍ରାଜ୍ଞଃ (ପ୍ରାଜ୍ଞ ବ୍ୟକ୍ତି ନିଜର କାର୍ଯ୍ୟ ଉଦ୍ଧାର କରିବେ) । ତା' ଛଡ଼ା ସେମାନେ ତ ମହାମୂର୍ଖ—ଅଜ୍ଞ, ସେମାନେ କଅଣ କରିବେ ?

ଜୟ ଗୁରୁ, ଜୟ ଜଗଦମ୍ବେ, ଭୟ କାହିଁକି ? କ୍ଷେତ୍ରକର୍ମବିଧାନ ଆପଣା ଛୁଏଁ ଆସିବ ! ଫଳାଫଳକୁ ଖାତିର ନାହିଁ, ତୁମେମାନେ ଯଦି ଟିକିଏ ମାତ୍ର କାର୍ଯ୍ୟ କର, ତା' ହେଲେ ହିଁ ମୁଁ ସୁଖୀ । ବାକ୍ୟ-ଯାତନା, ଶାସ୍ତ୍ର-ଫାସ୍ତ୍ର, ମତାମତ ମୋର ଏ ବୁଢ଼ା ବୟସରେ ବିଷବତ୍ ହୋଇଯାଉଛି—ଯେ କାର୍ଯ୍ୟ କରିବ, ସେ ହିଁ ମୋର ମଥାର ମଣି—ଇତି ନିଶ୍ଚିତମ୍ । ମିଛ ବକାବକ, ପାଟିତୁଣ୍ଡରେ ସମୟ ଯାଉଛି—ଆୟୁ କ୍ଷୟ ହେଉଛି—ଲୋକହିତ ପାଦେ ମାତ୍ର ଆଗଉ ନାହିଁ । ମାଭୈଃ, ସାବାସ୍ ବାହାଦୁର୍—ଗୁରୁଦେବ ତୁମର ହୃଦୟରେ ବସନ୍ତୁ—ଜଗଦମ୍ବା ହାତରେ ବସନ୍ତୁ । ଇତି ବିବେକାନନ୍ଦ

୪୮୦ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

୧୨୩୧ ପାଇନ୍ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍କୋ, ୨ ମାର୍ଚ୍ଚ ୧୯୦୦

ପ୍ରିୟ ମେରି,

ଚିକାଗୋକୁ ଯିବା ପାଇଁ ନିମନ୍ତ୍ରଣ ଜଣାଇ ତୁମେ ମୋ ପାଖକୁ ଚିଠି ଲେଖିଛ, ତାହା ତୁମର ଏକାନ୍ତ ସହୃଦୟତା । ଏହି ମୁହୂର୍ତ୍ତରେ ଯଦି ମୁଁ ସେଠାକୁ ଚାଲିଯାଇ ପାରନ୍ତି ! କିନ୍ତୁ ମୁଁ ବର୍ତ୍ତମାନ ଟଙ୍କା ଯୋଗାଡ଼ କରିବାରେ ବ୍ୟସ୍ତ, ତେବେ ବେଶୀ କିଛି କରିପାରୁ ନାହିଁ । ହଁ, ଯେକୌଣସି ଉପାୟରେ ହେଉ, ଦେଶକୁ ଯିବାର ଖରଚଟା ଉଠିବାଭଳି ଟଙ୍କା ମୋତେ ଯୋଗାଡ଼ କରିବାକୁ ହେବ । ଏଠାରେ ଗୋଟିଏ ନୂତନ କ୍ଷେତ୍ର ପାଇଛି—ଶତ ଶତ ଉତ୍ସୁକ ଶ୍ରୋତା ଆସୁଛନ୍ତି, ମୋର ବହି ପଢ଼ି ଏମାନେ ଆଗରୁ ପ୍ରସ୍ତୁତ ଓ ଉଦ୍‌ଗ୍ରୀବ ଥିଲେ ।

ଅବଶ୍ୟ ଟଙ୍କା ଯୋଗାଡ଼ କରିବା ବିଷୟଟି ଯେପରି ମନ୍ଥର, ସେହିପରି ବିରକ୍ତିକର । କେତେଶହ ଯୋଗାଡ଼ କରିପାରିଲେ ମୁଁ ଖୁବ୍ ଖୁସି ହେବି । ଏ ମଧ୍ୟରେ ନିଶ୍ଚୟ ମୋର ଆଗ ଚିଠିଖଣ୍ଡିକ ପାଇସାରିଛ । ମାସେ କି ଦେଢ଼ମାସ ମଧ୍ୟରେ ପୂର୍ବାଞ୍ଚଳକୁ ଯିବି ବୋଲି ଆଶା କରୁଛି ।

ତୁମେ ସବୁ କିପରି ଅଛ ? ମାଆଙ୍କୁ ମୋର ଆନ୍ତରିକ ପ୍ରୀତି ଜଣାଇବ । ତାଙ୍କ

ପର ମନୋବଳ ଯଦି ମୋର ଆଆନ୍ତା ! ଖାଣ୍ଟି ଖ୍ରିଷ୍ଟିଅନ୍ ସେ । ମୋର ସ୍ୱାସ୍ଥ୍ୟର ଅନେକ ଉନ୍ନତି ହୋଇଛି, କିନ୍ତୁ ପୂର୍ବର ବଳ ବର୍ତ୍ତମାନ ସୁଦ୍ଧା ଫେରି ପାଇ ନାହିଁ । କିନ୍ତୁ ଏତିକି ଟିକିଏ ଶକ୍ତି ପାଇଁ ଅନେକ ପରିଶ୍ରମ କରିବାକୁ ହେବ । ଅନ୍ତତଃ କେତେଟା ଦିନ ପାଇଁ ଯଦି ବିଶ୍ରାମ ଓ ଶାନ୍ତି ପାଆନ୍ତି ! ଚିକାଗୋରେ ଭଗିନୀମାନଙ୍କ ନିକଟରେ ତାହା ନିଶ୍ଚୟ ପାଇବି । ତେବେ ମା ସବୁ ଜାଣନ୍ତି, ମୋର ସେହି ପୁରୁଣା କଥା—ସେ ହିଁ ଭଲ ଜାଣନ୍ତି । ଗତ ଦୁଇବର୍ଷ ବିଶେଷ ଖରାପରେ କଟିଛି । ମନଦୁଃଖରେ ରହିଛି । ବର୍ତ୍ତମାନ କିଛି ମାତ୍ରାରେ ଆବରଣ ଘୁଞ୍ଚିଯାଇଛି, ବର୍ତ୍ତମାନ ମୁଁ ସୁଦିନର—ଆହୁରି ଭଲ ଅବସ୍ଥାର ଆଶାରେ ଅଛି । ତୁମେ ଓ ଅନ୍ୟ ଭଗିନୀଗଣ ଏବଂ ମା—ସମସ୍ତଙ୍କପ୍ରତି ସର୍ବବିଧ ଆଶୀର୍ବାଦ । ମେରି, ମୋର ଘାତପ୍ରତିଘାତମୟ ବେସୁରା ଜୀବନରେ ତୁମେ ସର୍ବଦା ମଧୁରତମ ସ୍ୱର ପରି ବାଜିଛ । ତୁମର ବିଶେଷ ସୁକୃତି—ତୁମେ ଅନୁକୂଳ ପରିବେଶ ମଧ୍ୟରେ ଜୀବନ ଆରମ୍ଭ କରିପାରିଛ । ଆଉ ମୁଁ ମୁହୂର୍ତ୍ତିକ ପାଇଁ ମଧ ଶାନ୍ତିମୟ ଜୀବନ ପାଇ ନାହିଁ । ସବୁ ସମୟରେ ମନ ମଧ୍ୟରେ ଦୁର୍ବହ ଜ୍ୱର । ପ୍ରଭୁ ତୁମକୁ ଆଶୀର୍ବାଦ କରନ୍ତୁ ।

ସତତ ତୁମର ସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

୪୮୧ଇଂ ୧୫୦୨ ଜୋନ୍ସ୍ ଷ୍ଟ୍ରୀଟ, ସାନ୍ ଫ୍ରାନ୍‌ସିସ୍କୋ, ୪ ମାର୍ଚ୍ଚ ୧୯୦୦

ପ୍ରିୟ ଧୀରାମାତା,

ମାସେ ହେବ ଆପଣଙ୍କ ନିକଟରୁ କୌଣସି ଖବର ପାଇ ନାହିଁ । ମୁଁ ସାନ୍ ଫ୍ରାନ୍‌ସିସ୍‌କୋରେ ଅଛି । ମୋର ଲେଖା ଭିତର ଦେଇ ଲୋକଙ୍କ ମନ ଆଗରୁ ତିଆରି ହୋଇଥିଲା; ଏବେ ସେମାନେ ଦଳଦଳ ହୋଇ ଆସୁଛନ୍ତି; କିନ୍ତୁ ଟଙ୍କା ଖସାଇବାର କଥା ଯେତେବେଳେ ଉଠିବ, ସେତେବେଳେ ଏହି ଉତ୍ସାହ କେତେ ପରିମାଣରେ ରହିବ, ତାହା ହିଁ ଦ୍ରଷ୍ଟବ୍ୟ !

ରେଭରେଣ୍ଡ ବେଞ୍ଜାମିନ୍ ଫେ ମିଲ୍‌ସ୍ ମୋତେ ଓକ୍‌ଲାଣ୍ଡକୁ ଆହ୍ୱାନ କରିଥିଲେ ଏବଂ ମୋର ବକ୍ତବ୍ୟ ପ୍ରଚାର ପାଇଁ ଗୋଟାଏ ବୃହତ୍ ଶ୍ରୋତୃ-ମଣ୍ଡଳୀର ଆୟୋଜନ କରିଥିଲେ । ସେ ସସ୍ତ୍ରୀକ ମୋର ଗ୍ରନ୍ଥାଦି ପାଠ କରିଥାଆନ୍ତି ଏବଂ ବରାବର ମୋର ଖବରାଖବର ରଖିଆସୁଛନ୍ତି ।

ମିସ୍ ଆର୍ଟରଙ୍କ ଦେଇଥିବା ପରିଚୟପତ୍ରଖଣ୍ଡିକ ମୁଁ ମିସେସ୍ ହାର୍ଷ୍ଟଙ୍କୁ ପଠାଇଥିଲି । ସେ ତାଙ୍କର ଏକ ସଙ୍ଗୀତ-ଆସରକୁ ମୋତେ ଆଗାମୀ ରବିବାରଦିନ ନିମନ୍ତ୍ରଣ କରିଛନ୍ତି ।···

ମୋର ସ୍ୱାସ୍ଥ୍ୟ ପ୍ରାୟ ଏକ ପ୍ରକାର ଅଛି—ମୁଁ ତ କୌଣସି ପରିବର୍ତ୍ତନ ବିଶେଷ ଦେଖୁ ନାହିଁ । ସମ୍ଭବତଃ ସ୍ୱାସ୍ଥ୍ୟର ଉନ୍ନତି ହେଉଛି—ଯଦିଓ ଖୁବ୍ ଅଜ୍ଞାତସାରରେ । ମୁଁ ୩୦୦୦ ଶ୍ରୋତାଙ୍କୁ ଶୁଣାଇବା ଭଳି ଉଚ୍ଚ ସ୍ୱରରେ ବକ୍ତୃତା ଦେଇପାରେ; ଓକ୍‌ଲାଣ୍ଡରେ ମୋତେ ଦୁଇଥର ତାହା ହିଁ କରିବାକୁ ହୋଇଥିଲା । ପୁଣି ଦୁଇ ଘଣ୍ଟା ବକ୍ତୃତା ପରେ ବି ମୋର ସୁନିଦ୍ରା ହୁଏ ।

ଖବର ପାଇଲି, ନିବେଦିତା ଆପଣଙ୍କ ସଙ୍ଗରେ ଅଛି । ଆପଣ ଫରାସୀ ଦେଶକୁ

ଯାଉଛନ୍ତି କେବେ ? ମୁଁ ଅପ୍ରେଲରେ ଏ ଜାଗା ଛାଡ଼ି ପୂର୍ବାଞ୍ଚଳକୁ ଯାଉଛି । ସମ୍ଭବ ହେଲେ ମେ ମାସରେ ଇଂଲଣ୍ଡକୁ ଯିବାର ବିଶେଷ ଇଚ୍ଛା ଅଛି । ଆଉ ଥରେ ଇଂଲଣ୍ଡରେ ଚେଷ୍ଟା ନ କରି ଦେଶକୁ ଫେରିବା କୌଣସି ପ୍ରକାରେ ଚଳିବ ନାହିଁ ।

ବ୍ରହ୍ମାନନ୍ଦ ଓ ସାରଦାନନ୍ଦ ପାଖରୁ ସୁନ୍ଦର ଖଣ୍ଡିଏ ଚିଠି ଆସିଛି । ସେମାନେ ସମସ୍ତେ ଭଲ ଅଛନ୍ତି । ସେମାନେ ମିଉନିସିପାଲିଟିଙ୍କୁ ବୁଝାଇବାର ଚେଷ୍ଟା କରୁଛନ୍ତି । ଏଥିରେ ମୁଁ ଖୁବ୍ ଖୁସି ଅଛି । ଏ ମାଷ୍ଟାର ସଂସାରରେ ହିଂସା କରିବା ଠିକ୍ ନୁହେଁ; କିନ୍ତୁ 'ନ କାମୁଡ଼ିଲେ ସୁଦ୍ଧା ଫଁ କରିବାରେ ଦୋଷ ନାହିଁ ।' ଏହା ହିଁ ଯଥେଷ୍ଟ ।

ସବୁ ଠିକ୍ ହୋଇଆସିବ ନିଶ୍ଚୟ—ଆଉ ଯଦିବା ନ ହୁଏ, ତାହା ମଧ୍ୟ ଭଲ । ମିସେସ୍ ସ୍ଟର୍ଜିଙ୍କ ପାଖରୁ ମଧ୍ୟ ସୁନ୍ଦର ଖଣ୍ଡିଏ ପତ୍ର ପାଇଛି । ସେମାନେ ପାହାଡ଼ରେ ବେଶ୍ ଅଛନ୍ତି । ମିସେସ୍ '—' କେମିତି ଅଛନ୍ତି ?··· ତୁରୀୟାନନ୍ଦ କିପରି ଅଛି ?

ମୋର ଅସୀମ ପ୍ରୀତି ଓ କୃତଜ୍ଞତା ଜାଣିବେ । ଇତି

ସତତ ଆପଣଙ୍କର, ବିବେକାନନ୍ଦ

୪୮୨ଇଂ

ସାନ୍ ଫ୍ରାନ୍‌ସିସ୍‌କୋ, ୪ ମାର୍ଚ୍ଚ ୧୯୦୦

ପ୍ରିୟ ନିବେଦିତା,

ମୁଁ ଆଉ କାର୍ଯ୍ୟ କରିବାକୁ ଚାହୁଁ ନାହିଁ—ବର୍ତ୍ତମାନ ବିଶ୍ରାମ ଓ ଶାନ୍ତି ପାଇଁ ମୁଁ ଲାଳାୟିତ । ସ୍ଥାନ ଓ କାଳର ତତ୍ତ୍ୱ ମୋତେ ଜଣାଅଛି ସତ୍ୟ; କିନ୍ତୁ ମୋର ବିଧିଲିପି ବା କର୍ମଫଳ ମୋତେ ନେଇ ଚାଲିଛି—କେବଳ କାର୍ଯ୍ୟ, କାର୍ଯ୍ୟ । ଆମେ ଯେପରି ଗୋରୁଗୋଠ ଭଳି କଂସେଇଖାନା ଆଡ଼କୁ ଚାଳିତ ହେଉଛୁ, ଏବଂ କଂସେଇଖାନା ଆଡ଼କୁ ଚାଳିତ ଗୋରୁ ଯେପରି ବାଟକଡ଼ରୁ ଘାସ ମେଞ୍ଚାଏ ମେଞ୍ଚାଏ ଖାଇନିଏ, ଆମର ଅବସ୍ଥା ମଧ୍ୟ ଠିକ୍ ତଦ୍ରୂପ । ଏହା ହିଁ ଆମର କର୍ମ ବା ଆମର ଭୟ—ଭୟ ହିଁ ଦୁଃଖ ବ୍ୟାଧି ପ୍ରଭୃତିର ଆକର । ବିଭ୍ରାନ୍ତ ଓ ଭୟଚକିତ ହୋଇ ଆମେ ଅପରର କ୍ଷତି କରୁ । ଆଘାତ କରିବାକୁ ଡରି ଆମେ ଅଧିକ ବେଶୀ ଆଘାତ କରୁ । ପାପକୁ ଏଡ଼ାଇ ଚଳିବାକୁ ଏକାନ୍ତ ଆଗ୍ରହାନ୍ୱିତ ହୋଇ ଆମେ ପାପ-ମୁଖରେ ହିଁ ପଡ଼ୁ ।

ଆମର ଚାରିପାଖରେ କେତେ ଅକାମି ଆବର୍ଜନା-ସ୍ତୂପ ଆମେ ସୃଷ୍ଟି ନ କରୁ ! ଏଥିରେ ଆମମାନଙ୍କର କୌଣସି ଉପକାର ହୁଏ ନାହିଁ; ବରଂ ଯାହାକୁ ଆମେ ପରିହାର କରିବାକୁ ଚାହୁଁ, ତାହାରି ଆଡ଼କୁ—ସେହି ଦୁଃଖ ଆଡ଼କୁ ହିଁ ଆମେ ପରିଚାଳିତ ହେଉ ।···

ଆହା ! ଯଦି ସମ୍ପୂର୍ଣ୍ଣ ନିର୍ଭୀକ, ସାହସୀ ଓ ବେପରୁଆ ହୋଇପାରନ୍ତି ।···

ତୁମମାନଙ୍କର, ବିବେକାନନ୍ଦ

୪୮୩ଇଂ

୧୬୦୨ ଜୋନସ୍ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍‌କୋ
୭ ମାର୍ଚ୍ଚ ୧୯୦୦

ପ୍ରିୟ ଜୋ,

ମିସେସ୍ ବୁଲଙ୍କ ପତ୍ରରୁ ଜାଣିଲି ଯେ, ତୁମେ କେମ୍ବ୍ରିଜରେ ଅଛ । ହେଲେନ୍‌ର

ପତ୍ରରୁ ଆହୁରି ଖବର ପାଇଲି ଯେ, ତୁମକୁ ଯେଉଁ ଗଳ୍ପଗୁଡ଼ିକ ପଠାଯାଇଥିଲା, ତାହା ତୁମେ ଯାଇ ନାହିଁ । ଖୁବ୍ ଅଫ୍‌ଶୋଷର କଥା । ମାର୍ଗୋ ପାଖରେ ଏହାର ନକଲ ଅଛି, ସେ ତୁମକୁ ଦେଇପାରେ । ମୋର ସ୍ୱାସ୍ଥ୍ୟ ଏକ ପ୍ରକାର ଭଲ ଅଛି । ଟଙ୍କା ନାହିଁ, ହାଡ଼ଭଙ୍ଗା ପରିଶ୍ରମ, ଅଥଚ ଫଳ ଶୂନ୍ୟ । ଲସ୍ ଆଞ୍ଜେଲସ୍ ଅପେକ୍ଷା ବି ଖରାପ ! କିଛି ଦେବାକୁ ନ ପଡ଼ିଲେ ସେମାନେ ଦଳ ବାନ୍ଧି ବକ୍ତୃତା ଶୁଣିବାକୁ ଆସନ୍ତି—ଆଉ କିଛି ଖସାଇବାକୁ ପଡ଼ିଲେ ଆସନ୍ତି ନାହିଁ; ଏଇ ତ ଅବସ୍ଥା !

କେତେଦିନ ହେଲା ମୋର ଦେହ ଖରାପ ଯାଉଛି ଏବଂ ବିରକ୍ତିକର ବୋଧ ହେଉଛି । ମୋର ମନେହୁଏ, ପ୍ରତିଦିନ ରାତିରେ ବକ୍ତୃତା ଦେବା ଫଳରେ ଏପରି ହୋଇଛି । ମୋର ଆଶା ଅଛି ଯେ, ଓକ୍‌ଲାଣ୍ଡର କାର୍ଯ୍ୟ ଫଳରେ ଅନ୍ତତଃ ନ୍ୟୁୟର୍କ ପର୍ଯ୍ୟନ୍ତ ଫେରିଯିବାର ଟଙ୍କା ସଂଗ୍ରହ କରିପାରିବି, ଏବଂ ନ୍ୟୁୟର୍କ ଯାଇ ଭାରତକୁ ଫେରିବାର ଟଙ୍କାର ଯୋଗାଡ଼ ଦେଖିବି । ଲଣ୍ଡନରେ ମାସ କେଉଁଟା ରହିବା ଭଲ ଟଙ୍କା ଏଠାରେ ସଂଗ୍ରହ କରିପାରିଲେ ଲଣ୍ଡନକୁ ମଧ୍ୟ ଯାଇପାରେ । ତୁମେ ମୋତେ ଆମମାନଙ୍କ ଜେନେରାଲ୍‌ଙ୍କ ଠିକଣାଟା ପଠାଇଦେବ ତ । ଦେଖୁଛି, ଆଜିକାଲି ନାଆଁ ବି ମନେରହୁ ନାହିଁ ।

ତେବେ ଯାଉଛି । ପ୍ୟାରିସ୍‌ରେ ତୁମ ସଙ୍ଗରେ ଦେଖା ହୋଇପାରେ, ନ ହୋଇ ବି ପାରେ । ଠାକୁର ତୁମକୁ ଆଶୀର୍ବାଦ କରନ୍ତୁ । ମୁଁ ଯେତେଟା ସାହାଯ୍ୟର ଯୋଗ୍ୟ, ତୁମେ ତାହା ଅପେକ୍ଷା ବେଶୀ ସାହାଯ୍ୟ ମୋତେ କରିଛ । ମୋର ଅସୀମ ପ୍ରୀତି ଓ କୃତଜ୍ଞତା ଜାଣିବ । ଇତି

ବିବେକାନନ୍ଦ

୪୮୪ଇଂ

୧୫୦୨ ଜୋନ୍‌ସ୍ ଷ୍ଟ୍ରୀଟ୍, ସାନ୍ ଫ୍ରାନସିସ୍‌କୋ
୭ ମାର୍ଚ୍ଚ ୧୯୦୦

ପ୍ରିୟ ଧୀରାମାତା,

…ମୁଁ ଆପଣଙ୍କୁ ମୋ ପାଇଁ ଆଉ କିଛି କରିବାକୁ କହୁ ନାହିଁ—ମୋର କୌଣସି ପ୍ରୟୋଜନ ନାହିଁ । ଆପଣ ଯାହା କରିଛନ୍ତି ସେତିକ ଯଥେଷ୍ଟ—ମୁଁ ଯେତିକର ଉପଯୁକ୍ତ ତାହା ଅପେକ୍ଷା ଆପଣ ଢେର୍ ବେଶୀ କରିଛନ୍ତି ।… ଆପଣ ହିଁ ମୋର ଏକମାତ୍ର ବନ୍ଧୁ, ଯେ ଶ୍ରୀରାମକୃଷ୍ଣଙ୍କ ଜୀବନର ଧ୍ରୁବତାରା ରୂପେ ଗ୍ରହଣ କରିଛନ୍ତି; ଆପଣଙ୍କୁ ମୁଁ ଯେ ଏତେ ବିଶ୍ୱାସ କରେ, ତାର ରହସ୍ୟ ସେଇଠି । ଅନ୍ୟମାନେ ମୋତେ ବ୍ୟକ୍ତିଗତ ଭାବରେ ଭଲପାଆନ୍ତି । କିନ୍ତୁ ସେମାନଙ୍କର ଧାରଣା ବି ନାହିଁ ଯେ, ସେମାନେ ମୋତେ ଶ୍ରୀରାମକୃଷ୍ଣଙ୍କ ପାଇଁ ଭଲପାଆନ୍ତି । ତାଙ୍କୁ ବାଦ୍ ଦେଲେ ମୁଁ କେବଳ କେତେଗୁଡ଼ିଏ ଅର୍ଥହୀନ ଓ ସ୍ୱାର୍ଥମୟ ଭାବୁକତାର ବୋଝ ମାତ୍ର । ଯାହା ହେଉ, ଭବିଷ୍ୟତରେ କଅଣ ହେବ ଏହି ଦୁଶ୍ଚିନ୍ତା ଏବଂ ଭବିଷ୍ୟତରେ କଅଣ ହେବା ଉଚିତ ଏହି ଆକାଙ୍କ୍ଷାର ପୀଡ଼ା ଅତ୍ୟନ୍ତ ଭୟଙ୍କର । ମୁଁ ସେହି ଦାୟିତ୍ୱ ପାଇଁ ଅନୁପଯୁକ୍ତ—ମୋର ଅଯୋଗ୍ୟତା ଆଜି ଧରାପଡ଼ିଯାଇଛି । ମୋତେ ଏ କାର୍ଯ୍ୟ

ଛାଡ଼ଦେବାକୁ ହେବ । ଏ କାର୍ଯ୍ୟର ଯଦି କୌଣସି ନିଜସ୍ୱ ଜୀବନୀ-ଶକ୍ତି ନ ଥାଏ ତ ସେ ମରିଯାଉ, ଆଉ ଯଦି ଥାଏ ତେବେ ମୋ ଭଳି ଅଯୋଗ୍ୟ କର୍ମୀ ପାଇଁ ତାକୁ ଅପେକ୍ଷା କରିବାକୁ ହେବ ନାହିଁ ।··· ମୁଁ ସାରା ଜୀବନ ମାଆଙ୍କର କାର୍ଯ୍ୟ କରିଛି । ବର୍ତ୍ତମାନ ତାହା ହୋଇଯାଇଛି—ମୁଁ ବର୍ତ୍ତମାନ ତାଙ୍କ ଚରଣରେ ତେଲ ଦେବାକୁ ନାରାଜ । ସେ ଅପର କର୍ମୀ ବାଛି ନିଅନ୍ତୁ—ମୁଁ ଇସ୍ତଫା ଦେଲି ।···

ଆପଣଙ୍କର ଚରଦାସ, ବିବେକାନନ୍ଦ

୪୮୫ (ସ୍ୱାମୀ ତୁରୀୟାନନ୍ଦଙ୍କୁ ଲିଖିତ)

ସାନ୍ ଫ୍ରାନ୍‌ସିସ୍କୋ, ମାର୍ଚ୍ଚ ୧୯୦୦

ହରିଭାଇ,

ଏହି ମାତ୍ର ମିଃ ବାନାର୍ଜୀଙ୍କ ପାଖରୁ ଗୋଟିଏ bill of lading (ମାଲ ଚାଲାଣର ବିଲ୍) ଆସିଛି । ସେ ମହିଳା ଜଣକ କଅଣ ଡାଲ-ଚାଉଳ ପଠାଇଛନ୍ତି—ଏଇଟା ତୁମକୁ ପଠାଉଛି । ମିଃ ଓ୍ୱାଲ୍‌ଡୋଙ୍କୁ ଦେବ; ସେ ସବୁ ଆଣାଇ ରଖିବେ—ଯେତେବେଳେ ଆସିବ ।

ମୁଁ ଆସନ୍ତା ସପ୍ତାହରେ ଏ ସ୍ଥାନ ଛାଡ଼ି ଚିକାଗୋ ଯିବି, ତା'ପରେ ନ୍ୟୁୟର୍କକୁ ଯାଉଛି ।

ଏକ ପ୍ରକାର ଅଛି ।··· ତୁମେ ବର୍ତ୍ତମାନ କେଉଁଠି ରହୁଛ ? କଅଣ କରୁଛ ? ଇତ୍ୟାଦି । ଇତି

—ବି.

୪୮୬ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ସାନ୍ ଫ୍ରାନ୍‌ସିସ୍କୋ, ୧୨ ମାର୍ଚ୍ଚ ୧୯୦୦

ଅଭିନ୍ନହୃଦୟେଷୁ,

ତୁମର ଖଣ୍ଡିଏ ପତ୍ର ପୂର୍ବରୁ ପାଇଛି । ଶରତ୍‌ର ଗୋଟିଏ ପତ୍ର କାଲି ପାଇଛି । ତାଙ୍କର* ଜନ୍ମୋତ୍ସବର ନିମନ୍ତ୍ରଣ ପତ୍ର ଦେଖିଲି । ଶରତ୍‌ର ବାତର କଥା ଶୁଣି ଭୟ ହୁଏ । ରାମ ରାମ ! ଖାଲି ରୋଗ ଶୋକ ଯନ୍ତ୍ରଣା ସଙ୍ଗରେ ରହିଛି ଦୁଇ ବର୍ଷ । ଶରତ୍‌କୁ କହିବ ଯେ, ମୁଁ ଆଉ ବେଶୀ ଖଟୁ ନାହିଁ । ତେବେ ପେଟକୁ ଖାଇଲା ଭଳି ନ ଖଟିଲେ ଶୁଖି ମରିବାକୁ ହେବ ଯେ !··· ଦୁର୍ଗାପ୍ରସନ୍ନ ପାଚେରୀର ଯାହା ହେବ ଅବଶ୍ୟ ଏତେ ଦିନ ମଧ୍ୟରେ କରିଦେଇଛ ।··· ପାଚେରୀ ଉଠାଇବା କିଛି ହେଙ୍ଗାମା ତ ନୁହେଁ ।··· ପାରେ ଯଦି, ସେଇ ଜାଗାଟାରେ ଗୋଟାଏ ଛୋଟ ଘର ତିଆରି କରି ନେଇ ବୁଢ଼ୀ ଆଈ ଓ ମା'ଙ୍କର କିଛି ଦିନ ସେବା କରିବ । ଦୁଷ୍କର୍ମ କାହାରି କୁ ଛାଡ଼େ ନାହିଁ, ମା କାହାରିକୁ ସଜା ଦେବାକୁ ଛାଡ଼ନ୍ତି ନାହିଁ । ମୋର କର୍ମ ଭୋଗ କରିନେଲି । ବର୍ତ୍ତମାନ ତୁମେମାନେ ସାଧୁ ମହାପୁରୁଷ ଲୋକ—ମାଆଙ୍କ ପାଖରେ ଟିକିଏ କହିବ, ଭାଇ, ଯେମିତି ଆଉ ଏ ହେଙ୍ଗାମା ମୋ କାନ୍ଧରେ ନ

* ଶ୍ରୀରାମକୃଷ୍ଣଦେବଙ୍କର

ରହେ । ମୁଁ ବର୍ତ୍ତମାନ ଗ୍ରହୁଁଛୁ ଟିକିଏ ଶାନ୍ତି ଆଉ କାର୍ଯ୍ୟ-କର୍ମର ବୋଝ ବୋହିବାର ଶକ୍ତି ଯେପରି ନାହିଁ । ବିଶ୍ରାମ ଏବଂ ଶାନ୍ତି- -ଯେଉଁ କେତୋଟା ଦିନ ବଞ୍ଚିବ, ସେହି କେତୋଟା ଦିନ । ଜୟ ଗୁରୁ, ଶ୍ରୀଗୁରୁ ! ···

ଲେକ୍‌ଚର୍-ଫେକ୍‌ଚର୍ କିଛି ନୁହେଁ । ଶାନ୍ତିଃ ! ମଠର ଟ୍ରଷ୍ଟ ଡିଡ୍ ଶରତ୍ ପଠାଇ-ଦେଲେ ହିଁ ଦସ୍ତଖତ କରିଦେବି । ତୁମେମାନେ ସବୁ ଦେଖ । ମୁଁ ସତକୁସତ ବିଶ୍ରାମ ଗ୍ରହେଁ । ଏ ରୋଗର ନାମ Neurosthenia—ଏହା ସ୍ନାୟୁରୋଗ । ଏହା ଥରେ ହେଲେ କେତେ ବର୍ଷ ରହେ । ତେବେ ଦୁଇ ତିନି ବର୍ଷ ସମ୍ପୂର୍ଣ୍ଣ rest (ବିଶ୍ରାମ) ନେଲେ ଭଲ ହୋଇଯାଏ ।··· ଏହି ଦେଶ ଏ ରୋଗର ଘର । ଏହିଠାରୁ ହିଁ ସେ କାନ୍ଧରେ ଚଢ଼ିଛନ୍ତି । ତେବେ ସେ ମାରାତ୍ମକ ହେବା ଦୂରେ ଥାଉ, ଦୀର୍ଘ ଜୀବନ ଦିଅନ୍ତି । ମୋ ପାଇଁ ଭାବିବ ନାହିଁ । ମୁଁ ଗଡ଼ଗଡ଼ ଯିବ, ଗୁରୁଦେବଙ୍କ କାମ ଆଗଉ ନାହିଁ—ଏହା ହିଁ ଦୁଃଖ । ତାଙ୍କର କାମ କିଛି ହେଲେ ମୋ ଦ୍ୱାରା ହେଲା ନାହିଁ—ଏତିକି ଅବଶୋଷ । ତୁମମାନଙ୍କୁ କେତେ ଗାଳି ଦିଏ, କଟୁ କଥା କହେ—ମୁଁ ମହା ନରାଧମ । ଆଜି ତାଙ୍କର ଜନ୍ମଦିନରେ ତୁମମାନଙ୍କ ପାଦଧୂଳି ମୋ ମଥାରେ ଦିଅ—ମୋର ମନ ସ୍ଥିର ହୋଇଯିବ । ଜୟ ଗୁରୁ, ଜୟ ଗୁରୁ, ଜୟ ଗୁରୁ, ଜୟ ଗୁରୁ ! ତ୍ୱମେବ ଶରଣଂ ମମ, ତ୍ୱମେବ ଶରଣଂ ମମ (ତୁମେ ହିଁ ମୋର ଶରଣ, ତୁମେ ହିଁ ମୋର ଶରଣ) । ବର୍ତ୍ତମାନ ମନ ସ୍ଥିର ଅଛି, କହି ରଖୁଛି । ଏହା ଚିରକାଳର ମନର ଭାବ । ଏହା ଛଡ଼ା ଯେଉଁଗୁଡ଼ିକ ଆସେ, ସେଗୁଡ଼ାକୁ ରୋଗ ବୋଲି ଜାଣିବ । ମୋତେ ଆଉ କାମ କରିବାକୁ ବିଲ୍‌କୁଲ୍ ଦିଅ ନାହିଁ । ମୁଁ ବର୍ତ୍ତମାନ ଚୁପ୍ କରି ଧ୍ୟାନ ଜପ କରିବ କିଛି କାଳ—ଏତିକି ମାତ୍ର । ତା'ପରେ ମା ଜାଣନ୍ତି । ଜୟ ଜଗଦମ୍ବେ !

ବିବେକାନନ୍ଦ

୪୮୭ଇଂ

୧୭୧୯ ଟାର୍କ ଷ୍ଟ୍ରୀଟ, ସାନ୍ ଫ୍ରାନ୍‌ସିସ୍‌କୋ
୧୨ ମାର୍ଚ୍ଚ ୧୯୦୦

ପ୍ରିୟ ଧୀରାମାତା,

କେମ୍ବ୍ରିଜ୍‌ରୁ ଲିଖିତ ଆପଣଙ୍କର ପତ୍ରଖଣ୍ଡିକ କାଲି ଆସିଥିଲା । ବର୍ତ୍ତମାନ ମୋର ଗୋଟିଏ ସ୍ଥାୟୀ ଠିକଣା ହୋଇଛି—୧୭୧୯ ଟାର୍କ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍‌କୋ । ଆଶାକରେ ଏହି ପତ୍ରର ଉତ୍ତରରେ ଦୁ' ଧାଡ଼ି ଲେଖିବାର ସମୟ ପାଇବେ ।

ଆପଣଙ୍କ ପ୍ରେରିତ ଗୋଟିଏ ପାଣ୍ଡୁଲିପି ମୁଁ ପାଇଛି । ଆପଣଙ୍କ ଅଭିପ୍ରାୟାନୁସାରେ ମୁଁ ତାହା ଫେରସ୍ତ ପଠାଇଛି । ଏହା ଛଡ଼ା ମୋ ପାଖରେ ଆଉ କୌଣସି ହିସାବ ନାହିଁ । ସବୁ ଠିକ୍ ଅଛି । ଲଣ୍ଡନରୁ ମିସ୍ ସୁଟର୍ ମୋତେ ଖଣ୍ଡିଏ ଚମତ୍କାର ଚିଠି ଲେଖିଛନ୍ତି । ସେ ଆଶା କରୁଛନ୍ତି ଯେ, ମିଃ ଟ୍ରାଇନ୍ ତାଙ୍କ ସଙ୍ଗରେ ନୈଶ ଆହାରରେ ଯୋଗ ଦେବେ ।

ନିବେଦିତାର ଅର୍ଥ-ସଂଗ୍ରହର ସାଫଲ୍ୟ ସମ୍ବାଦରେ ମୁଁ ଯତ୍‌ପରୋନାସ୍ତି ଖୁସୀ ହୋଇଛି । ମୁଁ ତାକୁ ଆପଣଙ୍କ ହାତରେ ସମର୍ପି ଦେଇଛି ଏବଂ ନିଶ୍ଚିନ୍ତ ଜାଣେ ଯେ, ଆପଣ

ତାହାର ଦେଖାଶୁଣା କରିବେ । ମୁଁ ଏଠାରେ ଆହୁରି କେତେ ସପ୍ତାହ ଅଛି, ତାହାପରେ ପୂର୍ବାଞ୍ଚଳକୁ ଯିବି । ମୁ କେବଳ ଗରମକାଳର ଅପେକ୍ଷାରେ ଅଛି ।

ଟଙ୍କାପଇସା ଦିଗରୁ ମୁଁ ଏଠାରେ ମୋଟେ ସଫଳ ହୋଇ ନାହିଁ, କିନ୍ତୁ ଅଭାବ ବି ନାହିଁ । ଯାହା ହେଉ, ସବୁଦିନ ଭଳି ମୋର ଦିନଗୁଡ଼ିକ ଏକପ୍ରକାର ଚାଲିଯିବ, ଆଉ ଯଦି ନ ଚଲେ, ସେଥିରେ ବା କଅଣ ଯାଏ ଆସେ ? ମୁଁ ସମ୍ପୂର୍ଣ୍ଣ ଦେହ ଭସାଇ ଦେଇଛି ।

ମଠରୁ ଖଣ୍ଡିଏ ପତ୍ର ପାଇଛି । କାଲି ସେମାନଙ୍କର ଉତ୍ସବ ହୋଇଗଲା । ମୁଁ ପ୍ରଶାନ୍ତ ମହାସାଗର ପଥରେ ଯିବାକୁ ଚାହେଁ ନାହିଁ । କେଉଁଠିକି ଯିବି ବା କେତେବେଳେ ଯିବି— ଏ ବିଷୟରେ ମୁଁ ମୋଟେ ଭାବେ ନାହିଁ । ମୁଁ ସମ୍ପୂର୍ଣ୍ଣ ଦେହ ଭସାଇ ଦେଇଛି— ମା ହିଁ ସବୁ ଜାଣନ୍ତି । ମୋ ଭିତରେ ଗୋଟିଏ ବଡ଼ ଧରଣର ପରିବର୍ତ୍ତନ ଆସୁଛି—ମୋର ମନ ଶାନ୍ତିରେ ଭରିଯାଉଛି । ମୁଁ ଜାଣେ, ମା ହିଁ ସବୁ ଭାର ନେବେ । ମୁଁ ସନ୍ନ୍ୟାସୀ ଭାବରେ ମୃତ୍ୟୁ ବରଣ କରିବି । ଆପଣ ମୋ ପାଇଁ ଓ ମୋର ସ୍ୱଜନମାନଙ୍କ ପାଇଁ ମାଆଙ୍କ ଅପେକ୍ଷା ବି ବେଶୀ କରିଛନ୍ତି । ଆପଣ ମୋର ଅସୀମ ପ୍ରୀତି ଜାଣିବେ; ଆଉ ଆପଣଙ୍କର ଚିରମଙ୍ଗଳ ହେଉ, ଏହା ହିଁ ବିବେକାନନ୍ଦର ସତତ ପ୍ରାର୍ଥନା ।

ଦୟା କରି ମିସେସ୍ ଲେଗେଟ୍‌ଙ୍କୁ କହିବେ ଯେ, କେତୋଟି ସପ୍ତାହ ପାଇଁ ମୋର ଠିକଣା ହେବ—୧୭୧୯ ଟାର୍କ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍‌କୋ ।

୪୮୮ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

୧୭୧୯ ଟାର୍କ ଷ୍ଟ୍ରୀଟ, ସାନ୍ ଫ୍ରାନ୍‌ସିସ୍କୋ, ୧୨ ମାର୍ଚ୍ଚ ୧୯୦୦

ପ୍ରିୟ ମେରୀ,

କିପରି ଅଛ ? ମା କିପରି ଅଛନ୍ତି, ଭଗିନୀମାନେ କିପରି ଅଛନ୍ତି ? ଚିକାଗୋର ହାଲଚାଲ କ'ଣ ? ମୁଁ ଫ୍ରିସ୍କୋରେ* ଅଛି, ପ୍ରାୟ ମାସେ ପର୍ଯ୍ୟନ୍ତ ଏଠାରେ ରହିବି । ଏପ୍ରିଲର ପ୍ରଥମ ଭାଗରେ ଚିକାଗୋ ଯିବି । ଅବଶ୍ୟ ତା' ଆଗରୁ ତୁମକୁ ଲେଖି ଜଣାଇବି । ତୁମମାନଙ୍କ ସଙ୍ଗରେ କେତେ ଦିନ କଟାଇବାକୁ ଭାରି ଇଚ୍ଛା; ଏତେ କାମ କରି କରି କ୍ଲାନ୍ତ ହୋଇ-ପଡ଼ୁଛି । ମୋର ସ୍ୱାସ୍ଥ୍ୟ ଏକପ୍ରକାର, କିନ୍ତୁ ମନ ଖୁବ୍ ଶାନ୍ତ, କିଛି ଦିନ ହେଲା ତାହା ହିଁ ଅଛି । ଯାବତୀୟ ଦୁଶ୍ଚିନ୍ତାର ଭାର ପ୍ରଭୁଙ୍କ ନିକଟରେ ସମର୍ପଣ କରିଦେବାକୁ ଚେଷ୍ଟା କରୁଛି । ମୁଁ କେବଳ କର୍ମୀ ଛଡ଼ା ଆଉ କିଛି ନୁହେଁ । ଆଦେଶ ଅନୁସାରେ କାମ କରିଯିବା ହିଁ ମୋ ଜୀବନର ଉଦ୍ଦେଶ୍ୟ । ବାକି ସେ ଜାଣନ୍ତି ।

'ସବୁକାର୍ଯ୍ୟ ଓ କର୍ତ୍ତବ୍ୟଧର୍ମ ତ୍ୟାଗ କରି ମୋର ଶରଣାଗତ ହୁଅ, ମୁଁ ତୁମକୁ ସବୁବିଧ ପାପରୁ ଉଦ୍ଧାର କରିବି । ଦୁଃଖ କର ନାହିଁ ।' (ଗୀତା, ୧୮।୬୬)

ଏହା ଉପଲବ୍ଧି କରିବା ପାଇଁ ମୁଁ ପ୍ରାଣପଣେ ଚେଷ୍ଟା କରୁଛି । ଶୀଘ୍ର ଯେପରି ତାହା କରିପାରେ ।

ସତତ ତୁମର ସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

---

* Frisco=San Francisco

୪୮୯ଇଂ (ମିସେସ୍ ଲେଗେଟ୍‌ଙ୍କୁ ଲିଖିତ)

୧୭୧୯ ଟାର୍କ ଷ୍ଟ୍ରୀଟ, ସାନ୍ ଫ୍ରାନ୍‌ସିସ୍କୋ, ୧୭ ମାର୍ଚ୍ଚ ୧୯୦୦

ମା,

ଆପଣଙ୍କର ସୁନ୍ଦର ଚିଠିଟି ପାଇ ଅତ୍ୟନ୍ତ ଆନନ୍ଦିତ ହେଲି । ହଁ, ଆପଣ ନିଶ୍ଚିତ ରହନ୍ତୁ, ବନ୍ଧୁମାନଙ୍କ ସଙ୍ଗରେ ମୁଁ ସଂଯୋଗ ରକ୍ଷା କରୁଛି । ତାହା ସତ୍ତ୍ୱେ ବିଳମ୍ବ ହେଲେ କେବେ କେବେ ବିଚଳିତ ହୁଏ ।

ଡାଃ ହିଲର୍ ଓ ମିସେସ୍ ହିଲର୍ (Dr. and Mrs. Hiller) ସହରକୁ ଫେରି ଆସିଛନ୍ତି; ମିସେସ୍ ମିଲ୍‌ଟନଙ୍କ (Mrs. Milton) ଚିକିତ୍ସାରେ ସେମାନେ ଯଥେଷ୍ଟ ଉପକୃତ ହୋଇଛନ୍ତି ବୋଲି ଜଣାଇଛନ୍ତି । ମୋ ପକ୍ଷରେ (ତାଙ୍କ ଚିକିତ୍ସାରେ) ଛାତିରେ ଅନେକ-ଗୁଡ଼ିଏ ବଡ଼ ଲାଲ୍ ଦାଗ ଫୁଟି ଉଠିଛି । ଆରୋଗ୍ୟ ପାଇଁ କେତେ ଦୂର କଅଣ ହେବ, ପରେ ବିସ୍ତାରିତ ଖବରରେ ଆପଣଙ୍କୁ ଜଣାଇବି । ଅବଶ୍ୟ ମୋ ରୋଗଟା ଏପରି ଯେ ଆପେ ଆପେ ପୂର୍ବାବସ୍ଥାକୁ ଫେରିବା ପାଇଁ ବହୁ ସମୟ ଲାଗିବ ।

ଆପଣ ଓ ମିସେସ୍ ଆଡାମ୍‌ସ୍ ଯେଉଁ ସହୃଦୟତା ଦେଖାଇଛନ୍ତି, ସେଥିପାଇଁ ମୁଁ ଖୁବ୍ କୃତଜ୍ଞ । ଚିକାଗୋ ଯାଇ ସେମାନଙ୍କ ସହିତ ନିଶ୍ଚୟ ଦେଖାକରି ଆସିବି ।

ଆପଣଙ୍କର ଆଉ ସବୁ କିପରି ଚାଲିଛି ? ଏଠାରେ ମୁଁ ନୀରବରେ ସବୁ ସହ୍ୟ କରିବାର ନୀତି ଅବଲମ୍ବନ କରି ଚାଲିଛି, ଏପର୍ଯ୍ୟନ୍ତ ଫଳ ମନ୍ଦ ହୋଇ ନାହିଁ ।

ତିନି ଭଉଣୀଙ୍କ ମଧ୍ୟରୁ ମଧ୍ୟମଟି ମିସେସ୍ ହ୍ୟାନ୍‌ସବରୋ (Mrs. Hansborough) ବର୍ତ୍ତମାନ ଏଠାରେ ଅଛନ୍ତି । ସେ ମୋତେ ସାହାଯ୍ୟ କରିବା ପାଇଁ ଅବିରାମ କାମ କରୁଛନ୍ତି । ପ୍ରଭୁ ସେମାନଙ୍କର ହୃଦୟ ଆଶୀର୍ବାଦରେ ପୂର୍ଣ୍ଣ କରନ୍ତୁ । ତିନୋଟି ଭଉଣୀ ଯେପରି ତିନିଜଣ ଦେବୀ ! ଆହା ତାହା ନୁହେଁ କି ? ଏଠି ସେଠି ଏହି ଧରଣର ଆତ୍ମାଙ୍କର ସଂସ୍ପର୍ଶ ମିଳୁଥିବାରୁ ଜୀବନର ସମସ୍ତ ଅର୍ଥହୀନତାର କ୍ଷତିପୂରଣ ହୋଇଯାଉଛି ।

ଆପଣମାନଙ୍କ ଉପରେ ଚିର ଆଶୀର୍ବାଦ ପାଇଁ ପ୍ରାର୍ଥନା । ଏକଥା ମଧ୍ୟ କହେ, ଆପଣ ମଧ୍ୟ ଜଣେ ସ୍ୱର୍ଗର ଦେବୀ । ମିସ୍ କେଟ୍ (Miss Kate)ଙ୍କୁ ମୋର ସ୍ନେହ ଜଣାଇ ଦେବେ ।

ଆପଣଙ୍କର ଚିର ସନ୍ତାନ, ବିବେକାନନ୍ଦ

ପୁଃ—'ମାଆଙ୍କର ସନ୍ତାନଟି' କିପରି ? ମିସ୍ ସ୍ପେନ୍‌ସର୍ କିପରି ଅଛନ୍ତି ? ତାଙ୍କ ପ୍ରତି ସର୍ବବିଧ ସ୍ନେହ । ଇତିମଧ୍ୟରେ ଆପଣ ବୁଝିପାରିଛନ୍ତି ଯେ, ମୁଁ ଆଦୌ ଭଲ ଚିଠି-ଲେଖକ ନୁହେଁ—କିନ୍ତୁ ହୃଦୟ ଠିକ୍ ଅଛି । ମିସ୍ ସ୍ପେନ୍‌ସର୍‌ଙ୍କୁ ଏକଥା ଜଣାଇ ଦେବେ । ବି.

୪୯୦ଇଂ (ମିସେସ୍ ଲେଗେଟ୍‌ଙ୍କୁ ଲିଖିତ)

୧୭୧୯ ଟାର୍କ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍କୋ, ୧୭ ମାର୍ଚ୍ଚ ୧୯୦୦

ମା,

ଜୋ-ର ଖଣ୍ଡିଏ ଚିଠି ପାଇଲି; ସେ ମୋତେ ସ୍ୱରଖଣ୍ଡ କାଗଜରେ ଦସ୍ତଖତ

କରି ପଠାଇବା ପାଇଁ ଲେଖିଛି, ଯାହା ଦ୍ୱାରା ମୋ ତରଫରୁ ମିଃ ଲେଗେଟ୍ ମୋ ଟଙ୍କା ବ୍ୟାଙ୍କରେ ଜମା କରିପାରିବେ । ତା' ପାଖରେ ଯଥା ସମୟରେ ପହଞ୍ଚାଇ ଦେବା ସମ୍ଭବ ନୁହେଁ ବୋଲି କାଗଜଗୁଡ଼ିକ ଆପଣଙ୍କ ପାଖକୁ ପଠାଇଲି ।

ମୋ ସ୍ୱାସ୍ଥ୍ୟର ଉନ୍ନତି ହେଉଛି, କିଛି କିଛି ଟଙ୍କା ପଇସା ମଧ୍ୟ ପାଉଛି । ବେଶ୍ ସନ୍ତୁଷ୍ଟ ଅଛି । ଆପଣଙ୍କ ଆବେଦନ ପ୍ରତି ଯେ ଆହୁରି ଅଧିକ ଲୋକ ଆଗ୍ରହୀ ହୋଇ ନାହାନ୍ତି, ସେଥିପାଇଁ ମୁଁ ଆଦୌ ଦୁଃଖିତ ନୁହେଁ । ମୁଁ ଜାଣିଥିଲି, ସେମାନେ ଶୁଣିବେ ନାହିଁ । କିନ୍ତୁ ଆପଣଙ୍କ ସହୃଦୟତା ପାଇଁ ମୁଁ ଚିରକାଳ କୃତଜ୍ଞ ରହିବି । ମୋର ଶୁଭେଚ୍ଛା ଚିରଦିନ ଆପଣଙ୍କ ପ୍ରତି ରହୁ ।

ମୋ ନାମରେ ଚିଠିପତ୍ର—୧୨୩୧ ନଂ ପାଇନ୍ ଷ୍ଟ୍ରୀଟ୍ 'ହୋମ୍ ଅଫ୍ ଟ୍ରୁଥ୍' (Home of Truth)—ଏହି ଠିକଣାରେ ପଠାଇଲେ ଭଲ ହେବ । ମୁଁ ଘୂରିଆଡ଼େ ବୁଲୁଥିଲେ ମଧ୍ୟ ସେଇଟା ଗୋଟିଏ ସ୍ଥାୟୀ ଆସ୍ଥାନ ଏବଂ ସେଠାକାର ଲୋକମାନେ ମୋ ପ୍ରତି ସଦୟ ।

ଆପଣ ଏବେ ଖୁବ୍ ଭଲ ଅଛନ୍ତି ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ମିସେସ୍ ବ୍ଲଜେଟ୍ ଜଣାଇଛନ୍ତି ଯେ ମିସେସ୍ ମିଲ୍‌ଟନ ଲସ୍ ଆଞ୍ଜେଲ୍‌ସ ଛାଡ଼ି ଯାଇଛନ୍ତି । ସେ ନିଉୟର୍କ ଯାଇଛନ୍ତି କି ? ଡକ୍ଟର ହିଲର୍ ଓ ମିସେସ୍ ହିଲର୍ ଗତ ପରଦିନ ସାନ୍‌ଫ୍ରାନ୍‌ସିସ୍କୋକୁ ଫେରିଆସିଛନ୍ତି; ସେମାନେ କହୁଛନ୍ତି, ମିସେସ୍ ମିଲ୍‌ଟନ୍‌ଙ୍କ ଚିକିତ୍ସାରେ ସେମାନେ ଅତ୍ୟନ୍ତ ଉପକୃତ ହୋଇଛନ୍ତି । ମିସେସ୍ ହିଲର୍ ଅଳ୍ପଦିନ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହେବେ ବୋଲି ଆଶା କରୁଛନ୍ତି ।

ଏଠାରେ ଏବଂ ଓକ୍‌ଲାଣ୍ଡରେ ଇତିମଧ୍ୟରେ ଅନେକଗୁଡ଼ିଏ ଭାଷଣ ଦେଇଛି । ଓକ୍‌ଲାଣ୍ଡରେ ଦେଇଥିବା ଭାଷଣଗୁଡ଼ିକରୁ ଭଲ ଧରଣର ଟଙ୍କା ମିଳିଛି । ସାନ୍ ଫ୍ରାନ୍‌ସିସ୍କୋରେ ପ୍ରଥମ ସପ୍ତାହରେ କିଛି ଟଙ୍କା ମିଳି ନାହିଁ, ଏ ସପ୍ତାହରେ କିନ୍ତୁ ମିଳୁଛି । ଆସନ୍ତା ସପ୍ତାହରେ କିଛି ଆଶା ଅଛି । ବେଦାନ୍ତ ସୋସାଇଟି ପାଇଁ ମିଃ ଲେଗେଟ୍ ଚମତ୍କାର ବ୍ୟବସ୍ଥା କରିଛନ୍ତି ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ପ୍ରକୃତରେ ସେ ଏତେ ସହୃଦୟଶୀଳ !

ଆପଣଙ୍କର, ବିବେକାନନ୍ଦ

ପୁଃ—ତୁରୀୟାନନ୍ଦ ବିଷୟରେ ଆପଣ କିଛି ଜାଣନ୍ତି କି ? ସେ କ'ଣ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇଛି ?

—ବି.

**୪୯୧ଇଂ** (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

୧୭୧୯ ଟାର୍କ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍କୋ, ୨୨ ମାର୍ଚ୍ଚ ୧୯୦୦

ପ୍ରିୟ ମେରୀ,

ତୁମର ସହୃଦୟ ଚିଠି ପାଇଁ ଅଶେଷ ଧନ୍ୟବାଦ । ତୁମେ ଠିକ୍ କହୁଛ ଯେ, ଭାରତବାସୀମାନଙ୍କ ବ୍ୟତୀତ ମୋର ଅନେକ କିଛି ଚିନ୍ତା କରିବାର ଅଛି, କିନ୍ତୁ ଗୁରୁଦେବଙ୍କ କାର୍ଯ୍ୟ ହିଁ ମୋ ଜୀବନର ପ୍ରଧାନ କର୍ତ୍ତବ୍ୟ, ତା' ତୁଳନାରେ ଏସବୁ ଗୌଣ ।

ଏହି ଆତ୍ମତ୍ୟାଗ ଯଦି ସୁଖକର ହୁଅନ୍ତା ! ତାହା ହୁଏ ନାହିଁ, ଫଳରେ ସ୍ୱଭାବତଃ କେବେ କେବେ ମନରେ ତିକ୍ତତା ଆସେ; କିନ୍ତୁ ମେରି ଜାଣିରଖ, ମୁଁ ଏବେ ମଧ୍ୟ ମଣିଷ ହିଁ ଅଛି—ଏବଂ ନିଜର ସବୁକିଛି ସମ୍ପୂର୍ଣ୍ଣ ଭୁଲିଯାଇପାରେ ନାହିଁ । ଆଶା କରେ, ଦିନେ ନା ଦିନେ ତାହା ପାରିବି । ମୋ ପାଇଁ ପ୍ରାର୍ଥନା କର ।

ମୋ ବିଷୟରେ ବା ଅନ୍ୟ କୌଣସି ବିଷୟରେ ମିସ୍ ମ୍ୟାକ୍‌ଲାଉଡ୍ ବା ମିସ୍ ନୋବଲ୍ ବା ଅନ୍ୟ କାହାର ମତାମତ ପାଇଁ ମୁଁ କେବେହେଲେ ଦାୟୀ ହୋଇ ନ ପାରେ । ପାରିବି କି ? କେହି ସମାଲୋଚନା କଲେ ମୁଁ କେବେ ଦୁଃଖିତ ହେବାର ତୁମେ ଦେଖି ନାହଁ ।

ଦୀର୍ଘଦିନ ପାଇଁ ତୁମେ ଇଉରୋପ ଯାଉଛ ଜାଣି ଖୁସି ହେଲି । ଦୀର୍ଘ ଯାତ୍ରା କର—ଅନେକ ଦିନ ତ ପୋଷା ପାଖି ଭଳି ରହିଲ ।

ଯଦି ମୋ କଥା କୁହ, ତେବେ ମୁଁ ଯେ ଏପରି ବୁଲାବୁଲିରେ କ୍ଲାନ୍ତ ହୋଇପଡ଼ିଛି, ସେଥିପାଇଁ ଘରକୁ ଫେରି ଶାନ୍ତିରେ ଦିନ କଟାଇବାକୁ ଚାହେଁ । ଆଉ କାର୍ଯ୍ୟ କରିବାକୁ ଇଚ୍ଛା ନାହିଁ । ଜ୍ଞାନୀ -ତପସ୍ୱୀ ଭଳି ନିର୍ଜନରେ ଜୀବନଯାପନ କରିବା ମୋର ସ୍ୱଭାବ । କିନ୍ତୁ ସେ ଅବସର କେବେହେଲେ ମିଳିଲା ନାହିଁ । ପ୍ରାର୍ଥନା କରୁଛି, ଏଥର ଯେପରି ତାହା ପାଏ । ଏବେ ମୁଁ ଭଗ୍ନସ୍ୱାସ୍ଥ୍ୟ, କର୍ମକ୍ଲାନ୍ତ ! ହିମାଳୟ ଆଶ୍ରମରୁ ଯେବେ ମିସେସ୍ ସେଭିୟର୍‌ଙ୍କର କୌଣସି ଚିଠି ପାଏ, ସେତେବେଳେ ଇଚ୍ଛା ହୁଏ—ସେଠାକୁ କିପରି ଉଡ଼ି ଚାଲିଯାଆନ୍ତି । ପ୍ରତିଦିନ ପ୍ଲାଟଫର୍ମରେ ଭାଷଣ ଦେଇ, ଅବିରତ ବୁଲି ବୁଲି ଓ ନିତ୍ୟ ନୂତନ ମୁହଁ ଦେଖି ଦେଖି ମୁଁ ଏକାବେଳକେ କ୍ଲାନ୍ତ ।

ଚିକାଗୋରେ କ୍ଲାସ କରିବା କଥାରେ ତୁମର ମୁଣ୍ଡ ଘୂରାଇବା ଦରକାର ନାହିଁ । ଫ୍ରିସ୍କୋରେ ଟଙ୍କା ପାଉଛି ଏବଂ ଖୁବ୍ ଶୀଘ୍ର ସ୍ୱଦେଶକୁ ଫେରିବା ପାଇଁ ଟଙ୍କା ଯୋଗାଡ଼ କରିପାରିବି ।

ତୁମେ ଓ ଅନ୍ୟାନ୍ୟ ଭଗିନୀମାନେ କିପରି ଅଛ ? ଏପ୍ରିଲ୍ ମାସର ପ୍ରଥମ ଭାଗର କୌଣସି ସମୟରେ ଚିକାଗୋ ଯିବି—ଆଶା କରେ ।

ତୁମମାନଙ୍କର, ବିବେକାନନ୍ଦ

୪୯୬ଇଂ (ଭଗିନୀ ନିବେଦିତାଙ୍କୁ ଲିଖିତ)

ସାନ୍ ଫ୍ରାନ୍‌ସିସ୍କୋ, ୨୮ ମାର୍ଚ୍ଚ ୧୯୦୦

କଲ୍ୟାଣୀୟା ନିବେଦିତା,

ମୁଁ ପୂର୍ବାପେକ୍ଷା ଅନେକ ଭଲ ଅଛି ଏବଂ କ୍ରମଶଃ ଖୁବ ବଳ ପାଉଛି । ବର୍ତ୍ତମାନ ମଝିରେ ମଝିରେ ମନେହୁଏ, ଖୁବ ଶୀଘ୍ର ଯେପରି ମୁକ୍ତିଲାଭ କରିବି । ଗତ ଦୁଇ ବର୍ଷର ଯନ୍ତ୍ରଣାରାଶି ମୋତେ ପ୍ରଭୂତ ଶିକ୍ଷା ଦେଇଛି । ବ୍ୟାଧି ଓ ଦୁର୍ଭାଗ୍ୟ ପରିଣାମରେ ଆମର କଲ୍ୟାଣ ହିଁ ସାଧନ କରେ, ଯଦିଓ ସେତିକିବେଳ ପାଇଁ ମନେହୁଏ, ବୋଧହୁଏ ଆମେ ଏକାବେଳକେ ବୁଡ଼ିଗଲୁ ।

ମୁଁ ଯେପରି ସେହି ଅସୀମ ନୀଳାକାଶ, ମଝେ ମଝେ ସେହି ଆକାଶରେ ମେଘ ପୁଞ୍ଜୀଭୂତ ହେଲେ ମଧ୍ୟ ମୁଁ ସର୍ବଦା ସେହି ଅସୀମ ନୀଳ ଆକାଶ ହିଁ ରହିଛି ।

ମୁଁ ବର୍ତ୍ତମାନ ସେହି ଶାଶ୍ୱତ ଶାନ୍ତିର ଆସ୍ୱାଦ ପାଇଁ ଲାଲାୟିତ; ଯାହା ମୋର ଏବଂ ପ୍ରତ୍ୟେକ ଜୀବ ଭିତରେ ଚିରଦିନ ରହିଛି । ଏହି ହାଡ଼ମାଂସର ପିଣ୍ଡୁଳା ଏବଂ ସୁଖଦୁଃଖର ବୃଥା ସ୍ୱପ୍ନ—ଏଗୁଡ଼ିକ ପୁଣି କଅଣ ? ମୋର ସ୍ୱପ୍ନ ଭାଙ୍ଗିଯାଉଛି । ଓଁ ତତ୍ସତ୍ ।

ତୁମମାନଙ୍କର, ବିବେକାନନ୍ଦ

୪୯୩ାଇଂ

୧୭୧୯ ଟାର୍କ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍କୋ
୨୮ ମାର୍ଚ୍ଚ ୧୯୦୦

ନିବେଦିତା,

ମୁଁ ତୁମର ସୌଭାଗ୍ୟରେ ଖୁବ୍ ଆନନ୍ଦିତ ହେଲି । ଆମେ ଯଦି ଲାଗିରହୁ, ତେବେ ଅବସ୍ଥା ବଦଳିବ ହିଁ ବଦଳିବ । ମୋର ଦୃଢ଼ ବିଶ୍ୱାସ, ତୁମର ଯେତେ ଟଙ୍କା ଦରକାର ତାହା ଏଠାରେ ବା ଇଂଲଣ୍ଡରେ ପାଇବ ।

ମୁଁ ଖୁବ୍ ଖଟୁଛି—ଆଉ ଯେତେ ବେଶୀ ଖଟୁଛି, ସେତେ ଅଧିକ ଭଲ ବୋଧ କରୁଛି । ଦେହ ଅସୁସ୍ଥ ହୋଇ ମୋର ବିଶେଷ ଉପକାର ହୋଇଛି, ନିଶ୍ଚୟ । ମୁଁ ବର୍ତ୍ତମାନ ଠିକ୍ ଠିକ୍ ବୁଝିପାରୁଛି, ଅନାସକ୍ତ ମାନେ କଅଣ ? ଏବଂ ମୋର ଆଶା—ଅତି ଶୀଘ୍ର ହିଁ ମୁଁ ଅନାସକ୍ତ ହେବି ।

ଆମେ ଆମମାନଙ୍କର ସମୁଦାୟ ଶକ୍ତି ଗୋଟିଏ ଦିଗରେ ପ୍ରୟୋଗ କରି ଗୋଟିଏ ବିଷୟରେ ଆସକ୍ତ ହୋଇପଡ଼ୁ; ଏବଂ ଏହି ବିଷୟର ଅନ୍ୟ ଯେଉଁ ଦିଗଟି ଅଛି, ଯାହା କି ତାହାର ଭଳି କଠିନ—ସେହିଦିଗକୁ ଆମେ ଖୁବ୍ କମ୍ ମନୋଯୋଗ ଦେଇଥାଉଁ—ତାହା ହେଉଛି, ମୁହୂର୍ତ୍ତିକ ମଧ୍ୟରେ କୌଣସି ବିଷୟରୁ ଅନାସକ୍ତ ହେବାର, ସେଥିରୁ ନିଜକୁ ଅଲଗା କରିନେବାର ଶକ୍ତି । ଏହି ଆସକ୍ତି ଓ ଅନାସକ୍ତି—ଉଭୟ ଯେତେବେଳେ ପୂର୍ଣ୍ଣଭାବରେ ବିକଶିତ ହୋଇଉଠେ, ସେତେବେଳେ ମଣିଷ ମହତ୍ ଓ ସୁଖୀ ହୋଇପାରେ ।

ମୁଁ ମିସେସ୍ ଲେଗେଟ୍‌ଙ୍କ ୧୦୦୦ ଡଲାର ଦାନର ସମ୍ବାଦ ପାଇ ଖୁବ ସୁଖୀ ହେଲି । ଅପେକ୍ଷା କର, ତାଙ୍କ ଭିତର ଦେଇ ଯାହା କାର୍ଯ୍ୟ ହେବ, ତାହା ବର୍ତ୍ତମାନ ପ୍ରକାଶିତ ହେଉଛି । ସେ ଜାଣିପାରନ୍ତୁ ବା ନ ପାରନ୍ତୁ, ରାମକୃଷ୍ଣଙ୍କ କାର୍ଯ୍ୟରେ ତାଙ୍କୁ ଏକ ମହତ୍ ଅଂଶ ଗ୍ରହଣ କରିବାକୁ ହେବ ।

ତୁମେ ଅଧ୍ୟାପକ ଗେଡ଼ସ୍‌ଙ୍କର ଯେଉଁ ବିବରଣୀ ଲେଖିଛ, ତାହା ପଢ଼ି ଖୁବ୍ ଆନନ୍ଦ ପାଇଲି । ଜୋ ମଧ୍ୟ ଜଣେ ଦିବ୍ୟଦୃଷ୍ଟି-ସମ୍ପନ୍ନ (clairvoyant) ଲୋକଙ୍କ ସମ୍ବନ୍ଧରେ ମଜାର ବିବରଣ ଲେଖିଛି ।

ସବୁ ବିଷୟ ଏବେ ଆମର ଅନୁକୂଳ ହେବାକୁ ଆରମ୍ଭ କରିଛି । ମୁଁ ଯେଉଁ ଅର୍ଥ ସଂଗ୍ରହ କରୁଛି, ତାହା ଯଥେଷ୍ଟ ନ ହେଲେ ମଧ୍ୟ ଉପସ୍ଥିତ କାର୍ଯ୍ୟ ପକ୍ଷରେ ମନ୍ଦ ନୁହେଁ ।

ମୋର ମନେହୁଏ, ଏ ପତ୍ରଖଣ୍ଡିକ ତୁମେ ଚିକାଗୋରେ ପାଇବ । ଇତିମଧ୍ୟରେ ଜୋ

ଓ ମିସେସ୍ ବୁଲ୍ ନିଶ୍ଚୟ ଯାହା କରିଛନ୍ତି । ଜୋ-ର ଚଠି ଆଉ ଟେଲିଗ୍ରାମରେ ତାଙ୍କର ଆସିବା ଦିନ ସମ୍ବନ୍ଧରେ ଏତେ ବିରୋଧ ଥିଲା ଯେ, ତାହା ପଢ଼ି ବେଶ ଟିକିଏ ଅଡ଼ୁଆରେ ପଡ଼ିଥିଲି ।...

ମିସ୍ ସ୍ପେନ୍ସର୍‌ଙ୍କର ବିଶେଷ ବନ୍ଧୁ ସୁଇସ୍ ଯୁବକ ମ୍ୟାକସ୍ ଗେଜିକ୍‌ଙ୍କ ନିକଟରୁ ଖଣ୍ଡିଏ ସୁନ୍ଦର ପତ୍ର ପାଇଛି । ମିସ ସ୍ପେନ୍ସର୍ ମଧ୍ୟ ମୋତେ ତାଙ୍କର ପ୍ରୀତି ଜଣାଇଛନ୍ତି, ଅଉ ସେମାନେ ମୋଠାରୁ ଜାଣିବାକୁ ଚାହିଁଛନ୍ତି, ମୁଁ କେବେ ଇଂଲଣ୍ଡ ଯାଉଛି । ସେମାନେ ଲେଖିଛନ୍ତି, ସେଠାରେ ଅନେକେ ଏହି ବିଷୟରେ ଖବର ନେଉଛନ୍ତି ।

ସବୁ ଜିନିଷକୁ ଘୂରି ଆସିବାକୁ ହେବ—ବୀଜରୁ ଗଛ ହେବାକୁ ଗଲେ ତାକୁ ମାଟି ତଳେ କିଛିଦିନ ପଡ଼ି ପଚିବାକୁ ହେବ । ଗତ ଦୁଇବର୍ଷ ଏହିରୂପେ ମାଟି ତଳେ ବୀଜ ପଚୁଥିଲା । ମୃତ୍ୟୁର କରାଳ ଗ୍ରାସରେ ପଡ଼ି ଯେତେବେଳେ ମୁଁ ଛଟପଟ ହୋଇଛି, ତା'ପରେ ହିଁ ସମଗ୍ର ଜୀବନଟା ଯେପରି ପ୍ରବଳ ଭାବରେ ଉଚ୍ଛ୍ୱସିତ ହୋଇଉଠିଛି । ଏହିପରି ଭାବରେ ଥରେ ରାମକୃଷ୍ଣଙ୍କ ପାଖରେ ଉପନୀତ ହୋଇଥିଲି, ଆଉ ଥରେ ସେହିପରି ହେବାରୁ ମୋତେ ଯୁକ୍ତରାଷ୍ଟ୍ର ଆସିବାକୁ ହେଲା । ଶେଷଟି ହିଁ ହେଉଚି ଅନ୍ୟ ସବୁଗୁଡ଼ିକ ମଧ୍ୟରୁ ବୃହତ୍ତମ ଘଟଣା । ତାହା ବର୍ତ୍ତମାନ ଚାଲିଯାଇଚି—ମୁଁ ଏବେ ଏପରି ସ୍ଥିର ଶାନ୍ତ ହୋଇଯାଇଛି ଯେ, ମୋତେ ବେଳେ ବେଳେ ନିଜକୁ ହିଁ ଆଶ୍ଚର୍ଯ୍ୟ ଲାଗେ । ମୁଁ ବର୍ତ୍ତମାନ ସକାଳ ସନ୍ଧ୍ୟାରେ ଖୁବ୍ ଖଟେ, ଯେତେବେଳେ ଯାହା ଖୁସି ଖାଏ, ରାତି ବାରଟାରେ ଶୁଏ, ଆଉ କି ଗଭୀର ନିଦ୍ରା ! ପୂର୍ବେ ଆଉ କେବେହେଲେ ଏପରି ଶୋଇବାର ଶକ୍ତି ମୋର ନ ଥିଲା ! ତୁମେ ମୋର ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ବିବେକାନନ୍ଦ

୪୯୪ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

୧୭୧୯ ଟାର୍କ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍କୋ, ୨୮ ମାର୍ଚ୍ଚ ୧୯୦୦

ଆଶୀର୍ବାଦଭାଜନ ମେରୀ,

ତୁମକୁ ଜଣାଉଛି ଯେ, ମୁଁ ଖୁବ୍ ଆନନ୍ଦରେ ଅଛି । ଏହାର ଅର୍ଥ ନୁହେଁ ଯେ, ଗୋଟିଏ କୁହେଳିକାମୟ ସୁଖବାଦ ଆଡ଼କୁ ମୁଁ ଆଗେଇ ଚାଲିଛି, ତେବେ ଦୁଃଖକୁ ସହ୍ୟ କରିବାର ଶକ୍ତି ମୋର ବଢ଼ିଯାଉଛି । ଏ ଦୁନିଆଁର ସୁଖଦୁଃଖମୟ ପୂତଗନ୍ଧମୟ ବାଷ୍ପର ଊର୍ଦ୍ଧ୍ୱକୁ ମୁଁ ଉଠିଯାଉଛି, ଏଗୁଡ଼ିକ ମୋ ନିକଟରେ ଅର୍ଥହୀନ ହୋଇଯାଉଛି । ଗୋଟିଏ ସ୍ୱପ୍ନର ରାଜ୍ୟ—ଏଠାରେ ଆନନ୍ଦ-ଉପଭୋଗ ବା କଅଣ, ପୁଣି କ୍ରନ୍ଦନ ବା କଅଣ; ଏସବୁ ସ୍ୱପ୍ନ ବ୍ୟତୀତ ଅନ୍ୟ କିଛି ନୁହେଁ । ସେଥିପାଇଁ ଅଚିରେ ହେଉ ବା ବିଳମ୍ବରେ ହେଉ ସେଗୁଡ଼ିକ ମିଳେଇଯିବ । ସେଠାରେ ତୁମେ ସବୁ କିପରି ଅଛ ? ହ୍ୟାରିଏଟ୍ ପ୍ୟାରିସ୍‌ରେ ଖୁବ୍ ଆନନ୍ଦରେ କାଳଯାପନ କରୁଛି । ତା' ସହିତ ସେଠାରେ ନିଶ୍ଚୟ ଦେଖା କରିବ । ମୁଁ ଖଣ୍ଡିଏ ଫରାସୀ ଅଭିଧାନ କିଣୁଛି କରୁଛି ! କିଛି ଟଙ୍କା ମଧ୍ୟ ସଂଗ୍ରହ କରିଛି; ସକାଳ-ସନ୍ଧ୍ୟାରେ କଠୋର ପରିଶ୍ରମ ଚାଲିଛି, ତାହା ସତ୍ତ୍ୱେ ଆଗ ତୁଳନାରେ ଭଲ ସୁନିଦ୍ରା ଓ ହଜମ ହେଉଛି, ସମ୍ପୂର୍ଣ୍ଣ ଅନିୟମ ମଧ୍ୟ ଚାଲିଛି ।

ତୁମେମାନେ ପୂର୍ବାଞ୍ଚଳକୁ ଯାଉଛ । ଅପ୍ରେଲ ଶେଷରେ ଚିକାଗୋ ଯିବି ବୋଲି ଭାବିଛି । ଯଦି ନ ପାରେ ତେବେ ନିଶ୍ଚୟ ତୁମେ ସବୁ ଚାଲିଯିବା ପୂର୍ବରୁ ପୂର୍ବାଞ୍ଚଳରେ ତୁମମାନଙ୍କ ସଙ୍ଗରେ ଦେଖା କରିବି ।

ମ୍ୟାକ୍‌କିଣ୍ଡଲି-ଭଗିନୀଗଣ ଏବେ କ'ଣ କରୁଛନ୍ତି ? ଅଙ୍ଗୁର-ରସ ପିଇ ପିଇ ମୋଟା ହୋଇଗଲେଣି ? ଆଗେଇ ଯାଅ, ଜୀବନଟା ସ୍ୱପ୍ନ ଛଡ଼ା ଆଉ କଅଣ ! ତେବେ ସେଥିପାଇଁ ତୁମେ କଅଣ ଖୁସି ନୁହଁ ? ଆଉ ମୁଁ ଲୋକେ ଚାହାଁନ୍ତି ଚିରନ୍ତନ ସ୍ୱର୍ଗ ! ଈଶ୍ୱରଙ୍କୁ ଧନ୍ୟବାଦ, ସ୍ୱୟଂ ତାଙ୍କ ବ୍ୟତୀତ ଅନ୍ୟ କିଛି ଶାଶ୍ୱତ ନୁହେଁ । ମୁଁ ନିଶ୍ଚିତ ଯେ, ଏକମାତ୍ର ସେ ହିଁ ଚିରନ୍ତନ ସ୍ୱର୍ଗ ସହ୍ୟ କରିପାରନ୍ତି । ଏହି ସବୁ ବାଜେ ଜିନିଷର ଚିରସ୍ଥାୟିତ୍ୱ କଅଣ ?

ମୋ ପରିପାର୍ଶ୍ୱ ମଧ୍ୟରେ ଗୁଞ୍ଜନ ଶୁଣିପାରୁଛି । ଶୀଘ୍ର ହିଁ ତାହା ଗର୍ଜନ ଆରମ୍ଭ କରିବ; କିନ୍ତୁ ତାହା ସତ୍ତ୍ୱେ ମୁଁ ଅଚଞ୍ଚଳ ରହିବି । ଏବେ ତୁମ ଚାରିପଟରେ କୌଣସି ଗୁଞ୍ଜନ ନାହିଁ । ଖୁବ୍ ଦୁଃଖିତ, ଅର୍ଥାତ୍ ଦୁଃଖିତ ହେବାର ଚେଷ୍ଟା କରୁଛି, କାରଣ କୌଣସି କିଛି ପାଇଁ ଦୁଃଖିତ ହୋଇପାରେ ନାହିଁ । ସକଳ ବୋଧର ଅତୀତ ଏକ ଶାନ୍ତି ମୁଁ ଅନୁଭବ କରୁଛି, ତାହା ଆନନ୍ଦ ନୁହେଁ କି ଦୁଃଖ ମଧ୍ୟ ନୁହେଁ, ଅଥଚ ଦୁଇଟିର ଊର୍ଦ୍ଧ୍ୱରେ । ମାଆଙ୍କୁ ସେ କଥା କହିବ । ଗତ ଦୁଇବର୍ଷ ଧରି ମୃତ୍ୟୁ-ଉପତ୍ୟକାର ଉପର ଦେଇ ଶାରୀରିକ ଓ ମାନସିକ ଯାତ୍ରା ମୋତେ ଏ ବିଷୟରେ ସାହାଯ୍ୟ କରିଛି । ବର୍ତ୍ତମାନ ମୁଁ ସେହି ଶାନ୍ତି—ସେହି ଚିରନ୍ତନ ନୀରବତା ଆଡ଼କୁ ଆଗେଇ ଯାଉଛି । ସମସ୍ତ ବସ୍ତୁକୁ ତାହାର ନିଜ ସ୍ୱରୂପରେ ମୁଁ ଦେଖୁଛି, ସବୁ କିଛି ସେହି ଶାନ୍ତିରେ ବିଧୃତ, ନିଜ ଭାବରେ ପରିପୂର୍ଣ୍ଣ । 'ଯେ ଆତ୍ମତୁଷ୍ଟ, ଯେ ଆତ୍ମରତି, ତାଙ୍କର ଯଥାର୍ଥ ଶିକ୍ଷା ଲାଭ ହୋଇଛି'—ଏହି ଜଗତରେ ଏହି ବଡ଼ ଶିକ୍ଷାଟି ଅସଂଖ୍ୟ ଜନ୍ମ, ଓ ସ୍ୱର୍ଗ ଏବଂ ନରକ ଦେଇ ଜାଣିବାକୁ ହୋଇଥାଏ—ଆତ୍ମା ବ୍ୟତୀତ ଆଉ କିଛି କାମନା ବା ଆକାଙ୍‌କ୍ଷାର ବସ୍ତୁ ନାହିଁ । 'ଆତ୍ମଲାଭ ହିଁ ଶ୍ରେଷ୍ଠ ଲାଭ', 'ମୁଁ ମୁକ୍ତ', ତେଣୁ ମୋର ଆନନ୍ଦ ନିମିତ୍ତ ଦ୍ୱିତୀୟ କୌଣସି ବସ୍ତୁର ପ୍ରୟୋଜନ ନାହିଁ । 'ଚିର ଏକାକୀ, କାରଣ ମୁଁ ମୁକ୍ତ ଥିଲି, ଏବେ ମଧ୍ୟ ମୁକ୍ତ ଏବଂ ଚିରକାଳ ମୁକ୍ତ ରହିବି'— ଏହା ହିଁ ବେଦାନ୍ତବାଦ । ଏତେ କାଳ ଧରି ମୁଁ ଏହି ତତ୍ତ୍ୱ ପ୍ରଚାର କରୁଛି । ତେବେ ଆଃ—କି ଆନନ୍ଦ ! —ପ୍ରିୟ ଭଗିନୀ ମେରୀ ଏବେ ପ୍ରତିଟି ଦିନ ତାହା ହିଁ ଉପଲବ୍ଧି କରୁଛି । ହଁ, ତାହା ହିଁ—'ମୁଁ ମୁକ୍ତ'—ମୁଁ ଏକା— 'ଏକମେବାଦ୍ୱିତୀୟମ୍' ।

ସଚ୍ଚିଦାନନ୍ଦମଗ୍ନ ତୁମର ଚିରକାଳର, ବିବେକାନନ୍ଦ

ପୁଃ—ଏବେ ମୁଁ ସତକୁସତ 'ବିବେକାନନ୍ଦ' ହେବାକୁ ଚାଲିଛି । ତୁମେ କେବେ ମନ୍ଦକୁ ଉପଭୋଗ କରିଛ ? ହାଃ ! ହାଃ ! ବୋକା ଝିଅ, ସବୁ ହିଁ ଭଲ ! ଯେତେ ସବୁ ବାଜେ । କିଛି ଭଲ, କିଛି ମନ୍ଦ । ଭଲ-ମନ୍ଦ ଦୁଇଟି ହିଁ ମୋର ଉପଭୋଗ୍ୟ । ମୁଁ ଥିଲି ଜୁଡ଼ାସ୍ ଇସ୍କାରିୟଟ; ଦୁଇ ହିଁ ମୋର ଖେଳ, ମୋର କୌତୁକ । 'ଯେତେଦିନ ପର୍ଯ୍ୟନ୍ତ ଦୁଇ ଅଛି, ସେତେଦିନ ଭୟ ତୁମକୁ ଛାଡ଼ିବ ନାହିଁ ।' ଓଟପକ୍ଷୀ ପରି ବାଲି ଭିତରେ ମୁହଁ ଗୁଞ୍ଜି କରି ଭାବୁଛ, ତୁମକୁ କେହି ଦେଖିପାରୁ ନାହାନ୍ତି । ସବୁ କିଛି ଭଲ ! ସାହସୀ ହୁଅ,

ସବୁ କିଛିର ସମ୍ମୁଖୀନ ହୁଅ; ଭଲ ଆସୁ ବା ମନ୍ଦ ଆସୁ— ଉଭୟଙ୍କୁ ହିଁ ବରଣ କରିନିଅ, ଉଭୟ ହିଁ ମୋର ଖେଳ । ମୋର ଲଭ୍ୟାଲଭ୍ୟ ବସ୍ତୁ କିଛି ନାହିଁ, ଧରିରଖିବା ଭଳି କୌଣସି ଆଦର୍ଶ ନାହିଁ, ପୂର୍ଣ୍ଣ କରିବା ଭଳି ଉଚ୍ଚ ଅଭିଳାଷ ନାହିଁ । ମୁଁ ସ୍ୱାଧୀନ ଋଷି, ଭଲ-ମନ୍ଦର ଗୋଟି ନେଇ ଖେଳୁଛି । ଭଲ ଓ ମନ୍ଦ ଦୁଇଟି ଭଲ । ମନ୍ଦ, ତୁମେ ଆସ ଭଲ ପାଇଁ; ଭଲ, ତୁମେ ମଧ୍ୟ ଆସ । ମୋ ଆଗରେ ଦୁନିଆଟା ଓଲଟପାଲଟ ହୋଇଗଲେ ମଧ୍ୟ ମୋର କଅଣ ଯାଏ ଆସେ ? ମୁଁ ବୁଦ୍ଧିର ଅତୀତ ଶାନ୍ତ; ବୁଦ୍ଧି ଆମକୁ କେବଳ ଭଲ-ମନ୍ଦ ଦେଇପାରେ । ମୁଁ ତାହାର ବାହାରେ, ମୁଁ ଶାନ୍ତ । —ବି.

୪୯୪ଇଂ

୧୭୧୯ ଟାର୍କ ଷ୍ଟ୍ରୀଟ, ସାନ୍ ଫ୍ରାନ୍ସିସ୍କୋ
୩୦ ମାର୍ଚ୍ଚ ୧୯୦୦

ପ୍ରିୟ ଜୋ,

ବହିଗୁଡ଼ିକ ଶୀଘ୍ର ପଠାଇଛ ବୋଲି ତୁମକୁ ଅଶେଷ ଧନ୍ୟବାଦ । ମୋର ବିଶ୍ୱାସ, ଏଗୁଡ଼ିକ ଖୁବ୍ ଶୀଘ୍ର ବିକ୍ରି ହୋଇଯିବ । ନିଜର ପରିକଳ୍ପନା ବଦଳାଇବା ସମ୍ପର୍କରେ ଦେଖୁଛି ତୁମେ ମୋ ଅପେକ୍ଷା ବି ଖରାପ । ବର୍ତ୍ତମାନ ସୁଦ୍ଧା 'ପ୍ରବୁଦ୍ଧ ଭାରତ' କାହିଁକି ଆସିଲା ନାହିଁ, ବୁଝିପାରୁ ନାହିଁ । ମୋର ଆଶଙ୍କା ମୋ ଡାକର ଚିଠି ଖୁବ୍ ଘୁରି ବୁଲୁଛି ।

ମୁଁ ଖୁବ୍ ଖଟୁଛି, କିଛି ଟଙ୍କା ସଂଗ୍ରହ କରୁଛି, ଆଉ ସ୍ୱାସ୍ଥ୍ୟ ମଧ୍ୟ ଅପେକ୍ଷାକୃତ ଭଲ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଖଟଣି; ତା'ପରେ ପେଟ ପୂରାଇ ନୈଶ ଭୋଜନ ପରେ ୧୨ଟାରେ ଶଯ୍ୟାଗ୍ରହଣ—ପୁଣି ପାଦରେ ଚାଲି ସାରା ସହର ପରିଭ୍ରମଣ ! ତା' ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟର ଉନ୍ନତି ।

ମିସେସ୍ ମିଲଟନ୍ ତାହା ହେଲେ ସେଠାରେ ହିଁ ଅଛନ୍ତି । ତାଙ୍କୁ ମୋର ପ୍ରୀତି ଜଣାଇବ । ଜଣାଇବ ତ ? ତୁରୀୟାନନ୍ଦର ପାଦ କଅଣ ଭଲ ହୋଇ ନାହିଁ ?

ମିସେସ୍ ବୁଲ୍‌ଙ୍କ ଅଭିପ୍ରାୟାନୁସାରେ ମୁଁ ମାର୍ଗୋର ଚିଠିଗୁଡ଼ିକ ତାଙ୍କୁ ପଠାଇ ଦେଉଛି । ମିସେସ୍ ଲେଗେଟ୍ ମାର୍ଗୋକୁ କିଛି ଦାନ କରିଛନ୍ତି ଜାଣି ଖୁବ୍ ଆନନ୍ଦିତ ହେଲି । ଯେପରି ଭାବରେ ହେଉ, ସବୁ ଜିନିଷର ଗୋଟିଏ ସୁଗତି ହେବ ହିଁ ହେବ—ତାହା ହେବାକୁ ବାଧ୍ୟ, କାରଣ କୌଣସିଟା କିଛି ଶାଶ୍ୱତ ନୁହେଁ ।

ସୁବିଧା ହେଲେ ଏଠାରେ ଆଉ ଏକ-ଦୁଇ ସପ୍ତାହ ରହିବି; ତା'ପରେ ଷ୍ଟକଟନ୍ ନାମକ ଗୋଟିଏ ନିକଟବର୍ତ୍ତୀ ସ୍ଥାନକୁ ଯିବି; ତା'ପରେ—ଜାଣି ନାହିଁ । କୌଣସିମତେ ସମୟ କଟିଯାଉଛି । ମୁଁ ବେଶ୍ ଶାନ୍ତିରେ ଓ ନିର୍ଦ୍ଦୁନ୍ଦରେ ଅଛି । ଆଉ କାମଦାମ ଯେପରି ଚାଲିଥାଏ, ସେପରି ଚାଲିଛି । ମୋର ପ୍ରୀତି ଜାଣିବ । ଇତି ବିବେକାନନ୍ଦ

ପୁଃ—ପରିବର୍ତ୍ତିନାଦ ସହ 'କର୍ମଯୋଗ' ବହି ଖଣ୍ଡିକର ସମ୍ପାଦନା ପାଇଁ ମିସ୍ ଓସ୍ୱାଲଡୋ ହେଉଛନ୍ତି ଠିକ୍ ଲୋକ । —ବି.

୪୯୭ଇଂ

୧୭୧୯ ଟାର୍କ ଷ୍ଟ୍ରୀଟ, ସାନ୍ ଫ୍ରାନସିସ୍କୋ
ଏପ୍ରିଲ ୧୯୦୦

ପ୍ରିୟ ଜୋ,

ତୁମର ଫ୍ରାନ୍ସ ଯାତ୍ରା ପୂର୍ବରୁ ପତ୍ରେ ଲେଖୁଛି । ଇଂଲଣ୍ଡ ଦେଇ ଯାଉଛ କି ? ମିସେସ୍ ସେଭିୟାର୍‌ଙ୍କ ନିକଟରୁ ଖଣ୍ଡିଏ ସୁନ୍ଦର ଚିଠି ପାଇଛି ।···

ଲସ୍ ଆଞ୍ଜେଲସ୍ ଅପେକ୍ଷା ଏଠାରେ ମୋର ଶାରୀରିକ ଅବସ୍ଥା ଭଲ ନାହିଁ, କିନ୍ତୁ ମାନସିକ ଅବସ୍ଥା ଅନେକ ଭଲ ଅଛି—ବେଶ୍ ସବଳ ଓ ଶାନ୍ତିପୂର୍ଣ୍ଣ । ଆଶା କରେ, ଏ ଅବସ୍ଥା ବଜାୟ ରହିବ ।

ତୁମ ନିକଟରୁ ମୋ ଚିଠିର ଉତ୍ତର ପାଇ ନାହିଁ, ଶୀଘ୍ର ପାଇବି ବୋଲି ଆଶା କରୁଛି । ମୋ ନାମରେ ଭାରତରୁ ଆସିଥିବା ଖଣ୍ଡିଏ ଚିଠି ଭୁଲରେ ମିସେସ୍ ହୁଇଲର୍‌ଙ୍କ ଠିକଣାରେ ଚାଲିଯାଇଥିଲା, ଶେଷରେ ତାହା ମୋ ନିକଟରେ ଠିକ୍ ଭାବରେ ଆସି ପହଞ୍ଚିଛି । ସାରଦାନନ୍ଦଙ୍କ ନିକଟରୁ ସୁନ୍ଦର ବିବରଣୀ ପାଇଛି, ସେଠାରେ ସେମାନେ ଚମତ୍କାର ଭାବରେ କାର୍ଯ୍ୟ ଚଳାଉଛନ୍ତି । ପିଲମାନେ କାମରେ ଲାଗିଯାଇଛନ୍ତି; ଦେଖୁଛ ତ, ଧମକର ଦୁଇଟି ଦିଗ ଅଛି, ଏହାର ଫଳରେ ସେମାନେ ଉଠିପଡ଼ି ଲାଗିଯାଇଛନ୍ତି ।

ଆମେ ଭାରତବାସୀଗଣ ଏତେ ଦୀର୍ଘ କାଳ ଧରି ଏପରି ପରନିର୍ଭରଶୀଳ ଥିଲୁଁ ଯେ, ଦୁଃଖର ସହିତ କହୁଛି, ସେମାନଙ୍କୁ ସକ୍ରିୟ କରି ଉଠାଇବାକୁ ହେଲେ ବେଶ୍ କିଛି କଡ଼ା କଥା ଦରକାର । ଜଣେ ଅଳସୁଆ-ଶିରୋମଣି ଏ ବର୍ଷର ଜନ୍ମତିଥି-ଉତ୍ସବର ଭାର ନେଇଥିଲା, ଏବଂ ସେ ଭଲଭାବରେ ତାହା ସମ୍ପନ୍ନ କରିଛି । ମୋର ସାହାଯ୍ୟ ଛଡ଼ା ସେମାନେ ନିଜେ ନିଜେ ଦୁର୍ଭିକ୍ଷରେ ସେବାର ପରିକଳ୍ପନା କରିଛନ୍ତି ଏବଂ ସଫଳତାର ସହିତ କାର୍ଯ୍ୟ ଚଳାଇ ଯାଉଛନ୍ତି ।

ସେମାନେ ନିଜ ଗୋଡ଼ରେ ଠିଆ ହୋଇଛନ୍ତି । ତାହା ଦେଖି ମୁଁ ପ୍ରକୃତରେ ଖୁସି ! ଦେଖ ଜୋ, ମା' ହିଁ କାମ କରୁଛନ୍ତି ।

ମିସ ଥାର୍ସବିଙ୍କର (Miss Thursby) ଚିଠି ମୁଁ ମିସେସ୍ ହାର୍ଷ୍ଟଙ୍କ (Mrs. Hearst) ନିକଟକୁ ପଠାଇ ଦେଇଛି । ସେ ତାଙ୍କର ସଙ୍ଗୀତ-ଅସରକୁ ମୋତେ ନିମନ୍ତ୍ରଣ କରିଥିଲେ । ମୁଁ ଯାଇପାରି ନାହିଁ । ବେଳାଏ ଥଣ୍ଡା ଲାଗିଥିଲା । ଏଇ ହେଲା କାରଣ ।···

ଜାଣି ନାହିଁ, ଚିକାଗୋ ଯିବାର ଭଡ଼ା ଫ୍ରିସ୍କୋରେ ଉଠାଇପାରିବି କି ନାହିଁ । ଓକ୍‌ଲାଣ୍ଡ୍‌ର କାର୍ଯ୍ୟ ସଫଳ ହୋଇଛି । ସେଠାରୁ ୧୦୦ ଡଲାର ପାଇବି, ବେଶ୍ । ଯାହା ହେଉ, ମୁଁ ଯେ ଚେଷ୍ଟା କରୁଛି, ସେଇଟା ହିଁ ବଡ଼ କଥା ।···

ଟୌମ୍ବିକ ଚିକିତ୍ସକ ମୋର କିଛି କରିପାରିଲା ନାହିଁ । ଯାହା ହେଉ, ମୋର ଚାଲିଯିବ । କିପରି କଟିବ, ତାହା ପାଇଁ ମୁଁ ବ୍ୟସ୍ତ ନୁହେଁ ।··· ଖୁବ୍ ଶାନ୍ତିରେ ଅଛି । ଲସ୍ ଆଞ୍ଜେଲସରୁ ଖବର ପାଇଲି ଯେ, ମିସେସ ଲେଗେଟ ପୁଣି ଅସୁସ୍ଥ ହୋଇପଡ଼ିଛନ୍ତି । ଏଇଟା କେତେଦୂର ସତ୍ୟ, ତାହା ଜାଣିବା ପାଇଁ ନ୍ୟୁୟର୍କକୁ ତାର କରିଛି । ଆଶା କରେ, ଶୀଘ୍ର

ଉତ୍ତର ପାଇବ ।

ଆଚ୍ଛା ! ଯେତେବେଳେ ଲେଟେଟ୍ ପରିବାର ଇଉରୋପକୁ ଚାଲିଯିବେ, ସେତେବେଳେ ମୋ ଚିଠିପତ୍ରର କଅଣ ବ୍ୟବସ୍ଥା ହେବ ? ସେଗୁଡ଼ିକ ଠିକ୍ ଭାବରେ ମୋ ନିକଟରେ ପହଞ୍ଚିବାର ବ୍ୟବସ୍ଥା ହେବ ତ !

ଆଉ କିଛି ଲେଖିବାର ନାହିଁ, ତୁମପ୍ରତି ପ୍ରୀତି ଓ କୃତଜ୍ଞତା, ତାହା ତ ତୁମେ ଜାଣ । ମୁଁ ଯେତିକିର ଉପଯୁକ୍ତ, ତାହା ଅପେକ୍ଷା ତୁମେ ବହୁତ ବେଶୀ କରିଛ । ପ୍ୟାରିସ୍‌କୁ ଯାଇପାରିବି କି ନାହିଁ ଜାଣେ ନା, କିନ୍ତୁ ମେ ମାସରେ ନିଶ୍ଚୟ ଇଂଲଣ୍ଡ ଯିବି । ଆଉ କେତେ ସପ୍ତାହ ଇଂଲଣ୍ଡକୁ ପରଖ ନ କରି ଦେଶକୁ ଫେରୁନାହିଁ । ମୋର ପ୍ରୀତି ଜାଣିବ ।

ସତତ ପ୍ରଭୁସମୀପେ ତୁମର, ବିବେକାନନ୍ଦ

ପୁଃ—ମିସେସ୍ ହ୍ୟାନ୍‌ସବରୋ (Hansborough) ଏବଂ ମିସେସ୍ ଆପେନୁଲ୍ (Mrs. Appenul) ୧୭୧୯ ନଂ ଟାର୍କ ଷ୍ଟ୍ରୀଟ୍‌ରେ ଏ ମାସ ପାଇଁ ଗୋଟିଏ ଫ୍ଲାଟ୍ ଭଡ଼ା ନେଇଛନ୍ତି । ସେମାନଙ୍କ ସଙ୍ଗରେ ଅଛି ଏବଂ କେତୋଟି ସପ୍ତାହ ରହିବି ।

—ବି.

୪୯୭ଇଂ

୧୭୧୯ ଟାର୍କ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍କୋ
୧ ଏପ୍ରିଲ ୧୯୦୦

ପ୍ରିୟ ଧୀରମାତା,

ଆପଣଙ୍କର ସ୍ନେହପୂର୍ଣ୍ଣ ଚିଠି ଖଣ୍ଡିକ ଆଜ ସକାଳେ ପାଇଲି । ନିଉୟର୍କର ସବୁ ବନ୍ଧୁମାନେ ମିସେସ୍ ମିଲ୍‌ଟନ୍‌ଙ୍କର (ହାତଘଷା) ଚିକିତ୍ସାରେ ଆରୋଗ୍ୟ ହେଉଛନ୍ତି ଜାଣି ଭାରି ଆନନ୍ଦ ହେଲା । ଲସ୍ ଆଞ୍ଜେଲସ୍‌ରେ ସେ ଖୁବ୍ ବିଫଳ ହୋଇଥିଲେ ବୋଲି ମନେହୁଏ; କାରଣ ଆମେ ଯେଉଁମାନଙ୍କ ସହ ପରିଚୟ କରାଇ ଦେଇଥିଲୁ, ସେମାନେ ସମସ୍ତେ ମୋତେ ଏହି କଥା କହୁଛନ୍ତି । ଅନେକେ ହାତଘଷା ଆଗରୁ ଯାହା ଥିଲେ, ତାହା ଅପେକ୍ଷା ବି ଖରାପ ବୋଧ କରୁଛନ୍ତି । ମିସେସ୍ ମିଲ୍‌ଟନଙ୍କୁ ମୋର ପ୍ରୀତି ଜଣାଇବେ । ତାଙ୍କ ଚିକିତ୍ସାରେ ମୁଁ ଅନ୍ତତଃ ସାମୟିକ ଉପକାର ପାଉଥିଲି । ବିଚରା ଡାକ୍ତର ହ୍ୱଲର୍ ! ଆମେ ତାଙ୍କୁ କହି କହି ଲସ୍ ଆଞ୍ଜେଲସ୍‌କୁ ପଠାଇଥିଲୁ—ତାଙ୍କ ସ୍ତ୍ରୀଙ୍କୁ ଆରୋଗ୍ୟ କରିବା ଲାଗି । ସେଦିନ ସକାଳେ ତାଙ୍କ ସଙ୍ଗରେ ଆପଣଙ୍କର ଦେଖା ଓ ଆଲାପ ହୋଇଥିଲେ ବେଶ୍ ହୋଇଥାନ୍ତା । ସମସ୍ତ ଦଲା-ଘଷା ପରେ ମିସେସ୍ ହ୍ୱଲର୍‌ଙ୍କ ଅବସ୍ଥା ମନେହେଉଛି ପୂର୍ବାପେକ୍ଷା ବେଶୀ ଖରାପ ହୋଇ-ଯାଇଛି—ତାଙ୍କର ହାଡ଼ କେଇଖଣ୍ଡି ସାର ହୋଇଛି, ତା' ଛଡ଼ା ଡାକ୍ତର ହ୍ୱଲର୍‌ଙ୍କୁ ଲସ୍ ଆଞ୍ଜେଲସ୍‌ରେ ୫୦୦ ଡଲାର ଖର୍ଚ୍ଚ କରିବାକୁ ପଡ଼ିଛି, ଆଉ ସେଥିରେ ତାଙ୍କ ମନ ଖୁବ୍ ଖରାପ ହୋଇଯାଇଛି । ମୁଁ ଅବଶ୍ୟ 'ଜୋ'କୁ ଏତେସବୁ ଲେଖିବାକୁ ଚାହେଁ ନାହିଁ । ଗରିବ ରୋଗୀ-ମାନଙ୍କୁ ସେ ଏତେଦୂର ସାହାଯ୍ୟ କରିପାରୁଛି, ଏହି କଳ୍ପନାରେ ସେ ମସ୍‌ଗୁଲ୍; କିନ୍ତୁ ହାସ୍ୟ ସେ ଯଦି ଲସ୍ ଆଞ୍ଜେଲସର ଲୋକମାନଙ୍କର ଓ ଏହି ବୁଢ଼ା ଡାକ୍ତର ହ୍ୱଲର୍‌ଙ୍କ ମତ ଶୁଣିବାକୁ

ପାଇଥାନ୍ତା ତେବେ ସେ ସେହି ପୁରୁଣା କଥାର ମର୍ମ ବୁଝିପାରିଥାନ୍ତା ଯେ, କାହାରି ପାଇଁ ଔଷଧ ବତାଇବାର ନୁହେଁ । ଡାକ୍ତର ହ୍ୱଲର୍‌ଙ୍କୁ ଏଠାରୁ ଲସ୍ ଆଞ୍ଜେଲସ୍‌କୁ ପଠାଇବା ଦଳରେ ଯେ ମୁଁ ନ ଥିଲି, ଏହା ଭାବି ମୁଁ ଖୁସି ଅଛି । ଜୋ ମୋତେ ଲେଖିଛି ଯେ, ଜୋ ନିକଟରୁ ଏହି ରୋଗ ଭଲ ହେବାର ଖବର ପାଇବା ପରେ ଡାକ୍ତର ହ୍ୱଲର୍ ସାଗ୍ରହରେ ଲସ୍ ଆଞ୍ଜେଲସ୍‌କୁ ଯିବା ଲାଗି ପ୍ରସ୍ତୁତ ହୋଇଥିଲେ । ସେ ବୁଢ଼ା ଭଦ୍ରଲୋକ ମୋ ଘରେ ସାଗ୍ରହରେ ଯେପରି ଡେଇଁ ବୁଲୁଥିଲେ, ତାହା ଦେଖିବା ବି ଜୋ-ର ଉଚିତ ଥିଲା । ୫୦୦ ଡଲାର ଖରଚ ବୁଢ଼ା ପକ୍ଷରେ ଖୁବ ବେଶୀ ହୋଇଯାଇଛି । ସେ ଜର୍ମାନ୍—ସେ ଡେଇଁ କୁଦି ବୁଲନ୍ତି, ନିଜର ପକେଟ ଘୃପୁଡ଼ାନ୍ତି, ଆଉ କହନ୍ତି, 'ଏହି ଚମତ୍କାର ବୋକାମି ନ ହେଲେ ଆପଣ ହିଁ ତ ୫୦୦ ଡଲାର ପାଇ ପାରିଥାନ୍ତେ !' ଏହାଛଡ଼ା ଗରିବ ରୋଗୀମାନେ ତ ସବୁ ଅଛନ୍ତି— ଯେଉଁମାନେ ଦଳା-ଘଷା ପାଇଁ କେତେବେଳେ ବା ପ୍ରତ୍ୟେକେ ୩ ଡଲାର ଖରଚ କରିଛନ୍ତି, ଆଉ ବର୍ତ୍ତମାନ ଜୋ ବି ମୋତେ ବାହବା ଦେଉଛି ! ଜୋ-କୁ ଏକଥା କହିବେ ନାହିଁ । ତାହାର ଓ ଆପଣଙ୍କର ଯେକୌଣସି ଲୋକ ପାଇଁ ଟଙ୍କା ଖରଚ କରିବାର ଯଥେଷ୍ଟ ସଂସ୍ଥାନ ଅଛି । ଜର୍ମାନ୍ ଡାକ୍ତରଙ୍କ ସମ୍ବନ୍ଧରେ ମଧ୍ୟ ତାହା ହିଁ କୁହାଯାଇପାରେ । କିନ୍ତୁ ନିର୍ବାହ ଗରିବ ବିଚରାମାନଙ୍କ ପକ୍ଷରେ ଏହା ଅତ୍ୟନ୍ତ କଷ୍ଟଦାୟକ । ବୁଢ଼ା ଡାକ୍ତରଙ୍କର ବର୍ତ୍ତମାନ ବିଶ୍ୱାସ ଜନ୍ମିଛି ଯେ, ସମ୍ପ୍ରତି କେତେଗୁଡ଼ିଏ ଭୂତ-ପ୍ରେତ ମିଳି ତାଙ୍କର ସାଂସାରିକ ବିଷୟ ସବୁ ଲଣ୍ଡ-ଭଣ୍ଡ କରିଦେଉଛନ୍ତି । ସେ ମୋତେ ଅତିଥି ରୂପେ ରଖି ଏହାର ପ୍ରତିକାରର ଓ ତାଙ୍କ ସ୍ତ୍ରୀଙ୍କ ଆରୋଗ୍ୟର ଖୁବ୍ ଆଶା କରିଥିଲେ; କିନ୍ତୁ ତାଙ୍କୁ ଲସ୍ ଅଞ୍ଜେଲସ୍‌କୁ ଦୌଡ଼ିବାକୁ ହେଲା, ତା' ଫଳରେ ସବୁ ଓଲଟପାଲଟ ହୋଇଗଲା । ଅଭି ଯଦିଓ ସେ ମୋତେ ବର୍ତ୍ତମାନ ତାଙ୍କର ଅତିଥି ରୂପରେ ପାଇବା ଲାଗି ଖୁବ ଚେଷ୍ଟା କରୁଛନ୍ତି, ମୁଁ କିନ୍ତୁ କରିଛଡ଼ା ଦେଇ ବୁଲୁଛି— ଠିକ୍ ତାଙ୍କ ପାଖରୁ ନୁହେଁ ତାଙ୍କ ସ୍ତ୍ରୀ ଓ ଶ୍ୟାଳିକାଙ୍କ ପାଖରୁ । ତାଙ୍କର ନିଶ୍ଚିତ ଧାରଣା ଯେ ଏସବୁ ଭୌତିକ ବ୍ୟାପାର । ସେ ଥିଓସଫିର ଆଲୋଚନା କରିଥାନ୍ତି । ମୁଁ ତାଙ୍କୁ ପରାମର୍ଶ ଦେଇଥିଲି, ମିସ୍ ମାକ୍‌ଲଉଡ୍‌ଙ୍କୁ ଲେଖିଦେବାକୁ—କେଉଁଠାରୁ ତାଙ୍କ ପାଇଁ ଗୋଟିଏ ଭୂତର ଗୁଣିଆ ଯୋଗାଡ଼ କରିବାକୁ, ଯହିଁରେ ସେ ତାଙ୍କ ସ୍ତ୍ରୀଙ୍କ ସଙ୍ଗରେ ସେଠାକୁ ଦୌଡ଼ିଯାଇ ଆଉରି ୫୦୦ ଡଲାର ଖରଚ କରିପାରନ୍ତି ।

ଅପରର ମଙ୍ଗଳ କରିବା ସବୁ ସମୟରେ ନିର୍ଦ୍ଦୋଷ ନୁହେଁ । ମୋ ନିଜ କଥା କହିବାକୁ ଗଲେ, ଜୋ ଯେପର୍ଯ୍ୟନ୍ତ ଖରଚ ଯୋଗାଉଥିବ, ମୁଁ ସେପର୍ଯ୍ୟନ୍ତ ମଜା ଲୁଟିବାକୁ ରାଜି ଅଛି—ହାଡ଼ ଫୁଟାଇବା ବା ଦଳା-ଘଷା ଯେଉଁମାନଙ୍କ ପାଖରୁ ହେଉ ନା କାହିଁକି । କିନ୍ତୁ ଦଳା-ଘଷା କରାଇବା ପାଇଁ ଏସବୁ ଲୋକଙ୍କୁ ଯୋଗାଡ଼ କରି ପଳେଇଯିବା ଏବଂ ସବୁ ପ୍ରଶଂସାର ବୋଝଟା ମୋ କାନ୍ଧରେ ଲଦିଦେବା—ଏ କାର୍ଯ୍ୟଟି ଜୋ-ର ଭଲ ହୋଇ ନାହିଁ । ସେ ଯେ ବାହାରର କାହାକୁ ଦଳାଘଷା ପାଇଁ ନେଇ ଆସୁ ନାହିଁ—ଏଥିରେ ମୁଁ ଖୁସି । ତାହା ନ ହେଲେ ଜୋ-କୁ ପ୍ୟାରିସ୍‌କୁ ପଳାଇ ଯିବାକୁ ହୋଇଥାନ୍ତା, ଆଉ ମିସେସ୍ ଲେଗେଟ୍‌ଙ୍କୁ ସବୁ ପ୍ରଶଂସା ତୋଟାଇବାର ଭାର ନେବାକୁ ପଡ଼ିଥାନ୍ତା । ମୁଁ ଜୋ'ର ତ୍ରୁଟି

ସଂଶୋଧନ ଲାଗି ଡାକ୍ତର ହିଲର୍‌ଙ୍କ ନିକଟକୁ ଜଣେ ଖ୍ରୀଷ୍ଟିଆନ୍ ବୈଜ୍ଞାନିକ ଉପାୟରେ (ଅର୍ଥାତ୍ ମନୋବଳ ସାହାଯ୍ୟରେ) ରୋଗୋପଶମକାରୀଙ୍କୁ ପଠାଇ ଦେଇଥିଲି, କିନ୍ତୁ ତାଙ୍କର ସ୍ତ୍ରୀ ତାଙ୍କୁ ଦେଖିବା ମାତ୍ରେ ଦରଜା ବନ୍ଦ କରିଦେଲେ—ଏବଂ ଜଣାଇଦେଲେ ଯେ, ଏସବୁ ଅଦ୍ଭୁତ ଚିକିତ୍ସା ସଙ୍ଗରେ ସେ କୌଣସି ସମ୍ପର୍କ ରଖିବେ ନାହିଁ । ଯାହାହେଉ, ମୁଁ ବିଶ୍ୱାସ କରେ ଓ ସର୍ବାନ୍ତଃକରଣରେ ପ୍ରାର୍ଥନା କରେ ଯେ, ଏଥର ମିସେସ୍ ଲେଗେଟ୍ ଭଲ ହୋଇ ଉଠନ୍ତୁ । ତାଙ୍କ କାମୁଡ଼ାଟା କିଅଣ, ତାହା କ'ଣ ପରୀକ୍ଷା କରି ଦେଖାଯାଇଛି ?

ମୁଁ ଆଶା କରେ ଯେ, ଉଇଲ୍‌ଟି ଶୀଘ୍ର ଆସିବ, ସେ ବିଷୟରେ ମୁଁ ଟିକିଏ ଉଦ୍‌ବିଗ୍ନ ହୋଇପଡ଼ିଛି । ମୁଁ ଆଶା କରିଥିଲି ଯେ, ଭାରତରୁ 'ଟ୍ରଷ୍ଟ'ର ଖଣ୍ଡିଏ ଚିଠା ମଧ୍ୟ ଏହି ଡାକରେ ଆସିବ । କିନ୍ତୁ କୌଣସି ପତ୍ର ଆସି ନାହିଁ, ଏପରିକି 'ପ୍ରବୁଦ୍ଧ ଭାରତ' ମଧ୍ୟ ଆସି ନାହିଁ—ଯଦିଓ ତାହା ସାନ୍ ଫ୍ରାନ୍‌ସିସ୍କୋରେ ପହଞ୍ଚିଯାଇଛି, ଦେଖିପାରୁଛି ।

ସେଦିନ କାଗଜରେ ପଢ଼ିଲି ଯେ, କଲିକତାରେ ଏକ ସପ୍ତାହରେ ୫୦୦ ଲୋକ ପ୍ଲେଗ୍‌ରେ ମରୁଛନ୍ତି । ମା ହିଁ ଜାଣନ୍ତି କେଉଁଥିରେ ମଙ୍ଗଳ ହେବ ।

ମିଃ ଲେଗେଟ୍ ଦେଖୁଛି ବେଦାନ୍ତ ସମିତିଟିକୁ ଚାଲୁ କରିଦେଇଛନ୍ତି । ଚମତ୍କାର !

ଓଲିୟା କିପରି ଅଛି ? ନିବେଦିତା କେଉଁଠି ? ସେଦିନ ମୁଁ ତାଙ୍କୁ '୨୧ ନଂ ପଶ୍ଚିମ ୩୪ St., N. Y.'—ଏହି ଠିକଣାରେ ଖଣ୍ଡିଏ ପତ୍ର ଲେଖିଛି । ସେ କାର୍ଯ୍ୟରେ ଆଗେଇ ଚାଲିଛି ଦେଖି ମୁଁ ଖୁବ୍ ଖୁସି । ମୋର ଆନ୍ତରିକ ପ୍ରୀତି ଜାଣିବେ ।

ଆପଣଙ୍କର ଚିରସନ୍ତାନ, ବିବେକାନନ୍ଦ

ପୁଃ—ମୋ ପକ୍ଷରେ ଯେତିକି କାମ କରିବା ସମ୍ଭବ ସେତିକି ବା ତା' ଅପେକ୍ଷା ବି ବେଶୀ କାର୍ଯ୍ୟ ପାଉଛି । ଯେଉଁ ପ୍ରକାରେ ହେଉ, ମୁଁ ମୋର ଯିବାର ଖରଚ ଉଠାଇବି । ସେମାନେ ମୋତେ ବେଶୀ ଦେଇ ନ ପାରିଲେ ମଧ୍ୟ କିଛି କିଛି ଦିଅନ୍ତି । ଅବିରାମ ପରିଶ୍ରମ କରି କୌଣସି ପ୍ରକାରେ ମୁଁ ମୋର ପାଥେୟ ଯୋଗାଡ଼ କରିପାରିବି ଏବଂ ବଳକା ବି କେତେ ଶହ ପାଇବି । ସୁତରାଂ ଆପଣ ମୋ ପାଇଁ ମୋଟେ ଚିନ୍ତିତ ହେବେ ନାହିଁ ।

—ବି.

୪୯୮ଇଂ 'ସାନ୍ ଫ୍ରାନ୍‌ସିସ୍‌କୋ, ୭ ଏପ୍ରିଲ ୧୯୦୦

କଲ୍ୟାଣୀୟା ନିବେଦିତା,

ଶୁଣି ସୁଖୀ ହେଲି, ତୁମେ ଫେରିଛ—ଆହୁରି ସୁଖୀ ହେଲି, ତୁମେ ପ୍ୟାରିସ୍ ଯାଉଛ ଶୁଣି । ମୁଁ ଅବଶ୍ୟ ପ୍ୟାରିସ୍ ଯିବି, ତେବେ କେବେ ଯିବି ଜାଣେ ନାହିଁ ।

ମିସେସ୍ ଲେଗେଟ୍ କହୁଛନ୍ତି, ମୋ ପକ୍ଷରେ ବର୍ତ୍ତମାନ ଯାତ୍ରାରମ୍ଭ କରିବା ଉଚିତ୍ ଓ ଫରାସୀ ଭାଷା ଶିଖିବାକୁ ଲାଗିଯିବା ଉଚିତ । ମୁଁ କହେ, ଯାହା ହେବାର ହେବ—ସୁତରାଂ ତୁମେ ତାହା ହିଁ କର ।

ତୁମର ବହିଖଣ୍ଡିକ ଶେଷ କରି ପକାଅ ଓ ତା'ପରେ ଆମେ ପ୍ୟାରିସ୍‌ରେ ଫରାସୀ-

ମାନଙ୍କୁ ଜୟ କରିବାକୁ ଯାଉଛୁ । ମେରି କିପରି ଅଛି ? ତାହାକୁ ମୋର ପ୍ରୀତି ଜଣାଇବ । ମୋର ଏଠାକାର କାର୍ଯ୍ୟ ଶେଷ ହୋଇଯାଇଛି । ମେରି ସେଠାରେ ରହିଲେ ମୁଁ ପନ୍ଦର ଦିନ ଭିତରେ ଚିକାଗୋ ଯିବି । ମେରି ଶୀଘ୍ର ପୂର୍ବାଞ୍ଚଳକୁ ଯାଉଛି । ଇତି

ଆଶୀର୍ବାଦକ, ବିବେକାନନ୍ଦ

ମନ ସର୍ବବ୍ୟାପୀ । ଯେକୌଣସି ସ୍ଥାନରୁ ଏହାର ସ୍ପନ୍ଦନ ଶୁଣାଯାଇପାରେ ଏବଂ ଅନୁଭବ କରାଯାଇପାରେ ।

—ବି.

୪୯୯ଇଂ (ଜନୈକ ଆମେରିକାନ୍ ବନ୍ଧୁଙ୍କୁ ଲିଖିତ)

ସାନ୍ ଫ୍ରାନ୍‌ସିସ୍‌କୋ, ୭ ଏପ୍ରିଲ ୧୯୦୦

କିନ୍ତୁ ବର୍ତ୍ତମାନ ମୁଁ ଏତେ ସ୍ଥିର ଓ ପ୍ରଶାନ୍ତ ହୋଇଯାଇଛି ଯେ, ପୂର୍ବେ କେବେ ହେଲେ ଏଭଳି ନ ଥିଲି । ମୁଁ ବର୍ତ୍ତମାନ ନିଜ ଗୋଡ଼ରେ ଠିଆ ହୋଇ ମହାନନ୍ଦରେ ଖୁବ୍ ଖଟୁଛି । କର୍ମରେ ହିଁ ମୋର ଅଧିକାର, ବାକି ମା ହିଁ ଜାଣନ୍ତି ।

ଦେଖ, ଏଠାରେ ଯେତେଦିନ ରହିବି ବୋଲି ଭାବିଥିଲି, ତଦପେକ୍ଷା ଅଧିକ ଦିନ ରହି କାର୍ଯ୍ୟ କରିବାକୁ ହେବ ଦେଖୁଛି । କିନ୍ତୁ ସେଥିପାଇଁ ବିଚଳିତ ହୁଅ ନାହିଁ; ମୋର ସବୁ ସମସ୍ୟାର ସମାଧାନ ମୁଁ ହିଁ କରିବି । ମୁଁ ବର୍ତ୍ତମାନ ନିଜ ଗୋଡ଼ରେ ଠିଆ ହୋଇଛି ଏବଂ ଆଲୋକ ମଧ୍ୟ ଦେଖିବାକୁ ପାଉଛି । ହୁଏତ ସଫଳତା ମୋତେ ବିପଥଗାମୀ କରିଥାନ୍ତା ଏବଂ ମୁଁ ଯେ ସନ୍ନ୍ୟାସୀ—ଏହି ସତ୍ୟଟିକୁ ହୁଏତ ମୁଁ ଭୁଲିଯାଇଥାଆନ୍ତି । ସେଥିପାଇଁ 'ମା' ମୋତେ ଏହି ଅଭିଜ୍ଞତା ଦେଉଛନ୍ତି ।

ମୋର ତରଣୀ କ୍ରମଶଃ ସେହି ଶାନ୍ତିର ବନ୍ଦରର ନିକଟବର୍ତ୍ତୀ ହେଉଛି, ଯେଉଁଠାରୁ ସେ ଆଉ ବିତାଡ଼ିତ ହେବ ନାହିଁ । ଜୟ, ଜୟ ମା ! ମୋ ନିଜର ଆଉ କୌଣସି ଆକାଙ୍‌କ୍ଷା ବା ଉଚ୍ଚାଭିଳାଷ ନାହିଁ । [illegible] ଧନ୍ୟ ହେଉ । ମୁଁ ଶ୍ରୀରାମକୃଷ୍ଣଙ୍କର ଦାସ । ମୁଁ ଯନ୍ତ୍ର ମାତ୍ର—ଆଉକିଛି ଜାଣେ ନାହିଁ, ଜାଣିବାର ଆକାଙ୍‌କ୍ଷା ମଧ୍ୟ ନାହିଁ । 'ବାହ୍ ଗୁରୁଜୀ କୀ ଫତେ !' ଜୟ ଶ୍ରୀଗୁରୁମହାରାଜ କୀ ଜୟ !

୫୦୦ଇଂ (ମିସେସ୍ ଲେଗେଟ୍‌ଙ୍କୁ ଲିଖିତ)

୧୭୧୯ ଟାର୍କ ଷ୍ଟ୍ରୀଟ, ସାନ୍ ଫ୍ରାନ୍‌ସିସ୍କୋ
୭ ଏପ୍ରିଲ୍ ୧୯୦୦

ମା,

ଶିତର କାରଣ ସମ୍ପୂର୍ଣ୍ଣ ଦୂର ହୋଇଛି, ଏହି ଖବର ପାଇ ଅଭିନନ୍ଦନ ଜଣାଉଛି । ଏଥର ଯେ ଆପଣ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବେ, ସେ ବିଷୟରେ ମୋର କୌଣସି ସନ୍ଦେହ ନାହିଁ ।

ଆପଣଙ୍କର ଏକାନ୍ତ ସହୃଦୟ ପତ୍ରଖଣ୍ଡିରୁ ଖୁବ ଉତ୍ସାହ ପାଇଛି । ମୋତେ ସାହାଯ୍ୟ

କରିବା ପାଇଁ କେହି ଆଗେଇ ଆସିଲେ କି ନାହିଁ ସେ ସମ୍ପର୍କରେ ମୁଁ କିଛି ଭାବେ ନାହିଁ । ଧୀରେ ଧୀରେ ଶାନ୍ତ ଓ ଉଦ୍‌ବେଗଶୂନ୍ୟ ହୋଇଉଠୁଛି ।

ଦୟାକରି ମିସେସ୍ ମିଲଟନ୍‌ଙ୍କୁ ମୋର ଆନ୍ତରିକ ପ୍ରୀତି ଜଣାଇବେ । ମୁଁ ନିଶ୍ଚୟ ଆରୋଗ୍ୟ ହୋଇଯିବି । ମୂଳତଃ ମୋର ସ୍ୱାସ୍ଥ୍ୟର ଉନ୍ନତି ହେଉଛି; ଯଦିଓ ମଝିରେ ମଝିରେ ରୋଗର ପୁନରାକ୍ରମଣ ଘଟୁଛି । ତେବେ ଏ ଆକ୍ରମଣଗୁଡ଼ିକ ସ୍ୱଳ୍ପକାଳ-ସ୍ଥାୟୀ—ତୀବ୍ରତା ମଧ୍ୟ କମ୍ ।

ତୁରୀୟାନନ୍ଦ ଓ ସିରି (Siri)-ଙ୍କର ଚିକିତ୍ସା କରାଇବା ଆପଣଙ୍କ ପକ୍ଷରେ ଉପଯୁକ୍ତ ହୋଇଛି । ଆପଣଙ୍କର ମହତ୍ତ୍ ହୃଦୟ ପାଇଁ ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରିଛନ୍ତି । ସର୍ବବିଧ ଆଶୀର୍ବାଦ ନିରନ୍ତର ଆପଣଙ୍କୁ ଘେରିରହୁ ।

ଫ୍ରାନ୍‌ସକୁ ଯାଇ ଫରାସୀମାନଙ୍କ ମଧ୍ୟରେ କାର୍ଯ୍ୟ କରିବା ଯେ ଉଚିତ, ତାହା ଅତ୍ୟନ୍ତ ସତ୍ୟ । ଜୁଲାଇ ମାସରେ କିମ୍ବା ତା' ଆଗରୁ ଫ୍ରାନ୍‌ସରେ ପହଞ୍ଚିବାର ଆଶା କରୁଛି । 'ମା' ହିଁ ଜାଣନ୍ତି । ସର୍ବକଲ୍ୟାଣ ଆପଣ ଲଭ କରନ୍ତୁ—ଆପଣଙ୍କର ସନ୍ତାନ ବିବେକାନନ୍ଦର ନିରନ୍ତର ଏହି ପ୍ରାର୍ଥନା ।

**୫୦୧ଇଂ**

୧୭୧୯ ଟାର୍କ ଷ୍ଟ୍ରୀଟ, ସାନ୍ ଫ୍ରାନ୍‌ସିସ୍କୋ
୮ ଏପ୍ରିଲ ୧୯୦୦

ପ୍ରିୟ ଧୀରାମାତା,

ଏହା ସହିତ ଅଭେଦାନନ୍ଦଙ୍କୁ ଖଣ୍ଡିଏ ସୁଦୀର୍ଘ ଚିଠି ପଠାଇଲି ।··· ସେ ମୋ ଆଦେଶକୁ ଅପେକ୍ଷା କରୁଛି । ମୁଁ ତାହାକୁ କହିଛି ଯେ, ସେ ଯେପରି ସବୁ ବିଷୟରେ ଆପଣଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରେ ଏବଂ ମୁଁ ନ ଆସିବା ଯାଏ ନ୍ୟୁୟର୍କରେ ରହେ ।

ମୋର ମନେହୁଏ, ନ୍ୟୁୟର୍କର ବର୍ତ୍ତମାନ ପରିସ୍ଥିତିରେ ସେମାନେ ମୋତେ ସେଠାରେ ଚାହାଁନ୍ତି; ଆପଣ ମଧ୍ୟ କଅଣ ତାହା ମନେକରନ୍ତି ? ତାହା ହେଲେ ଶୀଘ୍ର ଆସିବି । ମୋର ବାଟ-ଖରଚ ପାଇଁ ଯଥେଷ୍ଟ ଟଙ୍କା ସଂଗ୍ରହ କରୁଛି । ବାଟରେ ଚିକାଗୋ ଓ ଡେଟ୍ରୟେଟ୍‌ରେ ଓହ୍ଲାଇବି । ଅବଶ୍ୟ ସେତେବେଳକୁ ଆପଣ ଚାଲିଯିବେ ।

ଅଭେଦାନନ୍ଦ ଏପର୍ଯ୍ୟନ୍ତ ଭଲ କାର୍ଯ୍ୟ କରିଛି; ଆଉ ଆପଣ ଜାଣନ୍ତି ଯେ, ମୁଁ ମୋର କର୍ମୀମାନଙ୍କ କାର୍ଯ୍ୟରେ ମୋଟେ ହସ୍ତକ୍ଷେପ କରେ ନାହିଁ । ଯେ କାମର ଲୋକ, ତା'ର ଗୋଟିଏ ନିଜସ୍ୱ ଧାରା ଥାଏ ଏବଂ ସେଥିରେ କେହି ହାତ ଦେବାକୁ ଗଲେ ସେ ବାଧା ପାଏ । ସେଥିପାଇଁ ମୁଁ ମୋର କର୍ମୀମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଏ । ଅବଶ୍ୟ ଆପଣ କାର୍ଯ୍ୟକ୍ଷେତ୍ରରେ ରହିଛନ୍ତି ଏବଂ ସବୁ ଜାଣନ୍ତି । କଅଣ କରିବା ଉଚିତ୍, ଏ ବିଷୟରେ ମୋତେ ଉପଦେଶ ଦେବେ ।

କଲିକତାକୁ ପ୍ରେରିତ ଟଙ୍କା ଯଥାସମୟରେ ପହଞ୍ଚିଛି ।···

ମୁଁ କ୍ରମେ ସୁସ୍ଥ ହେଉଛି, ଏପରିକି ପାହାଡ଼ ଉପରେ ମଧ୍ୟ ଚଢ଼ିପାରେ । ମଧ୍ୟେ ମଧ୍ୟେ

ସ୍ୱାସ୍ଥ୍ୟ ଖରାପ ହୁଏ, କିନ୍ତୁ ତାହାର କ୍ଷତି କାଳକ୍ରମେ କମି ଆସୁଛି । ମିସେସ୍ ମିଲ୍‌ଟନ୍‌ଙ୍କୁ ମୋର ଧନ୍ୟବାଦ ଜଣାଉଛି ।

ସିର ଗ୍ୟାନେଣ୍ଡାର୍ ଖଣ୍ଡିଏ ଗ୍ରେଟ୍ ଚିଠି ଲେଖିଛି । ତାକୁ ବିଶ୍ୱାସ କରୁଛି ଦେଖି ବଡ଼ବିର ହିଁଅଛି ଖୁବ୍ କୃତଜ୍ଞ—ଠିକ୍ ଯେପରି ମିସେସ ଲେଗେଟ୍‌ଙ୍କ ଭଳି ! ଚମତ୍କାର, ଭଲ ହାତରେ ପଡ଼ିଲେ ଟଙ୍କା ଜିନିଷଟା ସେପରି ଖରାପ ନୁହେଁ । ମୋର ଐକାନ୍ତିକ ଆକାଙ୍‌କ୍ଷା ଏହି ଯେ, ସିର ସମ୍ପୂର୍ଣ୍ଣ ଭଲ ହୋଇ ଉଠୁ—ବଡ଼ବିର !

ମୁଁ ପ୍ରାୟ ଦୁଇସପ୍ତାହ ମଧ୍ୟରେ ଏ ଜାଗା ଛାଡ଼ିବି । ମୁଁ ପ୍ରଥମେ ଷ୍ଟାରକ୍ଲୋନ୍ ନାମରେ ଗୋଟିଏ ଜାଗାକୁ ଯିବି ଏବଂ ତା'ପରେ ପୂର୍ବାଞ୍ଚଳକୁ ଯାତ୍ରା କରିବି । ହୁଏତ ଡେନ୍‌ଭରକୁ ମଧ୍ୟ ଯିବି ।

ଜୋ-କୁ ଆନ୍ତରିକ ପ୍ରୀତି ଜଣାଉଛି । ଇତି

ଆପଣଙ୍କର ଚିରସନ୍ତାନ, ବିବେକାନନ୍ଦ

ପୁଃ—ଶେଷପର୍ଯ୍ୟନ୍ତ ମୁଁ ଭଲ ହୋଇ ଉଠିବି, ଏ ବିଷୟରେ ମୋର ଆଉ ସନ୍ଦେହ ନାହିଁ । ମୁଁ ଷ୍ଟିମ୍ ଇଞ୍ଜିନ୍ ଭଳି କପରି କାର୍ଯ୍ୟ କରିଚାଲିଛି—ରାନ୍ଧୁଛି, ଯାହା ଖୁସି ଖାଉଛି ଏବଂ ତା' ସଙ୍ଗେ ମଧ୍ୟ ବେଶ୍ ଶୋଉଛି ଏବଂ ଭଲ ଅଛି—ଏହା ଆପଣଙ୍କର ଦେଖିବା ଉଚିତ୍ ଥିଲା !

ଏପର୍ଯ୍ୟନ୍ତ ମୁଁ କିଛି ଲେଖି ନାହିଁ, କାରଣ ସମୟ ନାହିଁ । ମିସେସ୍ ଲେଗେଟ୍ ଭଲ ହୋଇଛନ୍ତି ଏବଂ ସ୍ୱାଭାବିକ ଭାବରେ ଚାଲବୁଲ କରୁଛନ୍ତି ଜାଣି ଆନନ୍ଦ ହେଲା । ସେ ଶୀଘ୍ର ନିରାମୟ ହୁଅନ୍ତୁ—ଏହା ହିଁ ମୋର ଆକାଙ୍‌କ୍ଷା ଓ ପ୍ରାର୍ଥନା । ଇତି

—ବି.

ପୁଃ—ମିସେସ୍ ସେଭିଅର୍‌ଙ୍କର ଖଣ୍ଡିଏ ସୁନ୍ଦର ପତ୍ରରୁ ଜାଣିଲି ଯେ, ସେମାନେ ସୁନ୍ଦର କାର୍ଯ୍ୟ ଚଲାଇ ଯାଉଛନ୍ତି । କଲିକତାରେ ଭୟଙ୍କର ପ୍ଲେଗ୍ ଆରମ୍ଭ ହୋଇଛି; କିନ୍ତୁ ଏଥର ତାହା ଯେକ କୌଣସି ହେଁ ଚେ ନାହିଁ । ଇତି

—ବି.

୫୦୨ଇଂ

୧୭୧୯ ଟାର୍କ ଷ୍ଟ୍ରୀଟ୍, ସାନ୍ ଫ୍ରାନ୍‌ସିସ୍କୋ
୧୦ ଏପ୍ରିଲ ୧୯୦୦

ପ୍ରିୟ ଜୋ,

ନ୍ୟୁୟର୍କରେ ଗୋଟାଏ ଚକ୍ରାନ୍ତ ଚାଲିଛି, ଦେଖୁଛି । ଅ··· ମୋତେ ଖଣ୍ଡିଏ ପତ୍ର ଲେଖି ଜଣାଇଛି ଯେ, ସେ ନ୍ୟୁୟର୍କ ଛାଡ଼ି ଚାଲିଯିବ । ସେ ଭାବୁଛି ଯେ, ମିସେସ୍ ବୁଲ୍ ଓ ତୁମେ ତା' ବିରୋଧରେ ମୋତେ ଅନେକ କିଛି ଲେଖିଛ । ଉତ୍ତରରେ ମୁଁ ତାହାକୁ ଧୈର୍ଯ୍ୟ ଧରି ରହିବାକୁ ଲେଖିଛି, ଆଉ ଜଣାଇଛି ଯେ, ମିସେସ୍ ବୁଲ୍ ଓ ମିସ୍ ମାକ୍‌ଲଉଡ୍ ମୋତେ ତା' ସମ୍ବନ୍ଧରେ କେବଳ ଭଲ କଥା ହିଁ ଲେଖନ୍ତି ।

ଦେଖ ଜୋ-ଜୋ, ଏହିସବୁ ଗଣ୍ଡଗୋଳ ବିଷୟରେ ମୋର ଖାତି ତ ତୁମକୁ ଜଣା

ଅଛୁ—ତାହା ହେଉଛି, ସମସ୍ତ ଗଣ୍ଡଗୋଳକୁ ଏଡ଼ାଇ ଚଳିବା । 'ମା' ହିଁ ଏସବୁର ବ୍ୟବସ୍ଥା କରନ୍ତୁ । ମୋର କାର୍ଯ୍ୟ ଶେଷ ହୋଇଛି । କୋ, ମୁଁ ଛୁଟି ନେଇଛି । 'ମା' ବର୍ତ୍ତମାନ ନିଜେ ତାଙ୍କ କାର୍ଯ୍ୟ ଚଳାଇବେ । ଏହା ହିଁ ତ ବୁଝୁଛି !

ବର୍ତ୍ତମାନ, ତୁମେ ଯେପରି ପରାମର୍ଶ ଦେଇଥାଅ—ମୁଁ ଏଠାରେ ଯାହାକିଛି ଅର୍ଥ ସଂଗ୍ରହ କରିଛି, ସବୁ ପଠାଇଦେବି । ଅଙ୍କ ପଠାଇପାରିଥାନ୍ତି, କିନ୍ତୁ ହଜାର ପୂରା କରିବା ଅପେକ୍ଷାରେ ଅଛି । ଏହି ସପ୍ତାହ ଶେଷ ହେବା ଆଗରୁ ସାନ୍ ଫ୍ରାନ୍‌ସିସ୍କୋରେ ଏକହଜାର ପୂରା କରିବାର ଆଶା ରଖିଛି । ମୁଁ ନ୍ୟୁୟର୍କ ଠିକଣାରେ ଖଣ୍ଡିଏ ଡ୍ରାଫ୍‌ଟ୍ କଣିବି, କମ୍ବା ବ୍ୟାଙ୍କ୍‌କୁ ଯଥାର୍ଥ ବ୍ୟବସ୍ଥା କରିବାକୁ କହିବି ।

ମଠ ଓ ହିମାଳୟରୁ ଅନେକ ଚିଠି ଆସିଛି । ଆଜ ସକାଳେ ସ୍ୱରୂପାନନ୍ଦର ଗୋଟିଏ ଚିଠି ପାଇଲି; କାଲି ମିସେସ୍ ସେଭିଅର୍‌ଙ୍କର ଖଣ୍ଡିଏ ଆସିଛି ।

ମିସ୍ ହ୍ୟାନ୍‌ସବରୋଙ୍କ ଫଟୋଗ୍ରାଫ୍‌ଗୁଡ଼ିକର ବିଷୟ କହୁଛି । ମିଃ ଲେଗେଟ୍‌ଙ୍କୁ ମୋ ନାମ କହି ବେଦାନ୍ତ ସୋସାଇଟିର ସମସ୍ୟାଗୁଡ଼ିକ ଯଥୋଚିତ ସମାଧାନ କରିବାକୁ କହିବ ।

ଏଇଟିକିକ କେବଳ ମୁଁ ବୁଝିଛି ଯେ, ପ୍ରତି ଦେଶରେ ଆମମାନଙ୍କୁ ତାହାର ନିଜସ୍ୱ ଧାରା ମାନି ଚଳିବାକୁ ହେବ । ସୁତରାଂ ତୁମର କାର୍ଯ୍ୟ ଯଦି ମୋତେ କରିବାକୁ ହୁଅନ୍ତା, ତାହାହେଲେ ମୁଁ ସମସ୍ତ ସଭ୍ୟ ଓ ସମର୍ଥକମାନଙ୍କର ଗୋଟିଏ ସଭା ଆହ୍ୱାନ କରି ପଚାରନ୍ତି ଯେ, ସେମାନେ କୌଣସି ସଂହତି ଚାହାଁନ୍ତି କି ନାହିଁ, ଆଉ ଯଦି ଚାହାଁନ୍ତି ତେବେ ତାହା କିଭଳି ହେବା ଆବଶ୍ୟକ, ଇତ୍ୟାଦି । କିନ୍ତୁ ତୁମେ କାର୍ଯ୍ୟଟିକୁ ନିଜ ଚେଷ୍ଟାରେ କର । ମୁଁ ନିସ୍ତାର ଚାହେଁ । ଏକାନ୍ତ ଯଦି ମନେକର ଯେ, ମୁଁ ଉପସ୍ଥିତ ରହିଲେ ସାହାଯ୍ୟ ହେବ, ତେବେ ମୁଁ ପନ୍ଦର ଦିନ ଭିତରେ ଆସିପାରିବି । ମୋର ଏଠାକାର କାର୍ଯ୍ୟ ଶେଷ ହୋଇଛି । ତେବେ ସାନ୍ ଫ୍ରାନ୍‌ସିସ୍କୋର ବାହାରେ ଷ୍ଟକ୍‌ଟନ୍ ଗୋଟିଏ ଶ୍ରେଷ୍ଠ ସହର—ମୁଁ ସେଠାରେ ଅଳ୍ପ କିଛି ଦିନ କାର୍ଯ୍ୟ କରିବାକୁ ଚାହେଁ । ତା'ପରେ ପୂର୍ବାଞ୍ଚଳକୁ ଯିବି । ମୋର ମନେହୁଏ, ବର୍ତ୍ତମାନ ମୋର ବିଶ୍ରାମ ନେବା ଦରକାର—ଯଦିଓ ମୁଁ ଏହି ସହରରେ ବରାବର ସପ୍ତାହରେ ୧୦୦ ଡଲାର କରି ପାଇପାରେ । ଏଥର ମୁଁ ନ୍ୟୁୟର୍କ ଉପରେ 'ଲାଇଟ୍ ବ୍ରିଗେଡ଼ର ଆକ୍ରମଣ'* ଚଳାଇବାକୁ ଚାହେଁ । ମୋର ଆନ୍ତରିକ ପ୍ରୀତି ଜାଣିବ ।

ତୁମର ଚିରସ୍ନେହଶୀଳ, ବିବେକାନନ୍ଦ

---

* କ୍ରିମିୟା ଯୁଦ୍ଧରେ ସ୍ୱଳ୍ପ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ୬୦୦ ଅଶ୍ୱାରୋହୀଙ୍କର ଗୋଟିଏ ବାହିନୀକୁ ଆଦେଶ ଆସିଲା ଯେ, ପ୍ରବଳ ଶତ୍ରୁଦଳକୁ ଆକ୍ରମଣ କରିବାକୁ ହେବ । ସମସ୍ତେ ବୁଝିଥିଲେ ଯେ, ଏହି ଆକ୍ରମଣର ଅର୍ଥ ନିଶ୍ଚିତ ମୃତ୍ୟୁ । ତଥାପି ଗୁଳିବର୍ଷଣ ଆଦିକୁ ଉପେକ୍ଷା କରି ସେମାନେ ଅଗ୍ରସର ହେଲେ ଏବଂ ମୁଷ୍ଟିମେୟ କେତେଜଣଙ୍କ ଛଡ଼ା ପ୍ରାୟ ସମସ୍ତ ସୈନ୍ୟ ପ୍ରାଣ ଦେଇ ଚିରକାଳ ପାଇଁ ଏହି ଆଦର୍ଶ ରଖିଗଲେ ଯେ, କର୍ତ୍ତବ୍ୟର ଆହ୍ୱାନରେ ସୈନ୍ୟ କେବେହେଲେ ହେଲେ ପଶ୍ଚାତ୍‌ପଦ ହେବ ନାହିଁ ।

ପୁଃ—ଜର୍ମାମାନେ ସମସ୍ତେ ଯଦି ଫହ୍ଵଡର ବିରୋଧୀ ହୁଅନ୍ତି, ତେବେ ତୁମେ କ'ଣ ଭାବୁଛ ଯେ, ସେଥିରେ କିଛି ଫଳ ହେବ ? ତୁମେ ଭଲ ଜାଣ। ଯାହା ଭଲ ମନେକରିବ, ତାହା ହିଁ କରିବ । ନିବେଦିତା ଶିକାଗୋରୁ ମୋତେ ଖଣ୍ଡିଏ ଚିଠି ଲେଖିଛି । ସେ କେତୋଟି ପ୍ରଶ୍ନ ପଚାରିଛି—ମୁଁ ଉତ୍ତର ଦେବି । —ବି.

୪୦୩ଇଂ (ଜନୈକ ଆମେରିକାନ୍ ବନ୍ଧୁଙ୍କୁ ଲିଖିତ)

ଆଲମେଡ଼ା, କାଲିଫର୍ଣ୍ଣିଆ, ୧୨ ଏପ୍ରିଲ ୧୯୦୦

...'ମା' ପୁଣି ପ୍ରସନ୍ନା ହେଉଛନ୍ତି; ଅବସ୍ଥା ଅନୁକୂଳ ହୋଇଆସୁଛି—ତାହା ହେବାକୁ ବାଧ୍ୟ !

କର୍ମ ଚିରକାଳ ଅଶୁଭକୁ ସଙ୍ଗରେ ନେଇ ଆସେ । ମୁଁ ନିଜ ସ୍ୱାସ୍ଥ୍ୟକୁ ନଷ୍ଟ କରି ସଞ୍ଚିତ ଅଶୁଭରାଶିର ଫଳଭୋଗ କରିଛି । ଏଥିରେ ମୁଁ ଖୁସି, ଆଉ ଏଥିରେ ମୋର ମନ ହାଲୁକା ହୋଇଯାଇଛି—ମୋ ଜୀବନରେ ଏପରି ଗୋଟାଏ ସ୍ନିଗ୍ଧ କୋମଳତା ଓ ପ୍ରଶାନ୍ତି ଆସିଛି, ଯାହା ଏହା ପୂର୍ବରୁ କେବେହେଲେ ନ ଥିଲା । ଏକକାଳୀନ କିପରି ଆସକ୍ତ ଓ ଅନାସକ୍ତ ରହିବାକୁ ହୁଏ, ମୁଁ ବର୍ତ୍ତମାନ ତାହା ହିଁ ଶିଖୁଛି ଏବଂ କ୍ରମେ ନିଜ ମନ ଉପରେ ମୋର ପ୍ରଭୁତ୍ୱ ଆସୁଛି ।

ମାଆଙ୍କ କାର୍ଯ୍ୟ ମାଆ ହିଁ କରୁଛନ୍ତି; ସେଥିପାଇଁ ବର୍ତ୍ତମାନ ବେଶୀ ମୁଣ୍ଡ ଖେଳାଉ ନାହିଁ । ମୋ ଭଳି ପତଙ୍ଗ ପ୍ରତିମୁହୂର୍ତ୍ତରେ ହଜାର ହଜାର ମରୁଛନ୍ତି; କିନ୍ତୁ ମାଆଙ୍କ କାର୍ଯ୍ୟ ସମଭାବରେ ଚାଲିଛି । ଜୟ ମା' !... ମାଆଙ୍କର ଇଚ୍ଛାସ୍ରୋତରେ ଦେହ ଭସାଇ ସମ୍ପୂର୍ଣ୍ଣ ନିଃସଙ୍ଗ ଭାବରେ ମୁଁ ଆଜୀବନ ଚାଲିଆସିଛି । ଯେତେବେଳେ ମୁଁ ଏହାର ବ୍ୟତିକ୍ରମ କରିଛି, ସେତେବେଳେ ହିଁ ଆଘାତ ପାଇଛି । ମାଆଙ୍କ ଇଚ୍ଛା ହିଁ ପୂର୍ଣ୍ଣ ହେଉ ।...

ମୁଁ ସୁଖରେ ଅଛି, ନିଜ ମନର ସବୁ ଦ୍ୱନ୍ଦ୍ୱ କଟାଇ ଶାନ୍ତିରେ ଅଛି ଏବଂ ମୋର ଅନ୍ତରର ବୈରାଗ୍ୟ ଆଜି ପୂର୍ବ ଅପେକ୍ଷା ଅଧିକ ସମୁଜ୍ଜ୍ୱଳ । ନିଜର ଆତ୍ମୀୟସ୍ୱଜନଙ୍କ ପ୍ରତି ପ୍ରୀତି ପ୍ରତିଦିନ ହ୍ରାସପ୍ରାପ୍ତ ହେଉଛି, ଆଉ ମାଆଙ୍କ ପ୍ରତି ଆକର୍ଷଣ କ୍ରମଶଃ ବର୍ଦ୍ଧିତ ହେଉଛି । ଦକ୍ଷିଣେଶ୍ୱରର ବଟବୃକ୍ଷ ତଳେ ଶ୍ରୀରାମକୃଷ୍ଣଦେବଙ୍କ ସହିତ ସେହି ଯେ ଆମେ ଅନିଦ୍ରାରେ ଦୀର୍ଘ ରାତ୍ରି ଯାପନ କରିଥିଲୁ, ତାହାର ସ୍ମୃତି ବାରମ୍ବାର ମନରେ ଉଠୁଛି । ଆଉ କର୍ମ ? କର୍ମ ପୁଣି କ'ଣ ? କାହାର କର୍ମ ? ଆଉ କାହା ପାଇଁ ବା କର୍ମ ?

ମୁଁ ମୁକ୍ତ । ମୁଁ ମାଆଙ୍କ ସନ୍ତାନ । ମାଆ ହିଁ ସବୁ କର୍ମ କରନ୍ତି, ସବୁକିଛି ମାଆଙ୍କ ଲୀଳା । ମୁଁ କାହିଁକି ମତଲବ ପୋଷଣ କରିବ ? ଆଉ କି ମତଲବ ବା ରଖିବ ? ମୋର ପରିକଳ୍ପନାର ଅପେକ୍ଷା ନ ରଖି ମାଆଙ୍କର ଯେପରି ଅଭିରୁଚି, ସେହିପରି ଭାବରେ ଯାହାକିଛି ଆସିବାର ଆସିଛି ଓ ଚାଲିଯାଇଛି । ମାଆ ହିଁ ତ ଯନ୍ତ୍ରୀ, ଆମେ ତାଙ୍କ ହାତରେ ଯନ୍ତ୍ର ଛଡ଼ା ଆଉ କ'ଣ ?

୫୦୪ଇଂ ୧୭ ଏପ୍ରିଲ, ୧୯୦୦

ପ୍ରିୟ ମିଃ ଲେଗେଟ୍,

ଏହା ସହିତ ସମ୍ପାଦିତ 'ଉଇଲ୍'ଟି ଆପଣଙ୍କ ନିକଟକୁ ପଠାଉଛି । ଏହା ତାଙ୍କର (ମିସେସ୍ ବୁଲ୍‌ଙ୍କର) ଇଚ୍ଛାନୁସାରେ ସମ୍ପାଦିତ ହୋଇଛି ଏବଂ ଯଥାସମ୍ଭବ ଏହାର ଦାୟିତ୍ୱ-ଗ୍ରହଣରେ କଷ୍ଟ ସ୍ୱୀକାର କରିବା ନିମିତ୍ତ ଆପଣଙ୍କୁ ଅନୁରୋଧ କରୁଛି ।

ପ୍ରଥମରୁ ଆପଣମାନେ ମୋ ପ୍ରତି ସମଭାବରେ ସଦୟ; କିନ୍ତୁ ପ୍ରିୟ ବନ୍ଧୁ, ଆପଣ ତ ଜାଣନ୍ତି, ଯେଉଁଠାରୁ ଆନୁକୂଲ୍ୟ ମିଳେ (ବର୍ତ୍ତମାନ ଆନୁକୂଲ୍ୟ ମିଳୁଛି), ସେଠାରୁ ମଣିଷ ଆହୁରି ବେଶୀ ପାଇବାକୁ ଇଚ୍ଛା କରିଥାଏ—ଏହା ତା'ର ସ୍ୱଭାବ ।

ଆପଣଙ୍କର ସନ୍ତାନ ମୁଁ ମଧ୍ୟ ମଣିଷ ।

ଆପଣ ଏହି ପତ୍ର ପାଇଲା ବେଳକୁ ମୁଁ ସାନ୍ ଫ୍ରାନ୍‌ସିସ୍‌କୋ ଛାଡ଼ି ଚାଲିଯାଇଥିବି । ଆପଣ ଦୟାକରି ଭିତରରୁ ମୋ ପାଖକୁ ଅସୁବିଧା ନ ଥିଲେ ଚିଠିପତ୍ର C/o Mrs. Hal, 10 Aster Street, Chicago (ଚିକାଗୋ) ଏହି ଠିକଣାରେ ମାର୍ଗଟ୍‌ଙ୍କ ନିକଟକୁ ପଠାଇଦେବେ କି ? ମାର୍ଗଟ୍‌ର ବିଦ୍ୟାଳୟ ପାଇଁ ଆପଣଙ୍କ ୧୦୦୦ ଡଲାର ଦାନ ବିଷୟ ସେ କୃତଜ୍ଞତା ଜଣାଇ ଲେଖିଛି ।

ମୋ ପ୍ରତି ଆପଣମାନଙ୍କର ଅବିଚଳିତ ସହୃଦୟତା ଲାଗି ନିରନ୍ତର ଏହି ପ୍ରାର୍ଥନା ଜଣାଉଛି ଯେ, ସକଳ ଆଶୀର୍ବାଦ ଚିରଦିନ ଆପଣମାନଙ୍କୁ ଘେରି ରହୁ ।

ଆପଣଙ୍କ ସ୍ନେହାବଦ୍ଧ, ବିବେକାନନ୍ଦ

ପୁଃ—ମିସେସ୍ ଲେଗେଟ୍ ଇତିମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଜାଣି ଅତ୍ୟନ୍ତ ଆନନ୍ଦିତ ହେଲି ।

—ବି.

୫୦୫ଇଂ ଆଲମେଡ଼ା, କାଲିଫର୍ଣ୍ଣିଆ
୧୮ ଏପ୍ରିଲ ୧୯୦୦

ପ୍ରିୟ ଜୋ,

ତୁମର ଓ ମିସେସ୍ ବୁଲଙ୍କ ସାଦର ଆହ୍ୱାନପତ୍ର ବର୍ତ୍ତମାନ ପାଇଲି । ଏହି ଚିଠି ମୁଁ ଲଣ୍ଡନ ଠିକଣାରେ ଲେଖୁଛି । ମିଃ ଲେଗେଟ୍ ନିଃସନ୍ଦିଗ୍ଧ ଭାବରେ ଆରୋଗ୍ୟ ପଥରେ ଚାଲିଛନ୍ତି ଜାଣି ମୁଁ ଅତ୍ୟନ୍ତ ସୁଖୀ ହୋଇଛି ।

ମିଃ ଲେଗେଟ୍‌ଙ୍କର ସଭାପତି-ପଦ ତ୍ୟାଗ-କରିବା ଖବରରେ ଅତ୍ୟନ୍ତ ଦୁଃଖିତ ହେଲି ।

ଅସଲ କଥା—ଅଧିକ ଜଟିଳତାର ଆଶଙ୍କାରେ ମୁଁ ଚୁପ୍ ରହିଛି । ତୁମେ ତ ଜାଣ —ମୋର ସବୁ ସାଙ୍ଘାତିକ କଡ଼ା ବ୍ୟବସ୍ଥା; ଥରେ ଯଦି ମୋର ଖିଆଲ ଉଠେ, ତା'ହେଲେ ଏପରି ପାଟି କରିବାକୁ ଆରମ୍ଭ କରିବି ଯେ, ଅ—ର ମନର ଶାନ୍ତି ଭଙ୍ଗ ହେବ । ମୁଁ ତାକୁ

କେବଳ ଏତିକି ଲେଖି ଜଣାଇଛ ଯେ, ମିସେସ୍ ବୁଲ୍‌ଙ୍କ ସମ୍ବନ୍ଧରେ ତାହାର ସବୁ ଧାରଣା ସମ୍ପୂର୍ଣ୍ଣ ଭୁଲ୍ ।

କର୍ମ କରିବା ସବୁବେଳେ କଷ୍ଟଦାୟକ । ମୋ ପାଇଁ ପ୍ରାର୍ଥନା କର, ଜୋ, ଯେପରି ଚିରଦିନ ପାଇଁ ମୋର କାମ କରିବା ଶେଷ ହୋଇଯାଏ; ଆଉ ମୋର ସମୁଦାୟ ମନ-ପ୍ରାଣ ଯେପରି ମାଆଙ୍କ ସତ୍ତାରେ ମିଶି ଏକାବେଳକେ ତନ୍ମୟ ହୋଇଯାଏ । ତାଙ୍କର କାର୍ଯ୍ୟ ସେ ହିଁ ଜାଣନ୍ତି !

ତୁମେ ପୁଣି ଲଣ୍ଡନରେ ପୁରୁଣା ବନ୍ଧୁମାନଙ୍କ ମଧ୍ୟରେ ଯାଇ ଖୁବ୍ ଖୁସୀ ହୋଇଛ ନିଶ୍ଚୟ ! ସେମାନଙ୍କୁ ସମସ୍ତଙ୍କୁ ମୋର ସ୍ନେହ ଜଣାଇବ । ମୁଁ ଭଲ ଅଛି—ମାନସିକ ଖୁବ୍ ଭଲରେ ଅଛି । ଦେହ ଅପେକ୍ଷା ମନର ଶାନ୍ତି-ସ୍ୱଚ୍ଛନ୍ଦତା ହିଁ ବେଶୀ ଅନୁଭବ କରୁଛି । ଲଢ଼େଇରେ ହାର୍-ଜିତ୍ ଦୁଇଟାଯାକ ହେଲା—ବର୍ତ୍ତମାନ ପେଡ଼ି-ପୁଟୁଳା ବାନ୍ଧି ସେହି ମହାନ୍ ମୁକ୍ତିଦାତାଙ୍କ ଅପେକ୍ଷାରେ ଅନୁକୂଳ କରି ବସିରହିଛି । 'ଅବ୍ ଶିବ୍ ପାର୍ କରୋ ମେରା ନେଇୟା'—ହେ ଶିବ, ହେ ଶିବ, ମୋର ତରୀ ସେପାରିକୁ ନେଇଯାଅ, ପ୍ରଭୁ !

ଯେତେ ଯାହା ହେଉ, ଜୋ, ମୁଁ ବର୍ତ୍ତମାନ ସେହି ପୂର୍ବର ବାଳକ ଛଡ଼ା ଆଉ କେହି ନୁହେଁ, ଯେ ଦକ୍ଷିଣେଶ୍ୱରର ପଞ୍ଚବଟୀ ତଳେ ରାମକୃଷ୍ଣଙ୍କ ଅପୂର୍ବ ବାଣୀ ଅବାକ୍ ହୋଇ ଶୁଣୁଥିଲା ଆଉ ବିଭୋର ହୋଇଯାଉଥିଲା । ସେହି ବାଳକ-ଭାବଟି ହେଉଛି ମୋର ଅସଲ ପ୍ରକୃତି—ଆଉ କାର୍ଯ୍ୟକର୍ମ, ପରୋପକାର ଇତ୍ୟାଦି ଯାହା କିଛି କରାଯାଇଛି, ତାହା ସେହି ପ୍ରକୃତି ଉପରେ ହିଁ କିଛିକାଳ ନିମନ୍ତେ ଆରୋପିତ ଗୋଟିଏ ଉପାଧି ମାତ୍ର । ଆହା, ପୁଣି ତାଙ୍କର ସେହି ମଧୁର ବାଣୀ ଶୁଣିବାକୁ ପାଉଛି—ସେହି ଚିର-ପରିଚିତ କଣ୍ଠସ୍ୱର ! ଯହିଁରେ ମୋ ପ୍ରାଣର ଭିତର ପର୍ଯ୍ୟନ୍ତ କଣ୍ଟକିତ ହୋଇଯାଉଛି ' ବନ୍ଧନ ସବୁ ଖସିଯାଉଛି, ମନୁଷ୍ୟର ମାୟା ଉଡ଼ିଯାଉଛି, କାର୍ଯ୍ୟକର୍ମ ବିସ୍ୱାଦ ବୋଧ ହେଉଛି ! ପ୍ରତି-ଆକର୍ଷଣ ମଧ୍ୟ କେଉଁଠି ଅଲଗା ହୋଇ ଠିଆ ହୋଇଛି ! ରହିଛି କେବଳ ତା' ସ୍ଥଳରେ ପ୍ରଭୁଙ୍କର ସେହି ମଧୁର ଗମ୍ଭୀର ଆହ୍ୱାନ !—ଯାଉଛି, ପ୍ରଭୁ, ଯାଉଛି ! ହେଇ ସେ କହୁଛନ୍ତି, 'ମୃତର ସତ୍କାର ମୃତମାନେ କରନ୍ତୁ' *(ସଂସାରର ଭଲମନ୍ଦ ସଂସାରୀମାନେ ଦେଖୁଥାନ୍ତୁ), ତୁ (ସେସବୁ ଫୋପାଡ଼ିଦେଇ) ମୋ ପଛେ ପଛେ ଚାଲିଆ ! ଯାଉଛି, ପ୍ରଭୁ, ଯାଉଛି !

ହଁ, ଏଇଥର ମୁଁ ଠିକ୍ ଯାଉଛି । ମୋ ସାମ୍ନାରେ ଅପାର ନିର୍ବାଣ-ସମୁଦ୍ର ଦେଖିବାକୁ ପାଉଛି ! ସମୟ ସମୟରେ ତାହା ସ୍ପଷ୍ଟ ପ୍ରତ୍ୟକ୍ଷ କରେ, ସେହି ଅସୀମ ଅନନ୍ତ ଶାନ୍ତି-ସମୁଦ୍ର—ମାୟାର ଏତେଟିକିଏ ପବନ ବା ଗୋଟାଏ ଢେଉ ମଧ୍ୟ ଯାହାର ଶାନ୍ତି ଭଙ୍ଗ କରୁ ନାହିଁ !

ମୁଁ ଯେ ଜନ୍ମିଥିଲି, ସେଥିରେ ମୁଁ ଖୁସି; ଏତେ ଯେ କଷ୍ଟ ଭୋଗିଛି, ସେଥିରେ ମଧ୍ୟ ଖୁସି; ଜୀବନରେ ଯେଉଁ ବଡ଼ ବଡ଼ ଭୁଲ କରିଛି, ସେଥିରେ ମଧ୍ୟ ଖୁସି; ପୁଣି ବର୍ତ୍ତମାନ ଯେ

---

* Follow me and let the dead bury their dead.—Bible (Matthew—8-22)

ନିର୍ବାଣର ଶାନ୍ତି-ସମୁଦ୍ରରେ ବୁଡ଼ ଦେବାକୁ ଯାଉଛି, ସେଥିରେ ମଧ୍ୟ ଖୁସି । ମୋ ପାଇଁ ସଂସାରକୁ ଫେରିବାକୁ ହେବ, ଏପରି ବନ୍ଧନରେ ମୁଁ କାହାରିକି ପକାଇ ଯାଉ ନାହିଁ; ଅଥବା ଏପରି ବନ୍ଧନ ମୁଁ ମଧ୍ୟ କାହାରି ପାଖରୁ ନେଇଯାଉ ନାହିଁ । ଦେହଟା ଯାଇ ମୋର ମୁକ୍ତି ହେଉ, ଅଥବା ଦେହ ଥାଉଁ ଥାଉଁ ମୁକ୍ତ ହୁଏ, ସେହି ପୁରୁଣା ବିବେକାନନ୍ଦ କିନ୍ତୁ ଚାଲିଯାଇଛି, ଚିରଦିନ ପାଇଁ ଚାଲିଯାଇଛି—ଆଉ ଫେରୁ ନାହିଁ !

ଶିକ୍ଷାଦାତା, ଗୁରୁ, ନେତା, ଆଚାର୍ଯ୍ୟ ବିବେକାନନ୍ଦ ଚାଲିଯାଇଛି—ପଡ଼ିରହିଛି କେବଳ ସେହି ବାଳକ, ପ୍ରଭୁଙ୍କର ସେହି ଚିରଶିଷ୍ୟ, ଚିରପଦାଶ୍ରିତ ଦାସ !

ତୁମେ ବୁଝିପାରୁଛ, ମୁଁ କାହିଁକି ଅଭେଦାନନ୍ଦର କାର୍ଯ୍ୟରେ ହାତ ଦେଉ ନାହିଁ ।

ମୁଁ କିଏ, ଜୋ, ଯେ କାହାର କାର୍ଯ୍ୟରେ ହାତ ଦେବ ? ଅନେକ ଦିନ ହେଲା, ନେତୃତ୍ୱ ମୁଁ ଛାଡ଼ିଦେଇଛି । କୌଣସି ବିଷୟରେ 'ଏଇଟା ମୋର ଇଚ୍ଛା' କହିବାର ଆଉ ଅଧିକାର ନାହିଁ । ଏ ବର୍ଷର ପ୍ରଥମରୁ ହିଁ ମୁଁ ଭାରତର କାର୍ଯ୍ୟରେ କୌଣସି ଆଦେଶ ଦେବା ଛାଡ଼ିଦେଇଛି—ତାହା ତ ତୁମେ ଜାଣିଛ । ତୁମେ ଓ ମିସେସ୍ ବୁଲ୍ ଅତୀତରେ ମୋ ପାଇଁ ଯାହା କରିଛ, ସେଥିପାଇଁ ଅଜସ୍ର ଧନ୍ୟବାଦ । ତୁମେମାନେ ଚିରକଲ୍ୟାଣ—ଅନନ୍ତ କଲ୍ୟାଣ ଲାଭ କର । ତାଙ୍କର ଇଚ୍ଛାସ୍ରୋତରେ ଯେତେବେଳେ ମୁଁ ସମ୍ପୂର୍ଣ୍ଣରୂପେ ଦେହ ଢାଳିଦେଇ ରହୁଥିଲି, ସେହି ସମୟଟି ହିଁ ଜୀବନ ମଧ୍ୟରେ ମୋର ପରମ ମଧୁମୟ ମୁହୂର୍ତ୍ତ ବୋଲି ମନେହୁଏ । ବର୍ତ୍ତମାନ ପୁଣି ସେହିପରି ଦେହ ଭସାଇ ଦେଇଛି । ଉପରେ ଦିବାକର ତାଙ୍କର ନିର୍ମଳ କିରଣ ବିସ୍ତାର କରୁଛନ୍ତି, ପୃଥିବୀ ଚାରିଆଡ଼େ ଶସ୍ୟସମ୍ପଦଶାଳିନୀ ହୋଇ ଶୋଭା ପାଉଛନ୍ତି, ଦିବସର ଉତ୍ତାପରେ ସକଳ ପ୍ରାଣୀ ଓ ପଦାର୍ଥ କେଡ଼େ ନିସ୍ତବ୍ଧ, କେଡ଼େ ସ୍ଥିର,—ଶାନ୍ତ ! ଆଉ, ମୁଁ ମଧ୍ୟ ସେହିସଙ୍ଗେ ବର୍ତ୍ତମାନ ଧୀର-ସ୍ଥିର ଭାବରେ, ନିଜର ଇଚ୍ଛା ଆଉ ବିନ୍ଦୁମାତ୍ର ମଧ୍ୟ ନ ରଖି, ପ୍ରଭୁଙ୍କ ଇଚ୍ଛାରୂପକ ପ୍ରବାହିଣୀର ସୁଶୀତଳ ବକ୍ଷରେ ଭାସି ଭାସି ଚାଲିଛି । ଏତେଟିକିଏ ହାତ-ଗୋଡ଼ ହଲାଇ ଏ ପ୍ରବାହର ଗତି ଭାଙ୍ଗିବାକୁ ମୋର ପ୍ରବୃତ୍ତି ବା ସାହସ ହେଉ ନାହିଁ—କାଳେ ପ୍ରାଣର ଏହି ଅଦ୍ଭୁତ ନିସ୍ତବ୍ଧତା ଓ ଶାନ୍ତି ପୁଣି ଭାଙ୍ଗିଯିବ । ପ୍ରାଣର ଏହି ଶାନ୍ତି ଓ ନିସ୍ତବ୍ଧତା ହିଁ ଜଗତ୍‌ଟାକୁ ମାୟା ବୋଲି ସ୍ପଷ୍ଟ ବୁଝାଇଦିଏ । ଇତିପୂର୍ବେ ମୋର କର୍ମ ଭିତରେ ମାନ-ଯଶର ଭାବ ମଧ୍ୟ ଉଠୁଥିଲା,* ମୋର ପ୍ରେମ ଭିତରେ ବ୍ୟକ୍ତି ବିଚାର ଆସୁଥିଲା, ମୋର ପବିତ୍ରତାର ପଶ୍ଚାତ୍‌ରେ ଫଳଭୋଗର ଆକାଙ୍‌କ୍ଷା ରହୁଥିଲା, ମୋର ନେତୃତ୍ୱ ଭିତରେ ପ୍ରଭୁତ୍ୱ-ସ୍ପୃହା ଆସୁଥିଲା । ବର୍ତ୍ତମାନ ସେସବୁ ଉଡ଼ିଯାଉଛି । ଆଉ, ମୁଁ ସକଳ ବିଷୟରେ ଉଦାସୀନ ହୋଇ ତାଙ୍କ ଇଚ୍ଛାରେ ଠିକ୍ ଠିକ୍ ଦେହ ଭସାଇଦେଇ ଚାଲିଛି । ଯାଉଛି ! ମା, ଯାଉଛି —ତୁମର ସ୍ନେହମୟ ବକ୍ଷରେ ଧାରଣ କରି ଯେଉଁ ସ୍ଥାନକୁ ତୁମେ ନେଇଯାଉଛ, ସେହି ଅଶବ୍ଦ, ଅସ୍ପର୍ଶ, ଅଜ୍ଞାତ, ଅଦ୍ଭୁତ ରାଜ୍ୟରେ ଅଭିନେତାର ଭାବ

---

* ଭଗବାନ ଶ୍ରୀରାମକୃଷ୍ଣଦେବ କହୁଥିଲେ, 'ଖାଦ ନ ମିଶିଲେ ଅଳଙ୍କାର ହୁଏ ନାହିଁ ।' ସ୍ୱାମୀଜୀ ବର୍ତ୍ତମାନ ସେହି ଦୃଷ୍ଟିରୁ ଏହି କଥାଗୁଡ଼ାକ କହୁଛନ୍ତି ।

ସମ୍ପୂର୍ଣ୍ଣରୂପେ ବିସର୍ଜନ ଦେଇ କେବଳମାତ୍ର ଦ୍ରଷ୍ଟା ବା ସାକ୍ଷୀଭଳି ବୁଲିବାକୁ ମୋର ଦ୍ୱିଧା ନାହିଁ ।

ଆହା, କି ସ୍ଥିର ପ୍ରଶାନ୍ତ ! ଚିନ୍ତାଗୁଡ଼ାକ ପର୍ଯ୍ୟନ୍ତ ବୋଧ ହେଉଛି ଯେପରି ହୃଦୟର କେଉଁ ଏକ ଦୂର, ଅତିଦୂର ଅଭ୍ୟନ୍ତର-ପ୍ରଦେଶରୁ ମୃଦୁ ବାକ୍ୟାଳାପଭଳି ଧୀର ଅସ୍ପଷ୍ଟ ଭାବରେ ମୋ ପାଖରେ ଆସି ପହଞ୍ଚୁଛି । ଆଉ ଶାନ୍ତି—ମଧୁର, ମଧୁର ଶାନ୍ତି—ଯାହା କିଛି ଦେଖୁଛି ଶୁଣୁଛି, ସବୁକୁ ଆବୋରି ରଖିଛି ! ମଣିଷ ଶୋଇପଡ଼ିବା ଆଗରୁ କେତେକ ମୁହୂର୍ତ୍ତ ପାଇଁ ଯେପରି ବୋଧ କରେ—ଯେତେବେଳେ ସବୁ ଜିନିଷ ଦେଖାଯାଏ, କିନ୍ତୁ ଛାୟାପରି ଅବାସ୍ତବ ମନେହୁଏ—ଭୟ ନ ଥାଏ, ସେମାନଙ୍କ ପ୍ରତି ଅନୁରାଗ ମଧ୍ୟ ନ ଥାଏ, ହୃଦୟରେ ସେମାନଙ୍କ ସମ୍ବନ୍ଧରେ ଏତେ ଟିକିଏ ଭଲ-ମନ୍ଦ-ଭାବ ସୁଦ୍ଧା ଉଠେ ନାହିଁ—ମୋ ମନର ବର୍ତ୍ତମାନର ଅବସ୍ଥା ଯେପରି ଠିକ୍ ସେହିପରି, କେବଳ ଶାନ୍ତି, ଶାନ୍ତି !—ଘରପାଖରେ କେତେଗୁଡ଼ିଏ ପିତୁଳା ଆଉ ଛବି ସଜାହୋଇ ରହିଛି ଦେଖି ଲୋକଙ୍କ ମନରେ ଯେପରି ଶାନ୍ତିଭଙ୍ଗର କାରଣ ଉପସ୍ଥିତ ହୁଏ ନାହିଁ, ଏ ଅବସ୍ଥାରେ ଜଗତଟା ଠିକ୍ ସେହିପରି ଦେଖାଯାଉଛି; ମୋ ପ୍ରାଣର ଶାନ୍ତିର ମଧ୍ୟ ବିରାମ ନାହିଁ ! ହେଇ ପୁଣି ସେହି ଆହ୍ୱାନ ! ଯାଉଛି, ପ୍ରଭୁ, ଯାଉଛି ।

ଏ ଅବସ୍ଥାରେ ଜଗତ୍ ରହିଛି; କିନ୍ତୁ ତାହାକୁ ସୁନ୍ଦର ବୋଧହେଉ ନାହିଁ କି କୁତ୍ସିତ ମଧ୍ୟ ବୋଧ ହେଉ ନାହିଁ । —ଇନ୍ଦ୍ରିୟଦ୍ୱାରା ବିଷୟାନୁଭୂତ ହେଉଛି, କିନ୍ତୁ ମନରେ 'ଏଇଟା ତ୍ୟାଜ୍ୟ ସେଇଟା ଗ୍ରାହ୍ୟ' —ଏପରି ଭାବର କିଛିମାତ୍ର ଉଦୟ ହେଉ ନାହିଁ । ଆହା, ଜୋ, ଏ ଯେ କି ଆନନ୍ଦର ଅବସ୍ଥା, ତାହା ତୁମକୁ କଅଣ କହିବି ! ଯାହାକିଛି ଦେଖୁଛି, ଶୁଣୁଛି, ସବୁ ସମାନ ଭାବରେ ଭଲ ଓ ସୁନ୍ଦର ବୋଧହେଉଛି; କାରଣ ନିଜ ଶରୀରରୁ ଆରମ୍ଭ କରି ସେମାନଙ୍କର ସମସ୍ତଙ୍କ ଭିତରେ ବଡ଼-ସାନ, ଭଲ-ମନ୍ଦ, ଉପାଦେୟ-ହେୟ ବୋଲି ଯେଉଁ ସମ୍ବନ୍ଧଟି ଏତେକାଳ ଧରି ଅନୁଭବ କରିଛି, ସେହି ଉଚ୍ଚ-ନୀଚ ସମ୍ବନ୍ଧ ବର୍ତ୍ତମାନ ସତେ ଯେପରି କେଉଁଆଡ଼େ ଚାଲିଯାଇଛି ! ଆଉ, ସର୍ବାପେକ୍ଷା ଉପାଦେୟ ବୋଲି ଏହି ଦେହ ପ୍ରତି ଇତିପୂର୍ବେ ଯେଉଁ ବୋଧ ଥିଲା, ସର୍ବପ୍ରଥମେ ସେହି ବୋଧ ଯେପରି କେଉଁଆଡ଼େ ଲୋପପାଇଛି ! ଓଁ ତତ୍ ସତ୍ ।

ମୁଁ ଆଶା କରେ, ତୁମେମାନେ ସମସ୍ତେ ଲଣ୍ଡନରେ ଓ ପ୍ୟାରିସ୍‌ରେ ବହୁ ଅଭିନବ ଅଭିଜ୍ଞତା ଲାଭ କରିବ—ଦେହ ଓ ମନର ନୂତନ ଖାଦ୍ୟ ପାଇବ ।

ତୁମେ ଓ ମିସେସ୍ ବୁଲ୍ ମୋର ଚିରନ୍ତନ ପ୍ରୀତି ଜାଣିବ । ଇତି

ତୁମର ଚିରବିଶ୍ୱସ୍ତ, ବିବେକାନନ୍ଦ

୪୦୭ଇଂ

ଆଲମେଡ଼ା, କାଲିଫର୍ଣ୍ଣିଆ
୨୦ ଏପ୍ରିଲ ୧୯୦୦

ପ୍ରିୟ ଜୋ,

ଆଜି ତୁମର ଚିଠି ପାଇଲି । ଗତକାଲି ତୁମ ପାଖକୁ ଚିଠି ଲେଖିଛି, କିନ୍ତୁ ତୁମେ

ଇଂଲଣ୍ଡରେ ଥିବ ବୋଲି ଖବ ଚଠି ସେଠାକାର ଠିକଣାରେ ପଠାଇଛି ।

ମିସେସ୍ ବେଟ୍‌ସଙ୍କୁ ତୁମର ବକ୍ତବ୍ୟ ଜଣାଇଛି । ଅ—ଙ୍କ ସଙ୍ଗରେ ଯେଉଁ ସାମାନ୍ୟ ମତାନ୍ତର ହୋଇଛି, ସେଥିପାଇଁ ମୁଁ ଖୁବ୍ ଦୁଃଖିତ । ତୁମେ ତାଙ୍କର ଯେଉଁ ପତ୍ରଖଣ୍ଡି ପଠାଇଛ, ତାହା ମଧ୍ୟ ପାଇଛି । ଏପର୍ଯ୍ୟନ୍ତ ସେ ଠିକ୍ କହୁଛନ୍ତି, 'ସ୍ୱାମୀଜୀ ମୋ ନିକଟକୁ ଲେଖିଛନ୍ତି ମିଃ ଲେଗେଟ୍ ବେଦାନ୍ତରେ ଉତ୍ସାହୀ ନୁହନ୍ତି ଏବଂ ଅଉ ସାହାଯ୍ୟ କରିବେ ନାହିଁ । ତୁମେ ନିଜ ଗୋଡ଼ରେ ଠିଆ ହୁଅ ।' ଝଙ୍କାପଇସା କଥା କ'ଣ କହିଥିବି, ତାଙ୍କର ଏ ପ୍ରଶ୍ନର ଉତ୍ତରରେ—ତୁମର ଓ ମିସେସ୍ ଲେଗେଟ୍‌ଙ୍କ ଇଚ୍ଛା ଅନୁସାରେ ତାଙ୍କ ନିକଟକୁ ମୁଁ ଲସ୍ ଆଞ୍ଜେଲ୍‌ସରୁ ନ୍ୟୁୟର୍କର ସମ୍ବାଦ ଲେଖିଥିଲି ।

ହଁ, କାର୍ଯ୍ୟ ତା'ର ନିଜ ରୂପ ତ ନେବ, କିନ୍ତୁ ମନେହେଉଛି ତୁମର ଓ ମିସେସ୍ ବୁଲ୍‌ଙ୍କର ଧାରଣା ଯେ, ଏ ବିଷୟରେ ମୋର କିଛି କରିବା ଉଚିତ୍ । କିନ୍ତୁ ପ୍ରଥମତଃ ଅସୁବିଧା ସମ୍ବନ୍ଧରେ ମୁଁ କିଛି ଜାଣି ନାହିଁ । ତାହା ଯେ କେଉଁଥିପାଇଁ, ସେକଥା ତୁମେମାନେ କେହି କିଛି ମୋ ନିକଟକୁ ଲେଖି ନାହଁ । ଅନ୍ୟର ମନର କଥା ଜାଣିପାରିବାର ବିଦ୍ୟା ମୋର ନାହିଁ ।

ତୁମେ କେବଳ ସାଧାରଣ ଭାବରେ ଲେଖିଛ ଯେ, ଅ— ନିଜ ହାତରେ ସବୁକିଛି ରଖିବାକୁ ଚାହାଁନ୍ତି । ଏଥିରୁ ମୁଁ କ'ଣ ବୁଝିବି ? ଅସୁବିଧାଗୁଡ଼ିକ କ'ଣ କ'ଣ ? ପ୍ରଳୟର ସଠିକ୍ ତାରିଖ ସମ୍ବନ୍ଧରେ ମୁଁ ଯେପରି ଅନ୍ଧକାରରେ, ତୁମମାନଙ୍କର ମତଭେଦର କାରଣ ସମ୍ବନ୍ଧରେ ମଧ୍ୟ ମୁଁ ସେହିପରି ଅନ୍ଧକାରରେ । ଅଥଚ ମିସେସ୍ ବୁଲ୍ ଓ ତୁମର ଚିଠିଗୁଡ଼ିକରେ ଯଥେଷ୍ଟ ବିରକ୍ତିଭାବ । ଏସବୁ ଜିନିଷ ଆମେ ନ ଚାହିଁଲେ ମଧ୍ୟ କେବେକେବେ ଜଟିଳ ହୋଇପଡ଼େ । ଏଗୁଡ଼ିକ ସ୍ୱାଭାବିକ ପରିଣତି ଲାଭ କରୁ ।

ମିସେସ୍ ବୁଲ୍‌ଙ୍କର ଇଚ୍ଛାନୁସାରେ ଉଇଲ୍ ତିଆରି କରି ମିଃ ଲେଗେଟ୍‌ଙ୍କ ନିକଟକୁ ପଠାଇଦେଇଛି । ମୋର ଦେହର ଅବସ୍ଥା ଏକପ୍ରକାର, କେତେବେଳେ ଭଲ ଅଛି, କେତେବେଳେ ମନ୍ଦ । ମିସେସ୍ ମିଲ୍‌ଟନ୍‌ଙ୍କର ଚିକିତ୍ସାରେ ଯେ ମୁଁ କିଛିଟା ଉପକୃତ ହୋଇଛି, ଏକଥା ମୁଁ ଠିକ୍ ରୂପେ କହିପାରୁ ନାହିଁ । ସେ ମୋତେ ଭଲ କରିବା ପାଇଁ ଚାହିଁଥିଲେ, ଏଥିପାଇଁ ମୁଁ କୃତଜ୍ଞ । ତାଙ୍କୁ ମୋର ପ୍ରୀତି ଜଣାଉଛି । ଆଶା କରେ, ସେ ଅନ୍ୟ ଲୋକର ଉପକାର କରିପାରିବେ ।

ଏହି କଥାଗୁଡ଼ିକ ମିସେସ୍ ବୁଲ୍‌ଙ୍କ ନିକଟକୁ ଲେଖିବା ପାଇଁ ତାଙ୍କ ନିକଟରୁ ଚାରି ପୃଷ୍ଠାର ଖଣ୍ଡିଏ ଚିଠି ପାଇଛି; ସେଥିରେ କି ଭାବରେ ମୋର କୃତଜ୍ଞ ହେବା ଉଚିତ, କି ଭାବରେ ଧନ୍ୟବାଦ ଜଣାଇବା ଉଚିତ୍, ସେସବୁ ସମ୍ବନ୍ଧରେ ଉପଦେଶମାନ ରହିଛି ।

ଅ—ଙ୍କ ଠାରୁ ନିଷ୍ପତ୍ତି ଏସମସ୍ତର ଉତ୍ପତ୍ତି !

ଷ୍ଟର୍ଡି ଓ ମିସେସ୍ ଜନ୍‌ସନ୍ ମାର୍ଗଟ୍‌ଙ୍କ ପାଇଁ ବିଚଳିତ ହୋଇ ମୋର କଠୋର ସମାଲୋଚନା କରିଛନ୍ତି । ବର୍ତ୍ତମାନ ପୁଣି ଅ—ମିସେସ୍ ବୁଲ୍‌ଙ୍କୁ ବିଚଳିତ କରିଛନ୍ତି ଏବଂ ତା'ର ଧକ୍କା ମଧ୍ୟ ମୋତେ ସମ୍ଭାଳିବାକୁ ହେଉଛି । ଏହି ହେଲି ଜୀବନ !

ତୁମେ ଓ ମିସେସ୍ ଲେଗେଟ୍ ପୁଚ୍ଛିଥିଲ ଯେ, ମୁଁ ତାଙ୍କୁ ସ୍ୱାଧୀନ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ଲେଖେ—ପୁଣି ଏକଥା ଲେଖେ ଯେ, ମିଃ ଲେଗେଟ୍ ଆଉ ତାଙ୍କୁ ସାହାଯ୍ୟ କରିବେ ନାହିଁ । ମୁଁ ତାହା ହିଁ ଲେଖିଛି । ବର୍ତ୍ତମାନ ମୁଁ ଆଉ କ'ଣ କରିପାରିବି ?

ଯଦି କେହି (John and Jack) ତୁମ କଥା ନ ଶୁଣନ୍ତି, ତା'ହେଲେ ସେଥିପାଇଁ କ'ଣ ମୋତେ ଫାଶୀ ପାଇବାକୁ ହେବ ? ଏହି ବେଦାନ୍ତ-ସୋସାଇଟି ସମ୍ବନ୍ଧରେ ମୁଁ କ'ଣ ଜାଣେ ? ମୁଁ କ'ଣ ତାହା ଆରମ୍ଭ କରିଥିଲି ? ସେଥିରେ କ'ଣ ମୋର କୌଣସି ହାତ ଥିଲା ? ତଦୁପରି ସମସ୍ୟାଟି ଯେ କଅଣ, ସେ ସମ୍ବନ୍ଧରେ ଦୁଇ ଧାଡ଼ି ଲେଖିବାକୁ କାହାର ଇଚ୍ଛା ହୋଇ ନାହିଁ ।

ବାସ୍ତବିକ୍, ଏ ଦୁନିଆଟା ଖୁବ୍ ଗୋଟାଏ ମଜା !

ମିସେସ୍ ଲେଗେଟ୍ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ଜାଣି ଆନନ୍ଦିତ । ତାଙ୍କର ସମ୍ପୂର୍ଣ୍ଣ ରୋଗମୁକ୍ତି ନିମିତ୍ତ ମୁଁ ନିରନ୍ତର ପ୍ରାର୍ଥନା କରୁଛି । ସୋମବାର ଦିନ ଚିକାଗୋ ଯାତ୍ରା କରିବି । ତିନିମାସ ପର୍ଯ୍ୟନ୍ତ ବ୍ୟବହାର କରିହେବା ଭଳି ନ୍ୟୁୟର୍କର ଖଣ୍ଡିଏ ରେଲୱାଇ ପାସ୍ (Railway pass) ଜଣେ ସହୃଦୟ ମହିଳା ମୋତେ ଦେଇଛନ୍ତି । 'ମା' ହିଁ ମୋତେ ଦେଖିବେ । ସାରାଜୀବନ ଘଣ୍ଟ ଘୋଡ଼ାଇ ରଖିଲାପରେ ସେ ନିଶ୍ଚୟ ମୋତେ ବର୍ତ୍ତମାନ ଅସହାୟ ଅବସ୍ଥାକୁ ଠେଲିଦେବେ ନାହିଁ । ଇତି

ତୁମର ଚିରକୃତଜ୍ଞ, ବିବେକାନନ୍ଦ

**୫୦୭ଇ•** (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

୨୩ ଏପ୍ରିଲ୍ ୧୯୦୦

ପ୍ରିୟ ମେରି,

ଆଜି ମୋର ଯାତ୍ରା କରିବା ଉଚିତ ଥିଲା, କିନ୍ତୁ ଘଟଣାଚକ୍ରରେ ଯାତ୍ରା ପୂର୍ବରୁ କାଲିଫର୍ଣ୍ଣିଆର ବିଶାଳ ରେଡ଼ଉଡ୍ ବୃକ୍ଷରାଜି ତଳେ ତମ୍ବୁରେ ବାସ କରିବାର ଲୋଭ ମୁଁ ସମ୍ବରଣ କରିପାରିଲି ନାହିଁ । ତେଣୁ ତିନି-ଚାରି ଦିନ ପାଇଁ ଯାତ୍ରା ସ୍ଥଗିତ ରଖିଲି । ତା' ଛଡ଼ା ଅବିରାମ କାର୍ଯ୍ୟ ପରେ ଏବଂ ଚାରିଦିନର ହାଡ଼ଭଙ୍ଗା ଭ୍ରମଣରେ ବାହାରିବା ପୂର୍ବରୁ ଈଶ୍ୱରଙ୍କର ମୁକ୍ତ ବାୟୁରେ ନିଃଶ୍ୱାସ ନେବାର ପ୍ରୟୋଜନ ମୋର ଥିଲା ।

'ମେରି-ପିଉସୀ'ଙ୍କ ସହିତ ପନ୍ଦରଦିନ ମଧ୍ୟରେ ଦେଖା କରିବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲି, ତାହା ରକ୍ଷା କରିବାକୁ ତାଗିଦା ଦେଇ ମାର୍ଗଟ୍ ଚିଠି ଲେଖିଛି । ମୁଁ କଥା ରଖିବି, ତେବେ ପନ୍ଦରଦିନ ଜାଗାରେ କୋଡ଼ିଏ ଦିନ ହୋଇଯିବ, ଏତିକିମାତ୍ର ପ୍ରଭେଦ । ଏଥିରେ ଚିକାଗୋରେ ବର୍ତ୍ତମାନ ଯେଉଁ ଭୟଙ୍କର ତୁଷାର-ଝଡ଼ ଚାଲିଛି ତା'ର ପ୍ରକୋପ ଏଡ଼େଇ ଦେଇପାରିବି, ଅଧିକନ୍ତୁ କିଛି ଶକ୍ତି ମଧ୍ୟ ସଞ୍ଚୟ କରିନେବି ।

ଦେଖାଯାଉଛି, ମାର୍ଗଟ ମେରି-ପିଉସୀଙ୍କର ଅତ୍ୟନ୍ତ ଅନୁରାଗୀ ।

ଆସନ୍ତା କାଲି ବଣ ଆଡ଼କୁ ଯାତ୍ରା କରୁଛି । ଓଃ ! ଚିକାଗୋ ଯିବା ପୂର୍ବରୁ ଫୁସ୍-ଫୁସ୍‌କୁ ଓଜୋନ୍ (ozone)ରେ ପୂର୍ଣ୍ଣ କରିନେବି । ଇତିମଧ୍ୟରେ ଚିକାଗୋକୁ ମୋ ନାମରେ

ଡାକ ଆସିଲେ ରଖିଦେବ, ସୁନା ବିଅଟି ପତ୍ର ସେଗୁଡ଼ିକ ଯେପରି ପୁଣି ଏଠାକୁ ପଠାଇ ନ ଦିଅ ।

କାର୍ଯ୍ୟ ଶେଷ କରିଦେଇଛି । ରେଳଯାତ୍ରାର ଯନ୍ତ୍ରଣା ପୂର୍ବରୁ କେବଳ କେତେ ଦିନର —ତିନି କି ଚାରି ଦିନର—ବିଶ୍ରାମ ପାଇଁ ବନ୍ଧୁମାନେ ଲଗେଇଛନ୍ତି ।

ଏଠାରୁ ନ୍ୟୁୟର୍କ ପର୍ଯ୍ୟନ୍ତ ତିନିମାସ ମିଆଦର ଗୋଟିଏ ଫ୍ରି ପାଶ୍ (Free Pass) ପାଇଛି; ଶୋଇବା କାମରାର ଖର୍ଚ୍ଚ ଛଡ଼ା ଆଉ କିଛି ଖର୍ଚ୍ଚ ନାହିଁ; ଅତଏବ, ନିଶ୍ଚୟ ବୁଝି-ପାରୁଛ—ମୁକ୍ତ, ମୁକ୍ତ (free, free) !

ତୁମର ସ୍ନେହଶୀଳ, ବିବେକାନନ୍ଦ

୪୦୮ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

୩୦ ଏପ୍ରିଲ୍ ୧୯୦୦

ପ୍ରିୟ ମେରି,

ଆକସ୍ମିକ ଅସୁସ୍ଥତା ଓ ଜ୍ୱର ହେତୁ ବର୍ତ୍ତମାନ ସୁଦ୍ଧା ଚିକାଗୋ ଯାତ୍ରା କରିପାରି ନାହିଁ । ଦୀର୍ଘ ଭ୍ରମଣର କଷ୍ଟ ସହିବାଭଳି ବଳ ପାଇଲେ ଯାତ୍ରା କରିବି । ମାର୍ଗଟ ନିକଟରୁ ସେଦିନ ଖଣ୍ଡିଏ ଚିଠି ପାଇଛି । ତାକୁ ମୋର ସ୍ନେହ ଦେବ, ତୁମେ ମଧ୍ୟ ମୋର ଚିରନ୍ତନ ସ୍ନେହ ଜାଣିବ । ହ୍ୟାରିଏଟ୍ କେଉଁଠି ? ବର୍ତ୍ତମାନ ବି କ'ଣ ଚିକାଗୋରେ ? ଆଉ ମ୍ୟାକ୍-କିଣ୍ଡଲି ଭଉଣୀମାନେ ? ସମସ୍ତଙ୍କ ପ୍ରତି ମୋର ପ୍ରୀତି ।

ବିବେକାନନ୍ଦ

୪୦୯ଇଂ (ମିସେସ୍ ବ୍ଲଜେଟ୍‌ଙ୍କୁ ଲିଖିତ*)

୨ ମେ ୧୯୦୦

ଆପଣଙ୍କର ଅତ୍ୟନ୍ତ ସହୃଦୟ ପତ୍ରଖଣ୍ଡିକ ପାଇଛି । ଛ'ମାସର କଠୋର ପରିଶ୍ରମ ହେତୁ ପୁଣି ସ୍ନାୟୁରୋଗ ଓ ଜ୍ୱରରେ ଆକ୍ରାନ୍ତ ହୋଇ ଶଯ୍ୟାଗତ ହୋଇଛି । ଯାହା ହେଉ, ଦେଖିଲି ମୋର କିଡ୍‌ନି ଓ ହାର୍ଟ ଆଗପରି ଭଲ ଅଛି । କେତୋଟି ଦିନ ପାଇଁ ଗ୍ରାମାଞ୍ଚଳକୁ ବିଶ୍ରାମ ନେବାକୁ ଯାଉଛି; ତା'ପରେ ଚିକାଗୋ ଯାତ୍ରା କରିବି ।

ମିସେସ୍ ମିଲ୍‌ଓ୍ୱାର୍ଡ ଆଡାମ୍‌ସ୍‌ଙ୍କ ନିକଟକୁ ଅଳ୍ପ ସମୟ ହେଲା ଚିଠି ଲେଖିଛି ଏବଂ ମୋର କନ୍ୟା ମିସ୍ ନୋବଲ୍‌ଙ୍କୁ ଖଣ୍ଡିଏ ପରିଚୟପତ୍ର ଦେଇଛି, ଯଦ୍ୱାରା ସେ ମିସ୍ ଆଡାମ୍‌ସ୍‌ଙ୍କ ସଙ୍ଗରେ ଦେଖା କରି କାର୍ଯ୍ୟ ସମ୍ବନ୍ଧରେ ତାଙ୍କୁ ଯାବତୀୟ ଜ୍ଞାତବ୍ୟ ତଥ୍ୟ ଜଣେଇ ପାରିବେ ।

ସ୍ନେହମୟୀ ମା ମୋର, ଭଗବାନଙ୍କର ଆଶୀର୍ବାଦ ଓ ଶାନ୍ତି ଆପଣ ଲାଭ କରନ୍ତୁ ।

---

* ଲସ୍ ଆଞ୍ଜେଲସ୍‌ର ମିସେସ୍ ବ୍ଲଜେଟ୍ । ଏହି ଚିଠିରେ ସ୍ୱାମୀଜୀ ତାହାଙ୍କୁ 'Dear Aunt Roxy' ବୋଲି ସମ୍ବୋଧନ କରିଛନ୍ତି ।

ମୁଁ ଟିକିଏ ଶାନ୍ତ ଚାହେଁ, ଖୁବ୍ ଚାହେଁ, ମୋ ପାଇଁ ପ୍ରାର୍ଥନା କରନ୍ତୁ । କେଟ୍‌କୁ ମୋର ସ୍ନେହ ଜଣାଇବେ ।

ଆପଣଙ୍କର ଚିରସନ୍ତାନ, ବିବେକାନନ୍ଦ

ପୁଃ—ମିସ ସ୍ପେନ୍‌ସର ପ୍ରଭୃତି ବନ୍ଧୁମାନଙ୍କୁ ସ୍ନେହ ଜଣାଇବେ । ଫ୍ରିକ୍‌ସର ମୁଣ୍ଡରେ ଅଜସ୍ର ସ୍ନେହ-ବୃଷ୍ଟି ।

—ବି.

୪୧୦ଇଂ

୨ ମେ ୧୯୦୦

ସ୍ନେହର ନିବେଦିତା,

ମୁଁ ଖୁବ୍ ଅସୁସ୍ଥ ହୋଇପଡ଼ିଥିଲି—ମାସାବଧି କଠୋର ପରିଶ୍ରମ ଫଳରେ ପୁଣି ରୋଗର ଆକ୍ରମଣ ହୋଇଥିଲା । ଯାହା ହେଉ, ଏଥିରୁ ମୁଁ ଏଇଟିକିକ ବୁଝିପାରିଛି ଯେ, ମୋର ହାର୍ଟ ବା କିଡ଼ନିରେ କୌଣସି ରୋଗ ନାହିଁ, କେବଳ ଅଧିକ ପରିଶ୍ରମରେ ସ୍ନାୟୁଗୁଡ଼ିକ କ୍ଳାନ୍ତ ହୋଇପଡ଼ିଛି । ସୁତରାଂ ଆଜି କିଛିଦିନ ପାଇଁ ପଲ୍ଲୀ ଅଞ୍ଚଳକୁ ଯାଉଛି ଏବଂ ସୁସ୍ଥ ନ ହେବାଯାଏ ସେଠାରେ ରହିବି; ଆଶା କରେ ଶୀଘ୍ର ସୁସ୍ଥ ହୋଇଯିବି ।

ଇତିମଧ୍ୟରେ ପ୍ଲେଗ୍‌ର ଖବର ଇତ୍ୟାଦିରେ ପୂର୍ଣ୍ଣ କୌଣସି ଭାରତୀୟ ଚିଠି ମୁଁ ପଢ଼ିବାକୁ ଚାହେଁ ନାହିଁ । ମୋର ସବୁ ଡାକ ମେରୀ ପାଖକୁ ଯାଉଛି । ମୁଁ ଯେପର୍ଯ୍ୟନ୍ତ ଫେରି ନ ଆସୁଛି, ସେପର୍ଯ୍ୟନ୍ତ ମେରୀ ପାଖରେ ଅଥବା ମେରୀ ଚାଲିଗଲେ ତୁମ ପାଖରେ ସେସବୁ ଥାଉ । ମୁଁ ସବୁ ଦୁଶ୍ଚିନ୍ତାରୁ ମୁକ୍ତ ହେବାକୁ ଚାହେଁ । ଜୟ ମା !

ମିସେସ ସି. ପି. ହଣ୍ଟିଂଟନ୍ ନାମକ ଜଣେ ଖୁବ୍ ବିତ୍ତଶାଳିନୀ ମହିଳା ମୋତେ କିଛି ସାହାଯ୍ୟ କରିଥିଲେ; ସେ ତୁମ ସଙ୍ଗରେ ଦେଖା କରିବାକୁ ଓ ତୁମକୁ ସାହାଯ୍ୟ କରିବାକୁ ଚାହାଁନ୍ତି । ସେ ଜୁନ୍ ପହିଲା ପୂର୍ବରୁ ନ୍ୟୁୟର୍କକୁ ଆସିବେ । ତାଙ୍କ ସଙ୍ଗରେ ଦେଖା ନ କରି ଯେପରି ଚାଲି ନ ଯାଅ । ମୁଁ ଯଦି ଠିକ୍ ସମୟରେ ଉପସ୍ଥିତ ରହି ନ ପାରେ, ତା'ହେଲେ ତାଙ୍କ ନାମରେ ତୁମର ଖଣ୍ଡିଏ ପରିଚୟପତ୍ର ପଠାଇଦେବି ।

ମେରୀକୁ ମୋର ପ୍ରୀତି ଜଣାଇବ । ମୁଁ ଦିନ କେଇଟା ମଧ୍ୟରେ ଯାଉଛି । ଇତି

ସତତ ଶୁଭାନୁଧ୍ୟାୟୀ ତୁମମାନଙ୍କର, ବିବେକାନନ୍ଦ

ପୁଃ—ଏହା ସହିତ ରହିଥିବା ଅନ୍ୟ ଚିଠି ଖଣ୍ଡିକ ତୁମକୁ ମିସେସ୍ ଆଡାମ୍‌ସ୍‌ଙ୍କ ସଙ୍ଗେ ପରିଚୟ କରାଇ ଦେବା ପାଇଁ ଲେଖିଲି; ସେ ଜଜ୍ ଆଡାମ୍‌ସ୍‌ଙ୍କ ସ୍ତ୍ରୀ । ତାଙ୍କ ସହିତ ଅବିଳମ୍ବେ ଦେଖାକରିବ । ଏହା ଫଳରେ ହୁଏତ ଅନେକ କାର୍ଯ୍ୟ ହେବ । ସେ ଖୁବ ସୁପରିଚିତା— ତାଙ୍କର ଠିକଣା ଖୋଜି ବାହାର କର । ଇତି

—ବି.

୪୧୧ଇଂ (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

ସାନ୍ ଫ୍ରାନ୍‌ସିସ୍କୋ, ୧୮ ମେ ୧୯୦୦

ମା,

ଆପଣଙ୍କର ଏବଂ 'ଜୋ'ର ପତ୍ର ନିମନ୍ତେ ଧନ୍ୟବାଦ । ପୁଣି ଥରେ ମୋ ରୋଗର

ଏକ ଆଶଙ୍କାଜନକ ପୁନରାକ୍ରମଣ ହୋଇଥିଲା—ଏବଂ ଏଥର ଆରୋଗ୍ୟ ଲାଭ ନିମିତ୍ତ ପ୍ରଚେଷ୍ଟାରେ ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ଯେ ମୋର ସକଳ ରୋଗ କେବଳ ସ୍ନାୟବିକ ଦୁର୍ବଳତା-ଜନିତ । ମୁଁ ୨/୩ ବର୍ଷ ପାଇଁ ବିଶ୍ରାମ ଚାହେଁ—ତା' ମଧ୍ୟରେ କୌଣସି କାର୍ଯ୍ୟ ବିନ୍ଦୁମାତ୍ର ରହିବ ନାହିଁ । ମୁଁ ସେଭିଅର୍-ଦମ୍ପତିଙ୍କ ସହ ହିମାଳୟରେ ବିଶ୍ରାମ ନେବି ।

ଶ୍ରୀମତୀ ସେଭିଅର୍ ମୋତେ ଘର ନିମିତ୍ତ ୫୦୦୦ ଟଙ୍କା ଦେଇଥିଲେ, ତାହା ମୋର ଖୁଡ଼ୀ ଏବଂ କକାପୁଅ ଭାଇ (?) ପ୍ରଭୃତିଙ୍କ ମଧ୍ୟରେ ଭାଗ କରି ବାଣ୍ଟି ଦିଆଯାଇଛି । ଘର କିଣିବା ପାଇଁ ମଠ ତହବିଲରୁ ୫୦୦୦ ଟଙ୍କା ଧାର ସୂତ୍ରରେ ନିଆ ହୋଇଥିଲା । ମୋର କକାପୁଅ ଭାଇ (?) ପାଇଁ ଟଙ୍କା ପଠାଇବା ବନ୍ଦ କରି ନାହିଁ, ସାରଦାନନ୍ଦ ଏହାର ବିରୋଧରେ ଯାହା କହୁନା କାହିଁକି । ଅବଶ୍ୟ ସେ କ'ଣ କହେ, ତାହା ମୁଁ ଜାଣେ ନାହିଁ ।

ଗଙ୍ଗାକୂଳରେ ଗୋଟିଏ ଛୋଟ ଘରର ଇଚ୍ଛା ମୁଁ ବହୁଦିନ ହେଲା ତ୍ୟାଗ କରିଛି—କାରଣ ମୋର ଟଙ୍କା ନାହିଁ ।

କିନ୍ତୁ କଲିକତାରେ ଏବଂ ଲେଗେଟ୍‌ଙ୍କ ପାଖରେ କିଛି ଅଛି ଏବଂ ଆପଣ ଯଦି ଆଉ ଏକ ହଜାର ଦିଅନ୍ତି, ତା'ହେଲେ ମୋର ବ୍ୟକ୍ତିଗତ ଖର୍ଚ୍ଚ ନିମିତ୍ତ ଗୋଟିଏ ତହବିଲ ହେବ; କାରଣ, ଆପଣ ଜାଣନ୍ତି, ମୁଁ ନିଜର ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ବା ମାଆଙ୍କ ପାଇଁ କେବେହେଲେ ମଠରୁ ଟଙ୍କା ନେଇ ନାହିଁ । ଛୋଟ ଘରଟିର ପରିକଳ୍ପନା ତ୍ୟାଗ କରିବା କଥା ଆପଣ ନିଜ ତରଫରୁ ସାରଦାନନ୍ଦ ନିକଟକୁ ଲେଖିବେ ।

ସମ୍ପୂର୍ଣ୍ଣ ସୁସ୍ଥ ହେବା ଆଗରୁ ଆଗାମୀ କେତେକ ସପ୍ତାହ ଆଉ କିଛି ପତ୍ରାଦି ଲେଖୁ ନାହିଁ । ବର୍ତ୍ତମାନଠାରୁ କେତେକ ସପ୍ତାହ ମଧ୍ୟରେ ସୁସ୍ଥ ହୋଇଯିବି ବୋଲି ଆଶା କରୁଛି । ରୋଗର ପୁନରାକ୍ରମଣ ସାଙ୍ଘାତିକ ଥିଲା । ଜଣେ ଡାକ୍ତର ବନ୍ଧୁଙ୍କ ପାଖରେ ଅଛି; ସେ ମୋର ସବୁ ପ୍ରକାର ଯତ୍ନ ନେଉଛନ୍ତି ।

'ଜୋ'କୁ କହିବେ, ଶିକ୍ଷାଦାନ ନିମିତ୍ତ ବିଭିନ୍ନ ଲୋକଙ୍କ ନିକଟରେ ଘୂରିବୁଲିବା ସନ୍ନ୍ୟାସୀର କାର୍ଯ୍ୟ ନୁହେଁ । ସନ୍ନ୍ୟାସୀ ପାଇଁ ଦରକାର ନିଃସଙ୍ଗତା ଏବଂ ଏପରି ନିର୍ଜ୍ଜନତା ଯେ, ସେ ଯେପରି କଦାଚିତ୍ ମଣିଷର ମୁହଁ ଦେଖିପାରେ ।

ମୁଁ ସେଥିପାଇଁ ବର୍ତ୍ତମାନ ଉପଯୁକ୍ତ ହୋଇଛି, ଅନ୍ତତଃ ଦେହ ଦୃଷ୍ଟିରୁ । ଯଦି ଅବସର ଗ୍ରହଣ କରି ନ ପାରେ, ତେବେ ପ୍ରକୃତି ମୋତେ ବାଧ୍ୟ କରିବ । ଜାଗତିକ ବିଷୟସବୁର ଏପରି ସୁବ୍ୟବସ୍ଥା କରିଥିବାରୁ ଆପଣଙ୍କୁ ଅସଂଖ୍ୟ ଧନ୍ୟବାଦ ।

ଆପଣ ଏବଂ 'ଜୋ' ମୋର ସ୍ନେହ ଜାଣିବେ ।

ଆପଣଙ୍କର ସନ୍ତାନ, ବିବେକାନନ୍ଦ

୫୧୬

୧୧୦, ଓକ୍ ଷ୍ଟ୍ରିଟ୍, ସାନ୍ ଫ୍ରାନସିସ୍କୋ, କ୍ୟାଲି
C/o ଡାଃ ଲୋଗାନ, ଏମ୍. ଡି., [୧୯ (?) ମେ, ୧୯୦୦]

ପ୍ରିୟ ଅଭେଦାନନ୍ଦ,

ବେଦାନ୍ତ ସୋସାଇଟିର ନୂତନ ଗୃହଟିର କଥା ଜାଣି ଅତ୍ୟନ୍ତ ଆନନ୍ଦିତ ହେଲି । ଯେପରି ପରିସ୍ଥିତି ଆସିଛି, ମୋତେ ଏଠାରୁ ବାଧ୍ୟ ହୋଇ ସିଧା ନିଉୟର୍କ ଯିବାକୁ ପଡ଼ିବ । —କେଉଁଠାରେ ନ ରହି । କିନ୍ତୁ ମନେହୁଏ ଯିବାକୁ ଆଉ ଦୁଇ-ତିନି ସପ୍ତାହ ଲାଗିଯିବ । ପରିସ୍ଥିତି ଏତେ ଶୀଘ୍ର ବଦଳୁଛି ଯେ, ମୋର ପରିକଳ୍ପନାକୁ ବଦଳାଇ ଏଠାରେ କିଛିଦିନ ନ ରହି ମୁଁ ଯାଇପାରୁ ନାହିଁ ।

ମୁଁ ଏ ପଟର ସମୁଦ୍ରତୀରବର୍ତ୍ତୀ ସ୍ଥାନଗୁଡ଼ିକୁ ଶୀଘ୍ର ଦେଖିନେବା ପାଇଁ ତୁମମାନଙ୍କ ଭିତରୁ ଜଣକୁ ସାଙ୍ଗରେ ପାଇବାକୁ ଚେଷ୍ଟା କରୁଛି—ଏ ଅଞ୍ଚଳ ବେଦାନ୍ତ-ପ୍ରଚାରର ବିରାଟ କ୍ଷେତ୍ର ।

ମୋର ସମସ୍ତ ବହି ଏବଂ ପୋଷାକ ଆଣି ତୁମ ଘରେ ରଖିବ—ମୁଁ ଶୀଘ୍ର ଯାଉଛି । ଶ୍ରୀମତୀ କ୍ରେନ୍‌ଙ୍କୁ ମୋର ସ୍ନେହ ଦେବ । ସେ କ'ଣ ଏବେ ବି କବାବ୍ ଏବଂ ଗରମ ପାଣି ପିଇ ବଞ୍ଚିଛନ୍ତି ? କୁମାରୀ ଓ୍ୱାଲ୍‌ଡୋ ଏବଂ ଶ୍ରୀମତୀ କୁଲ୍‌ଷ୍ଟନ୍ କର୍ମଯୋଗର ନୂତନ ସଂସ୍କରଣ ପ୍ରକାଶନ ପାଇଁ ଲେଖିଛନ୍ତି । ମୁଁ କୁମାରୀ ଓ୍ୱାଲ୍‌ଡୋଙ୍କୁ ଏ ବିଷୟରେ ଦରକାରୀ ଲେଖିଛି । ବହି ବିକ୍ରି ବାବଦ ଯେଉଁ ଟଙ୍କା ହାତରେ ଅଛି, ତାହା ଖର୍ଚ୍ଚ କରିବା ନିଶ୍ଚିତ ଉଚିତ୍ ହେବ ।

ତୁମେ ମୋର ବହି ଓ ପୋଷାକ ସବୁକୁ ସେଠାରେ ଠିକ୍ ଭାବରେ ଦେଖୁଛ ତ ? ସେଗୁଡ଼ିକ ବୋଷ୍ଟନ୍‌ରେ ଶ୍ରୀମତୀ ବୁଲ୍‌ଙ୍କ ନିକଟରେ ଥିଲା । ସ୍ନେହ ଜାଣିବ ।

ବିବେକାନନ୍ଦ

**୫୧୬କ** (ଭଗିନୀ ନିବେଦିତାଙ୍କୁ ଲିଖିତ)

ସାନ୍ ଫ୍ରାନ୍‌ସିସ୍କୋ, ୨୬ ମେ ୧୯୦୦

ସ୍ନେହର ନିବେଦିତା,

ମୋର ଅନନ୍ତ ଆଶୀର୍ବାଦ ଜାଣିବ ଏବଂ କିଛି ମାତ୍ର ନିରାଶ ହେବ ନାହିଁ । ଶ୍ରୀ ଓ୍ୱାହ୍ ଗୁରୁ, ଶ୍ରୀ ଓ୍ୱାହ୍ ଗୁରୁ ! କ୍ଷତ୍ରିୟ-ଶୋଣିତରେ ତୁମର ଜନ୍ମ । ଆମମାନଙ୍କ ଅଙ୍ଗର ଗୈରିକ ବାସ ତ ଯୁଦ୍ଧକ୍ଷେତ୍ରର ମୃତ୍ୟୁସଜ୍ଜା ! ବ୍ରତ-ଉଦ୍‌ଯାପନରେ ପ୍ରାଣପାତ କରିବା ହିଁ ଆମମାନଙ୍କର ଆଦର୍ଶ, ସିଦ୍ଧି ପାଇଁ ବ୍ୟସ୍ତ ହେବା ନୁହେଁ । ଶ୍ରୀ ଓ୍ୱାହ୍ ଗୁରୁ !

ଅଶୁଭ ଅଦୃଷ୍ଟର ଆବରଣ ତ ଦୁର୍ଭେଦ୍ୟ କାଳିମା । କିନ୍ତୁ ମୁଁ ତ ସର୍ବମୟ ପ୍ରଭୁ ! ଯେଉଁ ମୁହୂର୍ତ୍ତରେ ମୁଁ ଊର୍ଦ୍ଧ୍ୱକୁ ହସ୍ତ ଉତ୍ତୋଳନ କରେ—ତନ୍ମୁହୂର୍ତ୍ତରେ ସେହି ତମସା ଅନ୍ତର୍ହିତ ହୋଇଯାଏ । ଏସବୁ ଅର୍ଥହୀନ ଏବଂ ଭୀତି ହିଁ ଏମାନଙ୍କର ଜନକ । ମୁଁ ଭୟର ବି ଭୟ, ରୁଦ୍ରର ବି ରୁଦ୍ର । ମୁଁ ଅଭୀଃ, ଅଦ୍ୱିତୀୟ, ଏକ । ମୁଁ ଅଦୃଷ୍ଟର ନିୟାମକ । ମୁଁ କପାଳମୋଚନ । ଶ୍ରୀ ଓ୍ୱାହ୍ ଗୁରୁ । ଦୃଢ଼ ହୁଅ ମା ! କାଞ୍ଚନ କିମ୍ବା ଅନ୍ୟ କିଛିର ଦାସ ହୁଅ

ନାହିଁ, ତା' ହେଲେ ହିଁ ସିଦ୍ଧି ଆମର ସୁନିଶ୍ଚିତ ।

୫୧୪ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

1921 W 21 Street, ଲସ୍ ଆଞ୍ଜେଲସ୍, ୧୭ ଜୁନ୍ ୧୯୦୦

ପ୍ରିୟ ମେରୀ,

ପ୍ରକୃତରେ ମୁଁ ଅନେକ ପରିମାଣରେ ସୁସ୍ଥ ହୋଇଯାଇଛି, କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ-ଲାଭ କରି ନାହିଁ । ଯାହାହେଉ ନା କାହିଁକି, ଯେଉଁମାନେ ରୋଗରେ ପଡ଼ନ୍ତି, ସେମାନଙ୍କର ପ୍ରତ୍ୟେକଙ୍କର ମାନସିକ ଅବସ୍ଥା ଏହି ପ୍ରକାର ହୁଏ ।

କାଳୀ-ଉପାସନା ଧର୍ମର କୌଣସି ଅପରିହାର୍ଯ୍ୟ ସୋପାନ ନୁହେଁ । ଧର୍ମର ଯାବତୀୟ ତତ୍ତ୍ୱ ଉପନିଷଦ୍‌ରୁ ମିଳେ । କାଳୀ-ଉପାସନା ମୋର ଗୋଟିଏ ବିଶେଷ ଖିଆଲ; ମୁଁ ଏହାକୁ ପ୍ରଚାର କରିବା କଥା କୌଣସି ଦିନ ଶୁଣି ନାହଁ ବା ଭାରତରେ ମଧ୍ୟ ତାହା ପ୍ରଚାର କରିଛି ବୋଲି ପଢ଼ି ନାହଁ । ସମଗ୍ର ମାନବଜାତି ପକ୍ଷରେ ଯାହା କଲ୍ୟାଣକର, ମୁଁ ତାହା ହିଁ ପ୍ରଚାର କରେ । ଯଦି କୌଣସି ଅଦ୍ଭୁତ ପ୍ରଣାଳୀ ଥାଏ, ଯାହା କେବଳ ମୋ ପକ୍ଷରେ ଉପଯୁକ୍ତ, ତାହା ମୁଁ ଗୋପନ ରଖିଦିଏ ଏବଂ ସେହିଠାରେ ହିଁ ତା'ର ସମାପ୍ତି । କାଳୀ-ଉପାସନା କି ବସ୍ତୁ, ତାହା ତୁମ ନିକଟରେ କୌଣସିମତେ ବ୍ୟାଖ୍ୟା କରିବି ନାହିଁ, କାରଣ କେବେହେଲେ କାହା ନିକଟରେ ତାହା କରି ନାହିଁ ।

ଯଦି ତୁମେ ମନେକରିଥାଅ ଯେ ହିନ୍ଦୁମାନେ 'ବସୁ'* ପ୍ରଭୃତିଙ୍କୁ ପରିତ୍ୟାଗ କରିଛନ୍ତି, ତା'ହେଲେ ସମ୍ପୂର୍ଣ୍ଣ ଭୁଲ କରିଛ । ଇଂରେଜ ଶାସକଗଣ ତାଙ୍କୁ କଣରୁ ଠେଲିଦେବା ପାଇଁ ଚାହାଁନ୍ତି । ଭାରତୀୟମାନଙ୍କ ମଧ୍ୟରେ ଏ ପ୍ରକାରର ଉନ୍ନତି ସେମାନେ କୌଣସିମତେ ଚାହାଁନ୍ତି ନାହିଁ । ସେମାନେ ତାଙ୍କ ପାଇଁ ସ୍ଥାନଟିକୁ ଅସହ୍ୟ କରିଦେଇଛନ୍ତି, ସେଥିପାଇଁ ସେ ଅନ୍ୟତ୍ର ଯିବା ପାଇଁ ଚାହିଁଛନ୍ତି ।

'ଆଙ୍ଗ୍ଲିସାଇଜ୍‌ଡ୍' (anglicised) କହିଲେ ସେହି ସମସ୍ତ ଲୋକଙ୍କୁ ବୁଝାଏ, ଯେଉଁମାନେ ସେମାନଙ୍କର ସ୍ୱଭାବ ଓ ଆଚରଣ ଦ୍ୱାରା ଦେଖାଇଦିଅନ୍ତି ଯେ, ସେମାନେ ଆମମାନଙ୍କ ପାଇଁ—ଦରିଦ୍ର ଓ ସେକାଳର ହିନ୍ଦୁମାନଙ୍କ ପାଇଁ ଲଜ୍ଜିତ । ମୁଁ ମୋର ଜନ୍ମ, ଜାତି ବା ଜାତୀୟ ଚରିତ୍ର ପାଇଁ ଲଜ୍ଜିତ ନୁହେଁ । ଏ ଧରଣର ଲୋକଙ୍କୁ ଯେ ହିନ୍ଦୁମାନେ ପସନ୍ଦ କରିବେ ନାହିଁ, ଏଥିରେ ମୁଁ ଆଶ୍ଚର୍ଯ୍ୟ ନୁହେଁ ।

ଖାଣ୍ଟି ଉପନିଷଦ୍‌ର ତତ୍ତ୍ୱ ଓ ନୀତି ହିଁ ଆମମାନଙ୍କର ଧର୍ମ, ସେଥିରେ ଆଚାର-ଅନୁଷ୍ଠାନ, ପ୍ରତୀକ ଇତ୍ୟାଦିର କୌଣସି ସ୍ଥାନ ନାହିଁ । ଅନେକେ ମନେକରନ୍ତି ଯେ, ଆଚାର ଅନୁଷ୍ଠାନ ଆଦି ସେମାନଙ୍କର ଧର୍ମାନୁଭୂତିର ସହାୟତା କରେ । ସେଥିରେ ମୋର ଆପତ୍ତି ନାହିଁ ।

ଶାସ୍ତ୍ର, ଆଚାର୍ଯ୍ୟ, ପ୍ରତ୍ୟାଦିଷ୍ଟ ପୁରୁଷ ଅଥବା ତ୍ରାଣକର୍ତ୍ତାମାନଙ୍କ ଉପରେ ଧର୍ମ ନିର୍ଭର କରେ ନାହିଁ । ଏହି ଧର୍ମ ଇହଜୀବନରେ ବା ଅନ୍ୟ କୌଣସି ଜୀବନରେ ଅନ୍ୟ ଉପରେ

* ବୈଜ୍ଞାନିକ ଜଗଦୀଶଚନ୍ଦ୍ର ବସୁ ।

ଆମମାନଙ୍କୁ ନିର୍ଭରଶୀଳ କରେ ନାହିଁ । ଏହି ଅର୍ଥରେ ଉପନିଷଦ୍‌ର ଅଦ୍ୱୈତବାଦ ହିଁ ଏକମାତ୍ର ଧର୍ମ । ତେବେ ଶାସ୍ତ୍ର, ଅନୁଷ୍ଠାନ, ପ୍ରେରିତ ପୁରୁଷ ବା ତ୍ରାଣକର୍ତ୍ତାମାନଙ୍କର ମଧ୍ୟ ସ୍ଥାନ ଅଛି । ସେଗୁଡ଼ିକ ଅନେକଙ୍କୁ ସାହାଯ୍ୟ କରିପାରନ୍ତି, ଯେପରି କାଳୀ-ଉପାସନା ମୋତେ ମୋର 'ଐହିକ କାର୍ଯ୍ୟ'ରେ ସାହାଯ୍ୟ କରେ । ଏଗୁଡ଼ିକୁ ସ୍ୱାଗତ ।

ତେବେ 'ଗୁରୁ' ଗୋଟିଏ ସ୍ୱତନ୍ତ୍ର ଭାବ । ଶକ୍ତିର ସଞ୍ଚାରକ ଓ ଗ୍ରହୀତା ମଧ୍ୟରେ ଯେଉଁ ସମ୍ବନ୍ଧ, ଏ ହେଉଛି ତାହା; ଏଠାରେ ତାହା ଆତ୍ମିକ ଶକ୍ତି ଓ ଜ୍ଞାନ । ଶାରୀରିକ ଓ ମାନସିକ ଭାବରେ ପ୍ରତ୍ୟେକ ଜାତିର ଗୋଟିଏ ନିର୍ଦ୍ଦିଷ୍ଟ ଆଦର୍ଶ ଅଛି । ପ୍ରତ୍ୟେକ ଜାତି ଅନ୍ୟ ଜାତିର ଭାବଧାରା ଅନବରତ ନିଜର ଛାଞ୍ଚ ମଧ୍ୟରେ ଅର୍ଥାତ୍ ତାହାର ଜାତୀୟ ସ୍ୱଭାବ ମଧ୍ୟଦେଇ ଗ୍ରହଣ କରି ତାକୁ କାର୍ଯ୍ୟରେ ଲଗାଇବାକୁ ଚେଷ୍ଟା କରୁଛି । କୌଣସି ଜାତିର ନିର୍ଦ୍ଦିଷ୍ଟ ଆଦର୍ଶ ଧ୍ୱଂସ କରିବାର ସମୟ ବର୍ତ୍ତମାନ ମଧ୍ୟ ହୋଇ ନାହିଁ । ଶିକ୍ଷା ଯେକୌଣସି ସୂତ୍ରରୁ ଆସୁନା କାହିଁକି, ଯେକୌଣସି ଦେଶର ଶିକ୍ଷାଦର୍ଶ ସଙ୍ଗରେ ତା'ର ଭାବସାମଞ୍ଜସ୍ୟ ଅଛି, କେବଳ ତାକୁ ଗ୍ରହଣ କରିବା ସମୟରେ ଜାତୀୟ ଭାବାପନ୍ନ କରିନେବାକୁ ହେବ ଅର୍ଥାତ୍ ସେ-ଶିକ୍ଷା ଯେପରି ଜାତିର ନିଜସ୍ୱ ବୈଶିଷ୍ଟ୍ୟର ଅନୁଗାମୀ ହୁଏ ।

ତ୍ୟାଗ ହିଁ ହେଉଛି ପ୍ରତ୍ୟେକ ଜାତିର ଚିରନ୍ତନ ଆଦର୍ଶ । ଅନ୍ୟ ଜାତିଗୁଡ଼ିକ ଜାଣନ୍ତି ନାହିଁ ଯେ, ପ୍ରକୃତି ଅଜାଣତରେ ସେମାନଙ୍କଦ୍ୱାରା କ'ଣ କରେଇ ନେଉଛି । ଯୁଗ ଯୁଗ ଧରି ଏହି ଏକ ଉଦ୍ଦେଶ୍ୟ ନିଶ୍ଚିତ ଭାବରେ କାର୍ଯ୍ୟ କରିଚାଲିଛି । ଏହି ପୃଥିବୀ ଓ ସୂର୍ଯ୍ୟଙ୍କର ଧ୍ୱଂସ ସଙ୍ଗରେ ଏହି ଉଦ୍ଦେଶ୍ୟର ସମାପ୍ତି ଘଟିବ ! ଆଉ ପୃଥିବୀର ନିତ୍ୟ ପ୍ରଗତି ହେଉଛି, ନା ! ଆଉ ଅସୀମ ଜଗତର କେଉଁଠି କେହି ଏପର୍ଯ୍ୟନ୍ତ ଉନ୍ନତ ହୋଇ ଆମମାନଙ୍କ ସଙ୍ଗରେ ଯୋଗାଯୋଗ ବା ଆଦାନପ୍ରଦାନ କରୁନାହାନ୍ତି ! ବାଜେ କଥା ! ସେମାନେ ଜାତ ହୁଅନ୍ତି, ଏକା ବାହ୍ୟରୂପ ଦେଖାନ୍ତି ଏବଂ ସମଭାବରେ ମରନ୍ତି । କ୍ରମବର୍ଦ୍ଧମାନ ଉଦ୍ଦେଶ୍ୟ ନା ! ଶିଶୁଗଣ, ତୁମେମାନେ ସ୍ୱପ୍ନରାଜ୍ୟରେ ବାସ କର ।

ଏଥର ନିଜ କଥା । ହ୍ୟାରିସ୍ଟ୍ରେଟ୍ ଯେପରି ପ୍ରତିମାସରେ ମୋତେ କେତୋଟି ଡଲାର୍ ଦିଏ, ତୁମେ ନିଶ୍ଚୟ ସେ ବିଷୟରେ ତାକୁ ରାଜି କରାଇବ, ଏବଂ ଅନ୍ୟ କେତେଜଣ ବନ୍ଧୁଙ୍କ ଦ୍ୱାରା ମୁଁ ତାକୁ ରାଜି କରାଇବାର ଚେଷ୍ଟା କରିବି; ଯଦି ସଫଳ ହୁଏ ତା'ହେଲେ ଭାରତକୁ ଚାଲିଯାଉଛି । ଜୀବିକା ପାଇଁ ଏହିସବୁ ମଞ୍ଚ-ବକ୍ତୃତାର କାର୍ଯ୍ୟ କରି କରି ମୁଁ ସମ୍ପୂର୍ଣ୍ଣ କ୍ଲାନ୍ତ । ଏ କାର୍ଯ୍ୟ ମୋତେ ଆଉ ଭଲ ଲାଗୁ ନାହିଁ । ଅବସର ନେଇ କିଛି ଲେଖିବାର ଇଚ୍ଛା, ଦେଖେ ଯଦି କିଛି ଗଭୀର ଚିନ୍ତାର କାର୍ଯ୍ୟ କରିପାରେ ।

ଶୀଘ୍ର ଚିକାଗୋ ଯାଉଛି, କେତୋଟି ଦିନ ମଧ୍ୟରେ ସେଠାରେ ପହଞ୍ଚିବି ବୋଲି ଆଶା ।

ମେରି, ଆଶାବାଦରେ ଏପରି ମାତିଉଠିଛି ଯେ, ଯଦି ଡେଣା ଆଅନ୍ତା ତେବେ ହିମାଳୟକୁ ଉଡ଼ିଯାଆନ୍ତି !

ମେରି, ସାରାଜୀବନ ମୁଁ ଜଗତ ପାଇଁ ଖଟିଛି, କିନ୍ତୁ ସେ ଜଗତ ମୋ ଦେହର ପୁଳାଏ

ମାଂସ କାଟି ନ ନେବା ପର୍ଯ୍ୟନ୍ତ ଟିକିଏ ତ୍ରୁଟି ମଧ୍ୟ ମୋତେ ଫିଙ୍ଗି ଦେଇ ନାହିଁ ।

ଧନରେ ଖଣ୍ଡେ ତ୍ରୁଟି ଜୁଟିଲେ ମୁଁ ପୂର୍ଣ୍ଣ ଅବସର ନିଅନ୍ତି, କିନ୍ତୁ ତାହା ଅସମ୍ଭବ—।

ସତତ ପ୍ରଭୁସମୀପେ ତୁମର, ବିବେକାନନ୍ଦ

ପୁଃ—ବସ୍ତୁର ଅସାରତା ଯଦି କାହା ନିକଟରେ ଧରାପଡ଼ିଥାଏ, ସେ ମଣିଷ ବର୍ତ୍ତମାନ ମୁଁ । ଏଇତ ଜଗତର ଚେହେରା—ଗୋଟିଏ କଦର୍ଯ୍ୟ ପଶୁର ମୃତଦେହ । ଯେ ଭାବେ, ଏ ଜଗତର ଉପକାର କରିବ, ସେ ଗୋଟାଏ ବୋକା । ତେବେ ଭଲ ହେଉ ବା ମନ୍ଦ ହେଉ, ଆମମାନଙ୍କୁ କାର୍ଯ୍ୟ କରିଯିବାକୁ ହେବ—ଆମମାନଙ୍କର ବନ୍ଧନ ଦୂର କରିବା ପାଇଁ । ଆଶା କରେ, ସେ କାର୍ଯ୍ୟ ମୁଁ କରିଛି । ବର୍ତ୍ତମାନ ପ୍ରଭୁ ମୋତେ ଅନ୍ୟ ପାରିକୁ ନେଇ ଚାଲନ୍ତୁ । ତାହା ହିଁ ହେଉ, ପ୍ରଭୁ, ତାହା ହିଁ ହେଉ । ଭାରତ କିମ୍ବା ଅନ୍ୟ କୌଣସି ଦେଶ ପାଇଁ ଚିନ୍ତା ମୁଁ ତ୍ୟାଗ କରିଛି । ବର୍ତ୍ତମାନ ମୁଁ ସ୍ୱାର୍ଥପର, ନିଜର ମୁକ୍ତି ଚାହେଁ ।

'ଯେ ବ୍ରହ୍ମାଙ୍କୁ ପ୍ରଥମେ ସୃଷ୍ଟି କରିଛନ୍ତି ଏବଂ ତାଙ୍କ ନିକଟରେ ସମସ୍ତ ବେଦ ପ୍ରକାଶ କରିଛନ୍ତି, ଯେ ସମସ୍ତଙ୍କ ହୃଦୟରେ ବିରାଜମାନ, ବନ୍ଧନମୁକ୍ତିର ଆଶା କରି ତାଙ୍କ ନିକଟରେ ମୁଁ ଆଶ୍ରୟ ଗ୍ରହଣ କରୁଛି ।'*

୫୧୫ଇଂ

ନ୍ୟୁୟର୍କ, ୨୦ ଜୁନ୍ ୧୯୦୦

ସ୍ନେହର ନିବେଦିତା,

…ମହାମାୟା ପୁଣି ସଦୟ ହୋଇଛନ୍ତି ବୋଲି ମନେହୁଏ, ଆଉ ଚକ ଧୀରେ ଧୀରେ ଉପର ଆଡ଼କୁ ଉଠୁଛି ।…

ତୁମମାନଙ୍କର, ବିବେକାନନ୍ଦ

୫୧୬ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ବେଦାନ୍ତ ସୋସାଇଟି, 146 E 55th Street, ନିଉୟର୍କ

୨୩ ଜୁନ ୧୯୦୦

ପ୍ରିୟ ମେରୀ,

ତୁମର ସୁନ୍ଦର ପତ୍ର ଖଣ୍ଡିକ ପାଇଁ ଧନ୍ୟବାଦ । ଖୁବ୍ ଭଲ ଅଛି, ସୁଖୀ ଅଛି—ଯେପରି ଥାଏ । ଜୁଆର ଆଗରୁ ଢେଉ ନିଶ୍ଚୟ ଆସିବ । ମୋ ବେଳକୁ ମଧ୍ୟ ସେଇଆ । ତୁମେ ଯେ ପ୍ରାର୍ଥନା କରିବାକୁ ଯାଉଛ, ସେଥିପାଇଁ ଆନନ୍ଦିତ । ମେଥଡ଼ିଷ୍ଟମାନଙ୍କର ଗୋଟିଏ ଶିବିର-ସଭା ଡାକୁ ନାହିଁ କାହିଁକି ? ସେଥିରେ ଅଧିକ ଦ୍ରୁତ ଫଳ ହେବ ନିଶ୍ଚୟ ।

ସମସ୍ତ ପ୍ରକାର ଭାବୁକତା ଓ ଆବେଗ ଦୂର କରିବା ପାଇଁ ମୁଁ ବଦ୍ଧପରିକର, ମୋତେ ଆଉ କେବେବେଳେ ଆବେଗବିହ୍ୱଳ ହେବାର ଦେଖିଲେ ମୋର ଗଳାରେ ଦଉଡ଼ି ଦେଇ-ଦେବ । ମୁଁ ହେଉଛି ଅଦ୍ୱୈତବାଦୀ; ଜ୍ଞାନ ଆମମାନଙ୍କର ଲକ୍ଷ୍ୟ—ଆମମାନଙ୍କର ଭାବାବେଗ

* ଶ୍ୱେ. ଉପନିଷଦ୍, ୬।୧୮

ନୁହେଁ, ସ୍ନେହ ନୁହେଁ, କିଛି ନୁହେଁ—କାରଣ ଏସବୁ ଜୀବନର ଇନ୍ଦ୍ରିୟ ବା କୁସଂସ୍କାର ବା ବନ୍ଧନର ଅନ୍ତର୍ଭୁକ୍ତ । ମୁଁ ସତ୍‌ସ୍ୱରୂପ, ଚିତ୍‌ସ୍ୱରୂପ ।

ଗ୍ରୀନ୍‌ଏକରରେ ତୁମେ ନିଶ୍ଚୟ ବିଶ୍ରାମର ସୁଯୋଗ ପାଇବ । ସେଠାରେ ଆନନ୍ଦରେ ପରିପୂର୍ଣ୍ଣ ହୋଇ ରହ—ଏହା ହିଁ ଚାହେଁ । ମୋ ନିମିତ୍ତ ମୁହୂର୍ତ୍ତିକ ପାଇଁ ଦୁଶ୍ଚିନ୍ତା କର ନାହିଁ । 'ମା' ମୋତେ ଦେଖୁଛନ୍ତି, ଭାବାବେଗର ନରକରୁ ସେ ମୋତେ ଉଦ୍ଧାର କରି ଆଣୁଛନ୍ତି, ଉତ୍ତୀର୍ଣ୍ଣ କରେଇ ଦେଉଛନ୍ତି ବିଶୁଦ୍ଧ ଯୁକ୍ତି-ବିଚାରର ଆଲୋକରେ । ତୁମେ ସୁଖୀ ହୁଅ, ଏହା ହିଁ ମୋର ସତତ ଶୁଭେଚ୍ଛା ।

ତୁମର ଭ୍ରାତା, ବିବେକାନନ୍ଦ

ପୁଃ—ମାର୍ଗଟ ୨୬ ତାରିଖରେ ଯାତ୍ରା କରିବ । ସପ୍ତାହେ ବା ଦୁଇସପ୍ତାହ ପରେ ମୁଁ ମଧ୍ୟ ଯାଇପାରେ । ମୋ ଉପରେ କାହାର କୌଣସି ଅଧିକାର ନାହିଁ, କାରଣ ମୁଁ ଆତ୍ମ-ସ୍ୱରୂପ । କୌଣସି ଉଚ୍ଚାକାଙ୍କ୍ଷା ମୋର ନାହିଁ ।
—ବି.

ତୁମର ଚିଠିଟିକୁ ହଜମ କରିପାରି ନାହିଁ, କାରଣ ଗତ କେତେ ଦିନ ଧରି ଅଜୀର୍ଣ୍ଣତା କିଛି ପରିମାଣରେ ବଢ଼ିଯାଇଥିଲା ।
—ବି.

ସବୁବେଳେ ମୋର ଅନାସକ୍ତି ବିଦ୍ୟମାନ ଥିଲା । ମୁହୂର୍ତ୍ତିକ ମଧ୍ୟରେ ପୁଣି ତାହା ଆସିଯାଇଛି । ମୁଁ ଶୀଘ୍ର ଏପରି ଏକ ଜାଗାରେ ଠିଆ ହେବାକୁ ଯାଉଛି, ଯେଉଁଠାରେ କୌଣସି ଭାବୁକତା ବା ହୃଦୟାବେଗ ମୋତେ ସ୍ପର୍ଶ କରିପାରିବ ନାହିଁ ।

୫୧୭ଇଂ
ନ୍ୟୁୟର୍କ, ୨ ଜୁଲାଇ ୧୯୦୦

କଲ୍ୟାଣୀୟା ନିବେଦିତା,

...'ମାଆ-ହିଁ ସବୁ ଜାଣନ୍ତି'—ଏ କଥା ମୁଁ ପ୍ରାୟ କହେ । ମାଆଙ୍କ ନିକଟରେ ପ୍ରାର୍ଥନା କର । ନେତା ହେବା ଅତି କଠିନ । ସଂଘର ପାଦରେ ଯଥାସର୍ବସ୍ୱ—ଏପରିକି ନିଜର ସତ୍ତା ପର୍ଯ୍ୟନ୍ତ ନେତାଙ୍କୁ ବିସର୍ଜନ କରିବାକୁ ହୁଏ ।...

ତୁମମାନଙ୍କର, ବିବେକାନନ୍ଦ

୫୧୮ଇଂ
୧୦୨ ପୂର୍ବ ୫୮ ଷ୍ଟ୍ରୀଟ୍, ନିଉୟର୍କ
୩ ଜୁଲାଇ ୧୯୦୦

ପ୍ରିୟ ମିସେସ୍ ହାନ୍‌ସବରୋ,

ପତ୍ରବାହକ ସ୍ୱାମୀ ତୁରୀୟାନନ୍ଦ । ବେଦାନ୍ତ-କାର୍ଯ୍ୟ ନିମିତ୍ତ ଯେଉଁ ମହିଳା ଜମି ଦେଇଛନ୍ତି, ସେ ଲସ୍ ଆଞ୍ଜେଲସ୍‌ର ଅଧିବାସିନୀ । ସେ ତୁରୀୟାନନ୍ଦଙ୍କୁ ସଙ୍ଗରେ ନେଇଛନ୍ତି । ସେ ଖୁବ୍ ଭଲ ଆଧ୍ୟାତ୍ମିକ ଶିକ୍ଷାଗୁରୁ, କିନ୍ତୁ ତାଙ୍କର ବକ୍ତୃତା ଦେବାର ଅଭିଜ୍ଞତା ନାହିଁ ।

ସାନ୍ ଜୋସର୍ ନିକଟବର୍ତ୍ତୀ କୌଣସି ସ୍ଥାନରେ ଶାନ୍ତ ବିଶ୍ରାମ ଓ ଧ୍ୟାନ ନିମିତ୍ତ ଗୋଟିଏ କେନ୍ଦ୍ର ସ୍ଥାପନ କରିବା ପାଇଁ ତାଙ୍କୁ ସାହାଯ୍ୟ କଲେ ସବୁଠାରୁ ଭଲ ହେବ ।

ପବନ୍ଧ ସିମ୍ପୁତ୍ରିଙ୍କୁ ଅକୁଣ୍ଠ ସ୍ନେହ ଜଣାଉଛି ।

ସତତ ପ୍ରଭୁ ସମୀପେ ଆପଣଙ୍କର, ବିବେକାନନ୍ଦ

୫୧୯ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

102 E. 58th St., ନ୍ୟୁୟର୍କ, ୧୧ ଜୁଲାଇ ୧୯୦୦

ପ୍ରିୟ ଭଗିନୀ,

ତୁମର ଚିଠି ପାଇ ଓ ଗ୍ରୀନ୍‌ଏକର୍ ଯାଉଛ ଜାଣି ଆନନ୍ଦିତ ହୋଇଛି । ଆଶା କରେ, ତା'ଦ୍ୱାରା ତୁମର ଅନେକ ଉପକାର ହେବ । ଲମ୍ବା କେଶ କାଟି ପକାଇବାରୁ ମୁଁ ସମସ୍ତଙ୍କ ନିକଟରେ ତିରସ୍କୃତ ହେଉଛି । ଦୁଃଖର ବିଷୟ, ତୁମେ ଜୋର୍ କରିଥିଲ ବୋଲି ମୁଁ ତାହା କରିଥିଲି ।

ଡେଟ୍ରୟେଟ୍ ଯାଇଥିଲି, ଗତ କାଲି ଫେରି ଆସିଛି । ଯେତେ ଶୀଘ୍ର ସମ୍ଭବ ଫ୍ରାନ୍ସକୁ ଯିବା ପାଇଁ ଚେଷ୍ଟା କରୁଛି, ସେଠାରୁ ଭାରତକୁ । ଏଠାର ଖବର ପ୍ରାୟ କିଛି ନାହିଁ; କାମ ବନ୍ଦ ହୋଇଯାଇଛି । ଆହାର ଓ ନିଦ୍ରା ନିୟମିତ ଭାବରେ ଚଳେଇ ନେଉଛି—ବାସ୍, ଏତିକି ।

ଚିରବିଶ୍ୱସ୍ତ ଓ ସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

ପୁଃ—ଚିକାଗୋକୁ ମୋ ନାମରେ କୌଣସି ଚିଠିପତ୍ର ଆସିଥିଲେ ପଠାଇଦେବା ପାଇଁ ସିଅମାନଙ୍କୁ ଲେଖ । —ବି.

୫୨୦

୧୦୨ ପୂର୍ବ ୫୮ ରାସ୍ତା, ନ୍ୟୁୟର୍କ
୧୮ ଜୁଲାଇ ୧୯୦୦

ପ୍ରିୟ ତୁରୀୟାନନ୍ଦ,

ତୁମର ଚିଠି ଠିକଣା ବଦଳି ମୋ ପାଖରେ ଆସି ପହଞ୍ଚିଛି । ଡେଟ୍ରୟେଟ୍‌ରେ ମାତ୍ର ତିନିଦିନ ଥିଲି । ନ୍ୟୁୟର୍କରେ ବର୍ତ୍ତମାନ ଭୀଷଣ ଗରମ । ଗଲା ସପ୍ତାହରେ ତୁମ ନାମରେ ଭାରତରୁ କୌଣସି ଡାକ ନ ଥିଲା । ନିବେଦିତା ପାଖରୁ ଏପର୍ଯ୍ୟନ୍ତ କୌଣସି ଚିଠି ପାଇ ନାହିଁ ।

ଆମର ସବୁ ବିଷୟ ପୂର୍ବପରି ଚାଲିଛି । ଉଲ୍ଲେଖଯୋଗ୍ୟ କିଛି ନାହିଁ ।

ଅଗଷ୍ଟ ମାସରେ ମିସ୍ ମୁଲର୍ ଆସିପାରିବେ ନାହିଁ । ତାଙ୍କ ପାଇଁ ମୁଁ ଅପେକ୍ଷା କରିବି ନାହିଁ । ପର ଟ୍ରେନଟି ଧରିବ । ତାହା ପହଞ୍ଚିବା ପର୍ଯ୍ୟନ୍ତ ଅପେକ୍ଷା କର, ମିସ୍ (Miss Boocke)-ଙ୍କୁ ସ୍ନେହ ଦେବ ।

ପ୍ରଭୁ ସମୀପେ ତୁମର, ବିବେକାନନ୍ଦ

ପୁଃ—ପ୍ରାୟ ଏକ ସପ୍ତାହ ପୂର୍ବେ କାଳୀ ପାହାଡ଼କୁ ଚାଲିଯାଇଛି । ସେପ୍‌ଟେମ୍ବର ପୂର୍ବରୁ ଫେରିପାରିବ ନାହିଁ । ମୁଁ ସମ୍ପୂର୍ଣ୍ଣ ଏକୁଟିଆ । ମୁଁ ତାହା ଭଲ ପାଏ । ମୋ ବନ୍ଧୁମାନଙ୍କ ସହିତ ଦେଖା କରିଛ କି ? ସେମାନଙ୍କୁ ମୋର ସ୍ନେହ । —ବି.

୫୨୧ଇଂ

102 East 58th St., ନ୍ୟୁୟର୍କ
୨୦ ଜୁଲାଇ ୧୯୦୦

ପ୍ରିୟ ଜୋ,

ଏ ଚିଠି ତୁମ ନିକଟରେ ପହଞ୍ଚିବା ଆଗରୁ—ଯେଉଁ ପ୍ରକାର ଷ୍ଟିମର୍ ମିଳିବ ସେଇଥିରେ ମୁଁ ହୁଏତ ୟୁରୋପ, ଲଣ୍ଡନ ବା ପ୍ୟାରିସ୍‌ରେ ପହଞ୍ଚିଯିବି ।

ଏଠାରେ ମୋର କାମକୁ ସହଜ କରିନେଇଛି । ମିଃ ହୁଇଟ୍‌ମାର୍ଶଙ୍କର ପରାମର୍ଶରେ ମିସ ଓୟାଲ୍‌ଡୋଙ୍କ ହାତରେ କାମଗୁଡ଼ିକ ଦିଆଯାଇଛି ।

ପାଥେୟ ଏବଂ ଜାହାଜ—ଉଭୟର ବ୍ୟବସ୍ଥା କରିବାକୁ ହେବ । ବାକି 'ମା' ଜାଣନ୍ତି ।

ମୋର 'ଅନ୍ତରଙ୍ଗ' ବନ୍ଧୁ ବର୍ତ୍ତମାନ ସୁଦ୍ଧା ଅବତୀର୍ଣ୍ଣ ହୋଇ ନାହାନ୍ତି । ସେ ଲେଖିଛନ୍ତି, ଅଗଷ୍ଟ ମାସରେ ଯେକୌଣସି ଦିନ ସେ ଆସିବେ; ଜଣେ ହିନ୍ଦୁଙ୍କୁ ଦେଖିବା ପାଇଁ ତାଙ୍କର ପ୍ରାଣ କଣ୍ଠାଗତ ହୋଇଛି ଏବଂ ଭାରତମାତାଙ୍କ ପାଇଁ ତାଙ୍କର ଆତ୍ମା ନିରନ୍ତର ପୋଡ଼ି ପାଉଁଶ ହୋଇଯାଉଛି ।

ତାଙ୍କୁ ଲେଖିଛି, ଲଣ୍ଡନରେ ତାଙ୍କ ସଙ୍ଗରେ ଦେଖା ହୋଇପାରେ । ତା' ମଧ୍ୟ ମା ଜାଣନ୍ତି । ମିସେସ୍ ହଣ୍ଟିଂଟନ୍ ମାର୍ଗଟ୍‌କୁ ସ୍ନେହ ଜଣାଇଛନ୍ତି ଏବଂ ତା' ନିକଟରୁ ସମ୍ବାଦ ଆଶା କରନ୍ତି, ଅବଶ୍ୟ ସେ ଯଦି ତା'ର ବୈଜ୍ଞାନିକ ପ୍ରଦର୍ଶନୀ ନେଇ ଖୁବ୍ ବ୍ୟସ୍ତ ନ ଥାଏ ।

ଭାରତର 'ପବିତ୍ର ଗାଈକୁ', ତୁମକୁ, ଲେଗେଟ୍ ପରିବାରକୁ, ମିସ୍ ଅମୁକଙ୍କ (କ'ଣ ତାଙ୍କର ନାମ ?), ଆମେରିକାର ରବର ଗଛକୁ—ସମସ୍ତଙ୍କୁ ସ୍ନେହ ଜଣାଇବ ।

ସତତ ପ୍ରଭୁସମୀପେ ତୁମର, ବିବେକାନନ୍ଦ

୫୨୨ଇଂ

୧୦୨ ପୂର୍ବ ୫୮ ରାସ୍ତା, ନ୍ୟୁୟର୍କ
୨୪ ଜୁଲାଇ ୧୯୦୦

ପ୍ରିୟ ଜୋ,

ସୂର୍ଯ୍ୟ=ଜ୍ଞାନ; ତରଙ୍ଗାୟିତ ଜଳ=କର୍ମ; ପଦ୍ମ=ପ୍ରେମ; ସର୍ପ=ଯୋଗ; ହଂସ=ଆତ୍ମା; ଉକ୍ତି=ହଂସ (ଅର୍ଥାତ୍ ପରମାତ୍ମା) ଆମମାନଙ୍କୁ ତାହା ପ୍ରେରଣ କରନ୍ତୁ ।* ଏହା ହଂସ-ସରୋବର । କଳ୍ପନାଟି ତୁମକୁ କିପରି ଲାଗୁଛି ? ଯାହାହେଉ, ହଂସ ଯେପରି ତୁମକୁ ଏ ସମସ୍ତ ଦେଇ ପରିପୂର୍ଣ୍ଣ କରନ୍ତୁ ।

ଆଗାମୀ ଗୁରୁବାର ଦିନ ଫରାସୀ ଜାହାଜ 'ଲ ଶ୍ୟାମ୍ପେନ୍'ରେ ମୋର ଯାତ୍ରା କରିବାର କଥା ଅଛି ।

ଓୟାଲ୍‌ଡୋ ଓ ହୁଇଟ୍‌ମାର୍ଶ (Waldo and Whitmarsh) କୋମ୍ପାନୀର

* ଏହା ରାମକୃଷ୍ଣ ମଠ ଓ ମିଶନର ପ୍ରତୀକଟିର ବ୍ୟାଖ୍ୟାକଳ୍ପେ ଲିଖିତ । 'ତନ୍ନୋ ହଂସଃ ପ୍ରଚୋଦୟାତ୍ ।'

ବନ୍ଧୁଗୁଡ଼ିକ ମୋ ପାଖରେ ଅଛୁ ଏବଂ ସୁସ୍ଥପାହେବା ଭଳି ପ୍ରାୟ ପ୍ରସ୍ତୁତ ହୋଇଛୁ ।

ମୁଁ ଭଲ ଅଛୁ, କ୍ରମେ ସ୍ୱାସ୍ଥ୍ୟଲାଭ କରୁଛୁ—ଏବଂ ଆଗାମୀ ସପ୍ତାହରେ ତୁମ ସଙ୍ଗରେ ଦେଖାହେବା ପର୍ଯ୍ୟନ୍ତ ଠିକ୍ ଥିବ । ଇତି

ସତତ ପ୍ରଭୁପଦାଶ୍ରିତ ତୁମମାନଙ୍କର, ବିବେକାନନ୍ଦ

୫୨୩

୧୦୨ ପୂର୍ବ ୫୮ ରାସ୍ତା, ନ୍ୟୁୟର୍କ
୨୫ ଜୁଲାଇ ୧୯୦୦

ପ୍ରିୟ ତୁରୀୟାନନ୍ଦ,

ମିସେସ୍ ହାନ୍ସବର୍ଗଙ୍କର ଖଣ୍ଡିଏ ପତ୍ରରୁ ଜାଣିଲି ଯେ, ତୁମେ ତାଙ୍କର ସେଠାକୁ ଯାଇଥିଲ । ସେମାନେ ତୁମକୁ ଖୁବ୍ ପସନ୍ଦ କରନ୍ତି ଏବଂ ମୋର ବିଶ୍ୱାସ ତୁମେ ମଧ୍ୟ ବୁଝି-ପାରିଛ ଯେ, ସେମାନଙ୍କର ବନ୍ଧୁତ୍ୱ କେତେ ଅକୃତ୍ରିମ, ପବିତ୍ର ଓ ସ୍ୱାର୍ଥଲେଶଶୂନ୍ୟ । ମୁଁ କାଲି ପ୍ୟାରିସ୍ ଯାତ୍ରା କରୁଛି, ଯୋଗାଯୋଗ ସବୁ ଠିକ୍ ହୋଇ ଆସିଛି । କାଲୀ ଏଠାରେ ନାହିଁ । ମୁଁ ଚାଲିଯାଉଛି ବୋଲି ସେ ଟିକିଏ ଚିନ୍ତିତ ହୋଇପଡ଼ିଛି—କିନ୍ତୁ ଏହା ଛଡ଼ା ଉପାୟ କଅଣ ?

୬ ପ୍ଲେସ୍ ଦେ-ଜେତାତ୍ ଇଜି, ପ୍ୟାରିସ୍ (6 Place Des Etats Unis, Paris, France)—ମିଃ ଲେଗେଟଙ୍କ ଏହି ଠିକଣାରେ ଅତଃପର ମୋତେ ପତ୍ର ଲେଖିବ । ମିସେସ୍ ଓ୍ୟାଇକଫ୍, ହାନ୍ସବର୍ଗ ଓ ହେଲେନ୍‌କୁ ମୋର ପ୍ରୀତି ଜଣାଇବ । ସମିତିଗୁଡ଼ିକର କାର୍ଯ୍ୟ ପୁଣି ଟିକିଏ ଆରମ୍ଭ କରିଦିଅ ଏବଂ ମିସେସ୍ ହାନ୍ସବର୍ଗଙ୍କୁ କହିବ, ସେ ଯେପରି ଠିକ୍ ସମୟରେ ସବୁ ଚାନ୍ଦା ଆଦାୟ କରନ୍ତି, ଆଉ ଟଙ୍କା ଉଠାଇ ଭାରତକୁ ପଠାଇଦିଅନ୍ତି; କାରଣ ସାରଦା ଜଣାଇଛି, ସେମାନଙ୍କର ବଡ଼ ଟଣାଓଟରା ଚାଲିଛି । ମିସ୍ ବୁକ୍‌ଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା ଜଣାଇବ । ମୋର ଅସୀମ ପ୍ରୀତି ଜାଣିବ । ଇତି

ସତତ ପ୍ରଭୁପଦାଶ୍ରିତ, ତୁମମାନଙ୍କର, ବିବେକାନନ୍ଦ

ପୁଃ—କହେ ହଂସ କେମିତି ? 'ସେମାନେ ପଦ୍ମବନରେ ହଂସ ସହିତ ହଂସୀରୂପେ କରନ୍ତି ରମଣ ।'

୫୨୪ (ମାୟାବତୀ 'ଅଦ୍ୱୈତ ଆଶ୍ରମ'ର ଜନୈକ ବ୍ରହ୍ମଚାରୀଙ୍କୁ ଲିଖିତ)

ନ୍ୟୁୟର୍କ, ଅଗଷ୍ଟ ୧୯୦୦

କଲ୍ୟାଣବରେଷୁ,

ତୁମର ଏକ ପତ୍ର ପାଇଥିଲି । ଏପର୍ଯ୍ୟନ୍ତ ଜବାବ ଦେଇପାରି ନାହିଁ । ତୁମର ସୁଖ୍ୟାତି ମିଃ ସେଭିଅର୍ ତାଙ୍କ ପତ୍ରରେ କରିଛନ୍ତି । ସେଥିରେ ମୁଁ ବିଶେଷ ଖୁସି ହେଲି ।

ତୁମେମାନେ କିଏ କଅଣ କରୁଛ ଇତ୍ୟାଦି ପୁଙ୍ଖାନୁପୁଙ୍ଖ ଲେଖି ମୋତେ ପତ୍ର ଲେଖିବ । ତୁମର ମା'ଙ୍କୁ ପତ୍ର ଲେଖୁ ନାହଁ କାହିଁକି ? ସେ କି କଥା ? ମାତୃଭକ୍ତି ସକଳ କଲ୍ୟାଣର କାରଣ । ତୁମର ଭାଇ କଲିକତାରେ କିପରି ପଢ଼ାପଢ଼ି କରୁଛି ?

ତୁମର ସବୁ 'ଆନନ୍ଦ'ମାନଙ୍କର ନାମ ମନେରହେ ନାହିଁ—କେଉଁଟିକୁ କଅଣ କହିବ ! ସବୁଗୁଡ଼ାକୁ ଏକା ସାଙ୍ଗରେ ମୋର ପ୍ରୀତି ଦେବୁ । ଖଗେନ୍‌ର ଦେହ ବେଶ୍ ଭଲ ହୋଇଯାଇଛି, ଖବର ପାଇଛି—ସୁଖର କଥା । ତୁମମାନଙ୍କୁ ସେଭିଅର୍‌ମାନେ ଯତ୍ନ କରନ୍ତି ନା ନାହିଁ ସବୁ ଲେଖିବୁ । ଧୀରୁର ଦେହ ମଧ୍ୟ ଭଲ ଅଛି—ଆନନ୍ଦର କଥା । କାଳୀ ଟୋକାଟାର ଟିକିଏ ମୋଟା ହେବାର tendency (ପ୍ରବଣତା) ଅଛି, ତାହାର ପାହାଡ଼ ଚଢ଼ା-ଓହ୍ଲାରେ ସେସବୁ ଭଲ ହୋଇଯିବ ନିଶ୍ଚିତ । ସ୍ୱରୂପକୁ କହିବୁ ମୁଁ ତା'ର କାଗଜ ଚଳାଇବାରେ ବିଶେଷ ଖୁସି । He is doing splendid work (ସେ ଚମତ୍କାର କାମ କରୁଛି) ।

ଅନ୍ୟ ସମସ୍ତଙ୍କୁ ମୋର ଆଶୀର୍ବାଦ ପ୍ରୀତି ଦେବୁ । ମୋର ଦେହ ଭଲ ହୋଇ-ଯାଇଛି—ସମସ୍ତଙ୍କୁ କହିବୁ । ମୁଁ ଏଠାରୁ ଇଂଲଣ୍ଡ ହୋଇ ଶୀଘ୍ର ଭାରତକୁ ଯାଉଛି ।

ସାଶୀର୍ବାଦ, ବିବେକାନନ୍ଦସ୍ୟ

୫୨୫

୬ ପ୍ଲାସ୍ ଦେ-ଜେତାର୍ ଇନି, ପ୍ୟାରିସ୍
୧୩ ଅଗଷ୍ଟ ୧୯୦୦

ହରିଭାଇ,

ତୁମର୍ କାଲିଫର୍ଣ୍ଣିଆରୁ ପତ୍ର ପାଇଲି । ତିନିଜଣଙ୍କର ବନ୍ଧୁତ୍ୱ ହେବାକୁ ଲାଗିଲା, ମନ୍ଦ କଅଣ ? ସେଥିରେ ମଧ୍ୟ ଅନେକ କାର୍ଯ୍ୟ ହୁଏ । ଶ୍ରୀ—ମହାରାଜ ଜାଣନ୍ତି । ଯାହା ହେବାର ହେବାକୁ ଦିଅ । ତାଙ୍କ କାର୍ଯ୍ୟ ସେ ଜାଣନ୍ତି, ତୁମେ ମୁଁ ଚାକର ଛଡ଼ା ଆଉ କଅଣ !

ଏହି ଚିଠି ସାନ୍ ଫ୍ରାନ୍‌ସିସ୍‌କୋକୁ ପଠାଉଛି—ମିସେସ୍ ଆସ୍‌ପାନେଲ୍‌ଙ୍କ କେୟାର୍‌ରେ ।

ଏହି ମାତ୍ର ନ୍ୟୁୟର୍କରୁ ସାମାନ୍ୟ ସମ୍ବାଦ ପାଇଛି । ସେମାନେ ଭଲ ଅଛନ୍ତି । କାଳୀ ପ୍ରବାସରେ । ତୁମେ ସାନ୍ ଫ୍ରାନ୍‌ସିସ୍କୋରେ 'କମାସୀତ, ପ୍ରଭିଷେତ, ବ୍ରଜେତ କମ୍'* ଲେଖିବ । ଆଉ ମଠକୁ ଟଙ୍କା ପଠାଇବା କଥାଟାରେ ଗଫଲତି କର ନାହିଁ । ଲସ୍ ଆଞ୍ଜେଲସ୍, ସାନ୍ ଫ୍ରାନସିସ୍‌କୋରୁ ଯେପରି ଅବଶ୍ୟ ଟଙ୍କା ମାସକୁ ମାସ ଯାଏ ।

ମୁଁ ଏକ ପ୍ରକାର ଭଲ ଅଛି । ଶୀଘ୍ର ଇଂଲଣ୍ଡ ଯାତ୍ରା । ଶରତ୍‌ର ସମ୍ବାଦ ପାଉଛି । ତା'ର ଇତିମଧ୍ୟରେ ଆମାଶୟ ହୋଇଛି । ଆଉ ସମସ୍ତେ ଭଲ ଅଛନ୍ତି । ମ୍ୟାଲେରିଆ ଏଥର ବେଶୀ କାହାକୁ ଧରି ନାହିଁ । ଗଙ୍ଗା ଉପରେ ବିଶେଷ ଧରେ ନାହିଁ ମଧ୍ୟ । ଏଥର ବର୍ଷା କମ୍ ହେବାରୁ ବଙ୍ଗଳାଦେଶରେ ମଧ୍ୟ ଦୁର୍ଭିକ୍ଷର ଭୟ ।

କାର୍ଯ୍ୟ କରିଯାଅ, ଭାଇ, ମାଆଙ୍କ କୃପାରେ; ମା ଜାଣନ୍ତି, ତୁମେ ଜାଣ—ମୁଁ ଖଲାସ; ମୁଁ ବର୍ତ୍ତମାନ ବିଶ୍ରାମ ନେବାକୁ ଚାଲିଲି । ଇତି

ସ୍ନେହାବଦ୍ଧ, ବିବେକାନନ୍ଦ

---

* ସ୍ୱାମୀଜୀ ଗୀତାର ଭାବ ନେଇ ପଚାରିଛନ୍ତି, ତାହାର ଅର୍ଥ—କେଉଁଠି ଥାଅ, କଅଣ କରୁଛ କେଉଁଠାକୁ ଯାଅ, ଇତ୍ୟାଦି ।

୫୨୭ଇଂ (ଜନ୍ ଫକ୍ସଙ୍କୁ ଲିଖିତ)]

ବୁଲେଭାର ହାନସ୍ ସୁୟାନ, ପ୍ୟାରିସ୍
୧୪ ଅଗଷ୍ଟ ୧୯୦୦

ଅନୁଗ୍ରହପୂର୍ବକ [ମହିମକୁ ଲେଖି ଜଣାଇବେ ଯେ, ସେ ଯାହା କରୁ ନା କାହିଁକି, ମୋର ଆଶୀର୍ବାଦ ସେ ସର୍ବଦା ପାଇବ । ବର୍ତ୍ତମାନ ସେ ଯାହା କରୁଛି, ତାହା ଜଷ୍ଟିସ୍ ଓକିଲାତି ଇତ୍ୟାଦି ଅପେକ୍ଷା ଢେର୍ ଭଲ । ମୁଁ ବୀରତ୍ୱ ଓ ସାହସିକତାକୁ ପସନ୍ଦ କରେ, ଆଉ ମୋ ଜାତି ପକ୍ଷରେ ଏପରି ତେଜସ୍ୱିତାର ବିଶେଷ ପ୍ରୟୋଜନ । ତେବେ ମୋର ସ୍ୱାସ୍ଥ୍ୟ ଭାଙ୍ଗିପଡ଼ୁଛି ଏବଂ ମୁଁ ଅଧିକ ଦିନ ବଞ୍ଚିବାର ଆଶା ରଖେ ନାହିଁ; ସୁତରାଂ ସେ ଯେପରି ମା ଓ ସମସ୍ତ ପରିବାରର ଭାର ନେବା ଲାଗି ପ୍ରସ୍ତୁତ ହେଉଥାଏ । ଯେକୌଣସି ମୁହୂର୍ତ୍ତରେ ମୁଁ ଆଖି ବୁଜିପାରେ । ମୁଁ ତା' ପାଇଁ ବର୍ତ୍ତମାନ ଖୁବ୍ ଗର୍ବ ଅନୁଭବ କରୁଛି । ଇତି

ଆପଣଙ୍କର ସ୍ନେହାବଦ୍ଧ, ବିବେକାନନ୍ଦ

୫୨୭ ୬ ପ୍ଲାସ୍ ଦେ-ଜେତାତ୍ର ଇନି, ପ୍ୟାରିସ୍

ହରିଭାଇ,

ବର୍ତ୍ତମାନ ଫ୍ରାନ୍ସ ଦେଶରେ ସମୁଦ୍ରତଟରେ ଅବସ୍ଥାନ କରୁଛି । Congress of History of Religions (ଧର୍ମେତିହାସ-ସମ୍ମେଳନ) ହୋଇଯାଇଛି । ସେ କିଛି ନୁହେଁ, ପ୍ରାୟ କୋଡ଼ିଏ ଜଣ ପଣ୍ଡିତ ମିଶି ଶାଳଗ୍ରାମର ଉତ୍ପତ୍ତି, ଜିହୋବାର ଉତ୍ପତ୍ତି ଇତ୍ୟାଦି ବକ୍‌ବାକ୍ କରିଛନ୍ତି । ମୁଁ ମଧ୍ୟ ସେଥିରେ ଥୋଡ଼ାଏ ବକ୍‌ବାକ୍ କରିଛି ।

ମୋର ଦେହ ମନ ଭାଙ୍ଗିଯାଇଛି । ବିଶ୍ରାମ ଅତ୍ୟାବଶ୍ୟକ । ତା' ଉପରେ ଏକେ ତ ନିର୍ଭର କରିବାର ଲୋକ କେହି ନାହିଁ; ସୁତରାଂ ଯେତେଦିନ ରହିବି, ମୋ ଉପରେ ଭରସା କରି ସମସ୍ତେ ଅତ୍ୟନ୍ତ ସ୍ୱାର୍ଥପର ହୋଇଯିବେ ।

...ଲୋକଙ୍କ ସହିତ ବ୍ୟବହାର କରିବାକୁ ଗଲେ ଦିନରାତି ମନଃକଷ୍ଟ । ଏଣୁ...ସବୁ ଲେଖା-ପଢ଼ା କରିଦେଇ ଅଲଗା ହୋଇଯାଇଛି । ବର୍ତ୍ତମାନ ମୁଁ ଲେଖିଦେଉଛି ଯେ, କାହାରି ଏକାଧିପତ୍ୟ ରହିବ ନାହିଁ । ସମସ୍ତ କାର୍ଯ୍ୟ majorityର (ଅଧିକାଂଶଙ୍କର) ହୁକୁମ୍‌ରେ ହେବ ...ସେହି ଅନୁସାରେ ଟ୍ରଷ୍ଟ ଡିଡ୍ କରେଇନେଲେ ମୋର ଛୁଟି ।

ଏହି ବୃତ୍ତାନ୍ତ ଏତିକି । ବର୍ତ୍ତମାନ ତୁମେମାନେ ଯାହା କରିବାର କର । ମୋ କାମ ମୁଁ କରିନେଇଛି, ବାସ୍ । ଗୁରୁମହାରାଜଙ୍କ ପାଖରେ ଋଣୀ ଥିଲି—ପ୍ରାଣ ବାହାର କରି ମୁଁ ଶୁଝିଦେଇଛି । ସେକଥା ତୁମକୁ କଅଣ କହିବି ?... ଦଲିଲ କରି ପଠାଇଛନ୍ତି ସର୍ବେସର୍ବା କର୍ତ୍ତୃତ୍ୱର ' କର୍ତ୍ତୃତ୍ୱ ଛଡ଼ା ବାକିସବୁ କରିଦେଇଛି '... ଦସ୍ତଖତ ।

ଗଙ୍ଗାଧର, ତୁମେ, କାଳୀ, ଶଶୀ, ନୂଆ ପିଲାମାନେ—ଏମାନଙ୍କୁ ଠେଲିଦେଇ ସେହି ଖିଆଲ ଓ ବାବୁରାମଙ୍କୁ କର୍ତ୍ତା କରିଦେଉଛି ! ଗୁରୁଦେବ ଖୁବ୍ କହୁଥିଲେ । ଏ ତାଙ୍କର କାମ ।... ପ୍ରାଣ ଧରି ଦସ୍ତଖତ କରିଦେଇଛି । ବର୍ତ୍ତମାନଠାରୁ ଯାହା କରିବି, ସେ ମୋରି କାମ ।...

ମୁଁ ବର୍ତ୍ତମାନ ମୋ କାମ କରିବାକୁ ଗୃଲିଲି । ଗୁରୁମହାରାଜଙ୍କ ଋଣ* ପ୍ରାଣ ବାହାର କରି ଶୁଝିଦେଇଛି । ତାଙ୍କର ଆଉ ଦାବିଦଖଲ ନାହିଁ ।···

ତୁମେମାନେ ଯାହା କରୁଛ, ତାହା ଗୁରୁମହାରାଜଙ୍କ କାର୍ଯ୍ୟ, କରିଯାଅ । ମୋର ଯାହା କରିବାର କରିଦେଇଛି, ବାସ୍ ସେସବୁ ସମ୍ବନ୍ଧରେ ମୋତେ ଆଉ କିଛି ଲେଖିବ ନାହିଁ, କହିବ ନାହିଁ, ସେଥିରେ ମୋର ଆଦୌ ମତାମତ ନାହିଁ ।··· ବର୍ତ୍ତମାନଠାରୁ ଅନ୍ୟ ରକମ ।··· ଇତି

ନରେନ୍ଦ୍ର

ପୁଃ—ସମସ୍ତଙ୍କୁ ମୋର ପ୍ରୀତି ।

୫୨୮ଇଂ

୬ ପ୍ଲେସ୍ ଦେ-ଜେତାତ୍ ଇଉନି, ପ୍ୟାରିସ୍
୨୫ ଅଗଷ୍ଟ ୧୯୦୦

କଲ୍ୟାଣୀୟା ନିବେଦିତା,

ତୁମ ପତ୍ର ଏହି ବର୍ତ୍ତମାନ ପାଇଲି; ସହୃଦୟ କଥାଗୁଡ଼ିକ ପାଇଁ ତୁମକୁ ବହୁ ଧନ୍ୟବାଦ ଜଣାଉଛି । ମୁଁ ମିସେସ୍ ବୁଲ୍‌ଙ୍କୁ ମଠରୁ ଟଙ୍କା ଉଠାଇ ନେବାର ସୁଯୋଗ ଦେଇଥିଲି, କିନ୍ତୁ ସେ ସେହି ବିଷୟରେ କିଛି କହିଲେ ନାହିଁ, ଆଉ ଏପଟେ ଟ୍ରଷ୍ଟର ଦଲିଲ-ଗୁଡ଼ିକ ଦସ୍ତଖତ ପାଇଁ ପଡ଼ିଥିଲା; ସୁତରାଂ ମୁଁ ବ୍ରିଟିଶ କନ୍‌ସଲ ଅଫିସକୁ ଯାଇ ଦସ୍ତଖତ କରି-ଦେଇଛି । ବର୍ତ୍ତମାନ ସେସବୁ ଭାରତ ପଥରେ । ବର୍ତ୍ତମାନ ମୁଁ ସ୍ୱାଧୀନ, ଆଉ କୌଣସି ବନ୍ଧନ ଭିତରେ ନାହିଁ, କାରଣ ମୁଁ ରାମକୃଷ୍ଣ ମିଶନର କାର୍ଯ୍ୟରେ ଆଉ ମୋର କୌଣସି କ୍ଷମତା, କର୍ତ୍ତୃତ୍ୱ ବା ପଦ ରଖି ନାହିଁ । ମୁଁ ତାହାର ସଭାପତି-ପଦ ମଧ୍ୟ ତ୍ୟାଗ କରିଛି ।

ବର୍ତ୍ତମାନ ମଠାଦି ସବୁ ମୋ ଛଡ଼ା ରାମକୃଷ୍ଣଙ୍କର ଅନ୍ୟାନ୍ୟ ସାକ୍ଷାତ୍ ଶିଷ୍ୟମାନଙ୍କ ହାତକୁ ଗଲା । ବ୍ରହ୍ମାନନ୍ଦ ବର୍ତ୍ତମାନ ସଭାପତି ହେଲେ, ତା'ପରେ ଏହା ପ୍ରେମାନନ୍ଦ ଇତ୍ୟାଦିଙ୍କ ଉପରେ କ୍ରମେ କ୍ରମେ ପଡ଼ିବ ।

ବର୍ତ୍ତମାନ ଏହା ଭାବି ମୋର ଆନନ୍ଦ ହେଉଛି ଯେ, ମୋର ମୁଣ୍ଡରୁ ଏକ ମସ୍ତବଡ଼ ବୋଝ ଓହ୍ଲାଇଗଲା ! ମୁଁ ବର୍ତ୍ତମାନ ନିଜକୁ ବିଶେଷ ସୁଖୀ ବୋଧ କରୁଛି ।

ମୁଁ କୋଡ଼ିଏ ବର୍ଷ ଧରି ରାମକୃଷ୍ଣଙ୍କ ସେବା କଲି—ତାହା ଭୁଲ (ଭିତର ଦେଇ) ହେଉ ବା ସଫଳତାର ଭିତର ଦେଇ ହେଉ—ବର୍ତ୍ତମାନ ମୁଁ କାର୍ଯ୍ୟରୁ ଅବସର ନେଲି । ବାକି ଜୀବନ ଆପଣା ଭାବରେ କଟାଇବି ।

ମୁଁ ବର୍ତ୍ତମାନ ଆଉ କାହାରି ପ୍ରତିନିଧି ନୁହେଁ ବା କାହାରି ନିକଟରେ ଦାୟୀ ନୁହେଁ; ଏତେକାଳ ବନ୍ଧୁମାନଙ୍କ ପାଖରେ ମୋର ଗୋଟାଏ ଅସ୍ୱାଭାବିକ ବାଧ୍ୟ-ବାଧ୍ୟକତା-ବୋଧ ଥିଲା । ବର୍ତ୍ତମାନ ମୁଁ ଭଲକରି ଭାବିଚିନ୍ତି ଦେଖିଲି—ମୁଁ କାହାର କିଛି ଧାରି ଧାରେ ନାହିଁ । ମୁଁ ତ ଦେଖୁଛି, ମୁଁ ପ୍ରାଣ ପର୍ଯ୍ୟନ୍ତ ପଣ କରି ମୋର ସମୁଦାୟ ଶକ୍ତି ପ୍ରୟୋଗ କରିଛି; କିନ୍ତୁ ପ୍ରତିଦାନ-

* ୨୭ ମେ ୧୮୯୦ ଖ୍ରୀ:ର ପ୍ରମଦାଦାସ ମିତ୍ର ମହାଶୟଙ୍କୁ ଲିଖିତ ପତ୍ର ଦ୍ରଷ୍ଟବ୍ୟ ।

ସ୍ୱରୂପ ପାଇଛୁ (ବନ୍ଧୁମାନଙ୍କର) ଗର୍ଜନ-ତର୍ଜନ, ଅନଷ୍ଟ-ଚେଷ୍ଟା ଏବଂ ବରକ୍ତିକର ସମସ୍ୟା ।···

ତୁମର ଚଠି ପଢ଼ି ମନେହେଲା, ତୁମେ ଭାବୁଛ ଯେ, ତୁମର ନୂଆ ବନ୍ଧୁମାନଙ୍କ ଉପରେ ମୁଁ ଈର୍ଷାନ୍ୱିତ । ମୁଁ କନ୍ତୁ ତୁମକୁ ଚରଦନ ପାଇଁ ଜଣାଇ ରଖୁଛୁ—ମୋର ଅନ୍ୟ ଯେକୌଣସି ଦୋଷ ଥାଉ ନା କାହିଁକ, ଜନ୍ମରୁ ହିଁ ମୋ ଭତରେ ଈର୍ଷା, ଲୋଭ ବା କର୍ତ୍ତୃତ୍ୱର ଅକାଙ୍କ୍ଷା ନାହିଁ ।

ମୁଁ ପୂର୍ବେ ମଧ୍ୟ ତୁମକୁ କୌଣସି ଆଦେଶ ଦେଇ ନାହିଁ, ବର୍ତ୍ତମାନ ତ କାର୍ଯ୍ୟ ସଙ୍ଗରେ ମୋର କୌଣସି ସମ୍ପର୍କ ନାହିଁ—ବର୍ତ୍ତମାନ ଆଉ କ ଆଦେଶ ଦେବ ? କେବଳ ଏତକ ମୁଁ ଜାଣେ ଯେ, ଯେତେ ଦନ ତୁମେ ସର୍ବାନ୍ତଃକରଣରେ ମା'ଙ୍କର ସେବା କରବ, ସେତେ ଦନ ସେ ହିଁ ତୁମକୁ ଠିକ୍ ପଥରେ ଚଳାଇନେବେ ।

ତୁମେ ଯେଉଁମାନଙ୍କ ସହତ ବନ୍ଧୁତ୍ୱ କରଛ, ତାହାର ସମ୍ବନ୍ଧରେ ମୋର କେବେ-ହେଲେ ଈର୍ଷା ହୋଇ ନାହିଁ । କୌଣସି ବଷୟରେ ମିଳାମିଶା କରବା ଲାଗି ମୁଁ କେବେହେଲେ ମୋର ଭାଇମାନଙ୍କର ସମାଲୋଚନା କର ନାହିଁ । ତେବେ ମୋର ଦୃଢ଼ବଶ୍ୱାସ—ପାଶ୍ଚାତ୍ୟ-ବାସୀଙ୍କର ଗୋଟିଏ ବଶେଷତ୍ୱ ଯେ, ସେମାନେ ନଜେ ଯେଉଁଟା ଭଲ ମନେକରନ୍ତ, ତାହା ଅନ୍ୟ ଉପରେ ଜୋର୍ କର ଚପାଇବାର ଚେଷ୍ଟା କରନ୍ତ—ଭୁଲଯାଆନ୍ତ ଯେ, ଜଣଙ୍କ ପକ୍ଷରେ ଯେଉଁଟା ଭଲ, ଅନ୍ୟ ପକ୍ଷରେ ସେଇଟା ଭଲ ନ ହୋଇ ବ ପାରେ । ମୋର ଭୟ ହେଉଥିଲା ଯେ, ତୁମର ନୂଆ ବନ୍ଧୁମାନଙ୍କ ସଙ୍ଗରେ ମିଶିବା ଫଳରେ ତୁମର ମନ ଯେଉଁଆଡ଼କୁ ଝୁଙ୍କିବ, ତୁମେ ଅନ୍ୟ ଭତରେ ଜୋର୍ କର ସେହ ଭାବ ପୂରାଇବାର ଚେଷ୍ଟା କରବ । କେବଳ ଏହ କାରଣରୁ ହିଁ ମୁଁ ବେଳେ ବେଳେ କୌଣସି ବଶେଷ ପ୍ରଭାବରୁ ତୁମକୁ ଦୂରରେ ରଖିବାର ଚେଷ୍ଟା କରଥିଲ, ଏହାର ଅନ୍ୟ କୌଣସି କାରଣ ନାହିଁ । ତୁମେ ତ ସ୍ୱାଧୀନ, ତୁମ ନଜର ଯାହା ଯାହା ପସନ୍ଦ ତାହା ହିଁ କର, ନଜର କାର୍ଯ୍ୟ ବାଛନଅ ।···

ମୁଁ ଏଥର ସମ୍ପୂର୍ଣ୍ଣ ଅବସର ନେବାକୁ ଇଚ୍ଛା କରଥିଲ, କନ୍ତୁ ବର୍ତ୍ତମାନ ଦେଖୁଛୁ ମା'ଙ୍କର ଇଚ୍ଛା—ମୁଁ ମୋର ଆତ୍ମୀୟବର୍ଗଙ୍କ ପାଇଁ କଛ କରେ । ଭଲ, କୋଡ଼ିଏ ବର୍ଷ ପୂର୍ବେ ମୁଁ ଯାହା ତ୍ୟାଗ କରଥିଲ, ତାହା ମୁଁ ଆନନ୍ଦରେ ସହତ ପୁଣି କାନ୍ଧକୁ ନେଲ । ବନ୍ଧୁ ହେଉ, ଶତ୍ରୁ ହେଉ—ସମସ୍ତେ ତାଙ୍କ ହାତର ଯନ୍ତ୍ରସ୍ୱରୂପ ହୋଇ ସୁଖ ବା ଦୁଃଖ ମଧ୍ୟ ଦେଇ ଆମମାନଙ୍କର କର୍ମକ୍ଷୟ କରବାରେ ସାହାଯ୍ୟ କରୁଛନ୍ତ । ସୁତରାଂ 'ମା' ସେମାନଙ୍କୁ ଆଶୀର୍ବାଦ କରନ୍ତୁ । ମୋର ପ୍ରୀତ ଆଶୀର୍ବାଦାଦ ଜାଣିବ । ଇତ

ତୁମର ଚରସ୍ନେହାବଦ୍ଧ, ବବେକାନନ୍ଦ

୫୨୯ଇଂ

ପ୍ୟାରସ୍, ୨୮ ଅଗଷ୍ଟ ୧୯୦୦

କଲ୍ୟାଣୀୟା ନବେଦତା,

ଏଇ ତ ଜୀବନ—କେବଳ କଠୋର ପରଶ୍ରମ । ଆଉ ତା' ଛଡ଼ା କଅଣ ବା ଆମର କରବାର ଅଛ ? କେବଳ କଠୋର ପରଶ୍ରମ କର ! ଗୋଟାଏ କଛ ଘଟିବ, କୌଣସି ବାଟ

ଖୋଲିଯିବ । ଆଉ ଯଦି ତାହା ନ ହୁଏ—ହୁଏତ କେବେହେଲେ ହେବ ନାହିଁ—ତା'ହେଲେ ତା'ପରେ କଅଣ ? ଆମର ଯାହା କିଛି ଉଦ୍ୟମ, ସବୁ ହେଉଛି ସାମୟିକ ଭାବରେ ସେହି ଚରମ ପରିଣତି ମୃତ୍ୟୁକୁ ଅଟକାଇ ରଖିବାର ପ୍ରଚେଷ୍ଟା ! ଅହୋ, ମହାନ୍ ସବ-ଦୁଃଖ-ହର ମୃତ୍ୟୁ ! ତୁମେ ନ ଥିଲେ ଜଗତର କି ଅବସ୍ଥା ନ ହୁଅନ୍ତା !

ଈଶ୍ୱରଙ୍କୁ ଧନ୍ୟବାଦ ଯେ, ଏହି ପ୍ରତୀୟମାନ ସଂସାର ସତ୍ୟ ନୁହେଁ, ଚିରନ୍ତନ ମଧ୍ୟ ନୁହେଁ । ଏହାର ଭବିଷ୍ୟତ ବା ଆହୁରି ଭଲ ହେବ କିପରି ? ତାହା ତ ବର୍ତ୍ତମାନର ହିଁ ଫଳ ସ୍ୱରୂପ; ସୁତରାଂ ଆହୁରି ଖରାପ ନ ହେଲେ ମଧ୍ୟ ତାହା ବର୍ତ୍ତମାନର ତ ଅନୁରୂପ ହେବ ।

ସ୍ୱପ୍ନ, ଆହା ! କେବଳ ସ୍ୱପ୍ନ ! ସ୍ୱପ୍ନ ଦେଖିଚାଲ ! ସ୍ୱପ୍ନ—ସ୍ୱପ୍ନର ଇନ୍ଦ୍ରଜାଲ ହିଁ ଏ ଜୀବନର ହେତୁ, ପୁଣି ତାହା ମଧ୍ୟରେ ହିଁ ଏ ଜୀବନର ପ୍ରତିବିଧାନ ମଧ୍ୟ ନିହିତ ଅଛି । ସ୍ୱପ୍ନ, ସ୍ୱପ୍ନ, କେବଳ ସ୍ୱପ୍ନ ! ସ୍ୱପ୍ନଦ୍ୱାରା ହିଁ ସ୍ୱପ୍ନକୁ ଭାଙ୍ଗ ।

ମୁଁ ଫରାସୀ ଭାଷା ଶିଖିବାକୁ ଚେଷ୍ଟା କରୁଛି ଏବଂ ଏଠାରେ —ର ସହିତ କଥା କହୁଛି । ଅନେକେ ଇତିମଧ୍ୟରେ ପ୍ରଶଂସା କରୁଛନ୍ତି । ସାରା ଦୁନିଆଁ ସଙ୍ଗରେ ଏହି ଅନ୍ତହୀନ ଗୋଳକଧନ୍ଦାର କଥା, ଅଦୃଷ୍ଟର ଏହି ସୀମାହୀନ ଲଟେଇ (spool)-ର କଥା—ଯାହାର ସୂତାଗ୍ର କେହି ବାହାର କରିପାରେ ନାହିଁ, ଅଥଚ ପ୍ରତ୍ୟେକେ ଅନ୍ତତଃ ସେତିକିବେଳ ପାଇଁ ମନେକରନ୍ତି ଯେ, ସେ ତାହା ବାହାର କରି ପକାଇଛନ୍ତି, ଆଉ ସେଥିରେ ଅନ୍ତତଃ ତାଙ୍କର ନିଜର ତୃପ୍ତି ହୁଏ ଏବଂ କିଛି କାଳ ପାଇଁ ସେ ନିଜକୁ ଭୁଲାଇ ରଖନ୍ତି—ଏହି ତ ବ୍ୟାପାର ?

ଭଲ କଥା, ବର୍ତ୍ତମାନ ସବୁ ବଡ଼ ବଡ଼ କାର୍ଯ୍ୟ କରିବାକୁ ହେବ । କିନ୍ତୁ ବଡ଼ କାର୍ଯ୍ୟ ପାଇଁ ମୁଣ୍ଡ ଖଟେଉଚି କିଏ ? ଛୋଟ କାର୍ଯ୍ୟ ବା କିଛି କରାଯିବ ନାହିଁ କାହିଁକି ? ଗୋଟିକ ଅପେକ୍ଷା ଅପରଟି ତ ହୀନ ନୁହେଁ । ଗୀତା ତ ଛୋଟ ମଧ୍ୟରେ ବଡ଼କୁ ଦେଖିବାକୁ ଶିଖାଉଛି । ଧନ୍ୟ ସେହି ପ୍ରାଚୀନ ଗ୍ରନ୍ଥ !....

ଦେହ ବିଷୟରେ ଚିନ୍ତା କରିବାର ଖୁବ୍ ବେଶୀ ସମୟ ମୋର ନ ଥିଲା । ତେଣୁ ତାହା ଭଲ ଅଛି—ଧରି ନେବାକୁ ହେବ । ଏ ସଂସାରରେ କିଛି ହିଁ ଚିରଦିନ ଭଲ ନୁହେଁ । ତେବେ ମଧ୍ୟେ ମଧ୍ୟେ ଆମେ ଭୁଲିଯାଉ—ଭଲ ହେଉଛି, କେବଳ ଭଲ ହେବା ଓ ଭଲ କରିବା ।

ଭଲ ହେଉ ଅଥବା ମନ୍ଦ ହେଉ, ଆମେ ସମସ୍ତେ ଏ ସଂସାରରେ ନିଜ ନିଜ ଅଂଶ ଅଭିନୟ କରିଯାଉଛୁ । ଯେତେବେଳେ ସ୍ୱପ୍ନ ତୁଟିଯିବ ଏବଂ ଆମେ ରଙ୍ଗମଞ୍ଚ ଛାଡ଼ିଯିବା, ସେତେବେଳେ ଏସବୁ ବିଷୟରେ ଆମେ କେବଳ ପ୍ରାଣ ଖୋଲି ହସିବା ! ଏହି କଥାଟିକିକ ମୁଁ ନିଶ୍ଚିତ ବୁଝିଛି । ଇତି

ତୁମମାନଙ୍କର, ବିବେକାନନ୍ଦ

୫୩୦ (ସ୍ୱାମୀ ତୁରୀୟାନନ୍ଦଙ୍କୁ ଲିଖିତ)

ପ୍ୟାରିସ୍, ୧ ସେପ୍ଟେମ୍ବର ୧୯୦୦

ପ୍ରେମାସ୍ପଦେଷୁ,

ତୁମ ପତ୍ରରୁ ସମସ୍ତ ସମାଚାର ଅବଗତ ହେଲି । ପୂର୍ବେ ସାନ୍ ଫ୍ରାନ୍‌ସିସ୍‌କୋରୁ ପୂର୍ବ ବେଦାନ୍ତୀ ଓ 'Home of Truth' (ସତ୍ୟାଶ୍ରମ) ମଧ୍ୟରେ କିଞ୍ଚିତ୍ ଗୋଳମାଳର ଆଭାସ ପାଇଛି, ଜଣେ ଲେଖିଥିଲେ । ଏପରି ପ୍ରାୟ ହୋଇଥାଏ, ବୁଦ୍ଧି ଖଟାଇ ସମସ୍ତଙ୍କୁ ସନ୍ତୁଷ୍ଟ ରଖି କାର୍ଯ୍ୟ ଚଳାଇନେବା ହିଁ ବିଜ୍ଞତା ।

ମୁଁ ବର୍ତ୍ତମାନ କିଛିଦିନ ଅଜ୍ଞାତବାସ କରୁଛି । ଫରାସୀମାନଙ୍କ ସଙ୍ଗରେ ରହିବି ସେମାନଙ୍କର ଭାଷା ଶିଖିବା ପାଇଁ । ଏକ ପ୍ରକାର ନିଶ୍ଚିନ୍ତ ହୋଇପାରିଛି, ଅର୍ଥାତ୍ ଟ୍ରଷ୍ଟ-ଡିଡ୍-ଫିଡ୍ ଦସ୍ତଖତ କରି କଲିକତାକୁ ପଠାଇଛି; ମୋର ଆଉ କୌଣସି ସ୍ୱତ୍ୱ ବା ଅଧିକାର ରହି ନାହିଁ । ତୁମେମାନେ ବର୍ତ୍ତମାନ ସମସ୍ତ ବିଷୟରେ ମାଲିକ; ପ୍ରଭୁଙ୍କ କୃପାରେ ସବୁ କାର୍ଯ୍ୟ କରିନେବ ।

ମୋର ଆଉ ବୁଲିବୁଲି ମରିବାକୁ ବିଶେଷ ଇଚ୍ଛା ନାହିଁ । ବର୍ତ୍ତମାନ କେଉଁଠି ବସି ପୋଥିପତ୍ର ନେଇ କାଳକ୍ଷେପ କରିବା ହିଁ ଯେପରି ଉଦ୍ଦେଶ୍ୟ । ଫରାସୀ ଭାଷା କେତେକ ପରିମାଣରେ ଆୟତ୍ତ ହୋଇଛି, କିନ୍ତୁ ମାସେ ଦୁଇ ମାସ ସେମାନଙ୍କ ସଙ୍ଗରେ ବସବାସ କଲେ ବେଶ୍ କଥାବାର୍ତ୍ତା କରିବାର ଅଧିକାର ଜନ୍ମିବ ।

ଏହି ଭାଷା ଆଉ ଜର୍ମାନ୍—ଏ ଦୁଇଟାରେ ଉତ୍ତମ ଅଧିକାର ଜନ୍ମିଲେ ଇଉରୋପୀୟ ବିଦ୍ୟାରେ ଏକପ୍ରକାର ଯଥେଷ୍ଟ ପ୍ରବେଶଲାଭ ହୁଏ । ଏ ଫରାସୀ ଲୋକଙ୍କର କେବଳ ମସ୍ତିଷ୍କ-ଚର୍ଚ୍ଚା, ଇହଲୋକ-ବାଞ୍ଛା; ଈଶ୍ୱର ବା ଜୀବ—କୁସଂସ୍କାର ବୋଲି ଦୃଢ଼ ଧାରଣା, ସେସବୁ କଥା କହିବାକୁ ହିଁ ଚାହାଁନ୍ତି ନାହିଁ ! ! ! ଅସଲ ଚାର୍ବାକମାନଙ୍କର ଦେଶ ! ଦେଖେଁ, ପ୍ରଭୁ କଅଣ କରୁଛନ୍ତି ! ତେବେ ଏ ଦେଶ ହେଉଛି ପାଶ୍ଚାତ୍ୟ ସଭ୍ୟତାର ଶୀର୍ଷ । ପ୍ୟାରିସ୍ ନଗରୀ ପାଶ୍ଚାତ୍ୟ ସଭ୍ୟତାର ରାଜଧାନୀ ।

ପ୍ରଚାର-ସନ୍ଦାନ୍ତ ସମସ୍ତ କାର୍ଯ୍ୟରୁ ମୋତେ ବିରାମ ଦିଅ ଭାଇ ! ମୁଁ ସେସବୁଥିରୁ ବର୍ତ୍ତମାନ ଅଲଗା, ତୁମେମାନେ କରି ଧରି ନିଅ । ମୋର ଦୃଢ଼ ଧାରଣା, 'ମା' ବର୍ତ୍ତମାନ ମୋ ଅପେକ୍ଷା ତୁମମାନଙ୍କ ଦ୍ୱାରା ଶତଗୁଣ କାର୍ଯ୍ୟ କରାଇବେ ।

କାଲୀର ଗୋଟିଏ ପତ୍ର ଅନେକ ଦିନ ହେଲା ପାଇଥିଲି । ସେ ଏହା ଭିତରେ ବୋଧହୁଏ ନ୍ୟୁୟର୍କକୁ ଆସିଛି । ମିସ୍ ଓ୍ୟାଲ୍‌ଡୋ ମଝେ ମଝେ ଖବର ଦିଅନ୍ତି ।

ମୋର ଦେହ କେତେବେଳେ ଭଲ ତ କେତେବେଳେ ମନ୍ଦ । ମଝିରେ ପୁଣି ହେଇ ମିସେସ୍ ମିଲ୍‌ଟନ୍‌ଙ୍କର ହାତଘଷା ଚିକିତ୍ସା ହେଉଛି । ସେ କହେ, ତୁମେ ଭଲ ହୋଇଯାଇଛ already (ଇତିମଧ୍ୟରେ) ! ଏଇତ ଦେଖୁଛି ଯେ—ବର୍ତ୍ତମାନ ପେଟରେ ବାୟୁ ହଜାର ହେଉ,—ଚାଲିବାରେ ଓ ଚଢ଼ିବାରେ ମଧ୍ୟ କୌଣସି କଷ୍ଟ ହୁଏ ନାହିଁ । ପ୍ରାତଃକାଳରେ ଖୁବ୍ ଦଣ୍ଡ-ବୈଠକ କରେ । ତା'ପରେ କଳାପାଣିରେ ଏକ ବୁଡ଼ !!

କାଲି ଯାହା ସଙ୍ଗରେ ରହିବ, ତାହାର ଘର ଦେଖିଆସିଛୁ । ସେ ଗରିବ ମଣିଷ—scholar (ପଣ୍ଡିତ); ତା'ର ଘରେ (ଘରଭର୍ତ୍ତି) ବହି, ଗୋଟିଏ ଛଅ ମହଲା ଫ୍ଲାଟ୍‌ରେ ରହେ । ଆଉ ଏ ଦେଶରେ ଆମେରିକା ଭଳି ଲିଫ୍‌ଟ୍ ନାହିଁ—ଚଢ଼ିବା-ଓହ୍ଲାଇବା । ସେଥିରେ କିନ୍ତୁ ମୋର ଆଉ କଷ୍ଟ ହୁଏ ନାହିଁ ।

ସେହି ଘରଟିର ଚାରିପଟେ ଗୋଟିଏ ସୁନ୍ଦର ସାଧାରଣ ପାର୍କ ଅଛି । ସେ ଲୋକଟି ଇଂରାଜୀ କହିପାରେ ନାହିଁ, ସେଥିପାଇଁ ରହିବାକୁ ଯାଉଛି । ଫଳରେ ମୋତେ ଫରାସୀ କହିବାକୁ ହେବ । ବର୍ତ୍ତମାନ ମାଆଙ୍କର ଇଚ୍ଛା । ବାକି ତାଙ୍କ କାର୍ଯ୍ୟ ସେ ଜାଣନ୍ତି । ଫିଟାଇ ତ କହନ୍ତି ନାହିଁ, 'ଗୁମ୍ ହୋକେ ରହତା ହ୍ୟାଯ୍', ତେବେ ମଝିରେ ଧ୍ୟାନ-ଜପଟା ତ ଖୁବ୍ ହୋଇଯାଉଛି ଦେଖୁଛି ।

ମିସ୍ ବୁକ୍, ମିସ୍ ବେଲ୍, ମିସେସ୍ ଆମ୍‌ନେଲ୍, ମିସ୍ ବେକ୍‌ହାମ୍, ମିଃ ଜର୍ଜ, ଡାକ୍ତର ଲୋଗାନ୍ ପ୍ରଭୃତି ସମସ୍ତ ବନ୍ଧୁମାନଙ୍କୁ ମୋର ପ୍ରୀତି ଦେବ ଓ ତୁମେ ନିଜେ ମଧ୍ୟ ଜାଣିବ ।

ତଥା ଲସ୍ ଆଞ୍ଜେଲ୍‌ସର ସମସ୍ତଙ୍କୁ ପ୍ରୀତି । ଇତି

ବିବେକାନନ୍ଦ

**୫୩୧** ପ୍ୟାରିସ୍, ସେପ୍‌ଟେମ୍ବର ୧୯୦୦

ପ୍ରିୟ ତୁରୀୟାନନ୍ଦ,

Just now received your letter (ବର୍ତ୍ତମାନ ତୁମର ପତ୍ର ପାଇଲି) । ମା'ଙ୍କ ଇଚ୍ଛାରେ ସମସ୍ତ କାର୍ଯ୍ୟ ଚାଲିଯିବ, ଭୟ କର ନାହିଁ । ମୁଁ ଶୀଘ୍ର ଏଠାରୁ ଅନ୍ୟତ୍ର ଯିବି । ବୋଧହୁଏ କନଷ୍ଟାଣ୍ଟିନୋପଲ ପ୍ରଭୃତି ଦେଶ ସବୁ ଦେଖି ବୁଲିବି କିଛିଦିନ । ତା'ପରେ 'ମା' ଜାଣନ୍ତି । ମିସେସ୍ ଉଇଲମଟ୍‌ଙ୍କର ଗୋଟିଏ ପତ୍ର ପାଇଲି । ସେଥିରେ ତ ତାଙ୍କର ଖୁବ୍ ଉତ୍ସାହ ବୋଲି ବୋଧହେଲା । ନିଶ୍ଚିନ୍ତ ହୋଇ ଦୃଢ଼ ହୋଇ ବସ । ସବୁ ଠିକ୍ ହୋଇଯିବ । ଯଦି ନାଦଶ୍ରବଣାଦି ଦ୍ୱାରା କାହାର ହାନି ହୁଏ, ଧ୍ୟାନ ତ୍ୟାଗ କରି ଦିନ କେଇଟା ମାଛ ମାଂସ ଖାଇଲେ ତାହା ପଳାଇଯିବ । ଶରୀର ଯଦି ଦୁର୍ବଳ ନ ହେଉଥାଏ, ତ କୌଣସି ଭୟର କାରଣ ନାହିଁ । ଧୀରେ ଧୀରେ ଅଭ୍ୟାସ ।

ତୁମର ପତ୍ରର ଜବାବ ଆସିବା ଆଗରୁ ମୁଁ ଏ ସ୍ଥାନ ତ୍ୟାଗ କରିବି । ଅତଏବ ଏହାର ଜବାବ ଏଠାକୁ ଆଉ ପଠାଇବ ନାହିଁ । ସାରଦାର* କାଗଜପତ୍ର ସବୁ ପାଇଛି ଏବଂ ତାକୁ କେତେ ସପ୍ତାହ ହେଲା ବହୁତ ଲେଖି ପଠାଯାଇଛି । ପରେ ଆହୁରି ପଠାଇବାର ଉଦ୍ଦେଶ୍ୟ ରହିଲା । ମୋର ଯାତ୍ରା ବର୍ତ୍ତମାନ କେଉଁଠାକୁ ତାହା ଠିକ୍ ହୋଇ ନାହିଁ । ଏତିକିମାତ୍ର ଯେ, ନିଶ୍ଚିନ୍ତ ହେବାର ଚେଷ୍ଟା କରୁଛି ।

କାଳୀର ଗୋଟିଏ ପତ୍ର ମଧ୍ୟ ଆଜି ପାଇଲି । ତା'ର ଉତ୍ତର କାଲି ଲେଖିବି । ଦେହ ଏକପ୍ରକାର ଗଡ଼ମଡ଼ କରି ଚାଲିଛି । ଖଟିଲେ ଖରାପ, ନ ଖଟିଲେ ଭଲ, ଆଉ କଅଣ ? ମାଆ ଜାଣନ୍ତି । ନିବେଦିତା ଇଂଲଣ୍ଡ ଯାଇଛି, ମିସେସ୍ ବୁଲ୍ ଓ ସେ ଟଙ୍କା ଯୋଗାଡ଼ କରୁଛନ୍ତି ।

* 'ଉଦ୍‌ବୋଧନ'ର ସମ୍ପାଦକ ସ୍ୱାମୀ ତ୍ରିଗୁଣାତୀତାନନ୍ଦ

କିଷନଗଡ଼ର ବାଳିକାମାନଙ୍କୁ ନେଇ ସେହିଠାରେ ହିଁ ସ୍କୁଲ କରିବା ତାହାର ଇଚ୍ଛା । ଯାହା ପାରେ କରୁ । ମୁଁ କୌଣସି ବିଷୟରେ ଆଉ କିଛି କହେ ନାହିଁ—ଏତିକି ମାତ୍ର ।

ମୋର ପ୍ରୀତି ଜାଣିବ । କିନ୍ତୁ କାର୍ଯ୍ୟ ସମ୍ବନ୍ଧରେ କୌଣସି ବିଷୟରେ ଆଉ ମୋର କୌଣସି ଉପଦେଶ ନାହିଁ । ଇତି

ଦାସ, ବିବେକାନନ୍ଦ

**୫୩୨ଇଂ** (ମିସେସ୍ ଲେଗେଟ୍‌ଙ୍କୁ ଲିଖିତ)

ପ୍ୟାରିସ୍, ୩ ସେପ୍ଟେମ୍ବର ୧୯୦୦

ମା,

ଏ ଘରେ ଆମର ଖିଆଲିମାନଙ୍କର ଗୋଟିଏ କଂଗ୍ରେସ୍ ହୋଇଗଲା । ନାନା ଦେଶର ପ୍ରତିନିଧି ଆସିଥିଲେ—ଦକ୍ଷିଣରେ ଭାରତଠାରୁ ଉତ୍ତରରେ ସ୍କଟ୍‌ଲାଣ୍ଡ ପର୍ଯ୍ୟନ୍ତ, ଇଂଲଣ୍ଡ ଓ ଆମେରିକାର ମଧ୍ୟ ତା' ମଧ୍ୟରେ ଥିଲେ ।

ସଭାପତି-ନିର୍ବାଚନ ବିଷୟରେ ଆମମାନଙ୍କର ବିଶେଷ ଅସୁବିଧା ହୋଇଥିଲା; କାରଣ ଡକ୍ଟର ଜେମ୍‌ସ୍ (Prof. William James) ଯଦିଓ ଉପସ୍ଥିତ ଥିଲେ, ତଥାପି ସେ ବିଶ୍ୱସମସ୍ୟାର ସମାଧାନ ଅପେକ୍ଷା ମିସେସ୍ ମିଲ୍‌ଟନ୍‌ଙ୍କ (ଚୌମ୍ବକ ଆରୋଗ୍ୟକାରୀ) ଦ୍ୱାରା ତାଙ୍କ ଅଙ୍ଗରେ ଉତ୍ପାଦିତ ଷ୍ଫୋଟକଗୁଡ଼ିକ ସମ୍ବନ୍ଧରେ ବେଶୀ ସଚେତନ ଥିଲେ ।

ମୁଁ 'ଜୋ'ଙ୍କର ନାମ ପ୍ରସ୍ତାବ କରିଥିଲି, କିନ୍ତୁ ସେ ତାଙ୍କର ନୂତନ ଗାଉନ୍ ଯଥାସମୟରେ ଆସି ନ ପହଞ୍ଚିବାରୁ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲେ ଏବଂ ସୁବିଧାଜନକ ସ୍ଥାନରୁ ପରିସ୍ଥିତି ପର୍ଯ୍ୟବେକ୍ଷଣ କରିବା ନିମିତ୍ତ ଗୋଟିଏ କୋଣକୁ ଚାଲିଗଲେ ।

ମିସେସ୍ ବୁଲ୍ ପ୍ରସ୍ତୁତ ଥିଲେ, କିନ୍ତୁ ମାର୍ଗଟ୍ ପ୍ରତିବାଦ କରି କହିଲେ ଯେ, ସେ କ୍ଷେତ୍ରରେ ସଭାଟି ତୁଳନାମୂଳକ ଦର୍ଶନ କ୍ଲାସ୍‌ରେ ସୀମାବଦ୍ଧ ହୋଇଯିବ ।

ଆମେମାନେ ଯେତେବେଳେ ଏହି ପ୍ରକାର ସଙ୍କଟପୂର୍ଣ୍ଣ ଅବସ୍ଥାରେ ଥିଲୁଁ, ସେତେବେଳେ ହଠାତ୍ ଗୋଟିଏ କୋଣରୁ ଜଣେ ବାଙ୍ଗରା, ସ୍ଥୂଳ ମୂର୍ତ୍ତି ଡେଇଁ ଉଠିଲେ ଏବଂ ବିନା ଭୂମିକାରେ ଘୋଷଣା କଲେ—କେବଳ ସଭାପତିର ସମସ୍ୟା ନୁହେଁ, ଜୀବନ-ସମସ୍ୟା ପର୍ଯ୍ୟନ୍ତ ସବୁ ସମସ୍ୟାର ସମାଧାନ ହୋଇଯିବ, ଯଦି ଆମେମାନେ କେବଳ ସୂର୍ଯ୍ୟଦେବତା ଓ ଚନ୍ଦ୍ରଦେବତାଙ୍କର ଅର୍ଚ୍ଚନା କରୁ । ପାଞ୍ଚ ମିନିଟ୍ ମଧ୍ୟରେ ସେ ତାଙ୍କର ବକ୍ତବ୍ୟ ଶେଷ କରିଥିଲେ, କିନ୍ତୁ ତାହାକୁ ଅନୁବାଦ କରିବା ପାଇଁ ତାଙ୍କ ଶିଷ୍ୟଙ୍କୁ ପୂରା ପଇଁଚାଳିଶି ମିନିଟ୍ ସମୟ ଲାଗିଥିଲା । ଇତିମଧ୍ୟରେ ଏହି ଶିଷ୍ୟର ଗୁରୁଦେବ ଆପଣମାନଙ୍କର ବୈଠକଖାନାର କମ୍ବଳାଦି ଛାଣି ସ୍ତୂପାକାର କରିଦେଇଥିଲେ ଏହି ଶୁଭ ବାସନାରେ (ଯେଉଁ ବାସନା କଥା ସେ ନିଜ ମୁଖରେ ଉଚ୍ଚାରଣ କରିଥିଲେ) ଯେ, ସେ ସେହି ମୁହୂର୍ତ୍ତରେ ସେଠାରେ 'ଅଗ୍ନିଦେବତାଙ୍କର' ମହାଶକ୍ତିର ପ୍ରତ୍ୟକ୍ଷ ପ୍ରମାଣ ଦେବାକୁ ଚାହାନ୍ତି ।

ସେହି ସନ୍ଧିକ୍ଷଣରେ 'ଜୋ' ବାଧା ଦେଲେ ଏବଂ ଜିଦ୍ ଧରି କହିଲେ, ସେମାନଙ୍କର

ବୈଠକଖାନାରେ ଅଗ୍ନି-ଯଜ୍ଞ ତାଙ୍କର ଅଭିପ୍ରେତ ନୁହେଁ; ଫଳରେ ଉକ୍ତ ଭାରତୀୟ ଋଷି 'ଜୋ'ଙ୍କ ଆଡ଼କୁ ଅତି ଭୟଙ୍କର ଚକ୍ଷୁରେ ଚାହିଁଲେ, ସେ ତାଙ୍କୁ ଅଗ୍ନି-ଉପାସନାରେ ସମ୍ପୂର୍ଣ୍ଣ ଦୀକ୍ଷିତ ବୋଲି ସୁନିଶ୍ଚିତ ବିଶ୍ୱାସ କରିଥିଲେ, ତାଙ୍କର ଏ ପ୍ରକାର ବ୍ୟବହାରରେ ଋଷିଙ୍କର ବିରକ୍ତିର ସୀମା ରହିଲା ନାହିଁ ।

ସେତେବେଳେ ଡକ୍ଟର ଜେମ୍ସ୍ ତାଙ୍କର ଫୋଟକ ପରିଚର୍ଯ୍ୟାରୁ ମାତ୍ର ମିନିଟିଏ ସମୟ ବଞ୍ଚାଇ ଘୋଷଣା କଲେ ଯେ, ଅଗ୍ନିଦେବତା ଏବଂ ତାଙ୍କର ଭ୍ରାତୃଗଣଙ୍କ ସମ୍ବନ୍ଧରେ ତାଙ୍କର ଗୋଟିଏ ଅତ୍ୟନ୍ତ ଆକର୍ଷଣୀୟ ବକ୍ତବ୍ୟ ଅଛି । ତାହା ସେ ଉପସ୍ଥାପିତ କରିଥାନ୍ତେ, ଯଦି ନିଜ ଦେହରେ ମିଲ୍‌ଟନୀୟ ଫୋଟକର ବିବର୍ତ୍ତନ ବ୍ୟାପାରରେ ତାଙ୍କୁ ଅତ୍ୟନ୍ତ କର୍ମବ୍ୟସ୍ତ ହେବାକୁ ହୋଇ ନ ଥାନ୍ତା । ତଦୁପରି ତାଙ୍କର ମହାନ୍ ଆଚାର୍ଯ୍ୟ ହାର୍ବର୍ଟ ସ୍ପେନ୍‌ସର୍ ବିଷୟଟି ସମ୍ବନ୍ଧରେ ତାଙ୍କ ପୂର୍ବରୁ ଗବେଷଣା କରି ନାହାନ୍ତି ବୋଲି ଡଃ ଜେମ୍ସ୍ ଜଣାଇଲେ ଯେ, ସେ ଦୃଢ଼ଭାବରେ ମହାମୂଲ୍ୟ ନୀରବତାର ଆଶ୍ରୟ ନେବେ ।

'ଚଣ୍ଡୀ ହିଁ ସେହି ବସ୍ତୁ'—ଦ୍ୱାର ନିକଟରୁ କଣ୍ଠସ୍ୱର ଶୁଣାଗଲା । ଆମେ ସମସ୍ତେ ପଛକୁ ଚାହିଁଲୁ । ଦେଖିଲୁ ମାର୍ଗଟ । 'ତାହାହେଲା ଚଣ୍ଡୀ'—ମାର୍ଗଟ କହିଲେ, 'ଚଣ୍ଡୀ ଏବଂ କାଳୀ ହିଁ ଜୀବନର ସର୍ବଦୁଃଖ ନିବାରଣ କରିବେ, ସେମାନେ ସମସ୍ତ ମନ୍ଦକୁ ଗିଳିବା ପାଇଁ ଏବଂ ସମସ୍ତ ଭଲକୁ ସୃଷ୍ଟି ଉପଭୋଗ କରିବା ପାଇଁ ସାହାଯ୍ୟ କରିବେ ।' କହୁ କହୁ ସେ ହଠାତ୍ ରହିଗଲେ, ଦୃଢ଼ଭାବରେ ଜଣାଇଲେ ଯେ, ସେ ଆଉ ପଦେହେଲେ କଥା ମୁହଁରୁ ବାହାର କରିବେ ନାହିଁ, କାରଣ ବକ୍ତୃତା ସମୟରେ ସମବେତ ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ପୁରୁଷ ପ୍ରାଣୀଙ୍କ ଦ୍ୱାରା ସେ ବାଧାପ୍ରାପ୍ତ ହୋଇଛନ୍ତି । ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଝରକା ଆଡ଼କୁ ମୁହଁ ବୁଲାଇଥିଲେ ଏବଂ ମହିଳାଙ୍କର ପ୍ରାପ୍ୟ ମନୋଯୋଗ ମହିଳାଙ୍କୁ ଦେଇ ନ ଥିଲେ, ଏବଂ ମାର୍ଗଟ୍ ଯଦିଓ ବ୍ୟକ୍ତିଗତ ଭାବରେ ସ୍ତ୍ରୀ-ପୁରୁଷଙ୍କର ସମାନାଧିକାରରେ ବିଶ୍ୱାସୀ, ତଥାପି ସେ ଏହି ବିରକ୍ତିକର ଲୋକଟିର ନାରୀଜାତି ପ୍ରତି ଯଥାବିହିତ ସୌଜନ୍ୟର ଅଭାବର କାରଣ ଜାଣିବାକୁ ଚାହିଁଥିଲେ । ସେତେବେଳେ ସମସ୍ତେ ଜଣାଇଲେ ଯେ, ସେମାନେ ମାର୍ଗଟ୍‌ଙ୍କ ପ୍ରତି ଅଖଣ୍ଡ ମନୋଯୋଗ ଦେଇଛନ୍ତି, ସର୍ବୋପରି ଦେଇଛନ୍ତି ତାଙ୍କର ପ୍ରାପ୍ୟ ସମାନାଧିକାର । କିନ୍ତୁ ବୃଥା ଚେଷ୍ଟା । ଏହି ଭୟାବହ ଜନତା ସଙ୍ଗରେ ମାର୍ଗଟ୍‌ଙ୍କର ଆଉ କୌଣସି ସମ୍ପର୍କ ରହି ନ ପାରେ—ମାର୍ଗଟ୍ ବସି ପଡ଼ିଲେ ।

ସେତେବେଳେ ଉଠିଲେ ବୋଷ୍ଟନ୍‌ର ମିସେସ୍ ବୁଲ୍; ସେ ବୁଝାଇବାକୁ ଆରମ୍ଭ କଲେ, ନରନାରୀଙ୍କର ପ୍ରକୃତ ସମ୍ପର୍କ ସମ୍ବନ୍ଧରେ ବୋଧର ଅଭାବରୁ କିପରି ଜଗତର ସମସ୍ତ ସମସ୍ୟାର ଉତ୍ପତ୍ତି ହୁଏ । ସେ କହିଲେ, 'ଠିକ୍ ମନୁଷ୍ୟମାନଙ୍କ ମଧ୍ୟରେ ଯଥାର୍ଥ ବୁଝାମଣା—ନର-ନାରୀଙ୍କର ଦାମ୍ପତ୍ୟ-ସମ୍ପର୍କର ଆଦର୍ଶକୁ ଉନ୍ନତ ରଖି ପ୍ରେମ ମଧ୍ୟରେ ମୁକ୍ତି ଏବଂ ଏହି ମୁକ୍ତି ମଧ୍ୟରେ ମାତୃତ୍ୱ, ଭ୍ରାତୃତ୍ୱ, ପିତୃତ୍ୱ, ଈଶ୍ୱରତ୍ୱ ଓ ସ୍ୱାଧୀନତାର ସନ୍ଧାନ—ସ୍ୱାଧୀନତା ମଧ୍ୟରେ ପ୍ରେମ ଏବଂ ପ୍ରେମ ମଧ୍ୟରେ ସ୍ୱାଧୀନତା ଦର୍ଶନ—ଏଗୁଡ଼ିକ ମଧ୍ୟରେ ହିଁ ଅଛି ସର୍ବ ବ୍ୟାଧିର ଏକମାତ୍ର ଔଷଧ ।'

ଏହି କଥାରେ ସ୍ପତ୍-ପ୍ରତିନିଧି ପ୍ରବଳ ଆପତ୍ତି ଜଣାଇ କହିଲେ, 'ଯେହେତୁ ଶିକାରୀ ଛାଗପାଳକଙ୍କୁ ତଡ଼ୁଛି, ଛାଗପାଳକ ତଡ଼ୁଛି ମେଷପାଳକଙ୍କୁ, ମେଷପାଳକ ତଡ଼ୁଛି କୃଷକଙ୍କୁ ଏବଂ କୃଷକ ତଡ଼ୁଛି କେଉଟଙ୍କୁ, ତଡ଼ି ତଡ଼ି ତାଙ୍କୁ ସମୁଦ୍ରରେ ନେଇ ପକାଇଛୁ, ବର୍ତ୍ତମାନ ଆମେମାନେ ଗଭୀର ସମୁଦ୍ରରୁ କେଉଟଙ୍କୁ ଉଠାଇଆଣି କୃଷକ ଉପରେ ପକାଇବାକୁ ଚାହୁଁ, କୃଷକଙ୍କୁ ଚାହୁଁ ମେଷପାଳକ ଉପରେ ପକାଇବା ପାଇଁ ଇତ୍ୟାଦି; ଏହିପରି କଲେ ଜୀବନର ଜାଲ୍ ସମ୍ପୂର୍ଣ୍ଣ ବୁଣାହେବ ଏବଂ ଆମେମାନେ ସୁଖୀ ହେବା'—ତାଙ୍କୁ ତାଙ୍କର ଏହି ତତ୍ତ୍ୱ ବିଷୟରେ ଆଉ ବେଶୀ ସମୟ ଆଗେଇବାକୁ ଦିଆଗଲା ନାହିଁ । ମୁହୂର୍ତ୍ତକ ମଧ୍ୟରେ ସମସ୍ତେ ଠିଆ ହୋଇପଡ଼ିଲେ ଏବଂ ଆମେମାନେ କେବଳମାତ୍ର କେତେଗୁଡ଼ିଏ ବିମିଶ୍ର ବିଶୃଙ୍ଖଳ ଚତ୍କାର ଶୁଣିବାକୁ ପାଇଲୁଁ—'ସୂର୍ଯ୍ୟଦେବତା ଓ ଚନ୍ଦ୍ରଦେବତା', 'ଚଣ୍ଟଣି ଓ କାଲୀ', 'ଦାମ୍ପତ୍ୟ-ସମ୍ପର୍କରେ ମାତୃତ୍ୱ ଇତ୍ୟାଦି ସମ୍ବନ୍ଧରେ ସଠିକ ବୁଝାମଣାର ସ୍ୱାଧୀନତା', 'କେବେ ହେଲେ ନୁହେଁ, କୈବର୍ତ୍ତଙ୍କୁ ତୀରଦେଶକୁ ଫେରିସିବାକୁ ହେବ' ଇତ୍ୟାଦି । ଏହି ଅବସ୍ଥାରେ ଜୋ ଘୋଷଣା କଲେ, କିଛି ସମୟ ପାଇଁ ଶିକାରୀ ହେବାକୁ ହେବ ଏବଂ ପାଗଳାମି ବନ୍ଦ ନ କଲେ ଘର ବାହାରକୁ ସମସ୍ତଙ୍କୁ ତଡ଼ି ବାହାର କରିଦେବା ପାଇଁ ତାଙ୍କର ତୀବ୍ର ବାସନା ହେଉଛି । ସେତେବେଳେ ଶାନ୍ତି ଓ ନୀରବତା ଫେରି ଆସିଲା ଏବଂ ମୁଁ ଅବିଳମ୍ବେ ଆପଣଙ୍କ ନିକଟକୁ ଲେଖିବାକୁ ବସିଲି ।

ଆପଣଙ୍କର ସ୍ନେହାବଦ୍ଧ, ବିବେକାନନ୍ଦ

୪୩୩ଇଂ

ପ୍ୟାରିସ୍, ଫ୍ରାନ୍ସ,
୧୦ ସେପ୍ଟେମ୍ବର ୧୯୦୦

ପ୍ରିୟ ଆଲ୍‌ବାର୍ଟା,

ଆଜି ସନ୍ଧ୍ୟାରେ ନିଶ୍ଚୟ ଯାଉଛି, ରାଜକୁମାରୀ* ଓ ତାଙ୍କର ଭ୍ରାତାଙ୍କ ସହିତ ଦେଖା ହେଲେ ଅବଶ୍ୟ ଖୁବ୍ ଆନନ୍ଦିତ ହେବି । ଯଦି ବେଶୀ ରାତି ହୋଇଯାଏ ଏବଂ ଏଠାକୁ ଫେରି ଆସିବାର ଅସୁବିଧା ହୁଏ, ତା'ହେଲେ ତୁମ ଘରେ ମୋର ଶୋଇବା ପାଇଁ ଗୋଟିଏ ଜାଗା କରିଦେବାକୁ ହେବ ।

ପ୍ରୀତି ଓ ଆଶୀର୍ବାଦ ସହ ତୁମର, ବିବେକାନନ୍ଦ

୪୩୪ଇଂ (ମିସ୍ ଆଲ୍‌ବାର୍ଟା ଷ୍ଟାର୍ଜିସ୍‌ଙ୍କୁ ଲିଖିତ)

Perros Guiree, Bretagne, ୨୨ ସେପ୍ଟେମ୍ବର ୧୯୦୦

ମାତାର ହୃଦୟବୃତ୍ତି, ସଙ୍କଳ୍ପ ବୀରର,
ମଧୁର ପରଶଟିକ କୋମଳ ଫୁଲର,
ବେଦୀତଳେ ଜ୍ୱାଳାମୟ ପୁଣ୍ୟ ହୋମାନଳେ
ସୌନ୍ଦର୍ଯ୍ୟ ସଙ୍ଗରେ ଶକ୍ତି ନିତ୍ୟ ଯହିଁ ଦୋଳେ;

---

* ସମ୍ଭବତଃ Princess Demidoff.

ଯେ ଶକ୍ତି ସ୍ଖଳିତ କରେ, ପ୍ରେମେ ବଶୀଭୂତ,
ସୁଦୂରପ୍ରସାରୀ ସ୍ୱପ୍ନ—ପଥ ଧୈର୍ଯ୍ୟଯୁତ;
ଆତ୍ମାରେ ବିଶ୍ୱାସ ନିତ୍ୟ—ସେପରି ସକଳେ,
ଦେବତା ଦର୍ଶନ ସବୁ ଶ୍ରେଷ୍ଠବଡ଼ଠାରେ,
—ଏହିସବୁ ପୁଣି ଯାହା ଦୃଷ୍ଟି-ଅଗୋଚର,
ଜଗତ୍-ଜନନୀ ଆଜି ଦେବେ ଉପହାର । *

ସଦା ପ୍ରୀତି ଓ ଆଶୀର୍ବାଦ ସହ ତୁମର, ବିବେକାନନ୍ଦ

ପ୍ରିୟ ଆଲବାର୍ଟା,

ଏହି ଶ୍ରେଷ୍ଠ କବିତାଟି ତୁମର ଜନ୍ମଦିନର ଉପହାର । ଲେଖାଟା ଭଲ ହୋଇ ନାହିଁ, କିନ୍ତୁ ମୋର ସବୁ ସ୍ନେହ ଏଥିରେ ଢାଳିଦେଇଛି । ସେଥିପାଇଁ ମୁଁ ନିଶ୍ଚିତ ଯେ, ତୁମକୁ ଏଇଟା ଭଲ ଲାଗିବ ।

ଦୟାକରି ପ୍ରତ୍ୟେକ ପୁସ୍ତିକାର ଖଣ୍ଡିଏ ଲେଖାଏଁ କପି ମ୍ୟାଡାମ୍ ବେସନାର୍ଡଙ୍କ (Madame Besnard, Clairoix, Bres Compiegne, Oise) ନିକଟକୁ ପଠାଇଦେଇ ମୋତେ ବାଧିତ କରିବ କି ?

ତୁମର ଶୁଭାକାଙ୍କ୍ଷୀ, ବିବେକାନନ୍ଦ

୪୩୫

6, Place Des Etats Unis, Paris**
ଅକ୍ଟୋବର ୧୯୦୦

ପ୍ରିୟ ମାଦ୍‌ମୋୟାଜେଲ୍,

ଏଠାରେ ମୁଁ ଖୁବ୍ ସୁଖୀ ଓ ପରିତୃପ୍ତ ଅଛି । ଅନେକ ବର୍ଷ ପରେ ଭଲ ଭାବରେ ସମୟ କଟାଉଛି । ମଁ ବୋୟାର୍‌ଙ୍କ ସଙ୍ଗରେ ମୋର ଏଠାକାର ଜୀବନଯାତ୍ରା ବେଶ୍ ତୃପ୍ତି-ଦାୟକ—ଗଦାଗଦା ବହି, ଚତୁର୍ଦ୍ଦିଗରେ ଶାନ୍ତି—ମୋତେ ପୀଡ଼ିତ କରିବାଭଳି କିଛି ଏଠାରେ ନାହିଁ ।

କିନ୍ତୁ ଜାଣେ ନାହିଁ କେଉଁ ବିପତ୍ତି ମୋ ପାଇଁ ଅପେକ୍ଷା କରିଛନ୍ତି ।

ମୋର (ଫରାସୀ ଭାଷାର) ଚିଠିଟା ଭାରି ମଜାର ଜିନିଷ, ତା' ନୁହେଁ କି ? ତେବେ ଏଇଟା ମୋର ପ୍ରଥମ ପ୍ରୟାସ ।

ଆପଣଙ୍କର ବିଶ୍ୱସ୍ତ, ବିବେକାନନ୍ଦ

୪୩୬ଇଂ (ମିଷ୍ଟର୍ କ୍ରିଷ୍ଟିନ୍‌ଙ୍କୁ ଫରାସୀ ଭାଷାରେ ଲିଖିତ)

ପ୍ୟାରିସ୍, ୧୪ ଅକ୍ଟୋବର ୧୯୦୦

ପ୍ରିୟ କ୍ରିଷ୍ଟିନ, ଈଶ୍ୱରଙ୍କ ଆଶୀର୍ବାଦ ପ୍ରଚୁରପରିମାଣରେ ତୁମ ଉପରେ ବର୍ଷିତ ହେଉ, ଏହା

---

* ମିସ୍ ଆଲବାର୍ଟା ଷ୍ଟାର୍ଜିସ୍‌ଙ୍କ ନିକଟକୁ ତାଙ୍କର ତ୍ରୟୋଦଶ ଜନ୍ମଦିନରେ ଲିଖିତ ।

** ମୂଳପତ୍ର ଫରାସୀ ଭାଷାରେ ଲିଖିତ ।

ହିଁ ମୋର ନିରନ୍ତର ପ୍ରାର୍ଥନା ।

ତୁମର ପରମ ସୁନ୍ଦର ଶାନ୍ତିମୟ ଚିଠିଖଣ୍ଡିକ ମୋତେ ନୂତନ ଶକ୍ତି ଦେଇଛି, ଯେଉଁ ଶକ୍ତିକୁ ମୁଁ ଅନେକ ସମୟରେ ହରାଇଥାଏ ।

ମୁଁ ସୁଖୀ, ହିଁ, ସୁଖୀ, କିନ୍ତୁ ବର୍ତ୍ତମାନ ସୁଦ୍ଧା ମନର ମେଘ ସମ୍ପୂର୍ଣ୍ଣ କଟି ନାହିଁ । ଦୁର୍ଭାଗ୍ୟବଶତଃ ସେହି ମେଘ ମଝିରେ ମଝିରେ ଫେରିଆସେ, କିନ୍ତୁ ପୂର୍ବପରି ତା'ର ଗ୍ଲାନିକର ପ୍ରଭାବ ନାହିଁ ।

ମଁ ଜୁଲ୍ ବୋଯ୍ସା (M. Jules Bois) ନାମକ ଜଣେ ବିଖ୍ୟାତ ଫରାସୀ ଲେଖକଙ୍କ ସଙ୍ଗରେ ମୁଁ ଅଛି । ମୁଁ ତାଙ୍କର ଅତିଥି । ଲେଖାରୁ ତାଙ୍କୁ ଜୀବିକା ଅର୍ଜନ କରିବାକୁ ହୁଏ, ସେହେତୁ ସେ ଧନୀ ନୁହନ୍ତି; କିନ୍ତୁ ଆମମାନଙ୍କ ମଧ୍ୟରେ ଅନେକ ଉଚ୍ଚ ଉଚ୍ଚ ଚିନ୍ତାର ଐକ୍ୟ ଅଛି ଏବଂ ଆମେ ପରସ୍ପରର ସାହଚର୍ଯ୍ୟ ଲାଭ କରି ବେଶ୍ ଆନନ୍ଦରେ ଅଛୁ ।

କେତୋଟି ବର୍ଷ ଆଗରୁ ସେ ମୋତେ ଆବିଷ୍କାର କରନ୍ତି ଏବଂ ମୋର କେତୋଟି ପୁସ୍ତିକା ଇତିମଧ୍ୟରେ ଫରାସୀରେ ଅନୁବାଦ କରିଦେଇଛନ୍ତି । ଅବଶେଷରେ ଆମେ ଦୁଇଜଣ ଯାକ ଆମମାନଙ୍କର ସନ୍ଧାନର ବସ୍ତୁକୁ ପାଇଯିବୁ, କ'ଣ କହୁଛ ?

ଏହିପରି ଭାବରେ ମୁଁ ମାଡାମ୍ କାଲ୍‌ଭେ, ମିସ୍ ମ୍ୟାକ୍‌ଲଉଡ୍ ଓ ମଁ ଜୁଲ୍ ବୋଯ୍ସାଙ୍କ ସଙ୍ଗରେ ଘୁରି ବୁଲିବି । ଖ୍ୟାତନାମା ଗାୟିକା ମାଡାମ୍ କାଲ୍‌ଭେଙ୍କର ଅତିଥି ହେବି ।

କନ୍‌ଷ୍ଟାଣ୍ଟିନୋପ୍‌ଲ, ନିକଟ ପ୍ରାଚ୍ୟ, ଗ୍ରୀସ୍ ଏବଂ ମିଶରକୁ ଆମେମାନେ ଯିବୁ । ଫେରିବା ବାଟରେ ଭେନିସ୍ ଦେଖି ଆସିବି ।

ଫେରିଆସିବା ପରେ ପ୍ୟାରିସ୍‌ରେ କେତୋଟି ବକ୍ତୃତା ଦେଇପାରେ, କିନ୍ତୁ ସେଗୁଡ଼ିକୁ ଦେବି ଇଂରାଜୀରେ, ସଙ୍ଗରେ ଦୋଭାଷୀ ରହିବେ ।

ଏ ବୟସରେ ଗୋଟିଏ ନୂତନ ଭାଷା ଶିଖିବା ଭଳି ସମୟ ବା ଶକ୍ତି ଆଉ ନାହିଁ । ମୁଁ ବର୍ତ୍ତମାନ ବୁଢ଼ା, କ'ଣ କହୁଛ ?

ମିସେସ୍ ଫାଙ୍କେ (Mrs. Funke) ଅସୁସ୍ଥ ଅଛନ୍ତି । ସେ ବହୁତ ଖଟନ୍ତି । ଆଗରୁ ତାଙ୍କର ସ୍ନାୟୁ-ପୀଡ଼ା ଥିଲା । ଆଶା କରେ, ସେ ଶୀଘ୍ର ସୁସ୍ଥ ହୋଇଉଠିବେ ।

ଆମେରିକାରେ ଉପାର୍ଜିତ ସବୁ ଟଙ୍କା ଭାରତକୁ ପଠାଇ ଦେଉଛି । ଏଥର ମୁଁ ମୁକ୍ତ, ପୂର୍ବପରି ଭିକ୍ଷାଜୀବୀ ସନ୍ନ୍ୟାସୀ, ମଠର ସଭାପତି ପଦ ମଧ୍ୟ ଛାଡ଼ି ଦେଇଛି । ଈଶ୍ୱରଙ୍କୁ ଧନ୍ୟବାଦ, ମୁଁ ମୁକ୍ତ ! ଏ ପ୍ରକାରର ଦାୟିତ୍ୱ ଆଉ ମୋତେ ବହନ କରି ବୁଲିବାକୁ ହେବ ନାହିଁ । ଏତେ ବେଶୀ ସ୍ନାୟୁପ୍ରବଣ ହୋଇଉଠିଛି, ଆଉ ଏତେ ଦୁର୍ବଳ !

ଗଛଡାଳରେ ଶୋଇଥିବା ପକ୍ଷୀ ରାତି ପାହିଲେ ଯେପରି ଚେଇଁଉଠି ଗୀତ ଗାଏ, ଆଉ ଗଭୀର ନୀଳାକାଶରେ ଉଡ଼ିଯାଏ, ଠିକ୍ ସେହିପରି ମୋର ଜୀବନର ଶେଷ ।

ଜୀବନରେ ଅନେକ କଠିନ ଅବସ୍ଥା ମଧ୍ୟରେ ପଡ଼ିଛି, କେବେ କେବେ ବିରାଟ ସାଫଲ୍ୟ ମଧ୍ୟ ଲାଭ କରିଛି, କିନ୍ତୁ ଏହିସବୁ ବାଧା ଓ ବେଦନା ମୋର ଅନ୍ତିମ ପ୍ରାପ୍ତି ନିକଟରେ ମୂଲ୍ୟହୀନ ହୋଇଯାଇଛି—ମୁଁ ପାଇଯାଇଛି ମୋର ଲକ୍ଷ୍ୟକୁ; ମୁଁ ଯେଉଁ ମୁକ୍ତାର ସନ୍ଧାନରେ

ଜୀବନ-ସମୁଦ୍ରରେ ବୁଡ଼ ଦେଇଥିଲି, ତାହାକୁ ଉଠାଇ ଆଣିପାରିଛି । ମୋର ପୁରସ୍କାର ମୁଁ ପାଇଛି, ମୁଁ ଆନନ୍ଦିତ ।

ସେଥିପାଇଁ ମନେହେଉଛି, ମୋ ଜୀବନର ଏକ ନୂତନ ଅଧ୍ୟାୟ ଖୋଲିଯାଇଛି । ମନେହେଉଛି, 'ମା' ମୋତେ ସନ୍ତର୍ପଣରେ ସ୍ନେହର ସହିତ ଚଳାଇ ନେଇଯିବେ । ବନ୍ଧୁର-ସଙ୍କୁଳ ପଥରେ ଚାଲିବାର ଚେଷ୍ଟା ଆଉ ନାହିଁ, ବର୍ତ୍ତମାନ ପକ୍ଷୀ-ପରର ବିଛଣା । ବୁଝିଲ କି ! ବିଶ୍ୱାସ କର, ତାହା ହିଁ ହେବ; ମୁଁ ନିଶ୍ଚିନ୍ତ ।

ଏପର୍ଯ୍ୟନ୍ତ ଲବ୍ଧ ମୋର ଜୀବନର ଅଭିଜ୍ଞତା ମୋତେ ଏହି ଶିକ୍ଷା ଦେଇଛି ଯେ, ଐକାନ୍ତିକ ଭାବରେ ମୁଁ ଯେତେବେଳେ ଯାହା ଚାହିଁଛି ସର୍ବଦା ତାହା ପାଇଛି, ଈଶ୍ୱରଙ୍କୁ ଧନ୍ୟବାଦ । କେବେ କେବେ ଅନେକ ଦୁଃଖ ପରେ ତାହା ପାଇଛି; କିନ୍ତୁ ସେଥିରେ କ'ଣ ଯାଏଆସେ ? ପୁରସ୍କାରର ମଧୁର ସ୍ପର୍ଶ ସବୁକିଛି ଭୁଲାଇଦିଏ । ବନ୍ଧୁ, ତୁମେ ମଧ୍ୟ ଦୁଃଖ ମଧ୍ୟ ଦେଇ ଆଗେଇଛ, ତୁମର ପୁରସ୍କାର ତୁମେ ପାଇବ । କିନ୍ତୁ ହାୟ ! ବର୍ତ୍ତମାନ ତୁମେ ଯାହା ପାଉଛ, ତାହା ପୁରସ୍କାର ନୁହେଁ, ଅତିରିକ୍ତ ଦୁଃଖର ବୋଝ ।

ମୋ ବେଳକୁ ଦେଖୁଛି, ମେଘ ହାଲୁକା ହୋଇ ଅଦୃଶ୍ୟ ହୋଇଯାଉଛି—ମୋର ଦୁଷ୍କୃତର ମେଘ; ଆଉ ସୁକୃତର ଜ୍ୟୋତିର୍ମୟ ସୂର୍ଯ୍ୟ ଉଠୁଛନ୍ତି । ବନ୍ଧୁ, ତୁମ ବେଳକୁ ତାହା ହିଁ ହେବ । ଏହି ଭାଷାରେ (ଫରାସୀ ଭାଷାରେ) ଭାବାବେଗ ପ୍ରକାଶ କରିବାଭଳି କ୍ଷମତା ମୋର ନାହିଁ । କିନ୍ତୁ ଆବେଗକୁ କେଉଁ ଭାଷା ବା ଯଥାଯଥ ଭାବରେ ପ୍ରକାଶ କରିପାରେ ?

ସୁତରାଂ ଏହିଠାରେ ଛାଡ଼ିଦେଉଛି, ଏହି ଆଶାରେ ଯେ, ମୋର ଭାବନାକୁ କୋମଳ ମଧୁର ଉଜ୍ଜ୍ୱଳ ହୃଦୟର ଭାଷାରେ ତୁମେ ମଣ୍ଡିତ କରିବ । ବିଦାୟ ।

ତୁମର ବିଶ୍ୱସ୍ତ ବନ୍ଧୁ, ବିବେକାନନ୍ଦ

ପୁଃ—ଅକ୍ଟୋବର ୨୧ ତାରିଖରେ ଆମେମାନେ ପ୍ୟାରିସ୍ ଛାଡ଼ି ଭିଏନା-ପଥରେ ଯିବୁ । ଆସନ୍ତା ସପ୍ତାହ ମଧ୍ୟରେ ମିଃ ଲେଗେଟ୍ ଯୁକ୍ତରାଷ୍ଟ୍ରକୁ ଚାଲିଯାଉଛନ୍ତି । ପୋଷ୍ଟଅଫିସ୍‌କୁ ଆମେମାନେ ଜଣାଇଦେଇ ଯିବୁ ଯେ, ସେମାନେ ଯେପରି ଆମମାନଙ୍କର ପରବର୍ତ୍ତୀ ଗନ୍ତବ୍ୟ ସ୍ଥାନକୁ ଚିଠିଗୁଡ଼ିକ ପଠାଇ ଦିଅନ୍ତି ।

ବିବେକାନନ୍ଦ

**୪୩୬ଇଂ**

ପୋର୍ଟ ଟାଉଫିକ୍
୨୬ ନଭେମ୍ବର ୧୯୦୦

ପ୍ରିୟ ଜୋ,

ଜାହାଜ ଖଣ୍ଡିକର ଆସିବାକୁ ଡେରି ହେଉଛି, ତେଣୁ ଅପେକ୍ଷା କରୁଛି । ଭଗବାନଙ୍କୁ ଧନ୍ୟବାଦ ଯେ, ଆଜି ଜାହାଜ ପୋର୍ଟ ସୟଦ୍‌ରେ ଖାଲ ମଧ୍ୟରେ ପଶିଛି । ତା'ର ମାନେ, ସବୁ ଠିକ୍ ଠିକ୍ ଚାଲିଲେ ସନ୍ଧ୍ୟାବେଳେ ତାହା ଏଠାରେ (ପୋର୍ଟରେ) ପହଞ୍ଚିବ । ଅବଶ୍ୟ, ଏ ଦୁଇଦିନ ଯେପରି ନିର୍ଜନ କାରାବାସ ଚାଲିଛି; ଏବଂ ମୁଁ କୌଣସି ପ୍ରକାରେ ଧୈର୍ଯ୍ୟ ଧରି ଅଛି । କିନ୍ତୁ ଲୋକେ କହନ୍ତି ଯେ, ବର୍ତ୍ତମାନର ତୁଳନାରେ ପରିବର୍ତ୍ତନର ମୂଲ୍ୟ ତିନିଗୁଣ ବେଶୀ । ମିଃ ଗେଜ୍‌ଙ୍କ କର୍ମଚାରୀମାନେ ମୋତେ ସବୁ ଭୁଲ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମତଃ

ମୋତେ ସ୍ୱାଗତ ଜଣାଇବା ଲାଗି ତ ଦୂରେ ଥାଉ, କିଛି ବୁଝାଇ ଦେବାଭଳି ମଧ୍ୟ ଏଠାରେ କେହି ନ ଥିଲେ । ଦ୍ୱିତୀୟତଃ, ମୋତେ କେହି କହି ନାହାନ୍ତି ଯେ, ଅପର ଜାହାଜ ପାଇଁ ମୋତେ ଏଜେଣ୍ଟର ଅଫିସ୍‌କୁ ଯାଇ ଗେଜ୍‌ଙ୍କ ଟିକଟ ଖଣ୍ଡିକ ବଦଳାଇ ନେବାକୁ ହେବ—ତାହା କରିବା ସ୍ଥାନ ସୁଏଜ୍, ଏଠାରେ ନୁହେଁ । ସୁତରାଂ ଜାହାଜ ଖଣ୍ଡିକ ଡେରି ହେବାରୁ ଏକ ହିସାବରେ ଭଲ ହୋଇଥିଲା । ଏହି ସୁଯୋଗରେ ମୁଁ ଜାହାଜର ଏଜେଣ୍ଟଙ୍କ ସଙ୍ଗେ ଦେଖା କରିବାକୁ ଗଲି; ଏବଂ ସେ ମୋତେ ନିର୍ଦ୍ଦେଶ ଦେଲେ, ମୁଁ ଯେପରି ଗେଜ୍‌ଙ୍କ ପାସ୍ ଖଣ୍ଡିକ ବଦଳାଇ ଯଥାଯୋଗ୍ୟ ଟିକେଟ ନିଏ ।

ଅଳ୍ପ ରାତିରେ କୌଣସି ଏକ ସମୟରେ ଜାହାଜରେ ଉଠିବି ବୋଲି ଆଶା କରେ । ମୁଁ ଭଲ ଅଛି ଓ ସୁଖରେ ଅଛି, ଏବଂ ଏ ମଜାଟା ଉପଭୋଗ କରୁଛି ଖୁବ୍ ।

ମାଦ୍‌ମୋୟାଜେଲ୍ କିପରି ଅଛନ୍ତି ? ବୋୟା କେଉଁଠି ? ମ୍ୟାଡାମ୍ କାଲ୍‌ଭେଙ୍କୁ ମୋର ଅସୀମ କୃତଜ୍ଞତା ଓ ଶୁଭେଚ୍ଛା ଜଣାଇବ । ସେ ଅତି ଚମତ୍କାର ମହିଳା । ଆଶାକରେ ତୁମର ଭ୍ରମଣଟି ଉପଭୋଗ୍ୟ ହେବ ।

ତୁମମାନଙ୍କର ସତତ ସ୍ନେହଶୀଳ, ବିବେକାନନ୍ଦ

୫୩୮ଇଂ

ମଠ, ବେଲୁଡ଼, ହାଓଡ଼ା, ୧୧ ଡିସେମ୍ବର ୧୯୦୦

ପ୍ରିୟ ଜୋ,

ପରଶୁଦିନ ରାତିରେ ମୁଁ ଏଠାରେ ପହଞ୍ଚିଛି । କିନ୍ତୁ ହାୟ ! ଏତେ ତରବର ହୋଇ ଆସି ମଧ୍ୟ କୌଣସି ଲାଭ ହେଲା ନାହିଁ । କାପ୍‌ଟେନ୍ ସେଭିଅର୍ ବିଚରା କିଛି ଦିନ ପୂର୍ବରୁ ଦେହତ୍ୟାଗ କରିଛନ୍ତି—ଏ ଭାବରେ ଦୁଇଜଣ ମହାପ୍ରାଣ ଇଂରେଜ ଆମମାନଙ୍କ ପାଇଁ ହିନ୍ଦୁମାନଙ୍କ ପାଇଁ ଆତ୍ମଦାନ କଲେ । ଶହୀଦ କେଉଁଠି ଥାଆନ୍ତି ତ—ଏମାନେ ହିଁ ଶହୀଦ । ମିସେସ୍ ସେଭିଅର୍‌ଙ୍କୁ ଏହିକ୍ଷଣି ପତ୍ର ଲେଖିଲି, ତାଙ୍କର ଭାବୀ କାର୍ଯ୍ୟକ୍ରମ ଜାଣିବା ପାଇଁ ।

ମୁଁ ଭଲ ଅଛି । ଏଠାରେ ସବୁ ସବୁଦିଗରୁ ଭଲ ଭାବରେ ଚାଲିଛି । ତରବରରେ ଚିଠି ଲେଖିଲି—କିଛି ମନେକରିବ ନାହିଁ । ଶୀଘ୍ର ଦୀର୍ଘ ପତ୍ର ଦେବି । ଇତି

ସଦା ସତ୍ୟାଶ୍ରୟୀ ତୁମମାନଙ୍କର, ବିବେକାନନ୍ଦ

୫୩୯ଇଂ (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

ମଠ ବେଲୁଡ଼, ହାଓଡ଼ା, ୧୫ ଡିସେମ୍ବର ୧୯୦୦

ମା,

କିଛିଦିନ ପୂର୍ବରୁ ଏଠାରେ ପହଞ୍ଚିଛି । ମୋର ଆଗମନ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା । ସମସ୍ତେ ଅବାକ୍ ହୋଇଯାଇଥିଲେ ।

ମୋର ଅନୁପସ୍ଥିତିରେ ମୁଁ ଯେତେଟା ଭାବିଥିଲି, ତାହା ଅପେକ୍ଷା ମଧ୍ୟ ଭଲଭାବରେ କାର୍ଯ୍ୟ ଚାଲିଛି; କେବଳ ମିଃ ସେଭିଅର୍ ଦେହତ୍ୟାଗ କରିଛନ୍ତି । ଏହା ପ୍ରକୃତରେ ଏକ ପ୍ରଚଣ୍ଡ ଆଘାତ—ହିମାଳୟରେ କାର୍ଯ୍ୟର ଭବିଷ୍ୟତ ଯେ କଅଣ ହେବ, ଜାଣେ ନାହିଁ । ମିସେସ୍

ସେଭିଅର୍ ବର୍ତ୍ତମାନ ସୁଦ୍ଧା ସେଠାରେ ଅଛନ୍ତି ଏବଂ ପ୍ରତିଦିନ ମୁଁ ତାଙ୍କ ପାଖରୁ ଚିଠି ଆଶା କରୁଛି ।

ସାରଦାନନ୍ଦ ଓ ବ୍ରହ୍ମାନନ୍ଦ ପୂର୍ବାପେକ୍ଷା ଭଲ ଅଛନ୍ତି ଏବଂ ଏବର୍ଷ ଏଠାରେ ମ୍ୟାଲେରିଆ ନାହିଁ । ଗଙ୍ଗାକୂଳର ଏହି ଏକଫାଳିକିଆ ଜମିଟା ସବୁ ସମୟରେ ମ୍ୟାଲେରିଆରୁ ମୁକ୍ତ । କେବଳ ପ୍ରଚୁର ବିଶୁଦ୍ଧ ଜଳର ବ୍ୟବସ୍ଥା ହେଲେ ହିଁ ସବୁ ସୁନ୍ଦର ହୋଇଯିବ । ଇତି

ବିବେକାନନ୍ଦ

୫୪୦ଇଂ

ମଠ, ବେଲୁଡ଼, ହାଓଡ଼ା
୧୯ ଡିସେମ୍ବର ୧୯୦୦

କଲ୍ୟାଣୀୟା ନିବେଦିତା,

ମହାଦେଶସମୂହର ଅନ୍ୟ ଏକପ୍ରାନ୍ତରୁ ଗୋଟିଏ ସ୍ୱର ତୁମକୁ ପ୍ରଶ୍ନ କରୁଛି, 'କିପରି ଅଛ ?' ଏଥିରେ ତୁମେ ଅବାକ୍ ହେଉ ନାହଁ କି ? ବସ୍ତୁତଃ ମୁଁ ହେଉଛି ଋତୁ ସଙ୍ଗରେ ବିଚରଣକାରୀ ଗୋଟିଏ ବିହଙ୍ଗମ ।

ଆନନ୍ଦମୁଖର ଓ କର୍ମଚଞ୍ଚଳ ପ୍ୟାରିସ୍, ଦୃଢ଼ଗଠିତ ପ୍ରାଚୀନ କନ୍‌ଷ୍ଟାଣ୍ଟିନୋପ୍‌ଲ, ଚାକଚକ୍ୟମୟ କ୍ଷୁଦ୍ର ଏଥେନ୍‌ସ, ପିରାମିଡ଼ଶୋଭିତ କାଇରୋ—ସବୁ ପଛରେ ପକାଇ ଆସିଛି; ଆଉ ବର୍ତ୍ତମାନ ମୁଁ ଏଠାରେ, ଗଙ୍ଗାତୀରରେ ମଠରେ—ମୋର କ୍ଷୁଦ୍ର ପ୍ରକୋଷ୍ଠରେ ବସି ଲେଖୁଛି । ଚତୁର୍ଦ୍ଦିଗରେ କି ଶାନ୍ତ ନୀରବତା ! ପ୍ରଶସ୍ତ ନଦୀ ଦୀପ୍ତ ସୂର୍ଯ୍ୟାଲୋକରେ ନାଚୁଛି; କେବଳ କ୍ୱଚିତ୍ ଖଣ୍ଡେ ଦୁଇଖଣ୍ଡ ମାଲବାହୀ ନୌକାର କ୍ଷେପଣୀ-କ୍ଷେପଣେ ସେ ନିସ୍ତବ୍ଧତା କ୍ଷଣକ ପାଇଁ ଭାଙ୍ଗିଯାଉଛି ।

ଏଠାରେ ବର୍ତ୍ତମାନ ଶୀତକାଳ ଚାଲିଛି; କିନ୍ତୁ ପ୍ରତିଦିନ ମଧ୍ୟାହ୍ନ ବେଶ୍ ଗରମ୍ ଓ ଉଜ୍ଜ୍ୱଳ । ଏହା ହେଉଛି ଦକ୍ଷିଣ କାଲିଫର୍ଣ୍ଣିଆର ଶୀତର ଅନୁରୂପ । ସର୍ବତ୍ର ସବୁଜ ଓ ସ୍ୱର୍ଣ୍ଣ ବର୍ଣ୍ଣର ବିଛୁରଣ, ଏବଂ କୋମଳ ଘାସଗୁଡ଼ିକ ଯେପରି ଭେଲଭେଟ୍ ପରି । ଅଥଚ ପବନ ଶୀତଳ, ପରିଷ୍କାର ଓ ଆରାମପ୍ରଦ । ଇତି

ତୁମମାନଙ୍କର, ବିବେକାନନ୍ଦ

୫୪୧ (ଶ୍ରୀମତୀ ମୃଣାଳିନୀ ବସୁଙ୍କୁ ଲିଖିତ)

ବାବୁ ପ୍ରିୟନାଥ ମୁଖୋପାଧ୍ୟାୟଙ୍କ ଘର, ଦେଓଘର, ବୈଦ୍ୟନାଥ
୨୩ ଡିସେମ୍ବର ୧୯୦୦

ମା,

ତୁମର ପତ୍ର ପାଇ ଅତ୍ୟନ୍ତ ଆନନ୍ଦିତ ହେଲି; ତୁମେ ଯାହା ବୁଝିଛ, ତାହା ଠିକ୍ । 'ସ ଈଶ ଅନିର୍ବଚନୀୟଃ ପ୍ରେମସ୍ୱରୂପଃ'—ସେହି ଈଶ୍ୱର ଅନିର୍ବଚନୀୟ ପ୍ରେମସ୍ୱରୂପ—ଏହି ନାରଦୋକ୍ତ ଲକ୍ଷଣଟି ଯେ ପ୍ରତ୍ୟକ୍ଷ ଏବଂ ସର୍ବବାଦୀସମ୍ମତ, ମୋ ଜୀବନର ଏହା ସ୍ଥିରସିଦ୍ଧାନ୍ତ । ଅନେକଗୁଡ଼ିଏ ବ୍ୟକ୍ତି ଏକତ୍ରର ନାମ 'ସମଷ୍ଟି', ଗୋଟି ଗୋଟିକର ନାମ 'ବ୍ୟଷ୍ଟି' । ତୁମେ ମୁଁ

'ବ୍ୟଷ୍ଟି', ସମାଜ 'ସମଷ୍ଟି'। ତୁମେ ମୁଁ ପଶୁ ପକ୍ଷୀ କୀଟ ପତଙ୍ଗ ବୃକ୍ଷ ଲତା ପୃଥିବୀ ଗ୍ରହ ନକ୍ଷତ୍ରାଦି ଗୋଟିଏ ଗୋଟିଏ 'ବ୍ୟଷ୍ଟି', ଆଉ ଏହି ଜଗତଟି 'ସମଷ୍ଟି'—ବେଦାନ୍ତରେ ଏହାକୁ ହିଁ ବିରାଟ ବା ହିରଣ୍ୟଗର୍ଭ ବା ଈଶ୍ୱର କହନ୍ତି। ପୌରାଣିକ ବ୍ରହ୍ମା, ବିଷ୍ଣୁ, ଦେବୀ ଇତ୍ୟାଦି ନାମ।

ବ୍ୟଷ୍ଟିର ବ୍ୟକ୍ତିଗତ ସ୍ୱାଧୀନତା ଅଛି କି ନାହିଁ ଏବଂ କେତେ ପରିମାଣରେ ହେବା ଉଚିତ, ସମଷ୍ଟି ନିକଟରେ ବ୍ୟଷ୍ଟିର ସମ୍ପୂର୍ଣ୍ଣ ଆତ୍ମେଚ୍ଛା ଆତ୍ମସୁଖ ତ୍ୟାଗ କରିବା ଉଚିତ୍ କି ନୁହେଁ—ଏହି ପ୍ରଶ୍ନ ହିଁ ସମାଜର ଅନାଦି କାଳର ବିଚାର୍ଯ୍ୟ। ଏହି ପ୍ରଶ୍ନର ସିଦ୍ଧାନ୍ତ ନେଇ ସକଳ ସମାଜ ବ୍ୟସ୍ତ; ଆଧୁନିକ ପାଶ୍ଚାତ୍ୟ ସମାଜରେ ଏହା ହିଁ ପ୍ରବଳ ତରଙ୍ଗ ରୂପ ଧାରଣ କରି ସମୁତ୍ଥିତ ହୋଇଛି। ଯେଉଁ ମତ ବ୍ୟକ୍ତିଗତ ସ୍ୱାଧୀନତାକୁ ସମାଜର ପ୍ରଭୁତା ସମ୍ମୁଖରେ ବଳି ଦେବାକୁ ଚାହେଁ, ତାହାର ଇଂରେଜୀ ନାମ ସୋସିଆଲିଜମ୍, ବ୍ୟକ୍ତିତ୍ୱ-ସମର୍ଥକ ମତର ନାମ ଇଣ୍ଡିଭିଜୁଆଲିଜମ୍।

ସମାଜ ନିକଟରେ ବ୍ୟକ୍ତିର—ନିୟମର ଓ ଶିକ୍ଷାର ଶାସନ ଦ୍ୱାରା ଚିରଦାସତ୍ୱର ଓ ଓ ବଳପୂର୍ବକ ଆତ୍ମବିସର୍ଜନର କି ଫଳ ଓ ପରିଣାମ, ଆମର ମାତୃଭୂମି ହିଁ ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଏ ଦେଶରେ ଲୋକେ ଶାସ୍ତ୍ରୋକ୍ତ ଆଇନ ଅନୁସାରେ ଜନ୍ମନ୍ତି; ଭୋଜନପାନାଦି ଆଜୀବନ ନିୟମାନୁସାରେ କରନ୍ତି, ବିବାହାଦି ମଧ୍ୟ ସେହିପ୍ରକାର; ଏପରିକି, ମରିବା ବେଳେ ମଧ୍ୟ ସେହି ସକଳ ଶାସ୍ତ୍ରୋକ୍ତ ଆଇନ ଅନୁସାରେ ପ୍ରାଣତ୍ୟାଗ କରନ୍ତି। ଏହି କଠୋର ଶିକ୍ଷାର ଗୋଟିଏ ମହତ୍ତ୍ୱ ଗୁଣ ଅଛି, ଆଉ ସକଳ ଦୋଷ। ଗୁଣ ଏହି ଯେ, ଗୋଟିଏ ଦୁଇଟି କାର୍ଯ୍ୟ ପୁରୁଷାନୁକ୍ରମେ ପ୍ରତ୍ୟହ ଅଭ୍ୟାସ କରି ଅତି ଅଳ୍ପାୟାସରେ ସୁନ୍ଦର ଭାବରେ ଲୋକେ କରିପାରନ୍ତି। ତିନିଖଣ୍ଡି ମାଟିର ଗୋଲି ଓ କେତେଖଣ୍ଡି କାଠରେ ଏ ଦେଶର ରାନ୍ଧୁଣିଆ ଯେଉଁ ସୁସ୍ୱାଦୁ ଅନ୍ନ-ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି, ତାହା ଆଉ କେଉଁଠି ନାହିଁ। ଗୋଟାଏ ମାନ୍ଧାତା ଅମଳର ଏକଟଙ୍କା ଦାମର ତନ୍ତ ଓ ଗୋଟାଏ ଗାତ ଭିତରେ ଗୋଡ଼, ଏହି ସରଞ୍ଜାମରେ ୨୦ ଟଙ୍କା ଗଜର କିଂଖାବ କେବଳ ଏ ଦେଶରେ ହେବା ହିଁ ସମ୍ଭବ। ଖଣ୍ଡିଏ ଛିଣ୍ଡା ମସିଣା, ଗୋଟିଏ ମାଟିର ଦୀପ, ସେଥିରେ ପୁନାଙ୍ଗ ତେଲ, ଏହି ଉପାଦାନ ସହାୟରେ ଦିଗ୍‌ଗଜ ପଣ୍ଡିତ ଏ ଦେଶରେ ହିଁ ହୁଅନ୍ତି। ଚେପ୍‌ଟିନାକୀ ପେଚ ସ୍ତ୍ରୀ ଉପରେ ସର୍ବସହିଷ୍ଣୁ, ମହତ୍ତ୍ୱ ଓ ନିର୍ଗୁଣ ମହାଦୁଷ୍ଟ ପତି ଉପରେ ଆଜନ୍ମ ଭକ୍ତି ଏହି ଦେଶରେ ହିଁ ହୁଏ। ଏ ତ ଗଲା ଗୁଣ।

କିନ୍ତୁ ଏହି ସବୁଗୁଡ଼ିକୁ ମନୁଷ୍ୟ ପ୍ରାଣହୀନ ଯନ୍ତ୍ର ଭଳି ଚାଳିତ ହୋଇ କରେ; ସେଥିରେ ମନୋବୃତ୍ତିର ସ୍ଫୂର୍ତ୍ତି ନାହିଁ, ହୃଦୟର ବିକାଶ ନାହିଁ, ପ୍ରାଣର ସ୍ପନ୍ଦନ ନାହିଁ, ଆଶାର ତରଙ୍ଗ ନାହିଁ, ଇଚ୍ଛାଶକ୍ତିର ପ୍ରବଳ ଉତ୍ତେଜନା ନାହିଁ, ତୀବ୍ର ସୁଖାନୁଭୂତି ନାହିଁ, ବିକଟ ଦୁଃଖର ମଧ୍ୟ ସ୍ପର୍ଶ ନାହିଁ, ଉଦ୍ଭାବନୀ-ଶକ୍ତିର ଉଦ୍ଦୀପନା ଏକଦମ୍ ନାହିଁ, ନୂତନତ୍ୱର ଇଚ୍ଛା ନାହିଁ, ନୂତନ ଜିନିଷର ଆଦର ନାହିଁ। ଏ ହୃଦୟାକାଶର ମେଘ କେବେହେଲେ ଉଡ଼ିଯାଏ ନାହିଁ, ପ୍ରାତଃସୂର୍ଯ୍ୟର ଉଜ୍ଜ୍ୱଳ ଛବି କେବେହେଲେ ମନକୁ ମୁଗ୍ଧ କରେ ନାହିଁ। ଏ ଅବସ୍ଥା ଅପେକ୍ଷା କିଛି ଉତ୍କୃଷ୍ଟ ଅଛି କି ନାହିଁ ମନକୁ ଆସେ ନାହିଁ, ଆସିଲେ ମଧ୍ୟ ବିଶ୍ୱାସ ହୁଏ ନାହିଁ, ବିଶ୍ୱାସ

ହେଲେ ମଧ୍ୟ ଉଦ୍ୟୋଗ ହୁଏ ନାହିଁ, ଉଦ୍ୟୋଗ ହେଲେ ମଧ୍ୟ ଉତ୍ସାହର ଅଭାବରେ ତାହା ମନରେ ହିଁ ଲୀନ ହୋଇଯାଏ ।

ନିୟମରେ ଚାଲିପାରିଲେ ଯଦି ଭଲ ହୁଏ, ପୂର୍ବପୁରୁଷାନୁକ୍ରମେ ସମାଗତ ରୀତିନୀତିର ଅଖଣ୍ଡ ଅନୁସରଣ କରିବା ହିଁ ଯଦି ଧର୍ମ ହୁଏ, କୁହ, ବୃକ୍ଷ ଅପେକ୍ଷା ଧାର୍ମିକ କିଏ ? ରେଳଗାଡ଼ି ଅପେକ୍ଷା ଭକ୍ତ ସାଧୁ କିଏ ? ପ୍ରସ୍ତରଖଣ୍ଡକୁ କେହି କେବେ ପ୍ରାକୃତିକ ନିୟମ ଭଙ୍ଗ କରିବାର ଦେଖିଛ ? ଗୋମହିଷାଦିଙ୍କୁ କେହି କେବେ ପାପ କରିବାର ଦେଖିଛ ?

ଅତି ପ୍ରକାଣ୍ଡ କଳର ଜାହାଜ, ମହାବଳବାନ ରେଳଗାଡ଼ିର ଇଞ୍ଜିନ୍—ସେଗୁଡ଼ିକ ମଧ୍ୟ ଜଡ଼; ଚଳ-ବୁଲ କରନ୍ତି, ଧାବମାନ ହୁଅନ୍ତି, କିନ୍ତୁ ଜଡ଼ । ଆଉ ସେହି ଯେ କ୍ଷୁଦ୍ର କୀଟାଣୁଟି ରେଳପଥରୁ ଆତ୍ମରକ୍ଷା ପାଇଁ ଘୁଞ୍ଚିଗଲା, ସେଇଟି ଚୈତନ୍ୟଶାଳୀ କାହିଁକି ? ଯନ୍ତ୍ରରେ ଇଚ୍ଛାଶକ୍ତିର ବିକାଶ ନାହିଁ, ଯନ୍ତ୍ର ନିୟମକୁ ଅତିକ୍ରମ କରିବାକୁ ଚାହେଁ ନାହିଁ; କୀଟଟି ନିୟମକୁ ବାଧା ଦେବାକୁ ଚାହେଁ, ପାରୁ ଅବା ନ ପାରୁ, ନିୟମର ବିପକ୍ଷରେ ଉତ୍ଥିତ ହୁଏ, ତେଣୁ ସେ ଚେତନ । ଏହି ଇଚ୍ଛାଶକ୍ତିର ଯେଉଁଠାରେ ଯେତେ ସଫଳ ବିକାଶ, ସେଠାରେ ସୁଖ ସେତେ ଅଧିକ, ସେ ଜୀବ ସେତେ ବଡ଼ । ଈଶ୍ୱରଙ୍କଠାରେ ଇଚ୍ଛାଶକ୍ତିର ପୂର୍ଣ୍ଣ ସଫଳତା, ତେଣୁ ସେ ସର୍ବୋଚ୍ଚ ।

ବିଦ୍ୟାଶିକ୍ଷା କାହାକୁ କହିବ ? ବହି ପଢ଼ିବା ? ନା । ନାନାବିଧ ଜ୍ଞାନାର୍ଜନ ?—ତାହା ମଧ୍ୟ ନୁହେଁ । ଯେଉଁ ଶିକ୍ଷାଦ୍ୱାରା ଏହି ଇଚ୍ଛାଶକ୍ତିର ବେଗ ଓ ସ୍ଫୁର୍ତ୍ତି ନିଜର ଆୟତ୍ତାଧୀନ ଓ ସଫଳକାମ ହୁଏ, ତାହା ହିଁ ଶିକ୍ଷା । ବର୍ତ୍ତମାନ ବୁଝ, ଯେଉଁ ଶିକ୍ଷା ଫଳରେ ଏହି ଇଚ୍ଛାଶକ୍ତି ପୁରୁଷାନୁକ୍ରମରେ ବଳପୂର୍ବକ ନିରୁଦ୍ଧ ହୋଇ ଅଧୁନା ଲୁପ୍ତପ୍ରାୟ ହୋଇଛି, ଯାହାର ଶାସନରେ ନୂତନ ଭାବର କଥା ଦୂରେ ଥାଉ, ପୁରାତନଗୁଡ଼ିକ ହିଁ ଏକେ ଏକେ ଅନ୍ତର୍ହିତ ହୋଇଯାଉଛି, ଯାହା ମନୁଷ୍ୟକୁ ଧୀରେ ଧୀରେ ଯନ୍ତ୍ରଭଳି କରିପକାଉଛି, ତାହା କ'ଣ ଶିକ୍ଷା ? ଚାଳିତ ଯନ୍ତ୍ରଭଳି ଭଲ ହେବା ଅପେକ୍ଷା ସ୍ୱାଧୀନ ଇଚ୍ଛା—ଚୈତନ୍ୟ-ଶକ୍ତିର ପ୍ରେରଣାରେ ମନ୍ଦ ହେବା ମଧ୍ୟ ମୋ ମତରେ କଲ୍ୟାଣକର । ମୃତ୍ପିଣ୍ଡପ୍ରାୟ, ପ୍ରାଣହୀନ ଯନ୍ତ୍ର ଭଳି, ଉପଲରାଶି ସଦୃଶ ସ୍ତୂପୀକୃତ ମନୁଷ୍ୟସମଷ୍ଟି ଦ୍ୱାରା ଯେଉଁ ସମାଜ ଗଠିତ ହୁଏ, ତାହା କଅଣ ସମାଜ ? ତାହାର କଲ୍ୟାଣ କେଉଁଠାରେ ? କଲ୍ୟାଣ ଯଦି ସମ୍ଭବ ହୋଇଥାଆନ୍ତା, ତେବେ ସହସ୍ର ବର୍ଷର ଦାସ ନ ହୋଇ ଆମେ ହିଁ ପୃଥିବୀର ସର୍ବୋଚ୍ଚ ଜାତି ହୋଇଥାଆନ୍ତୁ, ମହାମୂର୍ଖତାର ଆକର ନ ହୋଇ ଭାରତଭୂମି ହିଁ ବିଦ୍ୟାର ଚିର ପ୍ରସ୍ରବଣ ହୋଇଥାଆନ୍ତା ।

ତେବେ କଅଣ ଆତ୍ମତ୍ୟାଗ ଧର୍ମ ନୁହେଁ ? ବହୁ ପାଇଁ ଜଣକର ସୁଖ, ଜଣକର କଲ୍ୟାଣ ଉତ୍ସର୍ଗ କରିବା କଅଣ ଏକମାତ୍ର ପୁଣ୍ୟ ନୁହେଁ ? ଠିକ୍ କଥା, କିନ୍ତୁ ଆମର କଥାରେ କହନ୍ତି, 'ଘଷି-ମାଜି କଅଣ ରୂପ ହୁଏ ? ଧରି-ବାନ୍ଧି କଅଣ ପ୍ରୀତି ହୁଏ ?' ଚିର ଭିକାରୀର ତ୍ୟାଗରେ କି ମାହାତ୍ମ୍ୟ ? ଇନ୍ଦ୍ରିୟହୀନର ଇନ୍ଦ୍ରିୟସଂଯମରେ କି ପୁଣ୍ୟ ? ଭାବହୀନ, ହୃଦୟହୀନ, ଉଚ୍ଚ-ଆଶାହୀନର, ସମାଜର ଅସ୍ତିତ୍ୱ-ନାସ୍ତିତ୍ୱଜ୍ଞାନହୀନର ପୁଣି ଆତ୍ମୋତ୍ସର୍ଗ କଅଣ ? ବଳପୂର୍ବକ ସତୀଦାହରେ କଅଣ ସତୀତ୍ୱର ବିକାଶ ? କୁସଂସ୍କାର ଶିଖାଇ ପୁଣ୍ୟ

କରାଇବାର କଅଣ ଅର୍ଥ ? ମୁଁ କହେ, ବନ୍ଧନ ଖୋଲ, ଜୀବର ବନ୍ଧନ ଖୋଲ, ଯେତେଦୂର ପାର ବନ୍ଧନ ଖୋଲ । କାଦୁଅ ଦେଇ କାଦୁଅକୁ ଧୁଆ ଯାଇପାରେ କି ? ବନ୍ଧନଦ୍ୱାରା କଅଣ ବନ୍ଧନ କଟେ ? କାହାର କଟିଛି ? ସମାଜ ପାଇଁ ଯେତେବେଳେ ତୁମେ ନିଜର ସମସ୍ତ ସୁଖେଚ୍ଛାକୁ ବଳି ଦେଇପାରିବ, ସେତେବେଳେ ତ ତୁମେ ବୁଦ୍ଧ ହୋଇଯିବ, ମୁକ୍ତ ହୋଇଯିବ, —ତାହା ବହୁତ ଦୂରରେ ! ପୁଣି ତାହାର ରାସ୍ତା କଅଣ ଜୁଲମ୍ ଭିତର ଦେଇ ? 'ଆହା !! ଆମମାନଙ୍କର ବିଧବାମାନେ କି ନିଃସ୍ୱାର୍ଥ ତ୍ୟାଗର ଦୃଷ୍ଟାନ୍ତ, ଏଭଳି ରୀତି କଅଣ ଆଉ ହୁଏ !!! ଆହା, ବାଲ୍ୟ-ବିବାହ କି ମଧୁର ! ! ! ସେହି ସ୍ତ୍ରୀ-ପୁରୁଷଙ୍କ ମଧ୍ୟରେ ଭଲପାଇବା ନ ହୋଇ କଅଣ ରହିପାରେ ! ! !' ଏହି ବୋଲି ଦେଇ ନାକ-କାନ୍ଦଣାର ଏକ ସ୍ୱର ଉଠିଛି । ଆଉ ପୁରୁଷ ବେଳକୁ ଅର୍ଥାତ୍ ଯେଉଁମାନଙ୍କ ହାତରେ ଚାବୁକ୍, ତାଙ୍କ ବେଳକୁ ତ୍ୟାଗର କିଛି ଦରକାର ନାହିଁ । ସେବାଧର୍ମଠାରୁ କଅଣ ଆଉ ବଡ଼ ଧର୍ମ ଅଛି ? କିନ୍ତୁ ତାହା ବ୍ରାହ୍ମଣ-ପୂଜାରୀଙ୍କ ବେଳକୁ ନୁହେଁ, ତୁମେମାନେ ହିଁ କର । ଅସଲ କଥା, ମା-ବାପ ଆତ୍ମୀୟସ୍ୱଜନ ପ୍ରଭୃତି ଏ ଦେଶର—ନିଜର ସ୍ୱାର୍ଥ ପାଇଁ, ନିଜେ ସାମାଜିକ ଅବମାନନାରୁ ବଞ୍ଚିବା ପାଇଁ ପୁତ୍ର-କନ୍ୟାଦି ସମସ୍ତଙ୍କୁ ନିର୍ମମ ହୋଇ ବଳିଦାନ କରିପାରନ୍ତି, ଏବଂ ପୁରୁଷାନୁକ୍ରମିକ ଶିକ୍ଷା ମାନସିକ ଜଡ଼ତ୍ୱ ବିଧାନ କରି ତାହାର ଦ୍ୱାର ଉନ୍ମୁକ୍ତ କରିଦେଇଛି । ଯେ ବୀର, ସେ ହିଁ ତ୍ୟାଗ କରିପାରେ; ଯେ କାପୁରୁଷ, ସେ ଚାବୁକ୍ ଭୟରେ ଗୋଟିଏ ହାତରେ ଆଖି ପୋଛୁଛି ଓ ଆଉ ଗୋଟିଏ ହାତରେ ଦାନ କରୁଛି; ସେ ପ୍ରକାର ଦାନରେ କି ଫଳ ? ଜଗତ୍‌ପ୍ରେମ ଅନେକ ଦୂରରେ । ସ୍ୱାଗଛଟିକୁ ପୋଷାଇ ରଖିବାକୁ ହୁଏ, ଯତ୍ନ କରିବାକୁ ହୁଏ । ଜଣକୁ ନିଃସ୍ୱାର୍ଥ ଭାବରେ ଭଲ ପାଇବାକୁ ଶିଖିପାରିଲେ କ୍ରମେ ବିଶ୍ୱବ୍ୟାପୀ ପ୍ରେମର ଆଶା କରାଯାଏ । ଇଷ୍ଟ-ଦେବତା-ବିଶେଷଙ୍କଠାରେ ଭକ୍ତ ହେଲେ କ୍ରମେ ବିରାଟ ବ୍ରହ୍ମଙ୍କଠାରେ ପ୍ରୀତି ହୋଇପାରେ ।

ଅତଏବ ଜଣକ ପାଇଁ ଆତ୍ମତ୍ୟାଗ କରିପାରିଲେ ତେବେ ସମାଜ ପାଇଁ ତ୍ୟାଗର କଥା କହିବା ଉଚିତ, ତାହା ଆଗରୁ ନୁହେଁ । ସକାମରୁ ନିଷ୍କାମ ହୁଏ । ଆଗରୁ କାମନା ନ ଥିଲେ କଅଣ ତ୍ୟାଗ କରିବ ? ତାହାର ମାନେ ବା କଅଣ ? ଅନ୍ଧକାର ନ ଥିଲେ କଅଣ ଆଲୋକର କିଛି ମାନେ ହୁଏ ?

ସକାମ, ସପ୍ରେମ ପୂଜା ହିଁ ପ୍ରଥମ । ଶ୍ରେଷ୍ଠର ପୂଜା ହିଁ ପ୍ରଥମ; ତା'ପରେ ଆପେ ଆପେ ବଡ଼ ଆସିବ ।

ମା, ତୁମେ ଚିନ୍ତିତ ହୁଅ ନାହିଁ । ବଡ଼ ଗଛରେ ହିଁ ବଡ଼ ତୋଫାନ ଲାଗେ । କାଠକୁ ହଲାଇ ଦେଲେ ବେଶୀ ଜଳେ, ସାପ ମୁଣ୍ଡରେ ଆଘାତ ଲାଗିଲେ ତେବେ ସେ ଫଣା ଟେକେ*, — ଇତ୍ୟାଦି । ଯେତେବେଳେ ହୃଦୟ ମଧ୍ୟରେ ମହାଯାତନା ଉପସ୍ଥିତ ହୁଏ, ଚାରିଆଡ଼େ ଦୁଃଖର

* ତୁଳନୀୟ :

The wounded snake its hood unfurls
The flame stirred up doth blaze. etc.
The Song of The Free : Swami Vivekananda

ଙ୍ଗ୍ ଉଠେ, ବୋଧହୁଏ ଯେପରି ଏ ଯାତ୍ରାରେ ଆଲୋକ ଦେଖିପାରିବ ନାହିଁ; ଯେତେବେଳେ ଆଶାଭରସା ପ୍ରାୟ ଗୁଡ଼ ଗୁଡ଼ ହୁଏ, ସେତିକିବେଳେ ଏହି ମହା ଆଧ୍ୟାତ୍ମିକ ଦୁର୍ଯୋଗ ମଧ୍ୟରୁ ଅନ୍ତର୍ନିହିତ ବ୍ରହ୍ମଜ୍ୟୋତିର ସ୍ଫୁର୍ତ୍ତି ହୁଏ । କ୍ଷୀର-ଲହୁଣୀ ଖାଇ, ତୂଳା ଉପରେ ଶୋଇ, ଟୋପାଏ ଲୁହ ଆଖିରୁ କେବେହେଲେ ନ ଗଡ଼ାଇ କେହି କଅଣ କେବେ ବଡ଼ ହୋଇଛି, କାହାର ବ୍ରହ୍ମ କେବେ ବିକଶିତ ହୋଇଛନ୍ତି ? କାନ୍ଦିବାକୁ ଡରୁଛ କାହିଁକି ? କାନ୍ଦ; କାନ୍ଦିଲେ ଯାଇ ଆଖି ସଫା ହୁଏ, ତେବେ ଯାଇ ଅନ୍ତର୍ଦୃଷ୍ଟି ହୁଏ, ତେବେ ଯାଇ ଆସ୍ତେ ଆସ୍ତେ ମଣିଷ ଜନ୍ତୁ ଗଛବୃକ୍ଷ ଦୂର ହୋଇ ସବୁଠି ବ୍ରହ୍ମଦର୍ଶନ ହୁଏ ।

ସେତେବେଳେ—

‘ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।
ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍ ।’

—ସର୍ବତ୍ର ସମାନ ଭାବରେ ବିଦ୍ୟମାନ ଈଶ୍ୱରଙ୍କୁ ଜାଣି ନିଜେ ଅଉ ନିଜକୁ ହିଂସା କରନ୍ତି ନାହିଁ (ଅର୍ଥାତ୍ ସବୁ ହିଁ ସେ); ସେତିକିବେଳେ ପରମା ଗତି ପ୍ରାପ୍ତ ହୁଅନ୍ତି ।

ସଦାଶୁଭାକାଙ୍କ୍ଷୀ, ବିବେକାନନ୍ଦ

୫୪୨ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ମଠ, ବେଲୁଡ଼, ୨୬ ଡିସେମ୍ବର ୧୯୦୦

କଲ୍ୟାଣବରେଷୁ,

ତୁମ ପତ୍ରରୁ ସମସ୍ତ ଅବଗତ ହେଲି । ଦେହ ଯଦି ଭଲ ନ ରହେ, ଏଠାକୁ ତୁମର ଆସିବା ଆଦୌ ଉଚିତ ନୁହେଁ—ଏବଂ ମୁଁ ମଧ୍ୟ କାଲି ମାୟାବତୀ ଯାଉଛି । ସେଠାକୁ ମୋର ଥରେ ଯିବା ନିତାନ୍ତ ଆବଶ୍ୟକ ।

ଆଲସିଙ୍ଗା ଯଦି ଆସେ, ମୋର ପ୍ରତ୍ୟାଗମନ ପର୍ଯ୍ୟନ୍ତ ତାକୁ ଅପେକ୍ଷା କରିବାକୁ ପଡ଼ିବ । କାନାଇ ସମ୍ବନ୍ଧରେ ଏମାନେ କଅଣ କରୁଛନ୍ତି—ତାହା ଜାଣେ ନାହିଁ । ମୁଁ ଆଲମୋଡ଼ାରୁ ଶୀଘ୍ର ଫେରିବି, ତା’ପରେ ମାନ୍ଦ୍ରାଜ ଯିବା ହୋଇପାରେ । ଓ୍ୱାନିୟାମ୍ବାଡି(Vaniyamb-adi)ରୁ ଏକ ପତ୍ର ପାଇଛି—ସେମାନଙ୍କୁ ମୋର ଆଶୀର୍ବାଦ ଓ ପ୍ରୀତି ଜଣାଇ ଏକ ପତ୍ର ଲେଖିବ ଏବଂ ମୁଁ ମାନ୍ଦ୍ରାଜ ଆସିବା ସମୟରେ ଅବଶ୍ୟ ସେହି ସ୍ଥାନ ହୋଇ ଆସିବି, ଏ କଥା ଜଣାଇବ । ସମସ୍ତଙ୍କୁ ମୋର ପ୍ରୀତି ଜଣାଇବ । ତୁମେ ଅତିରିକ୍ତ ପରିଶ୍ରମ କରିବ ନାହିଁ । ଆଉ ସମସ୍ତ ମଙ୍ଗଳ । ଇତି

ବିବେକାନନ୍ଦ

୫୪୩ଇଂ

ମଠ, ବେଲୁଡ଼, ହାଓଡ଼ା
୨୬ ଡିସେମ୍ବର ୧୯୦୦

ପ୍ରିୟ ଜୋ,

ଆଜିକାର ଡାକରେ ତୁମର ଚିଠି ପାଇଲି । ତାହା ସହିତ ମା ଏବଂ ଅଲବାର୍ଟାର

ଚିଠି ମଧ୍ୟ ପାଇଲି । ଆଲବାର୍ଟାର ପଣ୍ଡିତ ବନ୍ଧୁବର ରୁଷଦେଶ ସମ୍ବନ୍ଧରେ ଯାହା କହୁଛନ୍ତି, ତାହା ପ୍ରାୟ ମୋର ଧାରଣାର ଅନୁରୂପ । ତାଙ୍କର ଚିନ୍ତାର ଗୋଟିଏ ସ୍ଥାନରେ କେବଳ ଅସୁବିଧା ଦେଖୁଛି—ସମଗ୍ର ହିନ୍ଦୁଜାତି ପକ୍ଷରେ ଏକକାଳୀନ ରୁଷ ଭାବରେ ଭାବିତ ହେବା ସମ୍ଭବ କି ?

ଆମର ପ୍ରିୟ ବନ୍ଧୁ ମିଃ ସେଭିଅର୍—ମୁଁ ପହଞ୍ଚିବା ପୂର୍ବରୁ ଦେହତ୍ୟାଗ କରିଛନ୍ତି । ତାଙ୍କର ପ୍ରତିଷ୍ଠିତ ଆଶ୍ରମର ପାଖ ଦେଇ ଯେଉଁ ନଦୀଟି ପ୍ରବାହିତ ହେଉଛି, ତାହାରି ତୀରରେ ହିନ୍ଦୁରୀତିରେ ତାଙ୍କର ସତ୍କାର କରାଯାଇଛି । ବ୍ରାହ୍ମଣମାନେ ତାଙ୍କର ପୁଷ୍ପମାଲ୍ୟଶୋଭିତ ଦେହ ବହନ କରିନେଇଥିଲେ ଏବଂ ବ୍ରହ୍ମଚାରୀମାନେ ବେଦଧ୍ୱନି କରିଥିଲେ ।

ଆମର ଆଦର୍ଶ ପାଇଁ ଇତିମଧ୍ୟରେ ଦୁଇଜଣ ଇଂରେଜଙ୍କର* ଆତ୍ମଦାନ ହୋଇଗଲା । ଏହା ଫଳରେ ପ୍ରିୟ ପ୍ରାଚୀନ ଇଂଲଣ୍ଡ ଓ ତାହାର ବୀର ସନ୍ତାନଗଣ ମୋର ଆହୁରି ପ୍ରିୟ ହୋଇଉଠିଛନ୍ତି । ଇଂଲଣ୍ଡର ସର୍ବୋତ୍ତମ ଶୋଣିତଧାରାରେ ଭବିଷ୍ୟତ ଭାରତର ବୃକ୍ଷଗଛଟିକୁ ମହାମାୟା ଯେପରି ବାରିସିଞ୍ଚିତ କରୁଛନ୍ତି—ମହାମାୟାଙ୍କର ଜୟ ହେଉ !

ମିସେସ୍ ସେଭିଅର୍ ଅବିଚଳିତ ଅଛନ୍ତି । ପ୍ୟାରିସ୍‌ର ଠିକଣାରେ ସେ ମୋତେ ଯେଉଁ ଚିଠି ଲେଖିଥିଲେ, ତାହା ଏହି ଡାକରେ ଫେରି ଆସିଲା । ଆଗାମୀ କାଲି ମୁଁ ତାଙ୍କ ସଙ୍ଗରେ ସାକ୍ଷାତ୍ କରିବା ଲାଗି ପାହାଡ଼କୁ ଯିବି । ଭଗବାନ ତାଙ୍କୁ ଆଶୀର୍ବାଦ କରନ୍ତୁ—ଏହି ନିର୍ଭୀକ ପ୍ରାଣୀଙ୍କୁ !

ମୁଁ ନିଜେ ଦୃଢ଼ ଓ ଶାନ୍ତ ଅଛି । ଆଜି ପର୍ଯ୍ୟନ୍ତ ଘଟଣାର ଆବର୍ତ୍ତନ କେବେହେଲେ ମୋତେ ବିଚଳିତ କରିପାରି ନାହିଁ; ଆଜି ମଧ୍ୟ ମହାମାୟା ମୋତେ ଅବସନ୍ନ ହେବାକୁ ଦେବେ ନାହିଁ ।

ଶୀତାଗମ ସଙ୍ଗେ ସଙ୍ଗେ ଏ ସ୍ଥାନ ଭାରି ଆରାମପ୍ରଦ ହୋଇଉଠିଛି । ଅନାଚ୍ଛାଦିତ ତୁଷାରାବରଣରେ ହିମାଳୟ ଆହୁରି ସୁନ୍ଦର ହୋଇଉଠିବ ।

ମିଃ ଜନ୍‌ଷ୍ଟନ୍ ନାମକ ଯେଉଁ ଯୁବକ ଜଣକ ନ୍ୟୁୟର୍କରୁ ଆସିଥିଲା, ସେ ବ୍ରହ୍ମଚର୍ଯ୍ୟ-ବ୍ରତ ଗ୍ରହଣ କରିଛି ଏବଂ ବର୍ତ୍ତମାନ ମାୟାବତୀରେ ଅଛି ।

ଟଙ୍କାଟିକ ସାରଦାନନ୍ଦ ନାମରେ ମଠକୁ ପଠାଇଦେବ, କାରଣ ମୁଁ ପାହାଡ଼କୁ ଚାଲିଯାଉଛି । ସେମାନେ ସେମାନଙ୍କ ସାଧ୍ୟମତେ ଭଲ କାର୍ଯ୍ୟ କରିଛନ୍ତି । ସେଥିପାଇଁ ମୁଁ ଖୁସି ଅଛି ଏବଂ ପୂର୍ବର ସ୍ନାୟବିକ ଦୁର୍ବଳତା ହେତୁ ଯେଉଁ ବିରକ୍ତି ପ୍ରକାଶ କରୁଥିଲି, ସେଥିପାଇଁ ନିଜକୁ ବେକୁବ୍ ମନେକରୁଛି । ସେମାନେ ଚିରଦିନ ସତ୍ ଓ ବିଶ୍ୱାସୀ ଅଛନ୍ତି ଏବଂ ସେମାନଙ୍କର ଶରୀର ମଧ୍ୟ ସୁସ୍ଥ ଅଛି ।

ମିସେସ୍ ବୁଲ୍‌ଙ୍କୁ ଏସକଳ ସମ୍ବାଦ ଲେଖିବ ଏବଂ କହିବ ଯେ, ସେ ବରାବର ଠିକ୍ କହିଛନ୍ତି, ଆଉ ମୋର ଭୁଲ ହୋଇଛି । ସେଥିପାଇଁ ମୁଁ ସହସ୍ର ଥର ତାଙ୍କ ନିକଟରେ କ୍ଷମା ମାଗୁଛି । ତାଙ୍କୁ ଓ —ଙ୍କୁ ମୋର ଅଗାଧ ପ୍ରୀତି ଦେବ ।

---

* ମିଃ ସେଭିଅର୍ ଓ ମିଃ ଗୁଡ୍‌ଉଇନ୍

ଆଗକୁ ପଛକୁ ଗୃହେଁ ଯେତେବେଳେ
ଦେଖେ ସବୁ ଠିକ୍ ରହିଛି ସତ,
ମୋହର ଗଭୀର ଦୁଃଖ ମଝିରେ
ଆତ୍ମାର ଜ୍ୟୋତି ପ୍ରଜ୍ଜ୍ୱଳିତ ।

—ଙ୍କୁ, ମିସେସ୍ —ଙ୍କୁ, ପ୍ରିୟ କୁଲ୍ ବୋଏଙ୍କୁ ମୋର ପ୍ରୀତି ଜଣାଇବ । ପ୍ରିୟ ଜୋ, ତୁମେ ମୋର ପ୍ରଣାମ ଜାଣିବ । ଇତି

ବିବେକାନନ୍ଦ

୫୪୪ଇଂ

ପ୍ରବୁଦ୍ଧ ଭାରତ ଅଫିସ୍, ମାୟାବତୀ, ହିମାଳୟ
୬ ଜାନୁଆରି ୧୯୦୧

ପ୍ରିୟ ଧୀରାମାତା,

ଡାକ୍ତର ବସୁ ଆପଣଙ୍କ ମାରଫତ୍‌ରେ ଯେଉଁ 'ନାସଦୀୟ ସୂକ୍ତ' ପଠାଇଥିଲେ, ମୁଁ ଏକ୍ଷଣି ତାହାର ଅନୁବାଦ ପଠାଉଛି । ମୁଁ ଅନୁବାଦଟିକୁ ଯେତେଦୂର ସମ୍ଭବ ଆକ୍ଷରିକ କରିବାକୁ ଚେଷ୍ଟା କରିଛି । ଆଶା କରେ, ଡାକ୍ତର ବସୁ ଇତିମଧ୍ୟରେ ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭ କରିଛନ୍ତି ।

ମିସେସ୍ ସେଭିଅର୍ ଖୁବ୍ ଦୃଢ଼ମନା ମହିଳା ଏବଂ ସେ ଖୁବ୍ ଶାନ୍ତଭାବରେ ଓ ସବଳ ଚିତ୍ତରେ ତାଙ୍କର ଶୋକକୁ ସହ୍ୟ କରିନେଇଛନ୍ତି । ସେ ଏପ୍ରିଲ୍ ମାସରେ ଇଂଲଣ୍ଡ ଯାଉଛନ୍ତି ଏବଂ ମୁଁ ମଧ୍ୟ ତାଙ୍କ ସଙ୍ଗରେ ଯାଉଛି ।···

ଏ ସ୍ଥାନଟି ଅତ୍ୟନ୍ତ ସୁନ୍ଦର ଏବଂ ସେମାନେ (ଆଶ୍ରମବାସୀମାନେ) ଏହାକୁ ଖୁବ୍ ମନୋରମ କରି ତୋଳିଛନ୍ତି ।··· କେତେ ଏକର-ପରିମିତ ବିଶାଳ ସ୍ଥାନଟିକୁ ଅତି ଯତ୍ନରେ ରଖାହୋଇଛି । ଆଶା କରେ ମିସେସ୍ ସେଭିଅର୍ ଭବିଷ୍ୟତରେ ଏହାକୁ ରକ୍ଷା କରିପାରିବେ । ଅବଶ୍ୟ ସେ ମଧ୍ୟ ଏହିଭଳି ଆଶା ପୋଷଣ କରନ୍ତି ।

ଜୋ ନିକଟରୁ ଆସିଥିବା ଶେଷ ଚିଠିରୁ ଜାଣିପାରିଲି ଯେ, ସେ ମାଡାମ୍ କାଲ୍‌ଭେଙ୍କ ···ସଙ୍ଗରେ ଯାଉଛି ।

ଜାଣି ଖୁସୀ ହେଲି, ଭବିଷ୍ୟତରେ କାମରେ ଲଗାଇବା ପାଇଁ ମାର୍ଗଟ୍ ତା'ର ବିଦ୍ୟାକୁ ରଖିଦେଉଛି । ତା'ର ବହିଟି ଏଠାରେ ଖୁବ ସମାଦର ଲାଭ କରିଛି, କିନ୍ତୁ ମନେହୁଏ ପ୍ରକାଶକମାନେ ବିକ୍ରି ପାଇଁ ବିଶେଷ ଚେଷ୍ଟା କରୁ ନାହାନ୍ତି ।

କଲିକତାକୁ ଛୁଇଁବାର ପ୍ରଥମ ଦିନ ହିଁ ମୋର ପୁଣି ଶ୍ୱାସକଷ୍ଟ ଦେଖା ଦେଇଥିଲା । ସେଠାରେ ଦୁଇ ସପ୍ତାହ ଥିଲି, ପ୍ରତି ରାତିରେ ରୋଗର ଆକ୍ରମଣ ହୋଇଥିଲା । ହିମାଳୟରେ ବେଶ ଭଲ ଅଛି । ଏଠାରେ ଖୁବ୍ ବରଫ ପଡ଼ୁଛି, ବାଟରେ ପ୍ରବଳ ତୁଷାର ଝଡ଼ରେ ପଡ଼ିଥିଲି; କିନ୍ତୁ ସେତେ ବେଶୀ ଥଣ୍ଡା ନାହିଁ । ଏଠାକୁ ଆସିବା ବାଟରେ ଦୁଇଦିନ ଥଣ୍ଡା ଲାଗିବାରୁ ଖୁବ୍ ଉପକାର ହୋଇଛି ବୋଲି ମନେହୁଏ ।

ଆଜି ମିସେସ୍ ସେଭିଅର୍‌ଙ୍କ ଜମିଗୁଡ଼ିକୁ ଦେଖି ଦେଖି ବରଫ ଉପର ଦେଇ କେତେ ମାଇଲ ଉଠାଣି ଚଢ଼ିଛୁ । ସେଭିଅର୍ ସବୁ ଜାଗାରେ ସୁନ୍ଦର ରାସ୍ତା ତିଆରି କରିଛନ୍ତି । ପ୍ରଚୁର ବଗିଚା, ପଡ଼ିଆ, ଫୁଲଗଛ ଏବଂ ଘାସ ବଣ ତାଙ୍କର ଦଖଲରେ । ରହିବା କୁଡ଼ିଆ ଘରଗୁଡ଼ିକ କି ସାଧାସିଧା ପରିଚ୍ଛନ୍ନ, ସୁନ୍ଦର, ଏବଂ ସର୍ବୋପରି କାମ ପାଇଁ ଉପଯୁକ୍ତ !

ଆପଣ କ'ଣ ଶୀଘ୍ର ଆମେରିକା ଯାଉଛନ୍ତି ? ଯଦି ନ ଯାଆନ୍ତି, ତେବେ ତିନିମାସ ମଧ୍ୟରେ ଲଣ୍ଡନରେ ଆପଣଙ୍କ ସହିତ ଦେଖା ହେବ, ଆଶା କରେ ।

ଅନୁଗ୍ରହ କରି ମିସ୍ ଓଲକଟ୍‌ଙ୍କୁ ମୋର ଶୁଭେଚ୍ଛା ଜଣାଇବେ । ଏହା ପରେ ଯେତେବେଳେ ମିସ୍ ମୁଲର୍‌ଙ୍କ ସହିତ ଆପଣଙ୍କର ଦେଖା ହେବ, ତାଙ୍କୁ ଓ ଷ୍ଟର୍ଡିଙ୍କୁ ମୋର ଗଭୀର ସ୍ନେହ ଜଣାଇବେ । କଲିକତାରେ ମୋର ମା, ଭଉଣୀ ଓ ଅନ୍ୟାନ୍ୟ ଆତ୍ମୀୟ-ସ୍ୱଜନଙ୍କ ସହିତ ଦେଖାକରିଛି ।

ଏଠାରେ ସମସ୍ତେ ଆପଣଙ୍କୁ ପ୍ରୀତି-ଜ୍ଞାପନ କରୁଛନ୍ତି ।

ଆପଣଙ୍କର ଚିରସ୍ନେହାବଦ୍ଧ ସନ୍ତାନ, ବିବେକାନନ୍ଦ

ପୁଃ – ମାଆ କାଳୀ ଦୁଇଟି ବଳି ଗ୍ରହଣ କରିଛନ୍ତି; ମହତ୍ ଉଦ୍ଦେଶ୍ୟ-ସାଧନରେ ଦୁଇଜଣ ୟୁରୋପୀୟ ଶହୀଦ ଆତ୍ମତ୍ୟାଗ କରିଛନ୍ତି—ବର୍ତ୍ତମାନ କାର୍ଯ୍ୟ ଅତି ସୁନ୍ଦର ଭାବରେ ଆଗେଇ ଚାଲିବ ।

ଆଲବାର୍ଟା ଏବଂ —ଙ୍କୁ ମୋର ପ୍ରୀତି ଜଣାଉଛି ।

ଚାରିଆଡେ ଛ' ଇଞ୍ଚ ବହଳର ବରଫ ପଡ଼ିଛି, ସୂର୍ଯ୍ୟ ଉଜ୍ଜ୍ୱଳ ଓ ମହାମହିମ, ଏବଂ ମଧ୍ୟାହ୍ନରେ ବାହାରେ ବସି ଆମେମାନେ ବହି ପଢ଼ୁଛୁ । ଆମମାନଙ୍କର ଚାରି ପାଖରେ ବରଫ । ବରଫ ଥିବା ସତ୍ତ୍ୱେ ଶୀତକାଳ ଏଠାରେ ବେଶି ମୃଦୁ । ବାୟୁ ଶୁଷ୍କ ଓ ସ୍ନିଗ୍ଧକର ଏବଂ ଜଳ ପ୍ରଶଂସାର ଅତୀତ ।

—ବି.

୫୪୫ଇଂ

ମାୟାବତୀ, ଆଲମୋଡ଼ା
୧୫ ଜାନୁଆରି ୧୯୦୧

ପ୍ରିୟ ଷ୍ଟର୍ଡି,

ସାରଦାନନ୍ଦ ନିକଟରୁ ଖବର ପାଇଲି ଯେ, ଇଂଲଣ୍ଡର କାର୍ଯ୍ୟ ପାଇଁ ଯେଉଁ ୧୫୨୯ ।/୫ ପାଉଣ୍ଡ ହାତରେ ଥିଲା, ତାହା ତୁମେ ମଠକୁ ପଠାଇ ଦେଇଛ । ଏହା ଭଲ କାର୍ଯ୍ୟରେ ଲାଗିବ ନିଶ୍ଚୟ ।

ପ୍ରାୟ ତିନିମାସ ପୂର୍ବେ କାପ୍‌ଟେନ୍ ସେଭିଅର୍ ଦେହତ୍ୟାଗ କରିଛନ୍ତି । ସେମାନେ ଏହି ପର୍ବତୋପରି ଗୋଟିଏ ସୁନ୍ଦର ଆଶ୍ରମ ସ୍ଥାପନ କରିଛନ୍ତି; ଆଉ ମିସେସ୍ ସେଭିଅର୍‌ଙ୍କ ଇଚ୍ଛା ଯେ, ସେ ତାହାର ସଂରକ୍ଷଣ କରିବେ । ମୁଁ ଏଠାକୁ ତାଙ୍କ ସଙ୍ଗରେ ଦେଖା କରିବାକୁ ଆସିଛି ଏବଂ ହୁଏତ ତାଙ୍କ ସଙ୍ଗରେ ଇଂଲଣ୍ଡ ଯାଇପାରେ ।

ମୁଁ ପ୍ୟାରିସ୍‌ରୁ ତୁମକୁ ଖଣ୍ଡିଏ ପତ୍ର ଲେଖିଥିଲି । ତୁମେ ବୋଧହୁଏ ତାହା

ପାଇ ନାହିଁ ।

ମିସେସ୍ ଷ୍ଟର୍ଡଙ୍କ ଦେହତ୍ୟାଗର ଖବର ପାଇ ଅତ୍ୟନ୍ତ ଦୁଃଖିତ ହେଲି । ସେ ସାଧ୍ୱୀ ସ୍ତ୍ରୀ ଓ ସ୍ନେହମୟୀ ମାତା ଥିଲେ; ଏ ଜୀବନରେ ଏପରି ମହିଳା ପ୍ରାୟ ଆଖିରେ ପଡ଼ନ୍ତି ନାହିଁ । ଏ ଜୀବନ ଆଘାତପୂର୍ଣ୍ଣ; କିନ୍ତୁ ସେ ଆଘାତର ବ୍ୟଥା ଯେଉଁ ଭାବରେ ହେଉ ଗ୍ଲଲିଯାଏ— ଏତିକି ଯାହା ଆଶା ।

ପୁଣି ଚିଠିରେ ଖୋଲାଖୋଲି ଭାବରେ ତୁମେ ତୁମର ମନୋଭାବ ପ୍ରକାଶ କରିଛ ବୋଲି ଯେ ମୁଁ ଚିଠି ଲେଖିବା ବନ୍ଦ କରିଛି—ତାହା ନୁହେଁ । ମୁଁ କେବଳ ଲହଡ଼ିଟା ଗ୍ଲଲି ଯିବାର ଅପେକ୍ଷାରେ ଥିଲି, ଏହା ହିଁ ହେଉଛି ମୋର ରୀତି । ପତ୍ର ଲେଖିଲେ ଢେଲକୁ ଭଲ କରିବା ହୋଇଥାଆନ୍ତା ।

ମିସେସ୍ ଜନସନ୍ ଓ ଅନ୍ୟାନ୍ୟ ବନ୍ଧୁଙ୍କ ସଙ୍ଗରେ ଦେଖାହେଲେ ଦୟା କରି ସେମାନଙ୍କୁ ମୋର ଶ୍ରଦ୍ଧା ଓ ପ୍ରୀତି ଜଣାଇବ । ଇତି

ଚିରସତ୍ୟବଦ୍ଧ ତୁମର, ବିବେକାନନ୍ଦ

**୫୪୭ଇ°** (ମିସେସ୍ ଓଲି ବୁଲ୍‌ଙ୍କ ନିକଟକୁ ଲିଖିତ)

ମଠ, ବେଲୁଡ଼୍, ହାଓଡ଼ା, ୨୬ ଜାନୁଆରି ୧୯୦୧

ମା,

ଆପଣଙ୍କର ଉତ୍ସାହପୂର୍ଣ୍ଣ କଥାଗୁଡ଼ିକ ପାଇଁ ଅଶେଷ ଧନ୍ୟବାଦ । ବର୍ତ୍ତମାନ ମୋର ଏ ପ୍ରକାର ଉତ୍ସାହ-ବାକ୍ୟର ଅତ୍ୟନ୍ତ ଆବଶ୍ୟକତା ଥିଲା । ନୂତନ ଶତାବ୍ଦୀ ଆସିଛି, କିନ୍ତୁ ଅନ୍ଧକାର ଯାଇ ନାହିଁ, ବରଂ ସ୍ପଷ୍ଟ ଭାବରେ ତାହା ଘନ ହୋଇ ଉଠୁଛି । ମିସେସ୍ ସେଭିଅର୍‌ଙ୍କୁ ଦେଖିବା ପାଇଁ ମାୟାବତୀ ଯାଇଥିଲି । ପଥରେ ଖେତଡ଼ି ରାଜାଙ୍କର ଆକସ୍ମିକ ମୃତ୍ୟୁର ସମ୍ବାଦ ପାଇଲି । ଯେତେଦୂର ବୁଝାଯାଉଛି, ସେ ନିଜ ବ୍ୟୟରେ ଆଗ୍ରାର କୌଣସି ପୁରାତନ ସ୍ଥାପତ୍ୟ-କୀର୍ତ୍ତିର ସଂସ୍କାର କରୁଥିଲେ, କାର୍ଯ୍ୟ ପରିଦର୍ଶନ କରିବା ପାଇଁ ଗୋଟିଏ ଗମ୍ବୁଜକୁ ଉଠିଥିଲେ, ଗମ୍ବୁଜଟିର ଅଂଶବିଶେଷ ଭାଙ୍ଗି ପଡ଼ିବାରୁ ସଙ୍ଗେ ସଙ୍ଗେ ତାଙ୍କର ମୃତ୍ୟୁ ଘଟିଛି ।

ଜୋ ଏଠାରେ ଅଛନ୍ତି, କିନ୍ତୁ ତାଙ୍କ ସଙ୍ଗରେ ବର୍ତ୍ତମାନ ସୁଦ୍ଧା ଦେଖା ହୋଇ ନାହିଁ ।

ବଙ୍ଗଦେଶରେ, ବିଶେଷତଃ ମଠରେ ଯେଉଁ ମୁହୂର୍ତ୍ତରେ ପଦାର୍ପଣ କରେ, ସେତେବେଳେ ମୋର ଶ୍ୱାସରୋଗର କଷ୍ଟ ଫେରିଆସେ, ଏହି ସ୍ଥାନ ଛାଡ଼ିଲେ ହିଁ ମୁଁ ପୁଣି ସୁସ୍ଥ ।

ଆଗାମୀ ସପ୍ତାହରେ ମୋର ମା'ଙ୍କୁ ନେଇ ତୀର୍ଥାଟନରେ ଯାଉଛି । ତୀର୍ଥଯାତ୍ରା ସମ୍ପୂର୍ଣ୍ଣ କରିବାକୁ କେତୋଟି ମାସ ଲାଗିବ । ତୀର୍ଥଦର୍ଶନ ହେଉଛି ହିନ୍ଦୁ ବିଧବାର ପ୍ରାଣର ଆକାଙ୍‌କ୍ଷା; ସାରା ଜୀବନ ଆତ୍ମୀୟ-ସ୍ୱଜନମାନଙ୍କୁ କେବଳ ଦୁଃଖ ଦେଇଛି । ସେମାନଙ୍କର ଏହି ଗୋଟିଏ ଇଚ୍ଛା ଅନ୍ତତଃ ପୂର୍ଣ୍ଣ କରିବାକୁ ଚେଷ୍ଟା କରୁଛି ।

ମାର୍ଗଟ ସମ୍ବନ୍ଧରେ ସବୁ କିଛି ଖବର ଜାଣି ଖୁବ୍ ଆନନ୍ଦିତ ହେଲି । ସେ ଏ ଦେଶକୁ ଫେରିଆସୁଛି ଜାଣି ସମସ୍ତେ ତାକୁ ସ୍ୱାଗତ ଜଣାଇବାକୁ ଉତ୍ସୁକ ।

ଆଶା କରେ, ଡକ୍ଟର ବସୁ ଇତିମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଛନ୍ତି ।

ମିସେସ୍ ହ୍ୟାମଣ୍ଡଙ୍କ ନିକଟରୁ ମଧ୍ୟ ଖଣ୍ଡିଏ ସୁନ୍ଦର ଚିଠି ପାଇଛି । ସେ ଜଣେ ମହୀୟସୀ ନାରୀ ।

ଯାହା ହେଉ, ମୁଁ ବର୍ତ୍ତମାନ ଅତ୍ୟନ୍ତ ଶାନ୍ତ ଓ ଆତ୍ମସ୍ଥ; ସବୁ କିଛି ମୋତେ ଅନେକ ଭଲ ଦେଖାଯାଉଛି, ଯାହା କେବେହେଲେ ଦେଖିବାର ଆଶା କରି ନାହିଁ ।

ଆପଣଙ୍କର ସ୍ନେହର ଚିରସନ୍ତାନ, ବିବେକାନନ୍ଦ

୫୪୭ (ମିସେସ୍ ଓଲି ବୁଲ୍‌ଙ୍କ ନିକଟକୁ ଲିଖିତ)

ମଠ, ବେଲୁଡ଼, ହାଓଡ଼ା, ୨ ଫେବୃଆରି ୧୯୦୧

ମା,

କିଛିଦିନ ପୂର୍ବେ ଆପଣଙ୍କର ଖଣ୍ଡିଏ ଚିଠି ଓ ତା' ମଧ୍ୟରେ ଖଣ୍ଡିଏ ୧୫୦ ଟଙ୍କାର ଚେକ୍ ପାଇଥିଲି । ଏଇଟା ମୁଁ ଚିରଦେବି, କାରଣ ପୂର୍ବରୁ ତିନୋଟି ଚେକ୍ ମୋର ଜଣେ ଭଗିନୀ (cousin)-କୁ ଦେଇ ଦେଇଛି ।

ଜୋ ଏଠାରେ ଅଛି; ଦୁଇଥର ତା'ର ଦେଖାପାଇଛି; ସେ ଦେଖା-ସାକ୍ଷାତ୍ କରିବାକୁ ନେଇ ବ୍ୟସ୍ତ । ଇଂଲଣ୍ଡ ଯିବା ବାଟରେ ମିସେସ୍ ସେଭିଅର୍‌ଙ୍କର ଶୀଘ୍ର ଏଠାକୁ ଆସିବାର କଥା । ତାଙ୍କ ସଙ୍ଗରେ ଇଂଲଣ୍ଡ ଯିବାର ଆଶା କରିଥିଲି, କିନ୍ତୁ ବର୍ତ୍ତମାନ ଅବସ୍ଥା ଯାହା ହୋଇଛି, ଦେଖିଲେ ମା'ଙ୍କୁ ନେଇ ଦୀର୍ଘ ତୀର୍ଥଯାତ୍ରାରେ ମୋତେ ଯିବାକୁ ହିଁ ପଡ଼ୁଛି ।

ବଙ୍ଗଦେଶରେ ଗୋଡ଼ ଦେଲା ମାତ୍ରେ ମୋର ସ୍ୱାସ୍ଥ୍ୟ ଭାଙ୍ଗିଯାଏ; ଯାହା ହେଉ, ସେଥିପାଇଁ ଆଜିକାଲି ବିଶେଷ ଭାବୁ ନାହିଁ, ମୁଁ ଭଲ ଅଛି, ଆଉ ମୋର ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ଭଲ ।

ମାର୍ଗଟ୍‌ର ସାଫଲ୍ୟର ସମ୍ବାଦ ପାଇ ଆନନ୍ଦିତ; ଜୋ କିନ୍ତୁ କହୁଛନ୍ତି, ଟଙ୍କାପଇସା ଜୁଟୁ ନାହିଁ; ଏଇଠାରେ ତ ଗୋଳମାଳ । କେବଳ ମାତ୍ର ଧାରାବାହିକତା ରକ୍ଷା କରିବାର ମୂଲ୍ୟ ସାମାନ୍ୟ ଏବଂ ଲଣ୍ଡନରୁ କଲିକତା ଅନେକ ଦୂର । 'ମା' ହିଁ ଜାଣନ୍ତି । ମାର୍ଗଟ୍‌ର 'କାଳୀ ଦ ମଦର୍' (Kali the Mother) ବହିର ପ୍ରଶଂସା ସମସ୍ତେ କରୁଛନ୍ତି । କିନ୍ତୁ ହାୟ ! କିଣିବା ପାଇଁ କେହି ଖଣ୍ଡିଏ ବହି ପାଉ ନାହାନ୍ତି; ପୁସ୍ତକ-ବିକ୍ରେତାମାନେ ବିକ୍ରି ବଢ଼ାଇବା ବିଷୟରେ ଏକାନ୍ତ ଉଦାସୀନ ।

ଏହି ନୂତନ ଶତାବ୍ଦୀ ଆପଣମାନଙ୍କର ଆହୁରି ମହତ୍ତର ଭବିଷ୍ୟତ ପାଇଁ ଅପୂର୍ବ ସ୍ୱାସ୍ଥ୍ୟ ଓ ସାମର୍ଥ୍ୟ ଦେଉ—ଆପଣଙ୍କ ସନ୍ତାନ ବିବେକାନନ୍ଦର ଏହା ହିଁ ସତତ ପ୍ରାର୍ଥନା ।

ବିବେକାନନ୍ଦ

୫୪୮ଇଂ

ବେଲୁଡ଼ ମଠ, ହାଓଡ଼ା
୧୪ ଫେବ୍ରୁଆରି ୧୯୦୧

ପ୍ରିୟ ଜୋ,

ବୋୟ୍ସା କଲିକତା ଆସୁଛନ୍ତି ଜାଣି କେତେ ଯେ ଆନନ୍ଦିତ, ତାହା କ'ଣ କହିବି । ତାଙ୍କୁ ଅବିଳମ୍ବେ ମଠକୁ ପଠାଇଦେବ । ମୁଁ ଏହିଠାରେ ରହିବି । ସମ୍ଭବ ହେଲେ ତାଙ୍କୁ ଏଠାରେ କିଛି ଦିନ ରଖିବି, ତା'ପରେ ନେପାଳ ଯିବା ନିମିତ୍ତ ଛାଡ଼ିଦେବି ।

ତୁମର ଇତ୍ୟାଦି, ବିବେକାନନ୍ଦ

୫୪୯ଇଂ

ମଠ, ବେଲୁଡ଼, ହାଓଡ଼ା
୧୭ ଫେବ୍ରୁଅରି ୧୯୦୧

ପ୍ରିୟ ଜୋ,

ତୁମର ସୁନ୍ଦର ଓ ସୁଦୀର୍ଘ ଚିଠି ଖଣ୍ଡିକ ଏହିକ୍ଷଣି ପାଇଲି । ମିସ୍ କର୍ଣ୍ଣେଲିଆ ସୋରାବ୍‌ଜୀଙ୍କ ସହିତ ତୁମର ଦେଖା ହୋଇଥିଲା ଏବଂ ତୁମେ ତାଙ୍କୁ ପସନ୍ଦ କର ଜାଣି ମୁଁ ଖୁବ୍ ଆନନ୍ଦିତ । ତାଙ୍କ ବାପାଙ୍କ ସଙ୍ଗରେ ମୋର ପୁନାରେ ପରିଚୟ ହୋଇଥିଲା; ତାହା ଛଡ଼ା ତାଙ୍କର ଗୋଟିଏ ଜ୍ୟେଷ୍ଠ ଭଉଣୀ ଆମେରିକାରେ ଥିଲେ, ତାହାଙ୍କୁ ମଧ୍ୟ ମୁଁ ଜାଣିଥିଲି । ଲିମଡିର ଠାକୁରସାହେବଙ୍କ ସଙ୍ଗରେ ଯେଉଁ ସନ୍ନ୍ୟାସୀ ପୁନାରେ ବାସ କରୁଥିଲେ, ତାଙ୍କ କଥା ସ୍ମରଣ କରାଇଦେଲେ ହୁଏତ କର୍ଣ୍ଣେଲିଆର ମା ମଧ୍ୟ ମୋତେ ଚିହ୍ନିବେ ।

ଆଶା କରେ, ତୁମେ ବରୋଦା ଯାଇ ମହାରାଣୀଙ୍କ ସଙ୍ଗରେ ଦେଖା କରିବ ।

ମୁଁ ପୂର୍ବାପେକ୍ଷା ଅନେକ ଭଲ ଅଛି ଏବଂ କିଛିକାଳ ଏହି ଭାବରେ ରହିବି ବୋଲି ବିଶ୍ୱାସ । ମୁଁ ବର୍ତ୍ତମାନ ମିସେସ ସେଭିଅର୍‌ଙ୍କ ନିକଟରୁ ମଧ୍ୟ ଖଣ୍ଡିଏ ଚମତ୍କାର ଚିଠି ପାଇଛି; ସେ ସେଥିରେ ତୁମ ସମ୍ବନ୍ଧରେ କେତେସବୁ ଭଲ କଥା ଯେ ଲେଖିଛନ୍ତି, ତାହା କ'ଣ କହିବି !

ମିଃ ଟାଟାଙ୍କ ସଙ୍ଗରେ ତୁମର ଦେଖା ହୋଇଥିଲା ଓ ତାଙ୍କୁ ଖୁବ ଦୃଢ଼ଚେତା ଓ ସଜ୍ଜନ ବୋଲି ତୁମର ମନେହୋଇଛି ଜାଣି ବିଶେଷ ଖୁସି ହୋଇଛି ।

ବମ୍ବେ ଯିବାଭଳି ଶକ୍ତି ଯଦି ପାଏ, ତେବେ ସେଠାକୁ ଯିବାର ଆମନ୍ତ୍ରଣ ମୁଁ ଅବଶ୍ୟ ଗ୍ରହଣ କରିବି ।

ତୁମେ ଯେଉଁ ଜାହାଜରେ କଲମ୍ବୋ ଯିବ, ତାହାର ନାମ ଅବଶ୍ୟ 'ତାର' କରି ଜଣାଇବ । ମୋର ଆନ୍ତରିକ ପ୍ରୀତି ଜାଣିବ । ଇତି

ତୁମର ସ୍ନେହଶୀଳ ବିବେକାନନ୍ଦ

୫୫୦ଇଂ (ମିସେସ୍ ଓଲି ବୁଲ୍‌ଙ୍କ ନିକଟକୁ ଲିଖିତ)

ଢାକା, ୨୯ ମାର୍ଚ୍ଚ ୧୯୦୧

ମା,

ଢାକାରୁ ଲେଖିଥିବା ମୋର ଅନ୍ୟ ଚିଠିଖଣ୍ଡିକ ନେହା ମଧ୍ୟରେ ନିଶ୍ଚୟ ପାଇଛନ୍ତି ।

ସାରଦାନନ୍ଦ କଲିକତାରେ ଭୀଷଣ ଜ୍ୱରରେ ପଡ଼ିଥିଲେ । କଲିକତା ଏବର୍ଷ ପ୍ରକୃତରେ ନରକରେ ପରିଣତ ହୋଇଛି । ସାରଦାନନ୍ଦ ଆରୋଗ୍ୟଲାଭ କରିଛି ଏବଂ ବର୍ତ୍ତମାନ ମଠରେ ଅଛି । ଈଶ୍ୱରଙ୍କୁ ଧନ୍ୟବାଦ, ମଠ ବଙ୍ଗଦେଶର ଅନ୍ୟତମ ଶ୍ରେଷ୍ଠ ସ୍ୱାସ୍ଥ୍ୟକର ସ୍ଥାନ ।

ଜାଣି ନାହିଁ, ଆପଣଙ୍କ ସଙ୍ଗରେ ମୋର ମା'ଙ୍କର କ'ଣ କଥାବାର୍ତ୍ତା ହୋଇଥିଲା; ମୁଁ ତ ଉପସ୍ଥିତ ନ ଥିଲି । ମନେହୁଏ, ସେ ମାର୍ଗଟ୍‌ଙ୍କୁ ଦେଖିବା ପାଇଁ ବିଶେଷ ଔତ୍ସୁକ୍ୟ ଦେଖାଇଛନ୍ତି । ବୋଧହୁଏ—ଆଉ କିଛି ନୁହେଁ ।

ମାର୍ଗଟ୍‌ଙ୍କୁ ପରାମର୍ଶ ଦେଇଛି, ସେ ଯେପରି ଇଂଲଣ୍ଡରେ ତା'ର ପରିକଳ୍ପନାଗୁଡ଼ିକୁ ପକ୍‌କା କରିନିଏ ଏବଂ ଫେରିଆସିବା ପୂର୍ବରୁ ସେଗୁଡ଼ିକର କାର୍ଯ୍ୟକାରିତା ଭଲଭାବରେ ପରୀକ୍ଷା କରି ଆସେ । ସ୍ଥାୟୀ ଉତ୍ତମ କାର୍ଯ୍ୟ କରିବାକୁ ହେଲେ ସମୟ ଲାଗେ ।

ସାରଦାନନ୍ଦ ଉପଯୁକ୍ତ ବଳ ପାଇଲେ ଦାର୍ଜିଲିଂରେ ମିସେସ୍ ବାନର୍ଜିଙ୍କ ନିକଟକୁ ଯାଇପାରେ । ମିସେସ୍ ବାନର୍ଜି କେତେଦିନ ପାଇଁ କଲିକତାରେ ଅଛନ୍ତି ।

ଜାପାନରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜୋ'ର କୌଣସି ଖବର ପାଇ ନାହିଁ । ମିସେସ୍ ସେଭିଅର୍‌ଙ୍କର ଶୀଘ୍ର ଜାହାଜରେ ଚଢ଼ିବାର କଥା । ବ୍ରହ୍ମପୁତ୍ରରେ ପବିତ୍ର ସ୍ନାନ-ଯୋଗରେ ମୋର ମା ଓ ତାଙ୍କର ସଙ୍ଗିନୀମାନେ ପାଞ୍ଚଦିନ ଆଗରୁ ଢାକା ଆସିଛନ୍ତି । ଯେତେବେଳେ କେତୋଟି ଗ୍ରହର ବିଶେଷ ସଂଯୋଗ ଘଟେ, ଯାହା ଖୁବ୍ ଦୁର୍ଲ୍ଲଭ, ସେତେବେଳେ ନଦୀତୀରରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବିପୁଳ ଜନସମାଗମ ହୁଏ । ଏ ବର୍ଷ ଏକଲକ୍ଷରୁ ବେଶୀ ଲୋକ ହୋଇଥିଲେ; ମାଇଲ ମାଇଲ ଧରି ନଦୀ ନୌକାରେ ଢାଙ୍କି ହୋଇଥିଲା ।

ଯଦିଓ ନଦୀ ସେଠାରେ ଏକ ମାଇଲ ଚଉଡ଼ା, ତଥାପି ତାହା କର୍ଦ୍ଦମାକ୍ତ । କିନ୍ତୁ (ନଦୀଗର୍ଭ) ଶକ୍ତ ଥିବାରୁ ଆମେମାନେ ସ୍ନାନ ପୂଜା ଇତ୍ୟାଦି କରିପାରିଲୁ ।

ଢାକା ତ ବେଶ୍ ଭଲ ଲାଗୁଚି । ମୋର ମା' ଓ ଅନ୍ୟସବୁ ସ୍ତ୍ରୀଲୋକମାନଙ୍କୁ ନେଇ ମୁଁ ଚନ୍ଦ୍ରନାଥ ଯାଉଛି; ତାହା ପୂର୍ବବଙ୍ଗର ଶେଷପ୍ରାନ୍ତରେ ଗୋଟିଏ ତୀର୍ଥସ୍ଥାନ ।

ମୁଁ ଭଲ ଅଛି । ଆଶା କରେ ଆପଣ, ଆପଣଙ୍କ କନ୍ୟା ଏବଂ ମାର୍ଗଟ୍ ସମସ୍ତେ ଖୁବ୍ ଭଲ ଅଛନ୍ତି ।

ଆପଣଙ୍କର ଚିରସ୍ନେହର ସନ୍ତାନ, ବିବେକାନନ୍ଦ

ପୁଃ—ମୋର ଜଣେ ଭଗିନୀ ଏବଂ ମା ଆପଣଙ୍କୁ ଓ ମାର୍ଗଟ୍‌ଙ୍କୁ ତାଙ୍କର ପ୍ରୀତି ଜଣାଇଛନ୍ତି ।

—ବି.

**୫୫୧ଇଂ** (ସ୍ୱାମୀ ସ୍ୱରୂପାନନ୍ଦଙ୍କୁ ଲିଖିତ)

ମଠ, ବେଲୁଡ଼, ୧୫ ମେ ୧୯୦୧

ପ୍ରିୟ ସ୍ୱରୂପ,

ନୈନିତାଲରୁ ଲିଖିତ ତୁମର ପତ୍ର ବିଶେଷ ଉଦ୍ଦୀପନାପୂର୍ଣ୍ଣ । ମୁଁ ଅଳ୍ପଦିନ ହେଲା ପୂର୍ବବଙ୍ଗ ଓ ଆସାମ ପରିଭ୍ରମଣ କରି ଫେରିଛି । ଅନ୍ୟାନ୍ୟ ଥର ଭଳି ଏଥର ମଧ୍ୟ ମୁଁ ଅତ୍ୟନ୍ତ କ୍ଲାନ୍ତ ଓ ଭାଙ୍ଗିପଡ଼ିଛି ।

ଯଦି ବରୋଦାର ମହାରାଜାଙ୍କ ସହିତ ସାକ୍ଷାତ୍ କଲେ ପ୍ରକୃତରେ କୌଣସି କାର୍ଯ୍ୟ ହେବ, ତେବେ ମୁଁ ଯିବାକୁ ରାଜି ଅଛି; ନଚେତ୍ ଭ୍ରମଣର ଶ୍ରମ ଏବଂ ଖରଚ ମଧ୍ୟରେ ଯିବାକୁ ଚାହେଁ ନାହିଁ । ସୁତରାଂ ମହାରାଜଙ୍କ ସହିତ ଦେଖା କଲେ ଆମମାନଙ୍କ କାର୍ଯ୍ୟର ସାହାଯ୍ୟ ହେବ କି ନାହିଁ, ତଦ୍‌ବିଷୟରେ ତୁମର ଅଭିମତ—ବିଶେଷ ଚିନ୍ତା କରି ଏବଂ ଯଥାଶୀଘ୍ର ନେଇ ମୋତେ ଜଣାଇବ । ମୁଁ ଏହିକ୍ଷଣି ମିସେସ୍ ସେଭିଅର୍‌ଙ୍କ ପାଖରୁ ସୁନ୍ଦର ଖଣ୍ଡିଏ ଚିଠି ପାଇଲି । ଅମରନାଥ ଓ ନୈନିତାଲର ଅପର ସବୁ ବନ୍ଧୁମାନଙ୍କୁ ପ୍ରୀତି ଜଣାଇବ । ତୁମେ ମୋର ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୪୪୨ଇଂ (ମିସ୍ ମେରୀ ହେଲ୍‌ଙ୍କ ନିକଟକୁ ଲିଖିତ)

ମଠ, ବେଲୁଡ଼୍, ହାଓଡ଼ା, ୧୮ ମେ ୧୯୦୧

ପ୍ରିୟ ମେରୀ,

କୌଣସି ବିଖ୍ୟାତ ନାମ ସଙ୍ଗରେ ବନ୍ଧାପଡ଼ିବା ବେଳେବେଳେ ଖୁବ୍ ହଇରାଣର ବିଷୟ ହୁଏ । ମୋ ଚିଠି ଖଣ୍ଡିକର ଅଦୃଷ୍ଟରେ ଠିକ୍ ତାହା ହିଁ ଘଟିଛି । ୨୨ ଜାନୁଆରି ୧୯୦୧ରେ ଚିଠିଖଣ୍ଡିକ ଲେଖିଛି ଏବଂ ଗୋଟିଏ ବିଖ୍ୟାତ ନାମ—ମିସ୍ ମ୍ୟାକ୍‌ଲଉଡ୍‌ଙ୍କ ସଙ୍ଗରେ ମୋର ନାମକୁ ଯୋଡ଼ିଦେଇଛି । ଫଳରେ ଚିଠିଖଣ୍ଡିକ ସାରା ପୃଥିବୀ ତାଙ୍କୁ ଅନୁସରଣ କରି ଘୂରିଛି । ମିସ୍ ମ୍ୟାକ୍‌ଲଉଡ୍ ବର୍ତ୍ତମାନ ଜାପାନରେ—ଗତକାଲି ଜାପାନରୁ ଚିଠିଟି ମୋ ନିକଟରେ ଆସି ପହଞ୍ଚିଛି । ତେବେ ତ ଗ୍ରୀକ୍ ପୁରାଣର ସେହି ସ୍ଫିଙ୍କସ୍ (sphinx) ପ୍ରହେଳିକାର ସମାଧାନ ହେଲା: 'ଗୋଟିଏ ମହତ୍ତ୍ୱ ନାମ ସଙ୍ଗରେ କୌଣସି ଶ୍ରେଷ୍ଠ ନାମକୁ ଯୁକ୍ତ କରିବ ନାହିଁ ।'

ମେରୀ, ତା'ହେଲେ ତୁମେମାନେ ଫ୍ଲୋରେନ୍‌ସ ଓ ଇଟାଲିକୁ ଉପଭୋଗ କରୁଛ । ଜାଣେନା, ବର୍ତ୍ତମାନ ତୁମେମାନେ କେଉଁଠି ? ସୁତରାଂ ସ୍ଥୂଳାଙ୍ଗୀ ବୃଦ୍ଧା 'ଲେଇଡୀ'(laidy), ମନ୍‌ରୋ ଏଣ୍ଡ୍ କୋମ୍ପାନିର ଅନୁଗ୍ରହ ଉପରେ ଏ ଚିଠିଟି ଛାଡ଼ିଦେଉଛି ।

ତା'ହେଲେ ବୃଦ୍ଧା ମହିଳା, ତୁମେ ଫ୍ଲୋରେନ୍‌ସ ଓ ଇଟାଲିର ହୃଦରେ ସ୍ୱପ୍ନାବିଷ୍ଟ ହୋଇ ସମୟ କଟାଉଛ । ଉତ୍ତମ, ଯଦିଓ ତୁମର କବି ଏହାକୁ ଶୂନ୍ୟ ବୋଲି ଆପତ୍ତି ଜଣାଉଛି ।

ହିଁ, ଅନୁରକ୍ତ ଭଗିନି, ମୋ ନିଜର ଖବର କ'ଣ ? ଗତ ଶରତ୍ କାଳରେ ଭାରତକୁ ଫେରିଛି; ସାରା ଶୀତକାଳଟା ରୋଗ ଭୋଗିଛି ଏବଂ ଏହି ଗ୍ରୀଷ୍ମରେ ବଡ଼ ବଡ଼ ନଦୀ ଓ ପାହାଡ଼ ଏବଂ ମ୍ୟାଲେରିଆର ଦେଶ ପୂର୍ବବଙ୍ଗ ଓ ଆସାମ ମଧ୍ୟରେ ଭ୍ରମଣ କରିଛି ଏବଂ ଦୁଇମାସ କଠୋର ପରିଶ୍ରମ ପରେ ପୁଣି ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ବର୍ତ୍ତମାନ ପୁଣି କଲିକତାକୁ ଫେରିଆସିଛି ଏବଂ ଧୀରେ ଧୀରେ ଏହାର ପ୍ରକୋପ କମୁଛି ।

କିଛିମାସ ତଳେ ଖେତଡ଼ିର ରାଜା ଗୋଟିଏ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ।

ତା'ହେଲେ ଦେଖୁଛ, ବର୍ତ୍ତମାନ ମୋର ଚତୁର୍ଦ୍ଦିଗରେ ସବୁ କିଛି ବିଶୃଙ୍ଖଳତାରେ ଭରା ଏବଂ ମୋର ନିଜର ସ୍ୱାସ୍ଥ୍ୟ ମଧ୍ୟ ଅତ୍ୟନ୍ତ ଖରାପ । ତଥାପି ଶୀଘ୍ର ସେଥିରୁ ନିଜକୁ ମୁକ୍ତ କରିପାରିବି ଏବଂ ଦେଖିବି ଏହାପରେ କ'ଣ ଆସିବ ।

ଇଚ୍ଛା ହୁଏ—ୟୁରୋପ ଯାଇ ତୁମ ସଙ୍ଗରେ ବହୁ ସମୟ ଧରି କଥା କହି ପୁଣି ଚଞ୍ଚଳ ଭାରତ ଫେରିଆସନ୍ତି; କାରଣ ମୋଟ ଉପରେ ଆଜିକାଲି ମୁଁ ଏକପ୍ରକାର ପ୍ରଶାନ୍ତ ଅନୁଭବ କରୁଛି ଏବଂ ମୋର ଅସ୍ଥିରତାର ବାରଅଣା ଚାଲିଯାଇଛି ।

ହାରସ୍ମେଟ୍ ଉଲ୍, ଇସାବେଲ୍ ଏବଂ ହାରସ୍ମେଟ୍ ମ୍ୟାକ୍‌କିଣ୍ଡଲିଙ୍କୁ ମୋର ସ୍ନେହ ଏବଂ ମା'ଙ୍କୁ ମୋର ଚିରନ୍ତନ ଶ୍ରଦ୍ଧା ଓ କୃତଜ୍ଞତା । ମା'ଙ୍କୁ କୁହ ଯେ 'ଦୁର୍ବୋଧ ହିନ୍ଦୁ'ର କୃତଜ୍ଞତା ବହୁ ପୁରୁଷ ପର୍ଯ୍ୟନ୍ତ ସଞ୍ଚିତ ରହିବ ।

ସତତ ପ୍ରଭୁସନ୍ନିଧାନେ ତୁମର, ବିବେକାନନ୍ଦ

ପୁଃ—ଯେତେବେଳେ ଭଲ ଲାଗିବ ସେତେବେଳେ ଧାଡ଼ିଏ ଲେଖିବ ।

—ବି.

୫୫୩ଇ*

ମଠ, ୩ ଜୁନ୍ ୧୯୦୧, ଜିଲ୍ଲା ହାଓଡ଼ା
ବଙ୍ଗଳା, ଭାରତ

ପ୍ରିୟ ମିସେସ୍ ହାନ୍ସବରୋ,

ମଠ ପାଇଁ ଲସ୍ ଅଞ୍ଜେଲସ କ୍ଳବ୍‌ର ୬ ପାଉଣ୍ଡ ୩ ଶିଲିଂ ଦାନ ଯଥାସମୟରେ ପହଞ୍ଚିଛି । ସ୍ୱାମୀ ବ୍ରହ୍ମାନନ୍ଦ ଏହାର ପ୍ରାପ୍ତି ସ୍ୱୀକାର କରି ଆପଣଙ୍କୁ ସ୍ୱତନ୍ତ୍ର ପତ୍ର ଦେବେ । କିନ୍ତୁ ଯେହେତୁ ମୁଁ ଘଟଣାକ୍ରମେ ବର୍ତ୍ତମାନ ଏଠାରେ ଉପସ୍ଥିତ ଏବଂ ଆପଣଙ୍କ ସହିତ ଦୀର୍ଘକାଳ କୌଣସି ପ୍ରତ୍ୟକ୍ଷ ଯୋଗାଯୋଗ ନାହିଁ, ଇଚ୍ଛା ହେଉଛି ଆଗପରି ଆପଣଙ୍କ ସାଥିରେ ଟିକିଏ ଗପ କରିବାକୁ—ତାହା ଡାକ ମାଧ୍ୟମରେ ହେଲେ ମଧ୍ୟ । ଆପଣ ଏବଂ ଝିଅ କିପରି ଅଛନ୍ତି—ଏବଂ ହେଦ୍ୟ 'ନସ୍ସୀ' ?—ଆଉ ସବା ଶେଷରେ, ସେହି ପ୍ରାଚୀନତମ (ପିତାମହ ମୀଡ୍ ?)

ମୋର ଲସ୍ ଆଞ୍ଜେଲ୍‌ସର ସବୁ ବନ୍ଧୁମାନେ କିପରି ଅଛନ୍ତି ? ଶୁଣିଲି ବୃଦ୍ଧା ଶ୍ରୀମତୀ ବୋଲର୍ ଆଉ ଜୀବିତ ନାହାନ୍ତି—ସେ ଥିଲେ ଦେବୀ । କୁମାରୀ ଷ୍ଟ୍ରିକ୍‌ନି କେଉଁଠାରେ ? ଏହାପରେ ତା' ସହିତ ଆପଣଙ୍କର ଯେବେ ଦେଖା ହେବ, ମୋର ଅକପଟ ସ୍ନେହ, କୃତଜ୍ଞତା ଏବଂ ଶୁଭକାମନା ଜଣାଇବେ ।

ସାନ୍ ଫ୍ରାନ୍‌ସିସ୍କୋର ବନ୍ଧୁମାନେ କିପରି ଅଛନ୍ତି ? ଆମର ମହୀୟସୀ, ନିଃସ୍ୱାର୍ଥ ଶ୍ରୀମତୀ —[ବେଞ୍ଜାମିନ୍ ଅସ୍‌ପିନଲ୍] କିପରି ଅଛନ୍ତି ? ଆଜିକାଲି ସେ କ'ଣ କରୁଛନ୍ତି ? ତାଙ୍କର 'ହୋମ୍ ଅଫ୍ ଟ୍ରୁଥ୍'ର କାର୍ଯ୍ୟ ପାଇଁ ନୀରବରେ ଫେରି ଯାଇଛନ୍ତି କି ?

ତୁରୀୟାନନ୍ଦ ଉପରେ ଏବଂ ତା' କାର୍ଯ୍ୟରେ ଆପଣ ସନ୍ତୁଷ୍ଟ ତ ? [ଶାନ୍ତି] ଆଶ୍ରମର ଉନ୍ନତି ହେଉଛି ତ ?

ଚିରନ୍ତନ ସ୍ନେହ ଓ ଆଶୀର୍ବାଦ ସହ ଆପଣଙ୍କର ସତତ ପ୍ରଭୁପଦାଶ୍ରିତ,

ବିବେକାନନ୍ଦ

୫୫୪ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ମଠ, ବେଲୁଡ଼, ହାଓଡ଼ା, ୩ ଜୁନ୍ ୧୯୦୧

କଲ୍ୟାଣବରେଷୁ,

ତୁମର ପତ୍ର ପାଇ ହସ ବି ମାଡ଼ିଲା, ସାମାନ୍ୟ ଦୁଃଖ ମଧ୍ୟ ହେଲା । ହସର କାରଣ ଏହି ଯେ, ପେଟଗରମରୁ କଅଣ ସ୍ୱପ୍ନ ଦେଖି ତୁମେ ଗୋଟାଏ ସତ୍ୟ ଠଉରାଇ ନିଜକୁ ଦୁଃଖିତ କରିଛ । ଦୁଃଖର କାରଣ ଏହି ଯେ, ଏଥିରୁ ବୁଝାଯାଉଛି ଯେ, ତୁମର ଦେହ ଭଲ ନାହିଁ— ତୁମର ସ୍ନାୟୁମଣ୍ଡଳୀ ପକ୍ଷରେ ବିଶ୍ରାମର ଏକାନ୍ତ ଆବଶ୍ୟକ ।

ମୁଁ ତୁମକୁ କସ୍ମିନ କାଳେ ଅଭିଶାପ ଦେଇ ନାହିଁ, ଆଜି କାହିଁକି ଦେବି ? ଆଜନ୍ମ ମୋର ସ୍ନେହପ୍ରୀତିର ପରିଚୟ ପାଇ ଆଜି କିପରି ତୁମମାନଙ୍କର ଅବିଶ୍ୱାସ ହେଲା ? ଅବଶ୍ୟ ମୋର ମିଜାଜ୍ ଚିରକାଳ ଖରାପ, ସେଥିରେ ଆଜିକାଲି ରୋଗରେ ପଡ଼ି ମଝେ ମଝେ ଭୟଙ୍କର ହୋଇଯାଏ—କିନ୍ତୁ ନିଶ୍ଚିତ ଜାଣିବ ଯେ, ସେ ସ୍ନେହପ୍ରୀତି ଯିବାର ନୁହେଁ ।

ମୋର ଦେହ ଆଜିକାଲି ପୁଣି ଟିକିଏ ଭଲ ରହୁଛି । ମାନ୍ଦ୍ରାଜରେ ବର୍ଷା ଆରମ୍ଭ ହୋଇଛି କି ? ଦକ୍ଷିଣରେ ଟିକିଏ ବର୍ଷା ଆରମ୍ଭ ହେଲେ ହିଁ ମୁଁ ବୋଧହୁଏ ବମ୍ବେ, ପୁନା ହୋଇ ମାନ୍ଦ୍ରାଜ ଯିବି । ବର୍ଷା ଆରମ୍ଭ ହେଲେ ହିଁ ବୋଧହୁଏ ଦକ୍ଷିଣର ପ୍ରଚଣ୍ଡ ଗରମ ବନ୍ଦ ହୋଇଯିବ ।

ସମସ୍ତଙ୍କୁ ମୋର ବିଶେଷ ପ୍ରୀତି ଦେବ, ତୁମେ ମଧ୍ୟ ଜାଣିବ ।

କାଲି ଶରତ୍ ଦାର୍ଜିଲିଂରୁ ମଠକୁ ଆସିଛି—ପୂର୍ବାପେକ୍ଷା ଅନେକ ସୁସ୍ଥ । ମୁଁ ବଙ୍ଗଦେଶ ଓ ଆସାମ ଭ୍ରମଣ କରି ଏ ସ୍ଥାନରେ ପହଞ୍ଚିଛି । ସବୁ କାମରେ ନରମ-ଗରମ ଅଛି— କେତେବେଳେ ଚଢ଼ିବା କେତେବେଳେ ଓହ୍ଲାଇବା । ପୁଣି ଉଠିବ । ଭୟ କଅଣ ?...

ଯାହା ହେଉ, ମୁଁ କହେ ଯେ ତୁମେ କାର୍ଯ୍ୟକର୍ମ କିଛିଦିନ ପାଇଁ ବନ୍ଦ କରି ଏକଦମ୍ ମଠକୁ ଚାଲିଆସ—ଏଠାରେ ମାସେ ଖଣ୍ଡେ ବିଶ୍ରାମ ପରେ ତୁମେ ମୁଁ ସାଙ୍ଗ ହୋଇ will make a grand tour (ବିରାଟ ଭ୍ରମଣରେ ବାହାରିବା) in Gujrat, Bombay, Poona, Hyderabad, Mysore to Madras (ଗୁଜୁରାଟ, ବମ୍ବେ, ପୁନା, ହାଇଦ୍ରାବାଦ ଓ ମହୀଶୂର ହୋଇ ମାନ୍ଦ୍ରାଜ ପର୍ଯ୍ୟନ୍ତ) । Would not that be grand (ତାହା କଅଣ ଖୁବ୍ ଚମତ୍କାର ହେବ ନାହିଁ) ? ତା' ଯଦି ଏକାନ୍ତ ନ ପାର ମାନ୍ଦ୍ରାଜର ଲେକ୍‌ଚର୍ ବର୍ତ୍ତମାନ ମାସେ ସ୍ଥଗିତ ଥାଉ—ତୁମେ ଅଳ୍ପ ଅଳ୍ପ ଖାଅ, ଆଉ ଖୁବ୍ ଶୁଅ । ମୁଁ ଦୁଇ-ତିନିମାସ ମଧ୍ୟରେ ସେଠାକୁ ଯାଉଛି । ଯାହା ହେଉ, ପତ୍ର ପାଇ ଗୋଟାଏ କିଛି ବିଚାର କରି ଲେଖିବ । ଇତି

ସାଶୀର୍ବାଦଂ, ବିବେକାନନ୍ଦସ୍ୟ

୫୫୫ଇଂ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ମଠ, ବେଲୁଡ଼, ହାଓଡ଼ା

ପ୍ରିୟ ଶଶୀ,

ମୁଁ ମୋର ମା'ଙ୍କ ସହିତ ରାମେଶ୍ୱର ଯାଉଛି—ଏଇ ତ କଥା । ମୁଁ ମାନ୍ଦ୍ରାଜକୁ

ଆଉ୍ରୌ ଯିବ କି ନାହିଁ ଜାଣେ ନାହିଁ । ଏକାନ୍ତ ଯଦି ଯାଏ, ତାହା ସମ୍ପୂର୍ଣ୍ଣ ଗୋପନରେ । ମୋର ଦେହ-ମନ ସମ୍ପୂର୍ଣ୍ଣ ଅବସନ୍ନ; ଜଣେ ଲୋକ ସହିତ ମଧ୍ୟ ଆଳାପାଦି କରିବା ମୋ ପକ୍ଷରେ ଅସମ୍ଭବ ।

ମୁଁ କାହାରି ସାଥୀ ହେଉ ନାହିଁ, କାହାରିକୁ ସଙ୍ଗରେ ନେଇ ଭଲ ଶକ୍ତି, ଅର୍ଥ ବା ଇଚ୍ଛା ମୋର ନାହିଁ—ସେମାନେ ଗୁରୁମହାରାଜଙ୍କ ଭକ୍ତ ହୁଅନ୍ତୁ ବା ନ ହୁଅନ୍ତୁ, ଯାଏ-ଆସେ ନାହିଁ ।...

ତୁମକୁ ପୁଣି କହୁଛି—ମୁଁ ବର୍ତ୍ତମାନ ମରିରହିଛି କହିଲେ ଚଳେ ଏବଂ କାହାରି ସହିତ ସାକ୍ଷାତ୍ କରିବାକୁ ସମ୍ପୂର୍ଣ୍ଣ ଅନିଚ୍ଛୁକ । ଏପରି ବ୍ୟବସ୍ଥା ଯଦି ତୁମେ ନ କରିପାର, ମୁଁ ମାନ୍ଦ୍ରାଜ ଯିବି ନାହିଁ ।

ଦେହକୁ ବଞ୍ଚାଇ ରଖିବା ଲାଗି ମୋତେ ଟିକିଏ ସ୍ୱାର୍ଥପର ହେବାକୁ ପଡ଼ୁଛି । ଯୋଗୀନ୍-ମା ପ୍ରଭୃତି ନିଜ ନିଜର ବ୍ୟବସ୍ଥା କରନ୍ତୁ । ମୋର ସ୍ୱାସ୍ଥ୍ୟର ବର୍ତ୍ତମାନ ଅବସ୍ଥାରେ ମୁଁ କାହାକୁ ସାଙ୍ଗରେ ନେଇପାରିବି ନାହିଁ । ମୋର ପ୍ରୀତି ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୫୫୭ଇ*

ମଠ, ବେଲୁଡ଼, ହାଓଡ଼ା
୧୪ ଜୁନ୍ ୧୯୦୧

ପ୍ରିୟ ଜୋ,

ଜାପାନ—ବିଶେଷତଃ ଜାପାନୀ ଶିଳ୍ପ ତୁମେ ଉପଭୋଗ କରୁଛ, ଏଥିରେ ମୁଁ ଖୁବ୍ ଆନନ୍ଦିତ । ଜାପାନ ନିକଟରୁ ଆମମାନଙ୍କୁ ଯେ ଅନେକ କିଛି ଶିଖିବାକୁ ହେବ, ଏକଥା ତୁମେ ଠିକ୍ କହିଛ । ଜାପାନ ଆମମାନଙ୍କୁ ଯେଉଁ ସାହାଯ୍ୟ କରିବ, ତା' ମଧ୍ୟରେ ରହିବ ସହାନୁଭୂତି ଓ ମର୍ଯ୍ୟାଦା, ଏବଂ ଅନ୍ୟ ଦିଗରେ ପଶ୍ଚିମର ସାହାଯ୍ୟ ସହାନୁଭୂତିଶୂନ୍ୟ ଓ ଗଠନବିରୋଧୀ । ଭାରତ ଓ ଜାପାନ ମଧ୍ୟରେ ଗୋଟିଏ ଯୋଗସୂତ୍ର-ସ୍ଥାପନ ପ୍ରକୃତରେ ଅତ୍ୟନ୍ତ ବାଞ୍ଛନୀୟ ।

ଆସାମରେ ଟିକିଏ ଅକ୍ଷମ ହୋଇପଡ଼ିଥିଲି । ମଠର ବାତାବରଣ ବର୍ତ୍ତମାନ ମୋତେ କେତେକ ପରିମାଣରେ ସତେଜ କରିଦେଇଛି । ଆସାମର ପାର୍ବତ୍ୟ ସ୍ୱାସ୍ଥ୍ୟନିବାସ ଶିଲଂରେ ମୋର ଜ୍ୱର, ଶ୍ୱାସ ଓ ଏଲ୍‌ବୁମେନ୍ ବଢ଼ିଥିଲା ଏବଂ ଦେହ ଦୁଇଗୁଣ ଫୁଲି ଯାଇଥିଲା । ଯାହା ହେଉ, ମଠକୁ ଫେରିବା ସଙ୍ଗେ ସଙ୍ଗେ ହିଁ ରୋଗର ଲକ୍ଷଣଗୁଡ଼ିକ ହ୍ରାସ ପାଇଛି । ଏ ବର୍ଷ ଭୟଙ୍କର ଗରମ ପଡ଼ିଛି; ତେବେ ଟିକିଏ ବର୍ଷା ହୋଇଛି ଏବଂ ଆଶା କରେ ଶୀଘ୍ର ପୂର୍ଣ୍ଣବେଗରେ ମୌସୁମୀ ଆସିଯିବ । ବର୍ତ୍ତମାନ ମୋର କୌଣସି ପରିକଳ୍ପନା ନାହିଁ, କେବଳ ବମ୍ବେ ପ୍ରଦେଶ ମୋତେ ବିଶେଷଭାବରେ ଡାକୁଛି ଏବଂ ସେଠାକୁ ଶୀଘ୍ର ଯିବା କଥା ଭାବୁଛି, ଏତିକି ମାତ୍ର । ପ୍ରାୟ ସପ୍ତାହକ ମଧ୍ୟରେ ଆମମାନଙ୍କର ବମ୍ବେ ଅଞ୍ଚଳରେ ଭ୍ରମଣ ପାଇଁ ଯାତ୍ରା ଆରମ୍ଭ କରିବା କଥା ଚିନ୍ତା କରୁଛି ।

ଲେଡି ବେଟୀ (Lady Betty) ଯେଉଁ ୩୦୦ ଡଲାର୍ ପଠାଇଛୁ ବୋଲି କହୁଛ ତାହା ଏପର୍ଯ୍ୟନ୍ତ ମୋ ପାଖରେ ଆସି ପହଞ୍ଚି ନାହିଁ; ଜେନେରାଲ ପ୍ୟାଟର୍‌ସନ୍ ନିକଟରୁ ତା'ର କୌଣସି ସମ୍ବାଦ ନାହିଁ ।

ସ୍ତ୍ରୀ ଓ ଛୁଆପିଲା ନେଇ ଜାହାଜରେ ଇଉରୋପ ଯାତ୍ରା କରିବା ପରଠାରୁ ବିଚାରୀର ଅବସ୍ଥା ଶୋଚନୀୟ ହୋଇପଡ଼ିଛି; ତା' ସଙ୍ଗରେ ଦେଖା କରିବା ପାଇଁ ମୋତେ କହିଛି; କିନ୍ତୁ ଦୁର୍ଭାଗ୍ୟକ୍ରମେ ମୁଁ ଏତେ ଅସୁସ୍ଥ ହୋଇପଡ଼ିଛି ଏବଂ ସହରକୁ ଯିବା ପାଇଁ ମୋର ଏତେ ଭୟ ଯେ, ବର୍ଷା ଆସିବା ପର୍ଯ୍ୟନ୍ତ ମୋତେ ଅପେକ୍ଷା କରିବାକୁ ହିଁ ପଡ଼ିବ ।

ପ୍ରିୟ ଜୋ, ବର୍ତ୍ତମାନ ଯଦି ମୋତେ ଜାପାନ ଯିବାକୁ ହୁଏ ତେବେ ଏଥର କାମଟା ଚଳେଇବା ପାଇଁ ସାରଦାନନ୍ଦଙ୍କୁ ସଙ୍ଗରେ ନେଇ ଯିବା ଆବଶ୍ୟକ । ତା'ଛଡ଼ା ଲି ହୁଙ୍ଗ୍ ଚାଂ (Li Huang Chang)-ଙ୍କ ନିକଟକୁ ମିଃ ମାକ୍‌ସିମ୍‌ଙ୍କର ଅଙ୍ଗୀକୃତ ପରିଚୟପତ୍ରଟିକ ମୋର ଅବଶ୍ୟ ପାଇବା ଦରକାର । ବାକି ମା' ଜାଣନ୍ତି । ବର୍ତ୍ତମାନ ସୁଦ୍ଧା କିଛି ସ୍ଥିର ନାହିଁ ।

ଭବିଷ୍ୟଦ୍‌ବକ୍ତାଙ୍କୁ ଦେଖିବା ପାଇଁ ତୁମେ ତା'ହେଲେ ଆଲାନ୍‌କୁଇନାନ୍ (Alanquinan) ଯାଇଥିଲ ? ସେ କଅଣ ତାଙ୍କର ଶକ୍ତି ସମ୍ବନ୍ଧରେ ତୁମର ବିଶ୍ୱାସ ଜନ୍ମାଇ ପାରିଥିଲେ ? କ'ଣ କହିଲେ ସେ ? ଏ ବିଷୟରେ ସବିଶେଷ ଜଣାଇବ ।

ନେପାଳ-ପ୍ରବେଶରେ ବାଧା ପାଇ କୁଲ୍ ବୋସ୍ଟା ଲାହୋର ପର୍ଯ୍ୟନ୍ତ ଯାଇଥିଲେ । କାଗଜରେ ଦେଖିଲି, ସେ ଗରମ ସହ୍ୟ କରି ନ ପାରି ଅସୁସ୍ଥ ହୋଇପଡ଼ିଥିଲେ; ତା'ପରେ ଜାହାଜରେ ନିରାପଦ ସମୁଦ୍ରଯାତ୍ରା । ମଠରେ ଦେଖାହେବା ପରଠାରୁ ସେ ମୋ ନିକଟକୁ ଧାଡ଼ିଏ ସୁଦ୍ଧା ଲେଖି ନାହାନ୍ତି । ତୁମେ ମଧ୍ୟ ନରଓୟେଠାରୁ ଜାପାନ ପର୍ଯ୍ୟନ୍ତ ସମଗ୍ର ପଥ ମିସେସ୍ ବୁଲଙ୍କୁ ଟାଣିନେଇଯିବା ପାଇଁ ବନ୍ଦୋବସ୍ତ କର—ହଁ, ମାଦ୍‌ମୋଏଜେଲ୍, ତୁମେ ମଧ୍ୟ ନିଃସନ୍ଦେହରେ ଜଣେ ପକ୍‌କା ଯାଦୁକର । ଜୋ, ଶରୀର ଓ ଆତ୍ମାକୁ ସତେଜ ରଖ; ଆଲାନ୍-କୁଇନାନ୍‌ର ଲୋକଟିର ଅଧିକାଂଶ କଥା ସତ୍ୟରେ ପରିଣତ ହେବ; ଗୌରବ ଓ ସମ୍ମାନ ତୁମ ପାଇଁ ଅପେକ୍ଷା କରୁଛି—ଏବଂ ମୁକ୍ତି । ବିବାହ ମାଧ୍ୟମରେ ପୁରୁଷକୁ ଅବଲମ୍ବନ କରି ଉପରକୁ ଉଠିବା ନାରୀମାନଙ୍କର ସ୍ୱାଭାବିକ ଉଚ୍ଚାକାଙ୍କ୍ଷା, କିନ୍ତୁ ସେଦିନ ଅତୀତ ହୋଇଯାଇଛି । ମୋର ପ୍ରିୟ ନିରାଡ଼ମ୍ବର ଚିରନ୍ତନ ଜୋ, କୌଣସି ପୁରୁଷର ସାହାଯ୍ୟ ବ୍ୟତୀତ ତୁମେ ବଡ଼ ହେବ, ଯେପରି ତୁମେ ବଡ଼ ଅଛ ।

ଜୀବନକୁ ଆମେମାନେ ଯଥେଷ୍ଟ ଦେଖିଛେଁ, ତାହା ନୁହେଁ କି ଜୋ ? ସେଥିପାଇଁ ଜୀବନର କୌଣସି ଅନିତ୍ୟ ବସ୍ତୁକୁ ଆମେ ଆଉ ଗ୍ରାହ୍ୟ କରୁ ନାହିଁ । ମାସ ପରେ ମାସ ମୁଁ ସମସ୍ତ ଭାବପ୍ରବଣତାକୁ ଦୂରେଇ ଦେବାର ଅଭ୍ୟାସ କରୁଛି; ଅତଏବ ଏଇଠାରେ ବିରତ ହେଲି । ବର୍ତ୍ତମାନ ବିଦାୟ । ଆମେମାନେ ଏକ ସଙ୍ଗରେ କାମ କରିବା—ଏହା ମା'ଙ୍କର ଆଦେଶ; ଏଥିରେ ଇତିମଧ୍ୟରେ ବହୁଲୋକଙ୍କର କଲ୍ୟାଣ ହୋଇଛି; ଆହୁରି ଅନେକ ଲୋକଙ୍କର କଲ୍ୟାଣ ସାଧିତ ହେବ; ତାହା ହିଁ ହେଉ । ମତଲବ କରିବା, ଉପରକୁ ଉଠିବା, ସବୁ ବୃଥା;

'ମା' ତାଙ୍କର ନିଜ ପଥ କରିନେବେ;··· ତୁମେ ନିଶ୍ଚିନ୍ତ ରହ ।

ସତତ ପ୍ରୀତି ଓ ଆଶୀର୍ବାଦସହ, ବିବେକାନନ୍ଦ

ପୁଃ—ଏହିକ୍ଷଣି ମିଃ ଓକାକୁରାଙ୍କ ନିକଟରୁ ୩୦୦ ଟଙ୍କାର ଗୋଟିଏ ଚେକ୍ ଓ ଆମନ୍ତ୍ରଣ ଆସିଲା । ଏହା ଖୁବ୍ ଲୋଭନୀୟ, କିନ୍ତୁ ତଥାପି 'ମା' ହିଁ ଜାଣନ୍ତି । —ବି,

୫୫୭ଇଂ

ମଠ, ବେଲୁଡ଼, ହାଓଡ଼ା
୧୮ ଜୁନ୍ ୧୯୦୧

ପ୍ରିୟ ଜୋ,

ତୁମ ଚିଠି ସଙ୍ଗରେ ମିଃ ଓକାକୁରାଙ୍କର ଟଙ୍କାର ରସିଦ୍ ପଠାଇଲି । ତୁମର ସବୁ ପ୍ରକାର ଚଳଖି ପାଇଁ ମୁଁ ପ୍ରସ୍ତୁତ ।

ଯାହା ହେଉ, ମୁଁ ଯିବା ଲାଗି ପ୍ରକୃତରେ ଚେଷ୍ଟା କରୁଛି । କିନ୍ତୁ ଜାଣ ତ—ଯିବାକୁ ମାସେ, ଫେରିବାକୁ ମାସେ, ଆଉ ରହିବାକୁ ହେବ କିଛି ଦିନ ! ତା' ହେଉ, ମୁଁ ଯଥାସାଧ୍ୟ ଚେଷ୍ଟା କରୁଛି; ତେବେ ମୋର ଦୁର୍ବଳ ସ୍ୱାସ୍ଥ୍ୟ ଏବଂ କିଛି ଆଇନ୍‌ଘଟିତ ବିଷୟ ଇତ୍ୟାଦି ପାଇଁ ଟିକିଏ ଡେରି ହୋଇପାରେ । ଇତି

ସତତ ସ୍ନେହଶୀଳ, ବିବେକାନନ୍ଦ

୫୫୮ଇଂ (ଜାପାନର ମିଃ ଓକାକୁରା ଙ୍କୁ ଲିଖିତ)

ମଠ, ବେଲୁଡ଼, ହାଓଡ଼ା ଜିଲ୍ଲା, ବଙ୍ଗଳା
୧୮ ଜୁନ୍ ୧୯୦୧

ଆପଣଙ୍କୁ ବନ୍ଧୁ ବୋଲି ସମ୍ବୋଧନ କରିବାକୁ ଅନୁମତି ଦିଅନ୍ତୁ । କୌଣସି ଅତୀତ ଜନ୍ମରେ ଆମେ ବନ୍ଧୁ ଥିଲେ । ଆପଣଙ୍କର ୩୦୦ ଟଙ୍କାର ଚେକ୍ ଠିକ୍ ସମୟରେ ପାଇଛି; ସେଥିପାଇଁ ଆପଣଙ୍କୁ ବହୁ ଧନ୍ୟବାଦ ।

ମୁଁ ବର୍ତ୍ତମାନ ଠିକ୍ ଜାପାନ ଯିବା ବିଷୟ ଭାବୁଛି । କିନ୍ତୁ କିଛି ନା କିଛି କାର୍ଯ୍ୟ ଏବଂ ଅନିଶ୍ଚିତ ସ୍ୱାସ୍ଥ୍ୟ ଯୋଗୁ ଇଚ୍ଛାନୁଯାୟୀ ଶୀଘ୍ର କିଛି କରିପାରୁ ନାହିଁ ।

ମୋ ପାଇଁ ଜାପାନ ଗୋଟିଏ ସ୍ୱପ୍ନ—ଏତେ ସୁନ୍ଦର ସ୍ୱପ୍ନ ଯେ, ଯାବ୍ ଜୀବନ ତାହା ମୋ ସାଥିରେ ଘୂରିବୁଲୁଛି ।

ଆନ୍ତରିକ ପ୍ରୀତି ଓ ଆଶୀର୍ବାଦ ସହ, ବିବେକାନନ୍ଦ

୫୫୯ଇଂ

ମଠ, ବେଲୁଡ଼, ହାଓଡ଼ା, ୧୯୦୧

ପ୍ରିୟ ଜୋ,

ତୁମ ନିକଟରେ ମୁଁ ଯେଉଁ ବିପୁଳ କୃତଜ୍ଞତା-ଋଣରେ ଋଣୀ, କଳ୍ପନାରେ ମଧ୍ୟ ତାହା ପରିଶୋଧ କରିପାରିବି ନାହିଁ । ତୁମେ ଯେଉଁଠି ଥାଅନା କାହିଁକି ମୋର ମଙ୍ଗଳ କାମନା କରିବାକୁ କେବେହେଲେ ଭୁଲ ନାହିଁ । ଆଉ ତୁମେ ହେଉଛ ଏକମାତ୍ର ବ୍ୟକ୍ତି, ଯେ ଏହିସବୁ ଶୁଭେଚ୍ଛା ଉପରେ ମଧ୍ୟ ମୋର ସବୁ ଭାର ବହନ କର ଏବଂ ମୋର ସବୁ ପ୍ରକାର

ଆବେଗଜନିତ ବିସ୍ଫୋରଣ ସହ୍ୟ କର ।

ତୁମର ଜାପାନୀ ବନ୍ଧୁ ଅତ୍ୟନ୍ତ ସହୃଦୟତା ଦେଖାଇଛନ୍ତି; କିନ୍ତୁ ମୋର ସ୍ୱାସ୍ଥ୍ୟ ଏତେ ଖରାପ ଯେ, ଆଶଙ୍କା ହୁଏ—ମୁଁ ହୁଏତ ଜାପାନ ପାଇଁ ସମୟ କରିପାରିବି ନାହିଁ । ଆଉ କିଛି ନ ହେଉ, କେବଳ ସହୃଦୟ ବନ୍ଧୁ-ବାନ୍ଧବମାନଙ୍କର ଖବର ନେବା ପାଇଁ ନିଜକୁ ଥରେ ବମ୍ବେ ପ୍ରେସିଡେନ୍ସି ମଧ୍ୟଦେଇ ଟାଣି ନେଇଯିବାକୁ ହେବ ।

ତା'ଛଡ଼ା (ଜାପାନ) ଯିବା-ଆସିବାରେ ଦୁଇମାସ କଟିଯିବ, ଆଉ ରହିପାରିବି ମାତ୍ର ମାସେ; ଏହା ତ କାର୍ଯ୍ୟ କରିବା ପକ୍ଷରେ ସେପରି ସୁବିଧାଜନକ ନୁହେଁ—କ'ଣ କହୁଛ ? ସୁତରାଂ ତୁମର ଜାପାନୀ ବନ୍ଧୁ ମୋର ପାଥେୟ ବାବଦ ଯେଉଁ ଟଙ୍କା ପଠାଇଛନ୍ତି, ତାହା ତାଙ୍କୁ ତୁମେ ଦେଇଦିଅ; ତୁମେ ଯେତେବେଳେ ନଭେମ୍ବର ମାସରେ ଭାରତ ଆସିବ, ସେତେବେଳେ ମୁଁ ତାହା ପରିଶୋଧ କରିବି ।

ଆସାମରେ ମୋର ରୋଗ ପୁଣି ଭୀଷଣଭାବରେ ଦେଖାଦେଲା; କ୍ରମେ କ୍ରମେ ଆରୋଗ୍ୟ ଲାଭ କରୁଛି । ବମ୍ବେର ଲୋକମାନେ ମୋ ପାଇଁ ଅପେକ୍ଷା କରି କରି ହଇରାଣ ହୋଇଯାଇଛନ୍ତି; ଏଥର ସେମାନଙ୍କୁ ଦେଖିବାକୁ ଯିବି ।

ଏସବୁ ସତ୍ତ୍ୱେ ଯଦି ତୁମେ ଚାହଁ ଯେ ମୋର ଯିବା ଉଚିତ୍, ତେବେ ତୁମର ପତ୍ର ପାଇଲେ ମୁଁ ଯାତ୍ରା କରିବି ।

ମିସେସ୍ ଲେଗେଟ୍ ଲଣ୍ଡନରୁ ଏକ ପତ୍ର ଲେଖି ଜାଣିବାକୁ ଚାହିଁଛନ୍ତି ଯେ, ତାଙ୍କର ପ୍ରେରିତ ୩୦୦ ପାଉଣ୍ଡ ମୁଁ ପାଇଛି କି ନାହିଁ । ଏ ଟଙ୍କା ଆସିଛି ଏବଂ ପୂର୍ବ ନିର୍ଦ୍ଦେଶାନୁଯାୟୀ ମୁଁ ସପ୍ତାହକ ପୂର୍ବରୁ କିମ୍ବା ତା' ପୂର୍ବରୁ 'ମନରୋ ଏଣ୍ଡ୍ କୋ, ପ୍ୟାରିସ୍'—ଏହି ଠିକଣାରେ ତାଙ୍କୁ ଜଣାଇ ଦେଇଛି ।

ତାଙ୍କର ଯେଉଁ ଶେଷ ଚିଠିଖଣ୍ଡିକ ଆସିଛି, ତା'ର ଲଫାପାଟା କିଏ ନିର୍ଲଜ୍ଜଭାବରେ ଚିରିଦେଇଛି । ଭାରତର ଡାକ-ବିଭାଗ ମୋର ଚିଠିଗୁଡ଼ିକ ଟିକିଏ ଭଦ୍ରଭାବରେ ଖୋଲିବାକୁ ଚେଷ୍ଟା କରେ ନାହିଁ !

ତୁମର ଚିରସ୍ନେହଶୀଳ, ବିବେକାନନ୍ଦ

**୫୭୦ଇଂ** (ମିସ୍ ମେରି ହେଲ୍‌ଙ୍କ ନିକଟକୁ ଲିଖିତ)

ମଠ, ବେଲୁଡ଼, ହାଓଡ଼ା, ୫ ଜୁଲାଇ ୧୯୦୧

ପ୍ରିୟ ମେରି,

ତୁମର ସୁଦୀର୍ଘ ସୁନ୍ଦର ଚିଠିଖଣ୍ଡିକ ପାଇଁ ଅତ୍ୟନ୍ତ କୃତଜ୍ଞ; ବିଶେଷତଃ ମୋର ମନର ପ୍ରଫୁଲ୍ଲତା ପାଇଁ ବର୍ତ୍ତମାନ ଏ ପ୍ରକାର ଗୋଟିଏ ଚିଠିର ଆବଶ୍ୟକତା ଥିଲା । ମୋର ସ୍ୱାସ୍ଥ୍ୟ ଖୁବ୍ ଖରାପ ହୋଇଯାଇଛି । କିଛିଦିନ ପାଇଁ ଆରୋଗ୍ୟଲାଭ କରୁଛି, ତା'ପରେ ପୁଣି ଅବଶ୍ୟମ୍ଭାବୀ ସ୍ୱାସ୍ଥ୍ୟହାନି । ଯାହା ହେଉ ଏହା ହିଁ ରୋଗଟାର ପ୍ରକୃତି ।

ସମ୍ପ୍ରତି ମୁଁ ପୂର୍ବବଙ୍ଗ ଓ ଆସାମ ପରିଭ୍ରମଣ କରୁଥିଲି । କାଶ୍ମୀର ପରେ ହିଁ ଆସାମ ଭାରତର ସବୁଠାରୁ ସୁନ୍ଦର ଜାଗା, କିନ୍ତୁ ଖୁବ୍ ଅସ୍ୱାସ୍ଥ୍ୟକର । ଦ୍ୱୀପମୟ ବିଶାଳ ବ୍ରହ୍ମପୁତ୍ର ନଦୀ

ପାହାଡ଼ ପର୍ବତ ମଧ୍ୟଦେଇ ଅଙ୍କେଇ ବଙ୍କେଇ ବହିଯାଇଛି, ଏ ଦୃଶ୍ୟ ଦେଖିବାର ଜିନିଷ ।

ତୁମେ ଜାଣ, ଆମର ଏହି ଦେଶକୁ କୁହାଯାଏ ଜଳର ଦେଶ । କିନ୍ତୁ ତା'ର ତାତ୍ପର୍ଯ୍ୟ ପୂର୍ବେ କେବେହେଲେ ଏପରି ଭାବରେ ଉପଲବ୍ଧି କରି ନାହିଁ । ପୂର୍ବବଙ୍ଗର ନଦୀଗୁଡ଼ିକ ଯେପରି ତରଙ୍ଗସଙ୍କୁଳ ସ୍ୱଚ୍ଛ ଜଳର ସମୁଦ୍ର; ନଦୀ ଆଦୌ ନୁହେଁ, ଏବଂ ସେଗୁଡ଼ିକ ଏତେ ଦୀର୍ଘ ଯେ ଷ୍ଟିମର୍—ସପ୍ତାହ ପରେ ସପ୍ତାହ ସେଗୁଡ଼ିକ ମଧ୍ୟରେ ଚାଲୁଥାଏ ।

ମିସ୍ ମ୍ୟାକ୍‌ଲଉଡ଼୍ ବର୍ତ୍ତମାନ ଜାପାନରେ । ଦେଶଟିକୁ ଦେଖି ସେ ଏକାନ୍ତ ମୁଗ୍ଧ । ମୋତେ ଯିବା ପାଇଁ ଲେଖିଛନ୍ତି, କିନ୍ତୁ ଏଭଳି ଦୀର୍ଘ ସମୁଦ୍ରଯାତ୍ରା ମୋର ଦେହ ସହ୍ୟ କରିପାରିବ ନାହିଁ ବୋଲି ବିରତ ହୋଇଛି । ଜାପାନ ମୁଁ ପୂର୍ବରୁ ଦେଖିଛି ।

ତା'ହେଲେ ତୁମେ ଭେନିସ୍‌ରେ ଆନନ୍ଦ ଉପଭୋଗ କରୁଛ । ବୃଦ୍ଧଜଣକ ନିଶ୍ଚୟ ଖୁବ୍ ଆମୋଦପ୍ରିୟ; ତେବେ ବୃଦ୍ଧ ସାଇଲକ୍‌ର ଘର ମଧ୍ୟ ଥିଲା ଭେନିସ୍‌ରେ, ନୁହେଁ କି ?

ସ୍ୟାମ୍ ଏବର୍ଷ ତୁମ ସଙ୍ଗରେ ଅଛି—ସେଥିରେ ମୁଁ ଖୁବ୍ ଆନନ୍ଦିତ । ଉତ୍ତରାଞ୍ଚଳରେ ନିରାନନ୍ଦ ଅଭିଜ୍ଞତା ପରେ ସେ ନିଶ୍ଚୟ ଇଉରୋପର ଭଲ ଜିନିଷଗୁଡ଼ିକ ଉପଭୋଗ କରିବ । ବର୍ତ୍ତମାନ ମୋର କୌଣସି ନୂତନ ଚିତ୍ତାକର୍ଷକ ବନ୍ଧୁ ଜୁଟି ନାହାନ୍ତି, ପୁରୁଣା ଯେଉଁମାନଙ୍କର କଥା ତୁମେ ଜାଣ, ସେମାନେ ପ୍ରାୟ ସମସ୍ତେ ଇହଜଗତରୁ ବିଦାୟ ନେଇଛନ୍ତି, ଏପରିକି ଖେତଡ଼ିର ରାଜା ପର୍ଯ୍ୟନ୍ତ । ସେକେନ୍ଦ୍ରାରେ ଥିବା ସମ୍ରାଟ୍ ଅକବରଙ୍କର ସମାଧିର ଗୋଟିଏ ଉଚ୍ଚ ଚୂଡ଼ାରୁ ପଡ଼ିଯାଇ ସେ ମରିଯାଇଛନ୍ତି । ଆଗ୍ରାର ଏହି ପୁରାତନ ରମଣୀୟ ସ୍ଥାପତ୍ୟ-କୀର୍ତ୍ତିଟି ସେ ନିଜ ବ୍ୟୟରେ ସଂସ୍କାର କରାଉଥିଲେ; କାର୍ଯ୍ୟ ପରିଦର୍ଶନ କରିବାକୁ ଯାଇ ଦିନେ ପାଦ ଖସିଯିବାରୁ କେତେଶହ ଫୁଟ ତଳେ ପଡ଼ିଗଲେ । ପ୍ରାଚୀନ ଧ୍ୱଂସାବଶେଷ ପ୍ରତି ଅତ୍ୟଧିକ ଆଗ୍ରହ ଫଳରେ ଏହି ଭାବରେ ମଝିରେ ମଝିରେ ଆମମାନଙ୍କୁ ଦୁଃଖ ପାଇବାକୁ ହୁଏ । ସାବଧାନ, ମେରୀ, ତୁମେ ଭାରତୀୟ ପ୍ରାଚୀନ ଧ୍ୱଂସାବଶେଷ ସମ୍ବନ୍ଧରେ ଖୁବ୍ ବେଶୀ ଆଗ୍ରହାନ୍ୱିତ ହୁଅ ନାହିଁ ।

ମିଶନର ସିଲ୍‌ମୋହରରେ ଥିବା ସାପଟି ହେଲା ରହସ୍ୟବିଦ୍ୟା (mysticism)-ର ପ୍ରତୀକ; ସୂର୍ଯ୍ୟ ଜ୍ଞାନର; ତରଙ୍ଗାୟିତ ଜଳ କର୍ମର; ପଦ୍ମ ପ୍ରେମର; ସମସ୍ତଙ୍କ ମଝିରେ ହଂସଟି ହେଲା ଆତ୍ମାର ପ୍ରତୀକ ।

ସ୍ୟାମ୍ ଓ ମା'ଙ୍କୁ ପ୍ରୀତି ଜଣାଇବ ।

ପୁଃ—ମୋର ଚିଠି ସଂକ୍ଷିପ୍ତ କରିବାକୁ ହେଲା; ମୁଁ ସର୍ବଦା ହିଁ ଅସୁସ୍ଥ; ଏହି ହେଲା ଦେହ !

ସଦା ପ୍ରୀତିବଦ୍ଧ, ବିବେକାନନ୍ଦ

୫୭୧ଇଂ (ଭଗିନୀ କ୍ରିଷ୍ଟିନ୍‌ଙ୍କୁ ଲିଖିତ)

ମଠ, ବେଲୁଡ଼୍, ହାଓଡ଼ା, ୬ ଜୁଲାଇ ୧୯୦୧

ପ୍ରିୟ କ୍ରିଷ୍ଟିନ୍,

ଥରେ ଥରେ ଗୋଟିଏ ଗୋଟିଏ କାର୍ଯ୍ୟର ଝୁଙ୍କ ସତେ ଯେପରି ମୋତେ ମାଡ଼ିବସେ । ଆଜି ଲେଖିବାର ନିଶା ଘାରିଛି । ତେଣୁ ସର୍ବାଗ୍ରେ ତୁମକୁ ହିଁ କେତୋଟି ଧାଡ଼ି ଲେଖୁଛି ।

ଦୁର୍ନାମ ଅଛି ଯେ, ମୋର ସ୍ନାୟୁ-ପ୍ରଧାନ ଧାତୁ—ମୁଁ ଅଳ୍ପକେ ବ୍ୟାକୁଳ ହୋଇପଡ଼େ । କିନ୍ତୁ ପ୍ରିୟ କ୍ରିଷ୍ଟିନ୍, ଏ ବିଷୟରେ ତୁମେ ତ ମୋ ଅପେକ୍ଷା କିହାତି କମ୍ ବୋଲି ମନେହେଉ ନାହିଁ । ଆମର ଜଣେକ କବି ଲେଖିଛନ୍ତି, 'ହୁଏତ ପର୍ବତ କିଷ୍ଟିଭୂଗ୍ନ ହେବ, ଅଗ୍ନି ମଧ୍ୟ ଶୀତଳ ହେବ, କିନ୍ତୁ ମହତ୍‌ର ହୃଦୟ କେବେ ହେଲେ ମହତ୍ତ୍ୱ ହରାଇବ ନାହିଁ ।' ମୁଁ କ୍ଷୁଦ୍ର, ଅତି କ୍ଷୁଦ୍ର; କିନ୍ତୁ ମୁଁ ଜାଣେ ଯେ, ତୁମେ ମହତ୍, ଆଉ ତୁମର ମହତ୍ତ୍ୱରେ ମୋର ସର୍ବଦା ଆସ୍ଥା ଅଛି । ଅନ୍ୟ ସମସ୍ତଙ୍କ ବିଷୟରେ ଭାବନା ହେଲେ ମଧ୍ୟ ତୁମ ସମ୍ପର୍କରେ ମୋର ଅଣୁମାତ୍ର ଦୁଶ୍ଚିନ୍ତା ନାହିଁ ।

ଜଗଜ୍ଜନନୀଙ୍କ ନିକଟରେ ମୁଁ ତୁମକୁ ସମର୍ପଣ କରିଛି । ସେ ହିଁ ତୁମକୁ ସତତ ରକ୍ଷା କରିବେ ଓ ପଥ ଦେଖାଇବେ । ମୁଁ ଏହା ନିଶ୍ଚିତ ଭାବରେ ଜାଣେ ଯେ, କୌଣସି ଅନିଷ୍ଟ ତୁମକୁ ସ୍ପର୍ଶ କରିପାରିବ ନାହିଁ—କୌଣସି ବାଧାବିଘ୍ନ ମୁହୂର୍ତ୍ତିକ ପାଇଁ ମଧ୍ୟ ତୁମକୁ ନିରୁତ୍ସାହିତ କରିପାରିବ ନାହିଁ । ଇତି

ଭଗବଦାଶ୍ରିତ, ବିବେକାନନ୍ଦ

**୫୭୨ଇଂ** (ମିସ୍ ମେରୀ ହେଲ୍‌ଙ୍କ ନିକଟକୁ ଲିଖିତ)

ମଠ, ବେଲୁଡ଼, ହାଓଡ଼ା, ୨୭ ଅଗଷ୍ଟ ୧୯୦୧

ପ୍ରିୟ ମେରୀ,

ତୁମେ ଯେପରି ଗୃହିଁଥିଲ, ମୋର ଦେହର ଅବସ୍ଥା ଯଦି ସେପରି ଥାଆନ୍ତା—ଅନ୍ତତଃ ତୁମକୁ ଖଣ୍ଡିଏ ବଡ଼ ଚିଠି ଲେଖିବା ଭଲ ! ବସ୍ତୁତଃ ଦିନକୁ ଦିନ ମୋ ଦେହ ଆହୁରି ଖରାପ ଆଡ଼କୁ ଗତି କରୁଛି ଏବଂ ତା' ଛଡ଼ା ମଧ୍ୟ କେତେଗୁଡ଼ିଏ ଜଟିଳ ଓ ବିରକ୍ତିକର ଉପସର୍ଗ ଦେଖା ଦେଇଛି । ସେସବୁକୁ ଲକ୍ଷ୍ୟ କରିବା ମୁଁ ଏକାବେଳକେ ଛାଡ଼ିଦେଇଛି ।

ସୁଇଜର୍‌ଲାଣ୍ଡର ରମଣୀୟ କାଠ-କୁଟୀରରେ ତୁମମାନଙ୍କର ସର୍ବବିଧ ଆନନ୍ଦଲାଭ ହେଉ, ଏହା ହିଁ ମୋର ଶୁଭକାଙ୍କ୍ଷା—ଚମତ୍କାର ସ୍ୱାସ୍ଥ୍ୟ, ଉତ୍ତମ କ୍ଷୁଧା ଏବଂ ସତେଜ ହେବା ପାଇଁ ସୁଇଜର୍‌ଲାଣ୍ଡ୍ 'ବା ଅନ୍ୟାନ୍ୟ ପ୍ରାଚୀନ କୀର୍ତ୍ତିଗୁଡ଼ିକର ଟିକିଏ ଅଧ୍ୟେ ଚର୍ଚ୍ଚା । ତୁମେ ପର୍ବତର ମୁକ୍ତବାୟୁ ସେବନ କରୁଛ ଜାଣି ଖୁବ୍ ଆନନ୍ଦିତ, କିନ୍ତୁ ସ୍ୟାମ୍ ସୁସ୍ଥ ନାହିଁ ଜାଣି ଦୁଃଖିତ । ତେବେ ସେଥିପାଇଁ କୌଣସି ଉଦ୍‌ବେଗର କାରଣ ନାହିଁ, ତା'ର ଦେହର ଗଠନ ଏତେ ସୁନ୍ଦର !···

'ନାରୀର ମନୋଭାବ ଓ ପୁରୁଷର ଭାଗ୍ୟ—ଦେବତାମାନେ ମଧ୍ୟ ଜାଣନ୍ତି ନାହିଁ, ମନୁଷ୍ୟ ବା କି ଛାର ?'* ମୋର ସହଜାତ ପ୍ରକୃତି ଅନେକ ପରିମାଣରେ ନାରୀସୁଲଭ ହୋଇପାରେ, କିନ୍ତୁ ଏହି ମୁହୂର୍ତ୍ତରେ ଯେଉଁଥିପାଇଁ ଚିନ୍ତିତ, ତାହା ହେଉଛି—ତୁମ ମଧ୍ୟରେ କିଛି ପରିମାଣରେ ପୌରୁଷ ସଞ୍ଚାରିତ ହେଉ । ଆହା ମେରୀ ! ତୁମର ମେଧା, ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ସବୁ କେବଳ ଗୋଟିଏ ପ୍ରୟୋଜନୀୟ ଜିନିଷ ଅଭାବରେ ନଷ୍ଟ ହୋଇଯାଉଛି—

* ସ୍ତ୍ରିୟଶ୍ଚରିତ୍ରଂ ପୁରୁଷସ୍ୟ ଭାଗ୍ୟଂ ଦେବା ନ ଜାନନ୍ତି କୁତୋ ମନୁଷ୍ୟାଃ ?

ତାହା ହେଉଛି ବ୍ୟକ୍ତିତ୍ୱର ଦୃଢ଼ତା । ତୁମର ଔଦ୍ଧତ୍ୟ, ଉତ୍ସାହ ଇତ୍ୟାଦି ସବୁ କିଛି ଅର୍ଥହୀନ ଓ କୃତ୍ରିମ; ତୁମେ ଖୁବ୍ ହେଲେ ଗୋଟିଏ ବୋର୍ଡିଂ-ସ୍କୁଲ୍‌ର ଝିଅ—ମେରୁଦଣ୍ଡହୀନ, ମେରୁଦଣ୍ଡବିହୀନ !

ହାୟ ! ସାରା ଜୀବନ ଏହି ଶିଶୁ-ଚଳେଇବାର ପ୍ରଚେଷ୍ଟା ! କଥାଟା ଖୁବ୍ ରୂଢ଼, ଖୁବ୍ ନିର୍ଦ୍ଦୟ, କିନ୍ତୁ ଉପାୟ ନାହିଁ । ମେରି, ତୁମକୁ ଆନ୍ତରିକ ଓ ନିଷ୍କପଟ ଭାବରେ ସ୍ନେହ କରେ; ଭାବପ୍ରବଣ ବାକ୍ୟର ମିଶ୍ରି ଦେଇ ତୁମକୁ ପ୍ରତାରଣା କରିପାରେ ନାହିଁ । ସେସବୁ ମୋତେ ଆଦୌ ଆସେ ନାହିଁ ।

ତା'ପରେ ପୁଣି, ମୁଁ ବର୍ତ୍ତମାନ ମୃତ୍ୟୁପଥର ଯାତ୍ରୀ । ଭଣ୍ଡାମି କରିବାର ସମୟ ମୋର ନାହିଁ । ଜାଗ, ବାଳିକା ! ତୁମ ନିକଟରୁ ବର୍ତ୍ତମାନ ମୁଁ କଠୋର ସମାଲୋଚନାପୂର୍ଣ୍ଣ ଚିଠି ଆଶା କରୁଛି; ସିଧାସଳଖ ଆଘାତ କର, ବେଶ୍ କିଛି ପରିମାଣରେ ମୋତେ ଜାଗ୍ରତ କରିବା ଦରକାର ।

ମ୍ୟାକ୍ ଭି (Mac Veaghs) ପ୍ରଭୃତି ଯେତେବେଳେ ଏଠାରେ ଥିଲେ, ସେତେବେଳେ ମୁଁ ସେମାନଙ୍କର କୌଣସି ଖବର ପାଇ ନ ଥିଲି । ନିବେଦିତା ବା ମିସେସ ବୁଲ୍‌ଙ୍କ ନିକଟରୁ ସିଧାସଳଖ କୌଣସି ସମ୍ବାଦ ପାଇ ନାହିଁ, କିନ୍ତୁ ମିସେସ୍ ସେଭିଅର୍‌ଙ୍କ ପତ୍ର ନିୟମିତ ଭାବରେ ପାଏ । ସେମାନେ ସମସ୍ତେ ବର୍ତ୍ତମାନ ନରଓ୍ୱେରେ ମିସେସ୍ ବୁଲ୍‌ଙ୍କର ଅତିଥି ।

ନିବେଦିତା କେବେ ଭାରତ ଆସିବ, କିମ୍ବା ଆସିବ କି ନାହିଁ, ଜାଣେ ନାହିଁ ।

ଏକ ଅର୍ଥରେ ମୁଁ ବର୍ତ୍ତମାନ ଅବସରପ୍ରାପ୍ତ ବ୍ୟକ୍ତି; 'ଆନ୍ଦୋଳନ' କି ପ୍ରକାର ଚାଲିଛି, ତା'ର ଅନେକ କିଛିର ବିଶେଷ ଖବର ମୁଁ ରଖେ ନାହିଁ; ତେବେ 'ଆନ୍ଦୋଳନ' ଜୋର୍-ସୋର୍‌ରେ ଚାଲିଛି—ଜଣେ ଲୋକ ପକ୍ଷରେ ତାହାର ସବୁକିଛି ଠିକ୍‌ଠିକ୍ ଜାଣିବା ସମ୍ଭବ ନୁହେଁ ।

ଆହାର ଓ ନିଦ୍ରାର ଚେଷ୍ଟା ଛଡ଼ା ବର୍ତ୍ତମାନ ଆଉ କିଛି କରୁ ନାହିଁ, ଅବଶିଷ୍ଟ ସମୟ ଦେହର ଶୁଶ୍ରୂଷା କରି କଟାଉଛି । ପ୍ରିୟ ମେରି, ବିଦାୟ; ଆଶା କରେ ଏ ଜୀବନରେ ଆମେମାନେ ପୁଣି କେଉଁଠି ମିଳିତ ହେବା; ତେବେ ଦେଖା ହେଉ ବା ନ ହେଉ ।

ସତତ ତୁମର ସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

**୫୭୩**ଇଂ (ଶ୍ରୀ ମହେନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କୁ ଲିଖିତ)

ମଠ, ବେଲୁଡ଼, ହାଓଡ଼ା, ୨୯ ଅଗଷ୍ଟ ୧୯୦୧

ସ୍ନେହାଶୀର୍ବାଦଭାଜନେଷୁ,

ମୁଁ କ୍ରମେ ସୁସ୍ଥ ହେଉଛି, ଯଦିଓ ଏବେ ମଧ୍ୟ ଖୁବ୍ ଦୁର୍ବଳ । ସୁଗାର୍ ବା ଏଲ୍‌ବୁମେନ୍ ନାହିଁ ଦେଖି ସମସ୍ତେ ତ ଅବାକ୍ । ବର୍ତ୍ତମାନ ଗଣ୍ଡଗୋଳର ଏକମାତ୍ର କାରଣ ସ୍ନାୟୁ-ଦୌର୍ବଲ୍ୟ । ଯାହା ହେଉ ମୁଁ କ୍ରମେ ଭଲ ହୋଇଉଠୁଛି ।

ମା-ଠାକୁରାଣୀ ଦୟା କରି ଯେଉଁ ପ୍ରସ୍ତାବ ଦେଇଛନ୍ତି, ସେଥିରେ ମୁଁ ବିଶେଷ

କୃତାର୍ଥ ହୋଇଛୁ । କିନ୍ତୁ ମଠର ସମସ୍ତେ କହୁଛନ୍ତି ଯେ, ନୀଳାମ୍ବର ବାବୁଙ୍କ ଘର ଏପରିକି ସାରା ବେଲୁଡ଼ ଗ୍ରାମ ଏ ମାସରେ ଓ ପର ମାସରେ ମ୍ୟାଲେରିଆରେ ପଡ଼େଉଠେ । ତା'ପରେ ଭଡ଼ା ମଧ୍ୟ ଅତ୍ୟଧିକ । ସୁତରାଂ ମା-ଠାକୁରାଣୀ ଯଦି ଆସିବାକୁ ଚାହାଁନ୍ତି, ତେବେ ମୁଁ ତାଙ୍କୁ ଏହି ପରାମର୍ଶ ଦେଉଛି ଯେ, ସେ କଲିକତାରେ ଗୋଟିଏ ଛୋଟ ଘର ଠିକ୍ କରନ୍ତୁ; ମୁଁ ମଧ୍ୟ ସମ୍ଭବତଃ କଲିକତାରେ ଯାଇ ରହିବି; କାରଣ ବର୍ତ୍ତମାନ ଶାରୀରିକ ଦୁର୍ବଳତା ଯୋଗଁକୁ ମ୍ୟାଲେରିଆ ହେବା ଆଦୌ ବାଞ୍ଛନୀୟ ନୁହେଁ । ମୁଁ ଏପର୍ଯ୍ୟନ୍ତ ସାରଦାନନ୍ଦ ଓ ବ୍ରହ୍ମାନନ୍ଦଙ୍କ ମତ ନେଇ ନାହିଁ । ସେମାନେ ଦୁଇଜଣଯାକ କଲିକତାରେ ଅଛନ୍ତି । ଏହି ଦୁଇମାସ କଲିକତାରେ ସ୍ୱାସ୍ଥ୍ୟ ଅପେକ୍ଷାକୃତ ଭଲ ଏବଂ ଖରଚ ମଧ୍ୟ ଅନେକ କମ୍ ।

ଅସଲ କଥା, ପ୍ରଭୁ ତାଙ୍କୁ ଯେପରି ଚଳାଉଛନ୍ତି, ସେ ସେହିପରି ଚଳିବେ । ଆମେ କେବଳ ପ୍ରସ୍ତାବ ଦେଇପାରୁ, ଏବଂ ସେହି ପ୍ରସ୍ତାବ ପୁରାପୁରି ଭୁଲ ମଧ୍ୟ ହୋଇପାରେ । ସେ ଯଦି ରହିବା ଲାଗି ନୀଳାମ୍ବରବାବୁଙ୍କ ଘର ପସନ୍ଦ କରନ୍ତି, ତେବେ ଭଡ଼ା ଇତ୍ୟାଦି ଆଗରୁ ଠିକ୍ କରି ରଖ । ମାଆଙ୍କର ଇଚ୍ଛା ହିଁ ପୂର୍ଣ୍ଣ ହେଉ—ମୁଁ ତ ଏଇଟିକିକ ବୁଝେ ।

ମୋର ଆନ୍ତରିକ ପ୍ରୀତି ଓ ଶୁଭେଚ୍ଛା ଜାଣିବ । ଇତି

ସତତ ପ୍ରଭୁପଦାଶ୍ରିତ, ବିବେକାନନ୍ଦ

୫୭୪ଇଂ (ଶ୍ରୀମହେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟଙ୍କୁ ଲିଖିତ)

ମଠ, ବେଲୁଡ଼, ୭ ସେପ୍ଟେମ୍ବର ୧୯୦୧

ସ୍ନେହାଶୀର୍ବାଦଭାଜନେଷୁ ,

ବ୍ରହ୍ମାନନ୍ଦ ଓ ଅପର ସକଳଙ୍କ ମତାମତ ଜାଣିବା ଆବଶ୍ୟକ ହେବାରୁ ଏବଂ ସେମାନେ ସମସ୍ତେ କଲିକତାରେ ଥିବାରୁ ତୁମର ଶେଷ ପତ୍ରର ଉତ୍ତର ଦେବାକୁ ଡେରି ହୋଇଗଲା ।

ସାରା-ବର୍ଷ ପାଇଁ ଘର ନେବାର ସିଦ୍ଧାନ୍ତଟା ଭାବି-ଚିନ୍ତି କରିବାକୁ ହେବ । ଏକ ଦିଗରେ ଯେପରି ଏ ମାସରେ ବେଲୁଡ଼ରେ ମ୍ୟାଲେରିଆ ହେବାର ଭୟ ଅଛି, ଅପର ଦିଗରେ ସେହିପରି କଲିକତାରେ ପ୍ଲେଗ୍‌ର ଭୟ । ତା' ଛଡ଼ା କେହି ଯଦି ଗାଁ ଭିତରକୁ ଯିବା ସମ୍ବନ୍ଧରେ ସାବଧାନ ଥାଆନ୍ତି, ତେବେ ମ୍ୟାଲେରିଆରୁ ବର୍ତ୍ତିଯାଇ ପାରନ୍ତି, କାରଣ ନଦୀକୂଳରେ ମ୍ୟାଲେରିଆ ମୋଟେ ନାହିଁ । ପ୍ଲେଗ୍ ବର୍ତ୍ତମାନ ସୁଦ୍ଧା ନଦୀକୂଳକୁ ଆସି ନାହିଁ; ଆଉ ପ୍ଲେଗ୍‌ର ଏହି ପ୍ରକୋପ କାଳରେ ଏ ଗାଁରେ ଯେଉଁ କେତୋଟି ଘର ଥିଲା, ସବୁ ମାରୁଆଡ଼ିମାନଙ୍କ ଦ୍ୱାରା ଭର୍ତ୍ତି ହୋଇଯାଇଛି ।

ତା'ଛଡା, ତୁମେ କେତେ ବେଶୀ ପର୍ଯ୍ୟନ୍ତ ଭଡ଼ା ଦେଇପାରିବ ତାହା ଜଣାଇବା ଆବଶ୍ୟକ; ତା'ହେଲେ ଆମେ ତଦନୁଯାୟୀ ଘର ଦେଖିବୁ । ଆଉ ଗୋଟିଏ ପ୍ରସ୍ତାବ ହେଉଛି କଲିକତାରେ ଘରଟିଏ ନେବା । ମୁଁ ନିଜେ ବର୍ତ୍ତମାନ କଲିକତାରେ ବିଦେଶୀ କହିଲେ ଚଳେ, ତେଣୁ ଅନ୍ୟମାନେ ତୁମର ପସନ୍ଦ ଅନୁସାରେ ଘର ଦେଖି ଦେବେ । ଯେତେ ଶୀଘ୍ର ସମ୍ଭବ ତୁମେ ଏହି ଦୁଇଟି ବିଷୟରେ ସିଦ୍ଧାନ୍ତ ନେଇପାରିଲେ ଭଲ ହେବ : (୧) ମା-ଠାକୁରାଣୀ

ବେଲୁଡ଼ରେ ରହିବେ ନା କଲିକତାରେ ? (୨) ଯଦି କଲିକତାରେ ରହନ୍ତି, ତେବେ ଭଡ଼ା କେତେ ଏବଂ କେଉଁ ପଡ଼ାରେ ରହିବା ତାଙ୍କ ପକ୍ଷରେ ଭଲ ? ତୁମର ଉତ୍ତର ପାଇଲେ କାର୍ଯ୍ୟଟି ଶୀଘ୍ର ହୋଇଯିବ ।

ମୋର ଆନ୍ତରିକ ପ୍ରୀତି ଓ ଶୁଭେଚ୍ଛା ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

ପୁଃ—ଆମେ ଏଠାରେ ସମସ୍ତେ ଭଲ ଅଛୁ । ମତ ଏକ ସପ୍ତାହ କଲିକତାରେ ରହି ଫେରିଆସିଛୁ । ଗତ ତିନିଦିନ ଧରି ଏଠାରେ ଦିନରାତି ବର୍ଷା ହେଉଛି । ଆମର ଦୁଇଟି ଗାଈଙ୍କର ବାଛୁରି ହୋଇଛି ।

୫୭୫ଇଂ

ମଠ, ବେଲୁଡ଼, ହାଓଡ଼ା
୭ ସେପ୍ଟେମ୍ବର ୧୯୦୧

କଲ୍ୟାଣୀୟା ନିବେଦିତା,

ଆମେ ସମସ୍ତେ ସାମୟିକ ଆବେଗରେ ଚାଲୁ—ଅନ୍ତତଃ ଏହି କାର୍ଯ୍ୟଟି ବେଳେ ତାହା ସତ୍ୟ । ମୁଁ ସ୍ପ୍ରିଂଟିକୁ (କାର୍ଯ୍ୟର ଝିଙ୍କଟିକୁ, ଚାପି ରଖିବାକୁ ଚାହେଁ; କିନ୍ତୁ ଏପରି କିଛି ଘଟିଯାଏ, ଯାହା ଫଳରେ ସ୍ପ୍ରିଂଟି ଅବିରତ ଶବ୍ଦ କରି ଚାଲେ; ତେଣୁ ତୁମେ ତ ଦେଖିପାରୁଛ—ଏହି ଚିନ୍ତା ଚାଲିଛି, ସ୍ମରଣ ହେଉଛି, ଲେଖା ହେଉଛି, ଗାରି କଟା ହେଉଛି—ଆହୁରି କେତେ କଅଣ !

ବର୍ଷା କଥା କହିବାକୁ ଗଲେ କୁହାଯିବ ଯେ, ତାହା ପୂର୍ଣ୍ଣବେଗରେ ଆସିଯାଇଛି, ଏବଂ ରାତଦିନ ଚାଲିଛି ମୂଷଳଧାରରେ ବର୍ଷଣ, କେବଳ ବର୍ଷଣ—ବର୍ଷଣ ଆଉ ବର୍ଷଣ । ନଦୀସବୁ ଫୁଲି ଉଠି ଦୁଇକୂଳ ଭସାଇ ଚାଲିଛି, ହ୍ରଦ ପୋଖରୀ ସବୁ ଭରପୂର ।

ମଠ-ଭୂମିରେ ଯେଉଁ ବର୍ଷା ଜଳ ଜମେ, ତାହାର ନିଷ୍କାସନ ପାଇଁ ଗୋଟିଏ ଗଭୀର ନାଳ ଖୋଳା ହେଉଛି । ସେହି କାମରେ ଗୁଡ଼ାଏ ଝଟି ମୁଁ ଏହିକ୍ଷଣି ଫେରିଲି । କୌଣସି କୌଣସି ଜାଗାରେ ବୃଷ୍ଟିଜଳ କେତେଫୁଟ ଜମିଯାଏ । ମୋର ସେହି ବିଶାଳକାୟ ସାରସଟି ଏବଂ ହଂସ-ହଂସୀଗୁଡ଼ିକ ଖୁବ୍ ସ୍ଫୂର୍ତ୍ତିରେ ଅଛନ୍ତି । ମୋର ପୋଷା କୃଷ୍ଣସାର(ହରିଣ)ଟି ମଠରୁ ପଳାଇଥିଲା ଏବଂ ତାକୁ ଖୋଜି ବାହାର କରିବା ପାଇଁ ଆମମାନଙ୍କୁ ଦିନାକେତେ ବେଶ୍ ଉଦ୍‌ବେଗରେ କଟାଇବାକୁ ହୋଇଛି । ମୋର ଗୋଟିଏ ହଂସୀ ଦୁର୍ଭାଗ୍ୟକ୍ରମେ କାଲି ମରିଯାଇଛି । ପ୍ରାୟ ଏକ ସପ୍ତାହ ଯାବତ୍ ତାହାର ଶ୍ୱାସକଷ୍ଟ ହେଉଥିଲା । ଆମର ଜଣେ ହାସ୍ୟ-ରସିକ ବୃଦ୍ଧ ସାଧୁ ତେଣୁ କହୁଥିଲେ, 'ଆଜ୍ଞା, ଏ କଳିଯୁଗରେ ଯେତେବେଳେ ବର୍ଷା-ପାଣିରେ ହଂସର ମଧ୍ୟ ସର୍ଦ୍ଦି ହୁଏ, ଆଉ ବେଙ୍ଗ ଛିଙ୍କିବାକୁ ଆରମ୍ଭ କରେ, ସେତେବେଳେ ବଞ୍ଚିରହି ଅଉ ଲାଭ ନାହିଁ ।'

ଗୋଟିଏ ରାଜହଂସୀର ପର ଖସିଯାଉଥିଲା । ଆଉ କିଛି ପ୍ରତିକାର ଜଣା ନ ଥିବାରୁ ଗୋଟାଏ ଟବ୍‌ରେ ଥୋଡ଼ାଏ ପାଣି ସହିତ ଟିକିଏ କାର୍ବଲିକ୍ ଏସିଡ୍ ମିଶାଇ ସେଥିରେ

କେତେ ମିନଟ ପାଇଁ ତାକୁ ଛାଡ଼ି ଦିଆଯାଇଥିଲା—ଉଦ୍ଦେଶ୍ୟ ଥିଲା ଯେ, ହୁଏତ ଏକଦମ୍ ଭଲ ହୋଇଯିବ, ନ ହେଲେ ମରିଯିବ; ତେବେ ହଂସୀଟି ବର୍ତ୍ତମାନ ଭଲ ଅଛି । ଇତି

ତୁମମାନଙ୍କର, ବିବେକାନନ୍ଦ

୫୭୭ଇଂ

ମଠ, ବେଲୁଡ଼, ହାୱଡ଼ା
୮ ଅକ୍ଟୋବର ୧୯୦୧

କଲ୍ୟାଣୀୟା ନିବେଦିତା,

…ଜୀବନର ପ୍ରବାହରେ ମୁଁ ଉତ୍ଥାନ-ପତନର ମଧ୍ୟ ଦେଇ ଚାଲିଛି । ଆଜି ଯେପରି କିଛିଟା ଅବତରଣ-ପଥରେ…।

ତୁମମାନଙ୍କର, ବିବେକାନନ୍ଦ

୫୭୮ଇଂ

ମଠ, ବେଲୁଡ଼, ହାୱଡ଼ା
୮ ନଭେମ୍ବର ୧୯୦୧

ପ୍ରିୟ ଜୋ,

Abatement (କମିଯିବା) କଥାଟିର ବ୍ୟାଖ୍ୟାସମେତ ଯେଉଁ ପତ୍ରଖଣ୍ଡିକ ଯାଇଛି, ତାହା ତୁମେ ଇତମଧ୍ୟରେ ପାଇଛ ନିଶ୍ଚୟ । ମୁଁ ନିଜେ ସେହି ପତ୍ର ଲେଖି ନାହିଁ ଆଉ ଟେଲିଗ୍ରାମ୍ ମଧ୍ୟ ପଠାଇ ନାହିଁ । ମୁଁ ସେତେବେଳେ ଏଭଳି ଅସୁସ୍ଥ ଥିଲି ଯେ, ଦୁଇଟିରୁ ଗୋଟିଏ ମଧ୍ୟ କରିବା ମୋ ପକ୍ଷରେ ସମ୍ଭବ ନ ଥିଲା । ପୂର୍ବବଙ୍ଗ-ଭ୍ରମଣ ପରଠାରୁ ଶଯ୍ୟାଗତ ଅଛି କହିଲେ ଚଳେ । ଦୃଷ୍ଟିଶକ୍ତିର ହ୍ରାସ—ଏହି ଅଧିକା ଉପସର୍ଗଟି ଜୁଟିବାରୁ ବର୍ତ୍ତମାନ ମୁଁ ପୂର୍ବାପେକ୍ଷା ମଧ୍ୟ ଖରାପ । ଏସବୁ ବିଷୟ ମୁଁ ଲେଖି ନ ଥାନ୍ତି, କିନ୍ତୁ କେହି କେହି ଦେଖୁଛି ସବୁ ଠିକ୍‌ଠାକ୍ ଚାହାଁନ୍ତି ।

ଯାହା ହେଉ, ତୁମେ ତୁମର ଜାପାନୀ ବନ୍ଧୁମାନଙ୍କୁ ନେଇ ଆସୁଛ ଜାଣି ମୁଁ ଖୁବ୍ ଆନନ୍ଦିତ ହେଲି । ମୋର କ୍ଷମତାରେ ଯେତିକି ହୋଇପାରିବ, ମୁଁ ସେମାନଙ୍କର ଆଦର ଯତ୍ନ କରିବି । ଖୁବ୍ ସମ୍ଭବ ମୁଁ ସେତେବେଳେ ମାନ୍ଦ୍ରାଜରେ ଥିବି । ମୁଁ ଭାବୁଛି ଯେ, ଆଗାମୀ ସପ୍ତାହରେ କଲିକତା ଛାଡ଼ିବି ଏବଂ କ୍ରମେ ଦକ୍ଷିଣ ଦିଗକୁ ଆଗେଇଯିବି ।

ତୁମର ଜାପାନୀ ବନ୍ଧୁମାନଙ୍କ ସଙ୍ଗରେ ଓଡ଼ିଶାର ମନ୍ଦିରଗୁଡ଼ିକ ଦେଖିବା ସମ୍ଭବ ହେବ କି ନାହିଁ ଜାଣେ ନାହିଁ । ମୁଁ ମ୍ଳେଚ୍ଛମାନଙ୍କ ଖାଦ୍ୟ ଖାଇଛି ବୋଲି ମୋତେ ପଶିବାକୁ ଦେବେ କି ନାହିଁ ଜାଣେ ନାହିଁ । ଲର୍ଡ କର୍ଜନଙ୍କୁ ଭିତରକୁ ଯିବାକୁ ଦେଇ ନାହାନ୍ତି ।

ଯାହା ହେଉ, ମୋ ପକ୍ଷରେ ଯେତିକି କରିବା ସମ୍ଭବ, ତାହା ମୁଁ ତୁମର ବନ୍ଧୁମାନଙ୍କ ପାଇଁ ସର୍ବଦା କରିବାକୁ ପ୍ରସ୍ତୁତ । ମିସ ମୁଲାର୍ କଲିକତାରେ ଅଛନ୍ତି । ଅବଶ୍ୟ ସେ ଆମମାନଙ୍କ ସଙ୍ଗରେ ଦେଖା କରି ନାହାନ୍ତି ।

ସତତ ସ୍ନେହଶୀଳ ତୁମମାନଙ୍କର, ବିବେକାନନ୍ଦ

୫୭୮ଇଂ (ସ୍ୱାମୀ ସ୍ୱରୂପାନନ୍ଦଙ୍କୁ ଲଖିତ)

ଗୋପାଲଲାଲ ଭିଲା, ବନାରସ କ୍ୟାଣ୍ଟନମେଣ୍ଟ
୯ ଫେବୃଆରି ୧୯୦୨

ପ୍ରିୟ ସ୍ୱରୂପ,

ମିସେସ୍ ବୁଲଙ୍କ କଣ୍ଠାସ୍ଥି (collar-bone)ର ଅବସ୍ଥା ଜାଣି ବିଶେଷ କଷ୍ଟ ହେଲା । ଆଶା କରେ, ଖୁଲ-ବୁଲ କରିପାରିବା ଭଳି ଶକ୍ତି ସେ ପାଇବେ । ତାଙ୍କୁ ମୋର ଆନ୍ତରିକ ପ୍ରୀତି ଜଣାଇବ । ସ୍ୱରୁପର ଚିଠି ସମ୍ବନ୍ଧରେ ବକ୍ତବ୍ୟ ଏହି, ତାଙ୍କୁ କହିବ ସେ ଯେପରି 'ବ୍ରହ୍ମସୂତ୍ର' ନିଜେ ନିଜେ ପଢ଼େ । 'ବ୍ରହ୍ମସୂତ୍ରରେ ବୌଦ୍ଧଧର୍ମର ପ୍ରସଙ୍ଗ ଅଛି'—ସ୍ୱରୁପର ଏ-କଥାର ଅର୍ଥ କଅଣ ? ଅବଶ୍ୟ ସେ ବ୍ରହ୍ମସୂତ୍ରର ଭାଷ୍ୟଗୁଡ଼ିକୁ ଲକ୍ଷ୍ୟ କରି ଏକଥା କହୁଛି, ଆଉ ସେ ସେଗୁଡ଼ିକୁ ଲକ୍ଷ୍ୟ କରି କହିବା ହିଁ ଉଚିତ; ଭାଷ୍ୟକାରମାନଙ୍କ ମଧ୍ୟରେ ଶଙ୍କର ତ କେବଳ ଶେଷ ଭାଷ୍ୟକାର । ବୌଦ୍ଧ-ସାହିତ୍ୟରେ ଅବଶ୍ୟ ବେଦାନ୍ତର ଉଲ୍ଲେଖ ଅଛି, ଆଉ ବୌଦ୍ଧଧର୍ମର ମହାଯାନ ଶାଖା ତ ଅଦ୍ୱୈତପନ୍ଥୀ । ବୌଦ୍ଧ ଅମର ସିଂହ ବୁଦ୍ଧଦେବଙ୍କର ଗୋଟିଏ ନାମ 'ଅଦ୍ୱୟବାଦୀ' ବୋଲି ଉଲ୍ଲେଖ କଲେ କାହିଁକି ? ସ୍ୱରୁ ଲେଖିଛି, ଉପନିଷଦରେ 'ବ୍ରହ୍ମ' ଶବ୍ଦର ଉଲ୍ଲେଖ ନାହିଁ ! ! କି ନିର୍ବୋଧତା !

ମୋ ମତରେ ବୌଦ୍ଧଧର୍ମର ଶାଖାଦ୍ୱୟ ମଧ୍ୟରେ ମହାଯାନ ପ୍ରାଚୀନତର । ମାୟାବାଦ ଋକ୍‌ସଂହିତା ଭଳି ପ୍ରାଚୀନ । ଶ୍ୱେତାଶ୍ୱତର ଉପନିଷଦ୍‌ରେ ଯେଉଁ 'ମାୟା' ଶବ୍ଦ ଅଛି, ତାହା 'ପ୍ରକୃତିର' ଭାବରୁ କ୍ରମଶଃ ବିକଶିତ ହୋଇଛି । ମୋ ମତରେ ଏହି ଉପନିଷଦ୍ ଅନ୍ତତଃ ବୌଦ୍ଧଧର୍ମଠାରୁ ପ୍ରାଚୀନତର ।

ସମ୍ପ୍ରତି ମୁଁ ବୌଦ୍ଧଧର୍ମ ସମ୍ବନ୍ଧରେ ଅନେକ ନୂତନ ଆଲୋକ ପାଇଛି; ଆଉ ମୁଁ ଏହା ପ୍ରମାଣ କରିବାକୁ ପ୍ରସ୍ତୁତ ଅଛି ଯେ :

(୧) ନାନା ଆକାରରେ ଶିବ ପୂଜା ବୌଦ୍ଧମାନଙ୍କ ପୂର୍ବରୁ ହିଁ ପ୍ରଚଳିତ ଥିଲା । ବୌଦ୍ଧଗଣ ଶୈବମାନଙ୍କର ସ୍ଥାନ ଦଖଲ କରିବାର ଚେଷ୍ଟା କରିଥିଲେ; କିନ୍ତୁ ସେଥିରେ ଅକୃତକାର୍ଯ୍ୟ ହୋଇ ସେହି ଆବେଷ୍ଟନୀ ମଧ୍ୟରେ ହିଁ ସେମାନଙ୍କର ନୂତନ ନୂତନ ସ୍ଥାନ କରି ନେଇଥିଲେ—ଯେପରି ବୁଦ୍ଧଗୟାରେ ଓ ସାରନାଥରେ ।

(୨) ଅଗ୍ନି ପୁରାଣରେ ଗୟାସୁର ସମ୍ବନ୍ଧରେ ଯେଉଁ ଉଲ୍ଲେଖ ଅଛି ସେଥିରେ (ଯେପରି ଡକ୍ଟର ରାଜେନ୍ଦ୍ରଲାଲ ମିତ୍ରଙ୍କ ମତରେ) ବୁଦ୍ଧଦେବଙ୍କୁ ଆଦୌ ଲକ୍ଷ୍ୟ କରାଯାଇ ନାହିଁ, ଏହା କେବଳ ପୂର୍ବପ୍ରଚଳିତ ଗୋଟିଏ ଉପାଖ୍ୟାନ ମାତ୍ର ।

(୩) ବୁଦ୍ଧ ଯେ ଗୟଶୀର୍ଷ ପର୍ବତରେ ବାସ କରିବାକୁ ଯାଇଥିଲେ, ସେଥିରୁ ସେହି ସ୍ଥାନର ପୂର୍ବାସ୍ତିତ୍ୱ ହିଁ ପ୍ରମାଣିତ ହୁଏ ।

(୪) ପୂର୍ବରୁ ହିଁ ଗୟାରେ ପିତୃପୁରୁଷଙ୍କର ଉପାସନା ପ୍ରଚଳିତ ଥିଲା, ଆଉ ବୌଦ୍ଧ-ମାନେ ହିନ୍ଦୁମାନଙ୍କ ନିକଟରୁ ପଦଚିହ୍ନ-ଉପାସନାର ଅନୁକରଣ କରିଥିଲେ ।

(୫) ବାରାଣସୀ ସମ୍ବନ୍ଧରେ ବକ୍ତବ୍ୟ ଏହି : ଏହା ଶିବୋପାସନାର ଗୋଟିଏ ପ୍ରଧାନ

ସ୍ଥାନ ଥିଲା, ଇତ୍ୟାଦି କଥା ପ୍ରାଚୀନତମ ଲିପି ପ୍ରଭୃତିରୁ ମଧ୍ୟ ପ୍ରମାଣିତ ହୁଏ ।

ମୁଁ ବୁଦ୍ଧଗୟା ଓ ବୌଦ୍ଧ ସାହିତ୍ୟରୁ ଅନେକ ତତ୍ତ୍ୱ ସଂଗ୍ରହ କରିଛି । ମୂର୍ଖଗଣଙ୍କ ମତ ଦ୍ୱାରା ପ୍ରଭାବିତ ନ ହୋଇ ନିଜେ ନିଜେ ପଢ଼ିବାକୁ ଶୁଶୁଲୁ କହି ।

ମୁଁ ଏଠାରେ—ବାରାଣସୀରେ ବେଶ୍ ଭଲ ଅଛି । ଯଦି ଧୀରେ ଧୀରେ ଏହି ଭାବରେ ସ୍ୱାସ୍ଥ୍ୟର ଉନ୍ନତି ହେଉଥାଏ, ତେବେ ବିଶେଷ ଲାଭ ହେବ ।

ବୌଦ୍ଧଧର୍ମ ଓ ଆଧୁନିକ ହିନ୍ଦୁଧର୍ମର ସମ୍ବନ୍ଧ ବିଷୟରେ ମୋ ମତର ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି । ମୁଁ ଏ ବିଷୟରେ ଯେଉଁ ଟିକିଏ-ଅଧେ ଆଲୋକ ପାଇଛି, ତାହା ବିଶେଷ ଭାବରେ ବୁଝାଇବା ପୂର୍ବରୁ ମୋର ଦେହ ଚାଲିଯାଇପାରେ; କିନ୍ତୁ କି ଭାବରେ ଏ ବିଷୟରେ ଅଗ୍ରସର ହେବାକୁ ପଡ଼ିବ; ତାହା ମୁଁ ଦେଖାଇ ଦେଇଯିବି । ତୁମକୁ ଓ ତୁମର ଗୁରୁଭାଇଗଣଙ୍କୁ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ହେବ । ତୁମେ ମୋର ବିଶେଷ ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

**୫୭୯ଇଂ** (ମିସେସ୍ ଓଲି ବୁଲ୍‌ଙ୍କ ନିକଟକୁ ଲିଖିତ)

ଗୋପାଳଲାଲ ଭିଲା, ବନାରସ କ୍ୟାଣ୍ଟନ୍‌ମେଣ୍ଟ
୧୦ ଫେବୃଆରି ୧୯୦୨

ମାତା ଓ କନ୍ୟାଙ୍କୁ ଭାରତରେ ପୁଣି ସ୍ୱାଗତ ଜଣାଉଛି । 'ଜୋ'ର ସୌଜନ୍ୟରୁ ମାନ୍ଦ୍ରାଜରୁ ଖଣ୍ଡିଏ ସମ୍ବାଦପତ୍ର ପାଇ ମୁଁ ବିଶେଷ ଆନନ୍ଦିତ ହୋଇଛି; ନିବେଦିତା ମାନ୍ଦ୍ରାଜରେ ଯେଉଁ ଅଭ୍ୟର୍ଥନା ପାଇଛି, ତାହା ନିବେଦିତା ଓ ମାନ୍ଦ୍ରାଜ ଉଭୟଙ୍କ ପକ୍ଷରେ କଲ୍ୟାଣକର । ତା'ର ଭାଷଣ ଯଥାର୍ଥରେ ସୁନ୍ଦର ହୋଇଥିଲା ।

ସୁଦୀର୍ଘ ଭ୍ରମଣ ଶେଷ କରି—ଆଶା କରେ, ଆପଣ ବର୍ତ୍ତମାନ ଭଲଭାବରେ ବିଶ୍ରାମ ନେଉଛନ୍ତି ଏବଂ ନିବେଦିତା ମଧ୍ୟ ବିଶ୍ରାମ ନେଉଛି । ମୋର ଏକାନ୍ତ ଇଚ୍ଛା ଯେ, ଆପଣମାନେ କେତେଘଣ୍ଟା ପାଇଁ କଲିକତାର ପଶ୍ଚିମରେ ଥିବା କେତୋଟି ଗ୍ରାମକୁ ଯାଇ କାଠ, ବାଉଁଶ, ବେତ, ଅଭ୍ର ଓ ନଡ଼ାରେ ତିଆରି ପୁରାତନ ବଙ୍ଗଦେଶର ଚାଳଘର ଦେଖି ଆସନ୍ତୁ । ଏହି ବଙ୍ଗଳାଗୁଡ଼ିକ ଅପୂର୍ବ ଶିଳ୍ପନୈପୁଣ୍ୟର ନିଦର୍ଶନ । ହାୟ ! ଆଜିକାଲି ଘୁଷୁରି ଖୁଆଡ଼ ଭଳି ଘରଗୁଡ଼ିକୁ 'ବଙ୍ଗଳା' ନାମ ଦିଆଯାଏ ।

ପ୍ରାଚୀନ କାଳରେ କୌଣସି ବ୍ୟକ୍ତି ଯେତେବେଳେ ପ୍ରାସାଦ ନିର୍ମାଣ କରୁଥିଲେ, ତା' ସହିତ ଅତିଥି-ଆପ୍ୟାୟନ ପାଇଁ ଗୋଟିଏ ବଙ୍ଗଳା ମଧ୍ୟ ତିଆରି କରୁଥିଲେ । ସେହି ଶିଳ୍ପ ଲୋପ ପାଇଯାଉଛି । ନିବେଦିତାର ସମଗ୍ର ବିଦ୍ୟାଳୟଟି ଯଦି ସେହି ଢାଞ୍ଚାରେ ତିଆରି କରିଦେଇ-ପାରିଥାନ୍ତି । ତେବେ ବର୍ତ୍ତମାନ ମଧ୍ୟ ଯେଉଁ କେତୋଟି ବାକି ଅଛି, ତାହା ଦେଖି ରଖିବା ଭଲ, ଅନ୍ତତଃ ଗୋଟିଏ । ବ୍ରହ୍ମାନନ୍ଦ ତାହାର ବ୍ୟବସ୍ଥାଦି କରିବେ; ଆପଣମାନଙ୍କର କାର୍ଯ୍ୟ କେବଳ କେତୋଟି ଘଣ୍ଟାର ଭ୍ରମଣ ।

ଗୋଟିଏ ଫ୍ଲେଟ ଭ୍ରମଣରେ ମିଃ ଓକାକୁରା ବାହାରି ପଡ଼ିଛନ୍ତି—ଆଗ୍ରା, ଗୋୟାଲିୟର୍,

ଅଜନ୍ତା, ଏଲୋରା, ଚତୋର, ଉଦୟପୁର, ଜୟପୁର ଏବଂ ଦିଲ୍ଲୀ ଦେଖିବାର ଅଭିପ୍ରାୟ ନେଇ ବାରାଣସୀର ଜଣେ ସୁଶିକ୍ଷିତ ଧନୀ ଯୁବକ—ଯାହାଙ୍କ ପିତାଙ୍କ ସଙ୍ଗରେ ମୋର ଅନେକ ଦିନର ବନ୍ଧୁତ୍ୱ ଥିଲା—ଗତକାଲି ଏହି ସହରକୁ ଆସିଛନ୍ତି । ଶିଳ୍ପ ସମ୍ବନ୍ଧରେ ତାଙ୍କର ବିଶେଷ ଆଗ୍ରହ; ଲୁପ୍ତପ୍ରାୟ ଭାରତୀୟ ଶିଳ୍ପ-ପୁନରୁଦ୍ଧାରର ଚେଷ୍ଟାରେ ସେ ସ୍ୱେଚ୍ଛାପ୍ରଣୋଦିତ ହୋଇ ପ୍ରଚୁର ଅର୍ଥବ୍ୟୟ କରୁଛନ୍ତି । ମିଃ ଓକାକୁରାଙ୍କର ଚାଲିଯିବାର ମାତ୍ର କେତେଘଣ୍ଟାପରେ ସେ ମୋ ସଙ୍ଗରେ ଦେଖା କରିବାକୁ ଆସିଥିଲେ । ତାଙ୍କୁ ଶିଳ୍ପମୟ ଭାରତ (ଅର୍ଥାତ୍ ଯେତିକି ଅବଶିଷ୍ଟ ଅଛି) ଦେଖାଇବା ପାଇଁ ସେ ହିଁ ଉପଯୁକ୍ତ ଲୋକ ଏବଂ ଶିଳ୍ପ ସମ୍ବନ୍ଧରେ ଓକାକୁରାଙ୍କର ନିର୍ଦ୍ଦେଶରେ ସେ ନିଶ୍ଚୟ ବିଶେଷ ଉପକୃତ ହେବେ । ଓକାକୁରା ଏଠାରେ ଭୃତ୍ୟମାନଙ୍କଦ୍ୱାରା ବ୍ୟବହୃତ ଗୋଟିଏ ସାଧାରଣ ଟେରାକୋଟାର ଜଳ-ପାତ୍ର ଦେଖିବାକୁ ପାଇଥିଲେ । ତା'ର ଆକୃତି ଓ ଖୋଦିତ କାରୁକାର୍ଯ୍ୟ ଦେଖି ସେ ଅତ୍ୟନ୍ତ ମୁଗ୍ଧ । କିନ୍ତୁ ତାହା ଗୋଟିଏ ସାଧାରଣ ମୃତ୍‌ପାତ୍ର ଏବଂ 'ଯାତ୍ରାପଥ'ରେ ଧକ୍କା ସହ୍ୟ କରିବାର ଅନୁପଯୋଗୀ, ତେଣୁ ସେ ମୋତେ ଅନୁରୋଧ କରିଯାଇଛନ୍ତି ପିତ୍ତଳ ଦ୍ୱାରା ଅବିକଳ ସେହିପ୍ରକାର ଆଉ ଗୋଟିଏ ତିଆରି କରାଇବା ପାଇଁ । କ'ଣ କରାଯିବ ବୋଲି ଭାବି ଭାବି ମୁଁ ହତବୁଦ୍ଧି ହୋଇପଡ଼ିଥିଲି । କେତେ ଘଣ୍ଟା ପରେ ମୋର ଯୁବକ ବନ୍ଧୁ ଜଣକ ଆସିଲେ । ସେ ସେଇଟି କରିଦେବାକୁ ତ ରାଜି ହୋଇଛନ୍ତି, ପୁଣି କହୁଛନ୍ତି, ଓକାକୁରାଙ୍କର ପସନ୍ଦ ହୋଇଥିବା ଏହି ଜିନିଷଟି ଅପେକ୍ଷା ବହୁଗୁଣରେ ଭଲ ଖୋଦିତ କାରୁକାର୍ଯ୍ୟବିଶିଷ୍ଟ କେତେଗୁଡ଼ିଏ ଟେରାକୋଟର ପାତ୍ର ସେ ଦେଖାଇ ପାରିବେ ।

ସେହି ଅପୂର୍ବ ପୁରାତନ ଶୈଳୀରେ ଅଙ୍କିତ ହୋଇଥିବା ପ୍ରାଚୀନ ଚିତ୍ରାବଳୀ ମଧ୍ୟ ସେ ଦେଖାଇବେ ବୋଲି କହୁଛନ୍ତି । ପ୍ରାଚୀନ ରୀତିରେ ଅଙ୍କିପାରୁଥିବା ଏପରି ଗୋଟିଏ ମାତ୍ର ପରିବାର ବାରାଣସୀରେ ତିଷ୍ଠି ରହିଛି । ସେମାନଙ୍କ ମଧ୍ୟରୁ ଜଣେ ଗୋଟିଏ ମଟର-ଦାନା ଉପରେ ଶିକାରର ଗୋଟିଏ ସମ୍ପୂର୍ଣ୍ଣ ଚିତ୍ର ଅଙ୍କିଛନ୍ତି—ଚିତ୍ରଟି ବର୍ଣ୍ଣନା ସହ ସମ୍ପୂର୍ଣ୍ଣ ନିଖୁଣ କାମ । ଆଶାକରେ ପର୍ଯ୍ୟଟନ ଶେଷ କରି ଓକାକୁରା ପୁଣି ଏହି ସହରକୁ ଫେରିଆସିବେ, ଏବଂ ସେତେବେଳେ ଏହି ଭଦ୍ରଲୋକଙ୍କର ଅତିଥି ହୋଇ ଅବଶିଷ୍ଟ ଦ୍ରଷ୍ଟବ୍ୟ ଜିନିଷ କିଛି କିଛି ଦେଖିପାରିବେ ।

ମିଃ ଓକାକୁରାଙ୍କ ସଙ୍ଗରେ ନିରଞ୍ଜନ ଯାଇଛି । ସେ ଜାପାନୀ ବୋଲି କୌଣସି ମନ୍ଦିରରେ ତାଙ୍କର ପ୍ରବେଶ ସମ୍ପର୍କରେ କେହି ଆପତ୍ତି କରନ୍ତି ନାହିଁ । ମନେହୁଏ, ତିବ୍ବତୀ ଓ ଅନ୍ୟାନ୍ୟ ଉତ୍ତର ଦେଶୀୟ ବୌଦ୍ଧଗଣ ବରାବର ଶିବପୂଜା ଉଦ୍ଦେଶ୍ୟରେ ଏଠାକୁ ଆସୁଥିଲେ ।

ସେମାନେ ତାଙ୍କୁ ଶିବଲିଙ୍ଗ ସ୍ପର୍ଶ କରିବା ପାଇଁ ଓ ପୂଜା କରିବା ପାଇଁ ସୁଯୋଗ ଦେଉଛନ୍ତି । ମିସେସ୍ ଆନି ବେଶାନ୍ତ ଥରେ ଚେଷ୍ଟା କରିଥିଲେ; କିନ୍ତୁ ବିଚାରୀ ଯଦିଓ ଖାଲି ପାଦରେ ଶାଢ଼ୀ ପିନ୍ଧି ପୁରୋହିତମାନଙ୍କ ସମ୍ମୁଖରେ ଦୀନହୀନ ଭାବରେ ଧୂଳିରେ ଲୋଟି ପଡ଼ୁଥିଲେ; ତଥାପି ତାଙ୍କୁ ମନ୍ଦିର-ପ୍ରାଙ୍ଗଣରେ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା ।

ଆମମାନଙ୍କର ବଡ଼ ବଡ଼ ମନ୍ଦିରଗୁଡ଼ିକ ମଧ୍ୟରୁ କୌଣସିଟିରେ ବୌଦ୍ଧମାନଙ୍କୁ ଅହିନ୍ଦୁ ବୋଲି ମନେକରାଯାଏ ନାହିଁ ।

ମୋର ବର୍ତ୍ତମାନ ସୁଦ୍ଧା କିଛି ସ୍ଥିର ହୋଇ ନାହିଁ; ଶୀଘ୍ର ଏହି ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯାଇପାରେ । ଶିବାନନ୍ଦ ଓ ଯୁବକମାନେ (ଶିଷ୍ୟମାନେ) ଆପଣଙ୍କୁ ସେମାନଙ୍କର ସ୍ୱାଗତ ଶ୍ରଦ୍ଧା ଓ ପ୍ରୀତି ଜଣାଇଛନ୍ତି ।

ଆପଣଙ୍କର ଚିରଦିନର ଅଶେଷ ସ୍ନେହର ସନ୍ତାନ, ବିବେକାନନ୍ଦ

୫୭୦ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଗୋପାଳଲାଲ୍ ଭିଲା, ବନାରସ କାଣ୍ଟନମେଣ୍ଟ
୧୨ ଫେବୃଆରି ୧୯୦୨

କଲ୍ୟାଣବରେଷୁ,

ତୁମର ପତ୍ରରୁ ସବିଶେଷ ଜାଣି ଆନନ୍ଦିତ ହେଲି । ନିବେଦିତାର ସ୍କୁଲ ସମ୍ବନ୍ଧରେ ଯାହା ମୋର କହିବାର ଥିଲା, ତାହା ତାକୁ ଲେଖିଛି । କହିବାର ଏହି ଯେ, ତା'ର ଯାହା ଭଲ ବିଚାର ହେବ କରିବ ।

ଆଉ କୌଣସି ବିଷୟରେ ମତାମତ ମୋତେ ପଚାରିବ ନାହିଁ । ସେଥିରେ ମୋର ମୁଣ୍ଡ ଖରାପ ହୁଏ । ତୁମେ କେବଳ ସେହି କାର୍ଯ୍ୟଟି କରିଦେବ—ଏହି ପର୍ଯ୍ୟନ୍ତ । ଟଙ୍କା ପଠାଇ ଦେବ; କାରଣ ଉପସ୍ଥିତ ଦୁଇ ଚାରି ଟଙ୍କା ମାତ୍ର ଅଛି ।

କାନାଇ ମାଧୁକରୀ ଖାଏ, ଘାଟରେ ଜପ କରେ, ରାତିରେ ଆସି ଶୁଏ; 'ନ୍ୟାଦା' poor man's work (ଗରିବ ଲୋକର ସେବା) କରେ, ରାତିରେ ଆସି ଶୁଏ । 'ଖିଚ଼ୋ' (Okakura) ଆଉ ନିରଞ୍ଜନ ଆଗ୍ରାକୁ ଯାଇଛନ୍ତି; ଆଜି ସେମାନଙ୍କର ପତ୍ର ଆସିପାରେ ।

ଯେପରି ପ୍ରଭୁ କରାଇବେ କରିଯାଅ । ଏହାର ତାହାର ମତାମତ କଅଣ ? ସମସ୍ତଙ୍କୁ ମୋର ପ୍ରୀତି ଜଣାଇବ ଏବଂ ପିଲାମାନଙ୍କୁ । ଇତି

ବିବେକାନନ୍ଦ

୫୭୧ଇଂ (ଭଗିନୀ ନିବେଦିତାଙ୍କୁ ଲିଖିତ)

କାଶୀଧାମ, ୧୨ ଫେବୃଆରି ୧୯୦୨

ସର୍ବପ୍ରକାର ଶକ୍ତି ତୁମଠାରେ ଉଦ୍‌ବୁଦ୍ଧ ହେଉ, ମହାମାୟା ସ୍ୱୟଂ ତୁମ ହୃଦୟରେ ଓ ବାହୁରେ ଅଧିଷ୍ଠିତା ହୁଅନ୍ତୁ । ଅପ୍ରତିହତ ମହାଶକ୍ତି ତୁମଠାରେ ଜାଗ୍ରତ ହେଉ ଏବଂ ସମ୍ଭବ ହେଲେ ସଙ୍ଗେ ସଙ୍ଗେ ଅସୀମ ଶାନ୍ତି ମଧ୍ୟ ତୁମେ ଲାଭ କର—ଏହା ହିଁ ମୋର ପ୍ରାର୍ଥନା ।...

ଯଦି ଶ୍ରୀରାମକୃଷ୍ଣ ସତ୍ୟ ହୁଅନ୍ତି, ତେବେ ଯେପରି ଭାବରେ ସେ ମୋତେ ଜୀବନରେ ପଥ ଦେଖାଇଛନ୍ତି, ଠିକ୍ ସେହିପରି ଭାବରେ କିମ୍ବା ତଦପେକ୍ଷା ସହସ୍ରଗୁଣ ସ୍ପଷ୍ଟତର ଭାବରେ ତୁମକୁ ମଧ୍ୟ ସେ ପଥ ଦେଖାଇ ନେଇଯାଆନ୍ତୁ । ବିବେକାନନ୍ଦ

୫୭୨ଇଂ ବାରାଣସୀ, ୧୪ ଫେବୃଆରି ୧୯୦୨

ପ୍ରିୟ ମିସେସ୍ ହ୍ୱାନ୍‌ସବର୍ଗ,

ପୂର୍ବରୁ ଆପଣ ମୋର ଯେଉଁ ଉପକାର କରିଛନ୍ତି, ସେଥିପାଇଁ ମୁଁ ଆପଣଙ୍କ ନିକଟରେ ଚିରକୃତଜ୍ଞ ଏବଂ ତ୍ରିଗୁଣାତୀତାନନ୍ଦ ନିମିତ୍ତ ଯାହା କରିଛନ୍ତି ସେଥିପାଇଁ ମଧ୍ୟ ଆହୁରି ବେଶୀ କୃତଜ୍ଞ । ତା'ର ନିଦାରୁଣ ଅସୁସ୍ଥତାର ଖବର ଯେତେବେଳେ କଲିକତା ମଠରେ ପହଞ୍ଚିଲା, ମଠରେ ବିଷାଦର ଛାୟା ଖେଳିଯାଇଥିଲା । ଆଶା କରେ, ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛି । ଆପଣଙ୍କଠାରୁ ଏ ବିଷୟର ଖବର ପାଇଲେ ଅତ୍ୟନ୍ତ ଖୁସି ହେବି । ମନେହୁଏ ଆମେରିକାର ଜଳବାୟୁ ତା' ଦେହରେ ଯାଉ ନାହିଁ । ଏପରି ଅବସ୍ଥାରେ ଯେତେବେଳେ ସେ ଭଲ ଭାବିବ ଭାରତବର୍ଷକୁ ଫେରି ଆସିବା ତା' ପକ୍ଷରେ ଶ୍ରେୟସ୍କର ହେବ ।

ସମ୍ଭବତଃ ୧ ବା ୨ ମାସ ଭିତରେ ମୁଁ ଜାପାନ ଯିବି । ରାମକୃଷ୍ଣାନନ୍ଦ ମୋ ସହିତ ଯିବ । ତ୍ରିଗୁଣାତୀତାନନ୍ଦ ଜାପାନ ଆସିପାରେ । ମୁଁ ଆମେରିକା ଯାଇପାରେ । ଯାହା ହେଉ, 'ମା' ଯାହା ଜାଣନ୍ତି, ତାହା ହିଁ ସର୍ବଶ୍ରେଷ୍ଠ ଏବଂ ଆମେ ତାଙ୍କର ଆଜ୍ଞାବହ ।

ବର୍ତ୍ତମାନ କିଛିଦିନ ପାଇଁ ବାରାଣସୀରେ ଅଛି । ସବୁ ଚିଠିପତ୍ର ଅବଶ୍ୟ ବେଲୁଡ଼ ମଠ ଠିକଣାରେ ପଠାଇବେ ।

ଆପଣ, ତ୍ରିଗୁଣାତୀତାନନ୍ଦ, ପରିବାର ଓ ଅନ୍ୟାନ୍ୟ ବନ୍ଧୁବାନ୍ଧବଗଣ ମୋର ଆନ୍ତରିକ ସ୍ନେହ ଗ୍ରହଣ କରିବେ ।

ସତତ ପ୍ରଭୁସମୀପେ ଆପଣଙ୍କର, ବିବେକାନନ୍ଦ

ପୁଃ—ବର୍ତ୍ତମାନ ତ୍ରିଗୁଣାତୀତାନନ୍ଦ ସର୍ବଦା ବିଶ୍ରାମ କରୁ । ମୁଁ ଯେତେଦିନ ପର୍ଯ୍ୟନ୍ତ ଜାପାନ ବା ଆମେରିକାରେ ନ ପହଞ୍ଚିଛି, ସେତେଦିନ ପର୍ଯ୍ୟନ୍ତ ସେ ଯେପରି କୌଣସି କାର୍ଯ୍ୟ ନ କରେ । —ବି.

୫୭୩ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଗୋପାଲଲାଲ ଭିଲା, ବନାରସ, ୧୮ ଫେବୃଆରି ୧୯୦୨

ଅଭିନ୍ନହୃଦୟେଷୁ,

କାଲି ତୁମକୁ ଯେଉଁ ପତ୍ର ଲେଖିଛି ଟଙ୍କାର ପ୍ରାପ୍ତିସ୍ୱୀକାର ସହିତ, ତାହା ଏହା ମଧ୍ୟରେ ତୁମେ ନିଶ୍ଚୟ ପାଇଥିବ । ଆଜି ଏ ପତ୍ର ଲେଖିବାର ପ୍ରଧାନ ଉଦ୍ଦେଶ୍ୟ··· — ସମ୍ବନ୍ଧରେ । ତୁମେ ପତ୍ର ପାଠ ମାତ୍ରେ ତାଙ୍କ ସଙ୍ଗରେ ଦେଖାକରି ଆସିବ ।··· ତା'ପରେ ରୋଗ କ'ଣ, ଶଯ୍ୟାରେ କିପରି ଥିଲେ ଇତ୍ୟାଦି ।···ଗୋଟିଏ ଖୁବ୍ ସୁଯୋଗ୍ୟ ଡାକ୍ତର ଡକାଇ ରୋଗଟି ବେଶ୍ ନିର୍ଣ୍ଣୟ କରିନେବ । ତା'ପରେ ରାମବାବୁଙ୍କ ବଡ଼ ଝିଅ ବିଷ୍ଣୁମୋହିନୀ ବର୍ତ୍ତମାନ କେଉଁଠି ?—ସେ ସମ୍ପ୍ରତି ବିଧବା ହୋଇଛି··· ।

ରୋଗ ଅପେକ୍ଷା ଭାବନା ବଡ଼ ! ଦୁଇ ଦଶଟଙ୍କା ଯାହା ଦରକାର ହେବ ଦେବ । ଯଦି ଜଣକ ମନରେ—ଏ ସଂସାର-ନରକ କୁଣ୍ଡ ମଧ୍ୟରେ ଦିନକ ପାଇଁ ମଧ୍ୟ ଟିକିଏ ଆନନ୍ଦ ଓ ଶାନ୍ତି ଦିଆଯାଏ, ସେହି ଟିକକ ହିଁ ସତ୍ୟ, ଏହା ହିଁ ତ ଆଜନ୍ମ ଭୋଗି ଦେଖୁଛି—ବାକି

ସବୁ ଯୋଡ଼ାଉଛୁ ।..."

ଅତି ଶୀଘ୍ର ଜବାବ ଦେବ । ଓକାକୁରା (ତା ଅଙ୍କୁର ଖୁଡ଼ୋ) ଆଉ କନେଷ୍ଟନ ଗୋଆଲିୟରରୁ ପତ୍ର ଲେଖିଛନ୍ତି । ... ବର୍ତ୍ତମାନ ଏଠାରେ କ୍ରମେ ଗରମ ପଡ଼ି ଆସୁଛି । ବୋଧଗୟା ଅପେକ୍ଷା ଏଠାରେ ଶୀତ ବେଶୀ ଥିଲା ।... ନିବେଦିତାର ସରସ୍ୱତୀ ପୂଜାର ଧୂମଧାମ୍ ଶୁଣି ଅତ୍ୟନ୍ତ ଖୁସି ହେଲି । ନିବେଦିତା ଶୀଘ୍ର ସ୍କୁଲ ଖୋଲିବ ତ ଖୋଲୁ ।... ପାଠ, ପୂଜା, ପଢ଼ାଶୁଣା ସମସ୍ତଙ୍କର ଯେପରି ହୁଏ, ସେ ଚେଷ୍ଟା କରିବ । ତୁମେମାନେ ମୋର ପ୍ରୀତି ଜାଣିବ ।

ବିବେକାନନ୍ଦ

୫୭୪ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଗୋପାଳଲାଲ ଭିଲା, ବନାରସ, ୨୧ ଫେବୃଆରି ୧୯୦୨

ଅଭିନ୍ନହୃଦୟେଷୁ,

ତୁମର ଏକ ପତ୍ର ଏହିକ୍ଷଣି ପାଇଲି ।... ମା' ଦିଦିମା' ଯଦି ଆସିବାକୁ ଚାହାଁନ୍ତି, ପଠାଇଦେବ । ଏହି ପ୍ଲେଗ୍ ଅସିବାର ସମୟଟାରେ କଲିକତାରୁ ଚାଲି ଆସିଲେ ଭଲ । ଆଲ୍ଲାହାବାଦରେ ଭାରି ପ୍ଲେଗ୍ ଚାଲିଛି । ଏଥର କାଶୀକୁ ଆସିବ କି ନାହିଁ ଜାଣେ ନାହିଁ । ତେବେ ପ୍ଲେଗ୍ ଗଲା ବର୍ଷ ଏହି ସମୟରେ କାଶୀକୁ ଆସିଥିଲା ।... ମିସେସ୍ ବୁଲ୍ଙ୍କୁ ମୋ ନାମ କରି କହିବ ଯେ, ଏଲୋରା-ଫେଲୋରା ମହାକଷ୍ଟର ପଥ ଏବଂ ଭାରି ଗରମ । ତାଙ୍କର ଏତେ tired (କ୍ଳାନ୍ତ) ଶରୀର ଯେ, ଭ୍ରମଣରେ ଯିବା ଯୁକ୍ତିଯୁକ୍ତ ନୁହେଁ । ଖୁଡ଼ୋଙ୍କର (Okakura) କେତେଦିନ ହେଲା ଚିଠିପତ୍ର ପାଇ ନାହିଁ । ଅଜନ୍ତା ଯାଇଛନ୍ତି—ଏତିକି ଖବର । ମହନ୍ତ ମଧ୍ୟ କୌଣସି ଖବର ଦେଇ ନାହାନ୍ତି । ତେବେ ରାଜା ପ୍ୟାରିମୋହନଙ୍କ ପତ୍ରର ଜବାବରେ ଯଦି ଦିଅନ୍ତି... ।

ନେପାଳର minister (ମନ୍ତ୍ରୀ)ଙ୍କର ବିଷୟଟି ସବିଶେଷ ଲେଖିବ । ମିସେସ୍ ବୁଲ୍, ମିସ୍ ମାକ୍‌ଲାଉଡ୍ ପ୍ରଭୃତି ସମସ୍ତଙ୍କୁ ମୋର ବିଶେଷ ପ୍ରୀତି, ଆଶୀର୍ବାଦାଦି ଦେବ; ଆଉ ତୁମେ, ବାବୁରାମ ପ୍ରଭୃତି ସମସ୍ତେ ମୋର ନମସ୍କାର ଓ ପ୍ରୀତି ଇତ୍ୟାଦି ଜାଣିବ । ଗୋପାଳଦାଦା ଚିଠି ପାଇଛନ୍ତି କି ନାହିଁ ? ଛେଳିଟାକୁ ଠିକ୍ ଦେଖିବ । ଇତି

ବିବେକାନନ୍ଦ

ପୁଃ—ପିଲାମାନେ ସମସ୍ତେ ସାଷ୍ଟାଙ୍ଗ ଜଣାଉଛନ୍ତି ।

୫୭୫ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଗୋପାଳଲାଲ ଭିଲା, ବନାରସ, ୨୪ ଫେବୃଆରି ୧୯୦୨

ଅଭିନ୍ନହୃଦୟେଷୁ,

ତୁମର ପ୍ରେରିତ ଗୋଟିଏ ଆମେରିକାନ୍ ଗ୍ରେଟ ପାର୍ଶଲ ଆଜି ସକାଳେ ପାଇଲି । ରେଜେଷ୍ଟ୍ରୀ କରି ହୋଇଥିବା ଯେଉଁ ପତ୍ରର କଥା ଲେଖିଛ, ତାହା କାହିଁ ? କୌଣସି ପତ୍ର ତ

ଯାଇ ନାହିଁ । ନେପାଳବାଲା ଆସିଲେ କି ନାହିଁ, କି ବୃତ୍ତାନ୍ତ, ଏସବୁ ତ କିଛି ଜାଣିପାରିଲି ନାହିଁ ।··· ଖଣ୍ଡିଏ ଚିଠି ଲେଖିବାକୁ ଏତେ ହାଙ୍ଗାମା ଆଉ ଡେରି !!··· ବର୍ତ୍ତମାନ ହିସାବଟା ପାଇଲେ ଯେ ବଞ୍ଚିଯାଏ ! ତା' ମଧ୍ୟ ପୁଣି କେତେ ମାସରେ ପାଏଁ !···

ବିବେକାନନ୍ଦ

୫୭୬ଇଂ

ମଠ, ବେଲୁଡ଼, ହାଓଡ଼ା
୧୧ ଅପ୍ରେଲ ୧୯୦୨

ପ୍ରିୟ ଜୋ,

ମନେହେଉଛି ଯେପରି ଜାପାନକୁ ଯିବାର ଫନ୍ଦିଟା ଫସର ଫାଟିଗଲା । ମିସେସ୍ ବୁଲ୍ ଚାଲିଗଲେ; ତୁମେ ବି ଯାଉଛ । ମୋ ସଙ୍ଗରେ ଜାପାନୀମାନଙ୍କର ସେପରି ପରିଚୟ ନାହିଁ ।

ସଦାନନ୍ଦ ନେପାଳୀମାନଙ୍କ ସଙ୍ଗରେ ନେପାଳକୁ ଯାଇଛି; କାନାଇ ମଧ୍ୟ ଯାଇଛି । ମାର୍ଗଟ ଏହି ମାସ ଶେଷ ହେବା ପୂର୍ବରୁ ଯାଇପାରିବ ନାହିଁ ବୋଲି କ୍ରିଷ୍ଟିନ୍ ଆଗରୁ ଯାତ୍ରା କରିପାରିଲା ନାହିଁ ।

ଲୋକେ କହନ୍ତି, ମୁଁ ବେଶ୍ ଅଛି; କିନ୍ତୁ ବର୍ତ୍ତମାନ ସୁଦ୍ଧା ଅତ୍ୟନ୍ତ ଦୁର୍ବଳ ଅଛି, ଆଉ ଜଳପାନ ସମ୍ପୂର୍ଣ୍ଣ ନିଷିଦ୍ଧ । ତେବେ ଏତିକି ହୋଇଛି ଯେ, ରାସାୟନିକ ପରୀକ୍ଷାରେ ଅନେକ ପରିମାଣରେ ଉନ୍ନତି ଦେଖାଯାଉଛି । ପାଦର ଫୁଲା ପ୍ରଭୃତି ଏକାବେଳକେ ଯାଇଛି ।

ଲେଡି ବେଟି, ମିଃ ଲେଗେଟ୍, ଅଲବାର୍ଟା ଓ ହଲିକୁ ମୋର ଅସୀମ ପ୍ରୀତି ଜଣାଇବ । ଝିଲୁ ଉପରେ ମୋର ଆଶୀର୍ବାଦ ତ ତା'ର ଜନ୍ମର ପୂର୍ବରୁ ରହିଛି, ଆଉ ଚିରକାଳ ରହିଥିବ ।

ମାୟାବତୀ ତୁମକୁ କିପରି ଲାଗିଲା ? ଏ ବିଷୟରେ ମୋତେ ଏକ ପତ୍ର ଲେଖିବ ।

ଚିରସ୍ନେହାକାଙ୍କ୍ଷୀ, ବିବେକାନନ୍ଦ

୫୭୭ଇଂ

ମଠ, ବେଲୁଡ଼, ହାଓଡ଼ା, ୧୫ ମେ ୧୯୦୨

ପ୍ରିୟ ଜୋ,

ମ୍ୟାଡାମ୍ କାଲ୍‌ଭେଙ୍କ ଲିଖିତ ପତ୍ର ଖଣ୍ଡିକ ପଠାଇଲି ।··· ମୁଁ ଅନେକ ପରିମାଣରେ ଭଲ ଅଛି; ଅବଶ୍ୟ ଯେତେଟା ଆଶା କରିଥିଲି, ତାହା ତୁଳନାରେ କିଛି ନୁହେଁ । ନିର୍ଜନରେ ରହିବାର ଗୋଟିଏ ପ୍ରବଳ ଆଗ୍ରହ ମୋର ହୋଇଛି—ମୁଁ ଚିରକାଳ ପାଇଁ ଅବସର ନେବି, ଆଉ କୌଣସି କାର୍ଯ୍ୟ ମୋର ରହିବ ନାହିଁ । ଯଦି ସମ୍ଭବ ହୁଏତ ପୁଣି ମୋର ପୁରାତନ ଭିକ୍ଷାବୃତ୍ତି ଆରମ୍ଭ କରିବି ।

ଜୋ, ତୁମର ସର୍ବାଙ୍ଗୀନ କୁଶଳ ହେଉ—ତୁମେ ଦେବତା ଭଳି ମୋର ରକ୍ଷଣାବେକ୍ଷଣ କରୁଛ ।

ଚିର ସ୍ନେହାବଦ୍ଧ, ବିବେକାନନ୍ଦ

୫୭୮ଇ• (ମିସେସ୍ ଓଲ ବୁଲ୍‌ଙ୍କୁ ଲିଖିତ)

ମଠ, ବେଲୁଡ଼, ହାଓଡ଼ା, ୧୪ ଜୁନ ୧୯୦୨

ମା,

ଆପଣଙ୍କର ସ୍ନେହପୂର୍ଣ୍ଣ ଚିଠିଖଣ୍ଡିକର ଉତ୍ତର ଆହୁରି ଆଗରୁ ଦେଇପାରିଥିଲେ ଭଲ ହୋଇଥାନ୍ତା ।

ଡାକ୍ତର ଜେନ୍‌ସଙ୍କ ସମ୍ବନ୍ଧରେ ଖଣ୍ଡିଏ ବହି ମୋ ନିକଟକୁ ଆସିଛି, କିନ୍ତୁ କିଛି ଲେଖିବାର ନିର୍ଦ୍ଦେଶଯୁକ୍ତ କୌଣସି ପତ୍ର ନ ଥିବାରୁ ଆମର ଅତି ଶ୍ରଦ୍ଧେୟ ବନ୍ଧୁଙ୍କ ସମ୍ବନ୍ଧରେ କୌଣସି ମତ ପ୍ରକାଶ କରିବାକୁ ସାହସ ହେଲି ନାହିଁ । ଯାହା ହେଉ, ଆପଣଙ୍କର ବର୍ତ୍ତମାନ ଅଭିପ୍ରାୟାନୁସାରେ ମୁଁ ମିଃ ଫକ୍‌ସ୍‌ଙ୍କୁ ଯଥାସମ୍ଭବ ଶୀଘ୍ର ଲେଖିବି ।

ମୁଁ ଏକପ୍ରକାର ଅଛି; ଆଉ ସବୁ ଭଲ । ନିବେଦିତା ପାହାଡ଼ରେ ଅଛି । ଓକାକୁରା ସହରକୁ ଫେରି ଆସି ଶ୍ରୀଯୁକ୍ତ ସୁରେନ୍ଦ୍ର ଠାକୁରଙ୍କର ଅତିଥି ହୋଇଛନ୍ତି । ସେ ଦିନେ ମଠକୁ ଆସିଥିଲେ; କିନ୍ତୁ ମୁଁ ବାହାରକୁ ଯାଇଥିଲି । ଆଶା କରେ, ଅତିଶୀଘ୍ର ତାଙ୍କ ସଙ୍ଗରେ ଦେଖା ହେବ ଏବଂ ତାଙ୍କର ଭବୀ ଅଭିପ୍ରାୟ ଅବଗତ ହେବି ।

(ଜାପାନୀ) ଯୁବକ ହେଉଁର ଏଠାରେ ଜ୍ୱର ହୋଇଗଲା; ସେ ଦିନ କେଇଟା ମଧ୍ୟରେ ଭଲ ହୋଇ ଉଠି କିଛିଦିନ ପାଇଁ ଓକାକୁରାଙ୍କ ସଙ୍ଗରେ ଯାଇଛି । ତା'ର ଧର୍ମଭାବ ଦେଖି ସମସ୍ତେ ତାକୁ ଭଲପାଆନ୍ତି । ବ୍ରହ୍ମଚର୍ଯ୍ୟ ସମ୍ବନ୍ଧରେ ତାହାର ଧାରଣାଗୁଡ଼ିକ ଖୁବ୍ ଉଚ୍ଚ ଏବଂ ତାହାର ଅଭିଳାଷ ଏହି ଯେ, ସେ ଜାପାନରେ ଖାଣ୍ଟି ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଗୋଟିଏ ସନ୍ନ୍ୟାସୀସଙ୍ଘ ସ୍ଥାପନ କରିବ । କିନ୍ତୁ ମୋର ମନେହୁଏ, କୌଣସି ଜାତିକୁ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟର ଆଦର୍ଶରେ ପ୍ରତିଷ୍ଠିତ ହେବାକୁ ହେଲେ ତାହାକୁ ସର୍ବପ୍ରଥମେ ବିବାହର ପବିତ୍ରତା ଓ ଅବିଚ୍ଛେଦ୍ୟତାର ମଧ୍ୟଦେଇ ମାତୃତ୍ୱପ୍ରତି ବିଶେଷ ଶ୍ରଦ୍ଧାର ଭାବ ଅର୍ଜନ କରିବାକୁ ହେବ । ରୋମାନ୍ କ୍ୟାଥଲିକ ଏବଂ ହିନ୍ଦୁଗଣ ବିବାହ-ବନ୍ଧନକୁ ପବିତ୍ର ଓ ଅବିଚ୍ଛେଦ୍ୟ ମନେକରନ୍ତି; ତେଣୁ ସେମାନେ ବ୍ରହ୍ମଚର୍ଯ୍ୟରେ ପ୍ରତିଷ୍ଠିତ, ମହାଶକ୍ତିମାନ୍ ଓ ପବିତ୍ର ବହୁ ନରନାରୀଙ୍କୁ ଜନ୍ମଦାନ କରିବାକୁ ସମର୍ଥ ହୋଇଛନ୍ତି । ଆରବଗଣଙ୍କ ଦୃଷ୍ଟିରେ ବିବାହ ଗୋଟାଏ ଚୁକ୍ତି ଅଥବା ବଳପୂର୍ବକ ଅଧିକାରର ବ୍ୟାପାର ମାତ୍ର; ଇଚ୍ଛା ମାତ୍ରେ ସେ ବନ୍ଧନ ଛିନ୍ନ କରିଯାଇ-ପାରେ । ଫଳରେ କୁମାରୀ କିମ୍ବା ବ୍ରହ୍ମଚାରୀର କୌଣସି ଆଦର୍ଶ ସେମାନଙ୍କର ମଧ୍ୟରେ ବିକଶିତ ହୋଇପାରି ନାହିଁ ।

ଆଧୁନିକ ବୌଦ୍ଧଧର୍ମ ଏପରି ସବୁ ଜାତିର ହାତରେ ଯାଇ ପଡ଼ିଛି, ଯେଉଁମାନଙ୍କ ମଧ୍ୟରେ ବିବାହ-ପ୍ରଥାର ପୂର୍ଣ୍ଣ ଅଭିବ୍ୟକ୍ତି ନ ହୋଇଥିବାରୁ ସେମାନେ ସନ୍ନ୍ୟାସ-ଆଶ୍ରମକୁ ଗୋଟାଏ ହାସ୍ୟାସ୍ପଦ ବ୍ୟାପାର କରିପକାଇଛନ୍ତି । ସୁତରାଂ ଯେତେଦିନ ଜାପାନୀମାନଙ୍କ ମଧ୍ୟରେ କେବଳ ପରସ୍ପର ପ୍ରତି ଦୈହିକ ଆକର୍ଷଣ ଓ ପ୍ରୀତି ଛଡ଼ା ବିବାହର ଉଚ୍ଚ ଓ ପବିତ୍ର ଆଦର୍ଶ ଗଢ଼ି ନ ଉଠିଛି, ସେତେଦିନ ସେମାନଙ୍କ ମଧ୍ୟରେ ବଡ଼ ସନ୍ନ୍ୟାସୀ ବା ସନ୍ନ୍ୟାସିନୀଙ୍କ ଉଦ୍ଭବ କିପରି ସମ୍ଭବ ହେବ, ତାହା ମୁଁ କହିପାରିବି ନାହିଁ । ଆପଣ ଯେପରି ବୁଝିପାରିଛନ୍ତି

ଯେ, ସତ୍ତାହିଁ ହିଁ ଜୀବନର ଏକମାତ୍ର ଗୌରବ, ସେହିପରି ମୋର ଦୃଷ୍ଟି ମଧ୍ୟ ଏ ବିଷୟରେ ଖୋଲିଯାଇଛି ଯେ, ଆମରିଣ ସାଧୁ ଚରିତ୍ର ଜଣକେତେ ମହାଶକ୍ତିଶାଳୀ ବ୍ୟକ୍ତିଙ୍କ ଜନ୍ମ ଦେବାକୁ ହେଲେ ଜନସାଧାରଣଙ୍କର ଗୋଟିଏ ବୃହତ୍ତମ ଅଂଶକୁ ମଧ୍ୟ ଏହି ସୁମହାନ୍ ପବିତ୍ରତାରେ ପ୍ରତିଷ୍ଠିତ କରିବା ଅତ୍ୟାବଶ୍ୟକ ।

ଅନେକ କିଛି ଲେଖିବି ଭାବିଥିଲି; କିନ୍ତୁ ଦେହ ଖୁବ୍ ଦୁର୍ବଳ । ମେରୀ ଲୁଇ ଏଠାରେ ଶ୍ରୀଚୈତନ୍ୟଙ୍କ ଭକ୍ତରୂପେ ଆସିଛି ଏବଂ ଶୁଣିବାକୁ ପାଉଛି ଯେ, କେତେଜଣ ଧନୀ ତାକୁ ପଠାଇ ନେଇଛନ୍ତି । ସେ ଯେପରି ଏଥର ପ୍ରଚୁର ଅର୍ଥ ପାଏ—ଏହି ମୋର ଆକାଙ୍କ୍ଷା । 'ମୋ ନିକଟକୁ ଯେ ଯେଉଁ ଭାବରେ ଆସେ, ମୁଁ ସେହି ଭାବରେ ହିଁ ତାହାର ବାଞ୍ଛା ପୂର୍ଣ୍ଣ କରେ ।'* ସେ ଟଙ୍କା ଚାହିଁଥିଲି : ଭଗବାନ ତାକୁ ପ୍ରଚୁର ଦିଅନ୍ତୁ ।

ଆପଣଙ୍କର ଚିରସ୍ନେହାବଦ୍ଧ ସନ୍ତାନ, ବିବେକାନନ୍ଦ

···ପାଶ୍ଚାତ୍ୟର ଏହି ସମସ୍ତ ଜାକଜମକ ନିତାନ୍ତ ନିଷ୍ଫଳ, କେବଳ ଆତ୍ମାର ବନ୍ଧନସ୍ୱରୂପ । ମୋର ଜୀବନରେ ଜଗତର ନିଷ୍ଫଳତାର ଅନୁଭୂତ ଏହା ଅପେକ୍ଷା ସ୍ପଷ୍ଟତର ଭାବରେ ମୁଁ କେବେହେଲେ ଲଭ କରି ନାହିଁ । ଭଗବାନ ସମସ୍ତଙ୍କର ବନ୍ଧନ ମୋଚନ କରନ୍ତୁ ଏବଂ ସମସ୍ତେ ମାୟାମୁକ୍ତ ହୁଅନ୍ତୁ—ଏହା ହିଁ ମୋର ଚିର ପ୍ରାର୍ଥନା । ଇତି

ବିବେକାନନ୍ଦ

୫୭୯ ୧୦୨ ଇ. ୫୮, ବେଦାନ୍ତ ସୋସାଇଟି, (ନିଉୟର୍କ)

ପ୍ରିୟ ମିସେସ୍ ହାନ୍‌ସବରୋ,

ଆପଣ ସାନ୍ ଫ୍ରାନ୍‌ସିସ୍କୋରୁ ଚାଲିଯିବା ପରଠାରୁ ଆପଣଙ୍କ ନିକଟକୁ କୌଣସି ପତ୍ର ଲେଖି ନାହିଁ । ମୁଁ ଭଲ ଅଛି ଏବଂ ସବୁ ଭଲରେ ଚାଲିଛି ।

ମୁଁ ପୁଣି ନିଉୟର୍କରେ; ଏଠାରେ ସୋସାଇଟି ଓ ତା'ର କର୍ମକ୍ଷେତ୍ର ନିମନ୍ତେ ସେମାନଙ୍କର ଗୋଟିଏ ଘର ଅଛି । ମୁଁ ଏବଂ ଅନ୍ୟ ସ୍ୱାମୀଜୀମାନେ ସେଠାରେ ଅଛୁ ।

ସାନ୍ ଫ୍ରାନ୍‌ସିସ୍କୋର ଜଣେ ମହିଳା ଏଠାରେ ଅଛନ୍ତି, ତାଙ୍କର ମାଉଣ୍ଟ ହାମିଲ୍‌ଟନ୍ ନିକଟବର୍ତ୍ତୀ ଲିକ୍ ମାନମନ୍ଦିରର ୧୨ ମାଇଲ୍ ପୂର୍ବରେ ମୋଟ ୧୬୦ ଏକର୍-ବ୍ୟାପୀ ଖଣ୍ଡେ ଜମି ଅଛି । ସେହି ଜମିଟା ସେ ଆମକୁ ଉପହାର ଦେବେ ।

ଆମର ଗ୍ରୀଷ୍ମକାଳୀନ ସମ୍ମିଳନୀ ପାଇଁ କାଲିଫର୍ଣ୍ଣିଆ ବେଶ୍ ସୁନ୍ଦର ହେବ । ବନ୍ଧୁମାନେ ଯଦି ବର୍ତ୍ତମାନ ସେଠାକୁ ଯିବାକୁ ଚାହାଁନ୍ତି ମୁଁ ସେମାନଙ୍କୁ ଅନୁମତି-ପତ୍ର ଦେବି । ଆପଣ ଏ ବିଷୟରେ ମିସେସ୍ ଆସ୍‌ପିନାଲ୍, ମିସ୍ ବେଲ୍ ଇତ୍ୟାଦିଙ୍କୁ ଜଣାଇବେ କି ? ମୋର ଇଚ୍ଛା ଏହି ଗ୍ରୀଷ୍ମ ସମୟରେ ଯେତେ ଶୀଘ୍ର ସମ୍ଭବ ସେଠାରେ ବାସ କରିବାକୁ ହେବ । ଜମିରେ କାଠ ନିର୍ମିତ ଗୋଟିଏ କୁଟୀର ଅଛି; ବାକି ସମସ୍ତଙ୍କ ପାଇଁ ତମ୍ବୁ ପକାଇବାକୁ ପଡ଼ିବ ।

ମୁଁ ଦୁଃଖିତ ଯେ, ବର୍ତ୍ତମାନ କୌଣସି ସ୍ୱାମୀଜୀଙ୍କୁ ଛାଡ଼ିପାରିବି ନାହିଁ ।

---

* ଗୀତା, ୪।୧୧

ଆପଣଙ୍କୁ ଏବଂ ମିସେସ୍ ଓୟାଇକଫ୍ ଓ ପରିବାରର ଶିଶୁ ସନ୍ତାନଟିକୁ ମୋର ଆନ୍ତରିକ ସ୍ନେହ ଜଣାଉଛି ।

ଆପଣଙ୍କ ଚିରସ୍ନେହଶୀଳ ସତ୍ୟାବଦ୍ଧ, ବିବେକାନନ୍ଦ

ପୁଃ—ହେଲେନ୍‌କୁ କହିବେ, ତା'ର ସହୃଦୟ ଆମନ୍ତ୍ରଣ ନିମିତ୍ତ ଧନ୍ୟବାଦ । କିନ୍ତୁ ତାହା ବର୍ତ୍ତମାନ ଗ୍ରହଣ କରିବା ସମ୍ଭବ ହୋଇ ପାରୁ ନ ଥିବାରୁ ଦୁଃଖିତ । ଯାହା ହେଉ, ଆପଣ ତିନି ଭଉଣୀ ଚିରକାଳ ନିମିତ୍ତ ମୋର ଅନ୍ତରର ଅଂଶ ହୋଇ ଯାଇଛନ୍ତି ।

—ବି॰

—ର କଅଣ ହେଲା ?

# ମହାପୁରୁଷ-ପ୍ରସଙ୍ଗ

# ରାମାୟଣ

[ ୧୯୦୦ ଖ୍ରୀଷ୍ଟାବ୍ଦର ୩୧ ତାରିଖ ଜାନୁଆରି କାଲିଫର୍ଣ୍ଣିଆ ଅନ୍ତର୍ଗତ ପ୍ୟାସାଡେନା ନାମକ ସ୍ଥାନରେ 'ସେକ୍ସପିୟର ସଭା'ରେ ପ୍ରଦତ୍ତ ବକ୍ତୃତା । ]

ସଂସ୍କୃତ ଭାଷାରେ ଦୁଇଟି ପ୍ରାଚୀନ ମହାକାବ୍ୟ ଅଛି; ଏବଂ ଏତଦ୍‌ବ୍ୟତୀତ ଶତ ଶତ ବୀରତ୍ୱବ୍ୟଞ୍ଜକ କାବ୍ୟ ମଧ୍ୟ ରହିଛି । ଯଦିଓ ପ୍ରାୟ ଦୁଇ ସହସ୍ର ବର୍ଷରୁ ଊର୍ଦ୍ଧ୍ୱ ହେବ ସଂସ୍କୃତ ଆଉ କଥୋପକଥନର ଭାଷା ହୋଇ ନାହିଁ, ତଥାପି ସଂସ୍କୃତ ଭାଷା ଓ ସାହିତ୍ୟ ସେହି ପ୍ରାଚୀନ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଭାବରେ ଚାଲିଆସୁଛି । ମୁଁ ଆପଣମାନଙ୍କ ସମକ୍ଷରେ ସେହି ରାମାୟଣ ଓ ମହାଭାରତ ନାମକ ଅତିପ୍ରାଚୀନ କାବ୍ୟଦ୍ୱୟର ବିଷୟ କହିବାକୁ ଯାଉଛି । ଏହି କାବ୍ୟ ଦୁଇଟିରେ ପ୍ରାଚୀନ ଭାରତବାସୀଙ୍କର ଆଚାର, ବ୍ୟବହାର, ସଭ୍ୟତା, ତଦାନୀନ୍ତନ ସାମାଜିକ ଅବସ୍ଥା ପ୍ରଭୃତି ଲିପିବଦ୍ଧ ଅଛି । ଏ ଦୁଇଟି ମଧ୍ୟରେ ପୁଣି ରାମାୟଣ ପ୍ରାଚୀନତର; ତାହାକୁ ରାମଙ୍କର ଜୀବନଚରିତ ବୋଲି କୁହାଯାଏ । ରାମାୟଣ ପୂର୍ବରୁ ମଧ୍ୟ ଭାରତରେ ପଦ୍ୟସାହିତ୍ୟ ଥିଲା । ହିନ୍ଦୁମାନଙ୍କର ପବିତ୍ର ଶାସ୍ତ୍ରଗ୍ରନ୍ଥ ବେଦର ଅଧିକାଂଶ ଭାଗ ଏକ ପ୍ରକାର ଛନ୍ଦରେ ରଚିତ; କିନ୍ତୁ ରାମାୟଣ ହିଁ ଭାରତରେ ସର୍ବସମ୍ମତ ଆଦିକାବ୍ୟ ବୋଲି ପରିଗଣିତ ।

ରାମାୟଣର କବିଙ୍କ ନାମ ମହର୍ଷି ବାଲ୍ମୀକି । ପରବର୍ତ୍ତୀ କାଳରେ ଅନ୍ୟମାନଙ୍କ ଦ୍ୱାରା ରଚିତ ଅନେକ ଆଖ୍ୟାନମୂଳକ କବିତା ପ୍ରାଚୀନ କବି ବାଲ୍ମୀକିଙ୍କର କାବ୍ୟ ମଧ୍ୟରେ ପ୍ରକ୍ଷିପ୍ତ ହୋଇଥିଲା । ଶେଷରେ ଦେଖାଯାଏ ଯେ, ଅନେକ ଶ୍ଳୋକ ବା କବିତା ତାଙ୍କ ଦ୍ୱାରା ରଚିତ ହୋଇ ନ ଥିଲେ ମଧ୍ୟ ତାଙ୍କ ରଚନା ବୋଲି ମନେକରିବା ଗୋଟିଏ ପ୍ରଚଳିତ ପ୍ରଥା ପରି ହୋଇଯାଇଛି । ଏହିସବୁ ପ୍ରକ୍ଷିପ୍ତ ଅଂଶ ଥିଲେ ମଧ୍ୟ ଆମେମାନେ ଏହାକୁ ଯେଉଁ ଆକାରରେ ପାଉଛୁ, ତାହା ଅତି ସୁନ୍ଦର ଭାବରେ ଗ୍ରଥିତ । ଜଗତର ସାହିତ୍ୟରେ ତାହାର ତୁଳନା ନାହିଁ ।

* * *

ଅତି ପ୍ରାଚୀନକାଳରେ ଏକ ସ୍ଥାନରେ ଜନୈକ ଯୁବକ ବାସ କରୁଥିଲା । ସେ କୌଣସିମତେ ପରିବାରବର୍ଗଙ୍କ ଭରଣପୋଷଣ କରିପାରୁ ନ ଥିଲା । ତାହାର ଶରୀର ଅତିଶୟ ଦୃଢ଼ ଓ ବଳିଷ୍ଠ ଥିଲା । ଆତ୍ମୀୟବର୍ଗଙ୍କର ଭରଣପୋଷଣର ଉପାୟାନ୍ତର ନ ଦେଖି ସେ ଅବଶେଷରେ ଦସ୍ୟୁବୃତ୍ତି ଅବଲମ୍ବନ କଲା । ବାଟରେ କାହାରିକୁ ଦେଖିଲେ ସେ ତାଙ୍କୁ ଆକ୍ରମଣ କରି ତାହାର ସର୍ବସ୍ୱ ଲୁଣ୍ଠନ କରୁଥିଲା ଏବଂ ସେହି ଦସ୍ୟୁବୃତ୍ତିଲବ୍ଧ ଧନଦ୍ୱାରା ପିତାମାତା, ସ୍ତ୍ରୀ, ପୁତ୍ରକନ୍ୟାଙ୍କ ଭରଣପୋଷଣ କରୁଥିଲା । ଏହିପରି ବହୁଦିନ ବିତିଗଲା । ଦୈବକ୍ରମେ ଦିନେ ଦେବର୍ଷି ନାରଦ ସେହି ବାଟରେ ଯାଉଥିଲେ । ଦସ୍ୟୁ ତାଙ୍କୁ ଦେଖିବା ମାତ୍ରେ ଆକ୍ରମଣ କଲା । ଦେବର୍ଷି ଦସ୍ୟୁକୁ ପଚାରିଲେ, 'ତୁମେ କାହିଁକି ମୋର ସର୍ବସ୍ୱ ଲୁଣ୍ଠନ

କରିବାରେ ପ୍ରବୃତ୍ତ ହୋଇଛ ? ତୁମକୁ କଅଣ ଜଣା ନାହିଁ, ଦସ୍ୟୁତା ଓ ନରହତ୍ୟା ମହାପାପ ? ତୁମେ କାହିଁକି ନିଜକୁ ଏ ପାପରେ ଭାଗୀ କରୁଛ ?' ଉତ୍ତରରେ ଦସ୍ୟୁ କହିଲା, 'ମୁଁ ଏ ଦସ୍ୟୁବୃତ୍ତିଲବ୍ଧ ଧନଦ୍ୱାରା ମୋ ପରିବାରବର୍ଗଙ୍କ ଭରଣପୋଷଣ କରୁଛି ।' ଦେବର୍ଷି କହିଲେ, 'ଆଚ୍ଛା, ତୁମେ କଅଣ ଭାବିଛ ତୁମେ ଯେଉଁମାନଙ୍କ ପାଇଁ ଏ ଘୋର ପାପାଚରଣ କରୁଛ, ସେମାନେ ତୁମର ଏ ପାପରୁ ଭାଗ ନେବେ ?' ଦସ୍ୟୁ କହିଲା, 'ନିଶ୍ଚୟ, ସେମାନେ ଅବଶ୍ୟ ମୋର ଏ ପାପରୁ ଭାଗ ଗ୍ରହଣ କରିବେ ।' ସେତେବେଳେ ଦେବର୍ଷି କହିଲେ, 'ଆଚ୍ଛା, ତୁମେ ଗୋଟାଏ କାମ କର । ତୁମେ ମୋତେ ଏଠାରେ ବାନ୍ଧି ରଖିଦେଇ ଯାଅ; ତା'ହେଲେ ମୁଁ ଆଉ ଯାଇପାରିବି ନାହିଁ । ତା'ପରେ ତୁମେ ତୁମ ଘରକୁ ଯାଇ ପରିବାରବର୍ଗଙ୍କୁ ପଚାରିଆସ, ସେମାନେ ଯେପରି ତୁମ ଧନର ଭାଗ ଗ୍ରହଣ କରନ୍ତି, ସେହିପରି ତୁମର ପାପର ଭାଗ ଗ୍ରହଣ କରିବାକୁ ପ୍ରସ୍ତୁତ କି ନା ।' ଦସ୍ୟୁ ଦେବର୍ଷିଙ୍କ କଥାରେ ସମ୍ମତ ହୋଇ ତାଙ୍କୁ ସେହି ସ୍ଥାନରେ ବାନ୍ଧି ଦେଇ ଗୃହାଭିମୁଖେ ପ୍ରସ୍ଥାନ କଲା । ଘରେ ପହଞ୍ଚିବା ମାତ୍ରେ ପ୍ରଥମେ ପିତାଙ୍କୁ ପ୍ରଶ୍ନ କଲା, 'ପିତା, ମୁଁ କେଉଁ ଉପାୟରେ ଆପଣଙ୍କମାନଙ୍କର ଭରଣପୋଷଣ କରୁଛି, ତାହା ଆପଣ ଜାଣନ୍ତି କି ?' ପିତା ଉତ୍ତର ଦେଲେ, 'ନା, ମୁଁ ଜାଣେ ନାହିଁ ।' ପୁତ୍ର କହିଲା, 'ମୁଁ ଦସ୍ୟୁବୃତ୍ତିଦ୍ୱାରା ଆପଣମାନଙ୍କର ଭରଣପୋଷଣ କରେ । ମୁଁ ଲୋକଙ୍କୁ ମାରିଦେଇ ତାଙ୍କର ସର୍ବସ୍ୱ ଅପହରଣ କରେ ।' ପିତା ଏକଥା ଶୁଣିବା ମାତ୍ରେ କ୍ରୋଧରେ ଅଗ୍ନିଶର୍ମା ହୋଇ କହିଲେ, 'କଅଣ ? ତୁ ଏପରି ଘୋରତର ପାପାଚରଣରେ ଲିପ୍ତ ରହି ମଧ ମୋ ପୁତ୍ର ବୋଲି ପରିଚୟ ଦେବାକୁ ସାହସ କରୁଛୁ ? ଏହିକ୍ଷଣି ମୋ ସମ୍ମୁଖରୁ ଚାଲିଯାଆ । ତୁ ପତିତ । ତୋତେ ଆଜିଠାରୁ ତ୍ୟାଜ୍ୟପୁତ୍ର କଲି ।' ସେତେବେଳେ ଦସ୍ୟୁ ତା' ମାତାଙ୍କ ସମୀପକୁ ଯାଇ ତାଙ୍କୁ ମଧ ସେହିପରି ପ୍ରଶ୍ନ କଲା । ସେ କିପରି ଭାବରେ ପରିବାରବର୍ଗଙ୍କ ଭରଣପୋଷଣ କରେ, ସେ ବିଷୟରେ ମାତା ମଧ ପିତାଙ୍କ ପରି ଅଜ୍ଞତା ଜଣାଇବାରୁ ଦସ୍ୟୁ ତାହାଙ୍କୁ ନିଜର ଦସ୍ୟୁବୃତ୍ତି ଓ ନରହତ୍ୟା କଥା କହିଲା । ମାତା ତାହା ଶୁଣିବାମାତ୍ରେ ଭୟରେ ଚିତ୍କାର କରି କହିଲେ, 'ଓଃ, କି ଭୟଙ୍କର କଥା !' ଦସ୍ୟୁ ସେତେବେଳେ କମ୍ପିତକଣ୍ଠରେ କହିଲା, 'ମା, ଶୁଣ, ସ୍ଥିର ହୁଅ । ଭୟଙ୍କର ହେଉ, ଯାହା ହେଉ, ତୁମକୁ ଗୋଟିଏ କଥା ପଚାରୁଛି—ତୁମେ କଅଣ ମୋ ପାପର ଭାଗ ନେବ ?' ମାତା ସେତେବେଳେ ଯେପରିକି ଦଶ ହାତ ପଛକୁ ଘୁଞ୍ଚିଯାଇ ଅମ୍ଳାନ ବଦନରେ କହିଲେ, 'କାହିଁକି ? ମୁଁ ତୋ ପାପର ଭାଗ ନେବି କାହିଁକି ? ମୁଁ ତ କୌଣସି ଦସ୍ୟୁବୃତ୍ତି କରି ନାହିଁ ।' ତତ୍ପରେ ସେ ତା' ପତ୍ନୀ ନିକଟକୁ ଯାଇ ତାକୁ ମଧ ପୂର୍ବୋକ୍ତ ପ୍ରଶ୍ନ ପଚାରିଲା । କହିଲା, 'ଶୁଣ ପ୍ରିୟେ ! ମୁଁ ଜଣେ ଦସ୍ୟୁ; ଅନେକ କାଳ ହେଲା ଦସ୍ୟୁବୃତ୍ତି କରି ଲୋକଙ୍କ ଅର୍ଥାପହରଣ କରୁଛି; ଆଉ ସେହି ଦସ୍ୟୁବୃତ୍ତିଲବ୍ଧ ଅର୍ଥଦ୍ୱାରା ତୁମ ସମସ୍ତଙ୍କର ଭରଣପୋଷଣ କରୁଛି । ବର୍ତ୍ତମାନ ମୋର ପଚାରିବାର କଥା, ତୁମେ କଅଣ ମୋର ପାପର ଅଂଶ ନେବା ପାଇଁ ପ୍ରସ୍ତୁତ ?' ପତ୍ନୀ ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ଉତ୍ତର ଦେଲା, 'କଦାପି ନୁହେଁ । ତୁମେ ମୋର ଭର୍ତ୍ତା, ତୁମର କର୍ତ୍ତବ୍ୟ ମୋର ଭରଣପୋଷଣ କରିବା । ତୁମେ ଯେଉଁ ପ୍ରକାରରେ ମୋର

ଭରଣପୋଷଣ କରନା କାହିଁକି, ମୁଁ ତୁମ ପାପର ଭାଗ କାହିଁକି ନେବି ?'

ଦସ୍ୟୁର ସେତେବେଳେ ଜ୍ଞାନନେତ୍ର ଉନ୍ମୀଳିତ ହେଲା । ସେ ଭାବିଲା, 'ଦେଖୁଛି, ଏହା ହିଁ ତ ସଂସାରର ନିୟମ । ଯେଉଁମାନେ ମୋର ପରମ ଆତ୍ମୀୟ, ଯେଉଁମାନଙ୍କ ପାଇଁ ମୁଁ ଏ ଦସ୍ୟୁବୃତ୍ତି କରୁଛି, ସେମାନେ ମଧ୍ୟ ମୋ ପାପର ଭାଗୀ ହେବେ ନାହିଁ ।' ଏହା ଭାବୁ ଭାବୁ ସେ ଦେବର୍ଷିଙ୍କୁ ଯେଉଁଠାରେ ବାନ୍ଧିରଖି ଆସିଥିଲା, ସେଠାରେ ଉପସ୍ଥିତ ହେଲା ଏବଂ ଅବିଳମ୍ବେ ତାଙ୍କର ବନ୍ଧନ ଉନ୍ମୋଚନ କରିଦେଇ ତାଙ୍କ ପଦତଳେ ପତିତ ହୋଇ ଘରେ ଘଟିଥିବା କଥା ଆଦ୍ୟୋପାନ୍ତ ବର୍ଣ୍ଣନା କଲା । ତା'ପରେ ସେ କାତରଭାବରେ ତାଙ୍କୁ କହିଲା, 'ପ୍ରଭୋ, ମୋତେ ଉଦ୍ଧାର କରନ୍ତୁ, ମୁଁ କଅଣ କରିବି କହନ୍ତୁ ।' ସେତେବେଳେ ଦେବର୍ଷି ତାକୁ କହିଲେ, 'ବତ୍ସ ! ତୁମେ ଏ ଦସ୍ୟୁବୃତ୍ତି ପରିତ୍ୟାଗ କର । ତୁମେ ତ ଦେଖିଲ, ପରିବାରବର୍ଗଙ୍କ ଭିତରୁ କେହି ତୁମକୁ ଯଥାର୍ଥ ସ୍ନେହ କରନ୍ତି ନାହିଁ; ଅତଏବ ଏସବୁ ପରିବାରବର୍ଗଙ୍କ ପ୍ରତି ତୁମର ଆଉ ମାୟା କାହିଁକି ? ଯେତେଦିନ ତୁମର ଐଶ୍ୱର୍ଯ୍ୟ ଥିବ, ସେତେଦିନ ସେମାନେ ତୁମର ଅନୁଗତ ରହିଥିବେ, ଆଉ ଯେଉଁଦିନ ତୁମେ କପର୍ଦ୍ଦକହୀନ ହେବ, ସେହିଦିନ ହିଁ ସେମାନେ ତୁମକୁ ପରିତ୍ୟାଗ କରିବେ । ସଂସାରରେ କେହି କାହାର ଦୁଃଖକଷ୍ଟ ବା ପାପର ଭାଗୀ ହେବାକୁ ଚାହାଁନ୍ତି ନାହିଁ; କିନ୍ତୁ ସମସ୍ତେ ସୁଖର ବା ପୁଣ୍ୟର ଭାଗୀ ହେବାକୁ ଚାହାଁନ୍ତି । ଅତଏବ ତୁମେ କେବଳ ତାଙ୍କର ଉପାସନା କର, ଏକମାତ୍ର ଯେ ସୁଖଦୁଃଖ, ପାପପୁଣ୍ୟ, ସବୁ ଅବସ୍ଥାରେ ମଧ୍ୟ ଆମମାନଙ୍କ ସଙ୍ଗେ ସଙ୍ଗେ ଥାଆନ୍ତି । ସେ କେତେବେଳେ ଆମମାନଙ୍କୁ ପରିତ୍ୟାଗ କରନ୍ତି ନାହିଁ; କାରଣ ଯଥାର୍ଥ ପ୍ରେମରେ ବିନିମୟ ନାହିଁ, ସ୍ୱାର୍ଥପରତା ନାହିଁ; ଯଥାର୍ଥ ପ୍ରେମ ଅହେତୁକ ।'

ଏସବୁ କଥା କହି ଦେବର୍ଷି ତାକୁ ସାଧନପ୍ରଣାଳୀ ଶିକ୍ଷା ଦେଲେ । ଦସ୍ୟୁ ସେତେବେଳେ ସର୍ବସ୍ୱ ତ୍ୟାଗ କରି ଗୋଟିଏ ଗଭୀର ଅରଣ୍ୟ ଭିତରକୁ ଯାଇ ଦିବାରାତ୍ର ସାଧନ-ଭଜନ ଓ ଧ୍ୟାନରେ ନିଯୁକ୍ତ ହେଲା । ଧ୍ୟାନ କରୁ କରୁ କ୍ରମେ ଦସ୍ୟୁର ଦେହଜ୍ଞାନ ଏତେଦୂର ଲୁପ୍ତ ହେଲା ଯେ, ତା' ଦେହ ବଲ୍ମୀକ-ସ୍ତୂପରେ ଆଚ୍ଛନ୍ନ ହୋଇଗଲା, ମାତ୍ର ସେ ତାହା ଜାଣି ପାରିଲା ନାହିଁ । ଅନେକ ବର୍ଷ ଏହିପରି ଭାବରେ ଅତିକ୍ରାନ୍ତ ହେଲା ପରେ ଦସ୍ୟୁ ଶୁଣିଲା, କିଏ ଯେପରି ଗମ୍ଭୀର କଣ୍ଠରେ ତାକୁ ସମ୍ବୋଧନ କରି କହୁଛି, 'ମହର୍ଷେ, ଉଠ !' ଦସ୍ୟୁ ଚମକିତ ହୋଇ କହିଲା, 'ମହର୍ଷି କିଏ ? ମୁଁ ତ ଦସ୍ୟୁ ମାତ୍ର ।' ପୁନଶ୍ଚ ସେହି ଗମ୍ଭୀର କଣ୍ଠରୁ ଉଚ୍ଚାରିତ ହେଲା—'ତୁମେ ବର୍ତ୍ତମାନ ଆଉ ଦସ୍ୟୁ ନୁହଁ ! ତୁମର ହୃଦୟ ପବିତ୍ର ହୋଇଛି, ତୁମେ ବର୍ତ୍ତମାନ ମହର୍ଷି । ଆଜିଠାରୁ ତୁମର ପୁରୁଣା ନାମ ଲୁପ୍ତ ହେଲା । ବର୍ତ୍ତମାନ ତୁମେ 'ବାଲ୍ମୀକି' ନାମରେ ପ୍ରସିଦ୍ଧ ହେବ; କାରଣ ତୁମେ ଧ୍ୟାନରେ ଏତେ ଗଭୀର ଭାବରେ ନିମଗ୍ନ ହୋଇଥିଲ ଯେ, ତୁମ ଦେହର ଚତୁଃପାର୍ଶ୍ୱରେ ଯେଉଁ ବଲ୍ମୀକସ୍ତୂପ ହୋଇଯାଇଥିଲା, ତାହା ଲକ୍ଷ୍ୟ କରିପାରି ନାହଁ ।' ଏହିପରି ଭାବରେ ସେହି ଦସ୍ୟୁ ମହର୍ଷି ବାଲ୍ମୀକି ହେଲେ ।

ଏହି ମହର୍ଷି ବାଲ୍ମୀକି କିପରି କବି ହେଲେ, ବର୍ତ୍ତମାନ ସେ କଥା କହୁଛି । ଦିନେ

ମହର୍ଷି ପବିତ୍ର ଭାଗୀରଥୀସଲିଳରେ ସ୍ନାନ କରିବା ପାଇଁ ଯାଉଥିଲେ । ଦେଖିଲେ ଗୋଟିଏ କ୍ରୌଞ୍ଚମିଥୁନ ପରସ୍ପର ପରସ୍ପରକୁ ଚୁମ୍ବନ ଦେଇ ପରମାନନ୍ଦରେ ଘୂରି ବୁଲୁଛନ୍ତି । ମହର୍ଷି କ୍ରୌଞ୍ଚମିଥୁନ ଆଡ଼କୁ ଥରେ ଊର୍ଦ୍ଧ୍ୱ ଦୃଷ୍ଟିରେ ଅନାଇ ଦେଖିଲେ । ସେମାନଙ୍କ ଆନନ୍ଦ ଦେଖି ତାଙ୍କ ହୃଦୟରେ ଆନନ୍ଦର ଉଦ୍ରେକ ହେଲା; କିନ୍ତୁ ମୁହୂର୍ତ୍ତିକ ଭିତରେ ଏ ଆନନ୍ଦଦୃଶ୍ୟ ଶୋକରେ ପରିଣତ ହେଲା । କେଉଁଠାରୁ ଗୋଟାଏ ତୀର ତାଙ୍କ ପାଖଦେଇ ଦ୍ରୁତବେଗରେ ଚାଲିଗଲା । ପୁଂକ୍ରୌଞ୍ଚଟି ସେହି ତୀରରେ ବିଦ୍ଧ ହୋଇ ପଞ୍ଚତ୍ୱ ପ୍ରାପ୍ତ ହେଲା । ତା' ଦେହ ଭୂମିରେ ପତିତ ହେବାମାତ୍ରେ କ୍ରୌଞ୍ଚବଧୂ ଅତ୍ୟନ୍ତ ଦୁଃଖିତାନ୍ତଃକରଣରେ ତାହାର ପତିର ମୃତଦେହର ଚତୁର୍ଦ୍ଦିଗରେ ଘୂରି ବୁଲିବାକୁ ଲାଗିଲା । ମହର୍ଷିଙ୍କ ଅନ୍ତର ଏ କରୁଣ-ଦୃଶ୍ୟ ଦେଖି ପରମ କରୁଣାର୍ଦ୍ର ହେଲା । ଏ ନିଷ୍ଠୁର କର୍ମର କର୍ତ୍ତା କିଏ, ଜାଣିବା ପାଇଁ ସେ ଇତସ୍ତତଃ ନିରୀକ୍ଷଣ କରି ଜଣେ ବ୍ୟାଧକୁ ଦେଖିଲେ ।

ସେତେବେଳେ ତାଙ୍କ ମୁଖରୁ ଯେଉଁ ଶ୍ଳୋକ ନିର୍ଗତ ହେଲା ତାହାର ଭାବାର୍ଥ ହେଉଛି—

'ରେ ବ୍ୟାଧ, ତୁ କି ପାଷାଣ୍ଡ, ତୋର ବିନ୍ଦୁ ମାତ୍ର ଦୟାମାୟା ନାହିଁ । ଭଲ ପାଇ-ବାକୁ ସମ୍ମାନ କରି ତୋର ନିଷ୍ଠୁର ହସ୍ତ ମୁହୂର୍ତ୍ତିକ ପାଇଁ ବି ହତ୍ୟାକାର୍ଯ୍ୟରୁ ବିରତ ହେଉ ନାହିଁ !'

ଶ୍ଳୋକଟି ଉଚ୍ଚାରଣ କରିବା ସଙ୍ଗେ ସଙ୍ଗେ ମହର୍ଷିଙ୍କ ମନରେ ଉଦିତ ହେଲା, 'ଏ କଅଣ ? ମୁଁ ଏ କଅଣ କହୁଛି ? ମୁଁ ତ କେବେହେଲେ ଏପରି ଭାବରେ କିଛି କହି ନାହିଁ ।' ସେତେବେଳେ ସେ ଗୋଟିଏ ବାଣୀ ଶୁଣିପାରିଲେ—'ବତ୍ସ, ଭୀତ ହୁଅ ନାହିଁ । ତୁମ ମୁଖରୁ ଯାହା ବାହାରିଲା, ତା'ର ନାମ କବିତା । ତୁମେ ଜଗତର ହିତ ପାଇଁ କବିତାରେ ରାମଙ୍କ ଚରିତ ବର୍ଣ୍ଣନା କର ।' ଏହିପରି ଭାବରେ ପ୍ରଥମ କବିତାର ସୃଷ୍ଟି ହେଲା । ପ୍ରଥମ କବି ବାଲ୍ମୀକିଙ୍କ ମୁଖରୁ ପ୍ରଥମ କବିତା କରୁଣାବଶତଃ ସ୍ୱତଃ ନିର୍ଗତ ହୋଇଥିଲା । ଏହା ପରେ ସେ ପରମ ମନୋହର କାବ୍ୟ 'ରାମାୟଣ' ଅର୍ଥାତ୍ ରାମଚରିତ ରଚନା କରିଥିଲେ ।

ଭାରତରେ ଅଯୋଧ୍ୟା ନାମ୍ନୀ ଗୋଟିଏ ନଗରୀ ଥିଲା । ତାହା ଏବେ ମଧ୍ୟ ଅଛି । ଭାରତର ଯେଉଁ ପ୍ରଦେଶରେ ଏ ନଗରୀର ସ୍ଥାନ ଏବେ ନିର୍ଦ୍ଦିଷ୍ଟ ହେଉଛି, ତାକୁ ଆଉଧ ବା ଅଯୋଧ୍ୟା ପ୍ରଦେଶ କହନ୍ତି ଏବଂ ଆପଣମାନଙ୍କ ମଧ୍ୟରୁ ଅନେକେ ଭାରତର ମାନଚିତ୍ରରେ ସେ ପ୍ରଦେଶକୁ ଲକ୍ଷ୍ୟ କରିଥିବେ । ତାହା ସେହି ପ୍ରାଚୀନ ଅଯୋଧ୍ୟା । ଅତି ପ୍ରାଚୀନ କାଳରେ ସେଠାରେ ଦଶରଥ ନାମକ ରାଜା ରାଜତ୍ୱ କରୁଥିଲେ । ତାଙ୍କର ତିନି ରାଣୀ ଥିଲେ; କିନ୍ତୁ କୌଣସି ରାଣୀଙ୍କର ସନ୍ତାନସନ୍ତତି ହେଲେ ନାହିଁ । ତେଣୁ ସ୍ୱଧର୍ମନିଷ୍ଠ ହିନ୍ଦୁଙ୍କର ଆଚାରର ଅନୁବର୍ତ୍ତୀ ହୋଇ ରାଜା ଓ ରାଣୀମାନେ ସନ୍ତାନ-କାମନାରେ ବ୍ରତୋପବାସ, ଦେବାରାଧନା ପ୍ରଭୃତି ନିୟମ ପ୍ରତିପାଳନ କରିବାରେ ଲାଗିଲେ । ଯଥା ସମୟରେ ସେମାନଙ୍କର ଚାରିଗୋଟି ପୁତ୍ର ଜନ୍ମିଲେ । ସର୍ବଜ୍ୟେଷ୍ଠ ରାମ । କ୍ରମେ ଏ ରାଜପୁତ୍ରମାନେ ଯଥାବିଧି ସର୍ବବିଦ୍ୟାରେ ସୁଦକ୍ଷ ହେଲେ ।

ଜନକ ନାମକ ଆଉ ଜଣେ ରାଜା ଥିଲେ । ତାଙ୍କର ସୀତା ନାମ୍ନୀ ଗୋଟିଏ ପରମା ସୁନ୍ଦରୀ କନ୍ୟା ଥିଲା । ସୀତାଙ୍କୁ ଗୋଟିଏ ଶସ୍ୟକ୍ଷେତ୍ର ଭିତରୁ ସାଉଣ୍ଟି ଅଣାଯାଇଥିଲା; ଅତଏବ ସୀତା ପୃଥିବୀର କନ୍ୟା ଥିଲେ । ତାଙ୍କର ଅନ୍ୟ କେହି ଜନକଜନନୀ ନ ଥିଲେ । ପ୍ରାଚୀନ ସଂସ୍କୃତରେ 'ସୀତା' ଶବ୍ଦର ଅର୍ଥ ହଳକୃଷ୍ଟ ଭୂମିଖଣ୍ଡ । ତାଙ୍କୁ ସେପରି ସ୍ଥାନରୁ ସାଉଣ୍ଟି ଅଣା-ଯାଇଥିଲା ବୋଲି ତାଙ୍କର ତଦନୁଯାୟୀ ନାମକରଣ ହୋଇଥିଲା । ଭାରତର ପ୍ରାଚୀନ ପୌରାଣିକ ଇତିହାସରେ ଏ ଧରଣର ଅନେକ ଅଲୌକିକ ଜନ୍ମ କଥା ପଢ଼ିବାକୁ ମିଳେ । କାହାର ପିତା ଥିଲେ, ମାତା ନ ଥିଲେ, କାହାର ପୁଣି ମାତା ଥିଲେ, ପିତା ନ ଥିଲେ, ପୁଣି କାହାର ବା ପିତାମାତା କେହି ନ ଥିଲେ । କାହାର ବା ଯଜ୍ଞକୁଣ୍ଡରୁ ଜନ୍ମ, କାହାର ପୁଣି ଶସ୍ୟ-କ୍ଷେତ୍ରରୁ ଜନ୍ମ ଇତ୍ୟାଦି ଇତ୍ୟାଦି । ଭାରତର ପୁରାଣରେ ସବୁ କଥା ଅଛି ।

ସୀତା ପୃଥିବୀର ଦୁହିତା ବୋଲି ନିଷ୍କଳଙ୍କା ଓ ପରମ ଶୁଦ୍ଧସ୍ୱଭାବା ଥିଲେ । ରାଜର୍ଷି ଜନକଙ୍କଦ୍ୱାରା ସେ ପ୍ରତିପାଳିତା ହୋଇଥିଲେ । ତାଙ୍କର ବିବାହଯୋଗ୍ୟ ବୟଃକ୍ରମ ହେବାରୁ ରାଜର୍ଷି ତାଙ୍କ ପାଇଁ ଉପଯୁକ୍ତ ପାତ୍ର ଅନୁସନ୍ଧାନ କରିବାରେ ଲାଗିଲେ ।

ଭାରତରେ ପ୍ରାଚୀନକାଳରେ ସ୍ୱୟମ୍ବର ନାମକ ଏକପ୍ରକାର ବିବାହପ୍ରଥା ଥିଲା—ସେଥିରେ ରାଜକନ୍ୟାମାନେ ନିଜ ନିଜ ପତି ନିର୍ବାଚନ କରୁଥିଲେ । ଭାରତର ବିଭିନ୍ନ ସ୍ଥାନରୁ ବିଭିନ୍ନ ଦେଶୀୟ ରାଜପୁତ୍ରମାନେ ନିମନ୍ତ୍ରିତ ହେଉଥିଲେ । ସମସ୍ତେ ସମବେତ ହେଲେ ରାଜ-କନ୍ୟା ବହୁମୂଲ୍ୟ ବସନଭୂଷଣରେ ବିଭୂଷିତା ହୋଇ ବରମାଳ୍ୟ ହସ୍ତରେ ସେହି ରାଜପୁତ୍ରମାନଙ୍କ ମଝିରେ ଗମନ କରୁଥିଲେ । ତାଙ୍କ ସହିତ ଜଣେ ଭାଟ ଯାଉଥିଲେ । ସେ ତାଙ୍କର ପାଣି-ଗ୍ରହଣାର୍ଥୀ ପ୍ରତ୍ୟେକ ରାଜକୁମାରଙ୍କର ଗୁଣାଗୁଣ, ବଂଶମର୍ଯ୍ୟାଦାଦି କୀର୍ତ୍ତନ କରୁଥିଲେ । ରାଜକନ୍ୟା ଯାହାଙ୍କୁ ପତିରୂପେ ମନୋନୀତ କରୁଥିଲେ, ତାଙ୍କ ଗଳାରେ ବରମାଳ୍ୟ ଅର୍ପଣ କରୁଥିଲେ । ତାହାପରେ ମହାସମାରୋହରେ ପରିଣୟକ୍ରିୟା ସମ୍ପନ୍ନ ହେଉଥିଲା । ଏସବୁ ସ୍ୱୟମ୍ବର ସ୍ଥଳରେ ବେଳେ ବେଳେ ଭାବୀ ବରର ବିଦ୍ୟା-ବୁଦ୍ଧି-ବଳ ପରୀକ୍ଷାର୍ଥେ ବିଶେଷ ବିଶେଷ ପଣ ନିର୍ଦ୍ଦିଷ୍ଟ ହେଉଥିଲା ।

ଅନେକ ରାଜପୁତ୍ର ସୀତାଙ୍କୁ ଲାଭ କରିବା ପାଇଁ ଆଶା କରିଥିଲେ । 'ହରଧନୁ' ନାମକ ଏକ ପ୍ରକାଣ୍ଡ ଧନୁକୁ ଯେ ଭାଙ୍ଗିପାରିବେ, ସୀତା ତାହାଙ୍କୁ ହିଁ ବରମାଳ୍ୟ ପ୍ରଦାନ କରିବେ—ଏ ସ୍ୱୟମ୍ବରରେ ଏହା ହିଁ ପଣ ଥିଲା । ସବୁ ରାଜପୁତ୍ର ଏ ବୀର୍ଯ୍ୟପରୀକ୍ଷକ କର୍ମ ସମ୍ପାଦନ ପାଇଁ ପ୍ରାଣପଣେ ଯତ୍ନ କରି ମଧ୍ୟ ଅକୃତକାର୍ଯ୍ୟ ହେଲେ । ଅବଶେଷରେ ରାମ ସେ ଦୃଢ଼ ଧନୁକୁ ହାତରେ ଧରି ଅବଲୀଳାକ୍ରମେ ଦୁଇଖଣ୍ଡ କରିଦେଲେ । ହରଧନୁ ଭଗ୍ନ ହେବାରୁ ସୀତା ରାଜା ଦଶରଥଙ୍କ ପୁତ୍ର ରାମଚନ୍ଦ୍ରଙ୍କ ଗଳାରେ ବରମାଳ୍ୟ ଅର୍ପଣ କଲେ । ମହାମହୋତ୍ସବ ସହିତ ରାମ-ସୀତାଙ୍କ ବିବାହ ସମ୍ପନ୍ନ ହେଲା । ରାମ ବଧୂକୁ ନେଇ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଲେ ।

କୌଣସି ରାଜାଙ୍କର ଅନେକଗୁଡ଼ିଏ ପୁତ୍ର ଥିଲେ ରାଜାଙ୍କ ଦେହାନ୍ତରେ ଯେପରି ସିଂହାସନ ଦେଇ ରାଜକୁମାରମାନଙ୍କ ଭିତରେ ଶତ୍ରୁତା ସୃଷ୍ଟି ନ ହୁଏ, ସେଥିପାଇଁ ପ୍ରାଚୀନ

ଭାରତରେ ରାଜାଙ୍କର ଜୀବଦ୍ଦଶାରେ ଜ୍ୟେଷ୍ଠ ରାଜପୁତ୍ରଙ୍କୁ ଯୁବରାଜପଦରେ ଅଭିଷିକ୍ତ କରିବା ପ୍ରଥା ପ୍ରଚଳିତ ଥିଲା । ରାମଚନ୍ଦ୍ରଙ୍କ ବିବାହ ପରେ ରାଜା ଦଶରଥ ଭାବିଲେ—ମୁଁ ବର୍ତ୍ତମାନ ବୃଦ୍ଧ ହୋଇଛି, ମୋର ରାମ ମଧ୍ୟ ବୟଃପ୍ରାପ୍ତ ହୋଇଛି । ଅତଏବ ବର୍ତ୍ତମାନ ରାମକୁ ଯୁବରାଜପଦରେ ଅଭିଷିକ୍ତ କରିବା ସମୟ ଆସିଛି । ଏହା ଭାବି ସେ ଅଭିଷେକ ପାଇଁ ସମସ୍ତ ଆୟୋଜନ କରିବାରେ ଲାଗିଲେ । ସମଗ୍ର ଅଯୋଧ୍ୟା ଏ ଅଭିଷେକ-ସମ୍ବାଦ ପାଇ ମହୋତ୍ସବରେ ପ୍ରବୃତ୍ତ ହେଲା । ସେହି ସମୟରେ ଦଶରଥଙ୍କର ପ୍ରିୟତମା ମହିଷୀ କୈକେୟୀଙ୍କର ଜଣୈକା ପରିଚାରିକା ବନ୍ଧୁ, ବହୁକାଳ ପୂର୍ବେ ରାଜା ଯେ ଦୁଇଟି ବର ଦେବାକୁ ଚାହିଁଥିଲେ ତାହା ସ୍ମରଣ କରାଇଦେଲା । ଏକ ସମୟରେ କୈକେୟୀ ରାଜା ଦଶରଥଙ୍କର ଏତେ ଦୂର ସନ୍ତୋଷ-ବିଧାନ କରିଥିଲେ ଯେ, ସେ ତାଙ୍କୁ ଦୁଇଟି ବର ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ରାଜା ଦଶରଥ କୈକେୟୀଙ୍କୁ କହିଥିଲେ, 'ତୁମେ ଯେକୌଣସି ଦୁଇଟି ବର ପ୍ରାର୍ଥନା କର, ଯଦି ତାହା ମୋର ସାଧ୍ୟାତୀତ ନ ହୁଏ, ମୁଁ ତୁମକୁ ତତ୍କ୍ଷଣାତ୍ ତାହା ପ୍ରଦାନ କରିବି ।' କିନ୍ତୁ କୈକେୟୀ ସେତେବେଳେ ରାଜାଙ୍କ ପାଖରେ କିଛି ପ୍ରାର୍ଥନା କରି ନ ଥିଲେ । ସେ ସେହି ବର କଥା ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇଥିଲେ । କିନ୍ତୁ ତାଙ୍କର ସେ ଦୁଷ୍ଟସ୍ୱଭାବା ଦାସୀ ତାଙ୍କୁ ଏତିକବେଳେ ବୁଝାଇବାରେ ଲାଗିଲା—ରାମ ସିଂହାସନରେ ବସିଲେ ତାଙ୍କର କି ଇଷ୍ଟ ସିଦ୍ଧ ହେବ ? ତାଙ୍କ ପୁତ୍ର ଭରତ ରାଜା ହେଲେ ସିନା ତାଙ୍କର ସବୁ ସୁଖ । ଏପରି ଭାବରେ ସେ କୈକେୟୀଙ୍କର ହିଂସାବୃତ୍ତି ଉତ୍ତେଜିତ କରିବାକୁ ଲାଗିଲା । ଦାସୀର ପୁନଃପୁନଃ ମନ୍ତ୍ରଣା ଫଳରେ ରାଣୀଙ୍କ ହୃଦୟରେ ପ୍ରବଳ ଈର୍ଷାର ଉଦ୍ରେକ ହେଲା; ଅବଶେଷରେ ସେ ଈର୍ଷାର ବଶବର୍ତ୍ତୀ ହୋଇ ଉନ୍ମତ୍ତପ୍ରାୟ ହେଲେ । ସେତେବେଳେ ସେ ଦୁଷ୍ଟା ଦାସୀ ରାଜାଙ୍କର ବରଦାନ-ଅଙ୍ଗୀକାର ବିଷୟ ସ୍ମରଣ କରାଇ ଦେଇ କହିଲା, 'ସେହି ଅଙ୍ଗୀକୃତ ବରପ୍ରାର୍ଥନାର ବର୍ତ୍ତମାନ ହିଁ ଉପଯୁକ୍ତ ସମୟ । ତୁମେ ଗୋଟାଏ ବରରେ ତୁମ ପୁତ୍ରର ରାଜ୍ୟାଭିଷେକ ଓ ଅନ୍ୟ ବରରେ ରାମଙ୍କର ଚତୁର୍ଦ୍ଦଶ ବର୍ଷ ବନବାସ ପ୍ରାର୍ଥନା କର ।'

ବୃଦ୍ଧ ରାଜା ରାମଚନ୍ଦ୍ରଙ୍କୁ ପ୍ରାଣତୁଲ୍ୟ ଦେଖିପାରୁଥିଲେ । ଏଣେ କୈକେୟୀ ଯେତେବେଳେ ରାଜାଙ୍କ ପାଖରେ ଏ ଦୁଇଟି ଅନିଷ୍ଟକର ବର ପ୍ରାର୍ଥନା କଲେ, ସେତେବେଳେ ରାଜା ବୁଝିଲେ, ସେ କଦାପି ନିଜ ସତ୍ୟଭଙ୍ଗ କରିପାରିବେ ନାହିଁ । ସୁତରାଂ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ । କିନ୍ତୁ ରାମ ଆସି ତାଙ୍କୁ ଏ ଉଭୟ ସଙ୍କଟରୁ ରକ୍ଷା କଲେ । ରାମ ପିତୃସତ୍ୟ ରକ୍ଷା ପାଇଁ ସ୍ୱେଚ୍ଛାପୂର୍ବକ ରାଜ୍ୟ ତ୍ୟାଗ କରି ବନଗମନ ଲାଗି ପ୍ରସ୍ତୁତ ହେଲେ । ଏହିପରି ଭାବରେ ରାମ ଚତୁର୍ଦ୍ଦଶ ବର୍ଷ ପାଇଁ ବନଗମନ କଲେ; ସଙ୍ଗରେ ପ୍ରିୟତମା ପତ୍ନୀ ସୀତା ଓ ପ୍ରିୟ ଭ୍ରାତା ଲକ୍ଷ୍ମଣ ଗମନ କଲେ । ଏମାନେ କୌଣସିମତେ ରାମଙ୍କ ସଙ୍ଗ ଛାଡ଼ିବା ପାଇଁ ଚାହିଁଲେ ନାହିଁ ।

ଆର୍ଯ୍ୟମାନେ ସେହି ସମୟରେ ଭାରତର ଗଭୀର ଅରଣ୍ୟର ଅଧିବାସୀମାନଙ୍କ ସହିତ ବିଶେଷ ପରିଚିତ ନ ଥିଲେ । ସେତେବେଳେ ସେମାନେ ବନ୍ୟ ଜାତିମାନଙ୍କୁ 'ବାନର' ନାମରେ ଅଭିହିତ କରୁଥିଲେ । ସେହି ତଥାକଥିତ 'ବାନର' ଅର୍ଥାତ୍ ବନ୍ୟଜାତିମାନଙ୍କ

ମଧ୍ୟରେ ଯେଉଁମାନେ ଅତିଶୟ ବଳବାନ୍ ଓ ଶକ୍ତିଶାଳୀ ହେଉଥିଲେ, ସେମାନେ ଆର୍ଯ୍ୟମାନଙ୍କ ଦ୍ୱାରା 'ରାକ୍ଷସ' ନାମରେ ଅଭିହିତ ହେଉଥିଲେ ।

ରାମ, ଲକ୍ଷ୍ମଣ ଓ ସୀତା ଏହିପରି ବାନର ଓ ରାକ୍ଷସମାନଙ୍କଦ୍ୱାରା ଅଧ୍ୟୁଷିତ ଅରଣ୍ୟକୁ ଗମନ କଲେ । ଯେତେବେଳେ ସୀତା ରାମଙ୍କ ସହିତ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ, ସେତେବେଳେ ରାମ ତାଙ୍କୁ କହିଲେ, 'ତୁମେ ରାଜକନ୍ୟା ହୋଇ କିପରି ଏସବୁ କଷ୍ଟ ସହ୍ୟ କରିବ ? ଅରଣ୍ୟରେ କେତେବେଳେ କେଉଁ ବିପଦ ଉପସ୍ଥିତ ହେବ, କିଛି ଜଣା ନାହିଁ । ତୁମେ କିପରି ମୋ ସଙ୍ଗରେ ଯିବ ?' ସୀତା ଉତ୍ତର ଦେଲେ, 'ଆର୍ଯ୍ୟପୁତ୍ର ଯେଉଁଠାକୁ ଯିବେ, ସୀତା ମଧ୍ୟ ତାଙ୍କ ସଙ୍ଗେ ସଙ୍ଗେ ଯିବ । ଆପଣ ମୋତେ 'ରାଜକନ୍ୟା', 'ରାଜବଂଶରେ ଜନ୍ମ' ଏସବୁ କଥା କଅଣ କହୁଛନ୍ତି ! ମୋତେ ଆପଣଙ୍କ ସାଙ୍ଗରେ ନେବାକୁ ହିଁ ହେବ ।' ରାମଚନ୍ଦ୍ରଙ୍କୁ ଅଗତ୍ୟା ସୀତାଙ୍କୁ ସାଙ୍ଗରେ ନେବାକୁ ପଡ଼ିଥିଲା । ଆଉ ରାମଗତପ୍ରାଣ କନିଷ୍ଠ ଭ୍ରାତା ଲକ୍ଷ୍ମଣ ମଧ୍ୟ ରାମଙ୍କର ମୁହୂର୍ତ୍ତମାତ୍ର ବିରହ ସହ୍ୟ କରିପାରୁ ନ ଥିଲେ; ସୁତରାଂ ସେ ମଧ୍ୟ କୌଣସି ପ୍ରକାରେ ରାମଙ୍କ ସଙ୍ଗ ଛାଡ଼ିଲେ ନାହିଁ । ସେମାନେ ଅରଣ୍ୟରେ ପ୍ରବେଶ କରି ପ୍ରଥମେ ଚିତ୍ରକୂଟ ପର୍ବତରେ କିଛି ଦିନ ବାସ କଲେ । ପରେ ଗଭୀରରୁ ଗଭୀରତର ଅରଣ୍ୟକୁ ଗମନ କରି ଗୋଦାବରୀ ତୀରବର୍ତ୍ତୀ ପରମ ରମଣୀୟ ପଞ୍ଚବଟୀରେ କୁଟୀର ନିର୍ମାଣ କରି ବାସ କଲେ । ରାମ ଓ ଲକ୍ଷ୍ମଣ ଉଭୟେ ମୃଗୟା କରୁଥିଲେ ଓ ଫଳମୂଳ ଆହାର କରୁଥିଲେ । ସେଥିରେ ସେମାନଙ୍କର ଜୀବନଯାତ୍ରା ନିର୍ବାହିତ ହେଉଥିଲା । ଏହିପରି ଭାବରେ କିଛି କାଳ ବାସକରିବା ପରେ ଦିନେ ସେଠାରେ ଗୋଟାଏ ରାକ୍ଷସୀ ଆସି ଉପସ୍ଥିତ ହେଲା । ସେ ଲଙ୍କାଧିପତି ରାବଣର ଭଗିନୀ । ଯଦୃଚ୍ଛାକ୍ରମେ ଅରଣ୍ୟରେ ବିଚରଣ କରୁ କରୁ ସେ ରାମଙ୍କର ଦର୍ଶନ ପାଇଲା ଏବଂ ତାଙ୍କ ରୂପଲାବଣ୍ୟରେ ମୋହିତ ହୋଇ ତାଙ୍କର ପ୍ରେମାକାଙ୍କ୍ଷିଣୀ ହେଲା । କିନ୍ତୁ ରାମ ମନୁଷ୍ୟମାନଙ୍କ ମଧ୍ୟରେ ପରମ ଶୁଦ୍ଧ ସ୍ୱଭାବ ଥିଲେ ଏବଂ ସେ ବିବାହିତ; ସୁତରାଂ ରାକ୍ଷସୀର ପ୍ରସ୍ତାବରେ ସମ୍ମତ ହୋଇପାରିଲେ ନାହିଁ । ରାକ୍ଷସୀ ପ୍ରତିହିଂସାବଶତଃ ତାହାର ଭାଇ ରାକ୍ଷସରାଜ ରାବଣ ନିକଟକୁ ଯାଇ ରାମଙ୍କ ସ୍ତ୍ରୀ ପରମାସୁନ୍ଦରୀ ସୀତାଙ୍କ ବିଷୟ ବିସ୍ତୃତ ଭାବେ ଜଣାଇଲା ।

ଆର୍ଯ୍ୟମାନଙ୍କ ମଧ୍ୟରେ ରାମ ସର୍ବାପେକ୍ଷା ବୀର୍ଯ୍ୟବାନ୍ ଥିଲେ । ରାକ୍ଷସ, ଦୈତ୍ୟ, ଦାନବ କାହାର ମଧ୍ୟ ଏତେ ଶକ୍ତି ନ ଥିଲା ଯେ କି ବାହୁବଳଦ୍ୱାରା ରାମଙ୍କୁ ପରାସ୍ତ କରିବ । ସୁତରାଂ ସୀତାହରଣାର୍ଥେ ରାବଣକୁ ମାୟା ଅବଲମ୍ବନ କରିବାକୁ ହେଲା । ସେ ଆଉ ଗୋଟିଏ ରାକ୍ଷସର ସାହାଯ୍ୟ ନେଲା । ସେ ରାକ୍ଷସ ପରମ ମାୟାବୀ ଥିଲା । ରାବଣର ଅନୁରୋଧରେ ସେ ସୁବର୍ଣ୍ଣମୃଗ ରୂପ ଧାରଣ କରି ରାମଙ୍କର କୁଟୀର ନିକଟରେ ମନୋହର ନୃତ୍ୟ, ଅଙ୍ଗଭଙ୍ଗୀ ପ୍ରଭୃତି ପ୍ରଦର୍ଶନ କରି କ୍ରୀଡ଼ା କରିବାରେ ଲାଗିଲା । ସୀତା ସେ ମାୟାମୃଗର ରୂପଲାବଣ୍ୟ ଦେଖି ମୋହିତ ହେଲେ ଏବଂ ତାଙ୍କ ପାଇଁ ସେ ମୃଗଟି ଧରିଆଣିବା ଲାଗି ରାମଙ୍କୁ ଅନୁରୋଧ କଲେ । ଲକ୍ଷ୍ମଣଙ୍କୁ ସୀତାଙ୍କ ରକ୍ଷଣାବେକ୍ଷଣ ପାଇଁ ନିଯୁକ୍ତ କରି ମୃଗକୁ ଧରିବା ପାଇଁ ରାମ ବଣ ଭିତରକୁ ଗଲେ । ସେତେବେଳେ ଲକ୍ଷ୍ମଣ କୁଟୀରର ଚାରିଆଡ଼େ ଗୋଟିଏ ମନ୍ତ୍ରପୂତ ରେଖା କାଟି ସୀତାଙ୍କୁ

କହିଲେ, 'ଦେବ, ମୋତେ ଜଣାପଡ଼ୁଛି, ଆଜି ଆପଣଙ୍କର କିଛି ଅଶୁଭ ଘଟିପାରେ । ଅତଏବ ମୁଁ ଆପଣଙ୍କୁ କହୁଛି, ଆପଣ ଆଜି କେବେହେଲେ ଏ ମନ୍ତ୍ରପୂତ ରେଖାର ବାହାରକୁ ଯିବେ ନାହିଁ ।' ଇତିମଧ୍ୟରେ ରାମ ସେ ମାୟାମୃଗକୁ ବାଣବିଦ୍ଧ କଲେ; ସେ ମୃଗ ମଧ୍ୟ ତତ୍‌କ୍ଷଣାତ୍ ତାହାର ସ୍ୱାଭାବିକ ରାକ୍ଷସରୂପ ଧାରଣ କରି ପଞ୍ଚତ୍ୱ ପ୍ରାପ୍ତ ହେଲା ।

ଠିକ୍ ସେତିକିବେଳେ କୁଟୀରରେ ଗୋଟାଏ ଗଭୀର ଆର୍ତ୍ତନାଦ ଶ୍ରୁତିଗୋଚର ହେଲା— ଯେପରି କି ରାମ ଚିତ୍କାର କରି କହୁଛନ୍ତି, 'ଲକ୍ଷ୍ମଣ, ଭାଇ ଆସ, ମୋତେ ରକ୍ଷା କର ।' ସୀତା ଏହା ଶୁଣି ସଙ୍ଗେ ସଙ୍ଗେ ଲକ୍ଷ୍ମଣଙ୍କୁ କହିଲେ, 'ଲକ୍ଷ୍ମଣ, ତୁମେ ଅବିଳମ୍ବେ ବନମଧ୍ୟକୁ ଗମନ କରି ଆର୍ଯ୍ୟପୁତ୍ରଙ୍କୁ ସାହାଯ୍ୟ କର ।' ଲକ୍ଷ୍ମଣ କହିଲେ, 'ଏହା ତ ରାମଚନ୍ଦ୍ରଙ୍କ ସ୍ୱର ନୁହେଁ ।' କିନ୍ତୁ ସୀତାଙ୍କର ବାରମ୍ବାର ଅନୁରୋଧ ଫଳରେ ତାଙ୍କୁ ରାମଙ୍କର ଅନ୍ୱେଷଣ ପାଇଁ ଯିବାକୁ ହେଲା । ଲକ୍ଷ୍ମଣ ଯେପରି ବାହାରି କିଛି ଦୂର ଯାଇଛନ୍ତି, ସେତିକିବେଳେ ରାକ୍ଷସରାଜ ରାବଣ ସନ୍ନ୍ୟାସୀ ବେଶ ଧାରଣ କରି କୁଟୀର ସମ୍ମୁଖକୁ ଆସି ଭିକ୍ଷା ପ୍ରାର୍ଥନା କଲା । ସୀତା କହିଲେ, 'ଆପଣ କିଛିକ୍ଷଣ ସମୟ ଅପେକ୍ଷା କରନ୍ତୁ, ମୋ ସ୍ୱାମୀ ବର୍ତ୍ତମାନ ଫେରିଆସିବେ । ସେ ଆସିବା ମାତ୍ରେ ମୁଁ ଆପଣଙ୍କୁ ଯଥେଷ୍ଟ ଭିକ୍ଷା ଦେବି ।' ସନ୍ନ୍ୟାସୀ କହିଲା, 'ଶୁଭ୍ରେ, ମୁଁ ଆଉ ମୁହୂର୍ତ୍ତେ ମଧ୍ୟ ବିଳମ୍ବ କରିପାରୁ ନାହିଁ; ମୁଁ ଅତ୍ୟନ୍ତ କ୍ଷୁଧାର୍ତ୍ତ, ଅତଏବ କୁଟୀରରେ ଯାହା କିଛି ଅଛି ଏହିକ୍ଷଣି ମୋତେ ତାହା ପ୍ରଦାନ କର । ସୀତା ଏ କଥାରେ ଆଶ୍ରମରେ ଯେ କେତୋଟି ଫଳମୂଳ ଥିଲା, ତାହା ଆଣି ରେଖା ଭିତରେ ଥାଇ ସନ୍ନ୍ୟାସୀକୁ ତାହା ନେବାକୁ କହିଲେ । କିନ୍ତୁ କପଟ ସନ୍ନ୍ୟାସୀ ତାଙ୍କୁ ବୁଝାଇଲା—'ଭିକ୍ଷାଜୀବୀ ପାଖରେ ତାଙ୍କର ଭୟର କୌଣସି କାରଣ ନାହିଁ; ଅତଏବ ରେଖା ଲଙ୍ଘନ କରି ତାଙ୍କ ପାଖକୁ ଆସି ଅନାୟାସରେ ସେ ଭିକ୍ଷା ଦେଇପାରନ୍ତି । ସନ୍ନ୍ୟାସୀର ପୁନଃ ପୁନଃ ପ୍ରରୋଚନା ଫଳରେ ସୀତା ଗାର ଲଙ୍ଘନ କରିବା ମାତ୍ରେ ସେ କପଟ ସନ୍ନ୍ୟାସୀ ନିଜ ରାକ୍ଷସଦେହ ପରିଗ୍ରହ କରି ନିଜର ପୁଷ୍ପକ ବିମାନରେ ରୋରୁଦ୍ୟମାନା ସୀତାଙ୍କୁ ବଳପୂର୍ବକ ବସାଇ ରଥ ନେଇ ଲଙ୍କାଭିମୁଖରେ ପଳାୟନ କଲା । ଆହା ! ସୀତା ସେତେବେଳେ ନିତାନ୍ତ ନିଃସହାୟା; ତାଙ୍କୁ ସାହାଯ୍ୟ କରିବା ପାଇଁ ସେଠାରେ କେହି ନ ଥିଲେ । ଯାହାହେଉ, ରାବଣର ରଥରେ ଯାଉ ଯାଉ ସୀତା ନିଜ ଅଙ୍ଗରୁ କେତେଖଣ୍ଡ ଅଳଙ୍କାର ବାହାର କରି ମଝିରେ ମଝିରେ ଭୂମିରେ ନିକ୍ଷେପ କରିବାକୁ ଲାଗିଲେ ।

ରାବଣ ସୀତାଙ୍କୁ ନିଜ ରାଜ୍ୟ ଲଙ୍କାକୁ ନେଇଗଲା । ସେ ସୀତାଙ୍କୁ ନିଜର ମହିଷୀ ହେବା ପାଇଁ ଅନୁରୋଧ କଲା ଏବଂ ତା' କଥାରେ ସମ୍ମତ କରିବା ପାଇଁ ନାନାବିଧ ପ୍ରଲୋଭନ ଦେଖାଇବାରେ ଲାଗିଲା । କିନ୍ତୁ ସୀତା ସତୀତ୍ୱଧର୍ମର ସାକାର ବିଗ୍ରହ ଥିଲେ; ସୁତରାଂ ସେ ତା' ସହିତ ବାକ୍ୟାଳାପ ମଧ୍ୟ କଲେ ନାହିଁ । ରାବଣ ସୀତାଙ୍କୁ ଶାସ୍ତି ଦେବା ଅଭିପ୍ରାୟରେ ତାହାର ପତ୍ନୀ ହେବା ପାଇଁ ସ୍ୱୀକୃତ ନ ହେବା ପର୍ଯ୍ୟନ୍ତ ଗୋଟିଏ ବୃକ୍ଷତଳରେ ବସି ରହିବାକୁ ତାଙ୍କୁ ବାଧ୍ୟ କଲା ।

ଯେତେବେଳେ ରାମ, ଲକ୍ଷ୍ମଣ କୁଟୀରକୁ ଫେରିଆସି ଦେଖିଲେ ଯେ ସେଠାରେ ସୀତା

ନାହାନ୍ତି, ସେତେବେଳେ ସେମାନଙ୍କର ଶୋକର ସୀମା ରହିଲା ନାହିଁ । ସୀତାଙ୍କର କି ଦଶା ହେଲା, ସେମାନେ ଭାବି କିଛି ସ୍ଥିର କରିପାରିଲେ ନାହିଁ । ସେତେବେଳେ ଦୁଇ ଭାଇ ମିଶି ଚାରିଆଡ଼େ ସୀତାଙ୍କର ଅନ୍ୱେଷଣ କରିବାରେ ଲାଗିଲେ; କିନ୍ତୁ ତାଙ୍କର କୌଣସି ସନ୍ଧାନ ପାଇଲେ ନାହିଁ । ଅନେକ ଦିନ ଅନୁସନ୍ଧାନ କରିବା ପରେ ଦିନେ 'ବାନର'ଙ୍କ ସହିତ ସେମାନଙ୍କର ସାକ୍ଷାତ୍ ହେଲା; ସେମାନଙ୍କ ଭିତରେ ଦେବାଂଶସମ୍ଭୂତ ହନୁମାନ ମଧ୍ୟ ଥିଲେ । ଆମେମାନେ ପରେ ଦେଖିବା, ଏହି ବାନରଶ୍ରେଷ୍ଠ ହନୁମାନ ରାମଙ୍କର ପରମ ବିଶ୍ୱସ୍ତ ଅନୁଚର ହୋଇ ସୀତା-ଉଦ୍ଧାର କରିବାରେ ରାମଙ୍କୁ ବିଶେଷ ସହାୟତା କରିଥିଲେ । ରାମଙ୍କ ପ୍ରତି ତାଙ୍କର ଭକ୍ତି ଏତେଦୂର ପ୍ରବଳ ଥିଲା ଯେ, ହିନ୍ଦୁମାନେ ଆଜି ମଧ୍ୟ ତାଙ୍କୁ ପ୍ରଭୁଙ୍କ ଆଦର୍ଶ-ସେବକ ରୂପେ ପୂଜା କରିଥାଆନ୍ତି । ଦାକ୍ଷିଣାତ୍ୟର ପ୍ରାଚୀନ ଅଧିବାସୀମାନଙ୍କୁ ଲକ୍ଷ୍ୟ କରି 'ବାନର' ଓ 'ରାକ୍ଷସ' ଶବ୍ଦ ପ୍ରୟୋଗ କରାଯାଇଛି । ଏପରି ଭାବରେ ଅବଶେଷରେ ବାନରମାନଙ୍କ ସହିତ ରାମଙ୍କର ମିଳନ ହେଲା । ସେମାନେ ତାଙ୍କୁ କହିଲେ ଯେ, ସେମାନେ ଆକାଶମାର୍ଗରେ ଗୋଟାଏ ରଥ ଯିବାର ଦେଖିଥିଲେ । ସେଥିରେ ଏକ 'ରାକ୍ଷସ' ବସିଥିଲା, ଏବଂ ସେ ଜଣେ ରୋରୁଦ୍ୟମାନା ପରମା ସୁନ୍ଦରୀଙ୍କୁ ଅପହରଣ କରି ନେଇ ଯାଉଥିଲା । ଆଉ ଯେତେବେଳେ ରଥ ଖଣ୍ଡିକ ସେମାନଙ୍କର ମୁଣ୍ଡ ଉପରେ ଯାଉଥିଲା, ସେତେବେଳେ ସେହି ରମଣୀ ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଜ ଗାତ୍ରରୁ ଖଣ୍ଡେ ଅଳଙ୍କାର ଉନ୍ମୋଚନ କରି ସେମାନଙ୍କ ନିକଟକୁ ପକାଇ ଦେଇଥିଲେ । ଏହା କହି ସେମାନେ ରାମଙ୍କୁ ସେ ଅଳଙ୍କାର ପ୍ରଦର୍ଶନ କଲେ । ଲକ୍ଷ୍ମଣ ହିଁ ସେ ଅଳଙ୍କାର ନେଇ ଦେଖିଲେ; କିନ୍ତୁ ସେ ତାହା ଚିହ୍ନିପାରିଲେ ନାହିଁ । ଯେତେବେଳେ ରାମ ତାଙ୍କ ହାତରୁ ଅଳଙ୍କାରଟି ନେଇ ଦେଖିଲେ ତତ୍କ୍ଷଣାତ୍ ତାହା ସୀତାଙ୍କର ବୋଲି ଚିହ୍ନିଲେ । ଭାରତରେ ଜ୍ୟେଷ୍ଠ ଭ୍ରାତୃବଧୂଙ୍କୁ ଏପରି ଭକ୍ତି କରାଯାଉଥିଲା ଯେ, ଲକ୍ଷ୍ମଣ ସୀତାଙ୍କର ବାହୁ ବା ଗଳଦେଶକୁ କେବେ ହେଁ ଦେଖି ନ ଥିଲେ । ସୁତରାଂ ବାନରମାନଙ୍କଦ୍ୱାରା ପ୍ରଦର୍ଶିତ ଅଳଙ୍କାରଟି ସୀତାଙ୍କର କଣ୍ଠଭୂଷଣ ଥିଲା ବୋଲି ସେ ଚିହ୍ନିପାରି ନ ଥିଲେ । ଏ ଆଖ୍ୟାନଟିରେ ଭାରତର ପ୍ରାଚୀନ ପ୍ରଥାର ଆଭାସ ମିଳେ ।

ସେହି ସମୟରେ ବାନରରାଜ ବାଲୀ ସହିତ ତଦୀୟ କନିଷ୍ଠ ଭ୍ରାତା ସୁଗ୍ରୀବର ବିବାଦ ଚାଲିଥିଲା । ବାଲୀ ସୁଗ୍ରୀବକୁ ରାଜ୍ୟରୁ ବିତାଡ଼ିତ କରିଥିଲା । ରାମ ସୁଗ୍ରୀବଙ୍କ ପକ୍ଷ ଅବଲମ୍ବନ କରି ବାଲୀ ନିକଟରୁ ସୁଗ୍ରୀବର ହୃତରାଜ୍ୟ ପୁନରୁଦ୍ଧାର କରିଦେଲେ । ସୁଗ୍ରୀବ ଏ ଉପକାରର କୃତଜ୍ଞତା ସ୍ୱରୂପ ରାମଙ୍କୁ ସାହାଯ୍ୟ କରିବା ପାଇଁ ସମ୍ମତ ହେଲେ । ସୀତାଙ୍କ ଅନ୍ୱେଷଣାର୍ଥ ସୁଗ୍ରୀବ ସର୍ବତ୍ର ବାନର-ସୈନ୍ୟମାନଙ୍କୁ ପ୍ରେରଣ କଲେ; କିନ୍ତୁ କେହି ତାଙ୍କର କୌଣସି ସନ୍ଧାନ ପାଇଲେ ନାହିଁ । ଅବଶେଷରେ ହନୁମାନ ଗୋଟିଏ ଲମ୍ଫରେ ସାଗର ଲଙ୍ଘନ କରି ଲଙ୍କାଦ୍ୱୀପରେ ଉପନୀତ ହେଲେ; କିନ୍ତୁ ସେଠାରେ ସର୍ବତ୍ର ଅନ୍ୱେଷଣ କରି ସେ ସୀତାଙ୍କର କୌଣସି ସନ୍ଧାନ ପାଇଲେ ନାହିଁ ।

ରାକ୍ଷସରାଜ ରାବଣ ଦେବମାନବ ସମସ୍ତଙ୍କୁ, ଏପରି କି ସମୁଦାୟ ବ୍ରହ୍ମାଣ୍ଡ ଜୟ

କରିଥିଲା । ସେ ଜଗତର ବହୁ ସୁନ୍ଦରୀ ରମଣୀଙ୍କୁ ବଳପୂର୍ବକ ଧରିଆଣି ଉପପତ୍ନୀ କରିଥିଲା । ହନୁମାନ ଭାବିବାକୁ ଲାଗିଲେ, 'ସୀତା କେବେହେଁ ସେମାନଙ୍କ ସହିତ ରାଜପ୍ରାସାଦରେ ରହି ନ ପାରନ୍ତି । ଏପରି ସ୍ଥାନରେ ବାସ କରିବା ଅପେକ୍ଷା ସେ ନିଶ୍ଚିତ ମୃତ୍ୟୁକୁ ମଧ୍ୟ ଶ୍ରେୟସ୍କର ଜ୍ଞାନ କରିଥିବେ । ଏହା ଭାବି ହନୁମାନ ଅନ୍ୟତ୍ର ସୀତାଙ୍କର ଅନ୍ୱେଷଣ କରିବାରେ ଲାଗିଲେ । ଅବଶେଷରେ ସେ ସୀତାଙ୍କୁ ଗୋଟାଏ ବୃକ୍ଷ ମୂଳେ ଉପବେଶନ କରିଥିବାର ଦେଖିଲେ । ତାଙ୍କର ଶରୀର ଅତିଶୟ କୃଶ ଓ ପାଣ୍ଡୁବର୍ଣ୍ଣ । ତାଙ୍କୁ ଦେଖି ବୋଧ ହେଲା, ଯେପରିକି ପ୍ରତିପଦର ଶଶିକଳା ଆକାଶରେ ପ୍ରଥମ ଉଦିତ ହେଉଛି । ହନୁମାନ ସେତେବେଳେ ଗୋଟିଏ କ୍ଷୁଦ୍ର ବାନର ରୂପ ପରିଗ୍ରହ କରି ସେହି ବୃକ୍ଷ ଉପରେ ଯାଇ ବସିଲେ । ସେଠାରୁ ଦେଖିଲେ, ରାବଣ-ପ୍ରେରିତ ରାକ୍ଷସୀମାନେ ଆସି ସୀତାଙ୍କୁ ନାନାପ୍ରକାରରେ ଭୟ ଦେଖାଇ ବଶୀଭୂତ କରିବା ପାଇଁ ଚେଷ୍ଟା କରିବାରେ ଲାଗିଛନ୍ତି । କିନ୍ତୁ ସୀତା ରାବଣର ନାମକୁ ମଧ୍ୟ କର୍ଣ୍ଣପାତ କରୁ ନାହାନ୍ତି ।

ଦାସୀମାନେ ପ୍ରସ୍ଥାନ କରିବା ପରେ ହନୁମାନ ନିଜ ରୂପଧାରଣ କରି ସୀତାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ କହିଲେ, 'ଦେବି, ରାମଚନ୍ଦ୍ର ଆପଣଙ୍କ ଅନ୍ୱେଷଣାର୍ଥେ ମୋତେ ପ୍ରେରଣ କରିଛନ୍ତି, ମୁଁ ତାଙ୍କ ଦୂତ ହୋଇ ଏଠାକୁ ଆସିଛି ।' ଏହା କହି ସେ ସୀତାଙ୍କ ପ୍ରତ୍ୟୟ ଉତ୍ପାଦନାର୍ଥେ ଚିହ୍ନ ସ୍ୱରୂପ ରାମଚନ୍ଦ୍ରଙ୍କ ଅଙ୍ଗୁରୀୟଟି ତାହାଙ୍କୁ ଦେଖାଇଲେ । ସେ ସୀତାଙ୍କୁ ଆହୁରି ମଧ୍ୟ ଜଣାଇଲେ ଯେ, ସୀତା କେଉଁଠାରେ ଅଛନ୍ତି ଜାଣିପାରିଲେ ହିଁ ରାମଚନ୍ଦ୍ର ସସୈନ୍ୟ ଲଙ୍କାକୁ ଆସି ରାକ୍ଷସରାଜକୁ ଜୟ କରି ତାଙ୍କୁ ଉଦ୍ଧାର କରିବେ । ଏସବୁ କଥା ସୀତାଙ୍କୁ ନିବେଦନ କରିବା ପରେ ହନୁମାନ ଅବଶେଷରେ କର ଯୋଡ଼ି କହିଲେ, 'ଦେବୀଙ୍କର ଯଦି ଇଚ୍ଛା ହୁଏ, ତେବେ ଏ ଦାସ ଆପଣଙ୍କୁ କାନ୍ଧରେ ନେଇ ଗୋଟିଏ ଲମ୍ଫରେ ସାଗର ପାରିହୋଇ ରାମଚନ୍ଦ୍ରଙ୍କ ନିକଟରେ ପହଁଚିପାରେ ।' କିନ୍ତୁ ସୀତା ଥିଲେ ଧର୍ମର ମୂର୍ତ୍ତିମତୀ ବିଗ୍ରହ; ସୁତରାଂ ହନୁମାନଙ୍କ ଅଭିପ୍ରାୟମତେ କାର୍ଯ୍ୟ କଲେ ପତି ବ୍ୟତୀତ ଅନ୍ୟ ପୁରୁଷର ଅଙ୍ଗ ସ୍ପର୍ଶ ହେବ ବୋଲି ସେ ହନୁମାନଙ୍କ କଥାରେ କର୍ଣ୍ଣପାତ କଲେ ନାହିଁ । ସେ କେବଳ ହନୁମାନ ଯଥାର୍ଥରେ ସୀତାଙ୍କର ସନ୍ଧାନ ପାଇଛନ୍ତି, ରାମଚନ୍ଦ୍ରଙ୍କର ଏ ବିଶ୍ୱାସ ଉତ୍ପାଦନାର୍ଥେ ତାଙ୍କୁ ନିଜ ମସ୍ତକରୁ ଚୂଡ଼ାମଣି ପ୍ରଦାନ କଲେ । ହନୁମାନ ସେହି ଚୂଡ଼ାମଣିକୁ ଧରି ରାମଚନ୍ଦ୍ରଙ୍କ ନିକଟକୁ ଫେରିଗଲେ ।

ହନୁମାନଙ୍କ ନିକଟରୁ ସୀତାଙ୍କର ସମ୍ବାଦ ଅବଗତ ହୋଇ ରାମଚନ୍ଦ୍ର ଦଳେ ବାନର-ସୈନ୍ୟ ସଂଗ୍ରହ କରି ଭାରତର ଶେଷ ପ୍ରାନ୍ତରେ ଉପଗତ ହେଲେ । ସେଠାରେ ରାମଙ୍କର ବାନରମାନେ ଗୋଟାଏ ପ୍ରକାଣ୍ଡ ସେତୁ ନିର୍ମାଣ କଲେ । ତାହାର ନାମ ହେଲା, ସେତୁବନ୍ଧ । ସେହି ସେତୁ ଭାରତ ସହିତ ଲଙ୍କାର ସଂଯୋଗ ସାଧନ କରିଦେଇଛି । ଖୁବ୍ ଭଟ୍ଟା ସମୟରେ ବର୍ତ୍ତମାନ ମଧ୍ୟ ଭାରତରୁ ଲଙ୍କାକୁ ବାଲୁକାସ୍ତୂପ ଉପରେ ଚାଲି ଚାଲି ଯାଇହେବ ।

ଅବଶ୍ୟ ରାମ ଈଶ୍ୱରାବତାର ଥିଲେ, ନଚେତ୍ ବା ସେସବୁ ଦୁଷ୍କର କର୍ମ କିପରି ସମ୍ପାଦନ

କରନ୍ତେ ? ହିନ୍ଦୁମାନଙ୍କ ମତରେ ରାମଚନ୍ଦ୍ର ଈଶ୍ୱରାବତାର ଥିଲେ । ଭାରତବାସୀମାନେ ତାଙ୍କୁ ଈଶ୍ୱରଙ୍କର ସପ୍ତମାବତାର ବୋଲି ବିଶ୍ୱାସ କରିଥାଆନ୍ତି ।

ବାନରମାନେ ସେତୁବନ୍ଧ ବାନ୍ଧିବା ସମୟରେ ଗୋଟାଏ ଗୋଟାଏ ପ୍ରକାଣ୍ଡ ଶୈଳ ଉତ୍ପାଟନ କରି ଆଣି ସମୁଦ୍ରରେ ସ୍ଥାପନ କରି ତା ଉପରେ ରାଶୀକୃତ ଶିଳାଖଣ୍ଡ ଓ ମହୀରୁହସମୂହ ନିକ୍ଷେପ କରି ପ୍ରକାଣ୍ଡ ସେତୁ ପ୍ରସ୍ତୁତ କରୁଥିଲେ । ସେମାନେ ଦେଖିଲେ, ଗୋଟାଏ ଗୁଣ୍ଡୁଚିମୂଷା ବାଲୁକା ଉପରେ ଗଡ଼ୁଛି, ତା'ପରେ ସେତୁ ଉପରକୁ ଆସି ଏଆଡ଼େ ସେଆଡ଼େ ଧାଉଁଛି ଓ ନିଜ ଦେହକୁ ଝାଡ଼ୁଛି । ଏହି ଭାବରେ ସେ ନିଜର ସାମର୍ଥ୍ୟାନୁସାରେ ବାଲୁକା ପ୍ରଦାନ କରି ରାମଚନ୍ଦ୍ରଙ୍କ ସେତୁ ନିର୍ମାଣ କାର୍ଯ୍ୟରେ ସାହାଯ୍ୟ କରୁଥିଲା । ବାନରମାନେ ତା'ର ଏ କାମ ଦେଖି ହସିବାକୁ ଲାଗିଲେ । ସେମାନେ ଜଣେ ଜଣେ ଏକା ଏକା ଥରକେ ଗୋଟାଏ ଗୋଟାଏ ପାହାଡ଼, ଗୋଟାଏ ଗୋଟାଏ ଜଙ୍ଗଲ ଓ ରାଶୀକୃତ ବାଲୁକା ନେଇ ଆସୁଥିଲେ; ସୁତରାଂ ଗୁଣ୍ଡୁଚିମୂଷାଟିର ଏପରି ଗଡ଼ିବା ଓ ଝାଡ଼ିହେବା ଦେଖି ସେମାନେ ହାସ୍ୟ ସମ୍ବରଣ କରିପାରୁ ନ ଥିଲେ । ରାମଚନ୍ଦ୍ର ଏହା ଲକ୍ଷ୍ୟ କରି ବାନରମାନଙ୍କୁ ସମ୍ବୋଧନ କରି କହିଲେ, 'ଗୁଣ୍ଡୁଚିମୂଷାଟିର ମଙ୍ଗଳ ହେଉ, ସେ ତା'ର ପ୍ରାଣପଣେ ଶକ୍ତି ପ୍ରୟୋଗ କରି ତାହାର କର୍ତ୍ତବ୍ୟ ପାଳନ କରୁଛି । ଅତଏବ ସେ ତୁମମାନଙ୍କ ମଧ୍ୟରେ ଯେ ସର୍ବପ୍ରଧାନ ତା'-ଠାରୁ କୌଣସି ଅଂଶରେ ନ୍ୟୂନ ନୁହେଁ ।' ଏହା କହି ସେ ଆଦର କରି ଗୁଣ୍ଡୁଚିମୂଷା ପିଠିକୁ ଆଉଁଷି ଦେଲେ । ବର୍ତ୍ତମାନ ସୁଦ୍ଧା ଗୁଣ୍ଡୁଚିମୂଷା ପିଠିରେ ଯେଉଁ ଲମ୍ବ ଲମ୍ବ ଦାଗ ଦେଖିବାକୁ ମିଳୁଛି, ଲୋକେ କହନ୍ତି, ତାହା ରାମଚନ୍ଦ୍ରଙ୍କ ଅଙ୍ଗୁଳିର ଦାଗ ।

ସେତୁ ନିର୍ମାଣକାର୍ଯ୍ୟ ଶେଷ ହେବା ପରେ ସମୁଦାୟ ବାନରସୈନ୍ୟ ରାମ ଓ ତଦୀୟ ଭ୍ରାତାଙ୍କଦ୍ୱାରା ପରିଚାଳିତ ହୋଇ ଲଙ୍କାରେ ପ୍ରବେଶ କଲେ । ତା'ପରେ କେତେ ମାସ ପର୍ଯ୍ୟନ୍ତ ରାମଚନ୍ଦ୍ରଙ୍କ ସହିତ ରାବଣର ଘୋରତର ଯୁଦ୍ଧ ହେଲା । ଅଜସ୍ର ସେନାଙ୍କର ରକ୍ତପାତ ହେଲା । ଅବଶେଷରେ ରାକ୍ଷସାଧିପ ରାବଣ ପରାଜିତ ଓ ନିହତ ହେଲା । ସେତେବେଳେ ସୁବର୍ଣ୍ଣମୟ ପ୍ରାସାଦାଦି-ବିଭୂଷିତ ରାବଣର ରାଜଧାନୀ ଲଙ୍କାପୁରୀ ରାମଚନ୍ଦ୍ରଙ୍କ ହସ୍ତଗତ ହେଲା । ଭାରତର ସୁଦୂର ପଲ୍ଲୀରେ ଭ୍ରମଣ କରୁ କରୁ ସେଠାରେ ଲୋକମାନଙ୍କୁ 'ମୁଁ ଲଙ୍କାକୁ ଯାଇଥିଲି' ବୋଲି କହିଲେ ସେମାନେ କହୁଥିଲେ 'ଆମମାନଙ୍କ ଶାସ୍ତ୍ରରେ ଅଛି ଯେ, ସେଠାରେ ସମୁଦାୟ ଗୃହ ସୁବର୍ଣ୍ଣନିର୍ମିତ ।' ଯାହା ହେଉ, ଲଙ୍କାର ଏ ସମୁଦାୟ ସୁବର୍ଣ୍ଣମୟୀ ନଗରୀ ରାମଚନ୍ଦ୍ରଙ୍କ ହସ୍ତଗତ ହେଲା । ରାବଣର କନିଷ୍ଠ ଭ୍ରାତା ବିଭୀଷଣ ଯୁଦ୍ଧ ସମୟରେ ରାମଙ୍କ ପକ୍ଷରେ ରହି ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଥିଲେ । ସେହି ସାହାଯ୍ୟର ପ୍ରତିଦାନସ୍ୱରୂପ ରାମଚନ୍ଦ୍ର ବିଭୀଷଣଙ୍କୁ ଏହି ସୁବର୍ଣ୍ଣମୟୀ ନଗରୀ ପ୍ରଦାନ କଲେ ଏବଂ ରାବଣ ସ୍ଥାନରେ ତାଙ୍କୁ ଲଙ୍କାର ସିଂହାସନରେ ବସାଇଲେ ।

ବିଭୀଷଣ ଲଙ୍କାର ସିଂହାସନରେ ଆରୋହଣ କରିବା ପରେ ରାମ ସୀତା ଓ ଅନୁଚର-ବର୍ଗଙ୍କ ସହିତ ଲଙ୍କା ପରିତ୍ୟାଗ କଲେ । ରାମ ଯେତେବେଳେ ଅଯୋଧ୍ୟା ପରିତ୍ୟାଗ କରି ବନକୁ ଗମନ କରିଥିଲେ, ସେତେବେଳେ ରାମଙ୍କର କନିଷ୍ଠ ଭ୍ରାତା କୈକେୟୀତନୟ ଭରତ

ମାତୁଳାଳୟରେ ଥିଲେ; ସୁତରାଂ ସେ ରାମଙ୍କ ବନଗମନ ବିଷୟରେ କିଛି ଜାଣି ନ ଥିଲେ । ଅଯୋଧ୍ୟାକୁ ଆସି ଯେତେବେଳେ ସମୁଦାୟ ବିଷୟ ଶୁଣିଲେ, ସେତେବେଳେ ତାଙ୍କର ଆନନ୍ଦ ହେବା ଦୂରେ ଥାଉ, ଶୋକର ସୀମା ରହିଲା ନାହିଁ । ବୃଦ୍ଧ ରାଜା ଦଶରଥ ମଧ୍ୟ ଏହି ସମୟରେ ରାମଙ୍କ ଶୋକରେ ଅଧୀର ହୋଇ ଦେହତ୍ୟାଗ କରିଥିଲେ । ଭରତ କାଳବିଳମ୍ବ ନ କରି ଅରଣ୍ୟରେ ରାମଙ୍କ ସମୀପରେ ଉପଗତ ହୋଇ ତାଙ୍କୁ ପିତାଙ୍କର ସ୍ୱର୍ଗଗମନବାର୍ତ୍ତା ଜଣାଇ ରାଜ୍ୟକୁ ଫେରାଇ ନେଇଯିବା ନିମିତ୍ତ ଅନୁରୋଧ କରିବାରେ ଲାଗିଲେ । କିନ୍ତୁ ରାମ ସେଥିରେ କୌଣସିମତେ ସମ୍ମତ ହେଲେ ନାହିଁ । ସେ କହିଲେ, 'ଚତୁର୍ଦ୍ଦଶ ବର୍ଷ ବନରେ ବାସ ନ କଲେ ପିତୃସତ୍ୟ କୌଣସି ରୂପେ ରକ୍ଷିତ ହେବ ନାହିଁ ।' ଚତୁର୍ଦ୍ଦଶ ବର୍ଷାନ୍ତେ ସେ ଫେରିଯାଇ ରାଜ୍ୟଭାର ଗ୍ରହଣ କରିବେ ।' ରାମଚନ୍ଦ୍ର ଯେତେବେଳେ ଭରତଙ୍କୁ ରାଜ୍ୟପାଳନ ପାଇଁ ବାରମ୍ବାର ଅନୁରୋଧ କରିବାରୁ ଅବଶେଷରେ ବାଧ୍ୟ ହୋଇ ତାଙ୍କୁ ରାମାଜ୍ଞା ପାଳନ କରିବାକୁ ହେଲା । କିନ୍ତୁ ସେ ଜ୍ୟେଷ୍ଠଭ୍ରାତାଙ୍କ ପ୍ରତି ପରମ ଅନୁରାଗ ଓ ଭକ୍ତିବଶତଃ ସ୍ୱୟଂ ସିଂହାସନରେ ବସିବା ପାଇଁ କୌଣସି ମତେ ସମ୍ମତ ହେଲେ ନାହିଁ । ସିଂହାସନ ଉପରେ ରାମଚନ୍ଦ୍ରଙ୍କର କାଷ୍ଠପାଦୁକା ସ୍ଥାପନ କରି ନିଜେ ରାମଚନ୍ଦ୍ରଙ୍କ ପ୍ରତିନିଧି ରୂପେ ରାଜ୍ୟଶାସନ କଲେ ।

ସୀତା-ଉଦ୍ଧାର ପରେ ରାମଚନ୍ଦ୍ରଙ୍କର ଚତୁର୍ଦ୍ଦଶ ବର୍ଷ ବନବାସର ସମୟ ପୂର୍ଣ୍ଣ ହୋଇ ଆସିଥିଲା । ତେଣୁ ଭରତ ତାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ସାଗ୍ରହ ପ୍ରତୀକ୍ଷା କରୁଥିଲେ । ରାମଚନ୍ଦ୍ର ଅଯୋଧ୍ୟାକୁ ପ୍ରତ୍ୟାବୃତ୍ତ ହେଉଛନ୍ତି ବୋଲି ଜାଣିପାରି ସେ ପ୍ରଜାମାନଙ୍କ ସହିତ ଅଗ୍ରସର ହୋଇ ତାଙ୍କୁ ଅଭ୍ୟର୍ଥନା କଲେ ଏବଂ ତାଙ୍କୁ ସିଂହାସନରେ ଆରୋହଣ କରିବା ପାଇଁ ଅନୁରୋଧ କଲେ । ସମସ୍ତଙ୍କର ଅନୁରୋଧ ଫଳରେ ରାମଚନ୍ଦ୍ର ଅଯୋଧ୍ୟାର ସିଂହାସନରେ ଆରୋହଣ କରିବା ପାଇଁ ସ୍ୱୀକୃତ ହେଲେ । ମହା ଆଡ଼ମ୍ବର ସହକାରେ ତାଙ୍କର ଅଭିଷେକ-କ୍ରିୟା ସମ୍ପନ୍ନ ହେଲା । ପ୍ରାଚୀନ କାଳରେ ସିଂହାସନ ଆରୋହଣ ସମୟରେ ପ୍ରଜାମାନଙ୍କର କଲ୍ୟାଣାର୍ଥେ ରାଜାଙ୍କୁ ଯେଉଁସବୁ ବ୍ରତ ଗ୍ରହଣ କରିବାକୁ ହେଉଥିଲା, ରାମ ତାହା ଯଥାବିଧି ଗ୍ରହଣ କଲେ । ସେତେବେଳର ରାଜାମାନେ ପ୍ରଜାବର୍ଗଙ୍କ ସେବକ ପରି ଥିଲେ, ସେମାନଙ୍କୁ ପ୍ରଜାବର୍ଗଙ୍କ ମତାମତର ଅଧୀନ ହୋଇ ଚଳିବାକୁ ହେଉଥିଲା । ଆମେମାନେ ବର୍ତ୍ତମାନ ଦେଖିବା, ଏହି ପ୍ରଜାରଞ୍ଜନ ପାଇଁ ରାମଚନ୍ଦ୍ରଙ୍କୁ ନିଜ ପ୍ରାଣଠାରୁ ପ୍ରିୟତମ ବସ୍ତୁକୁ କିପରି ଭାବରେ ମମତାଶୂନ୍ୟ ହୋଇ ପରିତ୍ୟାଗ କରିବାକୁ ହୋଇଥିଲା । ରାମ ଅପତ୍ୟନିର୍ବିଶେଷରେ ପ୍ରଜାପାଳନ କରି କିଛି ସମୟ ସୀତାଙ୍କ ସହିତ ପରମ ସୁଖରେ କଟାଇଲେ । ଏହିପରି ଭାବରେ କିଛି ଦିନ ଗତ ହେବାରୁ ଦିନେ ରାମଚନ୍ଦ୍ର ଚରମୁଖରୁ ଅବଗତ ହେଲେ ଯେ, ରାକ୍ଷସକର୍ତ୍ତୃକ ଅପହୃତା ସୀତାଙ୍କୁ ସେ ଗ୍ରହଣ କରିବାରୁ ପ୍ରଜାବର୍ଗ ଅତିଶୟ ଅସନ୍ତୋଷ ପ୍ରକାଶ କରୁଛନ୍ତି । ରାବଣବିଜୟ ପରେ ହିଁ ରାମଚନ୍ଦ୍ର ସୀତାଙ୍କୁ ଗ୍ରହଣ କରିବା ପୂର୍ବରୁ ସର୍ବସାଧାରଣଙ୍କ ସନ୍ତୋଷବିଧାନାର୍ଥେ ତାଙ୍କୁ ସ୍ୱୟଂ ବିଶୁଦ୍ଧସ୍ୱଭାବା ବୋଲି ଜାଣି ମଧ୍ୟ ସମବେତ ବାନର ଓ ରାକ୍ଷସମାନଙ୍କ ସମକ୍ଷରେ ଅଗ୍ନିପରୀକ୍ଷା କରିଥିଲେ । ଯେତେବେଳେ ସୀତା ଅଗ୍ନିପ୍ରବେଶ କଲେ ସେତେବେଳେ ରାମଚନ୍ଦ୍ର 'ବୋଧହୁଏ ସୀତା ହରାଇଲି' ଭାବି ଶୋକରେ ମୁହ୍ୟମାନ ହେଲେ;

କିନ୍ତୁ ପରକ୍ଷଣରେ ସମସ୍ତେ ବିସ୍ମିତ ହୋଇ ଦେଖିଲେ ଯେ ଅଗ୍ନିଦେବ ସ୍ୱୟଂ ସେହି ଅଗ୍ନି ଭିତରୁ ଉତ୍ଥିତ ହେଉଛନ୍ତି । ତାଙ୍କ ମସ୍ତକରେ ଗୋଟିଏ ହିରଣ୍ମୟ ସିଂହାସନ, ତଦୁପରି ସୀତାଦେବୀ ଉପବିଷ୍ଟା । ଏହା ଦେଖି ରାମଚନ୍ଦ୍ର ଓ ସମବେତ ଅନୁଗାମୀ ଓ ବନ୍ଧୁଗଣଙ୍କର ଆନନ୍ଦର ସୀମା ରହିଲା ନାହିଁ । ରାମ ପରମ ସମାଦର ସହକାରେ ତାଙ୍କୁ ଗ୍ରହଣ କଲେ । ଅଯୋଧ୍ୟାର ପ୍ରଜାମାନେ ଏ ଅଗ୍ନିପରୀକ୍ଷା ବିଷୟ ଅବଗତ ଥିଲେ, କିନ୍ତୁ ସେମାନେ ତାହା ନିଜେ ନ ଦେଖିଥିବାରୁ ସେମାନଙ୍କର ମନ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ନ ଥିଲା । ସେମାନେ ନିଜ ନିଜ ମଧ୍ୟରେ କୁହାକୁହି ହେଉଥିଲେ, ସୀତା ରାବଣ-ଗୃହରେ ବହୁକାଳ ବାସ କରିଥିଲେ; ସେ ସେଠାରେ ବାସ କରୁଥିବା ସମୟରେ ଯେ ସମ୍ପୂର୍ଣ୍ଣ ବିଶୁଦ୍ଧସ୍ୱଭାବା ଥିଲେ, ତାହାର କି ପ୍ରମାଣ ଅଛି ? ରାଜା ଏପରି ଅବସ୍ଥାରେ ସୀତାଙ୍କୁ ଗ୍ରହଣ କରି ଧର୍ମବିରୁଦ୍ଧ କାର୍ଯ୍ୟ କରୁଛନ୍ତି; ହୁଏତ ସର୍ବସମକ୍ଷରେ ନିଜ ବିଶୁଦ୍ଧ ସ୍ୱଭାବର ପୁଣି ପରୀକ୍ଷା ଦେବା ସୀତାଙ୍କର କର୍ତ୍ତବ୍ୟ, ନତୁବା ତାଙ୍କୁ ବିସର୍ଜନ କରିବା ହିଁ ରାଜାଙ୍କ ପକ୍ଷରେ ଶ୍ରେୟଃ ।

ପ୍ରଜାମାନଙ୍କର ସନ୍ତୋଷବିଧାନ ନିମିତ୍ତ ସୀତା ଅରଣ୍ୟକୁ ନିର୍ବାସିତା ହେଲେ । ଯେଉଁଠାରେ ସୀତା ପରିତ୍ୟକ୍ତା ହେଲେ, ସେ ସ୍ଥାନର ଅତି ନିକଟରେ ହିଁ ଆଦିକବି ମହର୍ଷି ବାଲ୍ମୀକିଙ୍କ ଆଶ୍ରମ ଥିଲା । ମହର୍ଷି ତାଙ୍କୁ ଏକାକିନୀ ରୋରୁଦ୍ୟମାନା ଅବସ୍ଥାରେ ଦେଖିଲେ ଓ ତାଙ୍କର ଦୁଃଖକାହାଣୀ ଶୁଣି ତାଙ୍କୁ ନିଜ ଆଶ୍ରମରେ ସ୍ଥାନ ଦେଲେ । ସୀତା ସେତେବେଳେ ଆସନ୍ନପ୍ରସବା ଥିଲେ । ସେହି ଆଶ୍ରମରେ ସେ ଦୁଇଟି ଯମଜ ପୁତ୍ର ପ୍ରସବ କଲେ । ଉପଯୁକ୍ତ ବୟସରେ ମହର୍ଷି ବାଲ୍ମୀକି ସେମାନଙ୍କୁ ବ୍ରହ୍ମଚର୍ଯ୍ୟବ୍ରତ ଗ୍ରହଣ କରାଇ ଯଥାବିଧାନରେ ଶିକ୍ଷା ଦେଲେ ।

ଏହି ସମୟରେ ସେ ରାମାୟଣ ନାମକ କାବ୍ୟ ରଚନା କରି ସେଥିରେ ସ୍ୱର-ତାଳ ସଂଯୋଗ କଲେ ।

ଭାରତରେ ନାଟକ ଓ ସଙ୍ଗୀତ ଅତି ପବିତ୍ର ବସ୍ତୁ ବୋଲି ବିବେଚିତ ହୋଇଥାଏ । ଏସବୁକୁ ଲୋକେ ଧର୍ମସାଧନ ସହିତ ଅଭିନ୍ନ ବୋଲି ଜ୍ଞାନ କରିଥାଆନ୍ତି । ଲୋକଙ୍କ ଧାରଣା—ପ୍ରେମସଙ୍ଗୀତ ହେଉ ବା ଯାହା କିଛି ହେଉ, ସଙ୍ଗୀତ ମାଧ୍ୟମେ ଯଦି କେହି ତନ୍ମୟ ହୋଇ-ଯାଇପାରନ୍ତି, ତେବେ ତାହାର ଅବଶ୍ୟ ମୁକ୍ତିଲାଭ ହୋଇଥାଏ । ସେମାନଙ୍କର ବିଶ୍ୱାସ—ଧ୍ୟାନଦ୍ୱାରା ଯେଉଁ ଫଳ ଲାଭ ହୁଏ, ସଙ୍ଗୀତରେ ତାହା ହିଁ ହୋଇଥାଏ ।

ଯାହାହେଉ, ବାଲ୍ମୀକି ରାମାୟଣରେ ସ୍ୱରତାଳ ସଂଯୋଗ କରି ରାମଙ୍କର ପୁତ୍ରଦ୍ୱୟଙ୍କୁ ତାହା ଗାଇବାକୁ ଶିଖାଇଲେ ।

ଭାରତରେ ପ୍ରାଚୀନ ରାଜାମାନେ ମଝିରେ ମଝିରେ ଅଶ୍ୱମେଧାଦି ବଡ଼ ବଡ଼ ଯଜ୍ଞ କରୁଥିଲେ । ରାମଚନ୍ଦ୍ର ମଧ୍ୟ ତଦନୁସାରେ ଅଶ୍ୱମେଧ ଯଜ୍ଞ କରିବା ପାଇଁ ସଂକଳ୍ପ କଲେ । କିନ୍ତୁ ସେତେବେଳେ ଗୃହସ୍ଥ ବ୍ୟକ୍ତିର ପତ୍ନୀ ବ୍ୟତୀତ କୌଣସି ଧର୍ମାନୁଷ୍ଠାନରେ ଅଧିକାର ନ ଥିଲା । ଧର୍ମକାର୍ଯ୍ୟ ସମୟରେ ପତ୍ନୀ ଅବଶ୍ୟ ସଙ୍ଗରେ ଥିବା ଆବଶ୍ୟକ । ସେଥିପାଇଁ ପତ୍ନୀର ଅପର ଗୋଟିଏ ନାମ ସହଧର୍ମିଣୀ—ଯାହା ସହିତ କି ଏକତ୍ର ମିଳିତ ହୋଇ ଧର୍ମକାର୍ଯ୍ୟାନୁ-

ଷ୍ଠାନ କରିବାକୁ ହୋଇଥାଏ । ସେତେବେଳେ ମଧ୍ୟ ହିନ୍ଦୁ ଗୃହସ୍ଥଙ୍କୁ ଶତ ଶତ ପ୍ରକାର ଧର୍ମାନୁଷ୍ଠାନ କରିବାକୁ ପଡ଼ୁଥିଲା; କିନ୍ତୁ ପତ୍ନୀ ଆଇ ଉକ୍ତ ଧର୍ମାନୁଷ୍ଠାନରେ ତାଙ୍କର କର୍ତ୍ତବ୍ୟ ଟିକକ ଅନୁଷ୍ଠାନ ନ କଲେ କୌଣସି ଧର୍ମାନୁଷ୍ଠାନ ବିଧିମତେ ଅନୁଷ୍ଠିତ ହୋଉ ନ ଥିଲା ।

ଯାହାହେଉ, ଏବେ ସୀତାଙ୍କୁ ବନରେ ବିସର୍ଜନ କରିଥିବାରୁ ରାମ କପରି ବିଧିପୂର୍ବକ ସସ୍ତ୍ରୀକ ଅଶ୍ୱମେଧ ଯଜ୍ଞ ସମ୍ପନ୍ନ କରିବେ ? ବର୍ତ୍ତମାନ ଏହି ପ୍ରଶ୍ନ ଉଠିଲା । ପ୍ରଜାମାନେ ତାଙ୍କୁ ପୁନର୍ବାର ବିବାହ କରିବା ଲାଗି ଅନୁରୋଧ କଲେ । କିନ୍ତୁ ରାମଚନ୍ଦ୍ର ଜୀବନରେ ଏହି ପ୍ରଥମ ଥର ପାଇଁ ପ୍ରଜାମାନଙ୍କ ମତ ବିରୋଧରେ ଦଣ୍ଡାୟମାନ ହେଲେ । ସେ କହିଲେ, 'ଏହା କଦାପି ହୋଇପାରିବ ନାହିଁ । ମୁଁ ସୀତାଙ୍କୁ ବିସର୍ଜନ କରିଛି ସତ; କିନ୍ତୁ ମୋ ହୃଦୟ ସୀତାଙ୍କ ପାଖରେ ପଡ଼ିରହିଛି ।' ସୁତରାଂ ଶାସ୍ତ୍ରବିଧି ରକ୍ଷା କରିବା ନିମନ୍ତେ ସୀତାଙ୍କର ପ୍ରତିନିଧି ସ୍ୱରୂପ ତାଙ୍କର ଗୋଟିଏ ସୁବର୍ଣ୍ଣମୟୀ ମୂର୍ତ୍ତି ନିର୍ମିତ ହେଲା । ଏହି ଯଜ୍ଞୋତ୍ସବରେ ସର୍ବସାଧାରଣଙ୍କର ଧର୍ମଭାବ ଓ ଆନନ୍ଦବର୍ଦ୍ଧନ ନିମନ୍ତେ ସଙ୍ଗୀତର ଆୟୋଜନ ହୋଇଥିଲା । କବିଗୁରୁ ମହର୍ଷି ବାଲ୍ମୀକି ତାଙ୍କ ଶିଷ୍ୟଦ୍ୱୟଙ୍କୁ ସାଙ୍ଗରେ ଧରି ଯଜ୍ଞସ୍ଥଳରେ ଉପସ୍ଥିତ ହେଲେ । ଏହା କହିବା ବାହୁଲ୍ୟ ଯେ ସେମାନେ ରାମଙ୍କର ଅଜ୍ଞାତ ପୁତ୍ର ଲବ ଓ କୁଶ । ସଭାସ୍ଥଳରେ ଗୋଟିଏ ରଙ୍ଗମଞ୍ଚ ନିର୍ମିତ ହୋଇଥିଲା ଓ ବାଲ୍ମୀକି ପ୍ରଣୀତ ରାମାୟଣ ଗାନ ପାଇଁ ଅନ୍ୟାନ୍ୟ ସମସ୍ତ ପ୍ରକାରର ଆୟୋଜନ ହୋଇଥିଲା । ସଭାସ୍ଥଳରେ ରାମ ଓ ତାଙ୍କର ଅମାତ୍ୟବର୍ଗ ଏବଂ ଅଯୋଧ୍ୟାର ସମସ୍ତ ପ୍ରଜା ଶ୍ରୋତୃମଣ୍ଡଳୀରୂପେ ଆସନ ଗ୍ରହଣ କଲେ । ବିପୁଳ ଜନତାର ସମାବେଶ ହେଲା । ବାଲ୍ମୀକିଙ୍କ ଶିକ୍ଷାମତେ ଲବ ଓ କୁଶ ରାମାୟଣ ଗାନ ଆରମ୍ଭ କଲେ । ସେମାନଙ୍କର ମନୋହର ରୂପଲାବଣ୍ୟ ଦର୍ଶନ ଓ ମଧୁର ସ୍ୱର ଶ୍ରବଣ କରି ସମଗ୍ର ସଭାମଣ୍ଡଳୀ ମନ୍ତ୍ରମୁଗ୍ଧ ହୋଇଗଲେ । ସୀତାଙ୍କ ପ୍ରସଙ୍ଗ ବାରମ୍ବାର ଶ୍ରବଣ କରି ରାମ ଉନ୍ମତ୍ତ ପରି ହେଲେ, ଆଉ ଯେତେବେଳେ ସୀତାଙ୍କର ବିସର୍ଜନ ପ୍ରସଙ୍ଗ ଉପସ୍ଥିତ ହେଲା, ସେତେବେଳେ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ । ମହର୍ଷି ରାମଙ୍କୁ କହିଲେ, 'ଆପଣ ଶୋକାର୍ତ୍ତ ହୁଅନ୍ତୁ ନାହିଁ, ମୁଁ ସୀତାଙ୍କୁ ଆପଣଙ୍କ ସମ୍ମୁଖକୁ ନେଇ ଆସୁଛି ।' ଏହା କହି ବାଲ୍ମୀକି ସୀତାଙ୍କୁ ସଭାସ୍ଥଳକୁ ନେଇ ଆସିଲେ । ସୀତାଙ୍କୁ ଦର୍ଶନ କରି ଅତ୍ୟନ୍ତ ବିହ୍ୱଳ ହେଲେ ମଧ୍ୟ ପ୍ରଜାବର୍ଗଙ୍କ ସନ୍ତୋଷ ବିଧାନାର୍ଥେ ରାମଙ୍କୁ ସଭାସମକ୍ଷରେ ସୀତାଙ୍କର ବିଶୁଦ୍ଧତା ବିଷୟରେ ପୁଣି ପରୀକ୍ଷାଦାନ ବିଷୟ ପ୍ରସ୍ତାବ କରିବାକୁ ପଡ଼ିଲା । ବାରମ୍ବାର ତାଙ୍କର ବିଶୁଦ୍ଧତା ଉପରେ ଏପରି ନିଷ୍ଠୁର ପ୍ରସ୍ତାବ ଉତ୍ଥାପନ ହେବାରୁ ସୀତା ଆଉ ତାହା ସହ୍ୟ କରିପାରିଲେ ନାହିଁ । ସେ ନିଜ ବିଶୁଦ୍ଧତାର ସାକ୍ଷ୍ୟ ଦେବା ପାଇଁ ଦେବଗଣଙ୍କ ନିକଟରେ କାତରଭାବରେ ପ୍ରାର୍ଥନା କଲେ । ସେତେବେଳେ ପୃଥିବୀ ହଠାତ୍ ଦ୍ୱିଧା ହେଲା; ସୀତା ଉଚ୍ଚ ସ୍ୱରରେ କହିଲେ, 'ଏହା ହିଁ ମୋର ପରୀକ୍ଷା ।' ଏହା କହି ସେ ପୃଥିବୀବକ୍ଷରେ ଅନ୍ତର୍ହିତା ହେଲେ । ପ୍ରଜାମାନେ ଏହି ଅଦ୍ଭୁତ ଓ ଶୋଚନୀୟ ଘଟଣା ଦର୍ଶନ କରି କିଂକର୍ତ୍ତବ୍ୟବିମୂଢ଼ ହୋଇଗଲେ; ରାମ ଶୋକରେ ମୁହ୍ୟମାନ ହୋଇ-ପଡ଼ିଲେ ।

ସୀତାଙ୍କ ଅନ୍ତର୍ଦ୍ଧାନର କିଛି କାଳ ପରେ ଦେବତାମାନଙ୍କ ନିକଟରୁ ଜଣେ ଦୂତ ଆସି

ରାମଙ୍କୁ କହିଲେ, 'ପୃଥିବୀରେ ଆପଣଙ୍କର କାମ ଶେଷ ହୋଇଛି । ଅତଏବ ଆପଣ ବର୍ତ୍ତମାନ ସ୍ୱଧାମ ବୈକୁଣ୍ଠକୁ ଚାଲନ୍ତୁ ।' ଏ କଥାରେ ରାମଙ୍କର ନିଜ ସ୍ୱରୂପସ୍ମୃତି ଜାଗରିତ ହେଲା । ସେ ଅଯୋଧ୍ୟା ସମୀପବର୍ତ୍ତିନୀ ସରିତବରା ସରଯୁ ନଦୀର ଜଳରେ ଦେହ ବିସର୍ଜ୍ଜନ କରି ବୈକୁଣ୍ଠରେ ସୀତାଙ୍କ ସହିତ ମିଳିତ ହେଲେ ।

ଭାରତରେ ପ୍ରାଚୀନ ଶ୍ରେଷ୍ଠ ପୌରାଣିକ କାବ୍ୟ ରାମାୟଣର ଆଖ୍ୟାୟିକା ଏଠାରେ ଅତି ସଂକ୍ଷେପରେ ବର୍ଣ୍ଣିତ ହେଲା । ରାମ ଓ ସୀତା ଭାରତବାସୀଙ୍କର ଆଦର୍ଶ । ଭାରତର ବାଳକବାଳିକାମାନେ ବିଶେଷତଃ ବାଳିକା ମାନେ ହିଁ ସୀତାଙ୍କୁ ପୂଜା କରିଥାଆନ୍ତି । ଭାରତୀୟ ରମଣୀମାନଙ୍କର ସର୍ବାପେକ୍ଷା ଉଚ୍ଚାକାଙ୍‌କ୍ଷା—ପରମବିଶୁଦ୍ଧସ୍ୱଭାବା, ପତିପରାୟଣା, ସର୍ବଂସହା ସୀତାଙ୍କ ପରି ହେବା । ଏ ସମୁଦାୟ ଚରିତ୍ର ଆଲୋଚନା କଲାବେଳେ ଆପଣମାନେ ପାଶ୍ଚାତ୍ୟ ଆଦର୍ଶଠାରୁ ଭାରତୀୟ ଆଦର୍ଶ କେଉଁ ପରିମାଣରେ ଭିନ୍ନ, ତାହା ସହଜରେ ବୁଝିପାରିବେ । ସମଗ୍ର ଭାରତବାସୀଙ୍କ ସମକ୍ଷରେ ସୀତା ସହିଷ୍ଣୁତାର ଉଚ୍ଚତମ ଆଦର୍ଶରୂପେ ବିଦ୍ୟମାନ ରହିଛନ୍ତି । ପାଶ୍ଚାତ୍ୟ ଦେଶର ବକ୍ତବ୍ୟ, 'କର୍ମ କର, କର୍ମ କରି ତୁମର ଶକ୍ତି ଦେଖାଅ ।' ଭାରତର ବକ୍ତବ୍ୟ, 'ଦୁଃଖକଷ୍ଟ ସହ୍ୟ କରି ତୁମର ଶକ୍ତି ଦେଖାଅ ।' ମନୁଷ୍ୟ କେତେ ଅଧିକ ବିଷୟର ଅଧିକାରୀ ହୋଇପାରେ, ପାଶ୍ଚାତ୍ୟ ଦେଶ ଏହି ସମସ୍ୟା ପୂରଣ କରିଛି; ମଣିଷ କେତେ ଅଳ୍ପରେ ରହିପାରେ—ଭାରତ ଏ ସମସ୍ୟା ପୂରଣ କରିଛି । ଏ ଦୁଇଟି ଆଦର୍ଶ ଗୋଟିଏ ଗୋଟିଏ ଭାବର ଚରମ ସୀମା । ସୀତା ଭାରତୀୟ ଭାବର ପ୍ରତିନିଧିସ୍ୱରୂପା ଓ ମୂର୍ତ୍ତିମତୀ ଭାରତମାତା । ସୀତା ବାସ୍ତବିକ ଥିଲେ କି ନାହିଁ, ସୀତା ଉପାଖ୍ୟାନର କୌଣସି ଐତିହାସିକ ଭିତ୍ତି ଅଛି କି ନାହିଁ, ଏ ବିଷୟ ଘେନି ଆମେମାନେ ବିଚାର କରୁ ନାହୁଁ; କିନ୍ତୁ ଆମେମାନେ ଜାଣୁ, ସୀତା-ଚରିତ୍ରରେ ଯେଉଁ ଆଦର୍ଶ ପ୍ରଦର୍ଶିତ ହୋଇଛି, ସେ ଆଦର୍ଶ ଭାରତରେ ଆଜି ମଧ୍ୟ ବିଦ୍ୟମାନ । ସୀତାଚରିତ୍ରର ଆଦର୍ଶ ଯେପରି ଭାବରେ ସମଗ୍ର ଭାରତକୁ ଆଚ୍ଛନ୍ନ କରି ରଖିଛି, ଯେପରି ଭାବରେ ସମଗ୍ର ଜାତିର ଜୀବନ ଭିତରେ, ସମଗ୍ର ଜାତିର ଅସ୍ଥିମଜ୍ଜାରେ ପ୍ରବେଶ କରିଛି, ଯେପରି ଭାବରେ ତାହା ପ୍ରତ୍ୟେକ ଶୋଣିତବିନ୍ଦୁରେ ପ୍ରବାହିତ ହେଉଛି, ଅନ୍ୟ କୌଣସି ପୌରାଣିକ ଉପାଖ୍ୟାନ ସେପରି କରିପାରି ନାହିଁ । ସୀତାଙ୍କ ନାମ ଭାରତରେ ଯାହା କିଛି ଶୁଭ, ଯାହା କିଛି ବିଶୁଦ୍ଧ, ଯାହା କିଛି ପୁଣ୍ୟ, ତାହାର ହିଁ ପରିଚାୟକ-ସ୍ୱରୂପ । ନାରୀମାନଙ୍କ ମଧ୍ୟରେ ଆମେମାନେ ଯେଉଁ ଭାବକୁ ନାରୀଜନୋଚିତ ବୋଲି ଶ୍ରଦ୍ଧା ଓ ଆଦର କରିଥାଉଁ, ସୀତା ବୋଲି କହିଲେ ତାହା ହିଁ ବୁଝାଇଥାଏ । ବ୍ରାହ୍ମଣ ଯେତେବେଳେ ସ୍ତ୍ରୀଲୋକଙ୍କୁ ଆଶୀର୍ବାଦ କରନ୍ତି, ସେ ତାଙ୍କୁ 'ସୀତା ପରି ହୁଅ' ବୋଲି କହିଥାଆନ୍ତି; ବାଳିକାଙ୍କୁ ଆଶୀର୍ବାଦବେଳେ ମଧ୍ୟ ତାହା ହିଁ କୁହା ହୋଇଥାଏ । ସବୁ ଭାରତୀୟ ରମଣୀମାନେ ନିଜକୁ ସହିଷ୍ଣୁତାର ପ୍ରତିମୂର୍ତ୍ତି, ସର୍ବଂସହା, ସଦାପତିପରାୟଣା, ନିତ୍ୟ-ପବିତ୍ର ସୀତାଙ୍କପରି ହେବାକୁ ଚେଷ୍ଟା କରନ୍ତି । ସେ ଏତେ ଦୁଃଖ ସହିଛନ୍ତି; କିନ୍ତୁ ରାମଙ୍କ ଉଦ୍ଦେଶ୍ୟରେ ପଦେ କର୍କଶ କଥା ମଧ୍ୟ ତାଙ୍କ ମୁଖରୁ କଦାପି ନିର୍ଗତ ହୋଇ ନାହିଁ । ସେ ଏହିସବୁ ଦୁଃଖ କଷ୍ଟ ସହ୍ୟ କରିବାକୁ ନିଜ କର୍ତ୍ତବ୍ୟ ବୋଲି ଧରି ନେଇଥିଲେ ଏବଂ ସ୍ଥିର ଶାନ୍ତଭାବରେ ତାହା ସହ୍ୟ କରି

ଯାଇଥିଲେ । ସୀତାଙ୍କୁ ଅରଣ୍ୟରେ ନିର୍ବାସନ କରିବା ବିଷୟ ତାଙ୍କ ପ୍ରତି କି ଘୋର ଅବିଚାର ତାହା ଭାବି ଦେଖନ୍ତୁ; କିନ୍ତୁ ସେଥିପାଇଁ ତାଙ୍କ ମନରେ ବିନ୍ଦୁମାତ୍ର ବିରକ୍ତି ଭାବ ଉଦିତ ହୋଇ ନାହିଁ । ଏହିପରି ତିତିକ୍ଷା ହିଁ ଭାରତର ବିଶେଷତ୍ୱ । ଭଗବାନ ବୁଦ୍ଧ କହିଯାଇଛନ୍ତି, 'ଆଘାତ ପରିବର୍ତ୍ତେ ଆଘାତ କଲେ ସେ ଆଘାତର କୌଣସି ପ୍ରତିକାର ହୁଏ ନାହିଁ, ସେଥିରେ କେବଳ ଜଗତରେ ଏକ ପାପର ବୃଦ୍ଧି ହେବ ମାତ୍ର ।' ଭାରତର ଏ ବିଶେଷ ଭାବଟି ସୀତାଙ୍କର ପ୍ରକୃତିଗତ ଥିଲା, ସେ ଅତ୍ୟାଚାରର ପ୍ରତିଶୋଧ ପାଇଁ ଚିନ୍ତା ମଧ୍ୟ କେବେ କରି ନ ଥିଲେ ।

କିଏ ଜାଣେ, ଏ ଦୁଇଟି ଆଦର୍ଶ ମଧ୍ୟରେ କେଉଁଟି ଶ୍ରେଷ୍ଠ—ପାଶ୍ଚାତ୍ୟମତାନୁଯାୟୀ ଏହି ଆପାତପ୍ରତୀୟମାନ ଶକ୍ତି ଓ ତେଜ, ଅଥବା ପ୍ରାଚ୍ୟଦେଶୀୟ କଷ୍ଟସହିଷ୍ଣୁତା ଓ ତିତିକ୍ଷା ?

ପାଶ୍ଚାତ୍ୟଦେଶୀୟମାନେ କହନ୍ତି, 'ଆମେମାନେ ଦୁଃଖକଷ୍ଟର ପ୍ରତିକାର କରିବାଦ୍ୱାରା ତାହାର ନିବାରଣ କରି ଦୁଃଖ କମାଇବା ପାଇଁ ଚେଷ୍ଟା କରୁଛୁ ।' ଭାରତବାସୀ କହନ୍ତି, 'ଆମେମାନେ ଦୁଃଖ କଷ୍ଟ ସହି ସହି ତାକୁ ନଷ୍ଟ କରିବା ପାଇଁ ଚେଷ୍ଟା କରୁଛୁ । ଏହିପରି ସବୁ ସହ୍ୟ କରୁ କରୁ ଆମମାନଙ୍କ ପକ୍ଷରେ ଦୁଃଖ ବୋଲି କିଛି ରହିବ ନାହିଁ, ତାହା ଆମମାନଙ୍କ ପାଇଁ ପରମ ସୁଖରେ ପରିଣତ ହେବ ।' ସେ ଯାହାହେଉ, ଏ ଦୁଇଟି ଆଦର୍ଶ ଭିତରୁ କୌଣସିଟି ହେୟ ନୁହେଁ । କିଏ ଜାଣେ, ଶେଷରେ କେଉଁ ଆଦର୍ଶର ଜୟ ହେବ ? କିଏ ଜାଣେ, କେଉଁ ଭାବ ଅବଲମ୍ବନଦ୍ୱାରା ମାନବଜାତିର ଯଥାର୍ଥ କଲ୍ୟାଣ ସର୍ବାପେକ୍ଷା ଅଧିକ ପରିମାଣରେ ସାଧିତ ହେବ ? କିଏ ଜାଣେ, କେଉଁ ଭାବ ଅବଲମ୍ବନ ଦ୍ୱାରା ପଶୁଭାବକୁ ବଶୀଭୂତକରି ତା' ଉପରେ ଆଧିପତ୍ୟ ବିସ୍ତାର କରିବା ସମ୍ଭବ ହେବ—ସହିଷ୍ଣୁତା ନା କ୍ରିୟାଶୀଳତା, ଅପ୍ରତିକାର ବା ପ୍ରତିକାର ?

ପରିଣାମରେ ଯାହାହେଉ, ଇତିମଧ୍ୟରେ ଆମେମାନେ ଯେପରି ପରସ୍ପରର ଆଦର୍ଶ ନଷ୍ଟ କରିଦେବାର ଚେଷ୍ଟା ନ କରୁ । ଆମେ ଉଭୟ ଜାତି ଗୋଟାଏ ବ୍ରତରେ ବ୍ରତୀ—ସେହି ବ୍ରତ ସମ୍ପୂର୍ଣ୍ଣ ଦୁଃଖନିବୃତ୍ତି । ଆପଣମାନେ ଆପଣମାନଙ୍କ ଧାରାରେ କାର୍ଯ୍ୟ କରିଯାଆନ୍ତୁ; ଆମେମାନେ ଆମମାନଙ୍କ ବାଟରେ ଚାଲୁ । କୌଣସି ଆଦର୍ଶକୁ, କୌଣସି ପ୍ରଣାଳୀକୁ, କୌଣସି ପଥକୁ ଉଡ଼ାଇଦେଲେ ଚଳିବ ନାହିଁ । ମୁଁ ପାଶ୍ଚାତ୍ୟବାସୀମାନଙ୍କୁ କେବେ ହେଁ କହେ ନାହିଁ, 'ଆପଣମାନେ ଆମମାନଙ୍କ ପ୍ରଣାଳୀ ଅବଲମ୍ବନ କରନ୍ତୁ ।' କଦାପି ନୁହେଁ । ଲକ୍ଷ୍ୟ ଗୋଟିଏ, କିନ୍ତୁ ଉପାୟ କେତେବେଳେ ଏକ ପ୍ରକାର ହୋଇପାରିବ ନାହିଁ । ଅତଏବ ମୁଁ ଆଶା କରେ, ଆପଣମାନେ ଭାରତର ଆଦର୍ଶ ଭାରତର ସାଧନ-ପ୍ରଣାଳୀ ବିଷୟ ଶୁଣି ଭାରତକୁ ସମ୍ବୋଧନ କରି କହିବେ—'ଆମେମାନେ ଜାଣୁ, ଆମ ଉଭୟ ଜାତିର ଲକ୍ଷ୍ୟ ଏକ ଏବଂ ଆମ ଉଭୟଙ୍କର ସେ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଯେଉଁ ଦ୍ୱିବିଧ ଉପାୟ ରହିଛି, ତାହା ମଧ୍ୟ ଆମ ଦୁହିଁଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଉପଯୋଗୀ । ଆପଣମାନେ ଆପଣମାନଙ୍କ ଆଦର୍ଶ, ଆପଣମାନଙ୍କ ପ୍ରଣାଳୀ ଅନୁସରଣ କରନ୍ତୁ; ଈଶ୍ୱରଙ୍କ ଇଚ୍ଛାରେ ଆପଣମାନଙ୍କ ଉଦ୍ଦେଶ୍ୟ ସଫଳ ହେଉ ।' ମୁଁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଜାତିଙ୍କୁ କହୁଛି—'ବିଭିନ୍ନ ଆଦର୍ଶ ଧରି ବିବାଦ କର ନାହିଁ, ଯେତେ ଭିନ୍ନ ବୋଲି ପ୍ରତୀୟମାନ ହେଲେ ମଧ୍ୟ ତୁମ ଦୁହିଁଙ୍କର ଲକ୍ଷ୍ୟ ଗୋଟିଏ । ପ୍ରାଚ୍ୟ ଓ

ପାଶ୍ଚାତ୍ୟର ସମ୍ମେଳନ-ଚେଷ୍ଟା ହିଁ ମୋ ଜୀବନର ବ୍ରତ । ଜୀବନ-ଉପତ୍ୟକାର ଅଙ୍କାବଙ୍କା ପଥରେ ଚାଲିବା ସମୟରେ ଆମେ ପରସ୍ପରକୁ ଯେପରି କହିପାରିବା 'ତୁମର ଯାତ୍ରା ସଫଳ ହେଉ !'

# ମହାଭାରତ

[ ୧୯୦୦ ଖ୍ରୀଷ୍ଟାବ୍ଦ ଫେବୃଆରି ୧ ତାରିଖ ଦିନ କାଲିଫର୍ଣ୍ଣିଆ ଅନ୍ତର୍ଗତ ପ୍ୟାସାଡେନାର 'ସେକ୍‌ସପିୟର ସଭାରେ' ପ୍ରଦତ୍ତ ବକ୍ତୃତା ]

ଗତକାଲି ମୁଁ ରାମାୟଣ ମହାକାବ୍ୟ ସମ୍ବନ୍ଧରେ ଆପଣମାନଙ୍କୁ କିଛି ଶୁଣାଇଥିଲି; ଆଜିକାର ଏହି ସଭାରେ ଅନ୍ୟ ମହାକାବ୍ୟ ସମ୍ବନ୍ଧରେ କିଛି କହିବି । ଏହାର ନାମ 'ମହାଭାରତ' । ରାଜା ଦୁଷ୍ମନ୍ତଙ୍କ ଔରସରେ ଶକୁନ୍ତଳାଙ୍କ ଗର୍ଭରେ ରାଜା ଭରତ ଜନ୍ମଗ୍ରହଣ କରିଥିଲେ । ରାଜା ଭରତଙ୍କଠାରୁ ଯେଉଁ ବଂଶ ପ୍ରବର୍ତ୍ତିତ ହୋଇଥିଲା, ମହାଭାରତରେ ସେହି ବଂଶୀୟ ରାଜାମାନଙ୍କର ଉପାଖ୍ୟାନ ଅଛି । ଉକ୍ତ ଭରତ ରାଜାଙ୍କଠାରୁ ହିଁ ଭାରତବର୍ଷର ନାମକରଣ ହୋଇଛି ଏବଂ ତାଙ୍କ ନାମରୁ ହିଁ ଏ ମହାକାବ୍ୟର ନାମ ମହାଭାରତ ହୋଇଛି । 'ମହାଭାରତ' ଶବ୍ଦର ଅର୍ଥ—ମହାନ୍ ଅର୍ଥାତ୍ ଗୌରବସମ୍ପନ୍ନ ଭାରତ ଅର୍ଥାତ୍ ଭାରତବର୍ଷ; ଅଥବା ମହାନ୍ ଭରତବଂଶୀୟମାନଙ୍କ ଉପାଖ୍ୟାନ । କୁରୁମାନଙ୍କର ପ୍ରାଚୀନ ରାଜ୍ୟ ହିଁ ଏ ମହାକାବ୍ୟର ରଣକ୍ଷେତ୍ର ଆଉ ଏ ଉପାଖ୍ୟାନର ଭିତ୍ତି—କୁରୁପାଞ୍ଚାଳ ମହାସଂଗ୍ରାମ । ଅତଏବ ଏ ବିବାଦର ସୀମାକ୍ଷେତ୍ର ବେଶୀ ବିସ୍ତୃତ ନୁହେଁ । ଏ ମହାକାବ୍ୟ ଭାରତରେ ସର୍ବସାଧାରଣଙ୍କର ଅତି ଆଦରର ସାମଗ୍ରୀ । ହୋମରଙ୍କ କାବ୍ୟ ଗ୍ରୀକ୍‌ମାନଙ୍କ ଉପରେ ଯେପରି ପ୍ରଭାବ ବିସ୍ତାର କରିଥିଲା, ମହାଭାରତ ଭାରତବାସୀଙ୍କ ଉପରେ ତଦନୁରୂପ ପ୍ରଭାବ ବିସ୍ତାର କରିଛି । କାଳ ଯେତିକି ଗଡ଼ିଗଲା, ସେତିକି ମୂଳ ମହାଭାରତ ସହିତ ଅନେକ ଅବାନ୍ତର ବିଷୟ ସଂଯୋଜିତ ହେଲା । ଶେଷରେ ଏହା ପ୍ରାୟ ଲକ୍ଷଶ୍ଳୋକାତ୍ମକ ହୋଇଗଲା । କାଳ ଅତିବାହିତ ହେବା ସଙ୍ଗେ ସଙ୍ଗେ ମୂଳ ମହାଭାରତରେ ନାନାବିଧ ଆଖ୍ୟାୟିକା, ଉପାଖ୍ୟାନ, ପୁରାଣ, ଦାର୍ଶନିକ ନିବନ୍ଧ, ଇତିହାସ, ନାନାବିଧ ବିଚାର ପ୍ରଭୃତି ବିଷୟ ସଂଯୋଜିତ ହୋଇଛି । ପରିଶେଷରେ ଏହା ଖଣ୍ଡେ ପ୍ରକାଣ୍ଡ କଳେବର ଗ୍ରନ୍ଥରେ ପରିଣତ ହୋଇଛି । କିନ୍ତୁ ଏ ସମୁଦାୟ ଅବାନ୍ତର ପ୍ରସଙ୍ଗ ଥିଲେ ମଧ୍ୟ ସମସ୍ତ ଗ୍ରନ୍ଥ ଭିତରେ ମୂଳ ଉପାଖ୍ୟାନଟି ଓତଃପ୍ରୋତଭାବରେ ବିଦ୍ୟମାନ ରହିଛି ବୋଲି ଦେଖିବାକୁ ମିଳେ ।

ମହାଭାରତର ମୂଳ ଉପାଖ୍ୟାନଟି ଏହି ଯେ—ଭାରତ-ସାମ୍ରାଜ୍ୟ ପାଇଁ କୌରବ ଓ ପାଣ୍ଡବ ନାମକ ଏକ-ବଂଶୀୟ ଜ୍ଞାତିମାନଙ୍କ ଭିତରେ ଯୁଦ୍ଧ ।

ଆର୍ଯ୍ୟମାନେ କ୍ଷୁଦ୍ର କ୍ଷୁଦ୍ର ଦଳରେ ଭାରତରେ ପ୍ରବେଶ କରିଥିଲେ । କ୍ରମେ କ୍ରମେ

ଆର୍ଯ୍ୟମାନଙ୍କର ଏସବୁର ବିଭିନ୍ନ ଶାଖା ଭାରତର ନାନା ସ୍ଥାନରେ ବିଞ୍ଚି ହୋଇ ପଡ଼ିଲେ । ଶେଷରେ ଆର୍ଯ୍ୟମାନେ ହିଁ ଭାରତର ଅପ୍ରତିଦ୍ୱନ୍ଦ୍ୱୀ ଶାସନକର୍ତ୍ତା ହେଲେ । ଏହି ସମୟରେ ଏକ ବଂଶର ଦୁଇ ଭିନ୍ନ ଭିନ୍ନ ଶାଖା ମଧ୍ୟରେ ଅନ୍ୟତରକୁ ପରାଭୂତ କରି ଏକର ସ୍ୱୟଂ ପ୍ରଭୁତ୍ୱ ଲାଭ କରିବା ଚେଷ୍ଟାରୁ ଏ ଯୁଦ୍ଧର ଉତ୍ପତ୍ତି । ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ଗୀତା ପଢ଼ିଛନ୍ତି, ସେମାନଙ୍କୁ ଜଣାଅଛି, ଉକ୍ତ ଗ୍ରନ୍ଥର ପ୍ରାରମ୍ଭରେ ହିଁ ଉଭୟ ପ୍ରତିଦ୍ୱନ୍ଦ୍ୱୀ ସୈନ୍ୟାଧି-କୃତ ଯୁଦ୍ଧକ୍ଷେତ୍ରର ବର୍ଣ୍ଣନା । ଏହା ହିଁ ଏହି ମହାଭାରତ ଯୁଦ୍ଧ ।

କୁରୁବଂଶୀୟ ମହାରାଜା ବିଚିତ୍ରବୀର୍ଯ୍ୟଙ୍କର ଦୁଇ ପୁତ୍ର ଥିଲେ—ଜ୍ୟେଷ୍ଠ ଧୃତରାଷ୍ଟ୍ର. କନିଷ୍ଠ ପାଣ୍ଡୁ । ଧୃତରାଷ୍ଟ୍ର ଜନ୍ମାନ୍ଧ ଥିଲେ । ଭାରତୀୟ ସ୍ମୃତିଶାସ୍ତ୍ରର ବିଧାନାନୁସାରେ ଅନ୍ଧ, ଖଞ୍ଜ, ବିକଳାଙ୍ଗ ଏବଂ କ୍ଷୟରୋଗ ବା ଅନ୍ୟ କୌଣସି ସ୍ଥାୟୀବ୍ୟାଧିଯୁକ୍ତ ବ୍ୟକ୍ତି ପୈତୃକ ଧନର ଅଧିକାରୀ ହୋଇପାରିବ ନାହିଁ, ସେ କେବଳ ନିଜ ଭରଣପୋଷଣର ବ୍ୟୟ ହିଁ ପାଇପାରେ । ସୁତରାଂ ଧୃତରାଷ୍ଟ୍ର ଜ୍ୟେଷ୍ଠ ହେଲେ ମଧ୍ୟ ସିଂହାସନରେ ଅଧିରୋହଣ କରିପାରିଲେ ନାହିଁ, ପାଣ୍ଡୁ ହିଁ ରାଜା ହେଲେ ।

ଧୃତରାଷ୍ଟ୍ରଙ୍କର ଏକଶତ ଏବଂ ପାଣ୍ଡୁଙ୍କର ପାଞ୍ଚୋଟି ମାତ୍ର ପୁତ୍ର ଥିଲେ । ଅଳ୍ପ ବୟସରେ ପାଣ୍ଡୁଙ୍କର ଦେହତ୍ୟାଗ ହେବାରୁ ଧୃତରାଷ୍ଟ୍ରଙ୍କ ଉପରେ ରାଜ୍ୟଭାର ପଡ଼ିଲା । ସେ ପାଣ୍ଡୁଙ୍କ ପୁତ୍ରମାନଙ୍କୁ ନିଜ ପୁତ୍ରମାନଙ୍କ ସହିତ ଲାଳନପାଳନ କଲେ । ପୁତ୍ରମାନେ ବୟଃପ୍ରାପ୍ତ ହେବାରୁ ମହାଧନୁର୍ଦ୍ଧର ବିପ୍ର ଦ୍ରୋଣାଚାର୍ଯ୍ୟଙ୍କ ଉପରେ ସେମାନଙ୍କର ଶିକ୍ଷାଭାର ଅର୍ପିତ ହେଲା; ଦ୍ରୋଣାଚାର୍ଯ୍ୟଙ୍କ ପାଖରେ ସେମାନେ କ୍ଷତ୍ରିୟୋଚିତ ନାନାବିଧ ଅସ୍ତ୍ରବିଦ୍ୟାରେ ସୁଶିକ୍ଷିତ ହେଲେ । ରାଜପୁତ୍ରମାନଙ୍କ ଶିକ୍ଷା ସମାପ୍ତ ହେବାରୁ ଧୃତରାଷ୍ଟ୍ର ପାଣ୍ଡୁଙ୍କର ଜ୍ୟେଷ୍ଠପୁତ୍ର ଯୁଧିଷ୍ଠିରଙ୍କୁ ଯୁବରାଜ ପଦରେ ଅଭିଷିକ୍ତ କଲେ । ଯୁଧିଷ୍ଠିରଙ୍କ ଧର୍ମପରାୟଣତା ଓ ବହୁବିଧ ଗୁଣଗ୍ରାମ ଏବଂ ତାଙ୍କ ଭ୍ରାତୃଚତୁଷ୍ଟୟଙ୍କ ଶୌର୍ଯ୍ୟବୀର୍ଯ୍ୟ ଓ ଜ୍ୟେଷ୍ଠଭ୍ରାତାଙ୍କ ପ୍ରତି ଅପରିସୀମ ଭକ୍ତି ଦର୍ଶନ କରି ଅନ୍ଧରାଜଙ୍କ ପୁତ୍ରମାନଙ୍କ ହୃଦୟରେ ବିଷମ ଈର୍ଷା ଉଦିତ ହେଲା ଏବଂ ସେମାନଙ୍କର ଜ୍ୟେଷ୍ଠ ଦୁର୍ଯ୍ୟୋଧନଙ୍କ କୌଶଳ ଫଳରେ ପଞ୍ଚପାଣ୍ଡବ ଗୋଟିଏ ଧର୍ମମହୋତ୍ସବ ଦର୍ଶନ ଛଳରେ ବାରଣାବତ ନଗରକୁ ପ୍ରେରିତ ହେଲେ । ସେଠାରେ ଦୁର୍ଯ୍ୟୋଧନଙ୍କ ଉପଦେଶାନୁସାରେ ସେମାନଙ୍କର ବସବାସ ପାଇଁ ଜତୁ, ଶଣ, ଲାକ୍ଷା ଘୃତ, ତୈଳ ଓ ଅନ୍ୟାନ୍ୟ ଦାହ୍ୟ ଦ୍ରବ୍ୟ ଦ୍ୱାରା ଗୋଟିଏ ପ୍ରାସାଦ ନିର୍ମିତ ହୋଇଥିଲା । ସେହି 'ଜତୁଗୃହ' ସେମାନଙ୍କର ବାସ-ସ୍ଥାନ ରୂପେ ନିର୍ଦ୍ଦିଷ୍ଟ ହୋଇଥିଲା । ସେଠାରେ କିୟଦ୍ଦିବସ ବାସ କରିବା ପରେ ଦୁର୍ଯ୍ୟୋଧନାନୁଚରମାନଙ୍କ ଦ୍ୱାରା ସେ ଗୃହରେ ଗୋଟିଏ ରାତିରେ ଗୋପନ ଭାବରେ ଅଗ୍ନି ପ୍ରଦତ୍ତ ହେଲା । କିନ୍ତୁ ଧୃତରାଷ୍ଟ୍ରଙ୍କ ବୈମାତ୍ରେୟ ଭ୍ରାତା ଧର୍ମାତ୍ମା ବିଦୁର ଦୁର୍ଯ୍ୟୋଧନ ଓ ତଦୀୟ ଅନୁଚର-ବର୍ଗଙ୍କର ଏ ଦୁରଭିସନ୍ଧି ବିଷୟ ପୂର୍ବରୁ ଅବଗତ ହୋଇ ପାଣ୍ଡବମାନଙ୍କୁ ଏ ଚକ୍ରାନ୍ତ ବିଷୟରେ ସାବଧାନ କରି ଦେଇଥିଲେ; ସୁତରାଂ ସେମାନେ ସମସ୍ତଙ୍କ ଅଜ୍ଞାତସାରରେ ଦହ୍ୟମାନ ଜତୁଗୃହରୁ ପଳାୟନ କରିବାରେ କୃତକାର୍ଯ୍ୟ ହୋଇଥିଲେ । କୌରବମାନେ ଯେତେବେଳେ ସମ୍ବାଦ ପାଇଲେ ଯେ, ଜତୁଗୃହ ଦଗ୍ଧ ହୋଇ ଭସ୍ମରେ ପରିଣତ ହୋଇଛି, ସେତେବେଳେ

ସେମାନେ ଅନ୍ତରରେ ପରମ ଆମୋଦିତ ହେଲେ । ଭାବିଲେ, ଏତେ ଦିନକେ ଆମେମାନେ ନିଷ୍କଣ୍ଟକ ହେଲୁ, ଆମମାନଙ୍କର ସକଳ ବାଧାବିଘ୍ନ ବର୍ତ୍ତମାନ ଦୂରୀଭୂତ ହେଲା । ସେତେବେଳେ ଧୃତରାଷ୍ଟ୍ରତନୟମାନେ ରାଜ୍ୟଭାର ଗ୍ରହଣ କଲେ । ଜତୁଗୃହରୁ ବହିର୍ଗତ ହୋଇ ପଞ୍ଚପାଣ୍ଡବ ଜନନୀ କୁନ୍ତୀଙ୍କ ସହିତ ଅରଣ୍ୟ ମଧ୍ୟରେ ଭ୍ରମଣ କଲେ । ସେମାନେ ବ୍ରହ୍ମଚାରୀ ବ୍ରାହ୍ମଣର ଛଦ୍ମବେଶ ଧାରଣ କରି ଭିକ୍ଷାବୃତ୍ତି ଦ୍ୱାରା ଜୀବନଯାତ୍ରା ନିର୍ବାହ କଲେ । ଗଭୀର ଅରଣ୍ୟାନୀ ମଧ୍ୟରେ ସେମାନଙ୍କୁ ଅନେକ ଦୁଃଖକଷ୍ଟ, ଦୈବଦୁର୍ବିପାକ ସହ୍ୟ କରିବାକୁ ପଡ଼ିଲା; କିନ୍ତୁ ସେମାନେ ଶୌର୍ଯ୍ୟବୀର୍ଯ୍ୟ ଓ ଧୃତିବଳରେ ସର୍ବବିଧ ବିପଦରୁ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ଭାବରେ କିଛି କାଳ ଅତିବାହିତ ହେବା ପରେ ନିକଟବର୍ତ୍ତୀ ପାଞ୍ଚାଳ ଦେଶର ରାଜକନ୍ୟାଙ୍କର ଶୀଘ୍ର ସ୍ୱୟମ୍ବର ହେବ—ଏ ସମ୍ବାଦ ଶୁଣିପାରିଲେ ।

ମୁଁ ବିଗତ ରଜନୀରେ ଏହି ସ୍ୱୟମ୍ବର-ପ୍ରଥା ବିଷୟ ଥରେ ଉଲ୍ଲେଖ କରିଛି । କୌଣସି ରାଜକନ୍ୟାଙ୍କ ସ୍ୱୟମ୍ବର ସମୟରେ ଚତୁର୍ଦ୍ଦିଗରୁ ବିଭିନ୍ନ ଦେଶୀୟ ରାଜପୁତ୍ରମାନେ ସ୍ୱୟମ୍ବର ସଭାକୁ ଆହୂତ ହେଉଥିଲେ । ଏସବୁ ସମବେତ ହୋଇଥିବା ରାଜକୁମାରମାନଙ୍କ ମଧ୍ୟରୁ ରାଜକନ୍ୟାଙ୍କୁ ଇଚ୍ଛାମତେ ବର ମନୋନୀତ କରିବାକୁ ହେଉଥିଲା । ପରିଚାରିକାମାନେ ମାଲ୍ୟହସ୍ତା ରାଜକୁମାରୀଙ୍କ ଆଗେ ଆଗେ ଯାଇ ପ୍ରତ୍ୟେକ ରାଜକୁମାରଙ୍କ ସିଂହାସନ ନିକଟରେ ପହଞ୍ଚି ତାଙ୍କର ନାମଧାମ, ବଂଶମର୍ଯ୍ୟାଦା, ଶୌର୍ଯ୍ୟବୀର୍ଯ୍ୟ ବିଷୟ ଉଲ୍ଲେଖ କରୁଥିଲେ । ରାଜକନ୍ୟା ସମସ୍ତଙ୍କୁ ଦେଖି ଯାହାଙ୍କୁ ପତି ରୂପେ ମନୋନୀତ କରୁଥିଲେ, ତାଙ୍କର ଗଳଦେଶରେ ସେହି ବରମାଲ୍ୟ ଅର୍ପଣ କରୁଥିଲେ । ତାହାପରେ ମହାସମାରୋହରେ ପରିଣୟକ୍ରିୟା ସମ୍ପନ୍ନ ହେଉଥିଲା । ପାଞ୍ଚାଳରାଜ ଦ୍ରୁପଦ ଜଣେ ପ୍ରବଳ ପରାକ୍ରାନ୍ତ ନରପତି ଥିଲେ । ତାଙ୍କର କନ୍ୟା ଦ୍ରୌପଦୀଙ୍କ ରୂପଗୁଣର ଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପ୍ତ ଥିଲା । ସେହି ଦ୍ରୌପଦୀ ହିଁ ସ୍ୱୟମ୍ବରା ହେବେ, ପାଣ୍ଡବମାନେ ଶୁଣିଲେ ।

ସ୍ୱୟମ୍ବରରେ ପ୍ରାୟ କୌଣସି ନା କୌଣସି ପଣ ରଖାଯାଉଥିଲା । ରାଜକୁମାରୀଙ୍କ ପାଣିପ୍ରାର୍ଥୀଙ୍କୁ ସାଧାରଣତଃ କୌଣସି ପ୍ରକାର ଶୌର୍ଯ୍ୟବୀର୍ଯ୍ୟର ପରିଚୟ, ଅସ୍ତ୍ରଶିକ୍ଷାର କୌଶଳାଦି ଦେଖାଇବାକୁ ହେଉଥିଲା । ଦ୍ରୁପଦରାଜା ସ୍ୱୟମ୍ବର ସଭାରେ ତଦୀୟ କନ୍ୟାଙ୍କ ପାଣିଗ୍ରହଣାର୍ଥୀମାନଙ୍କ ବଳ ପରୀକ୍ଷା ପାଇଁ ଏହିପରି ଆୟୋଜନ କରିଥିଲେ: ବହୁ ଊର୍ଦ୍ଧ୍ୱଦେଶରେ ଆକାଶରେ ଗୋଟିଏ କୃତ୍ରିମ ମତ୍ସ୍ୟ ଲକ୍ଷ୍ୟରୂପରେ ସ୍ଥାପିତ ହୋଇଥିଲା, ତାହାର ନିମ୍ନଦେଶରେ ସତତ ଘୂର୍ଣ୍ଣାୟମାନ ମଧ୍ୟଚ୍ଛିଦ୍ରବିଶିଷ୍ଟ ଗୋଟିଏ ଚକ୍ର ସ୍ଥାପିତ ହୋଇଥିଲା ଏବଂ ଆହୁରି ନିମ୍ନଭୂମିରେ ଗୋଟିଏ ଜଳପାତ୍ର । ଜଳପାତ୍ରରେ ମତ୍ସ୍ୟର ପ୍ରତିବିମ୍ବ ଦେଖି ଚକ୍ରଛିଦ୍ର ଭିତରବାଟେ ବାଣଦ୍ୱାରା ମତ୍ସ୍ୟର ଚକ୍ଷୁ ଯେ ବିଦ୍ଧ କରିପାରିବେ, ସେ ରାଜକୁମାରୀଙ୍କୁ ଲାଭ କରିବେ । ଏ ସ୍ୱୟମ୍ବର-ସଭାରେ ଭାରତର ବିଭିନ୍ନ ସ୍ଥାନରୁ ରାଜା ଓ ରାଜକୁମାରମାନେ ସମବେତ ହୋଇଥିଲେ । ସମସ୍ତେ ହିଁ ରାଜକୁମାରୀଙ୍କ ପାଣିଗ୍ରହଣ କରିବା ପାଇଁ ସମୁତ୍ସୁକ, ସମସ୍ତେ ହିଁ ଲକ୍ଷ୍ୟବିଦ୍ଧ କରିବା ପାଇଁ ପ୍ରାଣପଣେ ଯତ୍ନ କଲେ; କିନ୍ତୁ କେହି କୃତକାର୍ଯ୍ୟ ହୋଇପାରିଲେ ନାହିଁ ।

ଆପଣମାନେ ସମସ୍ତେ ଭାରତର ଚାତୁର୍ବର୍ଣ୍ଣ୍ୟ ବିଷୟ ଅବଗତ ଅଛନ୍ତି । ସର୍ବଶ୍ରେଷ୍ଠ ବର୍ଣ୍ଣ

ବ୍ରାହ୍ମଣ—ପୁରପୌରୋହିତକର୍ମେ ପୌରୋହିତ୍ୟ ବା ଯଜନାଦି ସେମାନଙ୍କର କାର୍ଯ୍ୟ; ବ୍ରାହ୍ମଣ ତଳକୁ କ୍ଷତ୍ରିୟ—ରାଜାମାନେ ଓ ଅନ୍ୟାନ୍ୟ ଯୋଦ୍ଧୃବର୍ଗ ଏହି କ୍ଷତ୍ରିୟବର୍ଣ୍ଣର ଅନ୍ତର୍ଭୁକ୍ତ; ତୃତୀୟ—ବୈଶ୍ୟ ଅର୍ଥାତ୍ ବ୍ୟବସାୟୀ; ଚତୁର୍ଥ—ଶୂଦ୍ର ବା ସେବକ । ଅବଶ୍ୟ ଏ ରାଜକୁମାରୀ କ୍ଷତ୍ରିୟ-କନ୍ୟା ଥିଲେ ।

ଯେତେବେଳେ ରାଜପୁତ୍ରମାନେ ସମସ୍ତେ ଲକ୍ଷ୍ୟଭେଦ କରିବାକୁ ଅସମର୍ଥ ହେଲେ, ସେତେବେଳେ ଦ୍ରୁପଦ-ରାଜପୁତ୍ର ସଭାମଞ୍ଚରେ ଠିଆ ହୋଇ କହିଲେ, 'କ୍ଷତ୍ରିୟବର୍ଣ୍ଣ ଲକ୍ଷ୍ୟଭେଦ କରିବାରେ ଅକୃତକାର୍ଯ୍ୟ ହୋଇଛନ୍ତି; ବର୍ତ୍ତମାନ ଅନ୍ୟ ତିନିବର୍ଣ୍ଣ ମଧ୍ୟରୁ ଯେ କେହି ଲକ୍ଷ୍ୟଭେଦ କରିବା ପାଇଁ ଚେଷ୍ଟା କରିପାରନ୍ତି; ବ୍ରାହ୍ମଣ ହୁଅନ୍ତୁ, ବୈଶ୍ୟ ହୁଅନ୍ତୁ ଏପରି କି ଶୂଦ୍ର ମଧ୍ୟ ହୁଅନ୍ତୁ; ଯେ ଲକ୍ଷ୍ୟ ଭେଦ କରିବେ, ସେ ଦ୍ରୌପଦୀଙ୍କୁ ଲାଭ କରିବେ ।'

ବ୍ରାହ୍ମଣମାନଙ୍କ ଭିତରେ ପଞ୍ଚପାଣ୍ଡବ ସମାସୀନ ହୋଇଥିଲେ, ସେମାନଙ୍କ ଭିତରେ ଅର୍ଜ୍ଜୁନ ହିଁ ପରମ ଧନୁର୍ଦ୍ଧର । ଦ୍ରୁପଦପୁତ୍ରଙ୍କର ପୂର୍ବୋକ୍ତ ଆହ୍ୱାନ ଶ୍ରବଣ କରି ସେ ଉଠି ଲକ୍ଷ୍ୟଭେଦ କରିବା ପାଇଁ ଅଗ୍ରସର ହେଲେ । ବ୍ରାହ୍ମଣଜାତି ସାଧାରଣତଃ ଅତି ଶାନ୍ତପ୍ରକୃତି ଓ କିଞ୍ଚିତ୍ ନମ୍ରସ୍ୱଭାବ । ଶାସ୍ତ୍ରବିଧାନାନୁସାରେ ସେମାନଙ୍କ ପକ୍ଷରେ କୌଣସି ଅସ୍ତ୍ରଶସ୍ତ୍ର ସ୍ପର୍ଶ କରିବା ବା ସାହସର କର୍ମ କରିବା ନିଷିଦ୍ଧ । ଧ୍ୟାନ, ଧାରଣା, ସ୍ୱାଧ୍ୟାୟ ଓ ଆତ୍ମସଂଯମରେ ସଦାସର୍ବଦା ନିଯୁକ୍ତ ରହିବା ହିଁ ସେମାନଙ୍କର ଶାସ୍ତ୍ରସମ୍ମତ ଧର୍ମ । ଅତଏବ ଏମାନେ କିପରି ଶାନ୍ତପ୍ରକୃତି ଓ ଶାନ୍ତିପ୍ରିୟ, ତାହା ଭାବି ଦେଖନ୍ତୁ । ବ୍ରାହ୍ମଣମାନେ ଯେତେବେଳେ ଦେଖିଲେ, ସେମାନଙ୍କ ଭିତରୁ ଜଣେ ଉଠି ଲକ୍ଷ୍ୟଭେଦ କରିବା ପାଇଁ ଅଗ୍ରସର ହେଉଛି, ସେତେବେଳେ ସେମାନେ ଭାବିଲେ, ଏ ଲୋକର ଆଚରଣ ଦ୍ୱାରା କ୍ଷତ୍ରିୟମାନେ କ୍ରୁଦ୍ଧ ହୋଇ ସମସ୍ତଙ୍କୁ ସମୂଳେ ନିର୍ମୂଳ କରି ପକାଇବେ । ଏହା ଭାବି ସେମାନେ ଛଦ୍ମବେଶୀ ଅର୍ଜ୍ଜୁନଙ୍କୁ ତାହାଙ୍କ ଅଧ୍ୟବସାୟରୁ ନିବୃତ୍ତ କରିବା ପାଇଁ ଚେଷ୍ଟା କଲେ; କିନ୍ତୁ ସେ କ୍ଷତ୍ରିୟ, ସେ ସେମାନଙ୍କ କଥାରେ ନିବୃତ୍ତ ହେଲେ ନାହିଁ । ସେ ଅବଲୀଳାକ୍ରମେ ଧନୁ ଉଠାଇ ସେଥିରେ ଜ୍ୟା ରୋପଣ କଲେ । ପରେ ଧନୁ ଆକର୍ଷଣ କରି ଅନାୟାସରେ ଚକ୍ରଛିଦ୍ର ବାଟେ ବାଣ କ୍ଷେପଣ କରି ଲକ୍ଷ୍ୟ ମତ୍ସ୍ୟର ଚକ୍ଷୁ ବିଦ୍ଧ କଲେ ।

ସେତେବେଳେ ସଭାସ୍ଥଳରେ ତୁମୂଳ ଆନନ୍ଦଧ୍ୱନି ହେଲା । ରାଜକୁମାରୀ ଦ୍ରୌପଦୀ ଅର୍ଜ୍ଜୁନଙ୍କ ନିକଟକୁ ଅଗ୍ରସର ହୋଇ ତାଙ୍କ ଗଳଦେଶରେ ମନୋହର ବରମାଳ୍ୟ ଅର୍ପଣ କଲେ । କିନ୍ତୁ ଏଆଡ଼େ ରାଜାମାନଙ୍କ ଭିତରେ ତୁମୂଳ କୋଳାହଳ ଲାଗିଗଲା । ଏ ମହତୀ ସଭାରେ ସମବେତ ରାଜା ଓ ରାଜକୁମାରମାନଙ୍କୁ ଅତିକ୍ରମ କରି ଜଣେ ଭିକ୍ଷୁକ ବ୍ରାହ୍ମଣ କ୍ଷତ୍ରିୟ-ଜାତସମ୍ଭୂତା ପରମାସୁନ୍ଦରୀ ରାଜକୁମାରୀଙ୍କୁ ନେଇଯିବ, ଏ ଚିନ୍ତା ମଧ୍ୟ ସେମାନଙ୍କ ପକ୍ଷରେ ଅସହ୍ୟ ହେଲା । ସେମାନେ ଅର୍ଜ୍ଜୁନଙ୍କ ସହିତ ଯୁଦ୍ଧ କରି ଦ୍ରୌପଦୀଙ୍କୁ ବଳପୂର୍ବକ ତାଙ୍କଠାରୁ କାଢ଼ିନେବେ ବୋଲି ସ୍ଥିର କଲେ । ପାଣ୍ଡବମାନଙ୍କ ସହିତ ରାଜାମାନଙ୍କର ତୁମୂଳ ଯୁଦ୍ଧ ହେଲା; କିନ୍ତୁ ପାଣ୍ଡବମାନେ ଅବଶେଷରେ ଜୟଲାଭ କରି ଦ୍ରୌପଦୀଙ୍କୁ ଗୃହକୁ ନେଇଗଲେ ।

ବର୍ତ୍ତମାନ ପଞ୍ଚଭ୍ରାତା ରାଜକୁମାରୀଙ୍କୁ ସାଙ୍ଗରେ ନେଇ ସେମାନଙ୍କ ବାସସ୍ଥାନରେ

ଜନନୀ କୁନ୍ତୀଙ୍କ ସମୀପକୁ ପ୍ରତ୍ୟାଗତ ହେଲେ । ଭିକ୍ଷା ହିଁ ବ୍ରାହ୍ମଣର ଉପଜୀବିକା; ସୁତରାଂ ବ୍ରାହ୍ମଣବେଶ ଧାରଣ କରିଥିବାରୁ ଏମାନଙ୍କୁ ବାହାରକୁ ଯାଇ ଖାଦ୍ୟଦ୍ରବ୍ୟ ଭିକ୍ଷାଦ୍ୱାରା ସଂଗ୍ରହ କରି ଆଣିବାକୁ ହେଉଥିଲା । ଭିକ୍ଷାଲବ୍ଧ ବସ୍ତୁ ଘରକୁ ଆସିଲେ କୁନ୍ତୀ ତାହା ସେମାନଙ୍କୁ ଭାଗ କରି ଦେଉଥିଲେ । ପଞ୍ଚଭ୍ରାତା ଯେତେବେଳେ ଦ୍ରୌପଦୀଙ୍କୁ ନେଇ ମାତୃସନ୍ନିଧାନରେ ଉପସ୍ଥିତ ହେଲେ, ସେତେବେଳେ ସେମାନେ କୌତୁକବଶ ହୋଇ ଜନନୀଙ୍କୁ ସମ୍ବୋଧନ କରି କହିଲେ, 'ଦେଖ ମା, ଆଜି କିପରି ମନୋହର ଭିକ୍ଷା ଆଣିଛୁ ।' କୁନ୍ତୀ ମଧ୍ୟ ନ ଦେଖି କହିଲେ, 'ଯାହା ଆଣିଛ, ପାଞ୍ଚଜଣ ମିଶି ଭୋଗ କର ।' ଏକଥା କହିବା ପରେ ଯେତେବେଳେ ରାଜକୁମାରୀଙ୍କ ଆଡ଼େ ତାଙ୍କ ଦୃଷ୍ଟି ନିପତିତ ହେଲା, ସେତେବେଳେ ସେ କହିଉଠିଲେ, 'ଏ କଅଣ ! ମୁଁ ଏ କି କଥା କହି ପକାଇଲି; ଏ ଯେ ଗୋଟିଏ କନ୍ୟା !' କିନ୍ତୁ ଏବେ ଆଉ କଅଣ ହେବ ? ମାତୃବାକ୍ୟ ଲଙ୍ଘନ ଆଉ ତ କରିଯାଇ ପାରିବ ନାହିଁ; ମାତୃ-ଆଜ୍ଞା ଅବଶ୍ୟ ପ୍ରତିପାଳନ କରିବାକୁ ହେବ । ସେମାନଙ୍କ ଜନନୀ ଜୀବନରେ କେବେ ହେଁ ମିଥ୍ୟାବାକ୍ୟ ଉଚ୍ଚାରଣ କରି ନାହାନ୍ତି; ସୁତରାଂ ତାଙ୍କ ବାକ୍ୟ କେବେ ମିଥ୍ୟା ହୋଇପାରେ ନାହିଁ, ସେ ବାକ୍ୟ ଅବଶ୍ୟ ସତ୍ୟ ହେବା ଦରକାର । ଏହିରୂପେ ଦ୍ରୌପଦୀ ପଞ୍ଚଭ୍ରାତାଙ୍କର ସାଧାରଣ ସହଧର୍ମିଣୀ ହେଲେ ।

ଆପଣମାନେ ଜାଣନ୍ତି, ପ୍ରତ୍ୟେକ ସମାଜରେ ସାମାଜିକ ସ୍ୱତନ୍ତ୍ରତାର କ୍ରମବିକାଶର ବିଭିନ୍ନ ସୋପାନ ଅଛି । ଏ ମହାକାବ୍ୟ ମଧ୍ୟରେ ପ୍ରାଚୀନ ଇତିହାସର କିଛି କିଛି ଆଶ୍ଚର୍ଯ୍ୟଜନକ ଆଭାସ ମିଳିଥାଏ । ମହାଭାରତ-ପ୍ରଣେତା ପଞ୍ଚଭ୍ରାତା ମିଳି ଯେ ଗୋଟିଏ ସ୍ତ୍ରୀକୁ ବିବାହ କରିଥିଲେ, ଏ ଘଟଣାର ଉଲ୍ଲେଖ କରିଛନ୍ତି; କିନ୍ତୁ ଏହାକୁ କୌଣସିପ୍ରକାର ସାମାଜିକ ପ୍ରଥା ବୋଲି ନିର୍ଦ୍ଦେଶ ନ କରି ତାହାର ବିଶେଷ କାରଣ ନିର୍ଦ୍ଦେଶ ପାଇଁ ଚେଷ୍ଟା କରିଛନ୍ତି । ମାତୃ-ଆଜ୍ଞା—ସେମାନଙ୍କ ଜନନୀ ଏ ଅଦ୍ଭୁତ ପରିଣୟ ପାଇଁ ସମ୍ମତିଦାନ କରିଛନ୍ତି ଇତ୍ୟାଦି ନାନା ଯୁକ୍ତି ଦେଇ ମହାଭାରତକାର ଏ ଘଟଣା ଉପରେ ଟୀକା କରିଛନ୍ତି । କିନ୍ତୁ ଆପଣମାନଙ୍କୁ ଜଣାଅଛି, ସବୁ ସମାଜରେ ଏପରି ଗୋଟିଏ ଅବସ୍ଥା ଥିଲା ଯେ, ବହୁପତିତ୍ୱ ସମାଜରେ ଅନୁମୋଦିତ ଥିଲା—ଗୋଟିଏ ପରିବାରରେ ସବୁ ଭାଇ ମିଶି ଜଣେ ସ୍ତ୍ରୀକୁ ବିବାହ କରୁଥିଲେ । ଏହା ସେହି ଅତୀତ ବହୁପତିକ ଯୁଗର ଗୋଟିଏ ପରବର୍ତ୍ତୀ ଆଭାସ ମାତ୍ର ।

ଯାହା ହେଉ, ଏଆଡ଼େ ପାଣ୍ଡବମାନେ ଦ୍ରୌପଦୀଙ୍କୁ ନେଇ ପ୍ରସ୍ଥାନ କରିବା ପରେ ତାଙ୍କ ଭ୍ରାତାଙ୍କ ମନରେ ନାନାବିଧ ଆନ୍ଦୋଳନ ଉପସ୍ଥିତ ହେଲା । ସେ ଭାବିଲେ, 'ଯେଉଁ ପଞ୍ଚବ୍ୟକ୍ତି ମୋ ଭଗିନୀକୁ ନେଇଗଲେ, ସେମାନେ କିଏ ? ମୋ ଭଗିନୀ ଯାହାଙ୍କ ଗଳାରେ ବରମାଳ୍ୟ ଅର୍ପଣ କଲେ, ଯାହାଙ୍କ ସହିତ ତାଙ୍କର ବିବାହ ହେବ, ସେ ମଧ୍ୟ କିଏ ? ଏମାନଙ୍କର ତ ଅଶ୍ୱ, ରଥ ବା ଅନ୍ୟ କୌଣସି ଐଶ୍ୱର୍ଯ୍ୟର ଚିହ୍ନ ଦେଖୁ ନାହିଁ । ଏମାନେ ତ ପଦବ୍ରଜରେ ଗଲେ ଦେଖିଲି ।' ମନେ ମନେ ଏସବୁ ବିତର୍କ କରୁ କରୁ ସେ ତାଙ୍କର ଯଥାର୍ଥ ପରିଚୟ ଜାଣିବା ପାଇଁ ଦୂରରେ ଥାଇ ସେମାନଙ୍କର ଅନୁସରଣ କଲେ । ଅବଶେଷରେ ଗୋପନଭାବରେ ରହିରେ ସେମାନଙ୍କର କଥୋପକଥନ ଶୁଣି ସେମାନେ ଯେ ଯଥାର୍ଥ କ୍ଷତ୍ରିୟ,

ଏ ବିଷୟରେ ତାଙ୍କର କୌଣସି ସନ୍ଦେହ ରହିଲା ନାହିଁ । ସେତେବେଳେ ଦ୍ରୁପଦରାଜା ସେମାନଙ୍କର ଯଥାର୍ଥ ପରିଚୟ ପାଇ ପରମ ଆନନ୍ଦିତ ହେଲେ ।

ଅନେକେ ପ୍ରଥମେ ଏକ ସ୍ତ୍ରୀ ପକ୍ଷରେ ଏପରି ବହୁ ବିବାହ କରିବାରେ ଘୋରତର ଆପତ୍ତି କରିଥିଲେ ସତ, କିନ୍ତୁ ବ୍ୟାସଙ୍କ ଉପଦେଶ ଫଳରେ ସମସ୍ତେ ବୁଝିଲେ ଯେ, ଏ କ୍ଷେତ୍ରରେ ଏପରି ବିବାହ ଦୋଷାବହ ହୋଇପାରିବ ନାହିଁ । ସୁତରାଂ ଦ୍ରୁପଦରାଜାଙ୍କୁ ମଧ୍ୟ ଏପରି ବିବାହରେ ସମ୍ମତ ହେବାକୁ ପଡ଼ିଲା । ରାଜକୁମାରୀ ପଞ୍ଚପାଣ୍ଡବଙ୍କ ସହିତ ପରିଣୟ-ପାଶରେ ଆବଦ୍ଧ ହେଲେ ।

ପରିଣୟ ପରେ ପାଣ୍ଡବମାନେ ପରମାନନ୍ଦଚିତ୍ତରେ ଦ୍ରୁପଦ ଗୃହରେ ସୁଖ-ସ୍ୱଚ୍ଛନ୍ଦ୍ୟ ସହକାରେ ବାସ କଲେ । ଦିନକୁ ଦିନ ସେମାନଙ୍କର ବଳବୀର୍ଯ୍ୟ ବର୍ଦ୍ଧିତ ହେବାକୁ ଲାଗିଲା । ସେମାନେ ଜୀବିତ ଅଛନ୍ତି, ଦଗ୍ଧ ହୋଇ ନାହାନ୍ତି, କ୍ରମେ କ୍ରମେ ଏ ସମ୍ବାଦ କୌରବମାନଙ୍କ ନିକଟରେ ପହଞ୍ଚିଲା । ଦୁର୍ଯ୍ୟୋଧନ ଓ ତଦୀୟ ଅନୁଚରବର୍ଗ ପାଣ୍ଡବମାନଙ୍କୁ ବିନଷ୍ଟ କରିବା ପାଇଁ ନୂଆ ନୂଆ ଷଡ଼ଯନ୍ତ୍ର କରିବାରେ ଲାଗିଲେ, କିନ୍ତୁ ରାଜା ଧୃତରାଷ୍ଟ୍ର, ଭୀଷ୍ମ, ଦ୍ରୋଣ, ବିଦୁରାଦି ବର୍ଷୀୟାନ୍ ମନ୍ତ୍ରୀ ଓ ଅମାତ୍ୟମାନଙ୍କ ପରାମର୍ଶ ଫଳରେ ପାଣ୍ଡବମାନଙ୍କ ସହିତ ସନ୍ଧି କରିବା ପାଇଁ ସମ୍ମତ ହେଲେ । ସେ ନିମନ୍ତ୍ରଣ କରି ସେମାନଙ୍କୁ ହସ୍ତିନାପୁରକୁ ନେଇଗଲେ । ପ୍ରଜାବର୍ଗ ପାଣ୍ଡବମାନଙ୍କୁ ବହୁ ଦିନ ପରେ ଦର୍ଶନ କରି ପରମ ଆନନ୍ଦରେ ମହୋତ୍ସବ କରିବାରେ ଲାଗିଲେ । ଧୃତରାଷ୍ଟ୍ର ସେମାନଙ୍କୁ ଅର୍ଦ୍ଧରାଜ୍ୟ ପ୍ରଦାନ କଲେ । ସେତେବେଳେ ପଞ୍ଚଭ୍ରାତା ମିଶି ଇନ୍ଦ୍ରପ୍ରସ୍ଥ ନାମକ ମନୋରମ ନଗରୀ ନିର୍ମାଣ କରି ସେଠାରେ ସେମାନଙ୍କର ରାଜଧାନୀ ସ୍ଥାପନ କଲେ । ସେମାନେ ନିଜ ରାଜ୍ୟ କ୍ରମେ କ୍ରମେ ବଢ଼ାଇବାକୁ ଲାଗିଲେ, ଚତୁଷ୍ପାର୍ଶ୍ୱସ୍ଥ ବିଭିନ୍ନ ପ୍ରଦେଶର ରାଜାମାନଙ୍କୁ ବଶୀଭୂତ କରି ସେମାନଙ୍କୁ ନିଜର କରଦରେ ପରିଣତ କଲେ । ଅତଃପର ସର୍ବଜ୍ୟେଷ୍ଠ ଯୁଧିଷ୍ଠିର ନିଜକୁ ଭାରତର ତଦାନୀନ୍ତନ ସମସ୍ତ ରାଜାଙ୍କର ସମ୍ରାଟ ରୂପେ ଘୋଷଣା କରିବା ଉଦ୍ଦେଶ୍ୟରେ ରାଜସୂୟ ଯଜ୍ଞ କରିବା ପାଇଁ ସଂକଳ୍ପ କଲେ । ଏ ଯଜ୍ଞରେ ପରାଜିତ ରାଜାମାନଙ୍କୁ କର ନେଇ ଆସି ସମ୍ରାଟଙ୍କର ଅଧୀନତା ସ୍ୱୀକାର କରିବାକୁ ହୁଏ ଓ ପ୍ରତ୍ୟେକଙ୍କୁ ଯଜ୍ଞୋତ୍ସବର ଗୋଟିଏ ଗୋଟିଏ କାର୍ଯ୍ୟଭାର ଗ୍ରହଣ କରି ନିଜ ହସ୍ତରେ ତାହା ସମ୍ପାଦନ କରି ଯଜ୍ଞକାର୍ଯ୍ୟରେ ସାହାଯ୍ୟ କରିବାକୁ ହୋଇଥାଏ । ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ଆତ୍ମୀୟ ଏବଂ ବିଶେଷ ବନ୍ଧୁ ମଧ୍ୟ ଥିଲେ । ସେ ପାଣ୍ଡବ-ମାନଙ୍କ ନିକଟକୁ ଆସି ରାଜସୂୟ ଯଜ୍ଞ ନିର୍ବାହ ବିଷୟରେ ନିଜ ସମ୍ମତି ଜ୍ଞାପନ କଲେ । କିନ୍ତୁ ରାଜସୂୟ ଯଜ୍ଞ ସମ୍ପାଦନ ବାଟରେ ଗୋଟାଏ ବିଷମ ବିଘ୍ନ ଥିଲା । ଜରାସନ୍ଧ ନାମକ ଜଣେକ ରାଜା ଏକଶତ ରାଜାଙ୍କୁ ବଳି ଦେଇ ନରମେଧ ଯଜ୍ଞ କରିବେ ବୋଲି ସଂକଳ୍ପ କରିଥିଲେ ଏବଂ ତଦୁଦ୍ଦେଶ୍ୟରେ ଷଡ଼ଶୀତି ଜଣ ରାଜାଙ୍କୁ କାରାଗାରରେ ଆବଦ୍ଧ କରି ରଖିଥିଲେ । ଶ୍ରୀକୃଷ୍ଣ ଜରାସନ୍ଧଙ୍କୁ ଆକ୍ରମଣ କରିବା ପାଇଁ ପରାମର୍ଶ ଦେଲେ । ଏହି ପରାମର୍ଶାନୁସାରେ ଶ୍ରୀକୃଷ୍ଣ, ଭୀମ, ଅର୍ଜୁନ ଜରାସନ୍ଧ ନିକଟକୁ ଯାଇ ତାଙ୍କୁ ଦ୍ୱନ୍ଦ୍ୱଯୁଦ୍ଧ ପାଇଁ ଆହ୍ୱାନ କଲେ । ଜରାସନ୍ଧ ସମ୍ମତ ହେଲେ । ଚତୁର୍ଦ୍ଦଶ ଦିବସ କ୍ରମାଗତ ଦ୍ୱନ୍ଦ୍ୱଯୁଦ୍ଧ ହେବା ପରେ ଭୀମ

ଜରାସନ୍ଧଙ୍କୁ ପରାଭୂତ କଲେ । ସେତେବେଳେ ବନ୍ଦୀ ରାଜାମାନଙ୍କୁ ମୁକ୍ତ କରି ଦିଆ-ଯାଇଥିଲା ।

ଏହା ପରେ ଯୁଧିଷ୍ଠିରଙ୍କ କନିଷ୍ଠ ଚାରିଭ୍ରାତା ସୈନ୍ୟସାମନ୍ତ ନେଇ ପ୍ରତ୍ୟେକେ ଗୋଟିଏ ଗୋଟିଏ ଦିଗକୁ ଦିଗ୍‌ବିଜୟ ପାଇଁ ଅଗ୍ରସର ହେଲେ ଓ ସମସ୍ତ ରାଜାଙ୍କୁ ଯୁଧିଷ୍ଠିରଙ୍କ ବଶକୁ ଆନୟନ କଲେ । ସେମାନେ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରି ଜୟଲବ୍‌ଧ ଅଗାଧ ଧନସମ୍ପତ୍ତି ସେହି ବିରାଟ ଯଜ୍ଞର ବ୍ୟୟ ନିର୍ବାହାର୍ଥେ ଯୁଧିଷ୍ଠିରଙ୍କ ନିକଟରେ ଅର୍ପଣ କଲେ ।

ଏହିପରି ଭାବରେ ପାଣ୍ଡବମାନଙ୍କଦ୍ୱାରା ପରାଜିତ ଓ ଜରାସନ୍ଧର କାରାଗାରରୁ ମୁକ୍ତ ରାଜାମାନେ ରାଜସୂୟ ଯଜ୍ଞକୁ ଆସି ରାଜା ଯୁଧିଷ୍ଠିରଙ୍କୁ ସମ୍ରାଟ ବୋଲି ସ୍ୱୀକାର କଲେ ଏବଂ ତାଙ୍କର ଯଥୋଚିତ ସମ୍ମାନ କଲେ । ରାଜା ଧୃତରାଷ୍ଟ୍ର ଓ ତତ୍ପୁତ୍ରଗଣ ମଧ୍ୟ ଏ ଯଜ୍ଞରେ ଯୋଗଦାନ କରିବା ପାଇଁ ନିମନ୍ତ୍ରିତ ହୋଇଥିଲେ । ଯଜ୍ଞାବସାନରେ ଯୁଧିଷ୍ଠିର ସମ୍ରାଟ-ମୁକୁଟରେ ଭୂଷିତ ଓ ରାଜଚକ୍ରବର୍ତ୍ତୀ ବୋଲି ଘୋଷିତ ହେଲେ । ଏହିଠାରୁ କୌରବ ଓ ପାଣ୍ଡବମାନଙ୍କ ଭିତରେ ବିରୋଧର ବୀଜ ଉପ୍ତ ହେଲା । ପାଣ୍ଡବମାନଙ୍କର ରାଜ୍ୟ, ଐଶ୍ୱର୍ଯ୍ୟ, ସମୃଦ୍ଧି ଦୁର୍ଯ୍ୟୋଧନ ପକ୍ଷରେ ଅସହ୍ୟ ହେଲା; ସୁତରାଂ ସେ ଯୁଧିଷ୍ଠିରଙ୍କ ପ୍ରତି ପ୍ରବଳ ଈର୍ଷାଭାବକୁ ମନରେ ଧରି ରାଜସୂୟ ଯଜ୍ଞରୁ ଫେରିଲେ । ସେ ଈର୍ଷାପରବଶ ହୋଇ କିପରି ଭାବରେ କଳ କୌଶଳରେ ପାଣ୍ଡବମାନଙ୍କର ସର୍ବନାଶ ସାଧନ କରିପାରିବେ, ତତ୍ ସମ୍ବନ୍ଧରେ ନାନାବିଧ ମନ୍ତ୍ରଣା କରିବାରେ ଲାଗିଲେ; କାରଣ ସେ ଜାଣିଥିଲେ, ବଳପୂର୍ବକ ପାଣ୍ଡବମାନଙ୍କୁ ପରାଭୂତ କରିବା ତାଙ୍କ ପକ୍ଷରେ ସାଧ୍ୟାତୀତ । ରାଜା ଯୁଧିଷ୍ଠିରଙ୍କର ଦ୍ୟୂତାସକ୍ତି ଥିଲା । ଅତି ଅଶୁଭ କ୍ଷଣରେ ସେ ଚତୁର ଅକ୍ଷବେତ୍ତା ଓ ଦୁର୍ଯ୍ୟୋଧନଙ୍କ କୁମନ୍ତ୍ରଣାଦାତା ଶକୁନିଙ୍କ ସହିତ ଦ୍ୟୂତ-କ୍ରୀଡ଼ା କରିବା ପାଇଁ ଆହୂତ ହେଲେ । ପ୍ରାଚୀନ ଭାରତରେ ଏପରି ନିୟମ ଥିଲା ଯେ, କ୍ଷତ୍ରିୟ ଜାତୀୟ କୌଣସି ବ୍ୟକ୍ତି ଯୁଦ୍ଧାର୍ଥ ଆହୂତ ହେଲେ ସର୍ବବିଧ କ୍ଷତି ସ୍ୱୀକାର କରି ମଧ୍ୟ ନିଜ ମାନ ରକ୍ଷାର୍ଥ ତାଙ୍କୁ ଯୁଦ୍ଧ କରିବାକୁ ହେବ; ଏହିପରି ଭାବରେ ପୁଣି ଦ୍ୟୂତକ୍ରୀଡ଼ା ପାଇଁ ଆହୂତ ହୋଇ କ୍ରୀଡ଼ା କଲେ ହିଁ ମାନରକ୍ଷା ହେବ, ଆଉ କ୍ରୀଡ଼ା ପାଇଁ ଅସମ୍ମତ ହେଲେ ତାହା ଅତି ଅଯଶସ୍କର ବୋଲି ପରିଗଣିତ ହେବ । ମହାଭାରତ ଅନୁସାରେ ରାଜା ଯୁଧିଷ୍ଠିର ସର୍ବବିଧ ଧର୍ମର ମୂର୍ତ୍ତିମାନ ବିଗ୍ରହସ୍ୱରୂପ ଥିଲେ; କିନ୍ତୁ ପୂର୍ବୋକ୍ତ କାରଣରୁ ସେହି ରାଜର୍ଷିଙ୍କୁ ମଧ୍ୟ ଦ୍ୟୂତ-କ୍ରୀଡ଼ାରେ ସମ୍ମତ ହେବାକୁ ପଡ଼ିଥିଲା । ଶକୁନି ଓ ତାଙ୍କ ଅନୁଚରବର୍ଗ କୃତ୍ରିମ ଅକ୍ଷ ପ୍ରସ୍ତୁତ କରିଥିଲେ । ସେହି କାରଣରୁ ଯୁଧିଷ୍ଠିର ଯେତେ ଥର ପଣ ରଖିଲେ, ସେତେ ଥର ହାରିଲେ । ଥରକୁ ଥର ଏପରି ପରାଜିତ ହେବାରେ ସେ ଅନ୍ତରରେ ଅତିଶୟ କ୍ଷୁବ୍‌ଧ ହୋଇ ଜିଦ୍‌ବଶରେ ଯେପରି କି ଦୈବପ୍ରେରିତ ହୋଇ ଗୋଟି ଗୋଟି କରି ତାଙ୍କର ଯାହା କିଛି ଥିଲା, ସମୁଦାୟ ପଣ ରଖିଲେ ଓ ଗୋଟି ଗୋଟି କରି ସମୁଦାୟ ହରାଇଲେ । ତାଙ୍କର ସମୁଦାୟ ରାଜ୍ୟ, ଐଶ୍ୱର୍ଯ୍ୟ, ସର୍ବସ୍ୱକୁ ସେ ଏହିପରି ଭାବରେ ହରାଇଲେ । ଅବଶେଷରେ ଯେତେବେଳେ ତାଙ୍କର ସମୁଦାୟ ରାଜ୍ୟ, ଐଶ୍ୱର୍ଯ୍ୟ କୌରବମାନଙ୍କଦ୍ୱାରା ବିଜିତ ହେଲା, ଅଥଚ ତାଙ୍କୁ ବାରମ୍ବାର

କ୍ରୀଡ଼ାର୍ଥେ ଆହ୍ୱାନ କରାଯାଉଥିଲା, ସେ ଦେଖିଲେ, ତାଙ୍କ ନିଜ ଭ୍ରାତୃଗଣ, ନିଜେ ସ୍ୱୟଂ ଏବଂ ଅନନ୍ଦିତା ଦ୍ରୌପଦୀ ବ୍ୟତୀତ ପଣ ରଖିବା ପାଇଁ ତାଙ୍କର ଆଉ କିଛି ନାହିଁ । ଏ ସମସ୍ତଙ୍କୁ ସେ ଗୋଟି ଗୋଟି କରି ପଣ ରଖିଲେ ଏବଂ ଗୋଟି ଗୋଟି କରି ସମୁଦାୟ ମଧ୍ୟ ହାରିଗଲେ । ଏହିପରି ଭାବରେ ପାଣ୍ଡବମାନେ ସମ୍ପୂର୍ଣ୍ଣରୂପେ କୌରବମାନଙ୍କର ବଶୀଭୂତ ହେଲେ । ସେମାନେ ତାଙ୍କୁ କୌଣସି ପ୍ରକାର ଅବମାନନା କରିବାରେ ଆଉ ବାକି ରଖିଲେ ନାହିଁ; ବିଶେଷତଃ ଦ୍ରୌପଦୀଙ୍କୁ ସେମାନେ ଯେପରି ଅବମାନନା କଲେ, ମଣିଷ ପ୍ରତି ମଣିଷ କଦାପି ସେପରି ବ୍ୟବହାର କରିପାରିବ ନାହିଁ । ଅବଶେଷରେ ଅନ୍ଧରାଜ ଧୃତରାଷ୍ଟ୍ରଙ୍କ କୃପାରେ ସେମାନେ କୌରବମାନଙ୍କ ଦାସତ୍ୱରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କଲେ । ରାଜା ଧୃତରାଷ୍ଟ୍ର ନିଜ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଶାସନ କରିବା ପାଇଁ ସେମାନଙ୍କୁ ଅନୁମତି ଦେଲେ । ଦୁର୍ଯ୍ୟୋଧନ ଦେଖିଲା, ବଡ଼ ବିପଦ; ତାଙ୍କ କୌଶଳ ବୋଧହୁଏ ବ୍ୟର୍ଥ ହେବା ଉପରେ; ସୁତରାଂ ସେ ପିତାଙ୍କୁ ଆଉ ଥରେ ମାତ୍ର କ୍ରୀଡ଼ା କରିବାକୁ ଅନୁମତି ଦେବା ପାଇଁ ସନିର୍ବନ୍ଧ ଅନୁରୋଧ କରିବାରେ ଲାଗିଲା । ଅବଶେଷରେ ଧୃତରାଷ୍ଟ୍ର ସମ୍ମତ ହେଲେ । ଏଥର ପଣ ରହିଲା, ଯେଉଁ ପକ୍ଷ ହାରିବ; ତାକୁ ଦ୍ୱାଦଶ ବର୍ଷ ବନବାସ ଓ ବର୍ଷେ ଅଜ୍ଞାତବାସ କରିବାକୁ ହେବ । କିନ୍ତୁ ଯଦି ଏହି ଅଜ୍ଞାତବାସ ଭିତରେ ଜୟୀ ପକ୍ଷ ସେମାନଙ୍କ ବାସସ୍ଥାନର ସନ୍ଧାନ ପାଇବେ, ତାହାହେଲେ ପୁନର୍ବାର ସେହିପରି ଦ୍ୱାଦଶ ବର୍ଷ ବନବାସ ଓ ବର୍ଷେ ଅଜ୍ଞାତବାସ କରିବାକୁ ହେବ । କିନ୍ତୁ ଯଦି ଅଜ୍ଞାତବାସର ସମ୍ପୂର୍ଣ୍ଣ କାଳ ବିଜିତ ପକ୍ଷ ସମ୍ପୂର୍ଣ୍ଣ ଅଜ୍ଞାତସାରରେ ଯାପନ କରିପାରିବେ, ତେବେ ପୁଣି ରାଜ୍ୟ ପାଇବେ ।

ଏ ଶେଷ ଖେଳରେ ମଧ୍ୟ ଯୁଧିଷ୍ଠିର ହାରିଗଲେ; ସେତେବେଳେ ପଞ୍ଚପାଣ୍ଡବ ଦ୍ରୌପଦୀ ସହିତ ନିର୍ବାସିତ ଗୃହଶୂନ୍ୟ ଲୋକଙ୍କ ପରି ବନକୁ ଗମନ କଲେ । ସେମାନେ ଅରଣ୍ୟ ଓ ପର୍ବତରେ କୌଣସି ପ୍ରକାରେ ଦ୍ୱାଦଶ ବର୍ଷ ଯାପନ କଲେ । ଏହି ସମୟରେ ସେମାନେ ଧାର୍ମିକ ଓ ବୀରପୁରୁଷୋଚିତ ଅନେକ କଠିନ କଠିନ କାର୍ଯ୍ୟ ଅନୁଷ୍ଠାନ କରିଥିଲେ । ମଝିରେ ମଝିରେ ଦୀର୍ଘକାଳ ପାଇଁ ତୀର୍ଥଭ୍ରମଣ କରି ବହୁ ପ୍ରାଚୀନ ଓ ପବିତ୍ରସ୍ମୃତି-ଉଦ୍ଦୀପକ ସ୍ଥାନସମୂହ ଦର୍ଶନ କରିଥିଲେ । ମହାଭାରତର ଏହି ବନପର୍ବଟି ଅତି ମନୋରମ ଓ ଶିକ୍ଷାପ୍ରଦ; ଏହା ନାନାବିଧ ଉପାଖ୍ୟାନ ଓ ଆଖ୍ୟାୟିକାରେ ପୂର୍ଣ୍ଣ । ଏଥିରେ ପ୍ରାଚୀନ ଭାରତର ଧର୍ମ ଓ ଦର୍ଶନାତ୍ମକ ଅନେକଗୁଡ଼ିଏ ମନୋହର ଅପୂର୍ବ ଉପାଖ୍ୟାନ ଅଛି । ମହର୍ଷିମାନେ ପାଣ୍ଡବ-ଭ୍ରାତାମାନଙ୍କୁ ଏ ନିର୍ବାସନ ବନରେ ଦର୍ଶନ କରିବାକୁ ଆସୁଥିଲେ ଏବଂ ସେମାନେ ଯେପରି ଭାବରେ ନିର୍ବାସନଦୁଃଖ ଅକ୍ଲେଶରେ ସହିପାରନ୍ତି, ସେ ଉଦ୍ଦେଶ୍ୟରେ ସେମାନଙ୍କୁ ପ୍ରାଚୀନ ଭାରତର ଅନେକ ଅପୂର୍ବ ମନୋହର ଉପାଖ୍ୟାନ ଶୁଣାଉଥିଲେ । ମୁଁ ତାହା ମଧ୍ୟରୁ ଗୋଟିଏ ଉପାଖ୍ୟାନ ଆପଣମାନଙ୍କୁ କହିବି ।

ଅଶ୍ୱପତି ନାମରେ ଜଣେ ରାଜା ଥିଲେ, ତାଙ୍କର ସାବିତ୍ରୀ ନାମ୍ନୀ ଗୋଟିଏ ପରମା ସୁନ୍ଦରୀ ଗୁଣବତୀ କନ୍ୟା ଥିଲେ । ହିନ୍ଦୁମାନଙ୍କର ଗୋଟିଏ ଅତି ପବିତ୍ର ସ୍ତୋତ୍ରର ନାମ 'ସାବିତ୍ରୀ' । ଉକ୍ତ କନ୍ୟାଙ୍କର ଏପରି ଗୁଣ ଓ ରୂପ ଥିଲା ଯେ, ତାଙ୍କର ମଧ୍ୟ ଉକ୍ତ ସାବିତ୍ରୀ

ବୋଲି ନାମକରଣ ହୋଇଥିଲା । ସାବିତ୍ରୀ ବୟଃପ୍ରାପ୍ତା ହେଲେ; ତଦୀୟ ପିତା ତାଙ୍କୁ ନିଜ ସ୍ୱାମୀଙ୍କୁ ସ୍ୱୟଂ ମନୋନୀତ କରିବା ପାଇଁ କହିଲେ । ଆପଣମାନେ ଦେଖୁଛନ୍ତି, ଏହି ଭାରତୀୟ ପ୍ରାଚୀନ ରାଜକନ୍ୟାମାନଙ୍କର ଯଥେଷ୍ଟ ସ୍ୱାଧୀନତା ଥିଲା । ଅନେକ ସମୟରେ ସେମାନେ ସେମାନଙ୍କ ପାଣି-ଗ୍ରହଣାର୍ଥୀ ରାଜକୁମାରମାନଙ୍କ ମଧ୍ୟରୁ ସ୍ୱୟଂ ପତି ନିର୍ବାଚନ କରୁଥିଲେ ।

ସାବିତ୍ରୀ ପିତୃବାକ୍ୟରେ ସମ୍ମତ ହୋଇ ସୁବର୍ଣ୍ଣମୟ ରଥରେ ଆରୋହଣ କରି ନିଜ ପିତୃରାଜ୍ୟଠାରୁ ଅତି ଦୂରବର୍ତ୍ତୀ ସ୍ଥାନସମୂହରେ ଭ୍ରମଣ କରିବାରେ ଲାଗିଲେ । ତଦୀୟ ପିତା କେତେ ଜଣ ରକ୍ଷୀ ଓ ବୃଦ୍ଧ ସଭାସଦଙ୍କୁ ତାଙ୍କ ସଙ୍ଗରେ ପଠାଇଥିଲେ । ସେ ସେମାନଙ୍କ ସଙ୍ଗରେ ଅନେକ ରାଜସଭାକୁ ଯାଇ ଅନେକ ରାଜକୁମାରଙ୍କୁ ଦେଖିଲେ; କିନ୍ତୁ କେହି ମଧ୍ୟ ତାଙ୍କର ମନୋହରଣ କରିବାରେ ସମର୍ଥ ହେଲେ ନାହିଁ । ଅବଶେଷରେ ସେ ଅରଣ୍ୟମଧ୍ୟବର୍ତ୍ତୀ ଗୋଟିଏ ପବିତ୍ର ତପୋବନରେ ଉପନୀତ ହେଲେ । ପ୍ରାଚୀନ କାଳରେ ଏସବୁ ଅରଣ୍ୟରେ ପଶୁମାନେ ନିର୍ଭୟରେ ବିଚରଣ କରୁଥିଲେ । ସେଠାରେ କୌଣସି ଜୀବକୁ ହତ୍ୟା କରିବାକୁ ଦିଆଯାଉ ନ ଥିଲା । ଏହି କାରଣରୁ ସେଠାରେ ପଶୁମାନେ ଆଉ ମନୁଷ୍ୟକୁ ଭୟ କରୁ ନ ଥିଲେ । ଏପରି କି, ସରୋବରସ୍ଥ ମତ୍ସ୍ୟକୁଳ ମଧ୍ୟ ମନୁଷ୍ୟ ହାତରୁ ନିର୍ଭୟରେ ଖାଦ୍ୟ ନେଇଯାଉଥିଲେ । ସହସ୍ର ସହସ୍ର ବର୍ଷ ଧରି ଏସବୁ ଅରଣ୍ୟରେ କେହି କୌଣସି ଜୀବହତ୍ୟା କରି ନାହିଁ । ମୁନିମାନେ ଓ ବୃଦ୍ଧମାନେ ସେଠାରେ ମୃଗ ଓ ବିହଙ୍ଗମମାନଙ୍କ ମଧ୍ୟରେ ଆନନ୍ଦରେ ବାସ କରୁଥିଲେ । ଏପରିକି କୌଣସି ଗୁରୁତର ଅପରାଧୀ ମଧ୍ୟ ଏସବୁ ସ୍ଥାନକୁ ଗଲେ ତାହା ଉପରେ ଅତ୍ୟାଚାର କରିବା କାହାର ସାଧ୍ୟ ନ ଥିଲା । ଲୋକେ ଗାର୍ହସ୍ଥ୍ୟଜୀବନରେ ଯେତେବେଳେ ଆଉ ସୁଖ ପାଉ ନ ଥିଲେ, ସେତେବେଳେ ଏସବୁ ଅରଣ୍ୟକୁ ଗମନ କରୁଥିଲେ । ସେଠାରେ ମୁନିମାନଙ୍କ ସହିତ ଧର୍ମପ୍ରସଙ୍ଗରେ ଓ ତତ୍ତ୍ୱଚିନ୍ତାରେ ଜୀବନର ଅବଶିଷ୍ଟ କାଳ ଅତିବାହିତ କରୁଥିଲେ ।

ଦ୍ୟୁମତ୍ସେନ ନାମକ ଜଣେ ରାଜା ପୂର୍ବୋକ୍ତ ତପୋବନରେ ବାସ କରୁଥିଲେ । ସେ ଜରାଗ୍ରସ୍ତ ଓ ଦୃଷ୍ଟିଶକ୍ତିହୀନ ହେବାରୁ ଶତ୍ରୁମାନେ ତାଙ୍କର ରାଜ୍ୟ ଆକ୍ରମଣ କରି ତାଙ୍କୁ ପରାଭୂତ ଏବଂ ତାଙ୍କ ରାଜ୍ୟ ଅଧିକାର କଲେ । ଏହି ବୃଦ୍ଧ ଅସହାୟ ଅନ୍ଧ ରାଜା ତଦୀୟ ମହିଷୀ ଓ ତନୟଙ୍କ ସହିତ ଏ ତପୋବନରେ ଆଶ୍ରୟ ନେଇଥିଲେ । ସେଠାରେ ଅତି କଠୋର ତପସ୍ୟାଚରଣ କରି ସେ ଜୀବନ ଅତିବାହିତ କରୁଥିଲେ । ତାଙ୍କ ପୁତ୍ରଙ୍କ ନାମ ସତ୍ୟବାନ ।

ସାବିତ୍ରୀ ଅନେକ ରାଜସଭା ଦର୍ଶନ କରି ଅବଶେଷରେ ଏହି ପବିତ୍ର ଆଶ୍ରମରେ ଉପଗତ ହେଲେ । ପ୍ରାଚୀନ କାଳରେ ଏହି ତପୋବନବାସୀ ଋଷିତପସ୍ୱୀମାନଙ୍କ ଉପରେ ସମସ୍ତେ ଏତେ ଶ୍ରଦ୍ଧାଭକ୍ତିଭାବ ପୋଷଣ କରୁଥିଲେ ଯେ, ଜଣେ ସମ୍ରାଟ ମଧ୍ୟ ଏସବୁ ତପୋବନ ବା ଆଶ୍ରମସମୂହ ବାଟରେ ଯିବା ସମୟରେ ଏସବୁ ମୁନିଋଷିମାନଙ୍କୁ ପୂଜା କରିବା ପାଇଁ ଆଶ୍ରମରେ ପ୍ରବେଶ ନ କରି ରହିପାରୁ ନ ଥିଲେ । ଆଜି ମଧ୍ୟ ଭାରତରେ ଏ ମୁନିଋଷିମାନଙ୍କ ପ୍ରତି ଲୋକଙ୍କର ଏତେ ଦୂର ଶ୍ରଦ୍ଧା ଭାବ ଅଛି ଯେ, ସେଠାର ଜଣେ ସର୍ବଶ୍ରେଷ୍ଠ ସମ୍ରାଟ ମଧ୍ୟ ଅରଣ୍ୟବାସୀ ଫଳମୂଳଭୋଜୀ ଚୀରପରିଧାୟୀ କୌଣସି ଋଷିଙ୍କର ବଂଶଧର ବୋଲି ନିଜର

ପରିଚୟ ଦେବାରେ ବିନ୍ଦୁମାତ୍ର ସଂକୁଚିତ ନ ହୋଇ ବରଂ ପରମ ଗୌରବ ଓ ଆନନ୍ଦ ଅନୁଭବ କରନ୍ତି । ଆମେ ସମସ୍ତେ ଋଷିଙ୍କର ବଂଶଧର । ଏହିପରି ଭାବରେ ଭାରତରେ ଧର୍ମପ୍ରତି ଅତ୍ୟନ୍ତ ସମ୍ମାନ ଓ ଶ୍ରଦ୍ଧାଭକ୍ତି ପ୍ରଦର୍ଶିତ ହୋଇଥାଏ । ଅତଏବ ରାଜାମାନେ ଯେ ତପୋବନ ଭିତରେ ପ୍ରବେଶ କରି ତପୋବନବାସୀ ଋଷିମାନଙ୍କୁ ପୂଜା କରି ନିଜକୁ ଗୌରବାନ୍ୱିତ ବୋଧ କରନ୍ତି, ଏହା ଆଉ ବିଚିତ୍ର କ'ଣ ? ଯଦି ସେମାନେ ଅଶ୍ୱାରୋହଣ କରି ଆସିଥାଆନ୍ତି, ତେବେ ଆଶ୍ରମ ବାହାରେ ଅଶ୍ୱରୁ ଅବତୀର୍ଣ୍ଣ ହୋଇ ପଦବ୍ରଜରେ ଆଶ୍ରମାଭ୍ୟନ୍ତରରେ ପ୍ରବେଶ କରନ୍ତି । ଆଉ ଯଦି ସେମାନେ ରଥାରୋହଣ କରି ଆସିଥାଆନ୍ତି, ତେବେ ରଥ ଓ ବର୍ମାଦି ସମୁଦାୟ ବାହାରେ ରଖି ଆଶ୍ରମ ମଧ୍ୟକୁ ପ୍ରବେଶ କରିବାକୁ ହେବ । ବିନୀତ ଶମଗୁଣସମ୍ପନ୍ନ ଧର୍ମପରାୟଣ ବ୍ୟକ୍ତି ପରି ନ ଗଲେ କୌଣସି ଯୋଦ୍ଧାର ମଧ୍ୟ ଆଶ୍ରମ ମଧ୍ୟରେ ପ୍ରବେଶାଧିକାର ନ ଥିଲା ।

ସୁତରାଂ ସାବିତ୍ରୀ ରାଜକନ୍ୟା ହେଲେ ମଧ୍ୟ ଏ ଆଶ୍ରମରେ ଆସି ଉପସ୍ଥିତ ହେଲେ ଏବଂ ସେଠାରେ ରାଜତପସ୍ୱୀ ଦ୍ୟୁମତ୍ସେନଙ୍କ ପୁତ୍ର ସତ୍ୟବାନଙ୍କୁ ଦର୍ଶନ କଲେ । ସତ୍ୟବାନଙ୍କୁ ଦର୍ଶନ କରିବା ମାତ୍ରେ ସାବିତ୍ରୀ ମନେ ମନେ ତାଙ୍କୁ ହୃଦୟ ସମର୍ପଣ କଲେ । ସାବିତ୍ରୀ କେତେ ରାଜପ୍ରାସାଦକୁ, କେତେ ରାଜସଭାକୁ ଯାଇଛନ୍ତି; କିନ୍ତୁ କୌଣସି ସ୍ଥାନରେ କୌଣସି ରାଜକୁମାର ତାଙ୍କର ଚିତ୍ତ ଅପହରଣ କରିପାରି ନ ଥିଲେ; କିନ୍ତୁ ଏଠାରେ ରାଜା ଦ୍ୟୁମତ୍ସେନଙ୍କର ଅରଣ୍ୟବାସରେ ତଦୀୟ ପୁତ୍ର ସତ୍ୟବାନ ତାଙ୍କର ହୃଦୟ ଅପହରଣ କଲେ ।

ସାବିତ୍ରୀ ପିତୃଗୃହକୁ ପ୍ରତ୍ୟାବୃତ୍ତ ହେବାରୁ ପିତା ତାଙ୍କୁ ପଚାରିଲେ, 'ସାବିତ୍ରୀ ! ବତ୍ସେ ! ତୁମେ ତ ନାନା ସ୍ଥାନରେ ଭ୍ରମଣ କରି ଆସିଲ—କହ ଦେଖି, ତୁମେ କେଉଁଠାରେ ଏପରି କାହାକୁ ଦେଖିଲ କି ଯାହା ସହିତ ତୁମେ ପରିଣୟ-ସୂତ୍ରରେ ଆବଦ୍ଧ ହେବାକୁ ଇଚ୍ଛା କର ? କହ ମା, କିଛି ମାତ୍ର ଗୋପନ ନ କରି ମନକଥା ଖୋଲି କହ ।' ସେତେବେଳେ ଲଜ୍ଜାନମ୍ରବଦନରେ ମୃଦୁସ୍ୱରରେ ସାବିତ୍ରୀ କହିଲେ, 'ହଁ ପିତଃ, ଦେଖିଛି ।' ପିତା କହିଲେ, 'ବତ୍ସ, ସେଉଁ ରାଜକୁମାର ତୁମର ଚିତ୍ତ ଅପହରଣ କରିଛନ୍ତି, ତାଙ୍କ ନାମ କ'ଣ ?' ସେତେବେଳେ ସାବିତ୍ରୀ କହିଲେ, 'ତାଙ୍କୁ ଠିକ୍ ରାଜକୁମାର କୁହାଯାଇପାରିବ ନାହିଁ; କାରଣ, ତାଙ୍କର ପିତା ଦ୍ୟୁମତ୍ସେନ ରାଜା ଥିଲେ ସତ୍ୟ, କିନ୍ତୁ ବର୍ତ୍ତମାନ ଶତ୍ରୁମାନେ ତାଙ୍କ ରାଜ୍ୟ ଅପହରଣ କରିଛନ୍ତି । ଅତଏବ ସେ ରାଜକୁମାର ହେଲେ ମଧ୍ୟ ରାଜ୍ୟର ଅଧିକାରୀ ନୁହନ୍ତି, ସେ ତପସ୍ୱୀଭାବରେ ଜୀବନ ଯାପନ କରୁଛନ୍ତି, ବନଜାତ ଫଳମୂଳ ସଂଗ୍ରହ କରି କୁଟୀରବାସୀ ବୃଦ୍ଧ ଜନକଜନନୀଙ୍କର ସେବାନିରତ ରହିଛନ୍ତି ।'

ସେହି ସମୟରେ ଦେବର୍ଷି ନାରଦ ସେ-ସ୍ଥାନରେ ଉପସ୍ଥିତ ଥିଲେ । ରାଜା ଅଶ୍ୱପତି ତାଙ୍କୁ ସାବିତ୍ରୀଙ୍କ ସତ୍ୟବାନଙ୍କୁ ପତିରୂପେ ନିର୍ବାଚନ କରିବା କଥା କହି ସେସମ୍ବନ୍ଧରେ ତାଙ୍କର ମତାମତ କ'ଣ ପଚାରିଲେ । ନାରଦ କହିଲେ, 'ଏ ନିର୍ବାଚନ ଅତି ଅଶୁଭ ହୋଇଛି ।' ଏ କଥାଗୁଡ଼ିକ ଶୁଣି ରାଜା ତାଙ୍କୁ ଏପରି କହିବାର କାରଣ ସ୍ପଷ୍ଟରୂପେ ନିର୍ଦ୍ଦେଶ କରିବା

ପାଇଁ ଅନୁରୋଧ କରିବାରୁ ସେ କହିଲେ, 'ଆଜିଠାରୁ ଦ୍ୱାଦଶ ମାସାନ୍ତେ ସତ୍ୟବାନ ନିଜ କର୍ମାନୁସାରେ ଦେହତ୍ୟାଗ କରିବେ ।' ରାଜା ନାରଦଙ୍କର ଏ କଥା ଶୁଣି ଭୟବିହ୍ୱଳ ଚିତ୍ତରେ କନ୍ୟାଙ୍କୁ କହିଲେ, 'ସାବିତ୍ରୀ, ଶୁଣିଲ ତ, ଆଜିଠାରୁ ଦ୍ୱାଦଶମାସାନ୍ତେ ସତ୍ୟବାନ ଦେହତ୍ୟାଗ କରିବେ; ଅତଏବ ତୁମେ ତାଙ୍କୁ ବିବାହ କଲେ ଅଳ୍ପ ବୟସରେ ହିଁ ବିଧବା ହେବ । ଥରେ ଏ କଥା ଖୁବ୍ ଭଲ କରି ଦେଖ । ବତ୍ସେ, ତୁମେ ସତ୍ୟବାନର ବିଷୟକୁ ଆଉ ହୃଦୟରେ ସ୍ଥାନ ଦିଅ ନାହିଁ; ଏପରି ଅଳ୍ପାୟୁ, ଆସନ୍ନମୃତ୍ୟୁ ବର ସହିତ ତୁମର କୌଣସିମତେ ବିବାହ ହୋଇପାରିବ ନାହିଁ ।' ସାବିତ୍ରୀ କହିଲେ, 'ପିତଃ ! ସତ୍ୟବାନ ଅଳ୍ପାୟୁ ହୁଅନ୍ତୁ, କିମ୍ବା ତାଙ୍କର ମୃତ୍ୟୁ ଆସନ୍ନ ହେଉ, ସେଥିରେ ମୋର କୌଣସି କ୍ଷତି ନାହିଁ । ମୋ ହୃଦୟ ସତ୍ୟବାନଙ୍କ ପ୍ରତି ଅନୁରାଗୀ, ମୁଁ ମନେ ମନେ ସେହି ସାଧୁଶୀଳ ବୀର ସତ୍ୟବାନଙ୍କୁ ହିଁ ପତିତ୍ୱରେ ବରଣ କରିଛି । ଅତଏବ ଆପଣ ମୋତେ ଅନ୍ୟ ବ୍ୟକ୍ତିଙ୍କୁ ପତିତ୍ୱରେ ବରଣ କରିବା ପାଇଁ କହିବେ ନାହିଁ, ତାହାହେଲେ ମୁଁ ଦ୍ୱିଚାରିଣୀ ହେବି । କୁମାରୀର ପତିନିର୍ବାଚନରେ ଥରେ ମାତ୍ର ଅଧିକାର ଅଛି । ଥରେ ସେ ଯାହାକୁ ମନେ ମନେ ପତିରୂପେ ବରଣ କରିଛି, ତଦ୍ ବ୍ୟତୀତ ଆଉ କାହାକୁ ମଧ୍ୟ ତା' ମନରେ କେବେ ହେଁ ସ୍ଥାନ ଦେବା ଉଚିତ ନୁହେଁ ।' ରାଜା ଯେତେବେଳେ ଦେଖିଲେ, ସାବିତ୍ରୀ ସତ୍ୟବାନଙ୍କୁ ପତିତ୍ୱରେ ବରଣ କରିବା ପାଇଁ ଦୃଢ଼ନିଶ୍ଚୟା, ସେତେବେଳେ ସେ ଏହି ବିବାହକୁ ଅନୁମୋଦନ କଲେ । ସାବିତ୍ରୀ ସତ୍ୟବାନଙ୍କ ସହିତ ଯଥାବିଧାନରେ ବିବାହିତ ହୋଇ ପିତାଙ୍କ ରାଜପ୍ରାସାଦରୁ ତଦୀୟ ମନୋନୀତ ପତିଙ୍କ ସହିତ ଗୃହସ୍ଥାଶ୍ରମ ଧର୍ମପାଳନ କରି ଶ୍ୱଶୁରଶ୍ୱଶ୍ରୂଙ୍କ ସେବାର୍ଥେ ଅରଣ୍ୟମଧ୍ୟସ୍ଥ ଆଶ୍ରମକୁ ଗମନ କଲେ ।

ନାରଦଙ୍କ ମୁଖରୁ ଶୁଣି ସାବିତ୍ରୀ ସତ୍ୟବାନଙ୍କର ଠିକ୍ କେଉଁ ଦିନ ଦେହତ୍ୟାଗ ହେବ, ତାହା ଅବଗତ ହୋଇଥିଲେ ସତ୍ୟ, କିନ୍ତୁ ସେ ତାହା ସତ୍ୟବାନଙ୍କ ନିକଟରେ ଗୋପନ ରଖିଥିଲେ । ସତ୍ୟବାନ ପ୍ରତିଦିନ ଗଭୀର ଅରଣ୍ୟକୁ ଯାଇ କାଷ୍ଠ ଓ ଫୁଲ ସଂଗ୍ରହ କରି ପୁନରାୟ କୁଟୀରକୁ ପ୍ରତ୍ୟାବୃତ୍ତ ହେଉଥିଲେ । ସାବିତ୍ରୀ ରନ୍ଧନାଦି ସମୁଦାୟ ଗୃହକାର୍ଯ୍ୟ ଏବଂ ବୃଦ୍ଧ ଶ୍ୱଶୁର ଓ ଶ୍ୱଶ୍ରୂଙ୍କର ସେବା କରୁଥିଲେ । ଏହିପରି ଭାବରେ ସେମାନଙ୍କ ଜୀବନ ସୁଖ-ଦୁଃଖରେ ଅତିବାହିତ ହେବାକୁ ଲାଗିଲା । ଅବଶେଷରେ ସତ୍ୟବାନଙ୍କ ଦେହତ୍ୟାଗର ଦିନ ଅତି ନିକଟବର୍ତ୍ତୀ ହେଲା । ଆଉ ତିନିଦିନ ମାତ୍ର ଅବଶିଷ୍ଟ ବାକି ଥାଉ ଥାଉ ସାବିତ୍ରୀ ଏକ କଠୋର ବ୍ରତ ଗ୍ରହଣ କଲେ । ସେ ଉପବାସପରାୟଣା ହୋଇ ଓ ରାତ୍ରି-ଜାଗରଣ କରି ଅନବରତ ଦେବାରାଧନା କରିବାରେ ଲାଗିଲେ । ଏହି ତିନି ରାତ୍ରି ସେ ପତିଙ୍କର ଆସନ୍ନମୃତ୍ୟୁ ଚିନ୍ତା କରି କେତେ ଯେ ଗଭୀର ଦୁଃଖରେ କଟାଇଥିଲେ, ଅପରର ଅଜ୍ଞାତସାରରେ କେତେ ଯେ ଅଶ୍ରୁମୋଚନ କରିଥିଲେ, ଦେବତାଙ୍କ ନିକଟରେ ପତିଙ୍କର ଶୁଭକାମନା କରି କାତରଭାବରେ କେତେ ଯେ ପ୍ରାର୍ଥନା କରିଥିଲେ, କିଏ ତାହାର ଇୟତ୍ତା କରିବ ? ଅବଶେଷରେ ସେହି କାଳଦିବସର ପ୍ରଭାତ ଉପସ୍ଥିତ ହେଲା । ସେଦିନ ଆଉ ସାବିତ୍ରୀଙ୍କର ପତିଙ୍କୁ ମୁହୂର୍ତ୍ତିକ ପାଇଁ ମଧ୍ୟ ନୟନ-ଅନ୍ତରାଳ କରିବାକୁ ସାହସ ହେଲା ନାହିଁ । ଅତଏବ ସତ୍ୟବାନଙ୍କର ଅରଣ୍ୟକୁ

କାଷ୍ଠ ଓ ଫଳମୂଳ ସଂଗ୍ରହ କରିବାକୁ ଯିବା ସମୟରେ ଯେପରି ସେ ଶ୍ୱଶୁର ଓ ଶ୍ୱଶ୍ରୂଙ୍କ ନିକଟରୁ ପତିଙ୍କ ସଙ୍ଗରେ ଯିବାର ଅନୁମତି ପ୍ରାର୍ଥନା କଲେ ଓ ସେମାନଙ୍କର ଅନୁମତି ଲାଭ କରି ସେ ସତ୍ୟବାନ୍‌ଙ୍କ ସଙ୍ଗରେ ଅରଣ୍ୟକୁ ଗଲେ । ହଠାତ୍ ସତ୍ୟବାନ୍ ବ୍ୟାକୁଳିତସ୍ୱରରେ ପତ୍ନୀଙ୍କୁ କହିଲେ, 'ପ୍ରିୟେ ସାବିତ୍ରୀ, ମୋର ମୁଣ୍ଡ ଘୂରୁଛି, ମୋର ଇନ୍ଦ୍ରିୟଗୁଡ଼ିକ ଅବସନ୍ନ ବୋଧ ହେଉଛି, ମୋର ସମଗ୍ର ଦେହ ଯେପରି ନିଦ୍ରାଭିଭୂତ ହେଉଛି, ମୁଁ କିଛି କାଳ ତୁମ ପାର୍ଶ୍ୱରେ ବିଶ୍ରାମ କରିବି ।' ସାବିତ୍ରୀ ଭୟବିକଳିତ ଓ କମ୍ପିତସ୍ୱରରେ ଉତ୍ତର ଦେଲେ, 'ପ୍ରଭୋ, ଆପଣ ମୋର ଅଙ୍କଦେଶରେ ମସ୍ତକ ସ୍ଥାପନ କରି ବିଶ୍ରାମ କରନ୍ତୁ ।' ସେତେବେଳେ ସତ୍ୟବାନ୍ ନିଜ ଉତ୍ତପ୍ତ ମସ୍ତକ ସାବିତ୍ରୀଙ୍କର ଅଙ୍କଦେଶରେ ସ୍ଥାପନ କଲେ । କିୟତ୍‌କ୍ଷଣ ପରେ ତାଙ୍କର ଶ୍ୱାସ ରୁଦ୍ଧ ହେଲା, ସେ ଦେହତ୍ୟାଗ କଲେ । ସାବିତ୍ରୀ ଗଳଦଶ୍ରୁଲୋଚନରେ ପତିଙ୍କୁ ଆଲିଙ୍ଗନ କରି ସେହି ଜନଶୂନ୍ୟ ଅରଣ୍ୟରେ ବସି ରହିଲେ । କିଛି କ୍ଷଣ ପରେ ଯମଦୂତଗଣ ସତ୍ୟବାନ୍‌ଙ୍କ ସୂକ୍ଷ୍ମଦେହ ଗ୍ରହଣ କରିବା ପାଇଁ ସେଠାରେ ଉପସ୍ଥିତ ହେଲେ । କିନ୍ତୁ ଯେଉଁଠାରେ ସାବିତ୍ରୀ ପତିଙ୍କ ମସ୍ତକ କୋଡ଼ରେ ଧରି ଉପବିଷ୍ଟ ଥିଲେ, ସେମାନେ ତାହାର ନିକଟକୁ ମଧ୍ୟ ଆସିପାରିଲେ ନାହିଁ । ସେମାନେ ଦେଖିଲେ, ସାବିତ୍ରୀଙ୍କ ଚତୁଃପାର୍ଶ୍ୱରେ ଅଗ୍ନିର ଗଣ୍ଡି ରହିଛି । ଯମଦୂତଗଣଙ୍କ ମଧ୍ୟରୁ କେହି ସେହି ଅଗ୍ନିର ଗଣ୍ଡି ଅତିକ୍ରମ କରିପାରିଲେ ନାହିଁ । ସେମାନେ ସମସ୍ତେ ସାବିତ୍ରୀଙ୍କ ନିକଟରୁ ପଳାଇଯାଇ ଯମରାଜଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ସତ୍ୟବାନ୍‌ଙ୍କର ଆତ୍ମାକୁ ଆଣି ନ ପାରିବାର କାରଣ ସମୁଦାୟ ନିବେଦନ କଲେ ।

ସେତେବେଳେ ମୃତ୍ୟୁଦେବତା, ମୃତ ବ୍ୟକ୍ତିମାନଙ୍କ ବିଚାରକ ଯମରାଜ ସ୍ୱୟଂ ଆସି ଉପସ୍ଥିତ ହେଲେ । ଲୋକଙ୍କ ବିଶ୍ୱାସ, ପୃଥିବୀରେ ପ୍ରଥମ ମଣିଷ ଯେ ମରନ୍ତି, ସେ ହିଁ ମୃତ୍ୟୁ-ଦେବତା ଅର୍ଥାତ୍ ତତ୍ପରବର୍ତ୍ତୀ ମୃତବ୍ୟକ୍ତିମାନଙ୍କର ଅଧିପତି ହୋଇଛନ୍ତି । କୌଣସି ବ୍ୟକ୍ତି ମରିବା ପରେ ତାହାକୁ ପୁରସ୍କାର ଦେବାକୁ ହେବ ଅଥବା ସେ ଶାସ୍ତି ପାଇବ, ସେ ତାହା ବିଚାର କରନ୍ତି । ସେହି ଯମରାଜ ସ୍ୱୟଂ ସେଠାକୁ ଆସିଲେ । ଅବଶ୍ୟ ଯମରାଜ ଯେତେବେଳେ ଦେବତା, ସେତେବେଳେ ସାବିତ୍ରୀଙ୍କ ଚତୁଃପାର୍ଶ୍ୱସ୍ଥ ସେହି ଅଗ୍ନିର ଗଣ୍ଡି ଭିତରେ ତାଙ୍କର ଅନାୟାସରେ ଗମନାଗମନର ଅଧିକାର ଥିଲା । ସେ ସାବିତ୍ରୀଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, 'ମା, ତୁମେ ଏହି ଶବଦେହ ପରିତ୍ୟାଗ କର । କାରଣ, ଜାଣିରଖ, ମର୍ତ୍ତ୍ୟବ୍ୟକ୍ତି ମାତ୍ରକେ ହିଁ ଦେହତ୍ୟାଗ କରିଥାନ୍ତି, ଏହା ହିଁ ବିଧିଙ୍କର ବିଧାନ । ମର୍ତ୍ତ୍ୟଗଣଙ୍କ ମଧ୍ୟରେ ମୁଁ ପ୍ରଥମେ ମରିଛି, ତା' ପରଠାରୁ ସମସ୍ତଙ୍କୁ ହିଁ ମରିବାକୁ ହୋଇଥାଏ । ମୃତ୍ୟୁ ହିଁ ମାନବର ନିୟତି ।' ଯମରାଜ ଏ କଥା କହିବାରୁ ସାବିତ୍ରୀ ସତ୍ୟବାନ୍‌ଙ୍କର ଶବଦେହ ତ୍ୟାଗକରି କିଛି ଦୂର ଘୁଞ୍ଚିଗଲେ । ସେତେବେଳେ ଯମ ସତ୍ୟବାନ୍‌ଙ୍କ ଦେହରୁ ତାଙ୍କର ଜୀବାତ୍ମାକୁ ବାହାର କରିନେଲେ । ଯମ ଏହିପରି ଭାବରେ ସେହି ଯୁବକଙ୍କର ଜୀବାତ୍ମାକୁ ନେଇ ସ୍ୱୀୟ ପୁରୀ ଅଭିମୁଖରେ ପ୍ରସ୍ଥାନ କଲେ । କିନ୍ତୁ କିୟତ୍‌ଦୂର ଯାଇଛନ୍ତି କି ନାହିଁ, ସେ ଶୁଣିଲେ, ତାଙ୍କର ପଶ୍ଚାତ୍‌ରେ ଶୁଷ୍କପତ୍ର ଉପରେ କାହାର ପଦଶବ୍ଦ ହେଉଛି । ସେ ଫେରି ଦେଖନ୍ତି—ସାବିତ୍ରୀ ।

ତେଣୁ ସେ ସାବିତ୍ରୀଙ୍କୁ ସମ୍ବୋଧନ କରି କହିଲେ, 'ସାବିତ୍ରୀ, ମା, ବୃଥା କାହିଁକି ମୋ ପଶ୍ଚାତ୍‌ରେ ଆସୁଛ ? ସକଳ ମର୍ତ୍ତ୍ୟଜନଙ୍କ ଅଦୃଷ୍ଟରେ ମୃତ୍ୟୁ ଘଟିଥାଏ ।' ସାବିତ୍ରୀ କହିଲେ, 'ପିତଃ, ମୁଁ ଆପଣଙ୍କର ଅନୁସରଣ କରୁ ନାହିଁ । କିନ୍ତୁ ଆପଣ ଯେପରି କହିଲେ, ମର୍ତ୍ତ୍ୟଗଣଙ୍କ ପକ୍ଷରେ ମୃତ୍ୟୁ ହିଁ ବିଧିର ବିଧାନ, ସେହିପରି ବିଧିର ବିଧାନରେ ହିଁ ନାରୀ ମଧ୍ୟ ତାଙ୍କର ପ୍ରିୟ ପତିଙ୍କର ଅନୁସରଣ କରିଥାଏ, ଆଉ ବିଧିର ବିଧାନରେ ହିଁ ପତିବ୍ରତା ଭାର୍ଯ୍ୟାକୁ କେବେ ହେଁ ତାଙ୍କର ପ୍ରିୟ ପତିଠାରୁ ବିଚ୍ଛିନ୍ନ କରାଯାଇ ପାରିବ ନାହିଁ ।' ତହୁଁ ଯମରାଜ କହିଲେ, 'ବତ୍ସେ ତୁମର ଧର୍ମାର୍ଥଯୁକ୍ତ ବାକ୍ୟ ଶ୍ରବଣ କରି ପରମ ପ୍ରୀତ ହୋଇଛୁ । ଅତଏବ ତୁମେ ତୁମ ପତିଙ୍କର ପୁନର୍ଜ୍ଜୀବନ ବ୍ୟତୀତ ମୋ ନିକଟରେ ଯାହା ଇଚ୍ଛା ବର ପ୍ରାର୍ଥନା କର ।' ସେତେବେଳେ ସାବିତ୍ରୀ କହିଲେ, 'ହେ ପ୍ରଭୁ ଯମରାଜ, ଯଦି ଆପଣ ମୋ ପ୍ରତି ପ୍ରକୃତରେ ପ୍ରସନ୍ନ ହୋଇଥାନ୍ତି, ତେବେ ମୋତେ ଏହି ବର ଦିଅନ୍ତୁ ଯେ, ମୋ ଶ୍ୱଶୁର ଯେପରି ପୁନରାୟ ତାଙ୍କର ଚକ୍ଷୁ ଲାଭ କରନ୍ତି ଓ ସୁଖୀ ହୋଇପାରନ୍ତି ।' ଯମ କହିଲେ, 'ମୁଁ ଧର୍ମଜ୍ଞ, ଅୟି ପ୍ରିୟ ବତ୍ସେ ! ତୁମର ଏହି ଧର୍ମସଙ୍ଗତ ବାସନା ପୂର୍ଣ୍ଣ ହେଉ ।' ଏହା କହି ଯମରାଜ ସତ୍ୟବାନ୍‌ଙ୍କ ଜୀବାତ୍ମାକୁ ନେଇ ପୁଣି ଗନ୍ତବ୍ୟ ପଥରେ ଅଗ୍ରସର ହେବାରେ ଲାଗିଲେ । କିଛି ଦୂର ଯାଇଛନ୍ତି କି ନାହିଁ, ସେ ପୂର୍ବବତ୍ ପଶ୍ଚାତ୍‌ରେ ପଦଶବ୍ଦ ଶୁଣିପାରି ଫେରି ଚାହିଁ ସାବିତ୍ରୀଙ୍କୁ ଦେଖିଲେ । ସେତେବେଳେ ସେ ତାଙ୍କୁ କହିଲେ, 'ବତ୍ସେ ସାବିତ୍ରୀ ! ତୁମେ ଏବେ ମଧ୍ୟ ମୋ ପଶ୍ଚାତ୍‌ରେ ଆସୁଛ ?' ସାବିତ୍ରୀ ଉତ୍ତର ଦେଲେ, 'ହଁ ପିତଃ, ମୁଁ ଆପଣଙ୍କ ପଶ୍ଚାତ୍‌ରେ ଆସୁଛି । ମୁଁ ଯେ ନ ଆସି ରହିପାରୁ ନାହିଁ, କିଏ ଯେପରି ମୋତେ ଟାଣିନେଇ ଯାଉଛି । ମୁଁ ଫେରିବା ପାଇଁ ବାରମ୍ବାର ଚେଷ୍ଟା କରୁଛି, କିନ୍ତୁ ମୋ ମନପ୍ରାଣ ଯେ ମୋ ସ୍ୱାମୀଙ୍କ ନିକଟରେ ପଡ଼ି ରହିଛି । ସୁତରାଂ ଯେଉଁଠାକୁ ମୋ ସ୍ୱାମୀଙ୍କୁ ନେଇଯାଉଛନ୍ତି, ସେଠାକୁ ମୋ ଦେହ ମଧ୍ୟ ଯାଉଛି । ମୋ ଆତ୍ମା ତ ପୂର୍ବରୁ ଯାଇଛି—କାରଣ, ମୋ ଆତ୍ମା ମୋ ସ୍ୱାମୀଙ୍କ ଆତ୍ମାରେ ହିଁ ଅବସ୍ଥିତ । ସୁତରାଂ ଆପଣ ଯେତେବେଳେ ମୋ ଆତ୍ମାକୁ ହିଁ ନେଇଯାଉଛନ୍ତି, ସେତେବେଳେ ମୋ ଦେହ ଯିବ ହିଁ ଯିବ; ନ ଯାଇ କିପରି ରହିବ ?' ଯମ କହିଲେ, 'ସାବିତ୍ରୀ ! ମୁଁ ତୁମର ବାକ୍ୟ ଶ୍ରବଣ କରି ପରମ ପ୍ରୀତ ହୋଇଛି । ମୋ ନିକଟରୁ ତୁମ ସ୍ୱାମୀଙ୍କ ଜୀବନ ବ୍ୟତୀତ ଆଉ ଗୋଟିଏ ବର ପ୍ରାର୍ଥନା କର ।' ସାବିତ୍ରୀ କହିଲେ, 'ଦେବ ! ଆପଣ ଯଦି ମୋ ପ୍ରତି ପ୍ରସନ୍ନ ହୋଇଥାଆନ୍ତି, ତେବେ ଆପଣଙ୍କ ନିକଟରେ ଏହି ବର ପ୍ରାର୍ଥନା କରୁଛି ଯେ, ମୋର ଶ୍ୱଶୁର ଯେପରି ତାଙ୍କର ନଷ୍ଟରାଜ୍ୟ ଓ ଐଶ୍ୱର୍ଯ୍ୟ ଫେରି ପାଆନ୍ତି ।' ଯମ କହିଲେ, 'ପ୍ରିୟ ବତ୍ସେ ! ତୁମକୁ ଏ ବର ମଧ୍ୟ ପ୍ରଦାନ କଲି । କିନ୍ତୁ ଏଠାରୁ ତୁମେ ଗୃହକୁ ଫେରିଯାଅ; କାରଣ ଜୀବିତ ପ୍ରାଣୀ କେବେହେଲେ ଯମରାଜଙ୍କ ସହିତ ଯାଇପାରିବ ନାହିଁ ।' ଏହା କହି ଯମ ପୁଣି ଚାଲିବାକୁ ଲାଗିଲେ । ଯମ ଯଦିବା ସାବିତ୍ରୀଙ୍କୁ ଫେରିବାକୁ କହିଲେ, କିନ୍ତୁ ସେହି ନମ୍ରସ୍ୱଭାବା, ପତିପରାୟଣା ସାବିତ୍ରୀ ତଥାପି ତାଙ୍କ ମୃତ ସ୍ୱାମୀଙ୍କର ଅନୁସରଣ କରିବାକୁ ଲାଗିଲେ । ଯମ ପୁଣି ଫେରି ଚାହିଁ ସାବିତ୍ରୀଙ୍କୁ ଦେଖିବାକୁ ପାଇ କହିଲେ, 'ହେ ସାବିତ୍ରୀ ! ହେ ମହାନୁଭବେ ! ତୁମେ ଏପରି ତୀବ୍ର ଶୋକରେ ବିହ୍ୱଳା ହୋଇ ଉନ୍ମତ୍ତା ପରି ସ୍ୱାମୀଙ୍କର ଅନୁସରଣ

କର ନାହିଁ ।' ସାବିତ୍ରୀ କହିଲେ, 'ମୋ ମନ ଉପରେ ମୋର କୌଣସି କର୍ତ୍ତୃତ୍ୱ ନାହିଁ; ଆପଣ ମୋର ପ୍ରିୟତମ ସ୍ୱାମୀଙ୍କୁ ଯେଉଁଠାକୁ ନେଇଯିବେ, ମୁଁ ସେଠାକୁ ତାଙ୍କର ଅନୁସରଣ କରିବି ।' ଯମ କହିଲେ, 'ଆଚ୍ଛା ସାବିତ୍ରୀ ! ମନେକର ତୁମର ସ୍ୱାମୀ ଇହଲୋକରେ ଅନେକ ପାପାଚରଣ କରିଛନ୍ତି; ତାହା ଫଳରେ ତାଙ୍କୁ ନରକକୁ ଯିବାକୁ ହେବ । ତାହାହେଲେ କଅଣ ପ୍ରିୟତମ ପତିଙ୍କ ସହିତ ଯିବାକୁ ତୁମେ ପ୍ରସ୍ତୁତ ?' ପତିଙ୍କ ପ୍ରତି ପରମ ଅନୁରାଗିଣୀ ସାବିତ୍ରୀ କହିଲେ, 'ମୋର ପତି ଯେଉଁଠାକୁ ଯିବେ, ଜୀବନ ହେଉ, ମୃତ୍ୟୁ ହେଉ, ସ୍ୱର୍ଗ ହେଉ ବା ନରକ ହେଉ, ମୁଁ ପରମାନନ୍ଦରେ ସହିତ ସେଠାକୁ ଯିବି ।' ଯମ କହିଲେ, 'ବତ୍ସେ ! ତୁମର ବଚନାବଳୀ ପରମ ମନୋହର ଓ ଧର୍ମସଙ୍ଗତ; ମୁଁ ତୁମ ଉପରେ ପରମପ୍ରୀତ ହୋଇଛି, ତୁମେ ଆଉ ଗୋଟିଏ ବର ପ୍ରାର୍ଥନା କର; କିନ୍ତୁ ଜାଣି ରଖ, ମୃତବ୍ୟକ୍ତି କେବେ ହେଁ ପୁଣି ଜୀବିତ ହୁଏ ନାହିଁ ।' ସାବିତ୍ରୀ କହିଲେ, 'ଯଦି ମୋ ପ୍ରତି ଏତେଦୂର ପ୍ରସନ୍ନ ହୋଇଥାନ୍ତି, ତେବେ ମୋତେ ଏହି ବର ଦାନ କରନ୍ତୁ, ଯେପରି କି ମୋ ଶ୍ୱଶୁରଙ୍କ ରାଜବଂଶ ଲୋପ ନ ହୁଏ, ଯେପରି କି ସତ୍ୟବାନ୍‌ଙ୍କର ପୁତ୍ରମାନେ ସେ ରାଜ୍ୟ ଲାଭ କରନ୍ତି ।' ସେତେବେଳେ ଧର୍ମରାଜ ଈଷତ୍ ହାସ୍ୟ ସହକାରେ କହିଲେ, 'ବତ୍ସେ, ତୁମର ମନସ୍କାମନା ସଫଳ ହେଉ, ଏହି ତୁମର ପତିଙ୍କର ଜୀବାତ୍ମାକୁ ପରିତ୍ୟାଗ କଲି । ତୁମର ପତି ପୁଣି ଜୀବିତ ହେବେ । ସତ୍ୟବାନ୍‌ଙ୍କର ଔରସରେ ତୁମର ଅନେକ ପୁତ୍ର ଜନ୍ମିବେ, କାଳକ୍ରମେ ସେମାନେ ରାଜପଦ ଲାଭ କରିବେ । ବର୍ତ୍ତମାନ ଗୃହକୁ ଫେରିଯାଅ । ପ୍ରେମ ମୃତ୍ୟୁକୁ ମଧ୍ୟ ଜୟ କଲା । ପୂର୍ବେ କୌଣସି ରମଣୀ ପତିକୁ ଏପରି ଭାବରେ ଦେଖିପାରି ନାହିଁ—ଆଉ ମୁଁ ସାକ୍ଷାତ୍ ମୃତ୍ୟୁ ଦେବତା ହୋଇ ମଧ୍ୟ ସେହି ଅକପଟ, ଅତ୍ୟନ୍ତସ୍ୱାର୍ଥ ପ୍ରେମର ଶକ୍ତି ନିକଟରେ ଆଜି ପରାଜିତ ହେଲି ।'

ସାବିତ୍ରୀ-ଉପାଖ୍ୟାନ ସଂକ୍ଷେପରେ କଥିତ ହେଲା । ଭାରତର ପ୍ରତ୍ୟେକ ବାଳିକାକୁ ସାବିତ୍ରୀ ପରି ସତୀ ହେବା ପାଇଁ ଶିକ୍ଷା ଦିଆଯାଇଥାଏ—ମୃତ୍ୟୁ ଯାହାଙ୍କ ପ୍ରେମ ନିକଟରେ ପରାଭୂତ ହୋଇଥିଲେ, ସେ ଐକାନ୍ତିକ ପ୍ରେମବଳରେ ଯମରାଜଙ୍କ ନିକଟରୁ ମଧ୍ୟ ନିଜ ସ୍ୱାମୀଙ୍କ ଆତ୍ମାକୁ ଫେରାଇନେବା ପାଇଁ ସକ୍ଷମ ହୋଇଥିଲେ ।

ମହାଭାରତ ଏହି ସାବିତ୍ରୀଙ୍କ ଉପାଖ୍ୟାନ ପରି ଶତ ଶତ ମନୋହର ଉପାଖ୍ୟାନରେ ପୂର୍ଣ୍ଣ । ମୁଁ ଆପଣମାନଙ୍କୁ ପ୍ରଥମେ କହିଛି, ଜଗତ ଭିତରେ ମହାଭାରତ ଖଣ୍ଡିଏ ବିପୁଳକଳେବର ବିଶିଷ୍ଟ ଗ୍ରନ୍ଥ । ତାହା ଅଷ୍ଟାଦଶ ପର୍ବରେ ବିଭକ୍ତ ଏବଂ ପ୍ରାୟ ଲକ୍ଷଶ୍ଳୋକାତ୍ମକ ।

ଯାହାହେଉ, ବର୍ତ୍ତମାନ ମୂଳ ଉପାଖ୍ୟାନର ସୂତ୍ର ପୁଣି ଧରାଯାଉ । ପାଣ୍ଡବମାନେ ରାଜ୍ୟରୁ ନିର୍ବାସିତ ହୋଇ ବନରେ ବାସ କରୁଛନ୍ତି, ଏହି ଅବସ୍ଥାରେ ଆମେମାନେ ପାଣ୍ଡବ-ମାନଙ୍କୁ ଛାଡ଼ି ଆସିଛୁ । ସେଠାରେ ମଧ୍ୟ ସେମାନେ ଦୁର୍ଯ୍ୟୋଧନର କୁମନ୍ତ୍ରଣାପ୍ରସୂତ ନାନାବିଧ ଅତ୍ୟାଚାରରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ନାହାନ୍ତି । କିନ୍ତୁ ଦୁର୍ଯ୍ୟୋଧନ ଅନେକ ଚେଷ୍ଟା କରି ମଧ୍ୟ ସେମାନଙ୍କର ବିଶେଷ ଅନିଷ୍ଟ ସାଧନ କରିବାକୁ କେବେହେଲେ ସମର୍ଥ ହୋଇ ନାହିଁ ।

ଅରଣ୍ୟରେ ବାସକରିବା କାଳରେ ପାଣ୍ଡବମାନଙ୍କର ଦିନକର ଘଟଣା ମୁଁ ଆପଣଙ୍କ ନିକଟରେ କହିବି । ଦିନେ ସେମାନେ ଅତ୍ୟନ୍ତ ତୃଷାର୍ତ୍ତ ହେଲେ । ଯୁଧିଷ୍ଠିର କନିଷ୍ଠ ଭ୍ରାତା

ନକୁଳଙ୍କୁ ଜଳ ଅନ୍ୱେଷଣ କରି ଆଣିବା ପାଇଁ ଅନୁମତି ଦେଲେ । ସେ ଦ୍ରୁତପଦରେ ଗମନ କରି ଅନେକ ଅନ୍ୱେଷଣ କରି ଗୋଟିଏ ସ୍ଥାନରେ ଅତି ନିର୍ମଳସଲିଳ ସରୋବର ଦର୍ଶନ କଲେ । ସେ ଜଳପାନାର୍ଥ ସରୋବରକୁ ଅବତରଣ କରିବାମାତ୍ରେ ଶୁଣିଲେ, କେହି ଯେପରି ତାଙ୍କୁ ସମ୍ବୋଧନ କରି କହୁଛି, 'ବତ୍ସ, ଜଳ ପାନ କର ନାହିଁ । ପ୍ରଥମେ ମତ୍କୃତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର, ପରେ ଏ ଜଳ ଯଥେଚ୍ଛା ପାନ କର ।' କିନ୍ତୁ ନକୁଳ ଅତିଶୟ ତୃଷାର୍ତ୍ତ ଥିବାରୁ ଉକ୍ତ ବାକ୍ୟକୁ ଗ୍ରାହ୍ୟ ନ କରି ଜଳପାନ କଲେ । ଜଳପାନ କରିବା ମାତ୍ରେ ସେ ଦେହତ୍ୟାଗ କଲେ । ନକୁଳଙ୍କର ଫେରିବାର ବିଳମ୍ବ ଦେଖି ରାଜା ଯୁଧିଷ୍ଠିର ସହଦେବଙ୍କୁ ନକୁଳଙ୍କ ଅନ୍ୱେଷଣାର୍ଥେ ଓ ଜଳାନୟନାର୍ଥେ ପ୍ରେରଣ କଲେ । ସହଦେବ ମଧ୍ୟ ଇତସ୍ତତଃ ଅନ୍ୱେଷଣ କରୁ କରୁ ଉକ୍ତ ସରୋବର ସମୀପକୁ ଯାଇ ଭ୍ରାତା ନକୁଳଙ୍କୁ ମୃତ ଅବସ୍ଥାରେ ନିଶ୍ଚେଷ୍ଟ ଭାବରେ ପତିତ ଦେଖିଲେ । ଭ୍ରାତାର ମୃତ୍ୟୁ ଦର୍ଶନରେ ଅତିଶୟ ଶୋକାର୍ତ୍ତ ସହଦେବ ଅତ୍ୟନ୍ତ ତୃଷାର୍ତ୍ତ ଥିବାରୁ ଜଳାଭିମୁଖରେ ଯେପରି ଅଗ୍ରସର ହେଲେ, ସେହିକ୍ଷଣି ସେ ମଧ୍ୟ ନକୁଳଙ୍କ ପରି ଶୁଣିଲେ, 'ବତ୍ସ, ! ପ୍ରଥମେ ମୋର ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର, ପଶ୍ଚାତ୍ ଜଳପାନ କର ।' ସେ ମଧ୍ୟ ଏ ବାକ୍ୟ ଅମାନ୍ୟ କରି ଜଳପାନ କଲେ ଓ ଜଳପାନାନ୍ତେ ହିଁ ନକୁଳଙ୍କ ପରି ମାନବଲୀଳା ସମ୍ବରଣ କଲେ । ପରେ ଅର୍ଜ୍ଜୁନ ଓ ଭୀମ ମଧ୍ୟ ସେହିପରି ଭାବରେ ଭ୍ରାତୃଗଣଙ୍କ ଅନ୍ୱେଷଣ ଓ ଜଳାନୟନାର୍ଥେ ପ୍ରେରିତ ହେଲେ; କିନ୍ତୁ ସେମାନେ ମଧ୍ୟ କେହିଁ ଫେରିଲେ ନାହିଁ । ସେମାନଙ୍କର ନକୁଳ ସହଦେବଙ୍କ ପରି ଅବସ୍ଥା ହେଲା, ସେମାନେ ମଧ୍ୟ ଜଳପାନ କରି ପଞ୍ଚତ୍ୱପ୍ରାପ୍ତ ହେଲେ । ଅବଶେଷରେ ଯୁଧିଷ୍ଠିର ସ୍ୱୟଂ ଉଠି କନିଷ୍ଠ ଭ୍ରାତୃଚତୁ-ଷ୍ଟୟଙ୍କ ଅନ୍ୱେଷଣାର୍ଥେ ଗମନ କଲେ । ଅନେକକ୍ଷଣ ଇତସ୍ତତଃ ଭ୍ରମଣ ପରେ ପରିଶେଷରେ ସେହି ମନୋହର ସରୋବରର ସମୀପଦେଶରେ ଉପସ୍ଥିତ ହୋଇ ସେ ଭ୍ରାତୃଚତୁଷ୍ଟୟଙ୍କୁ ମୃତ ଅବସ୍ଥାରେ ଭୂତଳରେ ଶାୟିତ ଥିବାର ଦେଖିଲେ । ଏ ଦୃଶ୍ୟ ଦର୍ଶନ କରି ତାଙ୍କ ଅନ୍ତଃକରଣ ଶୋକଭାରାକ୍ରାନ୍ତ ହେଲା; ସେ ଭ୍ରାତୃଗଣଙ୍କ ପାଇଁ ବିଳାପ କରିବାକୁ ଲାଗିଲେ । ସେହି ସମୟରେ ସେ ହଠାତ୍ ଶୁଣିଲେ, କିଏ ଯେପରି ତାଙ୍କୁ କହୁଛି, 'ବତ୍ସ, ! ଅତି ସାହସ କର ନାହିଁ । ମୁଁ ଜଣେ ଯକ୍ଷ—ବକ ରୂପରେ କ୍ଷୁଦ୍ର କ୍ଷୁଦ୍ର ମତ୍ସ୍ୟ ଖାଇ ଜୀବନ ଧାରଣ କରି ଏ ସରୋବରରେ ବାସ କରେ । ଏ ସରୋବର ମୋର ଅଧିକୃତ । ମୋ କର୍ତ୍ତୃକ ହିଁ ତୁମର କନିଷ୍ଠ ଭ୍ରାତୃଗଣ ପ୍ରେତାଧିପପୁରୀକୁ ପ୍ରେରିତ ହୋଇଛନ୍ତି । ହେ ରାଜନ୍ ! ଯଦି ତୁମେ ତୁମ୍ଭ ଭ୍ରାତୃଗଣଙ୍କ ପରି ମୋ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ ନ କରି ଜଳପାନ କର, ତେବେ ତୁମକୁ ମଧ୍ୟ ଭ୍ରାତୃଚତୁଷ୍ଟୟଙ୍କ ପାର୍ଶ୍ୱରେ ପଞ୍ଚମ ଶବରୂପେ ଶୟନ କରିବାକୁ ହେବ । ହେ ଯୁଧିଷ୍ଠିର, ପ୍ରଥମେ ମୋ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କରି ସ୍ୱୟଂ ଯଥେଚ୍ଛା ଜଳପାନ କର ଓ ଯେତେ ଇଚ୍ଛା ଅନ୍ୟତ୍ର ନେଇଯାଅ ।' ଯୁଧିଷ୍ଠିର କହିଲେ, 'ମୁଁ ଯଥାଯଥ ଆପଣଙ୍କର ପ୍ରଶ୍ନଗୁଡ଼ିକର ଉତ୍ତରଦାନ ପାଇଁ ଚେଷ୍ଟା କରିବି । ଆପଣ ମୋତେ ଯଥାଭିରୁଚି ପ୍ରଶ୍ନ କରନ୍ତୁ ।' ସେତେବେଳେ ଯକ୍ଷ ତାହାଙ୍କୁ ଗୋଟି ଗୋଟି କରି ଅନେକଗୁଡ଼ିଏ ପ୍ରଶ୍ନ ପଚାରିଲେ । ଯୁଧିଷ୍ଠିର ସମୁଦାୟ ପ୍ରଶ୍ନର ଯଥାର୍ଥ ଉତ୍ତର ପ୍ରଦାନ କଲେ । ତନ୍ମଧ୍ୟରୁ ଦୁଇଟି ପ୍ରଶ୍ନ ଓ ତାହାର ଯୁଧିଷ୍ଠିର-

ପ୍ରଦତ୍ତ ଉତ୍ତର ଆପଣମାନଙ୍କ ନିକଟରେ କହୁଛି । ଯକ୍ଷ ପଚାରିଲେ, 'କିମାଶ୍ଚର୍ଯ୍ୟମ୍' ଅର୍ଥାତ୍ ଜଗତ୍‌ରେ ସର୍ବାପେକ୍ଷା ଆଶ୍ଚର୍ଯ୍ୟ ବିଷୟ କଅଣ ? ଯୁଧିଷ୍ଠିର ଉତ୍ତରରେ କହିଲେ—

'ପ୍ରତି ମୁହୂର୍ତ୍ତରେ ଆମେମାନେ ଦେଖୁଛୁଁ, ଆମର ଚାରିଆଡ଼େ ପ୍ରାଣୀଗଣ ମୃତ୍ୟୁମୁଖରେ ପତିତ ହେଉଛନ୍ତି, କିନ୍ତୁ ଯେଉଁମାନେ ବର୍ତ୍ତମାନ ମଧ୍ୟ ମରି ନାହାନ୍ତି, ସେମାନେ ଭାବୁଛନ୍ତି ଯେ, ସେମାନେ କେବେହେଲେ ମରିବେ ନାହିଁ । ଜଗତ୍‌ରେ ଏହା ହିଁ ସର୍ବାପେକ୍ଷା ଆଶ୍ଚର୍ଯ୍ୟ ବିଷୟ—ମୃତ୍ୟୁ ଅହରହ ସମ୍ମୁଖରେ ରହିଥିଲେ ମଧ୍ୟ କେହି ବିଶ୍ୱାସ କରନ୍ତି ନାହିଁ ଯେ ସେ ମରିବେ ।'*

ଯକ୍ଷର ଆଉ ଗୋଟିଏ ପ୍ରଶ୍ନ ଥିଲା, 'କଃ ପନ୍ଥାଃ ?'—ଅର୍ଥାତ୍ କେଉଁ ପଥ ଅନୁସରଣ କଲେ ମାନବର ଯଥାର୍ଥ ଶ୍ରେୟୋଲାଭ ହୁଏ ? ଯୁଧିଷ୍ଠିର ଏହି ପ୍ରଶ୍ନର ଉତ୍ତର ଦେଲେ—

'ତର୍କଦ୍ୱାରା କିଛି ନିଶ୍ଚିତ ହୋଇପାରେ ନାହିଁ । କାରଣ, ଜଗତରେ ନାନା ମତମତାନ୍ତର ରହିଛି । ବେଦ ମଧ୍ୟ ନାନାବିଧ—ତାହାର ଗୋଟିଏ ଭାଗରେ ଯାହା କହୁଛି, ଅପର ଭାଗରେ ତାହାର ହିଁ ପ୍ରତିବାଦ କରୁଛି । ଏପରି ଦୁଇ ଜଣ ମୁନି ବାହାର କରି ହେବ ନାହିଁ, ଯେଉଁମାନଙ୍କର ପରସ୍ପର ମତଭେଦ ନାହିଁ । ଧର୍ମର ରହସ୍ୟ ଯେପରି କି ଗୁହାରେ ନିହିତ ରହିଛି । ଅତଏବ ମହାପୁରୁଷଗଣ ଯେଉଁ ପଥରେ ଚାଲିଛନ୍ତି, ସେହି ପଥ ହିଁ ଅନୁସରଣୀୟ ।'**

ଯକ୍ଷ ଯୁଧିଷ୍ଠିରଙ୍କର ସମୁଦାୟ ଉତ୍ତର ଶ୍ରବଣ କରି ଅବଶେଷରେ କହିଲେ, 'ହେ ରାଜନ୍ ! ମୁଁ ତୁମ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଛି । ମୁଁ ବକରୂପୀ ଧର୍ମ । ମୁଁ ତୁମର ପରୀକ୍ଷା ପାଇଁ ହିଁ ଏହିପରି କରିଛି । ତୁମର ଭ୍ରାତୃଗଣଙ୍କ ମଧ୍ୟରୁ କେହି ହେଲେ ମରି ନାହାନ୍ତି । ମୋ ମାୟାବଳରେ ହିଁ ସେମାନେ ମୃତ ବୋଲି ପ୍ରତୀୟମାନ ହେଉଛନ୍ତି । ହେ ଭରତର୍ଷଭ, ତୁମେ ଯେତେବେଳେ ଅର୍ଥକାମାପେକ୍ଷା ନୃଶଂସତାକୁ ଶ୍ରେଷ୍ଠତର ବୋଲି ସ୍ଥିର କରିଛ, ସେତେବେଳେ ତୁମର ଭ୍ରାତୃବର୍ଗ ଜୀବିତ ହୁଅନ୍ତୁ ।' ଯକ୍ଷ ଏହି କଥା କହିବାମାତ୍ରେ ଭୀମାଦି ପାଣ୍ଡବ ଚତୁଷ୍ଟୟ ଜୀବିତ ହୋଇ ଉଠିଲେ ।

ଏହି ଉପାଖ୍ୟାନରୁ ରାଜା ଯୁଧିଷ୍ଠିରଙ୍କ ପ୍ରକୃତିର ଆଭାସ ଅନେକ ପରିମାଣରେ ମିଳିଥାଏ । ଯକ୍ଷର ପ୍ରଶ୍ନସମୁଦାୟର ତତ୍‌ପ୍ରଦତ୍ତ ଉତ୍ତରରୁ ଆମେମାନେ ଦେଖିପାରୁ, ରାଜା ଅପେକ୍ଷା ତତ୍ତ୍ୱଚିନ୍ତାପରାୟଣ ଯୋଗୀଙ୍କ ଭାବ ହିଁ ତାଙ୍କ ମଧ୍ୟରେ ପ୍ରବଳ ଥିଲା ।

ଏ ଆଡ଼େ ପାଣ୍ଡବମାନଙ୍କର ଦ୍ୱାଦଶ ବର୍ଷ ବନବାସ କାଳ ଶେଷ ହୋଇ ଅଜ୍ଞାତ-ବାସ କରିବାର ତ୍ରୟୋଦଶ ବର୍ଷ ନିକଟବର୍ତ୍ତୀ ହେଉଥିଲା । ଏହି କାରଣରୁ ଯକ୍ଷ ସେମାନଙ୍କୁ

---

* 'ଅହନ୍ୟହନି ଭୂତାନି ଗଚ୍ଛନ୍ତି ଯମମନ୍ଦିରମ୍ ।
ଶେଷାଃ ସ୍ଥିରତ୍ୱମିଚ୍ଛନ୍ତି କିମାଶ୍ଚର୍ଯ୍ୟମତଃପରମ୍ ॥'

** 'ତର୍କୋଽପ୍ରତିଷ୍ଠଃ ଶ୍ରୁତୟୋ ବିଭିନ୍ନାଃ । ନାସୌ ମୁନିର୍ଯସ୍ୟ ମତଂ ନ ଭିନ୍ନମ୍ ॥
ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାମ୍ । ମହାଜନୋ ଯେନ ଗତଃ ସ ପନ୍ଥା ॥'

ବିରାଟଙ୍କ ରାଜ୍ୟକୁ ଗମନ କରି ସେଠାରେ ଯାହାର ଯେପରି ଅଭିରୁଚି, ତଦ୍ରୂପ ଛଦ୍ମବେଶରେ ରହିବା ପାଇଁ ଉପଦେଶ ଦେଲେ ।

ଏହିପରି ଭାବରେ ଦ୍ୱାଦଶ ବର୍ଷ ବନବାସ ସମାପନାନ୍ତେ ସେମାନେ ବିଭିନ୍ନ ଛଦ୍ମବେଶ ଧାରଣ କରି ଅଜ୍ଞାତବାସର ଏକ ବର୍ଷ ଯାପନାର୍ଥ ବିରାଟ ରାଜ୍ୟକୁ ଗମନ କଲେ ଓ ସେଠାରେ ବିରାଟ ରାଜାଙ୍କ ଅଧୀନରେ ସାମାନ୍ୟ ସାମାନ୍ୟ କାର୍ଯ୍ୟରେ ନିଯୁକ୍ତ ହେଲେ । ଯୁଧିଷ୍ଠିର ବିରାଟ ରାଜାଙ୍କର ଦ୍ୟୂତଜ୍ଞ ବ୍ରାହ୍ମଣ ସଭାସଦ୍ ହେଲେ । ଭୀମ ପାଚକକର୍ମରେ ନିଯୁକ୍ତ ହେଲେ । ଅର୍ଜ୍ଜୁନ ନପୁଂସକବେଶରେ ରାଜକନ୍ୟା ଉତ୍ତରାଙ୍କର ନୃତ୍ୟ ଓ ସଙ୍ଗୀତ-ଶିକ୍ଷାର ଶିକ୍ଷକ ହୋଇ ରାଜାଙ୍କ ଅନ୍ତଃପୁରରେ ବାସ କରିବାକୁ ଲଗିଲେ । ନକୁଳ ରାଜାଙ୍କ ଅଶ୍ୱଶାଳାର ଅଧ୍ୟକ୍ଷ ହେଲେ ଏବଂ ସହଦେବ ରାଜାଙ୍କ ଗୋସମୂହର ତତ୍ତ୍ୱାବଧାନ କାର୍ଯ୍ୟରେ ନିଯୁକ୍ତ ହେଲେ । ଦ୍ରୌପଦୀ ସୈରନ୍ଧ୍ରୀବେଶରେ ରାଣୀଙ୍କ ଅନ୍ତଃପୁରରେ ତାଙ୍କର ପରିଚାରିକା-ରୂପେ ଗୃହୀତ ହେଲେ । ଏହିପରି ଭାବରେ ଛଦ୍ମବେଶରେ ପାଣ୍ଡବଭ୍ରାତୃଗଣ ଏକ ବର୍ଷ ନିରାପଦରେ ଅଜ୍ଞାତବାସ-କାଳ ଅତିବାହିତ କଲେ । ଦୁର୍ଯ୍ୟୋଧନ ସେମାନଙ୍କ ଅନ୍ୱେଷଣାର୍ଥେ ଅନେକ ଚେଷ୍ଟା କଲେ; କିନ୍ତୁ କୌଣସି ପ୍ରକାରେ କୃତକାର୍ଯ୍ୟ ହୋଇପାରିଲେ ନାହିଁ । ଏକ ବର୍ଷ ଶେଷ ହେବାର ଠିକ୍ ପରେ କୌରବଗଣ ସେମାନଙ୍କର ସନ୍ଧାନ ପାଇଲେ ।

ଏଥର ଯୁଧିଷ୍ଠିର ଧୃତରାଷ୍ଟ୍ରଙ୍କ ନିକଟକୁ ଜଣେ ଦୂତ ପଠାଇଲେ । ଦୂତ ଧୃତରାଷ୍ଟ୍ରଙ୍କ ସମୀପକୁ ଯାଇ ଯୁଧିଷ୍ଠିରଙ୍କର ଏହି ବାକ୍ୟ ତାଙ୍କ ନିକଟରେ ନିବେଦନ କଲେ ଯେ, ସେମାନେ ଧର୍ମ ଓ ନ୍ୟାୟତଃ ଅର୍ଦ୍ଧ ରାଜ୍ୟର ଅଧିକାରୀ; ଅତଏବ ଯେପରି ସେମାନଙ୍କୁ ଏକ୍ଷଣି ଅର୍ଦ୍ଧରାଜ୍ୟ ପ୍ରଦାନ କରାହୁଏ । କିନ୍ତୁ ଦୁର୍ଯ୍ୟୋଧନ ପାଣ୍ଡବଗଣଙ୍କ ପ୍ରତି ଅତ୍ୟନ୍ତ ଦ୍ୱେଷ କରୁଥିଲେ, ସୁତରାଂ ସେ କୌଣସିମତେ ପାଣ୍ଡବଗଣଙ୍କର ଏହି ନ୍ୟାୟସଙ୍ଗତ ପ୍ରାର୍ଥନାରେ ସମ୍ମତ ହେଲେ ନାହିଁ । ପାଣ୍ଡବମାନେ ରାଜ୍ୟର ଅତି ଅଳ୍ପାଂଶସ୍ୱରୂପ ଗୋଟିଏ ପ୍ରଦେଶ, ଏପରି କି ପାଞ୍ଚ ଖଣ୍ଡ ଗ୍ରାମ ପାଇଲେ ହିଁ ସନ୍ତୁଷ୍ଟ ହେବେ ବୋଲି କହିଲେ । କିନ୍ତୁ ଉଦ୍ଧତସ୍ୱଭାବ ଦୁର୍ଯ୍ୟୋଧନ କହିଲେ ଯେ, ବିନା ଯୁଦ୍ଧରେ ସୂଚ୍ୟଗ୍ରପରିମିତ ଭୂମି ମଧ୍ୟ ପାଣ୍ଡବଗଣଙ୍କୁ ପ୍ରଦାନ କରିବେ ନାହିଁ । ଧୃତରାଷ୍ଟ୍ର ସନ୍ଧି କରିବା ପାଇଁ ଦୁର୍ଯ୍ୟୋଧନଙ୍କୁ ଅନେକ ବୁଝାଇଲେ । କୃଷ୍ଣ ମଧ୍ୟ କୌରବସଭାକୁ ଯାଇ ଏହି ଆସନ୍ନ ଯୁଦ୍ଧ ଓ ଜାତିକ୍ଷୟ ଯେପରି ନ ହୁଏ, ସେଥିପାଇଁ ବିଶେଷ ଚେଷ୍ଟା କଲେ । ଭୀଷ୍ମ, ଦ୍ରୋଣ, ବିଦୁରାଦି କୌରବ ରାଜସଭାର ବୃଦ୍ଧଗଣ ଦୁର୍ଯ୍ୟୋଧନଙ୍କୁ ଅନେକ ବୁଝାଇଲେ । କିନ୍ତୁ ସନ୍ଧିର ଚେଷ୍ଟା ସମ୍ପୂର୍ଣ୍ଣ ବିଫଳ ହେଲା । ସୁତରାଂ ଉଭୟ ପକ୍ଷରେ ହିଁ ଯୁଦ୍ଧର ଉଦ୍ୟୋଗ ଚାଲିଲା ଏବଂ ଭାରତର ସକଳ କ୍ଷତ୍ରିୟଗଣ ଏ ଯୁଦ୍ଧରେ ଯୋଗଦାନ କଲେ ।

ଏହି ଯୁଦ୍ଧରେ କ୍ଷତ୍ରିୟଗଣଙ୍କର ପ୍ରାଚୀନ ପ୍ରଥା ଓ ନିୟମାନୁସାରେ କାର୍ଯ୍ୟ ହୋଇଥିଲା । ଏକ ଦିଗରେ ଯୁଧିଷ୍ଠିର, ଅପର ଦିଗରେ ଦୁର୍ଯ୍ୟୋଧନ ଉଭୟେ ନିଜ ନିଜ ପକ୍ଷରେ ଯୋଗ ଦେବା ପାଇଁ ଅନୁରୋଧ କରି ଭାରତର ସକଳ ରାଜାଗଣଙ୍କ ନିକଟକୁ ଦୂତ ପଠାଇବାକୁ ଲାଗିଲେ । କ୍ଷତ୍ରିୟଗଣଙ୍କ ମଧ୍ୟରେ ଏହି ରୀତି ପ୍ରଚଳିତ ଥିଲା ଯେ, ଏହିପରି ଭାବରେ ଯାହାଙ୍କର

ଅନୁରୋଧ ପ୍ରଥମେ ପହଞ୍ଚିବ, ଧାର୍ମିକ କ୍ଷତ୍ରିୟକୁ ତାହାର ପକ୍ଷାବଲମ୍ବୀ ହୋଇ ଯୁଦ୍ଧ କରିବାକୁ ହେବ । ଏହିପରି ଭାବରେ ବିଭିନ୍ନ ରାଜା ଓ ଯୋଦ୍ଧୃବର୍ଗ ଅନୁରୋଧର ପୌର୍ବା-ପୌର୍ଯ୍ୟ ଅନୁସାରେ ପାଣ୍ଡବ ଓ କୌରବମାନଙ୍କ ପକ୍ଷ ଅବଲମ୍ବନ କରିବା ପାଇଁ ସମବେତ ହେବାକୁ ଲାଗିଲେ । ପିତା ଏକ ପକ୍ଷରେ ତ ପୁତ୍ର ଅପର ପକ୍ଷରେ ଯୋଗ ଦେଲେ । ଏକ ଭ୍ରାତା ଏକ ପକ୍ଷରେ ତ ଅପର ଭ୍ରାତା ଅନ୍ୟ ପକ୍ଷରେ ଯୋଗ ଦେଲେ । ସେତେବେଳର ସମରନୀତି ଅତି ଅଦ୍ଭୁତ ପ୍ରକାରର ଥିଲା । ଦିନ ସାରା ଯୁଦ୍ଧ ପରେ ସନ୍ଧ୍ୟା ସମାଗତ ହେଲେ ଯେତେବେଳେ ଯୁଦ୍ଧ ଶେଷ ହେଉଥିଲା, ସେତେବେଳେ ଉଭୟ ପକ୍ଷ ମଧ୍ୟରେ ଆଉ ଶତ୍ରୁଭାବ ରହୁ ନ ଥିଲା; ଏପରି କି ଏକ ପକ୍ଷ ଅପର ପକ୍ଷର ଶିବିର ପର୍ଯ୍ୟନ୍ତ ଯାତାୟାତ କରୁଥିଲେ । ପୁଣି ପ୍ରାତଃକାଳ ହେବା ମାତ୍ରେ ସେହିମାନେ ହିଁ ପରସ୍ପର ଯୁଦ୍ଧ କରୁଥିଲେ । ମୁସଲମାନମାନଙ୍କର ଭାରତ ଆକ୍ରମଣ ସମୟ ପର୍ଯ୍ୟନ୍ତ ହିନ୍ଦୁମାନେ ନିଜର ଏହି ଚରିତ୍ରଗତ ବିଶେଷତ୍ୱ ରକ୍ଷା କରି ଆସିଥିଲେ । ପୁଣି ସେହି ପ୍ରାଚୀନକାଳରେ ଏପରି ନିୟମ ଥିଲା ଯେ, ଅଶ୍ୱାରୋହୀ ପଦାତିକକୁ ଆଘାତ କରିପାରିବେ ନାହିଁ; ବିଷାକ୍ତ ଅସ୍ତ୍ରଦ୍ୱାରା କେହି କେତେବେଳେ ଯୁଦ୍ଧ କରିପାରିବ ନାହିଁ; ନିଜର ଯେଉଁ ସୁବିଧାଗୁଡ଼ିକ ଅଛି, ଶତ୍ରୁର ଠିକ୍ ସେଗୁଡ଼ିକ ନ ଥିଲେ ତାହାକୁ ଆଦୌ ଆକ୍ରମଣ କରିବ ନାହିଁ; କୌଣସି ପ୍ରକାରର ଛଳ ପ୍ରୟୋଗ କରିପାରିବ ନାହିଁ । ମୋଟରେ କହିବାକୁ ଗଲେ, କୌଣସି ପ୍ରକାରେ ଶତ୍ରୁର କୌଣସି ଛିଦ୍ର ଥିଲେ, ତାହାର ଅବୈଧ ସହାୟତା ନେଇ ତାହାକୁ ବଶୀଭୂତ କରିପାରିବ ନାହିଁ, ଇତ୍ୟାଦି । ଯଦି କେହି ଏସବୁ ସମରନୀତି ଉଲ୍ଲଙ୍ଘନ କରୁଥିଲେ, ତେବେ ସେ ଘୋର ଅପଯଶର ଭାଗୀ ହେଉଥିଲେ; ତାଙ୍କର ସାଧୁସମାଜରେ ମୁହଁ ଦେଖାଇବାର ବାଟ ରହୁ ନ ଥିଲା । ସେହି ସମୟର କ୍ଷତ୍ରିୟଗଣ ଏହିପରି ଭାବରେ ଶିକ୍ଷିତ ହେଉଥିଲେ । ଯେତେବେଳେ ଏସିଆର ଅନ୍ୟ ଦେଶରୁ ଭାରତ ଉପରକୁ ବହିଃଆକ୍ରମଣର ତରଙ୍ଗ ଆସିଲା, ସେତେବେଳେ ହିନ୍ଦୁମାନେ ସେମାନଙ୍କର ଆକ୍ରମଣକାରୀମାନଙ୍କ ପ୍ରତି ସେହି ଶିକ୍ଷା ଅନୁସାରେ ବ୍ୟବହାର କରିଥିଲେ । ହିନ୍ଦୁମାନେ ସେମାନଙ୍କୁ ବାରଂବାର ପରାଭୂତ କରିଥିଲେ ଏବଂ ପ୍ରତିଥର ପରାଭବ ପରେ ଉପହାରାଦି ଦେଇ ସମ୍ମାନର ସହିତ ସେମାନଙ୍କୁ ଗୃହକୁ ପଠାଇ ଦେଉଥିଲେ । ସେମାନଙ୍କର ଶାସ୍ତ୍ରର ବିଧି ହିଁ ଏହା ଥିଲା ଯେ, ଅପରର ଦେଶ କେବେ ହେଲେ ବଳପୂର୍ବକ ଅଧିକାର କରିବ ନାହିଁ, ଆଉ କେହି ପରାସ୍ତ ହେଲେ ତାଙ୍କର ପଦମର୍ଯ୍ୟାଦାନୁଯାୟୀ ସମ୍ମାନ ପ୍ରଦର୍ଶନ କରି ତାହାଙ୍କୁ ଦେଶକୁ ପଠାଇ ଦେବାକୁ ହେବ । ମୁସଲମାନ ବିଜେତାମାନେ କିନ୍ତୁ ହିନ୍ଦୁରାଜଗଣଙ୍କ ଉପରେ ଅନ୍ୟ ପ୍ରକାର ବ୍ୟବହାର କରିଥିଲେ । ସେମାନେ ଥରେ ଏମାନଙ୍କୁ ହାତରେ ପାଇଲେ ବିନା ବିଚାରରେ ବିନଷ୍ଟ କରି ପକାଉଥିଲେ ।

ଏହି ଯୁଦ୍ଧ ପ୍ରସଙ୍ଗରେ ଆଉ ଗୋଟିଏ ବିଷୟ ଆପଣମାନଙ୍କୁ ସ୍ମରଣ ରଖିବାକୁ ହେବ । ମହାଭାରତ ଅନୁସାରେ ଯେଉଁ ସମୟରେ ଏ ଯୁଦ୍ଧ ବ୍ୟାପାର ସଂଘଟିତ ହୋଇଥିଲା, ସେତେବେଳେ କେବଳ ଯେ ସାଧାରଣ ଧନୁର୍ବାଣ ନେଇ ଯୁଦ୍ଧ ହେଉଥିଲା, ତାହା ନୁହେଁ, ସେତେବେଳେ ଦୈବାସ୍ତ୍ରର ବ୍ୟବହାର ଥିଲା । ଏହି ଦୈବାସ୍ତ୍ର ପ୍ରୟୋଗ କରିବାକୁ ହେଲେ

ମନ୍ତ୍ରଶକ୍ତି, ଚିତ୍ତର ଏକାଗ୍ରତା ପ୍ରଭୃତିର ବିଶେଷ ପ୍ରୟୋଜନ ହେଉଥିଲା । ଏପରି ଦୈବାସ୍ତ୍ର ପ୍ରୟୋଗ କରିବାଦ୍ୱାରା ଜଣେ ବ୍ୟକ୍ତି ମଧ୍ୟ ଦଶ ଲକ୍ଷ ବ୍ୟକ୍ତିଙ୍କ ସହିତ ଯୁଦ୍ଧ କରି ଓ ସେମାନଙ୍କୁ ଇଚ୍ଛାଶକ୍ତି ପ୍ରୟୋଗ କରି ଦଗ୍ଧ କରିପାରୁଥିଲେ । ଏହି ମନ୍ତ୍ରଶକ୍ତିର ପ୍ରୟୋଗ କରି ଗୋଟାଏ ବାଣ ନିକ୍ଷେପ କଲେ ସେଥିରୁ ସହସ୍ର ସହସ୍ର ବାଣ ବୃଷ୍ଟି ହେବ—ଏହି ମନ୍ତ୍ରଶକ୍ତିବଳରେ, ଦୈବଶକ୍ତିବଳରେ ଘରିଆଡ଼େ ବଜ୍ରପାତ ହେବ, ଯେକୌଣସି ଜିନିଷକୁ ଦଗ୍ଧ କରିହେବ—ଇତ୍ୟାଦି ନାନାବିଧ ଅଦ୍ଭୁତ ଇନ୍ଦ୍ରଜାଲ ସୃଷ୍ଟି କରି ହେବ । ରାମାୟଣ ଓ ମହାଭାରତ—ଏହି ଉଭୟ ମହାକାବ୍ୟ ମଧ୍ୟରେ ଗୋଟିଏ ବିଶେଷ ବିଷୟ ଦେଖି ଆଶ୍ଚର୍ଯ୍ୟ ହେବାକୁ ହୁଏ । ଏହିସବୁ ଅସ୍ତ୍ର ସଙ୍ଗେ ସଙ୍ଗେ ଆମେମାନେ କମାଣର ବ୍ୟବହାର ମଧ୍ୟ ଦେଖିବାକୁ ପାଉଁ । କମାଣ ଅତି ପ୍ରାଚୀନ ଜିନିଷ । ଚୀନବାସୀ ଓ ହିନ୍ଦୁମାନେ ଉଭୟେ ତାହା ବ୍ୟବହାର କରୁଥିଲେ । ସେମାନଙ୍କର ନଗରସମୂହର ପ୍ରାଚୀରରେ ଲୌହନିର୍ମିତ ଶୂନ୍ୟଗର୍ଭ ନଳନିର୍ମିତ ଶତ ଶତ ଅଦ୍ଭୁତ ଅସ୍ତ୍ର ଥିଲା । ଲୋକେ ବିଶ୍ୱାସ କରୁଥିଲେ, ଚୀନାମାନେ ଇନ୍ଦ୍ରଜାଲ ବିଦ୍ୟାଦ୍ୱାରା ସଇତାନକୁ ଗୋଟିଏ ଶୂନ୍ୟଗର୍ଭ ଲୌହନଳୀ ଭିତରକୁ ପ୍ରବେଶ କରାଉଥିଲେ, ଆଉ ଗୋଟିଏ ଗର୍ତ୍ତରେ ଟିକିଏ ଅଗ୍ନିସଂଯୋଗ କରିବା ମାତ୍ରକେ ସଇତାନ ଭୟଙ୍କର ଶବ୍ଦ କରି ସେଥିରୁ ବାହାର ହୋଇ ଅସଂଖ୍ୟ ଲୋକଙ୍କର ବିନାଶ ସାଧନ କରୁଥିଲା ।

ଯାହା ହେଉ, ପୂର୍ବୋକ୍ତ ପ୍ରକାରରେ ଦୈବାସ୍ତ୍ର ପ୍ରୟୋଗ କରି ଜଣେ ବ୍ୟକ୍ତି ଯେପରି ଲକ୍ଷ ଲକ୍ଷ ବ୍ୟକ୍ତି ସହିତ ଯୁଦ୍ଧ କରିବା କଥା ଜଣାଯାଏ, ତଦ୍ରୂପ ସେମାନଙ୍କର ଯୁଦ୍ଧ ପାଇଁ ନାନାବିଧ କୌଶଳ ଅବଲମ୍ବନ, ବ୍ୟୂହ-ରଚନା, ବିଭିନ୍ନ ପ୍ରକାର ସୈନ୍ୟବିଭାଗ ପ୍ରଭୃତିର ବିଷୟ ମଧ୍ୟ ପଢ଼ିବାକୁ ମିଳେ । ଚାରି ପ୍ରକାର ଯୋଦ୍ଧାଙ୍କ କଥା ମହାଭାରତରେ ବର୍ଣ୍ଣିତ ଅଛି—ପଦାତିକ, ଅଶ୍ୱାରୋହୀ, ହସ୍ତୀ ଓ ରଥ । ଏହା ମଧ୍ୟରେ ଆଧୁନିକ ଯୁଦ୍ଧରେ ଶେଷ ଦୁଇଟିର ବ୍ୟବହାର ନାହିଁ; କିନ୍ତୁ ସେହି ସମୟରେ ତାହାର ବିଶେଷ ପ୍ରଚଳନ ଥିଲା । ଶତ ସହସ୍ର ହସ୍ତୀ, ସେମାନଙ୍କ ଆରୋହୀଙ୍କ ସହିତ ଲୌହବର୍ମଦ୍ୱାରା ବିଶେଷ ଭାବରେ ରକ୍ଷିତ ହୋଇ ସୈନ୍ୟଶ୍ରେଣୀ ରୂପେ ଗଠିତ ହେଉଥିଲେ—ଏହି ହସ୍ତୀ-ସୈନ୍ୟଙ୍କୁ ଶତ୍ରୁସୈନ୍ୟ ଉପରେ ଛାଡ଼ି ଦିଆହେଉଥିଲା । ତା'ପରେ ଅବଶ୍ୟ ରଥର ବିଶେଷ ପ୍ରଚଳନ ଥିଲା । ଆପଣମାନେ ସମସ୍ତେ ପ୍ରାଚୀନ ରଥର ଛବି ଦେଖିଛନ୍ତି । ସବୁ ଦେଶରେ ପ୍ରାଚୀନ କାଳରେ ଏହି ରଥର ବ୍ୟବହାର ଥିଲା । କୌରବ ଓ ପାଣ୍ଡବ ଉଭୟ ପକ୍ଷ କୃଷ୍ଣ ଯେପରି ସେମାନଙ୍କର ନିଜ ନିଜ ପକ୍ଷକୁ ଆସି ଯୁଦ୍ଧରେ ଯୋଗ ଦିଅନ୍ତି, ତାହାର ଚେଷ୍ଟା କରିବାରେ ଲାଗିଲେ । କିନ୍ତୁ କୃଷ୍ଣ ସ୍ୱୟଂ ଏ ଯୁଦ୍ଧରେ ଅସ୍ତ୍ରଧାରଣ କରିବା ପାଇଁ ଅସ୍ୱୀକୃତ ହେଲେ । ତେବେ ସେ ଅର୍ଜ୍ଜୁନଙ୍କର ସାରଥ୍ୟ ସ୍ୱୀକାର କଲେ ଏବଂ ଯୁଦ୍ଧକାଳରେ ପାଣ୍ଡବମାନଙ୍କୁ ପରାମର୍ଶ ଦାନ କରିବେ ବୋଲି ଅଙ୍ଗୀକୃତ ହେଲେ; ଆଉ ଦୁର୍ଯ୍ୟୋଧନଙ୍କୁ ନିଜର ଅଜେୟ ନାରାୟଣୀ ସେନା ପ୍ରଦାନ କଲେ ।

ଏଥର କୁରୁକ୍ଷେତ୍ରର ସୁବୃହତ୍ ଭୂଭାଗରେ ଅଷ୍ଟାଦଶ ଦିବସ ବ୍ୟାପୀ ମହାଯୁଦ୍ଧ ହେଲା । ଏ ଯୁଦ୍ଧରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଦୁର୍ଯ୍ୟୋଧନଙ୍କ ଭ୍ରାତୃଗଣ, ଉଭୟ ପକ୍ଷର ଆତ୍ମୀୟ-

ସ୍ୱଜନଗଣ ଏବଂ ଅନ୍ୟାନ୍ୟ ସହସ୍ର ସହସ୍ର ବୀର ନିହତ ହେଲେ । ଏପରିକି, ଉଭୟ ପକ୍ଷର ମିଳିତ ଯେଉଁ ଅଷ୍ଟାଦଶ ଅକ୍ଷୌହିଣୀ ସୈନ୍ୟ ଥିଲେ, ଯୁଦ୍ଧାବସାନରେ ତାହାର ଅତି ଅଳ୍ପ ହିଁ ଅବଶିଷ୍ଟ ରହିଲେ । ଦୁର୍ଯ୍ୟୋଧନଙ୍କ ଦେହତ୍ୟାଗ ପରେ ଯୁଦ୍ଧର ଅବସାନ ହେଲା, ପାଣ୍ଡବମାନେ ବିଜୟଶ୍ରୀର ଅଧିକାରୀ ହେଲେ । ଧୃତରାଷ୍ଟ୍ର-ମହିଷୀ ଗାନ୍ଧାରୀ ଏବଂ ଅନ୍ୟାନ୍ୟ ରମଣୀଗଣ ପତିପୁତ୍ରାଦିଙ୍କ ଶୋକରେ ଅତ୍ୟନ୍ତ ବିଳାପ କରିବାକୁ ଲାଗିଲେ । ଯାହା ହେଉ, ଅବଶେଷରେ ସମସ୍ତେ କଥଞ୍ଚିତ୍ ଶାନ୍ତ ହେବା ପରେ ମୃତ ବୀରଗଣଙ୍କର ଯଥୋଚିତ ଅନ୍ତ୍ୟେଷ୍ଟି-କ୍ରିୟା ନିର୍ବାହିତ ହେଲା ।

ଏହି ଯୁଦ୍ଧର ପ୍ରଧାନତମ ଘଟଣା ଅର୍ଜୁନଙ୍କ ପ୍ରତି କୃଷ୍ଣଙ୍କର ଉପଦେଶ—ଯାହା 'ଭଗବଦ୍-ଗୀତା' ନାମକ ଅପୂର୍ବ ଓ ଅମର କାବ୍ୟରୂପେ ଜଗତରେ ପରିଚିତ । ଭାରତରେ ଏହା ହିଁ ସର୍ବଜନପରିଚିତ ଓ ସର୍ବଜନପ୍ରିୟ ଶାସ୍ତ୍ର—ଆଉ ଏଥିରେ ଯେଉଁ ଉପଦେଶ ଅଛି, ତାହା ସବୁ ଉପଦେଶର ଶ୍ରେଷ୍ଠ ଉପଦେଶ । କୁରୁକ୍ଷେତ୍ର ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ ଘଟଣାର ଅବ୍ୟବହିତ ପୂର୍ବରୁ କୃଷ୍ଣାର୍ଜୁନଙ୍କର ଯେଉଁ କଥୋପକଥନ ହୋଇଥିଲା, ତାହା ହିଁ 'ଭଗବଦ୍-ଗୀତା' ନାମରେ ପରିଚିତ । ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ଏହି ଗ୍ରନ୍ଥ ପଢ଼ି ନାହାନ୍ତି, ସେମାନଙ୍କୁ ମୁଁ ଏହା ପଢ଼ିବା ପାଇଁ ପରାମର୍ଶ ଦେଉଛି । ଏ ଗ୍ରନ୍ଥ ଆପଣମାନଙ୍କ ଦେଶ ଉପରେ କି ପ୍ରଭାବ ବିସ୍ତାର କରିଛି, ତାହା ଯଦି ଆପଣମାନେ ଜାଣିଥାନ୍ତେ, ତେବେ ଏତେ ଦିନ ତାହା ନ ପଢ଼ି ରହିପାରି ନ ଥାନ୍ତେ । 'ଏମର୍ସନ୍' ଯେଉଁ ଉଚ୍ଚ ତତ୍ତ୍ୱର ପ୍ରଚାର କରିଯାଇଛନ୍ତି, ତାହାର ମୂଳ ଯଦି ଜାଣିବାକୁ ଚାହାଁନ୍ତି, ତେବେ ଶୁଣନ୍ତୁ—ତାହା ଏହି ଗୀତା । ସେ ଥରେ ଇଂଲଣ୍ଡରେ 'କାର୍ଲାଇଲ'ଙ୍କ ସହିତ ସାକ୍ଷାତ୍ କରିବାକୁ ଯାଇଥିଲେ । 'କାର୍ଲାଇଲ୍' ତାଙ୍କୁ ଗୋଟିଏ ଗୀତା ଉପହାର ଦେଇଥିଲେ—କଂକର୍ଡରେ* ଯେଉଁ ଉଦାର ଦାର୍ଶନିକ ତତ୍ତ୍ୱର ଆନ୍ଦୋଳନ ଆରମ୍ଭ ହୋଇଥିଲା, ଏହି କ୍ଷୁଦ୍ର ଗ୍ରନ୍ଥଖଣ୍ଡିକ ହିଁ ତାହାର ମୂଳ । ଆମେରିକାରେ ଉଦାର ଭାବର ଯେତେ ଆନ୍ଦୋଳନ ଦେଖିବାକୁ ମିଳେ, କୌଣସି ନା କୌଣସି ରୂପରେ ସେଗୁଡ଼ିକ ଉକ୍ତ କଂକର୍ଡ୍-ଆନ୍ଦୋଳନ ନିକଟରେ ଋଣୀ ।

ଗୀତାର ମୂଳ ନାୟକ କୃଷ୍ଣ । ଆପଣମାନେ ଯେପରି ନାଜାରେଥ୍‌ନିବାସୀ ଯୀଶୁଙ୍କୁ ଈଶ୍ୱରଙ୍କ ଅବତାର ବୋଲି ଉପାସନା କରନ୍ତି, ହିନ୍ଦୁମାନେ ସେହିପରି ଈଶ୍ୱରଙ୍କର ଅନେକ ଅବତାରଙ୍କର ପୂଜା କରିଥାଆନ୍ତି । ସେମାନେ ଜଗତର ପ୍ରୟୋଜନ ଅନୁସାରେ ଧର୍ମର ରକ୍ଷା ଓ ଅଧର୍ମର ବିନାଶାର୍ଥ ସମସ୍ତ ସମୟରେ ସମାଗତ ଅନେକ ଅବତାରରେ ବିଶ୍ୱାସ କରିଥାଆନ୍ତି । ଭାରତର ପ୍ରତ୍ୟେକ ଧର୍ମସମ୍ପ୍ରଦାୟ ଗୋଟିଏ ଗୋଟିଏ ଅବତାରର ଉପାସକ । କୃଷ୍ଣଙ୍କ ଉପାସକ ଗୋଟିଏ ସମ୍ପ୍ରଦାୟ ମଧ୍ୟ ଅଛି । ଅନ୍ୟାନ୍ୟ ଅବତାରଙ୍କର ଉପାସକ ଅପେକ୍ଷା ବୋଧହୁଏ ଭାରତରେ କୃଷ୍ଣୋପାସକଙ୍କ ସଂଖ୍ୟା ସର୍ବାପେକ୍ଷା ଅଧିକ । କୃଷ୍ଣଭକ୍ତଗଣ କହନ୍ତି, କୃଷ୍ଣ ହିଁ ଅବତାରଗଣଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । କାରଣ ପଚାରିଲେ ସେମାନେ କହନ୍ତି, ବୁଦ୍ଧ ଓ

* Concord—ଯୁକ୍ତରାଷ୍ଟ୍ରର ଗୋଟିଏ ସହର । ଏହିଠାରେ ଏମର୍ସନ୍ ତାଙ୍କ ଜୀବନର ଶେଷ ୪୮ ବର୍ଷ ଅତିବାହିତ କରିଥିଲେ ।

ଅନ୍ୟାନ୍ୟ ଅବତାରଙ୍କ କଥା ଭାବି ଦେଖ; ସେମାନେ ସମସ୍ତେ ସନ୍ନ୍ୟାସୀ ଥିଲେ, ସୁତରାଂ ଗୃହସ୍ଥମାନଙ୍କର ସୁଖ-ଦୁଃଖରେ ସେମାନଙ୍କର ସହାନୁଭୂତି ନ ଥିଲା—କିପରି ବା ରହିବ ? କିନ୍ତୁ କୃଷ୍ଣଙ୍କ ବିଷୟ ଆଲୋଚନା କରି ଦେଖ—ସେ କି ପୁତ୍ର ରୂପରେ, କି ପିତା ରୂପରେ, କି ରାଜା ରୂପରେ—ସର୍ବାବସ୍ଥାରେ ମଧ୍ୟ ଆଦର୍ଶ ଚରିତ୍ର ଦେଖାଇଛନ୍ତି; ଆଉ ସେ ଯେଉଁ ଅପୂର୍ବ ଉପଦେଶ ପ୍ରଚାର କରିଯାଇଛନ୍ତି, ସମଗ୍ର ଜୀବନରେ ନିଜେ ତାହା ଆଚରଣ କରି ଆମମାନଙ୍କୁ ଶିକ୍ଷା ଦେଇଯାଇଛନ୍ତି । ସେ କହି ଯାଇଛନ୍ତି :

ଯେ ପ୍ରବଳ କର୍ମଶୀଳତା ମଧ୍ୟରେ ବର୍ତ୍ତମାନ ରହି ମଧ୍ୟ ନୈଷ୍କର୍ମ୍ୟର ମଧୁର ଶାନ୍ତି ସମ୍ଭୋଗ କରନ୍ତି, ପୁଣି ଯେ ମହାନିସ୍ତବ୍ଧତା ଭିତରେ ମଧ୍ୟ ମହାକର୍ମଶୀଳ, ସେ ହିଁ ଜୀବନର ରହସ୍ୟ ଯଥାର୍ଥ ବୁଝିଛନ୍ତି ।*

ଏହା କିପରି ଭାବରେ କାର୍ଯ୍ୟରେ ପରିଣତ ହୋଇପାରେ, ଶ୍ରୀକୃଷ୍ଣ ତାହା ଦେଖାଇ ଯାଇଛନ୍ତି—ଏହାର ଉପାୟ ଅନାସକ୍ତି । କର୍ମ କରିଯାଅ, କିନ୍ତୁ କାହାରି ସହିତ ଆପଣାକୁ ମିଶାଇ ପକାଅ ନାହିଁ । ତୁମେ ସବୁବେଳେ ହିଁ ଶୁଦ୍ଧବୁଦ୍ଧମୁକ୍ତ ସାକ୍ଷୀସ୍ୱରୂପ ଆତ୍ମା । କର୍ମ ଆମମାନଙ୍କର ଦୁଃଖର କାରଣ ନୁହେଁ, ଆସକ୍ତି ହିଁ ଦୁଃଖର କାରଣ । ଦୃଷ୍ଟାନ୍ତସ୍ୱରୂପ ଅର୍ଥର କଥା ଧରନ୍ତୁ, ଧନବାନ୍ ହେବା ଖୁବ୍ ଭଲ କଥା । କୃଷ୍ଣଙ୍କର ଉପଦେଶ ଏହା ହିଁ—ଅର୍ଥ ଉପାର୍ଜନ କର, ଟଙ୍କା ପାଇଁ ପ୍ରାଣପଣେ ଚେଷ୍ଟା କର; କିନ୍ତୁ ତାହା ପ୍ରତି ଆସକ୍ତ ହୁଅ ନାହିଁ । ପତିପତ୍ନୀ, ପୁତ୍ରକନ୍ୟା, ଆତ୍ମୀୟସ୍ୱଜନ, ମାନଯଶ ସବୁ ସମ୍ବନ୍ଧରେ ମଧ୍ୟ ଏହି କଥା । ଆପଣଙ୍କର ସେସବୁକୁ ତ୍ୟାଗ କରିବାର ପ୍ରୟୋଜନ ନାହିଁ; କେବଳ ଏତିକି ଟିକିଏ ଲକ୍ଷ୍ୟ ରଖିବେ ଯେ, ସେମାନଙ୍କ ପ୍ରତି ଯେପରି ଆସକ୍ତ ହୋଇ ନ ପଡ଼ନ୍ତି । ଆସକ୍ତି ବା ଅନୁରାଗର ପାତ୍ର କେବଳ ଜଣେ—ସ୍ୱୟଂ ପ୍ରଭୁ ଭଗବାନ, ଆଉ କେହି ନୁହନ୍ତି । ଆତ୍ମୀୟସ୍ୱଜନଗଣଙ୍କ ପାଇଁ କାର୍ଯ୍ୟ କରନ୍ତୁ, ସେମାନଙ୍କୁ ଭଲ ପାଅନ୍ତୁ, ସେମାନଙ୍କର ହିତାନୁଷ୍ଠାନ କରନ୍ତୁ; ଯଦି ପ୍ରୟୋଜନ ହୁଏ, ସେମାନଙ୍କ ପାଇଁ ଶତ ଶତ ଜୀବନ ଉତ୍ସର୍ଗ କରନ୍ତୁ, କିନ୍ତୁ କେତେବେଳେ ହେଲେ ସେମାନଙ୍କ ପ୍ରତି ଆସକ୍ତ ହେବେ ନାହିଁ । ଶ୍ରୀକୃଷ୍ଣଙ୍କ ନିଜ ଜୀବନ ସମ୍ପୂର୍ଣ୍ଣ ରୂପେ ଉକ୍ତ ଉପଦେଶର ଉଦାହରଣସ୍ୱରୂପ ଥିଲା ।

ସ୍ମରଣ ରଖିବେ ଯେ, ଯେଉଁ ଗ୍ରନ୍ଥରେ ଶ୍ରୀକୃଷ୍ଣଙ୍କ ଜୀବନଚରିତ ବର୍ଣ୍ଣିତ ଅଛି, ତାହା ଅନେକ ସହସ୍ର ବର୍ଷ ପ୍ରାଚୀନ ଆଉ ତାଙ୍କ ଜୀବନର କେତେକ ଅଂଶ ନ୍ୟାଜାରେଥନିବାସୀ ଯୀଶୁଙ୍କ ଜୀବନ ଭଳି । କୃଷ୍ଣ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । କଂସ ନାମରେ ଜଣେ ଅତ୍ୟାଚାରୀ ରାଜା ଥିଲା । ଆଉ କଂସ ଦୈବବାଣୀ ଶ୍ରବଣ କରି ଅବଗତ ହୋଇଥିଲା ଯେ, ଶୀଘ୍ର ହିଁ ତାଙ୍କର ନିଧନକର୍ତ୍ତା ଜନ୍ମଗ୍ରହଣ କରିବେ । ଏହା ଶୁଣି ସେ ନିଜ ଅନୁଚରବର୍ଗଙ୍କୁ ସମୁଦାୟ ପୁରୁଷଶିଶୁଙ୍କୁ ହତ୍ୟା କରିବା ପାଇଁ ଆଦେଶ ଦେଲା । କୃଷ୍ଣଙ୍କର ପିତାମାତା ମଧ୍ୟ

---

* କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।
ସ ବୁଦ୍ଧିମାନ୍ ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ॥ ଗୀତା, ୪।୧୮

କଂସକର୍ତ୍ତୃକ କାରାଗାରରେ ନିକ୍ଷିପ୍ତ ହେଲେ—ସେହି କାରାଗାରରେ ହିଁ କୃଷ୍ଣଙ୍କର ଜନ୍ମ ହେଲା । କୃଷ୍ଣଙ୍କର ଜନ୍ମଗ୍ରହଣମାତ୍ରେ ସମୁଦାୟ କାରାଗାର ଜ୍ୟୋତିରେ ଉଦ୍ଭାସିତ ହେଲା । ନବଜାତ ଶିଶୁ କହିଲା, 'ମୁଁ ହିଁ ସମଗ୍ର ଜୀବଜଗତର ଜ୍ୟୋତିସ୍ୱରୂପ, ଜଗତର କଲ୍ୟାଣାର୍ଥେ ଜନ୍ମଗ୍ରହଣ କରିଛି ।' ପୁଣି କୃଷ୍ଣଙ୍କୁ ରୂପକ ଭାବରେ ଗୋଚାରଣଶୀଳ କୁହାଯାଇଛି—ତାଙ୍କର ଗୋଟିଏ ନାମ ରାଖାଲରାଜ । ଋଷିମାନେ ଦୂରରୁ ଜାଣିପାରିଥିଲେ, ସାକ୍ଷାତ୍ ଭଗବାନ ନରକଳେବର ପରିଗ୍ରହ କରିଛନ୍ତି । ଏହା ଜାଣିପାରି ସେମାନେ ତାଙ୍କର ପୂଜା ପାଇଁ ଉପସ୍ଥିତ ହେଲେ । ବାଇବେଲରେ ଯୀଶୁଙ୍କ ବିବରଣରେ ମଧ୍ୟ ପଢ଼ାଯାଏ, ତଦାନୀନ୍ତନ ରାଜା ହେରଡ୍ ଏହିପରି କୌଣସି ଦୈବବାଣୀ ଶୁଣି ଶିଶୁହତ୍ୟାର ଆଦେଶ ଦେଇଥିଲେ । ତାଙ୍କର ପିତାମାତାଙ୍କର ପଥଭ୍ରମଣକାଳରେ ବେଥଲହେମ୍‌ଠାରେ ଏକ ଅଶ୍ୱର ଜାବପାତ୍ରରେ ତାଙ୍କର ଜନ୍ମ ହୋଇଥିଲା । ଯୀଶୁଙ୍କୁ ରୂପକ ଭାବରେ shepherd ବା ମେଷପାଳକ କୁହାଯାଏ । ଭଗବାନ ଯୀଶୁ ଶିଶୁରୂପରେ ଜନ୍ମିଛନ୍ତି ଜାଣିପାରି ପ୍ରାଚ୍ୟଦେଶରୁ କେତେ ଜଣ ଜ୍ଞାନୀପୁରୁଷ ସେହି ଶିଶୁଙ୍କ ଦର୍ଶନାର୍ଥ ଯାଇଥିଲେ । କୃଷ୍ଣ ଓ ଖ୍ରୀଷ୍ଟଙ୍କର ଜୀବନରେ ଏହିପରି କେତୋଟି ଘଟଣାର ସାଦୃଶ୍ୟ ଦେଖାଯାଏ । କିନ୍ତୁ ଉଭୟଙ୍କର ଜୀବନଲୀଳାରେ ଅନ୍ୟାନ୍ୟ ଅଂଶରେ ସେହି ସାଦୃଶ୍ୟ ନାହିଁ ।

ଯାହାହେଉ, ଶ୍ରୀକୃଷ୍ଣ ଏହି ଅତ୍ୟାଚାରୀ କଂସକୁ ପରାଭୂତ କଲେ ସତ; କିନ୍ତୁ ସେ ସ୍ୱୟଂ ସିଂହାସନାଧିରୋହଣର କେବେହେଲେ କଳ୍ପନା ମଧ୍ୟ କରି ନ ଥିଲେ । ସେ କର୍ତ୍ତବ୍ୟ ବୋଲି ଏସବୁ କାର୍ଯ୍ୟ ସମ୍ପାଦନ କରିଥିଲେ—ତାହାର ଫଳାଫଳ ନେଇ, ସେଥିରେ ନିଜର କି ସ୍ୱାର୍ଥସିଦ୍ଧି ହୋଇପାରେ, ଏହି ବିଷୟରେ ତାଙ୍କର ଚିନ୍ତା ମଧ୍ୟ ଉଦିତ ହୋଇ ନାହିଁ ।

କୁରୁକ୍ଷେତ୍ର-ଯୁଦ୍ଧର ଅବସାନ ପରେ ମହାରଥୀ ବୃଦ୍ଧ ପିତାମହ ଭୀଷ୍ମ—ଯେ ଅଷ୍ଟାଦଶ ଦିବସ ମଧ୍ୟରୁ ଦଶ ଦିନ ଯୁଦ୍ଧ କରି ସେତେବେଳେ ମଧ୍ୟ ମୃତ୍ୟୁକୁ ଅପେକ୍ଷା କରି ଶରଶଯ୍ୟାରେ ଶାୟିତ ଥିଲେ—ଯୁଧିଷ୍ଠିରଙ୍କୁ ରାଜଧର୍ମ, ବର୍ଣ୍ଣାଶ୍ରମଧର୍ମ, ଦାନଧର୍ମ, ବିବାହବିଧି ପ୍ରଭୃତି ବିଷୟ ପ୍ରାଚୀନ ଋଷିଗଣଙ୍କ ଉପଦେଶ ଅବଲମ୍ବନ କରି ବୁଝାଇବାକୁ ଲାଗିଲେ । ସେ ଯୁଧିଷ୍ଠିରଙ୍କ ନିକଟରେ ସାଂଖ୍ୟ ଓ ଯୋଗତତ୍ତ୍ୱ ଏବଂ ଋଷି, ଦେବ ଓ ପ୍ରାଚୀନ ରାଜଗଣଙ୍କ ସମ୍ବନ୍ଧରେ ଅନେକ ଆଖ୍ୟାୟିକା ଓ କିମ୍ବଦନ୍ତୀ ବିବୃତ କଲେ । ମହାଭାରତର ପ୍ରାୟ ଏକଚତୁର୍ଥାଂଶ ଭୀଷ୍ମଙ୍କର ଏହି ଉପଦେଶରେ ପୂର୍ଣ୍ଣ—ତାହା ହିନ୍ଦୁଗଣଙ୍କର ଧର୍ମ ସମ୍ବନ୍ଧୀୟ ବିବିଧ ବିଧାନ, ନୀତିତତ୍ତ୍ୱ ପ୍ରଭୃତିର ଅକ୍ଷୟ ଭଣ୍ଡାରସ୍ୱରୂପ । ଇତିମଧ୍ୟରେ ଯୁଧିଷ୍ଠିରଙ୍କର ରାଜପଦ ଅଭିଷେକ-କ୍ରିୟା ସମାପ୍ତ ହୋଇଯାଇଥିଲା; କିନ୍ତୁ କୁରୁକ୍ଷେତ୍ର-ଯୁଦ୍ଧର ଭୟଙ୍କର ରକ୍ତପାତରେ ଏବଂ ଆତ୍ମୀୟସ୍ୱଜନ ଓ କୁଳବୃଦ୍ଧଗଣଙ୍କ ନିଧନରେ ସେମାନଙ୍କର ହୃଦୟ ଅତିଶୟ ଶୋକାଚ୍ଛନ୍ନ ହୋଇଥିଲା । ସେ ତେଣୁ ବ୍ୟାସଙ୍କ ଉପଦେଶାନୁସାରେ ଅଶ୍ୱମେଧ ଯଜ୍ଞ ସମ୍ପନ୍ନ କଲେ ।

ଯୁଦ୍ଧାବସାନ ପରେ ପଞ୍ଚଦଶ ବର୍ଷ ଯାଏଁ ଧୃତରାଷ୍ଟ୍ର ଯୁଧିଷ୍ଠିର ଓ ତଦୀୟ ଭ୍ରାତୃଗଣ କର୍ତ୍ତୃକ ପୂଜିତ ହୋଇ ସମ୍ମାନରେ ଓ ନିରୁଦ୍‌ବେଗରେ ଜୀବନ ଅତିବାହିତ କଲେ । ପରେ ସେହି ବୃଦ୍ଧ ଭୂପତି ଯୁଧିଷ୍ଠିରଙ୍କୁ ରାଜ୍ୟର ସମୁଦାୟ ଭାର ଅର୍ପଣ କରି ନିଜ ପତିବ୍ରତା ମହିଷୀ

ଓ ପାଣ୍ଡବଗଣଙ୍କ ମାତା କୁନ୍ତୀଙ୍କ ସମଭିବ୍ୟାହାରରେ ଶେଷ ଜୀବନ ତପୋନୁଷ୍ଠାନକାମନାରେ ଅରଣ୍ୟକୁ ପ୍ରସ୍ଥାନ କଲେ ।

ସିଂହାସନ ଆରୋହଣର ଷଟ୍‌ତ୍ରିଂଶତ୍ ବର୍ଷ ଅତିବାହିତ ହେବା ପରେ ଦିନେ ସମ୍ବାଦ ଆସିଲା, ସେମାନଙ୍କର ପରମ ସୁହୃତ୍, ପରମ ଆତ୍ମୀୟ, ଆଶ୍ରୟ, ପରାମର୍ଶଦାତା ଓ ଉପଦେଷ୍ଟା ଶ୍ରୀକୃଷ୍ଣ ଏହି ମର୍ତ୍ତ୍ୟଧାମ ପରିତ୍ୟାଗ କରିଛନ୍ତି । ଅର୍ଜୁନ ଅନତିବିଳମ୍ବରେ ଦ୍ୱାରକାକୁ ଗମନକରି ସେଠାରୁ ପ୍ରତ୍ୟାବୃତ୍ତ ହୋଇ ପୂର୍ବଶ୍ରୁତ ଶୋକସମାଚାରକୁ ସମର୍ଥନ କଲେ । କେବଳ ଶ୍ରୀକୃଷ୍ଣ କାହିଁକି, ଯାଦବଗଣଙ୍କ ମଧ୍ୟରୁ ପ୍ରାୟ କେହି ଜୀବିତ ନ ଥିଲେ । ତେଣୁ ରଜା ଯୁଧିଷ୍ଠିର ଓ ତାଙ୍କର ଭ୍ରାତୃଗଣ ଶୋକରେ ମୁହ୍ୟମାନ ହୋଇ ଭାବିଲେ—ଆଉ କାହିଁକି, ଆମମାନଙ୍କର ମଧ୍ୟ ଯିବାର ସମୟ ଉପସ୍ଥିତ ହୋଇଛି । ଏହା ଭାବି ସେମାନେ ରାଜକାର୍ଯ୍ୟ ପରିତ୍ୟାଗ କରି, ଅର୍ଜୁନଙ୍କର ପୌତ୍ର ପରୀକ୍ଷିତଙ୍କୁ ସିଂହାସନରେ ବସାଇ ମହାପ୍ରସ୍ଥାନାର୍ଥେ ହିମାଳୟକୁ ଗମନ କଲେ । ପ୍ରାଚୀନ କାଳରେ ଭାରତରେ ରାଜାଗଣ ମଧ୍ୟ ଅନ୍ୟାନ୍ୟ ସମସ୍ତଙ୍କ ପରି ବୃଦ୍ଧ ବୟସରେ ସନ୍ନ୍ୟାସୀ ହେଉଥିଲେ । ମହାପ୍ରସ୍ଥାନ ଏକପ୍ରକାର ସନ୍ନ୍ୟାସବିଶେଷ । ଜୀବନ ପ୍ରତି ସମ୍ପୂର୍ଣ୍ଣ ମମତା ତ୍ୟାଗ ହେଲେ ମାନବ ଏପରି ସନ୍ନ୍ୟାସର ଅଧିକାରୀ ହୋଇଥାଏ । ତାହାଙ୍କୁ ପାନାହାରବର୍ଜ୍ଜିତ ହୋଇ କେବଳ ଈଶ୍ୱରଚିନ୍ତା କରୁ କରୁ ହିମାଳୟ ଉଦ୍ଦେଶ୍ୟରେ ଯିବାକୁ ପଡ଼େ । ଏହିପରି ଭାବରେ ଚାଲୁ ଚାଲୁ ଦେହତ୍ୟାଗ ହୋଇଥାଏ ।

ସେତେବେଳେ ଦେବଗଣ ଓ ଋଷିଗଣ ଆସି ରାଜା ଯୁଧିଷ୍ଠିରଙ୍କୁ କହିଲେ, ତାଙ୍କୁ ସଶରୀରେ ସ୍ୱର୍ଗକୁ ଯିବାକୁ ହେବ । ସ୍ୱର୍ଗକୁ ଯିବାକୁ ହେଲେ ହିମାଳୟର ଉଚ୍ଚତମ ଚୂଡ଼ାସମୂହ ପାର ହୋଇ ଯିବାକୁ ହୋଇଥାଏ । ହିମାଳୟର ଅପର ପାର୍ଶ୍ୱରେ ସୁମେରୁ ପର୍ବତ, ସୁମେରୁ ପର୍ବତଚୂଡ଼ାରେ ସ୍ୱର୍ଗଲୋକ, ସେଠାରେ ଦେବଗଣ ବାସ କରନ୍ତି । କେହି କେବେ ହେଁ ଏପର୍ଯ୍ୟନ୍ତ ସେଠାକୁ ସଶରୀରେ ଯାଇପାରି ନାହାନ୍ତି । ଦେବଗଣ ଯୁଧିଷ୍ଠିରଙ୍କୁ ଏହି ସ୍ୱର୍ଗକୁ ଯିବା ପାଇଁ ଆମନ୍ତ୍ରଣ କଲେ ।

ସୁତରାଂ ପଞ୍ଚପାଣ୍ଡବ ଓ ସେମାନଙ୍କର ସହଧର୍ମିଣୀ ଦ୍ରୌପଦୀ ସ୍ୱର୍ଗଗମନ ପାଇଁ କୃତ-ସଂକଳ୍ପ ହୋଇ ବଲ୍‌କଳ ପରିଧାନାନ୍ତର ଗନ୍ତବ୍ୟାଭିମୁଖରେ ଯାତ୍ରା କଲେ । ପଥରେ ଗୋଟିଏ କୁକୁର ସେମାନଙ୍କର ପଶ୍ଚାତ୍‌ରେ ଯିବାକୁ ଲାଗିଲା । କ୍ରମେ ଉତ୍ତରାଭିମୁଖରେ ଚାଲୁ-ଚାଲୁ ସେମାନେ ହିମାଳୟରେ ଉପଗତ ହେଲେ ଓ କ୍ଳାନ୍ତପଦରେ ହିମାଳୟର ଚୂଡ଼ା ପରେ ଚୂଡ଼ା ଲଙ୍ଘନ କରୁ କରୁ ଅବଶେଷରେ ସମ୍ମୁଖରେ ସୁବିଶାଳ ସୁମେରୁ ଗିରି ଦେଖିବାକୁ ପାଇଲେ । ସେମାନେ ନିସ୍ତବ୍ଧ ଭାବରେ ବରଫ ଉପରେ ଚାଲୁଛନ୍ତି, ଏପରି ସମୟରେ ଦ୍ରୌପଦୀ ହଠାତ୍ ଅବସନ୍ନ ଦେହରେ ପଡ଼ିଗଲେ, ଆଉ ଉଠିଲେ ନାହିଁ । ସମସ୍ତଙ୍କର ଅଗ୍ରଗାମୀ ଯୁଧିଷ୍ଠିରଙ୍କୁ ଭୀମ କହିଲେ, 'ରାଜନ୍ ! ଦେଖନ୍ତୁ, ଦେଖନ୍ତୁ, ରାଜ୍ଞୀ ଦ୍ରୌପଦୀ ଭୂତଳରେ ପତିତା ହୋଇଛନ୍ତି ।' ଯୁଧିଷ୍ଠିରଙ୍କ ଚକ୍ଷୁରୁ ଶୋକାଶ୍ରୁ ଝରିଲା; କିନ୍ତୁ ସେ ଫେରି ଦେଖିଲେ ନାହିଁ; କେବଳ କହିଲେ, 'ଆମେମାନେ କୃଷ୍ଣଙ୍କ ସହିତ ସାକ୍ଷାତ୍ କରିବାକୁ ଯାଉଛୁ, ବର୍ତ୍ତମାନ ଆଉ ପଶ୍ଚାତ୍‌କୁ ଫେରି ଦେଖିବାର ସମୟ ନାହିଁ । ଚାଲ, ଅଗ୍ରସର ହୁଅ ।'

କିୟତ୍‌କ୍ଷଣ ପରେ ଭୀମ ପୁଣି କହିଉଠିଲେ, 'ଦେଖନ୍ତୁ, ଦେଖନ୍ତୁ, ଆମମାନଙ୍କ ଭ୍ରାତା ସହଦେବ ପଡ଼ିଲେ ।' ରାଜାଙ୍କର ଶୋକାଶ୍ରୁ ଝରିଲା; କିନ୍ତୁ ସେ ଅଟକିଲେ ନାହିଁ, କେବଳ କହିଲେ, 'ଚାଲ, ଚାଲ, ଅଗ୍ରସର ହୁଅ ।'

ସହଦେବଙ୍କ ପତନ ପରେ ଏହି ଅତିରିକ୍ତ ଶୀତ ଓ ବରଫରେ ନକୁଳ, ଅର୍ଜୁନ ଓ ଭୀମ ଗୋଟି ଗୋଟି ହୋଇ ପଡ଼ିଲେ; କିନ୍ତୁ ରାଜା ଯୁଧିଷ୍ଠିର ଏକାକୀ ହେଲେ ମଧ୍ୟ ଅବିଚଳିତ ଭାବରେ ଅଗ୍ରସର ହେବାକୁ ଲାଗିଲେ । ପଶ୍ଚାତ୍‌କୁ ଥରେ ଫେରି ଦେଖିଲେ ଯେଉଁ କୁକୁରଟି ସେମାନଙ୍କର ସାଙ୍ଗ ଧରିଥିଲା, ସେ ଏବେ ମଧ୍ୟ ତାଙ୍କର ପଛେ ପଛେ ଆସୁଛି । ସେତେବେଳେ ରାଜା ଯୁଧିଷ୍ଠିର ସେହି କୁକୁର ସହିତ ବରଫ ସ୍ତୂପ ମଧ୍ୟ ଦେଇ ଅନେକ ପର୍ବତ ଉପତ୍ୟକା ଅତିକ୍ରମ କରି କ୍ରମଶଃ ଊର୍ଦ୍ଧ୍ୱଦେଶକୁ ଆରୋହଣ କରିବାକୁ ଲାଗିଲେ ଏବଂ ଏହିପରି ଭାବରେ ଅବଶେଷରେ ସୁମେରୁ ପର୍ବତରେ ଉପନୀତ ହେଲେ । ସେତେବେଳେ ସ୍ୱର୍ଗର ଦୁନ୍ଦୁଭିଧ୍ୱନି ତାଙ୍କର କର୍ଣ୍ଣଗୋଚର ହେଲା । ଦେବଗଣ ଏହି ଧାର୍ମିକ ରାଜାଙ୍କ ଉପରେ ପୁଷ୍ପବୃଷ୍ଟି କରିବାକୁ ଲାଗିଲେ । ଏଥର ଇନ୍ଦ୍ରଦେବ ରଥରେ ଆରୋହଣ କରି ସେଠାରେ ଅବତୀର୍ଣ୍ଣ ହେଲେ ଓ ରାଜା ଯୁଧିଷ୍ଠିରଙ୍କୁ ସମ୍ବୋଧନ କରି କହିଲେ, 'ହେ ରାଜନ୍ ! ତୁମେ ମାନବଗଣଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ; କାରଣ ଏପର୍ଯ୍ୟନ୍ତ ତୁମ ବ୍ୟତୀତ ସଶରୀରେ ସ୍ୱର୍ଗାରୋହଣର ଅଧିକାର ଆଉ କେହି ପାଇ ନାହାନ୍ତି ।' କିନ୍ତୁ ଯୁଧିଷ୍ଠିର ଇନ୍ଦ୍ରଙ୍କୁ କହିଲେ, 'ମୁଁ ମୋର ଏକାନ୍ତ ଅନୁଗତ ଭ୍ରାତୃଚତୁଷ୍ଟୟ ଓ ଦ୍ରୌପଦୀଙ୍କୁ ନ ନେଇ ସ୍ୱର୍ଗକୁ ଗମନ କରିବା ପାଇଁ ପ୍ରସ୍ତୁତ ନୁହେଁ ।' ଇନ୍ଦ୍ର ତାଙ୍କୁ କହିଲେ, 'ସେମାନେ ପୂର୍ବରୁ ହିଁ ସ୍ୱର୍ଗକୁ ଯାଇଛନ୍ତି ।'

ବର୍ତ୍ତମାନ ଯୁଧିଷ୍ଠିର ତାଙ୍କ ପଶ୍ଚାତ୍‌କୁ ଫେରି ତାଙ୍କର ଅନୁସରଣକାରୀ ସେହି କୁକୁରଟିକୁ ସମ୍ବୋଧନ କରି କହିଲେ, 'ବତ୍ସ, ଆସ, ରଥରେ ଆରୋହଣ କର ।' ଇନ୍ଦ୍ର ଏକଥା ଶୁଣି ଚମକିପଡ଼ି କହିଲେ, 'ରାଜନ୍, ଆପଣ ଏ କି କଥା କହୁଛନ୍ତି ! କୁକୁର ରଥରେ ଆରୋହଣ କରିବ ! ଏହି ଅଶୁଚି କୁକୁରଟାକୁ ଆପଣ ତ୍ୟାଗ କରନ୍ତୁ । କୁକୁର କେବେ ହେଁ ସ୍ୱର୍ଗକୁ ଯାଏ ନାହିଁ । ଆପଣଙ୍କ ମନର ଭାବ କଅଣ ? ଆପଣ କଅଣ ଉନ୍ମତ୍ତ ହୋଇଛନ୍ତି ? ମନୁଷ୍ୟଗଣଙ୍କ ମଧ୍ୟରେ ଆପଣ ଧାର୍ମିକଶ୍ରେଷ୍ଠ, ଆପଣ ହିଁ କେବଳ ସଶରୀରେ ସ୍ୱର୍ଗଗମନର ଅଧିକାରୀ ।' ସେତେବେଳେ ରାଜା ଯୁଧିଷ୍ଠିର କହିଲେ, 'ହେ ଇନ୍ଦ୍ର ! ହେ ଦେବରାଜ ! ଆପଣ ଯାହା କହୁଛନ୍ତି, ତାହା ସତ୍ୟ; କିନ୍ତୁ ଏହି କୁକୁରଟି ହିମସ୍ତୂପ ଲଙ୍ଘନ ସମୟରେ ପ୍ରଭୁଭକ୍ତ ଭୃତ୍ୟ ପରି ବରାବର ମୋ ସଙ୍ଗରେ ଆସିଛି; ଥରେ ମାତ୍ର ମୋ ସଙ୍ଗ ତ୍ୟାଗ କରି ନାହିଁ । ମୋ ଭ୍ରାତୃଗଣ ଜଣେ ଜଣେ ଦେହତ୍ୟାଗ କଲେ, ମହିଷୀ ପଞ୍ଚତ୍ୱପ୍ରାପ୍ତ ହେଲେ— ସମସ୍ତେ ଗୋଟି ଗୋଟି ହୋଇ ମୋତେ ତ୍ୟାଗ କଲେ; କେବଳ ଏହି ଏକମାତ୍ର ମୋତେ ତ୍ୟାଗ କରି ନାହିଁ । ମୁଁ ବର୍ତ୍ତମାନ ଏହାକୁ କିପରି ତ୍ୟାଗ କରିପାରିବ ?' ଇନ୍ଦ୍ର କହିଲେ, 'କୁକୁରସଙ୍ଗୀ ମାନବର ସ୍ୱର୍ଗଲୋକରେ ସ୍ଥାନ ନାହିଁ । ଅତଏବ କୁକୁରଟିକୁ ପରିତ୍ୟାଗ କରିବାକୁ ହେବ, ଏଥିରେ ଆପଣଙ୍କର କୌଣସି ଅଧର୍ମ ହେବ ନାହିଁ ।' ଯୁଧିଷ୍ଠିର କହିଲେ,

'କୁକୁରଟି ମୋ ସାଙ୍ଗରେ ଯାଇ ନ ପାରିଲେ ମୁଁ ସ୍ୱର୍ଗକୁ ଯିବା ପାଇଁ ଇଚ୍ଛା କରୁ ନାହିଁ । ଯେତେ ସମୟ ଦେହରେ ଜୀବନ ଥିବ, ସେତେବେଳ ଯାଏ ମୁଁ ଶରଣାଗତକୁ କଦାପି ପରିତ୍ୟାଗ କରିପାରିବ ନାହିଁ । ମୁଁ ଜୀବନ ଥିବା ପର୍ଯ୍ୟନ୍ତ ସ୍ୱର୍ଗସୁଖ ସମ୍ଭୋଗ ପାଇଁ ଅଥବା ଦେବତାଙ୍କ ଅନୁରୋଧରେ ମଧ୍ୟ ଧର୍ମପଥ କଦାପି ପରିତ୍ୟାଗ କରିବ ନାହିଁ ।' ସେତେବେଳେ ଇନ୍ଦ୍ର କହିଲେ, 'ରାଜନ୍, ଆପଣଙ୍କର ଶରଣାଗତ କୁକୁରଟି ସ୍ୱର୍ଗକୁ ଗମନ କରିବ, ଏହା ହିଁ ଯଦି ଆପଣଙ୍କର ଏକାନ୍ତ ଅଭିପ୍ରେତ ହୋଇଥାଏ, ତେବେ ଆପଣ ଗୋଟିଏ କର୍ମ କରନ୍ତୁ । ଆପଣ ମର୍ତ୍ତ୍ୟଗଣଙ୍କ ମଧ୍ୟରେ ଧାର୍ମିକଶ୍ରେଷ୍ଠ, ଆଉ ସେ ଅଶୁଚି ପ୍ରାଣୀହତ୍ୟାକାରୀ ଜୀବମାଂସଭୋଜୀ ହିଂସାବୃତ୍ତିପରାୟଣ କୁକୁର; ସେ ପାପୀ, ଆପଣ ପୁଣ୍ୟାତ୍ମା । ଆପଣ ପୁଣ୍ୟବଳରେ ଯେଉଁ ସ୍ୱର୍ଗଲୋକ ଅର୍ଜନ କରିଛନ୍ତି, ଆପଣ ତାହା ସହିତ ତାହାର ବିନିମୟ କରିପାରନ୍ତି ।' ରାଜା ଯୁଧିଷ୍ଠିର କହିଲେ, 'ମୁଁ ଏଥିରେ ସମ୍ମତ ଅଛି । କୁକୁର ମୋର ସମୁଦାୟ ପୁଣ୍ୟ ନେଇ ସ୍ୱର୍ଗକୁ ଗମନ କରୁ ।'

ଯୁଧିଷ୍ଠିର ଏ ବାକ୍ୟ କହିବା ମାତ୍ରେ ଯେପରି କି ପଟ୍ଟପରିବର୍ତ୍ତନ ହେଲା । ଯୁଧିଷ୍ଠିର ଦେଖିଲେ, ସେଠାରେ କୁକୁର ନାହିଁ, ତତ୍ସ୍ଥଳରେ ସାକ୍ଷାତ୍ ଧର୍ମରାଜ ଯମ ବିଦ୍ୟମାନ । ସେ ରାଜା ଯୁଧିଷ୍ଠିରଙ୍କୁ ସମ୍ବୋଧନ କରି କହିଲେ, 'ରାଜନ୍ ! ମୁଁ ସାକ୍ଷାତ୍ ଧର୍ମରାଜ ଯମ, ଆପଣଙ୍କର ଧର୍ମ-ପରୀକ୍ଷାର୍ଥେ କୁକୁର-ରୂପ ପରିଗ୍ରହ କରିଥିଲି । ଆପଣ ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆପଣ ଯେତେବେଳେ ଗୋଟିଏ କ୍ଷୁଦ୍ର କୁକୁରକୁ ଆପଣଙ୍କର ପୁଣ୍ୟାର୍ଜିତ ସ୍ୱର୍ଗ ପ୍ରଦାନ କରି ସ୍ୱୟଂ ତାହା ପାଇଁ ନରକକୁ ଗମନ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ, ସେତେବେଳେ ଆପଣଙ୍କ ପରି ନିଃସ୍ୱାର୍ଥ ବ୍ୟକ୍ତି ଏପର୍ଯ୍ୟନ୍ତ ଭୂମଣ୍ଡଳରେ ଜନ୍ମଗ୍ରହଣ କରି ନାହିଁ । ହେ ମହାରାଜ ! ଆପଣଙ୍କ ଜନ୍ମଦ୍ୱାରା ବସୁଧାତଳ ଧନ୍ୟ ହୋଇଛି । ଆପଣ ସର୍ବପ୍ରାଣୀଙ୍କ ପ୍ରତି ଅତିଶୟ ଅନୁକମ୍ପାସମ୍ପନ୍ନ, ବର୍ତ୍ତମାନ ମୁଁ ତାହାର ପ୍ରକୃଷ୍ଟ ପରିଚୟ ପାଇଲି । ଅତଏବ ଆପଣ ଅକ୍ଷୟ ସୁଖକର ଲୋକସମୂହ ଲାଭ କରନ୍ତୁ । ହେ ରାଜନ୍, ଆପଣ ନିଜ ଧର୍ମବଳରେ ସେସବୁ ଲୋକ ଅର୍ଜନ କରିଛନ୍ତି । ଆପଣଙ୍କର ଉତ୍କୃଷ୍ଟ ସ୍ୱର୍ଗପଦ ଲାଭ ହେବ ।'

ସେତେବେଳେ ଯୁଧିଷ୍ଠିର ସ୍ୱର୍ଗୀୟ ବିମାନାରୋହଣ କରି ଇନ୍ଦ୍ର, ଧର୍ମ ଓ ଅନ୍ୟାନ୍ୟ ଦେବଗଣଙ୍କ ସମଭିବ୍ୟାହାରରେ ସ୍ୱର୍ଗକୁ ଗମନ କଲେ । ସେଠାରେ ପ୍ରଥମେ ତାଙ୍କର ନରକ-ଦର୍ଶନାଦି କିଛି ପରୀକ୍ଷା ପୁଣି ହେଲା, ପରେ ସ୍ୱର୍ଗସ୍ଥ ମନ୍ଦାକିନୀରେ ଅବଗାହନ କରି ସେ ଦିବ୍ୟଦେହ ଲାଭ କଲେ । ଅବଶେଷରେ ଅମର ଦେବଦେହପ୍ରାପ୍ତ ଭ୍ରାତୃଗଣଙ୍କ ସହିତ ତାଙ୍କର ସାକ୍ଷାତ୍ ହେଲା । ସେତେବେଳେ ସକଳ ଦୁଃଖର ଅବସାନ ହେଲା । ସେମାନେ ସମସ୍ତେ ଆନନ୍ଦର ପରାକାଷ୍ଠା ଲାଭ କଲେ ।

ଏହିପରି ଭାବରେ ମହାଭାରତ ଉପଭୋଗ୍ୟ କବିତାରେ 'ଧର୍ମର ଜୟ ଓ ଅଧର୍ମର ପରାଜୟ' ବର୍ଣ୍ଣନା କରି ଏହିଠାରେ ହିଁ ପରିସମାପ୍ତ ହୋଇଛି ।

ଉପସଂହାରରେ କହୁଛି, ଆପଣମାନଙ୍କ ନିକଟରେ ମହାଭାରତର ମୋଟାମୋଟି ସଂକ୍ଷିପ୍ତ ବିବରଣ ମାତ୍ର ଦେଲି; କିନ୍ତୁ ମହାପ୍ରତିଭା ଓ ମନୀଷାସମ୍ପନ୍ନ ମହର୍ଷି ବେଦବ୍ୟାସ ଏଥିରେ

ଯେଉଁ ଅସଂଖ୍ୟ ମହାପୁରୁଷମାନଙ୍କର ଉନ୍ନତ ଓ ମହିମାମୟ ଚରିତର ସମାବେଶ କରିଛନ୍ତି, ତାହାର ସାମାନ୍ୟ ପରିଚୟ ମଧ୍ୟ ଦେଇପାରିଲି ନାହିଁ । ଧର୍ମଭୀରୁ ଅଥଚ ଦୁର୍ବଳଚିତ୍ତ ବୃଦ୍ଧ ଅନ୍ଧରାଜ ଧୃତରାଷ୍ଟ୍ରଙ୍କ ମନରେ ଏକ ଦିଗରେ ଧର୍ମ ଓ ନ୍ୟାୟ, ଅପର ଦିଗରେ ପୁତ୍ରବାତ୍ସଲ୍ୟ ମଧ୍ୟରେ ଆନ୍ତରିକ ଦ୍ୱନ୍ଦ୍ୱ, ପିତାମହ ଭୀଷ୍ମଙ୍କର ଉନ୍ନତ ଚରିତ, ରାଜା ଯୁଧିଷ୍ଠିରଙ୍କର ଉନ୍ନତ ଧର୍ମଭାବ, ଅପର ଚାରି ପାଣ୍ଡବଙ୍କର ଉନ୍ନତ ଚରିତ—ଯେଉଁଥିରେ ଏକ ଦିଗରେ ମହାଶୌର୍ଯ୍ୟ-ବୀର୍ଯ୍ୟ, ଅପର ଦିଗରେ ସର୍ବାବସ୍ଥାରେ ଜ୍ୟେଷ୍ଠଭ୍ରାତା ରାଜା ଯୁଧିଷ୍ଠିରଙ୍କ ପ୍ରତି ଅଗାଧ ଭକ୍ତି ଓ ଅପୂର୍ବ ଆଜ୍ଞାବହତାର ସମାବେଶ, ମାନବୀୟ ଜ୍ଞାନର ପରାକାଷ୍ଠାସ୍ୱରୂପ ଶ୍ରୀକୃଷ୍ଣଙ୍କର ଅତୁଳନୀୟ ଚରିତ ଏବଂ ତପସ୍ୱିନୀ ରାଜ୍ଞୀ ଗାନ୍ଧାରୀ, ପାଣ୍ଡବଗଣଙ୍କର ସ୍ନେହମୟୀ ଜନନୀ କୁନ୍ତୀ ଓ ସଦା-ପତିଭକ୍ତିପରାୟଣା, ସହିଷ୍ଣୁତାର ପ୍ରତିମୂର୍ତ୍ତିସ୍ୱରୂପିଣୀ ଦ୍ରୌପଦୀ ପ୍ରଭୃତି ରମଣୀଗଣଙ୍କର ଚରିତ—ଯାହା ପୁରୁଷଗଣଙ୍କ ଚରିତ ତୁଳନାରେ କୌଣସି ଅଂଶରେ ଅନୁତ୍କୃଷ୍ଟ ନୁହେଁ—ଏହି କାବ୍ୟର ଏହିସବୁ ସହିତ ଅନ୍ୟାନ୍ୟ ଶତ ଶତ ଚରିତ ଏବଂ ରାମାୟଣର ଚରିତସମୂହ ବିଗତ ସହସ୍ର ସହସ୍ର ବର୍ଷ ଧରି ସମଗ୍ର ହିନ୍ଦୁଜଗତର ଯତ୍ନସଞ୍ଚିତ ଜାତୀୟ ସମ୍ପତ୍ତି ଏବଂ ସେମାନଙ୍କ ଚିନ୍ତାରାଶି ମଧ୍ୟ ସ୍ମରଣାତୀତରୁ ଭିତ୍ତିସ୍ୱରୂପ ବିଦ୍ୟମାନ ରହିଛି । ବାସ୍ତବିକ ଏହି ରାମାୟଣ ଓ ମହାଭାରତ ପ୍ରାଚୀନ ଆର୍ଯ୍ୟଗଣଙ୍କ ଜୀବନଚରିତ ଓ ଜ୍ଞାନରାଜିର ସୁବୃହତ୍ ବିଶ୍ୱକୋଷସ୍ୱରୂପ । ସେଥିରେ ଯେଉଁ ସଭ୍ୟତାର ଆଦର୍ଶ ଚିତ୍ରିତ ହୋଇଛି, ସମଗ୍ର ମାନବଜାତିକୁ ତାହା ଲାଭ କରିବା ଉଦ୍ଦେଶ୍ୟରେ ଏବେ ସୁଦ୍ଧା ବହୁକାଳ ଧରି ଚେଷ୍ଟା କରିବାକୁ ହେବ ।

# ଜଡ଼ଭରତ ଉପାଖ୍ୟାନ

[ କାଲିଫର୍ଣ୍ଣିଆରେ ପ୍ରଦତ୍ତ ବକ୍ତୃତା ]

ପ୍ରାଚୀନକାଳରେ ଭରତ ନାମରେ ଜଣେ ପ୍ରବଳପ୍ରତାପୀ ସମ୍ରାଟ ଭାରତବର୍ଷରେ ରାଜତ୍ୱ କରୁଥିଲେ । ବୈଦେଶିକମାନେ ଯାହାକୁ 'ଇଣ୍ଡିଆ' ନାମରେ ଅଭିହିତ କରନ୍ତି, ତାହା ତଦ୍ଦେଶବାସୀଗଣଙ୍କ ନିକଟରେ ଭାରତବର୍ଷ ନାମରେ ପରିଚିତ । ସେତେବେଳେ ଶାସ୍ତ୍ରର ଶାସନାନୁସାରେ ବୃଦ୍ଧ ହେଲେ ସମସ୍ତ ଆର୍ଯ୍ୟ-ସନ୍ତାନଙ୍କୁ ସଂସାର ଛାଡ଼ି ନିଜ ପୁତ୍ର ଉପରେ ସଂସାରର ସମୁଦାୟ ଭାର ଦେଇ—ଐଶ୍ୱର୍ଯ୍ୟ, ଧନସମ୍ପତ୍ତି ସବୁ ତାହାକୁ ସମର୍ପଣ କରି ବାନପ୍ରସ୍ଥାଶ୍ରମ ଅବଲମ୍ବନ କରିବାକୁ ହେଉଥିଲା । ସେଠାରେ ତାହାଙ୍କୁ ତାଙ୍କର ଯଥାର୍ଥ ସ୍ୱରୂପ ଆତ୍ମାର ତତ୍ତ୍ୱ-ଚିନ୍ତାରେ କାଳାତିପାତ କରିବାକୁ ହେଉଥିଲା । ଏହିପରି ଭାବରେ ସେ ସଂସାରବନ୍ଧନ ଛେଦନ କରୁଥିଲେ । ରାଜା ହୁଅନ୍ତୁ, ପୁରୋହିତ ହୁଅନ୍ତୁ, କୃଷକ ହୁଅନ୍ତୁ, ଦାସ ହୁଅନ୍ତୁ, ପୁରୁଷ ହୁଅନ୍ତୁ ବା ସ୍ତ୍ରୀ ହୁଅନ୍ତୁ, କାହାରି ମଧ୍ୟ ଏହି ଶାସ୍ତ୍ରବିଧି ଅତିକ୍ରମ କରିବାର ସାଧ୍ୟ ନ ଥିଲା । କାରଣ ଗୃହସ୍ଥର ସମୁଦାୟ ଅନୁଷ୍ଠାନ ପିତା-ମାତା, ଭଗ୍ନୀ-ଭ୍ରାତା, ସ୍ୱାମୀ-ସ୍ତ୍ରୀ, ପୁତ୍ର-କନ୍ୟା ସମସ୍ତଙ୍କର ଅନୁଷ୍ଠେୟ କର୍ତ୍ତବ୍ୟ—ସେହି ଗୋଟିଏ ଚରମ ଅବସ୍ଥାର ସୋପାନ ମାତ୍ର; ଯେଉଁ ଅବସ୍ଥାରେ ମାନବର ଜଡ଼ବନ୍ଧନ ଏକାବେଳକେ ଚିରଦିନ ପାଇଁ ଘୁଞ୍ଚିଯାଏ ।

ରାଜା ଭରତ ବୃଦ୍ଧ ହେବାରୁ ପୁତ୍ରକୁ ସିଂହାସନରେ ବସାଇ ବନକୁ ଗମନ କଲେ । ଏକ ସମୟରେ ଯେ ଲକ୍ଷ ଲକ୍ଷ ପ୍ରଜାଙ୍କର ଦଣ୍ଡ-ମୁଣ୍ଡର ବିଧାତା ଥିଲେ, ଯେ ସୁବର୍ଣ୍ଣରଜତ-ଖଚିତ ମର୍ମର ପ୍ରାସାଦରେ ବାସ କରୁଥିଲେ, ଯାହାଙ୍କର ପାନପାତ୍ର ନାନାବିଧ ରତ୍ନଖଚିତ ଥିଲା, ସେ ହିମାରଣ୍ୟର ଏକ ସ୍ରୋତସ୍ୱିନୀତୀରରେ କୁଶ ଓ ତୃଣଯୋଗେ ଗୋଟିଏ କ୍ଷୁଦ୍ର କୁଟୀର ନିଜ ହସ୍ତରେ ନିର୍ମାଣ କଲେ ଏବଂ ସେଠାରେ ବାସ କରି ନିଜେ ବନ୍ୟ ଫଳମୂଳ ସଂଗ୍ରହ କରି ତଦ୍ୱାରା ଜୀବନଧାରଣ କରିବାକୁ ଲାଗିଲେ । ମାନବାତ୍ମାରେ ଯେ ଅନ୍ତର୍ଯ୍ୟାମୀ ରୂପରେ ନିତ୍ୟ ବିରାଜିତ, ସେହି ପରମାତ୍ମାଙ୍କର ଅହରହ ସ୍ମରଣ-ମନନ ହିଁ ତାଙ୍କର ଏକମାତ୍ର କାର୍ଯ୍ୟ ହେଲା । ଏହିପରି ଭାବରେ ଦିନ ପରେ ଦିନ, ମାସ ପରେ ମାସ ଓ ବର୍ଷ ପରେ ବର୍ଷ ବିତିଯିବାକୁ ଲାଗିଲା । ଦିନେ ରାଜର୍ଷି ନଦୀତୀରରେ ବସି ଉପାସନା କରୁଛନ୍ତି, ଏପରି ସମୟରେ ସେଠାକୁ ଗୋଟିଏ ହରିଣୀ ଜଳପାନାର୍ଥ ସମାଗତ ହେଲା । ଠିକ୍ ସେହି ସମୟରେ ହିଁ କିଛି ଦୂରରେ ଗୋଟିଏ ସିଂହ ପ୍ରବଳ ଗର୍ଜ୍ଜନ କରିଉଠିଲା । ହରିଣୀ ଏତେ ଭୀତା ହେଲା ଯେ, ସେ ପିପାସା ଶାନ୍ତ ନ କରି ନଦୀ ପାରହେବା ପାଇଁ ଉଚ୍ଚ ଲମ୍ଫ ପ୍ରଦାନ କଲା । ହରିଣୀ ଆସନ୍ନପ୍ରସବା ଥିଲା । ଏପରି ଭାବରେ ହଠାତ୍ ଭୟ ପାଇବାରେ ଏବଂ ଲମ୍ଫପ୍ରଦାନର ଅତିରିକ୍ତ ପରିଶ୍ରମରେ ତତ୍କ୍ଷଣାତ୍ ସେ ଗୋଟିଏ ଶାବକ ପ୍ରସବ କରି ପଞ୍ଚତ୍ୱପ୍ରାପ୍ତ ହେଲା । ହରିଣଶାବକଟି ପ୍ରସୂତ ହେବା ପରେ ଜଳରେ ପଡ଼ିଗଲା ଏବଂ ନଦୀର ପ୍ରବଳ ତରଙ୍ଗ ତାହାକୁ ପ୍ରବଳ ବେଗରେ ଟୋଟାଏ ଆଡ଼କୁ ନେଇଯାଉଥିଲା, ଏପରି ସମୟରେ ରାଜାଙ୍କ ଦୃଷ୍ଟି ସେହି ଦିଗରେ ନିପତିତ

ହେଲା । ରାଜା ଝଟକେ ଆସନରୁ ଉତ୍ଥିତ ହୋଇ ହରିଣଶାବକଟିକୁ ଜଳରୁ ଉଦ୍ଧାର କଲେ, ପରେ ନିଜ କୁଟୀରକୁ ନେଇଯାଇ ଅଗ୍ନିସେକାଦି ବିବିଧ ଯତ୍ନ ଓ ଶୁଶ୍ରୂଷା ସହକାରେ ତାହାକୁ ପୁନର୍ଜୀବିତ କଲେ । କରୁଣହୃଦୟ ରାଜର୍ଷି ଅତଃପର ହରିଣଶିଶୁଟିର ଲାଳନପାଳନର ଭାର ସ୍ୱୟଂ ଗ୍ରହଣ କଲେ, ପ୍ରତ୍ୟହ ତାହା ପାଇଁ ସୁକୋମଳ ତୃଣ ଓ ଫଳମୂଳାଦି ସଂଗ୍ରହ କରି ତାକୁ ଖୁଆଇବାରେ ଲାଗିଲେ । ସଂସାରୋପରତ ରାଜର୍ଷିଙ୍କର ଜନକସୁଲଭ ଯତ୍ନରେ ହରିଣଶିଶୁଟି ଦିନକୁ ଦିନ ବର୍ଦ୍ଧିତ ହେବାକୁ ଲାଗିଲା । ପରିଶେଷରେ ସେ ଗୋଟିଏ ସୁନ୍ଦରକାୟ ହରିଣରେ ପରିଣତ ହେଲା । ଯେଉଁ ରାଜା ନିଜ ମନର ତେଜଦ୍ୱାରା ପରିବାର, ରାଜ୍ୟସମ୍ପଦ, ଅତୁଳ ବିଭବ ଓ ଐଶ୍ୱର୍ଯ୍ୟ ଉପରୁ ଚିରଜୀବନର ମମତା କଟାଇଥିଲେ, ସେ ପୁଣି ନଦୀରୁ ତତ୍କର୍ତ୍ତୃକ ରକ୍ଷିତ ମୃଗଟି ଉପରେ ଆସକ୍ତ ହୋଇପଡ଼ିଲେ । ହରିଣ ଉପରେ ତାଙ୍କର ସ୍ନେହ ଯେତିକି ପରିମାଣରେ ବର୍ଦ୍ଧିତ ହେବାକୁ ଲାଗିଲା, ସେହି ପରିମାଣରେ ସେ ଈଶ୍ୱରଙ୍କଠାରେ ଚିତ୍ତସମାଧାନ କରିବାକୁ ଅକ୍ଷମ ହେଲେ । ବନକୁ ଚରିବାକୁ ଯାଇ ଯଦି ହରିଣଟିର ଫେରିବାରେ ବିଳମ୍ବ ହେଉଥିଲା, ତାହାହେଲେ ରାଜର୍ଷିଙ୍କ ମନ ତାହା ପାଇଁ ଅତିଶୟ ଉଦ୍‌ବିଗ୍ନ ଓ ବ୍ୟାକୁଳ ହେଉଥିଲା । ସେ ଭାବୁଥିଲେ—'ଆହା, ବୋଧହୁଏ ମୋର ପ୍ରିୟ ହରିଣଟିକୁ ବ୍ୟାଘ୍ର ଆକ୍ରମଣ କରିଥିବ ଅଥବା ହୁଏତ ତାହାର ଅନ୍ୟ କୌଣସି ପ୍ରକାର ବିପତ୍ତି ହୋଇଛି, ନତୁବା ତାହାର ଏତେ ବିଳମ୍ବ ହେଉଛି କାହିଁକି ?'

ଏହିପରି ଭାବରେ କେତେ ବର୍ଷ କଟିଗଲା । ଅବଶେଷରେ କାଳଚକ୍ରର ପରିବର୍ତ୍ତନ ଫଳରେ ରାଜର୍ଷିଙ୍କର ମୃତ୍ୟୁକାଳ ଆସି ଉପସ୍ଥିତ ହେଲା । କିନ୍ତୁ ତାଙ୍କ ମନ ମୃତ୍ୟୁକାଳରେ ମଧ୍ୟ ଆତ୍ମତତ୍ତ୍ୱଧ୍ୟାନରେ ନିଯୁକ୍ତ ନ ହୋଇ ହରିଣଟିର ଚିନ୍ତାରେ ହିଁ ନିଯୁକ୍ତ ଥିଲା । ନିଜର ପ୍ରିୟତମ ମୃଗଟିର କାତରନୟନ ଆଡ଼କୁ ଏକଦୃଷ୍ଟିରେ ଚାହିଁ ରହି ରହି ତାଙ୍କର ଜୀବାତ୍ମା ଦେହତ୍ୟାଗ କଲା । ମୃତ୍ୟୁକାଳରେ ହରିଣ ଭାବନା ଫଳରେ ପରଜନ୍ମରେ ତାଙ୍କର ହରିଣ-ଜନ୍ମ ହେଲା । କିନ୍ତୁ କୌଣସି କର୍ମ ସମ୍ପୂର୍ଣ୍ଣ ଭାବରେ ବ୍ୟର୍ଥ ହୁଏ ନାହିଁ । ସୁତରାଂ ରାଜର୍ଷି ଭରତ ଗୃହସ୍ଥାଶ୍ରମରେ ରାଜା ରୂପରେ ଏବଂ ବାନପ୍ରସ୍ଥାଶ୍ରମରେ ଋଷି ରୂପରେ ଯେଉଁସବୁ ମହତ୍ ଶୁଭକାର୍ଯ୍ୟର ଅନୁଷ୍ଠାନ କରିଥିଲେ, ତାହାର ମଧ୍ୟ ଫଳ ଫଳିଲା । ଯଦ୍ୟପି ସେ ବାକ୍‌ଶକ୍ତିରହିତ ହୋଇ ପଶୁ ଶରୀର ପରିଗ୍ରହ କଲେ, କିନ୍ତୁ ସେ ଜାତିସ୍ମର ହେଲେ; ଅର୍ଥାତ୍ ପୂର୍ବଜନ୍ମର ସମୁଦାୟ କଥା ତାଙ୍କର ସ୍ମୃତିପଥରେ ଉଦିତ ରହିଲା । ସେ ନିଜ ସଙ୍ଗୀଗଣଙ୍କୁ ପରିତ୍ୟାଗ କରି ପୂର୍ବସଂସ୍କାରବଶରେ ଋଷିଗଣଙ୍କ ଆଶ୍ରମ ନିକଟକୁ ଯାଉଥିଲେ । ସେଠାରେ ପ୍ରତ୍ୟହ ଯାଗ, ହୋମ ଓ ଉପନିଷଦାଲୋଚନା ହେଉଥିଲା ।

ମୃଗରୂପୀ ଭରତ ଯଥାକାଳରେ ଦେହ ତ୍ୟାଗ କରି ପର ଜନ୍ମରେ କୌଣସି ଏକ ଧନୀ ବ୍ରାହ୍ମଣର କନିଷ୍ଠପୁତ୍ର ରୂପେ ଜନ୍ମଗ୍ରହଣ କରିଥିଲେ । ଏହି ଜନ୍ମରେ ମଧ୍ୟ ସେ ଜାତିସ୍ମର ହେଲେ; ସୁତରାଂ ପୂର୍ବବୃତ୍ତାନ୍ତ ସର୍ବଦା ସ୍ମୃତିପଥରେ ଜାଗରୂକ ରହିବାରୁ ତାଙ୍କର ବାଲ୍ୟକାଳଠାରୁ ଏହି ଦୃଢ଼ସଂକଳ୍ପ ହେଲା ଯେ, ସେ ଆଉ ସଂସାରର ପାପ-ପୁଣ୍ୟରେ ଜଡ଼ିତ ହେବେ ନାହିଁ । ଶିଶୁର କ୍ରମେ ବୟୋବୃଦ୍ଧି ହେବାକୁ ଲାଗିଲା । ସେ ବେଶ୍ ବଳିଷ୍ଠ ଓ

ହୃଷ୍ଟପୁଷ୍ଟାଙ୍ଗ ହେଲେ; କିନ୍ତୁ କାହାରି ସହିତ ପଦେ ହେଲେ ବାକ୍ୟାଳାପ କରୁ ନ ଥିଲେ । କାଳେ ସଂସାରଜାଲରେ ଜଡ଼ିତ ହୋଇପଡ଼ିବେ, ଏହି ଭୟରେ ସେ ଜଡ଼ ଓ ଉନ୍ମତ୍ତ ପରି ବ୍ୟବହାର କରୁଥିଲେ । ତାଙ୍କର ମନ ସେହି ଅନନ୍ତ ସ୍ୱରୂପ ପରଂବ୍ରହ୍ମରେ ସର୍ବଦା ସଂଲଗ୍ନ ରହୁଥିଲା, ପ୍ରାରବ୍ଧ କର୍ମ ଭୋଗଦ୍ୱାରା କ୍ଷୟ କରିବା ପାଇଁ ସେ ଜୀବନଧାରଣ କରୁଥିଲେ । କାଳକ୍ରମେ ପିତାଙ୍କର ମୃତ୍ୟୁ ହେଲା । ପୁତ୍ରଗଣ ପିତାଙ୍କ ସମ୍ପତ୍ତି ଆପଣା ମଧ୍ୟରେ ଭାଗ କରିନେଲେ । ସେମାନେ ସେମାନଙ୍କର ଏ ସର୍ବକନିଷ୍ଠ ଭ୍ରାତାଙ୍କୁ ଜଡ଼ ଓ ଅକର୍ମଣ୍ୟ ଜ୍ଞାନ କରି ତତ୍‌ପ୍ରାପ୍ୟ ସମ୍ପତ୍ତିରୁ ତାଙ୍କୁ ବଞ୍ଚିତ କରି ତାହା ନିଜେ ଗ୍ରହଣ କଲେ । ସେମାନେ ଭ୍ରାତା ପ୍ରତି ଏହି ଟିକିଏ ମାତ୍ର ଅନୁଗ୍ରହ ପ୍ରକାଶ କଲେ ଯେ, ତାଙ୍କୁ ଦେହଧାରଣୋପଯୋଗୀ ଆହାର ମାତ୍ର ଦେଉଥିଲେ । ତାଙ୍କର ଭ୍ରାତୃଜାୟାଗଣ ତାଙ୍କ ପ୍ରତି ଅତି କର୍କଶ ବ୍ୟବହାର କରୁଥିଲେ, ତାଙ୍କୁ ସର୍ବଦା ଗୁରୁତର ଶ୍ରମସାଧ୍ୟ କାର୍ଯ୍ୟରେ ନିଯୁକ୍ତ କରୁଥିଲେ; ଏବଂ ଯଦି ସେ ଏହି ସକଳ କାର୍ଯ୍ୟ ଭଲ ଭାବରେ କରିବାକୁ ଅକ୍ଷମ ହେଉଥିଲେ, ତେବେ ତାଙ୍କୁ ଘୋରତର ନିର୍ଯ୍ୟାତନ କରୁଥିଲେ । କିନ୍ତୁ ଏଥିରେ ତାଙ୍କର କିଛି ମାତ୍ର ବିରକ୍ତି ବା ଭୟ ହେଉ ନ ଥିଲା । ସେ ଗୋଟିଏ ମାତ୍ର ବାଙ୍‌ନିଷ୍ପତ୍ତି ମଧ୍ୟ କରୁ ନ ଥିଲେ । ଯେତେବେଳେ ଅତ୍ୟାଚାରର ମାତ୍ରା କିଛି ଅତିରିକ୍ତ ହେଉଥିଲା, ସେତେବେଳେ ସେ ଗୃହରୁ ନିସ୍ତବ୍ଧଭାବରେ ବାହାର ହୋଇଯାଇ ସେମାନଙ୍କର କ୍ରୋଧୋପଶମ ପର୍ଯ୍ୟନ୍ତ ଘଣ୍ଟା ପରେ ଘଣ୍ଟା ବୃକ୍ଷମୂଳରେ ବସି ରହୁଥିଲେ । ସେମାନଙ୍କର ରାଗ କମିଗଲେ ପୁଣି ଶାନ୍ତ ଭାବରେ ଗୃହକୁ ଫେରିଯାଉଥିଲେ ।

ଦିନେ ଜଡ଼ଭରତଙ୍କ ଭ୍ରାତୃବଧୂଗଣ ତାଙ୍କୁ ଅତିରିକ୍ତ ତାଡ଼ନା କରିବାରୁ ସେ ଘରୁ ବାହାରିଯାଇ ଗୋଟିଏ ବୃକ୍ଷଚ୍ଛାୟାରେ ବସି ବିଶ୍ରାମ କରିବାକୁ ଲାଗିଲେ । ସେହି ସମୟରେ ସେଦେଶର ରାଜା ଶିବିକା ଯୋଗେ ସେହି ବାଟରେ ଯାଉଥିଲେ । ହଠାତ୍ ଜଣେ ଶିବିକାବାହକ ଅସୁସ୍ଥ ହୋଇପଡ଼ିଲା । ସେଠାରୁ ରାଜାନୁଚରବର୍ଗ ତା' ସ୍ଥାନରେ ଶିବିକାବାହକ କାର୍ଯ୍ୟ ପାଇଁ ଆଉ ଜଣେ ଲୋକର ଅନ୍ୱେଷଣ କରିବାକୁ ଲାଗିଲେ ଓ ଅନୁସନ୍ଧାନ କରୁ କରୁ ଜଡ଼ଭରତଙ୍କୁ ବୃକ୍ଷତଳେ ଅବସ୍ଥିତ ଥିବାର ଦେଖିପାରିଲେ । ତାଙ୍କୁ ସବଳ ଯୁବାପୁରୁଷ ଦେଖି ସେମାନେ ତାଙ୍କୁ ପଚାରିଲେ, 'ରାଜାଙ୍କର ଜଣେ ଶିବିକାବାହକର ପୀଡ଼ା ହୋଇଛି, ତୁମେ ତା' ପରିବର୍ତ୍ତିରେ ରାଜାଙ୍କର ଶିବିକା ବହନ କରିବା ପାଇଁ ପ୍ରସ୍ତୁତ କି ନା ?' ଭରତ ସେମାନଙ୍କ ପ୍ରଶ୍ନର କୌଣସି ଉତ୍ତର ଦେଲେ ନାହିଁ । ରାଜାନୁଚରଗଣ ଦେଖିଲେ, ଏ ବ୍ୟକ୍ତି ଭଲ ହୃଷ୍ଟପୁଷ୍ଟ । ଏହା ଦେଖି ସେମାନେ ତାହାଙ୍କୁ ବଳପୂର୍ବକ ଧରି ନେଇଯାଇ ଶିବିକା-ବହନରେ ନିଯୁକ୍ତ କଲେ । ଭରତ ମଧ୍ୟ ନୀରବରେ ଶିବିକା ବହନ କରିବାକୁ ଲାଗିଲେ । କିୟତ୍‌କ୍ଷଣ ପରେ ରାଜା ଦେଖିଲେ, ଶିବିକା ବିଷମଭାବରେ ଚାଲୁଛି । ଶିବିକାର ବହିର୍ଦେଶକୁ ଦୃଷ୍ଟିପାତ କରି ସେ ନୂତନ ବାହକକୁ ଦେଖି କହିଲେ, 'ମୂର୍ଖ, କିୟତ୍‌କ୍ଷଣ ବିଶ୍ରାମ କର । ଯଦି ତୁମ ସ୍କନ୍ଧରେ ବେଦନା ବୋଧ ହୋଇଥାଏ, ତେବେ କିଛି ସମୟ ବିଶ୍ରାମ ନିଅ ।' ସେତେବେଳେ ଭରତ ସ୍କନ୍ଧରୁ ଶିବିକା ଓହ୍ଲାଇ ଜୀବନ ମଧ୍ୟରେ ଏହି ପ୍ରଥମ ମୌନଭଙ୍ଗ କରି ରାଜାଙ୍କୁ ସମ୍ବୋଧନ କରି କହିବାରେ ଲାଗିଲେ, 'ହେ ରାଜନ୍, ଆପଣ ମୂର୍ଖ

କାହାକୁ କହୁଛନ୍ତି ? କାହାକୁ ଆପଣ ଶିବିକା ଓହ୍ଲାଇବାକୁ କହୁଛନ୍ତି ? କିଏ କ୍ଳାନ୍ତ ହୋଇଛି, କହୁଛନ୍ତି ? କାହାକୁ 'ତୁ' ବୋଲି ସମ୍ବୋଧନ କରୁଛନ୍ତି ? ହେ ରାଜନ ! 'ତୁ' ଶବ୍ଦଦ୍ୱାରା ଯଦି ଆପଣ ଏହି ମାଂସପିଣ୍ଡ ଦେହଟାକୁ ଲକ୍ଷ୍ୟ କରିଥାଆନ୍ତି, ତେବେ ଦେଖନ୍ତୁ, ଆପଣଙ୍କର ଦେହ ମଧ୍ୟ ଯେପରି ପଞ୍ଚଭୂତନିର୍ମିତ, ଏ ଦେହ ମଧ୍ୟ ତଦ୍ରୂପ । ଆଉ ଦେହଟା ତ ଅଚେତନ, ଜଡ଼; ତାହାର କି କୌଣସି [illegible]ାର କ୍ଳାନ୍ତି ବା କଷ୍ଟ ଆଇପାରେ ? ଯଦି ମନ ଆପଣଙ୍କର ଲକ୍ଷ୍ୟ ହୁଏ, ତେବେ ଆପଣଙ୍କର ମନ ଯେପରି, ମୋର ମଧ୍ୟ ତାହା ହିଁ—ତାହା ତ ସର୍ବବ୍ୟାପୀ । ଆଉ ଯଦି 'ତୁ' ଶବ୍ଦରେ ଦେହମନର ମଧ୍ୟ ଅତୀତ ବସ୍ତୁକୁ ଲକ୍ଷ୍ୟ କରିଥାଆନ୍ତି, ତାହାହେଲେ ତ ତାହା ସେହି ଆତ୍ମତତ୍ତ୍ୱ—ମୋର ଯଥାର୍ଥସ୍ୱରୂପ ବ୍ୟତୀତ ଆଉ କିଛି ନୁହେଁ । ତାହା ଆପଣଙ୍କଠାରେ ଯେପରି, ମୋଠାରେ ମଧ୍ୟ ତଦ୍ରୂପ ବିଦ୍ୟମାନ, ଜଗତ ମଧ୍ୟରେ ତାହା ହିଁ ସେହି 'ଏକମେବାଦ୍ୱିତୀୟମ୍' ତତ୍ତ୍ୱ । ରାଜନ୍ ! ଆପଣ କଅଣ କହିବାକୁ ଚାହାଁନ୍ତି—ଆତ୍ମା କ'ଣ କେବେହେଲେ କ୍ଳାନ୍ତ ହୋଇପାରନ୍ତି ? ଆପଣ କଅଣ କହିବାକୁ ଚାହାଁନ୍ତି—ଆତ୍ମା କେତେବେଳେ ମଧ୍ୟ ଆହତ ହୋଇପାରନ୍ତି ? ହେ ରାଜନ୍ ! ମୋର—ଏହି ଦେହଟାର—ଅସହାୟ ପଥପାର୍ଶ୍ୱ କୀଟଗୁଡ଼ିକୁ ପଦଦଳିତ କରିବାର ଇଚ୍ଛା ନ ଥିଲା, ସେହି କାରଣରୁ ଯେପରି ସେମାନେ ପଦଦଳିତ ନ ହୁଅନ୍ତି, ଏହି ଭାବରେ ସାବଧାନ ହୋଇ ଚାଲିବାରୁ ଶିବିକା ବିଷମ ହୋଇଥିଲା । କିନ୍ତୁ ଆତ୍ମା ତ କେବେହେଲେ କ୍ଳାନ୍ତି ଅନୁଭବ କରି ନାହିଁ, ତାହା କେତେବେଳେ ଦୁର୍ବଳତା ବୋଧ କରି ନାହିଁ; କାରଣ ଆତ୍ମା ସର୍ବବ୍ୟାପୀ ଓ ସର୍ବଶକ୍ତିମାନ୍ ।' ଏହିପରି ସେ ଆତ୍ମାର ସ୍ୱରୂପ, ପରାବିଦ୍ୟା ପ୍ରଭୃତି ବିଷୟ ସମ୍ବନ୍ଧରେ ଓଜସ୍ୱିନୀ ଭାଷାରେ ଅନେକ ଉପଦେଶ ଦେଲେ । ରାଜା ପୂର୍ବେ ବିଦ୍ୟା ଓ ଜ୍ଞାନଗର୍ବରେ ଗର୍ବିତ ଥିଲେ, ତାଙ୍କର ଅଭିମାନ ଚୂର୍ଣ୍ଣ ହେଲା । ସେ ଶିବିକାରୁ ଅବତରଣ କରି ଭରତଙ୍କ ଚରଣରେ ପତିତ ହୋଇ କହିବାକୁ ଲାଗିଲେ, 'ହେ ମହାଭାଗ ! ଆପଣ ଯେ ଜଣେ ମହାପୁରୁଷ, ତାହା ନ ଜାଣି ମୁଁ ଆପଣଙ୍କୁ ଶିବିକାବାହକ କାର୍ଯ୍ୟରେ ନିଯୁକ୍ତ କରିଥିଲି । ସେଥିପାଇଁ ଆପଣଙ୍କ ନିକଟରେ କ୍ଷମାଭିକ୍ଷା କରୁଛି ।' ଭରତ ତାଙ୍କୁ ଆଶୀର୍ବାଦ କରି ସ୍ୱସ୍ଥାନକୁ ପ୍ରସ୍ଥାନ କଲେ ଓ ପୂର୍ବବତ୍ ଆପଣା ଭାବରେ ନୀରବରେ ଜୀବନ ଯାପନ କଲେ । ଯେତେବେଳେ ଭରତଙ୍କର ଦେହପାତ ହେଲା, ସେ ଚିରଦିନ ପାଇଁ ଜନ୍ମମୃତ୍ୟୁର ବନ୍ଧନରୁ ମୁକ୍ତ ହେଲେ ।

## ପ୍ରହ୍ଲାଦ ଚରିତ

[କାଲିଫର୍ଣ୍ଣିଆରେ ପ୍ରଦତ୍ତ ବକ୍ତୃତା]

ହିରଣ୍ୟକଶିପୁ ଦୈତ୍ୟଗଣଙ୍କର ରାଜା ଥିଲେ । ଦେବ ଓ ଦୈତ୍ୟ ଉଭୟ ଏକ ପିତାଙ୍କଠାରୁ ଉତ୍ପନ୍ନ ହେଲେ ହେଁ ସର୍ବଦା ପରସ୍ପର ପ୍ରତି ସ୍ପର୍ଦ୍ଧା ପ୍ରକାଶ କରୁଥିଲେ ଓ ପରସ୍ପର

ଭିତରେ ଯୁଦ୍ଧ କରୁଥିଲେ । ସଚରାଚର ଦୈତ୍ୟଗଣଙ୍କର ମାନବଗଣ-ପ୍ରଦତ୍ତ ଯଜ୍ଞଭାଗରେ ଅଥବା ଜଗତର ଶାସନରେ ଅଧିକାର ନ ଥିଲା; କିନ୍ତୁ କେବେ କେବେ ସେମାନେ ପ୍ରବଳ ହୋଇ ଦେବଗଣଙ୍କୁ ସ୍ୱର୍ଗରୁ ବିତାଡ଼ିତ କରି ସେମାନଙ୍କର ସିଂହାସନ ଅଧିକାର ଓ କିଛି କାଳ ପାଇଁ ଜଗତ୍ ଶାସନ କରୁଥିଲେ । ସେତେବେଳେ ଦେବଗଣ ଯାଇ ସମଗ୍ର ଜଗତର ସର୍ବ-ବ୍ୟାପୀ ପ୍ରଭୁ ବିଷ୍ଣୁଙ୍କର ଶରଣ ଗ୍ରହଣ କରୁଥିଲେ । ସେ ମଧ୍ୟ ସେମାନଙ୍କୁ ଉକ୍ତ ବିପଦରୁ ଉଦ୍ଧାର କରୁଥିଲେ । ଦୈତ୍ୟଗଣ ତତ୍କର୍ତ୍ତୃକ ପରାସ୍ତ ହୋଇ ବିତାଡ଼ିତ ହେଉଥିଲେ, ଦେବ-ଗଣ ପୁଣି ସ୍ୱର୍ଗରାଜ୍ୟ ଅଧିକାର କରୁଥିଲେ । ପୂର୍ବୋକ୍ତ ଦୈତ୍ୟରାଜ ହିରଣ୍ୟକଶିପୁ ଏହିପରି ଭାବରେ ତାଙ୍କର ଜ୍ଞାତି ଦେବଗଣଙ୍କୁ ଜୟ କରି ସ୍ୱର୍ଗର ସିଂହାସନ ଆରୋହଣ କରି ତ୍ରିଭୁବନରେ ଅର୍ଥାତ୍ ମାନବ ଓ ଅନ୍ୟାନ୍ୟ ଜୀବଜନ୍ତୁଗଣଙ୍କଦ୍ୱାରା ଅଧ୍ୟୁଷିତ ମର୍ତ୍ତ୍ୟଲୋକ, ଦେବ ଓ ଦେବତୁଲ୍ୟ ବ୍ୟକ୍ତିଗଣଙ୍କଦ୍ୱାରା ଅଧ୍ୟୁଷିତ ସ୍ୱର୍ଗଲୋକ ଏବଂ ଦୈତ୍ୟଗଣଙ୍କ ଦ୍ୱାରା ଅଧ୍ୟୁଷିତ ପାତାଳଲୋକ ଶାସନରେ ସମର୍ଥ ହୋଇଥିଲେ । ହିରଣ୍ୟକଶିପୁ ନିଜକୁ ସମଗ୍ର ଜଗତର ଅଧୀଶ୍ୱର ବୋଲି ଘୋଷଣା କଲେ । ସେ ଏହା ମଧ୍ୟ ଘୋଷଣା କଲେ ଯେ, ତାଙ୍କ ଛଡ଼ା ଆଉ ଈଶ୍ୱର ନାହିଁ । ଆଉ ସ୍ତ୍ରିଦଗରେ ଆଦେଶ ପ୍ରଚାର କଲେ ଯେ, 'କୌଣସି ସ୍ଥାନରେ କେହି ଯେପରି ବିଷ୍ଣୁଙ୍କର ଉପାସନା ନ କରନ୍ତି । ଆଜିଠାରୁ ସମୁଦାୟ ପୂଜା ଏକମାତ୍ର ତାଙ୍କର ହିଁ ପ୍ରାପ୍ୟ ।'

ହିରଣ୍ୟକଶିପୁଙ୍କର ପ୍ରହ୍ଲାଦ ନାମରେ ଗୋଟିଏ ପୁତ୍ର ଥିଲେ । ସେ ଅତି ଶୈଶବା-ବସ୍ଥାରୁ ସ୍ୱଭାବତଃ ଭଗବାନ ବିଷ୍ଣୁଙ୍କ ପ୍ରତି ଅନୁରକ୍ତ ଥିଲେ । ଅତି ଶୈଶବାବସ୍ଥାରେ ପ୍ରହ୍ଲାଦଙ୍କର ବିଷ୍ଣୁଭକ୍ତିର ଲକ୍ଷଣ ଦେଖି ତଦୀୟ ପିତା ହିରଣ୍ୟକଶିପୁ ଭାବିଲେ, ସମଗ୍ର ଜଗତରୁ ବିଷ୍ଣୁଙ୍କର ଉପାସନା ଯଦ୍ଦ୍ୱାରା ଉଠିଯାଏ, ମୁଁ ତାହାର ବ୍ୟବସ୍ଥା କରିଛି । କିନ୍ତୁ ମୋ ନିଜ ଗୃହରେ ଯଦି ତାହା ପ୍ରବେଶ କରେ, ତାହାହେଲେ ତ ସର୍ବନାଶ । ଅତଏବ ପ୍ରଥମରୁ ହିଁ ସାବଧାନ ହେବା କର୍ତ୍ତବ୍ୟ । ଏହା ଭାବି ସେ ତାଙ୍କର ପୁତ୍ର ପ୍ରହ୍ଲାଦଙ୍କୁ ଷଣ୍ଡ ଓ ଅମର୍କ ନାମକ ଦୁଇ ଜଣ କଠୋର ଶାସନଦକ୍ଷ ଆଚାର୍ଯ୍ୟଙ୍କ ହସ୍ତରେ ସମର୍ପଣ କରି ସେମାନଙ୍କୁ ଆଦେଶ କଲେ ଯେ, ପ୍ରହ୍ଲାଦ ଯେପରି ବିଷ୍ଣୁଙ୍କର ନାମ କେବେହେଲେ ଶୁଣିବାକୁ ନ ପାଆନ୍ତି । ଆଚାର୍ଯ୍ୟଦ୍ୱୟ ସେହି ରାଜପୁତ୍ରଙ୍କୁ ନିଜ ଗୃହକୁ ନେଇଯାଇ ତାଙ୍କର ସମବୟସ୍କ ଅନ୍ୟାନ୍ୟ ବାଳକଗଣଙ୍କ ସହିତ ରଖି ଅଧ୍ୟାପନା କରିବାକୁ ଲାଗିଲେ । କିନ୍ତୁ ଶିଶୁ ପ୍ରହ୍ଲାଦ ସେମାନଙ୍କର ପ୍ରଦତ୍ତ ଶିକ୍ଷାଗ୍ରହଣରେ ମନଯୋଗୀ ନ ହୋଇ ସଦାସର୍ବଦା ଅପର ବାଳକ-ଗଣଙ୍କୁ ବିଷ୍ଣୁଙ୍କର ଉପାସନାପ୍ରଣାଳୀ ଶିଖାଇବାରେ ନିଯୁକ୍ତ ରହିଲେ । ଆଚାର୍ଯ୍ୟଗଣ ଯେତେ-ବେଳେ ଏହା ଜାଣିପାରିଲେ, ସେତେବେଳେ ସେମାନେ ଅତିଶୟ ଭୀତ ହେଲେ । କାରଣ ସେମାନେ ପ୍ରବଳ-ପ୍ରତାପ ରାଜା ହିରଣ୍ୟକଶିପୁଙ୍କୁ ଅତିଶୟ ଭୟ କରୁଥିଲେ । ଅତଏବ ସେମାନେ ପ୍ରହ୍ଲାଦଙ୍କୁ ଉକ୍ତ ଅଧ୍ୟବସାୟରୁ ନିବୃତ୍ତ କରିବା ପାଇଁ ଯେତେଦୂର ସାଧ୍ୟ ଚେଷ୍ଟା କଲେ; କିନ୍ତୁ ବିଷ୍ଣୁ-ଉପାସନା ଓ ତଦ୍ୱିଷୟକ ଉପଦେଶଦାନ ପ୍ରହ୍ଲାଦଙ୍କ ନିକଟରେ ଶ୍ୱାସ-ପ୍ରଶ୍ୱାସ ପରି ସ୍ୱାଭାବିକ ହୋଇଯାଇଥିଲା; ସୁତରାଂ ସେ କୌଣସି ପ୍ରକାରେ ତାହା ତ୍ୟାଗ କରି-ପାରିଲେ ନାହିଁ । ସେମାନେ ସେତେବେଳେ ନିଜର ଦୋଷ-ପ୍ରକ୍ଷାଳନାର୍ଥ ରାଜାଙ୍କ ନିକଟକୁ

ଯାଇ ଏହି ଭୟଙ୍କର ସମାଚାର ନିବେଦନ କଲେ ଯେ, ତାଙ୍କର ପୁତ୍ର ଯେ କେବଳ ନିଜେ ବିଷ୍ଣୁଙ୍କର ଉପାସନା କରୁଛି ତାହା ନୁହେଁ, ଅପର ବାଳକଗଣଙ୍କୁ ମଧ୍ୟ ବିଷ୍ଣୁଙ୍କର ଉପାସନା ଶିକ୍ଷା ଦେଇ ବିପଥଗାମୀ କରିପକାଉଛି ।

ଯେତେବେଳେ ରାଜା ଷଣ୍ଡ ଓ ଅମର୍କଙ୍କ ନିକଟରୁ ପୁତ୍ରର ଏପରି ଚରିତ୍ର ଶ୍ରବଣ କଲେ, ସେତେବେଳେ ସେ ଅତି କ୍ରୁଦ୍ଧ ହୋଇ ତାଙ୍କୁ ନିଜ ସମୀପକୁ ଆହ୍ୱାନ କଲେ । ସେ ପ୍ରଥମତଃ ତାଙ୍କୁ ମିଷ୍ଟବାକ୍ୟରେ ବୁଝାଇ ବିଷ୍ଣୁଙ୍କର ଉପାସନାରୁ ନିବୃତ୍ତ କରିବା ପାଇଁ ଚେଷ୍ଟା କଲେ । ସେ ବୁଝାଇଲେ ଯେ : 'ମୁଁ ଦୈତ୍ୟରାଜ, ବର୍ତ୍ତମାନ ତ୍ରିଭୁବନର ଅଧୀଶ୍ୱର; ଅତଏବ କେବଳ ମୁଁ ହିଁ ଏକମାତ୍ର ଉପାସ୍ୟ । କିନ୍ତୁ ଏହି ଉପଦେଶରେ କିଛି ଫଳ ହେଲା ନାହିଁ । ବାଳକ ବାରମ୍ବାର କହିବାକୁ ଲାଗିଲେ—ସମସ୍ତ ଜଗତର ଅଧୀଶ୍ୱର ସର୍ବବ୍ୟାପୀ ବିଷ୍ଣୁ ହିଁ ଏକମାତ୍ର ଉପାସ୍ୟ; କାରଣ ତାଙ୍କର ରାଜ୍ୟପ୍ରାପ୍ତି ମଧ୍ୟ ବିଷ୍ଣୁଙ୍କର ହିଁ ଇଚ୍ଛାଧୀନ; ଆଉ ଯେତେ ଦିନ ବିଷ୍ଣୁଙ୍କର ଇଚ୍ଛା ହେବ, ସେତେ ଦିନ ହିଁ ତାଙ୍କର ରାଜତ୍ୱ । ପ୍ରହ୍ଲାଦଙ୍କ ବାକ୍ୟ ଶୁଣି ହିରଣ୍ୟ-କଶିପୁ କ୍ରୋଧରେ ଉନ୍ମତ୍ତ ହୋଇ ତତ୍କ୍ଷଣାତ୍ ପୁତ୍ରକୁ ବଧ କରିବା ପାଇଁ ନିଜ ଅନୁଚରବର୍ଗଙ୍କୁ ଆଦେଶ ଦେଲେ । ଆଦେଶ ପାଇବା ମାତ୍ରେ ଦୈତ୍ୟଗଣ ସୁତୀକ୍ଷ୍ଣ ଶସ୍ତ୍ରଦ୍ୱାରା ତାଙ୍କୁ ପ୍ରହାର କଲେ; କିନ୍ତୁ ପ୍ରହ୍ଲାଦଙ୍କ ମନ ବିଷ୍ଣୁଙ୍କଠାରେ ଏତେଦୂର ନିବିଷ୍ଟ ଥିଲା ଯେ, ସେ ଶସ୍ତ୍ରାଘାତ-ଜନିତ ବେଦନା କିଛି ମାତ୍ର ଉପଲବ୍ଧି କରିପାରିଲେ ନାହିଁ ।

ଯେତେବେଳେ ପ୍ରହ୍ଲାଦଙ୍କ ପିତା ଦୈତ୍ୟରାଜ ହିରଣ୍ୟକଶିପୁ ଦେଖିଲେ ଯେ, ଶସ୍ତ୍ରା-ଘାତରେ ମଧ୍ୟ ପ୍ରହ୍ଲାଦଙ୍କର କିଛି ହେଲା ନାହିଁ, ସେତେବେଳେ ସେ ଭୀତ ହେଲେ । କିନ୍ତୁ ପୁଣି ଦୈତ୍ୟଜନୋଚିତ ଅସତ୍ ପ୍ରବୃତ୍ତିର ବଶୀଭୂତ ହୋଇ ବାଳକକୁ ବିନାଶ କରିବା ପାଇଁ ନାନାବିଧ ପୈଶାଚିକ ଉପାୟ ଆବିଷ୍କାର କରିବାକୁ ଲାଗିଲେ । ସେ ପ୍ରଥମେ ତାଙ୍କୁ ହସ୍ତୀ ପଦତଳେ ପକାଇଦେବା ପାଇଁ ଆଦେଶ ଦେଲେ । ସେ ଚାହିଁଲେ ହସ୍ତୀ ତାଙ୍କୁ ପଦତଳେ ପେଷି ବିନାଶ କରିପକାଉ । କିନ୍ତୁ ଯେପରି ଲୌହପିଣ୍ଡକୁ ପେଷିପକାଇବା ହସ୍ତୀର ଅସାଧ୍ୟ, ପ୍ରହ୍ଲାଦର ଦେହ ମଧ୍ୟ ତଦ୍ରୂପ ହସ୍ତୀପଦତଳେ ଲୌହପିଣ୍ଡବତ୍ ପିଷ୍ଟ ହେଲା ନାହିଁ । ସୁତରାଂ ପ୍ରହ୍ଲାଦଙ୍କୁ ବିନାଶ କରିବାର ଏହି ଉପାୟ ବିଫଳ ହେଲା ।

ପରେ ରାଜା ପ୍ରହ୍ଲାଦଙ୍କୁ ଗୋଟାଏ ଉଚ୍ଚ ଗିରିଶୃଙ୍ଗରୁ ଭୂତଳକୁ ପକାଇଦେବା ପାଇଁ ଆଦେଶ କଲେ । ତାଙ୍କର ଏ ଆଦେଶ ମଧ୍ୟ ଯଥାଯଥ ପ୍ରତିପାଳିତ ହେଲା । କିନ୍ତୁ ପ୍ରହ୍ଲାଦଙ୍କ ହୃଦୟରେ ବିଷ୍ଣୁ ବାସ କରୁଥିଲେ; ସୁତରାଂ ପୁଷ୍ପ ଯେପରି ଧୀରେ ଧୀରେ ତୃଣ ଉପରେ ପତିତ ହୁଏ, ପ୍ରହ୍ଲାଦ ମଧ୍ୟ ତଦ୍ରୂପ ଅକ୍ଷତ ଦେହରେ ଭୂତଳରେ ପତିତ ହେଲେ । ପ୍ରହ୍ଲାଦଙ୍କୁ ବିନାଶ କରିବା ପାଇଁ ଅତଃପର ବିଷ, ଅଗ୍ନି, ଅନାହାର-ଦଣ୍ଡ, କୂପପାତନ, ଅଭିଚାର ଓ ଅନ୍ୟାନ୍ୟ ନାନାବିଧ ଉପାୟ ଗୋଟିକ ପରେ ଗୋଟିଏ ଅବଲମ୍ବିତ ହେଲା; କିନ୍ତୁ ଏ ସକଳ ଉପାୟରେ କୌଣସି ଫଳ ହେଲା ନାହିଁ । ପ୍ରହ୍ଲାଦଙ୍କ ହୃଦୟରେ ବିଷ୍ଣୁ ବାସ କରୁଥିଲେ; ସୁତରାଂ ଏସବୁ କାର୍ଯ୍ୟ କୌଣସିପ୍ରକାରେ ତାଙ୍କର ତିଳେ ମାତ୍ର ଅନିଷ୍ଟ କରିପାରିଲା ନାହିଁ ।

କୌଣସି ଉପାୟରେ ପୁତ୍ରର ନିଧନ ସାଧନ କରି ନ ପାରିବାରୁ ରାଜା ଅବଶେଷରେ

ଆଦେଶ କଲେ, ପାତାଳରୁ ନାଗଗଣଙ୍କୁ ଆହ୍ୱାନ କରି ସେହି ନାଗଙ୍କ ଦଂଶନରେ ପ୍ରହ୍ଲାଦଙ୍କୁ ବଧ କରି ସମୁଦ୍ରରେ ପକାଇ ଦିଆଯାଉ ଏବଂ ତାଙ୍କ ଉପରେ ବଡ଼ ବଡ଼ ପାହାଡ଼ ସ୍ତୂପାକାର କରିଦିଆଯାଉ । ଏହି ଅବସ୍ଥାରେ ତାଙ୍କୁ ରଖାଯାଉ; ତାହାହେଲେ ସଙ୍ଗେ ସଙ୍ଗେ ନ ହେଲେ ମଧ୍ୟ କିଛି କାଳ ପରେ ସେ ବିନଷ୍ଟ ହୋଇଯିବେ । କିନ୍ତୁ ପିତାଦେଶରେ ଏହି ଅବସ୍ଥାରେ ପତିତ ହୋଇ ମଧ୍ୟ ସେ 'ହେ ବିଷ୍ଣୋ ! ହେ ଜଗତ୍‌ପତେ ' ହେ ସୌନ୍ଦର୍ଯ୍ୟନିଧେ !' ଇତ୍ୟାଦି ବୋଲି ସମ୍ବୋଧନ କରି ତାଙ୍କର ପରମ ପ୍ରିୟତମ ବିଷ୍ଣୁଙ୍କର ସ୍ତବ କରିବାକୁ ଲାଗିଲେ । ଏହିପରି ଭାବରେ ବିଷ୍ଣୁଙ୍କର ଚିନ୍ତା ଓ ତାଙ୍କର ଧ୍ୟାନ କରୁ କରୁ ସେ କ୍ରମେ ଅନୁଭବ କଲେ, ବିଷ୍ଣୁ ତାଙ୍କର ଅତି ନିକଟରେ ରହିଛନ୍ତି; ଆହୁରି ଚିନ୍ତା କରୁ କରୁ ଅନୁଭବ କଲେ, ବିଷ୍ଣୁ ତାଙ୍କ ଆତ୍ମା ଭିତରେ ହିଁ ରହିଛନ୍ତି । ଅବଶେଷରେ ତାଙ୍କର ଅନୁଭବ ହେଲା ଯେ, ସେ ନିଜେ ବିଷ୍ଣୁ, ସେ ହିଁ ସକଳ ବସ୍ତୁ ଏବଂ ସେ ସର୍ବତ୍ର ବିରାଜିତ ।

ଯେତେବେଳେ ପ୍ରହ୍ଲାଦଙ୍କର ଏପରି ଅଦ୍ୱୈତାନୁଭବ ହେଲା, ସଙ୍ଗେ ସଙ୍ଗେ ତାଙ୍କର ନାଗପାଶ ଫିଟିଗଲା, ତାଙ୍କ ଉପରେ ଯେଉଁ ପର୍ବତଶ୍ରେଣୀ ଚପାଇ ଦିଆ ହୋଇଥିଲା, ତାହା ଗୁଣ୍ଡ ହୋଇଗଲା; ସେତେବେଳେ ସମୁଦ୍ର ସ୍ଫୀତ ହୋଇ ଉଠିଲା ଓ ସେ ଧୀରେ ଧୀରେ ତରଙ୍ଗରାଜି ଉପରକୁ ଉତ୍ଥିତ ହୋଇ ନିରାପଦରେ ସମୁଦ୍ରକୂଳକୁ ଆଗମନ କଲେ । ପ୍ରହ୍ଲାଦ ସେତେବେଳେ, ସେ ଯେ ଜଣେ ଦୈତ୍ୟ, ତାଙ୍କର ଯେ ଗୋଟାଏ ମର୍ତ୍ତ୍ୟ ଦେହ ଅଛି, ଏ କଥା ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଥିଲେ; ସେ ଉପଲବ୍ଧି କରୁଥିଲେ ଯେ, ସେ ସମଗ୍ର ବ୍ରହ୍ମାଣ୍ଡ-ସ୍ୱରୂପ—ବ୍ରହ୍ମାଣ୍ଡର ସମୁଦାୟ ଶକ୍ତି ତାଙ୍କଠାରୁ ନିର୍ଗତ ହେଉଛି । ଜଗତରେ ଏପରି କିଛି ନାହିଁ, ଯାହା ତାଙ୍କର କିଛି ଅନିଷ୍ଟ କରିପାରେ, ସେହି ଏକା ହିଁ ସମଗ୍ର ଜଗତର—ସମଗ୍ର ପ୍ରକୃତିର ନିୟନ୍ତାସ୍ୱରୂପ । ପ୍ରହ୍ଲାଦ ଏହି ଉପଲବ୍ଧିବଳରେ ସମାଧିଜନିତ ଅବିଚ୍ଛିନ୍ନ ପରମାନନ୍ଦରେ ନିମଗ୍ନ ହୋଇ ବହୁକାଳ ଯାପନ କଲେ । ବହୁକାଳ ପରେ ଧୀରେ ଧୀରେ ତାଙ୍କର ଦେହଜ୍ଞାନ ଆବିର୍ଭୂତ ହେଲା; ସେ ନିଜକୁ ପ୍ରହ୍ଲାଦ ବୋଲି ବୁଝିବାକୁ ଲାଗିଲେ । ଏହିପରି ଭାବରେ ଦେହଜ୍ଞାନ ପୁଣି ଆବିର୍ଭୂତ ହେବାରୁ ସେ ଦେଖିବାକୁ ଲାଗିଲେ, ଭଗବାନ ଅନ୍ତରରେ ଓ ବାହାରେ ସର୍ବତ୍ର ରହିଛନ୍ତି । ସେତେବେଳେ ଜଗତର ସକଳ ବସ୍ତୁ ହିଁ ତାଙ୍କୁ ବିଷ୍ଣୁ ବୋଲି ବୋଧ ହେବାକୁ ଲାଗିଲା ।

ଯେତେବେଳେ ଦୈତ୍ୟରାଜ ହିରଣ୍ୟକଶିପୁ ଦେଖିଲେ ଯେ, ତାଙ୍କର ଶତ୍ରୁ ଭଗବାନ ବିଷ୍ଣୁଙ୍କର ପରମଭକ୍ତ ନିଜ ପୁତ୍ର ପ୍ରହ୍ଲାଦର ବିନାଶାର୍ଥେ ଯେତେ ପ୍ରକାର ଉପାୟ ହୋଇ-ପାରେ ତତ୍‌ସମୁଦାୟ ବିଫଳ ହେଲା, ସେତେବେଳେ ସେ ଅତ୍ୟନ୍ତ ଭୀତତ୍ରସ୍ତ ଓ କିଂକର୍ତ୍ତବ୍ୟ-ବିମୂଢ଼ ହୋଇପଡ଼ିଲେ । ସେତେବେଳେ ଦୈତ୍ୟରାଜ ପୁନରାୟ ପୁତ୍ରକୁ ନିଜ ସନ୍ନିଧାନକୁ ଆନୟନ କରାଇଲେ ଏବଂ ନାନାପ୍ରକାର ମିଷ୍ଟ ବାକ୍ୟ କହି ତାଙ୍କୁ ପୁଣି ବୁଝାଇବାକୁ ଚେଷ୍ଟା କଲେ । କିନ୍ତୁ ପ୍ରହ୍ଲାଦ ପୂର୍ବେ ପିତାଙ୍କ ନିକଟରେ ଯେପରି ଉତ୍ତର ଦେଉଥିଲେ, ଏବେ ମଧ୍ୟ ସେହି ଗୋଟିଏ ଉତ୍ତର ଦେଲେ । ହିରଣ୍ୟକଶିପୁ ଭାବିଲେ, ଶିକ୍ଷା ଓ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ଏହାର ଶିଶୁକାଳର ଏହିସବୁ ଖିଆଲ ଭୁଲିଯିବ । ଏହା ଭାବି ସେ ପୁତ୍ରଙ୍କୁ

ପ୍ରହ୍ଲାଦଙ୍କୁ ଷଣ୍ଡାମର୍କ ହସ୍ତରେ ଅର୍ପଣ କରି ସେମାନଙ୍କୁ ରାଜଧର୍ମ ଶିକ୍ଷା ଦେବାକୁ ଅନୁମତି ଦେଲେ । ଷଣ୍ଡାମର୍କ ପ୍ରହ୍ଲାଦଙ୍କୁ ନେଇ ରାଜଧର୍ମ ସମ୍ବନ୍ଧରେ ଉପଦେଶ ଦେବାକୁ ଲାଗିଲେ, କିନ୍ତୁ ସେ ଉପଦେଶ ପ୍ରହ୍ଲାଦଙ୍କୁ ଭଲ ଲାଗୁ ନ ଥିଲା, ସେ ସୁଯୋଗ ପାଇଲେ ହିଁ ସହପାଠୀ ବାଳକଗଣଙ୍କୁ ଭଗବାନ ବିଷ୍ଣୁଙ୍କ ପ୍ରତି ଭକ୍ତିଯୋଗ ଶିକ୍ଷା ଦେଇ କାଳଯାପନ କଲେ ।

ଯେତେବେଳେ ହିରଣ୍ୟକଶିପୁଙ୍କ ନିକଟରେ ଏହି ସମାଚାର ପହଞ୍ଚିଲା ଯେ, ପ୍ରହ୍ଲାଦ ନିଜ ସହପାଠୀ ଶିଶୁଗଣଙ୍କୁ ପର୍ଯ୍ୟନ୍ତ ବିଷ୍ଣୁଙ୍କର ଉପାସନା କରିବା ପାଇଁ ଶିଖାଉଛନ୍ତି, ସେତେବେଳେ ସେ ପୁଣି କ୍ରୋଧରେ ଉନ୍ମତ୍ତ ହୋଇଉଠିଲେ ଏବଂ ପ୍ରହ୍ଲାଦଙ୍କୁ ନିଜ ସମୀପକୁ ଡକାଇ ଆଣି ତାଙ୍କୁ ମାରି ପକାଇବାର ଭୟ ଦେଖାଇଲେ । ଯେତେବେଳେ ସେ ବିଷ୍ଣୁଙ୍କୁ ଅକଥ୍ୟ ଭାଷାରେ ନିନ୍ଦା କରିବାକୁ ଲାଗିଲେ, ପ୍ରହ୍ଲାଦ ସେତେବେଳେ ଦୃଢ଼ତାର ସହିତ କହିବାକୁ ଲାଗିଲେ ଯେ, 'ବିଷ୍ଣୁ ସମଗ୍ର ଜଗତର ଅଧୀଶ୍ୱର, ସେ ଅନାଦି, ଅନନ୍ତ, ସର୍ବଶକ୍ତିମାନ୍ ଓ ସର୍ବବ୍ୟାପୀ ଏବଂ ସେ ହିଁ ଏକମାତ୍ର ଉପାସ୍ୟ ।' ଏକଥା ଶୁଣି ହିରଣ୍ୟକଶିପୁ ଗର୍ଜ୍ଜନ ତର୍ଜ୍ଜନ କରି କହିଲେ, 'ରେ ଦୁଷ୍ଟ ! ଯଦି ତୋର ବିଷ୍ଣୁ ସର୍ବବ୍ୟାପୀ, ତେବେ ସେ କ'ଣ ଏ ସ୍ତମ୍ଭରେ ମଧ୍ୟ ଅଛି ?' ପ୍ରହ୍ଲାଦ ବିନୀତଭାବରେ କହିଲେ, 'ହଁ, ସେ ଅବଶ୍ୟ ଏହି ସ୍ତମ୍ଭରେ ଅଛନ୍ତି ।' ସେତେବେଳେ ହିରଣ୍ୟକଶିପୁ କହିଲେ—'ଆଚ୍ଛା ତାହା ହିଁ ଯଦି ହୁଏ, ତେବେ ମୁଁ ବର୍ତ୍ତମାନ ତୋତେ ତରବାରିରେ ଆଘାତ କରୁଛି, ତୋ ବିଷ୍ଣୁ ତୋତେ ରକ୍ଷା କରୁ ।' ଏହା କହି ଦୈତ୍ୟରାଜ ତରବାରିହସ୍ତରେ ପ୍ରହ୍ଲାଦଙ୍କ ଆଡ଼କୁ ଦ୍ରୁତ ଅଗ୍ରସର ହେଲେ ଏବଂ ସ୍ତମ୍ଭ ଉପରେ ପ୍ରଚଣ୍ଡ ତରବାରି-ଆଘାତ କଲେ । ତତ୍‌କ୍ଷଣାତ୍ ସ୍ତମ୍ଭ ମଧ୍ୟରୁ ବଜ୍ରନିର୍ଘୋଷ ଉତ୍‌ଥିତ ହେଲା; ବିଷ୍ଣୁ ନୃସିଂହ ମୂର୍ତ୍ତି ଧାରଣ କରି ସ୍ତମ୍ଭ ମଧ୍ୟରୁ ନିର୍ଗତ ହେଲେ । ସହସା ଏ ଭୀଷଣ ମୂର୍ତ୍ତି ଦର୍ଶନରେ ଚକିତ ଓ ଭୀତ ହୋଇ ଦୈତ୍ୟଗଣ ଇତସ୍ତତଃ ପଳାୟନ କରିବାକୁ ଲାଗିଲେ । ହିରଣ୍ୟକଶିପୁ ତାଙ୍କ ସହିତ ବହୁକ୍ଷଣ ପର୍ଯ୍ୟନ୍ତ ପ୍ରାଣପଣେ ଯୁଦ୍ଧ କଲେ; କିନ୍ତୁ ଅବଶେଷରେ ଭଗବାନ ନୃସିଂହଙ୍କ କର୍ତ୍ତୃକ ପରାଭୂତ ଓ ନିହତ ହେଲେ ।

ସେତେବେଳେ ସ୍ୱର୍ଗରୁ ଦେବଗଣ ଆଗମନ କରି ବିଷ୍ଣୁଙ୍କର ସ୍ତବ କରିବାକୁ ଲାଗିଲେ । ପ୍ରହ୍ଲାଦ ମଧ୍ୟ ଭଗବାନ ନୃସିଂହଦେବଙ୍କ ଚରଣରେ ନିପତିତ ହୋଇ ପରମ ମନୋହର ସ୍ତବ କଲେ । ସେତେବେଳେ ଭଗବାନ ପ୍ରସନ୍ନ ହୋଇ ପ୍ରହ୍ଲାଦଙ୍କୁ କହିଲେ, 'ବତ୍ସ ପ୍ରହ୍ଲାଦ ! ତୁମେ ମୋ ନିକଟରେ ଯାହା ଇଚ୍ଛା ବର ପ୍ରାର୍ଥନା କର । ବତ୍ସ ! ତୁମେ ମୋର ପରମ ପ୍ରିୟପାତ୍ର । ଅତଏବ ତୁମର ଯାହା ଇଚ୍ଛା ତାହା ତୁମେ ମୋ ନିକଟରେ ପ୍ରାର୍ଥନା କର ।' ପ୍ରହ୍ଲାଦ ଭକ୍ତିଗଦ୍‌ଗଦ୍ ସ୍ୱରରେ କହିଲେ, 'ପ୍ରଭୋ, ମୁଁ ଆପଣଙ୍କୁ ଦର୍ଶନ କଲି, ଏହା ବ୍ୟତୀତ ମୋର ଆଉ କ'ଣ ପ୍ରାର୍ଥନୀୟ ଥାଇପାରେ ? ଆପଣ ଆଉ ମୋତେ ଐହିକ ବା ପାରତ୍ରିକ କୌଣସି ପ୍ରକାର ଐଶ୍ୱର୍ଯ୍ୟର ପ୍ରଲୋଭନ ଦେଖାନ୍ତୁ ନାହିଁ ।' ଭଗବାନ୍ ପୁନରାୟ କହିଲେ, 'ପ୍ରହ୍ଲାଦ ! ତୁମର ନିଷ୍କାମଭକ୍ତି ଦେଖି ମୁଁ ପରମ ପ୍ରୀତ ହେଲି । ତଥାପି ମୋ ଦର୍ଶନ ବୃଥା ହୁଏ ନାହିଁ । ଅତଏବ ମୋ ନିକଟରେ ଯେକୌଣସି ଗୋଟିଏ ବର ପ୍ରାର୍ଥନା କର ।' ଏହା ଶୁଣି ପ୍ରହ୍ଲାଦ କହିଲେ—

'ଅଜ୍ଞାନ ବ୍ୟକ୍ତିର ବିଷୟ ପ୍ରତି ଯେପରି ତୀବ୍ର ଆସକ୍ତି ଥାଏ, ତୁମକୁ ସ୍ମରଣ କରିବା ସମୟରେ ମୋର ଯେପରି ସେହିଭଳି ତୀବ୍ର ଅନୁରାଗ ହୁଏ ଏବଂ ମୋର ହୃଦୟରୁ ତାହା ଯେପରି ଅପସୃତ ନ ହୁଏ।'*

ସେତେବେଳେ ଭଗବାନ କହିଲେ, 'ବତ୍ସ ପ୍ରହ୍ଲାଦ! ଯଦ୍ୟପି ମୋର ପରମ ଭକ୍ତଗଣ ଇହଲୋକ ବା ପରଲୋକର କୌଣସି ପ୍ରକାର କାମ୍ୟବସ୍ତୁ ଆକାଙ୍କ୍ଷା କରନ୍ତି ନାହିଁ, ତଥାପି ତୁମେ ମୋ ଆଦେଶରେ ସର୍ବଦା ମୋଠାରେ ମନ ରଖି କଳ୍ପାନ୍ତ ପର୍ଯ୍ୟନ୍ତ ଐଶ୍ୱର୍ଯ୍ୟ ଭୋଗ ଓ ପୁଣ୍ୟକର୍ମସମୂହର ଅନୁଷ୍ଠାନ କର। ଯଥାସମୟରେ କଳ୍ପାନ୍ତରେ ଦେହପାତ ହେଲେ ମୋତେ ଲାଭ କରିବ।' ଏହିପରି ଭାବରେ ପ୍ରହ୍ଲାଦଙ୍କୁ ବର ଦେଇ ଭଗବାନ ନୃସିଂହ ଅନ୍ତର୍ହିତ ହେଲେ। ସେତେବେଳେ ବ୍ରହ୍ମାପ୍ରମୁଖ ଦେବଗଣ ପ୍ରହ୍ଲାଦଙ୍କୁ ଦୈତ୍ୟରାଜ୍ୟରେ ଅଭିଷିକ୍ତ କରି ସ୍ୱ-ସ୍ୱ ଲୋକକୁ ପ୍ରସ୍ଥାନ କଲେ।

# ଜଗତର ମହତ୍ତମ ଆଚାର୍ଯ୍ୟଗଣ

[ ୧୯୦୦ ଖ୍ରୀଷ୍ଟାବ୍ଦ ଫେବୃଆରି ୩ ତାରିଖ ଦିନ ପ୍ୟାସାଡେନାର ସେକ୍ସପିୟର୍ ସମିତିରେ ପ୍ରଦତ୍ତ ବକ୍ତୃତା ]

ହିନ୍ଦୁମାନଙ୍କ ମତାନୁସାରେ ଏହି ଜଗତ ତରଙ୍ଗାକାରରେ ବିଭିନ୍ନ ଯୁଗପ୍ରବାହରେ ଚାଲୁଛି। ତରଙ୍ଗ ଥରେ ଉଠିଲା, ସର୍ବୋଚ୍ଚ ଶିଖରକୁ ଉଠିଲା, ତା'ପରେ ପଡ଼ିଲା, କିଛି କାଳ ପାଇଁ ପଡ଼ି ରହିଲା; ପୁଣି ପ୍ରବଳ ତରଙ୍ଗାକାର ଧାରଣ କରି ଉଠିବ। ଏହିପରି ଭାବରେ ଉତ୍ଥାନ ପରେ ଉତ୍ଥାନ ଓ ପତନ ପରେ ପତନ ଚାଲିଥିବ। ସମଗ୍ର ବ୍ରହ୍ମାଣ୍ଡ ବା ସମଷ୍ଟି ସମ୍ବନ୍ଧରେ ଯାହା ସତ୍ୟ ତାହାର ପ୍ରତ୍ୟେକ ଅଂଶ ବା ବ୍ୟଷ୍ଟି ସମ୍ବନ୍ଧରେ ମଧ୍ୟ ସେହି କଥା ସତ୍ୟ। ମନୁଷ୍ୟସମାଜର ସକଳ ବ୍ୟାପାର ଏହିପରି ତରଙ୍ଗଗତିରେ ହିଁ ହୋଇଥାଏ। ବିଭିନ୍ନ ଜାତିର ଇତିହାସ ମଧ୍ୟ ଏହି ସତ୍ୟର ସାକ୍ଷ୍ୟ ଦେଇଥାଏ। ବିଭିନ୍ନ ଜାତିସମୂହ ଉଠୁଛି ପୁଣି ପଡ଼ୁଛି, ଉତ୍ଥାନ ପରେ ପତନ ହେଉଛି। ସେହି ପତନ ପରେ ପୁଣି ପୂର୍ବାପେକ୍ଷା ଅଧିକତର ଶକ୍ତିରେ ପୁନରୁତ୍ଥାନ ହୋଇଥାଏ। ଏହିପରି ତରଙ୍ଗର ଗତି ସର୍ବଦା ଚାଲିଛି। ଧର୍ମଜଗତରେ ମଧ୍ୟ ଏହିପରି ଗତି ଦେଖିବାକୁ ମିଳେ। ପ୍ରତ୍ୟେକ ଜାତିର ଆଧ୍ୟାତ୍ମିକ ଜୀବନରେ ଏହିପରି ଉତ୍ଥାନ ପତନ ହୋଇଥାଏ। ଜାତିବିଶେଷର ଅଧଃପତନ ହେଲା, ବୋଧହେଲା ଯେପରି କି ତାହାର ଜୀବନୀ-ଶକ୍ତି ପୂରାପୂରି ନଷ୍ଟ ହୋଇଗଲା। କିନ୍ତୁ ସେହି ଅବସ୍ଥାରେ ତାହା ଧୀରେ ଧୀରେ ଶକ୍ତି ସଞ୍ଚୟ କରୁଥାଏ ଓ କ୍ରମେ ନବବଳରେ ବଳୀୟାନ୍ ହୋଇ ପୁଣି ପ୍ରବଳ ବେଗରେ ଜାଗିଉଠେ। ସେତେବେଳେ ଏକ ମହାତରଙ୍ଗର ଆବିର୍ଭାବ ହୁଏ। ସମୟ ସମୟରେ ତାହା ମହାବନ୍ୟାର

* ଯା ପ୍ରୀତିରବିବେକାନାଂ ବିଷୟେଷ୍ୱନପାୟିନୀ।
ତ୍ୱାମନୁସ୍ମରତଃ ସା ମେ ହୃଦୟାନ୍ମାଽପସର୍ପତୁ ॥—ବିଷ୍ଣୁପୁରାଣ, ୧।୨୦।୧୯

ଆକାର ଧାରଣ କରି ଆସେ, ଆଉ ସବୁବେଳେ ହିଁ ଦେଖାଯାଏ, ସେହି ତରଙ୍ଗର ଶୀର୍ଷ-ଦେଶରେ ଜଣେ ମହାପୁରୁଷ ସ୍ୱୀୟ ଜ୍ୟୋତିରେ ଚତୁର୍ଦ୍ଦିଗ ଉଦ୍ଭାସିତ କରି ବିରାଜିତ ହୋଇଛନ୍ତି । ଏକ ଦିଗରେ ତାଙ୍କର ଶକ୍ତିରେ ସେହି ତରଙ୍ଗର, ସେହି ମହାଜାତିର ଅଭ୍ୟୁତ୍ଥାନ; ଅପର ଦିଗରେ ପୁଣି ଯେଉଁ ସମସ୍ତ ଶକ୍ତିରୁ ସେହି ତରଙ୍ଗର ଉଦ୍ଭବ, ସେ ମଧ୍ୟ ସେସବୁର ହିଁ ଫଳସ୍ୱରୂପ । ଉଭୟେ ଯେପରି ପରସ୍ପର ପରସ୍ପର ଉପରେ କ୍ରିୟା ପ୍ରତିକ୍ରିୟା କରୁଛନ୍ତି । ସୁତରାଂ ତାଙ୍କୁ ଏକ ହିସାବରେ ସ୍ରଷ୍ଟା ବା ଜନକ, ପୁଣି ଅପର ହିସାବରେ ସୃଷ୍ଟ ବା ଜନ୍ୟ କୁହାଯାଇପାରେ । ସମାଜ ଉପରେ ସେ ତାଙ୍କର ପ୍ରବଳ ଶକ୍ତି ପ୍ରୟୋଗ କରନ୍ତି, ପୁଣି ସେ ଯେଉଁ ଶକ୍ତିର ଆଧାର ରୂପେ ଅଭ୍ୟୁଦିତ ହୁଅନ୍ତି, ସମାଜ ହିଁ ତାହାର କାରଣ । ଏହିମାନେ ହିଁ ଜଗତର ଚିନ୍ତାନାୟକ, ପ୍ରେରିତ ପୁରୁଷ, ଜୀବନର ବାର୍ତ୍ତାବହ, ଈଶ୍ୱରାବତାର ।

କେତେକ ଲୋକଙ୍କର ଧାରଣା, ଜଗତରେ କେବଳ ଗୋଟିଏ ମାତ୍ର ଧର୍ମ ହେବା ସମ୍ଭବ । ସେମାନଙ୍କ ମତରେ ଧର୍ମାଚାର୍ଯ୍ୟ ବା ଈଶ୍ୱରାବତାର ମଧ୍ୟ ଜଣେ ମାତ୍ର ହୋଇପାରନ୍ତି; କିନ୍ତୁ ଏ ଧାରଣା ସତ୍ୟ ନୁହେଁ । ଏହିସବୁ ମହାପୁରୁଷଙ୍କର ଜୀବନ ଆଲୋଚନା କଲେ ଦେଖାଯାଏ, ପ୍ରତ୍ୟେକେ ଯେପରି ଗୋଟିଏ—କେବଳ ଗୋଟିଏ ଭୂମିକାରେ ଅଭିନୟ କରିବା ପାଇଁ ବିଧାତା-କର୍ତ୍ତୃକ ନିର୍ଦ୍ଦିଷ୍ଟ; ବିଭିନ୍ନ ସ୍ୱରର ସମନ୍ୱୟରେ ହିଁ ଐକ୍ୟତାନର ସୃଷ୍ଟି—କେବଳ ଗୋଟିଏ ସ୍ୱରରେ ନୁହେଁ । ବିଭିନ୍ନ ଜାତିସମୂହର ଜୀବନାଲୋଚନାରେ ମଧ୍ୟ ଦେଖାଯାଏ, କୌଣସି ଜାତିବିଶେଷ କେବେହେଲେ ସମଗ୍ର ଜଗତକୁ ଭୋଗ କରିବାର ଅଧିକାରୀ ହୋଇ ଜନ୍ମ ଗ୍ରହଣ କରେ ନାହିଁ । କୌଣସି ଜାତି ମଧ୍ୟ ସାହସ କରି କହିପାରିବ ନାହିଁ ଯେ, ଆମେମାନେ କେବଳ ସମଗ୍ର ଜଗତର—ସମଗ୍ର ଭୋଗର ଅଧିକାରୀ ହୋଇ ଜନ୍ମିଛୁ । ପ୍ରକୃତପକ୍ଷରେ ବିଧିନିର୍ଦ୍ଦିଷ୍ଟ ଏହି ଜାତିସମୂହର ଐକ୍ୟତାନରେ ପ୍ରତ୍ୟେକ ଜାତି ହିଁ ନିଜ ନିଜର ଭୂମିକା-ବିଶେଷର ଅଭିନୟ କରିବାକୁ ଆସିଛନ୍ତି । ପ୍ରତ୍ୟେକ ଜାତିକୁ ହିଁ ବ୍ରତବିଶେଷ ଉଦ୍‌ଯାପନ କରିବାକୁ ହୁଏ, କର୍ତ୍ତବ୍ୟ ପାଳନ କରିବାକୁ ହୁଏ । ଏ ସମୁଦାୟର ସମଷ୍ଟି ହିଁ ମହାସମନ୍ୱୟ—ମହା ଐକ୍ୟତାନସ୍ୱରୂପ ।

ଜାତି ସମ୍ବନ୍ଧରେ ଯାହା କୁହାଗଲା, ଏହିସବୁ ମହାପୁରୁଷଙ୍କ ସମ୍ବନ୍ଧରେ ମଧ୍ୟ ସେହି କଥା ପ୍ରଯୋଜ୍ୟ । ଏମାନଙ୍କ ଭିତରୁ କେହି ଚିରକାଳ ପାଇଁ ସମଗ୍ର ଜଗତ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଆସି ନାହାନ୍ତି । ଏପର୍ଯ୍ୟନ୍ତ କେହି ଏଥିରେ କୃତକାର୍ଯ୍ୟ ହୋଇ ନାହାନ୍ତି, କିମ୍ବା ଭବିଷ୍ୟତରେ ମଧ୍ୟ ହେବେ ନାହିଁ । ମାନବଜାତିର ସମଗ୍ର ଶିକ୍ଷାର ଏକାଂଶମାତ୍ର ପ୍ରତ୍ୟେକଙ୍କର ଅବଦାନ । ସୁତରାଂ ଏହା ସତ୍ୟ ଯେ, ପ୍ରତ୍ୟେକ ମହାପୁରୁଷ ଗୋଟିଏ ନିର୍ଦ୍ଦିଷ୍ଟ କାଳ ପାଇଁ ଭାଗ୍ୟବିଧାତା ହେବେ ।

ଆମମାନଙ୍କ ମଧ୍ୟରୁ ଅଧିକାଂଶ ଆଜନ୍ମ ବ୍ୟକ୍ତିନିର୍ଭର ଧର୍ମରେ ବିଶ୍ୱାସୀ । ଆମେମାନେ ସୂକ୍ଷ୍ମତତ୍ତ୍ୱ ଓ ନାନା ମତାମତ ସମ୍ବନ୍ଧରେ ଅନେକ କଥା କହୁଥାଉଁ ସତ; କିନ୍ତୁ ଆମମାନଙ୍କର ପ୍ରତ୍ୟେକ ଚିନ୍ତା, ପ୍ରତ୍ୟେକ ଆଚରଣ, ପ୍ରତ୍ୟେକ କାର୍ଯ୍ୟ ଦେଖାଇଦିଏ ଯେ, ବ୍ୟକ୍ତିବିଶେଷଙ୍କ ଭିତରେ ପ୍ରକଟିତ ହେଲେ ହିଁ ଆମେମାନେ ତତ୍ତ୍ୱବିଶେଷ ଧାରଣା କରିବାକୁ ସମର୍ଥ ହେଉ ।

ଆମେମାନେ ସେତେବେଳେ ହିଁ ଭାବବିଶେଷର ଧାରଣାରେ ସମର୍ଥ ହେଉ, ଯେତେବେଳେ ତାହା ଆମମାନଙ୍କ ସ୍ଥୂଳ ଦୃଷ୍ଟିରେ ପ୍ରତିଭାତ ଆଦର୍ଶ ପୁରୁଷବିଶେଷଙ୍କ ଚରିତ୍ରରେ ରୂପାୟିତ ହୁଏ । ଆମେମାନେ କେବଳ ଦୃଷ୍ଟାନ୍ତର ସହାୟତାରେ ଉପଦେଶ ବୁଝିପାରୁ । ଈଶ୍ୱରେଚ୍ଛାରେ ଯଦି ଆମେମାନେ ସମସ୍ତେ ଏତେଦୂର ଉନ୍ନତ ହୋଇଥାନ୍ତୁ ଯେ, ତତ୍ତ୍ୱବିଶେଷର ଧାରଣା କରିବାକୁ ଆମମାନଙ୍କର ଦୃଷ୍ଟାନ୍ତ ବା ଆଦର୍ଶ ବ୍ୟକ୍ତିବିଶେଷର ପ୍ରୟୋଜନ ହୁଅନ୍ତା ନାହିଁ, ତେବେ ନିଶ୍ଚୟ ଏହା ଖୁବ୍ ଭଲ ହୁଅନ୍ତା, ଏଥିରେ ସନ୍ଦେହ ନାହିଁ । କିନ୍ତୁ ବସ୍ତୁତଃ ଆମେମାନେ ସେତେଦୂର ଉନ୍ନତ ନୋହୁଁ । ସୁତରାଂ ସ୍ୱଭାବତଃ—ଅଧିକାଂଶ ମାନବ ଏହି ଅସାଧାରଣ ପୁରୁଷଗଣଙ୍କର, ଏହି ଈଶ୍ୱରାବତାରଗଣଙ୍କର—ଖ୍ରୀଷ୍ଟିୟାନ-ବୌଦ୍ଧ-ହିନ୍ଦୁମାନଙ୍କ ଦ୍ୱାରା ପୂଜିତ ଏହି ଅବତାରଗଣଙ୍କର ଚରଣରେ ଆତ୍ମସମର୍ପଣ କରିଆସିଛନ୍ତି । ମୁସଲମାନ-ମାନେ ପ୍ରଥମରୁ ହିଁ ଏପରି ଉପାସନା ବିରୋଧରେ ଛିଡ଼ା ହୋଇଛନ୍ତି । ସେମାନେ କୌଣସି ପ୍ରଫେଟ୍ ବା ଈଶ୍ୱରଦୂତ ବା ଅବତାରଙ୍କ ଉପାସନାର ବା ତାଙ୍କୁ କୌଣସି ପ୍ରକାର ସମ୍ମାନ ପ୍ରଦର୍ଶନର ସମ୍ପୂର୍ଣ୍ଣ ବିରୋଧୀ । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଦେଖିବାକୁ ମିଳେ ଯେ, ଜଣେ ପ୍ରଫେଟ୍ ବା ଅବତାର ପରିବର୍ତ୍ତେ ସେମାନେ ସହସ୍ର ସହସ୍ର ସାଧୁ-ମହାପୁରୁଷଙ୍କର ପୂଜା କରୁଛନ୍ତି । ପ୍ରତ୍ୟକ୍ଷ ଘଟଣାକୁ ତ ଆଉ ଅସ୍ୱୀକାର କରାଯାଇପାରେ ନାହିଁ । ପ୍ରକୃତ କଥା ଏହି ଯେ, ଆମେମାନେ ବ୍ୟକ୍ତିବିଶେଷଙ୍କୁ ଉପାସନା ନ କରି ରହିପାରୁ ନାହିଁ, ଆଉ ଏପରି ଉପାସନା ଆମମାନଙ୍କ ପକ୍ଷରେ ହିତକର । ତୁମମାନଙ୍କର ଅବତାର ଯୀଶୁଖ୍ରୀଷ୍ଟଙ୍କୁ ଯେତେବେଳେ ଲୋକମାନେ କହିଥିଲେ, 'ପ୍ରଭୁ ! ଆମମାନଙ୍କୁ ସେହି ପରମପିତା ପରମେଶ୍ୱରଙ୍କୁ ଦେଖାନ୍ତୁ', ସେ ସେତେବେଳେ ଉତ୍ତର ଦେଇଥିଲେ, 'ଯେ ମୋତେ ଦେଖିଛି, ସେ ହିଁ ପିତାଙ୍କୁ ଦେଖିଛି ।' ତାଙ୍କର ଏ କଥାଟିକୁ ତୁମେମାନେ ସ୍ମରଣ କର । ଆମମାନଙ୍କ ମଧ୍ୟରେ ଏପରି କିଏ ଅଛି ଯେ ତାଙ୍କୁ ମାନବ ବ୍ୟତୀତ ଅନ୍ୟ ଭାବରେ କଳ୍ପନା କରିପାରେ ? ଆମେମାନେ ତାଙ୍କୁ କେବଳ ମାନବୀୟଭାବ ମଧ୍ୟରେ ଦର୍ଶନ କରିବାକୁ ସମର୍ଥ । ଏହି ବ୍ରହ୍ମାଣ୍ଡର ସର୍ବତ୍ର ତ ଆଲୋକ-ତରଙ୍ଗ ସ୍ପନ୍ଦିତ ହେଉଛି, ତେବେ ଆମେ ତାହା ଦେଖିପାରୁ ନାହୁଁ କାହିଁକି ? କେବଳ ପ୍ରଦୀପରେ ତାହାକୁ ଆମେ ଦେଖିବାକୁ ପାଉ । ସେହିପରି ଈଶ୍ୱର ସର୍ବବ୍ୟାପୀ ନିର୍ଗୁଣ ନିରାକାର ତତ୍ତ୍ୱବିଶେଷ ହେଲେ ହେଁ ଆମମାନଙ୍କର ମନର ଗଠନ ଏପରି ଯେ, ଆମେମାନେ ତାଙ୍କୁ କେବଳ ନରରୂପଧାରୀ ଅବତାରଙ୍କ ମଧ୍ୟରେ ଉପଲବ୍ଧି କରିପାରୁ, ଦର୍ଶନ କରିପାରୁ । ଯେତେବେଳେ ଏହି ମହାଜ୍ୟୋତିଷ୍କଗଣଙ୍କର ଆବିର୍ଭାବ ହୁଏ, ସେତେବେଳେ ମାନବ ଈଶ୍ୱରଙ୍କୁ ଉପଲବ୍ଧି କରିଥାଏ । ଆମେମାନେ ଜଗତକୁ ଯେପରି ଭାବରେ ଆସିଥାଉ, ସେମାନେ ସେପରି ଭାବରେ ଆସନ୍ତି ନାହିଁ । ଆମେମାନେ ଆସୁ ଭିଖାରୀ ପରି, ସେମାନେ ସମ୍ରାଟଙ୍କ ଭଳି ଆସନ୍ତି । ଆମେମାନେ ଏ ଜଗତକୁ ପିତୃମାତୃହୀନ ଅନାଥ ବାଳକ ପରି ଆସିଥାଉ, ଯେପରି କି ଆମେ ବାଟ ଭୁଲିଯାଇଛୁ—କୌଣସି ପ୍ରକାରେ ବାଟ ଖୋଜି ପାଉ ନାହୁଁ । ଆମେମାନେ ଏଠାରେ କିଂକର୍ତ୍ତବ୍ୟବିମୂଢ଼ ଭାବରେ ଘୂରୁଛୁ; ଆମମାନଙ୍କର ଜୀବନର ଉଦ୍ଦେଶ୍ୟ କଅଣ, ତାହା ଆମେମାନେ ଜାଣୁ ନାହିଁ କି ବୁଝିପାରୁ ନାହିଁ । ଆମେମାନେ ଆଜି

ଏକ ପ୍ରକାର କାମ କରୁଛୁ, କାଲି ପୁଣି ଅନ୍ୟ ପ୍ରକାର କରିବୁ । ଆମେମାନେ ଯେପରିକି କ୍ଷୁଦ୍ର କ୍ଷୁଦ୍ର ତୃଣଖଣ୍ଡ ପରି ସ୍ରୋତରେ ଇତସ୍ତତଃ ଭାସି ବୁଲୁଛୁ, ବାତ୍ୟାମୁଖରେ ଛୋଟ ଛୋଟ ଚଢ଼େଇ-ପର ପରି ଇତସ୍ତତଃ ବିକ୍ଷିପ୍ତ ହେଉଛୁ ।

କିନ୍ତୁ ମାନବଜାତିର ଇତିହାସ ଆଲୋଚନା କଲେ ଦେଖିବେ—ଏସବୁ ଅବତାର ଆସିଥାଆନ୍ତି; ଦେଖିବେ—ସେମାନଙ୍କର ଜୀବନବ୍ରତ ଯେପରି ଆଜନ୍ମ ନିର୍ଦ୍ଦିଷ୍ଟ ହୋଇ ରହିଛି, ଜନ୍ମରୁ ଯେପରି ସେମାନେ ସେମାନଙ୍କ ଜୀବନରେ କଅଣ କରିବାକୁ ହେବ ବୁଝିଛନ୍ତି ଓ ସ୍ଥିର କରିଛନ୍ତି । ସେମାନଙ୍କ ଜୀବନରେ କି କି କାର୍ଯ୍ୟ କରିବାକୁ ହେବ, ତାହା ଯେପରି ସେମାନଙ୍କ ସମ୍ମୁଖରେ ସୁନିର୍ଦ୍ଦିଷ୍ଟ ରହିଛି । ଆଉ ତୁମେମାନେ ଲକ୍ଷ୍ୟ କଲେ ଦେଖିବ ଯେ, ସେମାନେ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟପ୍ରଣାଳୀରୁ କେବେହେଲେ ବିନ୍ଦୁମାତ୍ର ବିଚ୍ୟୁତ ହୁଅନ୍ତି ନାହିଁ । ଏହାର କାରଣ ଏହି ଯେ, ସେମାନେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଆସିଥାଆନ୍ତି । ସେମାନେ ଜଗତକୁ କିଛି ଦେବା ପାଇଁ—ଜଗତ ନିକଟକୁ କୌଣସି ଗୋଟିଏ ବିଶେଷ ବାର୍ତ୍ତା ବହନ କରି ଆସିଥାଆନ୍ତି । ସେମାନେ କେବେହେଲେ ବିଚାର ବା ଯୁକ୍ତିତର୍କ କରନ୍ତି ନାହିଁ । ତୁମେମାନେ କେବେହେଲେ ଶୁଣିଛ ବା ପଢ଼ିଛ ଯେ, ଏହି ମହାପୁରୁଷମାନେ ବା ଶ୍ରେଷ୍ଠ ଆଚାର୍ଯ୍ୟମାନେ ଯାହା ଶିକ୍ଷା ଦେଇଥିଲେ, ତତ୍ସମ୍ବନ୍ଧରେ କେବେ ଯୁକ୍ତିତର୍କ କରିଥିଲେ ? ସେମାନଙ୍କ ମଧ୍ୟରୁ କେହି କେବେ ଯୁକ୍ତିବିଚାର କରି ନାହାନ୍ତି । ଯାହା ସତ୍ୟ, ତାହା ସେମାନେ ସରଳ ଭାବରେ କହିଯାଇଛନ୍ତି । ସେମାନେ କାହିଁକି ତର୍କ କରିବାକୁ ଯିବେ ? ସେମାନେ ଯେ ସତ୍ୟ ଦର୍ଶନ କରୁଛନ୍ତି । କେବଳ ଯେ ସେମାନେ ନିଜେ ଦର୍ଶନ କରନ୍ତି, ତାହା ନୁହେଁ, ଅପରକୁ ମଧ୍ୟ ତାହା ଦେଖାଇଥାନ୍ତି । ଯଦି ତୁମେମାନେ ମୋତେ ପଚାର, ଈଶ୍ୱର ଅଛନ୍ତି କି ନାହିଁ, ଆଉ ମୁଁ ଯଦି ଉତ୍ତରରେ କହେ—'ହଁ', ତେବେ ସଙ୍ଗେ ସଙ୍ଗେ ତୁମେମାନେ ମୋର ଏପରି କହିବାର କ'ଣ ଯୁକ୍ତି ଅଛି ବୋଲି ପଚାରିବ—ଆଉ ବିଚରା ମୁଁ ତୁମମାନଙ୍କୁ ତାହାର କିଛି ଯୁକ୍ତି ଦେବା ପାଇଁ ମୋର ସମୁଦାୟ ଶକ୍ତି ପ୍ରୟୋଗ କରିବି । କିନ୍ତୁ ଯଦି ତୁମେମାନେ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଯାଇ ପଚାରନ୍ତ, 'ଈଶ୍ୱର ବୋଲି କେହି ଅଛନ୍ତି କି ?' ସେ ମଧ୍ୟ ଉତ୍ତର ଦିଅନ୍ତେ, 'ହଁ, ନିଶ୍ଚୟ ଅଛନ୍ତି ।' ତା'ପରେ 'ତାଙ୍କର ଅସ୍ତିତ୍ୱର କିଛି ପ୍ରମାଣ ଅଛି କି ?'—ଏହି ପ୍ରଶ୍ନ ପଚାରିଲେ ସେ ନିଶ୍ଚିତ କହନ୍ତେ, 'ଏହି ତ ପ୍ରଭୁ ସମ୍ମୁଖରେ ହିଁ ରହିଛନ୍ତି—ତାଙ୍କୁ ଦର୍ଶନ କର ।' ଅତଏବ ତୁମେମାନେ ଦେଖୁଛ, ଈଶ୍ୱର ସମ୍ବନ୍ଧରେ ଏସବୁ ମହାପୁରୁଷଙ୍କର ଯେଉଁ ଧାରଣା, ତାହା ସାକ୍ଷାତ୍ ଉପଲବ୍ଧିର ଫଳ; ତାହା ଯୁକ୍ତି-ବିଚାରଲବ୍ଧ ନୁହେଁ । ସେମାନେ ଆଉ ଅନ୍ଧକାରରେ ପଥ ଅନ୍ୱେଷନ୍ତି ନାହାନ୍ତି, ସେମାନେ ପ୍ରତ୍ୟକ୍ଷ-ଦର୍ଶନ-ଜନିତ ବଳରେ ବଳୀୟାନ୍ । ମୁଁ ସମ୍ମୁଖସ୍ଥ ଏହି ଟେବୁଲଟିକୁ ଦେଖୁଛି; ତୁମେ ଶତ ଶତ ଯୁକ୍ତିଦ୍ୱାରା ଯେତେ ପ୍ରମାଣ କରିବାକୁ ଚେଷ୍ଟା କର ନା କାହିଁକି ଯେ ଟେବୁଲଟା ନାହିଁ, ତୁମେ କଦାପି ତାହାର ଅସ୍ତିତ୍ୱରେ ମୋର ବିଶ୍ୱାସ ନଷ୍ଟ କରିପାରିବ ନାହିଁ । କାରଣ ମୁଁ ତ ତାହା ପ୍ରତ୍ୟକ୍ଷ ଦେଖୁଛି । ମୋର ଏ ବିଶ୍ୱାସ ଯେପରି ଦୃଢ଼ ଅଚଳ ଅଟଳ, ସେମାନଙ୍କର ବିଶ୍ୱାସ ମଧ୍ୟ—ସେମାନଙ୍କ ଆଦର୍ଶ ଉପରେ, ସେମାନଙ୍କର ନିଜ ଜୀବନବ୍ରତ ଉପରେ,

ସର୍ବୋପରି ସେମାନଙ୍କର ନିଜ ଉପରେ ବିଶ୍ୱାସ ମଧ୍ୟ ସେହିପରି ଦୃଢ଼ ଓ ଅଟଳ । ଏହି ମହାପୁରୁଷମାନେ ଯେପରି ପ୍ରବଳ ଆତ୍ମବିଶ୍ୱାସସମ୍ପନ୍ନ, ଅନ୍ୟ କାହାକୁ ସେପରି ଦେଖିବାକୁ ମିଳେ ନାହିଁ । ଲୋକେ ପଚାରନ୍ତି, 'ତୁମେ କଅଣ ଈଶ୍ୱରବିଶ୍ୱାସୀ ? ତୁମେ କଅଣ ପରଲୋକ ଥିବା କଥା ମାନ ? ତୁମେ କଅଣ ଏ ମତ ଅଥବା ସେ ଶାସ୍ତ୍ରବାକ୍ୟରେ ବିଶ୍ୱାସ କର ?' କିନ୍ତୁ ମୂଳଭିତ୍ତିସ୍ୱରୂପ ସେହି ଆତ୍ମବିଶ୍ୱାସ ଯେ ନାହିଁ । ଯେ ନିଜ ଉପରେ ବିଶ୍ୱାସ କରିପାରେ ନାହିଁ, ସେ ପୁଣି ଅନ୍ୟ କିଛିରେ ବିଶ୍ୱାସ କରିବ ବୋଲି ଲୋକେ କିପରି ଆଶା କରିବେ ? ମୁଁ ନିଜର ଅସ୍ତିତ୍ୱ ସମ୍ବନ୍ଧରେ ମଧ୍ୟ ନିଃସଂଶୟ ନୁହେଁ । ବର୍ତ୍ତମାନ ଭାବୁଛି, ମୁଁ ନିତ୍ୟସ୍ୱରୂପ, କୌଣସି କିଛି ମୋତେ ବିନଷ୍ଟ କରିପାରିବ ନାହିଁ; ପୁଣି ପରକ୍ଷଣରେ ମୁଁ ମୃତ୍ୟୁଭୟରେ କମ୍ପୁଛି । ଭାବୁଛି, ମୁଁ ଅଜର ଅମର, ପରକ୍ଷଣରେ ହୁଏତ ଗୋଟିଏ ଭୂତକୁ ଦେଖି ଭୟରେ ଏପରି କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲି ଯେ, ମୁଁ କିଏ, କେଉଁଠି ରହିଛି, ମୁଁ ମୃତ କି ଜୀବିତ—ସବୁ ଭୁଲିଗଲି । ପୁନଶ୍ଚ ଭାବୁଛି, ମୁଁ ଖୁବ୍ ଧାର୍ମିକ, ମୁଁ ଖୁବ୍ ଚରିତ୍ରବଳସମ୍ପନ୍ନ ପରମୁହୂର୍ତ୍ତରେ ଏପରି ଗୋଟାଏ ଧକ୍କା ଖାଇଛି ଯେ, ଏକାଥରକେ ଚିତ୍‌ପଟାଙ୍ଗ ହୋଇ ପଡ଼ିଛି । ଏହାର କାରଣ କଅଣ ? —କାରଣ ଆଉ କିଛି ନୁହେଁ, ମୁଁ ନିଜ ପ୍ରତି ବିଶ୍ୱାସ ହରାଇଛି, ମୋର ଚରିତ୍ରବଳସ୍ୱରୂପ ମେରୁଦଣ୍ଡ ଭଗ୍ନ ।

କିନ୍ତୁ ଏସବୁ ମହାନ୍ ଆଚାର୍ଯ୍ୟଗଣଙ୍କ ଚରିତ୍ର ଆଲୋଚନା କରିବାକୁ ଗଲେ ସେମାନଙ୍କ ଭିତରେ ଏହି ଗୋଟିଏ ସାଧାରଣ ଲକ୍ଷଣ ଦେଖିବାକୁ ପାଇବ ଯେ, ସେମାନେ ସମସ୍ତେ ନିଜ ପ୍ରତି ଅଗାଧ ବିଶ୍ୱାସସମ୍ପନ୍ନ; ଏପରି ବିଶ୍ୱାସ ଅସାଧାରଣ, ତେଣୁ ଆମେମାନେ ତାହା ବୁଝିପାରୁ ନାହିଁ । ଏବଂ ସେହି କାରଣରୁ ମଧ୍ୟ ଏହି ମହାପୁରୁଷମାନେ ନିଜ ସମ୍ବନ୍ଧରେ ଯାହା କହିଯାଇଛନ୍ତି, ତାହାକୁ ଆମେମାନେ ନାନା ଉପାୟରେ ବ୍ୟାଖ୍ୟା କରି ଉଡ଼ାଇ ଦେବା ପାଇଁ ଅପଚେଷ୍ଟା କରିଥାଉ, ଆଉ ସେମାନେ ନିଜର ଅପରୋକ୍ଷାନୁଭୂତି ସମ୍ବନ୍ଧରେ ଯାହା କହିଯାଇଛନ୍ତି, ତାହା ବ୍ୟାଖ୍ୟା କରିବା ପାଇଁ କୋଡ଼ିଏ ସହସ୍ର ବିଭିନ୍ନ ମତବାଦ କଳ୍ପନା କରିଥାଉ । ଆମେମାନେ ନିଜ ସମ୍ବନ୍ଧରେ ସେପରି ଭାବିପାରୁ ନାହିଁ, ଫଳରେ ଆମେମାନେ ଯେ ସେମାନଙ୍କୁ ବୁଝିପାରୁ ନାହିଁ, ଏହା କିଛି ଅସ୍ୱାଭାବିକ ନୁହେଁ ।

ପୁଣି ସେମାନଙ୍କର ଏପରି ଶକ୍ତି ଯେ, ଯେତେବେଳେ ସେମାନଙ୍କ ମୁଖରୁ କୌଣସି ବାଣୀ ଉଚ୍ଚାରିତ ହୁଏ, ସେତେବେଳେ ଜଗତ୍ ତାହା ଶୁଣିବା ପାଇଁ ବାଧ୍ୟ ହୁଏ । ଯେତେବେଳେ ସେମାନେ କିଛି କହନ୍ତି, ପ୍ରତ୍ୟେକ ଶବ୍ଦ ସିଧା ସଲକ୍ଷ ଭାବରେ ଯାଇ ଲୋକଙ୍କ ହୃଦୟରେ ପ୍ରବେଶ କରିଥାଏ, ବୋମା ପରି ଫୁଟି ସମ୍ମୁଖରେ ଯାହା କିଛି ଥାଏ, ତାହା ଉପରେ ନିଜର ଅସୀମ ପ୍ରଭାବ ବିସ୍ତାର କରିଥାଏ । ଖାଲି କଥାରେ କଅଣ ଅଛି, ଯଦି ତାହାର ପଶ୍ଚାତ୍‌ରେ ସେହି ଶକ୍ତି ନ ଥାଏ ? ତୁମେ କେଉଁ ଭାଷା କହୁଛ, କିପରି ବା ତୁମ ଭାଷାର ଶବ୍ଦବିନ୍ୟାସ କରୁଛ, ସେଥିରେ ଯାଏ ଆସେ କଅଣ ? ତୁମେ ବ୍ୟାକରଣଶୁଦ୍ଧ ବା ସାଧାରଣଙ୍କର ହୃଦୟଗ୍ରାହୀ ଭାଷା କହୁଛ କି ନାହିଁ, ସେଥିରେ କଅଣ ଯାଏ ଆସେ ? ତୁମର ଭାଷା ଆଳଙ୍କାରିକ କି ନୁହେଁ, ସେଥିରେ ବା କଅଣ ଯାଏ ଆସେ ? ପ୍ରଶ୍ନ ହେଉଛି, ତୁମର

ଲୋକଙ୍କୁ କିଛି ଦେବା ପାଇଁ ଅଛି କି ? ଏହା କେବଳ କଥା ଶୁଣିବା ନୁହେଁ, ଏହା ଦେବା-ନେବାର ବିଷୟ । ପ୍ରଥମ ପ୍ରଶ୍ନ ଏହି, ତୁମର କିଛି ଦେବାର ଅଛି କି ? ଯଦି ଥାଏ, ତେବେ ଦିଅ । ଶବ୍ଦଗୁଡ଼ିକ ତ କେବଳ ସେହି ଦେବା-କାର୍ଯ୍ୟ ହିଁ କରିଥାନ୍ତି, ସେମାନେ କେବଳ ସେହି ଦାନ କରିବାର ବିବିଧ ଉପାୟ ମଧ୍ୟରୁ ଅନ୍ୟତମ । ଅନେକ ସମୟରେ କୌଣସି ପ୍ରକାର କଥାବାର୍ତ୍ତା ନ କରି ମଧ୍ୟ ଜଣେ ବ୍ୟକ୍ତିଠାରୁ ଅପର ବ୍ୟକ୍ତିଠାରେ ଭାବ ସଞ୍ଚାରିତ ହୋଇଥାଏ । ଦକ୍ଷିଣାମୂର୍ତ୍ତି ସ୍ତୋତ୍ରରେ ଅଛି :

ଚିତ୍ରଂ ବଟତରୋର୍ମୂଲେ ବୃଦ୍ଧାଃ ଶିଷ୍ୟା ଗୁରୁର୍ଯୁବା ।
ଗୁରୋସ୍ତୁ ମୌନଂ ବ୍ୟାଖ୍ୟାନଂ ଶିଷ୍ୟସ୍ତୁ ଛିନ୍ନସଂଶୟାଃ ॥

—କି ଆଶ୍ଚର୍ଯ୍ୟ ! ଦେଖ, ସେ ବଟବୃକ୍ଷମୂଳରେ ଯୁବକଗୁରୁ ଓ ବୃଦ୍ଧ ଶିଷ୍ୟଗଣ ବସି ରହିଛନ୍ତି । ମୌନ ହିଁ ଗୁରୁଙ୍କର ଶାସ୍ତ୍ରବ୍ୟାଖ୍ୟାନ ଏବଂ ସେଥିରେ ହିଁ ଶିଷ୍ୟଗଣଙ୍କର ସଂଶୟ ଛିନ୍ନ ହୋଇଯାଉଛି !

ସୁତରାଂ ଦେଖାଯାଉଛି, କେବେ କେବେ ଏପରି ମଧ୍ୟ ହୁଏ ଯେ, ସେମାନେ ଆଦୌ ବାକ୍ୟୋଚ୍ଚାରଣ କରନ୍ତି ନାହିଁ, ତଥାପି ସେମାନେ ଅନ୍ୟର ମନରେ ସତ୍ୟ ସଞ୍ଚାରିତ କରିଥାଆନ୍ତି । ସେମାନେ ଈଶ୍ୱରଙ୍କର ଶକ୍ତିପ୍ରାପ୍ତ—ସେମାନେ ଆଦେଶନାମା ପାଇଛନ୍ତି, ସେମାନେ ଦୂତ ହୋଇ ଆସିଛନ୍ତି; ସୁତରାଂ ସେମାନେ ଅପରକୁ ଅନାୟାସରେ ହୁକୁମ୍ ଦେଇ ଥାଆନ୍ତି । ତୁମମାନଙ୍କୁ ସେହି ଆଦେଶ ଶିରରେ ଧାରଣ କରି ତାହାର ପ୍ରତିପାଳନ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିଥାଏ । ତୁମମାନଙ୍କ ଶାସ୍ତ୍ରରେ ଯୀଶୁଖ୍ରୀଷ୍ଟ ଯେପରି ଜୋର୍ ଦେଇ ଅଧିକାରପ୍ରାପ୍ତ ପୁରୁଷଙ୍କ ପରି ଉପଦେଶ ଦେଉଛନ୍ତି, ତାହା କିଅଣ ତୁମମାନଙ୍କର ସ୍ମରଣ ହେଉ ନାହିଁ ? ସେ କହୁଛନ୍ତି—'ଅତଏବ ତୁମେମାନେ ଯାଅ—ଯାଇ ଜଗତର ସକଳ ଜାତିକୁ ଶିକ୍ଷା ଦିଅ, ମୁଁ ତୁମମାନଙ୍କୁ ଯେଉଁସବୁ ବିଷୟ ଆଦେଶ କରିଛି, ସେହିସବୁ ନିୟମ ପ୍ରତିପାଳନ କରିବା ପାଇଁ ଶିକ୍ଷା ଦିଅ ।' ତାଙ୍କର ସବୁ ଉକ୍ତି ଭିତରେ ହିଁ ତାଙ୍କର ନିଜର ଯେ ଜଗତକୁ ଶିକ୍ଷା ଦେବାର ବିଶେଷ କିଛି ଅଛି, ତାହା ଉପରେ ପ୍ରବଳ ବିଶ୍ୱାସ ଦେଖାଯାଏ । ଜଗତର ଲୋକ ଯେଉଁମାନଙ୍କୁ ଅବତାର ବୋଲି ଉପାସନା କରନ୍ତି, ସେହିସବୁ ମହାପୁରୁଷଙ୍କ ମଧ୍ୟରେ ହିଁ ଏହି ଭାବ ଦେଖିବାକୁ ମିଳେ ।

ଏହି ମହତ୍ତମ ଆଚାର୍ଯ୍ୟଗଣ ଏହି ପୃଥିବୀରେ ଜୀବନ୍ତ ଈଶ୍ୱରସ୍ୱରୂପ । ଆମେମାନେ ଅପର ଆଉ କାହାର ଉପାସନା କରିବୁ ? ମୁଁ ମନେ ମନେ ଈଶ୍ୱରଙ୍କର ଧାରଣା କରିବା ପାଇଁ ଚେଷ୍ଟା କଲି; କିନ୍ତୁ ବହୁ ଚେଷ୍ଟା କରି ଦେଖିଲି—କିଅଣ ଗୋଟାଏ ମିଥ୍ୟା କ୍ଷୁଦ୍ର ବସ୍ତୁର ଧାରଣା କରି ବସିଛି । ଏପରି ଈଶ୍ୱରଙ୍କୁ ଉପାସନା କଲେ କେବଳ ପାପ ହିଁ ହେବ । କିନ୍ତୁ ଆଖି ଖୋଲିଲେ ଦେଖିବାକୁ ପାଏ—ଏହି ମହାପୁରୁଷମାନଙ୍କର ବାସ୍ତବ ଜୀବନ ଈଶ୍ୱରଙ୍କ ସମ୍ବନ୍ଧରେ ଆମମାନଙ୍କର ଯେକୌଣସି ଧାରଣା ଅପେକ୍ଷା ଉଚ୍ଚତର । ମୋ ପରି ଲୋକ ଦୟାର ଧାରଣା ବା ଆଉ କେତେ ଦୂର କରିବ ? କୌଣସି ଲୋକ ଯଦି ମୋ ନିକଟରୁ କୌଣସି ବସ୍ତୁ ଚୋରି କରେ, ମୁଁ ତ ସେତେବେଳେ ତା' ପଛେ ପଛେ ଯାଇ ତାକୁ ଜେଲରେ

ପୂରାଇବାକୁ ଚେଷ୍ଟା କରେ । ମୋର ପୁଣି କ୍ଷମାର ଉଚ୍ଚତମ ଧାରଣା କେତେ ଦୂର ହେବ ? ମୁଁ ନିଜେ ଯେତେ ଦୂର ଗୁଣସମ୍ପନ୍ନ, ତଦପେକ୍ଷା ଉଚ୍ଚତର ଧାରଣା ମୋର ହୋଇ ନ ପାରେ । ତୁମମାନଙ୍କ ମଧ୍ୟରେ ଏପରି କିଏ ଅଛି, ଯେ ନିଜ ଦେହର ବାହାରକୁ ଡେଇଁଯାଇ-ପାରେ ? ତୁମମାନଙ୍କ ମଧ୍ୟରେ ଏପରି କିଏ ଅଛି, ଯେ ନିଜ ମନର ବାହାରକୁ ଡେଇଁଯାଇ-ପାରେ ? କେହି ନାହାନ୍ତି । ତୁମେମାନେ ଐଶ୍ୱରିକ ଧାରଣା ଆଉ କଅଣ କରିବ ? ତୁମେମାନେ ବାସ୍ତବ ଜୀବନରେ ନିଜେ ଯେପରି ପରସ୍ପରକୁ ଭଲପାଇଥାଅ, ତଦପେକ୍ଷା ଉଚ୍ଚତର ଧାରଣା କେଉଁଠାରୁ କରିବ ? ଆମେ ନିଜେ ଯାହା କେବେ ଉପଲବ୍ଧି କରି ନାହୁଁ, ସେ ସମ୍ବନ୍ଧରେ ଆମେମାନେ କୌଣସି ଧାରଣା କରିପାରୁ ନାହିଁ । ସୁତରାଂ ଈଶ୍ୱରଙ୍କ ସମ୍ବନ୍ଧରେ ମୋର ସମସ୍ତ ଧାରଣା ପ୍ରତିପଦରେ ହିଁ ବିଫଳ ହେବ । କିନ୍ତୁ ଏହି ମହାପୁରୁଷଗଣଙ୍କ ଜୀବନରୂପକ ପ୍ରତ୍ୟକ୍ଷ ବିଷୟ ଆମମାନଙ୍କ ସମ୍ମୁଖରେ ହିଁ ରହିଛି, ତାହା କଳ୍ପନା କରି ଆମମାନଙ୍କ ଧାରଣା କରିବାକୁ ହୁଏ ନାହିଁ । ସେମାନଙ୍କ ଜୀବନାଲୋଚନାରେ ଆମେମାନେ ପ୍ରେମ, ଦୟା, ପବିତ୍ରତାର ଏପରି ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ଦେଖିବାକୁ ପାଉ, ଯାହା ଆମେମାନେ କେବେ କଳ୍ପନା ମଧ୍ୟ କରିପାରନ୍ତୁ ନାହିଁ । ଅତଏବ ଆମେମାନେ ଏହିସବୁ ନରଦେବଙ୍କ ଚରଣରେ ପତିତ ହୋଇ ଯେ ଏମାନଙ୍କୁ ଈଶ୍ୱର ବୋଲି ପୂଜା କରିବୁ, ଏଥିରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ? ଲୋକମାନେ ଏହା ବ୍ୟତୀତ ଆଉ କଅଣ କରିପାରନ୍ତେ ? ମୁଁ ଏପରି ଲୋକ ଦେଖିବାକୁ ଚାହେଁ, ଯେ କି ମୁହଁରେ ନିରାକାର-ତତ୍ତ୍ୱର କଥା ଯେତେ କହୁ ନା କାହିଁକି, କାର୍ଯ୍ୟତଃ ପୂର୍ବୋକ୍ତ ଭାବରେ ସାକାର-ଉପାସନା ବ୍ୟତୀତ ଅନ୍ୟ କିଛି କରିବାକୁ ସମର୍ଥ । ମୁହଁରେ କହିବା ଆଉ କାମରେ କରିବା ମଧ୍ୟରେ ଅନେକ ପ୍ରଭେଦ । ନିରାକାର ଈଶ୍ୱର, ନିର୍ଗୁଣତତ୍ତ୍ୱ ପ୍ରଭୃତି ସମ୍ବନ୍ଧରେ ମୁହଁରେ ଆଲୋଚନା କର—ଭଲ କଥା; କିନ୍ତୁ ଏହିସବୁ ନରଦେବ ହିଁ ପ୍ରକୃତ ପକ୍ଷରେ ସକଳ ଜାତିର ଉପାସ୍ୟ ଯଥାର୍ଥ ଈଶ୍ୱର । ଏହିସବୁ ଦେବମାନବ ହିଁ ଚିରଦିନ ଜଗତରେ ପୂଜିତ ହୋଇ ଆସିଛନ୍ତି ଏବଂ ଯେତେ ଦିନ ମାନବ ରହିଥିବ, ସେତେଦିନ ପୂଜିତ ହେବେ । ସେମାନଙ୍କୁ ଦେଖି ଆମମାନଙ୍କର ବିଶ୍ୱାସ ହୁଏ ଯେ, ଯଥାର୍ଥ ଈଶ୍ୱର ଅଛନ୍ତି, ଯଥାର୍ଥ ଧର୍ମଜୀବନ ଅଛି; ଆମମାନଙ୍କର ଆଶା ହୁଏ ଯେ, ଆମେ ଈଶ୍ୱର ଲାଭ ଓ ଧର୍ମଜୀବନଲାଭ କରିପାରିବା, କେବଳ ଅସ୍ପଷ୍ଟ ଗୂଢ଼ ତତ୍ତ୍ୱ ନେଇ କି ଫଳ ?

ତୁମମାନଙ୍କ ନିକଟରେ ମୁଁ ଯାହା କହିବାକୁ ଚାହୁଁଛି, ତାହାର ସାରମର୍ମ ଏହି ଯେ, ମୋ ଜୀବନରେ ଉକ୍ତ ସକଳ ଅବତାରଙ୍କୁ ହିଁ ପୂଜା କରିବା ସମ୍ଭବପର ହୋଇଛି ଏବଂ ଭବିଷ୍ୟତରେ ଯେଉଁସବୁ ଅବତାର ଆସିବେ, ସେମାନଙ୍କୁ ମଧ୍ୟ ପୂଜା କରିବା ପାଇଁ ମୁଁ ପ୍ରସ୍ତୁତ ହୋଇ ରହିଛି । ସନ୍ତାନ ଯେକୌଣସି ବେଶରେ ତା' ମାତାଙ୍କ ନିକଟରେ ଉପସ୍ଥିତ ହେଲେ ମଧ୍ୟ ମାତା ତାକୁ ଅବଶ୍ୟ ଚିହ୍ନିପାରିବେ । ଯଦି ନ ପାରନ୍ତି, ମୁଁ ନିଶ୍ଚିତ କହିପାରେ, ସେ କଦାପି ତା'ର ମା ନୁହନ୍ତି । ତୁମମାନଙ୍କ ମଧ୍ୟରୁ ଯେଉଁମାନେ ମନେକରନ୍ତି ଯେ, କୌଣସି ଗୋଟିଏ ବିଶେଷ ଅବତାରରେ ହିଁ ଯଥାର୍ଥ ସତ୍ୟ ଓ ଈଶ୍ୱରଙ୍କର ଅଭିବ୍ୟକ୍ତି ଦେଖୁଛ ଏବଂ ଅନ୍ୟ

କାହାଠାରେ ଦେଖୁ ନାହଁ, ସେମାନଙ୍କ ସମ୍ବନ୍ଧରେ ଏହି ସିଦ୍ଧାନ୍ତ ହିଁ ମୋ ମନରେ ଉଦିତ ହୁଏ ଯେ, ସେମାନେ କୌଣସି ଅବତାରଙ୍କର ଈଶ୍ୱରତ୍ୱକୁ ଠିକ୍‌ଠିକ୍ ବୁଝିପାରି ନାହାନ୍ତି, କେବଳ କେତେଗୁଡ଼ିଏ ଶବ୍ଦସମଷ୍ଟି ଗଳାଧଃକରଣ କରିଛନ୍ତି ମାତ୍ର । ଯେପରି ଲୋକମାନେ କୌଣସି ରାଜନୈତିକ ଦଳଭୁକ୍ତ ହୋଇ ସେହି ଦଳର ଯେଉଁ ମତ ତାହା ହିଁ ନିଜର ମତ ବୋଲି ପ୍ରଚାର କରନ୍ତି, ତୁମେମାନେ ମଧ୍ୟ ତଦ୍ରୂପ ଧର୍ମସମ୍ପ୍ରଦାୟବିଶେଷରେ ଯୋଗ ଦେଇ ସେହି ସମ୍ପ୍ରଦାୟର ମତାମତଗୁଡ଼ିକୁ ନିଜର ବୋଲି ପ୍ରକାଶ କରୁଛ । କିନ୍ତୁ ତାହା ତ ବାସ୍ତବିକ୍ ଧର୍ମ ନୁହେଁ । ଜଗତରେ ଏପରି ନିର୍ବୋଧ ମଧ୍ୟ ଅନେକେ ଅଛନ୍ତି, ଯେଉଁମାନେ ନିକଟରେ ଉତ୍କୃଷ୍ଟ ସୁମିଷ୍ଟ ଜଳ ଥାଉ ଥାଉ ସେମାନଙ୍କ ପୂର୍ବପୁରୁଷମାନଙ୍କଦ୍ୱାରା ଖନିତ ବୋଲି ଲବଣାକ୍ତ କୂପଜଳ ହିଁ ପାନ କରିଥାଆନ୍ତି । ଯାହା ହେଉ, ମୁଁ ମୋ ଜୀବନରେ ଯତ୍କିଞ୍ଚିତ୍ ଅଭିଜ୍ଞତା ସଞ୍ଚୟ କରିଛି, ସେଥିରୁ ମୁଁ ଏତିକି ଶିଖିଛି ଯେ, ଲୋକମାନେ ଧର୍ମକୁ ଯେଉଁସବୁ ଦୋଷରେ ଦୋଷୀ କରନ୍ତି, ପ୍ରକୃତପକ୍ଷରେ ସେଥିରେ ଧର୍ମର ଦୋଷ ନାହିଁ । କୌଣସି ଧର୍ମ କେବେହେଲେ ମଣିଷ ଉପରେ ଅତ୍ୟାଚାର କରେ ନାହିଁ । କୌଣସି ଧର୍ମ ହିଁ ଡାହାଣୀ ଅପବାଦ ଦେଇ ସ୍ତ୍ରୀଲୋକଙ୍କୁ ପୋଡ଼ି ମାରି ପକାଇ ନାହିଁ, କୌଣସି ଧର୍ମ କେବେହେଲେ ଏ ଧରଣର ଅନ୍ୟାୟ କାର୍ଯ୍ୟକୁ ସମର୍ଥନ କରି ନାହିଁ । ତେବେ ଲୋକଙ୍କୁ ଏସବୁ କାର୍ଯ୍ୟରେ ଉତ୍ତେଜିତ କଲା କିଏ ? ରାଜନୀତି ହିଁ ମନୁଷ୍ୟକୁ ଏସବୁ ଅନ୍ୟାୟ କାର୍ଯ୍ୟ କରାଉଛି, ଧର୍ମ ନୁହେଁ । ଆଉ ଯଦି ଏପରି ରାଜନୀତି ଧର୍ମର ନାମ ଧାରଣ କରେ, ତେବେ ସେଥିରେ ଦୋଷ କାହାର ?

ସେହିପରି ଯେତେବେଳେ କୌଣସି ବ୍ୟକ୍ତି ଉଠି କହେ, ମୋର ଧର୍ମ ହିଁ ସତ୍ୟ ଧର୍ମ, ମୋର ଅବତାର ହିଁ ଏକମାତ୍ର ସତ୍ୟ ଅବତାର, ସେହି ବ୍ୟକ୍ତିର କଥା କେବେ ହେଁ ଠିକ୍ ନୁହେଁ; ସେ ଧର୍ମର 'କ, ଖ' ମଧ୍ୟ ଜାଣେ ନାହିଁ । ଧର୍ମ କେବଳ କଥାର କଥା ବା ମତାମତ ନୁହେଁ ବା ଅପରର ସିଦ୍ଧାନ୍ତରେ କେବଳ ବୁଦ୍ଧିର ସମର୍ଥନ ଦେବା ନୁହେଁ । ଧର୍ମର ଅର୍ଥ— ପ୍ରାଣେ ପ୍ରାଣେ ସତ୍ୟକୁ ଉପଲବ୍ଧି କରିବା, ଧର୍ମର ଅର୍ଥ ଈଶ୍ୱରଙ୍କୁ ସାକ୍ଷାତ୍‌ଭାବରେ ସ୍ପର୍ଶ କରିବା, ପ୍ରାଣରେ ଅନୁଭବ କରିବା, ଉପଲବ୍ଧି କରିବା ଯେ, ମୁଁ ଆତ୍ମା-ସ୍ୱରୂପ ଏବଂ ସେହି ଅନନ୍ତ ପରମାତ୍ମା ଓ ତାଙ୍କର ସବୁ ଅବତାରଙ୍କ ସହିତ ମୋର ଗୋଟିଏ ଅଚ୍ଛେଦ୍ୟ ସମ୍ବନ୍ଧ ରହିଛି । ଯଦି ତୁମେ ବାସ୍ତବିକ ସେହି ପରମପିତାଙ୍କ ଗୃହରେ ପ୍ରବେଶ କରିଥାଅ, ତୁମେ ଅବଶ୍ୟ ତାଙ୍କର ସନ୍ତାନମାନଙ୍କୁ ଦେଖିଛ, ତେବେ ସେମାନଙ୍କୁ ଚିହ୍ନିପାରୁ ନାହଁ କାହିଁକି ? ଯଦି ଚିହ୍ନି ନ ପାର, ତେବେ ନିଶ୍ଚିତ ତୁମେ ସେହି ପରମପିତାଙ୍କ ଗୃହରେ ପ୍ରବେଶ କରି ନାହଁ । ସନ୍ତାନ ଯେକୌଣସି ବେଶରେ ମାଆଙ୍କ ସମ୍ମୁଖକୁ ଆସୁ, ମାଆ ତାକୁ ଅବଶ୍ୟ ଚିହ୍ନିପାରିବେ । ସନ୍ତାନର ଯେତେ ଛଦ୍ମବେଶ ଥିଲେ ମଧ୍ୟ, ମାଆଙ୍କ ନିକଟରେ ସନ୍ତାନ କେବେହେଲେ ନିଜକୁ ଲୁଚାଇ ରଖିପାରିବ ନାହିଁ । ତୁମେମାନେ ସବୁ ଦେଶର, ସବୁ ଯୁଗର ଧର୍ମପ୍ରାଣ ମହାନ୍ ନରନାରୀମାନଙ୍କୁ ଚିହ୍ନିବାକୁ ଶିଖ, ଆଉ ଏହା ମଧ୍ୟ ଲକ୍ଷ୍ୟ କର ଯେ, ବାସ୍ତବିକ୍ ସେମାନଙ୍କର ପରସ୍ପର ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯେଉଁଠାରେ ପ୍ରକୃତ ଧର୍ମର ବିକାଶ ହୋଇଛି,

ଯେଉଁଠାରେ ଈଶ୍ୱରଙ୍କର ସାକ୍ଷାତ୍ ସ୍ପର୍ଶଲାଭ ହୋଇଛି, ଈଶ୍ୱରଙ୍କର ଦର୍ଶନ ହୋଇଛି, ଆତ୍ମା ସାକ୍ଷାତ୍ ଭାବରେ ପରମାତ୍ମାଙ୍କୁ ଉପଲବ୍ଧି କରିଛି, ସେଠାରେ ମନର ଉଦାରତା ଓ ପ୍ରସାର ଯୋଗୁ ମନୁଷ୍ୟ ସର୍ବତ୍ର ଈଶ୍ୱରଙ୍କର ଜ୍ୟୋତିଃ ଦେଖିବାକୁ ସମର୍ଥ ହୋଇଛି ।

ଏପରି ସମୟ ଥିଲା, ଯେତେବେଳେ ମୁସଲମାନମାନେ ଏହି ବିଷୟରେ ସର୍ବାପେକ୍ଷା ଅପରିଣତ ଏବଂ ସାମ୍ପ୍ରଦାୟିକ-ଭାବାପନ୍ନ ଥିଲେ, ସେମାନଙ୍କର ମୂଳମନ୍ତ୍ର ଆଲ୍ଲା ଏକ ଓ ଅଦ୍ୱିତୀୟ, ମହମ୍ମଦ ଏକମାତ୍ର ରସୁଲ; ଯାହା କିଛି ସେମାନଙ୍କ ଉପାସନାପଦ୍ଧତିର ବହିର୍ଭୂତ ସେସବୁକୁ ଧ୍ୱଂସ କରିବାକୁ ହେବ ଏବଂ ଯେକୌଣସି ଗ୍ରନ୍ଥରେ ଅନ୍ୟବିଧ ମତ ପ୍ରଚାରିତ, ସେ-ସବୁକୁ ପୋଡ଼ି ପକାଇବାକୁ ହେବ । ତଥାପି ସେହି ଯୁଗରେ ମଧ୍ୟ ଯେଉଁସବୁ ମୁସଲମାନ ଦାର୍ଶନିକ ଥିଲେ, ସେମାନେ ଏଭଳି ଧର୍ମାନ୍ଧତା ବିରୁଦ୍ଧରେ ପ୍ରତିବାଦ କରିଥିଲେ ଏବଂ ତଦ୍ୱାରା ଏହା ହିଁ ଦେଖାଇଥିଲେ ଯେ, ସେମାନେ ସତ୍ୟର ସଂସ୍ପର୍ଶରେ ଆସିଥିଲେ ଓ ତାହାର ସେହି ଉଦାରତା ଲାଭ କରିଥିଲେ ।...

ଆଜିକାଲି କ୍ରମବିକାଶବାଦର କଥା ଯେପରି ଶୁଣାଯାଉଛି, ସେହିପରି ଆଉ ଗୋଟିଏ ମତବାଦ ମନୁଷ୍ୟସମାଜରେ ଆଧିପତ୍ୟ ବିସ୍ତାର କରୁଛି, ତାହାର ନାମ କ୍ରମାବନତି ବା ପୂର୍ବାବସ୍ଥାକୁ ପୁନରାବର୍ତ୍ତନ (Atavism) । ଧର୍ମ ବିଷୟରେ ମଧ୍ୟ ଦେଖାଯାଏ, ଆମେମାନେ ଅନେକ ସମୟରେ ଉଦାରତା-ଭାବରେ କିଛି ଦୂର ଅଗ୍ରସର ହୋଇ ପୁଣି ପ୍ରାଚୀନ ସଂକୀର୍ଣ୍ଣ ମତ ଆଡ଼କୁ ଫେରିଆସୁ । କିନ୍ତୁ ପ୍ରାଚୀନ ଗତାନୁଗତିକ ଭାବକୁ ଆଶ୍ରୟ ନ କରି ଆମମାନଙ୍କର ନୂଆ କିଛି ଚିନ୍ତା କରିବା ପାଇଁ ଚେଷ୍ଟା କରିବା ଉଚିତ, ସେଥିରେ ଭୁଲ ଥାଏ, ଥାଉ । ନିଶ୍ଚେଷ୍ଟ ଜଡ଼ ପରି ରହିବା ଅପେକ୍ଷା ଏହା ଯଥେଷ୍ଟ ଭଲ । ଲକ୍ଷ୍ୟଭେଦର ଚେଷ୍ଟା ତୁମେ-ମାନେ ନ କରିବ କାହିଁକି ? ବିଫଳତାର ଭିତର ଦେଇ ତ ଆମେମାନେ ଜ୍ଞାନର ସୋପାନରେ ଆରୋହଣ କରିଥାଉ । ଅନନ୍ତ ସମୟ ପଡ଼ି ରହିଛି; ସୁତରାଂ ବ୍ୟସ୍ତ ହେବାର ପ୍ରୟୋଜନ ବା କଅଣ ? ଏହି କାନ୍ଥଟାକୁ ଦେଖ । କେହି କେବେ ଏହାକୁ ମିଥ୍ୟା କଥା କହିବାର ଶୁଣିଛ ? କିନ୍ତୁ ଏହା ଯେଉଁ କାନ୍ଥକୁ ସେହି କାନ୍ଥ ରହିଛି, କିଛି ମାତ୍ର ଉନ୍ନତି ଲାଭ କରି ନାହିଁ । ମଣିଷ ମିଛ କଥା କହିଥାଏ, ପୁଣି ସେହି ମନୁଷ୍ୟ ହିଁ ଦେବତା ହୋଇଥାଏ । କିଛି କରିବା ଦରକାର ତାହା ଅନ୍ୟାୟ ହେଉ ପଛକେ; କିଛି ନ କରିବା ଅପେକ୍ଷା ତ ତାହା ଭଲ । ଗୋରୁମାନେ କେବେ ମିଥ୍ୟା କହନ୍ତି ନାହିଁ; କିନ୍ତୁ ସେମାନେ ଚିରକାଳ ସେହି ଗୋରୁ ରହିଛନ୍ତି । ଯାହା ହେଉ, କିଛି ଗୋଟାଏ କର । ମୁଣ୍ଡ ଖଟାଇ କିଛି ଭାବିବାକୁ ଶିଖ; ଭୁଲ ହେଉ, ଠିକ୍ ହେଉ—କ୍ଷତି ନାହିଁ; କିନ୍ତୁ ଗୋଟାଏ କିଛି ଚିନ୍ତା କର ଦେଖି । ମୋର ପୂର୍ବପୁରୁଷମାନେ ଏହି ଭାବରେ ଚିନ୍ତା କରି ନାହାନ୍ତି ବୋଲି କଅଣ ମୋତେ ତୁନି ହୋଇ ବସି ବସି ଧୀରେ ଧୀରେ ମୋର ସମସ୍ତ ଅନୁଭବଶକ୍ତି ଓ ଚିନ୍ତାଶକ୍ତିକୁ ହରାଇବାକୁ ହେବ ? ତାହା ଅପେକ୍ଷା ତ ମରିଯିବା ଭଲ । ଯଦି ଆମମାନଙ୍କର ଧର୍ମ ସମ୍ବନ୍ଧରେ ଗୋଟିଏ ଜୀବନ୍ତ ଧାରଣା, ଗୋଟିଏ ନିଜର ଭାବ ବୋଲି କିଛି ନ ଥାଏ, ତେବେ ଆଉ ବଞ୍ଚି ଲାଭ କଅଣ ? ନାସ୍ତିକମାନଙ୍କର ବରଂ କିଛି ହେବାର ଆଶା ଅଛି; କାରଣ ଯଦ୍ୟପି ସେମାନେ ଅନ୍ୟ ସବୁ

ଲୋକଙ୍କଠାରୁ ଭିନ୍ନମତାବଲମ୍ବୀ, ତଥାପି ସେମାନେ ନିଜେ ନିଜେ ଚିନ୍ତା କରିଥାଆନ୍ତି । ଯେଉଁମାନେ କେବେହେଲେ ନିଜେ ଚିନ୍ତା କରନ୍ତି ନାହିଁ, ସେମାନେ ଏବେ ମଧ୍ୟ ଧର୍ମରାଜ୍ୟରେ ପଦାର୍ପଣ କରି ନାହାନ୍ତି । ସେମାନେ ତ କେବଳ କୌଣସିରୂପେ ଜେଲି ମାଛ (Jelly fish)* ପରି ନାମମାତ୍ର ଜୀବନ ଧାରଣ କରୁଛନ୍ତି ! ସେମାନେ କେବେହେଲେ ଏପରି ଚିନ୍ତା କରିବେ ନାହିଁ, ପ୍ରକୃତପକ୍ଷରେ ସେମାନେ ଧର୍ମ ପାଇଁ ବ୍ୟସ୍ତ ନୁହନ୍ତି । କିନ୍ତୁ ଯେ ଅବିଶ୍ୱାସୀ ନାସ୍ତିକ, ସେ ଧର୍ମ ପାଇଁ ବ୍ୟସ୍ତ, ସେ ସେଥିପାଇଁ ପ୍ରାଣପଣେ ଚେଷ୍ଟା କରୁଛି । ଅତଏବ ଭାବିବାକୁ ଶିଖ, ଈଶ୍ୱରାଭିମୁଖରେ ପ୍ରାଣପଣେ ଅଗ୍ରସର ହୁଅ । ବିଫଳଭାବରେ କଅଣ ଯାଏ ଆସେ ? ସ୍ୱରୂପ-ଚିନ୍ତା କରିବାକୁ ଯାଇ ଯଦି କୌଣସି ଅଦ୍ଭୁତ ମତ ଆଶ୍ରୟ କରିବାକୁ ହୁଏ, ସେଥିରେ ବା କ୍ଷତି କଅଣ ? ଯଦି ଲୋକେ ତୁମକୁ କିମ୍ଭୂତକିମାକାର କହିବେ ବୋଲି ତୁମର ଭୟ ହୁଏ, ତେବେ ଉକ୍ତ ମତାମତକୁ ନିଜ ମନ ଭିତରେ ହିଁ ଆବଦ୍ଧ କରି ରଖିଦିଅ, ଅପର ଲୋକ ନିକଟରେ ତାହା ପ୍ରଚାର କରିବାର ପ୍ରୟୋଜନ ନାହିଁ । କିନ୍ତୁ ଯାହା ହେଉ ପଛେ, କିଛି କର । ଭଗବାନଙ୍କ ଆଡ଼କୁ ପ୍ରାଣପଣେ ଅଗ୍ରସର ହୁଅ, ଅବଶ୍ୟ ଆଲୋକ ଆସିବ । ଯଦି କୌଣସି ବ୍ୟକ୍ତି ସାରା ଜୀବନ ମୋତେ ହାତ ଉଠାଇ ଖୁଆଇଦିଏ, କାଳକ୍ରମେ ମୁଁ ନିଜ ହାତର ବ୍ୟବହାର ଭୁଲିଯିବି । ଗଡଡାଳିକାପ୍ରବାହ ପରି ଜଣେ ଯେଉଁ ଆଡ଼କୁ ଯାଉଛି, ସମସ୍ତେ ସେହି ଆଡ଼କୁ ଚାଲିପଡ଼ିବାର ଫଳ ତ ଆଧ୍ୟାତ୍ମିକ ମୃତ୍ୟୁ । ନିଶ୍ଚେଷ୍ଟତାର ଫଳ ତ ମୃତ୍ୟୁ । କ୍ରିୟାଶୀଳ ହୁଅ । ଆଉ ଯେଉଁଠାରେ କ୍ରିୟାଶୀଳତା, ସେଠାରେ ବୈଚିତ୍ର୍ୟ ଅବଶ୍ୟ ରହିବ । ବିଭିନ୍ନତା ଅଛି ବୋଲି ତ ଜୀବନ ଏତେ ଉପଭୋଗ୍ୟ, ବିଭିନ୍ନତା ହିଁ ଜଗତର ସବୁବସ୍ତୁର ସୌନ୍ଦର୍ଯ୍ୟ ଓ କଳାକୌଶଳ; ବିଭିନ୍ନତା ହିଁ ଜଗତରେ ସମୁଦାୟ ବସ୍ତୁକୁ ସୁନ୍ଦର କରିଛି । ଏହି ବୈଚିତ୍ର୍ୟ ହିଁ ଜୀବନର ମୂଳ, ଜୀବନର ଚିହ୍ନ; ସୁତରାଂ ଆମେମାନେ ସେଥିରେ ଡରିଯିବୁ କାହିଁକି ?

ଏଥର ଆମେମାନେ ଅବତାରମାନଙ୍କର ଭାବ କି କିଛି ପରିମାଣରେ ବୁଝିବା ବାଟରେ ଅଗ୍ରସର ହେଉଛୁ । ଏହା ହିଁ ଇତିହାସର ସାକ୍ଷ୍ୟ ଯେ, ପୂର୍ବୋକ୍ତଭାବରେ ଧର୍ମକୁ ଆଶ୍ରୟ କରି ମଧ୍ୟ ଯେଉଁମାନେ ନିଶ୍ଚେଷ୍ଟ ଜୀବନ ଯାପନ କରନ୍ତି, ସେମାନଙ୍କ ପରି ନ ହୋଇ ଯେଉଁଠାରେ ଲୋକେ ଧର୍ମ-ତତ୍ତ୍ୱ ନେଇ ଚିନ୍ତା କରୁଛନ୍ତି, ଯେଉଁଠାରେ ଈଶ୍ୱରଙ୍କ ପ୍ରତି ଯଥାର୍ଥ ପ୍ରେମର ଉଦୟ ହୋଇଛି, ସେହିଠାରେ ହିଁ ଆତ୍ମା ଈଶ୍ୱରାଭିମୁଖରେ ଅଗ୍ରସର ହୋଇ ତଦ୍‌ଭାବ-ଭାବିତ ହୋଇଛି ଏବଂ ମଝିରେ ମଝିରେ—ଜୀବନ ମଧ୍ୟରେ ଅନ୍ତତଃ ମୁହୂର୍ତ୍ତିକ ପାଇଁ ଥରେ ହେଲେ ମଧ୍ୟ—ସେହି ପରମ ବସ୍ତୁର ଆଭାସ ପାଇଛି, ସାକ୍ଷାତ୍ ଅନୁଭୂତି ଲାଭ କରିଛି । ସେତେବେଳେ ତତ୍‌କ୍ଷଣାତ ହୃଦୟର ବନ୍ଧନ ଛିଣ୍ଡିଯାଏ, ସମୁଦାୟ ସଂଶୟ ଛିନ୍ନ ହୋଇଯାଏ, ଏବଂ କର୍ମ କ୍ଷୟ ହୋଇଯାଏ; କାରଣ, ସେ ସେତେବେଳେ ସେହି ପରମ ପୁରୁଷଙ୍କୁ ଦେଖିଛନ୍ତି,** ଯେ

---

* ନିମ୍ନତମ ଶ୍ରେଣୀର ସାମୁଦ୍ରିକ ଜୀବବିଶେଷ, ଏହା ଦେଖିବାକୁ ଜେଲି ପରି ।

** ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ ।
କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ ॥—ମୁଣ୍ଡକୋପନିଷଦ୍, ୨।୨।୮

ଦୂରରୁ ଅତି ଦୂରରେ ଏବଂ ନିକଟରୁ ଅତି ନିକଟରେ । ଏହା ହିଁ ଧର୍ମ, ଏହା ହିଁ ଧର୍ମର ସାର । ଆଉ ଯାହା କିଛି, ତାହା କେବଳ ମତ-ମତାନ୍ତର ଏବଂ ଏହି ପ୍ରତ୍ୟକ୍ଷ ଉପଲବ୍ଧିର ଅବସ୍ଥାକୁ ଯିବା ପାଇଁ ବିଭିନ୍ନ ଉପାୟ ମାତ୍ର । ଆମେ ବର୍ତ୍ତମାନ ଟୋକେଇଟାକୁ ନେଇ ଟଣାଟଣି କରୁଛୁ ମାତ୍ର, ଫଳ ସବୁ ନର୍ଦ୍ଦମାରେ ପଡ଼ିଯାଇଛି ।

ଯଦି ଦୁଇ ଜଣ ଲୋକ ଧର୍ମକୁ ନେଇ ବିବାଦ କରନ୍ତି, ସେମାନଙ୍କୁ ଏହି ପ୍ରଶ୍ନ ପଚାରନ୍ତୁ : ତୁମେମାନେ କଅଣ ଈଶ୍ୱରଙ୍କୁ ଦେଖିଛ ? ତୁମେମାନେ ଅତୀନ୍ଦ୍ରିୟ ବସ୍ତୁକୁ ଅନୁଭବ କରିଛ ? ଜଣେ କହୁଛି, ଯୀଶୁଖ୍ରୀଷ୍ଟ ହିଁ ଏକମାତ୍ର ଅବତାର; ଆଚ୍ଛା, ସେ କଅଣ ଯୀଶୁଖ୍ରୀଷ୍ଟଙ୍କୁ ଦେଖିଛି ? ସେ ଅବଶ୍ୟ କହିବ, 'ମୁଁ ଦେଖି ନାହିଁ ।' 'ଆଚ୍ଛା ବାବୁ, ତୁମର ପିତା କଅଣ ତାଙ୍କୁ ଦେଖିଛନ୍ତି ?'—'ନା ମହାଶୟ !' 'ତୁମର ପିତାମହ କଅଣ ଦେଖିଛନ୍ତି ?'—'ନା ମହାଶୟ !' 'ତେବେ କଅଣ ନେଇ ବୃଥା ବିବାଦ କରୁଛ ? ଫଳଗୁଡ଼ିକ ସବୁ ନର୍ଦ୍ଦମାରେ ପଡ଼ିଯାଇଛି; ବର୍ତ୍ତମାନ ଟୋକେଇଟାକୁ ନେଇ ଟଣାଟଣି କରୁଛ ମାତ୍ର !' ଯେଉଁମାନଙ୍କର ଏତେ ଟିକିଏ ସାଧାରଣ ଜ୍ଞାନ ଅଛି, ସେହି ନରନାରୀଙ୍କ ପକ୍ଷରେ ଏପରି ବିବାଦରେ ଲଜ୍ଜା-ବୋଧ କରିବା ଉଚିତ୍ ।

ଏହିସବୁ ମହାପୁରୁଷ ଓ ଅବତାରମାନେ ସମସ୍ତେ ମହାନ୍ ଓ ସମସ୍ତେ ସତ୍ୟ । କାହିଁକି ? କାରଣ, ପ୍ରତ୍ୟେକେ ହିଁ ଗୋଟିଏ ଗୋଟିଏ ମହାନ୍ ଭାବ ପ୍ରଚାର କରିବାକୁ ଆସିଥିଲେ । ଦୃଷ୍ଟାନ୍ତସ୍ୱରୂପ ଭାରତୀୟ ଅବତାରମାନଙ୍କ କଥା ନିଆଯାଉ । ସେମାନେ ପ୍ରାଚୀନତମ ଧର୍ମସଂସ୍ଥାପକ । ପ୍ରଥମେ ଶ୍ରୀକୃଷ୍ଣଙ୍କ କଥା ଧରାଯାଉ । ତୁମେମାନେ ସମସ୍ତେ ଗୀତା ପଢ଼ିଛ; ସୁତରାଂ ତୁମେମାନେ ଜାଣ, ସମଗ୍ର ଗ୍ରନ୍ଥଟିର ମୂଳ କଥା—ଅନାସକ୍ତି । ସର୍ବଦା ଅନାସକ୍ତ ରହ । ଅନ୍ତରର ଭଲପାଇବାରେ କେବଳ ଜଣକର ମାତ୍ର ଅଧିକାର । କାହାର ଅଧିକାର ? —ତାଙ୍କର ହିଁ ଅଧିକାର, ଯାହାଙ୍କର କେବେହେଲେ କୌଣସି ପରିଣାମ ନାହିଁ । ସେ କିଏ ? ଈଶ୍ୱର । ଭ୍ରାନ୍ତିବଶତଃ କୌଣସି ପରିଣାମଶୀଳ ବସ୍ତୁ ବା ବ୍ୟକ୍ତିକୁ ହୃଦୟ ଅର୍ପଣ କର ନାହିଁ; କାରଣ ସେଥିରୁ ହିଁ ଦୁଃଖର ଉଦ୍ଭବ । ତୁମେ ଜଣେ ମନୁଷ୍ୟକୁ ହୃଦୟ ଅର୍ପଣ କରିପାର, କିନ୍ତୁ ଯଦି ସେ ମରିଯାଏ, ତେବେ ତୁମର ଦୁଃଖ ହେବ । ତୁମେ ବନ୍ଧୁବିଶେଷଙ୍କୁ ଏହିପରି ଭାବରେ ହୃଦୟ ଅର୍ପଣ କରିପାର, କିନ୍ତୁ କାଲି ସେ ତୁମର ଶତ୍ରୁ ହୋଇ ଠିଆ ହୋଇପାରେ । ତୁମେ ତୁମର ସ୍ୱାମୀଙ୍କୁ ହୃଦୟ ଅର୍ପଣ କରିପାର, କିନ୍ତୁ କାଲି ସେ ହୁଏତ ତୁମ ସହିତ ବିବାଦ କରି ବସିବେ । ତୁମେ ସ୍ତ୍ରୀକୁ ହୃଦୟ ଅର୍ପଣ କରିପାର; କିନ୍ତୁ ସେ ହୁଏତ କାଲି ବା ତହିଁପର ଦିନ ମରିଯିବ । ଏହିପରି ଭାବରେ ଜଗତ ଚାଲିଛି । ସେଇଥିପାଇଁ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ଭଗବାନ ହିଁ ଏକମାତ୍ର ଅପରିଣାମୀ । ତାଙ୍କର ଭଲପାଇବାରେ ଅଭାବ କେବେ ହେଲେ ହୁଏ ନାହିଁ । ଆମେମାନେ ଯେଉଁଠାରେ ଥାଉ ଏବଂ ଯାହା କରୁ ନା କାହିଁକି, ସେ ସର୍ବଦା ଆମମାନଙ୍କ ପ୍ରତି ସମଭାବରେ ଦୟାମୟ, ତାଙ୍କର ହୃଦୟ ସର୍ବଦା ଆମମାନଙ୍କ ପ୍ରତି ସମଭାବରେ ପ୍ରେମପୂର୍ଣ୍ଣ । ତାଙ୍କର କେବେହେଲେ କୌଣସି ପ୍ରକାର ପରିଣାମ ନାହିଁ । ଆମେ-ମାନେ ଯାହା କିଛି କରୁ ନା କାହିଁକି, ସେ କଦାପି ରାଗନ୍ତି ନାହିଁ । ଈଶ୍ୱର ଆମମାନଙ୍କ

ଉପରେ କପରି ରାଗିବେ ? ତୁମର ଶିଶୁ ସନ୍ତାନ ଅନେକ ପ୍ରକାର ଦୁଷ୍ଟାମି କରିଥାଏ; କିନ୍ତୁ ତୁମେ କଅଣ ତା'ଉପରେ ରାଗିପାର ? ଆମମାନଙ୍କର ଭବିଷ୍ୟତରେ କଅଣ ହେବ, ତାହା କଅଣ ଈଶ୍ୱର ଜାଣନ୍ତି ନାହିଁ ? ସେ ନିଶ୍ଚୟ ଜାଣନ୍ତି, ଶୀଘ୍ର ବା ବିଳମ୍ବରେ ଆମେ ସମସ୍ତେ ହିଁ ପୂର୍ଣ୍ଣତ୍ୱ ଲାଭ କରିବୁ । ସୁତରାଂ ସେ ଆମମାନଙ୍କର ଶତ ଦୋଷ ହେଲେ ମଧ୍ୟ ଧୈର୍ଯ୍ୟ ଧରିପାରନ୍ତି; ତାଙ୍କର ଧୈର୍ଯ୍ୟ ଅସୀମ । ଆମମାନଙ୍କୁ ତାଙ୍କୁ ଭଲ ପାଇବାକୁ ହେବ, ଏବଂ ଜଗତରେ ଯେତେ ପ୍ରାଣୀ ଅଛନ୍ତି, ସେମାନଙ୍କୁ କେବଳ ତାଙ୍କର ପ୍ରକାଶ ବୋଲି ଭଲ ପାଇବାକୁ ହେବ । ଏହାକୁ ହିଁ ମୂଳମନ୍ତ୍ର କରି ଜୀବନପଥରେ ଅଗ୍ରସର ହେବାକୁ ପଡ଼ିବ । ସ୍ତ୍ରୀକୁ ଅବଶ୍ୟ ଭଲ ପାଇବାକୁ ହେବ, କିନ୍ତୁ ସ୍ତ୍ରୀ ବୋଲି ନୁହେଁ ।

ଉପନିଷଦ୍ କହନ୍ତି, ସ୍ୱାମୀକୁ ସ୍ତ୍ରୀ ଯେଉଁ ଭଲପାଏ; ତାହା ସ୍ୱାମୀ ବୋଲି ନୁହେଁ, କିନ୍ତୁ ତାଙ୍କ ମଧ୍ୟରେ ସେହି ଆତ୍ମା ଅଛନ୍ତି ବୋଲି, ଭଗବାନ ଅଛନ୍ତି ବୋଲି ପତି ପ୍ରିୟ ହୋଇ-ଥାଆନ୍ତି ।*

ବେଦାନ୍ତଦର୍ଶନ କହୁଛନ୍ତି, ଦାମ୍ପତ୍ୟ ପ୍ରେମରେ ଯଦ୍ୟପି ପତ୍ନୀ ଭାବନ୍ତି ମୁଁ ସ୍ୱାମୀକୁ ହିଁ ଭଲପାଉଛି, ଅଥବା ପୁତ୍ରବାତ୍ସଲ୍ୟରେ ଜନନୀ ଭାବନ୍ତି ଯେ ମୁଁ ପୁତ୍ରକୁ ଭଲପାଉଛି, କିନ୍ତୁ ପ୍ରକୃତପକ୍ଷରେ ଈଶ୍ୱର ସେହି ପତିଙ୍କ ଭିତରେ ବା ପୁତ୍ର ଭିତରେ ଅବସ୍ଥାନ କରି ପତ୍ନୀଙ୍କୁ ଓ ଜନନୀଙ୍କୁ ତାଙ୍କ ଆଡ଼କୁ ଆକର୍ଷଣ କରୁଛନ୍ତି । କେବଳ ସେ ହିଁ ଆକର୍ଷଣର ବସ୍ତୁ, ତାଙ୍କ ବ୍ୟତୀତ ଆକର୍ଷଣର ବସ୍ତୁ ଆଉ କିଛି ନାହିଁ, ତେବେ ଅଧିକାଂଶ କ୍ଷେତ୍ରରେ ପତ୍ନୀ ଏହା ଜାଣନ୍ତି ନାହିଁ; କିନ୍ତୁ ଅଜ୍ଞାତସାରରେ ସେ ମଧ୍ୟ ଠିକ୍ ବାଟରେ ଚାଲିଛନ୍ତି ଅର୍ଥାତ୍ ଈଶ୍ୱରଙ୍କୁ ଭଲ ପାଉଛନ୍ତି । ତେବେ ଅଜ୍ଞାତସାରରେ ଅନୁଷ୍ଠିତ ହେଲେ ସେଥିରୁ ଦୁଃଖକଷ୍ଟର ଉଦ୍ଭବ ହୋଇଥାଏ, ଜ୍ଞାତସାରରେ ଅନୁଷ୍ଠିତ ହେଲେ ମୁକ୍ତି । ଆମମାନଙ୍କର ଶାସ୍ତ୍ର ଏହା ହିଁ କହିଥାଏ । ଯେଉଁଠାରେ ପ୍ରେମ—ଯେଉଁଠାରେ ବିନ୍ଦୁଏ ଆନନ୍ଦ ଦେଖିବାକୁ ମିଳେ, ସେହିଠାରେ ହିଁ ବୁଝିବାକୁ ହେବ ଈଶ୍ୱର ରହିଛନ୍ତି; କାରଣ ଈଶ୍ୱର ରସସ୍ୱରୂପ, ପ୍ରେମସ୍ୱରୂପ, ଆନନ୍ଦସ୍ୱରୂପ । ଯେଉଁଠାରେ ସେ ନାହାନ୍ତି, ସେଠାରେ ପ୍ରେମ ରହିପାରେ ନାହିଁ ।

ଶ୍ରୀକୃଷ୍ଣଙ୍କ ଉପଦେଶସବୁ ଏହି ଭାବର । ସେ ସମଗ୍ର ଭାରତବର୍ଷରେ, ସମଗ୍ର ହିନ୍ଦୁଜାତି ଭିତରେ ଏହି ଭାବ ପ୍ରବେଶ କରାଇ ଦେଇଯାଇଛନ୍ତି । ସୁତରାଂ ହିନ୍ଦୁମାନେ ଯେଉଁ କାର୍ଯ୍ୟ କରନ୍ତି, ଏପରିକି ଜଳପାନ କରିବା ସମୟରେ ମଧ୍ୟ କହନ୍ତି, ଯଦି ଏ କାର୍ଯ୍ୟର କୌଣସି ଶୁଭ ଫଳ ଥାଏ, ତେବେ ତାହା ଈଶ୍ୱରଙ୍କୁ ସମର୍ପଣ କଲି । ବୌଦ୍ଧମାନେ କୌଣସି ସତ୍କର୍ମ କରିବା ସମୟରେ କହିଥାଆନ୍ତି, ଏହି ସତ୍କର୍ମର ଫଳ ସମଗ୍ର ଜଗତ ଲାଭ କରୁ ଏବଂ ଜଗତର ସମୁଦାୟ ଦୁଃଖକଷ୍ଟ ମୋ ଉପରକୁ ଆସୁ । ହିନ୍ଦୁମାନେ କହନ୍ତି, ଆମେମାନେ ଈଶ୍ୱରବିଶ୍ୱାସୀ, ଏବଂ ଈଶ୍ୱର ସର୍ବବ୍ୟାପୀ, ସର୍ବଶକ୍ତିମାନ୍ ଓ ସମସ୍ତ ଆତ୍ମାର ଅନ୍ତରାତ୍ମାସ୍ୱରୂପ; ସୁତରାଂ ଯଦି ମୁଁ ସମୁଦାୟ ସତ୍କର୍ମର ଫଳ ତାଙ୍କୁ ସମର୍ପଣ କରେ, ତାହା ହିଁ ସର୍ବଶ୍ରେଷ୍ଠ ସ୍ୱାର୍ଥତ୍ୟାଗ, ଏବଂ

* ନ ବା ଅରେ ପତ୍ୟୁଃ କାମାୟ ପତିଃ ପ୍ରିୟୋ ଭବତ୍ୟାତ୍ମନସ୍ତୁ କାମାୟ ପତିଃ ପ୍ରିୟୋ ଭବତି ।

ସେହି ଫଳ ନିଶ୍ଚୟ ସମଗ୍ର ଜଗତ ପାଇବ ।

ଶ୍ରୀକୃଷ୍ଣଙ୍କ ଶିକ୍ଷାର ଏହା ଗୋଟାଏ ଦିଗ । ତାଙ୍କର ଅନ୍ୟ ଶିକ୍ଷା କ'ଣ ? ଏହି ଜଗତ ମଧ୍ୟରେ ବାସ କରି ଯେ କାର୍ଯ୍ୟ କରନ୍ତି, ଅଥଚ ତାଙ୍କର ସମୁଦାୟ କର୍ମଫଳ ଈଶ୍ୱରଙ୍କୁ ସମର୍ପଣ କରନ୍ତି, ସେ କେବେହେଲେ ବିଷୟରେ ଲିପ୍ତ ହୁଅନ୍ତି ନାହିଁ । ଯେପରି ପଦ୍ମପତ୍ରରେ ପାଣି ଲାଗେ ନାହିଁ, ସେହି ବ୍ୟକ୍ତି ମଧ୍ୟ ସେହିପରି ପାପରେ ଲିପ୍ତ ହୁଅନ୍ତି ନାହିଁ ।

ପ୍ରବଳ କର୍ମଶୀଳତା ଶ୍ରୀକୃଷ୍ଣଙ୍କ ଉପଦେଶର ଆଉ ଗୋଟିଏ ଦିଗ । ଗୀତା କହୁଛନ୍ତି : ଦିବାରାତ୍ର କର୍ମ କର, କର୍ମ କର, କର୍ମ କର । ତୁମେମାନେ କହିପାର—ତେବେ ଶାନ୍ତି କେଉଁଠି ? ଯଦି ସାରାଜୀବନ ଭଡ଼ାଗାଡ଼ିର ଘୋଡ଼ା ପରି କାମ କରିଯିବାକୁ ହୁଏ ଓ ସେହି ଗାଡ଼ିରେ ଯୋଗିଥିବା ଅବସ୍ଥାରେ ମରିବାକୁ ହୁଏ, ତେବେ ଜୀବନରେ ଶାନ୍ତିଲାଭ କେଉଁଠି ହେଲା ? ଶ୍ରୀକୃଷ୍ଣ କହୁଛନ୍ତି, 'ହଁ, ତୁମେ ଶାନ୍ତିଲାଭ କରିବ, କିନ୍ତୁ କାର୍ଯ୍ୟକ୍ଷେତ୍ରରୁ ପଳାୟନ ଶାନ୍ତିର ପଥ ନୁହେଁ ।' ଯଦି ପାର ସମୁଦାୟ କର୍ତ୍ତବ୍ୟ କର୍ମ ଛାଡ଼ି ପର୍ବତଚୂଡ଼ାରେ ଯାଇ ବସି ଦେଖ । ସେଠାକୁ ଯାଇ ମଧ୍ୟ ଦେଖିବ, ମନ ସୁସ୍ଥିର ନୁହେଁ, କ୍ରମାଗତ ଏଆଡ଼େ ସେଆଡ଼େ ଘୂରୁଛି । ଜନୈକ ବ୍ୟକ୍ତି ଜଣେ ସନ୍ନ୍ୟାସୀଙ୍କୁ ପଚାରିଥିଲେ, 'ଆପଣ କ'ଣ ଏକାନ୍ତ ନିରୁପଦ୍ରବ ମନୋରମ ସ୍ଥାନ ପାଇଛନ୍ତି ? ଆପଣ ହିମାଳୟରେ କେତେ ବର୍ଷ ଧରି ଭ୍ରମଣ କରୁଛନ୍ତି ?' ସନ୍ନ୍ୟାସୀ ଉତ୍ତରରେ କହିଲେ, 'ଚାଳିଶ ବର୍ଷ ।' ସେହି ବ୍ୟକ୍ତି ତାହାଙ୍କୁ ପଚାରିଲେ, 'ହିମାଳୟରେ ତ ବହୁ ସୁନ୍ଦର ସୁନ୍ଦର ସ୍ଥାନ ରହିଛି, ଆପଣ ସେସବୁ ମଧ୍ୟରୁ ଗୋଟିଏ ନିର୍ବାଚନ କରି ଅନାୟାସରେ ରହିପାରନ୍ତେ । ଆପଣ କାହିଁକି ତାହା କଲେ ନାହିଁ ?' ସନ୍ନ୍ୟାସୀ ଉତ୍ତର ଦେଲେ, 'ଏହି ଚାଳିଶ ବର୍ଷ ଧରି ମୋ ମନ ମୋତେ ତାହା କରିବାକୁ ଦେଇ ନାହିଁ ।' ଆମେମାନେ ସମସ୍ତେ କହିଥାଉଁ ଯେ, ଆମେମାନେ ଶାନ୍ତିରେ ରହିବୁ, କିନ୍ତୁ ମନ ଆମମାନଙ୍କୁ ଶାନ୍ତିରେ ରହିବାକୁ ଦେବ ନାହିଁ ।

ତୁମେମାନେ ସମସ୍ତେ ସେହି ତାତାର ଧରିଥିବା* ସୈନିକ ପୁରୁଷର ଗଳ୍ପ ଶୁଣିଛ । ଜଣେ ସୈନିକ ପୁରୁଷ ନଗର ବାହାରକୁ ଯାଇଥିଲା । ସେ ଫେରି ସେନାବାସ ନିକଟରେ ଉପସ୍ଥିତ ହୋଇ ଚିତ୍କାର କରି ଡାକ ଛାଡ଼ିଲା, 'ମୁଁ ଜଣେ ତାତାରକୁ ଧରିଛି ।' ଭିତରୁ ଜଣେ କହିଲା, 'ତାକୁ ଭିତରକୁ ନେଇ ଆସ ।' ସୈନିକ କହିଲା, 'ସେ ଆସୁ ନାହିଁ, ଆଜ୍ଞା !' 'ତେବେ ତୁମେ ଏକା ହିଁ ଭିତରକୁ ଚାଲିଆସ ।' 'ସେ ଯିବାକୁ ଦେଉ ନାହିଁ ଆଜ୍ଞା !' ଆମମାନଙ୍କ ମନ ଭିତରେ ମଧ୍ୟ ଠିକ୍ ଏହିଭଳି ଘଟୁଛି । ଆମେ ସମସ୍ତେ ହିଁ 'ତାତାର ଧରିଛୁ ।' ଆମେମାନେ ତାକୁ ଅଟକାଇପାରୁ ନାହୁଁ, ସେ ମଧ୍ୟ ଆମମାନଙ୍କୁ ଶାନ୍ତ ହେବାକୁ ଦେଉ ନାହିଁ । ଆମେମାନେ ସମସ୍ତେ ତ ପୂର୍ବୋକ୍ତ ସୈନିକ ପୁରୁଷ ପରି 'ତାତାର ଧରିଛୁ' ! ଆମେ ସମସ୍ତେ କହିଥାଉଁ—ଶାନ୍ତଭାବ ଅବଲମ୍ବନ କର, ସ୍ଥିର, ଶାନ୍ତ ହୋଇ ରହ, ଇତ୍ୟାଦି ।

---

* ଅନୁରୂପ ହିନ୍ଦି ପ୍ରବାଦ—'ହାମ୍ ତୋ କମ୍ବଲ୍‌କୋ ଛୋଡ଼୍ ଦେତା, କମ୍ବଲ୍ ହମ୍‌କୋ ଛୋଡ଼ତା ନହିଁ'—ପାଣିରେ ଭାସୁଥିବା ବ୍ୟକ୍ତି ଯାହାକୁ କମ୍ବଳ ମନେକରି ଧରିବାକୁ ଯାଇଥିଲା, ଦୁର୍ଭାଗ୍ୟବଶତଃ ତାହା ଗୋଟିଏ ଭାଲୁ ।

ଏକଥା ତ ପ୍ରତ୍ୟେକ ଶିଶୁ ମଧ୍ୟ କହିପାରେ ଓ ବୁଝିପାରେ ଯେ, ସେ ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ସମର୍ଥ । କିନ୍ତୁ ପ୍ରକୃତପକ୍ଷରେ ଏହା କରିବା ଅତ୍ୟନ୍ତ କଠିନ । ମୁଁ ଏ ବିଷୟରେ ଚେଷ୍ଟା କରିଛି । ମୁଁ ସବୁ କର୍ତ୍ତବ୍ୟ କର୍ମ ଛାଡ଼ି ପର୍ବତ-ଶିଖରକୁ ପଳାଇଥିଲି, ଗଭୀର ଅରଣ୍ୟରେ ଓ ପର୍ବତଗୁହାରେ ବାସ କରିଛି, କିନ୍ତୁ ସେଥିରେ କିଛି ଫଳ ହେଲା ନାହିଁ; କାରଣ ମୁଁ ମଧ୍ୟ 'ଡାଡାର ଧରିଥିଲି', ସଂସାର ମୋ ସଙ୍ଗେ ସଙ୍ଗେ ବରାବର ବୁଲିଥିଲା । ମୋ ମନ ଭିତରେ ହିଁ ସେହି 'ଡାଡାର' ରହିଛି, ଅତଏବ ବାହାରେ କାହାରି ଉପରେ ଦୋଷ ଲଦିବା ଠିକ୍ ନୁହେଁ । ଆମେମାନେ କହୁଥାଉଁ, ବାହାରର ଏହି ଅବସ୍ଥାଚକ୍ର ମୋର ଅନୁକୂଳ, ସେହି ଅବସ୍ଥାଚକ୍ର ମୋର ପ୍ରତିକୂଳ; କିନ୍ତୁ ପ୍ରକୃତପକ୍ଷରେ ସବୁ ଗଣ୍ଡଗୋଳର ମୂଳ ସେହି 'ଡାଡାର' ଆମ ଭିତରେ ରହିଛି । ତାକୁ ଥଣ୍ଡା କରିପାରିଲେ ସବୁ ଠିକ୍ ହୋଇଯିବ ।

ଏଥିପାଇଁ ଶ୍ରୀକୃଷ୍ଣ ଆମମାନଙ୍କୁ ଉପଦେଶ ଦେଉଛନ୍ତି, 'କର୍ତ୍ତବ୍ୟ କର୍ମରେ ଅବହେଳା [illegible] ନାହିଁ, ମଣିଷ ପରି ସେସବୁର ସାଧନ ପାଇଁ ଅଗ୍ରସର ହୁଅ; ସେସବୁର ଫଳାଫଳ କଅଣ [illegible]ାହା ଭାବ ନାହିଁ ।' ଭୃତ୍ୟର ପ୍ରଶ୍ନ କରିବାର କିଛି ମାତ୍ର ଅଧିକାର ନାହିଁ, ସୈନିକ [illegible]ର କରିବାର ଅଧିକାର ନାହିଁ । କର୍ତ୍ତବ୍ୟ ପାଳନ କରି ଅଗ୍ରସର ହେଉଥାଅ, ତୁମକୁ [illegible] କାର୍ଯ୍ୟ କରିବାକୁ ପଡ଼ୁଛି, ତାହା ବଡ଼ କି ଛୋଟ, ସେଥିପ୍ରତି ବିଶେଷ ଲକ୍ଷ୍ୟ କର ନାହିଁ । କେବଳ ନିଜ ମନକୁ ପଚାର, ସେ ନିଃସ୍ୱାର୍ଥଭାବରେ କାର୍ଯ୍ୟ କରୁଛି କି ନାହିଁ । ଯଦି ତୁମେ ନିଃସ୍ୱାର୍ଥ ହୁଅ, ତେବେ କାହିଁରେ କିଛି ଯାଏ ଆସେ ନାହିଁ, କେହି ହେଲେ ତୁମର ଉନ୍ନତିର ପ୍ରତିବନ୍ଧକ ହୋଇପାରିବେ ନାହିଁ । କାର୍ଯ୍ୟରେ ବୁଡ଼ିଯାଅ, ହାତ ପାଖରେ ଯେଉଁ କର୍ତ୍ତବ୍ୟ ରହିଛି, ତାହା ହିଁ କରିଯାଅ । ଏପରି କଲେ ତୁମେ କ୍ରମେ କ୍ରମେ ସତ୍ୟ ଉପଲବ୍ଧି କରିବ । 'ଯେ ପ୍ରବଳ କର୍ମଶୀଳତା ମଧ୍ୟରେ ଶାନ୍ତି ସମ୍ଭୋଗ କରନ୍ତି, ପୁଣି ପରମ ନିସ୍ତବ୍ଧତା ଓ ଶାନ୍ତି ଭିତରେ ପ୍ରବଳ କର୍ମଶୀଳତା ଦେଖନ୍ତି, ସେ ହିଁ ଯୋଗୀ, ସେ ହିଁ ମହାପୁରୁଷ, ସେ ହିଁ ପୂର୍ଣ୍ଣତା ଲାଭ କରିଛନ୍ତି, ସିଦ୍ଧ ହୋଇଛନ୍ତି ।'*

ବର୍ତ୍ତମାନ ତୁମେମାନେ ଦେଖୁଛ ଯେ, ଶ୍ରୀକୃଷ୍ଣଙ୍କର ପୂର୍ବୋକ୍ତ ଉପଦେଶ ଫଳରେ ଜଗତର ସମୁଦାୟ କର୍ତ୍ତବ୍ୟ ପବିତ୍ର ହୋଇ ଛିଡ଼ାହୋଇଛି । ଜଗତରେ ଏପରି କୌଣସି କର୍ତ୍ତବ୍ୟ ନାହିଁ, ଯାହାକୁ 'ହୀନ କାର୍ଯ୍ୟ' ବୋଲି ଘୃଣା କରିବାର ଅଧିକାର ଆମର ଅଛି । ସୁତରାଂ ସିଂହାସନରେ ଉପବିଷ୍ଟ ରାଜାଧିରାଜଙ୍କର ରାଜ୍ୟଶାସନରୂପକ କର୍ତ୍ତବ୍ୟ ସହିତ ସାଧାରଣ ବ୍ୟକ୍ତିଙ୍କର ଅନ୍ୟାନ୍ୟ କର୍ତ୍ତବ୍ୟର କିଛି ପ୍ରଭେଦ ନାହିଁ ।

ବର୍ତ୍ତମାନ ତୁମେମାନେ ବୁଦ୍ଧଦେବଙ୍କ ଉପଦେଶ ମନୋଯୋଗ ସହକାରେ ଶୁଣ— ସେ ଜଗତରେ ମହତି ବାର୍ତ୍ତା ଘୋଷଣା କରିବାକୁ ଆସିଥିଲେ; ତାଙ୍କର ବାଣୀ ଆମମାନଙ୍କ ହୃଦୟର ଗୋଟିଏ ଅଂଶ ଅଧିକାର କରିଥାଏ । ବୁଦ୍ଧ କହୁଛନ୍ତି, ସ୍ୱାର୍ଥପରତା ଏବଂ ଯାହା କିଛି

* କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।
ସ ବୁଦ୍ଧିମାନ୍ ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ।।—ଗୀତା, ୪।୧୮

ତୁମକୁ ସ୍ୱାର୍ଥପର କରିପକାଏ, ସେସବୁକୁ ସମ୍ପୂର୍ଣ୍ଣରୂପେ ନିର୍ମୂଳ କରିଦିଅ । ସ୍ତ୍ରୀ-ପୁତ୍ର-ପରିବାର ନେଇ ସ୍ୱାର୍ଥପର ସଂସାରୀ ହୁଅ ନାହିଁ, ସମ୍ପୂର୍ଣ୍ଣ ସ୍ୱାର୍ଥ ଶୂନ୍ୟ ହୁଅ । ସଂସାରୀ ଲୋକ ମନରେ ଭାବେ, ମୁଁ ନିଃସ୍ୱାର୍ଥ ହେବି; କିନ୍ତୁ ଯେତେବେଳେ ସେ ସ୍ତ୍ରୀର ମୁହଁକୁ ଚାହେଁ ସେତେବେଳେ ସେ ସ୍ୱାର୍ଥପର ହୋଇପଡ଼େ । ମା ମନରେ ଭାବେ, ମୁଁ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ହେବି; କିନ୍ତୁ ଶିଶୁର ମୁହଁକୁ ଚାହିଁଲେ ହିଁ ତାହାର ସ୍ୱାର୍ଥପରତା ଆସିଯାଏ । ଏ ଜଗତର ସମସ୍ତ ବିଷୟ ସମ୍ବନ୍ଧରେ ହିଁ ଏହି କଥା । ଯେତେବେଳେ ହୃଦୟରେ ସ୍ୱାର୍ଥପର ବାସନାର ଉଦୟ ହୁଏ, ଯେତେବେଳେ ଲୋକେ କୌଣସି ସ୍ୱାର୍ଥପର କାମ କରନ୍ତି, ସେତେବେଳେ ତାହାର ମନୁଷ୍ୟତ୍ୱ—ଯାହାକୁ ନେଇ ସେ ମଣିଷ, ତାହା ଚାଲିଯାଏ; ସେତେବେଳେ ସେ ପଶୁ ତୁଲ୍ୟ ହୋଇଯାଏ, ଦାସବତ୍ ହୋଇଯାଏ; ସେ ନିଜର ପ୍ରତିବେଶୀମାନଙ୍କୁ ତାହାର ଭ୍ରାତୃସ୍ୱରୂପ ମାନବଜାତିକୁ ଭୁଲିଯାଏ । ସେତେବେଳେ ସେ ଆଉ କହେ ନାହିଁ, 'ଆଗ ତୁମମାନଙ୍କର ହେଉ, ମୋର ପରେ ହେବ; କିନ୍ତୁ କହେ, ଆଗେ ମୋର ହେଉ, ତା'ପରେ ବାକି ସମସ୍ତେ ନିଜେ ନିଜେ ଦେଖି-ନେବେ ।'

ଆମେମାନେ ପୂର୍ବରୁ ଦେଖିଛୁ, ଶ୍ରୀକୃଷ୍ଣଙ୍କ ଉପଦେଶ ପାଇଁ ଆମମାନଙ୍କ ହୃଦୟର ଗୋଟିଏ ଅଂଶ ଉନ୍ମୁକ୍ତ ରଖିବାକୁ ହେବ । ତାଙ୍କର ଉପଦେଶକୁ ହୃଦୟରେ ଧାରଣ ନ କଲେ ଆମେମାନେ କେବେହେଲେ ଶାନ୍ତ ଓ ଅକପଟ ଭାବରେ ଏବଂ ଆନନ୍ଦରେ କୌଣସି କର୍ତ୍ତବ୍ୟ କର୍ମରେ ହାତ ଦେଇପାରିବା ନାହିଁ । ଶ୍ରୀକୃଷ୍ଣ କହୁଛନ୍ତି, 'ଯେଉଁ କର୍ମ ତୁମମାନଙ୍କୁ କରିବାକୁ ହେଉଛି, ସେଥିରେ ଯଦି କୌଣସି ଦୋଷ ଥାଏ, ତଥାପି ଭୟ କର ନାହିଁ; କାରଣ ଏପରି କୌଣସି କାର୍ଯ୍ୟ ନାହିଁ, ଯେଉଁଥିରେ କିଛି ନା କିଛି ଦୋଷ ନାହିଁ ।'* 'ସମୁଦାୟ କର୍ମ ଈଶ୍ୱରଙ୍କୁ ଅର୍ପଣ କର, ଏବଂ ତା'ର ଫଳାଫଳ ଆଡ଼କୁ ଲକ୍ଷ୍ୟ କର ନାହିଁ ।'

ଅନ୍ୟ ଦିଗରେ ପୁଣି ଭଗବାନ ବୁଦ୍ଧଦେବଙ୍କର ଅମୃତମୟୀ ବାଣୀ ଆସି ଆମମାନଙ୍କ ହୃଦୟର ଗୋଟିଏ ଅଂଶ ଅଧିକାର କରୁଛି । ସେହି ବାଣୀ କହୁଛି: ସମୟ ଚାଲିଯାଉଛି, ଏହି ଜଗତ କ୍ଷଣସ୍ଥାୟୀ ଓ ଦୁଃଖପୂର୍ଣ୍ଣ । ହେ ମୋହନିଦ୍ରାଭିଭୂତ ନରନାରୀଗଣ, ତୁମେମାନେ ପରମ ମନୋହର ପ୍ରାସାଦରେ ବସି ବିଚିତ୍ର ବସନ-ଭୂଷଣରେ ବିଭୂଷିତ ହୋଇ ପରମ ଉପାଦେୟ ଚର୍ବ୍ୟ-ଚୋଷ୍ୟ-ଲେହ୍ୟ-ପେୟଦ୍ୱାରା ରସନାର ତୃପ୍ତିସାଧନ କରୁଛ; ଏଣେ ଯେ ଲକ୍ଷ ଲକ୍ଷ ଲୋକ ଅନଶନରେ ପ୍ରାଣତ୍ୟାଗ କରୁଛନ୍ତି, ସେମାନଙ୍କ କଥା କଅଣ କେବେହେଲେ ଭ୍ରମରେ ସୁଦ୍ଧା ତୁମମାନଙ୍କ ମାନସପଟରେ ଉଦିତ ହୁଏ ? ଭାବି ଦେଖ, ଜଗତ ମଧ୍ୟରେ ମହାସତ୍ୟ ଏହି : ସର୍ବଂ ଦୁଃଖମନିତ୍ୟମଧ୍ରୁବମ—ଦୁଃଖ ଆଉ ଦୁଃଖ, ଅନିତ୍ୟ ଜଗତ୍ ଦୁଃଖପୂର୍ଣ୍ଣ । ଶିଶୁ ଯେତେବେଳେ ମାତୃଗର୍ଭରୁ ଭୂମିଷ୍ଠ ହୁଏ ସେତେବେଳେ ସେ ପୃଥିବୀରେ ପଦାର୍ପଣ କରିବା ସଙ୍ଗେ ସଙ୍ଗେ କାନ୍ଦିଥାଏ । ଶିଶୁର କ୍ରନ୍ଦନ—ଏହା ହିଁ ମହାସତ୍ୟ ଘଟଣା । ଏଥିରୁ ପ୍ରମାଣିତ

* ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍ ।
ସର୍ବାରମ୍ଭା ହି ଦୋଷେଣ ଧୁମେନାଗ୍ନିରିବାବୃତାଃ ॥—ଗୀତା, ୧୮।୪୮

ହୁଏ ଯେ, ଏ ଜଗତ କାନ୍ଦିବାର ସ୍ଥାନ । ସୁତରାଂ ଆମେମାନେ ଯଦି ଭଗବାନ ବୁଦ୍ଧଦେବଙ୍କର ବାଣୀକୁ ହୃଦୟରେ ସ୍ଥାନ ଦେଉ, ତେବେ ଆମେମାନେ ଯେପରି କେବେ-ହେଲେ ସ୍ୱାର୍ଥପର ନ ହେଉ ।

ପୁଣି, ସେହି ଈଶଦୂତ ନ୍ୟାଜାରେଥନିବାସୀ ଈଶାଙ୍କ ଆଡ଼କୁ ଦୃଷ୍ଟିପାତ କର । ତାଙ୍କର ଉପଦେଶ : 'ପ୍ରସ୍ତୁତ ହୁଅ, କାରଣ ସ୍ୱର୍ଗରାଜ୍ୟ ଅତି ନିକଟବର୍ତ୍ତୀ ।' ମୁଁ ଶ୍ରୀକୃଷ୍ଣଙ୍କ ବାଣୀ ଗମ୍ଭୀର ଭାବରେ ମନେମନେ ଆଲୋଚନା କରି ଅନାସକ୍ତ ହୋଇ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରୁଛି; କିନ୍ତୁ ବେଳେ ବେଳେ ତାଙ୍କ ଉପଦେଶ ଭୁଲିଯାଇ ସଂସାରରେ ଆସକ୍ତ ହୋଇପଡ଼ୁଛି; ମୁଁ ହଠାତ୍ ଭଗବାନ ବୁଦ୍ଧଦେବଙ୍କ ବାଣୀ ହୃଦୟ ଭିତରେ ଶୁଣିବାକୁ ପାଏ—'ସାବଧାନ, ଜଗତର ସମୁଦାୟ ପଦାର୍ଥ କ୍ଷଣସ୍ଥାୟୀ ଓ ଏ ଜୀବନ ସର୍ବଦା ଦୁଃଖମୟ ।' ସେହି ବାଣୀ ଶୁଣିବା ମାତ୍ରେ ମନ ସଂଶୟ-ଦୋଳାରେ ଝୁଲୁଥାଏ । କାହା କଥା ଶୁଣିବି—ଶ୍ରୀକୃଷ୍ଣଙ୍କ କଥା ନା ଶ୍ରୀବୁଦ୍ଧଙ୍କ କଥା ? ସେତେବେଳେ ବଜ୍ରବେଗରେ ଭଗବାନ ଈଶାଙ୍କ ବାଣୀ ଆସି ଉପସ୍ଥିତ ହୋଇଥାଏ, 'ପ୍ରସ୍ତୁତ ହୁଅ, କାରଣ ସ୍ୱର୍ଗରାଜ୍ୟ ଅତିନିକଟରେ ।' ମୁହୂର୍ତ୍ତେ ମଧ୍ୟ ବିଳମ୍ବ କର ନାହିଁ, କାଲି ହେବ ବୋଲି କିଛି ପକାଇ ରଖ ନାହିଁ । ସେହି ଚରମ ଅବସ୍ଥା ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହ, ତାହା ତୁମ ନିକଟରେ ବର୍ତ୍ତମାନ ହିଁ ଉପସ୍ଥିତ ହୋଇପାରେ । ସୁତରାଂ ଭଗବାନ ଈଶାଙ୍କ ଉପଦେଶ ପାଇଁ ମଧ୍ୟ ଆମମାନଙ୍କ ହୃଦୟରେ ସ୍ଥାନ ରହିଛି, ଆମେମାନେ ସାଦରେ ତାଙ୍କର ସେହି ଉପଦେଶ ଗ୍ରହଣ କରିଥାଉ, ଆମେମାନେ ସେହି ଈଶଦୂତ—ସେହି ଜୀବନ୍ତ ଈଶ୍ୱରଙ୍କୁ ପ୍ରଣାମ କରିଥାଉ ।

ତାହାପରେ ଆମମାନଙ୍କ ଦୃଷ୍ଟି ସେହି ମହାପୁରୁଷ ମହମ୍ମଦଙ୍କ ଉପରେ ନିପତିତ ହୁଏ, ଯେ କି ଜଗତକୁ ସାମ୍ୟଭାବର ବାର୍ତ୍ତା ବହନ କରି ଆଣିଛନ୍ତି । ତୁମେମାନେ ପଚାରିପାର : 'ମହମ୍ମଦଙ୍କ ଧର୍ମରେ ପୁଣି ଭଲ କଅଣ ରହିପାରେ ?' ତାଙ୍କ ଧର୍ମରେ ନିଶ୍ଚିତ କିଛି ଭଲ ଅଛି —ଯଦି ନ ଥାଆନ୍ତା, ତାହାହେଲେ ତାହା ଏତେ ଦିନ ବଞ୍ଚିରହିଛି କିପରି ? ଯାହା ଭଲ, ତାହା ହିଁ କେବଳ ସ୍ଥାୟୀ ହୁଏ, ଅନ୍ୟ ସମସ୍ତର ବିନାଶ ହେଲେ ମଧ୍ୟ ତାହାର ବିନାଶ ହୁଏ ନାହିଁ । ଯାହା କିଛି ଭଲ ତାହା ହିଁ ସବଳ ଓ ଦୃଢ଼, ସୁତରାଂ ତାହା ହିଁ ସ୍ଥାୟୀ ହୁଏ । ଏହି ପୃଥିବୀରେ ଅପବିତ୍ର ବ୍ୟକ୍ତିର ଜୀବନ କେତେ ଦିନ ? ପବିତ୍ରଚରିତ୍ର ସାଧୁଙ୍କର ପ୍ରଭାବ କଅଣ ତାହା ଅପେକ୍ଷା ବେଶୀ ନୁହେଁ ? ନିଶ୍ଚୟ ବେଶୀ; କାରଣ ପବିତ୍ରତା ହିଁ ବଳ, ସାଧୁତା ହିଁ ବଳ । ସୁତରାଂ ମହମ୍ମଦଙ୍କ ଧର୍ମରେ ଯଦି କିଛି ଭଲ ନ ଥାଆନ୍ତା, ତେବେ ତାହା ଏତେ ଦିନ ବଞ୍ଚିଥାଆନ୍ତା କିପରି ? ମୁସଲମାନ ଧର୍ମରେ ଯଥେଷ୍ଟ ଭଲ ଜିନିଷ ଅଛି । ମହମ୍ମଦ ସାମ୍ୟବାଦର ଆଚାର୍ଯ୍ୟ; ସେ ମାନବଜାତିର ଭ୍ରାତୃଭାବ—ସବୁ ମୁସଲମାନମାନଙ୍କର ଭ୍ରାତୃଭାବର ପ୍ରଚାରକ ଈଶ୍ୱରପ୍ରେରିତ ପୁରୁଷ ।

ସୁତରାଂ ଆମେମାନେ ଦେଖୁଛୁଁ, ଜଗତର ପ୍ରତ୍ୟେକ ଅବତାର, ପ୍ରତ୍ୟେକ ଈଶ୍ୱର-ପ୍ରେରିତ ପୁରୁଷ ପ୍ରତ୍ୟେକ ଈଶଦୂତ ହିଁ ଜଗତକୁ ବିଶେଷ ତତ୍ତ୍ୱର ବାର୍ତ୍ତା ବହନ କରି ଆଣିଛନ୍ତି । ଯଦି ତୁମେମାନେ ପ୍ରଥମେ ସେହି ବାଣୀ ଶ୍ରବଣ କର ଏବଂ ପରେ ସେହି ତତ୍ତ୍ୱ-

ବିଶେଷର ପ୍ରଚାରକ ଆଚାର୍ଯ୍ୟଙ୍କ ଜୀବନ ଆଡ଼କୁ ଦୃଷ୍ଟିପାତ କର, ଦେଖିବ, ସତ୍ୟର ଆଲୋକରେ ତାଙ୍କର ସମଗ୍ର ଜୀବନଟି ବ୍ୟାଖ୍ୟାତ ହେଉଛି । ଅଜ୍ଞ ମୂର୍ଖମାନେ ନାନାବିଧ ମତମତାନ୍ତର କଳ୍ପନା କରିଥାଆନ୍ତି, ଏବଂ ନିଜ ନିଜର ମାନସିକ ଉନ୍ନତି ଅନୁଯାୟୀ, ନିଜ ନିଜର ଭାବ ଅନୁସାରେ ବ୍ୟାଖ୍ୟା ଆବିଷ୍କାର କରି ଏସବୁ ମହାପୁରୁଷଙ୍କଠାରେ ତାହାକୁ ଆରୋପ କରି-ଥାଆନ୍ତି । ସେମାନଙ୍କର ଉପଦେଶସମୂହକୁ ନେଇ ସେମାନେ ନିଜ ନିଜର ମତାନୁଯାୟୀ ଭ୍ରାନ୍ତ ବ୍ୟାଖ୍ୟା କରିଥାଆନ୍ତି, କିନ୍ତୁ ପ୍ରତ୍ୟେକ ମହାନ୍ ଆଚାର୍ଯ୍ୟଙ୍କର ଜୀବନ ହିଁ ତାଙ୍କର ଉପଦେଶର ଏକମାତ୍ର ଭାଷ୍ୟ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଜୀବନ ଆଲୋଚନା କରି ଦେଖ, ସେ ନିଜେ ଯାହା କିଛି କରିଛନ୍ତି, ତାହା ତାଙ୍କର ଉପଦେଶ ସହିତ ଠିକ୍ ମିଳିଯିବ । ଗୀତା ପାଠ କରି ଦେଖ, ଦେଖିବ ଗୀତାର ଉପଦେଷ୍ଟା ଶ୍ରୀକୃଷ୍ଣଙ୍କର ଜୀବନ ସହିତ ଗୀତାର ବାଣୀର କି ସୁନ୍ଦର ସମନ୍ୱୟ ରହିଛି !

ମହମ୍ମଦ ନିଜ ଜୀବନର ଦୃଷ୍ଟାନ୍ତଦ୍ୱାରା ଦେଖାଇଗଲେ ଯେ, ମୁସଲମାନମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ସାମ୍ୟ ଓ ଭ୍ରାତୃଭାବ ରହିବା ଉଚିତ । ତାହା ମଧ୍ୟରେ ବିଭିନ୍ନ ଜାତି, ମତାମତ, ବର୍ଣ୍ଣ ବା ଲିଙ୍ଗଭେଦ କିଛି ରହିବ ନାହିଁ । ତୁରସ୍କର ସୁଲତାନ ଆଫ୍ରିକାର ବଜାରରୁ ଜଣେ ନିଗ୍ରୋକୁ କିଣି ତାକୁ ଶୃଙ୍ଖଳାବଦ୍ଧ କରି ତୁରସ୍କକୁ ଆଣିପାରନ୍ତି; ସେ ଯଦି ମୁସଲମାନ ହୁଏ, ଆଉ ଯଦି ତାହାର ଉପଯୁକ୍ତ ଗୁଣ ଥାଏ, ତାହାହେଲେ ସେ ସୁଲତାନଙ୍କର କନ୍ୟାକୁ ମଧ୍ୟ ବିବାହ କରିପାରିବ । ମୁସଲମାନମାନଙ୍କର ଏହି ଉଦାରଭାବ ସହିତ ଏ ଦେଶରେ (ଆମେରିକାରେ) ନିଗ୍ରୋ ଓ ରେଡ୍ ଇଣ୍ଡିଆନମାନଙ୍କ ପ୍ରତି କିପରି ବ୍ୟବହାର କରାଯାଏ, ତାହା ତୁଳନା କରି ଦେଖ । ଆଉ ହିନ୍ଦୁମାନେ କ'ଣ କରିଥାଆନ୍ତି ? ଯଦି ତୁମମାନଙ୍କର ଜଣେ ମିଶନାରି ହଠାତ୍ ଜଣେ ରକ୍ଷଣଶୀଳ ହିନ୍ଦୁର ଖାଦ୍ୟ ଛୁଇଁଦେବ ସେ ତତ୍‌କ୍ଷଣାତ୍ ତାହା ଫିଙ୍ଗିଦେବ । ଆମର ଏତେ ଉଚ୍ଚ ଦର୍ଶନ ଶାସ୍ତ୍ର ଥିବା ସତ୍ତ୍ୱେ ଆମେମାନେ କାର୍ଯ୍ୟ ସମୟରେ ଆଚରଣ ସମୟରେ କିପରି ଦୁର୍ବଳତାର ପରିଚୟ ଦେଇଥାଉ, ତାହା ଲକ୍ଷ୍ୟ କର । କିନ୍ତୁ ଅନ୍ୟାନ୍ୟ ଧର୍ମାବଲମ୍ବୀଙ୍କ ତୁଳନାରେ ଏହିଠାରେ ମୁସଲମାନମାନଙ୍କର ମହତ୍ତ୍ୱ—ଜାତି ବା ବର୍ଣ୍ଣ ବିଚାର ନ କରି ସମସ୍ତଙ୍କ ପ୍ରତି ସାମ୍ୟଭାବ ପ୍ରଦର୍ଶନ କରିବା !

ଯେଉଁସବୁ ମହାପୁରୁଷ ଓ ଅବତାରମାନଙ୍କ ବିଷୟ ପୂର୍ବରୁ କଥିତ ହେଲା, ସେମାନଙ୍କ ବ୍ୟତୀତ ଅନ୍ୟ ମହତ୍ତର ଅବତାର କ'ଣ ଜଗତକୁ ଆସିବେ ? ଅବଶ୍ୟ ଆସିବେ । କିନ୍ତୁ ସେମାନେ ଆସିବେ ବୋଲି ବସି ରହି ନାହିଁ । ମୋର ବରଂ ଇଚ୍ଛା, ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକେ ହିଁ ସମୁଦାୟ ପ୍ରାଚୀନ ସଂହିତାର ସମଷ୍ଟିସ୍ୱରୂପ । ଏହି ଯଥାର୍ଥ ନବସଂହିତାର ଆଚାର୍ଯ୍ୟ ହୁଅ, ପ୍ରବକ୍ତା ହୁଅ । ପ୍ରାଚୀନ କାଳରେ ବିଭିନ୍ନ ଅବତାରମାନେ ଯେଉଁସବୁ ଉପଦେଶ ଦେଇ-ଯାଇଛନ୍ତି, ସେଗୁଡ଼ିକୁ ଗ୍ରହଣ କରି, ନିଜ ନିଜର ଅପରୋକ୍ଷାନୁଭୂତି ସହିତ ମିଳାଇ ସେଗୁଡ଼ିକୁ ସମ୍ପୂର୍ଣ୍ଣ କରି ଏବଂ ଦିବ୍ୟ ପ୍ରେରଣା ଲାଭ କରି ଅନ୍ୟମାନଙ୍କ ନିକଟରେ ସେହି ସତ୍ୟ ଘୋଷଣା କର । ପୂର୍ବବର୍ତ୍ତୀ ସମସ୍ତ ଆଚାର୍ଯ୍ୟ ହିଁ ମହାନ୍ ଥିଲେ, ପ୍ରତ୍ୟେକେ ହିଁ ଆମମାନଙ୍କ ପାଇଁ କିଛି ନା କିଛି ସତ୍ୟ ରଖି ଯାଇଛନ୍ତି; ସେମାନେ ଆମମାନଙ୍କ ପକ୍ଷରେ ଈଶ୍ୱରସ୍ୱରୂପ । ଆମେମାନେ

ସେମାନଙ୍କୁ ନମସ୍କାର କରୁ, ଆମେମାନେ ସେମାନଙ୍କର ଦାସ। କିନ୍ତୁ ତାହା ସଙ୍ଗେ ସଙ୍ଗେ ଆମେ ନିଜକୁ ମଧ୍ୟ ନମସ୍କାର କରିବା; କାରଣ ସେମାନେ ଯେପରି ପ୍ରଫେଟ୍, ଈଶ୍ୱରତନୟ ବା ଅବତାର, ଆମେମାନେ ମଧ୍ୟ ସେହିପରି। ସେମାନେ ପୂର୍ଣ୍ଣତା ଲାଭ କରିଥିଲେ, ସିଦ୍ଧ ହୋଇଥିଲେ; ଆମେମାନେ ମଧ୍ୟ ବର୍ତ୍ତମାନ···ଇହ-ଜୀବନରେ ସିଦ୍ଧାବସ୍ଥା ପ୍ରାପ୍ତ ହେବୁ । ଯୀଶୁଖ୍ରୀଷ୍ଟଙ୍କର ସେହି ବାଣୀକୁ ସ୍ମରଣ ରଖ—'ସ୍ୱର୍ଗରାଜ୍ୟ ଅତି ନିକଟରେ ।' ବର୍ତ୍ତମାନ ଏହି ମୁହୂର୍ତ୍ତିରେ ହିଁ ଆସ, ଆମେମାନେ ପ୍ରତ୍ୟେକେ ଏହି ଦୃଢ଼ପ୍ରତିଜ୍ଞା କରିବା—'ମୁଁ ଈଶ୍ୱରପ୍ରେରିତ ପୁରୁଷ ହେବି, ମୁଁ ସେହି ଜ୍ୟୋତିସ୍ୱରୂପ ଭଗବାନଙ୍କର ବାର୍ତ୍ତାବହ ହେବି, ମୁଁ ଈଶ୍ୱରତନୟ —କେବଳ ସେତିକି ନୁହେଁ, ସ୍ୱୟଂ ଈଶ୍ୱରସ୍ୱରୂପ ହେବି ।'

## କୃଷ୍ଣ ଓ ତାଙ୍କର ଶିକ୍ଷା

[ଏହି ବକ୍ତୃତାଟି ୧୯୦୦ ଖ୍ରୀ: ଏପ୍ରିଲ୍ ୧ ତାରିଖରେ ଆମେରିକା ଯୁକ୍ତରାଷ୍ଟ୍ରର ସାନ୍ ଫ୍ରାନ୍‌ସିସ୍କୋ ଅଞ୍ଚଳରେ ପ୍ରଦତ୍ତ । ଆଇଡା ଅନ୍‌ସେଲ୍ (Ida Ansell) ନାମ୍ନୀ ଜନୈକା ଶ୍ରୋତ୍ରୀ ତାଙ୍କର ବ୍ୟକ୍ତିଗତ ଅନୁଧ୍ୟାନ ପାଇଁ ଏହାର ସାଙ୍କେତିକ ଲିପି ଗ୍ରହଣ କରିଥିଲେ । ମୃତ୍ୟୁର କିଛିକାଳ ପୂର୍ବରୁ ୧୯୫୬ ଖ୍ରୀ: ରେ Vedanta and the West ପତ୍ରିକାରେ ପ୍ରକାଶ ପାଇଁ ସେ ଏହାର ସାଙ୍କେତିକ ଲିପି ଉଦ୍ଧାର କରିଥିଲେ । ଯେଉଁଠାରେ ଲିପିକାର ସ୍ୱାମୀଜୀଙ୍କର ଭାଷଣର କଥାଗୁଡ଼ିକ ଠିକ୍ ଭାବରେ ଧରିପାରି ନାହାନ୍ତି ସେଠାରେ '...' ଚିହ୍ନ ଦିଆଯାଇଛି । ପ୍ରଥମ ବନ୍ଧନୀର '( )' ମଧ୍ୟବର୍ତ୍ତୀ ଅଂଶ ସ୍ୱାମୀଜୀଙ୍କର ଭାବ-ପରିସ୍ଫୁଟନ ପାଇଁ ଲିପିକାର-କର୍ତ୍ତୃକ ସନ୍ନିବେଶିତ ।]

ଯେଉଁ କାରଣ-ପରମ୍ପରା ଫଳରେ ଭାରତବର୍ଷରେ, ବୌଦ୍ଧଧର୍ମର ଅଭ୍ୟୁତ୍ଥାନ, ପ୍ରାୟ ସେହିପରି ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ହିଁ ଶ୍ରୀକୃଷ୍ଣଙ୍କର ଆବିର୍ଭାବ ହୋଇଥିଲା । କେବଳ ସେତିକି ନୁହେଁ, ସେହି ଯୁଗର ଅନୁରୂପ ଘଟଣାବଳୀ ଆମେମାନେ ଏ ଯୁଗରେ ମଧ୍ୟ ଘଟିବାର ଦେଖୁଛୁ ।

ନିର୍ଦ୍ଦିଷ୍ଟ ଆଦର୍ଶ ଗୋଟିଏ ଅଛି, କିନ୍ତୁ ଏହା ମଧ୍ୟ ଠିକ୍ ଯେ, ମାନବଜାତିର ଗୋଟିଏ ବୃହତ୍ତ ଅଂଶ ସେହି ଆଦର୍ଶରେ ପହଞ୍ଚିପାରେ ନାହିଁ, ଧାରଣା ମଧ୍ୟ କରିପାରେ ନାହିଁ ।··· ଯେଉଁମାନେ ଶକ୍ତିମାନ୍ ସେମାନେ ସେହି ଆଦର୍ଶ ଅନୁଯାୟୀ ଚାଲନ୍ତି, ଅନେକ ସମୟରେ ଅସମର୍ଥମାନଙ୍କ ପ୍ରତି ସେମାନଙ୍କର ସହାନୁଭୂତି ନ ଥାଏ । ଶକ୍ତିମାନ୍ ନିକଟରେ—ଦୁର୍ବଳ ତ କେବଳ କୃପାର ପାତ୍ର ! ଶକ୍ତିମାନ୍‌ଗଣ ହିଁ ଆଗେଇ ଯାଆନ୍ତି ।···ଅବଶ୍ୟ ଏହା ଆମେମାନେ ସହଜରେ ବୁଝିପାରୁ ଯେ, ଦୁର୍ବଳ ପ୍ରତି ସହାନୁଭୂତିସମ୍ପନ୍ନ ହେବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ଉତ୍ତମ ଦୃଷ୍ଟିଭଙ୍ଗୀ । କିନ୍ତୁ ଅନେକ କ୍ଷେତ୍ରରେ ଦାର୍ଶନିକମାନେ ଆମମାନଙ୍କର ହୃଦୟବାନ୍ ହେବା ପଥରେ ପ୍ରତିବନ୍ଧକ ହୋଇ ଠିଆ ହୁଅନ୍ତି । ଏହି ପୃଥିବୀରେ କେତୋଟି ବର୍ଷର ଜୀବନଦ୍ୱାରା ବର୍ତ୍ତମାନ ହିଁ ସମଗ୍ର ଅନନ୍ତ ଜୀବନକୁ ନିରୂପିତ କରିବାକୁ

ପଣ୍ଡିତ—ଏହି ମତ ଯଦି ଅନୁସରଣ କରିବାକୁ ହୁଏ,···ତେବେ ଏହା ଆମମାନଙ୍କ ନିକଟରେ ଅତ୍ୟନ୍ତ ନୈରାଶ୍ୟଜନକ ହେବ।···ଯେଉଁମାନେ ଦୁର୍ବଳ, ସେମାନଙ୍କ କଥା ଭାବିବା ପାଇଁ ଆମମାନଙ୍କର ଅବସର ରହିବ ନାହିଁ ।

ଯଦି ଏହି ଜଗତ୍ ଆମମାନଙ୍କର ଅନ୍ୟତମ ଅପରିହାର୍ଯ୍ୟ ଶିକ୍ଷାଳୟ ହୁଏ, ଯଦି ଅନନ୍ତ ଜୀବନକୁ ଶାଶ୍ୱତ ନିୟମ ଅନୁସାରେ ଗଠିତ, ରୂପାୟିତ ଏବଂ ପରିଚାଳିତ କରିବାକୁ ହୁଏ, ଏବଂ ଶାଶ୍ୱତ ନିୟମରେ ଯଦି ପ୍ରତ୍ୟେକେ ସୁଯୋଗ ଲାଭ କରନ୍ତି, ତାହାହେଲେ ତ ଆମମାନଙ୍କର ଉତ୍ତର ହେବାର କୌଣସି ପ୍ରୟୋଜନ ନାହିଁ । ସମବେଦନା ଜଣାଇବା, ଗୃହଆଡ଼କୁ ଗୃହିଁବା ଏବଂ ଦୁର୍ବଳର ସାହାଯ୍ୟ ପାଇଁ ହସ୍ତ ପ୍ରସାରଣ କରି ସେମାନଙ୍କୁ ପ୍ରତିପାଳନ କରିବା ନିମିତ୍ତ ପ୍ରଚୁର ସମୟ ଆମମାନଙ୍କର ଅଛି ।

ବୌଦ୍ଧଧର୍ମସମ୍ପର୍କରେ ସଂସ୍କୃତରେ ଆମେମାନେ ଦୁଇଟି ଶବ୍ଦ ପାଉ : ଗୋଟିଏ 'ଧର୍ମ' ଅନ୍ୟଟି 'ସଂଘ' । ଏହା ଅତ୍ୟନ୍ତ ବିସ୍ମୟକର ଯେ, ଶ୍ରୀକୃଷ୍ଣଙ୍କର ଶିଷ୍ୟ ଓ ବଂଶଧରମାନଙ୍କର ଅବଲମ୍ବିତ ଧର୍ମର କୌଣସି ନାମ ନାହିଁ, (ଯଦିଓ) ବିଦେଶୀମାନେ ଏହାକୁ ହିନ୍ଦୁଧର୍ମ ବା ବ୍ରାହ୍ମଣ୍ୟଧର୍ମ ବୋଲି ଅଭିହିତ କରନ୍ତି । 'ଧର୍ମ' ଏକ, ତେବେ 'ସଂପ୍ରଦାୟ' ଅନେକ । ଯେଉଁ ମୁହୂର୍ତ୍ତରେ ତୁମେ ଧର୍ମର ଗୋଟିଏ ନାମ ଦେବାକୁ ଯାଅ, ଏହାକୁ ସ୍ୱାତନ୍ତ୍ର୍ୟ ଦେଇ ଅନ୍ୟାନ୍ୟ ଧର୍ମରୁ ଅଲଗା କରିପକାଅ, ସେତେବେଳେ ଏହା ଗୋଟିଏ ସଂପ୍ରଦାୟରେ ପରିଣତ ହୁଏ, ସେତେବେଳେ ଆଉ ଏହା 'ଧର୍ମ' ହୋଇ ରହେ ନାହିଁ । ସଂପ୍ରଦାୟ କେବଳ ନିଜର ମତଟିକୁ ହିଁ ପ୍ରଚାର କରେ; ଏହା ଘୋଷଣା କରିବାକୁ ଛାଡ଼େ ନାହିଁ ଯେ, ଏହା ହିଁ ଏକମାତ୍ର ସତ୍ୟ, ଏବଂ ଅନ୍ୟ କେଉଁଠାରେ ସତ୍ୟ ନାହିଁ । ପକ୍ଷାନ୍ତରରେ 'ଧର୍ମ' ବିଶ୍ୱାସ କରେ ଯେ, ଜଗତରେ ଗୋଟିଏ ମାତ୍ର ଧର୍ମ ହିଁ ଚାଲି ଆସୁଅଛି ଏବଂ ବର୍ତ୍ତମାନ ମଧ୍ୟ ଅଛି । ଦୁଇଟି ଧର୍ମ କେବେହେଲେ ନ ଥିଲା । ଗୋଟିଏ ମାତ୍ର ଧର୍ମ ବିଭିନ୍ନ ସ୍ଥାନରେ ତାହାର ବିଭିନ୍ନ ଦିଗ (ଉପସ୍ଥାପିତ କରୁଅଛି) । ମାନବଜାତିର ଲକ୍ଷ୍ୟ ଏବଂ ସମ୍ଭାବନା ସମ୍ବନ୍ଧରେ ଯଥାଯଥ ଧାରଣା କରିବା ଆମମାନଙ୍କର କର୍ତ୍ତବ୍ୟ । ଆମମାନଙ୍କର ଦୃଷ୍ଟିକୁ ସ୍ୱଚ୍ଛ କରି ଊର୍ଦ୍ଧ୍ୱରେ ଏବଂ ସମ୍ମୁଖରେ ଅଗ୍ରଗାମୀ ମାନବଜାତିକୁ ଉଦାର ଦୃଷ୍ଟିରେ ଦେଖିବାକୁ ଶିଖାଇବା ହିଁ ଶ୍ରୀକୃଷ୍ଣଙ୍କର ମହତ୍ତା କୀର୍ତ୍ତି । ତାଙ୍କର ବିଶାଳ ହୃଦୟ ହିଁ ସର୍ବପ୍ରଥମେ ସମସ୍ତ ମତ ମଧ୍ୟରେ ସତ୍ୟକୁ ଦେଖିବାକୁ ପାଇଥିଲା; ତାଙ୍କର ଶ୍ରୀମୁଖରୁ ହିଁ ପ୍ରତ୍ୟେକ ମନୁଷ୍ୟ ପାଇଁ ସୁନ୍ଦର ସୁନ୍ଦର କଥା ପ୍ରଥମେ ନିଃସୃତ ହୋଇଥିଲା ।

ଏହି କୃଷ୍ଣ ବୁଦ୍ଧଙ୍କର କେତେ ହଜାର ବର୍ଷର ପୂର୍ବବର୍ତ୍ତୀ । ଏପରି ବହୁ ଲୋକ ଅଛନ୍ତି, ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ ଯେ, କୃଷ୍ଣ ବୋଲି କେହି ଜଣେ ଥିଲେ । କେହି କେହି ବିଶ୍ୱାସ କରନ୍ତି ଯେ—ପ୍ରାଚୀନ ସୂର୍ଯ୍ୟୋପାସନାରୁ କୃଷ୍ଣଙ୍କର ପୂଜା ଉଦ୍ଭୂତ ହୋଇଛି । ସମ୍ଭବତଃ 'କୃଷ୍ଣ' ନାମରେ ବହୁ ବ୍ୟକ୍ତି ଥିଲେ । ଉପନିଷଦ୍‌ରେ ଜଣେ 'କୃଷ୍ଣ'ଙ୍କର ଉଲ୍ଲେଖ ଅଛି, ଜଣେ କୃଷ୍ଣ ଥିଲେ ରାଜା, ଆଉ ଜଣେ ଥିଲେ ସେନାପତି । ସମସ୍ତେ ଏକ 'କୃଷ୍ଣ'ରେ ସମ୍ମିଳିତ ହୋଇଯାଇଛନ୍ତି । ଏଥିରେ ଆମମାନଙ୍କର କିଛି ଯାଏ ଆସେ ନାହିଁ । ଘଟଣାଟି

ଏହି ଯେ, ଯେତେବେଳେ ଆଧ୍ୟାତ୍ମିକଭାବରେ ଅନୁପମ ଏପରି ଜଣେ ଆବିର୍ଭୂତ ହୁଅନ୍ତି, ସେତେବେଳେ ତାଙ୍କୁ ଘେରି ନାନାପ୍ରକାର ପୌରାଣିକ କାହାଣୀ ରଚିତ ହୁଏ । କିନ୍ତୁ ବାଇବେଲ ପ୍ରଭୃତି ଯେଉଁସବୁ ଧର୍ମଗ୍ରନ୍ଥ ଏବଂ ଉପାଖ୍ୟାନ ଏହିପରି ଜଣେ ବ୍ୟକ୍ତିଙ୍କ ଉପରେ ଆରୋପିତ ହୁଏ, ସେଗୁଡ଼ିକୁ ତାଙ୍କର ଚରିତ୍ରର ଛାଞ୍ଚରେ ନୂଆ କରି ଢାଳିବା ପ୍ରୟୋଜନ । ବାଇବେଲର ନିଉ ଟେଷ୍ଟାମେଣ୍ଟର ଗଳ୍ପଗୁଡ଼ିକ ଖ୍ରୀଷ୍ଟଙ୍କର ସର୍ବଜନଗ୍ରାହ୍ୟ ଜୀବନ (ଏବଂ) ଚରିତ୍ରର ଆଲୋକରେ ରୂପାୟିତ କରିବା ଉଚିତ । ବୁଦ୍ଧଙ୍କ ସମ୍ବନ୍ଧରେ ଭାରତୀୟ ସମସ୍ତ କାହାଣୀରେ 'ପରାର୍ଥେ ଆତ୍ମତ୍ୟାଗ' ଭାବଟିକୁ ତାଙ୍କର ସମଗ୍ର ଜୀବନର ପ୍ରଧାନ ସ୍ୱରରୂପେ ବଜାୟ ରଖାଯାଇଛି ।

କୃଷ୍ଣଙ୍କ ମଧ୍ୟରେ ଆମେମାନେ ପାଉ···ତାଙ୍କ ବାଣୀର ଦୁଇଟି ପ୍ରଧାନ ଭାବ; ପ୍ରଥମ— ବିଭିନ୍ନ ଭାବର ସମନ୍ୱୟ, ଦ୍ୱିତୀୟ ଅନାସକ୍ତି । ମନୁଷ୍ୟ ରାଜସିଂହାସନରେ ବସି ସେନାବାହିନୀ ପରିଚାଳନା କରି, ଜାତିସମୂହ ପାଇଁ ବଡ଼ ବଡ଼ ପରିକଳ୍ପନା କାର୍ଯ୍ୟରେ ପରିଣତ କରି ମଧ୍ୟ ଚରମ ଲକ୍ଷ୍ୟ—ପୂର୍ଣ୍ଣତାରେ ପହଞ୍ଚିପାରେ । ଫଳତଃ କୃଷ୍ଣଙ୍କର ମହାବାଣୀ ଯୁଦ୍ଧକ୍ଷେତ୍ରରେ ହିଁ ପ୍ରଚାରିତ ହୋଇଥିଲା ।

ପ୍ରାଚୀନ ପୁରୋହିତକୁଳର ଢଙ୍ଗଢାଙ୍ଗ, ଆଡ଼ମ୍ବର ଓ କ୍ରିୟାକଳାପାଦିର ଅସାରତା କୃଷ୍ଣଙ୍କର ସ୍ୱଚ୍ଛ ଦୃଷ୍ଟିରେ ଧରାପଡ଼ିଥିଲା, ତଥାପି ଏହି ସମସ୍ତ ମଧ୍ୟରେ ସେ କିଛି ଭଲ ମଧ୍ୟ ଦେଖିଥିଲେ ।

ଯଦି ତୁମେ ଶକ୍ତିଧର ହୁଅ, ହୁଅମ; କିନ୍ତୁ ତା' ବୋଲି ଯିଏ ତୁମ ଭଳି ବଳବାନ୍ ନୁହେଁ, ତାହାକୁ ଅଭିଶାପ ଦିଅ ନାହିଁ ।··· ପ୍ରତ୍ୟେକେ କହିଥାଆନ୍ତି,'ହତଭାଗ୍ୟ ତୁମେମାନେ !' ଆଉ କେହି କେହି କହନ୍ତି, 'ଆହା, ମୁଁ କି ହତଭାଗ୍ୟ ଯେ ତୁମମାନଙ୍କୁ ସାହାଯ୍ୟ କରିପାରୁ ନାହିଁ !' ମନୁଷ୍ୟ ନିଜ ନିଜ ସାମର୍ଥ୍ୟ, ସଙ୍ଗତି ଓ ଜ୍ଞାନ ଅନୁଯାୟୀ ଯେତେଦୂର ଯାହା କରିବାର କରୁଅଛି; କିନ୍ତୁ କି ଦୁଃଖର କଥା, ମୁଁ ତ ସେମାନଙ୍କୁ ମୋ ପର୍ଯ୍ୟାୟକୁ ଟାଣି ଉଠାଇପାରୁ ନାହିଁ !

ସେଥିପାଇଁ କୃଷ୍ଣ କହୁଛନ୍ତି : ଆଚାର-ଅନୁଷ୍ଠାନ, ଦେବାର୍ଚ୍ଚନା ପୁରାଣକଥା ସବୁ ଠିକ୍ ···କାହିଁକି ? କାରଣ ଏଗୁଡ଼ିକ ଗୋଟିଏ ଲକ୍ଷ୍ୟରେ ପହଞ୍ଚାଇ ଦିଏ । କ୍ରିୟା-କଳାପ, ଶାସ୍ତ୍ର, ପ୍ରତୀକ—ଏ ସମସ୍ତ ଏକ ଶୃଙ୍ଖଳର ଗୋଟିଏ ଗୋଟିଏ ଶିକୁଳି । ଦୃଢ଼ଭାବରେ ଧର । ଏହା ହିଁ ଏକମାତ୍ର କର୍ତ୍ତବ୍ୟ । ଯଦି ତୁମେ ଅକପଟ ହୁଅ, ଆଉ ଯଦି ଦୀର୍ଘ ଶୃଙ୍ଖଳର ଗୋଟିଏ ମାତ୍ର ଶିକୁଳି ଧରିପାରିଥାଅ, ତେବେ ଛାଡ଼ିଦିଅ ନାହିଁ; ବାକି ଅଂଶଟିକକ ତୁମ ନିକଟକୁ ଆସିବାକୁ ବାଧ୍ୟ । (କିନ୍ତୁ ମନୁଷ୍ୟ) ଧରିବାକୁ ଚାହେଁ ନାହିଁ । ସେ କେବଳ କଳିତକିରାଳରେ ଏବଂ କେଉଁଟି ଧରିବ ଏହି ବିଚାରରେ ହିଁ ସମୟ କଟାଏ, ଫଳରେ କୌଣସି କିଛି ଧରି ରଖେ ନାହିଁ ।··· ଆମେମାନେ ସର୍ବଦା ସତ୍ୟକୁ 'ଖୋଜି' ବୁଲୁ; କିନ୍ତୁ ତାହା 'ଲାଭ' କରିବାକୁ କେବେହେଲେ ଚାହୁଁ ନାହିଁ । ଆମେମାନେ ଚାହୁଁ କେବଳ ଘୂରି ବୁଲିବାକୁ ଓ (ଚାହିଁବାର) ମଜାଟିକକ; ଆମମାନଙ୍କର ପ୍ରଚୁର ଶକ୍ତି ଏହି ଭାବରେ ହିଁ ବ୍ୟୟିତ ହେଉଅଛି । ସେଥିପାଇଁ କୃଷ୍ଣ କହୁଛନ୍ତି :

ମୂଳ କେନ୍ଦ୍ରରୁ ପ୍ରସାରିତ ଶୃଙ୍ଖଳାଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିକୁ ଧରିପକାଅ । କୌଣସି ସୋପାନ ଅନ୍ୟଠାରୁ ବଡ଼ ନୁହେଁ ।···ଯେତେବେଳଯାଏ ଆନ୍ତରିକତା ଥାଏ, ସେତେବେଳ ପର୍ଯ୍ୟନ୍ତ କୌଣସି ଧର୍ମମତକୁ ନିନ୍ଦା କର ନାହିଁ । ଯେକୌଣସି ଗୋଟିଏ ଶିକୁଳିକୁ ଜୋର୍ କରି ଧର, ତାହାହେଲେ ଏହା ତୁମକୁ କେନ୍ଦ୍ରକୁ ଟାଣି ନେଇଯିବ ।··· ବାକି ଯାହା କିଛି ସବୁ ତୁମ ହୃଦୟ ହିଁ ଶିଖାଇଦେବ । ଭିତରେ ଗୁରୁ ହିଁ ସବୁ ମତ, ସମସ୍ତ ଦର୍ଶନ ଶିକ୍ଷା ଦେବେ ।···

ଖ୍ରୀଷ୍ଟଙ୍କ ଭଳି କୃଷ୍ଣ ମଧ୍ୟ ନିଜକୁ ଈଶ୍ୱର ବୋଲି କହିଛନ୍ତି । ନିଜ ମଧ୍ୟରେ ସେ ଦେବତାଙ୍କ ଦର୍ଶନ କହୁଥିଲେ । ସେ କହୁଥିଲେ, 'ଜନକ ପାଇଁ ମଧ୍ୟ ମୋ ବାଟରୁ ବାହାରକୁ ଯିବାର ସାଧ୍ୟ କାହାରି ହେଲେ ନାହିଁ । ସମସ୍ତଙ୍କୁ ହିଁ ମୋ ନିକଟକୁ ଆସିବାକୁ ହେବ । ଯିଏ ମୋତେ ଯେଉଁ ଭାବରେ ଉପାସନା କରୁ ନା କାହିଁକି, ମୁଁ ତାକୁ ସେହି ଫଳ ପ୍ରଦାନଦ୍ୱାରା ହିଁ ଅନୁଗୃହୀତ କରେ ଏବଂ ସେହି ଭାବ ମଧ୍ୟଦେଇ ତାହା ନିକଟରେ ଉପସ୍ଥିତ ହୁଏ ।···'* କୃଷ୍ଣଙ୍କର ହୃଦୟ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା ।

କୃଷ୍ଣ ନିଜ ସ୍ୱାତନ୍ତ୍ର୍ୟରେ ଠିଆ ହୋଇଅଛନ୍ତି । ସେହି ନିର୍ଭୀକ ବ୍ୟକ୍ତିତ୍ୱକୁ ଆମେମାନେ ଭୟ କରୁ । ଆମେମାନେ ତ ସବୁ କିଛି ଉପରେ ନିର୍ଭର କରୁ···କେତୋଟି ମିଠା କଥା ଉପରେ, ଅବସ୍ଥା ଉପରେ । ଯେତେବେଳେ ଆତ୍ମା କୌଣସି ବ୍ୟକ୍ତି ବା ବସ୍ତୁ ଉପରେ ନିର୍ଭର କରନ୍ତି ନାହିଁ, ଏପରିକି ଜୀବନ ଉପରେ ମଧ୍ୟ ନୁହେଁ—ତାହା ହିଁ ତତ୍ତ୍ୱଜ୍ଞାନର ପରାକାଷ୍ଠା, ମନୁଷ୍ୟତ୍ୱର ଚୂଡ଼ାନ୍ତ । ଉପାସନା ମଧ୍ୟ ସେହି ଗୋଟିଏ ଲକ୍ଷ୍ୟ ଆଡ଼କୁ ନେଇଯାଏ । ଉପାସନା ଉପରେ କୃଷ୍ଣ ଖୁବ୍ ଜୋର୍ ଦେଇଛନ୍ତି । ଈଶ୍ୱରଙ୍କ ଉପାସନା କର ।

ଆମେମାନେ ଜଗତରେ ନାନା ପ୍ରକାର ଉପାସନା ଦେଖିବାକୁ ପାଉ । ଆର୍ତ୍ତ ଭଗବାନଙ୍କୁ ଖୁବ୍ ଡାକେ ।··· ଯାହାର ଧନସମ୍ପତ୍ତି ନଷ୍ଟ ହୋଇଛି, ସେ ମଧ୍ୟ ଧନଲାଭର ଆଶାରେ ଈଶ୍ୱରଙ୍କୁ ପ୍ରାର୍ଥନା କରେ । ଈଶ୍ୱରଙ୍କ ପାଇଁ ଯିଏ ଈଶ୍ୱରଙ୍କୁ ଭଲ ପାଆନ୍ତି, ତାଙ୍କର ଉପାସନା ହିଁ ଶ୍ରେଷ୍ଠ ଉପାସନା । ପ୍ରଶ୍ନ ହୋଇପାରେ : 'ଯଦି ଈଶ୍ୱର ଅଛନ୍ତି, ତେବେ ଏତେ ଦୁଃଖ କଷ୍ଟ କାହିଁକି ?' ଭକ୍ତ କହନ୍ତି···'ଜଗତରେ ଦୁଃଖ ଅଛି; (କିନ୍ତୁ) ତା' ବୋଲି ମୁଁ ଭଗବାନଙ୍କୁ ଭଲ ପାଇବାକୁ ଛାଡ଼ିବ ନାହିଁ । ମୋର (ଦୁଃଖ) ଦୂର କରିବା ପାଇଁ ମୁଁ ତାଙ୍କର ଉପାସନା କରେ ନାହିଁ । ତାଙ୍କୁ ମୁଁ ଭଲପାଏ, କାହିଁକି ନା ସେ ପ୍ରେମ-ସ୍ୱରୂପ ।' ଅନ୍ୟ ପ୍ରକାରର ଉପାସନାଗୁଡ଼ିକ ଅପେକ୍ଷାକୃତ ନିମ୍ନସ୍ତରର; କିନ୍ତୁ କୃଷ୍ଣ କୌଣସି ଉପାସନାକୁ ନିନ୍ଦା କରି ନାହାନ୍ତି । ଚୁପ୍ କରି ଠିଆ ହୋଇ ରହିବା ଅପେକ୍ଷା କିଛି କରିବା ଭଲ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କର ଉପାସନା କରିବାକୁ ଆରମ୍ଭ କରିଛି, ସେ କ୍ରମେ ଉନ୍ନତ ହେବ ଏବଂ ତାହାଙ୍କୁ ନିଷ୍କାମ ଭାବରେ ଭଲ ପାଇପାରିବ ।···

ଆମେ ଏହି ଜୀବନ-ଯାପନ କରି କିପରି ପବିତ୍ରତା ଲାଭ କରିବା ? ଆମ ସମସ୍ତଙ୍କୁ

* ଗୀତା, ୪।୧୧

କ'ଣ ଅରଣ୍ୟ-ଗୁମ୍ଫାକୁ ଯିବାକୁ ହେବ ?···ନା, ସେଥିରେ କିଛି ଲାଭ ନାହିଁ । ମନ ଯଦି ବଶୀଭୂତ ନ ହୁଏ, ତେବେ ଗୁମ୍ଫାରେ ବାସ କଲେ ମଧ୍ୟ କୌଣସି ଫଳ ହେବ ନାହିଁ, କାରଣ ଏହି ଏକା ମନ ସେଠାରେ ମଧ୍ୟ ନାନା ବିଘ୍ନ ସୃଷ୍ଟି କରିବ । ଆମେମାନେ ଗୁମ୍ଫାରେ ମଧ୍ୟ କୋଡ଼ିଏଟି ସଇତାନ ଦେଖିବାକୁ ପାଇବୁ, କାରଣ ସବୁ ସଇତାନ ତ ମନ ଭିତରେ । ମନ ବଶରେ ଥିଲେ ଆମେ ଯେଉଁଠାରେ ବାସ କରୁ ନା କାହିଁକି, ତାହା ଗୁମ୍ଫା ପରି ।

ଆମେମାନେ ଯେଉଁ ଜଗତ୍ ଦେଖୁଛୁ, ଆମମାନଙ୍କର ନିଜ ନିଜର ମାନସିକ ସଂସାର ହିଁ ତାହା ସୃଷ୍ଟି କରେ । ଆମମାନଙ୍କର ଚିନ୍ତାଧାରା ବସ୍ତୁସମୂହକୁ ସୁନ୍ଦର ବା କୁତ୍ସିତ କରେ । ସମସ୍ତ ସଂସାରଟା ହିଁ ଆମମାନଙ୍କ ମନ ମଧ୍ୟରେ ରହିଛି । ଠିକ୍ ଦୃଷ୍ଟିରେ ସବୁ କିଛି ଦେଖିବାକୁ ଶିଖ । ପ୍ରଥମତଃ ଏହି କଥାଟି ବିଶ୍ୱାସ କର ଯେ, ଜଗତରେ ପ୍ରତ୍ୟେକ ଜିନିଷର କୌଣସି ନା କୌଣସି ଅର୍ଥ ଅଛି । ଜଗତର ପ୍ରତିଟି ଦ୍ରବ୍ୟ ହିଁ ସତ୍, ପବିତ୍ର ଓ ସୁନ୍ଦର । ଯଦି ତୁମ ଆଖିରେ କୌଣସି କିଛି ମନ୍ଦ ବୋଲି ମନେହୁଏ, ତେବେ ଜାଣିବ ଯେ ତୁମେ ତାହା ଯଥାର୍ଥ ଭାବରେ ବୁଝିପାରୁ ନାହଁ । ସବୁ ବୋଝ ନିଜ ଉପରକୁ ନିଅ ।···ଯେତେବେଳେ ଆମେମାନେ କହିବା ପାଇଁ ପ୍ରଲୁବ୍ଧ ହେଉ ଯେ, ଜଗତ ରସାତଳକୁ ଯାଉଛି, ସେତିକବେଳେ ଆମମାନଙ୍କର ଆତ୍ମବିଶ୍ଳେଷଣ କରିବା ଉଚିତ; ତାହାହେଲେ ଆମେମାନେ ବୁଝିପାରିବା ଯେ, ସଂସାରର ସବୁ କିଛି ଠିକ୍ ଭାବରେ ଦେଖିବାର ଶକ୍ତି ଆମେମାନେ ହରାଇଛୁ ।

ଦିନ ରାତି କାମ କର । 'ଦେଖ, ମୁଁ ଜଗତର ଈଶ୍ୱର, ମୋର କୌଣସି କର୍ତ୍ତବ୍ୟ ନାହିଁ । ପ୍ରତ୍ୟେକ କର୍ତ୍ତବ୍ୟ ହିଁ ବନ୍ଧନ । କିନ୍ତୁ ମୁଁ କର୍ମ ପାଇଁ କର୍ମ କରେ । ଯଦି କ୍ଷଣକେ ପାଇଁ ମୁଁ କର୍ମରୁ ବିରତ ହୁଏ, ତେବେ ସବୁ କିଛି ବିଶୃଙ୍ଖଳିତ ହେବ ।'* ଅତଏବ କେବଳ କାର୍ଯ୍ୟ କରିଯାଅ, କିନ୍ତୁ କର୍ତ୍ତବ୍ୟବୋଧରେ ନୁହେଁ ।···

ଏହି ସଂସାର ଯେପରି ଗୋଟିଏ ଖେଳ । ତୁମେମାନେ ତାଙ୍କର (ଭଗବାନଙ୍କର) ଖେଳର ସାଥୀ । କୌଣସି ଦୁଃଖ, କୌଣସି ଦୁର୍ଗତିର କଥା ନ ଭାବି କାର୍ଯ୍ୟ କରିଯାଅ । କଦର୍ଯ୍ୟ ବସ୍ତିରେ ଏବଂ ସୁସଜ୍ଜିତ ବୈଠକଖାନାରେ ଭଗବାନଙ୍କର ହିଁ ଲୀଳା ଦେଖ । ଲୋକଙ୍କୁ ଉନ୍ନତ କରିବା ପାଇଁ କାର୍ଯ୍ୟ କର! (ସେମାନେ ଯେ ପାପୀ ବା ହୀନ, କୃଷ୍ଣ ଏପରି କହନ୍ତି ନାହିଁ ।)

ସତ୍‌କାର୍ଯ୍ୟ ଏତେ କମ୍ ହୁଏ କାହିଁକି ଜାଣ ? କୌଣସି ଭଦ୍ରମହିଳା ଗୋଟିଏ ବସ୍ତିକୁ ଗଲେ ।···ସେ କେତୋଟି ଟଙ୍କା ଦେଇ କହିଲେ, 'ଆହା, ଗରିବଗୁଡ଼ାକ ଏହାକୁ ନେଇ ସୁଖୀ ହୁଅନ୍ତୁ···ପୁଣି ଜଣେ ସୁନ୍ଦରୀ ହୁଏତ ରାସ୍ତା ଦେଇ ଯାଉ ଯାଉ ଜଣେ ଦରିଦ୍ରକୁ ଦେଖିଲେ ଏବଂ କେତୋଟି ପଇସା ତା' ପାଖକୁ ଫିଙ୍ଗିଦେଲେ । ଭାବି ଦେଖ ତ, ଏହା କପଟ ନିନ୍ଦନୀୟ ! ଆମେମାନେ ଧନ୍ୟ ଯେ, ଏହି ବିଷୟରେ ତୁମମାନଙ୍କର ବାଇବେଲରେ ଭଗବାନ ଆମମାନଙ୍କୁ ଉପଦେଶ ଦେଇଛନ୍ତି । ଯୀଶୁ କହୁଛନ୍ତି, 'ତୁମେମାନେ ମୋର ଏହି ଭ୍ରାତୃଗଣଙ୍କ ମଧ୍ୟରେ ହୀନତମ ବ୍ୟକ୍ତି ପାଇଁ ଏପରି କରିଛ ବୋଲି ଏହା ମୋହର ପାଇଁ କରା ହୋଇଅଛି ।'

---

* ଗୀତା, ୩।୨୨-୨୩

ତୁମେ ଯେ କାହାକୁ ସାହାଯ୍ୟ କରିପାର, ଏପରି ଚିନ୍ତା କରିବା ମଧ୍ୟ ଅଧର୍ମ । ପ୍ରଥମତଃ ସାହାଯ୍ୟ କରିବା ଭାବଟିକୁ ମନରୁ ଉତ୍ପାଟିତ କର, ତା'ପରେ ଉପାସନା କରିବାକୁ ଯାଅ । ଈଶ୍ୱରଙ୍କର ସନ୍ତାନ-ସନ୍ତତି ଯେ ତୁମ ପ୍ରଭୁଙ୍କର ହିଁ ସନ୍ତାନ । (ଆଉ ସନ୍ତାନ ତ ପିତାଙ୍କର ଭିନ୍ନ ଭିନ୍ନ ମୂର୍ତ୍ତି ।) ତୁମେ ତ ତାଙ୍କର ସେବକ···ଜୀବନ୍ତ ଈଶ୍ୱରଙ୍କର ସେବା କର । ଈଶ୍ୱର ତୁମ ନିକଟକୁ ଅନ୍ଧ, ଖଞ୍ଜ, ଦରିଦ୍ର, ଦୁର୍ବଳ ବା ପାପୀ ମୂର୍ତ୍ତିରେ ଆସନ୍ତି । ଉପାସନା ପାଇଁ ତୁମର କି ଚମତ୍କାର ସୁଯୋଗ ! ଯେଉଁ ମୁହୂର୍ତ୍ତିରେ ତୁମେ ଚିନ୍ତା କରିବ ଯେ, ତୁମେ ଅନ୍ୟକୁ 'ସାହାଯ୍ୟ' କରୁଅଛ, ତତ୍କ୍ଷଣାତ୍ ସମସ୍ତ ଆଦର୍ଶ ନଷ୍ଟ କରି ନିଜକୁ ଅବନତ କରି ପକାଇବ । ଏହା ଜାଣି କାର୍ଯ୍ୟ କର । ପ୍ରଶ୍ନ କରିବ, 'ତା'ପରେ ?' ତୁମକୁ ଆଉ ହୃଦୟଭେଦୀ ଭୟଙ୍କର ଦୁଃଖରେ ପଡ଼ିବାକୁ ହେବ ନାହିଁ ।··· ସେତେବେଳେ କର୍ମ ଆଉ ବନ୍ଧନ ହେବ ନାହିଁ । କର୍ମ ଖେଳ ହୋଇଯିବ, ଆନନ୍ଦରେ ପରିଣତ ହେବ । କର୍ମ କର । ଅନାସକ୍ତ ହୁଅ । ଏହା ହିଁ ସମ୍ପୂର୍ଣ୍ଣ କର୍ମରହସ୍ୟ । ଯଦି ଆସକ୍ତ ହୁଅ, ଦୁଃଖ ଆସିବ ।···

ଜୀବନରେ ଆମେ ଯାହା କିଛି କରିବାକୁ ଯାଉ, ତା' ସହିତ ନିଜକୁ ଏକ କରି-ପକାଉ । ଏହି ଲୋକଟି କଟୁ କଥା କହିଲା; ମୋ ମନରେ କ୍ରୋଧର ସଞ୍ଚାର ହେଲା । କେତେ ସେକେଣ୍ଡ ମଧ୍ୟରେ କ୍ରୋଧ ସହିତ ମୁଁ ଏକ ହୋଇଗଲି—ତା'ପରେ ହିଁ ଆସେ ଦୁଃଖ । ନିଜକୁ ଭଗବାନଙ୍କ ସହିତ ଯୁକ୍ତ କର, ଅନ୍ୟ କାହାରି ସହିତ ନୁହେଁ; କାରଣ ଆଉ ସବୁ କିଛି ହିଁ ଅସତ୍ୟ ! ଅସତ୍ୟ ପ୍ରତି ଆସକ୍ତି ହିଁ ଦୁଃଖ ଆଣେ । ଏକମାତ୍ର ସତ୍‌ସ୍ୱରୂପ ହିଁ ସତ୍ୟ; ସେ ହିଁ ଏକମାତ୍ର ଜୀବନ, ତାଙ୍କଠାରେ ବିଷୟ-ବିଷୟୀ (object and subject) ବୋଧ ନାହିଁ ।

କିନ୍ତୁ ନିଷ୍କାମ ଭଲପାଇବାରେ ତୁମେ ଆଘାତ ପାଇବ ନାହିଁ । ଯାହା କିଛି କର, କ୍ଷତି ନାହିଁ । ବିବାହ କରିପାର, ସନ୍ତାନର ଜନକ ହୋଇପାର···ତୁମର ଯାହା ଖୁସି ତାହା କରିପାର—କିଛି ତୁମକୁ ଦୁଃଖ ଦେବ ନାହିଁ; 'ଅହଂ'-ବୁଦ୍ଧିରେ କିଛି କର ନାହିଁ । କର୍ତ୍ତବ୍ୟ ପାଇଁ କର୍ତ୍ତବ୍ୟ କର; କର୍ମ ପାଇଁ କର୍ମ କର । ସେଥିରେ ତୁମର କ'ଣ ଅଛି ? ତୁମେ ନିର୍ଲିପ୍ତ ଭାବରେ ପାଖରେ ଠିଆ ହୋଇ ରହ ।

ଯେତେବେଳେ ଆମେମାନେ ଏହିପରି ଅନାସକ୍ତି ଲାଭ କରିବା, ସେତେବେଳେ ବିଶ୍ୱ-ବ୍ରହ୍ମାଣ୍ଡର ଅଦ୍ଭୁତ ରହସ୍ୟ ଆମମାନଙ୍କର ହୃଦୟଙ୍ଗମ ହେବ । ସେତେବେଳେ ବୁଝିପାରିବା ଏକା ସାଙ୍ଗରେ କି ତୀବ୍ର କର୍ମଶୃଙ୍ଖଳା ଓ ଚରମ ଶାନ୍ତି ! ପ୍ରତିକ୍ଷଣରେ କି କର୍ମ, ପୁଣି କି ବିଶ୍ରାମ । ଏହା ହିଁ ସଂସାରର ରହସ୍ୟ—ଏକ ହିଁ ସତ୍ତାରେ ଅକର୍ତ୍ତୃତ୍ୱ ଓ କର୍ତ୍ତୃତ୍ୱ, ଏକ ହିଁ ଆଧାରରେ ଅନନ୍ତ ଏବଂ ସାନ୍ତ । ସେତେବେଳେ ଆମେମାନେ ଏହି ରହସ୍ୟଟି ଆବିଷ୍କାର କରିବୁ । 'ଯିଏ ତୀବ୍ର କର୍ମବ୍ୟସ୍ତତା ମଧ୍ୟରେ ଅପାର ଶାନ୍ତି ଏବଂ ଅସୀମ ଶାନ୍ତି ମଧ୍ୟରେ ଚରମ କର୍ମଶୃଙ୍ଖଳା ଲାଭ କରନ୍ତି, ସେ ହିଁ ଯୋଗୀ ହୋଇଛନ୍ତି ।'* କେବଳ ସେ ହିଁ ପ୍ରକୃତ କର୍ମୀ, ଆଉ କେହି ନୁହନ୍ତି । ଆମେମାନେ ଟିକିଏ ମାତ୍ର କାମ କରି ଭାଙ୍ଗିପଡ଼ୁ, ଏହାର କାରଣ କ'ଣ ?

* ଗୀତା ୪।୧୮

ଯେହେତୁ ଆମେମାନେ କାର୍ଯ୍ୟ ସହିତ ନିଜକୁ ଜଡ଼ିତ କରିଦେଉ । ଯଦି ଆମେମାନେ ଆସକ୍ତ ନ ହେଉ, ତାହାହେଲେ କାର୍ଯ୍ୟ ସଙ୍ଗେ ସଙ୍ଗେ ଆମେମାନେ ପୂର୍ଣ୍ଣ ବିଶ୍ରାମ ଲାଭ କରିପାରୁ ।...

ଏହିପରି ଅନାସକ୍ତିରେ ପହଞ୍ଚିବା କେତେ କଠିନ । ସେଥିପାଇଁ କୃଷ୍ଣ ଆମମାନଙ୍କୁ ଅପେକ୍ଷାକୃତ ସହଜ ପଥ ଓ ଉପାୟଗୁଡ଼ିକର ନିର୍ଦ୍ଦେଶ ଦେଇଛନ୍ତି । (ପୁରୁଷ ବା ନାରୀ) ପ୍ରତ୍ୟେକଙ୍କ ପକ୍ଷରେ ସହଜତମ ରାସ୍ତା ହେଉଛି ଫଳର ଆକାଙ୍‌କ୍ଷାରେ ଉଦ୍‌ବିଗ୍ନ ନ ହୋଇ କର୍ମ କରିବା । ବାସନା ହିଁ ବନ୍ଧନ ସୃଷ୍ଟି କରେ । ଆମେମାନେ ଯଦି କର୍ମର ଫଳ ଚାହୁଁ, ତେବେ ଶୁଭ ହେଉ ବା ଅଶୁଭ ହେଉ, ତାହାର ଫଳଭୋଗ କରିବାକୁ ହିଁ ହେବ । କିନ୍ତୁ ଯଦି ଆମେମାନେ ଆମମାନଙ୍କର ନିଜ ପାଇଁ କର୍ମ ନ କରି ଈଶ୍ୱରଙ୍କର ମହିମା ପାଇଁ କରୁ, ତା'ହେଲେ ଫଳ ନିଜର ଭାବନା ନିଜେ ହିଁ ଭାବିବ । 'କର୍ମରେ ତୁମର ଅଧିକାର, ଫଳରେ ନୁହେଁ ।'* ସୈନିକ ଫଳର ଆଶା ନ ରଖି ଯୁଦ୍ଧ କରେ । ସେ ତାହାର କର୍ତ୍ତବ୍ୟ ସମ୍ପାଦନ କରିଯାଏ । ଯଦି ପରାଜୟ ହୁଏ—ତାହା ସେନାପତିର ସୈନିକର ନୁହେଁ । ପ୍ରୀତି ପାଇଁ ଆମେମାନେ କର୍ତ୍ତବ୍ୟ କରିବୁ—ସେନାପତିର ପ୍ରୀତି ପାଇଁ, ଈଶ୍ୱରଙ୍କର ପ୍ରୀତି ପାଇଁ ।...

ଯଦି ଶକ୍ତି ଥାଏ, ବେଦାନ୍ତଦର୍ଶନର ଭାବ ଗ୍ରହଣ କର ଏବଂ ସ୍ୱାଧୀନ ହୁଅ । ଯଦି ତାହା ନ ପାର ତେବେ ଈଶ୍ୱରଙ୍କର ଭଜନକର । ତାହା ଯଦି ନ ପାର ତେବେ କୌଣସି ପ୍ରତୀକର ଉପାସନାରେ ବ୍ରତୀ ହୁଅ । ଏହା ବି ଯଦି ନ ପାର, ଫଳର ଆକାଙ୍‌କ୍ଷା ନ କରି ସତ୍‌କାର୍ଯ୍ୟ କର । ତୁମର ଯାହା କିଛି ଅଛି, ଭଗବାନଙ୍କର ସେବାରେ ଉତ୍ସର୍ଗ କର । ଯୁଦ୍ଧ କରୁଥାଅ । 'ଯେ କେହି ଭକ୍ତିଭରେ ମୋର ଉଦ୍ଦେଶ୍ୟରେ ପତ୍ର, ପୁଷ୍ପ, ଫଳ ଓ ଜଳ ଅର୍ପଣ କରେ, ମୁଁ ତାହା ପ୍ରୀତିର ସହିତ ଗ୍ରହଣ କରେ ।'** 'ଯଦି ତୁମେ କିଛି ବି କରି ନ ପାର, ଗୋଟିଏ ସତ୍‌କାର୍ଯ୍ୟ ବି ଯଦି ତୁମଦ୍ୱାରା ଅନୁଷ୍ଠିତ ନ ହୁଏ, ତେବେ ପ୍ରଭୁଙ୍କର ଶରଣ ନିଅ । ଈଶ୍ୱର ସର୍ବଭୂତର ହୃଦୟରେ ଅଧିଷ୍ଠିତ ଥାଇ ସେମାନଙ୍କୁ ଯନ୍ତ୍ରାରୂଢ଼ ଭଳି ଚଳାଉ ଅଛନ୍ତି । ତୁମେ ସର୍ବାନ୍ତଃକରଣରେ ତାଙ୍କର ଶରଣାଗତ ହୁଅ···।'***

ଶ୍ରୀକୃଷ୍ଣ (ଗୀତାରେ) ଭକ୍ତ ଆଦର୍ଶ ସମ୍ବନ୍ଧରେ ସାଧାରଣଭାବରେ ଯେଉଁ ଆଲୋଚନା କରିଛନ୍ତି, ଏଗୁଡ଼ିକ ତା' ମଧ୍ୟରୁ କେତୋଟି । ବୁଦ୍ଧ ଓ ଯୀଶୁଙ୍କର ଭକ୍ତିବିଷୟକ ଉପଦେଶ ଆହୁରି ଅନ୍ୟାନ୍ୟ ବଡ଼ ବଡ଼ ଗ୍ରନ୍ଥରେ ଅଛି ।...

କୃଷ୍ଣଙ୍କର ଜୀବନ ସମ୍ବନ୍ଧରେ ଆହୁରି କେତୋଟି କଥା କହୁଅଛୁ । ଯୀଶୁ ଏବଂ କୃଷ୍ଣଙ୍କର ଜୀବନରେ ପ୍ରଚୁର ସାଦୃଶ୍ୟ ଅଛି । କେଉଁ ଚରିତଟି ଅନ୍ୟଟିଠାରୁ ଧାର କରା ହୋଇଅଛି—ଏ ସମ୍ବନ୍ଧରେ ଆଲୋଚନା ଚାଲିଅଛି । ଉଭୟ କ୍ଷେତ୍ରରେ ଜଣେ ଅତ୍ୟାଚାରୀ ରାଜା ଥିଲେ ।

---

* ଗୀତା, ୨।୪୭

** ଗୀତା, ୯।୨୬

*** ଗୀତା, ୧୮।୬୧

ଉଭୟଙ୍କର ଜନ୍ମ ହୋଇଥିଲା ପ୍ରାୟ ଏକା ଅବସ୍ଥାରେ । ଦୁଇଜଣଙ୍କର ମାତାପିତାଙ୍କୁ ବନ୍ଦୀ କରି ରଖାଯାଇଥିଲା । ଦୁଇ ଜଣଙ୍କୁ ହିଁ ଦେବଦୂତମାନେ ରକ୍ଷା କରିଥିଲେ । ଉଭୟ କ୍ଷେତ୍ରରେ ହିଁ ସେମାନଙ୍କ ଜନ୍ମ-ବର୍ଷରେ ଯେଉଁ ସବୁ ଶିଶୁ ଭୂମିଷ୍ଠ ହୋଇଥିଲେ, ସେମାନଙ୍କୁ ହତ୍ୟା କରାଯାଇଥିଲା । ଶୈଶବାବସ୍ଥା ମଧ୍ୟ ଏକା ପ୍ରକାର ।··· ପୁଣି ପରିଣାମରେ ଉଭୟେ ହିଁ ନିହତ ହୁଅନ୍ତି । କୃଷ୍ଣ ନିହତ ହୁଅନ୍ତି ଗୋଟିଏ ଆକସ୍ମିକ ଦୁର୍ଘଟଣାରେ; ସେ ତାଙ୍କର ହତ୍ୟାକାରୀକୁ ସ୍ୱର୍ଗକୁ ନେଇଯାଇଥିଲେ । ଖ୍ରୀଷ୍ଟଙ୍କୁ ହତ୍ୟା କରିହୁଏ; ସେ ଦସ୍ୟୁର ମଙ୍ଗଳ କାମନା କରିଥିଲେ ଏବଂ ତାହାକୁ ସ୍ୱର୍ଗକୁ ନେଇଯାଇଥିଲେ ।

ନିଉ ଟେଷ୍ଟାମେଣ୍ଟ ଏବଂ ଗୀତାର ଉପଦେଶଗୁଡ଼ିକରେ ଅନେକ ସାଦୃଶ୍ୟ ଅଛି । ମନୁଷ୍ୟର ଚିନ୍ତାଧାରା ଏକ ପଥରେ ଅଗ୍ରସର ହୁଏ ।··· କୃଷ୍ଣଙ୍କର ନିଜ କଥାରେ ମୁଁ ତୁମ-ମାନଙ୍କୁ ଏହାର ଉତ୍ତର ଦେଉଅଛି : 'ଯେତେବେଳେ ଧର୍ମର ଗ୍ଲାନି ଓ ଅଧର୍ମର ବୃଦ୍ଧି ହୁଏ, ସେତେବେଳେ ମୁଁ ଅବତୀର୍ଣ୍ଣ ହୁଏ । ବାରମ୍ବାର ମୁଁ ଆସେ । ଅତଏବ ଯେତେବେଳେ ଦେଖିବ କୌଣସି ମହାତ୍ମା ମାନବଜାତିର ଉଦ୍ଧାର ପାଇଁ ସଚେଷ୍ଟ, ଜାଣିବ ମୋର ଆବିର୍ଭାବ ହୋଇ-ଅଛି ଏବଂ ତାଙ୍କର ପୂଜା କରିବ ।'···*

ସେ ଯଦି ବୁଦ୍ଧ ବା ଯୀଶୁ ରୂପରେ ଅବତୀର୍ଣ୍ଣ ହୁଅନ୍ତି, ତେବେ ଧର୍ମ ଧର୍ମରେ କାହିଁକି ଏତେ ମତଭେଦ ? ସେମାନଙ୍କର ଉପଦେଶ ଅବଶ୍ୟ ପାଳନୀୟ । ହିନ୍ଦୁ ଭକ୍ତ କହିବେ : ସ୍ୱୟଂ ଈଶ୍ୱର କୃଷ୍ଣ, ବୁଦ୍ଧ, ଖ୍ରୀଷ୍ଟ ଏବଂ ଅନ୍ୟାନ୍ୟ ଆଚାର୍ଯ୍ୟ (ଲୋକଗୁରୁ) ରୂପରେ ଅବତୀର୍ଣ୍ଣ ହୋଇ ଅଛନ୍ତି । ହିନ୍ଦୁ ଦାର୍ଶନିକ କହିବେ, ଏମାନେ ମହାପୁରୁଷ ଏବଂ ନିତ୍ୟମୁକ୍ତ । ସମସ୍ତ ଜଗତ କଷ୍ଟ ପାଉଛି ବୋଲି ଏମାନେ ମୁକ୍ତ ହୋଇ ମଧ୍ୟ ନିଜର ମୁକ୍ତି ଗ୍ରହଣ କରନ୍ତି ନାହିଁ । ବାରମ୍ବାର ସେମାନେ ଆସନ୍ତି, ନରଶରୀର ଧାରଣ କରନ୍ତି ଏବଂ ମାନବଜାତିର ହିତସାଧନ କରନ୍ତି, ଆଶୈଶବ ଜାଣନ୍ତି—ସେମାନେ କିଏ ଏବଂ କି ଉଦ୍ଦେଶ୍ୟରେ ଅବତୀର୍ଣ୍ଣ ହୋଇଛନ୍ତି ।··· ଆମମାନଙ୍କ ଭଳି ବନ୍ଧନ ମଧ୍ୟଦେଇ ସେମାନଙ୍କର ଦେହ-ଧାରଣ କରିବାକୁ ହୁଏ ନାହିଁ ।··· ନିଜର ସ୍ୱାଧୀନ ଇଚ୍ଛାରେ ହିଁ ସେମାନେ ଆସନ୍ତି । ବିପୁଳ ଆଧ୍ୟାତ୍ମିକ ଶକ୍ତି ସ୍ୱତଃ ହିଁ ସେମାନଙ୍କ ମଧ୍ୟରେ ସଞ୍ଚିତ ଥାଏ । ଆମେମାନେ ଏହି ଶକ୍ତିର ପ୍ରତିରୋଧ କରିପାରୁ ନାହିଁ । ସେହି ଆଧ୍ୟାତ୍ମିକତାର ଘୂର୍ଣ୍ଣାବର୍ତ୍ତ ଅଗଣିତ ନରନାରୀଙ୍କୁ ଟାଣି ଆଣେ ଏବଂ ଏହାର ଗତି ଚାଲୁଥାଏ, କାରଣ ଏହି ମହାପୁରୁଷମାନଙ୍କ ମଧ୍ୟରେ ଜଣେ ନା ଜଣେ ପଶ୍ଚାତ୍ତରୁ ଶକ୍ତି ସଞ୍ଚାର କରୁଛନ୍ତି । ତେଣୁ ଯେତେଦିନ ସମଗ୍ର ମାନବଜାତିର ମୁକ୍ତି ନ ହୋଇଛି ଏବଂ ଏହି ପୃଥିବୀର ଖେଳ ସମାପ୍ତ ନ ହୋଇଛି, ସେତେଦିନ ଏହା ଚାଲୁଥିବ ।

ଯେଉଁମାନଙ୍କ ଜୀବନ ଆମେମାନେ ଅନୁଧ୍ୟାନ କରୁଛୁ, ସେହି ମହାପୁରୁଷମାନଙ୍କ ନାମ ମହିମାନ୍ୱିତ ହେଉ । ସେହିମାନେ ହିଁ ଜଗତର ଜୀବନ୍ତ ଈଶ୍ୱର । ସେହିମାନେ ହିଁ ଆମ-ମାନଙ୍କର ଉପାସ୍ୟ । ଭଗବାନ୍ ଯଦି ମାନବୀୟ ରୂପ ପରିଗ୍ରହ କରି ଆମମାନଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, କେବଳ ସେତିକିବେଳେ ଆମେମାନେ ତାହାଙ୍କୁ ଚିହ୍ନିପାରୁ । ସେ ତ

* ଗୀତା, ୪।୮, ୧୦।୪୧

ସର୍ବଦା ବିରାଜମାନ, କିନ୍ତୁ ଆମେମାନେ କ'ଣ ତାଙ୍କୁ ଦେଖିବାକୁ ପାଉଛୁ ? ମାନବଦେହରେ ସୀମାବଦ୍ଧ ହେଲେ ହିଁ ଆମମାନଙ୍କ ପକ୍ଷରେ ତାଙ୍କୁ ଦେଖିବା ସମ୍ଭବ ।··· ଯଦି ମନୁଷ୍ୟ ଓ ଜୀବସମୂହକୁ ଈଶ୍ୱରଙ୍କର ହିଁ ବିଭିନ୍ନ ପ୍ରକାଶ ବୋଲି ମାନୁ, ତେବେ ଏହି ଆଗୁର୍ଯିଗଣ ହିଁ ମାନବଜାତିର ନେତା ଏବଂ ଗୁରୁ । ଅତଏବ, ହେ ଦେବବନ୍ଦିତଚରଣ ମହାପୁରୁଷ, ତୁମ-ମାନଙ୍କୁ ପ୍ରଣାମ ! ହେ ମନୁଷ୍ୟଜାତିର ପଥପ୍ରଦର୍ଶକଗଣ, ତୁମମାନଙ୍କୁ ପ୍ରଣାମ ! ହେ ମହାନ୍ ଆଗୁର୍ଯିଗଣ, ତୁମମାନଙ୍କୁ ପ୍ରଣାମ ! ହେ ପଥିକୃତ୍‌ଗଣ, ତୁମମାନଙ୍କ ଉଦ୍ଦେଶ୍ୟରେ ଆମମାନଙ୍କର ଚିର ପ୍ରଣତି !

## ଭଗବାନ ବୁଦ୍ଧ

[ ଯୁକ୍ତରାଷ୍ଟ୍ର ଆମେରିକାର ଡେଟ୍ରୟେଟରେ ପ୍ରଦତ୍ତ ବକ୍ତୃତା ]

ପ୍ରତ୍ୟେକ ଧର୍ମରେ ଆମେମାନେ ଭିନ୍ନ ଭିନ୍ନ ପ୍ରକାର ସାଧନାର ବିଶେଷ ବିକାଶ ଦେଖିବାକୁ ପାଇଥାଉ । ବୌଦ୍ଧଧର୍ମରେ ନିଷ୍କାମ କର୍ମର ଭାବଟି ବେଶୀ ପ୍ରବଳ । ଆପଣମାନେ ବୌଦ୍ଧଧର୍ମ ଓ ବ୍ରାହ୍ମଣ୍ୟଧର୍ମର ସମ୍ବନ୍ଧ ବିଷୟରେ ଭୁଲ ବୁଝିବେ ନାହିଁ, ଏ ଦେଶରେ ଅନେକେ ଏପରି ଭୁଲ ବୁଝିଥାନ୍ତି । ସେମାନେ ଭାବନ୍ତି ଯେ, ବୌଦ୍ଧଧର୍ମ ସନାତନ ଧର୍ମ ସହିତ ସଂଯୋଗହୀନ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଧର୍ମ; କିନ୍ତୁ ପ୍ରକୃତପକ୍ଷରେ ତାହା ନୁହେଁ, ଏହା ଆମର ସନାତନଧର୍ମର ସମ୍ପ୍ରଦାୟବିଶେଷ । ବୌଦ୍ଧଧର୍ମ ଗୌତମ ନାମକ ମହାପୁରୁଷଙ୍କଦ୍ୱାରା ପ୍ରତିଷ୍ଠିତ । ତାତ୍କାଳିକ ଦାର୍ଶନିକ ବିଚାର, ଜଟିଳ ଅନୁଷ୍ଠାନପଦ୍ଧତି, ବିଶେଷତଃ ଜାତିଭେଦ ଉପରେ ସେ ଅତିଶୟ ବିରକ୍ତ ଥିଲେ । କେହି କେହି କହନ୍ତି, 'ଆମେମାନେ ଗୋଟିଏ ବିଶେଷ କୁଳରେ ଜନ୍ମହୋଇଛୁ; ସୁତରାଂ ଯେଉଁମାନେ ଏପରି ବଂଶରେ ଜନ୍ମି ନାହାନ୍ତି, ସେମାନଙ୍କ ଅପେକ୍ଷା ଆମେମାନେ ଶ୍ରେଷ୍ଠ ।' ଭଗବାନ୍ ବୁଦ୍ଧ ଜାତିଭେଦର ଏପରି ବ୍ୟାଖ୍ୟାର ବିରୋଧୀ ଥିଲେ । ସେ ପୁରୋହିତମାନଙ୍କର ବ୍ୟବସାୟୀ-ସୁଲଭ ସ୍ୱାର୍ଥସିଦ୍ଧିର ଘୋର ବିରୋଧୀ ଥିଲେ । ସେ ଏପରି ଏକ ଧର୍ମପ୍ରଚାର କଲେ, ଯେଉଁଥିରେ ସକାମ ଭାବର ଲେଶମାତ୍ର ନ ଥିଲା; ଏବଂ ସେ ଦର୍ଶନ ଓ ଈଶ୍ୱର ସମ୍ବନ୍ଧୀୟ ନାନାବିଧ ମତବାଦ ସମ୍ବନ୍ଧରେ ଆଲୋଚନା କରିବାକୁ ଚାହୁଁ ନ ଥିଲେ, ଏ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞେୟବାଦୀ ଥିଲେ । ଅନେକ ସମୟରେ ଅନେକେ ତାଙ୍କୁ ଈଶ୍ୱର ଅଛନ୍ତି କି ନାହିଁ ପଚାରିଲେ ସେ ଉତ୍ତର ଦେଉଥିଲେ, 'ସେସବୁ ବିଷୟରେ ମୁଁ କିଛି ଜାଣେ ନାହିଁ ।' ମାନବର ପ୍ରକୃତ କର୍ତ୍ତବ୍ୟ ସମ୍ବନ୍ଧରେ ପଚାରିଲେ ସେ କହୁଥିଲେ, 'ସଚ୍ଚରିତ୍ର ହୁଅ ଓ ଅପରର କଲ୍ୟାଣ ସାଧନ କର ।'

ଥରେ ତାଙ୍କ ନିକଟକୁ ପାଞ୍ଚଜଣ ବ୍ରାହ୍ମଣ ଆସି ତାଙ୍କୁ ସେମାନଙ୍କର ତର୍କର ମୀମାଂସା କରିଦେବାକୁ କହିଲେ । ଜଣେ କହିଲେ, 'ଭଗବାନ ! ମୋ ଶାସ୍ତ୍ରରେ ଈଶ୍ୱରଙ୍କର ସ୍ୱରୂପ ଓ ତାଙ୍କୁ ଲାଭ କରିବାର ଉପାୟ ସମ୍ବନ୍ଧରେ ଏହି ଏହି କଥା ଅଛି ।' ଅପର ଜଣେ କହିଲେ,

'ନା, ନା, ସେ କଥା ଭୁଲ; କାରଣ ମୋ ଶାସ୍ତ୍ରରେ ଈଶ୍ୱରଙ୍କ ସ୍ୱରୂପ ଓ ତାଙ୍କୁ ଲାଭ କରିବାର ସାଧନ ଅନ୍ୟ ଭାବରେ କୁହାଯାଇଛି ।' ଏହିପରି ଅନ୍ୟମାନେ ମଧ୍ୟ ଈଶ୍ୱରଙ୍କ ସ୍ୱରୂପ ଓ ତତ୍ତ୍ୱପ୍ରାପ୍ତିର ଉପାୟ ସମ୍ବନ୍ଧରେ ନିଜ ନିଜ ଅଭିମତ ଶାସ୍ତ୍ରର ଦୋହାଇ ଦେଇ ଭିନ୍ନ ଭିନ୍ନ ଅଭିପ୍ରାୟ ପ୍ରକାଶ କରିବାକୁ ଲାଗିଲେ । ସେ ପ୍ରତ୍ୟେକଙ୍କର କଥା ବିଶେଷ ମନଦେଇ ଶୁଣି ପ୍ରତ୍ୟେକଙ୍କୁ ଗୋଟି ଗୋଟି କରି ପଚାରିଲେ, 'ଆଚ୍ଛା, ଆପଣମାନଙ୍କର କାହାରି ଶାସ୍ତ୍ରରେ କ'ଣ ଏ କଥା କୁହାଯାଇଛି ଯେ, ଈଶ୍ୱର କ୍ରୋଧୀ, ହିଂସାପରାୟଣ ବା ଅପବିତ୍ର ?'

ବ୍ରାହ୍ମଣମାନେ ସମସ୍ତେ କହିଲେ, 'ନା ଭଗବାନ୍ ! ସବୁ ଶାସ୍ତ୍ର କହେ ଈଶ୍ୱର ଶୁଦ୍ଧ ଓ କଲ୍ୟାଣମୟ ।' ଭଗବାନ ବୁଦ୍ଧ କହିଲେ, 'ବନ୍ଧୁଗଣ ! ତେବେ ଆପଣମାନେ କାହିଁକି ପ୍ରଥମେ ଶୁଦ୍ଧ, ପବିତ୍ର ଓ କଲ୍ୟାଣକାରୀ ହେବା ପାଇଁ ଚେଷ୍ଟା କରୁ ନାହାନ୍ତି, ଯେଉଁଥିରେ କି ଆପଣମାନେ ଈଶ୍ୱର କି ବସ୍ତୁ ଜାଣିପାରନ୍ତେ ?'

ଅବଶ୍ୟ ମୁଁ ତାଙ୍କର ସବୁ ମତକୁ ସମର୍ଥନ କରେ ନାହିଁ । ମୋ ନିଜ ପାଇଁ ମୁଁ ଦାର୍ଶନିକ ବିଚାରର ଯଥେଷ୍ଟ ଆବଶ୍ୟକତା ବୋଧ କରିଥାଏ । ଅନେକ ବିଷୟରେ ତାଙ୍କ ସହିତ ମୋର ସମ୍ପୂର୍ଣ୍ଣ ମତଭେଦ ଅଛି; କିନ୍ତୁ ମତଭେଦ ଅଛି ବୋଲି ଯେ ମୁଁ ତାଙ୍କ ଚରିତ୍ରର, ତାଙ୍କ ଭାବରାଶି ସୌନ୍ଦର୍ଯ୍ୟ ଦେଖିବି ନାହିଁ, ଏହାର କଅଣ କିଛି ଅର୍ଥ ଅଛି ? ଜଗତରେ ଆର୍ଯ୍ୟମାନଙ୍କ ମଧ୍ୟରେ କେବଳ ମାତ୍ର ତାଙ୍କର କାର୍ଯ୍ୟରେ କୌଣସି ପ୍ରକାର ବାହାରର ଅଭିସନ୍ଧି ନ ଥିଲା । ଅନ୍ୟାନ୍ୟ ମହାପୁରୁଷମାନେ ସମସ୍ତେ ନିଜ ନିଜକୁ ଈଶ୍ୱରାବତାର ବୋଲି ଘୋଷଣା କରିଯାଇଛନ୍ତି, ଏବଂ ଏହା ମଧ୍ୟ କହିଯାଇଛନ୍ତି ଯେ, 'ମୋତେ ଯେଉଁମାନେ ବିଶ୍ୱାସ କରିବେ ସେମାନେ ସ୍ୱର୍ଗକୁ ଯିବେ ।' କିନ୍ତୁ ଭଗବାନ ବୁଦ୍ଧ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କଅଣ କହିଥିଲେ ? ସେ କହିଥିଲେ, 'କେହି ହେଲେ ତୁମକୁ ମୁକ୍ତ ହେବାରେ ସାହାଯ୍ୟ କରିପାରିବେ ନାହିଁ, ନିଜର ସାହାଯ୍ୟ ନିଜେ କର, ନିଜ ଚେଷ୍ଟାରେ ନିଜର ମୁକ୍ତିସାଧନ କର ।' ନିଜ ସମ୍ବନ୍ଧରେ ସେ କହିଛନ୍ତି, 'ବୁଦ୍ଧ ଶବ୍ଦର ଅର୍ଥ ଆକାଶ ପରି ଅନନ୍ତଜ୍ଞାନସମ୍ପନ୍ନ । ମୁଁ ଗୌତମ, ସେହି ଅବସ୍ଥା ଲାଭ କରିଛି; ତୁମେମାନେ ଯଦି ତାହା ପାଇଁ ପ୍ରାଣପଣେ ଚେଷ୍ଟା କରିବ, ତୁମେମାନେ ମଧ୍ୟ ତାହା ଲାଭ କରିବ ।' ସେ ସବୁପ୍ରକାର କାମନା ଓ ଅଭିସନ୍ଧିବର୍ଜ୍ଜିତ ଥିଲେ; ସୁତରାଂ ସେ ସ୍ୱର୍ଗଗମନର ବା ଐଶ୍ୱର୍ଯ୍ୟର ଆକାଙ୍କ୍ଷା କରୁ ନ ଥିଲେ । ସେ ରାଜସିଂହାସନର ଆଶା ଓ ସବୁପ୍ରକାର ସୁଖରେ ଜଳାଞ୍ଜଳି ଦେଇ ଭାରତର ପୁରପଲ୍ଲୀ ପଦବ୍ରଜରେ ଭ୍ରମଣ କରି ଭିକ୍ଷାବୃତ୍ତି-ଦ୍ୱାରା ଉଦର ପୂରଣ କରୁଥିଲେ ଏବଂ ସମୁଦ୍ରବତ୍ ପ୍ରଶସ୍ତ ହୃଦୟ ନେଇ ନରନାରୀ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କର କଲ୍ୟାଣ ଯେପରି ହେବ, ତାହା ହିଁ ପ୍ରଚାର କରୁଥିଲେ । ଜଗତ ମଧ୍ୟରେ ସେ ଏକମାତ୍ର ମହାପୁରୁଷ, ଯେ ଯଜ୍ଞରେ ପଶୁହତ୍ୟା ନିବାରଣ ଉଦ୍ଦେଶ୍ୟରେ ପଶୁମାନଙ୍କ ପରିବର୍ତ୍ତିରେ ନିଜ ଜୀବନ ବିସର୍ଜନ ପାଇଁ ସତତ ପ୍ରସ୍ତୁତ ଥିଲେ । ସେ ଥରେ ଜଣେ ରାଜାଙ୍କୁ କହିଥିଲେ, 'ଯଦି ଯଜ୍ଞରେ ଛାଗଶିଶୁ ହତ୍ୟା କଲେ ଆପଣଙ୍କର ସ୍ୱର୍ଗଗମନରେ ସହାୟତା ହୁଏ, ତେବେ ନରହତ୍ୟା କଲେ ସେଥିରେ ତ ଅଧିକ ଉପକାର ହେବ, ଅତଏବ ଯଜ୍ଞସ୍ଥଳରେ ମୋତେ ବଧ କରନ୍ତୁ ।' ରାଜା ଏ କଥା ଶୁଣି ବିସ୍ମିତ ହୋଇଥିଲେ । ଅଥଚ

ଏହି ବ୍ୟକ୍ତି ସର୍ବବିଧ ଅଭିସନ୍ଧିବିବର୍ଜିତ ଥିଲେ । ସେ କର୍ମଯୋଗୀର ଆଦର୍ଶସ୍ୱରୂପ ଥିଲେ; ଏବଂ ସେ ଯେଉଁ ଉଚ୍ଚାବସ୍ଥାରେ ଆରୋହଣ କରିଥିଲେ, ସେଥିରୁ ସ୍ପଷ୍ଟରୂପେ ବୁଝାଯାଏ ଯେ କର୍ମବଳରେ ଆମେମାନେ ମଧ୍ୟ ଆଧ୍ୟାତ୍ମିକତାର ଚରମ ଶିଖରରେ ଆରୋହଣ କରିପାରୁ ।

ଅନେକଙ୍କ ପକ୍ଷରେ ଜଣେ ଈଶ୍ୱରଙ୍କୁ ବିଶ୍ୱାସ କରିପାରିଲେ ସାଧନପଥ ଅତି ସହଜ ହୋଇଥାଏ । କିନ୍ତୁ ବୁଦ୍ଧଙ୍କର ଜୀବନାଲୋଚନାଦ୍ୱାରା ସ୍ପଷ୍ଟ ପ୍ରତୀତ ହୁଏ ଯେ, ଯଦି କୌଣସି ବ୍ୟକ୍ତି ଆଦୌ ଈଶ୍ୱରବିଶ୍ୱାସୀ ନ ହୁଏ, ତା'ର ଯଦି କୌଣସି ଦାର୍ଶନିକ ମତରେ ବିଶ୍ୱାସ ନ ଥାଏ, ଯଦି ସେ କୌଣସି ସମ୍ପ୍ରଦାୟଭୁକ୍ତ ନ ହୁଏ ଅଥବା କୌଣସି ମନ୍ଦିରାଦିକୁ ଗମନ ନ କରେ, ଏପରି କି ପ୍ରକାଶ୍ୟତଃ ନାସ୍ତିକ ବା ଜଡ଼ବାଦୀ ମଧ୍ୟ ହୁଏ, ତଥାପି ସେ ସେହି ଚରମାବସ୍ଥା ଲାଭ କରିବାକୁ ସମର୍ଥ ହେବ । ତାଙ୍କର ମତାମତ ବା କାର୍ଯ୍ୟକଳାପ ବିଚାର କରିବାର ଅଧିକାର ଆମମାନଙ୍କର ଆଦୌ ନାହିଁ । ମୁଁ ଯଦି ବୁଦ୍ଧଙ୍କର ଅପୂର୍ବ ହୃଦୟବତ୍ତାର ଲକ୍ଷାଂଶରୁ ଏକାଂଶର ମଧ୍ୟ ଅଧିକାରୀ ହୋଇଥାନ୍ତି ମୁଁ ତେବେ ନିଜକୁ ଧନ୍ୟ ମନେକରନ୍ତି । ହୋଇପାରେ ବୁଦ୍ଧ ଈଶ୍ୱରଙ୍କୁ ବିଶ୍ୱାସ କରୁଥିଲେ ଅଥବା ହୋଇପାରେ ବିଶ୍ୱାସ କରୁ ନ ଥିଲେ, ସେଥିରେ ମୋର କିଛି ଯାଏ ଆସେ ନାହିଁ । କିନ୍ତୁ ଅନ୍ୟମାନେ ଭକ୍ତି, ଯୋଗ ବା ଜ୍ଞାନଦ୍ୱାରା ଯେଉଁ ପୂର୍ଣ୍ଣ ଅବସ୍ଥା ଲାଭ କରନ୍ତି, ସେ ମଧ୍ୟ ତାହା ଲାଭ କରିଥିଲେ । କେବଳ ଏଥିରେ ସେଥିରେ ବିଶ୍ୱାସ କଲେ ସିଦ୍ଧିଲାଭ ହୁଏ ନାହିଁ । କେବଳ ମୁହଁରେ ଧର୍ମ-କଥା, ଈଶ୍ୱର-କଥା ଉଚ୍ଚାରଣ କଲେ କିଛି ହୁଏ ନାହିଁ । ଶୁଆ ଚଢ଼େଇକୁ ଯାହା ଶିଖାଇ ଦିଆଯାଏ, ସେ ତାହା ହିଁ ଆବୃତ୍ତି କରିପାରେ । କିନ୍ତୁ ନିଷ୍କାମଭାବରେ କର୍ମ କରିପାରିଲେ ହିଁ ତାହା ବଳରେ ସିଦ୍ଧିଲାଭ ହୋଇଥାଏ ।

## ବୁଦ୍ଧଙ୍କର ବାଣୀ

[୧୯୦୦ ଖ୍ରୀ: ମାର୍ଚ୍ଚ ୧୮ ତାରିଖରେ ସାନ୍ ଫ୍ରାନ୍‌ସିସ୍କୋରେ ପ୍ରଦତ୍ତ ଭାଷଣ]

ଐତିହାସିକଙ୍କ ଦୃଷ୍ଟିରେ ବୌଦ୍ଧଧର୍ମ ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଧର୍ମ—ଦାର୍ଶନିକ ଦୃଷ୍ଟିରେ ନୁହେଁ; କାରଣ ପୃଥିବୀର ଇତିହାସରେ ଏହି ଧର୍ମାନ୍ଦୋଳନ ସର୍ବାଧିକ ପ୍ରବଳ ଆକାରରେ ଦେଖା ଦେଇଥିଲା, ମାନବସମାଜ ଉପରେ ଏହି ଆନ୍ଦୋଳନ ସର୍ବାପେକ୍ଷା ଶକ୍ତିଶାଳୀ ଆଧ୍ୟାତ୍ମିକ ତରଙ୍ଗରେ ଫାଟି ପଡ଼ିଥିଲା । ଏପରି କୌଣସି ସଭ୍ୟତା ନାହିଁ, ଯାହା ଉପରେ କୌଣସି ନା କୌଣସି ଭାବରେ ଏହାର ପ୍ରଭାବ ଅନୁଭୂତ ହୋଇ ନାହିଁ ।

ବୁଦ୍ଧଙ୍କର ଅନୁଗାମୀମାନେ ଖୁବ୍ ଉଦ୍ୟମୀ ଓ ପ୍ରଚାରଶୀଳ ଥିଲେ । ବିଭିନ୍ନ ଧର୍ମ-ସମ୍ପ୍ରଦାୟ ମଧ୍ୟରେ ଏହିମାନେ ହିଁ ସର୍ବପ୍ରଥମ ନିଜ ଧର୍ମର ସୀମାବଦ୍ଧ ପରିଧି ମଧ୍ୟରେ ସନ୍ତୁଷ୍ଟ ନ ରହି ଦୂର-ଦୂରାନ୍ତରରେ ଖେଳେଇ ହୋଇଯାଇଥିଲେ । ପୂର୍ବ-ପଶ୍ଚିମରେ ସେମାନେ ଭ୍ରମଣ କରିଛନ୍ତି । ତମସାଚ୍ଛନ୍ନ ତିବ୍ବତରେ ସେମାନେ ପ୍ରବେଶ କରିଥିଲେ; ପାରସ୍ୟ, ଏସିଆମାଇନରକୁ

ସେମାନେ ଯାଇଥିଲେ; ରୁଷ, ପୋଲଣ୍ଡ ଏବଂ ଏପରି ଅନ୍ତର ଅନେକ ପାଶ୍ଚାତ୍ୟ ଭୂଖଣ୍ଡକୁ ମଧ୍ୟ ସେମାନେ ଯାଇଛନ୍ତି । ଚୀନ୍, କୋରିଆ, ଜାପାନକୁ ସେମାନେ ଯାଇଥିଲେ; ବ୍ରହ୍ମ, ଶ୍ୟାମ, ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ଏବଂ ଅନ୍ତର ବିସ୍ତୃତ ଭୂଖଣ୍ଡରେ ସେମାନେ ଧର୍ମ ପ୍ରଚାର କରିଥିଲେ । ସାମରିକ ଜୟଯାତ୍ରା ଫଳରେ ମହାବୀର ଆଲେକ୍‌ଜାଣ୍ଡର ଯେତେବେଳେ ସମଗ୍ର ଭୂମଧ୍ୟ-ଅଞ୍ଚଳ ଓ ଭାରତ ମଧ୍ୟରେ ଯୋଗାଯୋଗ ସ୍ଥାପନ କଲେ, ଭାରତର ମନୀଷା ମଧ୍ୟ ସେତେବେଳେ ଏସିଆ ଓ ୟୁରୋପର ବିଶାଳ ଦେଶଗୁଡ଼ିକ ମଧ୍ୟରେ ବିସ୍ତୃତିର ପଥ ଖୋଜି ପାଇଥିଲେ । ବୌଦ୍ଧ-ଭିକ୍ଷୁମାନେ ଦେଶକୁ ଦେଶ ଯାଇ ଧର୍ମପ୍ରଚାର କରିଥିଲେ; ଏବଂ ସେମାନଙ୍କର ଶିକ୍ଷାଫଳରେ ସୂର୍ଯ୍ୟୋଦୟରେ କୁହୁଡ଼ି ଭଳି କୁସଂସ୍କାର ଏବଂ ପୁରୋହିତମାନଙ୍କର ଅପକୌଶଳଗୁଡ଼ିକ ଦୂରୀଭୂତ ହେବାକୁ ଲାଗିଲା ।

ଏହି ଆନ୍ଦୋଳନକୁ ଠିକ୍ ଠିକ୍ ବୁଝିବାକୁ ଗଲେ, ବୁଦ୍ଧଙ୍କର ଆବିର୍ଭାବ କାଳରେ ଭାରତରେ ଯେଉଁ ଅବସ୍ଥା ଥିଲା, ତାହା ଜାଣିବା ଦରକାର—ଯେପରି ଖ୍ରୀଷ୍ଟଧର୍ମକୁ ବୁଝିବାକୁ ହେଲେ ଖ୍ରୀଷ୍ଟଙ୍କର ସମକାଳୀନ ଇହୁଦିସମାଜର ଅବସ୍ଥା ଉପଲବ୍ଧି କରିବା ଆବଶ୍ୟକ । ଖ୍ରୀଷ୍ଟ-ଜନ୍ମର ଛଅଶହ ବର୍ଷ ପୂର୍ବେ ଯେତେବେଳେ ଭାରତୀୟ ସଭ୍ୟତାର ଚରମ ବିକାଶ ହୋଇଥିଲା, ସେହି ଭାରତୀୟ ସମାଜ ସମ୍ବନ୍ଧରେ ଆପଣମାନଙ୍କର କିଛି ଧାରଣା ରହିବା ବାଞ୍ଛନୀୟ ।

ଭାରତୀୟ ସଭ୍ୟତା ପର୍ଯ୍ୟାଲୋଚନା କଲେ ଦେଖାଯାଏ, ଅନେକ ଥର ତାହାର ପତନ ଓ ଅଭ୍ୟୁଦୟ ହୋଇଛି—ଏହା ହିଁ ତାହାର ବୈଶିଷ୍ଟ୍ୟ । ବହୁ ଜାତିର ହିଁ ଥରେ ଉତ୍ଥାନ ପରେ ପତନ ହୁଏ ଚିରଦିନ ପାଇଁ । ଦୁଇପ୍ରକାର ଜାତି ଅଛି; ଗୋଟିଏ ହେଉଛି କ୍ରମ-ବର୍ଦ୍ଧମାନ, ଆଉ ଗୋଟିଏ ହେଉଛି, ଯେଉଁମାନଙ୍କର ଉନ୍ନତିର ଅବସାନ ହୋଇଛି । ଶାନ୍ତିପ୍ରିୟ ଭାରତ ଓ ଚୀନ୍‌ର ପତନ ହୁଏ, କିନ୍ତୁ ପୁଣି ଉତ୍ଥାନ ମଧ୍ୟ ହୁଏ; କିନ୍ତୁ ଅନ୍ୟାନ୍ୟ ଜାତିଗୁଡ଼ିକ ଥରେ ଖସିପଡ଼ିଲେ ଆଉ ଉଠନ୍ତି ନାହିଁ—ସେମାନଙ୍କର ମୃତ୍ୟୁ ହୁଏ । ଶାନ୍ତିକାମୀମାନେ ହିଁ ଧନ୍ୟ, କାରଣ ଶେଷ ପର୍ଯ୍ୟନ୍ତ ସେହିମାନେ ହିଁ ପୃଥିବୀକୁ ଭୋଗ କରନ୍ତି ।

ଯେଉଁ ଯୁଗରେ ବୁଦ୍ଧଙ୍କର ଜନ୍ମ, ସେହି ଯୁଗରେ ଭାରତବର୍ଷରେ ଜଣେ ମହାନ୍ ଧର୍ମନେତାଙ୍କର—ଆଚାର୍ଯ୍ୟଙ୍କର ପ୍ରୟୋଜନ ହୋଇଥିଲା । ପୁରୋହିତକୁଳ ଇତିମଧ୍ୟରେ ଖୁବ୍ ଶକ୍ତିଶାଳୀ ହୋଇ ଉଠିଥିଲେ । ଇହୁଦୀମାନଙ୍କର ଇତିହାସ ସ୍ମରଣ କଲେ ହିଁ ବେଶ୍ ବୁଝାଯାଏ, ସେମାନଙ୍କର ଦୁଇପ୍ରକାର ଧର୍ମନେତା ଥିଲେ—ପୁରୋହିତ ଓ ଧର୍ମଗୁରୁ (Priests and Prophets); ପୁରୋହିତମାନେ ଜନସାଧାରଣଙ୍କୁ କେବଳ ଅନ୍ଧକାରରେ ହିଁ ପକାଇ ରଖୁଥିଲେ, ଆଉ ସେମାନଙ୍କ ମନରେ ଯାବତୀୟ କୁସଂସ୍କାରର ବୋଝ ଚପାଇ ଦେଉଥିଲେ । ପୁରୋହିତମାନଙ୍କର ଅନୁମୋଦିତ ଉପାସନା-ପଦ୍ଧତିଗୁଡ଼ିକ ଥିଲା ମନୁଷ୍ୟ ଉପରେ ଆଧିପତ୍ୟ ବଜାୟ ରଖିବାର ଅପକୌଶଳ ମାତ୍ର । ସମଗ୍ର 'ଓଲ୍ଡ ଟେଷ୍ଟାମେଣ୍ଟ' (Old Testament)-ରେ ଦେଖାଯାଏ ଧର୍ମଗୁରୁମାନେ ପୁରୋହିତମାନଙ୍କର କୁସଂସ୍କାର-

ଗୁଡ଼ିକର ବିରୋଧ କରୁଛନ୍ତି; ଏବଂ ବିରୋଧର ପରିଣତି ହେଉଛି ଧର୍ମଗୁରୁଙ୍କର ଜୟ ଏବଂ ପୁରୋହିତମାନଙ୍କର ପତନ ।

ପୁରୋହିତମାନେ ବିଶ୍ୱାସ କରୁଥିଲେ—ଈଶ୍ୱର ଜଣେ ଅଛନ୍ତି ଠିକ୍, କିନ୍ତୁ ଏହି ଈଶ୍ୱରଙ୍କୁ ଜାଣିବାକୁ ହେଲେ ଏକମାତ୍ର ସେହିମାନଙ୍କର ସାହାଯ୍ୟରେ ହିଁ ଜାଣିବାକୁ ହେବ । ପୁରୋହିତମାନଙ୍କଠାରୁ ଛାଡ଼ପତ୍ର ପାଇଲେ ହିଁ ମନୁଷ୍ୟ ପବିତ୍ର ବେଦୀ ନିକଟକୁ ଯାଇପାରିବ ! ପୁରୋହିତମାନଙ୍କୁ ପ୍ରଣାମୀ ଦେବାକୁ ହେବ, ପୂଜା କରିବାକୁ ହେବ ଏବଂ ସେମାନଙ୍କ ହାତରେ ଯଥାସର୍ବସ୍ୱ ଅର୍ପଣ କରିବାକୁ ହେବ । ପୃଥିବୀ-ଇତିହାସରେ ବାରମ୍ବାର ଏହି ପୁରୋହିତ-ପ୍ରାଧାନ୍ୟର ଅଭ୍ୟୁତ୍ଥାନ ହୋଇଛି; ଏହି ମାରାତ୍ମକ କ୍ଷମତା-ଲିପ୍ସା, ଏହି ବ୍ୟାଘ୍ର-ସୁଲଭ ତୃଷ୍ଣା ସମ୍ଭବତଃ ମନୁଷ୍ୟର ଗୋଟିଏ ଆଦିମ ବୃତ୍ତି । ପୁରୋହିତମାନେ ସର୍ବବିଷୟରେ କର୍ତ୍ତୃତ୍ୱ କରିବେ, ସହସ୍ର ପ୍ରକାର ବିଧିନିଷେଧ ଜାରି କରିବେ, ସରଳ ସତ୍ୟକୁ ନାନା ଜଟିଳ ଆକାରରେ ବ୍ୟାଖ୍ୟା କରିବେ, ସେମାନଙ୍କର ଶ୍ରେଷ୍ଠତ୍ୱ-ପ୍ରତିପାଦକ ଅନେକ କାହାଣୀ ମଧ୍ୟ ଶୁଣାଇବେ । ଯଦି ଏହି ଜନ୍ମରେ ହିଁ ପ୍ରତିଷ୍ଠା ଚାହଁ ଅଥବା ମୃତ୍ୟୁ ପରେ ସ୍ୱର୍ଗକୁ ଯିବାକୁ ଚାହଁ ତ ସେମାନଙ୍କ ମଧ୍ୟଦେଇ ଯିବାକୁ ହେବ । ଯେତେପ୍ରକାର ଆଚାର-ଅନୁଷ୍ଠାନ ଅଛି, ସବୁ କରିବାକୁ ହେବ । ଏଗୁଡ଼ିକ ଜୀବନକୁ ଏତେ ବେଶୀ ଜଟିଳ ଏବଂ ବୁଦ୍ଧିକୁ ଏତେ ବେଶୀ ବିଭ୍ରାନ୍ତ କରେ ଯେ, ମୁଁ ସିଧାସଳଖ ଭାବରେ କୌଣସି କଥା କହିଲେ ମଧ୍ୟ ଆପଣମାନେ ଅତୃପ୍ତ ହୋଇ ଫେରିଯିବେ । ଧର୍ମାଚାର୍ଯ୍ୟମାନେ ପୁରୋହିତମାନଙ୍କ ବିରୋଧରେ ଏବଂ ସେମାନଙ୍କର କୁସଂସ୍କାର ଓ ମତଲବ ସମ୍ବନ୍ଧରେ ବାରମ୍ବାର ସତର୍କ କରିଦେଇଛନ୍ତି; କିନ୍ତୁ ଜନସାଧାରଣ ବର୍ତ୍ତମାନ ସୁଦ୍ଧା ସେସବୁ ସତର୍କ ବାଣୀ ଶୁଣିବାକୁ ଶିଖି ନାହାନ୍ତି—ବର୍ତ୍ତମାନ ମଧ୍ୟ ସେମାନଙ୍କୁ ଅନେକ କିଛି ଶିକ୍ଷା କରିବାକୁ ହେବ ।

ମନୁଷ୍ୟକୁ ଶିକ୍ଷା ଗ୍ରହଣ କରିବାକୁ ହିଁ ହେବ । ଆଜିକାଲି ଗଣତନ୍ତ୍ର ଏବଂ ସାମ୍ୟର କଥା ସମସ୍ତେ ହିଁ କହୁଥାଆନ୍ତି; କିନ୍ତୁ ଜଣେ ଯେ ଆଉ ଜଣଙ୍କ ସଙ୍ଗେ ସମାନ—ଏ କଥା ସେ ଜାଣିବ କିପରି ? ଏଥିପାଇଁ ତାହାର ଆବଶ୍ୟକ—ସବଳ ମସ୍ତିଷ୍କ ଏବଂ ନିରର୍ଥକ-ଭାବମୁକ୍ତ ପରିଷ୍କୃତ ମନ; ସମସ୍ତ ଅସାର ସଂସ୍କାରରାଶିକୁ ଭେଦ କରି ଅନ୍ତରର ଗଭୀରରେ ଯେଉଁ ଶୁଦ୍ଧ ସତ୍ୟ ଅଛି, ସେହିଥିରେ ହିଁ ତାହାର ମନକୁ ଭରିଦେବାକୁ ହେବ । ସେତେବେଳେ ଯାଇ ସେ ଜାଣିବ ଯେ, ପୂର୍ଣ୍ଣତା ଓ ସମଗ୍ର ଶକ୍ତି ତା' ମଧ୍ୟରେ ଆଗରୁ ରହିଛି—ଅନ୍ୟ କେହି ଏଗୁଡ଼ିକୁ ତାହାକୁ ଦେଇ ନ ପାରେ । ଯେତେବେଳେ ସେ ଏହା ଅନୁଭବ କରେ, ସେହି ମୁହୂର୍ତ୍ତରେ ସେ ମୁକ୍ତ ହୋଇଯାଏ, ସେ ସାମ୍ୟରେ ପ୍ରତିଷ୍ଠିତ ହୁଏ । ସେ ସେତେବେଳେ ଅନୁଭବ କରେ, ପ୍ରତ୍ୟେକେ ହିଁ ତାହାରି ଭଳି ପୂର୍ଣ୍ଣ ଏବଂ ଅନ୍ୟ ଭାଇ ଉପରେ କୌଣସି ପ୍ରକାର ଦୈହିକ, ମାନସିକ ବା ନୈତିକ କ୍ଷମତା ଜାହିର୍ କରିବାର ଅବକାଶ ଆଉ ତାହାର ରହେ ନାହିଁ । ତାହା ଅପେକ୍ଷା ଶ୍ରେଷ୍ଠ କେହି ଥାଇପାରେ—ଏହି ଭାବଟି ସେ ଏକାବେଳକେ ତ୍ୟାଗ କରେ । ସେତିକିବେଳେ ହିଁ ସେ ସାମ୍ୟର କଥା କହିପାରେ, ତା' ପୂର୍ବରୁ ନୁହେଁ ।

ଯାହା କହୁଥିଲା, ଇହୁଦୀମାନଙ୍କ ମଧ୍ୟରେ ପୁରୋହିତ ଆଉ ଧର୍ମଗୁରୁମାନଙ୍କର ବିରୋଧ ଅବିରାମ ଚାଲୁଥିଲା ଏବଂ ସବୁପ୍ରକାର ଶକ୍ତି ଓ ବିଦ୍ୟାକୁ ପୁରୋହିତଗଣ ଏକଚାଟିଆ ଅଧିକାରରେ ରଖିବାକୁ ସଚେଷ୍ଟ ଥିଲେ । ଯେତେଦିନ ଯାଏ ସେମାନେ ନିଜେ ସେହି ଶକ୍ତି ଓ ବିଦ୍ୟା ହରାଇ ନ ଥିଲେ, ଯେଉଁ ଶୃଙ୍ଖଳ ସେମାନେ ସାଧାରଣ ମନୁଷ୍ୟର ପାଦରେ ପିନ୍ଧାଇଥିଲେ, ତାହା ସେମାନଙ୍କୁ ନିଜ ନିଜ ପାଦରେ ପିନ୍ଧିବାକୁ ହୋଇଥିଲା । ପ୍ରଭୁମାନେ ଶେଷ ପର୍ଯ୍ୟନ୍ତ ଦାସ ହୋଇ ଛିଡ଼ା ହୁଅନ୍ତି । ଏହି ବିରୋଧର ପରିଣତି ହିଁ ହେଲା ନ୍ୟାଜାରେଥବାସୀ ଯୀଶୁଙ୍କର ବିଜୟ—ଏହି ଜୟଲାଭ ହିଁ ହେଉଛି ଖ୍ରୀଷ୍ଟଧର୍ମର ଇତିହାସ । ଖ୍ରୀଷ୍ଟ ଅବଶେଷରେ ରାଶୀକୃତ ଯାଦୁବିଦ୍ୟାକୁ ସମ୍ପୂର୍ଣ୍ଣଭାବରେ ପରାସ୍ତ କରିପାରିଥିଲେ । ଏହି ମହାପୁରୁଷ ପୌରୋହିତ୍ୟରୂପକ ଦାନବୀୟ ସ୍ୱାର୍ଥପରତାକୁ ନିଧନ କଲେ ଏବଂ ତାହାର କବଳରୁ ସତ୍ୟରତ୍ନ ଉଦ୍ଧାର କରି ବିଶ୍ୱର ସମସ୍ତଙ୍କୁ ତାହା ଦେଇଥିଲେ, ଯେପରି ଯେ କେହି ସେହି ସତ୍ୟ ଲାଭ କରିବାକୁ ଚାହିଁବ, ସ୍ୱାଧୀନ ଭାବରେ ହିଁ ସେ ତାହା ପାଇପାରିବ । ଏଥିପାଇଁ କୌଣସି ପୁରୋହିତର ମର୍ଜିର ଅପେକ୍ଷାରେ ତାକୁ ରହିବାକୁ ହେବ ନାହିଁ ।

ଇହୁଦୀମାନେ କୌଣସି କାଳରେ ସେପରି ଦାର୍ଶନିକ ଜାତି ନ ଥିଲେ, ଭାରତୀୟମାନଙ୍କ ଭଳି ସୂକ୍ଷ୍ମ ବୁଦ୍ଧି ସେମାନଙ୍କର ନ ଥିଲା ବା ଭାରତୀୟ ମନନଶୀଳତା ମଧ୍ୟ ସେମାନେ ଲାଭ କରି ନାହାନ୍ତି । ଭାରତବର୍ଷୀୟ ବ୍ରାହ୍ମଣ ପୁରୋହିତମାନେ କିନ୍ତୁ ଅସାଧାରଣ ବୁଦ୍ଧିମାନ୍ ଏବଂ ଆତ୍ମିକ ଶକ୍ତିସମ୍ପନ୍ନ ଥିଲେ । ଭାରତବର୍ଷରେ ଆଧ୍ୟାତ୍ମିକ ଉନ୍ନତିର ପ୍ରବର୍ତ୍ତକ ସେହିମାନେ, ଏବଂ ପ୍ରକୃତରେ ସେମାନେ ବିସ୍ମୟକର କାର୍ଯ୍ୟମାନ ମଧ୍ୟ କରିଥିଲେ । କିନ୍ତୁ କାଳକ୍ରମେ ବ୍ରାହ୍ମଣମାନଙ୍କର ସେହି ଉଦାର ମନୋଭାବ ଲୁପ୍ତ ହୋଇଗଲା । ସେମାନେ ନିଜର କ୍ଷମତା ଓ ଅଧିକାର ନେଇ ଔଦ୍ଧତ୍ୟ ଦେଖାଇବାକୁ ଆରମ୍ଭ କଲେ । କୌଣସି ବ୍ରାହ୍ମଣ କାହାକୁ ହତ୍ୟା କଲେ ମଧ୍ୟ ତାଙ୍କର କୌଣସି ଶାସ୍ତି ହେଉ ନ ଥିଲା । ବ୍ରାହ୍ମଣ ତାଙ୍କର ଜନ୍ମଗତ ଅଧିକାରବଳରେ ହିଁ ବିଶ୍ୱର ଅଧୀଶ୍ୱର । ଏପରିକି ଅତି ଦୁଷ୍ଟଚରିତ୍ର ବ୍ରାହ୍ମଣଙ୍କୁ ମଧ୍ୟ ସମ୍ମାନ ଦେଖାଇବାକୁ ହେଉଥିଲା ।

କିନ୍ତୁ ପୁରୋହିତମାନେ ଯେତେବେଳେ ବେଶ୍ ଜମି ଉଠିଥିଲେ, ସେତେବେଳେ 'ସନ୍ନ୍ୟାସୀ' ନାମରେ ତତ୍ତ୍ୱଜ୍ଞ ଧର୍ମାଚାର୍ଯ୍ୟମାନେ ମଧ୍ୟ ଥିଲେ । ପ୍ରତ୍ୟେକ ହିନ୍ଦୁ, ସେ ଯେଉଁ ବର୍ଣ୍ଣର ହେଉ ନା କାହିଁକି, ଆଧ୍ୟାତ୍ମିକ ଜ୍ଞାନାର୍ଜ୍ଜନ ପାଇଁ ସବୁ କର୍ମ ପରିତ୍ୟାଗ କରି ମୃତ୍ୟୁର ମଧ୍ୟ ସମ୍ମୁଖୀନ ହୋଇଥାଆନ୍ତି । ଏ ସଂସାର ଯେଉଁମାନଙ୍କୁ କୌଣସିମତେ ଭଲ ଲାଗେ ନାହିଁ, ସେମାନେ ଗୃହତ୍ୟାଗ କରି ସନ୍ନ୍ୟାସୀ ହୁଅନ୍ତି । ପୁରୋହିତମାନଙ୍କର ଉଦ୍ଭାବିତ ଏହିପରି ଦୁଇହଜାର ଆଚାର-ଅନୁଷ୍ଠାନ ନେଇ ସନ୍ନ୍ୟାସୀମାନେ ଆଦୌ ମୁଣ୍ଡ ଖେଳାନ୍ତି ନାହିଁ; ଯଥା: କେତେଗୁଡ଼ିଏ ଶବ୍ଦ ଉଚ୍ଚାରଣ କର—ଦଶ ଅକ୍ଷର, ଦ୍ୱାଦଶ ଅକ୍ଷର ଇତ୍ୟାଦି ଇତ୍ୟାଦି; ଏଗୁଡ଼ିକ ବାଜେ ଜିନିଷ ।

ପ୍ରାଚୀନ ଭାରତର ତତ୍ତ୍ୱଦର୍ଶୀ ଋଷିମାନେ ପୁରୋହିତମାନଙ୍କର ନିର୍ଦ୍ଦେଶକୁ ଅସ୍ୱୀକାର କରି ଶୁଦ୍ଧ ସତ୍ୟ ପ୍ରଚାର କରିଥିଲେ । ପୁରୋହିତମାନଙ୍କର ଶକ୍ତିକୁ ସେମାନେ ବିନଷ୍ଟ କରିବାକୁ

ଚେଷ୍ଟା କରଥିଲେ ଏବଂ କିଛି ପରିମାଣରେ ନଷ୍ଟ କରଥିଲେ ମଧ୍ୟ; କିନ୍ତୁ ଦୁଇ ପୁରୁଷ ଯାଉ ନ ଯାଉଣୁ ସେମାନଙ୍କର ଶିଷ୍ୟମାନେ ଏହି ପୁରୋହିତମାନଙ୍କର କୁହୁଙ୍କାଗ୍ରଛନ୍ନ କୁଟିଳ ପଥର ଅନୁବର୍ତ୍ତନ କରିବାକୁ ଲାଗିଲେ—କ୍ରମେ ସେମାନେ ମଧ୍ୟ ପୁରୋହିତ ହୋଇ ଉଠିଲେ ଓ କହିଲେ, 'ଆମମାନଙ୍କ ସାହାଯ୍ୟରେ ହିଁ ସତ୍ୟକୁ ଜାଣିପାରିବ !' ଏହି ଭାବରେ ସତ୍ୟ ବସ୍ତୁ ପୁଣି କଠିନ ସ୍ଫଟିକାକାର ଧାରଣ କଲା; ସେହି ଶକ୍ତ ଆବରଣକୁ ଭାଙ୍ଗି ସତ୍ୟକୁ ମୁକ୍ତ କରିବା ପାଇଁ ଋଷିମାନେ ବାରମ୍ବାର ଆସିଛନ୍ତି । ସାଧାରଣ ମନୁଷ୍ୟ ଓ ସତ୍ୟଦ୍ରଷ୍ଟା ଋଷି—ଦୁଇ ହିଁ ସର୍ବଦା ରହିବେ, ନଚେତ୍ ମନୁଷ୍ୟଜାତି ବିଲୁପ୍ତ ହୋଇଯିବ ।

ତୁମେମାନେ ଅବାକ୍ ହେଉଛ ଯେ, ପୁରୋହିତମାନଙ୍କର ଏତେ ସବୁ ଜଟିଳ ନିୟମ-କାନୁନ୍ କାହିଁକି ? ତୁମେମାନେ ସିଧାସଳଖ ସତ୍ୟ ନିକଟକୁ ଆସିପାରୁ ନାହିଁ କାହିଁକି ? ତୁମେମାନେ କ'ଣ ସତ୍ୟକୁ ପ୍ରଚାର କରିବା ପାଇଁ ଲଜ୍ଜିତ ହେଉଛ, ନଚେତ୍ ଏତେସବୁ ଦୁର୍ବୋଧ ଆଚାରବିଚାରର ଉହାଡ଼ରେ ସତ୍ୟକୁ ଲୁଚାଇ ରଖିବାର ଚେଷ୍ଟା କାହିଁକି ? ଜଗତ୍-ସମ୍ମୁଖରେ ସତ୍ୟକୁ ସ୍ୱୀକାର କରିପାରୁ ନାହିଁ ବୋଲି ତୁମେମାନେ କ'ଣ ଈଶ୍ୱରଙ୍କ ନିକଟରେ ଲଜ୍ଜିତ ନୁହଁ ? ଏହା ହିଁ କ'ଣ ତୁମମାନଙ୍କର ଧର୍ମ ବା ଆଧ୍ୟାତ୍ମିକତା ? ପୁରୋହିତମାନେ ହିଁ ସତ୍ୟ-ପ୍ରଚାରର ଯୋଗ୍ୟ ପୁରୁଷ ! ସାଧାରଣ ମନୁଷ୍ୟ ସତ୍ୟର ଯୋଗ୍ୟ ନୁହେଁ ? ସତ୍ୟକୁ ସହଜ-ବୋଧ କରିବାକୁ ହେବ, କିଛିଟା ତରଳ କରିବାକୁ ହେବ ।

ଯୀଶୁଙ୍କର ଶୈଳୋପଦେଶ (Sermon on the Mount) ଏବଂ ଗୀତାକୁ ଧରିଯାଉ—ଅତି ସହଜ ସରଳ ସେସବୁ କଥା । ଜଣେ ରାସ୍ତାର ଲୋକ ମଧ୍ୟ ତାହା ବୁଝିପାରେ । କି ଚମତ୍କାର ! ସତ୍ୟ ଅତ୍ୟନ୍ତ ସ୍ୱଚ୍ଛ ଓ ସରଳଭାବରେ ହିଁ ଏଠାରେ ପ୍ରକାଶିତ । କିନ୍ତୁ ନା, ଏହି ପୁରୋହିତମାନେ ଏତେ ସହଜରେ ସତ୍ୟକୁ ଧରି ପକାଇବାକୁ ପସନ୍ଦ କରିବେ ନାହିଁ । ସେମାନେ ଦୁଇହଜାର ସ୍ୱର୍ଗ ଆଉ ଦୁଇହଜାର ନରକର କଥା ଶୁଣାଇବେ । ଲୋକେ ଯଦି ସେମାନଙ୍କର ବିଧାନ ମାନି ଚାଲନ୍ତି, ତେବେ ସ୍ୱର୍ଗକୁ ଗତି ହେବ; ଆଉ ଯଦି ସେମାନଙ୍କର ଅନୁଶାସନ ନ ମାନନ୍ତି ତେବେ ଲୋକେ ନରକକୁ ଯିବେ ।

କିନ୍ତୁ ମନୁଷ୍ୟ ସତ୍ୟକୁ ଠିକ୍ ଜାଣିବ ହିଁ ଜାଣିବ । କେହି କେହି ଆଶଙ୍କା କରନ୍ତି ଯଦି ପୂର୍ଣ୍ଣସତ୍ୟ ସାଧାରଣଙ୍କୁ କହି ଦିଆଯାଏ, ତେବେ ସେମାନଙ୍କର ଅନିଷ୍ଟ ହେବ । ଏମାନେ କହନ୍ତି—ନିର୍ବିଶେଷ ସତ୍ୟ ଲୋକଙ୍କୁ ଜଣାଇବା ଉଚିତ ନୁହେଁ; କିନ୍ତୁ ସତ୍ୟ ସହିତ ଆପୋଷ କରି ମଧ୍ୟ ଜଗତର ଏପରି କିଛି ମଙ୍ଗଳ ହୋଇ ନାହିଁ । ଏପର୍ଯ୍ୟନ୍ତ ଯାହା ହୋଇଛି, ତା'ଠାରୁ ଆଉ ଖରାପ କ'ଣ ହେବ ? ସତ୍ୟକୁ ହିଁ ବ୍ୟକ୍ତ କର । ଯଦି ତାହା ଯଥାର୍ଥ ହୁଏ, ତେବେ ଅବଶ୍ୟ ହିଁ ସେଥିରେ ମଙ୍ଗଳ ହେବ । ଲୋକ ଯଦି ସେଥିରେ ପ୍ରତିବାଦ କରନ୍ତି ବା ଅନ୍ୟ କୌଣସି ପ୍ରସ୍ତାବ ନେଇ ଆସନ୍ତି, ତାହାହେଲେ ସଇତାନର ପକ୍ଷ ସମର୍ଥନ କରାହେବ ।

ବୁଦ୍ଧଙ୍କ ଅମଳରେ ଭାରତବର୍ଷ ଏହିସବୁ ଭାବରେ ଭରିଯାଇଥିଲା । ନିସ୍ୱହ ଜନସାଧାରଣଙ୍କୁ ସେତେବେଳେ ସବୁପ୍ରକାର ଶିକ୍ଷାରୁ ବଞ୍ଚିତ କରି ରଖାଯାଇଥିଲା । ବେଦର ଗୋଟିଏ ମାତ୍ର ଶବ୍ଦ ବି କୌଣସି ଲୋକର କାନରେ ପ୍ରବେଶ କଲେ ତାକୁ ଦାରୁଣ ଶାସ୍ତି

ଯୋଗ କରିବାକୁ ହେଉଥିଲା । ପ୍ରାଚୀନ ଋଷିମାନଙ୍କଦ୍ୱାରା ଦୃଷ୍ଟ ବା ଅନୁଭୂତ ସତ୍ୟରାଶି ବେଦକୁ ପୁରୋହିତମାନେ ଗୁପ୍ତ ସମ୍ପତ୍ତିରେ ପରିଣତ କରିଥିଲେ ।

ଅବଶେଷରେ ଜଣେ ଆଉ ସହ୍ୟ କରିପାରୁ ନ ଥିଲେ । ତାଙ୍କର ଥିଲା ବୁଦ୍ଧି, ଶକ୍ତି ଓ ହୃଦୟ—ଉନ୍ମୁକ୍ତ ଆକାଶ ଭଳି ଅନନ୍ତ ହୃଦୟ । ସେ ଦେଖିଲେ ଜନସାଧାରଣ କିପରି ଭାବରେ ପୁରୋହିତମାନଙ୍କଦ୍ୱାରା ଚାଳିତ ହେଉଛନ୍ତି, ଏବଂ ପୁରୋହିତମାନେ ମଧ୍ୟ କିପରି ଶକ୍ତିମତ୍ତ ହୋଇଉଠିଛନ୍ତି । ଏହାର ପ୍ରତିକାର କରିବାକୁ ସେ ଉଦ୍‌ଯୋଗୀ ହେଲେ । କାହାରି ଉପରେ କୌଣସି ଆଧିପତ୍ୟ ବିସ୍ତାର କରିବା ପାଇଁ ସେ ଚାହିଁ ନାହାନ୍ତି । ମନୁଷ୍ୟର ମାନସିକ ବା ଆଧ୍ୟାତ୍ମିକ ସବୁ ପ୍ରକାର ବନ୍ଧନକୁ ଚୂର୍ଣ୍ଣ କରିବାକୁ ସେ ଉଦ୍ୟତ ହୋଇଥିଲେ । ତାଙ୍କର ହୃଦୟ ଅତି ବିଶାଳ ଥିଲା । ପ୍ରଶସ୍ତ ହୃଦୟ—ଆମମାନଙ୍କ ମଧ୍ୟରେ ଆହୁରି ଅନେକଙ୍କର ଅଛି ଏବଂ ସମସ୍ତଙ୍କୁ ସହାୟତା କରିବାକୁ ଆମେମାନେ ମଧ୍ୟ ଚାହୁଁ । କିନ୍ତୁ ଆମମାନଙ୍କର ସମସ୍ତଙ୍କର ହିଁ ବୁଦ୍ଧିମତ୍ତା ନାହିଁ; କି ଉପାୟରେ କି ଭାବରେ ସାହାଯ୍ୟ କରିଯାଏ, ତାହା ଜଣା ନାହିଁ । ମାନବାତ୍ମାର ମୁକ୍ତିର ପଥ ଉଦ୍‌ଭାବନ କରିବା ଭଳି ଯଥେଷ୍ଟ ବୁଦ୍ଧି ଏହି ମନୁଷ୍ୟଙ୍କର ଥିଲା । ଲୋକଙ୍କର କାହିଁକି ଏତେ ଦୁଃଖ—ତାହା ସେ ଜାଣିଥିଲେ, ଆଉ ଏହି ଦୁଃଖ-ନିବୃତ୍ତିର ଉପାୟ ମଧ୍ୟ ସେ ଆବିଷ୍କାର କରିଥିଲେ । ସେ ଥିଲେ ସର୍ବଗୁଣାନ୍ୱିତ ମନୁଷ୍ୟ, ସବୁ କିଛିର ସମାଧାନ କରିଥିଲେ ସେ । ସେ ନିର୍ବିଚାରରେ ସମସ୍ତଙ୍କୁ ଉପଦେଶ ଦେଇ ବୋଧିଲବ୍ଧ ଶାନ୍ତି ଉପଲବ୍ଧି କରିବାରେ ସେମାନଙ୍କୁ ସାହାଯ୍ୟ କରିଥିଲେ । ଏହି ମହାମାନବ ହେଉଛନ୍ତି ବୁଦ୍ଧ ।

ତୁମେମାନେ ଆର୍ଣ୍ଣୋଲଡ୍‌ଙ୍କର 'ଏସିଆର ଆଲୋକ'* କାବ୍ୟରେ ପଢ଼ିଛ: ବୁଦ୍ଧ ଜଣେ ରାଜପୁତ୍ର ଥିଲେ ଏବଂ ଜଗତର ଦୁଃଖ ତାଙ୍କୁ କେତେ ଗଭୀରଭାବରେ ବ୍ୟଥିତ କରିଥିଲା; ଐଶ୍ୱର୍ଯ୍ୟକୋଡ଼ରେ ଲାଳିତ ହେଲେ ମଧ୍ୟ ନିଜର ବ୍ୟକ୍ତିଗତ ସୁଖ ଓ ନିରାପତ୍ତା ତାଙ୍କୁ ଆଦୌ ଶାନ୍ତି ଦେଇପାରି ନାହିଁ; ପତ୍ନୀ ଏବଂ ନବଜାତ ଶିଶୁସନ୍ତାନକୁ ଛାଡ଼ି କିପରିଭାବରେ ସେ ସଂସାର ତ୍ୟାଗ କଲେ; ସତ୍ୟାନୁସନ୍ଧାନ ଉଦ୍ଦେଶ୍ୟରେ ସାଧୁ-ମହାତ୍ମାମାନଙ୍କର ଦ୍ୱାରେ ଦ୍ୱାରେ ସେ କେତେ ନ ବୁଲିଛନ୍ତି ଏବଂ ଅବଶେଷରେ କିପରି ବୋଧିଲାଭ କଲେ । ତାଙ୍କର ବିଶାଳ ଧର୍ମାନ୍ଦୋଳନ, ଶିଷ୍ୟମଣ୍ଡଳୀ ଓ ଧର୍ମସଙ୍ଘର କଥା ମଧ୍ୟ ଆପଣମାନେ ଜାଣନ୍ତି । ଏସବୁ ଜଣା କଥା ।

ଭାରତରେ ପୁରୋହିତ ଓ ଧର୍ମାଚାର୍ଯ୍ୟମାନଙ୍କ ମଧ୍ୟରେ ଯେଉଁ ବିରୋଧ ଚାଲୁଥିଲା, ବୁଦ୍ଧ ତା'ର ମୂର୍ତ୍ତିମାନ୍ ବିଜୟରୂପରେ ଦେଖାଦେଲେ । ଭାରତବର୍ଷୀୟ ପୁରୋହିତମାନଙ୍କ ସମ୍ପର୍କରେ ଗୋଟିଏ କଥା କିନ୍ତୁ କହି ରଖିବା ଦରକାର—ସେମାନେ କୌଣସି ଦିନ ଧର୍ମବିଷୟରେ ଅସହିଷ୍ଣୁ ନ ଥିଲେ; ଧର୍ମଦ୍ରୋହିତା ସେମାନେ କଦାପି କରି ନାହାନ୍ତି । ଯେ କେହି ସେମାନଙ୍କ ବିରୋଧରେ ଅବାଧରେ ପ୍ରଚାର କରିପାରୁଥିଲେ । ସେମାନଙ୍କର ଧର୍ମବୁଦ୍ଧି ଏପରି ଥିଲା ଯେ, କୌଣସି ଧର୍ମମତ ପାଇଁ ସେମାନେ କୌଣସି କାଳରେ କାହାରିକୁ ନିର୍ଯାତିତ କରି ନାହାନ୍ତି ।

* Light of Asia—Edwin Arnold

କିନ୍ତୁ ପୁରୋହିତକୁଳର ଅଦ୍ଭୁତ ଦୁର୍ବଳତା ସେମାନଙ୍କୁ ମାଡ଼ି ବସିଥିଲା; ସେମାନେ ମଧ୍ୟ କ୍ଷମତାଲୋଭୀ ହେଲେ, ନାନା ଆଇନ୍‌କାନୁନ୍ ବିଧିବିଧାନ ତିଆରି କରି ଧର୍ମକୁ ଅନାବଶ୍ୟକ ଭାବରେ ଜଟିଳ କରି ପକାଇଲେ, ଏବଂ ଏହି ଭାବରେ ହିଁ ସେମାନଙ୍କ ଧର୍ମର ଯେଉଁମାନେ ଅନୁଗାମୀ, ସେମାନଙ୍କର ଶକ୍ତିକୁ ଖର୍ବ କରିଦେଇଥିଲେ ।

ଧର୍ମର ଏହିସବୁ ଆଡ଼ମ୍ବରର ମୂଳୋଚ୍ଛେଦନ କଲେ ବୁଦ୍ଧ । ଅତ୍ୟନ୍ତ ସ୍ପଷ୍ଟ ସତ୍ୟକୁ ସେ ପ୍ରଚାର କରିଥିଲେ । ନିର୍ବିଚାରରେ ସମସ୍ତଙ୍କ ମଧ୍ୟରେ ସେ ବେଦର ସାରମର୍ମ ପ୍ରଚାର କରିଥିଲେ; ବୃହତ୍ତର ଜଗତକୁ ମଧ୍ୟ ସେ ଏହି ଶିକ୍ଷା ଦେଇଥିଲେ, କାରଣ ତାଙ୍କର ସମଗ୍ର ଉପଦେଶାବଳୀ ମଧ୍ୟରେ ମାନବ-ମୈତ୍ରୀ ଅନ୍ୟତମ । ସମସ୍ତ ମନୁଷ୍ୟ ସମାନ, ବିଶେଷ ଅଧିକାର କାହାରି ନାହିଁ । ବୁଦ୍ଧ ଥିଲେ ସାମ୍ୟର ଆଚାର୍ଯ୍ୟ । ପ୍ରତ୍ୟେକ ନର-ନାରୀଙ୍କର ଆଧ୍ୟାତ୍ମିକ ଜ୍ଞାନାର୍ଜନରେ ସମାନ ଅଧିକାର—ଏହା ହିଁ ଥିଲା ତାଙ୍କର ଶିକ୍ଷା । ପୁରୋହିତ ଓ ଅପରାପର ବର୍ଣ୍ଣ ମଧ୍ୟରେ ରହିଥିବା ବିଭେଦକୁ ସେ ଦୂର କରିଥିଲେ । ନିକୃଷ୍ଟତମ ବ୍ୟକ୍ତି ମଧ୍ୟ ଉଚ୍ଚତମ ଆଧ୍ୟାତ୍ମିକ ରାଜ୍ୟର ଯୋଗ୍ୟ ହୋଇପାରିଥିଲା; ନିର୍ବାଣର ଉଦାର ପଥ ସେ ସମସ୍ତଙ୍କ ପାଇଁ ଉନ୍ମୁକ୍ତ କରିଦେଇଥିଲେ । ଭାରତବର୍ଷ ଭଳି ଦେଶରେ ମଧ୍ୟ ତାଙ୍କର ବାଣୀ ପ୍ରକୃତରେ ଖୁବ୍ ବଳିଷ୍ଠ । ଯେକୌଣସି ପ୍ରକାର ଧର୍ମ ପ୍ରଚାର କରାହେଉ, କୌଣସି ଭାରତୀୟ ସେଥିରେ ବ୍ୟଥିତ ହୁଏ ନାହିଁ । କିନ୍ତୁ ବୁଦ୍ଧଙ୍କର ଉପଦେଶ ହଜମ କରିବାକୁ ଭାରତ ପକ୍ଷରେ ସାମାନ୍ୟ କଠିନ ହୋଇଥିଲା । ଆପଣମାନଙ୍କ ନିକଟରେ ତାହା ଆହୁରି କେତେ କଠିନ ନ ଲାଗିବ !

ତାଙ୍କର ବାଣୀ ଥିଲା : ଆମମାନଙ୍କ ଜୀବନରେ ଏତେ ଦୁଃଖ କାହିଁକି ? କାରଣ ଆମେମାନେ ଅତ୍ୟନ୍ତ ସ୍ୱାର୍ଥପର । ଆମେମାନେ କେବଳ ନିଜ ପାଇଁ ସବୁ କିଛି ବାସନା କରୁ—ତେଣୁ ଏତେ ଦୁଃଖ । ଏଥିରୁ ନିଷ୍କୃତିଲାଭର ଉପାୟ କ'ଣ ? ଆତ୍ମବିସର୍ଜନ । 'ଅହଂ' ବୋଲି କିଛି ନାହିଁ—ଇନ୍ଦ୍ରିୟଗ୍ରାହ୍ୟ ଏହି କ୍ରିୟାଶୀଳ ଜଗତ୍ ମାତ୍ର ଅଛି । ଜୀବନ-ମୃତ୍ୟୁର ଗତାଗତି ମୂଳରେ 'ଆତ୍ମା' ବୋଲି କିଛି ନାହିଁ । ଅଛି କେବଳ ଚିନ୍ତାପ୍ରବାହ, ଗୋଟିଏ ପରେ ଆଉ ଗୋଟିଏ ସଙ୍କଳ୍ପ । ସଙ୍କଳ୍ପର ଗୋଟିଏ ବୁଦ୍‌ବୁଦ ଉଠିଲା ଏବଂ ବିଲୀନ ହୋଇଗଲା ସେହି ମୁହୂର୍ତ୍ତରେ—ଏହି ମାତ୍ର । ଏହି ଚିନ୍ତା ବା ସଙ୍କଳ୍ପର କର୍ତ୍ତା କେହି ନାହିଁ—କୌଣସି ଜ୍ଞାତା ମଧ୍ୟ ନାହିଁ । ଦେହ ଅନୁକ୍ଷଣ ପରିବର୍ତ୍ତିତ ହେଉଛି—ମନ ଏବଂ ବୁଦ୍ଧି ପରିବର୍ତ୍ତିତ ହେଉଛନ୍ତି । ସୁତରାଂ 'ଅହଂ' କେବଳ ଭ୍ରାନ୍ତି । ଯେତେ ସ୍ୱାର୍ଥପରତା, ତାହା ଏହି 'ଅହଂ'—ମିଥ୍ୟା 'ଅହଂ'କୁ ନେଇ । ଯଦି ଆମେମାନେ ଜାଣୁ ଯେ, 'ମୁଁ' ବୋଲି କିଛି ନାହିଁ, ତାହା ହେଲେ ହିଁ ଆମେମାନେ ନିଜେ ଶାନ୍ତିରେ ରହିବୁ ଏବଂ ଅପରକୁ ମଧ୍ୟ ସୁଖୀ କରିପାରିବୁ ।

ଏହା ହିଁ ଥିଲା ବୁଦ୍ଧଙ୍କର ଶିକ୍ଷା । ସେ କେବଳ ଉପଦେଶ ଦେଇ କ୍ଷାନ୍ତ ହୋଇ ନ ଥିଲେ, ଜଗତ୍ ପାଇଁ ନିଜର ଜୀବନକୁ ମଧ୍ୟ ଉତ୍ସର୍ଗ କରିବା ପାଇଁ ସେ ପ୍ରସ୍ତୁତ ଥିଲେ । ସେ କହିଥିଲେ, 'ପଶୁବଳି ଯଦି କଲ୍ୟାଣକର ହୁଏ ତେବେ ତ ମନୁଷ୍ୟବଳି ଅଧିକ କଲ୍ୟାଣକର'—ଏବଂ ନିଜକୁ ହିଁ ସେ ଯୂପକାଷ୍ଠରେ ବଳି ଦେବାକୁ ଚାହିଁଥିଲେ । ସେ କହିଥିଲେ—'ପଶୁବଳି ହେଉଛି ଅନ୍ୟତମ କୁସଂସ୍କାର । ଈଶ୍ୱର ଏବଂ ଆତ୍ମା—ଏ ଦୁଇଟି ମଧ୍ୟ କୁସଂସ୍କାର । ଈଶ୍ୱର

ହେଉଛନ୍ତି ପୁରୋହିତମାନଙ୍କର ଉଦ୍‌ଭାବିତ ଏକ କୁସଂସ୍କାର ମାତ୍ର । ପୁରୋହିତମାନଙ୍କର କଥା ଅନୁଯାୟୀ ଯଦି ପ୍ରକୃତରେ କୌଣସି ଜଣେ ଈଶ୍ୱର ଥାଆନ୍ତି, ତେବେ ଜଗତରେ ଏତେ ଦୁଃଖ କାହିଁକି ? ସେ ତ ଦେଖୁଛୁ ଆମର ଭଳି କାର୍ଯ୍ୟ-କାରଣର ଅଧୀନ । ଯଦି ସେ କାର୍ଯ୍ୟ-କାରଣର ଅତୀତ, ତାହାହେଲେ କ'ଣ ପାଇଁ ସୃଷ୍ଟି କରିଛନ୍ତି ? ଏ ପ୍ରକାର ଈଶ୍ୱର ଆଦୌ ବିଶ୍ୱାସଯୋଗ୍ୟ ନୁହନ୍ତି । ସ୍ୱର୍ଗରେ ବସି ଜଣେ ଶାସକ ତାଙ୍କର ଆପଣା ମର୍ଜି ଅନୁଯାୟୀ ଦୁନିଆକୁ ଶାସନ କରୁଛନ୍ତି ଏବଂ ଆମମାନଙ୍କୁ ଏଠାରେ ପକାଇ ରଖିଛନ୍ତି କେବଳ ଜଳିପୋଡ଼ି ମରିବା ପାଇଁ—ଆମମାନଙ୍କ ଆଡ଼କୁ କରୁଣାରେ ଫେରି ଚାହିଁବା ଭଳି ଏକ ମୁହୂର୍ତ୍ତି ଅବସର ମଧ୍ୟ ତାଙ୍କର ନାହିଁ । ସମଗ୍ର ଜୀବନଟା ହିଁ ନିରବଚ୍ଛିନ୍ନ ଦୁଃଖର; କିନ୍ତୁ ତାହା ମଧ୍ୟ ଯଥେଷ୍ଟ ଶାସ୍ତି ନୁହେଁ—ମୃତ୍ୟୁ ପରେ ମଧ୍ୟ ପୁଣି ନାନା ସ୍ଥାନରେ ଘୁରିବାକୁ ହେବ ଏବଂ ଆହୁରି ଅନ୍ୟାନ୍ୟ ଶାସ୍ତି ଭୋଗ କରିବାକୁ ହେବ । ତଥାପି ଏହି ବିଶ୍ୱସ୍ରଷ୍ଟାଙ୍କୁ ଖୁସି କରିବା ପାଇଁ ଆମେମାନେ କେତେ ନା ଯାଗଯଜ୍ଞ କ୍ରିୟାକାଣ୍ଡ କରି ଚାଲିଛୁ !'

ବୁଦ୍ଧ କହିଛନ୍ତି: ଏହିସବୁ ଆଚାର-ଅନୁଷ୍ଠାନ—ସମସ୍ତ ଭୁଲ୍ । ଜଗତରେ ଆଦର୍ଶ ମାତ୍ର ଗୋଟିଏ । ସବୁ ମୋହକୁ ବିନଷ୍ଟ କର; ଯାହା ସତ୍ୟ ତାହା ହିଁ ରହିବ । ମେଘ ଭାସିଗଲେ ସୂର୍ଯ୍ୟାଲୋକ ଫୁଟି ଉଠିବ । 'ଅହଂ'ର କପରି ବିନାଶ ହେବ ? ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ହୁଅ; ଗୋଟିଏ ସାମାନ୍ୟ ପିମ୍ପୁଡ଼ି ପାଇଁ ମଧ୍ୟ ପ୍ରାଣ ଦେବାକୁ ପ୍ରସ୍ତୁତ ରହ । କୌଣସି କୁସଂସ୍କାରର ବଶବର୍ତ୍ତୀ ହୋଇ କର୍ମ କରିବ ନାହିଁ, କୌଣସି ଭଗବାନଙ୍କୁ ଖୁସି କରିବା ପାଇଁ ମଧ୍ୟ ନୁହେଁ ବା କୌଣସି ପୁରସ୍କାର ଲୋଭରେ ମଧ୍ୟ ନୁହେଁ—କାରଣ କେବଳ 'ଅହଂ'କୁ ବିନାଶ କରି ତୁମେ ନିଜର ନିର୍ବାଣ ଚାହୁଁଛ । ପୂଜା ଉପାସନା ଏସବୁ ନିତାନ୍ତ ଅର୍ଥହୀନ । ତୁମେମାନେ ସମସ୍ତେ କହ, 'ଭଗବାନଙ୍କୁ ଧନ୍ୟବାଦ'—କିନ୍ତୁ କେଉଁଠି ସେ ? କେହି ହେଲେ ଜାଣନ୍ତି ନାହିଁ, ଅଥଚ 'ଭଗବାନ୍', 'ଭଗବାନ୍' କହି ସମସ୍ତେ ମାତି ଉଠିଛନ୍ତି ।

ହିନ୍ଦୁମାନେ ସେମାନଙ୍କର ଈଶ୍ୱରଙ୍କ ଛଡ଼ା ଆଉ ସବୁ କିଛି ତ୍ୟାଗ କରିପାରନ୍ତି । ଈଶ୍ୱରଙ୍କୁ ଅସ୍ୱୀକାର କରିବା ମାନେ ଭକ୍ତିର ମୂଳ ଉତ୍ପାଟନ କରିବା । ଭକ୍ତି ଓ ଈଶ୍ୱରଙ୍କୁ ହିନ୍ଦୁମାନେ ଜାବୁଡ଼ି ଧରି ରହିଥିବେ । ସେମାନେ କଦାପି ଏ ଦୁଇଟିକୁ ପରିତ୍ୟାଗ କରିପାରିବେ ନାହିଁ । କିନ୍ତୁ ବୁଦ୍ଧଙ୍କ ଶିକ୍ଷାରେ ଦେଖ—ଈଶ୍ୱର ବୋଲି କେହି ନାହାନ୍ତି; ଆତ୍ମା କିଛି ନୁହେଁ; କେବଳ କର୍ମ । କେଉଁଥିପାଇଁ ? 'ଅହଂ' ପାଇଁ ନୁହେଁ, କାରଣ ତାହା ମଧ୍ୟ ଏକ ଭ୍ରାନ୍ତି । ଏହି ଭ୍ରାନ୍ତି ଦୂର ହେଲେ ହିଁ ଆମେମାନେ ନିଜ ସ୍ୱରୂପରେ ପ୍ରତିଷ୍ଠିତ ହେବୁ । ଜଗତରେ ଏପରି ଲୋକ ବାସ୍ତବିକ ମୁଷ୍ଟିମେୟ, ଯେଉଁମାନେ ଏତେ ଉପରକୁ ଉଠିପାରନ୍ତି ଏବଂ କେବଳ କର୍ମ ପାଇଁ କର୍ମ କରନ୍ତି ।

ତଥାପି ଏହି ବୁଦ୍ଧଙ୍କ ଧର୍ମ ଦ୍ରୁତ ପ୍ରସାର ଲାଭ କରିଛି । ଏହାର ଏକମାତ୍ର କାରଣ ବିସ୍ମୟକର ପ୍ରେମ, ଯାହା ମାନବ-ଇତିହାସରେ ସର୍ବପ୍ରଥମ ଗୋଟିଏ ମହତ୍ ହୃଦୟକୁ ବିଚଳିତ କରିଥିଲା—କେବଳ ମନୁଷ୍ୟସେବାରେ ନୁହେଁ, ସର୍ବପ୍ରାଣୀଙ୍କର ସେବାରେ ଯାହା ନିବେଦିତ ହୋଇଥିଲା, ଯେଉଁ ପ୍ରେମ ସାଧାରଣଙ୍କର ଦୁଃଖମୋଚନ ବ୍ୟତୀତ ଅନ୍ୟ କିଛିର ଅପେକ୍ଷା

ରଖେ ନାହିଁ ।

ମନୁଷ୍ୟ ଭଗବାନଙ୍କୁ ଭଲ ପାଇଥିଲା; କିନ୍ତୁ ମନୁଷ୍ୟ-ଭ୍ରାତାମାନଙ୍କ କଥା ଭୁଲି ଯାଇଥିଲା । ଈଶ୍ୱରଙ୍କ ପାଇଁ ମନୁଷ୍ୟ ନିଜର ଜୀବନକୁ ମଧ୍ୟ ବଳି ଦେଇପାରେ, ପୁଣି ପଛକୁ ବୁଲି ଈଶ୍ୱରଙ୍କ ନାମରେ ନରହତ୍ୟା ମଧ୍ୟ କରିପାରେ—ଏହା ହିଁ ଥିଲା ଜଗତର ଅବସ୍ଥା । ଭଗବାନଙ୍କର ମହିମା ପାଇଁ ସେମାନେ ପୁତ୍ର ବିସର୍ଜ୍ଜନ ଦେଉଥିଲେ, ଦେଶ ଲୁଣ୍ଠନ କରୁଥିଲେ, ସହସ୍ର ସହସ୍ର ଜୀବହତ୍ୟା କରୁଥିଲେ, ଏହି ଧରଣୀକୁ ରକ୍ତସ୍ରୋତରେ ପ୍ଲାବିତ କରୁଥିଲେ ଭଗବାନଙ୍କର ଜୟ ଦେଇ । ଏହି ସର୍ବପ୍ରଥମ ସେମାନେ ଈଶ୍ୱରଙ୍କର ଅପର ମୂର୍ତ୍ତି ମନୁଷ୍ୟ ଆଡ଼େ ଫେରି ଚାହିଁଲେ । ମନୁଷ୍ୟଙ୍କୁ ଭଲ ପାଇବାକୁ ହେବ । ସର୍ବଶ୍ରେଣୀର ମନୁଷ୍ୟଙ୍କ ପାଇଁ ଗଭୀର ପ୍ରେମର ପ୍ରଥମ ପ୍ରବାହ—ସତ୍ୟ ଓ ବିଶୁଦ୍ଧ ଜ୍ଞାନର ଏହି ପ୍ରଥମ ତରଙ୍ଗ, ଯାହା ଭାରତବର୍ଷରୁ ଉତ୍‌ଥିତ ହୋଇ କ୍ରମଶଃ ଉତ୍ତର-ଦକ୍ଷିଣ, ପୂର୍ବ-ପଶ୍ଚିମର ନାନା ଦେଶକୁ ପ୍ଲାବିତ କରିଛି ।

ସତ୍ୟ ଯେପରି ସତ୍ୟଭଳି ଭାସ୍ୱର ରହେ, ଏହା ହିଁ ଥିଲା ଏହି ଆଚାର୍ଯ୍ୟଙ୍କର ଇଚ୍ଛା । କୌଣସି ପ୍ରକାର ନତି ବା ଆପୋଷର ପ୍ରଶ୍ନ ନାହିଁ; କୌଣସି ପୁରୋହିତ, କୌଣସି କ୍ଷମତାପନ୍ନ ଲୋକ ବା କୌଣସି ରାଜାଙ୍କୁ ତୋଷାମୋଦ କରିବାର ପ୍ରୟୋଜନ ନାହିଁ । କୌଣସି କୁସଂସ୍କାରମୂଳକ ଆଚାର ନିକଟରେ—ତାହା ଯେତେ ପ୍ରାଚୀନ ହେଉ ନା କାହିଁକି, କାହାରି ମଧ୍ୟ ମୁଣ୍ଡ ନୁଆଁଇବାର ପ୍ରୟୋଜନ ନାହିଁ; ସୁଦୂର ଅତୀତ କାଳରୁ ଚାଲିଆସିଛି ବୋଲି କୌଣସି ଅନୁଷ୍ଠାନ ବା ପୋଥିକୁ ମାନିନେଲେ ଚଳିବ ନାହିଁ । ସମସ୍ତ ଶାସ୍ତ୍ରଗ୍ରନ୍ଥ ଏବଂ ଧର୍ମୀୟ ତନ୍ତ୍ର-ମନ୍ତ୍ର ସେ ଅସ୍ୱୀକାର କରିଛନ୍ତି । ଏପରିକି ଯେଉଁ ସଂସ୍କୃତ ଭାଷାରେ ଚିରକାଳ ଭାରତ-ବର୍ଷରେ ଧର୍ମଶିକ୍ଷା ଚାଲି ଆସୁଥିଲା, ତାହାକୁ ମଧ୍ୟ ସେ ବର୍ଜନ କରିଥିଲେ—ଯେପରିକି ତାଙ୍କର ଅନୁଗାମୀମାନେ ଏହି ଭାଷା ସହିତ ସଂଯୁକ୍ତ ସଂସ୍କାରଗୁଡ଼ିକୁ କୌଣସି ପ୍ରକାରେ ଗ୍ରହଣ କରି ନ ପାରନ୍ତି ।

ଯେଉଁ ତତ୍ତ୍ୱଟି ଏପର୍ଯ୍ୟନ୍ତ ଆମେ ଆଲୋଚନା କରୁଥିଲୁ, ତାହାକୁ ଅନ୍ୟ ଦୃଷ୍ଟିଭଙ୍ଗୀ ଦେଇ ଦେଖାଯାଏ—ହିନ୍ଦୁର ଦୃଷ୍ଟିଭଙ୍ଗୀ ଦେଇ । ଆମେ କହୁ, ବୁଦ୍ଧଙ୍କର ଏହି ଆତ୍ମତ୍ୟାଗର ଶିକ୍ଷାକୁ ଆମମାନଙ୍କ ଦୃଷ୍ଟିରେ ବିଚାର କଲେ ଆହୁରି ମଧ୍ୟ ଭଲ ଭାବରେ ବୁଝି ହୁଏ । ଉପନିଷଦ୍‌ରେ ଆତ୍ମା ଓ ବ୍ରହ୍ମ ସମ୍ବନ୍ଧରେ ଗଭୀର ତତ୍ତ୍ୱର କଥା ଅଛି । ଆତ୍ମା ଏବଂ ପରଂବ୍ରହ୍ମ ଅଭିନ୍ନ । ଯାହା କିଛି ସବୁ ହିଁ ଆତ୍ମା—ଏକମାତ୍ର ଆତ୍ମା ହିଁ ସତ୍‌ବସ୍ତୁ । ମାୟାରେ ଆମେମାନେ ଆତ୍ମାକୁ ବହୁ ଦେଖୁ । ଆତ୍ମା କିନ୍ତୁ ଏକ, ବହୁ ନୁହେଁ । ସେହି ଏକ ଆତ୍ମା ହିଁ ନାନାରୂପରେ ପ୍ରତିଭାତ ହୁଏ । ମନୁଷ୍ୟ ମନୁଷ୍ୟର ଭାଇ, କାରଣ ସବୁ ମନୁଷ୍ୟ ଏକ । ବେଦ କହେ—ମନୁଷ୍ୟ କେବଳ ମୋର ଭାଇ ନୁହେଁ, ସେ ମୋର ସ୍ୱରୂପ । ବିଶ୍ୱର କୌଣସି ଅଂଶକୁ ଆଘାତ କଲେ ମୁଁ ନିଜକୁ ହିଁ ଆଘାତ କରେ । ମୁଁ ହିଁ ବିଶ୍ୱଜଗତ୍ । ମୁଁ ଯେ ଭାବେ, ମୁଁ ଅମୁକ—ଏହା ମାୟା । ପ୍ରକୃତ ସ୍ୱରୂପଦିଗରେ ଯେତେ ଅଗ୍ରସର ହେବ, ଏହି ମାୟା ମଧ୍ୟ ସେତେ ଦୂରକୁ ଯିବ । ବିଭିନ୍ନତ୍ୱ ଓ ଭେଦବୁଦ୍ଧି ଯେତେ ବେଶୀ ଲୋପ ପାଇବ, ସେତେ ବେଶୀ ବୋଧ କରିବ ଯେ

ସବୁ କିଛି ଏକ ପରମାତ୍ମା । ଈଶ୍ୱର ଅଛନ୍ତି, କିନ୍ତୁ ଦୂର ଆକାଶରେ ଅବସ୍ଥାନ କରୁଛନ୍ତି— ଏପରି କେଣେ ସେ ନୁହନ୍ତି । ସେ ଶୁଦ୍ଧ ଆତ୍ମା । କେଉଁଠାରେ ତାଙ୍କର ଅଧିଷ୍ଠାନ ? ତୁମ ଅନ୍ତରର ଅନ୍ତସ୍ଥଳରେ ସେ ରହିଛନ୍ତି; ସେ ହେଉଛନ୍ତି ଅନ୍ତରାତ୍ମା । ତୁମ ନିଜଠାରୁ ବିଚ୍ଛିନ୍ନ ବା ପୃଥକ୍ କରି କିପରି ତାଙ୍କୁ ଧାରଣା କରିବ ? ଯେତେବେଳେ ତୁମେ ତାଙ୍କୁ ତୁମଠାରୁ ସ୍ୱତନ୍ତ୍ର ବୋଲି ଭାବ, ସେତେବେଳେ ତୁମେ ତାଙ୍କୁ ଜାଣିପାର ନାହିଁ; 'ତୁମେ ହିଁ ସେହି'— ଏହା ହିଁ ଭାରତୀୟ ଋଷିମାନଙ୍କର ବାଣୀ ।

ତୁମେ ଅମୁକକୁ ଦେଖିଛ—ଏବଂ ଜଗତର ସବୁ କିଛି ତୁମଠାରୁ ପୃଥକ୍, ଏପରି ଭାବ ପୂରାପୂରି ସ୍ୱାର୍ଥପରତା । ତୁମେ ମନେକର, ତୁମେ ଆଉ ମୁଁ ଭିନ୍ନ । ମୋ କଥା ତୁମେ ଟିକିଏ ହେଲେ ଭାବ ନାହିଁ । ତୁମେ ଘରକୁ ଯାଇ ଖାଇପିଇ ଶୋଇପଡ଼ିବ । ମୁଁ ମରିଗଲେ ମଧ୍ୟ ତୁମର ଭୋଜନ, ପାନ ଓ ଆନନ୍ଦ ଠିକ୍ ଥାଏ । କିନ୍ତୁ ସଂସାରର ବାକି ଲୋକମାନେ ଯେତେବେଳେ କଷ୍ଟ ପାଆନ୍ତି, ସେତେବେଳେ ତୁମେ ସୁଖ ଭୋଗ କରିପାରିବ ନାହିଁ । ଆମେମାନେ ସମସ୍ତେ ଏକ ! ବୈଷମ୍ୟର ଭ୍ରମ ହିଁ ଯେତେ ଦୁଃଖର ମୂଳ । ଆତ୍ମା ଛଡ଼ା ଆଉ କିଛି ନାହିଁ— କିଛି ହେଲେ ନାହିଁ !

ବୁଦ୍ଧଙ୍କର ଶିକ୍ଷା ହେଲା—ଈଶ୍ୱର ବୋଲି କିଛି ନାହିଁ, ମନୁଷ୍ୟ ହିଁ ସବୁ; ଈଶ୍ୱର ସମ୍ବନ୍ଧରେ ପ୍ରଚଳିତ ଯାବତୀୟ ମନୋଭାବକୁ ସେ ଅସ୍ୱୀକାର କରିଥିଲେ । ସେ ଦେଖିଥିଲେ, ଏହି ମନୋଭାବ ମନୁଷ୍ୟକୁ ଦୁର୍ବଳ ଏବଂ କୁସଂସ୍କାରାଚ୍ଛନ୍ନ କରେ ! ସବୁକିଛି ପାଇଁ ଯଦି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବ, ତାହା ହେଲେ କିଏ ଆଉ କର୍ମ କରିବାକୁ ବାହାରିବ, କହ ? ଯେଉଁମାନେ କର୍ମ କରନ୍ତି, ଭଗବାନ ତାଙ୍କ ପାଖକୁ ଆସନ୍ତି । ଯେଉଁମାନେ ନିଜକୁ ସାହାଯ୍ୟ କରନ୍ତି, ଈଶ୍ୱର ସେମାନଙ୍କୁ ସାହାଯ୍ୟ କରନ୍ତି । ଈଶ୍ୱରଙ୍କ ସମ୍ବନ୍ଧରେ ଅନ୍ୟ ଧାରଣା ଆମମାନଙ୍କର ସ୍ନାୟୁମଣ୍ଡଳୀକୁ ଶିଥିଳ ଓ ପେଶୀସବୁକୁ ଦୁର୍ବଳ କରିଦିଏ, ଏବଂ ଆମମାନଙ୍କୁ ପରନିର୍ଭରଶୀଳ କରିପକାଏ । ଯେଉଁଠାରେ ସ୍ୱାଧୀନତା, ସେହିଠାରେ ହିଁ ଶାନ୍ତି; ଯେଉଁଠାରେ ପରାଧୀନତା, ସେହିଠାରେ ହିଁ ଦୁଃଖ । ମନୁଷ୍ୟର ନିଜ ମଧ୍ୟରେ ଅନନ୍ତ ଶକ୍ତି ରହିଛି ଏବଂ ସେ ତାହା ବୋଧ କରିପାରେ—ସେ ଉପଲବ୍ଧି କରିପାରେ ଯେ, ସେ ବି ଅନନ୍ତ ଆତ୍ମା । ନିଶ୍ଚୟ ତାହା ସମ୍ଭବ; କିନ୍ତୁ ତୁମେମାନେ ତ ତାହା ବିଶ୍ୱାସ କର ନାହିଁ । ତୁମେମାନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛ, ପୁଣି ସର୍ବଦା ନିଜନିଜର ବାରୁଦକୁ ମଧ୍ୟ ତାଜା ରଖୁଛ ।

ବୁଦ୍ଧଙ୍କର ଶିକ୍ଷା ଠିକ୍ ବିପରୀତ । ମନୁଷ୍ୟକୁ ଆଉ କାନ୍ଦିବାକୁ ଦିଅ ନାହିଁ । କୌଣସି ପୂଜାପ୍ରାର୍ଥନା ଦରକାର ନାହିଁ । ଭଗବାନ ତ ଆଉ ଦୋକାନ ଖୋଲି ବସି ନାହାନ୍ତି ? ପ୍ରତି ଶ୍ୱାସ-ପ୍ରଶ୍ୱାସରେ ତୁମେ ଭଗବାନଙ୍କର ହିଁ ଉପାସନା କରୁଅଛ । ମୁଁ ଯେଉଁ କଥା କହୁଛି ତାହା ମଧ୍ୟ ଏକ ଉପାସନା; ଆଉ ତୁମେମାନେ ଯେ ଶୁଣୁଛ, ତାହା ମଧ୍ୟ ଏକ ପ୍ରକାର ପୂଜା । ତୁମମାନଙ୍କର କ'ଣ ଏପରି କୌଣସି ମାନସିକ ବା ଶାରୀରିକ କ୍ରିୟା ଅଛି, ଯାହାଦ୍ୱାରା ତୁମେମାନେ ସେହି ଅନନ୍ତ ଶକ୍ତିମାନ୍ ଈଶ୍ୱରଙ୍କୁ ଭଜନ କରୁ ନାହଁ ? ସବୁ କ୍ରିୟା ହିଁ ତାଙ୍କର ନିରନ୍ତର ଉପାସନା । ଯଦି ଭାବିଥାଅ, କେତେଗୁଡ଼ିଏ ଶବ୍ଦ ହିଁ ହେଉଛି ପୂଜା, ତେବେ ସେ

ପୂଜା ନିତାନ୍ତ ବାହ୍ୟ । ଏପରି ପୂଜା-ପ୍ରାର୍ଥନା ଆଦୌ ଭଲ ନୁହେଁ, ସେଥିରେ କଦାପି କୌଣସି ପ୍ରକୃତ ଫଳ ମିଳେ ନାହିଁ ।

ପ୍ରାର୍ଥନା ମାନେ କ'ଣ କୌଣସି ଯାଦୁମନ୍ତ୍ର, କୌଣସି ପ୍ରକାର ପରିଶ୍ରମ ନ କରି କେବଳ ତାହା ଉଚ୍ଚାରଣ କଲେ ହିଁ ତୁମେ ଆଶ୍ଚର୍ଯ୍ୟ ଫଳ ଲାଭ କରିବ ? କଦାପି ନୁହେଁ । ସମସ୍ତଙ୍କୁ ପରିଶ୍ରମ କରିବାକୁ ହେବ; ଅନନ୍ତ ଶକ୍ତିର ଗଭୀରତାରେ ସମସ୍ତଙ୍କୁ ହିଁ ବୁଡ଼ିବାକୁ ହେବ । ଧନୀ-ଦରିଦ୍ର ସମସ୍ତଙ୍କ ଭିତରେ ସେହି ଏକ ଅନନ୍ତ ଶକ୍ତି । ଜଣେ କଠୋର ଶ୍ରମ କରିବେ, ଆଉ ଜଣେ ଲୋକ କେତୋଟି କଥା ବାରମ୍ବାର କହି ଫଳ ଲାଭ କରିବେ—ଏହା ଆଦୌ ସତ୍ୟ ନୁହେଁ । ଏହି ବିଶ୍ୱଜଗତ୍ ମଧ୍ୟ ଗୋଟିଏ ନିରନ୍ତର ପ୍ରାର୍ଥନା । ଯଦି ଏହି ଅର୍ଥରେ ପ୍ରାର୍ଥନାକୁ ବୁଝିବାକୁ ଚେଷ୍ଟା କର, ତେବେ ତୁମମାନଙ୍କ ସହିତ ମୁଁ ଏକମତ । କଥାର ପ୍ରୟୋଜନ ନାହିଁ; ନୀରବ ପୂଜା ବରଂ ଭଲ ।

ଏହି ମତବାଦର ଯଥାର୍ଥ ମର୍ମ ଅଧିକାଂଶ ମନୁଷ୍ୟ ବୁଝନ୍ତି ନାହିଁ । ଭାରତବର୍ଷରେ ଆତ୍ମା ସମ୍ବନ୍ଧରେ କୌଣସି ପ୍ରକାର ଆପୋଷର ଅର୍ଥ ପୁରୋହିତମଣ୍ଡଳୀଙ୍କ ହାତରେ ସବୁ କ୍ଷମତା ଟେକିଦେବା ଏବଂ ଆଗ୍ରହୀମାନଙ୍କର ସମସ୍ତ ଶିକ୍ଷାକୁ ଭୁଲିଯିବା । ବୁଦ୍ଧ ଏ କଥା ଜାଣିଥିଲେ; ତେଣୁ ସେ ପୁରୋହିତ-ଅନୁଶାସିତ ସର୍ବପ୍ରକାର ଆଗ୍ରହର ଅନୁଷ୍ଠାନ ବର୍ଜନ କରିଥିଲେ ଏବଂ ମନୁଷ୍ୟକୁ ତାହାର ନିଜ ଗୋଡ଼ରେ ଛିଡ଼ା ହେବାକୁ ଶିଖାଇଥିଲେ । ଜନସାଧାରଣଙ୍କର ଅଭ୍ୟସ୍ତ ରୀତି-ନୀତି ବିରୋଧରେ ତାଙ୍କର ଛିଡ଼ା ହେବାର ପ୍ରୟୋଜନ ପଡ଼ିଥିଲା; ଅନେକ ବୈପ୍ଳବିକ ପରିବର୍ତ୍ତନ ତାହାଙ୍କୁ ଆଣିବାକୁ ହୋଇଥିଲା । ଫଳରେ ଏହି ଯାଗ-ଯଜ୍ଞମୂଳକ ଧର୍ମ ଭାରତରୁ ଚିରକାଳ ପାଇଁ ଲୁପ୍ତ ହୋଇଯାଇଥିଲା, ଆଉ କେବେହେଲେ ତାହାର ପୁନରଭ୍ୟୁଦୟ ହେଲା ନାହିଁ ।

ବୌଦ୍ଧ-ଧର୍ମ ଆପାତଦୃଷ୍ଟିରେ ଭାରତବର୍ଷରୁ ନିର୍ବାସିତ ହୋଇଛି; କିନ୍ତୁ ପ୍ରକୃତ ପକ୍ଷରେ ହୋଇ ନାହିଁ । ବୁଦ୍ଧଙ୍କର ଶିକ୍ଷା ମଧ୍ୟରେ ଗୋଟିଏ ବିପଦର ବୀଜ ଥିଲା—ବୌଦ୍ଧ ଧର୍ମ ଥିଲା ସଂସ୍କାରମୂଳକ । ଧର୍ମ-ବିପ୍ଳବ ଆଣିବା ପାଇଁ ତାଙ୍କୁ ଅନେକ ନାସ୍ତି-ବାଚକ ଶିକ୍ଷା ମଧ୍ୟ ଦେବାକୁ ହୋଇଥିଲା; କିନ୍ତୁ କୌଣସି ଧର୍ମ ଯଦି ନାସ୍ତି-ଭାବ ଉପରେ ବେଶୀ ଜୋର୍ ଦିଏ, ତାହାହେଲେ ତାହାର ସମ୍ଭାବ୍ୟ ବିଲୁପ୍ତିର ଆଶଙ୍କା ମଧ୍ୟ ସେହିଠାରେ ହିଁ ରହିବ । କେବଳ ମାତ୍ର ସଂଶୋଧନଦ୍ୱାରା ହିଁ କୌଣସି ସଂସ୍କାରମୂଳକ ସମ୍ପ୍ରଦାୟ ତିଷ୍ଠି ରହିପାରେ ନାହିଁ —ସଂଗଠନୀ ଉପାଦାନ ହିଁ ହେଉଛି ଯଥାର୍ଥ ପ୍ରେରଣା—ଯାହା ତାହାର ମୂଳ ପ୍ରେରଣା । ସଂସ୍କାରର କାର୍ଯ୍ୟଗୁଡ଼ିକ ସମ୍ପନ୍ନ ହେବା ପରେ ହିଁ ଅସ୍ତି-ଭାବମୂଳକ କାର୍ଯ୍ୟ ଉପରେ ଜୋର୍ ଦେବା ଉଚିତ; ଘର ତିଆରି ହୋଇଗଲେ ହିଁ ଭାରା ଖୋଲିଦେବାକୁ ହୁଏ ।

ଭାରତବର୍ଷରେ ଏପରି ହୋଇଥିଲା ଯେ, କାଳକ୍ରମେ ବୁଦ୍ଧଙ୍କର ଅନୁଗାମୀମାନେ ତାଙ୍କର ନାସ୍ତି-ଭାବମୂଳକ ଉପଦେଶଗୁଡ଼ିକ ପ୍ରତି ବେଶୀମାତ୍ରାରେ ଆକୃଷ୍ଟ ହେଲେ, ଫଳରେ ସେମାନଙ୍କର ଧର୍ମର ଅଧୋଗତି ଅବଶ୍ୟମ୍ଭାବୀ ହୋଇଥିଲା । ନାସ୍ତି-ଭାବର ପ୍ରକୋପରେ ସତ୍ୟର ଅସ୍ତି-ଭାବମୂଳକ ଦିଗଟି ଚାପା ପଡ଼ିଯାଏ ଏବଂ ଏହି କାରଣରୁ ବୁଦ୍ଧଙ୍କ ନାମରେ

ଯେଉଁସବୁ ବିନାଶମୂଳକ ମନୋଭାବ ଆବିର୍ଭୂତ ହୋଇଥିଲା, ଭାରତବର୍ଷ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କଲା । ଏହା ହିଁ ଭାରତବର୍ଷର ଜାତୀୟ ଭାବଧାରାର ଅନୁଶାସନ ।

ଈଶ୍ୱର ବୋଲି କେହି ନାହାନ୍ତି ଏବଂ ଆତ୍ମା ମଧ୍ୟ ନାହିଁ—ବୌଦ୍ଧଧର୍ମର ଏହିସବୁ ନାସ୍ତି-ଭାବ ନିଶ୍ଚିହ୍ନ ହୋଇଯାଇଛି । ମୁଁ କହେ—ଏକମାତ୍ର ଈଶ୍ୱର ହିଁ ଅଛନ୍ତି; ଏହା ସନ୍ଦେହାତୀତ ଦୃଢ଼ ଉକ୍ତି । ସେ ହେଲେ ଏକମାତ୍ର ସଦ୍‌ବସ୍ତୁ । ବୁଦ୍ଧ ଯେପରି କହନ୍ତି, ଆତ୍ମା ବୋଲି କିଛି ନାହିଁ, ମୁଁ ମଧ୍ୟ କହେ, 'ମନୁଷ୍ୟ, ତୁମେ ବିଶ୍ୱ ସହିତ ଓତଃପ୍ରୋତ ହୋଇ ଅଛ; ତୁମେ ହିଁ ସବୁ ।' କେତେ ବାସ୍ତବ ! ସଂସାରର ଉପାଦାନ ନଷ୍ଟ ହୋଇଯାଇଛି; କିନ୍ତୁ ସଂଗଠନୀ ବୀଜ ଚିରକାଳ ପାଇଁ ସଜୀବ ଅଛି । ବୁଦ୍ଧ ନିମ୍ନଜାତୀୟ ପ୍ରାଣୀମାନଙ୍କ ପ୍ରତି ମଧ୍ୟ କରୁଣା ଶିଖାଇ ଯାଇଛନ୍ତି । ତା'ପରଠାରୁ ଭାରତରେ ଏପରି କୌଣସି ସଂପ୍ରଦାୟ ନାହିଁ, ଯେଉଁମାନେ ସର୍ବଜୀବରେ, ଏପରିକି ପଶୁପକ୍ଷୀମାନଙ୍କ ପ୍ରତି ମଧ୍ୟ କରୁଣା କରିବାକୁ ଶିଖାଇ ନାହାନ୍ତି । ଏହି ଦୟା, କ୍ଷମା, କରୁଣା ହିଁ ହେଲା ବୁଦ୍ଧଙ୍କର ଶିକ୍ଷା ମଧ୍ୟରେ ଶ୍ରେଷ୍ଠ ।

ବୁଦ୍ଧ-ଜୀବନର ଗୋଟିଏ ବିଶେଷ ଆବେଦନ ଅଛି । ମୁଁ ସାରା ଜୀବନ ବୁଦ୍ଧଙ୍କର ଅତ୍ୟନ୍ତ ଅନୁରାଗୀ, ତେବେ ତାଙ୍କର ମତବାଦରେ ନୁହେଁ । ଅନ୍ୟ ସବୁ ଚରିତ୍ର ଅପେକ୍ଷା ତାଙ୍କର ଚରିତ୍ର ପ୍ରତି ମୋର ଶ୍ରଦ୍ଧା ଅଧିକ । ଆହା, ସେହି ସାହସିକତା, ସେହି ନିର୍ଭୀକତା, ସେହି ଗଭୀର ପ୍ରେମ ! ମନୁଷ୍ୟର କଲ୍ୟାଣ ପାଇଁ ହିଁ ତାଙ୍କର ଜନ୍ମ ! ସମସ୍ତେ ହିଁ ନିଜ ପାଇଁ ଈଶ୍ୱରଙ୍କୁ ଖୋଜୁଛନ୍ତି, କେତେ ଲୋକ ସତ୍ୟାନୁସନ୍ଧାନ କରୁଛନ୍ତି; ସେ କିନ୍ତୁ ନିଜ ପାଇଁ ସତ୍ୟଲାଭର ଚେଷ୍ଟା କରି ନାହାନ୍ତି । ସେ ସତ୍ୟର ସନ୍ଧାନ କରିଛନ୍ତି ମନୁଷ୍ୟଦୁଃଖରେ କାତର ହୋଇ । କିପରି ଭାବରେ ମନୁଷ୍ୟକୁ ସାହାଯ୍ୟ କରିବେ, ଏହା ଥିଲା ତାଙ୍କର ଏକମାତ୍ର ଚିନ୍ତା । ସାରା ଜୀବନ ସେ କଦାପି ହେଲେ ନିଜ ପାଇଁ ଚିନ୍ତା କରି ନାହାନ୍ତି । ଏତେ ବଡ଼ ମହତ୍ତ୍ୱ ଜୀବନର ଧାରଣା ଆମମାନଙ୍କଭଳି ଅଜ୍ଞ ସ୍ୱାର୍ଥାନ୍ଧ ସଂକୀର୍ଣ୍ଣଚିତ୍ତ ମନୁଷ୍ୟ କିପରି ଭାବରେ କରିପାରେ ?

ତା'ପରେ ତାଙ୍କର ଆଶ୍ଚର୍ଯ୍ୟ ବୁଦ୍ଧିର କଥା ମଧ୍ୟ ଭାବି ଦେଖ । କୌଣସି ପ୍ରକାର ଭାବାବେଶ ନାହିଁ । ସେହି ବିଶାଳ ମସ୍ତିଷ୍କରେ କୁସଂସ୍କାରର ଲେଶ ମଧ୍ୟ ନ ଥିଲା । ପ୍ରାଚୀନ ପୋଥିରେ ଲେଖା ଅଛି, ପିତୃପୁରୁଷମାନଙ୍କଠାରୁ ଉତ୍ତରାଧିକାରସୂତ୍ରରେ ମିଳିଛି, ଅଥବା ବନ୍ଧୁମାନେ ବିଶ୍ୱାସ କରିବା ପାଇଁ କହୁଛନ୍ତି—ଏହିସବୁ କାରଣରୁ ବିଶ୍ୱାସ କର ନାହିଁ; ତୁମେ ନିଜେ ବିଚାର କରି ଦେଖ, ନିଜେ ହିଁ ସତ୍ୟାନୁସନ୍ଧାନ କର, ନିଜେ ନିଜେ ଅନୁଭବ କର । ତା'ପରେ ଯଦି ତୁମେ ତାହାକୁ ଅନ୍ୟ ବା ବହୁ ପକ୍ଷରେ କଲ୍ୟାଣପ୍ରଦ ବୋଲି ମନେକର, ସେତେବେଳେ ତାହା ମନୁଷ୍ୟ ମଧ୍ୟରେ ବିତରଣ କର । କୋମଳମସ୍ତିଷ୍କ କ୍ଷୀଣମତି ଦୁର୍ବଳଚିତ୍ତ କାପୁରୁଷମାନେ କେବେହେଲେ ସତ୍ୟକୁ ଜାଣିପାରନ୍ତି ନାହିଁ । ଆକାଶ ଭଳି ଉଦାର ଓ ମୁକ୍ତ ହେବା ଆବଶ୍ୟକ । ଚିତ୍ତ ନିର୍ମଳ ସ୍ୱଚ୍ଛ ହେଲେ ଯାଇ ସେଥିରେ ସତ୍ୟ ପ୍ରତିଭାତ ହେବ । ଆମେମାନେ ସମସ୍ତେ କି କୁସଂସ୍କାରରାଶିରେ ପରିପୂର୍ଣ୍ଣ ! ତୁମମାନଙ୍କ ଦେଶରେ ମଧ୍ୟ, ଯେଉଁଠାରେ ତୁମେମାନେ ନିଜ ନିଜକୁ ଖୁବ୍ ଶିକ୍ଷିତ ବୋଲି ଭାବ; କିନ୍ତୁ କି ସଂକୀର୍ଣ୍ଣତା ଆଉ

କୁସଂସ୍କାରରେ ଆଚ୍ଛନ୍ନ ତୁମେମାନେ ! ଭାବି ଦେଖ, ତୁମମାନଙ୍କର ଏତେ ସଭ୍ୟତାର ଗର୍ବ ସତ୍ତ୍ୱେ ବି ମୁଁ ନିତାନ୍ତ ହିନ୍ଦୁ ବୋଲି କୌଣସି ଏକ ଅନୁଷ୍ଠାନରେ ମୋତେ ବସିବାକୁ ଆସନ ଦିଆଯାଇ ନାହିଁ ।

ଖ୍ରୀଷ୍ଟଜନ୍ମର ଛଅଶହ ବର୍ଷ ପୂର୍ବେ ବୁଦ୍ଧ ଯେତେବେଳେ ଜୀବିତ ଥିଲେ, ସେତେବେଳେ ଭାରତବାସୀମାନେ ଅବଶ୍ୟ ଆଶ୍ଚର୍ଯ୍ୟପ୍ରକାର ଶିକ୍ଷିତ ଥିଲେ; ନିଶ୍ଚୟ ସେମାନେ ଅତ୍ୟନ୍ତ ଉଦାର ଥିଲେ । ବିଶାଳ ଜନତା ବୁଦ୍ଧଙ୍କର ଅନୁଗାମୀ ହୋଇଥିଲା, ନୃପତିମାନେ ସିଂହାସନ ତ୍ୟାଗ କରିଥିଲେ । ରାଣୀମାନେ ସିଂହାସନ ଛାଡ଼ିଦେଇ ଆସିଥିଲେ । ଜନସାଧାରଣ ସହଜରେ ତାଙ୍କ ଉପଦେଶକୁ ସମାଦର କରି ଗ୍ରହଣ କରିଥିଲେ, କାରଣ ତାଙ୍କର ଶିକ୍ଷା ଏତେ ବିପ୍ଳବାତ୍ମକ ଥିଲା, ଏବଂ ଯୁଗ ଯୁଗ ଧରି ପ୍ରଚଳିତ ପୁରୋହିତମାନଙ୍କର ଶିକ୍ଷା ଅପେକ୍ଷା ଭିନ୍ନ ଥିଲା ! ଅବଶ୍ୟ ସେମାନଙ୍କର ମନ ମଧ୍ୟ ଥିଲା ଉନ୍ମୁକ୍ତ ଓ ପ୍ରଶସ୍ତ, ଯାହା ସଚରାଚର ଦେଖାଯାଏ ନାହିଁ ।

ଏହିଥର ତାଙ୍କର ପରିନିର୍ବାଣର କଥା ଚିନ୍ତା କର; ତାଙ୍କର ଜୀବନ ଯେପରି ମହତ୍ତ୍ୱ, ମୃତ୍ୟୁ ମଧ୍ୟ ଥିଲା ସେହିପରି ମହତ୍ତ୍ୱ । ତୁମମାନଙ୍କର ଆମେରିକାର ଆଦିମ ଅଧିବାସୀମାନଙ୍କ ଭଳି କୌଣସି ଜାତିର ଗୋଟିଏ ଲୋକ ହାତରୁ ସେ ଖାଦ୍ୟ ଗ୍ରହଣ କରିଥିଲେ । ହିନ୍ଦୁମାନେ ଏହି ଜାତିର ଲୋକମାନଙ୍କୁ ସ୍ପର୍ଶ କରନ୍ତି ନାହିଁ, କାରଣ ସେମାନେ ନିର୍ବିଚାରରେ ସବୁ କିଛି ଖାଆନ୍ତି । ସେ ଶିଷ୍ୟମାନଙ୍କୁ କହିଥିଲେ, 'ତୁମେମାନେ ଏ ଖାଦ୍ୟ ଖାଅ ନାହିଁ, କିନ୍ତୁ ମୁଁ ତାହା ପ୍ରତ୍ୟାଖ୍ୟାନ କରିପାରିବି ନାହିଁ । ଲୋକଟି ପାଖକୁ ଯାଇ କହ, ମୋ ଜୀବନରେ ଏକ ମହତ୍ତ୍ୱ କର୍ତ୍ତବ୍ୟ ସେ ପାଳନ କରିଛି—ସେ ମୋତେ ଦେହ-ମୁକ୍ତ କରିଦେଇଛି ।' ଏକ ବୃଦ୍ଧ ବୁଦ୍ଧଙ୍କୁ ଦର୍ଶନ କରିବା ଆଶାରେ କେତେ କୋଶ ପଥ ଚାଲି ଚାଲି ଆସି ପାଖରେ ବସିଥିଲା, ବୁଦ୍ଧ ତାଙ୍କୁ ଉପଦେଶ ଦେଉଥିଲେ । ଜନୈକ ଶିଷ୍ୟକୁ କାନ୍ଦିବାର ଦେଖି ସେ ତିରସ୍କାର କରି କହିଲେ, 'ଇଏ କ'ଣ ? ମୋର ଏତେ ଉପଦେଶର ଏହି ଫଳ ! କୌଣସି ମିଥ୍ୟା-ବନ୍ଧନରେ ତୁମେମାନେ ଜଡ଼ିତ ହୁଅ ନାହିଁ, ମୋ ଉପରେ କିଛି ମାତ୍ର ନିର୍ଭର କର ନାହିଁ । ଏହି ନଶ୍ୱର ଦେହଟା ପାଇଁ ବୃଥା ଗୌରବର ପ୍ରୟୋଜନ ନାହିଁ । ବୁଦ୍ଧ କୌଣସି ବ୍ୟକ୍ତି ନୁହନ୍ତି, ସେ ଉପଲବ୍ଧିସ୍ୱରୂପ । ନିଜେ ନିଜେ ନିଜର ନିର୍ବାଣ ଲାଭ କର ।'

ଏପରିକି ଅନ୍ତିମକାଳରେ ମଧ୍ୟ ସେ ନିଜ ପାଇଁ କୌଣସି ପ୍ରତିଷ୍ଠା ଦାବି କରି ନାହାନ୍ତି । ଏହି କାରଣରୁ ମୁଁ ତାଙ୍କୁ ଶ୍ରଦ୍ଧା କରେ । ବୁଦ୍ଧ ଓ ଖ୍ରୀଷ୍ଟ ହେଉଛନ୍ତି ଉପଲବ୍ଧିର ଗୋଟିଏ ଗୋଟିଏ ଅବସ୍ଥାର ନାମ ମାତ୍ର । ଲୋକଶିକ୍ଷକମାନଙ୍କ ମଧ୍ୟରେ ବୁଦ୍ଧ ହିଁ ଆମମାନଙ୍କୁ ଆତ୍ମବିଶ୍ୱାସୀ ହେବାକୁ ସର୍ବାପେକ୍ଷା ଅଧିକ ଶିକ୍ଷା ଦେଇଛନ୍ତି; ମିଥ୍ୟା 'ଅହଂ'ର ବନ୍ଧନରୁ ସେ ଆମମାନଙ୍କୁ କେବଳ ମୁକ୍ତ କରି ନାହାନ୍ତି, ଅଦୃଶ୍ୟ ଈଶ୍ୱର ବା ଦେବତାମାନଙ୍କ ଉପରେ ନିର୍ଭରତାରୁ ମଧ୍ୟ ମୁକ୍ତ କରିଛନ୍ତି । ମୁକ୍ତିର ସେହି ଅବସ୍ଥା—ଯାହାକୁ ସେ ନିର୍ବାଣ କହୁଥିଲେ, ତାହା ଲାଭ କରିବା ପାଇଁ ସେ ପ୍ରତ୍ୟେକଙ୍କୁ ହିଁ ଆହ୍ୱାନ କରିଥିଲେ । ଦିନେ ସେହି ଅବସ୍ଥାରେ ସମସ୍ତେ ହିଁ ଉପନୀତ ହେବେ; ଏବଂ ସେହି ନିର୍ବାଣରେ ଉପନୀତ ହେବା ହିଁ ହେଉଛି ମନୁଷ୍ୟ-ଜୀବନର ଚରମ ସାର୍ଥକତା ।

# ଈଶଦୂତ ଯୀଶୁଖ୍ରୀଷ୍ଟ

[ ୧୯୦୦ ଖ୍ରୀଷ୍ଟାବ୍ଦରେ କାଲିଫର୍ଣ୍ଣିଆ ଅନ୍ତର୍ଗତ ଲସ୍ ଆଞ୍ଜେଲସ୍‌ଠାରେ ପ୍ରଦତ୍ତ ବକ୍ତୃତା ]

ସମୁଦ୍ରରେ ତରଙ୍ଗ ଉଠିଲା ଏବଂ ଗୋଟିଏ ଶୂନ୍ୟ ଗହ୍ୱର ସୃଷ୍ଟି ହେଲା । ପୁଣି ଆଉ ଗୋଟିଏ ତରଙ୍ଗ ଉଠିଲା—ହୁଏତ ତାହା ପୂର୍ବାପେକ୍ଷା ବୃହତ୍ତର, କିନ୍ତୁ ଏହାର ମଧ୍ୟ ପତନ ହେଲା; ପୁଣି ଗୋଟିଏ ଉଠିଲା । ଏହିଭଳି ତରଙ୍ଗ ପରେ ତରଙ୍ଗ ଅଗ୍ରସର ହୋଇ ଚାଲିଛି । ସଂସାରର ଘଟଣାପ୍ରବାହ ମଧ୍ୟରେ ଆମେମାନେ ଏହିଭଳି ଉତ୍ଥାନପତନ ଦେଖିଥାଉଁ ଏବଂ ସାଧାରଣତଃ ଉତ୍ଥାନ ଆଡ଼କୁ ଆମର ଦୃଷ୍ଟି ଆକୃଷ୍ଟ ହୋଇଥାଏ, ପତନ ଆଡ଼କୁ ନୁହେଁ । କିନ୍ତୁ ସଂସାରରେ ଏହି ଉଭୟର ସାର୍ଥକତା ଅଛି, ଉଭୟ ମଧ୍ୟରୁ କୌଣସିଟିର ମୂଲ୍ୟ ଊଣା ନୁହେଁ । ବିଶ୍ୱବ୍ରହ୍ମାଣ୍ଡର ଏହା ହିଁ ରୀତି । କି ଚିନ୍ତାଜଗତ, କି ପାରିବାରିକ-ଜଗତ, କି ସମାଜ, କି ଆଧ୍ୟାତ୍ମିକ ବିଷୟରେ—ସର୍ବତ୍ର ଏହି କ୍ରମିକ ଗତି, ସର୍ବତ୍ର ଏହି ଉତ୍ଥାନ-ପତନ ଚାଲିଛି । ଏହି କାରଣରୁ ଘଟଣାପ୍ରବାହ ମଧ୍ୟରେ ପ୍ରଧାନ ବିଷୟଗୁଡ଼ିକ—ଉଦାର ଆଦର୍ଶସମୂହ—ସମୟେ ସମୟେ ସମାଜମଧ୍ୟରେ ପ୍ରବଳ ତରଙ୍ଗାକାର ଧାରଣ କରି ଉତ୍ଥିତ ହୁଏ ଓ ସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରେ; ତା'ପରେ ଅତୀତ ଅବସ୍ଥାର ଭାବଗୁଡ଼ିକୁ ପରିପାକ କରିବା ଲାଗି, ସେଗୁଡ଼ିକୁ ରୋମନ୍ଥନ କରିବା ପାଇଁ କିଛି କାଳ ଲାଗି ତାହା ଅଦୃଶ୍ୟ ହୁଏ, ଯେପରିକି ସେହି ଭାବଗୁଡ଼ିକୁ ସମଗ୍ର ସମାଜରେ ଖାପଖୁଆଇବା ପାଇଁ, ସେଗୁଡ଼ିକୁ ସମାଜ ଭିତରେ ଧରି ରଖିବା ପାଇଁ, ପୁନର୍ବାର ଉଠିବା ଉଦ୍ଦେଶ୍ୟରେ—ପୂର୍ବାପେକ୍ଷା ପ୍ରବଳତର ବେଗରେ ଉଠିବାର ବଳ ସଞ୍ଚୟ କରିବା ନିମିତ୍ତ କିଛି କାଳ ପାଇଁ ତାହା ବିଲୁପ୍ତପ୍ରାୟ ବୋଧ ହୁଏ ।

ବିଭିନ୍ନ ଜାତିର ଇତିହାସ ଆଲୋଚନା କଲେ ଏହିପରି ଉତ୍ଥାନ-ପତନର ପରିଚୟ ମିଳିଥାଏ । ଯେଉଁ ମହାତ୍ମାଙ୍କର—ଯେଉଁ ଈଶ୍ୱରଦୂତଙ୍କର ମହନୀୟ ଜୀବନଚରିତ ଆମେମାନେ ଆଜି ଅପରାହ୍ଣରେ ଆଲୋଚନା କରିବାକୁ ଯାଉଛୁ, ସେ ମଧ୍ୟ ସ୍ୱଜାତିର ଇତିହାସରେ ଏହିପରି ଗୋଟିଏ ଯୁଗରେ ଆବିର୍ଭୂତ ହୋଇଥିଲେ, ଯାହାକୁ ଆମେମାନେ ନିଶ୍ଚିତ ଭାବରେ ମହାପତନର ଯୁଗ ବୋଲି ନିର୍ଦ୍ଦେଶ କରିପାରୁ । ତାଙ୍କର ଉପଦେଶ ଓ କାର୍ଯ୍ୟକଳାପର ଯେଉଁ ବିକ୍ଷିପ୍ତ ସାମାନ୍ୟ ବିବରଣ ଲିପିବଦ୍ଧ ହୋଇଛି, ସେଥିରୁ ଆମେମାନେ ଏହାର ଅଳ୍ପ ମାତ୍ର ଆଭାସ ସ୍ଥାନେ ସ୍ଥାନେ ପାଇଥାଉଁ । ବିକ୍ଷିପ୍ତ ସାମାନ୍ୟ ବିବରଣ ବୋଲି କହିଲି, କାରଣ ତାଙ୍କ ସମ୍ପର୍କରେ ଏକଥା ସମ୍ପୂର୍ଣ୍ଣ ସତ୍ୟ ଯେ, ତାଙ୍କର ସମୁଦାୟ ଉକ୍ତି ଓ କାର୍ଯ୍ୟକଳାପର ବିବରଣ ଲିପିବଦ୍ଧ କରିପାରିଲେ ତାହା ସମଗ୍ର ଜଗତକୁ ପରିବ୍ୟାପ୍ତ କରିପାରିଥାଆନ୍ତା । ତାଙ୍କର ତିନିବର୍ଷବ୍ୟାପୀ ଧର୍ମପ୍ରଚାର ମଧ୍ୟରେ ଯେପରି କେତେ ଯୁଗର ଘଟଣା, କେତେ ଯୁଗର ବ୍ୟାପାର ଏକତ୍ର ସଂଘଟିତ ହୋଇଛି—ସେଗୁଡ଼ିକୁ ଉଦ୍‌ଘାଟିତ କରିବା ପାଇଁ ଏହି ଊନବିଂଶତି ଶତାବ୍ଦୀ ଲାଗିଯାଇଛି । କିଏ ଜାଣେ, ସେଗୁଡ଼ିକୁ ସମ୍ପୂର୍ଣ୍ଣଭାବରେ ବ୍ୟକ୍ତ

କରିବା ଲାଗି ଆଉ କେତେକାଳ ଲାଗିବ ? ଆପଣ ଓ ମୋ ଭଳି କ୍ଷୁଦ୍ର ଶକ୍ତିର ଆଧାର ଆମର ସମୁଦାୟ ଶକ୍ତିବିକାଶ ପାଇଁ—ଏହାର ସଂପୂର୍ଣ୍ଣ ପ୍ରସାର ପାଇଁ କେତୋଟି ମୁହୂର୍ତ୍ତ, କେତୋଟି ଘଣ୍ଟା, ବେଶୀ ହେଲେ କେତୋଟି ବର୍ଷ ପର୍ଯ୍ୟନ୍ତ ହେବ । ତା'ପରେ ଆମର ଆଉ କୌଣସି ଶକ୍ତି ଅବଶିଷ୍ଟ ରହିବ ନାହିଁ । କିନ୍ତୁ ଆମର ଆଲୋଚ୍ୟ ମହାଶକ୍ତିଧର ପୁରୁଷଙ୍କର କଥା ଥରେ ଭାବି ଦେଖନ୍ତୁ ତ । ଶତ ଶତ ଶତାବ୍ଦୀ, ଶତ ଶତ ଯୁଗ ଚାଲିଗଲା; କିନ୍ତୁ ଜଗତରେ ସେ ଯେଉଁ ଶକ୍ତି ସଞ୍ଚାର କରିଥିଲେ, ଏପର୍ଯ୍ୟନ୍ତ ମଧ୍ୟ ତା'ର ପ୍ରସାର-କାର୍ଯ୍ୟର ବିରାମ ନାହିଁ, ଏପର୍ଯ୍ୟନ୍ତ ତାହା ନିଃଶେଷିତ ହୋଇ ନାହିଁ । ଯେତିକି ଯୁଗ ପରେ ଯୁଗପ୍ରବାହ ଚାଲିଛି, ସେତିକି ଏହା ନବବଳରେ ବଳୀୟାନ୍ ହେଉଛି ।

ବର୍ତ୍ତମାନ ଦେଖନ୍ତୁ, ଯୀଶୁଖ୍ରୀଷ୍ଟଙ୍କ ଜୀବନରେ ଯାହା ଦେଖିବାକୁ ମିଳେ, ତାହା ତତ୍ପୂର୍ବବର୍ତ୍ତୀ ସମୁଦାୟ ପ୍ରାଚୀନ ଭାବର ସମଷ୍ଟିସ୍ୱରୂପ । ଗୋଟିଏ ଦୃଷ୍ଟିରୁ କହିବାକୁ ଗଲେ ସକଳ ବ୍ୟକ୍ତିଙ୍କ ଜୀବନ—ସକଳ ବ୍ୟକ୍ତିଙ୍କ ଚରିତ୍ର ଅତୀତ ଭାବସମୂହର ଫଳସ୍ୱରୂପ । ସମଗ୍ର ଜାତୀୟଜୀବନର ଏହି ଅତୀତ ଭାବସମୂହ—ବଂଶାନୁକ୍ରମିକ ସଞ୍ଚରଣ, ପାରିପାର୍ଶ୍ୱିକ ଅବସ୍ଥା-ସମୂହ, ଶିକ୍ଷା ଏବଂ ନିଜର ପୂର୍ବ ପୂର୍ବ ଜନ୍ମର ସଂସ୍କାର ଭିତର ଦେଇ ପ୍ରତ୍ୟେକ ବ୍ୟକ୍ତି ଭିତରକୁ ଆସିଥାଏ । ସୁତରାଂ ଗୋଟିଏ ଦୃଷ୍ଟିରେ ପ୍ରତ୍ୟେକ ଜୀବାତ୍ମା ଭିତରେ ସମଗ୍ର ପୃଥିବୀର, ସମଗ୍ର ବ୍ରହ୍ମାଣ୍ଡର ସମୁଦାୟ ଅତୀତ ସଂପତ୍ତି ରହିଛି ବୋଲି କୁହାଯାଇପାରେ । ବର୍ତ୍ତମାନର ଆମେମାନେ ସେହି ଅନନ୍ତ ଅତୀତର କୃତ କାର୍ଯ୍ୟର ଫଳ ବ୍ୟତୀତ ଆଉ କଅଣ ? ଅନନ୍ତ ଘଟଣାପ୍ରବାହରେ ଭାସମାନ ଅନିବାର୍ଯ୍ୟରୂପେ ପୁରୋଭାଗରେ ଅଗ୍ରସର ଓ ସ୍ଥିର ରହିବାକୁ ଅସମର୍ଥ ଭାସମାନ କ୍ଷୁଦ୍ର କ୍ଷୁଦ୍ର ତରଙ୍ଗନିଚୟ ବ୍ୟତୀତ ଆମେମାନେ ଆଉ କ'ଣ ? ପ୍ରଭେଦ ଏତିକି ଯେ, ଆପଣ ଓ ମୁଁ ଅତି କ୍ଷୁଦ୍ର ବୁଦ୍‌ବୁଦ । କିନ୍ତୁ ଜାଗତିକ ଘଟଣାନିଚୟରୂପକ ମହାସମୁଦ୍ରରେ କେତେଗୁଡ଼ିଏ ପ୍ରବଳ ତରଙ୍ଗ ରହିବ ହିଁ ରହିବ । ଆପଣଙ୍କଠାରେ ଓ ମୋଠାରେ ଜାତୀୟଜୀବନର ଅତୀତ ଭାବ ଅତି ଅଳ୍ପମାତ୍ର ପରିସ୍ଫୁଟ ହୋଇଛି; କିନ୍ତୁ ଏପରି ଅନେକ ଶକ୍ତିମାନ୍ ପୁରୁଷ ଅଛନ୍ତି, ଯେଉଁମାନେ ପ୍ରାୟ ସମଗ୍ର ଅତୀତର ସାକାର ବିଗ୍ରହସ୍ୱରୂପ ଓ ଭବିଷ୍ୟତ ଉଦ୍ଦେଶ୍ୟରେ ସେମାନଙ୍କର ହସ୍ତ ବହୁବାର ପ୍ରସାରିତ । ସମଗ୍ର ମାନବଜାତି ଯେ ଅନନ୍ତ ଉନ୍ନତିପଥରେ ଅଗ୍ରସର ହୋଇ ଚାଲିଛି, ଏମାନେ ଯେପରି ସେହି ପଥର ପଥନିର୍ଦ୍ଦେଶକ ସ୍ତମ୍ଭସ୍ୱରୂପ । ବାସ୍ତବିକ୍ ଏମାନେ ଏଡ଼େ ବଡ଼ ଯେ, ଏମାନଙ୍କର ଛାୟା ଯେପରିକି ସମଗ୍ର ବ୍ରହ୍ମାଣ୍ଡକୁ ଢାଙ୍କି ପକାଏ ଏବଂ ଏମାନେ ଅନାଦି ଅନନ୍ତକାଳ ଅବିନାଶିଭାବରେ ରହିଯାଆନ୍ତି । ଏହି ମହାପୁରୁଷ ଯୀଶୁଖ୍ରୀଷ୍ଟ ଯାହା କହିଛନ୍ତି, 'କୌଣସି ବ୍ୟକ୍ତି ଈଶ୍ୱର-ତନୟଙ୍କ ଭିତର ଦେଇ ଈଶ୍ୱରଙ୍କୁ ଦେଖିବା ବ୍ୟତୀତ ଅନ୍ୟ କୌଣସି ଉପାୟରେ କେବେହେଲେ ଦର୍ଶନ କରି ନାହିଁ'—ଏହା ଅତ୍ୟନ୍ତ ସତ୍ୟ । ଈଶ୍ୱର-ତନୟଙ୍କଠାରେ ନ ଦେଖିଲେ ଆମେ ଈଶ୍ୱରଙ୍କୁ ଆଉ କେଉଁଠାରେ ଦେଖିବା ? ଏହା ଅତ୍ୟନ୍ତ ସତ୍ୟ ଯେ, ଆପଣଙ୍କଠାରେ, ମୋଠାରେ, ଆମମାନଙ୍କ ମଧ୍ୟରେ ଅତି ଦୀନହୀନ ବ୍ୟକ୍ତି ମଧ୍ୟରେ ବି ଈଶ୍ୱର ବିଦ୍ୟମାନ; ଈଶ୍ୱରଙ୍କ ପ୍ରତିବିମ୍ବ ଆମ ସମସ୍ତଙ୍କ ମଧ୍ୟରେ ରହିଛି । କିନ୍ତୁ

ଯେଉଁପରି ଆଲୋକର ପରମାଣୁସକଳ ସର୍ବବ୍ୟାପୀ, ସର୍ବଦା ସ୍ପନ୍ଦନଶୀଳ ହେଲେ ମଧ୍ୟ ଏଗୁଡ଼ିକୁ ଆମର ଦୃଷ୍ଟିପଥକୁ ଆଣିବାକୁ ହେଲେ ପ୍ରଦୀପ ଜାଳିବା ଦରକାର ହୁଏ, ସେହିପରି ଜଗତର ବିରାଟ ଆଲୋକସ୍ୱରୂପ ଏହି ସକଳ ପ୍ରତ୍ୟାଦିଷ୍ଟ ପୁରୁଷଙ୍କ ମଧ୍ୟରେ, ଏହି ସକଳ ନରଦେବଙ୍କ ମଧ୍ୟରେ, ଈଶ୍ୱରଙ୍କର ମୂର୍ତ୍ତିମାନ ବିଗ୍ରହସ୍ୱରୂପ ଏହି ସକଳ ଅବତାରଙ୍କ ମଧ୍ୟରେ ପ୍ରତିବିମ୍ବିତ ନ ହେଲେ ସମଗ୍ର ଜଗତର ସର୍ବବ୍ୟାପୀ ଈଶ୍ୱର ଆମମାନଙ୍କର ଦୃଷ୍ଟିଗୋଚର ହୋଇପାରନ୍ତି ନାହିଁ ।

ଆମେମାନେ ସମସ୍ତେ ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରୁ; କିନ୍ତୁ ଆମେ ତାଙ୍କୁ ଦେଖିପାରୁ ନାହିଁ, ତାଙ୍କର ଭାବ ଧାରଣା କରିପାରୁ ନାହିଁ । କିନ୍ତୁ ଜ୍ଞାନାଲୋକର ଏହି ମହାନ୍ ବାର୍ତ୍ତାବହଗଣଙ୍କ ମଧ୍ୟରୁ କୌଣସି ଜଣକର ଚରିତ୍ର ସହିତ ଆପଣଙ୍କର ଈଶ୍ୱର-ସମ୍ବନ୍ଧୀୟ ଉଚ୍ଚତମ ଧାରଣାର ତୁଳନା କରନ୍ତୁ ତ ! ଦେଖିବେ, ଆପଣଙ୍କର କଳ୍ପିତ ଈଶ୍ୱର ଏହି ପ୍ରତ୍ୟକ୍ଷ ଜୀବନ୍ତ ଆଦର୍ଶ ପୁରୁଷଙ୍କଠାରୁ ଅନେକାଂଶରେ ହୀନତର ଏବଂ ଅବତାରଙ୍କର—ଈଶ୍ୱରାଦିଷ୍ଟ ପୁରୁଷଙ୍କର ଚରିତ୍ର ଆପଣଙ୍କ ଧାରଣାରୁ ବହୁ ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ । ଆଦର୍ଶର ସାକାରବିଗ୍ରହସ୍ୱରୂପ ଏହି ସକଳ ମହାପୁରୁଷ ଈଶ୍ୱରଙ୍କୁ ସାକ୍ଷାତ୍ ଉପଲବ୍ଧି କରି ତାଙ୍କର ମହଜ୍ଜୀବନର ଯେଉଁ ଦୃଷ୍ଟାନ୍ତ ଆମମାନଙ୍କ ସମକ୍ଷରେ ଧରି ରଖିଛନ୍ତି, ତା'ଠାରୁ ଈଶ୍ୱରଙ୍କର ଉଚ୍ଚତର ଧାରଣା କରିବା ପାଇଁ ଆପଣମାନେ କେବେହେଲେ ସମର୍ଥ ହୋଇପାରିବେ ନାହିଁ । ଏହା ହିଁ ଯଦି ସତ୍ୟ ହୁଏ, ତେବେ ମୁଁ ପଚାରେ, ଏହି ସକଳ ପୁରୁଷଙ୍କୁ ଈଶ୍ୱର ବୋଲି ଉପାସନା କରିବା କ'ଣ ଅନ୍ୟାୟ କାର୍ଯ୍ୟ ? ଏହି ନରଦେବଗଣଙ୍କ ଚରଣରେ ଲୁଣ୍ଠିତ ହୋଇ ସେମାନଙ୍କୁ ଏହି ପୃଥିବୀରେ ଏକମାତ୍ର ଈଶ୍ୱରରୂପେ ଉପାସନା କରିବା କ'ଣ ପାପ ? ଯଦି ସେମାନେ ପ୍ରକୃତପକ୍ଷରେ ଆମର ସର୍ବବିଧ ଈଶ୍ୱରସମ୍ବନ୍ଧୀୟ ଧାରଣା ବା କଳ୍ପନାଠାରୁ ଉଚ୍ଚତର ହୁଅନ୍ତି, ତେବେ ସେମାନଙ୍କୁ ଉପାସନା କରିବାରେ ଦୋଷ କ'ଣ ? ଏଥିରେ ଯେ ଆଦୌ କୌଣସି ଦୋଷ ନାହିଁ କେବଳ ସେତିକି ନୁହେଁ, ଈଶ୍ୱରଙ୍କର ସାକ୍ଷାତ୍ ଉପାସନା କେବଳ ଏହି ଭାବରେ ହିଁ ସମ୍ଭବ ।

ଆପଣ ଯେତେ ଚେଷ୍ଟା କରନ୍ତୁ ନା କାହିଁକି, ପୁନଃପୁନଃ ଅଭ୍ୟାସଦ୍ୱାରା ଚେଷ୍ଟା କରନ୍ତୁ ବା ସ୍ଥୂଳରୁ କ୍ରମଶଃ ସୂକ୍ଷ୍ମତର ବିଷୟରେ ମନ ଦେଇ ଚେଷ୍ଟା କରନ୍ତୁ, ଯେତେ ଦିନ ଆପଣମାନେ ମର୍ତ୍ତ୍ୟଜଗତରେ ନରଦେହରେ ଅବସ୍ଥିତ, ସେତେଦିନ ଆପଣଙ୍କର ଉପଲବ୍ଧ ସମଗ୍ର ଜଗତ୍ ମଧ୍ୟ ନରଭାବାପନ୍ନ, ଆପଣଙ୍କର ଧର୍ମ ମଧ୍ୟ ମାନବଭାବରେ ଭାବିତ, ଆପଣଙ୍କର ଈଶ୍ୱର ମଧ୍ୟ ନରଭାବାପନ୍ନ । ଏପରି ହେବାକୁ ବାଧ୍ୟ । କିଏ ଏପରି ବାତୁଳ ଅଛି, ଯେ ସାକ୍ଷାତ୍ ଉପଲବ୍ଧ ବସ୍ତୁକୁ ଗ୍ରହଣ କରିବ ନାହିଁ, ଯାହା କେବଳ କଳ୍ପନାଗ୍ରାହ୍ୟ ଭାବବିଶେଷ, ଯାହାଙ୍କୁ ଧରିହୁଏ ନାହିଁ କି ଛୁଇଁହୁଏ ନାହିଁ ଏବଂ ସ୍ଥୂଳ ଅବଲମ୍ବନର ସହାୟତା ବ୍ୟତୀତ ଯାହାଙ୍କ ନିକଟକୁ ଅଗ୍ରସର ହେବା ଦୁରୂହ—ତାଙ୍କୁ ତ୍ୟାଗ କରିବ ନାହିଁ ? ସେହି କାରଣରୁ ଏହି ସକଳ ଈଶ୍ୱରାବତାର ସବୁ ଯୁଗରେ ପ୍ରତ୍ୟେକ ଦେଶରେ ପୂଜିତ ହୋଇ ଆସିଛନ୍ତି ।

ଆମେମାନେ ବର୍ତ୍ତମାନ ଇହୁଦୀମାନଙ୍କ ଅବତାର ଖ୍ରୀଷ୍ଟଙ୍କ ଜୀବନଚରିତ ଟିକିଏ ଆଲୋଚନା କରିବା । ଆଗରୁ ମୁଁ ଗୋଟିଏ ତରଙ୍ଗର ଉତ୍ଥାନ ପରେ ଓ ଦ୍ୱିତୀୟ ତରଙ୍ଗ ଉତ୍ଥାନର ପୂର୍ବରୁ ତରଙ୍ଗର ଯେଉଁ ପତନାବସ୍ଥାର ବିଷୟ ଉଲ୍ଲେଖ କରିଛି, ଖ୍ରୀଷ୍ଟଙ୍କ ଜନ୍ମକାଳରେ ଇହୁଦୀଙ୍କର ସେହି ଅବସ୍ଥା ଥିଲା । ଏହାକୁ ରକ୍ଷଣଶୀଳତାର ଅବସ୍ଥା କୁହାଯାଇପାରେ । ଏହି ଅବସ୍ଥାରେ ମାନବ-ମନ ଯେପରି ଆଗକୁ ଚାଲିଚାଲି କିଛିକାଳ ପାଇଁ କ୍ଲାନ୍ତ ହୋଇପଡ଼େ ଏବଂ ଏତେ ଦିନ ଧରି ଯେତେଦୂର ଅଗ୍ରସର ହୋଇଛି, ତାହାକୁ ରକ୍ଷା କରିବା ପାଇଁ ଯତ୍ନବାନ ହୁଏ । ଏହି ଅବସ୍ଥାରେ ଜୀବନର ସାର୍ବଭୌମ ଓ ମହାନ୍ ସମସ୍ୟାଗୁଡ଼ିକରେ ନିବିଷ୍ଟ ନ ହୋଇ ମନ କ୍ଷୁଦ୍ର କ୍ଷୁଦ୍ର ବିଷୟ ପ୍ରତି ଅଧିକ ଆକୃଷ୍ଟ ହୁଏ । ଏହି ଅବସ୍ଥାରେ ତରଣୀ ଯେପରି ଅଗ୍ରସର ନ ହୋଇ ନିଶ୍ଚଳାବସ୍ଥାରେ ରହେ, ଏଥିରେ ନିଜସ୍ୱ କ୍ରିୟାଶୀଳତା ଅପେକ୍ଷା ଅଦୃଷ୍ଟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଅବସ୍ଥାକୁ ସହ୍ୟ କରିଯିବାର ଭାବ ଅଧିକ ବିଦ୍ୟମାନ । ଲକ୍ଷ୍ୟ କରିବେ, ମୁଁ ଏ ଅବସ୍ଥାର ନିନ୍ଦା କରୁ ନାହିଁ, ଏହାକୁ ସମାଲୋଚନା କରିବାର କୌଣସି ଅଧିକାର ଆମର ନାହିଁ । କାରଣ, ଯଦି ଏହି ପତନାବସ୍ଥା ଘଟି ନ ଥାନ୍ତା, ତେବେ ନ୍ୟାଜାରେଥବାସୀ ଯୀଶୁଙ୍କଠାରେ ଯେଉଁ ପରବର୍ତ୍ତୀ ଉତ୍ଥାନ ମୂର୍ତ୍ତି ପରିଗ୍ରହ କରିଥିଲା, ତାହା ସମ୍ଭବ ହୋଇ ନ ଥାନ୍ତା । ଫାରିସି ଓ ସାଦୁ୍ୟସିଗଣ* ହୁଏତ କପଟୀ ଥିଲେ; ସେମାନେ ହୁଏତ ଏଭଳି କେତେକ କାର୍ଯ୍ୟ କରୁଥିଲେ, ଯାହା ସେମାନଙ୍କର କରିବା ଉଚିତ ନ ଥିଲା; ହୋଇପାରେ ସେମାନେ ଘୋର ଧର୍ମଧ୍ୱଜୀ ଓ ଭଣ୍ଡ ଥିଲେ; କିନ୍ତୁ ସେମାନେ ଯେପରି ହୋଇଥାନ୍ତୁ ନା କାହିଁକି, ଈଶଦୂତ ଯୀଶୁଖ୍ରୀଷ୍ଟଙ୍କର ଆବିର୍ଭାବ-ରୂପକ କାର୍ଯ୍ୟ ବା ଫଳ ଉତ୍ପନ୍ନ ହେବା ପକ୍ଷରେ ସେମାନେ ବୀଜ ବା କାରଣସ୍ୱରୂପ । ଯେଉଁ ଶକ୍ତିବେଗ ଏକଦିଗରେ ଫାରିସି ଏ ସାଦୁ୍ୟସିରୂପେ ଅଭ୍ୟୁଦିତ ହୋଇଥିଲା, ତାହା ହିଁ ଅନ୍ୟଦିଗରେ ମହାମନୀଷୀ ନ୍ୟାଜାରେଥ-ବାସୀ ଯୀଶୁରୂପେ ଆବିର୍ଭୂତ ହୋଇଥିଲା ।

ବହୁ ସମୟରେ ଅମେମାନେ ବାହ୍ୟ କ୍ରିୟାକଳାପ ଉପରେ—ଧର୍ମର ବିଭିନ୍ନ ଖୁଣ୍ଟିନାଣ୍ଟି ଉପରେ ଅନୁରାଗକୁ ହସି ଉଡ଼ାଇଦେଉ ସତ, କିନ୍ତୁ ଏହା ମଧ୍ୟରେ ଧର୍ମଜୀବନର ଶକ୍ତି ନିହିତ । ଅନେକ ସମୟରେ ଆମେ ଅତ୍ୟଧିକ ଅଗ୍ରସର ହେବାକୁ ଯାଇ ଧର୍ମଜୀବନର ଶକ୍ତି ହରାଇବସୁ । ଏହା ମଧ୍ୟ ଦେଖାଯାଏ ଯେ, ସାଧାରଣତଃ ଉଦାର ପୁରୁଷଗଣଙ୍କ ଅପେକ୍ଷା ଧର୍ମାନ୍ଧମାନଙ୍କ ମନର ତେଜ ବେଶୀ । ସୁତରାଂ ଧର୍ମାନ୍ଧମାନଙ୍କ ଭିତରେ ଗୋଟିଏ ମହତ୍ତ୍ୱ ଗୁଣ ଅଛି—ତାଙ୍କ ଭିତରେ ଯେପରି ପ୍ରବଳ ଶକ୍ତିରାଶି ସଂଗୃହୀତ ଓ ସଞ୍ଚିତ ଥାଏ । ବ୍ୟକ୍ତିବିଶେଷଙ୍କ ସମ୍ବନ୍ଧରେ ଯେପରି, ସମଗ୍ର ଜାତି ସମ୍ବନ୍ଧରେ ମଧ୍ୟ ସେହିପରି । ଜାତି ଭିତରେ ମଧ୍ୟ ଏଭଳି ଶକ୍ତି ସଂଗୃହୀତ ଓ ସଞ୍ଚିତ ଥାଏ । ଚତୁର୍ଦ୍ଦିଗରେ ବାହ୍ୟଶତ୍ରୁଦ୍ୱାରା ପରିବେଷ୍ଟିତ

---

* Pharisee—ଯୀଶୁଖ୍ରୀଷ୍ଟଙ୍କର ସମସାମୟିକ ଏକ ଇହୁଦୀ ଧର୍ମସମ୍ପ୍ରଦାୟ । ଏମାନେ ଧର୍ମର ତତ୍ତ୍ୱ ଅପେକ୍ଷା ବାହ୍ୟବିଧି ଓ ଅନୁଷ୍ଠାନାଦି ପାଳନରେ ଅଧିକ ଆଗ୍ରହ ଦେଖାଉଥିଲେ । Sadducee—ଏହି ସମୟର ଅନ୍ୟ ଏକ ଇହୁଦୀସମ୍ପ୍ରଦାୟ; ଏମାନେ ଅଭିଜାତବର୍ଗୀୟ ଓ ସନ୍ଦେହବାଦୀ ଥିଲେ ।

ହୋଇ ରୋମକମାନଙ୍କଦ୍ୱାରା ବିତାଡ଼ିତ ହୋଇ ଗୋଟିଏ କେନ୍ଦ୍ରରେ ସନ୍ନିବଦ୍ଧ ଏବଂ ଚିନ୍ତାଜଗତରେ ଗ୍ରୀକ୍ ଭାବସମୂହଦ୍ୱାରା ଏବଂ ପାରସ୍ୟ, ଭାରତ ଓ ଆଲେକ୍‌ଜାଣ୍ଡ୍ରିୟାରୁ ଆଗତ ଭାବତରଙ୍ଗରାଜିଦ୍ୱାରା ଏକ ନିର୍ଦ୍ଦିଷ୍ଟ ଗଣ୍ଡି ମଧ୍ୟରେ କେନ୍ଦ୍ରୀଭୂତ ହୋଇ ଚତୁର୍ଦ୍ଦିଗରେ ଦୈହିକ ମାନସିକ ନୈତିକ ସର୍ବବିଧ ଶକ୍ତିସମୂହଦ୍ୱାରା ପରିବେଷ୍ଟିତ ହୋଇ ଏହି ଇହୁଦୀ ଜାତି ସ୍ୱାଭାବିକ ପ୍ରବଳ ସ୍ଥିତିଶୀଳ ଶକ୍ତିରେ ଯେ ଦଣ୍ଡାୟମାନ ଥିଲା; ଏମାନଙ୍କର ବଂଶଧରଗଣ ଆଜି ମଧ୍ୟ ଏହି ଶକ୍ତି ହରାଇ ନାହାନ୍ତି । ପୁଣି ଉକ୍ତ ଜାତି ତାହାର ସମଗ୍ର ଶକ୍ତି ଜେରୁଜେଲମ୍ ଓ ଇହୁଦୀ ଧର୍ମ ଉପରେ କେନ୍ଦ୍ରୀଭୂତ କରିବାକୁ ବାଧ୍ୟ ହୋଇଥିଲା । ସକଳ ଶକ୍ତି ଥରେ ସଞ୍ଚିତ ହେଲେ ଯେପରି ଅଧିକ ସମୟ ଗୋଟିଏ ସ୍ଥାନରେ ରହିପାରେ ନାହିଁ, ଚତୁର୍ଦ୍ଦିଗରେ ପ୍ରସାରିତ ହୋଇ ଆପଣାକୁ ନିଃଶେଷିତ କରେ, ଇହୁଦୀମାନଙ୍କ କ୍ଷେତ୍ରରେ ମଧ୍ୟ ତାହା ହିଁ ଘଟିଥିଲା । ପୃଥିବୀରେ ଏପରି କୌଣସି ଶକ୍ତି ନାହିଁ, ଯାହାକୁ ଦୀର୍ଘକାଳ ସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ଆବଦ୍ଧ କରି ରଖାଯାଇପାରେ । ସୁଦୂର ଭବିଷ୍ୟତରେ ପ୍ରସାରିତ ହେବ ବୋଲି ଏହାକୁ ଅତି ଦୀର୍ଘକାଳ ଧରି ଗୋଟିଏ ସ୍ଥାନରେ ସଙ୍କୁଚିତ କରି ରଖାଯାଇପାରେ ନାହିଁ ।

ଇହୁଦୀଜାତି ଅଭ୍ୟନ୍ତରରେ ଅବସ୍ଥିତ ଏହି କେନ୍ଦ୍ରୀଭୂତ ଶକ୍ତି ପରବର୍ତ୍ତୀ ଯୁଗରେ ଖ୍ରୀଷ୍ଟଧର୍ମର ଅଭ୍ୟୁଦୟରେ ଆତ୍ମପ୍ରକାଶ କରିଥିଲା । କ୍ଷୁଦ୍ର କ୍ଷୁଦ୍ର ସ୍ରୋତ ମିଳିତ ହୋଇ ଗୋଟିଏ ସ୍ରୋତସ୍ୱତୀର ସୃଷ୍ଟି ହେଲା । ଏହିରୂପେ କ୍ରମଶଃ ବହୁ କ୍ଷୁଦ୍ର ସ୍ରୋତସ୍ୱତୀର ସମ୍ମେଳନରେ ଏକ ବିପୁଳକାୟା ତରଙ୍ଗଶାଳିନୀ ମହାନଦୀର ଉତ୍ପତ୍ତି ହେଲା । ଏହାର ଶୀର୍ଷଦେଶରେ ନ୍ୟାଜା-ରେଥବାସୀ ଯୀଶୁ ସମାସୀନ । ଏହିଭଳି ପ୍ରତ୍ୟେକ ମହାପୁରୁଷ ହିଁ ସେମାନଙ୍କର ସମସାମୟିକ ଅବସ୍ଥାର ଓ ତାଙ୍କ ନିଜ ଜାତିର ଅତୀତର ଫଳସ୍ୱରୂପ; ସେ ପୁଣି ସ୍ୱୟଂ ଭବିଷ୍ୟତ ଯୁଗର ସ୍ରଷ୍ଟା । ଅତୀତ କାରଣସମଷ୍ଟିର ଫଳସ୍ୱରୂପ କାର୍ଯ୍ୟାବଳି ପୁଣି ଭାବୀ କାର୍ଯ୍ୟର କାରଣସ୍ୱରୂପ ହୁଏ । ଆମର ଆଲୋଚ୍ୟ ମହାପୁରୁଷଙ୍କ ସମ୍ବନ୍ଧରେ ମଧ୍ୟ ଏହା ହିଁ ଘଟିଛି । ତାଙ୍କର ନିଜ ଜାତି ମଧ୍ୟରେ ଯାହା କିଛି ଶ୍ରେଷ୍ଠ ଓ ମହତ୍ତମ, ସେହି ଜାତି ଯେଉଁ ଉଦ୍ଦେଶ୍ୟସିଦ୍ଧି ଲାଗି ଯୁଗ ଯୁଗ ଧରି ଚେଷ୍ଟା କରିଆସିଛି, ତାହା ହିଁ ତାଙ୍କ ମଧ୍ୟରେ ସାକାର ବିଗ୍ରହ ଧାରଣ କରିଥିଲା । ପୁନଶ୍ଚ ସେ ସ୍ୱୟଂ ଭବିଷ୍ୟତ ପାଇଁ ମହାଶକ୍ତିର ଆଧାର-ସ୍ୱରୂପ, କେବଳ ତାଙ୍କ ନିଜ ଜାତି ପାଇଁ ନୁହେଁ, ଜଗତର ଅନ୍ୟାନ୍ୟ ଅସଂଖ୍ୟ ଜାତି ପାଇଁ ମଧ୍ୟ ତାଙ୍କ ଜୀବନ ମହାଶକ୍ତି ସଞ୍ଚାର କରିଛି ।

ଆଉ ଗୋଟିଏ ବିଷୟ ଆମମାନଙ୍କୁ ମନେରଖିବାକୁ ହେବ ଯେ, ସେହି ନ୍ୟାଜାରେଥ-ବାସୀ ମହାପୁରୁଷଙ୍କର ବର୍ଣ୍ଣନା ମୁଁ ପ୍ରାଚ୍ୟଦେଶୀୟ ଲୋକଙ୍କ ଦୃଷ୍ଟିରୁ କରିବି । ଆପଣମାନେ ଅନେକ ସମୟରେ ଭୁଲିଯାନ୍ତି ଯେ, ସେ ନିଜେ ଜଣେ ପ୍ରାଚ୍ୟଦେଶୀୟ ଥିଲେ । ଆପଣମାନେ ତାଙ୍କୁ ନୀଳନୟନ ଓ ପୀତକେଶରୂପେ ଚିତ୍ରିତ କରିବା ପାଇଁ ଯେତେ ଚେଷ୍ଟା କରନ୍ତୁ ନା କାହିଁକି, ସେ ଜଣେ ଖାଣ୍ଟି ପ୍ରାଚ୍ୟଦେଶୀୟ ଥିଲେ । ବାଇବେଲ ଗ୍ରନ୍ଥରେ ଯେଉଁସବୁ ଉପମା ଓ ରୂପକର ପ୍ରୟୋଗ ଅଛି, ଯେଉଁସବୁ ଦୃଶ୍ୟ ଓ ସ୍ଥାନର ବର୍ଣ୍ଣନା ଅଛି ତା'ର କବିତ୍ୱ, ସେଥିରେ ଅଙ୍କିତ ଚିତ୍ରସମୂହର ଭାବଭଙ୍ଗୀ ଓ ସନ୍ନିବେଶ ଏବଂ ସେଥିରେ ବର୍ଣ୍ଣିତ ପ୍ରତୀକ ଓ

ଅନୁଷ୍ଠାନପଦ୍ଧତି—ଏସମସ୍ତ ବିଷୟ ପ୍ରାଚ୍ୟଭାବର ସାକ୍ଷ୍ୟ ପ୍ରଦାନ କରୁଛି । ଏଥିରେ ଉଜ୍ଜ୍ୱଳ ଆକାଶ, ପ୍ରଖର ସୂର୍ଯ୍ୟ ଏବଂ ତୃଷାର୍ତ୍ତ ନରନାରୀ ଓ ଜୀବକୁଳର ବର୍ଣ୍ଣନା, ମେଷପଲ, କୃଷକକୁଳ ଓ କୃଷିକାର୍ଯ୍ୟର ବର୍ଣ୍ଣନା, ପାଣିଚକ୍ର, ଘଟଯନ୍ତ୍ର ଓ ତତ୍ସଂଲଗ୍ନ ଜଳାଧାର ଓ ଚକ୍ର ବା ଘୋରଣାର ବର୍ଣ୍ଣନା ପ୍ରଭୃତି—ବର୍ତ୍ତମାନ ମଧ୍ୟ ଏସିଆରେ ଦେଖିବାକୁ ମିଳେ ।

ଏସିଆର ବାଣୀ ଚିରନ୍ତନ ଧର୍ମର ବାଣୀ, ଏବଂ ଇଉରୋପର ବାଣୀ ରାଜନୀତିର ବାଣୀ । ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ପ୍ରତ୍ୟେକେ ନିଜର ମହତ୍ତ୍ୱ ଦେଖାଇଛନ୍ତି । ଇଉରୋପର ସେହି ବାଣୀ ପ୍ରାଚୀନ ଗ୍ରୀସ୍‌ର ପ୍ରତିଧ୍ୱନି ମାତ୍ର । ନିଜ ସମାଜ ହିଁ ଗ୍ରୀକ୍‌ମାନଙ୍କର ସର୍ବସ୍ୱ ଥିଲା । ତଦ୍‌ବ୍ୟତୀତ ଅନ୍ୟାନ୍ୟ ସକଳ ସମାଜ ସେମାନଙ୍କ ଦୃଷ୍ଟିରେ ବର୍ବର । ସେମାନଙ୍କ ମତରେ ଗ୍ରୀକ୍ ବ୍ୟତୀତ ଆଉ କାହାର ଜଗତରେ ବାସ କରିବାର ଅଧିକାର ନାହିଁ, ଗ୍ରୀକ୍‌ମାନେ ଯାହା କରନ୍ତି, ତାହା ହିଁ ଠିକ୍; ଜଗତରେ ଆଉ ଯାହା କିଛି ଅଛି, ସେଥିରୁ କୌଣସିଟି ଠିକ୍ ନୁହେଁ, ସୁତରାଂ ସେଗୁଡ଼ିକୁ ଜଗତରେ ରହିବାକୁ ଦେବା ଉଚିତ ନୁହେଁ । ଗ୍ରୀକ୍ ମନର ସହାନୁଭୂତି ଏକାନ୍ତ ମାନବିକ, ସୁତରାଂ ଏକାନ୍ତ ସ୍ୱାଭାବିକ ଓ କଳାକୌଶଳମୟ । ଗ୍ରୀକ୍ ମନ ସମ୍ପୂର୍ଣ୍ଣରୂପେ ଇହଲୋକରେ ବ୍ୟାପୃତ । ସେ ଏହି ଜଗତର ବାହାରର କୌଣସି ବିଷୟ ସ୍ୱପ୍ନରେ ମଧ୍ୟ ଭାବିବାକୁ ଚାହେଁ ନାହିଁ । ଏପରିକି ସେମାନଙ୍କର କବିତା ମଧ୍ୟ ଏହି ବ୍ୟାବହାରିକ ଜଗତକୁ ନେଇ । ସେମାନଙ୍କର ଦେବଦେବୀଙ୍କର କାର୍ଯ୍ୟକଳାପ ଆଲୋଚନା କଲେ ବୋଧହୁଏ ଯେ ସେମାନେ ମନୁଷ୍ୟ, ସମ୍ପୂର୍ଣ୍ଣରୂପେ ମାନବପ୍ରକୃତି-ବିଶିଷ୍ଟ; ସାଧାରଣ ମାନବ ଯେପରି ସୁଖ-ଦୁଃଖରେ, ହୃଦୟର ନାନା ଆବେଗରେ ଉତ୍ତେଜିତ ହୋଇପଡ଼ନ୍ତି, ସେମାନେ ପ୍ରାୟ ତଦ୍ରୂପ । ସେମାନେ ସୌନ୍ଦର୍ଯ୍ୟକୁ ଭଲ ପାଆନ୍ତି ସତ; କିନ୍ତୁ ବିଶେଷ ଲକ୍ଷ୍ୟ କରିବାର କଥା ଯେ, ତାହା ବାହ୍ୟ ପ୍ରକୃତିର ସୌନ୍ଦର୍ଯ୍ୟ ଛଡ଼ା ଆଉ କିଛି ନୁହେଁ । ବାହ୍ୟଜଗତର ଶୈଳଶ୍ରେଣୀ, ହିମଶ୍ରେଣୀ ଓ କୁସୁମଶ୍ରେଣୀର ସୌନ୍ଦର୍ଯ୍ୟ, ବାହ୍ୟ ଅବୟବ ଓ ଆକୃତିର ସୌନ୍ଦର୍ଯ୍ୟ, ନରନାରୀଙ୍କ ମୁଖର, ବିଶେଷତଃ ଆକୃତିର ସୌନ୍ଦର୍ଯ୍ୟରେ ସେମାନେ ଆକୃଷ୍ଟ ହେଉଥିଲେ । ପୁଣି ଏହି ଗ୍ରୀକ୍‌ମାନେ ହିଁ ପରବର୍ତ୍ତୀ ଯୁଗର ଇଉରୋପର ଶିକ୍ଷାଗୁରୁ ବୋଲି ଇଉରୋପରେ ଗ୍ରୀସ୍-ବାଣୀର ପ୍ରତିଧ୍ୱନି ଶୁଣାଯାଏ ।

ଏସିଆରେ କିନ୍ତୁ ଅନ୍ୟ ପ୍ରକୃତିର ଲୋକଙ୍କର ଆବାସ । ଉକ୍ତ ପ୍ରକାଣ୍ଡ ମହାଦେଶର ବିଷୟ ଟିକିଏ ଚିନ୍ତା କରି ଦେଖନ୍ତୁ—କେଉଁଠାରେ ଶୈଳମାଳାର ଚୂଡ଼ାଗୁଡ଼ିକ ଅଭ୍ର ଭେଦ କରି ନୀଳଗଗନ-ଚନ୍ଦ୍ରାତପକୁ ଯେପରି କି ସ୍ପର୍ଶ କରୁଛି; ଆଉ କେଉଁଠାରେ ପୁଣି ବିଶାଳ ମରୁଭୂମି କୋଶ ପରେ କୋଶ ଧରି ବ୍ୟାପିଛି—ଯେଉଁଠାରେ ବିନ୍ଦୁମାତ୍ର ଜଳ ପାଇବାର ସମ୍ଭାବନା ନାହିଁ, ଗୋଟିଏ ତୃଣ ମଧ୍ୟ ଯେଉଁଠାରେ ଉତ୍ପନ୍ନ ହୁଏ ନାହିଁ; ପୁଣି କେଉଁଠାରେ ନିବିଡ଼ ଅରଣ୍ୟାନୀ କୋଶ ପରେ କୋଶ ଧରି ଚାଲିଛି, ଯେପରିକି ଏହାର କୌଣସି ଅନ୍ତ ନାହିଁ ! ପୁନଶ୍ଚ କାହିଁ ବା ବିପୁଳକାୟା ସ୍ରୋତସ୍ୱତୀ ପ୍ରବଳବେଗରେ ସମୁଦ୍ରାଭିମୁଖେ ଧାବମାନ । ଚତୁର୍ଦ୍ଦିଗରେ ପ୍ରକୃତିର ଏହିସବୁ ମହିମାମୟ ଦୃଶ୍ୟପରିବେଷ୍ଟିତ ହୋଇ ପ୍ରାଚ୍ୟଦେଶବାସୀଙ୍କର ସୌନ୍ଦର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ପ୍ରୀତି ଅନୁରାଗ ସମ୍ପୂର୍ଣ୍ଣ ଏକ ବିପରୀତ ଦିଗରେ ବିକାଶ ଲାଭ କଲା ।

ଏହା ବହିର୍ଦ୍ଦୃଷ୍ଟି ତ୍ୟାଗ କରି ଅନ୍ତର୍ଦ୍ଦୃଷ୍ଟିପରାୟଣ ହେଲା । ସେଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ-ସମ୍ଭୋଗର ଅଦମ୍ୟ ତୃଷ୍ଣା, ପ୍ରକୃତି ଉପରେ ଆଧିପତ୍ୟବିସ୍ତାରର ତୀବ୍ର ପିପାସା ମଧ୍ୟ ବିଦ୍ୟମାନ; ସେଠାରେ ମଧ୍ୟ ଉନ୍ନତି ପାଇଁ ପ୍ରବଳ ଆକାଙ୍‌କ୍ଷା ବିଦ୍ୟମାନ; ଗ୍ରୀସ୍‌ବାସୀ ଯେପରି ଅପର ଜାତିସମୂହକୁ ବର୍ବର ବୋଲି ଘୃଣା କରୁଥିଲେ, ସେଠାରେ ମଧ୍ୟ ସେହି ଭେଦବୁଦ୍ଧି, ସେହି ଘୃଣାର ଭାବ ବିଦ୍ୟମାନ । କିନ୍ତୁ ସେଠାରେ ଜାତୀୟ ଭାବର ପରିଧି ଅଧିକତର ବିସ୍ତୃତ । ଏସିଆରେ ଆଜି ମଧ୍ୟ ଜନ୍ମ, ବର୍ଣ୍ଣ ବା ଭାଷା ନେଇ ଜାତି ଗଠିତ ହୁଏ ନାହିଁ; ସେଠାରେ ଏକଧର୍ମାବଲମ୍ବୀ ହେଲେ ହିଁ ଗୋଟିଏ ଜାତି ହୁଏ । ସମୁଦାୟ ଖ୍ରୀଷ୍ଟାନ ମିଳି ଗୋଟିଏ ଜାତି, ସମୁଦାୟ ମୁସଲମାନ ମିଳି ଗୋଟିଏ ଜାତି, ସମୁଦାୟ ବୌଦ୍ଧ ମିଳି ଗୋଟିଏ ଜାତି, ସମୁଦାୟ ହିନ୍ଦୁ ମିଳି ଗୋଟିଏ ଜାତି । ଜଣେ ବୌଦ୍ଧ ଚୀନଦେଶବାସୀ ଏବଂ ଅପର ଜଣେ ପାରସ୍ୟ-ଦେଶବାସୀ ହେଲେ ମଧ୍ୟ ଉଭୟେ ଏକଧର୍ମାବଲମ୍ବୀ ହେତୁ ସେମାନେ ପରସ୍ପରକୁ ଭାଇ ଭାଇ ବୋଲି ମନେକରିଥାନ୍ତି । ସେଠାରେ ଧର୍ମ ହିଁ ମାନବଜାତିର ପରସ୍ପରର ବନ୍ଧନ, ମିଳନଭୂମି । ପୁଣି ଏହି ପୂର୍ବୋକ୍ତ କାରଣରୁ ପ୍ରାଚ୍ୟଦେଶୀୟଗଣ କଳ୍ପନାପ୍ରବଣ, ସେମାନେ ଜନ୍ମରୁ ବାସ୍ତବ ଜଗତ ଛାଡ଼ି ସ୍ୱପ୍ନଜଗତରେ ରହିବାକୁ ଭଲ ପାଆନ୍ତି । ଜଳପ୍ରପାତର ମଧୁର ଝର ଝର ପତନଶବ୍ଦ, ବିହଗକୁଳର କାକଳି, ସୂର୍ଯ୍ୟ, ଚନ୍ଦ୍ର, ତାରା—ଏପରିକି ସମଗ୍ର ଜଗତର ସୌନ୍ଦର୍ଯ୍ୟ ଯେ ପରମ ମନୋରମ ଓ ଉପଭୋଗ୍ୟ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ପ୍ରାଚ୍ୟ ମନ ପକ୍ଷରେ ଏହା ପର୍ଯ୍ୟାପ୍ତ ନୁହେଁ, ସେ ଅତୀନ୍ଦ୍ରିୟରାଜ୍ୟର ଭାବରେ ଭାବୁକ ହେବାକୁ ଚାହେଁ । ସେ ବର୍ତ୍ତମାନର—ଇନ୍ଦ୍ରିୟଜଗତର ଗଣ୍ଡି ଭେଦ କରି ତାହାର ଅତୀତ ପ୍ରଦେଶକୁ ଯିବାକୁ ଚାହେଁ । ବର୍ତ୍ତମାନ—ପ୍ରତ୍ୟକ୍ଷ ପରିଦୃଶ୍ୟମାନ ଜଗତ୍ ତା' ପକ୍ଷରେ ଯେପରି କିଛି ନୁହେଁ । ପ୍ରାଚ୍ୟଭୂଭାଗ ଯୁଗଯୁଗାନ୍ତ ଧରି ଯେପରି ସମଗ୍ର ମାନବଜାତିର ଶୈଶବର ଶିଶୁ-ଶଯ୍ୟା—ସେଠାରେ ଭାଗ୍ୟଚକ୍ରର ସର୍ବବିଧ ପରିବର୍ତ୍ତନ ଦେଖିବାକୁ ମିଳେ; ସେଠାରେ ଗୋଟିଏ ରାଜ୍ୟ ପରେ ଆଉ ଗୋଟିଏ ରାଜ୍ୟର ଅଭ୍ୟୁଦୟ, ଗୋଟିଏ ସାମ୍ରାଜ୍ୟ ନଷ୍ଟ ହୋଇ ଅପର ଏକ ସାମ୍ରାଜ୍ୟର ଅଭ୍ୟୁଦୟ ହୋଇଛି, ଗୋଟିଏ ସାମ୍ରାଜ୍ୟ ନଷ୍ଟ ହୋଇ ଅପର ଏକ ସାମ୍ରାଜ୍ୟର ଅଭ୍ୟୁଦୟ ହୋଇଛି, ମାନବୀୟ ଐଶ୍ୱର୍ଯ୍ୟ, ବୈଭବ, ଗୌରବଶକ୍ତି—ସବୁ ଏଠାରେ ମିଳାଇ ଯାଇଛି; ବିଦ୍ୟା ଐଶ୍ୱର୍ଯ୍ୟ ବୈଭବ ଓ ସାମ୍ରାଜ୍ୟର ସମାଧିଭୂମି—ଏହା ହିଁ ଯେପରି ପ୍ରାଚ୍ୟଭୂମିର ପରିଚୟ । ସୁତରାଂ ପ୍ରାଚ୍ୟଦେଶୀୟଗଣ ଯେ ଏହି ଜଗତର ସମୁଦାୟ ପଦାର୍ଥକୁ ଅବଜ୍ଞାଦୃଷ୍ଟିରେ ଦେଖନ୍ତି ଏବଂ ସ୍ୱଭାବତଃ ଏପରି କିଛି ବସ୍ତୁ ଦର୍ଶନ କରିବାକୁ ଚାହାନ୍ତି, ଯାହା ଅପରିଣାମୀ ଅବିନାଶୀ ଏବଂ ଏହି ଦୁଃଖ-ଓ ମୃତ୍ୟୁ-ପୂର୍ଣ୍ଣ ଜଗତ ମଧ୍ୟରେ ନିତ୍ୟ ଆନନ୍ଦମୟ ଓ ଅମର—ଏଥିରେ ବିସ୍ମିତ ହେବାର କିଛି ନାହିଁ । ପ୍ରାଚ୍ୟଦେଶୀୟ ମହାପୁରୁଷଗଣ ଏହି ଆଦର୍ଶ ବିଷୟ ଘୋଷଣା କରିବାରେ କେବେହେଲେ କ୍ଳାନ୍ତିବୋଧ କରନ୍ତି ନାହିଁ । ପୁନଶ୍ଚ ଜଗତର ସକଳ ଅବତାର ଓ ମହାପୁରୁଷଙ୍କର ଉଦ୍ଭବସ୍ଥାନ ସମ୍ପର୍କରେ ଆପଣମାନଙ୍କର ସ୍ମରଣ ରଖିବାର କଥା ଯେ, ଏମାନଙ୍କ ମଧ୍ୟରୁ ସମସ୍ତେ ପ୍ରାଚ୍ୟଦେଶୀୟ; କେହି ଅନ୍ୟ ଦେଶର ଲୋକ ନୁହନ୍ତି ।

ଆମେମାନେ ଆମର ଆଲୋଚ୍ୟ ମହାପୁରୁଷଙ୍କର ପ୍ରଥମ ମୂଳମନ୍ତ୍ରରେ ଶୁଣିବାକୁ ପାଉ

ଯେ : ଏ ଜୀବନ କିଛି ନୁହେଁ, ଏହାଠାରୁ ଉଚ୍ଚତର ଆଉ କିଛି ଅଛି । ପୁଣି ଏହି ଅତୀନ୍ଦ୍ରିୟ ତତ୍ତ୍ୱକୁ ଜୀବନରେ ପରିଣତ କରି ସେ ଯେ ଯଥାର୍ଥ ପ୍ରାଚ୍ୟଦେଶର ସନ୍ତାନ, ତାହାର ପରିଚୟ ଦେଇଛନ୍ତି । ପାଶ୍ଚାତ୍ୟ ଦେଶର ଲୋକେ ନିଜର କାର୍ଯ୍ୟକ୍ଷେତ୍ରରେ ଅର୍ଥାତ୍ ସାମରିକ ବ୍ୟାପାରରେ ରାଷ୍ଟ୍ରନୈତିକ ବିଭାଗ-ପରିଚାଳନାରେ ଓ ସେହି ଧରଣର ଅନ୍ୟାନ୍ୟ କର୍ମରେ ନିଜର କୃତକର୍ମତାର ପରିଚୟ ଦେଇଛନ୍ତି । ହୁଏତ ପ୍ରାଚ୍ୟଦେଶୀୟମାନେ ଏହି ସକଳ ବିଷୟରେ ନିଜର କୃତିତ୍ୱ ଦେଖାଇପାରି ନାହାନ୍ତି; କିନ୍ତୁ ସେମାନେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସଫଳ, ସେମାନେ ଧର୍ମକୁ ନିଜ ଜୀବନରେ ଉପଲବ୍ଧି କରିଛନ୍ତି—କାର୍ଯ୍ୟରେ ପରିଣତ କରିଛନ୍ତି । ସେମାନେ ଯଦି କୌଣସି ଦର୍ଶନ ପ୍ରଚାର କରନ୍ତି, ତେବେ ଦେଖିବେ, କାଲି ଶତ ଶତ ଲୋକ ଆସି ପ୍ରାଣପଣେ ନିଜ ଜୀବନରେ ତାହା ଉପଲବ୍ଧି କରିବାର ଚେଷ୍ଟା କରିବେ । ଯଦି କୌଣସି ବ୍ୟକ୍ତି ପ୍ରଚାର କରନ୍ତି ଯେ, ଗୋଟିଏ ଗୋଡ଼ରେ ଠିଆ ହୋଇ ରହିଲେ ସେଥିରେ ମୁକ୍ତି ମିଳିବ, ତେବେ ସଙ୍ଗେ ସଙ୍ଗେ ସେ ଏପରି ପାଞ୍ଚଶହ ଅନୁବର୍ତ୍ତୀ ପାଇଯିବେ, ଯେଉଁମାନେ ଗୋଟିଏ ଗୋଡ଼ରେ ଠିଆହୋଇ ରହିବା ପାଇଁ ପ୍ରସ୍ତୁତ । ଆପଣମାନେ ଏହାକୁ ହାସ୍ୟାସ୍ପଦ ମନେକରିପାରନ୍ତି, କିନ୍ତୁ ଜାଣି ରଖନ୍ତୁ—ଏହା ପଛରେ ସେମାନଙ୍କର ଜୀବନର ମୂଳମନ୍ତ୍ର ବିଦ୍ୟମାନ—ସେମାନେ ଯେ ଧର୍ମକୁ କେବଳ ବିଚାରର ବସ୍ତୁ ନ ଭାବି ତାହାକୁ ଜୀବନରେ ଉପଲବ୍ଧି କରିବା, କାର୍ଯ୍ୟରେ ପରିଣତ କରିବା ପାଇଁ ଚେଷ୍ଟା କରନ୍ତି, ଏଥିରୁ ତହିଁର ଆଭାସ ଓ ପରିଚୟ ମିଳେ । ପାଶ୍ଚାତ୍ୟଦେଶରେ ମୁକ୍ତିର ଯେଉଁ ବିଭିନ୍ନ ଉପାୟ ନିର୍ଦ୍ଦିଷ୍ଟ ହୋଇଥାଏ, ସେସବୁ ବୁଦ୍ଧିବୃତ୍ତିର ବ୍ୟାୟାମ ମାତ୍ର, ସେଗୁଡ଼ିକୁ କେବେ କାର୍ଯ୍ୟରେ ପରିଣତ କରିବାର ଚେଷ୍ଟା ପର୍ଯ୍ୟନ୍ତ ହୁଏ ନାହିଁ । ପାଶ୍ଚାତ୍ୟଦେଶରେ ଯେଉଁ ପ୍ରଚାରକ ଉତ୍କୃଷ୍ଟ ବକ୍ତୃତା କରିପାରନ୍ତି, ସେ କେବଳ ସର୍ବଶ୍ରେଷ୍ଠ ଧର୍ମୋପଦେଷ୍ଟାରୂପେ ପରିଗଣିତ ହୋଇଥାନ୍ତି ।

ଅତଏବ ଆମେମାନେ ଦେଖୁଛୁ, ପ୍ରଥମତଃ ଏହି ନ୍ୟାଜାରେଥ୍‌ବାସୀ ଯୀଶୁ ପ୍ରକୃତପକ୍ଷରେ ପ୍ରାଚ୍ୟଦେଶୀୟମାନଙ୍କ ଭାବରେ ଭାବିତ ଥିଲେ । ଏହି ନଶ୍ୱର ଜଗତ ଓ ଏହାର ନଶ୍ୱର ଐଶ୍ୱର୍ଯ୍ୟରେ ତାଙ୍କର ଆଦୌ ଆସ୍ଥା ନ ଥିଲା । ବର୍ତ୍ତମାନ ଯୁଗରେ ପାଶ୍ଚାତ୍ୟ ଜଗତରେ ଯେଭଳି ଶାସ୍ତ୍ରୀୟବାକ୍ୟକୁ ବିକୃତ କରି ବ୍ୟାଖ୍ୟା କରିବାର ଚେଷ୍ଟା ଦେଖାଯାଏ, ତା'ର କୌଣସି ପ୍ରୟୋଜନ ନାହିଁ । ଏତେ ଟଣାଟଣି କରାଯାଏ ଯେ, ତାକୁ ଆଉ ଟାଣି ବଢ଼ାଇବା ସମ୍ଭବ ନୁହେଁ—ଶାସ୍ତ୍ରବାକ୍ୟଗୁଡ଼ିକ ତ ଆଉ ରବର ନୁହେଁ ଯେ, ଯେତେ ଇଚ୍ଛା ଟାଣି ବଢ଼ାଯାଇପାରେ; ପୁଣି ରବରକୁ ଟାଣି ବଢ଼ାଇବାର ବି ଗୋଟାଏ ସୀମା ଅଛି । ଧର୍ମକୁ ବର୍ତ୍ତମାନ କାଳର ଇନ୍ଦ୍ରିୟସର୍ବସ୍ୱତାର ସହାୟକସ୍ୱରୂପ କରିନେବା କଦାପି ଉଚିତ ନୁହେଁ । ଏହା ଭଲଭାବରେ ବୁଝିବେ ଯେ ଆମକୁ ସରଳ ଓ ଅକପଟ ହେବାକୁ ହେବ । ଯଦି ଆମର ଆଦର୍ଶ ଅନୁସରଣ କରିବାର ଶକ୍ତି ନ ଥାଏ, ତେବେ ଆମେମାନେ ଯେପରି ଆମର ଦୁର୍ବଳତାକୁ ସ୍ୱୀକାର କରିନେଉ; କିନ୍ତୁ ଆଦର୍ଶକୁ ଯେପରି ଛୋଟ କରି ନ ଦେଉ, କେହି ଯେପରି ଆଦର୍ଶକୁ ଭାଙ୍ଗି ଚୁରିଦେବାର ଚେଷ୍ଟା ନ କରନ୍ତି । ପାଶ୍ଚାତ୍ୟ ଜାତିମାନେ ଖ୍ରୀଷ୍ଟଙ୍କ ଜୀବନର ଯେଉଁ ନାନାପ୍ରକାର ବିବରଣ ଦେଇଥାନ୍ତି, ତାହା ଶୁଣିଲେ ହୃଦୟ ଅବସନ୍ନ

ହୋଇଆସେ । ଏମାନଙ୍କର ବର୍ଣ୍ଣନାରୁ ସେ ଯେ କଅଣ ଥିଲେ ବା କଅଣ ନ ଥିଲେ, କିଛି ବୁଝାଯାଏ ନାହିଁ । କେହି କେହି ତାଙ୍କୁ ଜଣେ ମହାରାଜକୀୟ ପୁରୁଷ ବୋଲି ପ୍ରତିପନ୍ନ କରିବା ପାଇଁ ଚେଷ୍ଟା କରିଛନ୍ତି; କେହି ତାଙ୍କୁ ଜଣେ ସେନାପତି ବୋଲି, କେହି ବା ତାଙ୍କୁ ଜଣେ ସ୍ୱଦେଶହିତୈଷୀ ଇହୁଦୀ, ଅପର କେହି ବା ତାଙ୍କୁ ଅନ୍ୟ କିଛି ବୋଲି ପ୍ରତିପନ୍ନ କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ବାଇବେଲ ଗ୍ରନ୍ଥରେ କ'ଣ ଏପରି କେଉଁଠି କିଛି ଅଛି, ଯେଉଁଥିରେ କି ଉପରୋକ୍ତ ସିଦ୍ଧାନ୍ତଗୁଡ଼ିକର ଯାଥାର୍ଥ୍ୟ ପ୍ରତିପନ୍ନ ହୁଏ ? ଜଣେ ଶ୍ରେଷ୍ଠ ଧର୍ମାଚାର୍ଯ୍ୟଙ୍କର ଜୀବନ ହିଁ ତାଙ୍କର ଜୀବନ୍ତ ଉପଦେଶର ସର୍ବଶ୍ରେଷ୍ଠ ଭାଷ୍ୟ । ଯୀଶୁ ତାଙ୍କ ନିଜ ସମ୍ପର୍କରେ କଅଣ କହିଥିଲେ ଶୁଣନ୍ତୁ : 'ଶୃଗାଳର ମଧ୍ୟ ଗୋଟିଏ ଗର୍ତ୍ତ ଥାଏ, ଆକାଶଗାମୀ ବିହଙ୍ଗଗଣଙ୍କର ନୀଡ଼ ଅଛି, କିନ୍ତୁ ମାନବପୁତ୍ର (ଯୀଶୁଙ୍କ)-ର ମୁଣ୍ଡ ଗୁଞ୍ଜିବା ପାଇଁ ମଧ୍ୟ ଟିକିଏ ସ୍ଥାନ ନାହିଁ ।' ଯୀଶୁଖ୍ରୀଷ୍ଟ ସ୍ୱୟଂ ଏହିଭଳି ତ୍ୟାଗୀ ଓ ବୈରାଗ୍ୟବାନ୍ ଥିଲେ; ତେଣୁ ତାଙ୍କର ଉପଦେଶ ଓ ଶିକ୍ଷା ହେଉଛି ଏହି—ତ୍ୟାଗ ଓ ବୈରାଗ୍ୟ ହିଁ ମୁକ୍ତିର ଏକମାତ୍ର ପଥ; ମୁକ୍ତିର ଅନ୍ୟ କୌଣସି ପଥ ସେ ପ୍ରଦର୍ଶନ କରି ନାହାନ୍ତି । ଆମେମାନେ ଦାନ୍ତରେ କୁଟା ଦେଇ ବିନୀତଭାବରେ ସ୍ୱୀକାର କରିବା ଉଚିତ ଯେ, ଆମର ଏଭଳି ତ୍ୟାଗ ଓ ବୈରାଗ୍ୟର ଶକ୍ତି ନାହିଁ, ଆମମାନଙ୍କର ଏବେ ମଧ୍ୟ 'ମୁଁ' ଓ 'ମୋର' ଉପରେ ଘୋର ଆସକ୍ତି ରହିଛି । ଆମେମାନେ ଧନ, ଐଶ୍ୱର୍ଯ୍ୟ, ବିଷୟ—ଏସବୁ ଚାହୁଁ । ଆମକୁ ଧିକ୍, ଆମେ ଯେପରି ଆମର ଦୁର୍ବଳତା ସ୍ୱୀକାର କରୁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କୁ ଅନ୍ୟରୂପରେ ବର୍ଣ୍ଣନା କରି ମାନବଜାତିର ଏହି ମହାନ୍ ଆଚାର୍ଯ୍ୟଙ୍କୁ ଲୋକଚକ୍ଷୁରେ ଯେପରି ହୀନ ପ୍ରତିପନ୍ନ ନ କରୁ । ତାଙ୍କର କୌଣସି ପାରିବାରିକ ବନ୍ଧନ ନ ଥିଲା । ଆପଣମାନେ କ'ଣ ମନେକରନ୍ତି ଯେ, ଏହି ବ୍ୟକ୍ତି ଭିତରେ କୌଣସି ଦେହଭାବ ଥିଲା ? ଆପଣମାନେ କ'ଣ ଭାବନ୍ତି ଯେ, ଜ୍ଞାନଜ୍ୟୋତିର ପରମ ଆଧାର ଏହି ଅତିମାନବ ସ୍ୱୟଂ ଈଶ୍ୱର ଜଗତରେ ଅବତୀର୍ଣ୍ଣ ହୋଇଥିଲେ ପଶୁଜାତିର ସହଧର୍ମୀ ହେବା ଲାଗି ? ତଥାପି ଲୋକେ ତାଙ୍କର ଉପଦେଶ ବୋଲି ଯାହା ତାହା ପ୍ରଚାର କରିଆସନ୍ତି । ତାଙ୍କର ସ୍ତ୍ରୀ-ପୁରୁଷଭେଦଜ୍ଞାନ ନ ଥିଲା, ସେ ନିଜକୁ ଆତ୍ମା ବୋଲି ଜାଣିଥିଲେ । ସେ ଜାଣିଥିଲେ, ସେ ଶୁଦ୍ଧ ଆତ୍ମାସ୍ୱରୂପ—କେବଳ ମାନବଜାତିର କଲ୍ୟାଣ ପାଇଁ ଦେହକୁ ପରିଚାଳନା କରୁଛନ୍ତି ମାତ୍ର—ଦେହ ସଙ୍ଗରେ ତାଙ୍କର ଏତିକିମାତ୍ର ସମ୍ପର୍କ ଥିଲା । ଆତ୍ମାରେ କୌଣସି ପ୍ରକାର ଲିଙ୍ଗଭେଦ ନାହିଁ । ବିଦେହ ଆତ୍ମାର ପାଶବଭାବ ସହିତ କୌଣସି ସମ୍ବନ୍ଧ ନାହିଁ, ଦେହ ସହିତ କୌଣସି ସମ୍ବନ୍ଧ ନାହିଁ । ଅବଶ୍ୟ ଏହିଭଳି ତ୍ୟାଗଭାବଠାରୁ ଆମେମାନେ ବର୍ତ୍ତମାନ ବହୁ ଦୂରରେ ଥାଇପାରୁ, କିନ୍ତୁ ତା' ବୋଲି ଆଦର୍ଶଟିକୁ ଆମର ଭୁଲିଯିବା ଉଚିତ ନୁହେଁ । ଆମେମାନେ ସ୍ପଷ୍ଟ ସ୍ୱୀକାର କରିବା ଉଚିତ ଯେ, ତ୍ୟାଗ ହିଁ ଆମର ଆଦର୍ଶ; କିନ୍ତୁ ଆମେମାନେ ସେହି ଆଦର୍ଶରେ ପହଞ୍ଚିବା ପାଇଁ ବର୍ତ୍ତମାନ ଅକ୍ଷମ ।

ସେ ଯେ ଶୁଦ୍ଧ-ବୁଦ୍ଧ-ମୁକ୍ତ-ଆତ୍ମାସ୍ୱରୂପ—ଏହି ତତ୍ତ୍ୱ-ଉପଲବ୍ଧି ବ୍ୟତୀତ ତାଙ୍କ ଜୀବନରେ ଆଉ କୌଣସି କାର୍ଯ୍ୟ ନ ଥିଲା, ଅନ୍ୟ କୌଣସି ଚିନ୍ତା ନ ଥିଲା । ସେ ବାସ୍ତବିକ ବିଦେହ ଶୁଦ୍ଧ-ବୁଦ୍ଧ-ମୁକ୍ତ-ଆତ୍ମାସ୍ୱରୂପ ଥିଲେ । କେବଳ ସେତିକି ନୁହେଁ, ସେ ତାଙ୍କର

ଅଦ୍ଭୁତ ଦିବ୍ୟଦୃଷ୍ଟି ସାହାଯ୍ୟରେ ଏହା ବୁଝିଥିଲେ ଯେ, ପ୍ରତ୍ୟେକ ନରନାରୀ, ସେ ଇହୁଦୀ ହେଉ ବା ଅନ୍ୟ ଜାତିର ହେଉ, ଧନୀ ଦରିଦ୍ର, ସାଧୁ-ଅସାଧୁ—ସମସ୍ତେ ତାଙ୍କରି ଭଳି ସେହି ଏକ ଅବିନାଶୀ ଆତ୍ମା ବ୍ୟତୀତ ଆଉ କିଛି ନୁହନ୍ତି । ସୁତରାଂ ତାଙ୍କର ସମଗ୍ର ଜୀବନରେ ଏହି ଏକମାତ୍ର କାର୍ଯ୍ୟ ଦେଖିବାକୁ ମିଳେ ଯେ, ସେ ସମଗ୍ର ମାନବଜାତିକୁ ସେମାନଙ୍କର ଯଥାର୍ଥ ଶୁଦ୍ଧ ଚୈତନ୍ୟସ୍ୱରୂପ ଉପଲବ୍ଧି କରିବା ପାଇଁ ଆହ୍ୱାନ କରୁଛନ୍ତି । ସେ କହୁଛନ୍ତି, 'ତୁମେମାନେ ଏହି ହୀନସ୍ୱାନ, କୁସଂସ୍କାରମୟ ସ୍ୱପ୍ନ ଛାଡ଼ିଦିଅ । ମନେକର ନାହିଁ ଯେ, ଅନ୍ୟମାନେ ତୁମମାନଙ୍କୁ ଦାସବତ୍ ପଦଦଳିତ ଏବଂ ଉତ୍ପୀଡିତ କରୁଛନ୍ତି; କାରଣ ତୁମମାନଙ୍କ ମଧ୍ୟରେ ଏଭଳି ଏକ ବସ୍ତୁ ରହିଛି, ଯାହା ଉପରେ କୌଣସି ପ୍ରକାର ଅତ୍ୟାଚାର କରାଯାଇ ନ ପାରେ, ଯାହାକୁ ପଦଦଳିତ କରାଯାଇପାରେ ନାହିଁ କିମ୍ବା ଯାହାକୁ କୌଣସି ପ୍ରକାରେ ବିନାଶ କରିବା ବା କଷ୍ଟ ଦେବା ସମ୍ଭବ ନୁହେଁ ।' ଆପଣମାନେ ସମସ୍ତେ ଈଶ୍ୱରତନୟ, ସମସ୍ତେ ଅମର ଆତ୍ମାସ୍ୱରୂପ । ସେ ଏହି ମହାବାଣୀ ଜଗତରେ ଘୋଷଣା କରିଛନ୍ତି: 'ଜାଣିରଖ ସ୍ୱର୍ଗରାଜ୍ୟ ତୁମର ଅଭ୍ୟନ୍ତରରେ ଅବସ୍ଥିତ । ମୁଁ ଓ ମୋର ପିତା ଅଭେଦ ।' ନ୍ୟାଜାରେଥ-ବାସୀ ଯୀଶୁ ଏହିସବୁ କଥା କହିଥିଲେ । ସେ ଏହି ସଂସାରର କଥା ବା ଇହ ଜୀବନର ବିଷୟ କେବେହେଲେ କହି ନାହାନ୍ତି । ଜାଗତିକ ବିଷୟ ସହିତ ତାଙ୍କର କୌଣସି ସମ୍ବନ୍ଧ ନଥିଲା, କେବଳ ଏହି ଟିକକ ସମ୍ପର୍କ ଥିଲା ଯେ, ମାନବ ଜାତିକୁ ସମ୍ମୁଖରେ କିଛି ବାଟ ଅଗ୍ରସର କରାଇଦେବେ ଓ ଯେତେ ଦିନ ପର୍ଯ୍ୟନ୍ତ ସମଗ୍ର ଜଗତ ସେହି ପରମ ଜ୍ୟୋତିର୍ମୟ ପରମେଶ୍ୱରଙ୍କ ନିକଟରେ ନ ପହଞ୍ଚିଛି, ଯେତେଦିନ ପର୍ଯ୍ୟନ୍ତ ପ୍ରତ୍ୟେକେ ନିଜ ନିଜ ସ୍ୱରୂପ ଉପଲବ୍ଧି ନ କରିଛନ୍ତି, ଯେତେଦିନ ପର୍ଯ୍ୟନ୍ତ ଦୁଃଖକଷ୍ଟ ଓ ମୃତ୍ୟୁ ଜଗତରୁ ସମ୍ପୂର୍ଣ୍ଣରୂପେ ନିର୍ବାସିତ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ କ୍ରମାଗତ ସେ ଏହାକୁ ଅଗ୍ରସର କରାଉଥିବେ ।

ତାଙ୍କର ଜୀବନ-ଚରିତ ସମ୍ବନ୍ଧରେ ଯେଉଁସବୁ ବିଭିନ୍ନ ପରସ୍ପରବିରୋଧୀ ଆଖ୍ୟାନ ଲେଖା ହୋଇଛି, ତାହା ଆମେମାନେ ପଢ଼ିଛୁ । ଖ୍ରୀଷ୍ଟଙ୍କର ଜୀବନ-ଚରିତର ସମାଲୋଚକ ପଣ୍ଡିତବର୍ଗ ଓ ତାଙ୍କର ଗ୍ରନ୍ଥାବଳି ଏବଂ 'ଉଚ୍ଚତର ସମାଲୋଚନା'* ନାମଧେୟ ସାହିତ୍ୟରାଶି ସହିତ ଆମେମାନେ ପରିଚିତ । ଆଉ ମଧ୍ୟ ନାନା ଗ୍ରନ୍ଥ-ଆଲୋଚନାଦ୍ୱାରା ପଣ୍ଡିତମାନେ ଯେଉଁ ସକଳ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ତାହା ମଧ୍ୟ ଆମେମାନେ ଜାଣୁ । ବାଇବେଲର ନିଉ ଟେଷ୍ଟାମେଣ୍ଟର ଅଂଶ କେତେଦୂର ସତ୍ୟ, ଅଥବା ସେଥିରେ ବର୍ଣ୍ଣିତ ଯୀଶୁଖ୍ରୀଷ୍ଟଙ୍କ ଜୀବନ-ଚରିତର କେତେ ଅଂଶ ଐତିହାସିକ ତଥ୍ୟ ସହିତ ଖାପ ଖାଏ, ସେସବୁ ବିଷୟ ବିଚାର କରିବା ଲାଗି ଆମେମାନେ ଆଜି ଏଠାରେ ସମାଗତ ହୋଇ ନାହୁଁ । ଯୀଶୁଖ୍ରୀଷ୍ଟଙ୍କର ଜନ୍ମର ପାଞ୍ଚ

* Higher or Historical Criticism—ଇତିହାସ ଓ ସାହିତ୍ୟ ଦିଗରୁ ବାଇବେଲଗ୍ରନ୍ଥର ବିଭିନ୍ନାଂଶର ରଚନା, ରଚନାକାଳ ଓ ପ୍ରାମାଣିକତା ସମ୍ପର୍କରେ ବିଚାର-ସମ୍ବଳିତ ସାହିତ୍ୟରାଶି ଉକ୍ତ ନାମରେ ଅଭିହିତ ହୋଇଥାଏ । ଏହା Textual or Verbal Criticism, ଅର୍ଥାତ୍ ବାଇବେଲର ଶ୍ଳୋକାବଳି ଓ ଶବ୍ଦରାଶି ସମ୍ବନ୍ଧୀୟ ବିଚାରରୁ ପୃଥକ୍ ଓ ଉଚ୍ଚତର ବୋଲି Higher Criticism ନାମରେ ଅଭିହିତ ।

ଶହ ବର୍ଷ ମଧ୍ୟରେ ନଉ ଟେଷ୍ଟାମେଣ୍ଟ ଲିଖିତ ହୋଇଥିଲା କି ନାହିଁ, ଅଥବା ଯୀଶୁଖ୍ରୀଷ୍ଟଙ୍କ ଜୀବନ-ଚରିତର କେତେ ଅଂଶ ସତ୍ୟ, ଏସବୁ ପ୍ରଶ୍ନରେ କିଛି ଯାଏ ଆସେ ନାହିଁ । କିନ୍ତୁ ଏହି ଜୀବନର ପଶ୍ଚାତ୍ତରେ ଏଭଳି କିଛି ଅଛି, ଯାହା ଅବଶ୍ୟ ସତ୍ୟ—ଯାହା ଆମର ଅନୁକରଣର ଯୋଗ୍ୟ । ମିଥ୍ୟା କଥା କହିବାକୁ ହେଲେ ସତ୍ୟର ନକଲ କରିବାକୁ ହୁଏ ଏବଂ ଏହି ସତ୍ୟଟିର ବାସ୍ତବିକ ସତ୍ତା ଅଛି । ଯାହାର ବାସ୍ତବିକ ସତ୍ତା କୌଣସିକାଳେ ନ ଥିଲା, ତା'ର ନକଲ ହୋଇ ନ ପାରେ । ଯାହାକୁ କେହି କୌଣସିକାଳେ ଉପଲବ୍ଧି କରି ନାହାନ୍ତି, ତାହାକୁ କଦାପି ଅନୁକରଣ କରାଯାଇ ନ ପାରେ । ସୁତରାଂ ଏହା ଅନାୟାସରେ ଅନୁମାନ କରାଯାଇପାରେ ଯେ, ବାଇବେଲର ବର୍ଣ୍ଣନା ଅତିରଞ୍ଜିତ ବୋଲି ସ୍ୱୀକାର କଲେ ମଧ୍ୟ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ଏହି କଳ୍ପନାର ମଧ୍ୟ କିଛି ଭିତ୍ତି ଥିଲା, ନିଶ୍ଚୟ ସେହି ସମୟରେ ଜଗତରେ ଏକ ମହାଶକ୍ତିର ଆବିର୍ଭାବ ହୋଇଥିଲା—ଆଧ୍ୟାତ୍ମିକ ଶକ୍ତିର ଏକ ଅପୂର୍ବ ବିକାଶ ହୋଇଥିଲା ଏବଂ ସେହି ମହା ଆଧ୍ୟାତ୍ମିକ ଶକ୍ତି ସମ୍ବନ୍ଧରେ ଆଜି ଆମେମାନେ କିଛିଟା ଆଲୋଚନା କରୁଛୁ । ସେହି ମହାଶକ୍ତିର ଅସ୍ତିତ୍ୱ ସମ୍ବନ୍ଧରେ ଯେତେବେଳେ ଆମର କିଞ୍ଚିନ୍ମାତ୍ର ସନ୍ଦେହ ନାହିଁ, ସେତେବେଳେ ଆମର ପଣ୍ଡିତମାନଙ୍କର ସମାଲୋଚନାକୁ ଡରିବାର କୌଣସି କାରଣ ନାହିଁ । ଯଦି ପ୍ରାଚ୍ୟଦେଶୀୟମାନଙ୍କ ପରି ମୋତେ ଏହି ନ୍ୟାଜାରେଥବାସୀ ଯୀଶୁଙ୍କର ଉପାସନା କରିବାକୁ ହୁଏ, ତେବେ ଗୋଟିଏ ମାତ୍ର ଭାବରେ ମୁଁ ତାଙ୍କର ଉପାସନା କରିପାରିବି, ଅର୍ଥାତ୍ ତାଙ୍କୁ ଈଶ୍ୱର ବୋଲି ମୁଁ ଉପାସନା କରିବି, ଅନ୍ୟ କୌଣସି ରୂପରେ ତାଙ୍କୁ ଉପାସନା କରିବାର ଉପାୟ ନାହିଁ । ଆପଣମାନେ କ'ଣ କହିବାକୁ ଚାହାନ୍ତି ଯେ, ଆମମାନଙ୍କର ତାଙ୍କୁ ଏପରି ଉପାସନା କରିବାରେ ଅଧିକାର ନାହିଁ ? ଯଦି ଆମେ ତାଙ୍କୁ ଆମର ସମାନ ଭୂମିକୁ ଟାଣିଆଣି ତାଙ୍କୁ କେବଳ ଜଣେ ମହାପୁରୁଷ ବୋଲି ଟିକିଏ ସମ୍ମାନ ଦେଖାଉ, ତେବେ ତାଙ୍କୁ ଆଉ ଉପାସନା କରିବା କ'ଣ ଦରକାର ? ଆମର ଶାସ୍ତ୍ର କହନ୍ତି 'ଯେଉଁମାନଙ୍କ ଭିତର ଦେଇ ସେହି ବ୍ରହ୍ମଜ୍ୟୋତିଃ ପ୍ରକାଶିତ ହୁଏ, ଯେଉଁମାନେ ସ୍ୱୟଂ ସେହି ଜ୍ୟୋତିଃସ୍ୱରୂପ, ସେହି ଜ୍ୟୋତିର ତନୟଗଣ ଉପାସିତ ହେଲେ ଆମ ସହିତ ତାଦାତ୍ମ୍ୟଭାବ ପ୍ରାପ୍ତ ହୁଅନ୍ତି ଏବଂ ଆମେମାନେ ମଧ୍ୟ ତାଙ୍କ ସହିତ ଏକ ହୋଇଯାଉ ।'

କାରଣ ଆପଣମାନେ ଏହା ଲକ୍ଷ୍ୟ କରିବେ ଯେ, ମାନବ ତ୍ରିବିଧ ଭାବରେ ଈଶ୍ୱରଙ୍କୁ ଉପଲବ୍ଧି କରିଥାଏ । ପ୍ରଥମାବସ୍ଥାରେ ଅଶିକ୍ଷିତ ମାନବର ଅପରିଣତ ବୁଦ୍ଧିରେ ବୋଧହୁଏ ଯେ, ଈଶ୍ୱର ବହୁ ଦୂରରେ—ଊର୍ଦ୍ଧ୍ୱରେ ସ୍ୱର୍ଗନାମକ ସ୍ଥାନବିଶେଷରେ ସିଂହାସନରେ ପାପଶୂନ୍ୟର ମହାବିଚାରକ ରୂପେ ସମାସୀନ ଅଛନ୍ତି । ଲୋକେ ତାହାଙ୍କୁ 'ମହଦ୍ଭୟଂ ବଜ୍ରମୁଦ୍ୟତଂ' ରୂପରେ ଦର୍ଶନ କରନ୍ତି । ଈଶ୍ୱର ସମ୍ବନ୍ଧୀୟ ଏବଂବିଧ ଧାରଣା ଭଲ, ଏଥିରେ ମନ୍ଦ କିଛି ନାହିଁ । ଆପଣମାନଙ୍କର ବିଶେଷ ଭାବରେ ସ୍ମରଣ ରଖିବା ଉଚିତ ଯେ, ମାନବ ମିଥ୍ୟାରୁ ବା ଭ୍ରମରୁ ସତ୍ୟକୁ ଅଗ୍ରସର ହୁଏ ନାହିଁ, ସତ୍ୟରୁ ସତ୍ୟକୁ ଅନ୍ୱେଷଣ କରିଥାଏ । ଯଦି ଆପଣଙ୍କର ପସନ୍ଦ ହୁଏ ତ କହିପାରନ୍ତି, ମନୁଷ୍ୟ ନିମ୍ନତର ସତ୍ୟରୁ ଉଚ୍ଚତର ସତ୍ୟକୁ ଆରୋହଣ କରେ, କିନ୍ତୁ ଭ୍ରମରୁ ବା ମିଥ୍ୟାରୁ ସତ୍ୟକୁ ଗମନ କରେ—ଏକଥା କଦାପି

କହିପାରିବେ ନାହିଁ । ମନେକରନ୍ତୁ ଆପଣ ଏଠାରୁ ସୂର୍ଯ୍ୟ ଅଭିମୁଖରେ ସରଳରେଖାରେ ଅଗ୍ରସର ହେଲେ । ଏଠାରୁ ସୂର୍ଯ୍ୟ ଅତି କ୍ଷୁଦ୍ରାକାର ଦେଖାଯାନ୍ତି । ମନେକରନ୍ତୁ, ଆପଣ ଏଠାରୁ ଦଶ ଲକ୍ଷ ମାଇଲ ଆଗକୁ ଗଲେ, ସେଠାରେ ଯାଇ ସୂର୍ଯ୍ୟଙ୍କୁ ଅପେକ୍ଷାକୃତ ବୃହତ୍ତର ଆକାରରେ ଦେଖିଲେ । ଯେତେ ଅଗ୍ରସର ହେବେ, ସେତେ ବୃହତ୍ତର ଆକାରରେ ଏହାକୁ ଦେଖିବାକୁ ପାଇବେ । ମନେକରନ୍ତୁ, ଏହିଭଳି ବିଭିନ୍ନ ସ୍ଥାନର କୋଡ଼ିଏ ହଜାର ଆଲୋକଚିତ୍ର ଗ୍ରହଣ କରାଗଲା—ଏଥିରୁ ପ୍ରତ୍ୟେକଟି ଯେ ଅପରଠାରୁ ପୃଥକ୍ ହେବ, ସେଥିରେ କୌଣସି ସନ୍ଦେହ ନାହିଁ; କିନ୍ତୁ ଏଗୁଡ଼ିକ ଯେ ସେହି ଏକ ସୂର୍ଯ୍ୟର ଆଲୋକଚିତ୍ର, ଏହା କିଏ ଅସ୍ୱୀକାର କରାଯାଇପାରେ ? ସେହିଭଳି ଉଚ୍ଚତର ବା ନିମ୍ନତର ସର୍ବବିଧ ଧର୍ମପ୍ରଣାଳୀ ସେହି ଅନନ୍ତ ଜ୍ୟୋତିର୍ମୟ ଈଶ୍ୱରଙ୍କ ନିକଟରେ ପହଞ୍ଚିବାର ବିଭିନ୍ନ ସୋପାନ ମାତ୍ର । କୌଣସି ଧର୍ମରେ ଈଶ୍ୱରଙ୍କର ଧାରଣା ନିମ୍ନତର, କେଉଁ ଧର୍ମରେ ବା ଉଚ୍ଚତର—ଏତିକି ମାତ୍ର ପ୍ରଭେଦ । ଏହି କାରଣରୁ ସମଗ୍ର ଜଗତରେ ଗଭୀର ଚିନ୍ତାରେ ଅକ୍ଷମ ଜନସାଧାରଣଙ୍କ ଧର୍ମରେ ବ୍ରହ୍ମାଣ୍ଡର ବହିର୍ଦ୍ଦେଶରେ ସ୍ୱର୍ଗ ନାମକ ସ୍ଥାନବିଶେଷରେ ଅବସ୍ଥାନକାରୀ ଜଗତ୍-ଶାସକ ପୁଣ୍ୟବାନ୍‌ଙ୍କର ପୁରସ୍କାରଦାତା ଓ ପାପୀର ଦଣ୍ଡଦାତା ଏବଂ ଏତଦ୍‌ବିଧ ଅନ୍ୟାନ୍ୟ ଗୁଣସମ୍ପନ୍ନ ଈଶ୍ୱରଙ୍କର ଧାରଣା ନିଶ୍ଚୟ ରହିବ ଏବଂ ଏହା ବରାବର ରହିଆସିଥିବାର ଦେଖାଯାଏ । ମାନବ ଅଧ୍ୟାତ୍ମରାଜ୍ୟରେ ଯେତେ ଅଗ୍ରସର ହେବ, ସେତେ ସେ ଉପଲବ୍ଧି କରିବ ଯେ, ଯେଉଁ ଈଶ୍ୱରଙ୍କୁ ସେ ଏତେଦିନ ସ୍ୱର୍ଗ ନାମକ ସ୍ଥାନବିଶେଷରେ ସୀମାବଦ୍ଧ ମନେକରିଥିଲା, ସେ ପ୍ରକୃତ ପକ୍ଷରେ ସର୍ବବ୍ୟାପୀ, ସର୍ବତ୍ର ଅବସ୍ଥିତ, ସେ ଦୂରରେ ଅବସ୍ଥିତ ନୁହନ୍ତି, ସେ ତା'ର ହୃଦୟ ମଧ୍ୟରେ ଅଛନ୍ତି । ସେ ସ୍ପଷ୍ଟତଃ ସକଳ ବିଦ୍ୟମାନ ଆତ୍ମାର ଅନ୍ତରାତ୍ମା । ଯେପରି ମୋର ଆତ୍ମା ମୋର ଦେହକୁ ପରିଚାଳିତ କରୁଛନ୍ତି, ତଦ୍ରୂପ ଈଶ୍ୱର ମୋର ଆତ୍ମାର ମଧ୍ୟ ପରିଚାଳକ ଓ ନିୟନ୍ତା; ଆତ୍ମା ମଧ୍ୟରେ ଅନ୍ତରାତ୍ମା । ପୁଣି କେତେକ ବ୍ୟକ୍ତି ଏତେଦୂର ଚିତ୍ତଶୁଦ୍ଧି ସାଧନ କଲେ ଓ ଆଧ୍ୟାତ୍ମିକଭାବରେ ଅଗ୍ରସର ହେଲେ ଯେ, ସେମାନେ ପୂର୍ବୋକ୍ତ ଧାରଣା ଅତିକ୍ରମ କରି ଅବଶେଷରେ ଈଶ୍ୱରଙ୍କୁ ଲାଭ କଲେ । ବାଇବେଲର ନିଉ ଟେଷ୍ଟାମେଣ୍ଟରେ ନିମ୍ନଲିଖିତ ବାକ୍ୟ ଦେଖିବାକୁ ମିଳେ, 'ପବିତ୍ର ହୃଦୟ ବ୍ୟକ୍ତିଗଣ ଧନ୍ୟ, କାରଣ ସେମାନେ ହିଁ ଈଶ୍ୱରଙ୍କୁ ଦର୍ଶନ କରିବେ ।' ପରିଶେଷରେ ସେମାନେ ଦେଖିଲେ, ସେମାନେ ଓ ପିତା ଈଶ୍ୱର ଅଭିନ୍ନ ।

ଆପଣମାନେ ଦେଖିବେ, ବାଇବେଲର ନିଉ ଟେଷ୍ଟାମେଣ୍ଟ-ଅଂଶରେ ଧର୍ମଗୁରୁ ଯୀଶୁ ଉକ୍ତ ସୋପାନର ଉପଯୋଗୀ ଶିକ୍ଷା ଦେଇଯାଇଛନ୍ତି । ସେ ଯେଉଁ 'ସାଧାରଣ ପ୍ରାର୍ଥନା' (Common Prayer) ଶିକ୍ଷା ଦେଇଛନ୍ତି, ତାହାକୁ ଲକ୍ଷ୍ୟ କରନ୍ତୁ: 'ହେ ଆମମାନଙ୍କର ସ୍ୱର୍ଗସ୍ଥ ପିତଃ ! ତୁମର ନାମ ଜୟଯୁକ୍ତ ହେଉ ।'...ଇତ୍ୟାଦି । ଏହା ସରଳ ଭାବର ପ୍ରାର୍ଥନା, ଶିଶୁର ପ୍ରାର୍ଥନା । ଲକ୍ଷ୍ୟ କରିବେ ଯେ, ଏହା 'ସାଧାରଣ ପ୍ରାର୍ଥନା', କାରଣ ଏହା ଅଶିକ୍ଷିତ ଜନସାଧାରଣଙ୍କ ପାଇଁ ବିହିତ । ଅପେକ୍ଷାକୃତ ଉଚ୍ଚତର ବ୍ୟକ୍ତିଙ୍କ ପାଇଁ—ଯେଉଁମାନେ ପୂର୍ବୋକ୍ତ ଅବସ୍ଥାଠାରୁ କିଛି ଅଗ୍ରସର ହୋଇଛନ୍ତି, ସେମାନଙ୍କ ପାଇଁ ସେ ଉନ୍ନତତର ସାଧନର

ବ୍ୟବସ୍ଥା କରିଛନ୍ତି: 'ମୁଁ ମୋର ପିତାଙ୍କଠାରେ, ତୁମେମାନେ ମୋଠାରେ ଏବଂ ମୁଁ ତୁମମାନଙ୍କ ମଧ୍ୟରେ ବିଦ୍ୟମାନ ।' ସ୍ମରଣ ହେଉଛି ତ ? ପୁଣି ଯେତେବେଳେ ଇହୁଦୀମାନେ ତାଙ୍କୁ ପଚାରିଲେ—'ଆପଣ କିଏ ?' ସେ ସ୍ପଷ୍ଟ କହିଥିଲେ, 'ମୁଁ ଓ ମୋର ପିତା ଏକ ।' ଇହୁଦୀମାନେ ମନେକରିଥିଲେ, ସେ ଈଶ୍ୱରଙ୍କଠାରୁ ନିଜକୁ ଅଭିନ୍ନ ଘୋଷଣା କରି ଈଶ୍ୱରଙ୍କର ଅମର୍ଯ୍ୟାଦା କରୁଛନ୍ତି । କିନ୍ତୁ ସେ ଉକ୍ତ ବାକ୍ୟ କି ଉଦ୍ଦେଶ୍ୟରେ କହିଥିଲେ, ତାହା ମଧ୍ୟ ଆମର ତ୍ରିକାଳଦର୍ଶୀ ମହାପୁରୁଷଗଣ କହିଯାଇଛନ୍ତି, 'ତୁମେ ସମସ୍ତେ ଦେବ ବା ଈଶ୍ୱର—ତୁମେମାନେ ସମସ୍ତେ ସେହି ପରମ୍ପର ପୁରୁଷଙ୍କର ସନ୍ତାନ ।' ଅତଏବ ଦେଖନ୍ତୁ, ବାଇବେଲରେ ଧର୍ମର ଏହି ତ୍ରିବିଧ ସୋପାନ ସ୍ପଷ୍ଟରୂପେ ଉପଦିଷ୍ଟ ହୋଇଛି; ପୁଣି ଆପଣମାନେ ଦେଖିବେ ଯେ, ଆପଣଙ୍କ ପକ୍ଷରେ ପ୍ରଥମ ସୋପାନଠାରୁ ଆରମ୍ଭ କରି ଧୀରେ ଧୀରେ ଶେଷ ସୋପାନ ପର୍ଯ୍ୟନ୍ତ ଯିବା ଅପେକ୍ଷାକୃତ ସହଜ ।

ଈଶ୍ୱରଙ୍କର ଏହି ଦୂତ ବାର୍ତ୍ତାବହ ଯୀଶୁ ସତ୍ୟଲାଭର ପଥ ଦେଖାଇବା ପାଇଁ ଆସିଥିଲେ; ସେ ଦେଖାଇଦେବା ପାଇଁ ଆସିଥିଲେ ଯେ, ନାନାରୂପ ଅନୁଷ୍ଠାନ କ୍ରିୟାକଳାପଦ୍ୱାରା ସେହି ଯଥାର୍ଥ ତତ୍ତ୍ୱ—ଆତ୍ମତତ୍ତ୍ୱ ଲାଭ ହୁଏ ନାହିଁ, ନାନାବିଧ କୂଟ-ଜଟିଳ ଦାର୍ଶନିକ ବିଚାରଦ୍ୱାରା ସେହି ଆତ୍ମତତ୍ତ୍ୱ ଲାଭ ହୁଏ ନାହିଁ । ଆପଣଙ୍କର ଯଦି କୌଣସି ବିଦ୍ୟା ନ ଥାଏ, ତେବେ ତ ବରଂ ଭଲ । ଆପଣ ସାରା ଜୀବନରେ ଯଦି ଖଣ୍ଡିଏ ମଧ୍ୟ ବହି ପଢ଼ି ନ ଥାନ୍ତି, ତେବେ ତ ଆହୁରି ଭଲ । ଏସବୁ ଆପଣଙ୍କ ମୁକ୍ତି ପାଇଁ ଆଦୌ ଆବଶ୍ୟକ ନୁହେଁ; ମୁକ୍ତିଲାଭ ପାଇଁ ଐଶ୍ୱର୍ଯ୍ୟ ବୈଭବ ଉଚ୍ଚପଦ ବା ପ୍ରଭୁତ୍ୱର କୌଣସି ମାତ୍ର ପ୍ରୟୋଜନ ନାହିଁ—ଏପରିକି, ପାଣ୍ଡିତ୍ୟର ମଧ୍ୟ କିଛି ପ୍ରୟୋଜନ ନାହିଁ; କେବଳ ଗୋଟିଏ ଜିନିଷର ପ୍ରୟୋଜନ—ତାହା ହେଉଛି ପବିତ୍ରତା, ଚିତ୍ତଶୁଦ୍ଧି । 'ପବିତ୍ରାତ୍ମା ବା ଶୁଦ୍ଧଚିତ୍ତ ବ୍ୟକ୍ତିଗଣ ଧନ୍ୟ', କାରଣ ଆତ୍ମା ସ୍ୱୟଂ ଶୁଦ୍ଧସ୍ୱଭାବ । ତାହା ଅନ୍ୟରୂପ ଅର୍ଥାତ୍ ଅଶୁଦ୍ଧ ହେବ କିପରି ? ଆତ୍ମା ଈଶ୍ୱରପ୍ରସୂତ,ଈଶ୍ୱରଙ୍କଠାରୁ ଏହାର ଆବିର୍ଭାବ । ବାଇବେଲର ଭାଷାରେ ଆତ୍ମା 'ଈଶ୍ୱରଙ୍କର ନିଃଶ୍ୱାସସ୍ୱରୂପ'; କୋରାନ୍‌ର ଭାଷାରେ ତାହା 'ଈଶ୍ୱରଙ୍କ ଆତ୍ମାସ୍ୱରୂପ' । ଆପଣମାନେ କ'ଣ କହିବାକୁ ଚାହାଁନ୍ତି ଯେ, ସେହି ଈଶ୍ୱରାତ୍ମା କେବେହେଲେ ଅପବିତ୍ର ହୋଇପାରେ ? କିନ୍ତୁ ହାୟ, ଆମର ଶୁଭାଶୁଭ କର୍ମଦ୍ୱାରା—ଯେପରି ଶତ ଶତ ଶତାବ୍ଦୀର ଧୂଳି ଓ ମଳିନତାରେ ଆବୃତ ହୋଇଅଛି । ନାନାବିଧ ଅନ୍ୟାୟ କର୍ମ, ଅଶୁଭ କର୍ମ ସେହି ଆତ୍ମାକୁ ଶତ ଶତ ଶତାବ୍ଦୀର ଅଜ୍ଞାନରୂପକ ଧୂଳି ଓ ମଳିନତାରେ ସମାଚ୍ଛନ୍ନ କରିଛି । ଆବଶ୍ୟକ କେବଳ ସେହି ଧୂଳି ଓ ମଳିନତାର ଅପସାରଣ, ତାହାହେଲେ ତତ୍‌କ୍ଷଣାତ୍ ଆତ୍ମା ନିଜର ପ୍ରଭାରେ ଉଜ୍ଜ୍ୱଳଭାବରେ ପ୍ରକାଶିତ ହୋଇଉଠିବ । 'ଶୁଦ୍ଧଚିତ୍ତ ବ୍ୟକ୍ତିମାନେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କୁ ଦର୍ଶନ କରିବେ ।' 'ସ୍ୱର୍ଗରାଜ୍ୟ ତୁମମାନଙ୍କ ଅନ୍ତରରେ ବିଦ୍ୟମାନ ।' ନ୍ୟାଜାରେଥବାସୀ ଯୀଶୁ ଆପଣମାନଙ୍କୁ ପ୍ରଶ୍ନ କରୁଛନ୍ତି, 'ସ୍ୱର୍ଗରାଜ୍ୟ ଯେତେବେଳେ ଏହିଠାରେ—ତୁମମାନଙ୍କ ଭିତରେ ରହିଛି, ସେତେବେଳେ ତା'ର ଅନ୍ୱେଷଣରେ ଆଉ କୁଆଡ଼େ ଯାଉଛ ?' ଆତ୍ମାର ଉପରିଭାଗରେ ଯେଉଁ ମଳିନତା ସଞ୍ଚିତ ହୋଇଛି, ତାହାକୁ ପରିଷ୍କାର କରିଦିଅ, ସ୍ୱର୍ଗରାଜ୍ୟ ଏହିଠାରେ ବର୍ତ୍ତମାନ ଦେଖିପାରିବ ।

ତାହା ପୂର୍ବରୁ ତୁମର ସମ୍ପତ୍ତି । ଯାହା ତୁମର ନୁହେଁ, ତୁମେ ତାହା କିପରି ପାଇବ ? ତାହା ତୁମର ଜନ୍ମପ୍ରାପ୍ତ ଅଧିକାର । 'ତୁମେମାନେ ଅମୃତର ଅଧିକାରୀ, ସେହି ନିତ୍ୟ ସନାତନ ପିତାଙ୍କର ତନୟ ।'

ଏହା ହିଁ ସେହି ସୁସମାଚାରବାହୀ ଯୀଶୁଖ୍ରୀଷ୍ଟଙ୍କର ମହତ୍ତ୍ୱ ଶିକ୍ଷା । ତାଙ୍କର ଅପର ଶିକ୍ଷା—'ତ୍ୟାଗ'; ତ୍ୟାଗ ହିଁ ସକଳ ଧର୍ମର ଭିତ୍ତିସ୍ୱରୂପ । ଆତ୍ମାକୁ କିପରି ବିଶୁଦ୍ଧ କରିବ ? ତ୍ୟାଗଦ୍ୱାରା । ଜଣେ ଧନୀ ଯୁବକ ଯୀଶୁଙ୍କୁ ପଚାରିଥିଲେ, 'ପ୍ରଭୋ ! ଅନନ୍ତ ଜୀବନ ଲାଭ କରିବା ପାଇଁ ମୋତେ କ'ଣ କରିବାକୁ ହେବ ?' ଯୀଶୁ ତାଙ୍କୁ କହିଲେ, 'ତୁମର ବର୍ତ୍ତମାନ ଗୋଟିଏ ବିଷୟର ଅଭାବ ଅଛି । ଘରକୁ ଯାଅ, ତୁମର ଯାହା କିଛି ଅଛି, ସବୁ ବିକ୍ରୟ କରିଦିଅ ଏବଂ ସେହି ବିକ୍ରୟଲବ୍ଧ ଅର୍ଥ ଦରିଦ୍ରମାନଙ୍କୁ ଦାନକର, ତାହା ହେଲେ ସ୍ୱର୍ଗରେ ତୁମେ ଅକ୍ଷୟ ସମ୍ପଦ ସଞ୍ଚୟ କରିବ । ତାହାପରେ ଆସ ଏବଂ ନିଜର ଦୁଃଖଭାର (Cross) ଗ୍ରହଣ କରି ମୋର ଅନୁସରଣ କର ।' ଧନୀ ଯୁବକଟି ଯୀଶୁଙ୍କର ଏହି ଉପଦେଶରେ ଦୁଃଖିତ ହେଲେ ଏବଂ ବିଷଣ୍ଣ ହୋଇ ଚାଲିଗଲେ, କାରଣ ତାଙ୍କର ଅଗାଧ ସମ୍ପତ୍ତି ଥିଲା । ଆମେ ସମସ୍ତେ ଊଣା ଅଧିକ ସେହି ଧନୀ ଯୁବକଙ୍କ ପରି । ଦିବାରାତ୍ର ଆମ କର୍ଣ୍ଣରେ ସେହି ମହାବାଣୀ ଧ୍ୱନିତ ହେଉଛି । ଆମର ସୁଖସ୍ୱାଚ୍ଛନ୍ଦ୍ୟ ମଧ୍ୟରେ, ସାଂସାରିକ ବିଷୟଭୋଗ ମଧ୍ୟରେ ଆମେ ମନେକରୁ, ଆମେ ଜୀବନର ଉଚ୍ଚତର ଲକ୍ଷ୍ୟସବୁ ଭୁଲିଯାଇଛୁ । କିନ୍ତୁ ଏହା ମଧ୍ୟରେ ହଠାତ୍ ଗୋଟିଏ ମୁହୂର୍ତ୍ତର ବିରାମ ଆସିଲା, ସେହି ମହାବାଣୀ ଆମର କର୍ଣ୍ଣରେ ଧ୍ୱନିତ ହେବାକୁ ଲାଗିଲା : 'ତୁମର ଯାହା କିଛି ଅଛି, ସବୁ ତ୍ୟାଗ କରି ମୋର ଅନୁସରଣ କର ।' 'ଯେଉଁ ବ୍ୟକ୍ତି ନିଜର ଜୀବନରକ୍ଷା ଆଡ଼କୁ ଦୃଷ୍ଟି ଦେବ, ସେ ଏହା ହରାଇବ; ଆଉ ଯେ ମୋ ପାଇଁ ନିଜର ଜୀବନ ବିସର୍ଜନ ଦେବ, ସେ ତାହା ପାଇବ ।' କାରଣ ଯେଉଁ ବ୍ୟକ୍ତି ତାଙ୍କ ପାଇଁ ଏହି ଜୀବନ ଉତ୍ସର୍ଗ କରିବ, ସେ ଅମୃତତ୍ୱ ଲାଭ କରିବ । ଆମର ସବୁପ୍ରକାର ଦୁର୍ବଳତା ଭିତରେ, ସବୁପ୍ରକାର କାର୍ଯ୍ୟକଳାପ ମଧ୍ୟରେ କ୍ଷଣକ ପାଇଁ ବେଳେ ବେଳେ ଯେପରି ଟିକିଏ ବିରାମ ଆସି ଉପସ୍ଥିତ ହୁଏ ଏବଂ ସେହି ମହାବାଣୀ ଆମ କାନରେ ଯେପରି ଘୋଷଣା କରେ, 'ତୁମର ଯାହା କିଛି ଅଛି ସବୁ ତ୍ୟାଗ କରି ଦରିଦ୍ରମାନଙ୍କୁ ତାହା ଦାନ କର ଏବଂ ମୋର ଅନୁସରଣ କର ।' ସେ ସେହି ଗୋଟିଏ ଆଦର୍ଶ ପ୍ରଚାର କରିଛନ୍ତି, ଜଗତର ସକଳ ଶ୍ରେଷ୍ଠ ଧର୍ମାଚାର୍ଯ୍ୟଗଣ ସେହି ଗୋଟିଏ ଆଦର୍ଶ ପ୍ରଚାର କରିଯାଇଛନ୍ତି—ତାହା ଏହି ତ୍ୟାଗ । ଏହି ତ୍ୟାଗର ତାତ୍ପର୍ଯ୍ୟ କ'ଣ ? ସୁନୀତିର ଗୋଟିଏ ମାତ୍ର ଆଦର୍ଶ—ନିଃସ୍ୱାର୍ଥପରତା । ଅହଂଶୂନ୍ୟ ହୁଅ । ପୂର୍ଣ୍ଣ ନିଃସ୍ୱାର୍ଥପରତା ବା ଅହଂଶୂନ୍ୟତା ହିଁ ଆମର ଏକମାତ୍ର ଆଦର୍ଶ । ସମ୍ପୂର୍ଣ୍ଣ ନିଃସ୍ୱାର୍ଥପରତାର ଦୃଷ୍ଟାନ୍ତ ଏହି ଯେ, ଡାହାଣ ଗାଲରେ ଚାପୁଡ଼ା ଦେଲେ ବାଁ ଗାଲ ଦେଖାଇ ଦେବ । ଯଦି କେହି ତୁମର ଜାମାଟି କାଢ଼ି ନେଇଯାଏ, ତେବେ ତା'କୁ ତୁମର ଚୋପକନ୍ଥି ମଧ୍ୟ କାଢ଼ି ଦେଇଦିଅ ।

ଆଦର୍ଶକୁ ଖର୍ବ ନ କରି ଯେତେ ଦୂର ସମ୍ଭବ ଉତ୍ତମରୂପେ କାର୍ଯ୍ୟ କରିଯିବାକୁ ହେବ । ପୁଣି ସେହି ଆଦର୍ଶ ଅବସ୍ଥା ହେଉଛି—ଯେଉଁ ଅବସ୍ଥାରେ ମନୁଷ୍ୟର 'ଅହଂ'-ଭାବ କିଛି ମାତ୍ର ରହେ ନାହିଁ, ତା'ର ଯେତେବେଳେ କୌଣସି ବସ୍ତୁରେ ଅଧିକାର-ବୋଧ ରହେ ନାହିଁ, ତା'ର ଯେତେବେଳେ 'ମୁଁ ମୋର' କହିବାର କିଛି ନ ଥାଏ, ଯେତେବେଳେ

ସେ ସମ୍ପୂର୍ଣ୍ଣଭାବେ ଆତ୍ମବିସର୍ଜନ କରେ, ଯେପରି କି ନିଜକୁ ସେ ମାରିଦିଏ—ଏହିଭଳି ବ୍ୟକ୍ତି ଭିତରେ ସ୍ୱୟଂ ଈଶ୍ୱର ବିରାଜମାନ । କାରଣ ତାଙ୍କ ଭିତରୁ 'ଅହଂ'-ବୋଧ ପୁରାପୁରି ଚାଲିଯାଇଛି, ନଷ୍ଟ ହୋଇଯାଇଛି, ନିର୍ମୂଳ ହୋଇଯାଇଛି । ଆମେମାନେ ବର୍ତ୍ତମାନ ସେହି ଆଦର୍ଶରେ ପହଞ୍ଚିପାରୁ ନାହୁଁ ସତ, ତଥାପି ଆମକୁ ଏହି ଆଦର୍ଶର ଉପାସନା କରିବାକୁ ହେବ ଏବଂ ଧୀରେ ଧୀରେ ଏହି ଆଦର୍ଶରେ ପହଞ୍ଚିବା ପାଇଁ ଚେଷ୍ଟା କରିବାକୁ ହେବ ଯଦିଓ ଆମମାନଙ୍କୁ ଇତସ୍ତତଃ ପଦକ୍ଷେପରେ ଅଗ୍ରସର ହେବାକୁ ପଡ଼େ । କାଲି ହେଉ ବା ସହସ୍ର ବର୍ଷ ପରେ ହେଉ, ଏହି ଆଦର୍ଶ ଅବସ୍ଥାରେ ପହଞ୍ଚିବାକୁ ହିଁ ହେବ । କାରଣ ଏହା କେବଳ ଆମର ଲକ୍ଷ୍ୟ ନୁହେଁ, ଏହା ଉପାୟ ମଧ୍ୟ । ନିଃସ୍ୱାର୍ଥପରତା—ସମ୍ପୂର୍ଣ୍ଣଭାବରେ ଅହଂଶୂନ୍ୟତା ହିଁ ସାକ୍ଷାତ୍ ମୁକ୍ତିସ୍ୱରୂପ; କାରଣ ଅହଂ-ଭାବ ତ୍ୟାଗ କରିପାରିଲେ ଭିତରର ମଣିଷ ମରିଯାଏ, ଏକମାତ୍ର ଈଶ୍ୱର ହିଁ ଅବଶିଷ୍ଟ ରହନ୍ତି ।

ଆଉ ଗୋଟିଏ କଥା । ଦେଖାଯାଏ, ମାନବଜାତିର ସମସ୍ତ ଧର୍ମଗୁରୁ ସମ୍ପୂର୍ଣ୍ଣରୂପେ ସ୍ୱାର୍ଥଶୂନ୍ୟ । ମନେକରନ୍ତୁ, ନ୍ୟାଜାରେଥ୍‌ବାସୀ ଯୀଶୁ ଉପଦେଶ ଦେଉଛନ୍ତି, କେହି ଆସି ତାଙ୍କୁ କହିଲା, 'ଆପଣ ଯାହା ଉପଦେଶ ଦେଉଛନ୍ତି, ତାହା ଅତି ସୁନ୍ଦର, ମୁଁ ବିଶ୍ୱାସ କରେ ଏହା ପୂର୍ଣ୍ଣତାଲାଭର ଉପାୟ ଓ ମୁଁ ଏହାର ଅନୁସରଣ କରିବାକୁ ପ୍ରସ୍ତୁତ । କିନ୍ତୁ ମୁଁ ଆପଣଙ୍କୁ ଈଶ୍ୱରଙ୍କର ଏକମାତ୍ର ପୁତ୍ର ବୋଲି ଉପାସନା କରିପାରିବି ନାହିଁ ।' ନ୍ୟାଜାରେଥ୍‌ବାସୀ ଯୀଶୁ ଏ କଥାର କି ଉତ୍ତର ଦେବେ ? ସେ ନିଶ୍ଚୟ ଉତ୍ତର ଦେବେ, 'ବେଶ୍ ଭାଇ, ତୁମେ ଆଦର୍ଶର ଅନୁସରଣ କର ଏବଂ ନିଜ ଭାବରେ ସେହି ଦିଗରେ ଅଗ୍ରସର ହୁଅ । ତୁମେ ଏହି ଉପଦେଶ ପାଇଁ ମୋତେ ପ୍ରଶଂସା କର ବା ନ କର, ସେଥିରେ ମୋର କିଛି ଯାଏ ଆସେ ନାହିଁ । ମୁଁ ଦୋକାନଦାର ନୁହେଁ, ମୁଁ ଧର୍ମ ନେଇ ବ୍ୟବସାୟ କରୁ ନାହିଁ । ମୁଁ କେବଳ ସତ୍ୟ ଶିକ୍ଷା ଦେଇଥାଏ ଏବଂ ସତ୍ୟ କୌଣସି ବ୍ୟକ୍ତିବିଶେଷର ସମ୍ପତ୍ତି ନୁହେଁ । ସତ୍ୟକୁ ଏକଚାଟିଆ କରିବାର ଅଧିକାର କାହାର ନାହିଁ । ସତ୍ୟ ସ୍ୱୟଂ ଈଶ୍ୱର । ଆଗେଇ ଚାଲ ।' କିନ୍ତୁ ତାଙ୍କର ଅନୁଗାମୀମାନେ ଆଜିକାଲି କ'ଣ କହନ୍ତି ? ସେମାନେ କହନ୍ତି, 'ତୁମେ ତାଙ୍କର ଉପଦେଶକୁ ଅନୁସରଣ କର ବା ନ କର, ସେଥିରେ କିଛି ଯାଏ ଆସେ ନାହିଁ, ଉପଦେଷ୍ଟାଙ୍କୁ ଯଥାର୍ଥ ସମ୍ମାନ ଦେଉଛ କି ? ଯଦି ଉପଦେଷ୍ଟାଙ୍କର—ଆଚାର୍ଯ୍ୟଙ୍କର ସମ୍ମାନ କର, ତେବେ ତୁମେ ଉଦ୍ଧାର ହୋଇଯିବ; ନଚେତ୍ ତୁମର ମୁକ୍ତି ନାହିଁ ।' ଏହି ଭାବରେ ଏହି ଆଚାର୍ଯ୍ୟବରଙ୍କର ସମୁଦାୟ ଉପଦେଶାବଳୀ ବିକୃତ ହୋଇଛି । ବର୍ତ୍ତମାନ କେବଳ ଉପଦେଷ୍ଟାଙ୍କର ବ୍ୟକ୍ତିତ୍ୱକୁ ନେଇ ବିବାଦ । ସେମାନେ ଜାଣନ୍ତି ନାହିଁ ଯେ, ଏହିଭଳି ଉପଦେଶର ଅନୁସରଣ ନ କରି ଉପଦେଷ୍ଟାଙ୍କର ନାମ ନେଇ ଟଣାଟଣି କରିବା ଦ୍ୱାରା ସେମାନେ ସେହି ବ୍ୟକ୍ତିଙ୍କୁ ସମ୍ମାନ ନ କରି ଗୋଟିଏ ଦୃଷ୍ଟିରୁ ତାଙ୍କୁ ଅପମାନ କରୁଛନ୍ତି । ଏହି ଭାବରେ ତାଙ୍କର ଉପଦେଶ ଭୁଲି ତାଙ୍କୁ ସମ୍ମାନ କରିବାକୁ ଗଲେ ସେ ନିଜେ ଲଜ୍ଜାରେ ମହାସଙ୍କୁଚିତ ହୋଇଥାନ୍ତେ । ଜଗତରେ କିଏ ତାଙ୍କୁ ମନେ ରଖିଲା ବା ନ ରଖିଲା ସେଥିରେ ତାଙ୍କର କ'ଣ ଯାଏ ଆସେ ? ଜଗତକୁ ତାଙ୍କର ଗୋଟିଏ ବାର୍ତ୍ତା ଦେବାର ଥିଲା,

ଏବଂ ସେ ତାହା ପ୍ରଚାର କରିଛନ୍ତି । ବିଂଶ ସହସ୍ର ଜୀବନ ପାଇଲେ ମଧ୍ୟ ସେ ତାହାକୁ ଜଗତର ଦରିଦ୍ରତମ ବ୍ୟକ୍ତି ପାଇଁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ଥିଲେ । ଯଦି ଲକ୍ଷ ଲକ୍ଷ ଘୃଣିତ ଯାମାରଣ୍ୟବାସୀଙ୍କ ପାଇଁ ଲକ୍ଷ ଲକ୍ଷ ଥର ତାଙ୍କୁ ଯନ୍ତ୍ରଣା ସହ୍ୟ କରିବାକୁ ହୋଇଥାନ୍ତା, ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ମୁକ୍ତି ପାଇଁ ତାଙ୍କର ଜୀବନବଳି ଯଦି ଏକମାତ୍ର ଉପାୟ ହୋଇଥାନ୍ତା, ତେବେ ସେ ଅନାୟାସରେ ତାଙ୍କର ଜୀବନବଳି ଦେବାକୁ ପ୍ରସ୍ତୁତ ହୋଇଥାନ୍ତେ । ଏ ସମସ୍ତ କର୍ମ ସେ କରିଥାନ୍ତେ, ଏଥିରେ ଜଣେ ବ୍ୟକ୍ତି ନିକଟରେ ମଧ୍ୟ ନିଜ ନାଁ ଜଣାଇବାର ଇଚ୍ଛା ତାଙ୍କର ହୋଇ ନ ଥାନ୍ତା । ସ୍ୱୟଂ ପ୍ରଭୁ ଭଗବାନ ଯେଉଁ ଭାବରେ କାର୍ଯ୍ୟ କରନ୍ତି, ସେ ମଧ୍ୟ ସେହି ଭାବରେ ଧୀର ସ୍ଥିର ନୀରବ ଓ ଅଜ୍ଞାତସାରରେ କାର୍ଯ୍ୟ କରି ଯାଇଥାଆନ୍ତେ । ତାଙ୍କର ଅନୁଗାମୀମାନେ ବର୍ତ୍ତମାନ କ'ଣ କହନ୍ତି ? ସେମାନେ କହନ୍ତି, 'ତୁମେମାନେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଓ ସବଦୋଷବର୍ଜ୍ଜିତ ହୋଇପାର; କିନ୍ତୁ ତୁମେ ଯଦି ଆମର ଆଚାର୍ଯ୍ୟଙ୍କୁ—ଆମର ମହାପୁରୁଷଙ୍କୁ ଯଥୋପଯୁକ୍ତ ସମ୍ମାନ ନ ଦିଅ, ତାହାହେଲେ ସେଥିରେ କିଛି ଫଳ ହେବ ନାହିଁ ।' କାହିଁକି ? ଏହି କୁସଂସ୍କାର—ଏହି ଭ୍ରମର ଉତ୍ପତ୍ତି କେଉଁଠାରୁ ? ଏହି ଭ୍ରମର ଏକମାତ୍ର କାରଣ ଏହି ଯେ, ଯୀଶୁଖ୍ରୀଷ୍ଟଙ୍କର ଅନୁଗାମିଗଣ ମନେକରନ୍ତି—ଭଗବାନ ଥରେ ମାତ୍ର ଆବିର୍ଭୂତ ହୋଇପାରନ୍ତି ।

ଈଶ୍ୱର ତୁମ ନିକଟରେ ମାନବରୂପରେ ଆବିର୍ଭୂତ ହୋଇଥିଲେ । ସମଗ୍ର ପ୍ରକୃତିରେ ଯାହା ଥରେ ଘଟିଛି, ତାହା ନିଶ୍ଚୟ ଅତୀତରେ ବହୁବାର ସଂଘଟିତ ହୋଇଥିଲା ଏବଂ ଭବିଷ୍ୟତରେ ମଧ୍ୟ ନିଶ୍ଚୟ ଘଟିବ । ପ୍ରକୃତିରେ ଏପରି କିଛି ନାହିଁ, ଯାହା ନିୟମାଧୀନ ନୁହେଁ । ପୁଣି ନିୟମାଧୀନ ହେବାର ଅର୍ଥ ହେଉଛି, ଯାହା ଥରେ ଘଟିଛି, ତାହା ଚିରଦିନ ଘଟିଆସିଛି ଓ ଭବିଷ୍ୟତରେ ମଧ୍ୟ ଘଟିବ ।

ଭାରତରେ ମଧ୍ୟ ଏହି ଅବତାରବାଦ ରହିଛି । ଭାରତର ମହାନ୍ ଅବତାରମାନଙ୍କ ମଧ୍ୟରୁ ଅନ୍ୟତମ ଭଗବାନ ଶ୍ରୀକୃଷ୍ଣ (ଯାହାଙ୍କର ଭଗବଦ୍‌ଗୀତା-ରୂପକ ଅପୂର୍ବ ବାଣୀ ଆପଣମାନେ ଅନେକେ ପାଠ କରିଥିବେ) କହିଛନ୍ତି : ଯଦିବା ମୁଁ ଜନ୍ମରହିତ, ଅକ୍ଷୟ ଏବଂ ପ୍ରାଣୀସମୂହଙ୍କର ଈଶ୍ୱର, ତଥାପି ମୁଁ ନିଜ ପ୍ରକୃତିକୁ ଆଶ୍ରୟ କରି ନିଜ ମାୟାରେ ଜନ୍ମଗ୍ରହଣ କରେ । ହେ ଅର୍ଜ୍ଜୁନ ! ଯେତେବେଳେ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ ହୁଏ, ସେତେବେଳେ ମୁଁ ଆପଣାକୁ ସୃଷ୍ଟି କରିଥାଏ । ସାଧୁଗଣଙ୍କର ପରିତ୍ରାଣ, ଦୁଷ୍କୃତକାରୀଙ୍କର ବିନାଶ ଏବଂ ଧର୍ମସଂସ୍ଥାପନ ପାଇଁ ମୁଁ ଯୁଗେ ଯୁଗେ ଜନ୍ମଗ୍ରହଣ କରେ ।*

ଯେତେବେଳେ ଜଗତର ଅବନତି ହୁଏ, ସେତେବେଳେ ଭଗବାନ ଏହାର ଉନ୍ନତି ପାଇଁ ଆସିଥାନ୍ତି । ଏହିପରି ସେ ବିଭିନ୍ନ ସ୍ଥାନରେ ବିଭିନ୍ନ ଯୁଗରେ ଆବିର୍ଭୂତ ହୋଇଥାନ୍ତି । ଗୀତାରେ ଆଉ ଗୋଟିଏ ସ୍ଥାନରେ ସେ ଏହି ଭାବର କଥା କହିଛନ୍ତି : ଯେତେବେଳେ ଦେଖିବ, କୌଣସି ମହାଶକ୍ତିସମ୍ପନ୍ନ ପବିତ୍ରସ୍ୱଭାବ ମହାତ୍ମା ମାନବଜାତିର ଉନ୍ନତି ପାଇଁ ପ୍ରାଣପଣ ଚେଷ୍ଟା କରୁଛନ୍ତି, ସେତେବେଳେ ଜାଣିବ ଯେ, ସେ ମୋର ତେଜସମ୍ଭୂତ, ମୁଁ ତାଙ୍କ ଭିତରେ

* ଗୀତା, ୪।୬-୮

ରହି କାର୍ଯ୍ୟ କରୁଛୁ ।*

ଅତଏବ ଆସନ୍ତୁ, ଆମେମାନେ କେବଳ ନ୍ୟାଜାରେଥ୍‌ବାସୀ ଯୀଶୁଙ୍କ ଭିତରେ ଭଗବାନଙ୍କୁ ଦର୍ଶନ ନ କରି ତାଙ୍କ ପୂର୍ବରୁ ଯେଉଁସବୁ ମହାପୁରୁଷ ଆବିର୍ଭୂତ ହୋଇଛନ୍ତି, ତାଙ୍କ ପରେ ଯେଉଁମାନେ ଆସିଛନ୍ତି ଏବଂ ଭବିଷ୍ୟତରେ ଯେଉଁମାନେ ଆସିବେ, ସେସମସ୍ତଙ୍କ ଭିତରେ ଈଶ୍ୱରଙ୍କୁ ଦର୍ଶନ କରିବା । ଆମର ଉପାସନା ଯେପରି ସୀମାବଦ୍ଧ ନ ହୁଏ । ସମସ୍ତେ ସେହି ଏକ ଅନନ୍ତ ଈଶ୍ୱରଙ୍କର ବିଭିନ୍ନ ଅଭିବ୍ୟକ୍ତି ମାତ୍ର । ସେମାନେ ସମସ୍ତେ ପବିତ୍ରାତ୍ମା ଓ ସ୍ୱାର୍ଥଗନ୍ଧହୀନ । ସେମାନେ ସମସ୍ତେ ଏହି ଦୁର୍ବଳ ମାନବଜାତିର କଲ୍ୟାଣ ପାଇଁ ପ୍ରାଣପଣ ଚେଷ୍ଟା କରିଛନ୍ତି ଏବଂ ଜୀବନ ଦେଇ ଯାଇଛନ୍ତି । ସେମାନେ ପ୍ରତ୍ୟେକେ ଆମ ସମସ୍ତଙ୍କର ଏପରିକି ଭବିଷ୍ୟତ୍ ବଂଶଧରମାନଙ୍କର ସମସ୍ତ ପାପ ଗ୍ରହଣ କରି ପ୍ରାୟଶ୍ଚିତ୍ତ କରିଯାଇଛନ୍ତି ।

ଗୋଟିଏ ହିସାବରେ ଆପଣମାନେ ସମସ୍ତେ ଏକ ଏକ ଅବତାର—ସମସ୍ତେ ନିଜ ସ୍କନ୍ଧରେ ଜଗତର ଭାର ବହନ କରିଛନ୍ତି । ଆପଣ କ'ଣ କେବେ ଏପରି ନରନାରୀ ଦେଖିଛନ୍ତି ଯାହାଙ୍କୁ ଶାନ୍ତିଭାବରେ ଓ ସହିଷ୍ଣୁତାର ସହିତ ନିଜ ଜୀବନଭାର ବହନ କରିବାକୁ ନ ହୁଏ ? ବଡ଼ ବଡ଼ ଅବତାରଗଣ ଅବଶ୍ୟ ଆମ ତୁଳନାରେ ଅନେକ ବଡ଼ ଥିଲେ, ସୁତରାଂ ସେମାନେ ତାଙ୍କ ସ୍କନ୍ଧରେ ପ୍ରକାଣ୍ଡ ଜଗତର ଭାର ଗ୍ରହଣ କରିଥିଲେ । ତାଙ୍କ ତୁଳନାରେ ଆମେମାନେ ଅତି କ୍ଷୁଦ୍ର, ସନ୍ଦେହ ନାହିଁ; କିନ୍ତୁ ଆମେ ମଧ୍ୟ ସେହି ଗୋଟିଏ କର୍ମ କରୁଛୁ—ଆମର କ୍ଷୁଦ୍ର ପରିଧି ମଧ୍ୟରେ, ଆମର କ୍ଷୁଦ୍ର ଗୃହରେ ଆମେ ଆମର ସୁଖଦୁଃଖରାଜି ବହନ କରି ଚାଲିଛୁ । ଏପରି ମନ୍ଦପ୍ରକୃତି, ଏପରି ଅପଦାର୍ଥ କେହି ନାହିଁ, ଯେ କି ନିଜର ଭାର କିଛି ପରିମାଣରେ ନିଜେ ବହନ ନ କରେ । ଆମର ଯେତେ ଭୁଲ ଭ୍ରାନ୍ତି ଥାଉ ପଛକେ, ଆମର ମନ୍ଦ ଚିନ୍ତା ଓ ମନ୍ଦ କର୍ମର ପରିମାଣ ଯେତେ ହେଉନା କାହିଁକି, ଆମର ଚରିତ୍ରର କୌଣସି ନା କୌଣସି-ଠାରେ ଏପରି ଏକ ଉଜ୍ଜ୍ୱଳ ଅଂଶ ଅଛି, କୌଣସି ନା କୌଣସିଠାରେ ଏପରି ଗୋଟିଏ ସୁବର୍ଣ୍ଣ-ସୂତ୍ର ଅଛି, ଯଦ୍ଦ୍ୱାରା ଆମେମାନେ ସର୍ବଦା ସେହି ଭଗବାନଙ୍କ ସହିତ ସଂଯୁକ୍ତ । କାରଣ ଏକଥା ନିଶ୍ଚିତ ଜାଣିରଖନ୍ତୁ, ଯେଉଁ ମୁହୂର୍ତ୍ତରେ ଭଗବାନଙ୍କ ସହିତ ଆମର ଏହି ସଂଯୋଗ ନଷ୍ଟ ହୋଇଯିବ, ସେହି ମୁହୂର୍ତ୍ତରେ ହିଁ ଆମର ବିନାଶ ଅବଶ୍ୟମ୍ଭାବୀ ? ଯେହେତୁ କାହାର କେବେ ହେଲେ ସମ୍ପୂର୍ଣ୍ଣ ବିନାଶ ହୋଇପାରେ ନାହିଁ, ସେହି ହେତୁ ଆମେମାନେ ଯେତେ ହୀନ ଓ ଅବନତ ହେଉ ନା କାହିଁକି, ଆମର ଅନ୍ତରର ଅନ୍ତରତମ ସ୍ଥାନର କୌଣସି ନା କୌଣସି ନିଭୃତ ପ୍ରଦେଶରେ ଏପରି ଗୋଟିଏ କ୍ଷୁଦ୍ର ଜ୍ୟୋତିର୍ମୟ ବୃତ୍ତ ରହିଛି, ଯାହା ସହିତ ଭଗବାନଙ୍କର ନିତ୍ୟ ଯୋଗ ।

ବିଭିନ୍ନ-ଦେଶୀୟ, ବିଭିନ୍ନ-ଜାତୀୟ ଓ ବିଭିନ୍ନ-ମତାବଲମ୍ବୀ ଯେଉଁସବୁ ଅବତାରଙ୍କର ଜୀବନ ଓ ଶିକ୍ଷା ଆମେମାନେ ଉତ୍ତରାଧିକାର-ସୂତ୍ରରେ ପାଇଛୁ, ସେମାନଙ୍କୁ ପ୍ରଣାମ; ବିଭିନ୍ନ ଜାତୀୟ ଯେଉଁ ସକଳ ଦେବତୁଲ୍ୟ ନରନାରୀ ମାନବଜାତିର କଲ୍ୟାଣ ପାଇଁ ପ୍ରାଣପଣ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ପ୍ରଣାମ; ଜୀବନ୍ତ ଈଶ୍ୱର-ସ୍ୱରୂପ ଯେଉଁମାନେ ଆମର ଭବିଷ୍ୟତ୍‌ବଂଶୀୟଙ୍କ

* ଗୀତା, ୧୦।୪୧

କଲ୍ୟାଣ ପାଇଁ ନିଃସ୍ୱାର୍ଥ ଭାବରେ କାର୍ଯ୍ୟ କରିବା ଲାଗି ଭବିଷ୍ୟତରେ ଅବତୀର୍ଣ୍ଣ ହେବେ, ସେମାନଙ୍କୁ ପ୍ରଣାମ ।

## ଈଶ୍ୱରଙ୍କର ଦେହଧାରଣ ବା ଅବତାର

[The Divine Incarnation or Avatar :
ଖ୍ରୀଷ୍ଟ-ବିଷୟକ ବକ୍ତୃତାର ସଂକ୍ଷିପ୍ତ ଅନୁଲିପିର ଅନୁବାଦ]

ଯୀଶୁଖ୍ରୀଷ୍ଟ ଭଗବାନ ଥିଲେ—ମାନବଦେହରେ ଅବତୀର୍ଣ୍ଣ ସଗୁଣ ଈଶ୍ୱର । ବହୁ ରୂପରେ ବହୁବାର ଈଶ୍ୱର ନିଜକୁ ପ୍ରକାଶ କରିଛନ୍ତି ଏବଂ ତୁମେମାନେ କେବଳ ତାଙ୍କର ସେହି ରୂପଗୁଡ଼ିକର ହିଁ ଉପାସନା କରିପାର । ପରଂବ୍ରହ୍ମ ଉପାସନାର ବସ୍ତୁ ନୁହନ୍ତି । ଈଶ୍ୱରଙ୍କର ନିର୍ଗୁଣ ଭାବକୁ ଉପାସନା କରିବା ଅର୍ଥହୀନ । ନରଦେହରେ ଅବତୀର୍ଣ୍ଣ ଯୀଶୁ-ଖ୍ରୀଷ୍ଟଙ୍କୁ ହିଁ ଆମମାନଙ୍କର ଈଶ୍ୱର ବୋଲି ପୂଜା କରିବାକୁ ହେବ । ଈଶ୍ୱରଙ୍କର ଏହିପରି ବିକାଶ ଅପେକ୍ଷା ଉଚ୍ଚତର କୌଣସି କିଛିର ପୂଜା କେହି କରିପାରେ ନାହିଁ । ଖ୍ରୀଷ୍ଟଙ୍କଠାରୁ ପୃଥକ୍ କୌଣସି ଭଗବାନଙ୍କର ଉପାସନା ଯେତେ ଶୀଘ୍ର ତ୍ୟାଗ କରିବ, ସେତେ ହିଁ ତୁମ-ମାନଙ୍କର କଲ୍ୟାଣ । ତୁମମାନଙ୍କ କଳ୍ପନାନିର୍ମିତ ଯିହୋବାଙ୍କ କଥା ଧରିଯାଉ । ପୁଣି ସୁନ୍ଦର ମହାନ୍ ଖ୍ରୀଷ୍ଟଙ୍କର କଥା ମଧ୍ୟ ଭାବି ଦେଖ । ଯେତେବେଳେ ଖ୍ରୀଷ୍ଟଙ୍କ ଊର୍ଦ୍ଧ୍ୱରେ ତୁମେ କୌଣସି ଭଗବାନ୍‌ଙ୍କୁ ସୃଷ୍ଟି କର, ସେତେବେଳେ ହିଁ ସବୁ ପଣ୍ଡ କରିଦିଅ । ଦେବତା ହିଁ କେବଳ ଦେବତାଙ୍କର ଉପାସନା କରିପାରେ, ମନୁଷ୍ୟ ପକ୍ଷରେ ତାହା କରିବା ସମ୍ଭବ ନୁହେଁ, ଏବଂ ଈଶ୍ୱରଙ୍କର ପ୍ରଚଳିତ ପ୍ରକାଶର ଊର୍ଦ୍ଧ୍ୱରେ ତାଙ୍କୁ ଉପାସନା କରିବାର ଯେକୌଣସି ପ୍ରୟାସ ମନୁଷ୍ୟ ପକ୍ଷରେ ବିପଜ୍ଜନକ ହିଁ ହେବ । ଯଦି ମୁକ୍ତି ଚାହଁ ଓ ଖ୍ରୀଷ୍ଟଙ୍କର ସମୀପବର୍ତ୍ତୀ ହୁଅ, ତୁମମାନଙ୍କର କଳ୍ପିତ ଯେକୌଣସି ଈଶ୍ୱରଙ୍କଠାରୁ ସେ ଅନେକ ଊର୍ଦ୍ଧ୍ୱରେ । ଯଦି ମନେ କର, ଖ୍ରୀଷ୍ଟ ଜଣେ ମନୁଷ୍ୟ ଥିଲେ, ତେବେ ତାଙ୍କର ଉପାସନା କର ନାହିଁ । କିନ୍ତୁ ଯେତେ-ବେଳେ ହିଁ ଧାରଣା କରିପାରିବ—ସେ ଈଶ୍ୱର, ସେତେବେଳେ ତାଙ୍କର ଉପାସନା କର । ଯେଉଁମାନେ କହନ୍ତି—ସେ ମନୁଷ୍ୟ ଥିଲେ, ଏବଂ ସେମାନେ ଯଦି ତାଙ୍କୁ ପୂଜା କରନ୍ତି, ସେମାନେ ନିତାନ୍ତ ଅଶାସ୍ତ୍ରୀୟ ଅଧର୍ମ କାର୍ଯ୍ୟ କରନ୍ତି । ଏଠାରେ ମଧ୍ୟପନ୍ଥା ବୋଲି କିଛି ନାହିଁ, ସମଗ୍ର ଶକ୍ତିକୁ ହିଁ ଗ୍ରହଣ କରିବାକୁ ହେବ । 'ଯେ ପୁତ୍ରକୁ ଦେଖିଛନ୍ତି, ସେ ପିତାଙ୍କୁ ହିଁ ଦର୍ଶନ କରିଅଛନ୍ତି,' ଆଉ ପୁତ୍ରକୁ ନ ଦେଖି କେହି ପିତାଙ୍କର ଦର୍ଶନ ପାଇବେ ନାହିଁ । କେବଳ ବଡ଼ ବଡ଼ କଥା, ଅସାର ଦାର୍ଶନିକ ବିଚାର ଆଉ ସ୍ୱପ୍ନ ଓ କଳ୍ପନା ! ଯଦି ଆଧ୍ୟାତ୍ମିକ ଜୀବନରେ କିଛି ଉପଲବ୍ଧି କରିବାକୁ ଚାହଁ ତେବେ ଖ୍ରୀଷ୍ଟଙ୍କଠାରେ ପ୍ରକାଶିତ ଈଶ୍ୱରଙ୍କୁ ନିବିଡ଼ ଭାବରେ ଧରି ରହ ।

ଦାର୍ଶନିକ ଦୃଷ୍ଟିରୁ ଖ୍ରୀଷ୍ଟ ବା ବୁଦ୍ଧ ବୋଲି କୌଣସି ମନୁଷ୍ୟ ନ ଥିଲେ, ସେମାନଙ୍କ ମଧ୍ୟଦେଇ ଆମେମାନେ ଈଶ୍ୱରଙ୍କୁ ହିଁ ଦେଖିଥିଲୁ । କୋରାନ୍‌ରେ ମହମ୍ମଦ ବାରମ୍ବାର କହିଛନ୍ତି, ଖ୍ରୀଷ୍ଟ କଦାପି କ୍ରୁଶବିଦ୍ଧ ହୋଇ ନାହାନ୍ତି—ଏହା ଗୋଟିଏ ରୂପକ ମାତ୍ର; ଖ୍ରୀଷ୍ଟଙ୍କୁ କେହି କ୍ରୁଶବିଦ୍ଧ କରି ନ ପାରେ ।

ଯୁକ୍ତିମୂଳକ ଧର୍ମର ସର୍ବନିମ୍ନ ସ୍ତର ଦ୍ୱୈତବାଦ, ଆଉ ଏକ ମଧ୍ୟରେ ତିନିର ଅବସ୍ଥିତି ହିଁ ଉଚ୍ଚତମ । ଜଗତ ଓ ଜୀବ ଈଶ୍ୱରଙ୍କଦ୍ୱାରା ହିଁ ଅନୁସ୍ୟୂତ; ଈଶ୍ୱର, ଜଗତ୍, ଏବଂ ଜୀବ—ଏହି 'ଏକ ମଧ୍ୟରେ ତିନି'କୁ ହିଁ ଆମେମାନେ ଦେଖୁଛୁ । ପୁଣି ସଙ୍ଗେ ସଙ୍ଗେ ଆଭାସ ପାଉଛୁ ଯେ, ଏକରୁ ହିଁ ଏହି ତିନିଟି ହୋଇଛନ୍ତି । ଏହି ଦେହଟି ଯେପରି ଜୀବାତ୍ମାର ଆବରଣ, ସେହିପରି ଏହି ଜୀବାତ୍ମା ଯେପରି ପରମାତ୍ମାର ଆବରଣ ବା ଦେହ । 'ମୁଁ' ଯେପରି ବିଶ୍ୱପ୍ରକୃତିର ଚେତନ ଆତ୍ମା, ସେହିପରି ଈଶ୍ୱର ମୋର ଆତ୍ମାର ମଧ୍ୟ ଆତ୍ମା—ପରମାତ୍ମା । ତୁମେ ହେଉଛ ସେହି କେନ୍ଦ୍ର—ଯାହାର ମାଧ୍ୟମରେ ତୁମେ ବିଶ୍ୱପ୍ରକୃତିକୁ ଦେଖୁଛ, ପୁଣି ତାହା ମଧ୍ୟରେ ହିଁ ତୁମେ ରହିଛ । ଜଗତ ଜୀବ ଆଉ ଈଶ୍ୱର, ଏହାକୁ ନେଇ ଗୋଟିଏ ସତ୍ତା—ନିଖିଳ ବିଶ୍ୱ । ସୁତରାଂ ଏଗୁଡ଼ିକ ମିଶି ଗୋଟିଏ ଏକକ, ତଥାପି ଏକା ସମୟରେ ଏଗୁଡ଼ିକ ପୁଣି ପୃଥକ୍ ମଧ୍ୟ ।

ପୁଣି ଆଉ ଏକ ପ୍ରକାର 'ତ୍ରିତ୍ୱ' (ତିନିରେ ଏକ) ଅଛି, ଅନେକାଂଶରେ ଖ୍ରୀଷ୍ଟାନ୍-ମାନଙ୍କର 'ଟ୍ରିନିଟି' ଭଳି । ଈଶ୍ୱର ହିଁ ପରଂବ୍ରହ୍ମ, ଏହି ନିର୍ବିଶେଷ ସତ୍ତାରେ ଆମେମାନେ ତାହାଙ୍କୁ ଅନୁଭବ କରିପାରୁ ନାହିଁ, କେବଳ 'ନେତି ନେତି' କହିପାରୁ ମାତ୍ର । ତଥାପି ଈଶ୍ୱରୀୟ ସତ୍ତାର ସାନ୍ନିଧ୍ୟସୂଚକ କେତୋଟି ଗୁଣ କିନ୍ତୁ ଆମେମାନେ ଧାରଣା କରିପାରୁ । ପ୍ରଥମତଃ ସତ୍ ବା ଅସ୍ତିତ୍ୱ, ଦ୍ୱିତୀୟତଃ ଚିତ୍ ବା ଜ୍ଞାନ, ତୃତୀୟତଃ ଆନନ୍ଦ—ଅନେକାଂଶରେ ଯେପରି ତୁମମାନଙ୍କର ପିତା, ପୁତ୍ର ଏବଂ ପବିତ୍ର ଆତ୍ମାର ଅନୁରୂପ । ପିତା ହେଉଛନ୍ତି ସତ୍-ସ୍ୱରୂପ, ଯେଉଁଥିରୁ ସବୁ କିଛିର ସୃଷ୍ଟି; ପୁତ୍ର ହେଉଛନ୍ତି ଚିତ୍-ସ୍ୱରୂପ, ଖ୍ରୀଷ୍ଟଙ୍କ ମଧ୍ୟରେ ଈଶ୍ୱରଙ୍କର ପ୍ରକାଶ । ଖ୍ରୀଷ୍ଟଙ୍କ ପୂର୍ବରୁ ମଧ୍ୟ ଈଶ୍ୱର ସର୍ବତ୍ର ଥିଲେ, ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଥିଲେ; କିନ୍ତୁ ଖ୍ରୀଷ୍ଟଙ୍କର ଆବିର୍ଭାବରେ ହିଁ ଆମେମାନେ ତାଙ୍କ ସମ୍ବନ୍ଧରେ ସଚେତନ ହୋଇ ପାରିଛୁ, ଏ ହେଉଛନ୍ତି ଈଶ୍ୱର । ତୃତୀୟ ହେଉଛି ଆନନ୍ଦ, ପବିତ୍ର ଆତ୍ମାର ଆବେଶ । ପୂର୍ବୋକ୍ତ ଜ୍ଞାନଲାଭ ସଙ୍ଗେ ସଙ୍ଗେ ହିଁ ମନୁଷ୍ୟ ଆନନ୍ଦର ଅଧିକାରୀ ହୁଏ । ଯେଉଁ ମୁହୂର୍ତ୍ତରେ ତୁମେ ଖ୍ରୀଷ୍ଟଙ୍କୁ ତୁମର ହୃଦୟରେ ବସାଇବ, ସେହି ମୁହୂର୍ତ୍ତରେ ତୁମର ପରମାନନ୍ଦ; ଆଉ ସେହିଥିରେ ହିଁ ହେବ ତିନିର ଏକତ୍ୱ-ସାଧନ ।

# ମହମ୍ମଦ

[ ସାନ୍ ଫ୍ରାନ୍‌ସିସ୍କୋର ବେ-ଅଞ୍ଚଳରେ ୧୯୦୦ ଖ୍ରୀ: ୨୫ ମାର୍ଚ୍ଚରେ ପ୍ରଦତ୍ତ ବକ୍ତୃତାର ସଂକ୍ଷିପ୍ତ ଅନୁଲିପିର ଅନୁବାଦ ]

କୃଷ୍ଣଙ୍କର ପ୍ରାଚୀନ ବାଣୀ—ବୁଦ୍ଧ, ଖ୍ରୀଷ୍ଟ ଓ ମହମ୍ମଦ—ଏହି ତିନି ମହାପୁରୁଷଙ୍କର ବାଣୀର ସମନ୍ୱୟ । ଏହି ତିନିଜଣଙ୍କର ପ୍ରତ୍ୟେକେ ହିଁ ଗୋଟିଏ ଗୋଟିଏ ମତ ପ୍ରବର୍ତ୍ତନ କରି ତାହା ଚୂଡ଼ାନ୍ତ ଭାବରେ ପ୍ରଚାର କରିଥିଲେ । କୃଷ୍ଣ ଏହି ମହାପୁରୁଷଙ୍କର ପୂର୍ବବର୍ତ୍ତୀ । ତଥାପି ଆମେମାନେ କହିପାରୁ, କୃଷ୍ଣ ପୁରାତନ ଭାବସମୂହ ଗ୍ରହଣ କରି ସେଗୁଡ଼ିକର ସମନ୍ୱୟ ସାଧନ କରିଛନ୍ତି, ଯଦିଓ ତାଙ୍କର ବାଣୀ ପ୍ରାଚୀନତମ । ବୌଦ୍ଧ ଧର୍ମର ପ୍ରଗଢ଼-ତରଙ୍ଗରେ ତାଙ୍କର ବାଣୀ ସାମୟିକଭାବରେ ନିମଜ୍ଜିତ ହୋଇଥିଲା । ଆଜି କୃଷ୍ଣଙ୍କର ବାଣୀ ହିଁ ଭାରତର ବିଶିଷ୍ଟ ବାଣୀ । ଆପଣମାନେ ଯଦି ଇଚ୍ଛା କରନ୍ତି, ଆଜି ସାୟାହ୍ନରେ ଆରବର ମହାପୁରୁଷ ମହମ୍ମଦଙ୍କର ବିଶେଷ କର୍ମଧାରା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିବି ।···

ମହମ୍ମଦ ଯୌବନରେ ଧର୍ମ ବିଷୟରେ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ ବୋଲି ମନେ ହୁଏ ନାହିଁ, ଅର୍ଥୋପାର୍ଜନରେ ହିଁ ତାଙ୍କର ଝୁଙ୍କ ଥିଲା । ସେ ସତ୍‌ସ୍ୱଭାବ ଓ ଅତିଶୟ ପ୍ରିୟଦର୍ଶନ ଯୁବକ ବୋଲି ପରିଗଣିତ ହେଉଥିଲେ । ଏକ ଧନୀ ବିଧବା ଏହି ଯୁବକଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କୁ ବିବାହ କଲେ । ପୃଥିବୀର ବିସ୍ତୃତ ଭୂଖଣ୍ଡ ଉପରେ ଯେତେବେଳେ ମହମ୍ମଦ ଆଧିପତ୍ୟ ଲାଭ କଲେ, ସେତେବେଳେ ରୋମ୍ ଓ ପାରସ୍ୟ ସାମ୍ରାଜ୍ୟ ତାଙ୍କ ଦ୍ୱାରା ପ୍ରଭାବିତ ହେଲା । ତାଙ୍କର ଏକାଧିକ ପତ୍ନୀ ଥିଲେ । ପତ୍ନୀମାନଙ୍କ ମଧ୍ୟରେ କିଏ ତାଙ୍କର ସର୍ବାପେକ୍ଷା ପ୍ରିୟ, ଜିଜ୍ଞାସିତ ହୋଇ ସେ ପ୍ରଥମା ସ୍ତ୍ରୀଙ୍କର କଥା ଉଲ୍ଲେଖ କରି କହିଲେ, 'ସେ କେବଳ ମୋତେ ପ୍ରଥମେ ବିଶ୍ୱାସ କରିଥିଲେ । ସ୍ତ୍ରୀଲୋକମାନଙ୍କର ମନ ବିଶ୍ୱାସପ୍ରବଣ ।··· ସ୍ୱାଧୀନତା ଲାଭ କର; ସବୁ କିଛି ଲାଭ କର, କିନ୍ତୁ ନାରୀଚରିତ୍ରର ଏହି ବୈଶିଷ୍ଟ୍ୟଟି ଯେପରି ନ ହରାଅ !'···

ପାପାଚରଣ, ପୌତ୍ତଳିକତା, ଉପାସନା ନାମରେ ଭଣ୍ଡାମି, କୁସଂସ୍କାର, ନରବଳି ପ୍ରଭୃତି ଦେଖି ମହମ୍ମଦଙ୍କର ହୃଦୟ ବ୍ୟଥିତ ହେଲା । ଖ୍ରୀଷ୍ଟାନମାନଙ୍କଦ୍ୱାରା ଇହୁଦୀମାନେ ଅବନମିତ ହୋଇଥିଲେ । ପକ୍ଷାନ୍ତରେ ଖ୍ରୀଷ୍ଟାନ୍‌ମାନେ ମହମ୍ମଦଙ୍କର ସ୍ୱଦେଶୀୟଗଣଙ୍କ ଅପେକ୍ଷା ଆହୁରି ଅଧଃପତିତ ହୋଇଥିଲେ ।

ଆମେମାନେ ସର୍ବଦା ହିଁ ତରତର ହେଉ, କିନ୍ତୁ ମହତ୍ କାର୍ଯ୍ୟ କରିବାକୁ ଗଲେ ବିରାଟ ପ୍ରସ୍ତୁତିର ପ୍ରୟୋଜନ ।··· ଦିବାରାତ୍ର ପ୍ରାର୍ଥନା ପରେ ମହମ୍ମଦ ସ୍ୱପ୍ନରେ ଅନେକ କିଛି ଦର୍ଶନ କରୁଥିଲେ । ଗାବ୍ରିଏଲ (Gabriel) ସ୍ୱପ୍ନରେ ଆବିର୍ଭୂତ ହୋଇ ମହମ୍ମଦଙ୍କୁ କହିଲେ ଯେ, ସେ ସତ୍ୟର ବାର୍ତ୍ତାବହ । ଦେବଦୂତ ତାଙ୍କୁ ଆହୁରି କହିଲେ—ଯୀଶୁ, ମୁଶା ଓ ଅନ୍ୟାନ୍ୟ ପ୍ରେରିତ ପୁରୁଷଗଣଙ୍କର ବାଣୀ ଲୁପ୍ତ ହୋଇଯିବ । ସେ ମହମ୍ମଦଙ୍କୁ ଧର୍ମପ୍ରଚାରର ଆଦେଶ କଲେ । ଖ୍ରୀଷ୍ଟାନ୍‌ମାନେ ଯୀଶୁଙ୍କ ନାମରେ ରାଜନୀତି ଏବଂ ପାରସିକମାନେ ଦ୍ୱୈତଭାବ ପ୍ରଚାର

କରୁଥିବାର ଦେଖି ମହମ୍ମଦ କହିଲେ, 'ଆମମାନଙ୍କର ଈଶ୍ୱର ଏକ । ଯାହା କିଛି ଅଛି, ସବୁର ପ୍ରଭୁ ସେ । ଈଶ୍ୱରଙ୍କ ସହିତ ଅନ୍ୟ କାହାରି ବି ତୁଳନା ହୁଏ ନାହିଁ ।'

ଈଶ୍ୱର ହିଁ ଈଶ୍ୱର । ଏଠାରେ କୌଣସି ଦାର୍ଶନିକତା ବା ନୀତିଶାସ୍ତ୍ରର ଜଟିଳ ତତ୍ତ୍ୱ ନାହିଁ । 'ଆମମାନଙ୍କର ଆଲ୍ଲା ଏକ ଅଦ୍ୱିତୀୟ ଏବଂ ମହମ୍ମଦ ହିଁ ତାଙ୍କର ରସୁଲ'—ମକ୍‌କାର ରାସ୍ତାରେ ରାସ୍ତାରେ ମହମ୍ମଦ ଏହା ପ୍ରଚାର କରିବାକୁ ଲାଗିଲେ ।··· ମକ୍‌କାର ଲୋକେ ତାହାଙ୍କୁ ନିର୍ଯାତନ କରୁଥାଆନ୍ତି, ସେତେବେଳେ ସେ ମଦିନା ସହରକୁ ପଳାଇଗଲେ । ସେ ଯୁଦ୍ଧ କରିବାକୁ ଲାଗିଲେ, ଏବଂ ସମଗ୍ର ଆରବଜାତି ଐକ୍ୟବଦ୍ଧ ହେଲ । ଆଲ୍ଲାଙ୍କ ନାମରେ ମହମ୍ମଦଙ୍କର ଧର୍ମ-ଜଗତ୍ ପ୍ଲାବିତ ହେଲ । କି ପ୍ରଚଣ୍ଡ ବିଜୟୀ ଶକ୍ତି !···

ଆପଣମାନଙ୍କର ଭାବସମୂହ ଖୁବ୍ କଠୋର, ଏବଂ ଆପଣମାନେ କୁସଂସ୍କାର ଓ ମତାନ୍ଧତାର ଅତ୍ୟନ୍ତ ବଶବର୍ତ୍ତୀ ! ଏହି ବାର୍ତ୍ତାବହଗଣ ନିଶ୍ଚୟ ଈଶ୍ୱରଙ୍କ ନିକଟରୁ ଆସନ୍ତି, ନଚେତ୍ ବା ସେମାନେ କି ଭାବରେ ଏତେ ମହାନ୍ ହୋଇପାରିଥିଲେ ? ଆପଣମାନେ ପ୍ରତିଟି ତ୍ରୁଟି-ବିଚ୍ୟୁତି ଲକ୍ଷ୍ୟ କରିଥାଆନ୍ତି । ଆମମାନଙ୍କର ପ୍ରତ୍ୟେକଙ୍କର ହିଁ ଦୋଷ-ତ୍ରୁଟି ଅଛି । କାହାର ନାହିଁ ? ଇହୁଦୀମାନଙ୍କର ଅନେକ ଦୋଷ ମୁଁ ଦେଖାଇ ଦେଇପାରେ । ଦୁର୍ଜନମାନେ ସର୍ବଦା ହିଁ ଦୋଷ-ତ୍ରୁଟି ଖୋଜନ୍ତି ।··· ମାଛି କ୍ଷତ ଅନ୍ୱେଷଣ କରେ, ଆଉ ମଧୁମକ୍ଷିକା କେବଳ ଫୁଲର ମଧୁ ପାଇଁ ଆସେ । ମକ୍ଷିକାବୃତ୍ତି ଅନୁସରଣ କରିବେ ନାହିଁ । ମଧୁମକ୍ଷିକାର ପଥ ଧରନ୍ତୁ ।···

ପରବର୍ତ୍ତୀ ଜୀବନରେ ମହମ୍ମଦ ଅନେକ ପତ୍ନୀ ଗ୍ରହଣ କରିଥିଲେ । ମହାପୁରୁଷମାନେ ପ୍ରତ୍ୟେକେ ଦୁଇଶତ ପତ୍ନୀ ଗ୍ରହଣ କରିପାରନ୍ତି । ଆପଣମାନଙ୍କ ଭଳି 'ଦୈତ୍ୟ'ଙ୍କୁ ଏକ ପତ୍ନୀ ଗ୍ରହଣ କରିବାକୁ ମଧ୍ୟ ମୁଁ ଅନୁମତି ଦେବି ନାହିଁ । ମହାପୁରୁଷମାନଙ୍କର ଚରିତ୍ର ରହସ୍ୟାବୃତ । ସେମାନଙ୍କର କାର୍ଯ୍ୟଧାରା ଦୁର୍ଜ୍ଞେୟ । ସେମାନଙ୍କର ବିଚାର କରିବାକୁ ଯିବା ଆମମାନଙ୍କର ଅନୁଚିତ । ଖ୍ରୀଷ୍ଟ ବିଚାର କରିପାରନ୍ତି ମହମ୍ମଦଙ୍କୁ । ଆପଣ, ମୁଁ କିଏ ?—ଶିଶୁ ମାତ୍ର । ଏହି ସମସ୍ତ ମହାପୁରୁଷଙ୍କୁ ଆମେମାନେ କ'ଣ ବୁଝିବା ?

ମହମ୍ମଦଙ୍କର ଧର୍ମ ଆବିର୍ଭୂତ ହୁଏ ଜନସାଧାରଣଙ୍କ ପାଇଁ ବାର୍ତ୍ତା ରୂପରେ ।··· ତାଙ୍କର ପ୍ରଥମ ବାଣୀ ଥିଲ—'ସାମ୍ୟ' ।··· ଏକମାତ୍ର ଧର୍ମ ଅଛି—ତାହା ପ୍ରେମ । ଜାତି, ବର୍ଣ୍ଣ ବା ଅନ୍ୟ କିଛିର ପ୍ରଶ୍ନ ନାହିଁ । ଏହି ସାମ୍ୟ ଭାବରେ ଯୋଗ ଦିଅ ! ସେହି କାର୍ଯ୍ୟରେ ପରିଣତ 'ସାମ୍ୟ' ହିଁ ଜୟଯୁକ୍ତ ହେଲ ।··· ସେହି ମହତ୍ତ୍ୱ ବାଣୀ ଥିଲ ଖୁବ୍ ସହଜ ସରଳ: ସ୍ୱର୍ଗ ଓ ମର୍ତ୍ତ୍ୟର ସ୍ରଷ୍ଟା ଏକ ଈଶ୍ୱରଙ୍କଠାରେ ବିଶ୍ୱାସୀ ହୁଅ । ଶୂନ୍ୟରୁ ସେ ସବୁ କିଛି ହିଁ ସୃଷ୍ଟି କରିଛନ୍ତି । କୌଣସି ପ୍ରଶ୍ନ ପଚାର ନାହିଁ ।···

ମସଜିଦ୍‌ଗୁଡ଼ିକ ପ୍ରୋଟେଷ୍ଟାଣ୍ଟ ଗୀର୍ଜା ଭଳି,··· ସଙ୍ଗୀତ, ଚିତ୍ର ଓ ପ୍ରତିକୃତି ଏଠାରେ ନିଷିଦ୍ଧ । ଗୋଟିଏ କୋଣରେ ଗୋଟିଏ ବେଦୀ; ତାହା ଉପରେ କୋରାନ୍ ରକ୍ଷିତ ହୁଏ । ସମସ୍ତେ ଧାଡ଼ିବାନ୍ଧି ଛିଡ଼ା ହୁଅନ୍ତି । କୌଣସି ପୁରୋହିତ, ଯାଜକ ବା ବିଶପ୍ ନାହାନ୍ତି ।··· ଯିଏ ନମାଜ ପଢ଼ନ୍ତି, ସେ ମଧ୍ୟ ଶ୍ରୋତୃମଣ୍ଡଳୀର ଏକ ପାର୍ଶ୍ୱରେ ଛିଡ଼ା ହେବେ । ଏହି

ବ୍ୟବସ୍ଥାର କେତେକାଂଶ ସୁନ୍ଦର ।...

ଏହି ପ୍ରାଚୀନ ମହାପୁରୁଷମାନେ ସମସ୍ତେ ହିଁ ଥିଲେ ଈଶ୍ୱରଙ୍କର ଦୂତ । ମୁଁ ନତଜାନୁ ହୋଇ ସେମାନଙ୍କର ପୂଜା କରେ, ସେମାନଙ୍କର ପଦଧୂଳି ଗ୍ରହଣ କରେ । କିନ୍ତୁ ସେମାନେ ମୃତ ।... ଆଉ ଆମେମାନେ ଜୀବିତ । ଆମମାନଙ୍କୁ ଆଗେଇ ଯିବାକୁ ହେବ ।... ଯୀଶୁ ଅଥବା ମହମ୍ମଦଙ୍କର ଅନୁକରଣ କରିବା ଧର୍ମ ନୁହେଁ । ଅନୁକରଣ ଭଲ ହେଲେ ମଧ୍ୟ ତାହା କଦାପି ହେଲେ ଖାଣ୍ଟି ନୁହେଁ । ଯୀଶୁଙ୍କର ଅନୁକରଣକାରୀ ହେବେ ନାହିଁ, କିନ୍ତୁ ଯୀଶୁ ହୁଅନ୍ତୁ । ଆପଣମାନେ ଯୀଶୁ, ବୁଦ୍ଧ ଅଥବା ଅନ୍ୟ ଯେକୌଣସି ମହାପୁରୁଷଙ୍କ ଭଳି ମହାନ୍ । ଆମେମାନେ ଯଦି ସେମାନଙ୍କ ପରି ନ ହେଉ, ତେବେ ଚେଷ୍ଟା କରି ଆମମାନଙ୍କୁ ସେହିପରି ହେବାକୁ ହେବ । ମୁଁ ଠିକ୍ ଠିକ୍ ଯୀଶୁଙ୍କ ଭଳି ବି ନ ହୋଇପାରେ । ଇହୁଦୀ ହୋଇ ଜନ୍ମ ଗ୍ରହଣ କରିବାର ପ୍ରୟୋଜନ ମଧ୍ୟ ମୋର ନାହିଁ ।...

ନିଜ ନିଜ ପ୍ରକୃତି ନିକଟରେ ଖାଣ୍ଟି ହେବା ସର୍ବାପେକ୍ଷା ଶ୍ରେଷ୍ଠ ଧର୍ମ । ନିଜ ଉପରେ ବିଶ୍ୱାସ ରଖନ୍ତୁ । ଯଦି ଆପଣଙ୍କର ନିଜର ଅସ୍ତିତ୍ୱ ନ ଥାଏ, ତେବେ ଈଶ୍ୱର ଅଥବା ଅନ୍ୟ କାହାର ଅସ୍ତିତ୍ୱ ବା କିପରି ରହିବ ? ଯେଉଁଠାରେ ଥାଆନ୍ତୁ, ଏହି ମନ ହିଁ ଅସୀମ ଅନନ୍ତ ଈଶ୍ୱରଙ୍କୁ ଅନୁଭବ କରେ । ଈଶ୍ୱରଙ୍କୁ ମୁଁ ଅନୁଭବ କରେ । ତେଣୁ ସେ ଅଛନ୍ତି । ମୁଁ ଯଦି ଈଶ୍ୱରଙ୍କୁ ଚିନ୍ତା କରି ନ ପାରେ, ତେବେ ମୋ ପାଖରେ ତାଙ୍କର ଅସ୍ତିତ୍ୱ ନାହିଁ । ଏହା ହିଁ ମାନବ-ପ୍ରକୃତିର ବିରାଟ ଜୟଯାତ୍ରା ।

ଏହି ମହାପୁରୁଷମାନେ ମଣିଷର ଅଗ୍ରଗତିର ମାଇଲଖୁଣ୍ଟି । ଏହା ହିଁ ସେମାନଙ୍କର ଏକମାତ୍ର ପରିଚୟ । ସେମାନେ କହନ୍ତି, 'ଭ୍ରାତୃଗଣ, ଆଗେଇ ଯାଅ' । ଆଉ ଆମେମାନେ ସେମାନଙ୍କୁ କୁଣ୍ଢେଇ ଧରି ଥାଉ; ହଲିବାକୁ ଗ୍ଚହୁଁ ନାହିଁ । ଆମେମାନେ ଚିନ୍ତା କରିବାକୁ ଗ୍ଚହୁଁ ନାହିଁ, ଆମେମାନେ ଗ୍ଚହୁଁ ଅନ୍ୟମାନେ ଆମମାନଙ୍କ ପାଇଁ ଚିନ୍ତା କରନ୍ତୁ । ଈଶ-ଦୂତମାନେ ସେମାନଙ୍କର ବ୍ରତ ଉଦ୍‌ଯାପନ କରନ୍ତି । ପୂର୍ଣ୍ଣୋଦ୍ୟମରେ କର୍ମପଥରେ ଗ୍ଚଲିବା ପାଇଁ ସେମାନେ ଆମମାନଙ୍କୁ ଉପଦେଶ ଦିଅନ୍ତି । ଶହେ ବର୍ଷ ପରେ ସେମାନଙ୍କର ବାଣୀକୁ ଆମେମାନେ କୁଣ୍ଢେଇଧରୁ ଏବଂ ନିଶ୍ଚିନ୍ତରେ ନିଦ୍ରା ଯାଉ ।

ଧର୍ମ, ବିଶ୍ୱାସ ଓ ମତବାଦ ସମ୍ବନ୍ଧରେ କଥା କହିବା ସହଜ; କିନ୍ତୁ ଚରିତ୍ର-ଗଠନ ଓ ଇନ୍ଦ୍ରିୟସଂଯମ ଖୁବ୍ କଠିନ । ଏ ବିଷୟରେ ଆମେମାନେ ପରାଭୂତ ହେଉ, କପଟୀ ହୋଇ-ପଡ଼ୁ ।...

ଧର୍ମ କୌଣସି ମତବାଦ ନୁହେଁ, କେତେଗୁଡ଼ିଏ ନିୟମ ମଧ୍ୟ ନୁହେଁ । ଧର୍ମ ଗୋଟିଏ ପ୍ରକ୍ରିୟା—ମତବାଦ ଓ ନିୟମଗୁଡ଼ିକର ଅନୁଶୀଳନ ପାଇଁ ଆବଶ୍ୟକ । ସେହି ଅନୁଶୀଳନଦ୍ୱାରା ଆମେମାନେ ଶକ୍ତି ସଞ୍ଚୟ କରୁ ଏବଂ ଅବଶେଷରେ ବନ୍ଧନ ଛିନ୍ନ କରି ମୁକ୍ତ ହେଉ । ମତବାଦ ବ୍ୟାୟାମବିଶେଷ—ଏହାଛଡ଼ା ତାହାର ଅନ୍ୟ କୌଣସି ଉପକାରିତା ନାହିଁ ।... ଅନୁଶୀଳନଦ୍ୱାରା ଆତ୍ମା ପୂର୍ଣ୍ଣତ୍ୱପ୍ରାପ୍ତ ହୁଏ । ଯେତେବେଳେ ଆପଣ କହିପାରନ୍ତି, 'ମୁଁ ବିଶ୍ୱାସ କରେ'—ସେତେବେଳେ ହିଁ ସେହି ଅନୁଶୀଳନର ପରିସମାପ୍ତି ।...

'ଯେତେବେଳେ ହିଁ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ ହୁଏ, ସେତେବେଳେ ହିଁ ମୁଁ ମନୁଷ୍ୟ-ଦେହ ଧାରଣ କରେ । ସାଧୁମାନଙ୍କର ପରିତ୍ରାଣ, ଦୁଷ୍କୃତକାରୀମାନଙ୍କର ବିନାଶ ଓ ଧର୍ମସଂସ୍ଥାପନା ପାଇଁ ମୁଁ ଯୁଗେ ଯୁଗେ ଅବତୀର୍ଣ୍ଣ ହୁଏ ।'*

ଜ୍ଞାନାଲୋକର ମହାନ ବାର୍ତ୍ତାବହଗଣଙ୍କର ଏହା ହିଁ ପରିଚୟ । ସେମାନେ ଆମମାନଙ୍କର ମହାନ୍ ଆଚାର୍ଯ୍ୟ, ଆମମାନଙ୍କର ଜ୍ୟେଷ୍ଠଭ୍ରାତା; କିନ୍ତୁ ଆମମାନଙ୍କୁ ନିଜ ନିଜ ପଥରେ ଚାଲିବାକୁ ହେବ ।

## ପଓହାରୀ ବାବା

[ ମାନ୍ଦ୍ରାଜରୁ ପ୍ରକାଶିତ ଇଂରାଜୀ ପତ୍ରିକା 'ବ୍ରହ୍ମବାଦିନ୍' ପାଇଁ ଲିଖିତ, ୧୮୯୯ ]

୧

'ତାପିତ ଜଗତକୁ ସାହାଯ୍ୟ କରିବା ହିଁ ସର୍ବଶ୍ରେଷ୍ଠ କର୍ମ'—ଭଗବାନ ବୁଦ୍ଧ ଧର୍ମର ଅନ୍ୟାନ୍ୟ ପ୍ରାୟ ସକଳ ଭାବକୁ ସେହି ସମୟ ପାଇଁ ବାଦ୍ ଦେଇ ଏହି ଭାବଟିକୁ ପ୍ରାଧାନ୍ୟ ଦେଇ ଯାଇଛନ୍ତି; ସ୍ୱାର୍ଥପୂର୍ଣ୍ଣ 'ମୁଁ'ତ୍ୱରେ ଆସକ୍ତି ଯେ ସମ୍ପୂର୍ଣ୍ଣ ଭ୍ରମ ମାତ୍ର, ଏହା ଉପଲବ୍ଧି କରିବା ଲାଗି ତାଙ୍କୁ ମଧ୍ୟ ଅନେକ ବର୍ଷ ଆତ୍ମାନୁସନ୍ଧାନରେ କଟାଇବାକୁ ହୋଇଥିଲା । ଆମର ଉଚ୍ଚତମ କଳ୍ପନାକୁ ବୁଦ୍ଧଦେବଙ୍କ ଅପେକ୍ଷା ନିଃସ୍ୱାର୍ଥ ଓ ଅଶ୍ରାନ୍ତ କର୍ମୀଙ୍କର ଧାରଣା କରିବା ଲାଗି ଅକ୍ଷମ; ତଥାପି ସମୁଦାୟ ବିଷୟର ରହସ୍ୟ ବୁଝିବା ପାଇଁ ତାଙ୍କୁ ଯେଉଁ ପ୍ରକାର ପ୍ରବଳ ସଂଗ୍ରାମ କରିବାକୁ ହୋଇଥିଲା, ଅନ୍ୟ କାହାଠାରେ ସେପରି କ'ଣ ଦେଖାଯାଏ ? ଏ କଥା ସବୁ ସମୟରେ ସତ୍ୟ ଯେ, କାର୍ଯ୍ୟ ଯେଉଁ ପରିମାଣରେ ମହତ୍ତର, ସେହି ପରିମାଣରେ ତା' ପଛରେ ଅପରୋକ୍ଷାନୁଭୂତି-ଶକ୍ତି ନିହିତ । ପୂର୍ବରୁ ପ୍ରସ୍ତୁତ ଗୋଟିଏ ସୁଚିନ୍ତିତ କାର୍ଯ୍ୟପ୍ରଣାଳୀର ପ୍ରତ୍ୟେକ ଖିଣ୍ଟିନାଟିକୁ କାର୍ଯ୍ୟରେ ପରିଣତ କରିବା ଲାଗି ଅଧିକ ଏକାଗ୍ର ଚିନ୍ତାଶକ୍ତିର ପ୍ରୟୋଜନ ନ ହୋଇପାରେ; କିନ୍ତୁ ପ୍ରବଳ ଶକ୍ତି ଗଭୀର ମନଃସଂଯୋଗର ହିଁ ପରିଣାମ ମାତ୍ର । ସାମାନ୍ୟ ଚେଷ୍ଟା ଲାଗି ହୁଏତ କେବଳ ମତବାଦ ପର୍ଯ୍ୟାପ୍ତ ହୋଇପାରେ; କିନ୍ତୁ ଯେଉଁ କ୍ଷୁଦ୍ର ବେଗଦ୍ୱାରା କ୍ଷୁଦ୍ର ଲହରୀର ଉତ୍ପତ୍ତି ହୁଏ, ତାହା ଅବଶ୍ୟ ପ୍ରବଳ ଊର୍ମିର ଜନକ ତୀବ୍ର ବେଗଠାରୁ ନିଶ୍ଚୟ ଖୁବ୍ ପୃଥକ୍ । ତା' ହେଲେ ମଧ୍ୟ ସେହି କ୍ଷୁଦ୍ର ଲହରୀଟି ପ୍ରବଳ ଊର୍ମି-ଉତ୍ପାଦନକାରୀ ଶକ୍ତିର ଏକ କ୍ଷୁଦ୍ର ଅଂଶର ବିକାଶ ମାତ୍ର ।

ମନ ନିମ୍ନତର କର୍ମଭୂମିରେ ପ୍ରବଳ କର୍ମତରଙ୍ଗ ଉତ୍ଥାପିତ କରିବାକୁ ସମର୍ଥ ହେବା ପୂର୍ବରୁ ତାକୁ ତଥ୍ୟସମୂହ—ନଗ୍ନ ସତ୍ୟସମୂହର ନିକଟରେ ପହଞ୍ଚିବାକୁ ହେବ, ଯେଉଁଗୁଡ଼ିକ ଯେତେ କଠୋର ଓ ବିଭୀଷିକାପ୍ରଦ ହେଉ ପଛେ; ସତ୍ୟକୁ—ଖାଣ୍ଟି ସତ୍ୟକୁ (ଯଦିଓ ତାହାର ତୀବ୍ର

* ଗୀତା, ୪।୭-୮

ସ୍ପନ୍ଦନ ହୃଦୟର ପ୍ରତ୍ୟେକ ତନ୍ତ୍ରୀକୁ ଛିନ୍ନ କରିଦେଇପାରେ) ଲାଭ କରିବାକୁ ହେବ ଏବଂ ନିଃସ୍ୱାର୍ଥ ଓ ଅକପଟ ପ୍ରେରଣା (ଯଦିଓ ଏହା ଲାଭ କରିବା ଲାଗି ଗୋଟିକ ପରେ ଗୋଟିଏ କରି ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ କାଟିଦେବାକୁ ପଡ଼ିପାରେ) ଉପାର୍ଜନ କରିବାକୁ ହେବ । ସୂକ୍ଷ୍ମବସ୍ତୁ କାଳଚକ୍ରରେ ପ୍ରବାହିତ ହେଉ ହେଉ ବ୍ୟକ୍ତଭାବ ଧାରଣ କରିବା ଲାଗି ଏହାର ଚତୁର୍ଦ୍ଦିଗରେ ସ୍ଥୂଳବସ୍ତୁସମୂହକୁ ଏକତ୍ର କରିଥାଏ; ଅଦୃଶ୍ୟ—ଦୃଶ୍ୟର ଆକାର ଧାରଣ କରେ; ସମ୍ଭବ—ବାସ୍ତବରେ, କାରଣ—କାର୍ଯ୍ୟରେ ଏବଂ ଚିନ୍ତା—ପ୍ରତ୍ୟକ୍ଷ କର୍ମରେ ପରିଣତ ହୁଏ ।

ବର୍ତ୍ତମାନ ସହସ୍ର ସହସ୍ର ଘଟଣା, ଯାହା କାରଣକୁ କାର୍ଯ୍ୟ ରୂପରେ ପରିଣତ ହେବାକୁ ଦେଉ ନାହିଁ, ତାହା ଶୀଘ୍ର ହେଉ ବା ବିଲମ୍ବରେ ହେଉ କାର୍ଯ୍ୟରୂପରେ ପ୍ରକାଶିତ ହେବ; ବର୍ତ୍ତମାନ ଯେତେ ଶକ୍ତିହୀନ ହେଉ ନା କାହିଁକି, ଜଡ଼ଜଗତରେ ଶକ୍ତିଶାଳୀ ଚିନ୍ତାର ଗୌରବର ଦିନ ଆସିବ । ଯେଉଁ ଆଦର୍ଶ ଇନ୍ଦ୍ରିୟସୁଖପ୍ରଦାନର ସାମର୍ଥ୍ୟ ଅନୁସାରେ ସକଳ ବସ୍ତୁର ଗୁଣାଗୁଣ ବିଚାର କରେ, ସେହି ଆଦର୍ଶ ଆଦୌ ଠିକ୍ ନୁହେଁ ।

ଯେଉଁ ପ୍ରାଣୀ ଯେତେ ନିମ୍ନସ୍ତରର, ସେ ଇନ୍ଦ୍ରିୟସୁଖ ସେତେ ଅଧିକ ଅନୁଭବ କରେ; ସେ ସେତେ ଅଧିକ ପରିମାଣରେ ଇନ୍ଦ୍ରିୟରାଜ୍ୟରେ ବାସ କରେ । ଇନ୍ଦ୍ରିୟ-ସୁଖ ପରିବର୍ତ୍ତରେ ଉଚ୍ଚତର ରାଜ୍ୟର ଦୃଶ୍ୟ ଦେଖାଇ ଓ ସେଠାକାର ସୁଖ ଆସ୍ୱାଦନ କରାଇ ପଶୁଭାବାପନ୍ନ ମାନବକୁ ଅତୀନ୍ଦ୍ରିୟ ରାଜ୍ୟକୁ ନେଇଯିବାର ଶକ୍ତିକୁ ଯଥାର୍ଥ ସଭ୍ୟତା ବୋଲି ବୁଝିବା ଉଚିତ ।

ମାନବ ସହଜାତ ପ୍ରବୃତ୍ତି ଅନୁଯାୟୀ ଏହା ଜାଣେ । ସକଳ ଅବସ୍ଥାରେ ସେ ଏହା ସ୍ପଷ୍ଟ ଭାବରେ ନିଜେ ହୁଏତ ବୁଝି ନ ପାରେ । ଭାବମୟ ଜୀବନ ସମ୍ପର୍କରେ ତାହାର ହୁଏତ ଭିନ୍ନ ମତ ଥାଇପାରେ, କିନ୍ତୁ ଏସବୁ ସତ୍ତ୍ୱେ ତା'ର ପ୍ରାଣର ଏହି ସ୍ୱାଭାବିକ ଭାବ ଲୁପ୍ତ ହୁଏ ନାହିଁ, ତାହା ସର୍ବଦା ହିଁ ଆତ୍ମପ୍ରକାଶ ପାଇଁ ଚେଷ୍ଟା କରେ—ସେଥିଲାଗି ସେ ବାଜିକର, ବୈଦ୍ୟ, ଐନ୍ଦ୍ରଜାଲିକ, ପୁରୋହିତ ଅଥବା ବିଜ୍ଞାନର ଅଧ୍ୟାପକଙ୍କୁ ସମ୍ମାନ ନ କରି ରହିପାରେ ନାହିଁ । ମାନବ ଯେଉଁ ପରିମାଣରେ ଇନ୍ଦ୍ରିୟରାଜ୍ୟ ଛାଡ଼ି ଉଚ୍ଚଭୂମିରେ ବାସ କରିବାର ଶକ୍ତି ଲାଭ କରେ, ତାହାର ଫୁସ୍‌ଫୁସ୍ ଯେଉଁ ପରିମାଣରେ ବିଶୁଦ୍ଧ ଭାବ ଗ୍ରହଣ କରିପାରେ ଏବଂ ଯେତେ ସମୟ ସେ ସେହି ଉଚ୍ଚାବସ୍ଥାରେ ରହିପାରେ, ତାହା ଦ୍ୱାରା ହିଁ ତା'ର ଉନ୍ନତିର ପରିମାପ ହୁଏ ।

ସଂସାରରେ ଏହା ଦେଖାଯାଏ ଏବଂ ସ୍ପଷ୍ଟ ଭାବରେ ପ୍ରତୀୟମାନ ହୁଏ ଯେ, ଉନ୍ନତ ମାନବଗଣ ଜୀବନଧାରଣ ପାଇଁ ନିହାତି ଯେତିକି ଆବଶ୍ୟକ, ସେତିକି ବ୍ୟତୀତ ତଥାକଥିତ ଆରାମ ପାଇଁ ସମୟ ବ୍ୟୟ କରିବାକୁ ସମ୍ପୂର୍ଣ୍ଣ ଅନିଚ୍ଛୁକ । ପୁଣି ଯେତେ ସେମାନେ ଉନ୍ନତ ହୁଅନ୍ତି, ସେତିକି ନିତାନ୍ତ ଆବଶ୍ୟକୀୟ କାର୍ଯ୍ୟସମୂହରେ ସେମାନଙ୍କର ଉତ୍ସାହ କମିକମି ଆସେ ।

ଭାବ ଓ ଆଦର୍ଶ ଅନୁସାରେ ମନୁଷ୍ୟର ବିଳାସର ଧାରଣା ପର୍ଯ୍ୟନ୍ତ ପରିବର୍ତ୍ତିତ ହୋଇଯାଏ । ମନୁଷ୍ୟ ଚେଷ୍ଟା କରେ, ସେ ଯେଉଁ ଚିନ୍ତା-ଜଗତରେ ବିଚରଣ କରୁଛି, ତା'ର ବିଳାସର ବସ୍ତୁଗୁଡ଼ିକ ଯେପରି ଯଥାସମ୍ଭବ ତଦନୁଯାୟୀ ହୁଏ ଏବଂ ଏହା ହିଁ କଳା ବା

କୌଶଳ ।

'ଯେପରି ଏକ ଅଗ୍ନି ଜଗତରେ ପ୍ରବିଷ୍ଟ ହୋଇ ନାନାରୂପରେ ପ୍ରକାଶ ପାଉଛି, ଅଥଚ ଯେଉଁ ନିଜକୁ ବ୍ୟକ୍ତ ହୋଇଛି, ତାହାଠାରୁ ଏହା ଅନେକ ବେଶୀ ।'*—ଠିକ୍ କଥା, ଅନନ୍ତ ଗୁଣରେ ଅଧିକ । ଏକ କଣା—ସେହି ଅନନ୍ତ ଜ୍ଞାନର ଏକ କଣିକା ମାତ୍ର ଆମର ସୁଖ ବିଧାନ ଲାଗି ଜଡ଼ରାଜ୍ୟରେ ଅବତରଣ କରିପାରେ, ତାହାର ଅବଶିଷ୍ଟ ଭାଗକୁ ଜଡ଼ ଭିତରକୁ ଟାଣି ଆଣି ଆମର ସ୍ଥୂଳ କଠିନ ହସ୍ତରେ ଏହିରୂପେ ହଲଚଲ କରାଯାଇ ନ ପାରେ । ସେହି ପରମ ସୂକ୍ଷ୍ମ ପଦାର୍ଥ ସର୍ବଦା ଆମର ଦୃଷ୍ଟିକ୍ଷେତ୍ରରୁ ପଳାଇ ଯାଉଛି ଏବଂ ଏହାକୁ ଆମ ସ୍ତରକୁ ଖସାଇ ଆଣିବାର ଚେଷ୍ଟାକୁ ଉପହାସ କରୁଛି । ଏ କ୍ଷେତ୍ରରେ ମହମ୍ମଦଙ୍କୁ ପର୍ବତ ନିକଟକୁ ଯିବାକୁ ହେବ—'ନା' କହିବାର ଉପାୟ ନାହିଁ । ମାନବ ଯଦି ସେହି ଉଚ୍ଚତର ରାଜ୍ୟର ସୌନ୍ଦର୍ଯ୍ୟରାଶି ସମ୍ଭୋଗ କରିବାକୁ ଚାହେଁ, ଯଦି ସେ ଏହାର ବିମଳ ଆଲୋକରେ ଅବଗାହନ କରିବାକୁ ଇଚ୍ଛା କରେ, ଯଦି ସେ ନିଜର ଜୀବନକୁ ସେହି ଜଗତ୍କାରଣ ସହିତ ଏକ ଛନ୍ଦରେ ସ୍ପନ୍ଦିତ ଦେଖିବାକୁ ଚାହେଁ, ତେବେ ତାହାକୁ ସେହି ସ୍ତରକୁ ଉଠିବାକୁ ହେବ ।

ଜ୍ଞାନ ହିଁ ବିସ୍ମୟରାଜ୍ୟର ଦ୍ୱାର ଖୋଲିଦିଏ, ଜ୍ଞାନ ପଶୁକୁ ଦେବତା କରେ; ଯେଉଁ ଜ୍ଞାନ ଆମକୁ ସେହି ବସ୍ତୁ ନିକଟକୁ ନେଇଯାଏ, ଯାହାଙ୍କୁ ଜାଣିଲେ ଆଉସବୁ କଥା ଜଣାଯାଏ**, ଯାହା ସକଳ ଜ୍ଞାନର କେନ୍ଦ୍ରସ୍ୱରୂପ, ଯାହାର ସ୍ପନ୍ଦନରେ ସମୁଦାୟ ବିଜ୍ଞାନ ଜୀବନ୍ତ ହୋଇଉଠେ—ସେହି ଧର୍ମବିଜ୍ଞାନ ନିଶ୍ଚିତ ସର୍ବଶ୍ରେଷ୍ଠ, କାରଣ ତାହା ହିଁ କେବଳ ମାନବକୁ ସମ୍ପୂର୍ଣ୍ଣ ଧ୍ୟାନମୟ ଜୀବନଯାପନ ଲାଗି ସମର୍ଥ କରେ । ଧନ୍ୟ ସେହି ଦେଶ, ଯାହା ତାହାକୁ 'ପରାବିଦ୍ୟା' ନାମରେ ଅଭିହିତ କରିଅଛି !

କର୍ମଜୀବନରେ ତତ୍ତ୍ୱକୁ ସମ୍ପୂର୍ଣ୍ଣରୂପେ ପ୍ରକାଶିତ ହେବା ପ୍ରାୟ ଦେଖାଯାଏ ନାହିଁ, କିନ୍ତୁ ତଥାପି ଆଦର୍ଶଟି ଏପର୍ଯ୍ୟନ୍ତ ନଷ୍ଟ ହୋଇ ନାହିଁ । ଗୋଟିଏ ଦିଗରେ ଆମର କର୍ତ୍ତବ୍ୟ ଏହି ଯେ, ଆମେମାନେ ଆମର ଆଦର୍ଶ ଦିଗରେ ସୁନିର୍ଦ୍ଦିଷ୍ଟ ପଦକ୍ଷେପରେ ଅଗ୍ରସର ହେଉ କିମ୍ବା ଅତି ଧୀରେ ଧୀରେ ଅନନୁଭବ୍ୟ ଗତିରେ ଅଗ୍ରସର ହେଉ, ଆମେ ଯେପରି ଏହା କଦାପି ବିସ୍ମୃତ ନ ହେଉ । ପୁଣି ଅପର ଦିଗରେ ଦେଖାଯାଏ ଯେ, ଯଦିଓ ଆମେମାନେ ଆମର ଆଖିରେ ହାତ ଦେଇ ସତ୍ୟର ଜ୍ୟୋତିକୁ ଢାଙ୍କିରଖିବା ପାଇଁ ଯଥାସାଧ୍ୟ ଚେଷ୍ଟା କରୁ, ତଥାପି ସେହି ଆଦର୍ଶ ସର୍ବଦା ଆମ ସମ୍ମୁଖରେ ସ୍ପଷ୍ଟଭାବରେ ବିଦ୍ୟମାନ ରହିଛି ।

ଆଦର୍ଶ ହିଁ କର୍ମଜୀବନର ପ୍ରାଣ । ଆମେମାନେ ଦାର୍ଶନିକ ବିଚାର କରୁ ଅଥବା ପ୍ରାତ୍ୟହିକ ଜୀବନର କଠୋର କର୍ତ୍ତବ୍ୟ ସମ୍ପନ୍ନ କରିଯାଉ, ଆଦର୍ଶ ହିଁ ଆମର ସମଗ୍ର ଜୀବନକୁ ଆଚ୍ଛନ୍ନ କରି ରଖିଛି । ଆଦର୍ଶର ରଶ୍ମି ନାନା ସରଳ ବା ବକ୍ରରେଖାରେ ପ୍ରତିବିମ୍ବିତ ଓ ପରିବର୍ତ୍ତିତ (refracted) ହୋଇ ଆମର ଜୀବନ-ଗୃହର ପ୍ରତି ଗବାକ୍ଷ ପଥରେ ଆସୁଛି, ପୁଣି ଜ୍ଞାତସାରରେ ବା ଅଜ୍ଞାତସାରରେ ଏହାର ଆଲୋକରେ ଆମକୁ ପ୍ରତ୍ୟେକ କାର୍ଯ୍ୟ

---

* କଠୋପନିଷଦ୍, ୨।୨।୯

** ମୁଣ୍ଡକୋପନିଷଦ, ୧।୧।୩

କରିବାକୁ ହୁଏ, ପ୍ରତ୍ୟେକ ବସ୍ତୁ ଏହାଦ୍ୱାରା ପରିବର୍ତ୍ତିତ ଓ ସୁରୂପ ବା କୁରୂପ ଭାବରେ ଦେଖାଯାଏ । ଆମେମାନେ ବର୍ତ୍ତମାନ ଯାହା, ଆମର ଆଦର୍ଶ ଆମକୁ ତାହା କରିଛି; ପୁଣି ଭବିଷ୍ୟତରେ ଆମେ ଯାହା ହେବା, ଆମର ଆଦର୍ଶ ହିଁ ତାହା କରିବ । ଆଦର୍ଶର ଶକ୍ତି ଆମକୁ ଆଚ୍ଛନ୍ନ କରି ରଖିଛି ଏବଂ ଆମର ସୁଖଦୁଃଖରେ, ଆମର ଛୋଟ ବଡ଼ କାର୍ଯ୍ୟରେ, ଆମର ଧର୍ମା-ଧର୍ମରେ ଏହାର ଶକ୍ତିର ପରିଚୟ ମିଳିଥାଏ ।

ଯଦି କର୍ମଜୀବନ ଉପରେ ଆଦର୍ଶର ଏହିପରି ପ୍ରଭାବ ହୁଏ, କର୍ମଜୀବନ ମଧ୍ୟ ଆଦର୍ଶ-ଗଠନରେ କମ୍ ଶକ୍ତିମାନ୍ ନୁହେଁ । ଆଦର୍ଶର ସତ୍ୟ କର୍ମଜୀବନରେ ହିଁ ପ୍ରମାଣିତ । ଆଦର୍ଶର ପରିଣତି କର୍ମ-ଜୀବନର ପ୍ରତ୍ୟକ୍ଷ ଅନୁଭବରେ । ଆଦର୍ଶ ଥିଲେ ପ୍ରମାଣିତ ହୁଏ ଯେ, କୌଣସି ନା କୌଣସିଠାରେ, କୌଣସି ନା କୌଣସି ରୂପରେ ଏହା କର୍ମ-ଜୀବନରେ ପରିଣତ ହୋଇଛି । ଆଦର୍ଶ ବୃହତ୍ତର ହୋଇପାରେ, କିନ୍ତୁ ଏହା କର୍ମ-ଜୀବନର କ୍ଷୁଦ୍ର କ୍ଷୁଦ୍ର ଅଂଶର ବିସ୍ତୃତ ଭାବ ମାତ୍ର । ଆଦର୍ଶ ଅନେକ ସ୍ଥଳରେ କ୍ଷୁଦ୍ର କ୍ଷୁଦ୍ର କର୍ମର ସମଷ୍ଟି ଓ ସାଧାରଣ ଭାବ ମାତ୍ର ।

କର୍ମଜୀବନରେ ହିଁ ଆଦର୍ଶର ଶକ୍ତିପ୍ରକାଶ । କର୍ମଜୀବନ ମଧ୍ୟ ଦେଇ ଏହା ଆମ ଉପରେ କାର୍ଯ୍ୟ କରିପାରେ । କର୍ମଜୀବନର ମାଧ୍ୟମରେ ଆଦର୍ଶ ଆମ ଜୀବନରେ ଗ୍ରହଣୋପଯୋଗୀ ଆକାରରେ ପରିବର୍ତ୍ତିତ ହୋଇ ଆମର ଇନ୍ଦ୍ରିୟାନୁଭୂତିର ସ୍ତରରେ ଅବତରଣ କରେ । କର୍ମ-ଜୀବନକୁ ସୋପାନ କରି ଆମେମାନେ ଆଦର୍ଶରେ ଆରୋହଣ କରୁ । ତାହାରି ଉପରେ ଆମେ ସମସ୍ତ ଆଶା ଭରସା ରଖୁ; ତାହା ହିଁ ଆମକୁ କାର୍ଯ୍ୟରେ ଉତ୍ସାହ ଦିଏ ।

ଯେଉଁମାନଙ୍କର ବାକ୍ୟତୂଳିକା ଆଦର୍ଶକୁ ଅତି ସୁନ୍ଦର ବର୍ଣ୍ଣରେ ଅଙ୍କିତ କରିପାରେ ଅଥବା ଯେଉଁମାନେ ସୂକ୍ଷ୍ମତମ ତତ୍ତ୍ୱସମୂହ ଉଦ୍ଭାବନ କରିପାରନ୍ତି, ଏଭଳି ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ଅପେକ୍ଷା ଜଣେ ବ୍ୟକ୍ତି ଯେ ନିଜ ଜୀବନରେ ଏହାକୁ ପ୍ରତିଫଳିତ କରିପାରିଛି, ସେ ଅଧିକ ଶକ୍ତିଶାଳୀ ।

ଧର୍ମ ସହିତ ସଂପୃକ୍ତ ନ ହେଲେ ଏବଂ ଊଣାଅଧିକେ ସଫଳତାର ସହିତ ଏହାକୁ କର୍ମ-ଜୀବନରେ ପରିଣତ କରିବାରେ ଯତ୍ନବାନ୍ ଦଳେ ଅନୁଗାମୀ ନ ପାଇଲେ, ମାନବଜାତି ନିକଟରେ ଦର୍ଶନଶାସ୍ତ୍ରସମୂହ ନିରର୍ଥକ ପ୍ରତୀୟମାନ ହୁଏ, ଖୁବ୍ ହେଲେ ତାହା କେବଳ ମାନସିକ ବ୍ୟାୟାମ ମାତ୍ର ବୋଲି ଗଣ୍ୟ ହୋଇପାରେ । ଯେଉଁହେତୁ ମତବାଦ ଗୋଟାଏ କିଛି ପ୍ରତ୍ୟକ୍ଷ ବସ୍ତୁ ପାଇବାର ଆଶା ଜାଗ୍ରତ କରାଏ ନାହିଁ, ସେଗୁଡ଼ିକୁ କେତେକ ଲୋକ ଗ୍ରହଣ କରି କେତେଟା କାର୍ଯ୍ୟରେ ପରିଣତ କରିପାରନ୍ତି; କିନ୍ତୁ ସେଗୁଡ଼ିକର ସ୍ଥାୟିତ୍ୱ ପାଇଁ ବହୁଲୋକ ଦରକାର, କାରଣ ତାହାର ଅଭାବରେ ଅନେକ ନିଶ୍ଚିତ ମତବାଦ ଲୋପ ପାଇଯାଇଛି ।

ଆମ ମଧ୍ୟରୁ ଅନେକେ ଭାବମଗ୍ନଜୀବନ ସହିତ କର୍ମର ସାମଞ୍ଜସ୍ୟ ରଖିପାରନ୍ତି ନାହିଁ । କୌଣସି କୌଣସି ମହାତ୍ମା ପାରନ୍ତି । ଆମ ଭିତରୁ ଅନେକେ ବୋଧହୁଏ ଗଭୀର ଭାବରେ ମନନ କରିବାକୁ ଗଲେ କାର୍ଯ୍ୟଶକ୍ତି ହରାଇ ବସନ୍ତି; ପୁଣି ଅଧିକ କାର୍ଯ୍ୟ କରିବାକୁ ଗଲେ ଗଭୀର

ଚିନ୍ତାଶକ୍ତି ହରାଇ ବସନ୍ତି । ଏହି କାରଣରୁ ଅନେକ ମହାମନସ୍ୱୀଙ୍କୁ, ସେମାନେ ଯେଉଁସବୁ ଉଚ୍ଚ ଆଦର୍ଶ ଜୀବନରେ ଉପଲବ୍ଧି କରିଥାନ୍ତି ସେଗୁଡ଼ିକୁ, ଜଗତରେ କାର୍ଯ୍ୟରେ ପରିଣତ କରିବାର ଭାର କାଳ-ହସ୍ତରେ ନ୍ୟସ୍ତ କରିଯିବାକୁ ପଡ଼େ । ଯେପର୍ଯ୍ୟନ୍ତ ଅପେକ୍ଷାକୃତ କ୍ରିୟାଶୀଳ ମସ୍ତିଷ୍କ ଆସି ସେଗୁଡ଼ିକୁ କାର୍ଯ୍ୟରେ ପରିଣତ ଓ ପ୍ରଚାର ନ କରିଛନ୍ତି, ସେତେ ଦିନ ପର୍ଯ୍ୟନ୍ତ ତାଙ୍କର ଚିନ୍ତାରାଶିକୁ ଅପେକ୍ଷା କରିବାକୁ ହେବ । କିନ୍ତୁ ଏକଥା ଲେଖୁ ଲେଖୁ ଆମେ ଯେଉଁଳି କି ଦିବ୍ୟଚକ୍ଷୁରେ ସେହି ପାର୍ଥସାରଥିଙ୍କୁ ଦେଖୁଛୁ, ସେ ଯେପରି ଉଭୟ ବିରୋଧୀ ସୈନ୍ୟଦଳ ମଧ୍ୟରେ ରଥରେ ଠିଆ ହୋଇ ବାମ ହସ୍ତରେ ଦୃପ୍ତ ଅଶ୍ୱଗଣଙ୍କୁ ସଂଯତ କରୁଛନ୍ତି —ବର୍ମପରିହିତ ଯୋଦ୍ଧୃବେଶ—ପ୍ରଖର ଦୃଷ୍ଟିଦ୍ୱାରା ସମବେତ ବିପୁଳ ସୈନ୍ୟରାଶିକୁ ଦର୍ଶନ କରୁଛନ୍ତି ଏବଂ ଯେପରି ସ୍ୱାଭାବିକ ଜ୍ଞାନଦ୍ୱାରା ଉଭୟ ଦଳର ସୈନ୍ୟସଜ୍ଜାର ପ୍ରତ୍ୟେକକୁ ଚିହ୍ନିକରି ବିଚାର କରି ଦେଖୁଛନ୍ତି, ପୁଣି ଅନ୍ୟ ଦିଗରେ ଆମେମାନେ ଯେପରି ଭୀତପ୍ରାପ୍ତ ଅର୍ଜୁନଙ୍କୁ ଚମକିତ କରି ତାଙ୍କ ମୁଖରୁ କର୍ମର ଅତ୍ୟଦ୍ଭୁତ ରହସ୍ୟ ବାହାରିବାର ଶୁଣୁଛୁ :

'ଯେ କର୍ମ ମଧ୍ୟରେ ଅକର୍ମ ଅର୍ଥାତ୍ ବିଶ୍ରାମ ବା ଶାନ୍ତି ଏବଂ ଅକର୍ମରେ ଅର୍ଥାତ୍ ଶାନ୍ତି ଭିତରେ କର୍ମ ଦେଖନ୍ତି, ମନୁଷ୍ୟମାନଙ୍କ ମଧ୍ୟରେ ସେ ହିଁ ବୁଦ୍ଧିମାନ୍, ସେ ଯୋଗୀ, ସେ ହିଁ ସକଳ କର୍ମ କରିଥାଆନ୍ତି ।'*

ଏହା ହିଁ ପୂର୍ଣ୍ଣ ଆଦର୍ଶ । କିନ୍ତୁ ଖୁବ୍ କମ୍ ଲୋକ ଏହି ଆଦର୍ଶରେ ପହଞ୍ଚିଥାନ୍ତି । ସୁତରାଂ ଅବସ୍ଥା ଯେପରି ଅଛି ଆମମାନଙ୍କୁ ସେହିପରି ଭାବରେ ଗ୍ରହଣ କରିବାକୁ ହେବ ଏବଂ ବିଭିନ୍ନ ବ୍ୟକ୍ତିଙ୍କଠାରେ ପ୍ରକାଶିତ ମାନବର ବିଭିନ୍ନ ଚରିତ୍ର-ବୈଶିଷ୍ଟ୍ୟଗୁଡ଼ିକୁ ନେଇ ଏକତ୍ର ଗ୍ରଥିତ କରି ସନ୍ତୁଷ୍ଟ ରହିବାକୁ ପଡ଼ିବ ।

ଧାର୍ମିକ ଲୋକମାନଙ୍କ ଭିତରେ ଆମେମାନେ ତୀବ୍ର ଚିନ୍ତାଶୀଳ (ଜ୍ଞାନଯୋଗୀ), ଲୋକ-ହିତ ପାଇଁ ପ୍ରବଳ କର୍ମାନୁଷ୍ଠାନକାରୀ (କର୍ମଯୋଗୀ), ସାହସର ସହିତ ଆତ୍ମସାକ୍ଷାତ୍କାର ପାଇଁ ଅଗ୍ରସର (ରାଜଯୋଗୀ) ଏବଂ ଶାନ୍ତ ଓ ବିନୟୀ ବ୍ୟକ୍ତି (ଭକ୍ତଯୋଗୀ)—ଏହି ଚାରି ପ୍ରକାରର ସାଧକ ଦେଖିବାକୁ ପାଉଁ ।

୨

ବର୍ତ୍ତମାନ ପ୍ରବନ୍ଧରେ ଯାହାଙ୍କ ଚରିତ୍ର ସଂକ୍ଷେପରେ ବର୍ଣ୍ଣିତ ହେବ, ସେ ଜଣେ ଅଦ୍ଭୁତ ବିନୟୀ ଓ ଗଭୀର ଆଧ୍ୟାତ୍ମିକ-ଉପଲବ୍ଧିସମ୍ପନ୍ନ ପୁରୁଷ ଥିଲେ ।

ପଓହାରୀ ବାବା (ଶେଷ ଜୀବନରେ ସେ ଏହି ନାମରେ ପରିଚିତ) ବାରାଣସୀ ଜିଲ୍ଲାର ଗୁଜୀ ନାମକ ସ୍ଥାନର ନିକଟବର୍ତ୍ତୀ ଏକ ଗ୍ରାମରେ ବ୍ରାହ୍ମଣବଂଶରେ ଜନ୍ମଗ୍ରହଣ କରିଥିଲେ ।** ସେ ଅତି ବାଲ୍ୟକାଳରୁ ତାଙ୍କ ପିତୃବ୍ୟଙ୍କ ନିକଟରେ ବାସ କରିବା ଓ ଶିକ୍ଷାଲାଭ ପାଇଁ ଗାଜିପୁରକୁ ଆସିଥିଲେ ।

---

* ଗୀତା, ୪।୧୮

** ଅନ୍ୟ ମତରେ ଜୌନପୁର ଜିଲ୍ଲାର ପ୍ରେମାପୁର ଗ୍ରାମରେ ତାଙ୍କର ଜନ୍ମ ।

ଆଜକାଲି ହିନ୍ଦୁ ସାଧୁମାନେ ସନ୍ନ୍ୟାସୀ, ଯୋଗୀ, ବୈରାଗୀ ଓ ପନ୍ଥୀ—ପ୍ରଧାନତଃ ଏହି ଚାରି ସମ୍ପ୍ରଦାୟରେ ବିଭକ୍ତ । ସନ୍ନ୍ୟାସୀମାନେ ଶଙ୍କରାଚାର୍ଯ୍ୟଙ୍କ ମତାବଲମ୍ବୀ ଅଦ୍ୱୈତବାଦୀ । ଯୋଗୀମାନେ ଯଦିଓ ଅଦ୍ୱୈତବାଦୀ, ତଥାପି ସେମାନେ ବିଭିନ୍ନ ପ୍ରକାର ଯୋଗପ୍ରଣାଳୀର ସାଧନ କରିଥାନ୍ତି ବୋଲି ସେମାନଙ୍କୁ ସ୍ୱତନ୍ତ୍ର ଶ୍ରେଣୀରେ ପରିଗଣିତ କରାଯାଏ । ବୈରାଗୀମାନେ ରାମାନୁଜ ଓ ଅନ୍ୟାନ୍ୟ ଦ୍ୱୈତବାଦୀ ଆଚାର୍ଯ୍ୟଗଣଙ୍କର ଅନୁବର୍ତ୍ତୀ । ମୁସଲମାନ-ରାଜତ୍ୱ ସମୟରେ ଯେଉଁ ସକଳ ଧର୍ମସମ୍ପ୍ରଦାୟ ପ୍ରତିଷ୍ଠିତ ହୋଇଥିଲେ, ସେମାନଙ୍କୁ 'ପନ୍ଥୀ' କୁହାଯାଏ; ଏମାନଙ୍କ ମଧ୍ୟରେ ଦ୍ୱୈତ ଓ ଅଦ୍ୱୈତ ଉଭୟ ପ୍ରକାର ମତାବଲମ୍ବୀ ଦେଖାଯାନ୍ତି । ପଓହାରି ବାବାଙ୍କର ପିତୃବ୍ୟ ରାମାନୁଜ ବା ଶ୍ରୀ-ସମ୍ପ୍ରଦାୟଭୁକ୍ତ ଜଣେ ନୈଷ୍ଠିକ ବ୍ରହ୍ମଚାରୀ ଥିଲେ, ଅର୍ଥାତ୍ ସେ ଆଜୀବନ ଅବିବାହିତ ଜୀବନଯାପନ କରିବେ—ଏହି ବ୍ରତ ଗ୍ରହଣ କରିଥିଲେ । ଗାଜିପୁର-ଠାରୁ ଦୁଇ ମାଇଲ ଉତ୍ତରକୁ ଗଙ୍ଗାତୀରରେ ତାଙ୍କର ଖଣ୍ଡିଏ ଜମି ଥିଲା । ସେ ସେହିଠାରେ ବାସ କରୁଥିଲେ । ତାଙ୍କର ଅନେକଗୁଡ଼ିଏ ଭ୍ରାତୃଷ୍ପୁତ୍ର ଥିଲେ ବୋଲି ସେ ପଓହାରି ବାବାଙ୍କୁ ନିଜ ଘରେ ରଖିଥିଲେ ଏବଂ ତାଙ୍କୁ ନିଜର ବିଷୟ ଓ ପଦର ଉତ୍ତରାଧିକାରୀ ମନୋନୀତ କରିଥିଲେ ।

ପଓହାରି ବାବାଙ୍କର ଏହି ସମୟରେ ଜୀବନର ଘଟଣା ବିଶେଷ କିଛି ଜଣାଯାଏ ନାହିଁ । ଯେଉଁସବୁ ବିଶେଷତ୍ୱ ପାଇଁ ଭବିଷ୍ୟତ ଜୀବନରେ ସେ ଏପରି ସୁପରିଚିତ ହୋଇଥିଲେ, ସେସବୁର କୌଣସି ଲକ୍ଷଣ ସେତେବେଳେ ତାଙ୍କଠାରେ ପ୍ରକାଶିତ ହୋଇଥିଲା ବୋଲି ମନେହୁଏ ନାହିଁ । କେବଳ ମାତ୍ର ଲୋକଙ୍କର ଏତିକି ସ୍ମରଣ ଅଛି ଯେ, ସେ ବ୍ୟାକରଣ, ନ୍ୟାୟ ଏବଂ ନିଜ ସମ୍ପ୍ରଦାୟର ଧର୍ମଗ୍ରନ୍ଥସମୂହ ଅତିଶୟ ମନୋଯୋଗ ସହିତ ଅଧ୍ୟୟନ କରୁଥିଲେ; କିନ୍ତୁ ଏଣେ ଖୁବ୍ ଚଞ୍ଚଳ, ନିରଳସ ଓ ଆମୋଦପ୍ରିୟ ଥିଲେ । ସମୟେ ସମୟେ ଏହି ଆମୋଦର ମାତ୍ରା ଏତେ ବଢ଼ିଯାଉଥିଲା ଯେ, ତାଙ୍କର ସହପାଠୀ ଛାତ୍ରଗଣଙ୍କୁ ତାଙ୍କର ଏହି ରଙ୍ଗପ୍ରିୟତାର ଫଳ ଭଲ ଭାବରେ ଭୋଗ କରିବାକୁ ହେଉଥିଲା ।

ଏହିରୂପେ ପ୍ରାଚୀନ ଧରଣର ଭାରତୀୟ ଛାତ୍ରଜୀବନର ଦୈନନ୍ଦିନ କାର୍ଯ୍ୟ ଭିତର ଦେଇ ଭାବୀ ମହାତ୍ମାଙ୍କର ବାଲ୍ୟଜୀବନ କଟିବାକୁ ଲାଗିଲା ଏବଂ ତାଙ୍କର ଅଧ୍ୟୟନରେ ଅସାଧାରଣ ଅନୁରାଗ ଓ ଭାଷାଶିକ୍ଷାରେ ଅପୂର୍ବ ପଟୁତା ବ୍ୟତୀତ ସେହି ସରଳ, ସଦାନନ୍ଦମୟ କ୍ରୀଡ଼ାଶୀଳ ଛାତ୍ରଜୀବନରେ ଏପରି କିଛି ପରିଚୟ ମିଳେ ନାହିଁ, ଯେଉଁଥିରୁ ତାଙ୍କର ଭବିଷ୍ୟତ୍ ଜୀବନର ପ୍ରବଳ ଗାମ୍ଭୀର୍ଯ୍ୟ ସୂଚିତ ହୁଏ—ଯାହାର ଚୂଡ଼ାନ୍ତ ପରିଣାମ ଏକ ଅତ୍ୟଦ୍ଭୁତ ଓ ଭୟପ୍ରଦ ଆତ୍ମାହୁତି ।

ଏହି ସମୟରେ ଏପରି ଗୋଟିଏ ଘଟଣା ଘଟିଲା, ଯେଉଁଥିରୁ ଏହି ଅଧ୍ୟୟନଶୀଳ ଯୁବକ ସମ୍ଭବତଃ ପ୍ରଥମ ଥର ପାଇଁ ଜୀବନର ଗଭୀର ମର୍ମ ପ୍ରାଣେପ୍ରାଣେ ବୁଝିଲେ; ଏତେଦିନ ତାଙ୍କର ଯେଉଁ ଦୃଷ୍ଟି ପୁସ୍ତକନିବଦ୍ଧ ଥିଲା, ସେ ଦୃଷ୍ଟିକୁ ଉଠାଇ ସେ ନିଜର ମନୋଜଗତ୍ ତନ୍ନ ତନ୍ନ ଭାବେ ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲେ; ଧର୍ମ ଭିତରେ ପୋଥିଗତ ବିଦ୍ୟା ଛଡ଼ା ଯଥାର୍ଥ ସତ୍ୟ କିଛି ଅଛି କି ନାହିଁ, ତାହା ଜାଣିବା ପାଇଁ ତାଙ୍କର ପ୍ରାଣ ବ୍ୟାକୁଳ ହେଲା । ଏହି

ସମୟରେ ତାଙ୍କର ପିତୃଦେବଙ୍କର ଦେହତ୍ୟାଗ ହେଲା । ଯେଉଁ ଗୋଟିଏ ମୁହଁକୁ ଚାହିଁ ସେ ଜୀବନଧାରଣ କରୁଥିଲେ, ଯାହାଙ୍କ ଉପରେ ଏହି ଯୁବକ-ହୃଦୟର ସମୁଦାୟ ମମତା ନିବଦ୍ଧ ଥିଲା, ସେ ଚାଲିଗଲେ । ସେତେବେଳେ ସେହି ଉଦ୍ଦାମ ଯୁବକ-ହୃଦୟର ଅନ୍ତସ୍ଥଳ ଶୋକାକୁଳ ହେବାରୁ, ଏହି ଶୂନ୍ୟସ୍ଥାନ ପୂରଣ କରିବା ଲାଗି ଏପରି ବସ୍ତୁର ଅନ୍ୱେଷଣରେ ଦୃଢ଼ସଂକଳ୍ପ ହେଲେ, ଯାହା ଅପରିବର୍ତ୍ତନୀୟ ।

ଭାରତରେ ସବୁ ବିଷୟ ପାଇଁ ଆମର ଗୁରୁଙ୍କର ପ୍ରୟୋଜନ ହୁଏ । ଆମେ ହିନ୍ଦୁମାନେ ବିଶ୍ୱାସ କରୁ, ପୁସ୍ତକ କେବଳ ତତ୍ତ୍ୱବିଶେଷର ଆଭାସମୂଳକ ବର୍ଣ୍ଣନା ମାତ୍ର । ସକଳ ବିଦ୍ୟାର, ସର୍ବୋପରି ଧର୍ମର ଜୀବନ୍ତ ରହସ୍ୟସମୂହ ଗୁରୁଠାରୁ ଶିଷ୍ୟଠାକୁ ସଞ୍ଚାରିତ ହେବା ଉଚିତ ।

ସ୍ମରଣାତୀତ କାଳରୁ ଭାରତର ଦୃଢ଼ ଅନୁରାଗୀ ବ୍ୟକ୍ତିଗଣ ଅନ୍ତର୍ଜୀବନର ରହସ୍ୟ ନିର୍ବିଘ୍ନରେ ଆଲୋଚନା କରିବା ପାଇଁ ସର୍ବଦା ଲୋକାଳୟ ପରିତ୍ୟାଗ କରି ଅତି ନିଭୃତ ସ୍ଥାନରେ ଯାଇ ବାସ କରିଥାନ୍ତି ଏବଂ ବର୍ତ୍ତମାନ ଏପରି ଗୋଟିଏ ବନ, ପର୍ବତ ବା ପବିତ୍ର ସ୍ଥାନ ନାହିଁ, ଯାହାକୁ କିମ୍ବଦନ୍ତୀ କୌଣସି ନା କୌଣସି ମହାତ୍ମାଙ୍କର ବାସସ୍ଥାନ ବୋଲି ମହିମାନ୍ୱିତ ନ କରେ ।

ତା'ଛଡ଼ା ଏହି ଉକ୍ତିଟି ମଧ୍ୟ ସର୍ବଜନପ୍ରସିଦ୍ଧ ଯେ—

'ରମତା ସାଧୁ, ବହତା ପାନି । ଯୁହ କଭି ନା ମୈଲ ଲଖାନି ।'

ଅର୍ଥାତ୍ ଯେଉଁ ଜଳ ପ୍ରବାହିତ ହୁଏ ତାହା ଯେପରି ବିଶୁଦ୍ଧ ରହେ, ସେହିପରି ଯେଉଁ ସାଧୁ ଭ୍ରମଣ କରୁଥାଆନ୍ତି, ସେ ମଧ୍ୟ ତଦ୍ରୂପ ପବିତ୍ର ରହିଥାଆନ୍ତି ।

ଭାରତରେ ଯେଉଁମାନେ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ଧର୍ମଜୀବନ ଗ୍ରହଣ କରନ୍ତି, ସେମାନେ ସାଧାରଣତଃ ଭାରତର ବିଭିନ୍ନ ପ୍ରଦେଶରେ ଭ୍ରମଣ କରି ବିଭିନ୍ନ ତୀର୍ଥ ଓ ଦେବମନ୍ଦିର ଦର୍ଶନ କରି ଜୀବନର ଅଧିକାଂଶ ଭାଗ କଟାଇଥାନ୍ତି । କୌଣସି ଜିନିଷକୁ ଯେପରି ସର୍ବଦା ବାରବାର କଲେ ସେଥିରେ କଳଙ୍କି ଲାଗେ ନାହିଁ, ସେମାନେ କହନ୍ତି ଯେ, ଏହିଭଳି ଭ୍ରମଣଦ୍ୱାରା ସେମାନଙ୍କ ମନରେ ମଧ୍ୟ ତଦ୍ରୂପ ମଳିନତା ପ୍ରବେଶ କରିବ ନାହିଁ । ଏହାଦ୍ୱାରା ଆଉ ଗୋଟିଏ ଉପକାର ହୁଏ ଯେ, ସେମାନେ ପ୍ରତ୍ୟେକ ବ୍ୟକ୍ତିର ଦ୍ୱାରକୁ ଧର୍ମ ବହନ କରିନେଇ ଯାଆନ୍ତି । ଯେଉଁମାନେ ସଂସାର ତ୍ୟାଗ କରିଛନ୍ତି, ସେମାନଙ୍କ ପକ୍ଷରେ ଭାରତର ଚାରି କୋଣରେ ଅବସ୍ଥିତ ଚାରୋଟି ପ୍ରଧାନ ତୀର୍ଥ (ଚାରି ଧାମ : ଉତ୍ତରରେ ବଦରୀ-ନାଥ, ପୂର୍ବରେ ପୁରୀ, ଦକ୍ଷିଣରେ ସେତୁବନ୍ଧ ରାମେଶ୍ୱର ଓ ପଶ୍ଚିମରେ ଦ୍ୱାରକା) ଦର୍ଶନ କରିବା ଏକପ୍ରକାର ଅବଶ୍ୟ-କର୍ତ୍ତବ୍ୟ ବୋଲି ବିବେଚିତ ହୁଏ ।

ପୂର୍ବୋକ୍ତ ସମୁଦାୟ ବିଷୟଗୁଡ଼ିକ ଆମର ଯୁବକ ବ୍ରହ୍ମଚାରୀଙ୍କର ଭାରତଭ୍ରମଣ ପକ୍ଷରେ ପ୍ରବଳ ପ୍ରରୋଚକର କାରଣ ହୋଇଥାଇପାରେ; କିନ୍ତୁ ଆମେମାନେ ନିଶ୍ଚୟ କହିପାରୁ ଯେ, ଜ୍ଞାନତୃଷ୍ଣା ହିଁ ତାଙ୍କ ଭ୍ରମଣର ସର୍ବପ୍ରଧାନ କାରଣ । ଆମେମାନେ ତାଙ୍କର ଭ୍ରମଣ ସମ୍ବନ୍ଧରେ ଖୁବ୍ ଅଳ୍ପ ଜାଣୁ; ତଥାପି ତାଙ୍କ ସଂପ୍ରଦାୟର ଅଧିକାଂଶ ଗ୍ରନ୍ଥ ଯେଉଁ ଭାଷାରେ ଲିଖିତ, ସେହି

ଦ୍ରାବିଡ଼ ଭାଷାସମୂହରେ ତାଙ୍କର ଜ୍ଞାନ ଦେଖି ଏବଂ ଶ୍ରୀଚୈତନ୍ୟସମ୍ପ୍ରଦାୟଭୁକ୍ତ ବୈଷ୍ଣବଗଣଙ୍କର ପ୍ରାଚୀନ ବଙ୍ଗଳାଭାଷା ସହିତ ତାଙ୍କର ବ୍ୟାପକ ପରିଚୟ ଦେଖି ଆମେମାନେ ଅନୁମାନ କରୁ ଯେ, ଦାକ୍ଷିଣାତ୍ୟ ଓ ବଙ୍ଗଳା ଦେଶରେ ତାଙ୍କର ସ୍ଥିତି ଅଳ୍ପ ଦିନ ନୁହେଁ ।

କିନ୍ତୁ ଗୋଟିଏ ସ୍ଥାନକୁ ତାଙ୍କର ଗମନ ଉପରେ ତାଙ୍କର ଯୌବନକାଳର ବନ୍ଧୁମାନେ ବିଶେଷ ଜୋର୍ ଦେଇଥାଆନ୍ତି । ସେମାନେ କହନ୍ତି, କାଥିଆୱାଡ଼ରେ ଗିର୍ଣ୍ଣାର୍ ପର୍ବତର ଶୀର୍ଷଦେଶରେ ସେ ପ୍ରଥମେ ଯୋଗସାଧନାର ରହସ୍ୟରେ ଦୀକ୍ଷିତ ହୁଅନ୍ତି ।

ଏହି ପର୍ବତ ବୌଦ୍ଧମାନଙ୍କ ପକ୍ଷରେ ଅତି ପବିତ୍ର ଥିଲା । ଏହି ପର୍ବତର ପାଦ-ଦେଶରେ ସେହି ସୁବୃହତ୍ ଶିଳା ବିଦ୍ୟମାନ—ଯାହା ଉପରେ ସମ୍ରାଟକୁଳର ଧାର୍ମିକଚୂଡ଼ାମଣି ଧର୍ମାଶୋକଙ୍କର ସର୍ବପ୍ରଥମେ ଆବିଷ୍କୃତ ଅନୁଶାସନ ଖୋଦିତ ଅଛି । ଏହାର ନିମ୍ନଦେଶରେ ଶତ ଶତ ଶତାବ୍ଦୀର ବିସ୍ମୃତିର ଅନ୍ଧକାରଗର୍ଭରେ ଲୀନ ହୋଇ ଅରଣ୍ୟାବୃତ ବୃହତ୍କାୟ ସ୍ତୂପଙ୍କ ଥିଲା—ଏଗୁଡ଼ିକୁ ବହୁ ଦିନ ଧରି ଗିର୍ଣ୍ଣାର୍ ପର୍ବତଶ୍ରେଣୀର କ୍ଷୁଦ୍ର କ୍ଷୁଦ୍ର ଶୈଳମାଳା ବୋଲି ଲୋକେ ମନେକରୁଥିଲେ । ବୌଦ୍ଧଧର୍ମ ବର୍ତ୍ତମାନ ଯେଉଁ ସମ୍ପ୍ରଦାୟର ପୁନଃ ସଂଶୋଧିତ ସଂସ୍କରଣ ବୋଲି ବିବେଚିତ ହେଉଛି, ସେହି ଧର୍ମସମ୍ପ୍ରଦାୟ ଏବେ ମଧ୍ୟ ଏହାକୁ କିଛି କମ୍ ପବିତ୍ର ମନେକରନ୍ତି ନାହିଁ; ଆଉ ଆଶ୍ଚର୍ଯ୍ୟର କଥା, ଏହି ଧର୍ମର ଜଗଜ୍ଜୟୀ ଉତ୍ତରାଧିକାରୀ ଆଧୁନିକ ହିନ୍ଦୁଧର୍ମରେ ମିଶିଯିବା ପୂର୍ବ ପର୍ଯ୍ୟନ୍ତ ଏ ଧର୍ମ ସାହସପୂର୍ବକ ସ୍ଥାପତ୍ୟ-କ୍ଷେତ୍ରରେ ବିଜୟ ଲାଭ କରିବାର ଚେଷ୍ଟା କରି ନାହିଁ ।

## ୩

ମହାଯୋଗୀ ଅବଧୂତଗୁରୁ ଦତ୍ତାତ୍ରେୟଙ୍କର ପବିତ୍ର ନିବାସଭୂମି ବୋଲି ଗିର୍ଣ୍ଣାର୍ ହିନ୍ଦୁମାନଙ୍କ ମଧ୍ୟରେ ବିଖ୍ୟାତ ଏବଂ କିମ୍ବଦନ୍ତୀ ଅଛି ଯେ, ଏହି ପର୍ବତଚୂଡ଼ାରେ ସୌଭାଗ୍ୟବାନ୍ ବ୍ୟକ୍ତିଗଣ ଏବେ ମଧ୍ୟ ବଡ଼ ବଡ଼ ସିଦ୍ଧଯୋଗୀଙ୍କର ଦର୍ଶନ ପାଇଥାନ୍ତି ।

ତା'ପରେ ଆମେମାନେ ଦେଖିବାକୁ ପାଉଁ ଯେ, ଏହି ଯୁବକ ବ୍ରହ୍ମଚାରୀ ବାରାଣସୀ ନିକଟରେ ଗଙ୍ଗାତୀରରେ ଜନୈକ ଯୋଗସାଧକ ସନ୍ନ୍ୟାସୀଙ୍କର ଶିଷ୍ୟରୂପେ ବାସ କରନ୍ତି । ଏହି ସନ୍ନ୍ୟାସୀ ନଦୀର ଉଚ୍ଚ ତଟଭୂମି ଉପରେ ଖନିତ ଗୋଟିଏ ଗର୍ତ୍ତରେ ବାସ କରୁଥିଲେ । ଆମ ପ୍ରବନ୍ଧର ବିଷୟୀଭୂତ ମହାତ୍ମା ପରଜୀବନରେ ଗାଜିପୁର ନିକଟରେ ଗଙ୍ଗାତୀରରେ ନଦୀର ଉଚ୍ଚ ତଟଭୂମିରେ ଗୋଟିଏ ଗହ୍ୱର ବିବର ପ୍ରସ୍ତୁତ କରି ସେଥିରେ ବାସ କରୁଥିଲେ । ଏହିଭଳି ଅନୁଷ୍ଠାନ ସେ ଗୁରୁଙ୍କ ନିକଟରୁ ଯେ ଶିକ୍ଷା କରିଥିଲେ, ଏହା ବେଶ୍ ବୁଝାଯାଏ ।

ଯୋଗୀମାନେ ଯୋଗାଭ୍ୟାସର ସୁବିଧା ଲାଗି ସର୍ବଦା ଗୁହାରେ ଅଥବା ଯେଉଁଠାରେ ବାତାବରଣର କୌଣସି ପ୍ରକାର ପରିବର୍ତ୍ତନ ନାହିଁ ଏବଂ ଯେଉଁଠାରେ କୌଣସି ଶବ୍ଦ ମନକୁ ବିଚଳିତ କରିପାରିବ ନାହିଁ, ସେଭଳି ସ୍ଥାନରେ ବାସ କରିବା ପାଇଁ ଉପଦେଶ ଦେଇ ଯାଇଛନ୍ତି ।

ଆମେମାନେ ଆଉ ମଧ୍ୟ ଜାଣିପାରୁ ଯେ, ସେ ପ୍ରାୟ ଏହି ସମୟରେ ବାରାଣସୀରେ

ଜନୈକ ସନ୍ନ୍ୟାସୀଙ୍କ ନିକଟରୁ ଅଦ୍ୱୈତବାଦ ଶିକ୍ଷା କରୁଥିଲେ ।

ଅନେକ ବର୍ଷ ଭ୍ରମଣ, ଅଧ୍ୟୟନ ଓ ସାଧନା ପରେ ଏହି ବ୍ରହ୍ମଜ୍ଞ ଯୁବକ, ଯେଉଁଠାରେ ବାଲ୍ୟକାଳରେ ପ୍ରତିପାଳିତ ହୋଇଥିଲେ, ସେହିଠାକୁ ଫେରିଆସିଲେ । ତାଙ୍କର ପିତୃବ୍ୟ ଯଦି ସେତେବେଳେ ଜୀବିତ ଥାଆନ୍ତେ, ତେବେ ସେ ସମ୍ଭବତଃ ଏହି ବାଳକଙ୍କର ମୁଖମଣ୍ଡଳରେ ସେହି ଜ୍ୟୋତି ଦେଖିପାରିଥାନ୍ତେ, ଯାହା ପ୍ରାଚୀନକାଳରେ ଜନୈକ ଶ୍ରେଷ୍ଠତମ ଋଷି ତାଙ୍କର ଶିଷ୍ୟଙ୍କ ମୁଖରେ ଦେଖି କହିଉଠିଲେ—'ହେ ସୌମ୍ୟ, ଆଜି ଦେଖୁଛି ତୁମର ମୁଖ ବ୍ରହ୍ମଜ୍ୟୋତିରେ ଦୀପ୍ତ ।'* କିନ୍ତୁ ଏକ୍ଷେତ୍ରରେ ତାଙ୍କର ବାଲ୍ୟକାଳର ସଙ୍ଗୀମାନେ ହିଁ ତାଙ୍କର ଗୃହପ୍ରତ୍ୟାବର୍ତ୍ତନରେ ସ୍ୱାଗତ ଅଭ୍ୟର୍ଥନା କଲେ । ସେମାନଙ୍କ ମଧ୍ୟରୁ ଅନେକେ ସଂସାରରେ ପ୍ରବେଶ କରିଥିଲେ—ସଂସାର ଚିରଦିନ ପାଇଁ ସେମାନଙ୍କୁ ବାନ୍ଧି ରଖିଥିଲା, ଯେଉଁ ସଂସାରରେ ଚିନ୍ତାର ଅବସର ନାହିଁ, କିନ୍ତୁ କର୍ମ ଅନନ୍ତ ।

ତଥାପି ସେମାନେ ତାଙ୍କର ସହପାଠୀ ବନ୍ଧୁ ଓ କ୍ରୀଡ଼ାସଙ୍ଗୀଙ୍କର (ଯାହାଙ୍କ ଭାବ ବୁଝିବାରେ ସେମାନେ ଅଭ୍ୟସ୍ତ ଥିଲେ) ସମସ୍ତ ଆଚାର-ବ୍ୟବହାରରେ ଏକ ପରିବର୍ତ୍ତନ—ରହସ୍ୟମୟ ପରିବର୍ତ୍ତନ ଲକ୍ଷ୍ୟ କଲେ । ଏହି ପରିବର୍ତ୍ତନ ଦେଖି ସେମାନଙ୍କ ହୃଦୟରେ ଭୟ ଓ ବିସ୍ମୟର ଉଦ୍ରେକ ହେଲା । କିନ୍ତୁ ଏଥିରେ ସେମାନଙ୍କ ହୃଦୟରେ ତାଙ୍କ ପରି ହେବାର ଇଚ୍ଛା ଅଥବା ତାଙ୍କ ପରି ତତ୍ତ୍ୱାନ୍ୱେଷଣସ୍ପୃହା ଜାଗରିତ ହେଲା ନାହିଁ । ସେମାନେ ଦେଖିଲେ ଯେ, ଏ ଏକ ଅଦ୍ଭୁତ ମାନବ—ଏହି ଯନ୍ତ୍ରଣା ଓ ଜଡ଼ବାଦପୂର୍ଣ୍ଣ ସଂସାରକୁ ଅତିକ୍ରମ କରି ଚାଲିଯାଇଛି, ଏତିକି ମାତ୍ର । ସେମାନେ ସ୍ୱଭାବତଃ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାସମ୍ପନ୍ନ ହେଲେ, କିନ୍ତୁ ଆଉ କୌଣସି ପ୍ରଶ୍ନ ପଚାରିଲେ ନାହିଁ ।

ଇତିମଧ୍ୟରେ ଏହି ମହାତ୍ମାଙ୍କର ବିଶେଷତ୍ୱ ଦିନକୁଦିନ ଅଧିକତର ପରିସ୍ଫୁଟ ହେବାକୁ ଲାଗିଲା । ବାରାଣସୀର ସନ୍ନିକଟବାସୀ ତାଙ୍କର ଗୁରୁଙ୍କ ଭଳି ସେ ମଧ୍ୟ ଭୂମିରେ ଗୋଟିଏ ଗର୍ତ୍ତ ଖନନ କରି ତନ୍ମଧ୍ୟରେ ପ୍ରବେଶ କରି ବହୁ ସମୟ ପର୍ଯ୍ୟନ୍ତ ସେଠାରେ ରହୁଥିଲେ । ତା'ପରେ ସେ ଆହାର ସମ୍ପର୍କରେ ଅତି କଠୋର ସଂଯମ ଆରମ୍ଭ କଲେ । ସାରାଦିନ ସେ ନିଜର ଛୋଟ ଆଶ୍ରମଟିରେ କାର୍ଯ୍ୟ କରୁଥିଲେ, ତାଙ୍କର ପରମ ପ୍ରେମାସ୍ପଦ ପ୍ରଭୁ ରାମଚନ୍ଦ୍ରଙ୍କର ପୂଜା କରୁଥିଲେ, ଉତ୍ତମ ଖାଦ୍ୟ ରନ୍ଧନ କରି (କଥିତ ଅଛି, ସେ ରନ୍ଧନବିଦ୍ୟାରେ ଅସାଧାରଣ ପଟୁ ଥିଲେ) ଠାକୁରଙ୍କୁ ଭୋଗ ଦେଉଥିଲେ; ତା'ପରେ ସେହି ପ୍ରସାଦ ବନ୍ଧୁବାନ୍ଧବଗଣ ଓ ଦରିଦ୍ରଙ୍କ ମଧ୍ୟରେ ବଣ୍ଟନ କରିଦେଉଥିଲେ ଏବଂ ଅନେକ ରାତ୍ରି ପର୍ଯ୍ୟନ୍ତ ସେମାନଙ୍କର ସେବା କରୁଥିଲେ । ସେମାନେ ସମସ୍ତେ ଯେତେବେଳେ ଶୟନ କରୁଥିଲେ, ସେତେବେଳେ ଏହି ଯୁବକ ଗୋପନରେ ସନ୍ତରଣଦ୍ୱାରା ଗଙ୍ଗା ପାର ହୋଇ ଏହାର ଅପର ତୀରକୁ ଯାଉଥିଲେ । ସେଠାରେ ସାରାରାତି ସାଧନଭଜନରେ କଟାଇ ଉଷା ପୂର୍ବରୁ ଫେରିଆସି ବନ୍ଧୁବର୍ଗଙ୍କୁ ଉଠାଉଥିଲେ ଏବଂ ପୁନର୍ବାର ସେହି ନିତ୍ୟକାର୍ଯ୍ୟ ଆରମ୍ଭ କରୁଥିଲେ, ଯାହାକୁ ଆମେମାନେ ଭାରତରେ

* 'ବ୍ରହ୍ମବିଦିବ ବୈ ସୌମ୍ୟ ଭାସି'—ଛାନ୍ଦୋଗ୍ୟ ଉପନିଷଦ୍, ୪।୧୪।୨

'ଅପରର ସେବା ବା ପୂଜା' ବୋଲି କହୁଥାଉ ।

ଇତିମଧ୍ୟରେ ତାଙ୍କ ନିଜର ଖାଇବା ମଧ୍ୟ କମିଆସିଲା । ଅବଶେଷରେ ଆମେ ଶୁଣିଛୁ ଯେ, ଏହା କମି କମି ପ୍ରତ୍ୟହ ମୁଠାଏ ତିକ୍ତ ନିମ୍ବପତ୍ର ବା କେତୋଟି ଲଙ୍କାମରିଚରେ ଆସି ରହିଲା । ତାହାପରେ ତାଙ୍କର ଗଙ୍ଗାତୀରସ୍ଥ ଜଙ୍ଗଲରେ ପ୍ରତ୍ୟହ ରାତିରେ ସାଧନ ପାଇଁ ଯିବା କ୍ରମଶଃ କମିଗଲା—ସେ ତାଙ୍କ ପ୍ରସ୍ତୁତ ଗୁହାରେ ବେଶୀ ସମୟ ବାସ କରିବାକୁ ଲାଗିଲେ । ଆମେମାନେ ଶୁଣିଛୁ, ସେଠାରେ ଗୁହାରେ ସେ ଦିନ ପରେ ଦିନ ଓ ମାସ ପରେ ମାସ ଧ୍ୟାନମଗ୍ନ ହୋଇ ରହୁଥିଲେ । ଏହି ଦୀର୍ଘକାଳ ସେ କ'ଣ ଖାଇ ବଞ୍ଚିଥିଲେ କେହି ଜାଣନ୍ତି ନାହିଁ; ସେଥିଲାଗି ଲୋକେ ତାଙ୍କୁ 'ପଓ-ଆହାରୀ' ଅର୍ଥାତ୍ ବାୟୁଭକ୍ଷଣକାରୀ ବାବା ବୋଲି କହିବାକୁ ଲାଗିଲେ ।

ସେ ତାଙ୍କ ଜୀବନରେ କେବେ ଏହି ସ୍ଥାନ ତ୍ୟାଗ କରି ନାହାନ୍ତି । ଥରେ ସେ ଏତେ ଅଧିକକାଳ ଧରି ଏହି ଗୁମ୍ଫା ଭିତରେ ରହିଲେ ଯେ, ଲୋକେ ତାଙ୍କୁ ମୃତ ବୋଲି ସ୍ଥିର କଲେ । କିନ୍ତୁ ଅନେକ ଦିନ ପରେ ପୁଣି ବାବା ବାହାରିଲେ ଆସି ବହୁସଂଖ୍ୟକ ସାଧୁଙ୍କୁ ନିମନ୍ତ୍ରଣ କରି ଭୋଜି ଦେଇଥିଲେ ।

ଯେତେବେଳେ ସେ ଧ୍ୟାନମଗ୍ନ ରହୁ ନ ଥିଲେ, ସେତେବେଳେ ସେ ତାଙ୍କର ଗୁହା ମୁଖର ଉପରିଭାଗରେ ଅବସ୍ଥିତ ଗୋଟିଏ ଗୃହରେ ବାସ କରୁଥିଲେ ଏବଂ ଏହି ସମୟରେ ଯେଉଁମାନେ ତାଙ୍କ ସହିତ ସାକ୍ଷାତ୍ କରିବାକୁ ଆସୁଥିଲେ, ସେମାନଙ୍କ ସହିତ ସେ ସାକ୍ଷାତ୍ କରୁଥିଲେ । ତାଙ୍କର ଯଶଃସୌରଭ ଚତୁର୍ଦ୍ଦିଗରେ ବିସ୍ତୃତ ହେବାକୁ ଲାଗିଲା ଏବଂ ଗାଜିପୁରର ଅହିଫେନ ବିଭାଗର ରାୟ ଗଗନଚନ୍ଦ୍ର ବାହାଦୂର—ଯେ କି ସ୍ୱାଭାବିକ ମହତ୍ତ୍ୱ ଓ ଧର୍ମପ୍ରବଣତା ଲାଗି ସମସ୍ତଙ୍କର ପ୍ରିୟ ହୋଇଥିଲେ—ଆମମାନଙ୍କୁ ଏହି ମହାତ୍ମାଙ୍କ ସହିତ ଆଳାପ କରାଇ ଦେଇଥିଲେ ।

ଭାରତର ଆଉ ଅନେକ ମହାତ୍ମାଙ୍କ ଭଳି ଏହାଙ୍କ ଜୀବନରେ ମଧ୍ୟ ବହିର୍ଜଗତର କର୍ମମୁଖରତା ବିଶେଷ କିଛି ନ ଥିଲା । 'ବାକ୍ୟଦ୍ୱାରା ନୁହେଁ, ଜୀବନଦ୍ୱାରା ଶିକ୍ଷା ଦେବାକୁ ହେବ ଏବଂ ଯେଉଁମାନେ ସତ୍ୟଧାରଣ କରିବା ଲାଗି ଉପଯୁକ୍ତ ହୋଇଛନ୍ତି, ସେମାନଙ୍କ ଜୀବନରେ ହିଁ ସତ୍ୟ ପ୍ରତିଫଳିତ ହୁଏ'—ଏହି ମହାପୁରୁଷଙ୍କ ଜୀବନ ହିଁ ଏହି ଭାରତୀୟ ଆଦର୍ଶର ଅନ୍ୟତମ ଉଦାହରଣ । ଏହି ଧରଣର ଲୋକେ, ଯାହା ସେମାନେ ଜାଣନ୍ତି, ତାହା ପ୍ରଚାର କରିବା ଲାଗି ସମ୍ପୂର୍ଣ୍ଣ ଅନିଚ୍ଛୁକ; କାରଣ ତାଙ୍କର ଦୃଢ଼ ଧାରଣା ଯେ, ବାକ୍ୟଦ୍ୱାରା ନୁହେଁ, ଭିତରର ସାଧନାଦ୍ୱାରା ସତ୍ୟଲାଭ ହୁଏ । ଧର୍ମ ସେମାନଙ୍କ ନିକଟରେ ସାମାଜିକ କର୍ତ୍ତବ୍ୟର ପ୍ରବର୍ତ୍ତକ ଶକ୍ତିବିଶେଷ ନୁହେଁ, ଏହା ସତ୍ୟର ଐକାନ୍ତିକ ଅନୁସନ୍ଧାନ ଏବଂ ଏହି ଜୀବନ ହିଁ ସତ୍ୟର ପ୍ରତ୍ୟକ୍ଷ ଉପଲବ୍ଧି ।

କାଳର ଏକ ମୁହୂର୍ତ୍ତ ଅପେକ୍ଷା ଅପର ମୁହୂର୍ତ୍ତର କିଛି ଅଧିକତର ଶକ୍ତି ଅଛି, ସେମାନେ ଏକଥା ଅସ୍ୱୀକାର କରନ୍ତି । ଅତଏବ ଅନନ୍ତକାଳର ପ୍ରତି ମୁହୂର୍ତ୍ତ ସହିତ ସମାନ ବୋଲି ସେମାନେ ମୃତ୍ୟୁ ପାଇଁ ଅପେକ୍ଷା ନ କରି ଏହିଠାରେ ଏବଂ ବର୍ତ୍ତମାନ ହିଁ ଧର୍ମର

ସତ୍ୟସମୂହ ସାକ୍ଷାତ୍ ଦର୍ଶନ କରିବା ଉପରେ ଜୋର୍ ଦେଇଥାନ୍ତି ।

ବର୍ତ୍ତମାନ ଲେଖକ ଏକ ସମୟରେ ଏହି ମହାତ୍ମାଙ୍କୁ ଜଗତର କଲ୍ୟାଣ ପାଇଁ ଗୁହାରୁ ବାହାରକୁ ନ ଆସିବାର କାରଣ ପଚାରିଥିଲେ । ପ୍ରଥମତଃ ସେ ତାଙ୍କର ସ୍ୱଭାବିକ ବିନୟ ଓ ପରିହାସରସିକତା ସହକାରେ ନିମ୍ନଲିଖିତ ଦୃଢ଼ ଉତ୍ତର ପ୍ରଦାନ କରିଥିଲେ :

କୌଣସି ଦୁଷ୍ଟ ଲୋକ କୌଣସି ଅନ୍ୟାୟ କାର୍ଯ୍ୟ କରୁଥିଲା, ଏପରି ସମୟରେ ଜଣେ ବ୍ୟକ୍ତି ତାକୁ ଧରି ଶାସ୍ତିସ୍ୱରୂପ ତା'ର ନାକ କାଟିଦେଲା । ନିଜର ନାକକଟା ରୂପ ଜଗତକୁ କିପରି ଦେଖାଇବ, ଏହା ଭାବି ସେ ଅତିଶୟ ଲଜ୍ଜିତ ହେଲା ଓ ନିଜ ପ୍ରତି ନିଜେ ଅତିଶୟ ବିରକ୍ତ ହୋଇ ଜଙ୍ଗଲକୁ ପଳାଇଗଲା । ସେଠାରେ ସେ ଗୋଟିଏ ବ୍ୟାଘ୍ରଚର୍ମ ବିଛାଇ ବସି ରହିଥାଏ ଏବଂ ଏଆଡ଼େ ସେଆଡ଼େ ଚାହିଁ କେହି ଆସୁଥିବାର ମନେହେଲେ ଗଭୀର ଧ୍ୟାନରେ ବସିଥିବାର ଛଳନା କରୁଥାଏ । ଏହିଭଳି ବ୍ୟବହାରରେ ଲୋକେ ସେଆଡ଼େ ନଜର ନ କରି ଚାଲିଯିବା ଦୂରେ ଥାଉ, ଦଳ ଦଳ ହୋଇ ଅଦ୍ଭୁତ ସାଧୁଙ୍କୁ ଦେଖିବା ପାଇଁ ଓ ପୂଜା କରିବା ପାଇଁ ଆସିବାକୁ ଲାଗିଲେ । ସେତେବେଳେ ସେ ଦେଖିଲା ଯେ, ଏଭଳି ଅରଣ୍ୟବାସ ଦ୍ୱାରା ତା'ର ସହଜରେ ଜୀବିକାନିର୍ବାହର ଉପାୟ ହେଲା । ଏହିଭଳି ବର୍ଷ ପରେ ବର୍ଷ ବିତିଗଲା । ଅବଶେଷରେ ସେହି ସ୍ଥାନର ଲୋକେ ଏହି ମୌନବ୍ରତଧାରୀ ଧ୍ୟାନପରାୟଣ ସାଧୁଙ୍କ ନିକଟରୁ କିଛି ଉପଦେଶ ଶୁଣିବାକୁ ବ୍ୟସ୍ତ ହେଲେ, ବିଶେଷତଃ ଜନୈକ ଯୁବକ ତାଁ' ନିକଟରେ ଦୀକ୍ଷିତ ହେବା ପାଇଁ ବିଶେଷ ଉତ୍ସୁକ ହେଲା । ଶେଷରେ ଅବସ୍ଥା ଏପରି ହେଲା ଯେ, ଆଉ ବିଳମ୍ବ କଲେ ସାଧୁର ପ୍ରତିଷ୍ଠା ଏକାବେଳକେ ଲୋପ ପାଇଯାଇଥାଆନ୍ତା । ସେତେବେଳେ ସେ ଦିନେ ମୌନବ୍ରତ ଭାଙ୍ଗି ଏହି ଉତ୍ସାହୀ ଯୁବକକୁ କହିଲା, 'ଆସନ୍ତା କାଲି ଖଣ୍ଡେ ଧାରୁଆ କ୍ଷୁର ନେଇ ଆସିବ ।' ଯୁବକଜଣକ ତା'ର ଜୀବନର ଏହି ପ୍ରଧାନ ଆକାଙ୍କ୍ଷା ଅତି ଶୀଘ୍ର ପୂର୍ଣ୍ଣ ହେବ—ଏହି ଆଶାରେ ପରମ ଆନନ୍ଦିତ ହୋଇ ପର ଦିନ ଅତି ପ୍ରତ୍ୟୁଷରେ କ୍ଷୁର ନେଇ ଉପସ୍ଥିତ ହେଲା । ନାକକଟା ସାଧୁ ତାକୁ ବନର ଏକ ନିଭୃତ ସ୍ଥାନକୁ ନେଇଗଲା । ତା'ପରେ କ୍ଷୁରଖଣ୍ଡି ହାତରେ ଧରି ଖୋଲିଲା ଏବଂ ଏକାଥରକେ ତା'ର ନାକ କାଟିଦେଇ ଗମ୍ଭୀର ବଚନରେ କହିଲା, 'ହେ ଯୁବକ, ମୁଁ ଏହିରୂପେ ଏହି ଆଶ୍ରମରେ ଦୀକ୍ଷିତ ହୋଇଛି । ସେହି ଦୀକ୍ଷା ମୁଁ ତୁମକୁ ଦେଲି । ବର୍ତ୍ତମାନ ତୁମେ ସୁବିଧା ପାଇଲେ ଅନ୍ୟକୁ ଏହି ଦୀକ୍ଷା ଦିଅ ।' ଯୁବକଟି ଲଜ୍ଜାରେ ତାହାର ଏହି ଅଦ୍ଭୁତ ଦୀକ୍ଷାର ରହସ୍ୟ କାହା ନିକଟରେ ପ୍ରକାଶ କରିପାରିଲା ନାହିଁ ଏବଂ ସେ ସାଧ୍ୟାନୁସାରେ ତା' ଗୁରୁଙ୍କର ଆଦେଶ ପ୍ରତିପାଳନ କରିବାକୁ ଲାଗିଲା । ଏହିଭଳି ଏକ ନାକକଟା ସାଧୁ-ସମ୍ପ୍ରଦାୟର ଉତ୍ପତ୍ତି ହୋଇ ସମଗ୍ର ଦେଶରେ ବ୍ୟାପିଗଲା । ତୁମେ କଅଣ ମୋତେ ଏହିଭଳି ଏକ ସମ୍ପ୍ରଦାୟର ପ୍ରତିଷ୍ଠାତା ଭାବରେ ଦେଖିବାକୁ ଚାହଁ ?

ଏହାର ଅନେକ ଦିନ ପରେ ଯେତେବେଳେ ସେ ଅପେକ୍ଷାକୃତ ଗମ୍ଭୀରଭାବରେ ଥିଲେ, ସେତ୍ତ ବିଷୟରେ ଆଉ ଥରେ ପ୍ରଶ୍ନ କରିବାରୁ ସେ ଉତ୍ତର ଦେଲେ, 'ତୁମେ କଅଣ ମନେ କର, ସ୍ଥୂଳଦେହଦ୍ୱାରା କେବଳ ଅପରର ଉପକାର ସମ୍ଭବ ? ଗୋଟିଏ ମନ ଶରୀରର

ସାହାଯ୍ୟନିରପେକ୍ଷ ହୋଇ ଅପର ମନକୁ ସାହାଯ୍ୟ କରିପାରେ—ଏହା କ'ଣ ସମ୍ଭବ ବୋଲି ମନେକରୁ ନାହିଁ ?'

ଆଉ ଏକ ସମୟରେ ତାଙ୍କୁ ଜିଜ୍ଞାସା କରାଗଲା ଯେ, ସେ ଏତେ ବଡ଼ ଜଣେ ଯୋଗୀ, ତଥାପି ସେ ପ୍ରଥମ ଶିକ୍ଷାର୍ଥୀମାନଙ୍କ ପାଇଁ ଉପଦଷ୍ଟ ଶ୍ରୀରଘୁନାଥଜୀଙ୍କର ମୂର୍ତ୍ତିପୂଜା, ହୋମାଦି କର୍ମ କାହିଁକି କରନ୍ତି ? ସେ ତାହାର ଉତ୍ତର ଦେଲେ—'ସମସ୍ତେ ନିଜ କଲ୍ୟାଣ ପାଇଁ କର୍ମ କରନ୍ତି—ଏକଥା ତୁମେ କାହିଁକି ଧରିନେଉଛ ? ଜଣେ କ'ଣ ଆଉ ଜଣକ ପାଇଁ କର୍ମ କରିପାରେ ନାହିଁ ?'

ଆଉ ମଧ୍ୟ ସମସ୍ତେ ସେହି ଚୋରର କଥା ଶୁଣିଛନ୍ତି; ସେ ତାଙ୍କ ଆଶ୍ରମକୁ ଚୋରି କରିବାକୁ ଆସିଥିଲା, ସାଧୁଙ୍କୁ ଦେଖି ଭୟଭୀତ ହୋଇ ଚୋରି କରିଥିବା ପୁଡ଼ାଟି ରଖିଦେଇ ପଳାଇଲା । ସାଧୁ ସେହି ପୁଡ଼ାଟି ନେଇ ଚୋର ପଛେ ପଛେ ଅନେକ ଦୂର ଜୋର୍‌ରେ ଦୌଡ଼ି ତା' ନିକଟରେ ଉପସ୍ଥିତ ହେଲେ; ଶେଷରେ ତାହାର ପଦପ୍ରାନ୍ତରେ ସେହି ପୁଡ଼ାଟିକୁ ରଖି କର ଯୋଡ଼ି ସଜଳନୟନରେ ତାଙ୍କର ନିଜକୃତ ବ୍ୟାଘାତ ପାଇଁ କ୍ଷମାପ୍ରାର୍ଥନା କରିବାକୁ ଲାଗିଲେ ଓ ଅତି କାତରସ୍ୱରରେ ତାହାକୁ ନେଇଯିବା ପାଇଁ ତାକୁ ବାରମ୍ବାର ଅନୁରୋଧ କରିବାକୁ ଲାଗିଲେ । ସେ କହିଲେ, 'ଏଗୁଡ଼ିକ ମୋର ନୁହେଁ, ତୁମର ।'

ଆମେମାନେ ବିଶ୍ୱସ୍ତସୂତ୍ରରୁ ପୁଣି ଶୁଣିଛୁ ଯେ, ଥରେ ତାଙ୍କୁ ଗୋଟିଏ ସାପ ଦଂଶନ କଲା ଏବଂ ଯଦିଓ କେତେ ଘଣ୍ଟା ପାଇଁ ସମସ୍ତେ ତାଙ୍କୁ ମୃତ ବୋଲି ସ୍ଥିର କରିଥିଲେ, ଶେଷରେ ସେ ପୁଣି ବଞ୍ଚିଉଠିଲେ ଏବଂ ତାଙ୍କ ବନ୍ଧୁବର୍ଗ ତାଙ୍କୁ ଏ ସମ୍ବନ୍ଧରେ ପଚାରିବାରୁ ସେ କହିଲେ, 'ଏହି ଗୋଟିଏ ସାପଟି ମୋର ପ୍ରିୟତମଙ୍କର ଦୂତରୂପେ ଆସିଥିଲା (ପାହନ ଦେଓତା ଆୟା) ।'

ଆମେମାନେ ଏହି କାହାଣୀକୁ ଅନାୟାସରେ ବିଶ୍ୱାସ କରିପାରୁ; କାରଣ ଆମେମାନେ ଜାଣୁ, ତାଙ୍କର ସ୍ୱଭାବ କିପରି ପ୍ରଗାଢ଼ ନମ୍ରତା, ବିନୟ ଓ ପ୍ରେମରେ ଭୂଷିତ ଥିଲା । ସର୍ବ-ପ୍ରକାର ପୀଡ଼ା ତାଙ୍କ ନିକଟରେ ସେହି 'ପ୍ରେମାସ୍ପଦଙ୍କ ନିକଟରୁ ଦୂତସ୍ୱରୂପ' (ପାହନ ଦେଓତା) ଥିଲା ଏବଂ ଯଦିବା ଏସବୁ ହେତୁ ସେ ଅସହ୍ୟ ଯନ୍ତ୍ରଣା ଭୋଗ କରୁଥିଲେ, ତଥାପି ଅପର ଲୋକେ ମଧ୍ୟ ଏହି ପୀଡ଼ାକୁ ଅନ୍ୟ ନାମରେ ଅଭିହିତ କରିବେ, ଏହା ସେ ସହ୍ୟ କରିପାରୁ ନ ଥିଲେ । ଏହି ଅନାଡ଼ମ୍ବର ପ୍ରେମ ଓ କୋମଳତା ଚତୁର୍ଦ୍ଦିଗସ୍ଥ ଲୋକଙ୍କ ମଧ୍ୟରେ ବିସ୍ତୃତ ହେବାକୁ ଲାଗିଲା ଏବଂ ଯେଉଁମାନେ ଏହାର ଚତୁର୍ଦ୍ଦିଗରେ ଥିବା ପଲ୍ଲୀଗୁଡ଼ିକ ଭ୍ରମଣ କରିଛନ୍ତି, ସେମାନେ ଏହି ଅଦ୍ଭୁତ ବ୍ୟକ୍ତିଙ୍କର ନୀରବ ଶକ୍ତିବିସ୍ତାରର ସାକ୍ଷ୍ୟ ଦେଇପାରିବେ ।

ଶେଷବେଳକୁ ସେ ଆଉ ଲୋକଙ୍କ ସଙ୍ଗେ ଦେଖା କଲେ ନାହିଁ । ଯେତେବେଳେ ସେ ମାଟିତଳ ଗୁହାରୁ ଉଠିଆସୁଥିଲେ, ସେତେବେଳେ ସେ ଲୋକଙ୍କ ସହିତ କଥା କହୁଥିଲେ ସତ, କିନ୍ତୁ ମଝିରେ ଦ୍ୱାର ରୁଦ୍ଧ ରହୁଥିଲା । ସେ ଯେ ଗୁହାରୁ ବାହାରିଛନ୍ତି, ତାହା ହୋମର ଧୂମ ଦେଖି ଅଥବା ପୂଜା ଆୟୋଜନର ଶବ୍ଦରୁ ବୁଝା ପଡ଼ୁଥିଲା ।

ତାଙ୍କର ଗୋଟିଏ ବିଶେଷତ୍ୱ ଥିଲା ଯେ, ସେ ଯେକୌଣସି କାମ କରୁଥିଲେ ତାହା

ଯେତେ ତୁଚ୍ଛ ହେଉ ପଛକେ—ସେତେବେଳେ ସେଥିରେ ସେ ସମ୍ପୂର୍ଣ୍ଣ ମଗ୍ନ ହୋଇଯାଉଥିଲେ । ଶ୍ରୀରାମଚନ୍ଦ୍ରଙ୍କର ପୂଜାରେ ସେ ଯେଭଳି ଯତ୍ନ ଓ ମନଯୋଗ ଦେଖାଉଥିଲେ, ଗୋଟିଏ ତାମ୍ରକୁଣ୍ଡ ମାଜିବାରେ ମଧ୍ୟ ଠିକ୍ ତାହା ହିଁ କରୁଥିଲେ । ସେ ଆମମାନଙ୍କୁ କର୍ମରହସ୍ୟ ସମ୍ବନ୍ଧରେ ଥରେ କହିଥିଲେ, 'ଯନ୍ ସାଧନ ତନ୍ ସିଦ୍ଧି', ଅର୍ଥାତ୍ ସିଦ୍ଧିର ଉପାୟକୁ ମଧ୍ୟ ଏପରି ଆଦର-ଯତ୍ନ କରିବ, ଯେପରିକି ଏହା ସିଦ୍ଧି-ସ୍ୱରୂପ । ସେ ନିଜେ ଏହାର ଉତ୍କୃଷ୍ଟତମ ଦୃଷ୍ଟାନ୍ତସ୍ୱରୂପ ଥିଲେ ।

ତାଙ୍କର ବିନୟ ମଧ୍ୟ କୌଣସି ପ୍ରକାର କଷ୍ଟଯନ୍ତ୍ରଣା ବା ଆତ୍ମଗ୍ଲାନିମୟ ନ ଥିଲା । ଥରେ ସେ ଆମ ନିକଟରେ ଅତି ସୁନ୍ଦରଭାବରେ ନିମ୍ନଲିଖିତ ଭାବଟି ବ୍ୟାଖ୍ୟା କରିଥିଲେ : ହେ ରାଜନ୍, ସେହି ପ୍ରଭୁ ଭଗବାନ ଅକିଞ୍ଚନର ଧନ । ହଁ, ଯେଉଁ ବ୍ୟକ୍ତି କୌଣସି ବସ୍ତୁକୁ, ଏପରିକି ନିଜର ଆତ୍ମାକୁ ମଧ୍ୟ 'ମୋର' ବୋଲି ଅଧିକାର କରିବାର ଇଚ୍ଛା ତ୍ୟାଗ କରିଅଛନ୍ତି, ସେ ତାଙ୍କର ହିଁ । ଏହି ଭାବର ପ୍ରତ୍ୟକ୍ଷ ଉପଲବ୍ଧି କରି ତାଙ୍କର ସ୍ୱଭାବତଃ ଏହି ବିନୟ ଆସିଥିଲା ।

ସେ ସାକ୍ଷାତ୍‌ଭାବରେ ଉପଦେଶ ଦେଇପାରୁ ନ ଥିଲେ, କାରଣ ତା'ହେଲେ ସେ ନିଜେ ଆଚାର୍ଯ୍ୟପଦ ଗ୍ରହଣ କରିବା ପରି ହୁଅନ୍ତା ଓ ନିଜକୁ ଅପରଠାରୁ ଉଚ୍ଚତର ଆସନରେ ବସାଇବା ପରି ହୁଅନ୍ତା, କିନ୍ତୁ ଥରେ ତାଙ୍କର ହୃଦୟ-ପ୍ରସ୍ରବଣ ଖୋଲିଗଲେ ସେଥିରୁ ଅନନ୍ତ ଜ୍ଞାନବାରି ଉଚ୍ଛୁଳି ଉଠୁଥିଲା, ତଥାପି ଉତ୍ତରଗୁଡ଼ିକ ସାକ୍ଷାତ୍‌ଭାବରେ ନ ହୋଇ ପରୋକ୍ଷ ଭାବରେ ହେଉଥିଲା ।

ତାଙ୍କର ଆକାର ଦୀର୍ଘ ଓ ମାଂସଳ ଥିଲା ଏବଂ ସେ ଏକଚକ୍ଷୁବିଶିଷ୍ଟ ଥିଲେ । ତାଙ୍କର ପ୍ରକୃତ ବୟସ ତୁଳନାରେ ସେ ଅଳ୍ପବୟସ୍କ ଦେଖାଯାଉଥିଲେ । ତାଙ୍କ କଣ୍ଠସ୍ୱର ଭଳି ମଧୁର ସ୍ୱର ଆଉ କାହାର ମୁଁ ଶୁଣି ନାହିଁ । ତାଙ୍କର ଜୀବନର ଶେଷ ଦଶବର୍ଷ ବା ତତୋଽଧିକ କାଳ ସେ ସମ୍ପୂର୍ଣ୍ଣରୂପେ ଲୋକଚକ୍ଷୁର ଅନ୍ତରାଳରେ ରହିଥିଲେ । ତାଙ୍କର ଗୃହଦ୍ୱାରର ପଛପଟେ ଗୋଟାକେତେ ଆଳୁ ଓ ଟିକିଏ ଲହୁଣୀ ରଖି ଦିଆଯାଉଥିଲା; ଯେତେବେଳେ ସେ ସମାଧିରେ ରହୁ ନ ଥିଲେ, ସେତେବେଳେ ରାତିରେ ଏହା ସେ ଗ୍ରହଣ କରୁଥିଲେ । ଗୁହା ଭିତରେ ଥିଲାବେଳେ ଏହା ତାଙ୍କର ଦରକାର ହେଉ ନ ଥିଲା । ଏହିଭଳି ଯୋଗଶାସ୍ତ୍ରର ସତ୍ୟତାର ପ୍ରତ୍ୟକ୍ଷ ପ୍ରମାଣସ୍ୱରୂପ ଏବଂ ପବିତ୍ରତା, ବିନୟ ଓ ପ୍ରେମର ଜୀବନ୍ତ ଦୃଷ୍ଟାନ୍ତସ୍ୱରୂପ ଏହି ନୀରବ ଜୀବନ ଅତିବାହିତ ହେଉଥିଲା ।

ଆଗରୁ କୁହାଯାଇଛି ଯେ, ଧୂମ ଦେଖିଲେ ସେ ସମାଧିରୁ ଉଠିଛନ୍ତି ବୋଲି ବୁଝାଯାଉଥିଲା । ଦିନେ ସେ ଧୂମରୁ ପୋଡ଼ାମାଂସର ଗନ୍ଧ ବାହାରିଲା । ଚତୁର୍ଦ୍ଦିଗର ଲୋକେ କିଛି ସ୍ଥିର କରିପାରିଲେ ନାହିଁ । ଶେଷରେ ଗନ୍ଧ ଅସହ୍ୟ ହେଲା ଏବଂ ପୁଞ୍ଜୀକୃତ ହୋଇ ଧୂମ ଉଠିବା ଦେଖାଗଲା । ଶେଷରେ ତାଙ୍କର ଦ୍ୱାର ଭାଙ୍ଗିଦେବାରୁ ଦେଖାଗଲା, ସେହି ମହାଯୋଗୀ ଆପଣାକୁ ନିଜ ହୋମାଗ୍ନିରେ ଶେଷ ଆହୁତିସ୍ୱରୂପ ଦେଇଛନ୍ତି । ଅଳ୍ପକ୍ଷଣ ମଧ୍ୟରେ ତାଙ୍କର ଦେହ ଭସ୍ମରେ ପରିଣତ ହେଲା ।

ଆମମାନଙ୍କୁ ଏଠାରେ କାଳିଦାସଙ୍କର ସେହି ବାକ୍ୟ ସ୍ମରଣ କରିବାକୁ ହେବ :

ମନ୍ଦବୁଦ୍ଧି ବ୍ୟକ୍ତିଗଣ ମହାତ୍ମାଗଣଙ୍କର କାର୍ଯ୍ୟର ନିନ୍ଦା କରିଥାନ୍ତି, କାରଣ ସେହି କାର୍ଯ୍ୟଗୁଡ଼ିକ ଅସାଧାରଣ ଏବଂ ତା'ର କାରଣ ଲୋକେ ଠିକ୍ ସ୍ଥିର କରିପାରନ୍ତି ନାହିଁ ।*

ତଥାପି ତାଙ୍କ ସହିତ ବିଶେଷ ପରିଚୟ ଥିବାରୁ ତାଙ୍କର ଏହି କାର୍ଯ୍ୟର କାରଣ ସମ୍ବନ୍ଧରେ ମୁଁ ଗୋଟିଏ ଆନୁମାନିକ ସିଦ୍ଧାନ୍ତ ପ୍ରକାଶ କରିବାକୁ ସାହସୀ ହେଉଛି । ସମ୍ଭବତଃ ମହାତ୍ମା ବୁଝିଥିଲେ ଯେ, ତାଙ୍କର ଶେଷ ସମୟ ଆସିଛି । ସେତେବେଳେ ସେ ଏପରିକି ମୃତ୍ୟୁ ପରେ ମଧ୍ୟ ଯେପରି କାହାକୁ କଷ୍ଟ ନ ଦେବେ, ସେଥିଲାଗି ସମ୍ପୂର୍ଣ୍ଣ ସୁସ୍ଥ ଶରୀରରେ ଓ ସୁସ୍ଥ ମନରେ ସେ ନିଜକୁ ଆର୍ଯ୍ୟୋଚିତ ଏହି ଶେଷ ଆହୁତି ଦେଇଥିଲେ ।

ବର୍ତ୍ତମାନ ଲେଖକ ଏହି ପରଲୋକଗତ ମହାତ୍ମାଙ୍କ ନିକଟରେ ଗଭୀରଭାବରେ ଋଣୀ, ସେହିହେତୁ ତାଙ୍କର ପ୍ରେମାସ୍ପଦ ଓ ଭକ୍ତସେବିତ ଶ୍ରେଷ୍ଠତମ ଆଚାର୍ଯ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଏହି ମହାତ୍ମାଙ୍କ ଉଦ୍ଦେଶ୍ୟରେ—ଏହି କେତେକ ପଙ୍‌କ୍ତି ଅଯୋଗ୍ୟ ହେଲେ ମଧ୍ୟ ଉତ୍ସର୍ଗୀକୃତ ହେଲ ।

## ମଦୀୟ ଆଚାର୍ଯ୍ୟଦେବ

[ ୧୮୯୬, ଫେବୃଆରି ୨୪ ତାରିଖରେ ନିଉୟର୍କରେ ନବପ୍ରତିଷ୍ଠିତ ବେଦାନ୍ତ ସୋସାଇଟି ଉଦ୍ୟୋଗରେ ସ୍ୱାମୀଜୀ ବିଖ୍ୟାତ My Master ବକ୍ତୃତାଟି ଦେଇଥିଲେ । ଏହି ବର୍ଷର ଶେଷଭାଗରେ ଲଣ୍ଡନ ତ୍ୟାଗ ପୂର୍ବରୁ ଉଇମ୍ବଲଡନ୍‌ଠାରେ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ ଆଉ ଗୋଟିଏ ବକ୍ତୃତା ଦେଇଥିଲେ । ବର୍ତ୍ତମାନର ଅନୁବାଦ ଉଭୟ ବକ୍ତୃତାରୁ ସଂକଳିତ ]

ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍‌ଭଗବଦ୍‌-ଗୀତାରେ କହିଛନ୍ତି : ଯେତେବେଳେ ଧର୍ମର ଗ୍ଲାନି ଓ ଅଧର୍ମର ପ୍ରସାର ହୁଏ, ସେତେବେଳେ ମୁଁ ମାନବଜାତିକୁ ସାହାଯ୍ୟ କରିବା ନିମିତ୍ତ ଜନ୍ମଗ୍ରହଣ କରିଥାଏ ।**

ଆମର ଏହି ଜଗତରେ କ୍ରମାଗତ ପରିବର୍ତ୍ତନ ଓ ନୂଆ ନୂଆ ଅବସ୍ଥାଚକ୍ର ଯୋଗୁଁ ଯେତେବେଳେ ନୂତନ ଶକ୍ତି-ସାମଞ୍ଜସ୍ୟର ପ୍ରୟୋଜନ ହୁଏ, ସେତେବେଳେ ଏକ ଶକ୍ତି-ତରଙ୍ଗ ଆସିଥାଏ, ଏବଂ ମାନବ ଆଧ୍ୟାତ୍ମିକ ଓ ଜଡ଼ ଉଭୟ ରାଜ୍ୟରେ କ୍ରିୟାଶୀଳ ବୋଲି ଉଭୟକ୍ଷେତ୍ରରେ ଏହି ସମନ୍ୱୟ-ତରଙ୍ଗର ଆବିର୍ଭାବ ହୁଏ । ଆଧୁନିକ କାଳରେ ଇଉରୋପ ହିଁ ପ୍ରଧାନତଃ ଜଡ଼ ରାଜ୍ୟରେ ସାମଞ୍ଜସ୍ୟ ବିଧାନ କରିଛି; ଏବଂ ସମଗ୍ର ଜଗତର ଇତିହାସରେ ଏସିଆ ହିଁ ଆଧ୍ୟାତ୍ମିକ

---

* ଅଲୋକସାମାନ୍ୟମଚିନ୍ତ୍ୟହେତୁକମ୍
ନିନ୍ଦନ୍ତି ମନ୍ଦାଶ୍ଚରିତଂ ମହାତ୍ମନାମ୍ ।—କୁମାରସମ୍ଭବ

** ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥—ଗୀତା, ୪।୭

ରାଜ୍ୟରେ ସମନ୍ୱୟ-ସାଧନର ଭିତ୍ତିସ୍ୱରୂପ । ଆଜିକାଲି ପୁଣି ଆଧ୍ୟାତ୍ମିକ ସ୍ତରରେ ସମନ୍ୱୟର ପ୍ରୟୋଜନ ଦେଖାଯାଉଛି । ବର୍ତ୍ତମାନ କାଳରେ ଜଡ଼ବାଦୀ ଭାବସମୂହ ହିଁ ଅଧିକ ଗୌରବ ଓ ଶକ୍ତିର ଅଧିକାରୀ ଏବଂ ଲୋକମାନେ କ୍ରମାଗତ ଜଡ଼ ଉପରେ ନିର୍ଭର କରି କରି ନିଜର ଦିବ୍ୟସ୍ୱରୂପ ଭୁଲିଯାଇ କେବଳ ଅର୍ଥୋପାର୍ଜକ ଯନ୍ତ୍ରବିଶେଷ ହେବାକୁ ଯାଉଛନ୍ତି—ତେଣୁ ବର୍ତ୍ତମାନ ଆଉ ଥରେ ସମନ୍ୱୟର ପ୍ରୟୋଜନୀୟତା ଦେଖାଦେଇଛି । ସମନ୍ୱୟର ସେହି ଶକ୍ତି ଆସିଛି, ସେହି ବାଣୀ ଉଚ୍ଚାରିତ ହୋଇଛି—ଯାହା ଏହି କ୍ରମବର୍ଦ୍ଧମାନ ଜଡ଼ବାଦର ମେଘକୁ ଅପସାରିତ କରିଦେବ । ସେହି ଶକ୍ତିର ଖେଳ ଆରମ୍ଭ ହେଲଣି, ଅନତିବିଳମ୍ବରେ ତାହା ମାନବଜାତିକୁ ତା'ର ପ୍ରକୃତ ସ୍ୱରୂପ କଥା ସ୍ମରଣ କରାଇ ଦେବ ଏବଂ ଏସିଆରୁ ହିଁ ଏହି ଶକ୍ତି ଚାରିଆଡ଼େ ବିସ୍ତାର ଲାଭ କରିବ ।

ଆମମାନଙ୍କର ଏହି ଜଗତ ଶ୍ରମବିଭାଗ ନିୟମରେ ପରିକଳ୍ପିତ । ଜଣେ ମାତ୍ର ମଣିଷ ସମୁଦାୟର ଅଧିକାରୀ ହେବ—ଏକଥା କହିବା ବୃଥା । ସେହିପରି କୌଣସି ଜାତିବିଶେଷ ଯେ ସମଗ୍ର ବିଷୟର ଅଧିକାରୀ ହେବ—ଏହା ଭାବିବା ଆହୁରି ଭୁଲ । ତଥାପି ଆମେମାନେ କି ପିଲାଳିଆ ! ଶିଶୁ ଅଜ୍ଞାନତାବଶତଃ ଭାବିଥାଏ ଯେ, ସମଗ୍ର ଜଗତରେ ତା'ର କଣ୍ଢେଇ ପରି ଲୋଭନୀୟ ଜିନିଷ ଆଉ କିଛି ନାହିଁ । ସେହିପରି ଯେଉଁ ଜାତି ଜଡ଼ଶକ୍ତିରେ ବଡ଼, ସେ ଭାବେ—ଜଡ଼ବସ୍ତୁ ହିଁ ଏକମାତ୍ର କାମ୍ୟ, ଉନ୍ନତି ବା ସଭ୍ୟତାର ଅର୍ଥ ଜଡ଼ଶକ୍ତିର ଅଧିକାର; ଆଉ ଯଦି ଏଭଳି କୌଣସି ଜାତି ଥାଏ, ଯାହାର ଏହି ଶକ୍ତି ନାହିଁ ବା ଯେଉଁମାନେ ଏହି ଶକ୍ତି ଚାହାଁନ୍ତି ନାହିଁ, ସେମାନେ ନଗଣ୍ୟ—ସେମାନେ ବଞ୍ଚିରହିବା ପାଇଁ ଅଯୋଗ୍ୟ, ତାଙ୍କର ସମସ୍ତ ଅସ୍ତିତ୍ୱ ହିଁ ନିରର୍ଥକ । ଅନ୍ୟ ଦିଗରେ ଆଉ ଏକ ଜାତିର ଲୋକେ ଭାବିପାରନ୍ତି ଯେ, କେବଳ ଜଡ଼ବାଦୀ ସଭ୍ୟତା ସମ୍ପୂର୍ଣ୍ଣ ନିରର୍ଥକ । ପ୍ରାଚ୍ୟଦେଶରୁ ସେହି ବାଣୀ ଉଠି ଏକ ସମୟରେ ସମଗ୍ର ଜଗତକୁ ଜଣାଇଦେଇଥିଲା ଯେ, ଯଦି କୌଣସି ଲୋକର ଦୁନିଆରେ ସବୁ ନିଜସ୍ୱ ଥାଏ, ଅଥଚ ତାହାର ଆଧ୍ୟାତ୍ମିକତା ନ ଥାଏ, ତା'ହେଲେ ସେଥିରେ କି ଫଳ ? ଏହା ହିଁ ପ୍ରାଚ୍ୟ ଭାବ, ଅନ୍ୟ ଭାବଟି ପାଶ୍ଚାତ୍ତ୍ୟ ।

ଏହି ଉଭୟ ଭାବର ହିଁ ମହତ୍ତ୍ୱ ଅଛି, ଉଭୟ ଭାବର ହିଁ ଗୌରବ ଅଛି । ବର୍ତ୍ତମାନର ସମନ୍ୱୟରେ ଏହି ଉଭୟ ଆଦର୍ଶର ସାମଞ୍ଜସ୍ୟ, ଉଭୟ ଆଦର୍ଶର ମିଳନ ହେବ । ପାଶ୍ଚାତ୍ତ୍ୟ ଜାତି ନିକଟରେ ଇନ୍ଦ୍ରିୟଗ୍ରାହ୍ୟ ଜଗତ ଯେଭଳି ସତ୍ୟ, ପ୍ରାଚ୍ୟ ଜାତି ନିକଟରେ ଆଧ୍ୟାତ୍ମିକ ଜଗତ ସେହିପରି ସତ୍ୟ । ପ୍ରାଚ୍ୟ ଜାତି ଯାହା କିଛି ଚାହେଁ ବା ଆଶା କରେ, ଯାହା ରହିଲେ ଜୀବନଟା ସତ୍ୟ ବୋଲି ବୋଧହୁଏ, ଆଧ୍ୟାତ୍ମିକ ସ୍ତରରେ ସେ ତାହା ପାଇଥାଏ । ପାଶ୍ଚାତ୍ତ୍ୟ ଜାତିର ଦୃଷ୍ଟିରେ ସେ ସ୍ୱପ୍ନମୁଗ୍ଧ, ପ୍ରାଚ୍ୟ ଜାତି ନିକଟରେ ପାଶ୍ଚାତ୍ତ୍ୟ ମଧ୍ୟ ତଦ୍ରୂପ ସ୍ୱପ୍ନମୁଗ୍ଧ ବୋଲି ପ୍ରତୀୟମାନ ହୁଏ । କାରଣ ପାଞ୍ଚ ମିନିଟ ପାଇଁ ମଧ୍ୟ ଯାହା ସ୍ଥାୟୀ ନୁହେଁ, ସେଭଳି କଣ୍ଢେଇ ସହିତ ସେମାନେ ଖେଳିବାରେ ଲାଗିଛନ୍ତି ! ଆଉ ଯେଉଁ କ୍ଷୁଦ୍ର ଜଡ଼ରାଶିକୁ ଶୀଘ୍ର ବା ବିଳମ୍ବରେ ପରିତ୍ୟାଗ କରିଯିବାକୁ ପଡ଼ିବ, ତାକୁ ବୟସ୍କ ନରନାରୀଗଣ ଯେ ଏତେ ବଡ଼ ମନେକରିଥାନ୍ତି—ଏହା ଦେଖି ପ୍ରାଚ୍ୟ ଜାତି ହସିଥାଏ । ପରସ୍ପର ପରସ୍ପରକୁ ସ୍ୱପ୍ନମୁଗ୍ଧ

ବୋଲି କହିଥାଆନ୍ତି । କିନ୍ତୁ ପାଶ୍ଚାତ୍ୟ ଆଦର୍ଶ ଯେଉଁଭଳି ମାନବଜାତିର ଉନ୍ନତି ପକ୍ଷରେ ଅତ୍ୟାବଶ୍ୟକ, ପ୍ରାଚ୍ୟ ଆଦର୍ଶ ମଧ୍ୟ ତଦ୍ରୂପ; ଏବଂ ମୋର ମନେହୁଏ, ପାଶ୍ଚାତ୍ୟ ଆଦର୍ଶ ଅପେକ୍ଷା ଏହା ଅଧିକ ପ୍ରୟୋଜନ । ଯନ୍ତ୍ର କେବେହେଲେ ମାନବକୁ ସୁଖୀ କରେ ନାହିଁ, କେବେ ମଧ୍ୟ କରିବ ନାହିଁ । ଯିଏ ଆମକୁ ଏହା ବିଶ୍ୱାସ କରାଇବାକୁ ଚାହେଁ ଯେ, ଏହି ଯନ୍ତ୍ର ଆମକୁ ସୁଖୀ କରିବ, ସେ ଜୋର୍ କରି କହେ ଏହି ଯନ୍ତ୍ରରେ ସୁଖ ଅଛି, କିନ୍ତୁ ସୁଖ ଚିରକାଳ ମନରେ ହିଁ ବିଦ୍ୟମାନ । ଯେଉଁ ବ୍ୟକ୍ତି ତା'ର ମନ ଉପରେ ପ୍ରଭୁତ୍ୱ ବିସ୍ତାର କରିପାରେ, କେବଳ ସେ ହିଁ ସୁଖୀ ହୋଇପାରେ, ଅନ୍ୟ କେହି ନୁହେଁ । ପୁଣି ଏ ଯନ୍ତ୍ରର ଶକ୍ତି ଜିନିଷଟା ବା କଅଣ ? ଯେଉଁ ବ୍ୟକ୍ତି ତା'ର ଭିତର ଦେଇ ତଡ଼ିତ୍-ପ୍ରବାହ ପ୍ରେରଣ କରିପାରେ, ତାହାକୁ ଖୁବ୍ ମହତ୍ ଓ ବୁଦ୍ଧିମାନ୍ ଲୋକ କହିବାର କାରଣ କ'ଣ ? ପ୍ରକୃତି କ'ଣ ପ୍ରତି ମୁହୂର୍ତ୍ତରେ ଏହା ଅପେକ୍ଷା ଲକ୍ଷଗୁଣ ଅଧିକ ତଡ଼ିତ୍-ପ୍ରବାହ ପ୍ରେରଣ କରୁ ନାହିଁ ? ତେବେ ପ୍ରକୃତିର ପାଦତଳେ ପଡ଼ି ତାହାର ଉପାସନା କରୁ ନାହଁ କାହିଁକି ? ଯଦି ସମଗ୍ର ଜଗତ ଉପରେ ତୁମର ଶକ୍ତି ବିସ୍ତୃତ ହୁଏ, ଯଦି ତୁମେ ଜଗତର ପ୍ରତ୍ୟେକ ପରମାଣୁକୁ ବଶୀଭୂତ କରିପାର, ତା' ହେଲେ ବା କଅଣ ଯାଏ ଆସେ ? ଯେପର୍ଯ୍ୟନ୍ତ ମନୁଷ୍ୟ ତା' ନିଜ ଭିତରେ ସୁଖୀ ହେବାର ଶକ୍ତି ଅର୍ଜନ ନ କରେ ଏବଂ ନିଜକୁ ନିଜେ ଜୟ କରିବାକୁ ସମର୍ଥ ନ ହୁଏ, ସେପର୍ଯ୍ୟନ୍ତ ସେ କଦାପି ସୁଖୀ ହୋଇପାରିବ ନାହିଁ । ଏହା ସତ୍ୟ ଯେ, ମନୁଷ୍ୟ ପ୍ରକୃତିକୁ ଜୟ କରିବା ପାଇଁ ହିଁ ଜନ୍ମିଛି, କିନ୍ତୁ ପାଶ୍ଚାତ୍ୟ ଜାତି 'ପ୍ରକୃତି' କହିଲେ କେବଳ ଜଡ଼ ବା ବାହ୍ୟ ପ୍ରକୃତିକୁ ବୁଝିଥାଆନ୍ତି । ଏହା ସତ୍ୟ ଯେ, ନଦୀ-ଶୈଳମାଳା-ସାଗର-ସମନ୍ୱିତା ଅସଂଖ୍ୟ ଶକ୍ତି ଓ ନାନା ଭାବମୟୀ ବାହ୍ୟ ପ୍ରକୃତି ଅତି ମହତ୍ । କିନ୍ତୁ ଏହାଠାରୁ ମହତ୍ତର ମାନବର ଅନ୍ତଃପ୍ରକୃତି—ସୂର୍ଯ୍ୟ ଚନ୍ଦ୍ର ତାରକା ପୃଥିବୀ ତଥା ସମଗ୍ର ଜଡ଼ଜଗତଠାରୁ ତାହା ଶ୍ରେଷ୍ଠ । ଆମର ଏହି କ୍ଷୁଦ୍ର ଜୀବନର ଊର୍ଦ୍ଧ୍ୱରେ ଏହି ଅନ୍ତଃପ୍ରକୃତି ଆମର ଗବେଷଣାର ଅନ୍ୟତମ କ୍ଷେତ୍ର । ପାଶ୍ଚାତ୍ୟ ଜାତି ଯେପରି ବହିର୍ଜଗତର ଗବେଷଣାରେ ପ୍ରାଧାନ୍ୟ ଲାଭ କରିଛି, ପ୍ରାଚ୍ୟ ଜାତି ସେହିଭଳି ଏହି ଅନ୍ତର୍ଜଗତର ଗବେଷଣାରେ ଶ୍ରେଷ୍ଠତ୍ୱ ଲାଭ କରିଛି । ସୁତରାଂ ଯେତେବେଳେ ଆଧ୍ୟାତ୍ମିକ ସାମଞ୍ଜସ୍ୟର ପ୍ରୟୋଜନ ହୁଏ, ସେତେବେଳେ ତାହା ଯେ ପ୍ରାଚ୍ୟରୁ ହୋଇଥାଏ, ଏହା ଅତି ସଙ୍ଗତ କଥା । ପୁଣି ଯେତେବେଳେ ପ୍ରାଚ୍ୟ ଜାତି ଯନ୍ତ୍ର ନିର୍ମାଣ ଶିକ୍ଷା କରିବାକୁ ଇଚ୍ଛା କରେ, ସେତେବେଳେ ତାକୁ ଯେ ପାଶ୍ଚାତ୍ୟ ଜାତିର ପାଦ-ତଳେ ବସି ତାହା ଶିଖିବାକୁ ହେବ, ଏହା ମଧ୍ୟ ସଙ୍ଗତ । ପାଶ୍ଚାତ୍ୟ ଜାତିର ଯେତେବେଳେ ଆତ୍ମତତ୍ତ୍ୱ, ଈଶ୍ୱରତତ୍ତ୍ୱ ଓ ବ୍ରହ୍ମାଣ୍ଡରହସ୍ୟ ଶିଖିବାର ପ୍ରୟୋଜନ ହେବ, ତାକୁ ମଧ୍ୟ ପ୍ରାଚ୍ୟର ପାଦତଳେ ବସି ତାହା ଶିକ୍ଷା କରିବାକୁ ହେବ ।

ମୁଁ ତୁମମାନଙ୍କ ନିକଟରେ ଏହିଭଳି ଏକ ବ୍ୟକ୍ତିଙ୍କର ଜୀବନକଥା କହିବାକୁ ଯାଉଛି, ଯିଏ ଭାରତରେ ଏହିପରି ଏକ ତରଙ୍ଗ ପ୍ରବାହିତ କରିଛନ୍ତି । କିନ୍ତୁ ତାଙ୍କର ଜୀବନଚରିତ କହିବା ଆଗରୁ ତୁମ ନିକଟରେ ଭାରତର ଭିତରର ରହସ୍ୟ, ଭାରତ କହିଲେ କଅଣ ବୁଝାଏ, ତାହା କହିବି । ଯେଉଁମାନଙ୍କର ଚକ୍ଷୁ ଜଡ଼ବସ୍ତୁର କୃତ୍ରିମ ସୌନ୍ଦର୍ଯ୍ୟରେ ବିଭ୍ରାନ୍ତ ହୋଇଛି,

ଯେଉଁମାନେ ସାରା ଜୀବନଟାକୁ ଭୋଜନ-ପାନ ଓ ସମ୍ଭୋଗର ବେଦୀତଳେ ବଳି ଦେଇଛନ୍ତି, କାଞ୍ଚନ ଓ ଭୂମିଖଣ୍ଡକୁ ଯଥାସର୍ବସ୍ୱ ବୋଲି ସ୍ଥିର କରିଛନ୍ତି, ଯେଉଁମାନେ ଇନ୍ଦ୍ରିୟସୁଖକୁ ହିଁ ସୁଖର ସୀମା ବୋଲି ବୁଝିଛନ୍ତି, ଯେଉଁମାନେ ଅର୍ଥକୁ ଆରାଧ୍ୟ ଦେବତା କରିଛନ୍ତି, ଯେଉଁମାନଙ୍କର ଚରମ ଲକ୍ଷ୍ୟ ଇହଲୋକରେ ସାମାନ୍ୟ କେତେ ମୁହୂର୍ତ୍ତ ପାଇଁ ସୁଖସ୍ୱାଚ୍ଛନ୍ଦ୍ୟ ଓ ତାହାପରେ ମୃତ୍ୟୁ, ଯେଉଁମାନଙ୍କର ମନ ଆଗକୁ ଡେଇଁବା ପାଇଁ ଅକ୍ଷମ, ଯେଉଁମାନେ ଇନ୍ଦ୍ରିୟଭୋଗ୍ୟ ବିଷୟ ମଧ୍ୟରେ ବାସ କରି ତା' ଅପେକ୍ଷା ଉଚ୍ଚତର ବିଷୟ କେବେ କିଛି ଚିନ୍ତା କରନ୍ତି ନାହିଁ, ସେହିଭଳି ଲୋକେ ଯଦି ଭାରତକୁ ଯାଆନ୍ତି, ସେମାନେ କଅଣ ଦେଖିବେ ? ସେମାନେ ଦେଖନ୍ତି—ଚାରିଆଡ଼େ କେବଳ ଦାରିଦ୍ର୍ୟ, ଆବର୍ଜନା, କୁସଂସ୍କାର, ଅଜ୍ଞତା ବୀଭତ୍ସଭାବରେ ତାଣ୍ଡବ ନୃତ୍ୟ କରୁଛି । ଏହାର କାରଣ କ'ଣ ? କାରଣ—ସେମାନେ ସଭ୍ୟତା କହିଲେ ପୋଷାକ, ପରିଚ୍ଛଦ, ଶିକ୍ଷା ଓ ସାମାଜିକ ଶିଷ୍ଟାଚାର ମାତ୍ରକୁ ହିଁ ବୁଝନ୍ତି । ପାଶ୍ଚାତ୍ୟ ଜାତି ସେମାନଙ୍କର ବାହ୍ୟ ଅବସ୍ଥାର ଉନ୍ନତି କରିବାକୁ ସବୁ ପ୍ରକାର ଚେଷ୍ଟା କରିଛନ୍ତି, ଭାରତ କିନ୍ତୁ ଅନ୍ୟ ବାଟରେ ଯାଇଛି । ସମଗ୍ର ଜଗତ ମଧ୍ୟରେ କେବଳ ସେଠାରେ ଏଭଳି ଏକ ଜାତି ବାସ କରନ୍ତି, ଯେଉଁ ଜାତି ନିଜ ଦେଶର ସୀମା ଛାଡ଼ି ଅନ୍ୟ ଜାତିକୁ ଜୟ କରିବାକୁ ଯିବାର ପ୍ରସଙ୍ଗ ମାନବଜାତିର ସମଗ୍ର ଇତିହାସର କେଉଁଠାରେ ଉଲ୍ଲେଖ ଥିବାର ଦେଖିବାକୁ ମିଳେ ନାହିଁ, ଯେଉଁ ଜାତି କେବେହେଲେ ଅନ୍ୟର ଦ୍ରବ୍ୟରେ ଲୋଭ କରନ୍ତି ନାହିଁ, ଯେଉଁମାନଙ୍କର ଏକମାତ୍ର ଦୋଷ ଏହି ଯେ ତାଙ୍କର ମସ୍ତିଷ୍କ ଓ ଦେଶର ଭୂମି ଅତିଶୟ ଉର୍ବର ଏବଂ ସେମାନେ ଗୁରୁତର ପରିଶ୍ରମ ଦ୍ୱାରା ଧନ ସଞ୍ଚୟ କରି ଅନ୍ୟ ଜାତିମାନଙ୍କୁ ଡାକିଆଣି ନିଜକୁ ସର୍ବସ୍ୱାନ୍ତ କରିବା ପାଇଁ ପ୍ରଲୋଭିତ କରିଛନ୍ତି । ସେମାନେ ସର୍ବସ୍ୱାନ୍ତ ହୋଇଛନ୍ତି, ସେମାନଙ୍କୁ ଅନ୍ୟ ଜାତି ବର୍ବର ବୋଲି କହିଛି—ଏଥିରେ ସେମାନଙ୍କର ଦୁଃଖ ନାହିଁ, ଏଥିରେ ସେମାନଙ୍କର ପରମ ସନ୍ତୋଷ । ଏହା ପରିବର୍ତ୍ତିରେ ସେମାନେ ଏହି ଜଗତରେ ସେହି ପରମପୁରୁଷଙ୍କର ଦର୍ଶନବାର୍ତ୍ତା ପ୍ରଚାର କରିବାକୁ ଚାହାଁନ୍ତି, ଜଗତ ନିକଟରେ ମାନବ-ପ୍ରକୃତିର ଗୂଢ଼ ରହସ୍ୟ ଉଦ୍‌ଘାଟନ କରିବାକୁ ଚାହାଁନ୍ତି, ଯେଉଁ ଆବରଣରେ ମାନବର ପ୍ରକୃତ ସ୍ୱରୂପ ଆବୃତ ତାକୁ ଛିନ୍ନ କରିବାକୁ ଚାହାଁନ୍ତି, କାରଣ ସେମାନେ ଜାଣନ୍ତି, ଏସମସ୍ତ ସ୍ୱପ୍ନ, ସେମାନେ ଜାଣନ୍ତି ଯେ—ଏହି ଜଡ଼ ପଛରେ ମାନବର ପ୍ରକୃତ ଦିବ୍ୟଭାବ ବିରାଜମାନ, ଯାହା କୌଣସି ପାପରେ ମଳିନ ହୁଏ ନାହିଁ, କାମ ଯାହାକୁ କଳଙ୍କିତ କରିପାରେ ନାହିଁ, ଅଗ୍ନି ଯାହାକୁ ଦଗ୍ଧ କରିପାରେ ନାହିଁ, ଜଳ ସିକ୍ତ କରିପାରେ ନାହିଁ, ଉତ୍ତାପ ଶୁଷ୍କ କରିପାରେ ନାହିଁ, ମୃତ୍ୟୁ ବିନାଶ କରିପାରେ ନାହିଁ । ପାଶ୍ଚାତ୍ୟ ଜାତିର ଦୃଷ୍ଟିରେ କୌଣସି ଜଡ଼ବସ୍ତୁ ଯେତେଦୂର ସତ୍ୟ, ଭାରତବାସୀଙ୍କ ନିକଟରେ ମାନବର ଏହି ଯଥାର୍ଥ ସ୍ୱରୂପ ତଦ୍ରୂପ ସତ୍ୟ ।

ତୁମେ ଯେପରି 'ହୁର୍‌ରେ ହୁର୍‌ରେ' କରି ତୋପ ଆଗକୁ ଡେଇଁପଡ଼ି ସାହସ ଦେଖାଇପାର, ତୁମମାନଙ୍କର ଯେପରି ସ୍ୱଦେଶ ପାଇଁ ପ୍ରାଣ ବିସର୍ଜନ କରିବାର ସାହସ ଅଛି, ସେମାନେ ମଧ୍ୟ ସେହିପରି ଈଶ୍ୱରଙ୍କ ନାମରେ ସାହସିକତା ଦେଖାଇପାରନ୍ତି । ଏହି

ଭାରତରେ ହିଁ ମାନବ ଯେତେବେଳେ ଜଗତକୁ ମନର କଳ୍ପନା ବା ସ୍ୱପ୍ନ ମାତ୍ର ବୋଲି ଘୋଷଣା କରେ, ସେତେବେଳେ ସେ ଯାହା ବିଶ୍ୱାସ କରେ, ସେ ଯାହା ଚିନ୍ତା କରେ, ତାହା ଯେ ସତ୍ୟ, ଏହା ପ୍ରମାଣ କରିବା ପାଇଁ ପୋଷାକ-ପରିଚ୍ଛଦ, ବିଷୟ-ସମ୍ପତ୍ତି ସମସ୍ତ ପରିତ୍ୟାଗ କରିଥାଏ । ମାନବ-ଜୀବନ ଯେ ଦୁଇଦିନ ପାଇଁ ନୁହେଁ, ପ୍ରକୃତପକ୍ଷେ ତାହା ଅନାଦି ଅନନ୍ତ—ଏହା ଯେତେବେଳେ କେହି ଜାଣିପାରେ, ସେତେବେଳେ ଏହି ଭାରତର ମଣିଷ ନଦୀତୀରରେ ବସି, ତୁମେ ଯେପରି ସାମାନ୍ୟ ତୃଣଖଣ୍ଡକୁ ଅନାୟାସରେ ପରିତ୍ୟାଗ କରିପାର, ସେହିପରି ଅନାୟାସରେ ଦେହ ତ୍ୟାଗ କରିଦେଇପାର । ଏହା ହିଁ ସେମାନଙ୍କର ବୀରତ୍ୱ—ସେମାନେ ମୃତ୍ୟୁକୁ ପରମାତ୍ମୀୟ ବୋଲି ଆଲିଙ୍ଗନ କରିବାକୁ ପ୍ରସ୍ତୁତ; କାରଣ ସେମାନେ ନିଶ୍ଚିତ ଜାଣନ୍ତି ଯେ, ସେମାନଙ୍କର ମୃତ୍ୟୁ ନାହିଁ । ଏଥିରେ ହିଁ ସେମାନଙ୍କର ଶକ୍ତି ନିହିତ—ଏହି ଶକ୍ତିବଳରେ ହିଁ ଶତ ଶତ ବର୍ଷବ୍ୟାପୀ ବୈଦେଶିକ ଆକ୍ରମଣ ଓ ଅତ୍ୟାଚାର ସତ୍ତ୍ୱେ ସେମାନେ ଅକ୍ଷତ ରହିଛନ୍ତି । ଏହି ଜାତି ଏବେ ମଧ୍ୟ ଜୀବିତ ଅଛି ଏବଂ ଏହି ଜାତି ଭିତରେ ଭୀଷଣତମ ଦୁଃଖ-ବିପଦ ସମୟରେ ମଧ୍ୟ ଧର୍ମବୀରଙ୍କର ଅଭାବ ହୁଏ ନାହିଁ । ପାଶ୍ଚାତ୍ୟ ଦେଶ ଯେପରି ବଡ଼ ବଡ଼ ରାଜନୀତିଜ୍ଞ ଓ ବୈଜ୍ଞାନିକଙ୍କୁ ପ୍ରସବ କରିଛି, ଏସିଆ ମଧ୍ୟ ସେହିପରି ବଡ଼ ବଡ଼ ଧର୍ମବୀରଙ୍କୁ ପ୍ରସବ କରିଛି । ବର୍ତ୍ତମାନ (ଊନବିଂଶ) ଶତାବ୍ଦୀର ପ୍ରାରମ୍ଭରେ ଯେତେବେଳେ ଭାରତରେ ପାଶ୍ଚାତ୍ୟ ଭାବ ପ୍ରବେଶ କରିବାକୁ ଆରମ୍ଭ କଲା, ଯେତେବେଳେ ପାଶ୍ଚାତ୍ୟ ଦିଗ୍‌ବିଜୟୀଗଣ ତରବାରି ହସ୍ତରେ ଋଷିବଂଶଧରମାନଙ୍କ ନିକଟରେ ପ୍ରମାଣ କରିବାକୁ ଆସିଲେ ଯେ ସେମାନେ ବର୍ବର, ସ୍ୱପ୍ନବିଳାସୀ, ସେମାନଙ୍କର ଧର୍ମ କେବଳ ପୌରାଣିକ ଗଳ୍ପ ମାତ୍ର; ଈଶ୍ୱର ଆତ୍ମା ଓ ଅନ୍ୟାନ୍ୟ ଯାହା କିଛି ପାଇବା ପାଇଁ ସେମାନେ ଏତେ ଦିନ ଚେଷ୍ଟା କରି ଆସିଥିଲେ, ତାହା କେବଳ ଅର୍ଥଶୂନ୍ୟ ଶବ୍ଦସମଷ୍ଟି ଏବଂ ସହସ୍ର ସହସ୍ର ବର୍ଷ ଧରି ଏହି ଜାତି କ୍ରମାଗତ ଭାବରେ ଯେଉଁ ତ୍ୟାଗ ବୈରାଗ୍ୟର ଅଭ୍ୟାସ କରି ଆସିଛି, ସେସମସ୍ତ ବୃଥା, ସେତେବେଳେ ବିଶ୍ୱବିଦ୍ୟାଳୟର ଯୁବକମାନଙ୍କ ମନରେ ଏହି ପ୍ରଶ୍ନ ଜାଗରୂକ ହେଲା ଯେ : ତେବେ କ'ଣ ଏତେ ଦିନ ପର୍ଯ୍ୟନ୍ତ ଏହି ସମଗ୍ର ଜାତିର ଜୀବନ ଯେଉଁଭଳି ଭାବରେ ଗଠିତ ହୋଇଛି, ତା'ର କିଛି ହେଲେ ସାର୍ଥକତା ନାହିଁ ? ତେବେ କ'ଣ ପୁଣି ସେମାନଙ୍କୁ ପାଶ୍ଚାତ୍ୟ ଧାରାରେ ନୂତନଭାବରେ ଜୀବନ ଗଠନ କରିବାକୁ ହେବ ? ତେବେ କ'ଣ ପ୍ରାଚୀନ ପୋଥିପତ୍ର ସବୁ ଚିରି ପକାଇବାକୁ ହେବ, ଦର୍ଶନଗ୍ରନ୍ଥ ସବୁ ପୋଡ଼ି ଦେବାକୁ ହେବ, ସେମାନଙ୍କର ଧର୍ମଗୁରୁମାନଙ୍କୁ ତଡ଼ିଦେବାକୁ ହେବ, ମନ୍ଦିର ସବୁ ଭାଙ୍ଗିପକାଇବାକୁ ହେବ ?

ତରବାରି ଓ ବନ୍ଧୁକ ସାହାଯ୍ୟରେ ନିଜ ନିଜ ଧର୍ମର ସତ୍ୟତା ପ୍ରମାଣ କରିବାକୁ ସମର୍ଥ ବିଜେତା ପାଶ୍ଚାତ୍ୟ ଜାତି ଯେ କହୁଛନ୍ତି, ତୁମର ପୁରାତନ ଯାହା କିଛି ଅଛି, ସବୁ କୁସଂସ୍କାର, ସବୁ କିଛି ପୌତ୍ତଳିକତା ! ପାଶ୍ଚାତ୍ୟ ଭାବରେ ପରିଚାଳିତ ନୂତନ ବିଦ୍ୟାଳୟମାନଙ୍କରେ ଶିକ୍ଷିତ ବାଳକଗଣ ଅତି ବାଲ୍ୟକାଳରୁ ଏହି ସମସ୍ତ ଭାବରେ ଅଭ୍ୟସ୍ତ ହେଲେ; ସୁତରାଂ ସେମାନଙ୍କ ଭିତରେ ଯେ ସନ୍ଦେହର ଆବିର୍ଭାବ ହେବ, ଏହା କିଛି ଆଶ୍ଚର୍ଯ୍ୟର ବିଷୟ ନୁହେଁ । କିନ୍ତୁ କୁସଂସ୍କାର ତ୍ୟାଗ କରି ପ୍ରକୃତ ଭାବରେ ସତ୍ୟାନୁସନ୍ଧାନ ନ କରି ପାଶ୍ଚାତ୍ୟବାସୀ ଯାହା

ଯାହା କହନ୍ତି, ତାହାକୁ ସେମାନେ ସତ୍ୟ ବୋଲି ଧରିନେଲେ—ପାଶ୍ଚାତ୍ୟ ଭାବ ହିଁ ସତ୍ୟର ମାପକାଠିରୂପେ ନିର୍ଣ୍ଣିତ ହେଲା । ପୁରୋହିତକୁଳର ଉଚ୍ଛେଦ ସାଧନ କରିବାକୁ ହେବ, ବେଦରାଶି ପୋଡ଼ି ପକାଇବାକୁ ହେବ, କାରଣ ପାଶ୍ଚାତ୍ୟର ଲୋକେ ଏହି କଥା କହୁଛନ୍ତି ! ଏହିଭଳି ସନ୍ଦେହ ଓ ଅସ୍ଥିରତାର ଭାବରୁ ହିଁ ଭାରତରେ ତଥାକଥିତ ସଂସ୍କାରର ତରଙ୍ଗ ଉଠିଲା ।

ଯଦି ତୁମେ ତୁମ ଦେଶର ଯଥାର୍ଥ କଲ୍ୟାଣ କରିବାକୁ ଚାହଁ, ତେବେ ତୁମର ତିନୋଟି ଜିନିଷ ରହିବା ଦରକାର—ପ୍ରଥମତଃ ହୃଦୟବତ୍ତା । ତୁମର ଭାଇମାନଙ୍କ ପାଇଁ ଯଥାର୍ଥରେ କ'ଣ ତୁମର ପ୍ରାଣ କାନ୍ଦୁଛି ? ଜଗତରେ ଏତେ ଦୁଃଖକଷ୍ଟ, ଏତେ ଅଜ୍ଞାନ, ଏତେ କୁସଂସ୍କାର ରହିଛି—ଏହା କ'ଣ ତୁମେ ପ୍ରାଣେ ପ୍ରାଣେ ଅନୁଭବ କର ? ସବୁ ମନୁଷ୍ୟଙ୍କୁ ଭାଇ ବୋଲି କ'ଣ ପ୍ରକୃତରେ ତୁମେ ଅନୁଭବ କର ? ତୁମର ସମଗ୍ର ସତ୍ତା କ'ଣ ଏହି ଭାବରେ ପୂର୍ଣ୍ଣ ହୋଇ ଉଠିଛି ? ଏହା କ'ଣ ତୁମର ରକ୍ତ ସହିତ ମିଶିଯାଇଛି, ତୁମର ଶିରରେ ଶିରରେ ପ୍ରବାହିତ ହେଉଛି ? ତାହା କ'ଣ ତୁମର ପ୍ରତ୍ୟେକ ସ୍ନାୟୁ ଭିତରେ ଝଙ୍କାର ତୋଳୁଛି ? ତୁମେ କ'ଣ ଏହି ସହାନୁଭୂତିର ଭାବରେ ପୂର୍ଣ୍ଣ ହୋଇଛ ? ଯଦି ଏହା ହୋଇଥାଏ, ତେବେ ବୁଝିବାକୁ ହେବ, ତୁମେ ମାତ୍ର ପ୍ରଥମ ସୋପାନରେ ପଦାର୍ପଣ କରିଛ । ତାହାପରେ ଭାବିବାକୁ ହେବ : ପ୍ରତିକାରର କୌଣସି ଉପାୟ ତୁମେ ଖୋଜି ପାଇଛ କି ନାହିଁ । ତୁମେ ଯେ ଚିତ୍କାର କରି ସମସ୍ତଙ୍କୁ ସବୁ ଭାଙ୍ଗି ଚୁନା କରିଦେବାକୁ କହୁଛ, ତୁମେମାନେ ନିଜେ କ'ଣ କୌଣସି ପଥ ଦେଖିପାରିଛ ? ହୋଇପାରେ, ପ୍ରାଚୀନ ଭାବସବୁ କୁସଂସ୍କାରପୂର୍ଣ୍ଣ; କିନ୍ତୁ ଏସମସ୍ତ କୁସଂସ୍କାର ସଙ୍ଗେ ସଙ୍ଗେ ଅମୂଲ୍ୟ ସତ୍ୟ ମିଶ୍ରିତ ରହିଛି, ନାନାପ୍ରକାର ଖାଦ ମଧ୍ୟରେ ସୁବର୍ଣ୍ଣଖଣ୍ଡମାନ ରହିଛି । ତୁମେ କ'ଣ ଏପରି କୌଣସି ଉପାୟ ଆବିଷ୍କାର କରିଛ, ଯେଉଁଥିରେ ଖାଦ ବାଦ୍ ଦେଇ ଖାଣ୍ଟି ସୁନାତକ ବାହାର କରି ନିଆଯାଇପାରେ ? ଯଦି ତାହା ମଧ୍ୟ କରିଥାଅ, ତେବେ ବୁଝିବାକୁ ହେବ, ତୁମେ ଦ୍ୱିତୀୟ ସୋପାନରେ ମାତ୍ର ପଦାର୍ପଣ କରିଛ । ପୁଣି ଆଉ ଗୋଟିଏ ଜିନିଷର ପ୍ରୟୋଜନ—ପ୍ରାଣପଣ ଅଧ୍ୟବସାୟ । ତୁମେ ଯେ ଦେଶର କଲ୍ୟାଣ ସାଧନ କରିବାକୁ ଯାଉଛ, କହି ଦେଖି, ତୁମର ଅସଲ ଅଭିସନ୍ଧି କ'ଣ ? ନିଶ୍ଚିତ କରି କ'ଣ କହିପାରିବ ଯେ, ତୁମର ଏହି କଲ୍ୟାଣ-ଇଚ୍ଛା ପଛରେ ଅର୍ଥ ମାନ, ଯଶ ବା ପ୍ରଭୁତ୍ୱର ବାସନା ନାହିଁ ? ତୁମେ କ'ଣ ନିଶ୍ଚିତ କରି କହିପାର, ଯଦି ସମଗ୍ର ଜଗତ ତୁମକୁ ପେଷି ପକାଇବାକୁ ଚେଷ୍ଟା କରେ, ତଥାପି ତୁମେ ତୁମର ଆଦର୍ଶକୁ ଦୃଢ଼ଭାବରେ ଧରି କାର୍ଯ୍ୟ କରିଯାଇପାରିବ ? ତୁମେ କ'ଣ ନିଶ୍ଚିତ କରି କହିପାରିବ—ତୁମେ କ'ଣ ଚାହଁ, ତାହା ଜାଣ ? ଏବଂ ତୁମର ଜୀବନ ପର୍ଯ୍ୟନ୍ତ ବିପନ୍ନ ହେଲେ ମଧ୍ୟ ତୁମେ ତୁମର ସେହି କର୍ତ୍ତବ୍ୟ ସାଧନ କରିଯାଇପାରିବ ? ତୁମେ କ'ଣ ନିଶ୍ଚିତ ରୂପରେ କହିପାର ଯେ, ଯେତେଦିନ ଜୀବନ ଥିବ, ଯେତେଦିନ ହୃଦୟର ଗତି ସମ୍ପୂର୍ଣ୍ଣରୂପେ ଅବରୁଦ୍ଧ ନ ହୋଇଛି, ସେତେଦିନ ଅଧ୍ୟବସାୟ ସହକାରେ ତୁମେ ତୁମର ଉଦ୍ଦେଶ୍ୟ-ସାଧନରେ ଲାଗି ରହିଥିବ ? ଏହି ତ୍ରିବିଧ ଗୁଣ ଯଦି ତୁମର ଥାଏ, ତେବେ ତୁମେ ପ୍ରକୃତ ସଂସ୍କାରକ, ଯଥାର୍ଥ ଆଚାର୍ଯ୍ୟ ଓ ଗୁରୁ; ତେବେ ତୁମେ ଆମମାନଙ୍କର ନମସ୍ୟ । ଯଦି ତୁମର

ଏହି ଗୁଣଗୁଡ଼ିକ ନ ଥାଏ, ତେବେ ତୁମେ ଆମର ଶ୍ରଦ୍ଧାର ଯୋଗ୍ୟ ନୁହଁ । କିନ୍ତୁ ମଣିଷ ଅତ୍ୟନ୍ତ ଦୁର୍ବଳ ଓ ସଙ୍କୀର୍ଣ୍ଣଦୃଷ୍ଟି । ଅପେକ୍ଷା କରି ରହିବାକୁ ତା'ର ଧୈର୍ଯ୍ୟ ନାହିଁ, ତାହାର ପ୍ରକୃତ ଦର୍ଶନର ଶକ୍ତି ନାହିଁ—ସେ ତତ୍‌କ୍ଷଣାତ୍ ଫଳ ଦେଖିବାକୁ ଚାହେଁ । ଏହାର କାରଣ କ'ଣ ? କାରଣ ଏହି ଯେ, ସେ ନିଜେ ଏହାର ଫଳ ଭୋଗ କରିବାକୁ ଚାହେଁ, ପ୍ରକୃତପକ୍ଷେ ଅନ୍ୟ ପାଇଁ ତାହାର କୌଣସି ଭାବନା ନାହିଁ । ସେ କର୍ତ୍ତବ୍ୟ ପାଇଁ କର୍ତ୍ତବ୍ୟ କରିବାକୁ ଚାହେଁ ନାହିଁ । ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି : କର୍ମରେ ହିଁ ତୁମର ଅଧିକାର, ଫଳରେ ଆଦୌ ନୁହେଁ ।

କାହିଁକି ଫଳ କାମନା କର ? ଆମକୁ କେବଳ କର୍ତ୍ତବ୍ୟ କରିଯିବାକୁ ହେବ । ଫଳ ଯାହା ହେବାର ହେଉ । କିନ୍ତୁ ମନୁଷ୍ୟର ସହିଷ୍ଣୁତା ନାହିଁ—ଏହିପରି ଅସ୍ଥିରଚିତ୍ତ ହେତୁ ଶୀଘ୍ର ଫଳଭୋଗ କରିବ ବୋଲି ସେ ଯେକୌଣସି ଗୋଟିଏ ମତଲବ ନେଇ ସେଥିରେ ଲାଗିଯାଏ । ଜଗତର ଅଧିକାଂଶ ସଂସ୍କାରକଙ୍କୁ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇପାରେ ।

ମୁଁ ପୂର୍ବରୁ କହିଛି, ଭାରତରେ ଏହି ସଂସ୍କାର ପାଇଁ ଆଗ୍ରହ ଦେଖାଗଲା । କିଛି କାଳ ପାଇଁ ମନେହେଲା ଯେ, ଯେଉଁ ଜଡ଼ବାଦ ଓ 'ଅହଂ'-ସର୍ବସ୍ୱତାର ତରଙ୍ଗ ଭାରତ-ଉପକୂଳରେ ପ୍ରବଳ ବେଗରେ ଆଘାତ କରୁଛି, ସେଥିରେ ଆମେ ଆମର ପୂର୍ବପୁରୁଷମାନଙ୍କଠାରୁ ଉତ୍ତରାଧିକାର-ସୂତ୍ରରେ ପ୍ରାପ୍ତ ହୃଦୟର ପ୍ରବଳ ଅକପଟତା, ଈଶ୍ୱରଲାଭ ପାଇଁ ହୃଦୟର ତୀବ୍ର ଆକୁଳତା ପ୍ରଭୃତି ସମସ୍ତ ହିଁ ଭାସିଯିବ । ମୁହୂର୍ତ୍ତିକ ପାଇଁ ବୋଧ ହେଲା, ଯେପରିକି ସମଗ୍ର ଜାତିର ଅଦୃଷ୍ଟରେ ବିଧାତା ସମ୍ପୂର୍ଣ୍ଣ ଧ୍ୱଂସ ହିଁ ଲେଖିଛନ୍ତି । କିନ୍ତୁ ଏହି ଜାତି ଏହିଭଳି ସହସ୍ର ବିପ୍ଳବ-ତରଙ୍ଗର ଆଘାତ ସହ୍ୟ କରିଆସିଛି । ସେଗୁଡ଼ିକ ତୁଳନାରେ ଏହି ତରଙ୍ଗର ବେଗ ତ ଅତି ସାମାନ୍ୟ । ଶତ ଶତ ବର୍ଷ ଧରି ତରଙ୍ଗ ପରେ ତରଙ୍ଗ ଆସି ଏ ଦେଶକୁ ବନ୍ୟାରେ ଭସାଇ ଦେଇଛି, ସମ୍ମୁଖରେ ଯାହା ପାଇଛି, ତାହା ଚୂରମାର କରିଦେଇଛି, ତରବାରି ଝଲସି ଉଠିଛି ଏବଂ 'ଆଲ୍ଲାଙ୍କ ଜୟ'-ନାଦରେ ଭାରତଗଗନ ବିଦୀର୍ଣ୍ଣ ହୋଇଯାଇଛି । କିନ୍ତୁ ପରେ ଯେତେବେଳେ ବିପ୍ଳବର ବନ୍ୟା କମିଗଲା, ଦେଖାଗଲା, ଜାତୀୟ ଆଦର୍ଶସମୂହ ଅପରିବର୍ତ୍ତିତ ରହିଛି ।

ଭାରତୀୟ ଜାତି ନଷ୍ଟ ହେବାର ନୁହେଁ । ମୃତ୍ୟୁକୁ ଉପହାସ କରି ଭାରତବାସୀ ନିଜ ମହିମାରେ ବିରାଜମାନ ଏବଂ ତାହା ସେତେଦିନ ରହିଥିବ, ଯେତେଦିନ ତାହାର ଜାତୀୟ ଭିତ୍ତିସ୍ୱରୂପ ଧର୍ମଭାବ ଅକ୍ଷୁଣ୍ଣ ରହିଥିବ, ଯେତେଦିନ ଭାରତର ଲୋକେ ଧର୍ମକୁ ଛାଡ଼ି ବିଷୟ-ସୁଖରେ ଉନ୍ମତ୍ତ ନ ହେବେ, ଏବଂ ଯେତେଦିନ ଈଶ୍ୱରଙ୍କୁ ପରିତ୍ୟାଗ ନ କରିବେ । ହୁଏତ ସେମାନେ ଚିରକାଳ ଭିକ୍ଷୁକ ଓ ଦରିଦ୍ର ହୋଇ ରହିବେ, ଧୂଳି ଓ ମଳିନତା ଭିତରେ ହୁଏତ ସେମାନଙ୍କୁ ଚିରଦିନ ରହିବାକୁ ପଡ଼ିବ; କିନ୍ତୁ ସେମାନେ ଯେପରି ତାଙ୍କର ଈଶ୍ୱରଙ୍କୁ ପରିତ୍ୟାଗ ନ କରନ୍ତି । ସେମାନେ ଯେ ଋଷିମାନଙ୍କ ବଂଶଧର, ଏକଥା ଯେପରି ଭୁଲି ନ ଯା'ନ୍ତି । ଯେପରି ପାଶ୍ଚାତ୍ୟ ଦେଶରେ ଜଣେ ମୂଲ-ମଜୁରିଆ ମଧ୍ୟ ମଧ୍ୟଯୁଗର ଦସ୍ୟୁ 'ବ୍ୟାରନ୍'ଙ୍କର ବଂଶଧର ରୂପେ ନିଜକୁ ପ୍ରତିପନ୍ନ କରିବାକୁ ଚେଷ୍ଟା କରେ, ଭାରତରେ ସେହି-

ପରି ସିଂହାସନାରୂଢ଼ ସମ୍ରାଟ ମଧ୍ୟ ଅରଣ୍ୟବାସୀ, ବଲ୍କଲ ପରିହିତ, ଆରଣ୍ୟ ଫଳମୂଳଭୋଜୀ, ବ୍ରହ୍ମଧ୍ୟାନପରାୟଣ, ଅକିଞ୍ଚନ, ଋଷିଗଣଙ୍କ ବଂଶଧର ରୂପେ ନିଜକୁ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି । ଆମେ ଏହିପରି ଋଷିଗଣଙ୍କ ବଂଶଧର ରୂପେ ପରିଚିତ ହେବାକୁ ଚାହୁଁ ଏବଂ ଯେତେଦିନ ପୁଣ୍ୟ ଚରିତ୍ର ଉପରେ ଏପରି ଗଭୀର ଶ୍ରଦ୍ଧା ଥିବ, ସେତେଦିନ ଭାରତର ବିନାଶ ନାହିଁ ।

ଭାରତର ଚାରିଆଡ଼େ ଯେତେବେଳେ ଏହି ପ୍ରକାର ବିବିଧ ସଂସ୍କାରର ଚେଷ୍ଟା ଚାଲିଥିଲା, ସେହି ସମୟରେ ୧୮୩୬ ଖ୍ରୀଷ୍ଟାବ୍ଦ ଫେବୃଆରି ୧୮ ତାରିଖରେ ବଙ୍ଗଦେଶର କେଉଁ ସୁଦୂର ପଲ୍ଲୀଗ୍ରାମର ଦରିଦ୍ର ବ୍ରାହ୍ମଣକୁଳରେ ଗୋଟିଏ ବାଳକର ଜନ୍ମ ହୁଏ । ତାହାର ପିତାମାତା ଅତି ନିଷ୍ଠାବାନ୍, ପ୍ରାଚୀନପନ୍ଥୀ ଲୋକ ଥିଲେ । ଏହିପରି ନିଷ୍ଠାବାନ୍ ବ୍ରାହ୍ମଣଙ୍କର ଜୀବନ ନିତ୍ୟ ତ୍ୟାଗ-ଓ ତପସ୍ୟାମୟ । ଜୀବିକା-ନିର୍ବାହ ପାଇଁ ତାଙ୍କ ପକ୍ଷରେ ଖୁବ୍ ଅଳ୍ପ ପଥ ମାତ୍ର ଉନ୍ମୁକ୍ତ; ପୁଣି ନିଷ୍ଠାବାନ୍ ବ୍ରାହ୍ମଣଙ୍କ ପକ୍ଷରେ କୌଣସି ପ୍ରକାର ବିଷୟ-କର୍ମ ନିଷିଦ୍ଧ । ପୁଣି ଯାହା ତାହା ନିକଟରୁ ଦାନ ଗ୍ରହଣ କରିବାର ମଧ୍ୟ ବାଟ ନାହିଁ । କଳ୍ପନା କରି ଦେଖ—ଏପ୍ରକାର ଜୀବନ କି କଠୋର ଜୀବନ ! ତୁମେ ଅନେକ ଥର ବ୍ରାହ୍ମଣମାନଙ୍କ କଥା ଓ ତାଙ୍କର ପୌରୋହିତ୍ୟ ବ୍ୟବସାୟ କଥା ଶୁଣିଛ । କିନ୍ତୁ ମୁଁ ପଚାରେ, ତୁମମାନଙ୍କ ଭିତରୁ କେତେ ଜଣ ଭାବି ଦେଖିଛ ଏହି ଅଦ୍ଭୁତ ବ୍ରାହ୍ମଣକୁଳ କିପରି ଭାବରେ ତାଙ୍କର ପ୍ରତିବେଶୀମାନଙ୍କ ଉପରେ ପ୍ରଭୁତ୍ୱ କଲେ ? ଦେଶର ସବୁ ଜାତି ଅପେକ୍ଷା ସେମାନେ ଦରିଦ୍ରତମ ଏବଂ ତ୍ୟାଗ ହିଁ ସେମାନଙ୍କର ଶକ୍ତିର ରହସ୍ୟ । ସେମାନେ କେବେ ଧନର ଆକାଂକ୍ଷା ରଖି ନ ଥାନ୍ତି । ଜଗତ ମଧ୍ୟରେ ସେମାନେ ସର୍ବାପେକ୍ଷା ଦରିଦ୍ର ପୁରୋହିତ, ସେଥିପାଇଁ ସେମାନେ ସର୍ବାପେକ୍ଷା ଅଧିକ ଶକ୍ତିସମ୍ପନ୍ନ । ସେମାନେ ନିଜେ ଏଭଳି ଦରିଦ୍ର ସତ; ତଥାପି ଦେଖିବ—ଯଦି ଗ୍ରାମରେ କୌଣସି ଦରିଦ୍ର ବ୍ୟକ୍ତି ଆସି ଉପସ୍ଥିତ ହୁଏ, ବ୍ରାହ୍ମଣପତ୍ନୀ ତାକୁ କେବେ ଉପବାସରେ ଚାଲିଯିବାକୁ ଦେବେ ନାହିଁ । ଭାରତରେ ମାତାର ଏହା ହିଁ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ଏବଂ ଯେହେତୁ ସେ ମାତା, ସେହି ହେତୁ ତାଙ୍କର କର୍ତ୍ତବ୍ୟ—ସମସ୍ତଙ୍କୁ ଖୁଆଇ ସର୍ବଶେଷରେ ନିଜେ ଖାଇବା । ପ୍ରଥମେ ତାଙ୍କୁ ଦେଖିବାକୁ ହେବ—ସମସ୍ତେ ଖାଇ ପରିତୃପ୍ତ ହୋଇଛନ୍ତି, ତେବେ ଯାଇ ସେ ଖାଇପାରିବେ; ସେଥିପାଇଁ ଭାରତରେ ଜନନୀଙ୍କୁ ସାକ୍ଷାତ୍ ଭଗବତୀ କୁହାଯାଏ । ଆମେ ଯାହାଙ୍କର ଜୀବନୀ କହିବାକୁ ପ୍ରବୃତ୍ତ ହୋଇଛୁ, ତାଙ୍କର ମାତା ଏହିପରି ଏକ ଆଦର୍ଶ ହିନ୍ଦୁ-ଜନନୀ ଥିଲେ । ଭାରତରେ ଯେଉଁ ଜାତି ଯେତେ ଉଚ୍ଚ; ତାଙ୍କ ପାଇଁ ବିଧିନିଷେଧ ମଧ୍ୟ ସେତେ ବେଶୀ । ଖୁବ୍ ନୀଚ ଜାତିର ଲୋକେ ଯାହା ଖୁସି ତାହା ଖାଇପାରନ୍ତି; କିନ୍ତୁ ତଦପେକ୍ଷା ଉଚ୍ଚତର ଜାତିମାନଙ୍କରେ ଦେଖାଯିବ ଯେ, ଆହାରର ନିୟମ ଧରାବନ୍ଧା ରହିଛି, ଆଉ ସର୍ବୋଚ୍ଚତମ ଜାତି, ଭାରତର ବଂଶାନୁକ୍ରମିକ ପୁରୋହିତ ଜାତି ବ୍ରାହ୍ମଣଙ୍କ ଜୀବନ—ମୁଁ ପୂର୍ବରୁ କହିଛି—ଖୁବ୍ ବେଶୀ ଆଚାରନିଷ୍ଠ । ପାଶ୍ଚାତ୍ୟ ଦେଶର ଆଚାର-ବ୍ୟବହାର ତୁଳନାରେ ଏହି ବ୍ରାହ୍ମଣମାନଙ୍କ ଜୀବନ ନିରବଚ୍ଛିନ୍ନ ତପସ୍ୟାରେ ପୂର୍ଣ୍ଣ, କିନ୍ତୁ ସେମାନଙ୍କର ଖୁବ ସ୍ଥୈର୍ଯ୍ୟ ଅଛି । ସେମାନେ କୌଣସି ଗୋଟିଏ ଭାବ ପାଇଲେ, ତା'ର ଚୂଡ଼ାନ୍ତ ନ କରି ଛାଡ଼ନ୍ତି ନାହିଁ ଏବଂ ବଂଶାନୁକ୍ରମେ

ସେହି ଭାବକୁ ପୋଷଣ କରି କାର୍ଯ୍ୟରେ ପରିଣତ କରନ୍ତି । ଥରେ ସେମାନଙ୍କୁ କୌଣସି ଗୋଟିଏ ଭାବ ଦିଅ, ସହଜରେ ସେମାନେ ତାହାକୁ ଅପସାରିତ କରିପାରିବେ ନାହିଁ; ତେବେ ସେମାନଙ୍କୁ କୌଣସି ନୂତନ ଭାବ ଦେବା ଅତ୍ୟନ୍ତ କଠିନ ।

ନିଷ୍ଠାବାନ୍ ହିନ୍ଦୁମାନେ ଏହି କାରଣରୁ ଅତିଶୟ ସ୍ୱାତନ୍ତ୍ର୍ୟପ୍ରିୟ; ସେମାନେ ସମ୍ପୂର୍ଣ୍ଣ-ରୂପେ ନିଜର ଚିନ୍ତା-ଓ ଭାବ-ରାଜ୍ୟରେ ବାସ କରନ୍ତି । କିଭଳି ଭାବରେ ଜୀବନ ଯାପନ କରିବାକୁ ହେବ, ତାହା ଆମର ପ୍ରାଚୀନ ଶାସ୍ତ୍ରରେ ପୁଙ୍ଖାନୁପୁଙ୍ଖ ରୂପେ ବର୍ଣ୍ଣିତ ଅଛି । ସେମାନେ ସେହି ସମସ୍ତ ବିଧିନିଷେଧର ସାମାନ୍ୟ ନିୟମ ପର୍ଯ୍ୟନ୍ତ ଦୃଢ଼ଭାବରେ ଧରିଥାନ୍ତି । ସେମାନେ ବରଂ ଉପବାସ ରହିବେ, ତଥାପି ସ୍ୱଜାତିର କ୍ଷୁଦ୍ର ଗଣ୍ଡିର ବହିର୍ଭୂତ କୌଣସି ବ୍ୟକ୍ତି ହାତରୁ ଖାଇବେ ନାହିଁ । ଏହିପରି ସ୍ୱାତନ୍ତ୍ର୍ୟପ୍ରିୟ ହେଲେ ମଧ୍ୟ ସେମାନଙ୍କର ଐକାନ୍ତିକତା ଓ ଅସାଧାରଣ ନିଷ୍ଠା ଅଛି । ନିଷ୍ଠାବାନ୍ ହିନ୍ଦୁମାନଙ୍କ ଭିତରେ ଅନେକ ସମୟରେ ଏହିଭଳି ପ୍ରବଳ ବିଶ୍ୱାସ ଓ ଧର୍ମଭାବ ଦେଖାଯାଏ; କାରଣ ସତ୍ୟ ପ୍ରତି ଗଭୀର ବିଶ୍ୱାସରୁ ସେମାନଙ୍କର ନିଷ୍ଠା ଉତ୍ପନ୍ନ ହୋଇଛି । ସେମାନେ ଏଭଳି ଅଧ୍ୟବସାୟର ସହିତ ଲାଗିଥାଆନ୍ତି ଯେ, ଆମେ ହୁଏତ ତାକୁ ଠିକ୍ ବୋଲି ମନେ ନ କରିପାରୁ, କିନ୍ତୁ ସେମାନଙ୍କ ମତରେ ତାହା ସତ୍ୟ । ଆମର ଶାସ୍ତ୍ରରେ ଲିଖିତ ଅଛି, ମଣିଷ ସର୍ବଦା ଦାନଶୀଳତାର ଚୂଡ଼ାନ୍ତ ସୀମା ପର୍ଯ୍ୟନ୍ତ ଯିବା ଉଚିତ । ଯଦି କୌଣସି ବ୍ୟକ୍ତି ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ, ସେହି ବ୍ୟକ୍ତିର ଜୀବନ ରକ୍ଷା କରିବାକୁ ଯାଇ ନିଜେ ଅନଶନରେ ଦେହତ୍ୟାଗ କରେ, ଶାସ୍ତ୍ର ମତରେ ଏହା ଅନ୍ୟାୟ ନୁହେଁ, ବରଂ ତାହା କରିବା ମନୁଷ୍ୟର କର୍ତ୍ତବ୍ୟ । ବିଶେଷତଃ ବ୍ରାହ୍ମଣ ପକ୍ଷରେ ନିଜର ମୃତ୍ୟୁର ଭୟ ନ ରଖି ସମ୍ପୂର୍ଣ୍ଣଭାବରେ ଦାନବ୍ରତ ଅନୁଷ୍ଠାନ କରିବା କର୍ତ୍ତବ୍ୟ । ଯେଉଁମାନେ ଭାରତୀୟ ସାହିତ୍ୟ ସହିତ ସୁପରିଚିତ, ସେମାନେ ଏହିଭଳି ଚୂଡ଼ାନ୍ତ ଦାନଶୀଳତାର ଦୃଷ୍ଟାନ୍ତସ୍ୱରୂପ ଗୋଟିଏ ପ୍ରାଚୀନ ମନୋହର ଉପାଖ୍ୟାନ କଥା ସ୍ମରଣ କରିପାରିବେ । ମହାଭାରତରେ ଲେଖା ଅଛି, ଜଣେ ଅତିଥିଙ୍କୁ ଭୋଜନ କରାଇବାକୁ ଯାଇ କିଭଳି ଗୋଟିଏ ସମଗ୍ର ପରିବାର ଅନଶନରେ ପ୍ରାଣ ଦେଇଥିଲେ । ଏହା ଅତିରଞ୍ଜିତ କଥା ନୁହେଁ; କାରଣ ଆଜିକାଲି ମଧ୍ୟ ଏଭଳି ଘଟଣା ଘଟୁଥିବାର ଦେଖିବାକୁ ମିଳେ । ମୋର ଆଚାର୍ଯ୍ୟଦେବଙ୍କର ପିତାମାତାଙ୍କ ଚରିତ୍ର ଏହି ଆଦର୍ଶାନୁଯାୟୀ ଥିଲା । ସେମାନେ ଖୁବ୍ ଦରିଦ୍ର ଥିଲେ; କିନ୍ତୁ ଅନେକ ସମୟରେ କୌଣସି ଦରିଦ୍ର ଅତିଥିଙ୍କୁ ଖାଇବାକୁ ଦେବାକୁ ଯାଇ ଗୃହିଣୀଙ୍କୁ ସାରାଦିନ ଉପବାସ ରହିବାକୁ ପଡ଼ୁଥିଲା ।

ଏହିଭଳି ପିତାମାତାଙ୍କଠାରୁ ଏହି ଶିଶୁ ଜନ୍ମଗ୍ରହଣ କଲେ ଏବଂ ଜନ୍ମରୁ ତାଙ୍କଠାରେ ଏକ ବିଶେଷତ୍ୱ ଓ ଅସାଧାରଣତ୍ୱ ଥିଲା । ଜନ୍ମ ନେଲାବେଳୁ ତାଙ୍କର ପୂର୍ବବୃତ୍ତାନ୍ତ ସ୍ମରଣ ଥିଲା —କେଉଁ କାରଣରୁ ସେ ଜଗତକୁ ଆସିଛନ୍ତି, ତାହା ସେ ଜାଣିଥିଲେ ଏବଂ ସେହି ଉଦ୍ଦେଶ୍ୟ ସିଦ୍ଧି ପାଇଁ ତାଙ୍କର ସମସ୍ତ ଶକ୍ତି ପ୍ରୟୋଗ କରିଥିଲେ । ଅଳ୍ପ ବୟସରେ ହିଁ ତାଙ୍କର ପିତୃବିୟୋଗ ହେଲା ଓ ସେ ପାଠଶାଳାକୁ ପ୍ରେରିତ ହେଲେ ।

ବ୍ରାହ୍ମଣ-ସନ୍ତାନକୁ ପାଠଶାଳାକୁ ଯିବାକୁ ପଡ଼େ । ବ୍ରାହ୍ମଣଙ୍କର ଲେଖାପଢ଼ା କାମ

ଛଡ଼ା ଅନ୍ୟ କାମରେ ଅଧିକାର ନାହିଁ । ଭାରତର ପ୍ରାଚୀନ ଶିକ୍ଷାପଦ୍ଧତି, ଯାହା ଏବେ ମଧ୍ୟ ଦେଶର ଅନେକ ସ୍ଥାନରେ ପ୍ରଚଳିତ, ବିଶେଷତଃ ସନ୍ନ୍ୟାସୀମାନଙ୍କ ସଂସ୍କୃତ ଶିକ୍ଷା, ଆଧୁନିକ ଶିକ୍ଷାପ୍ରଣାଳୀଠାରୁ ଅନେକ ପୃଥକ୍ । ସେହି ଶିକ୍ଷାପ୍ରଣାଳୀରେ ଛାତ୍ରମାନଙ୍କୁ ବେତନ ଦେବାକୁ ପଡ଼େ ନାହିଁ । ପ୍ରାଚୀନ ଧାରଣା ଥିଲା, ଜ୍ଞାନ ଏତେ ଦୂର ପବିତ୍ର ବସ୍ତୁ ଯେ, କାହାରି ତାହା ବିକ୍ରୟ କରିବା ଉଚିତ ନୁହେଁ । କୌଣସି ମୂଲ୍ୟ ନ ନେଇ ଅବାଧରେ ଜ୍ଞାନ ବିତରଣ କରିବାକୁ ହେବ । ଆଚାର୍ଯ୍ୟମାନେ ଛାତ୍ରମାନଙ୍କୁ ବିନା ବେତନରେ ନିଜ ପାଖରେ ରଖୁଥିଲେ, ଏବଂ କେବଳ ସେତିକି ନୁହେଁ, ସେମାନଙ୍କ ଭିତରୁ ଅନେକ ଛାତ୍ରଙ୍କୁ ଭୋଜନ-ବସନ ମଧ୍ୟ ପ୍ରଦାନ କରୁଥିଲେ । ଏହିସବୁ ଆଚାର୍ଯ୍ୟମାନଙ୍କର ବ୍ୟୟନିର୍ବାହ ପାଇଁ ବଡ଼ଲୋକମାନେ ବିବାହ, ଶ୍ରାଦ୍ଧ ପ୍ରଭୃତି ବିଶେଷ କାର୍ଯ୍ୟ ଉପଲକ୍ଷେ ସେମାନଙ୍କୁ ଦାନ ଦେଉଥିଲେ । ବିଶେଷ ବିଶେଷ ଦାନର ଅଧିକାରୀ ବୋଲି ସେମାନେ ବିବେଚିତ ହେଉଥିଲେ ଏବଂ ସେମାନେ ଛାତ୍ରମାନଙ୍କୁ ମଧ୍ୟ ପ୍ରତିପାଳନ କରୁଥିଲେ । ଯେଉଁ ବାଳକଟି କଥା ମୁଁ କହୁଛି, ତାଙ୍କର ଜ୍ୟେଷ୍ଠ-ଭ୍ରାତା ଜଣେ ପଣ୍ଡିତ ଥିଲେ । ବାଳକ ତାଙ୍କ ନିକଟରେ ପାଠପଢ଼ା ଆରମ୍ଭ କଲେ । ଅଳ୍ପ ଦିନ ପରେ ତାଙ୍କର ଦୃଢ଼ ଧାରଣା ହେଲା ଯେ, ସମୁଦାୟ ଲୌକିକ ବିଦ୍ୟାର ଉଦ୍ଦେଶ୍ୟ— କେବଳ ସାଂସାରିକ ଉନ୍ନତି । ସୁତରାଂ ସେ ଲେଖାପଢ଼ା ଛାଡ଼ି ଆଧ୍ୟାତ୍ମିକ ଜ୍ଞାନାନ୍ୱେଷଣ ପାଇଁ ସମ୍ପୂର୍ଣ୍ଣରୂପେ ଜୀବନକୁ ଉତ୍ସର୍ଗ କରିବାକୁ ସଂକଳ୍ପ କଲେ । ତାଙ୍କ ପିତାଙ୍କ ମୃତ୍ୟୁ ପରେ ସଂସାରରେ ପ୍ରବଳ ଦାରିଦ୍ର୍ୟ ଦେଖାଦେଲା । ଏହି ବାଳକଙ୍କୁ ନିଜର ଆହାର ସଂସ୍ଥାନର ଚେଷ୍ଟା କରିବାକୁ ପଡ଼ିଲା । ସେ କଲିକତା ସନ୍ନିକଟ ଏକ ସ୍ଥାନକୁ ଯାଇ ସେଠାର ମନ୍ଦିରରେ ପୁରୋହିତ ଭାବରେ ନିଯୁକ୍ତ ହେଲେ । ମନ୍ଦିରର ପୌରୋହିତ୍ୟ-କର୍ମ ବ୍ରାହ୍ମଣ ପକ୍ଷରେ ଅତି ନିନ୍ଦନୀୟ କାର୍ଯ୍ୟ ବୋଲି ବିବେଚିତ ହୋଇଥାଏ । ଆମମାନଙ୍କ ମନ୍ଦିର, ତୁମେ ଯେଉଁ ଅର୍ଥରେ ଚର୍ଚ୍ଚ ଶବ୍ଦ ବ୍ୟବହାର କର, ସେପରି ନୁହେଁ । ମନ୍ଦିରଗୁଡ଼ିକ ସାଧାରଣ-ଉପାସନାର ସ୍ଥାନ ନୁହେଁ, କାରଣ ଭାରତରେ ସମବେତ ଉପାସନା ବୋଲି କିଛି ନାହିଁ । ଅଧିକାଂଶ କ୍ଷେତ୍ରରେ ଧନୀ ବ୍ୟକ୍ତିମାନେ ପୁଣ୍ୟ ସଞ୍ଚୟ ଉଦ୍ଦେଶ୍ୟରେ ମନ୍ଦିର ତିଆରି କରାଇଥାଆନ୍ତି ।

ଯେଉଁମାନଙ୍କର ବିଷୟ-ସମ୍ପତ୍ତି ବେଶୀ ଅଛି, ସେମାନେ ଏହିଭଳି ମନ୍ଦିର କରାଇ-ଦିଅନ୍ତି । ମନ୍ଦିରରେ ସେ କୌଣସି ଈଶ୍ୱର-ପ୍ରତୀକ ବା ଈଶ୍ୱର ଅବତାରଙ୍କର ମୂର୍ତ୍ତି ପ୍ରତିଷ୍ଠା କରନ୍ତି ଏବଂ ଭଗବାନଙ୍କ ନାମରେ ଏହାକୁ ପୂଜା ନିମିତ୍ତ ଉତ୍ସର୍ଗ କରନ୍ତି । ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚରେ ଯେଉଁଭଳି ଅର୍ଚ୍ଚନା (Mass) ଅନୁଷ୍ଠାନ ହୁଏ, ଏହିସବୁ ମନ୍ଦିରମାନଙ୍କରେ କିଛିଟା ସେହିପରି ପୂଜା ହୋଇଥାଏ—ଧର୍ମଶାସ୍ତ୍ରମାନଙ୍କରୁ ମନ୍ତ୍ର ଶ୍ଳୋକ ଆଦି ପାଠ କରାଯାଏ, ମୂର୍ତ୍ତି ସମ୍ମୁଖରେ ଆରତି କରାଯାଏ । ମୋଟ କଥା, ଆମେ ଯେପରି ଜଣେ ବଡ଼ଲୋକକୁ ସମ୍ମାନ ପ୍ରଦର୍ଶନ କରୁ ମୂର୍ତ୍ତି ପ୍ରତି ଠିକ୍ ସେହିଭଳି ଆଚରଣ କରାହୁଏ । ମନ୍ଦିରରେ ଏହିଭଳି କାର୍ଯ୍ୟ ଅନୁଷ୍ଠିତ ହୁଏ । ଯେଉଁ ଲୋକ କେବେହେଲେ ମନ୍ଦିରକୁ ଯାଏ ନାହିଁ, ତାଙ୍କ ଅପେକ୍ଷା, ଯିଏ ମନ୍ଦିରକୁ ଯାଏ, କେବଳ ମନ୍ଦିରକୁ ଯାଉଥିବା ହେତୁ ସେ ଶ୍ରେଷ୍ଠ ବୋଲି ବିବେଚିତ ହୁଏ ନାହିଁ । ଏପରିକି ଯିଏ କେବେହେଲେ ମନ୍ଦିରକୁ ଯାଏ ନାହିଁ, ସେ ଅଧିକତର ଧାର୍ମିକ ବୋଲି

ବିବେଚିତ ହୋଇପାରେ, କାରଣ ଭାରତରେ ଧର୍ମ ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ଏବଂ ଲୋକେ ନିଜ ଗୃହରେ ନିର୍ଜ୍ଜନରେ ନିଜର ଆଧ୍ୟାତ୍ମିକ ଉନ୍ନତି ପାଇଁ ପ୍ରୟୋଜନୀୟ ଉପାସନା ଆଦି ନିର୍ବାହ କରିଥାଆନ୍ତି । ଆମ ଦେଶରେ ଅତି ପ୍ରାଚୀନ କାଳରୁ ମନ୍ଦିରରେ ପୌରୋହିତ୍ୟ କରିବା ନିନ୍ଦନୀୟ କାର୍ଯ୍ୟ ବୋଲି ପରିଗଣିତ ହୋଇଆସୁଛି । ଏହାର ତାତ୍ପର୍ଯ୍ୟ ଏହି ଯେ, ଯେତେବେଳେ ଅର୍ଥ ବିନିମୟରେ ବିଦ୍ୟାଦାନ ନିନ୍ଦାର୍ହ କାର୍ଯ୍ୟ ବୋଲି ପରିଗଣିତ ହୁଏ, ସେତେବେଳେ ଧର୍ମ ସମ୍ବନ୍ଧରେ ଏହା ଯେ ଆହୁରି ଅଧିକ ପ୍ରଯୋଜ୍ୟ—ଏହା କହିବା ବାହୁଲ୍ୟ ମାତ୍ର । ମନ୍ଦିରର ପୁରୋହିତ ଯେତେବେଳେ ବେତନ ନେଇ କାର୍ଯ୍ୟ କରନ୍ତି, ସେତେବେଳେ କହିବାକୁ ହେବ ଯେ ସେ ଏହି ଧର୍ମଗତ ବିଷୟ ନେଇ ବ୍ୟବସାୟ କରୁଛନ୍ତି । ଅତଏବ ଯେତେବେଳେ ଦାରିଦ୍ର୍ୟ ହେତୁ ବାଧ୍ୟ ହୋଇ ଏହି ବାଳକଙ୍କୁ ତାଙ୍କର ଜୀବିକାର୍ଜ୍ଜନର ଏକମାତ୍ର ଉପାୟସ୍ୱରୂପ ମନ୍ଦିରର ପୌରୋହିତ୍ୟ-କାର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିଲା, ସେତେବେଳେ ତାଙ୍କର ମନର ଭାବ କିଭଳି ହୋଇଥିବ, କଳ୍ପନା କରି ଦେଖ ।

ବଙ୍ଗଳା ଦେଶରେ ଅନେକ କବି ଜନ୍ମଗ୍ରହଣ କରିଛନ୍ତି, ତାଙ୍କର ରଚିତ ସଙ୍ଗୀତ ସାଧାରଣ ଲୋକଙ୍କ ମଧ୍ୟରେ ଖୁବ୍ ପ୍ରଚଳିତ । କଲିକତାର ରାସ୍ତାରେ ରାସ୍ତାରେ ଏବଂ ସମସ୍ତ ପଲ୍ଲୀଗ୍ରାମମାନଙ୍କରେ ସେହିସବୁ ସଙ୍ଗୀତ ଗାନ କରାଯାଇଥାଏ । ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଧର୍ମସଙ୍ଗୀତ ଏବଂ ସେଗୁଡ଼ିକର ସାରମର୍ମ ଏହି ଯେ, ଧର୍ମକୁ ସାକ୍ଷାତ୍ ଅନୁଭବ କରିବାକୁ ହେବ । ସମ୍ଭବତଃ ଏହି ଭାବ ହିଁ ଭାରତୀୟ ଧର୍ମସମୂହର ବିଶେଷତ୍ୱ । ଭାରତରେ ଧର୍ମ ସମ୍ବନ୍ଧରେ ଏଭଳି କୌଣସି ଗ୍ରନ୍ଥ ନାହିଁ, ଯେଉଁଥିରେ ଏହି ଭାବ ନାହିଁ । ଈଶ୍ୱରଙ୍କୁ ସାକ୍ଷାତ୍ କରିବାକୁ ହେବ, ତାହାଙ୍କୁ ପ୍ରତ୍ୟକ୍ଷ ଅନୁଭବ କରିବାକୁ ହେବ, ତାଙ୍କୁ ଦେଖିବାକୁ ହେବ, ତାହାଙ୍କ ସହିତ କଥା କହିବାକୁ ହେବ—ଏହା ହିଁ ଧର୍ମ । ଅନେକ ସାଧୁପୁରୁଷଙ୍କର ଈଶ୍ୱରଦର୍ଶନ କାହାଣୀ ଭାରତର ସର୍ବତ୍ର ଶୁଣିବାକୁ ମିଳେ । ଏହିପରି ବିଶ୍ୱାସ ହିଁ ସେମାନଙ୍କ ଧର୍ମର ଭିତ୍ତି । ଭାରତର ବାୟୁମଣ୍ଡଳ ସାଧୁସନ୍ଥମାନଙ୍କ ଦ୍ୱାରା ଈଶ୍ୱର-ଦର୍ଶନର କାହାଣୀରେ ପରିପୂର୍ଣ୍ଣ । ବୁଦ୍ଧିବୃତ୍ତିର ଉନ୍ନତି ପାଇଁ ଏହି ପ୍ରାଚୀନ ଧର୍ମଗ୍ରନ୍ଥସବୁ ଲିଖିତ ହୋଇ ନାହିଁ, କୌଣସି ପ୍ରକାର ଯୁକ୍ତିଦ୍ୱାରା ମଧ୍ୟ ଏସବୁ ବୁଝିବାର ଉପାୟ ନାହିଁ । କାରଣ, ସେମାନେ ନିଜେ ଯାହା ଦେଖିଛନ୍ତି ତାହା ଲେଖିଯାଇଛନ୍ତି ଏବଂ ଯେଉଁମାନେ ନିଜକୁ ସେପରି ଉଚ୍ଚଭାବାପନ୍ନ କରିପାରିଛନ୍ତି, ସେହିମାନେ ହିଁ କେବଳ ଏସମସ୍ତ ତତ୍ତ୍ୱ ବୁଝିପାରିବେ । ସେମାନେ କହନ୍ତି, ଇହ-ଜୀବନରେ ହିଁ ଏହିପରି ପ୍ରତ୍ୟକ୍ଷାନୁଭୂତି ସମ୍ଭବ ଏବଂ ସମସ୍ତଙ୍କର ମଧ୍ୟ ଏହା ହୋଇପାରେ । ମାନବର ଏହି ଶକ୍ତି ବିକଶିତ ହେଲେ ହିଁ ଧର୍ମ ଆରମ୍ଭ ହୁଏ । ସବୁ ଧର୍ମର ଏହା ହିଁ ସାରକଥା ।

ଏଥିପାଇଁ ଆମେ ଦେଖିବାକୁ ପାଉ, ଜଣକର ଖୁବ୍ ଭଲ ବକ୍ତୃତା ଦେବାର ଶକ୍ତି ଅଛି, ତା'ର ଯୁକ୍ତିସମୂହ ଅକାଟ୍ୟ, ସେ ଖୁବ୍ ଉଚ୍ଚ ଉଚ୍ଚ ଭାବ ପ୍ରଚାର କରୁଛି; ତଥାପି କେହି ତା'ର କଥା ଶୁଣୁ ନାହାନ୍ତି, ଆଉ ଅନ୍ୟ ଜଣେ ଅତି ସାମାନ୍ୟ ବ୍ୟକ୍ତି, ନିଜର ମାତୃଭାଷା ହୁଏତ ଭଲକରି ଜାଣେ ନାହିଁ; କିନ୍ତୁ ତା'ର ଜୀବଦ୍ଦଶାରେ ତା' ଦେଶର ଅର୍ଦ୍ଧେକ ଲୋକ ତାକୁ ଈଶ୍ୱର ବୋଲି ପୂଜା କରୁଛନ୍ତି । ଭାରତରେ ଏପରି ହୋଇଥାଏ ଯେ, ଯେତେବେଳେ

କୌଣସି ପ୍ରକାରେ ଲୋକମାନେ ଜାଣିପାରନ୍ତି ଯେ, କୌଣସି ବ୍ୟକ୍ତିର ଏଭଳି ପ୍ରତ୍ୟକ୍ଷାନୁଭୂତି ହୋଇଛି, ଧର୍ମ ତାଙ୍କ ପକ୍ଷରେ ଆଉ ଅନୁମାନର ବିଷୟ ନୁହେଁ—ଧର୍ମ, ଆତ୍ମାର ଅମରତ୍ୱ, ଈଶ୍ୱର ପ୍ରଭୃତି ଗୁରୁତର ବିଷୟ ନେଇ ସେ ଆଉ ଅନ୍ଧକାରରେ ଅଣ୍ଡାଳି ହେଉ ନାହାନ୍ତି, ସେତେବେଳେ ଗୃହଆଡ଼ୁ ଲୋକମାନେ ତାଙ୍କୁ ଦେଖିବାକୁ ଆସନ୍ତି । କ୍ରମେ ଲୋକମାନେ ତାଙ୍କୁ ପୂଜା କରିବାକୁ ଆରମ୍ଭ କରନ୍ତି ।

ପୂର୍ବକଥିତ ମନ୍ଦିରରେ ଆନନ୍ଦମୟୀ ଜଗନ୍ମାତାଙ୍କର ଗୋଟିଏ ମୂର୍ତ୍ତି ଥିଲା । ଏହି ବାଳକଙ୍କୁ ପ୍ରତ୍ୟହ ପ୍ରାତଃକାଳରେ ଓ ସନ୍ଧ୍ୟାରେ ତାଙ୍କୁ ପୂଜା କରିବାକୁ ହେଉଥିଲା । ପୂଜା କରୁ କରୁ ଏହି ଭାବ ଆସି ତାଙ୍କ ମନକୁ ଅଧିକାର କଲା : ଏହି ମୂର୍ତ୍ତି ଭିତରେ କୌଣସି ସତ୍ୟତା ଅଛି କି ? ଏହା କ'ଣ ସତ୍ୟ ଯେ, ଜଗତରେ ଆନନ୍ଦମୟୀ ମା ବୋଲି କେହି ଅଛନ୍ତି ? ଏହା କ'ଣ ପ୍ରକୃତରେ ଚୈତନ୍ୟମୟୀ ଓ ଏହି ବ୍ରହ୍ମାଣ୍ଡକୁ ନିୟନ୍ତ୍ରଣ କରୁଛନ୍ତି, ନା ଏସବୁ ସ୍ୱପ୍ନତୁଲ୍ୟ ମିଥ୍ୟା ? ଧର୍ମ ଭିତରେ କୌଣସି ସତ୍ୟ ଅଛି କି ?

ସେ ଶୁଣିଥିଲେ ଯେ, ଅତୀତ କାଳରେ ଅନେକ ବଡ଼ ବଡ଼ ସାଧୁ ମହାପୁରୁଷ ତାଙ୍କୁ ଲାଭ କରିବା ପାଇଁ ପ୍ରାଣପଣ ଚେଷ୍ଟା କରିଛନ୍ତି ଓ ଅବଶେଷରେ ସେମାନଙ୍କର ଉଦ୍ଦେଶ୍ୟ ସଫଳ ମଧ୍ୟ ହୋଇଛି । ସେ ଶୁଣିଥିଲେ, ଭାରତର ସବୁ ଧର୍ମର ଏକମାତ୍ର ଲକ୍ଷ୍ୟ—ସେହି ଜଗନ୍ମାତାଙ୍କର ସାକ୍ଷାତ୍ ପ୍ରତ୍ୟକ୍ଷ ଉପଲବ୍ଧି । ତାଙ୍କର ସମୁଦାୟ ମନଃପ୍ରାଣ ଯେପରି ସେହି ଏକଭାବରେ ତନ୍ମୟ ହୋଇଉଠିଲା । କିପରି ଭାବରେ ସେ ଜଗନ୍ମାତାଙ୍କୁ ଲାଭ କରିବେ, ସେହି ଗୋଟିଏ ଚିନ୍ତା ତାଙ୍କ ମନରେ ପ୍ରବଳ ହେବାକୁ ଲାଗିଲା । କ୍ରମଶଃ ତାଙ୍କର ଏହି ଭାବ ବଢ଼ିବାକୁ ଲାଗିଲା । ଶେଷରେ 'କିଭଳି ମାଆଙ୍କର ଦର୍ଶନ ପାଇବି'—ଏହା ଛଡ଼ା ଆଉ କିଛି କହିବାକୁ ବା ଶୁଣିବାକୁ ତାଙ୍କର ମନ ବଳିଲା ନାହିଁ ।

ସବୁ ହିନ୍ଦୁ ବାଳକଙ୍କ ଭିତରେ ଏହି ସଂଶୟ ଆସିଥାଏ । ଏହି ସଂଶୟ ହିଁ ଆମ ଦେଶର ବିଶେଷତ୍ୱ : ଆମେ ଯାହା କରୁଛୁଁ, ତାହା କଅଣ ସତ୍ୟ ? କେବଳ ମତବାଦ ନେଇ ଆମେ ସନ୍ତୁଷ୍ଟ ନୋହୁ ଅଥଚ ଈଶ୍ୱରଙ୍କ ସମ୍ବନ୍ଧରେ ଯେତେ ମତବାଦ ଏପର୍ଯ୍ୟନ୍ତ ପ୍ରଚଳିତ ହୋଇଛି, ସେସମସ୍ତ ଭାରତରେ ଅଛି । ଶାସ୍ତ୍ର ବା ମତବାଦ ଆମମାନଙ୍କୁ କେବେହେଲେ ତୃପ୍ତ କରି-ପାରେ ନାହିଁ । ଆମ ଦେଶର ସହସ୍ର ସହସ୍ର ଲୋକଙ୍କ ମନରେ ଏଭଳି ପ୍ରତ୍ୟକ୍ଷାନୁଭୂତିର ଆକାଙ୍କ୍ଷା ଜାଗିଥାଏ । ଏକଥା କଅଣ ସତ୍ୟ ଯେ, ଈଶ୍ୱର ବୋଲି କେହି ଅଛନ୍ତି ? ଯଦି ଅଛନ୍ତି, ତେବେ ମୁଁ କ'ଣ ତାଙ୍କୁ ଦେଖିପାରିବି ? ମୁଁ କ'ଣ ସତ୍ୟକୁ ଉପଲବ୍ଧି କରିବାକୁ ସକ୍ଷମ ?—ପାଶ୍ଚାତ୍ୟ ଜାତିମାନେ ଏଗୁଡ଼ାକ କେବଳ କଳ୍ପନା ବୋଲି ମନେକରିପାରନ୍ତି; କିନ୍ତୁ ଆମ ପକ୍ଷରେ ଏହା ହିଁ ବିଶେଷ କାମର କଥା । ଏହି ଭାବକୁ ଆଶ୍ରୟ କରି ଲୋକେ ନିଜର ଜୀବନକୁ ଉତ୍ସର୍ଗ କରନ୍ତି । ଏହି ଭାବ ଯୋଗୁଁ ପ୍ରତି ବର୍ଷ ସହସ୍ର ସହସ୍ର ହିନ୍ଦୁ ଗୃହ ପରିତ୍ୟାଗ କରନ୍ତି ଏବଂ ଅତଏବ କଠୋର ତପସ୍ୟା କରିବା ଫଳରେ ଅନେକେ ମୃତ୍ୟୁବରଣ କରନ୍ତି । ପାଶ୍ଚାତ୍ୟ ଜାତିମାନଙ୍କୁ ଏହା ଖୁବ୍ କାଳ୍ପନିକ ବୋଲି ବୋଧ ହୋଇପାରେ; ସେମାନେ କାହିଁକି ଏଭଳି ମତ ଅବଲମ୍ବନ କରନ୍ତି, ତାହାର କାରଣ ମଧ୍ୟ ମୁଁ ଅନାୟାସରେ

ବୁଝିପାରୁଛ । ତଥାପି ପାଶ୍ଚାତ୍ୟ ଦେଶରେ ମୁଁ ବହୁ ଦିନ ବସବାସ କରିବା ସତ୍ତ୍ୱେ ମୁଁ ଏହି ପ୍ରାଚ୍ୟ ଭାବକୁ ହିଁ ଜୀବନରେ ସର୍ବାପେକ୍ଷା ସତ୍ୟ—ବାସ୍ତବ କାର୍ଯ୍ୟ ବୋଲି ମନେକରେ ।

ଜୀବନ ତ କ୍ଷଣସ୍ଥାୟୀ—ତୁମେ ରାସ୍ତାର ମୂଲିଆ ହୁଅ କିମ୍ବା ଲକ୍ଷ ଲକ୍ଷ ଲୋକଙ୍କର ଦଣ୍ଡମୁଣ୍ଡ-ବିଧାତା ସମ୍ରାଟ ହୁଅ । ଜୀବନ ତ କ୍ଷଣଭଙ୍ଗୁର—ତୁମ ସ୍ୱାସ୍ଥ୍ୟ ପଛକେ ଖୁବ୍ ଭଲ ହେଉ, ଅଥବା ତୁମେ ଚିରରୁଗ୍‌ଣ ହୋଇଥାଅ । ହିନ୍ଦୁ ମତରେ ଏ ଜୀବନସମସ୍ୟାର ଏକମାତ୍ର ମୀମାଂସା ହେଉଛି—ଈଶ୍ୱରଲାଭ । ଧର୍ମଲାଭ ହିଁ ଏହି ସମସ୍ୟାର ଏକମାତ୍ର ସମାଧାନ । ଯଦି ଈଶ୍ୱର ଓ ଧର୍ମ ସତ୍ୟ ହୁଏ, ତେବେ ଜୀବନ-ରହସ୍ୟ ବୁଝିହୁଏ, ଜୀବନଭାର ଦୁର୍ବହ ହୁଏ ନାହିଁ, ଜୀବନ ଉପଭୋଗ୍ୟ ହୁଏ । ତାହା ନ ହେଲେ ଜୀବନ ଗୋଟିଏ ବୃଥା ଭାର ମାତ୍ର । ଏହା ହିଁ ଆମମାନଙ୍କର ଧାରଣା । କିନ୍ତୁ ଶତ ଶତ ଯୁକ୍ତିଦ୍ୱାରା ମଧ୍ୟ ଧର୍ମ ଓ ଈଶ୍ୱରଙ୍କୁ ପ୍ରମାଣ କରାଯାଇ-ପାରେ ନାହିଁ । ଯୁକ୍ତିବଳରେ ଧର୍ମ ଓ ଈଶ୍ୱରଙ୍କର ଅସ୍ତିତ୍ୱ ସମ୍ଭବପର ବୋଲି ଅବଧାରିତ ହୋଇପାରେ; କିନ୍ତୁ ସେହିଠାରେ ହିଁ ଯୁକ୍ତିର ଶେଷ । ସତ୍ୟ ସମସ୍ତଙ୍କୁ ପ୍ରତ୍ୟକ୍ଷ ଉପଲବ୍ଧି କରିବାକୁ ପଡ଼ିବ ଏବଂ ଧର୍ମର ପ୍ରତ୍ୟକ୍ଷ ପ୍ରମାଣ ପାଇବାକୁ ଗଲେ ଅନୁଭୂତି ଦରକାର । ଈଶ୍ୱର ଅଛନ୍ତି, ଏହା ନିଶ୍ଚୟ କରି ବୁଝିବାକୁ ହେଲେ ଈଶ୍ୱରଙ୍କୁ ଅନୁଭବ କରିବାକୁ ହେବ । ନିଜେ ପ୍ରତ୍ୟକ୍ଷ ଅନୁଭବ ନ କଲେ ଅନ୍ୟ କୌଣସି ଉପାୟରେ ଆମ ନିକଟରେ ଧର୍ମର ସତ୍ୟତା ପ୍ରମାଣିତ ହୋଇପାରିବ ନାହିଁ ।

ବାଳକଙ୍କର ହୃଦୟରେ ଏହି ଧାରଣା ପ୍ରବେଶ କରିବାରୁ ତାଙ୍କର ସାରାଦିନ କେବଳ ଏହି ଭାବନା ମନରେ ଆସିଲା—କିପରି ପ୍ରତ୍ୟକ୍ଷ ଦର୍ଶନ ହେବ । ପ୍ରତିଦିନ ସେ କାନ୍ଦି କାନ୍ଦି କହନ୍ତି—'ମା, ସତରେ କ'ଣ ତୁମେ ଅଛ, ନା ଏସବୁ କେବଳ କଳ୍ପନା ମାତ୍ର ? କବିମାନେ ଓ ଭ୍ରାନ୍ତ ଜନସାଧାରଣ ଏହି ଆନନ୍ଦମୟୀ ଜନନୀଙ୍କର କଳ୍ପନା କରିଛନ୍ତି, ନା ସତରେ କିଛି ଅଛି ?' ମୁଁ ପୂର୍ବରୁ କହିଛି, ଆମେ ଯେଉଁ ଅର୍ଥରେ ଶିକ୍ଷା ଶବ୍ଦ ବ୍ୟବହାର କରୁ, ସେଭଳି ଶିକ୍ଷା ତାଙ୍କର ଆଦୌ ନ ଥିଲା; ଏଥିରେ ବରଂ ଭଲ ହୋଇଥିଲା । ଅନ୍ୟର ଭାବ—ଅନ୍ୟର ଚିନ୍ତାର ଅନୁଗତ ହୋଇ ତାଙ୍କ ମନର ସ୍ୱାଭାବିକତା, ମନର ସ୍ୱାସ୍ଥ୍ୟ ନଷ୍ଟ ହୋଇଯାଇ ନ ଥିଲା । ତାଙ୍କ ମନରେ ଏହି ପ୍ରଧାନ ଚିନ୍ତାଟି ଦିନୁଁ ଦିନ ବଢ଼ିବାକୁ ଲାଗିଲା, ଶେଷରେ ଏପରି ହେଲା ଯେ, ସେ ଆଉ କିଛି ଭାବିପାରିଲେ ନାହିଁ । ନିୟମିତରୂପେ ପୂଜା କରିବା, ସବୁ ଠିକ୍-ଠିକ୍ ନିୟମ ପାଳନ କରିବା—ବର୍ତ୍ତମାନ ତାଙ୍କ ପକ୍ଷରେ ଅସମ୍ଭବ ହୋଇଉଠିଲା । ସମୟ ସମୟରେ ସେ ଠାକୁରଙ୍କୁ ଭୋଗ ଦେବାକୁ ଭୁଲିଯାଆନ୍ତି, ବେଳେ ବେଳେ ଆରତି କରିବାକୁ ମଧ୍ୟ ଭୁଲିଯାଆନ୍ତି, ପୁଣି କେତେବେଳେ ସବୁ ଭୁଲି କ୍ରମାଗତ ଭାବେ ଆରତି କରିବାରେ ଲାଗିଯାନ୍ତି । ଲୋକମୁଖରେ ଓ ଧର୍ମଶାସ୍ତ୍ରରୁ ସେ ଶୁଣିଥିଲେ, ଯେଉଁମାନେ ବ୍ୟାକୁଳ ଭାବରେ ଭଗବାନଙ୍କୁ ପାଇବାକୁ ଇଚ୍ଛା କରନ୍ତି, ସେହିମାନେ ହିଁ ପାଆନ୍ତି । ବର୍ତ୍ତମାନ ତାଙ୍କର ଭଗବାନଙ୍କୁ ଲାଭ କରିବା ପାଇଁ ସେହି ପ୍ରବଳ ଆଗ୍ରହ ଦେଖା ଦେଲା । ଅବଶେଷରେ ତାଙ୍କ ପକ୍ଷରେ ମନ୍ଦିରର ନିୟମିତ ପୂଜା କରିବା ଅସମ୍ଭବ ହୋଇପଡ଼ିଲା । ସେ ତାହା ପରିତ୍ୟାଗ କରି ମନ୍ଦିରର ପାର୍ଶ୍ୱବର୍ତ୍ତୀ ପଞ୍ଚବଟୀକୁ ଯାଇ ସେଠାରେ ବାସ କରିବାକୁ ଲାଗିଲେ । ତାଙ୍କ

ଜୀବନର ଏହି ଭାବ ସମ୍ବନ୍ଧରେ ସେ ମୋତେ ଅନେକ ଥର କହିଛନ୍ତି, 'କେତେବେଳେ ସୂର୍ଯ୍ୟ ଉଦିତ ହେଉଥିଲେ, କେତେବେଳେ ବା ଅସ୍ତ ଯାଉଥିଲେ ତାହା ମୁଁ ଜାଣିପାରୁ ନ ଥିଲି ।' ସେ ନିଜର ଦେହଭାବ ପୂରାପୂରି ଭୁଲିଗଲେ, ତାଙ୍କର ଆହାର କରିବା କଥା ମଧ୍ୟ ମନେ-ରହିଲା ନାହିଁ । ଏହି ସମୟରେ ତାଙ୍କର ଜନୈକ ଆତ୍ମୀୟ ଖୁବ୍ ଯତ୍ନପୂର୍ବକ ତାଙ୍କର ସେବା-ଶୁଶ୍ରୂଷା କରୁଥିଲେ, ସେ ତାଙ୍କୁ ଜୋର୍ କରି ଖାଇବାକୁ ଦେଉଥିଲେ ଏବଂ ଅଜ୍ଞାତସାରରେ ସେଥିରୁ କିଛି ତାଙ୍କର ଉଦରସ୍ଥ ହେଉଥିଲା । ସେ ଉଚ୍ଚସ୍ୱରରେ କାନ୍ଦି କାନ୍ଦି କହୁଥିଲେ, 'ମା, ମା, ତୁ କ'ଣ ସତରେ ଅଛୁ ? ତେବେ ମୋତେ କାହିଁକି ଅଜ୍ଞାନରେ ପକାଇ ରଖିଛୁ ? ମୋତେ ସତ୍ୟ କ'ଣ, ତାହା ଜାଣିବାକୁ ଦେଉ ନାହୁଁ କାହିଁକି ? ମୁଁ ତୋର ସାକ୍ଷାତ୍ ଦର୍ଶନ କରିପାରୁ ନାହିଁ କାହିଁକି ? ଲୋକଙ୍କ କଥା, ଶାସ୍ତ୍ରକଥା, ଷଡ୍‌ଦର୍ଶନ—ଏସବୁ ପଢ଼ିଶୁଣି କ'ଣ ହେବ ମା ? ଏସବୁ ମିଛ । ସତ୍ୟ—ଯାହା ଯଥାର୍ଥ ସତ୍ୟ, ମୁଁ ତାହା ସାକ୍ଷାତ୍ ଉପଲବ୍ଧି କରିବାକୁ ଚାହେଁ । ସତ୍ୟ ଅନୁଭବ କରିବାକୁ, ତାକୁ ସ୍ପର୍ଶ କରିବାକୁ ମୁଁ ଚାହେଁ ।'

ଏହି ଭାବରେ ସେହି ବାଳକଙ୍କର ଦିନଗୁଡ଼ିକ କଟିଯିବାକୁ ଲାଗିଲା । ଦିବାବସାନ ପରେ ସନ୍ଧ୍ୟାକାଳରେ ଯେତେବେଳେ ମନ୍ଦିର-ଆରତିର ଶଙ୍ଖ-ଘଣ୍ଟା-ଧ୍ୱନି ସେ ଶୁଣିବାକୁ ପାଉଥିଲେ, ତାଙ୍କର ମନ ସେତେବେଳେ ଅତିଶୟ ବ୍ୟାକୁଳ ହୋଇଉଠୁଥିଲା । ସେ କାନ୍ଦି ପକାଇ କହୁଥିଲେ, 'ମା, ଆଉ ଗୋଟିଏ ଦିନ ବୃଥା ଚାଲିଗଲା, ତଥାପି ତୁମର ଦେଖାପାଇଲି ନାହିଁ ! ଏହି କ୍ଷଣସ୍ଥାୟୀ ଜୀବନର ଆଉ ଗୋଟିଏ ଦିନ ଚାଲିଗଲା, ମୁଁ ସତ୍ୟକୁ ଜାଣିପାରିଲି ନାହିଁ !' ଅନ୍ତଃକରଣର ପ୍ରବଳ ଯନ୍ତ୍ରଣାରେ ବେଳେ ବେଳେ ସେ ମାଟିରେ ମୁହଁ ଘଷି କାନ୍ଦୁଥିଲେ ।

ମନୁଷ୍ୟ-ହୃଦୟରେ ଏଭଳି ପ୍ରବଳ ବ୍ୟାକୁଳତା ଆସିଥାଏ । ଶେଷାବସ୍ଥାରେ ଏହି ବ୍ୟକ୍ତି ମୋତେ କହିଥିଲେ, 'ବତ୍ସ, ମନେକର, ଗୋଟିଏ ଘରେ ଥଳିଏ ମୋହର ରହିଛି ଏବଂ ତା' ପାଖ ଘରେ ଜଣେ ଚୋର ଅଛି । ତୁମେ କ'ଣ ମନେକର ଯେ, ସେ ଚୋରର କେବେ ନିଦ୍ରା ହେବ ? ତାହାର ନିଦ୍ରା ଆସିବ ନାହିଁ । ତାହା ମନରେ କ୍ରମାଗତ ଏହି କଥା ଆସିବ ଯେ, କିପରି ଭାବରେ ସେ ଘରେ ପଶି ମୋହରଥଳିଟି ନେବ । ତାହା ଯଦି ହୁଏ, ତା' ହେଲେ ତୁମେ କ'ଣ ମନେକରୁଛ, ଯାହାର ଏହି ଦୃଢ଼ ଧାରଣା ହୋଇଛି ଯେ, ଏହି ସମସ୍ତ ଆପାତ-ପ୍ରତୀୟମାନ ବସ୍ତୁ ପଛରେ ସତ୍ୟ ରହିଛି, ଈଶ୍ୱର ବୋଲି ଜଣେ କେହି ଅଛନ୍ତି, କେହି ଜଣେ ଅବିନାଶୀ ଅନନ୍ତ ଆନନ୍ଦସ୍ୱରୂପ ଅଛନ୍ତି, ଯେଉଁ ଆନନ୍ଦ ସହିତ ତୁଳନା କଲେ ଇନ୍ଦ୍ରିୟ-ସୁଖ ସବୁ ପିଲାଖେଳ ବୋଲି ମନେହୁଏ, ସେ କେବେ ତାହା ଲାଭ କରିବା ପାଇଁ ପ୍ରାଣପଣ ଚେଷ୍ଟା ନ କରି ସ୍ଥିର ରହିପାରେ ? ମୁହୂର୍ତ୍ତିକ ପାଇଁ ହେଲେ ମଧ୍ୟ ସେ କ'ଣ ଏ ଚେଷ୍ଟା ପରିତ୍ୟାଗ କରିପାରେ ? ତାହା କେବେହେଲେ ହୋଇପାରେ ନାହିଁ । ସେ ତାହା ଲାଭ କରିବା ପାଇଁ ଉନ୍ମତ୍ତ ହୋଇ ଉଠିବ ।' ସେହି ବାଳକଙ୍କ ହୃଦୟରେ ଏହି ଭଗବତ୍-ଉନ୍ମତ୍ତତା ପ୍ରବେଶ କଲା । ସେହି ସମୟରେ ତାଙ୍କର କୌଣସି ଗୁରୁ ନ ଥିଲେ, ଯିଏ ତାଙ୍କର ଆକାଙ୍କ୍ଷିତ ବସ୍ତୁର କିଛି ସନ୍ଧାନ ଦେଇପାରିବେ, ବରଂ ସମସ୍ତେ ମନେକରୁଥିଲେ ଯେ,

ତାଙ୍କର ମୁଣ୍ଡ ବିଗିଡ଼ି ଯାଇଛି । ସାଧାରଣ ଲୋକେ ତ ଏଭଳି ନିଶ୍ଚୟ କହିବେ । ଯଦି କେହି ସଂସାରର ଅସାର ବିଷୟସମୂହ ପରିତ୍ୟାଗ କରେ, ଲୋକେ ତାକୁ ଉନ୍ମତ୍ତ ବୋଲି କହିବେ । କିନ୍ତୁ ଏପରି ଲୋକ ହିଁ ସଂସାର ମଧ୍ୟରେ ଯଥାର୍ଥରେ ସର୍ବଶ୍ରେଷ୍ଠ । ଏହିପରି ପାଗଳାମିରୁ ହିଁ ଜଗତ୍-ଆଲୋଡ଼ନକାରୀ ଶକ୍ତିର ଉଦ୍ଭବ ହୋଇଛି ଏବଂ ଭବିଷ୍ୟତରେ ମଧ୍ୟ ଏହିଭଳି ଉନ୍ମତ୍ତତାରୁ ଶକ୍ତି ଉଦ୍ଭୂତ ହୋଇ ଜଗତକୁ ଆଲୋଡ଼ିତ କରିବ ।

ଏହି ଭାବରେ ଦିନ ପରେ ଦିନ, ସପ୍ତାହ ପରେ ସପ୍ତାହ, ମାସ ପରେ ମାସ ସତ୍ୟଲାଭ ଉଦ୍ଦେଶ୍ୟରେ ଅବିଶ୍ରାନ୍ତ ଚେଷ୍ଟାରେ କଟିଗଲା । ତା'ପରେ ସେ ନାନାବିଧ ଅଲୌକିକ ଦୃଶ୍ୟ ଓ ଅଦ୍ଭୁତ ରୂପ ଦେଖିବାକୁ ଆରମ୍ଭ କଲେ, ତାଙ୍କର ନିଜ ସ୍ୱରୂପର ରହସ୍ୟ ତାଙ୍କ ନିକଟରେ କ୍ରମଶଃ ଉଦ୍‌ଘାଟିତ ହେବାକୁ ଲାଗିଲା । ମନେହେଲା, ଯେପରି ଆବରଣ ପରେ ଆବରଣ କ୍ରମଶଃ ଅପସାରିତ ହୋଇଯାଉଛି । ଜଗନ୍ମାତା ନିଜେ ଗୁରୁ ହୋଇ ଏହି ବାଳକଙ୍କୁ ତାଙ୍କର ଅନ୍ୱେଷିତ ସତ୍ୟପ୍ରାପ୍ତି-ସାଧନାରେ ଦୀକ୍ଷିତ କଲେ । ଏହି ସମୟରେ ସେହି ସ୍ଥାନକୁ ପରମା ସୁନ୍ଦରୀ, ଅନୁପମ ବିଦୁଷୀ ଜଣେ ମହିଳା ଆସିଲେ । ପରବର୍ତ୍ତୀ କାଳରେ ଏହି ମହାତ୍ମା କହୁଥିଲେ ଯେ, 'ବିଦୁଷୀ କହିଲେ ତାଙ୍କୁ ଖାଟୋ କରିହେବ—ସେ ଥିଲେ ମୂର୍ତ୍ତିମତୀ ବିଦ୍ୟା, ଯେପରିକି ସାକ୍ଷାତ୍ ସରସ୍ୱତୀ ମାନବାକାର ଧାରଣ କରି ଆସିଛନ୍ତି ।' ଏହି ମହିଳାଙ୍କ ବିଷୟ ଆଲୋଚନା କଲେ ତୁମେମାନେ ଭାରତବର୍ଷୀୟ ଲୋକଙ୍କର ବିଶେଷତ୍ୱ କେଉଁଠି, ତାହା ବୁଝିପାରିବ । ସାଧାରଣତଃ ହିନ୍ଦୁ ରମଣୀଗଣ ଯେଉଁଭଳି ଅଜ୍ଞାନ-ଅନ୍ଧକାରରେ ବାସ କରନ୍ତି—ପାଶ୍ଚାତ୍ୟ ଦେଶରେ ଯାହାକୁ ସ୍ୱାଧୀନତାର ଅଭାବ ବୋଲି କୁହାଯାଇଥାଏ,—ତା' ଭିତରେ ମଧ୍ୟ ଏଭଳି ଉଚ୍ଚ ଆଧ୍ୟାତ୍ମିକଭାବସମ୍ପନ୍ନ ରମଣୀଙ୍କର ଅଭ୍ୟୁଦୟ ସମ୍ଭବ ହୋଇଥିଲା । ସେ ଜଣେ ସନ୍ନ୍ୟାସିନୀ ଥିଲେ—କାରଣ ଭାରତରେ ସ୍ତ୍ରୀଲୋକମାନେ ମଧ୍ୟ ବିବାହ ନ କରି ସଂସାର ତ୍ୟାଗ କରି ଈଶ୍ୱରୋପାସନାରେ ଜୀବନ ସମର୍ପଣ କରିଥାଆନ୍ତି । ସେ ଏହି ମନ୍ଦିରକୁ ଆସି ଯେତେବେଳେ ଶୁଣିଲେ ଯେ, ଜଣେ ବାଳକ ଦିନ ରାତି ଈଶ୍ୱରଙ୍କ ନାମରେ ଅଶ୍ରୁ ବିସର୍ଜନ କରୁଛି, ଏବଂ ଲୋକେ ତାକୁ ପାଗଳ ବୋଲି କହୁଛନ୍ତି, ସଙ୍ଗେ ସଙ୍ଗେ ସେ ତାହା ସହିତ ସାକ୍ଷାତ୍ କରିବାକୁ ଚାହିଁଲେ । ଏହି ମହିଳାଙ୍କ ନିକଟରୁ ହିଁ ସେ ବାଳକ ପ୍ରଥମ ସହାନୁଭୂତି ପାଇଲେ । ସେ ସମ୍ପୂର୍ଣ୍ଣ ଭାବରେ ତାଙ୍କ ହୃଦୟର ଅବସ୍ଥା ବୁଝିପାରି କହିଲେ, 'ବତ୍ସ ! ତୁମପରି ଉନ୍ମତ୍ତତା ଯାହାର ଆସିଛି, ସେ ଧନ୍ୟ । ସମଗ୍ର ବ୍ରହ୍ମାଣ୍ଡ ହିଁ ପାଗଳ—କେହି ହୁଏତ ଧନ ପାଇଁ, କେହି ସୁଖ ପାଇଁ, କେହି ଯଶ ପାଇଁ, କେହି ବା ଅନ୍ୟ କିଛି ପାଇଁ ପାଗଳ । ସେହି ବ୍ୟକ୍ତି ହିଁ ଧନ୍ୟ, ଯିଏ ଈଶ୍ୱରଙ୍କ ପାଇଁ ପାଗଳ । ଏଭଳି ମନୁଷ୍ୟ ଅତ୍ୟନ୍ତ ଦୁର୍ଲଭ ।' ଏହି ମହିଳା ବାଳକଙ୍କ ପାଖରେ ଅନେକ ବର୍ଷ ଧରି ରହି ତାଙ୍କୁ ଭାରତୀୟ ବିଭିନ୍ନ ଧର୍ମପ୍ରଣାଳୀର ସାଧନ ଶିଖାଇଲେ ଏବଂ ଯେପରି କି ଏହି ବେଗବତୀ ଧର୍ମ-ସ୍ରୋତସ୍ୱତୀର ଗତିକୁ ନିୟନ୍ତ୍ରିତ ଓ ପ୍ରଣାଳୀବଦ୍ଧ କରିଦେଲେ ।

କିଛି ଦିନ ପରେ ସେଠାକୁ ଜଣେ ପରମପଣ୍ଡିତ ଓ ଦର୍ଶନଶାସ୍ତ୍ରବିତ୍ ସନ୍ନ୍ୟାସୀ ଆସିଲେ । ସେ ଥିଲେ ଅଦ୍ଭୁତ ଆଦର୍ଶବାଦୀ । ସେ ବିଶ୍ୱାସ କରୁଥିଲେ, ପ୍ରକୃତପକ୍ଷେ ଜଗତର

କୌଣସି ଅସ୍ତିତ୍ୱ ନାହିଁ । ସେ ଏହା ପ୍ରମାଣ କରିବା ପାଇଁ କୌଣସି ଘରେ ବାସ କରୁ ନ ଥିଲେ । ରୌଦ୍ର, ଝଡ଼, ବର୍ଷା ସବୁ ସମୟରେ ସେ ବାହାରେ ହିଁ ରହୁଥିଲେ । ସେ ଏହି ସାଧକଙ୍କୁ ବେଦାନ୍ତଶିକ୍ଷା ଦେବାକୁ ଆରମ୍ଭ କଲେ; କିନ୍ତୁ ଅଳ୍ପସମୟ ଭିତରେ ଦେଖି ଆଶ୍ଚର୍ଯ୍ୟ ହେଲେ ଯେ, ଶିଷ୍ୟ ଗୁରୁ ଅପେକ୍ଷା ଅନେକ ବିଷୟରେ ଶ୍ରେଷ୍ଠ । ସେ କେତେ ମାସ ଧରି ତାଙ୍କ ନିକଟରେ ରହି ତାଙ୍କୁ ସନ୍ନ୍ୟାସ-ଦୀକ୍ଷା ଦେଇ ଚାଲିଗଲେ । ପୂର୍ବୋକ୍ତ ସାଧିକା ରମଣୀଟି ମଧ୍ୟ ଇତିପୂର୍ବରୁ ଦକ୍ଷିଣେଶ୍ୱରରୁ ଚାଲିଯାଇଥିଲେ । ଯେତେବେଳେ ବାଳକଙ୍କର ହୃତ୍ପଦ୍ମ ପ୍ରସ୍ଫୁଟିତ ହେବାକୁ ଆରମ୍ଭ କଲା, ସେ ସେଠାରୁ ଚାଲିଗଲେ । ଆଜି ତାଙ୍କର ମୃତ୍ୟୁ ହୋଇଛି କି ସେ ଏବେ ମଧ୍ୟ ଜୀବିତ ଅଛନ୍ତି, ତାହା କେହି ଜାଣନ୍ତି ନାହିଁ । ସେ ଆଉ ଫେରିଲେ ନାହିଁ ।

ମନ୍ଦିରର ପୂଜାରୀ ଅବସ୍ଥାରେ ଯେତେବେଳେ ତାଙ୍କର ଅଦ୍ଭୁତ ପୂଜାପ୍ରଣାଳୀ ଦେଖି ଲୋକେ ତାଙ୍କର ମୁଣ୍ଡ ଗୋଳମାଳ ହୋଇଛି ବୋଲି ସ୍ଥିର କରିଥିଲେ, ସେତେବେଳେ ତାଙ୍କର ଆତ୍ମୀୟ ଲୋକେ ତାଙ୍କୁ ଗ୍ରାମକୁ ଘେନି ଯାଇ ଗୋଟିଏ ଅଳ୍ପବୟସ୍କା ବାଳିକା ସହିତ ବିବାହ କରାଇଦେଲେ । ଭାବିଲେ—ଏହା ଫଳରେ ତାଙ୍କ ମନର ପରିବର୍ତ୍ତନ ହେବ, ମୁଣ୍ଡ ଗୋଳମାଳ ଆଉ ରହିବ ନାହିଁ । କିନ୍ତୁ ପୂର୍ବରୁ କହିଛି, ସେ ଦକ୍ଷିଣେଶ୍ୱର ଫେରିଆସି ଭଗବାନଙ୍କୁ ନେଇ ଆହୁରି ବେଶୀ ମାତିଲେ । ଅବଶ୍ୟ ତାଙ୍କର ଯେପରି ଭାବରେ ବିବାହ ହେଲା, ତାକୁ ଠିକ୍ ବିବାହ କୁହାଯିବ ନାହିଁ । ଯେତେବେଳେ ସ୍ତ୍ରୀ ଟିକିଏ ବଡ଼ ହୋଇଯାଏ, ସେତେବେଳେ ହିଁ ପ୍ରକୃତ ବିବାହ ହୋଇଥାଏ ଏବଂ ଏହି ସମୟରେ ସ୍ୱାମୀ ଶ୍ୱଶୁରାଳୟକୁ ଯାଇ ସ୍ତ୍ରୀକୁ ନିଜ ଗୃହକୁ ଘେନି ଆସିବା ହେଉଛି ସାମାଜିକ ପ୍ରଥା । ଏକ୍ଷେତ୍ରରେ କିନ୍ତୁ ସ୍ୱାମୀ ସମ୍ପୂର୍ଣ୍ଣ ଭୁଲିଯାଇଥିଲେ ଯେ, ତାଙ୍କର ସ୍ତ୍ରୀ ଅଛନ୍ତି । ସୁଦୂର ପଲ୍ଲୀରେ ଥାଇ ବାଳିକା ଶୁଣିବାକୁ ପାଇଲେ ଯେ, ତାଙ୍କର ସ୍ୱାମୀ ଧର୍ମୋନ୍ମାଦ ହୋଇଯାଇଛନ୍ତି, ଏପରିକି, ଅନେକେ ତାଙ୍କୁ ପାଗଳ ବୋଲି ବିବେଚନା କରୁଛନ୍ତି । ସେ ସ୍ଥିର କଲେ, ଏ କଥାର ସତ୍ୟତା ଜାଣିବାକୁ ପଡ଼ିବ; ତେଣୁ ସେ ଘରୁ ବାହାରି ତାଙ୍କର ସ୍ୱାମୀ ଯେଉଁଠି ଅଛନ୍ତି, ସେଠାକୁ ପଦବ୍ରଜରେ ଯାତ୍ରା କଲେ । ଅବଶେଷରେ ସେ ଯେତେବେଳେ ଯାଇ ସ୍ୱାମୀଙ୍କ ସମ୍ମୁଖରେ ଛିଡ଼ା ହେଲେ, ସେତେବେଳେ ସ୍ୱାମୀ ତାଙ୍କୁ ପରିତ୍ୟାଗ କଲେ ନାହିଁ । ଯଦିଓ ଭାରତରେ ନରନାରୀ ଯେ କେହି ଧର୍ମଜୀବନ ଅବଲମ୍ବନ କରେ, ତା'ର ଆଉ କାହା ସହିତ କୌଣସି ବାଧ୍ୟବାଧକତା ରହେ ନାହିଁ । ତଥାପି ସେ ସ୍ତ୍ରୀଙ୍କୁ ଦୂର କରି ନ ଦେଇ ତାଙ୍କ ପାଦତଳେ ପଡ଼ି କହିଲେ, 'ମୁଁ ଜାଣିଛି, ସବୁ ରମଣୀ ଜନନୀ; ତଥାପି ବର୍ତ୍ତମାନ ତୁମେ ଯାହା କହିବ, ମୁଁ ତାହା କରିବାକୁ ପ୍ରସ୍ତୁତ ଅଛି ।'

ଏହି ବିଶୁଦ୍ଧସ୍ୱଭାବା ମହାମନସ୍ୱୀ ମହିଳା ସ୍ୱାମୀଙ୍କର ମନୋଭାବ ଭଲ ଭାବରେ ବୁଝିପାରି ତାଙ୍କ କାର୍ଯ୍ୟରେ ସହାନୁଭୂତି ପ୍ରକାଶ କଲେ । ସେ କାଳବିଳମ୍ବ ନ କରି ତାଙ୍କୁ କହିଲେ, 'ମୋର ଆପଣଙ୍କୁ ସଂସାରୀ କରିବାର ଇଚ୍ଛା ନାହିଁ, ମୁଁ କେବଳ ଆପଣଙ୍କ ପାଖରେ ରହି ଆପଣଙ୍କର ସେବା କରିବାକୁ ଏବଂ ଆପଣଙ୍କଠାରୁ ସାଧନଭଜନ ଶିଖିବାକୁ ଚାହେଁ ।'

ସେ ତାଙ୍କର ଜଣେ ପ୍ରଧାନ ଅନୁଗତା ଶିଷ୍ୟା ହେଲେ—ତାଙ୍କୁ ଈଶ୍ୱର ମନେକରି ଭକ୍ତିର ସହିତ ପୂଜା କରିବାକୁ ଲଗିଲେ । ଏହି ଭାବରେ ସ୍ତ୍ରୀଙ୍କଠାରୁ ଅନୁମତି ପାଇସାରିଲା ପରେ ତାଙ୍କର ଶେଷ ବାଧା ଅପସାରିତ ହେଲା । ତା'ପରେ ସେ ସ୍ୱାଧୀନ ଭାବରେ ନିଜର ମନୋନୀତ ମାର୍ଗରେ ଜୀବନ ଯାପନ କରିବାକୁ ସମର୍ଥ ହେଲେ ।

ଯାହାହେଉ, ସେ ଏହିଭଳି ଭାବରେ ସାଂସାରିକ ବନ୍ଧନମୁକ୍ତ ହେଲେ ଏବଂ ସାଧନାରେ ମଧ୍ୟ ଅନେକଦୂର ଅଗ୍ରସର ହୋଇଥିଲେ । ବର୍ତ୍ତମାନ ପ୍ରଥମେ ତାଙ୍କ ହୃଦୟରେ ଏହି ଆକାଙ୍‌କ୍ଷା ଜାଗ୍ରତ ହେଲା—କିପରି ସେ ସମ୍ପୂର୍ଣ୍ଣରୂପେ ଅଭିମାନବିବର୍ଜିତ ହୋଇପାରିବେ —'ମୁଁ ବ୍ରାହ୍ମଣ ଓ ଇତର ଲୋକ ଶୂଦ୍ର' ବୋଲି ନିଜର ଯେଉଁ ଜାତ୍ୟଭିମାନ ଅଛି, କିପରି ତାହା ସମୂଳେ ଉତ୍ପାଟିତ କରିବେ, କିପରି ସେ ଅତି ହୀନତମ ଜାତି ସହିତ ମଧ୍ୟ ନିଜର ସମତ୍ୱ ଅନୁଭବ କରିପାରିବେ । ଆମ ଦେଶରେ ଯେଉଁ ଜାତିଭେଦ-ପ୍ରଥା ଅଛି, ସେଥିରେ ବିଭିନ୍ନ ମନୁଷ୍ୟ ଭିତରେ ପଦମର୍ଯ୍ୟାଦାର ଭେଦ ସ୍ଥିର ଓ ଚିରନିର୍ଦ୍ଦିଷ୍ଟ ହୋଇଥାଏ । ଯେଉଁ ବ୍ୟକ୍ତି ଯେଉଁ ବଂଶରେ ବା ଯେଉଁ ଜାତିରେ ଜନ୍ମଗ୍ରହଣ କରେ, ସେହି ଜନ୍ମଯୋଗୁ ହିଁ ସେ ସାମାଜିକ ପଦମର୍ଯ୍ୟାଦା ଲାଭ କରେ ଏବଂ କୌଣସି ଗୁରୁତର ଅନ୍ୟାଯ୍ୟ କର୍ମ ନ କଲା ପର୍ଯ୍ୟନ୍ତ ସେ ପଦମର୍ଯ୍ୟାଦା-ଭ୍ରଷ୍ଟ ବା ଜାତି-ଭ୍ରଷ୍ଟ ହୁଏ ନାହିଁ । ସମସ୍ତ ଜାତି ଭିତରେ ବ୍ରାହ୍ମଣ ସର୍ବୋଚ୍ଚ ଓ ହାଡ଼ି ବା ଚଣ୍ଡାଳ ସର୍ବନିମ୍ନ । ସୁତରାଂ ଯେପରି ନିଜକୁ କାହା ଅପେକ୍ଷା ଶ୍ରେଷ୍ଠ ବୋଲି ଅଭିମାନ ନ ରହିବ, ଏହି ଉଦ୍ଦେଶ୍ୟରେ ଏହି ବ୍ରାହ୍ମଣସନ୍ତାନ ହାଡ଼ିର କାର୍ଯ୍ୟ କରି ତାହା ସହିତ ନିଜର ଅଭେଦ-ବୁଦ୍ଧି ଆଣିବା ପାଇଁ ଚେଷ୍ଟା କରିବାକୁ ଲଗିଲେ । ହାଡ଼ିର କାର୍ଯ୍ୟ ରାସ୍ତା ସଫା କରିବା, ମଇଲା ସଫା କରିବା—ତାକୁ କେହି ସ୍ପର୍ଶ ସୁଦ୍ଧା କରନ୍ତି ନାହିଁ । ସୁତରାଂ ହାଡ଼ି ପ୍ରତି ଏହି ଘୃଣା-ବୁଦ୍ଧି ଯେପରି ତାଙ୍କର ନ ରହେ, ସେହି ଉଦ୍ଦେଶ୍ୟରେ ସେ ଗଭୀର ରାତିରେ ଉଠି ସେମାନଙ୍କର ଝାଡ଼ୁ ଓ ଅନ୍ୟାନ୍ୟ ଯନ୍ତ୍ର ନେଇ ମନ୍ଦିରର ନର୍ଦ୍ଦମା, ପାଇଖାନା ପ୍ରଭୃତି ନିଜ ହାତରେ ପରିଷ୍କାର କରୁଥିଲେ ଏବଂ ପରେ ନିଜର ଦୀର୍ଘ କେଶ ସାହାଯ୍ୟରେ ସେହି ସ୍ଥାନ ପୋଛି ସଫା କରୁଥିଲେ । କେବଳ ଯେ ଏପରି ଭାବରେ ସେ ହୀନତା ସ୍ୱୀକାର କରୁଥିଲେ, ତାହା ନୁହେଁ, ମନ୍ଦିରରେ ପ୍ରତ୍ୟହ ଅନେକ ଭିକ୍ଷୁକଙ୍କୁ ପ୍ରସାଦ ଦିଆଯାଉଥିଲା—ସେମାନଙ୍କ ଭିତରେ ଅନେକ ମୁସଲମାନ, ପତିତ ଓ ଦୁଷ୍ଟଚରିତ୍ର ବ୍ୟକ୍ତି ମଧ୍ୟ ରହୁଥିଲେ—ସେ ଏହିସବୁ କାଙ୍ଗାଳୀମାନଙ୍କର ଖାଇବା ସରିଗଲେ ସେମାନଙ୍କର ପତ୍ର ଉଠାଉ-ଥିଲେ, ସେମାନଙ୍କର ଭୁକ୍ତାବଶିଷ୍ଟ ଏକତ୍ର କରି ସେଥିରୁ ସ୍ୱୟଂ କିଛି ଗ୍ରହଣ କରୁଥିଲେ ଏବଂ ଶେଷରେ ଯେଉଁଠାରେ ଏହିଭଳି ସକଳ ଜାତିର ଲୋକ ବସି ଖାଇଥାଆନ୍ତି, ସେହି ସ୍ଥାନ ପରିଷ୍କାର କରୁଥିଲେ । ଆପଣମାନେ ହୁଏତ ଏହି ଶେଷୋକ୍ତ କାର୍ଯ୍ୟଟିରେ ଯେ କି ଅସାଧାରଣତ୍ୱ ଅଛି, ଏହାଦ୍ୱାରା କି ବିଶେଷ ଉଦ୍ଦେଶ୍ୟ ସିଦ୍ଧ ହେଲା, ତାହା ବୁଝିପାରିବେ ନାହିଁ । କିନ୍ତୁ ଭାରତରେ ଆମକୁ ଏହା ଅତି ଅଦ୍ଭୁତ ଓ ସ୍ୱାର୍ଥତ୍ୟାଗର କାର୍ଯ୍ୟ ବୋଲି ମନେହୁଏ । ଏହି ଉଚ୍ଛିଷ୍ଟ ପରିଷ୍କରଣ କାର୍ଯ୍ୟ ନୀଚ ଅସ୍ପୃଶ୍ୟ ଜାତିର ଲୋକେ ହିଁ କରିଥାଆନ୍ତି । ସେମାନେ କୌଣସି ସହରରେ ପ୍ରବେଶ କଲେ ନିଜ ଜାତିର ପରିଚୟ ଦେଇ ଲୋକଙ୍କୁ ସାବଧାନ କରାଇ ଦିଅନ୍ତି

—ଯେପରିକି ସେମାନେ ତାଙ୍କ ସ୍ପର୍ଶଦୋଷରୁ ମୁକ୍ତ ରହିପାରିବେ । ପ୍ରାଚୀନ ସ୍ମୃତିଗ୍ରନ୍ଥରେ ଲିଖିତ ଅଛି, ଯଦି ବ୍ରାହ୍ମଣ ହଠାତ୍ ଏହିଭଳି ନୀଚଜାତିର ମୁହଁ ଦେଖିପକାଏ, ତା' ହେଲେ ତାକୁ ସାରାଦିନ ଉପବାସ ରହି ଏକସହସ୍ର ଗାୟତ୍ରୀ ଜପ କରିବାକୁ ହୁଏ । ଏ ସକଳ ଶାସ୍ତ୍ରୀୟ ନିଷେଧ ବାକ୍ୟ ସତ୍ତ୍ୱେ ଏହି ଶ୍ରେଷ୍ଠ ବ୍ରାହ୍ମଣ ନୀଚ ଜାତିର ଲୋକଙ୍କ ଖାଇବା ସ୍ଥାନ ପରିଷ୍କାର କରୁଥିଲେ; ସେମାନଙ୍କର ଉଚ୍ଛିଷ୍ଟକୁ ଭଗବତ୍‌ପ୍ରସାଦ ଜ୍ଞାନରେ ସେବନ କରୁଥିଲେ । କେବଳ ସେତିକି ନୁହେଁ, ରାତିରେ ଗୋପନରେ ଉଠି ମଇଳା ପରିଷ୍କାର କରି ସେମାନଙ୍କ ସହିତ ନିଜର ସମତ୍ୱ ବୋଧ କରିବାର ଚେଷ୍ଟା କରୁଥିଲେ । ତାଙ୍କର ଏହି ଭାବ ଆସିଥିଲା ଯେ : ମୁଁ ଯେ ଯଥାର୍ଥ ସମଗ୍ର ମାନବ-ଜାତିର ସେବକ ହୋଇଛି, ଏହା ପ୍ରମାଣ କରିବା ପାଇଁ ମୋତେ ତୁମ ଗୃହର ଝାଡ଼ୁଦାର ହେବାକୁ ପଡ଼ିବ ।

ତା'ପରେ ତାଙ୍କ ଚିତ୍ତରେ ଏହି ପ୍ରବଳ ପିପାସା ଜାତ ହେଲା ଯେ, ବିଭିନ୍ନ ଧର୍ମପ୍ରଣାଳୀରେ କି ସତ୍ୟ ଅଛି, ତାହା ଜାଣିବେ । ଏପର୍ଯ୍ୟନ୍ତ ନିଜ ଧର୍ମ ବ୍ୟତୀତ ସେ ଆଉ କିଛି ଜାଣି ନ ଥିଲେ । ବର୍ତ୍ତମାନ ତାଙ୍କର ବାସନା ଜାଗ୍ରତ ହେଲା—ଅନ୍ୟାନ୍ୟ ଧର୍ମ କିପରି ତାହା ଜାଣିବେ । ସେ ଯାହା କିଛି କରୁଥିଲେ ତାକୁ ସର୍ବାନ୍ତଃକରଣରେ କାର୍ଯ୍ୟରେ ପରିଣତ କରୁଥିଲେ । ସୁତରାଂ ସେ ଅନ୍ୟାନ୍ୟ ଧର୍ମର ଗୁରୁ ଖୋଜିବାକୁ ଲାଗିଲେ । ଗୁରୁ କହିଲେ, ଆମେ ଭାରତରେ କ'ଣ ବୁଝୁଁ, ତାହା ସ୍ମରଣ ରଖିବାକୁ ହେବ । ଗୁରୁ କହିଲେ, କେବଳ ପୁସ୍ତକକୀଟ ଲୋକକୁ ବୁଝାଏ ନାହିଁ, ବୁଝାଏ, ଯିଏ ପ୍ରତ୍ୟକ୍ଷ ଉପଲବ୍ଧି କରିଛନ୍ତି, ଯିଏ ସତ୍ୟକୁ ସାକ୍ଷାତ୍ ଜାଣିଛନ୍ତି—ଅନ୍ୟ କାହା ପାଖରୁ ଶୁଣିକରି ନୁହେଁ । ସେ ଜଣେ ମୁସଲମାନ ସାଧୁଙ୍କୁ ପାଇ ତାଙ୍କ ପ୍ରଦର୍ଶିତ ସାଧନପ୍ରଣାଳୀ ଅନୁସାରେ ସାଧନ କରିବାକୁ ଲାଗିଲେ । ସେ ମୁସଲମାନଙ୍କ ପରି ପୋଷାକ ପିନ୍ଧିବାକୁ ଲାଗିଲେ, ମୁସଲମାନମାନଙ୍କର ଶାସ୍ତ୍ରାନୁଯାୟୀ ସମସ୍ତ ଅନୁଷ୍ଠାନ କରିବାକୁ ଲାଗିଲେ, କାର୍ଯ୍ୟତଃ ସେହି ସମୟ ପାଇଁ ସେ ସମ୍ପୂର୍ଣ୍ଣରୂପେ ଇସ୍‌ଲାମ-ଭାବାପନ୍ନ ହୋଇଗଲେ । ସେ ଦେଖି ଆଶ୍ଚର୍ଯ୍ୟ ହେଲେ ଯେ, ଏହି ସମସ୍ତ ସାଧନପ୍ରଣାଳୀର ଅନୁଷ୍ଠାନ ମଧ୍ୟ ତାଙ୍କୁ ତାଙ୍କର ପୂର୍ବ-ଉପନୀତ ଅବସ୍ଥାରେ ପହଞ୍ଚାଇ ଦେଲା । ସେ ଯୀଶୁଖ୍ରୀଷ୍ଟଙ୍କ ସତ୍ୟଧର୍ମର ଅନୁସରଣ କରି ମଧ୍ୟ ଶେଷରେ ସେହି ଏକପ୍ରକାର ଫଳ ଲାଭ କଲେ । ସେ ଯେ-କୌଣସି ସମ୍ପ୍ରଦାୟର ସାଧୁଙ୍କୁ ପାଇଥିଲେ, ତାଙ୍କ ନିକଟରୁ ଶିକ୍ଷାକରି ତାଙ୍କର ସାଧନପ୍ରଣାଳୀ ଅନୁସାରେ ସାଧନ କରିଥିଲେ ଏବଂ ସେ ଯେକୌଣସି ପ୍ରଣାଳୀରେ ସାଧନ କରୁଥିଲେ, ସର୍ବାନ୍ତଃକରଣରେ ତାହାର ଅନୁଷ୍ଠାନ କରୁଥିଲେ । ଭିନ୍ନ ଭିନ୍ନ ସମ୍ପ୍ରଦାୟର ଗୁରୁମାନେ ତାଙ୍କୁ ଯେପରି ଭାବରେ ସାଧନ କରିବାକୁ କହୁଥିଲେ, ସେ ତାହା ଯଥାଯଥ ଅନୁଷ୍ଠାନ କରୁଥିଲେ, ଏବଂ ସକଳ କ୍ଷେତ୍ରରେ ସେ ଏକାପ୍ରକାର ଫଳଲାଭ କରୁଥିଲେ । ଏହିପରି ଭାବରେ ନିଜେ ପ୍ରତ୍ୟକ୍ଷ କରି ସେ ଜାଣିପାରିଲେ ଯେ, ପ୍ରତ୍ୟେକ ଧର୍ମର ଉଦ୍ଦେଶ୍ୟ ଏକ; ସକଳ ଧର୍ମ ସେହି ଗୋଟିଏ ବସ୍ତୁ ଶିକ୍ଷା ଦେଉଛି—ପ୍ରଭେଦ ପ୍ରଧାନତଃ ସାଧନପ୍ରଣାଳୀରେ ଓ ଅଧିକ ପ୍ରଭେଦ ଭାଷାରେ । ମୂଳତଃ ସବୁ ସମ୍ପ୍ରଦାୟ ଓ ସବୁ ଧର୍ମର ଉଦ୍ଦେଶ୍ୟ ଗୋଟିଏ ।'

ତା'ପରେ ତାଙ୍କର ଦୃଢ଼ ଧାରଣା ହେଲ ଯେ, ସିଦ୍ଧିଲାଭ କରିବାକୁ ହେଲେ ସମ୍ପୂର୍ଣ୍ଣ ରୂପେ ସ୍ତ୍ରୀ-ପୁରୁଷ-ଭେଦ-ଜ୍ଞାନ-ବିବର୍ଜିତ ହେବା ପ୍ରୟୋଜନ; କାରଣ ଆତ୍ମାର କୌଣସି ଲିଙ୍ଗ ନାହିଁ, ଆତ୍ମା ପୁରୁଷ ନୁହେଁ, ସ୍ତ୍ରୀ ମଧ୍ୟ ନୁହେଁ । ଲିଙ୍ଗଭେଦ କେବଳ ଦେହରେ ହିଁ ବିଦ୍ୟମାନ ଏବଂ ଯିଏ ସେହି ଆତ୍ମାକୁ ଲାଭ କରିବାକୁ ଇଚ୍ଛା କରନ୍ତି, ତାଙ୍କର ଏହି ଭେଦବୁଦ୍ଧି ରହିଲେ ଚାଲିବ ନାହିଁ । ସେ ନିଜେ ପୁରୁଷଦେହଧାରୀ ଥିଲେ, ତେଣୁ ବର୍ତ୍ତମାନ ସେ ସବୁ ବିଷୟରେ ସ୍ତ୍ରୀଭାବ ଆଣିବା ପାଇଁ ଚେଷ୍ଟା କରିବାକୁ ଲାଗିଲେ । ସେ ନିଜକୁ ନାରୀ ବୋଲି ଭାବିବାକୁ ଲାଗିଲେ, ସ୍ତ୍ରୀଲୋକ ପରି ବେଶଭୂଷା ଧାରଣ କଲେ, ସ୍ତ୍ରୀଲୋକ ପରି କଥାବାର୍ତ୍ତା କରିବାକୁ ଲାଗିଲେ, ପୁରୁଷର କାର୍ଯ୍ୟ ସବୁ ଛାଡ଼ିଦେଲେ, ନିଜ ପରିବାରର ସ୍ତ୍ରୀଲୋକମାନଙ୍କ ମଧ୍ୟରେ ବାସ କରିବାକୁ ଲାଗିଲେ—ଏଭଳି ଭାବରେ ଅନେକ ବର୍ଷ ଧରି ସାଧନା କରି କରି ତାଙ୍କର ମନ ପରିବର୍ତ୍ତିତ ହୋଇଗଲା; ତାଙ୍କର ସ୍ତ୍ରୀ-ପୁରୁଷ-ଭେଦଜ୍ଞାନ ପୂରାପୂରି ଦୂର ହୋଇଗଲା ଓ ତା' ସଙ୍ଗେ ସଙ୍ଗେ କାମଭାବର ବୀଜ ପର୍ଯ୍ୟନ୍ତ ଦଗ୍‌ଧ ହୋଇଗଲା—ତାଙ୍କ ଜୀବନର ଦୃଷ୍ଟିଭଙ୍ଗୀ ସମ୍ପୂର୍ଣ୍ଣରୂପେ ବଦଳିଗଲା ।

ଆମେ ପାଶ୍ଚାତ୍ତ୍ୟଦେଶରେ ନାରୀପୂଜା କଥା ଶୁଣିଥାଉଁ, କିନ୍ତୁ ସାଧାରଣତଃ ଏହି ପୂଜା ନାରୀର ସୌନ୍ଦର୍ଯ୍ୟ ଓ ଯୌବନର ପୂଜା । କିନ୍ତୁ ନାରୀପୂଜା କହିଲେ ସେ ବୁଝୁଥିଲେ—ମାଆ ଆନନ୍ଦମୟୀଙ୍କର ପୂଜା । ପ୍ରତ୍ୟେକ ନାରୀ ସେହି ଆନନ୍ଦମୟୀ ମାଆଙ୍କ ବ୍ୟତୀତ ଅନ୍ୟ କିଛି ନୁହନ୍ତି । ମୁଁ ନିଜେ ଦେଖିଛି, ସମାଜ ଯେଉଁମାନଙ୍କୁ ସ୍ପର୍ଶ କରେ ନାହିଁ—ସେହିଭଳି ସ୍ତ୍ରୀଲୋକମାନଙ୍କ ସମ୍ମୁଖରେ ସେ କର ଯୋଡ଼ି ଠିଆ ହୋଇଥାଆନ୍ତି ଏବଂ ଶେଷରେ କାନ୍ଦି କାନ୍ଦି ତାଙ୍କ ପାଦତଳେ ପଡ଼ି ଅର୍ଦ୍ଧବାହ୍ୟଶୂନ୍ୟ ଅବସ୍ଥାରେ କହନ୍ତି, 'ମା, ଏକ ରୂପରେ ତୁମେ ଆସି ଦାଣ୍ଡରେ ଛିଡ଼ା ହୋଇଛ ଏବଂ ଅନ୍ୟ ଏକ ରୂପରେ ତୁମେ ସମଗ୍ର ଜଗତରେ ପରିବ୍ୟାପ୍ତ ହୋଇଛ । ମୁଁ ତୁମକୁ ବାରମ୍ବାର ପ୍ରଣାମ କରୁଛି ମା !' ଭାବି ଦେଖ, ତାଙ୍କର ଜୀବନ କିଭଳି ଧନ୍ୟ, ଯାହାଙ୍କ ଅନ୍ତରରୁ ସର୍ବବିଧ ପଶୁଭାବ ଚାଲିଯାଇଛି, ଯିଏ ପ୍ରତ୍ୟେକ ନାରୀକୁ ଭକ୍ତିଭାବରେ ଦର୍ଶନ କରନ୍ତି, ଯାହାଙ୍କ ନିକଟରେ ସକଳ ନାରୀଙ୍କ ମୁଖ ଅନ୍ୟ ଆକାର ଧାରଣ କରିଛି, କେବଳ ସେହି ଆନନ୍ଦମୟୀ ଜଗନ୍ମାତାଙ୍କ ମୁଖ ସେଥିରେ ପ୍ରତିବିମ୍ବିତ ହେଉଛି । ଏହା ହିଁ ଆମର ପ୍ରୟୋଜନ । ତୁମେ କ'ଣ କହିବାକୁ ଚାହଁ, ନାରୀ ମଧ୍ୟରେ ଯେଉଁ ଦେବତ୍ୱ ରହିଛି, ତାକୁ ପ୍ରତାରଣା କରାଯାଇପାରେ ? ତାହା କେବେ ହୋଇ ନାହିଁ, ହୋଇପାରେ ନାହିଁ । ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ତାହା ସର୍ବଦା ଆତ୍ମପ୍ରକାଶ କରିବାକୁ ଚେଷ୍ଟା କରିଥାଏ । ତାହା ଅବ୍ୟର୍ଥ ଭାବରେ ସମସ୍ତ ପ୍ରବଞ୍ଚନା ଓ କପଟତା ଧରିପକାଏ; ତାହା ଅଭ୍ରାନ୍ତ ଭାବରେ ସତ୍ୟର ତେଜ, ଆଧ୍ୟାତ୍ମିକତାର ଆଲୋକ ଓ ପବିତ୍ରତାର ଶକ୍ତି ଉପଲବ୍‌ଧି କରିଥାଏ । ଯଦି ପ୍ରକୃତ ଧର୍ମଲାଭ କରିବାକୁ ହୁଏ, ତା' ହେଲେ ଏହିଭଳି ପବିତ୍ରତା ହିଁ ସର୍ବତୋଭାବେ ଆବଶ୍ୟକ ।

ଏହି ବ୍ୟକ୍ତି ଜୀବନରେ ଏହିପରି କଠୋର ସର୍ବଦୋଷରହିତ ପବିତ୍ରତା ଲାଭ କଲେ । ଆମର ଜୀବନରେ ଯେଉଁସବୁ ପ୍ରତିଦ୍ୱନ୍ଦ୍ୱୀ ଭାବ ସହିତ ସଂଘର୍ଷ ରହିଛି, ତାଙ୍କ ପକ୍ଷରେ ତାହା

ଆଉ ରହିଲା ନାହିଁ । ସେ ଅତି କିଛିଦିନରେ ଆଧ୍ୟାତ୍ମିକ ରତ୍ନସମୂହ ସଞ୍ଚୟ କରି ମାନବଜାତିକୁ ଦେବା ପାଇଁ ପ୍ରସ୍ତୁତ ହେଲେ, ସେତେବେଳେ ତାଙ୍କର ଈଶ୍ୱର-ନିର୍ଦ୍ଦିଷ୍ଟ କାର୍ଯ୍ୟ ଆରମ୍ଭ ହେଲା । ତାଙ୍କର ପ୍ରଚାରକାର୍ଯ୍ୟ ଓ ଉପଦେଶଦାନ ଆଶ୍ଚର୍ଯ୍ୟ ଧରଣର । ଆମ ଦେଶରେ ଆଚାର୍ଯ୍ୟମାନଙ୍କର ଖୁବ୍ ସମ୍ମାନ, ତାଙ୍କୁ ସାକ୍ଷାତ୍ ଈଶ୍ୱର ବୋଲି ଲୋକେ ଜ୍ଞାନ କରିଥାଆନ୍ତି । ଆଚାର୍ଯ୍ୟଙ୍କୁ ଯେଉଁଳି ସମ୍ମାନ କରାଯାଏ, ପିତାମାତାଙ୍କୁ ମଧ୍ୟ ଆମେ ସେଭଳି ସମ୍ମାନ କରୁ ନାହିଁ । ପିତାମାତାଙ୍କଠାରୁ ଆମେ ଦେହ ଲାଭ କରିଛୁ; କିନ୍ତୁ ଆଚାର୍ଯ୍ୟ ଆମକୁ ମୁକ୍ତିର ପଥ ପ୍ରଦର୍ଶନ କରନ୍ତି; ଆମେ ତାଙ୍କର ସନ୍ତାନ, ତାଙ୍କର ମାନସପୁତ୍ର । କୌଣସି ଅସାଧାରଣ ଆଚାର୍ଯ୍ୟଙ୍କର ଅଭ୍ୟୁଦୟ ହେଲେ ସମସ୍ତ ହିନ୍ଦୁ ତାଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ଆସନ୍ତି । ଲୋକମାନେ ତାଙ୍କୁ ଘେରି ବସିଥାଆନ୍ତି, କିନ୍ତୁ ଏହି ଆଚାର୍ଯ୍ୟଦେବଙ୍କୁ ଲୋକେ ସମ୍ମାନ କଲେ କି ନାହିଁ, ଏ ବିଷୟ ପ୍ରତି ତାଙ୍କର କୌଣସି ଖିଆଲ ନ ଥିଲା । ସେ ଯେ ଜଣେ ଆଚାର୍ଯ୍ୟଶ୍ରେଷ୍ଠ, ତାହା ସେ ନିଜେ ମଧ୍ୟ ଜାଣି ନ ଥିଲେ—ମା ହିଁ ସବୁ କିଛି କରୁଛନ୍ତି, ସେ ନିଜେ କିଛି ନୁହନ୍ତି । ସେ ସର୍ବଦା କହୁଥିଲେ, 'ଯଦି ମୋ ମୁହଁରୁ କୌଣସି ଭଲ କଥା ବାହାରେ, ତାହା ମୋର ମାଆଙ୍କର କଥା, ମୋର ସେଥିରେ କୌଣସି ଗୌରବ ନାହିଁ ।' ସେ ତାଙ୍କର ପ୍ରଚାର କାର୍ଯ୍ୟ ସମ୍ବନ୍ଧରେ ଏହିପରି ଧାରଣା ପୋଷଣ କରୁଥିଲେ ଏବଂ ନିଜର ମୃତ୍ୟୁ ସମୟ ପର୍ଯ୍ୟନ୍ତ ଏ ଧାରଣା ତ୍ୟାଗ କରି ନ ଥିଲେ ।

ଆମେ ଦେଖିଥାଉଁ, ସଂସ୍କାରକ ଓ ସମାଲୋଚକମାନଙ୍କର କାର୍ଯ୍ୟପ୍ରଣାଳୀ କିଭଳି । ସେମାନେ ଅନ୍ୟର କେବଳ ଦୋଷ ଦେଖାନ୍ତି, ସବୁ ଭାଙ୍ଗି-ଚୂରି ପକାଇ ନିଜର କଳ୍ପିତ ନୂତନ ଭାବରେ ନୂଆ କରି ଗଢ଼ିବାକୁ ଆରମ୍ଭ କରନ୍ତି । ଆମେ ସମସ୍ତେ ନିଜ ନିଜର ଗୋଟିଏ ଗୋଟିଏ କଳ୍ପନା ନେଇ ବସିଛୁ । ଦୁଃଖର ବିଷୟ, କେହି ତାହା କାର୍ଯ୍ୟରେ ପରିଣତ କରିବାକୁ ପ୍ରସ୍ତୁତ ନୁହନ୍ତି; କାରଣ ସମସ୍ତେ ଆମ ପରି ଉପଦେଶ ଦେବାକୁ ପ୍ରସ୍ତୁତ । ତାଙ୍କର କିନ୍ତୁ ସେ ଭାବ ନ ଥିଲା, ସେ କାହାକୁ ଡାକିବାକୁ ଯାଉ ନ ଥିଲେ । ତାଙ୍କର ଏହି ମୂଳମନ୍ତ୍ର ଥିଲା— ପ୍ରଥମେ ଚରିତ୍ର ଗଠନ କର, ପ୍ରଥମେ ଆଧ୍ୟାତ୍ମିକ ଭାବ ଉପାର୍ଜ୍ଜନ କର, ଫଳ ଆପେ ଆପେ ଆସିବ । ତାଙ୍କର ପ୍ରିୟ ଦୃଷ୍ଟାନ୍ତ ଥିଲା : 'ଯେତେବେଳେ ପଦ୍ମ ପ୍ରସ୍ଫୁଟିତ ହୁଏ, ସେତେବେଳେ ଭ୍ରମରଗଣ ଆପେ ଆପେ ମଧୁ ସନ୍ଧାନରେ ଆସିଥାଆନ୍ତି । ଏହିପରି ଭାବରେ ଯେତେବେଳେ ତୁମର ହୃତ୍ପଦ୍ମ ପ୍ରସ୍ଫୁଟିତ ହେବ, ସେତେବେଳେ ଶତ ଶତ ଲୋକ ତୁମ ପାଖକୁ ଶିକ୍ଷା ନେବାକୁ ଆସିବେ ।'—ଏହା ଜୀବନର ଏକ ମହାଶିକ୍ଷା । ମୋର ଆଚାର୍ଯ୍ୟଦେବ ମୋତେ ବହୁ ଶହ ଥର ଏହି ଶିକ୍ଷା ଦେଇଛନ୍ତି, ତଥାପି ମୁଁ ପ୍ରାୟ ଏହା ଭୁଲିଯାଏ । ଖୁବ୍ କମ୍ ଲୋକ ଚିନ୍ତାର ଅଦ୍ଭୁତ ଶକ୍ତି ବୁଝିପାରନ୍ତି । ଯଦି କୌଣସି ବ୍ୟକ୍ତି ଗୁମ୍ଫା ଭିତରେ ବସି ଏହି ତାହାର ଦ୍ୱାର ଅବରୁଦ୍ଧ କରି ଯଥାର୍ଥରେ ଗୋଟିଏ ମାତ୍ର ପ୍ରକୃତ ମହତ୍ ଚିନ୍ତା କରି ପ୍ରାଣତ୍ୟାଗ କରନ୍ତି, ସେହି ଚିନ୍ତା ସେହି ଗୁହାର ପ୍ରାଚୀର ଭେଦ କରି ସମଗ୍ର ଆକାଶରେ ବିଚରଣ କରିବ; ପରିଶେଷରେ ସମଗ୍ର ମାନବଜାତିର ହୃଦୟରେ ସେହି ଭାବ ସଂକ୍ରମିତ ହେବ; ଚିନ୍ତାର ଏଭଳି ଅଦ୍ଭୁତ ଶକ୍ତି ! ସୁତରାଂ ତୁମର ଭାବ ଅନ୍ୟକୁ ଦେବା ପାଇଁ ବ୍ୟସ୍ତ ହୁଅ ନାହିଁ ।

ପ୍ରଥମେ ଦେଇପାରିଲ ଭଲ କିଛି ସଞ୍ଚୟ କର । ଯେଉଁ ପ୍ରକୃତ ଶିକ୍ଷା ଦେଇପାରନ୍ତି, ଯାହାଙ୍କର କିଛି ଦେବାର ଥାଏ । କାରଣ ଶିକ୍ଷାଦାନ କହିଲେ କେବଳ କଥା କହିବା ବୁଝାଏ ନାହିଁ, ତାହା କେବଳ ମତାମତ ବୁଝାଇବା ନୁହେଁ, ଶିକ୍ଷା-ଦାନର ଅର୍ଥ ଭାବ-ସଞ୍ଚାର । ଯେପରି ମୁଁ ତୁମକୁ ଗୋଟିଏ ଫୁଲ ଦେଇପାରେ, ତା'ଠାରୁ ଅଧିକତର ପ୍ରତ୍ୟକ୍ଷ ଭାବରେ ଧର୍ମ ମଧ୍ୟ ଦିଆଯାଇପାରେ । କବିତ୍ୱର ଭାଷାରେ ମୁଁ ଏହା କହୁ ନାହିଁ, ଏହା ଅକ୍ଷରେ ଅକ୍ଷରେ ସତ୍ୟ । ଭାରତରେ ଏହି ଭାବ ଅତି ପ୍ରାଚୀନ କାଳରୁ ବିଦ୍ୟମାନ ଏବଂ ପାଶ୍ଚାତ୍ୟ ଦେଶରେ ଯେଉଁ 'ପ୍ରେରିତଗଣଙ୍କ ଗୁରୁଶିଷ୍ୟପରମ୍ପରା' (Apostolic succession) ମତ ପ୍ରଚଳିତ ଅଛି, ସେଥିରେ ମଧ୍ୟ ଏହାର ଦୃଷ୍ଟାନ୍ତ ମିଳେ । ଅତଏବ ପ୍ରଥମେ ଚରିତ୍ର ଗଠନ କର—ଏହା ହିଁ ତୁମର ପ୍ରଥମ କର୍ତ୍ତବ୍ୟ । ସତ୍ୟ କ'ଣ, ତାହା ଆଗେ ନିଜେ ଜାଣ; ପରେ ଅନେକେ ତାହା ତୁମ ନିକଟରୁ ଶିଖିବେ, ସେମାନେ ସବୁ ତୁମ ନିକଟକୁ ଆସିବେ । ମୋର ଆଚାର୍ଯ୍ୟଦେବଙ୍କର ଏହିପରି ମନୋଭାବ ଥିଲା, ସେ କାହାର ସମାଲୋଚନା କରୁ ନ ଥିଲେ ।

ବର୍ଷ ବର୍ଷ ଧରି ଦିବାରାତ୍ର ମୁଁ ଏହି ବ୍ୟକ୍ତିଙ୍କ ସହିତ ବାସ କରିଛି; କିନ୍ତୁ ତାଙ୍କର ଜିହ୍ୱା କୌଣସି ସମ୍ପ୍ରଦାୟର ନିନ୍ଦାସୂଚକ ବାକ୍ୟ ଉଚ୍ଚାରଣ କରିବା କେବେ ହେଲେ ଶୁଣି ନାହିଁ । ସବୁ ସମ୍ପ୍ରଦାୟ ପ୍ରତି ତାଙ୍କର ସମାନ ସହାନୁଭୂତି ଥିଲା । ସେ ସେମାନଙ୍କ ମଧ୍ୟରେ ସାମଞ୍ଜସ୍ୟ ଦେଖିପାରିଥିଲେ । ମନୁଷ୍ୟ ଜ୍ଞାନପ୍ରବଣ ଅଥବା ଭକ୍ତିପ୍ରବଣ କିମ୍ବା ଯୋଗପ୍ରବଣ ବା କର୍ମପ୍ରବଣ ହୋଇଥାଏ । ବିଭିନ୍ନ ଧର୍ମ ଭିତରେ ଏହି ବିଭିନ୍ନ ଭାବ ମଧ୍ୟରୁ କୌଣସି ନା କୌଣସିଟିର ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ତଥାପି ଗୋଟିଏ ବ୍ୟକ୍ତି ମଧ୍ୟରେ ଏହି ଚାରୋଟି ଭାବର ବିକାଶ ସମ୍ଭବ ଏବଂ ଭବିଷ୍ୟତ୍ ମାନବ ଏହା କରିବାକୁ ସମର୍ଥ ହେବେ—ଏହା ହିଁ ତାଙ୍କର ଧାରଣା ଥିଲା । ସେ କାହାରି ହେଲେ ଦୋଷ ଦେଖୁ ନ ଥିଲେ, ସମସ୍ତଙ୍କ ଭିତରେ ଭଲ ହିଁ ଦେଖୁ-ଥିଲେ । ମୋର ବେଶ୍ ମନେ ଅଛି, ଜଣେ ବ୍ୟକ୍ତି କୌଣସି ଭାରତୀୟ ସମ୍ପ୍ରଦାୟର ନିନ୍ଦା କରୁଥାଆନ୍ତି—ଏହି ସମ୍ପ୍ରଦାୟର ଆଚାର-ଅନୁଷ୍ଠାନ ନୀତିବିଗର୍ହିତ ବୋଲି ବିବେଚିତ । ସେ କିନ୍ତୁ ସେମାନଙ୍କର ନିନ୍ଦା କରିବାକୁ ଚାହୁଁ ନ ଥିଲେ—ସେ ସ୍ଥିରଭାବରେ କେବଳ ମାତ୍ର କହିଲେ, 'କେହି ହୁଏତ ସଦର ଦରଜା ଦେଇ ଘରେ ପଶେ, ଆଉ କେହି ଅବା ପାଇଖାନା ଦୁଆର ବାଟେ ଘରେ ପଶିପାରେ । ଏମାନଙ୍କ ଭିତରେ ଭଲ ଲୋକ ମଧ୍ୟ ଥାଇପାରନ୍ତି । ଆମର କାହାକୁ ନିନ୍ଦା କରିବା ଉଚିତ ନୁହେଁ ।' ତାଙ୍କର ଦୃଷ୍ଟି ସଂସ୍କାରଶୂନ୍ୟ ଓ ନିର୍ମଳ ହୋଇ ଯାଇଥିଲା । ପ୍ରତ୍ୟେକ ସମ୍ପ୍ରଦାୟର ବିଭିନ୍ନ ଭାବ, ସେମାନଙ୍କର ଭିତରର କଥା ସେ ସହଜରେ ଧରିପାରୁଥିଲେ । ସେ ନିଜ ଅନ୍ତର ମଧ୍ୟରେ ଏହି ସକଳ ଭାବ ଏକତ୍ର କରି ସାମଞ୍ଜସ୍ୟ ଆଣି ପାରୁଥିଲେ ।

ସହସ୍ର ସହସ୍ର ଲୋକ ଏହି ଅପୂର୍ବ ମଣିଷଙ୍କୁ ଦେଖିବା ପାଇଁ ଏବଂ ତାଙ୍କର ସରଳ ଗ୍ରାମ୍ୟ ଭାଷାରେ ଉପଦେଶ ଶୁଣିବା ପାଇଁ ଆସିବାକୁ ଲାଗିଲେ । ତାଙ୍କର ପ୍ରତିଟି କଥାରେ ଗୋଟିଏ ଶକ୍ତି ଥିଲା, ପ୍ରତ୍ୟେକ କଥା ହୃଦୟର ତମୋରାଶି ଦୂର କରିଦେଉଥିଲା । କଥାରେ କିଛି ନାହିଁ, ଭାଷାରେ ମଧ୍ୟ କିଛି ନାହିଁ, ଯେଉଁ ବ୍ୟକ୍ତି ସେ କଥା କହୁଛନ୍ତି, ତାଙ୍କର ସତ୍ତା—

ସେ ଯାହା କହନ୍ତି, ସେଥିରେ କଡ଼ତ ଆଏ; ତେଣୁ ସେହି କଥାରେ ଏତେ ଜୋର୍ । ଆମେ ସମସ୍ତେ ସମସ୍ତ ସମୟରେ ଏହା ଅନୁଭବ କରିଥାଉ । ଆମେ ଖୁବ୍ ବଡ଼ ବଡ଼ ବକ୍ତୃତା ଶୁଣୁ, ଉତ୍ତମ ସୁଯୁକ୍ତିପୂର୍ଣ୍ଣ ପ୍ରସଙ୍ଗମାନ ମଧ୍ୟ ଶୁଣୁ; ତା'ପରେ ଘରକୁ ଫେରିଯାଇ ସବୁ ଭୁଲିଯାଉ । କିନ୍ତୁ ଅନ୍ୟ ସମୟରେ ହୁଏତ ଅତି ସରଳ ଭାଷାରେ ଦୁଇ ଚାରୋଟି କଥା ଶୁଣିଲୁ—ସେଗୁଡ଼ିକ ଆମର ପ୍ରାଣକୁ ଏଭଳି ଭାବରେ ସ୍ପର୍ଶ କଲା ଯେ, ସାରା ଜୀବନ ଲାଗି ସେହି କଥାଗୁଡ଼ିକ ଆମ ହୃଦୟରେ ଗୁନ୍ଥି ହୋଇ ରହିଗଲା, ଆମର ଅଙ୍ଗୀଭୂତ ହୋଇଗଲା, ସ୍ଥାୟୀ ଫଳ ପ୍ରସବ କଲା । ଯେଉଁ ବ୍ୟକ୍ତି ତାଙ୍କର କଥାଗୁଡ଼ିକରେ ନିଜର ସତ୍ତା, ନିଜର ଜୀବନ ପ୍ରଦାନ କରିପାରନ୍ତି, ତାଙ୍କର କଥାରେ ଫଳ ଫଳେ; କିନ୍ତୁ ସେ ମହାଶକ୍ତିସମ୍ପନ୍ନ ହେବା ଆବଶ୍ୟକ । ସବୁ ପ୍ରକାର ଶିକ୍ଷାର ଅର୍ଥ ଆଦାନ-ପ୍ରଦାନ—ଆଚାର୍ଯ୍ୟ ଦାନ କରିବେ ଓ ଶିଷ୍ୟ ଗ୍ରହଣ କରିବେ । କିନ୍ତୁ ଆଚାର୍ଯ୍ୟଙ୍କର କିଛି ଦେବା ଭଳି ଜିନିଷ ଥିବା ଦରକାର, ଶିଷ୍ୟ ମଧ୍ୟ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେବା ଦରକାର ।

ଏହି ବ୍ୟକ୍ତି ଭାରତର ରାଜଧାନୀ*—ଆମ ଦେଶର ଶିକ୍ଷାର ପ୍ରଧାନ କେନ୍ଦ୍ର, ଯେଉଁଠାରୁ ପ୍ରତି ବର୍ଷ ଶତ ଶତ ସନ୍ଦେହବାଦୀ ଓ ଜଡ଼ବାଦୀଙ୍କର ସୃଷ୍ଟି ହେଉଥିଲା, ସେହି କଲିକତା ସହର ନିକଟରେ ବାସ କରିବାକୁ ଲାଗିଲେ । କିନ୍ତୁ ଅନେକ ବିଶ୍ୱବିଦ୍ୟାଳୟର ଉପାଧିଧାରୀ, ଅନେକ ସନ୍ଦେହବାଦୀ, ଅନେକ ନାସ୍ତିକ ତାଙ୍କ ନିକଟକୁ ଆସି ତାଙ୍କ କଥା ଶୁଣିଲେ ।

ମୁଁ ବାଲ୍ୟକାଳରୁ ସତ୍ୟର ଅନୁସନ୍ଧାନ କରୁଥିଲି, ବିଭିନ୍ନ ଧର୍ମସମ୍ପ୍ରଦାୟର ସଭାକୁ ଯାଉଥିଲି । ଯେତେବେଳେ ଦେଖୁଥିଲି, କୌଣସି ଧର୍ମପ୍ରଚାରକ ବକ୍ତୃତା-ମଞ୍ଚରେ ଠିଆ ହୋଇ ଅତି ମନୋହର ଉପଦେଶ ଦେଉଛନ୍ତି, ତାଙ୍କର ବକ୍ତୃତା ଶେଷରେ ତାଙ୍କ ନିକଟକୁ ଯାଇ ପଚାରୁଥିଲି, 'ଏହି ଯେଉଁସବୁ କଥା କହିଲେ, ତାହା କ'ଣ ଆପଣ ପ୍ରତ୍ୟକ୍ଷ ଉପଲବ୍ଧିଦ୍ୱାରା ଜାଣିଛନ୍ତି ନା ତାହା କେବଳ ଆପଣଙ୍କର ବିଶ୍ୱାସ ମାତ୍ର ? ଧର୍ମତତ୍ତ୍ୱ ସମ୍ବନ୍ଧରେ ଆପଣ ନିଶ୍ଚିତ ଭାବରେ କ'ଣ କିଛି ଜାଣିଛନ୍ତି ?' ସେମାନେ ଉତ୍ତରରେ କହୁଥିଲେ, 'ଏ ସମସ୍ତ ମୋର ମତ ଓ ବିଶ୍ୱାସ ।' ଅନେକଙ୍କୁ ମୁଁ ଏହି ପ୍ରଶ୍ନ କରିଥିଲି, 'ଆପଣ କ'ଣ ଈଶ୍ୱରଙ୍କୁ ଦର୍ଶନ କରିଛନ୍ତି ?' କିନ୍ତୁ ସେମାନଙ୍କର ଉତ୍ତର ଶୁଣି ଓ ତାଙ୍କର ଭାବ ଦେଖି ମୁଁ ସିଦ୍ଧାନ୍ତ କଲି ଯେ, ସେମାନେ ଧର୍ମ ନାମରେ ଲୋକଙ୍କୁ ଠକାଉଛନ୍ତି ମାତ୍ର । ମୋର ଏଠାରେ ଭଗବାନ୍ ଶଙ୍କରାଚାର୍ଯ୍ୟଙ୍କର ଗୋଟିଏ କଥା ମନେପଡ଼ୁଛି : ବିଭିନ୍ନ ପ୍ରକାର ବାକ୍ୟଯୋଜନାର ରୀତି, ଶାସ୍ତ୍ରବ୍ୟାଖ୍ୟାର କୌଶଳ କେବଳ ପଣ୍ଡିତମାନଙ୍କର ଭୋଗ ପାଇଁ; ତାହାଦ୍ୱାରା କେବେହେଲେ ମୁକ୍ତିଲାଭ ହୋଇପାରେ ନାହିଁ ।**

ଏହିଭଳି ଭାବରେ ମୁଁ କ୍ରମଶଃ ନାସ୍ତିକ ହୋଇପଡ଼ୁଥିଲି । ଏହି ସମୟରେ ଏହି ଆଧ୍ୟାତ୍ମିକ ଜ୍ୟୋତିଷ୍କ ମୋର ଭାଗ୍ୟ-ଗଗନରେ ଉଦିତ ହେଲେ । ମୁଁ ଏହି ବ୍ୟକ୍ତିଙ୍କ କଥା ଶୁଣି

---

* ସେତେବେଳେ କଲିକତା ଭାରତର ରାଜଧାନୀ ଥିଲା ।

** ବାଗ୍‌ବୈଖରୀ ଶବ୍ଦଝରୀ ଶାସ୍ତ୍ରବ୍ୟାଖ୍ୟାନକୌଶଳମ୍ ।
ବୈଦୁଷ୍ୟଂ ବିଦୁଷାଂ ତଦ୍‌ବଦ୍‌ଭୁକ୍ତୟେ ନ ତୁ ମୁକ୍ତୟେ ॥—ବିବେକଚୂଡ଼ାମଣି

ତାଙ୍କୁ ଦର୍ଶନ କରିବାକୁ ଗଲି । ତାଙ୍କୁ ଦେଖି ଜଣେ ସାଧାରଣ ଲୋକ ପରି ମନେହେଲା; କିଛି ଅସାଧାରଣତ୍ୱ ଦେଖିବାକୁ ପାଇଲି ନାହିଁ । ସେ ଅତି ସରଳ ଭାଷାରେ କଥା କହୁଥିଲେ । ମୁଁ ଭାବିଲି, ଏ ବ୍ୟକ୍ତି କଅଣ ଜଣେ ବଡ଼ ଧର୍ମଗୁରୁ ହୋଇପାରନ୍ତି ? ସାରା ଜୀବନ ଅନ୍ୟମାନଙ୍କୁ ଯାହା ପଚାରୁଥିଲି, ମୁଁ ତାଙ୍କ ପାଖକୁ ଯାଇ ତାହା ହିଁ ପଚାରିଲି, 'ମହାଶୟ, ଆପଣ କ'ଣ ଈଶ୍ୱର ବିଶ୍ୱାସ କରନ୍ତି ?' ସେ ଉତ୍ତର ଦେଲେ, 'ହଁ ।' 'ମହାଶୟ, ଆପଣ କ'ଣ ତାଙ୍କ ଅସ୍ତିତ୍ୱର ପ୍ରମାଣ ଦେଇପାରିବେ ?' 'ହଁ' । 'କି ପ୍ରମାଣ ?' । 'ମୁଁ ତୁମକୁ ଯେପରି ମୋର ସମ୍ମୁଖରେ ଦେଖୁଛି, ତାଙ୍କୁ ମଧ୍ୟ ଠିକ୍ ସେହିପରି ଦେଖେ, ବରଂ ଆହୁରି ସ୍ପଷ୍ଟତର, ଆହୁରି ଉଜ୍ଜ୍ୱଳତର ଭାବରେ ଦେଖେ ।' ମୁଁ ମୁଗ୍ଧ ହୋଇଗଲି । ପ୍ରଥମ ଥର ପାଇଁ ମୁଁ ଏଭଳି ଜଣେ ଲୋକଙ୍କୁ ଦେଖିଲି, ଯିଏ ସାହସ କରି କହିପାରିଲେ, 'ମୁଁ ଈଶ୍ୱରଙ୍କୁ ଦେଖିଛି; ଧର୍ମ ସତ୍ୟ, ତାହା ଅନୁଭବ କରାଯାଇପାରେ—ଆମେ ଏହି ଜଗତକୁ ଯେଭଳି ଭାବରେ ପ୍ରତ୍ୟକ୍ଷ କରିପାରୁ ତାହା ଅପେକ୍ଷା ଈଶ୍ୱରଙ୍କୁ ଅନନ୍ତ ଗୁଣ ସ୍ପଷ୍ଟତର ଭାବରେ ପ୍ରତ୍ୟକ୍ଷ କରାଯାଇପାରେ ।' ଏହା ତମାସାର କଥା ନୁହେଁ କିମ୍ବା ମଣିଷର ମନଗଢ଼ା ଗଳ୍ପ ନୁହେଁ, ଏହା ବାସ୍ତବିକ ସତ୍ୟ । ମୁଁ ଦିନ ପରେ ଦିନ ଏହି ବ୍ୟକ୍ତିଙ୍କ ନିକଟକୁ ଯିବାକୁ ଲାଗିଲି । ଅବଶ୍ୟ ସବୁ କଥା ମୁଁ ବର୍ତ୍ତମାନ କହିପାରୁ ନାହିଁ, ତେବେ ଏତିକି ମାତ୍ର କହିପାରେ—ଧର୍ମ ଯେ ଅନ୍ୟକୁ ଦିଆଯାଇପାରେ, ତାହା ମୁଁ ବାସ୍ତବିକ ପ୍ରତ୍ୟକ୍ଷ କଲି । ଥରେ ମାତ୍ର ସ୍ପର୍ଶରେ, ଥରେ ମାତ୍ର ଦୃଷ୍ଟିରେ ଗୋଟାଏ ସମଗ୍ର ଜୀବନ ପରିବର୍ତ୍ତିତ ହୋଇପାରେ । ମୁଁ ଏଭଳି ଘଟଣା ବାରମ୍ବାର ଘଟିବାର ଦେଖିଛି ।

ମୁଁ ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ ଓ ପ୍ରାଚୀନକାଳର ବିଭିନ୍ନ ମହାପୁରୁଷମାନଙ୍କ ବିଷୟରେ ପଢ଼ିଥିଲି : ସେମାନେ କହିଲେ—ସୁସ୍ଥ ହୁଅ ଏବଂ ସେ ବ୍ୟକ୍ତି ସୁସ୍ଥ ହୋଇଗଲା । ଦେଖିଲି, ତାହା ସତ୍ୟ; ଏବଂ ଯେତେବେଳେ ମୁଁ ଏହି ବ୍ୟକ୍ତିଙ୍କୁ ଦେଖିଲି, ମୋର ସମସ୍ତ ସନ୍ଦେହ ଦୂର ହୋଇଗଲା । ଧର୍ମ ଦାନ କରିବା ସମ୍ଭବ ଏବଂ ମୋର ଆଚାର୍ଯ୍ୟଦେବ କହୁଥିଲେ, 'ଜଗତର ଅନ୍ୟାନ୍ୟ ଜିନିଷ ଯେପରି ଦିଆନିଆ ହୁଏ, ଧର୍ମ ତାହାଠାରୁ ଅଧିକତର ପ୍ରତ୍ୟକ୍ଷଭାବରେ ଦିଆନିଆ କରାଯାଇପାରେ ।' ଅତଏବ ଆଗେ ଧାର୍ମିକ ହୁଅ, ଦେଲା ଭଳି କିଛି ଅର୍ଜନ କର; ତା'ପରେ ଜଗତ ସମ୍ମୁଖରେ ଛିଡ଼ା ହୋଇ ତାହା ବିତରଣ କର । ଧର୍ମ ବାକ୍ୟାଡ଼ମ୍ବର ନୁହେଁ, କିମ୍ବା ମତବାଦବିଶେଷ ନୁହେଁ କିମ୍ବା ସାମ୍ପ୍ରଦାୟିକତା ନୁହେଁ । ସମ୍ପ୍ରଦାୟରେ କିମ୍ବା ସମିତି ମଧ୍ୟରେ ଧର୍ମ ଆବଦ୍ଧ ରହିପାରେ ନାହିଁ । ଧର୍ମ ଆତ୍ମା ସହିତ ପରମାତ୍ମାର ସମ୍ବନ୍ଧ ଉପରେ ପ୍ରତିଷ୍ଠିତ । ଧର୍ମ କିପରି ସମିତିରେ ପରିଣତ ହେବ ? କୌଣସି ଧର୍ମ କଅଣ କେବେ କୌଣସି ସମିତି ବା ସଂଘଦ୍ୱାରା ପ୍ରଚ୍ୟୁତ ହୋଇଛି ? ଏପରି କଲେ ଧର୍ମ ଏକ ବ୍ୟବସାୟରେ ପରିଣତ ହୁଏ ଏବଂ ଯେଉଁଠାରେ ଏହି ପ୍ରକାର ବ୍ୟବସାୟ-ମନୋବୃତ୍ତି ପଶେ, ସେଠାରେ ଧର୍ମର ଲୋପ ହୁଏ । ଏସିଆ ହିଁ ଜଗତର ସକଳ ଧର୍ମର ପ୍ରାଚୀନ ଜନ୍ମଭୂମି । ଏପରି ଗୋଟିଏ ଧର୍ମର ନାଁ କହ, ଯାହା ପ୍ରଣାଳୀବଦ୍ଧ ସଂଘଦ୍ୱାରା ପ୍ରଚ୍ୟୁତ ହୋଇଛି । ଏଭଳି ଗୋଟିକର ନାଁ ମଧ୍ୟ ତୁମେ ଦେଖାଇପାରିବ ନାହିଁ । ଇଉରୋପ ହିଁ ଏହି ଉପାୟରେ ଧର୍ମ-ପ୍ରଚାରର ଚେଷ୍ଟା

କରିଥିଲା ଏବଂ ସେଥିପାଇଁ ଏହା ଏକିଆ ପର କେବେହେଲେ ସମଗ୍ର ଜଗତକୁ ଆଧ୍ୟାତ୍ମିକ ଭାବରେ ପ୍ରଭାବିତ କରିପାରି ନାହିଁ । କେତେଗୁଡ଼ିଏ ଗ୍ରନ୍ଥର ସଂଖ୍ୟାଧିକ ହେଲେ କ'ଣ ମନୁଷ୍ୟ ଅଧିକ ଧାର୍ମିକ ହୋଇପାରିବ କିମ୍ବା ଏହାର ସଂଖ୍ୟାଳ୍ପତା ଯୋଗୁଁ କମ୍ ଧାର୍ମିକ ବିବେଚିତ ହେବ ? ମନ୍ଦିର ବା ଚର୍ଚ୍ଚ-ନିର୍ମାଣ କିମ୍ବା ସମବେତ ଉପାସନାରେ ଧର୍ମ ହୁଏ ନାହିଁ; କୌଣସି ଗ୍ରନ୍ଥରେ, କଥାରେ, ଅନୁଷ୍ଠାନରେ ବା ସମିତିରେ ଧର୍ମ ମିଳେ ନାହିଁ । ଧର୍ମର ଅସଲ କଥା—ଅପରୋକ୍ଷାନୁଭୂତି । ଆମେ ସମସ୍ତେ ଦେଖୁଛୁ—ଆମେ ଯେତେବେଳ ପର୍ଯ୍ୟନ୍ତ ନିଜେ ସତ୍ୟକୁ ଜାଣିପାରି ନାହୁଁ, ସେତେବେଳ ପର୍ଯ୍ୟନ୍ତ କେବେହେଲେ ଆମର ତୃପ୍ତି ହୁଏ ନାହିଁ । ଆମେ ଯେତେ ଯୁକ୍ତି କରୁ ନା କାହିଁକି, ଆମେ ଯେତେ ଉପଦେଶ ଶୁଣୁ ନା କାହିଁକି, କେବଳ ଗୋଟିଏ ଜିନିଷରେ ଆମର ସନ୍ତୋଷ ହୋଇପାରେ । ତାହା ହେଲା ଆମ ନିଜର ପ୍ରତ୍ୟକ୍ଷାନୁଭୂତି, ଏବଂ ଏହି ପ୍ରତ୍ୟକ୍ଷାନୁଭୂତି ସମସ୍ତଙ୍କ ପକ୍ଷରେ ସମ୍ଭବ । କେବଳ ତାହା ଲାଭ କରିବା ପାଇଁ ଚେଷ୍ଟା କରିବାକୁ ହେବ । ଏହିପରି ଭାବରେ ଧର୍ମକୁ ପ୍ରତ୍ୟକ୍ଷ କରିବାର ପ୍ରଥମ ସୋପାନ—ତ୍ୟାଗ । ଯେତେଦୂର ପାରି, ତ୍ୟାଗ କରିବାକୁ ହେବ । ଅନ୍ଧକାର ଓ ଆଲୋକ, ବିଷୟାନନ୍ଦ ଓ ବ୍ରହ୍ମାନନ୍ଦ—ଉଭୟ କେବେ ହେଲେ ଏକତ୍ର ଅବସ୍ଥାନ କରିପାରେ ନାହିଁ । 'ତୁମେ ଈଶ୍ୱର ଓ ଧନଦେବତାଙ୍କର ସେବା ଏକସଙ୍ଗରେ କରିପାରିବ ନାହିଁ ।'*

ମୋର ଆଚାର୍ଯ୍ୟଦେବଙ୍କ ନିକଟରୁ ମୁଁ ଆଉ ଗୋଟିଏ ପ୍ରୟୋଜନୀୟ ବିଷୟ, ଗୋଟିଏ ଅଦ୍ଭୁତ ସତ୍ୟ ଶିକ୍ଷା କରିଛି; ତାହା ମୋର ବିଶେଷ ପ୍ରୟୋଜନୀୟ ବୋଲି ମନେହୁଏ ଯେ—ଜଗତର ଧର୍ମସମୂହ ପରସ୍ପର-ବିରୋଧୀ ନୁହେଁ । ସେସବୁ ଗୋଟିଏ ସନାତନ ଧର୍ମର ବିଭିନ୍ନ ଭାବ ମାତ୍ର । ଏକ ସନାତନ ଧର୍ମ ଚିରକାଳ ଧରି ରହିଛି, ଚିରକାଳ ରହିବ, ଏବଂ ଏହି ଧର୍ମ ହିଁ ବିଭିନ୍ନ ଦେଶରେ ବିଭିନ୍ନ ଭାବରେ ପ୍ରକାଶିତ ହେଉଛି । ଅତଏବ ଆମମାନଙ୍କୁ ସବୁ ଧର୍ମକୁ ସମ୍ମାନ କରିବାକୁ ହେବ ଏବଂ ଯେତେଦୂର ସମ୍ଭବ, ସବୁଗୁଡ଼ିକୁ ଗ୍ରହଣ କରିବା ପାଇଁ ଚେଷ୍ଟା କରିବାକୁ ହେବ । କେବଳ ଯେ ବିଭିନ୍ନ ଜାତି ଓ ବିଭିନ୍ନ ଦେଶ ଅନୁସାରେ ଧର୍ମ ବିଭିନ୍ନ ହୁଏ ତାହା ନୁହେଁ; ବ୍ୟକ୍ତି ହିସାବରେ ମଧ୍ୟ ତାହା ବିଭିନ୍ନ ଭାବ ଧାରଣ କରେ । କାହା ଭିତରେ ଧର୍ମ ତୀବ୍ର କର୍ମଶୀଳତା ରୂପରେ ପ୍ରକାଶିତ, ଆଉ କାହାଠାରେ ଏହା ପ୍ରବଳ ଭକ୍ତି ରୂପରେ, କାହା ଭିତରେ ଯୋଗ ରୂପରେ, ଓ କାହା ଭିତରେ ଜ୍ଞାନ ରୂପରେ ପ୍ରକାଶିତ । ତୁମେ ଯେଉଁ ପଥରେ ଯାଉଛ, ତାହା ଠିକ୍ ନୁହେଁ—ଏକଥା କହିବା ଭୁଲ । ଏହି ମୂଳ ରହସ୍ୟଟି ଶିଖିବାକୁ ପଡ଼ିବ : ସତ୍ୟ ଏକ ବି ଠିକ୍ ଓ ଅନେକ ମଧ୍ୟ ଠିକ୍ । ବିଭିନ୍ନ ଦିଗରୁ ଦେଖିଲେ ଏକମାତ୍ର ସତ୍ୟକୁ ଆମେ ବିଭିନ୍ନ ଭାବରେ ଦେଖିପାରୁ । ତାହାହେଲେ କାହା ପ୍ରତି ବିରୋଧ-ଭାବ ପୋଷଣ ନ କରି ଆମେ ସମସ୍ତଙ୍କ ପ୍ରତି ଅନନ୍ତ ସହାନୁଭୂତିସମ୍ପନ୍ନ ହୋଇପାରିବା । ଯେପର୍ଯ୍ୟନ୍ତ ପୃଥିବୀରେ ବିଭିନ୍ନ ପ୍ରକୃତିର ଲୋକ ଜନ୍ମଗ୍ରହଣ କରୁଛନ୍ତି, ସେପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ସତ୍ୟକୁ ବିଭିନ୍ନ ଛାଞ୍ଚରେ ଢାଳି ଗ୍ରହଣ କରିବାକୁ ପଡ଼ିବ; ଏହି କଥା ବୁଝିଲେ

* ବାଇବେଲ

ଆମେ ଅବଶ୍ୟ ପରସ୍ପରର ବିଭିନ୍ନତା ସତ୍ତ୍ୱେ ପରସ୍ପର ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାକୁ ସମର୍ଥ ହେବା । ଯେପରି ପ୍ରକୃତି କହିଲେ 'ବହୁତ୍ୱ ମଧ୍ୟରେ ଏକତ୍ୱ' ବୁଝାଏ, ବ୍ୟାବହାରିକ ଜଗତରେ ଅନନ୍ତ ଭେଦ ଥିବା ସତ୍ତ୍ୱେ ଯେପରି ସେହି ସମସ୍ତ ଭେଦ ପଛରେ ଅନନ୍ତ ଅପରିଣାମୀ ନିରପେକ୍ଷ ଏକତ୍ୱ ରହିଛି, ପ୍ରତ୍ୟେକ ବ୍ୟକ୍ତି ସମ୍ବନ୍ଧରେ ମଧ୍ୟ ତଦ୍ରୂପ । ବ୍ୟଷ୍ଟି—କ୍ଷୁଦ୍ରାକାରରେ ସମଷ୍ଟିର ପୁନରାବୃତ୍ତି ମାତ୍ର । ଏହି ସମସ୍ତ ଭେଦ ସତ୍ତ୍ୱେ ଏମାନଙ୍କ ଭିତରେ ଅନନ୍ତ ଏକତ୍ୱ ବିରାଜମାନ—ଏହା ହିଁ ଆମମାନଙ୍କୁ ସ୍ୱୀକାର କରିବାକୁ ହେବ । ଅନ୍ୟାନ୍ୟ ଭାବ ଅପେକ୍ଷା ଏହି ଭାବଟି ଆଜିକାଲି ଆମର ବିଶେଷ ପ୍ରୟୋଜନ ବୋଲି ମନେହୁଏ । ମୁଁ ଏପରି ଏକ ଦେଶର ଲୋକ, ଯେଉଁଠାରେ ଧର୍ମସମ୍ପ୍ରଦାୟର ଅନ୍ତ ନାହିଁ; ପୁନଶ୍ଚ ଦୁର୍ଭାଗ୍ୟବଶତଃ ହେଉ ବା ସୌଭାଗ୍ୟବଶତଃ ହେଉ, ଯେକୌଣସି ବ୍ୟକ୍ତି ଧର୍ମ ସମ୍ବନ୍ଧରେ ଟିକିଏ ଆଲୋଚନା କରନ୍ତି, ସେ ଜଣେ ପ୍ରତିନିଧି ସେ ଦେଶକୁ ପଠାଇବାକୁ ଚାହାଁନ୍ତି; ଏପରି ଏକ ଦେଶରେ ଜନ୍ମିଛି ବୋଲି ଅତି ବାଲ୍ୟକାଳରୁ ଜଗତର ବିଭିନ୍ନ ଧର୍ମସମ୍ପ୍ରଦାୟ ସହିତ ମୁଁ ପରିଚିତ । ଏପରିକି, ମର୍ମନମାନେ (Mormons)* ମଧ୍ୟ ଭାରତକୁ ଧର୍ମପ୍ରଚାର କରିବାକୁ ଆସିଥିଲେ । ଆସନ୍ତୁ ସମସ୍ତେ; ସେହି ତ ଧର୍ମପ୍ରଚାରର ସ୍ଥାନ । ଅନ୍ୟାନ୍ୟ ଦେଶ ଅପେକ୍ଷା ସେଠାରେ ଧର୍ମଭାବ ଅଧିକ ବଦ୍ଧମୂଳ ହୁଏ । ତୁମେମାନେ ଆସି ହିନ୍ଦୁମାନଙ୍କୁ ଯଦି ରାଜନୀତି ଶିଖାଇବାକୁ ଚାହିଁ, ସେମାନେ ବୁଝିବେ ନାହିଁ; କିନ୍ତୁ ଯଦି ତୁମେ ଆସି ଧର୍ମ ପ୍ରଚାର କର—ତାହା ଯେତେ କିମ୍ଭୂତକିମାକାର ଧରଣର ହେଉ ନା କାହିଁକି, ଅଳ୍ପକାଳ ମଧ୍ୟରେ ସହସ୍ର ସହସ୍ର ଲୋକ ତୁମର ଅନୁସରଣ କରିବେ ଏବଂ ତୁମ ଜୀବଦ୍ଦଶାରେ ତୁମେ ସାକ୍ଷାତ୍ ଭଗବାନ୍ ରୂପେ ପୂଜିତ ହେବାର ଯଥେଷ୍ଟ ସମ୍ଭାବନା । ଏଥିରେ ମୁଁ ଆନନ୍ଦ ବୋଧକରେ; କାରଣ ଭାରତରେ ଆମେ ଏହି ଗୋଟିଏ ବସ୍ତୁ ପାଇବାକୁ ଇଚ୍ଛା କରୁ । ହିନ୍ଦୁମାନଙ୍କ ମଧ୍ୟରେ ନାନାବିଧ ସମ୍ପ୍ରଦାୟ ଅଛି; ସେମାନଙ୍କର ସଂଖ୍ୟା ମଧ୍ୟ ଅନେକ ଏବଂ ସେଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ଆପାତତଃ ଏତେ ବିରୁଦ୍ଧ ବୋଲି ମନେହୁଏ ଯେ, ସେମାନଙ୍କର ମିଶିବାର କୌଣସି ଭିତ୍ତି ଖୋଜିଲେ ମିଳେ ନାହିଁ । ତଥାପି ସମସ୍ତେ କହିବେ, ସେମାନେ ଗୋଟିଏ ଧର୍ମର ବିଭିନ୍ନ ପ୍ରକାଶ ମାତ୍ର ।

'ଯେପରି ବିଭିନ୍ନ ନଦୀ ବିଭିନ୍ନ ପର୍ବତ ଉତ୍ପନ୍ନ ହୋଇ, ଋଜୁ କୁଟିଳ ନାନା ପଥ ଦେଇ ପ୍ରବାହିତ ହୋଇ ଅବଶେଷରେ ଆସି ସମୁଦ୍ରରେ ମିଶନ୍ତି, ସେହିଭଳି ବିଭିନ୍ନ ସମ୍ପ୍ରଦାୟର ଭାବ ବିଭିନ୍ନ ହେଲେ ମଧ୍ୟ ସମସ୍ତେ ଶେଷରେ ତୁମ ନିକଟରେ ଆସି ଉପସ୍ଥିତ ହୁଅନ୍ତି ।'**

---

* ୧୮୩୦ ଖ୍ରୀଷ୍ଟାବ୍ଦରେ ଆମେରିକା ଯୁକ୍ତରାଷ୍ଟ୍ରରେ ଯୋସେଫ୍ ସ୍ମିଥ୍ ନାମକ ଜନୈକ ବ୍ୟକ୍ତି ଏହି ସମ୍ପ୍ରଦାୟ ସ୍ଥାପନ କରିଥିଲେ । ଏମାନେ ବାଇବେଲ ମଧ୍ୟରେ ଗୋଟିଏ ନୂତନ ଅଧ୍ୟାୟ ସନ୍ନିବେଶିତ କରିଛନ୍ତି । ଏମାନେ ଅଲୌକିକ କ୍ରିୟା କରିପାରନ୍ତି ବୋଲି ଦାବି କରନ୍ତି ଏବଂ ପାଶ୍ଚାତ୍ୟ ସମାଜର ରୀତିବିରୁଦ୍ଧ ବହୁବିବାହ-ପ୍ରଥାର ପକ୍ଷପାତୀ ।

** ରୁଚୀନାଂ ବୈଚିତ୍ର୍ୟାଦୃଜୁକୁଟିଳନାନାପଥଜୁଷାଂ ।
ନୃଣାମେକୋ ଗମ୍ୟସ୍ତ୍ୱମସି ପୟସାମର୍ଣ୍ଣବ ଇବ ॥—ଶିବମହିମ୍ନଃ ସ୍ତୋତ୍ରମ୍

ଏହା ଖାଲି ଗୋଟିଏ ମତବାଦ ନୁହେଁ, ଏହାକୁ କାର୍ଯ୍ୟରେ ସ୍ୱୀକାର କରିବାକୁ ହେବ; ତେବେ ଆମେ ଯେପରି ସଚରାଚର ଦେଖିବାକୁ ପାଉ, କେହି କେହି ଅନୁଗ୍ରହ କରି କହନ୍ତି, 'ଅନ୍ୟ ଧର୍ମରେ କିଛି ସତ୍ୟ ଅଛି, ହଁ, ହଁ, ଏଥିରେ କେତେଗୁଡ଼ିଏ ଭଲ ଭଲ ଜିନିଷ ଅଛି' —ସେପରି ଭାବରେ ନୁହେଁ। ଆଉ ମଧ୍ୟ କାହାରି କାହାରି ଏ ଅଦ୍ଭୁତ ଉଦାର ଭାବ ଦେଖିବାକୁ ମିଳେ—'ଅନ୍ୟାନ୍ୟ ଧର୍ମ ଐତିହାସିକ ଯୁଗର ପରବର୍ତ୍ତୀ ସମୟର କ୍ରମବିକାଶର କ୍ଷୁଦ୍ର କ୍ଷୁଦ୍ର ଚିହ୍ନସ୍ୱରୂପ; କିନ୍ତୁ ଆମ ଧର୍ମରେ ଏହା ପୂର୍ଣ୍ଣତା ଲାଭ କରିଛି।' ଜଣେ କହୁଛି, 'ମୋର ଧର୍ମ ସର୍ବଶ୍ରେଷ୍ଠ, କାରଣ ଏହା ସର୍ବପ୍ରାଚୀନ; ପୁଣି ଅନ୍ୟ କେହି ତାହାର ଧର୍ମ ସର୍ବାପେକ୍ଷା ଆଧୁନିକ ବୋଲି ସେହି ଏକା ଦାବି କରୁଛି। ଆମକୁ ବୁଝିବାକୁ ପଡ଼ିବ ଓ ସ୍ୱୀକାର କରିବାକୁ ହେବ ଯେ, ପ୍ରତ୍ୟେକ ଧର୍ମର ମଣିଷକୁ ମୁକ୍ତି ଦେବାର ସମାନ ଶକ୍ତି ରହିଛି। ମନ୍ଦିରରେ ବା ଚର୍ଚ୍ଚରେ ଧର୍ମ ଧର୍ମ ଭିତରେ ପ୍ରଭେଦ ସମ୍ବନ୍ଧରେ ଯାହା ଶୁଣିଥାଉ, ତାହା କୁସଂସ୍କାର ମାତ୍ର। ସେହି ଜଣେ ଈଶ୍ୱର ସମସ୍ତଙ୍କ ଡାକର ଉତ୍ତର ଦିଅନ୍ତି। ଅତି କ୍ଷୁଦ୍ର ଜୀବାତ୍ମାର ରକ୍ଷଣ ଓ ଉଦ୍ଧାର ପାଇଁ ତୁମେ, ମୁଁ ବା ଅପର କୌଣସି ମନୁଷ୍ୟ ଦାୟୀ ନୋହୁଁ; ସେହି ଏକ ସର୍ବଶକ୍ତିମାନ୍ ଈଶ୍ୱର ହିଁ ସମସ୍ତଙ୍କ ପାଇଁ ଦାୟୀ। ମୁଁ ବୁଝିପାରେ ନାହିଁ, ଲୋକେ କିପରି ଏକ ଦିଗରେ ନିଜ ନିଜକୁ ଈଶ୍ୱରବିଶ୍ୱାସୀ ବୋଲି ଘୋଷଣା କରନ୍ତି, ପୁଣି ଏହା ମଧ୍ୟ ଭାବନ୍ତି ଯେ, ଈଶ୍ୱର ଗୋଟିଏ କ୍ଷୁଦ୍ର ମାନବ-ସମାଜ ଭିତରେ ସମୁଦାୟ ସତ୍ୟ ଦେଇଛନ୍ତି ଏବଂ ସେମାନେ ହିଁ ଅବଶିଷ୍ଟ ମାନବସମାଜର ରକ୍ଷକସ୍ୱରୂପ। କୌଣସି ବ୍ୟକ୍ତିର ବିଶ୍ୱାସ ନଷ୍ଟ କରିବା ପାଇଁ ଚେଷ୍ଟା କର ନାହିଁ। ଯଦି ପାର, ତାକୁ କିଛି ଭଲ ଜିନିଷ ଦିଅ। ଯଦି ପାର, ତେବେ ମଣିଷ ଯେଉଁଠାରେ ରହିଛି, ସେଠାରୁ ତାକୁ ଟିକିଏ ଉପରକୁ ଉଠାଇ ଦିଅ। ଏହା କର, କିନ୍ତୁ ତା'ର ଯାହା ଅଛି, ତାହା ନଷ୍ଟ କର ନାହିଁ। କେବଳ ସେ ଯଥାର୍ଥ ଆଚାର୍ଯ୍ୟପଦବାଚ୍ୟ, ଯେ ନିଜକୁ ମୁହୂର୍ତ୍ତିକ ମଧ୍ୟରେ ସହସ୍ର ସହସ୍ର ବିଭିନ୍ନ ବ୍ୟକ୍ତିରେ ପରିଣତ କରିପାରନ୍ତି; କେବଳ ସେ ହିଁ ଯଥାର୍ଥ ଆଚାର୍ଯ୍ୟ, ଯେ ଅଳ୍ପାୟାସରେ ଶିଷ୍ୟ ଅବସ୍ଥାକୁ ନିଜକୁ ନେଇ ଯାଇପାରନ୍ତି— ଯେ ନିଜର ଶକ୍ତି ଶିଷ୍ୟ ମଧ୍ୟରେ ସଞ୍ଚାରିତ କରି ତା'ର ଚକ୍ଷୁରେ ଦେଖିପାରନ୍ତି, ତା'ର କାନରେ ଶୁଣିପାରନ୍ତି, ତା'ର ମନଦ୍ୱାରା ବୁଝିପାରନ୍ତି। ଏହିଭଳି ଆଚାର୍ଯ୍ୟ ହିଁ ଯଥାର୍ଥ ଶିକ୍ଷା ଦେଇପାରନ୍ତି, ଅନ୍ୟ କେହି ନୁହେଁ। ଯେଉଁମାନେ କେବଳ ଅନ୍ୟର ଭାବ ନଷ୍ଟ କରିଦେବା ପାଇଁ ଚେଷ୍ଟା କରନ୍ତି, ସେମାନେ କେବେହେଲେ କୌଣସି ଉପକାର କରିପାରନ୍ତି ନାହିଁ।

ମୋର ଆଚାର୍ଯ୍ୟଦେବଙ୍କ ପାଖରେ ଥାଇ ମୁଁ ବୁଝିଛି, ମଣିଷ ଏହି ଦେହରେ ହିଁ ସିଦ୍ଧାବସ୍ଥା ଲାଭ କରିପାରେ। ତାଙ୍କ ମୁଖରୁ କାହାପ୍ରତି ଅଭିଶାପ ବର୍ଷିତ ହୁଏ ନାହିଁ; ଏପରିକି ସେ କାହାରି ସମାଲୋଚନା ମଧ୍ୟ କରୁ ନ ଥିଲେ। ଜଗତରେ କିଛି ମନ୍ଦ ଦେଖିବାର ଶକ୍ତି ତାଙ୍କ ଦୃଷ୍ଟିରେ ନ ଥିଲା—ତାଙ୍କର ମନ କୌଣସି ପ୍ରକାର କୁଚିନ୍ତା କରିବାର ସାମର୍ଥ୍ୟ ହରାଇଥିଲା। ସେ ଭଲ ଛଡ଼ା ଆଉ କିଛି ଦେଖୁ ନ ଥିଲେ। ସେହି ମହାପବିତ୍ରତା, ମହାତ୍ୟାଗ ହିଁ ଧର୍ମଲାଭର ଏକମାତ୍ର ନିଗୂଢ଼ ଉପାୟ। ବେଦରେ ଅଛି: 'ଧନ ବା ପୁତ୍ରୋତ୍ପାଦନଦ୍ୱାରା ନୁହେଁ, ଏକମାତ୍ର ତ୍ୟାଗଦ୍ୱାରା ହିଁ ଅମୃତତ୍ୱ ଲାଭ କରିଯାଏ।' ଯୀଶୁଖ୍ରୀଷ୍ଟ

କହିଛନ୍ତି, 'ତୁମର ଯାହା କିଛି ଅଛି, ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନ କର ଓ ମୋର ଅନୁସରଣ କର ।'

ସବୁ ବଡ଼ ବଡ଼ ଆଚାର୍ଯ୍ୟ ଓ ମହାପୁରୁଷଗଣ ମଧ୍ୟ ଏହି କଥା କହିଯାଇଛନ୍ତି ଏବଂ ଜୀବନରେ ତାହା କାର୍ଯ୍ୟରେ ପରିଣତ କରିଛନ୍ତି । ଏହି ତ୍ୟାଗ ବ୍ୟତୀତ ଆଧ୍ୟାତ୍ମିକତା ଲାଭର ସମ୍ଭାବନା କେଉଁଠି ? ଯେଉଁଠାରେ ହେଉ ନା କାହିଁକି, ସକଳ ଧର୍ମଭାବ ପଛରେ ତ୍ୟାଗ ରହିଛି ଏବଂ ତ୍ୟାଗର ଭାବ ଯେତେ କମିଯାଏ, ଇନ୍ଦ୍ରିୟପରତା ସେତେ ଧର୍ମ ଭିତରେ ପ୍ରବେଶ କରେ ଏବଂ ଧର୍ମଭାବ ମଧ୍ୟ ସେହି ପରିମାଣରେ କମିଯାଏ । ଏହି ମହାପୁରୁଷ ତ୍ୟାଗର ସାକାର ବିଗ୍ରହ ଥିଲେ । ଆମ ଦେଶରେ ଯେଉଁମାନେ ସନ୍ନ୍ୟାସୀ ହୁଅନ୍ତି, ସେମାନଙ୍କୁ ସମୁଦାୟ ଧନ-ଐଶ୍ୱର୍ଯ୍ୟ, ମାନ-ସମ୍ଭ୍ରମ ତ୍ୟାଗ କରିବାକୁ ହୁଏ ଏବଂ ମୋର ଆଚାର୍ଯ୍ୟଦେବ ଏହି ଆଦର୍ଶ ଅକ୍ଷରେ ଅକ୍ଷରେ ପରିଣତ କରିଥିଲେ । ସେ କାଞ୍ଚନ ସ୍ପର୍ଶ କରୁ ନ ଥିଲେ, ତାଙ୍କର କାଞ୍ଚନତ୍ୟାଗ-ସ୍ପୃହା ତାଙ୍କ ସ୍ନାୟୁମଣ୍ଡଳୀ ଉପରେ ମଧ୍ୟ ଏଭଳି ପ୍ରଭାବ ବିସ୍ତାର କରିଥିଲା ଯେ, ନିଦ୍ରାବସ୍ଥାରେ ତାଙ୍କ ଦେହରେ କୌଣସି ଧାତୁଦ୍ରବ୍ୟ ସ୍ପର୍ଶ କରାଇଲେ, ତାଙ୍କର ମାଂସପେଶୀସମୂହ ସଙ୍କୁଚିତ ହୋଇଯାଉଥିଲା ଏବଂ ତାଙ୍କର ସମୁଦାୟ ଦେହଟା ଯେପରି ଏହି ଧାତୁଦ୍ରବ୍ୟକୁ ସ୍ପର୍ଶ କରିବାକୁ ଅସ୍ୱୀକାର କରୁଥିଲା । ଏପରି ଅନେକେ ଥିଲେ, ଯାହାଙ୍କ ନିକଟରୁ ସେ କିଛି ଗ୍ରହଣ କଲେ ସେମାନେ କୃତାର୍ଥ ବୋଧ କରୁଥିଲେ, ଯେଉଁମାନେ ଆନନ୍ଦର ସହିତ ତାଙ୍କୁ ସହସ୍ର ସହସ୍ର ମୁଦ୍ରା ପ୍ରଦାନ ପାଇଁ ପ୍ରସ୍ତୁତ ଥିଲେ; କିନ୍ତୁ ଯଦିବା ତାଙ୍କର ହୃଦୟ ସମସ୍ତଙ୍କୁ ଆଲିଙ୍ଗନ କରିବାକୁ ସର୍ବଦା ପ୍ରସ୍ତୁତ ଥିଲା, ତଥାପି ସେସବୁ ଲୋକମାନଙ୍କ ନିକଟରୁ ସେ ଦୂରେଇ ଯାଉଥିଲେ । ସମ୍ପୂର୍ଣ୍ଣ କାମ-କାଞ୍ଚନ-ଜୟର ସେ ଥିଲେ ଏକ ଜୀବନ୍ତ ଉଦାହରଣ । ଏହି ଦୁଇ ଭାବ ତାଙ୍କ ଭିତରେ ବିନ୍ଦୁମାତ୍ର ନ ଥିଲା ଏବଂ ଚଳିତ ଶତାବ୍ଦୀ ପାଇଁ ଏଭଳି ବ୍ୟକ୍ତିଙ୍କର ଅତ୍ୟନ୍ତ ପ୍ରୟୋଜନ । ବର୍ତ୍ତମାନ କାଳରେ ଲୋକେ ଯାହାକୁ ନିଜର 'ପ୍ରୟୋଜନୀୟ ଦ୍ରବ୍ୟ' ବୋଲି କହନ୍ତି, ତାହା ବ୍ୟତୀତ ଏକମାସ ମଧ୍ୟ ବଞ୍ଚିପାରିବେ ନାହିଁ ବୋଲି ମନେକରନ୍ତି, ଏବଂ ଏହି ପ୍ରୟୋଜନକୁ ସେମାନେ ଅତ୍ୟଧିକ ଭାବରେ ବଢ଼ାଇବାକୁ ଆରମ୍ଭ କରିଛନ୍ତି; ସୁତରାଂ ଏପରି ସମୟରେ ଏହିପରି ତ୍ୟାଗର ପ୍ରୟୋଜନ । ବର୍ତ୍ତମାନ ଏଭଳି ଜଣେ ବ୍ୟକ୍ତିଙ୍କର ପ୍ରୟୋଜନ, ଯେ ଜଗତର ଅବିଶ୍ୱାସୀମାନଙ୍କ ନିକଟରେ ପ୍ରମାଣ କରିପାରିବେ ଯେ, ବର୍ତ୍ତମାନ ମଧ୍ୟ ଏପରି ଲୋକ ଅଛନ୍ତି, ଯେ ସଂସାରର କୌଣସି ପ୍ରକାର ଧନରତ୍ନ ଓ ମାନଯଶ ପାଇଁ ବିନ୍ଦୁମାତ୍ର ଲାଳାୟିତ ନୁହନ୍ତି । ବାସ୍ତବିକ୍ ବର୍ତ୍ତମାନ ମଧ୍ୟ ଏଭଳି ଅନେକ ଲୋକ ଅଛନ୍ତି ।

ତାଙ୍କର ଜୀବନରେ ଆଦୌ ବିଶ୍ରାମ ନ ଥିଲା । ତାଙ୍କର ଜୀବନର ପ୍ରଥମାଂଶ ଧର୍ମ-ଉପାର୍ଜ୍ଜନରେ ଓ ଶେଷାଂଶ ତାହାର ବିତରଣରେ ବ୍ୟୟିତ ହେଲା । ଦଳ ଦଳ ହୋଇ ଲୋକେ ତାଙ୍କର ଉପଦେଶ ଶୁଣିବାକୁ ଆସୁଥିଲେ ଓ ସେ ୨୪ ଘଣ୍ଟା ମଧ୍ୟରୁ ୨୦ ଘଣ୍ଟା ସେମାନଙ୍କ ସାଙ୍ଗରେ କଥାବାର୍ତ୍ତା କରୁଥିଲେ । ଏପରି ଘଟଣା ଯେ ଦିନେ ଦୁଇ ଦିନ ପାଇଁ ଘଟୁଥିଲା ତାହା ନୁହେଁ, ମାସ ପରେ ମାସ ଏହିପରି ଲାଗିଥିଲା । ଅବଶେଷରେ ଏପରି କଠୋର

ପରିଶ୍ରମରେ ତାଙ୍କର ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିଲା । ମାନବଜାତି ପ୍ରତି ତାଙ୍କର ଏଭଳି ଅଗାଧ ପ୍ରେମ ଥିଲା ଯେଉଁମାନେ ତାଙ୍କର କୃପାଲାଭାର୍ଥ ଆସୁଥିଲେ, ସେପରି ସହସ୍ର ସହସ୍ର ଲୋକଙ୍କ ଭିତରୁ ଅତି ସାମାନ୍ୟ ବ୍ୟକ୍ତି ମଧ୍ୟ ତାଙ୍କର କୃପାଲାଭରୁ ବଞ୍ଚିତ ହେଉ ନ ଥିଲେ । କ୍ରମେ ତାଙ୍କର କଣ୍ଠରେ ଗୋଟାଏ ଘା ହେଲା, ତଥାପି ତାଙ୍କୁ ଅନେକ ବୁଝାଇ ଶୁଝାଇ ମଧ୍ୟ କଥା କହିବା ବନ୍ଦ କରାଯାଇପାରିଲା ନାହିଁ । ଆମେମାନେ ତାଙ୍କ ପାଖରେ ସର୍ବଦା ରହୁଥିଲୁ, ତାଙ୍କର ଯେପରି କଷ୍ଟ ନ ହୁଏ, ସେଥିପାଇଁ ଲୋକମାନଙ୍କ ସାଙ୍ଗରେ ତାଙ୍କର ଯେପରି ଦେଖା ନ ହୁଏ, ତାହାର ଚେଷ୍ଟା କରୁଥିଲୁ । କିନ୍ତୁ ଯେତେବେଳେ ସେ ଶୁଣୁଥିଲେ, ଲୋକେ ତାଙ୍କୁ ଦେଖିବାକୁ ଆସିଛନ୍ତି, ସେ ସେମାନଙ୍କୁ ତାଙ୍କ ପାଖକୁ ଯିବାକୁ ଦେବା ପାଇଁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରୁଥିଲେ ଏବଂ ସେମାନେ ଆସିଲେ ସେମାନଙ୍କର ସକଳ ପ୍ରଶ୍ନର ଉତ୍ତର ଦେଉଥିଲେ । ଯଦି କେହି କହୁଥିଲେ, 'ଏସବୁ ଲୋକମାନଙ୍କ ସଙ୍ଗେ କଥା କହିଲେ ଆପଣଙ୍କୁ କଷ୍ଟ ହେବ ନାହିଁ ?' ସେ ହସି ଏତିକି ମାତ୍ର ଉତ୍ତର ଦେଉଥିଲେ, 'କଣ ! ଦେହର କଷ୍ଟ ! ମୋର କେତେ ଦେହ ହୋଇ କେତେ ଦେହ ଗଲା । ଯଦି ଏ ଦେହଟା ପରସେବାରେ ଯାଏ, ତା'ହେଲେ ତ ଏହା ଧନ୍ୟ ହେଲା ! ଯଦି ଜଣେ ଲୋକର ଯଥାର୍ଥ ଉପକାର ହୁଏ, ସେଥିପାଇଁ ମୁଁ ହଜାର ହଜାର ଦେହ ଦେବାକୁ ପ୍ରସ୍ତୁତ ଅଛି ।' ଥରେ ଜଣେ ବ୍ୟକ୍ତି ତାଙ୍କୁ କହିଲେ, 'ଆଜ୍ଞା, ଆପଣ ତ ଜଣେ ବଡ଼ ଯୋଗୀ—ଆପଣ ନିଜ ଦେହ ଉପରେ ଟିକିଏ ମନ ଦେଇ ଏହି ବ୍ୟାଧିକୁ ଦୂର କରିଦିଅନ୍ତୁ ନା ।' ପ୍ରଥମେ ସେ ଏହାର କୌଣସି ଉତ୍ତର ଦେଲେ ନାହିଁ । ଅବଶେଷରେ ଯେତେବେଳେ ସେ ବ୍ୟକ୍ତି ପୁଣି ସେହି କଥା ଉଠାଇଲେ, ସେ ଆସ୍ତେ ଆସ୍ତେ କହିଲେ, 'ତୁମକୁ ମୁଁ ଜଣେ ଜ୍ଞାନୀ ମନେକରିଥିଲି; କିନ୍ତୁ ଦେଖୁଛି—ତୁମେ ଅନ୍ୟ ସଂସାରୀ ଲୋକଙ୍କ ପରି କଥା କହୁଛ । ଏହି ମନ ଭଗବାନଙ୍କ ପାଦପଦ୍ମରେ ଅର୍ପିତ ହୋଇଛି—ତୁମେ କ'ଣ କହୁଛ, ଏହାକୁ ଫେରାଇ ଆଣି ଆତ୍ମାର ପିଞ୍ଜରାସ୍ୱରୂପ ଏହି ଦେହରେ ଲଗାଇବି ?'

ଏହି ଭାବରେ ସେ ଲୋକଙ୍କୁ ଉପଦେଶ ଦେବାକୁ ଲଗିଲେ ଏବଂ ଚାରିଆଡ଼େ ଏହି ସମ୍ବାଦ ପ୍ରଚାରିତ ହୋଇଗଲା ଯେ, ସେ ଶୀଘ୍ର ଦେହତ୍ୟାଗ କରିବେ । ସୁତରାଂ ପୂର୍ବାପେକ୍ଷା ଆହୁରି ଅଧିକ ଲୋକ ଦଳ ଦଳ ହୋଇ ଆସିବାକୁ ଲାଗିଲେ । ତୁମେମାନେ କଳ୍ପନା କରି-ପାରିବ ନାହିଁ, ଭାରତର ବଡ଼ ବଡ଼ ଧର୍ମଗୁରୁମାନଙ୍କ ପାଖକୁ କିପରି ଲୋକେ ଆସି ତାଙ୍କ ଚାରିଦିଗରେ ଭିଡ଼ ଜମାନ୍ତି ଏବଂ ଜୀବଦ୍ଦଶାରେ ହିଁ ସେମାନଙ୍କୁ ଈଶ୍ୱରଜ୍ଞାନ କରି ପୂଜା କରନ୍ତି । ସହସ୍ର ସହସ୍ର ବ୍ୟକ୍ତି କେବଳ ତାଙ୍କର ବସ୍ତ୍ରାଞ୍ଚଳ ସ୍ପର୍ଶ କରିବାକୁ ଅପେକ୍ଷା କରନ୍ତି । ଏହିଭଳି ଧର୍ମାନୁରାଗରୁ ହିଁ ପ୍ରକୃତ ଆଧ୍ୟାତ୍ମିକତା ଆସିଥାଏ । ମନୁଷ୍ୟ ଯାହା ଚାହେଁ ଓ ଆଦର କରେ, ତାହା ହିଁ ପାଇଥାଏ—ଜାତି ସମ୍ବନ୍ଧରେ ମଧ୍ୟ ସେହି ଏକା କଥା । ଯଦି ଭାରତରେ ଯାଇ ରାଜନୈତିକ ବକ୍ତୃତା ଦିଅ, ତାହା ଯେତେ ଚମତ୍କାର ହେଉନା କାହିଁକି, ତୁମେ ଶ୍ରୋତା ପାଇବ ନାହିଁ; କିନ୍ତୁ ଧର୍ମଶିକ୍ଷା ଦିଅ ଦେଖି—ତେବେ କେବଳ କଥାରେ କହିଲେ ହେବ ନାହିଁ, ନିଜକୁ ଧର୍ମଜୀବନ ଯାପନ କରିବାକୁ ହେବ—ତା'ହେଲେ ଶତ ଶତ ବ୍ୟକ୍ତି ତୁମ

ନିକଟକୁ କେବଳ ତୁମକୁ ଦେଖିବା ପାଇଁ, ତୁମର ପଦଧୂଳି ନେବା ପାଇଁ ଆସିବେ ।

ଯେତେବେଳେ ଲୋକେ ଶୁଣିଲେ ଯେ, ଏହି ମହାପୁରୁଷ ସମ୍ଭବତଃ ଶୀଘ୍ର ତାଙ୍କ ଭିତରୁ ଚାଲିଯିବେ, ସେମାନେ ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ଆସିବାକୁ ଲାଗିଲେ । ମୋର ଆଚାର୍ଯ୍ୟଦେବ ନିଜର ସ୍ୱାସ୍ଥ୍ୟ ପ୍ରତି ବିନ୍ଦୁମାତ୍ର ଲକ୍ଷ୍ୟ ନ କରି ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ । ଆମେମାନେ ତାଙ୍କୁ ବାରଣ କରି ପ୍ରତିନିବୃତ୍ତ କରିପାରିଲୁ ନାହିଁ । ଅନେକ ଲୋକ ଦୂରଦୂରାନ୍ତରରୁ ଆସୁଥିଲେ ଏବଂ ସେ ସେମାନଙ୍କ ପ୍ରଶ୍ନର ଉତ୍ତର ନ ଦେଇ ଶାନ୍ତିଲାଭ କରିପାରୁ ନ ଥିଲେ । ସେ କହୁଥିଲେ, 'ଯେପର୍ଯ୍ୟନ୍ତ ମୋର କଥା କହିବାର ଶକ୍ତି ରହିଛି, ସେପର୍ଯ୍ୟନ୍ତ ସେମାନଙ୍କୁ ଉପଦେଶ ଦେବି ।' ସେ ଯାହା କହୁଥିଲେ, ତାହା ହିଁ କରୁଥିଲେ । ଦିନେ ସେ ଆମମାନଙ୍କୁ ସେଦିନ ଦେହତ୍ୟାଗ କରିବେ ବୋଲି ଇଙ୍ଗିତ ଦେଲେ ଏବଂ ବେଦର ପବିତ୍ରତମ ମନ୍ତ୍ର 'ଓଁ' ଉଚ୍ଚାରଣ କରି କରି ମହାସମାଧିସ୍ଥ ହେଲେ । ଏହି ଭାବରେ ସେହି ମହାପୁରୁଷ ଆମମାନଙ୍କୁ ଛାଡ଼ି ଚାଲିଗଲେ । ପର ଦିନ ଆମେ ତାଙ୍କର ଦେହରେ ଅଗ୍ନି ସଂଯୋଗ କଲୁ ।

ତାଙ୍କର ଭାବ ଓ ଉପଦେଶାବଳୀ ପ୍ରଚାର କରିବାର ଉପଯୁକ୍ତ ବ୍ୟକ୍ତି ସେତେବେଳେ ଅତି ଅଳ୍ପ ଥିଲେ । ଗୃହସ୍ଥ ଭକ୍ତଗଣଙ୍କ ବ୍ୟତୀତ ତାଙ୍କର କେତେଜଣ ଯୁବକ ଶିଷ୍ୟ ଥିଲେ; ସେମାନେ ସଂସାର ତ୍ୟାଗ କରିଥିଲେ ଏବଂ ତାଙ୍କର କାର୍ଯ୍ୟ ପରିଚାଳନା କରିବାକୁ ପ୍ରସ୍ତୁତ ଥିଲେ । ସେମାନଙ୍କୁ ଦବାଇଦେବା ପାଇଁ ଚେଷ୍ଟା କରାହୋଇଥିଲା; କିନ୍ତୁ ସେମାନଙ୍କ ସମ୍ମୁଖରେ ସେମାନେ ଯେଉଁ ମହାନ୍ ଜୀବନାଦର୍ଶ ଦେଖିଥିଲେ, ତାହାରି ଶକ୍ତିରେ ଦୃଢ଼ ଭାବରେ ମୁଣ୍ଡ ଟେକି ରହିଲେ । ବର୍ଷ ବର୍ଷ ଧରି ଏହି ଦିବ୍ୟ ଜୀବନର ସଂସ୍ପର୍ଶରେ ଆସିବା ଫଳରେ ସେମାନଙ୍କ ହୃଦୟରେ ପ୍ରବଳ ଉତ୍ସାହାଗ୍ନି ସଞ୍ଚାରିତ ହୋଇଯାଇଥିଲା; ସୁତରାଂ ସେମାନେ ତିଳେ ମାତ୍ର ବିଚଳିତ ହେଲେ ନାହିଁ । ଏହି ଯୁବକମାନେ ସନ୍ନ୍ୟାସାଶ୍ରମର ସମସ୍ତ ନିୟମ ପ୍ରତିପାଳନ କରିବାକୁ ଲାଗିଲେ ଏବଂ ଯଦିଓ ଏମାନଙ୍କ ଭିତରୁ ଅନେକେ ସଦ୍‌ବଂଶଜାତ ତଥାପି ସେମାନେ ଯେଉଁ ସହରରେ ଜନ୍ମଗ୍ରହଣ କରିଥିଲେ, ତାହାର ରାସ୍ତାରେ ରାସ୍ତାରେ ବୁଲି ଭିକ୍ଷା କରିବାକୁ ଲାଗିଲେ । ପ୍ରଥମେ ପ୍ରଥମେ ସେମାନଙ୍କୁ ପ୍ରବଳ ବାଧା ସହ୍ୟ କରିବାକୁ ହୋଇଥିଲା; କିନ୍ତୁ ସେମାନେ ଦୃଢ଼ବ୍ରତ ହୋଇ ରହିଲେ ଏବଂ ଦିନ ପରେ ଦିନ ଭାରତର ସର୍ବତ୍ର ଏହି ମହାପୁରୁଷଙ୍କର ଉପଦେଶ ପ୍ରଚାର କରିବାକୁ ଲାଗିଲେ—ଅବଶେଷରେ ସମଗ୍ର ଦେଶ ତାଙ୍କର ପ୍ରଚାରିତ ଭାବସମୂହରେ ପୂର୍ଣ୍ଣ ହୋଇଗଲା । ବଙ୍ଗଦେଶର ସୁଦୂର ପଲ୍ଲୀଗ୍ରାମରେ ଜନ୍ମଗ୍ରହଣ କରି ଏହି ଅଶିକ୍ଷିତ ବାଳକ କେବଳ ନିଜର ଦୃଢ଼ପ୍ରତିଜ୍ଞା ଓ ଆତ୍ମଶକ୍ତିବଳରେ ସତ୍ୟକୁ ଉପଲବ୍ଧି କରି ଅନ୍ୟକୁ ତାହା ପ୍ରଦାନ କରି ଗଲେ—ଏବଂ ସେହି ସତ୍ୟକୁ ଜୀବନ୍ତ ରଖିବା ପାଇଁ କେବଳ କେତେଜଣ ଯୁବକଙ୍କୁ ଛାଡ଼ିଗଲେ ।

ଆଜି ଶ୍ରୀରାମକୃଷ୍ଣ ପରମହଂସଙ୍କ ନାମ ଭାରତର ସର୍ବତ୍ର କୋଟି କୋଟି ଲୋକଙ୍କ ନିକଟରେ ପରିଚିତ । କେବଳ ସେତିକି ନୁହେଁ, ତାଙ୍କର ଶକ୍ତି ଭାରତର ବାହାରେ ମଧ୍ୟ ବିସ୍ତୃତ ହୋଇଛି ଏବଂ ଯଦି ମୁଁ ଜଗତରେ କେଉଁଠାରେ ସତ୍ୟ ଓ ଧର୍ମ ସମ୍ବନ୍ଧରେ

ଗୋଟିଏ ହେଲେ କଥା କହୁଥାଏ, ସେକଥା ମୋର ଆଚାର୍ଯ୍ୟଦେବଙ୍କର—ଭୁଲ୍‌ଗୁଡ଼ିକ କେବଳ ମୋର ।

ଏହିଭଳି ବ୍ୟକ୍ତିଙ୍କର ପ୍ରୟୋଜନ ଥିଲା—ଏ ଯୁଗରେ ଏହିଭଳି ତ୍ୟାଗ ଆବଶ୍ୟକ । ହେ ଆଧୁନିକ ନରନାରୀଗଣ ! ତୁମ ଭିତରେ ଯଦି ଏଭଳି ପବିତ୍ର, ଅନାଘ୍ରାତ ପୁଷ୍ପ ପରି କେହି ଥାଆନ୍ତି, ତାହା ଭଗବାନଙ୍କ ପାଦପଦ୍ମରେ ସମର୍ପଣ କରିବା ଉଚିତ । ଯଦି ତୁମ ଭିତରେ ଏଭଳି କେହି ବ୍ୟକ୍ତି ଥାଆନ୍ତି, ଯାହାଙ୍କର ସଂସାରରେ ପ୍ରବେଶ କରିବାର ଇଚ୍ଛା ନାହିଁ, ଯେଉଁମାନଙ୍କର ବେଶୀ ବୟସ ହୋଇ ନାହିଁ, ସେମାନେ ସଂସାର ତ୍ୟାଗ କରନ୍ତୁ । ଧର୍ମଲାଭର ଏହା ହିଁ ରହସ୍ୟ—ତ୍ୟାଗ କର । ପ୍ରତ୍ୟେକ ନାରୀଙ୍କୁ ଜନନୀ ବୋଲି ଚିନ୍ତା କର ଏବଂ କାଞ୍ଚନ ପରିତ୍ୟାଗ କର । ଭୟ କ'ଣ ? ଯେଉଁଠାରେ ଥାଅ ନା କାହିଁକି, ପ୍ରଭୁ ତୁମମାନଙ୍କୁ ରକ୍ଷା କରିବେ । ପ୍ରଭୁ ନିଜର ସନ୍ତାନଗଣଙ୍କର ଭାର ଗ୍ରହଣ କରିଥାଆନ୍ତି । ସାହସ କରି ତ୍ୟାଗ କରି ଦେଖି । ଏହିପରି ପ୍ରବଳ ତ୍ୟାଗର ପ୍ରୟୋଜନ । ତୁମେ କ'ଣ ଦେଖିପାରୁ ନାହଁ, ପାଶ୍ଚାତ୍ୟ ଦେଶରେ ଜଡ଼ବାଦର କି ପ୍ରବଳ ସ୍ରୋତ ବହୁଛି ? କେତେ ଦିନ ଆଉ ଆଖିରେ ପଟି ବାନ୍ଧି ରଖିବ ? ତୁମେ କ'ଣ ଦେଖୁ ନାହଁ, କି ଭୀଷଣ ଭାବରେ କାମ ଓ ଅପବିତ୍ରତା ସମାଜର ଅସ୍ଥିମଜ୍ଜା ଶୋଷଣ କରିନେଉଛି ? ତୁମେ କେବଳ ବକ୍ତୃତାଦ୍ୱାରା କିମ୍ବା ସଂସ୍କାର-ଆନ୍ଦୋଳନ ଦ୍ୱାରା ଏହା ବନ୍ଦ କରିପାରିବ ନାହିଁ—ତ୍ୟାଗଦ୍ୱାରା ହିଁ ଏହି କ୍ଷୟ ଓ ବିନାଶ ମଧ୍ୟରେ ଧର୍ମଭାବ ନେଇ ଅଚଳ ଅଟଳ ସୁମେରୁବତ୍ ଠିଆ ହୋଇ ରହିଲେ ହିଁ ତୁମେ ଏ ସମସ୍ତ ଅଧର୍ମର ଭାବ ବନ୍ଦ କରିପାରିବ । ବାକ୍ୟବ୍ୟୟ କର ନାହିଁ; ତୁମ ଦେହର ପ୍ରତି ଲୋମ-କୂପରୁ ପବିତ୍ରତାର ଶକ୍ତି, ବ୍ରହ୍ମଚର୍ଯ୍ୟର ଶକ୍ତି, ତ୍ୟାଗର ଶକ୍ତି ବାହାର ହେଉ । ଯେଉଁମାନେ ଦିବାରାତ୍ରି କାଞ୍ଚନ ନିମିତ୍ତ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ଏହି ଶକ୍ତି ଯାଇ ଆଘାତ କରୁ; ସେମାନେ କାଞ୍ଚନ ପାଇଁ ଏହି ତୀବ୍ର ଆଗ୍ରହ ମଧ୍ୟରେ କାଞ୍ଚନତ୍ୟାଗୀ ତୁମକୁ ଦେଖିବା ମାତ୍ରେ ଆଶ୍ଚର୍ଯ୍ୟ ହୁଅନ୍ତୁ । କାମଭାବ ମଧ୍ୟ ତ୍ୟାଗ କର । କାମ-କାଞ୍ଚନତ୍ୟାଗୀ ହୁଅ, ନିଜକୁ ଯେପରି ବଳିସ୍ୱରୂପ ପ୍ରଦାନ କର—ତୁମ ବ୍ୟତୀତ ଆଉ କିଏ ଏହା ସାଧନ କରିବେ ? ଯେଉଁମାନେ ଜୀର୍ଣ୍ଣଶୀର୍ଣ୍ଣ ବୃଦ୍ଧ, ସମାଜ ଯେଉଁମାନଙ୍କୁ ତ୍ୟାଗ କରିଛି—ସେମାନେ ନୁହନ୍ତି; ପୃଥିବୀ ମଧ୍ୟରେ ଯେଉଁମାନେ ସର୍ବୋତ୍ତମ ଓ ନବୀନତମ, ସେହି ବଳବାନ୍ ସୁନ୍ଦର ଯୁବାପୁରୁଷମାନେ ହିଁ ଏହାର ଅଧିକାରୀ । ସେହିମାନଙ୍କୁ ହିଁ ଭଗବାନଙ୍କର ବେଦୀରେ ଜୀବନ ସମର୍ପଣ କରିବାକୁ ହେବ । ଏହି ସ୍ୱାର୍ଥତ୍ୟାଗଦ୍ୱାରା ଜଗତକୁ ଉଦ୍ଧାର କର । ଜୀବନର ଆଶା ବିସର୍ଜନ ଦେଇ ତୁମେମାନେ ସମଗ୍ର ମାନବଜାତିର ସେବକ ହୁଅ, ସମଗ୍ର ମାନବଜାତି ନିକଟରେ ଧର୍ମ-ପ୍ରଚାର କର । ଏହାକୁ ହିଁ ତ୍ୟାଗ କୁହାଯାଏ, କେବଳ କଥାରେ ଏହା ହୁଏ ନାହିଁ । ଉଠି ଠିଆ ହୁଅ ଏବଂ କାର୍ଯ୍ୟରେ ଲାଗିଯାଅ । ତୁମମାନଙ୍କୁ ଦେଖିବା ମାତ୍ରେ ସଂସାରୀ ଲୋକ ମନରେ କାଞ୍ଚନା-ସକ୍ତ ବ୍ୟକ୍ତିର ମନରେ ଭୟର ସଞ୍ଚାର ହେବ । କଥାରେ କେବେ କୌଣସି କାର୍ଯ୍ୟ ହୁଏ ନାହିଁ—କେତେ କେତେ ପ୍ରଚାର ହୋଇଛି, କୌଣସି ଫଳ ହୋଇ ନାହିଁ । ପ୍ରତି ମୁହୂର୍ତ୍ତରେ ଅର୍ଥପିପାସା ଯୋଗୁ ରାଶି ରାଶି ଗ୍ରନ୍ଥ ପ୍ରକାଶିତ ହେଉଛି; କିନ୍ତୁ ସେଥିରେ କୌଣସି ଉପକାର

ହୁଏ ନାହିଁ, କାରଣ ତାହା ପଛରେ କେବଳ ଭୂଲଣିଆ କଥା—ଏ ସମସ୍ତ ଗନ୍ଥ ଭିତରେ କୌଣସି ଶକ୍ତି ନାହିଁ । ଆସ, ପ୍ରତ୍ୟକ୍ଷ ଉପଲବ୍ଧି କର । ଯଦି କାମକାଞ୍ଚନ ତ୍ୟାଗ କରିପାର, ତୁମକୁ ବାକ୍ୟବ୍ୟୟ କରିବାକୁ ପଡ଼ିବ ନାହିଁ । ତୁମର ହୃତ୍‌ପଦ୍ମ ପ୍ରସ୍ଫୁଟିତ ହେବ, ତୁମର ଭାବ ଚାରିଆଡ଼େ ବିସ୍ତୃତ ହେବ । ଯେଉଁ ବ୍ୟକ୍ତି ତୁମ ପାଖକୁ ଆସିବେ, ତାଙ୍କୁ ହିଁ ତୁମର ଧର୍ମଭାବ ସ୍ପର୍ଶ କରିବ ।

ବର୍ତ୍ତମାନ ଜଗତ ସମକ୍ଷରେ ଶ୍ରୀରାମକୃଷ୍ଣଙ୍କର ଘୋଷଣା ଏହି: ମତାମତ, ସମ୍ପ୍ରଦାୟ, ଚର୍ଚ୍ଚ ବା ମନ୍ଦିରର ଅପେକ୍ଷା କର ନାହିଁ । ପ୍ରତ୍ୟେକ ମନୁଷ୍ୟ ଭିତରେ ଯେଉଁ ସାର ବସ୍ତୁ ଅର୍ଥାତ୍ ଧର୍ମ ରହିଛି, ତାହା ତୁଳନାରେ ଏସବୁ ତୁଚ୍ଛ; ଏବଂ ମନୁଷ୍ୟ ମଧ୍ୟରେ ଏହି ଭାବ ଯେତେ ବିକାଶପ୍ରାପ୍ତ ହେବ, ସେତେ ହିଁ ତାହାର ଜଗତର କଲ୍ୟାଣ କରିବା ଶକ୍ତି ବଢ଼ିବ । ପ୍ରଥମେ ଏହି ଧର୍ମଧନ ଉପାର୍ଜନ କର, କାହା ଉପରେ ଦୋଷାରୋପ କର ନାହିଁ; କାରଣ ସକଳ ମତ, ସକଳ ପଥ ହିଁ ଭଲ । ତୁମ ଜୀବନ ଦେଇ ଦେଖାଇଦିଅ ଯେ, 'ଧର୍ମ'ର ଅର୍ଥ କେବଳ ଶବ୍ଦ ବା ନାମ ବା ସମ୍ପ୍ରଦାୟକୁ ବୁଝାଏ ନାହିଁ, ତାହାର ଅର୍ଥ ଆଧ୍ୟାତ୍ମିକ ଅନୁଭୂତି । ଯେଉଁମାନେ ଅନୁଭବ କରିଛନ୍ତି, ସେହିମାନେ ହିଁ ଠିକ୍ ଠିକ୍ ବୁଝିପାରନ୍ତି । ଯେଉଁମାନେ ନିଜେ ଧର୍ମଲାଭ କରିଛନ୍ତି, ସେହିମାନେ କେବଳ ଅନ୍ୟ ଭିତରେ ଧର୍ମଭାବ ସଞ୍ଚାରିତ କରି-ପାରନ୍ତି, ସେମାନେ ହିଁ ମାନବଜାତିର ଶ୍ରେଷ୍ଠ ଆଚାର୍ଯ୍ୟ ହୋଇପାରନ୍ତି—କେବଳ ସେମାନେ ହିଁ ଜଗତରେ ଜ୍ଞାନର ଶକ୍ତି ସଞ୍ଚାର କରିପାରନ୍ତି ।

ତାହାହେଲେ ତୁମେ ଏହିଭଳି ହୁଅ ! କୌଣସି ଦେଶରେ ଯେତେ ଏହିଭଳି ବ୍ୟକ୍ତିଙ୍କର ଅଭ୍ୟୁଦୟ ହେବ, ସେ ଦେଶ ସେତେ ଉନ୍ନତ ହେବ, ଏବଂ ଯେଉଁ ଦେଶରେ ଏଭଳି ଲୋକ ଆଦୌ ନାହାନ୍ତି, ସେଦେଶର ପତନ ଅନିବାର୍ଯ୍ୟ, କୌଣସି ଉପାୟରେ ତାହାର ଉଦ୍ଧାରର ଆଶା ନାହିଁ । ଅତଏବ ମାନବଜାତି ନିକଟରେ ମୋର ଆଚାର୍ଯ୍ୟଦେବଙ୍କର ଉପଦେଶ ଏହି : 'ପ୍ରଥମେ ନିଜେ ଧାର୍ମିକ ହୁଅ ଏବଂ ସତ୍ୟ ଉପଲବ୍ଧି କର ।' ସେ ସକଳ ଦେଶର ଦୃଢ଼ ଓ ବଳିଷ୍ଠ ଯୁବକଗଣଙ୍କୁ ସମ୍ବୋଧନ କରି କହିଛନ୍ତି, 'ତୁମମାନଙ୍କର ତ୍ୟାଗର ସମୟ ଆସିଛି ।' ସେ ଚାହାଁନ୍ତି, ତୁମେ ତୁମମାନଙ୍କ ଭାଇ-ସ୍ୱରୂପ ସମଗ୍ର ମାନବଜାତିର କଲ୍ୟାଣ ନିମିତ୍ତ ସର୍ବସ୍ୱ ତ୍ୟାଗ କର । ସେ ଚାହାଁନ୍ତି, ତୁମେ କେବଳ ମୁହଁରେ 'ମୋର ଭାଇମାନଙ୍କୁ ଭଲ ପାଏ' ବୋଲି ନ କହି, ତୁମ କଥା ଯେ ସତ୍ୟ, ତାହା ପ୍ରମାଣ କରିବା ପାଇଁ କାର୍ଯ୍ୟରେ ଲାଗିଯାଅ । ବର୍ତ୍ତମାନ ସେ ଯୁବକମାନଙ୍କୁ ଆହ୍ୱାନ କରି ଏହି କଥା କହୁଛନ୍ତି, 'କାର୍ଯ୍ୟ କର, ଲମ୍ଫ ଦିଅ, ତ୍ୟାଗୀ ହୋଇ ଜଗତକୁ ଉଦ୍ଧାର କର ।'

ତ୍ୟାଗ ଓ ପ୍ରତ୍ୟକ୍ଷାନୁଭୂତିର ସମୟ ଆସିଯାଇଛି । ଅତଏବ ଜଗତର ବିଭିନ୍ନ ଧର୍ମ ମଧ୍ୟରେ ଯେଉଁ ସାମଞ୍ଜସ୍ୟ ଅଛି, ତାହା ଦେଖିବାକୁ ପାଇବ । ବୁଝିବ—ବିବାଦର କୌଣସି ପ୍ରୟୋଜନ ନାହିଁ ଏବଂ ସେତେବେଳେ ସମଗ୍ର ମାନବଜାତିର ସେବା କରିବାକୁ ପ୍ରସ୍ତୁତ ହୋଇପାରିବ । ମୋର ଆଚାର୍ଯ୍ୟଦେବଙ୍କ ଜୀବନର ଉଦ୍ଦେଶ୍ୟ ଥିଲା—ସକଳ ଧର୍ମର ମୂଳରେ ଯେଉଁ ଐକ୍ୟ ରହିଛି, ତାହାକୁ ଘୋଷଣା କରିବା । ଅନ୍ୟାନ୍ୟ ପ୍ରଚାରକମାନେ ବିଶେଷ

ବିଶେଷ ଧର୍ମର ପ୍ରଚାର କରିଛନ୍ତି; ସେସବୁ ସେମାନଙ୍କର ନିଜ ନିଜ ନାମରେ ପରିଚିତ । କିନ୍ତୁ ଊନବିଂଶ ଶତାବ୍ଦୀର ଏହି ମହାନ୍ ଆଚାର୍ଯ୍ୟ ନିଜ ପାଇଁ କୌଣସି ଦାବି କରି ନାହାନ୍ତି । ସେ କୌଣସି ଧର୍ମ ଉପରେ କୌଣସି ପ୍ରକାର ଆକ୍ରମଣ କରି ନାହାନ୍ତି, କାରଣ ସେ ବାସ୍ତବିକ୍ ଉପଲବ୍ଧି କରିଥିଲେ ଯେ, ସମସ୍ତ ଧର୍ମ ଏକ ସନାତନ ଧର୍ମର ଅଙ୍ଗପ୍ରତ୍ୟଙ୍ଗ ମାତ୍ର !

## ଶ୍ରୀରାମକୃଷ୍ଣ ଓ ତାଙ୍କର ମତ

ଶ୍ରୀରାମକୃଷ୍ଣ ନିଜକୁ ସ୍ଥୂଳ ଅର୍ଥରେ ହିଁ ଅବତାର ବୋଲି ମନେକରୁଥିଲେ, ଯଦିଓ ଏହାର ଠିକ୍ ଅର୍ଥ ମୁଁ ବୁଝିପାରୁ ନ ଥିଲି । ମୁଁ କହୁଥିଲି, ବୈଦାନ୍ତିକ ଅର୍ଥରେ ସେ ହେଉଛନ୍ତି ବ୍ରହ୍ମ । ଦେହତ୍ୟାଗର ଠିକ୍ କିଛିଦିନ ଆଗରୁ ତାଙ୍କର ଖୁବ୍ ଶ୍ୱାସକଷ୍ଟ ହେଉଥିଲା; ମୁଁ ସେତେବେଳେ ମନେ ମନେ ଭାବୁଛି—ଦେଖେ, ଏହି କଷ୍ଟରେ ମଧ୍ୟ ସେ ନିଜକୁ ଅବତାର ବୋଲି କହିପାରୁଛନ୍ତି କି ନାହିଁ । ଏକଥା ଭାବିବା ମାତ୍ରେ ସେ ମୋତେ କହିଲେ, 'ଯେ ରାମ ଯେ କୃଷ୍ଣ, ସେ ହିଁ ଏ ଦେହରେ ରାମକୃଷ୍ଣ; ତେବେ ତୋର ବେଦାନ୍ତ ଦୃଷ୍ଟିରୁ ନୁହେଁ ।' ସେ ମୋତେ ଖୁବ୍ ଭଲ ପାଉଥିଲେ—ଏଥିପାଇଁ ଅନେକେ ମୋତେ ଈର୍ଷା କରୁଥିଲେ । ସେ କୌଣସି ଲୋକଙ୍କୁ ଦେଖିବା ମାତ୍ରକେ ସେ ତାହାର ଚରିତ୍ର ବୁଝି ନେଉଥିଲେ ଏବଂ ଏ ବିଷୟରେ ତାଙ୍କର ସେହି ମତର ଆଉ ପରିବର୍ତ୍ତନ ହେଉ ନ ଥିଲା । ଆମେମାନେ କୌଣସି ମନୁଷ୍ୟକୁ ବିଚାର କରୁ ଯୁକ୍ତି ମାଧ୍ୟମରେ, ସେଥିପାଇଁ ଆମମାନଙ୍କ ବିଚାରରେ ଥାଏ ଭୁଲତ୍ରୁଟି; ତାଙ୍କର ଥିଲା ଇନ୍ଦ୍ରିୟାତୀତ ଅନୁଭୂତି । କୌଣସି କୌଣସି ବ୍ୟକ୍ତିକୁ ତାଙ୍କର ଅନ୍ତରଙ୍ଗ ବା 'ଭିତରର ଲୋକ' ବୋଲି କହୁଥିଲେ—ସେମାନଙ୍କୁ ସେ ତାଙ୍କର ନିଜ ବିଷୟରେ ଗୋପନ ତତ୍ତ୍ୱ ଓ ଯୋଗଶାସ୍ତ୍ରର ରହସ୍ୟ ଶିଖାଉଥିଲେ । ବାହାରର ଲୋକ ବା ବହିରଙ୍ଗମାନଙ୍କ ପାଖରେ କହୁଥିଲେ ନାନା ଉପଦେଶମୂଳକ ଗଳ୍ପ; ଏଗୁଡ଼ିକୁ ହିଁ ଲୋକମାନେ 'ଶ୍ରୀରାମକୃଷ୍ଣଙ୍କର କଥା' ବୋଲି ଜାଣନ୍ତି । ଏହି ଅନ୍ତରଙ୍ଗ ତରୁଣମାନଙ୍କୁ ସେ ତାଙ୍କ କାର୍ଯ୍ୟର ଉପଯୋଗୀ କରି ଗଢ଼ି ତୋଳୁଥିଲେ, ଅନେକେ ଏମାନଙ୍କ ବିରୋଧରେ ଅଭିଯୋଗ କଲେ ମଧ୍ୟ ସେଥିପ୍ରତି ସେ କାନ ଦେଉ ନ ଥିଲେ । ଅନ୍ତରଙ୍ଗ ଓ ବହିରଙ୍ଗମାନଙ୍କ ମଧ୍ୟରୁ ଶେଷୋକ୍ତମାନଙ୍କର କାର୍ଯ୍ୟାଦି ଦେଖି ପ୍ରଥମୋକ୍ତମାନଙ୍କ ତୁଳନାରେ ସେମାନଙ୍କ ପ୍ରତି ମୋର ଅନେକ ବେଶୀ ଭଲ ଧାରଣା ହୋଇଥିଲା; ତେବେ ଅନ୍ତରଙ୍ଗମାନଙ୍କ ପ୍ରତି ମୋର ଥିଲା ଅନ୍ଧ ଅନୁରାଗ । ଲୋକେ କହନ୍ତି— ମୋତେ ଭଲ ପାଇଲେ ମୋର କୁକୁରଟିକୁ ମଧ୍ୟ ଭଲ ପାଅ । ମୁଁ ଏହି ବ୍ରାହ୍ମଣ-ପୂଜାରୀଙ୍କୁ ଅନ୍ତର ଦେଇ ଭଲପାଏ । ସୁତରାଂ ସେ ଯାହା ଭଲ ପାଆନ୍ତି, ଯାହାଙ୍କୁ ସେ ମାନ୍ୟ କରନ୍ତି— ମୁଁ ମଧ୍ୟ ତାହା ଭଲ ପାଏ, ମୁଁ ମଧ୍ୟ ତାଙ୍କୁ ମାନ୍ୟ କରେ । ମୋ ସମ୍ବନ୍ଧରେ ତାଙ୍କର ଭୟ ଥିଲା, କାଳେ ମୋତେ ସ୍ୱାଧୀନତା ଦେଲେ ମୁଁ ପୁଣି ଏକ ନୂତନ ସମ୍ପ୍ରଦାୟ ସୃଷ୍ଟି କରି ବସିବି ।

ସେ ଜଣେ କାହାକୁ କହିଲେ, 'ଏ ଜୀବନରେ ତୁମର ଧର୍ମଲାଭ ହେବ ନାହିଁ ।' ସମସ୍ତଙ୍କର ଭୂତ-ଭବିଷ୍ୟତ୍ ସେ ଯେପରି ଦେଖିପାରୁଥିଲେ । ବାହାରୁ ଯେ ମନେହେଉଥିଲା

—ସେ କାହାରି କାହାରି ଉପରେ ପକ୍ଷପାତିତ୍ୱ କରୁଛନ୍ତି, ଏହା ହିଁ ଥିଲା ତାହାର କାରଣ । ଚିକିତ୍ସକମାନେ ଯେପରି ବିଭିନ୍ନ ରୋଗୀର ଚିକିତ୍ସା ବିଭିନ୍ନ ଭାବରେ କରନ୍ତି, ବୈଜ୍ଞାନିକ ମନୋଭାବ-ସମ୍ପନ୍ନ ସେ ମଧ୍ୟ ସେହିପରି ବିଭିନ୍ନ ଲୋକଙ୍କ ପାଇଁ ବିଭିନ୍ନ ପ୍ରକାର ସାଧନା ନିର୍ଦ୍ଦେଶ କରୁଥିଲେ । ତାଙ୍କ ଘରେ ଅନ୍ତରଙ୍ଗମାନଙ୍କ ଛଡ଼ା ଆଉ କାହାରିକୁ ହିଁ ଶୋଇବାକୁ ଦିଆ ହେଉ ନ ଥିଲା । ଯେଉଁମାନେ ତାଙ୍କର ଦର୍ଶନ ପାଇ ନାହାନ୍ତି, ସେମାନଙ୍କର ମୁକ୍ତି ହେବ ନାହିଁ, ଆଉ ଯେଉଁମାନେ ତିନିଥର ତାଙ୍କର ଦର୍ଶନ ପାଇଛନ୍ତି, ସେମାନଙ୍କର ମୁକ୍ତି ହେବ—ଏ କଥା ସତ୍ୟ ନୁହେଁ ।

ଜ୍ଞାନର ଶିକ୍ଷା ଗ୍ରହଣରେ ଅକ୍ଷମ ଜନସାଧାରଣଙ୍କ ନିକଟରେ ସେ 'ନାରଦୀୟ ଭକ୍ତି' ପ୍ରଚାର କରୁଥିଲେ ।

ସାଧାରଣତଃ ସେ ଦ୍ୱୈତବାଦ ଶିକ୍ଷା ଦେଉଥିଲେ, ଅଦ୍ୱୈତବାଦ ଶିକ୍ଷା ନ ଦେବା ଥିଲା ତାଙ୍କର ନିୟମ । ତେବେ ସେ ମୋତେ ଅଦ୍ୱୈତବାଦ ଶିକ୍ଷା ଦେଇଥିଲେ—ଏହା ପୂର୍ବରୁ ମୁଁ ଥିଲି ଦ୍ୱୈତବାଦୀ ।

## ଶ୍ରୀରାମକୃଷ୍ଣ : ଜାତିର ଆଦର୍ଶ

କୌଣସି ଜାତିକୁ ଆଗେଇ ନିବାକୁ ହେଲେ ତାହାର ଉଚ୍ଚ ଆଦର୍ଶ ରହିବା ଆବଶ୍ୟକ । ସେହି ଆଦର୍ଶ ହେବ 'ପରଂବ୍ରହ୍ମ'; କିନ୍ତୁ ତୁମେମାନେ ସମସ୍ତେ ହିଁ କୌଣସି ବିମୂର୍ତ୍ତ ଆଦର୍ଶ (abstract ideal) ଦ୍ୱାରା ଅନୁପ୍ରାଣିତ ହୋଇପାରିବ ନାହିଁ ବୋଲି ତୁମମାନଙ୍କର ଗୋଟିଏ ବ୍ୟକ୍ତିର ଆଦର୍ଶ ଅବଶ୍ୟ ହିଁ ପ୍ରୟୋଜନ । ଶ୍ରୀରାମକୃଷ୍ଣଙ୍କ ମଧ୍ୟରେ ତୁମେମାନେ ସେହି ଆଦର୍ଶ ପାଇଛ । ଅନ୍ୟ କୌଣସି ବ୍ୟକ୍ତି ଏଯୁଗରେ ଯେ ଆମମାନଙ୍କର ଆଦର୍ଶ ହୋଇପାରିବେ ନାହିଁ, ତାହାର କାରଣ ସେମାନଙ୍କର କାଳ ଶେଷ ହୋଇଯାଇଛି । ବେଦାନ୍ତର ଭାବ ଯେପରି ଏଯୁଗରେ ପ୍ରତ୍ୟେକେ ଗ୍ରହଣ କରିପାରନ୍ତି, ସେଥିପାଇଁ ଏପରି ମନୁଷ୍ୟ ଆଜି ଆମର ପ୍ରୟୋଜନ, ବର୍ତ୍ତମାନ ଯୁଗର ମନୁଷ୍ୟଙ୍କ ପ୍ରତି ଯାହାଙ୍କର ସହାନୁଭୂତି ଅଛି । ଶ୍ରୀରାମକୃଷ୍ଣଙ୍କ ମଧ୍ୟରେ ଏହି ଅଭାବ ପୂର୍ଣ୍ଣ ହୋଇଅଛି । ଆଜି ପ୍ରତ୍ୟେକଙ୍କ ଆଗରେ ଏହି ଆଦର୍ଶ ଧରି ରଖ । ସାଧୁ ବା ଅବତାର, ଯେଉଁଭାବରେ ତାଙ୍କୁ ଗ୍ରହଣ କର ନା କାହିଁକି —ସେଥିରେ କିଛି ଯାଏ ଆସେ ନାହିଁ ।

ସେ ଥରେ କହିଥିଲେ ଯେ, ସେ ଆମମାନଙ୍କ ମଧ୍ୟକୁ ପୁଣି ଆସିବେ । ମୋର ମନେହୁଏ ତାହାପରେ ସେ ବିଦେହ-ମୁକ୍ତି ଅବସ୍ଥାକୁ ଫେରିଯିବେ । କାର୍ଯ୍ୟ କରିବାକୁ ହେଲେ ପ୍ରତ୍ୟେକଙ୍କର ଜଣେ ଇଷ୍ଟଦେବତା ରହିବା ପ୍ରୟୋଜନ—ଖ୍ରୀଷ୍ଟାନ୍‌ମାନେ ଯାହାଙ୍କୁ କହନ୍ତି 'ଗାର୍ଡିଆନ୍ ଆଞ୍ଜେଲ୍'—ଏହା ଠିକ୍ ତାହା । ମୁଁ ମଝିରେ ମଝିରେ ଯେପରି କଳ୍ପନା କରେ, ବିଭିନ୍ନ ଜାତିର ବିଭିନ୍ନ ଇଷ୍ଟଦେବତା ଅଛନ୍ତି, ଏବଂ ସେମାନେ ପ୍ରତ୍ୟେକେ ହିଁ ଯେପରି ଆଧିପତ୍ୟ-ଲାଭ ପାଇଁ ଚେଷ୍ଟା କରୁଛନ୍ତି । ଏ ଧରଣର ଇଷ୍ଟଦେବତାଙ୍କର—କୌଣସି ଜାତିର କଲ୍ୟାଣ କରିବାର କ୍ଷମତା ନ ଥାଏ ।

# ଗୀତା-ପ୍ରସଙ୍ଗ

ସ୍ୱାମୀ ବିବେକାନନ୍ଦ ସାନ୍ ଫ୍ରାନ୍‌ସିସ୍କୋଠାରେ ୧୯୦୦ ଖ୍ରୀଷ୍ଟାବ୍ଦର ମେ ୨୬, ୨୮ ଓ ୨୯ ତାରିଖରେ ଗୀତା ସମ୍ବନ୍ଧରେ କମାନ୍ଡସ୍ଥରେ ତିନୋଟି ବକ୍ତୃତା ପ୍ରଦାନ କରିଥିଲେ । ତାହାର ସଂକ୍ଷିପ୍ତ ଅନୁଲିପି ଏଠାରେ ସନ୍ନିବେଶିତ ହେଲା ।

# ଗୀତା—୧

[ ୧୯୦୦ ଖ୍ରୀ: ମେ ୨୬ରେ ସାନ୍ ଫ୍ରାନ୍‌ସିସ୍‌କୋରେ ପ୍ରଦତ୍ତ ବକ୍ତୃତାର ସଂକ୍ଷିପ୍ତ ଅନୁଲିପି ]

ଗୀତା ବୁଝିବାକୁ ହେଲେ ଏହାର ଐତିହାସିକ ପୃଷ୍ଠଭୂମି ବୁଝିବା ପ୍ରୟୋଜନ । ଗୀତା ଉପନିଷଦ୍‌ର ଭାଷ୍ୟ । ଉପନିଷଦ୍ ଭାରତର ପ୍ରଧାନ ଧର୍ମଗ୍ରନ୍ଥ—ଖ୍ରୀଷ୍ଟାନ୍ ଜଗତରେ ନିଉ ଟେଷ୍ଟାମେଣ୍ଟ ପରି ଭାରତରେ ଏହାର ସ୍ଥାନ । ଉପନିଷଦ୍‌ର ସଂଖ୍ୟା ଏକଶହଠାରୁ ମଧ୍ୟ ଅଧିକ; କେଉଁଟି ସାନ ଏବଂ କେଉଁଟି ବଡ଼ ହେଲେ ମଧ୍ୟ ପ୍ରତ୍ୟେକଟି ହିଁ ସ୍ୱତନ୍ତ୍ର ଗ୍ରନ୍ଥ । ଉପନିଷଦ୍ କୌଣସି ଋଷି ବା ଆଚାର୍ଯ୍ୟଙ୍କର ଜୀବନ-କାହାଣୀ ନୁହେଁ—ଏହାର ବିଷୟବସ୍ତୁ ଆତ୍ମତତ୍ତ୍ୱ । ଉପନିଷଦ୍‌ର ସୂତ୍ରସମୂହ ରାଜାମାନଙ୍କ ଉଦ୍ୟୋଗରେ ଅନୁଷ୍ଠିତ ବିଦ୍‌ବତ୍‌ସଭାରେ ଆଲୋଚନାର ସଂକ୍ଷିପ୍ତ ବିବରଣ । 'ଉପନିଷଦ୍' ଶବ୍ଦର ଗୋଟିଏ ଅର୍ଥ—(ଆଚାର୍ଯ୍ୟଙ୍କ ନିକଟରେ) ଉପବେଶନ । ଆପଣମାନଙ୍କ ମଧ୍ୟରେ ଯେଉଁମାନେ ଉପନିଷଦ୍ ପାଠ କରିଛନ୍ତି, ସେମାନେ ଜାଣନ୍ତି ଯେ, ଏଗୁଡ଼ିକୁ କାହିଁକି ସଂକ୍ଷିପ୍ତ ସାଙ୍କେତିକ ବିବରଣ କୁହାଯାଏ । ଦୀର୍ଘ ଆଲୋଚନା ସମାପ୍ତ ହେବା ପରେ ସାଧାରଣତଃ ସ୍ମରଣ କରି ଏଗୁଡ଼ିକ ଲିପିବଦ୍ଧ କରି ରଖାହେଉଥିଲା । ପୂର୍ବାପର ସମ୍ବନ୍ଧ ବା ପୃଷ୍ଠଭୂମି ନାହିଁ କହିଲେ ଚଳେ । ଜ୍ଞାନଗର୍ଭ ବିଷୟଗୁଡ଼ିକ କେବଳ ଉଲ୍ଲିଖିତ ହୋଇଛି ।

ଖ୍ରୀଷ୍ଟାବ୍ଦର ୫,୦୦୦ ବର୍ଷ ପୂର୍ବରୁ ପ୍ରାଚୀନ ସଂସ୍କୃତ ଭାଷାର ଉତ୍ପତ୍ତି । ଉପନିଷଦ୍‌ଗୁଡ଼ିକ ଏହାର ଅନ୍ତତଃ ଦୁଇ ହଜାର ବର୍ଷ ଆଗର—ଠିକ୍ କେବେ ଏମାନଙ୍କର ଉତ୍ପତ୍ତି ହୋଇଛି, କେହି କହିପାରିବେ ନାହିଁ । ଉପନିଷଦ୍‌ର ଭାବଗୁଡ଼ିକ ହିଁ ଗୀତାରେ ଗୃହୀତ ହୋଇଛି—କୌଣସି କୌଣସି କ୍ଷେତ୍ରରେ ଅବିକଳ ଶବ୍ଦ ପର୍ଯ୍ୟନ୍ତ । ସେଗୁଡ଼ିକ ଏପରିଭାବରେ ଗ୍ରଥିତ ଯେ, ସମଗ୍ର ଉପନିଷଦ୍‌ର ବିଷୟବସ୍ତୁଟି ଯେପରି ସୁସମ୍ବଦ୍ଧ, ସଂକ୍ଷିପ୍ତ ଓ ଧାରାବାହିକ ଭାବରେ ଉପସ୍ଥାପିତ କରାହୋଇଛି ।

ହିନ୍ଦୁମାନଙ୍କର ମୂଳ ଧର୍ମଗ୍ରନ୍ଥ ବେଦ । ବେଦ ଏଡ଼େ ବିରାଟ ଯେ, ଯଦି ଏହାର ଶ୍ଲୋକଗୁଡ଼ିକୁ ଏକତ୍ର କରାହୁଏ, ତେବେ ଏହି ବକ୍ତୃତା-ଗୃହଟିରେ ସ୍ଥାନ ନିଅଣ୍ଟ ହେବ । ଏହା ଛଡ଼ା କିଛି ନଷ୍ଟ ମଧ୍ୟ ହୋଇଯାଇଛି । ବେଦ ବହୁ ଶାଖାରେ ବିଭକ୍ତ; ଗୋଟିଏ ଗୋଟିଏ ଋଷିସମ୍ପ୍ରଦାୟ ଥିଲେ ଗୋଟିଏ ଗୋଟିଏ ଶାଖାର ଧାରକ ଓ ବାହକ । ଋଷିଗଣ ସ୍ମୃତିଶକ୍ତି ସାହାଯ୍ୟରେ ଶାଖାଗୁଡ଼ିକୁ ବଞ୍ଚେଇ ରଖିଛନ୍ତି । ଭାରତବର୍ଷରେ ବର୍ତ୍ତମାନ ସୁଦ୍ଧା ଅନେକେ ଅଛନ୍ତି, ଯେଉଁମାନେ ଉଚ୍ଚାରଣରେ କିଛି ମାତ୍ର ଭୁଲ୍ ନ କରି ବେଦର ଅଧ୍ୟାୟ ପରେ ଅଧ୍ୟାୟ ଆବୃତ୍ତି କରିପାରନ୍ତି । ବେଦର ବୃହତ୍ତର ଅଂଶ ଏବେ ଆଉ ମିଳେ ନାହିଁ, କିନ୍ତୁ ଯେତିକି ମିଳେ ତାହାକୁ ନେଇ ଗୋଟିଏ ବୃହତ୍ ଗ୍ରନ୍ଥାଗାର ମଧ୍ୟ ହୋଇପାରେ । ବେଦର ପ୍ରାଚୀନତମ ଅଂଶରେ ଋଗ୍‌ବେଦର ମନ୍ତ୍ରଗୁଡ଼ିକ ମିଳିଥାଏ । ବୈଦିକ ରଚନାବଳୀର ପାରମ୍ପର୍ଯ୍ୟ-ନିର୍ଣ୍ଣୟ

ପାଇଁ ଆଧୁନିକ ଗବେଷକମାନଙ୍କର ଗୋଟାଏ ଆଗ୍ରହ ଦେଖାଯାଏ—କିନ୍ତୁ ଏ ବିଷୟରେ ରକ୍ଷଣଶୀଳ ଓ ପ୍ରାଚୀନପନ୍ଥୀମାନଙ୍କର ଧାରଣା ଅନ୍ୟପ୍ରକାର; ଯେପରି ବାଇବେଲ ସମ୍ବନ୍ଧରେ ପ୍ରାଚୀନ ଧାରଣା ଆଧୁନିକ ଗବେଷକମାନଙ୍କ ମତଠାରୁ ଭିନ୍ନ । ବେଦକୁ ମୋଟାମୋଟି ଦୁଇ ଭାଗରେ ବିଭକ୍ତ କରାଯାଏ : ଗୋଟିଏ ଦାର୍ଶନିକ ଅଂଶ—ଉପନିଷଦ୍, ଅନ୍ୟଟି କର୍ମକାଣ୍ଡ ।

କର୍ମକାଣ୍ଡ ସମ୍ବନ୍ଧରେ ବର୍ତ୍ତମାନ ଗୋଟିଏ ସାଧାରଣ ଧାରଣା ଦେବାର ଚେଷ୍ଟା କରାଯାଉ । ଅନୁଷ୍ଠାନ-ବିଧି ଓ ସ୍ତବସ୍ତୁତିକୁ ନେଇ କର୍ମକାଣ୍ଡ ଗଠିତ; ବିଭିନ୍ନ ଦେବତାଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ତବ । କର୍ମକାଣ୍ଡ ମଧ୍ୟରେ ଯାଗଯଜ୍ଞର ଅନୁଷ୍ଠାନସମ୍ପର୍କିତ ବିଧିସମୂହ ମିଳିଥାଏ—ଏଗୁଡ଼ିକ ମଧ୍ୟରେ କିଛି କିଛି ବିଶଦଭାବରେ ଆଲୋଚିତ ହୋଇଛି । ବହୁ ହୋତା ଓ ପୁରୋହିତଙ୍କର ଆବଶ୍ୟକତା ପଡ଼େ । ଯାଗଯଜ୍ଞର ବିଶଦ ଅନୁଷ୍ଠାନ ପାଇଁ ହୋତା, ଋତ୍ୱିକ ପ୍ରଭୃତିଙ୍କର କାର୍ଯ୍ୟ ଗୋଟିଏ ବିଶେଷ ବିଜ୍ଞାନରେ ପରିଣତ ହୁଏ । କ୍ରମଶଃ ଏହିସବୁ ସ୍ତବ ଓ ଯାଗଯଜ୍ଞକୁ କେନ୍ଦ୍ର କରି ସର୍ବସାଧାରଣଙ୍କ ମଧ୍ୟରେ ଗୋଟିଏ ଶ୍ରଦ୍ଧାର ଭାବ ଗଢ଼ିଉଠେ । ଦେବତାମାନେ ସେତେବେଳେ ଅନ୍ତର୍ହିତ ହେଲେ ଏବଂ ଯାଗଯଜ୍ଞ ହିଁ ସେମାନଙ୍କ ସ୍ଥାନ ଅଧିକାର କଲା । ଭାରତରେ ଏହା ହିଁ ଗୋଟିଏ ଅଦ୍ଭୁତ କ୍ରମପରିଣତି । ରକ୍ଷଣଶୀଳ ହିନ୍ଦୁ (ମୀମାଂସକ) ଦେବତାଙ୍କଠାରେ ବିଶ୍ୱାସ କରନ୍ତି ନାହିଁ; ଯେଉଁମାନେ ରକ୍ଷଣଶୀଳ ନୁହନ୍ତି, ସେମାନେ ଦେବତା-ବିଶ୍ୱାସୀ । ନିଷ୍ଠାବାନ୍ ହିନ୍ଦୁଙ୍କୁ ଯଦି ପଚରାଯାଏ ବେଦରେ ଉଲ୍ଲିଖିତ ଦେବତାଗଣଙ୍କର ତାତ୍ପର୍ଯ୍ୟ କିଅଣ, ତାହାହେଲେ ସେ ଏହାର ସଦୁତ୍ତର ଦେଇପାରିବେ ନାହିଁ । ପୁରୋହିତମାନେ ମନ୍ତ୍ର ଉଚ୍ଚାରଣପୂର୍ବକ ହୋମାଗ୍ନିରେ ଆହୁତି ପ୍ରଦାନ କରନ୍ତି । ରକ୍ଷଣଶୀଳ ହିନ୍ଦୁମାନଙ୍କୁ ଏହାର ତାତ୍ପର୍ଯ୍ୟ ପଚାରିଲେ କହନ୍ତି—ଶବ୍ଦର ଏପରି ଗୋଟିଏ ଶକ୍ତି ଅଛି, ଯାହାଦ୍ୱାରା ବିଶେଷ ଫଳ ଉତ୍ପନ୍ନ ହୁଏ; ଏତିକି ମାତ୍ର । ପ୍ରାକୃତିକ ଓ ଅତିପ୍ରାକୃତିକ ସମସ୍ତ ଶକ୍ତି ହିଁ ତାହା ମଧ୍ୟରେ ଅଛି । ଅତଏବ ବେଦ ହେଲା ଶବ୍ଦରାଶି, ଯାହାର ଉଚ୍ଚାରଣ ନିର୍ଭୁଲ ହେଲେ ଆଶ୍ଚର୍ଯ୍ୟ ଫଳ ଉତ୍ପନ୍ନ ହୋଇପାରେ । ଗୋଟିଏ ଶବ୍ଦର ମଧ୍ୟ ଉଚ୍ଚାରଣ ଭୁଲ ହେଲେ ଚଳିବ ନାହିଁ । ପ୍ରତ୍ୟେକ ଶବ୍ଦଟି ବିଧିମତେ ଉଚ୍ଚାରିତ ହେବା ପ୍ରୟୋଜନ । ଏହିପରି ଅନ୍ୟାନ୍ୟ ଧର୍ମରେ ଯାହାକୁ ପ୍ରାର୍ଥନା କୁହାଯାଏ, ତାହା ଅନ୍ତର୍ହିତ ହୋଇଗଲା ଏବଂ ବେଦ ହିଁ ଦେବତା ରୂପରେ ପରିଣତ ହେଲେ । ତେଣୁ ଦେଖାଯାଉଛି, ଏ ମତରେ ବେଦରେ ଶବ୍ଦରାଶି ଉପରେ ବିଶେଷ ପ୍ରାଧାନ୍ୟ ଦିଆହୋଇଛି । ଏଗୁଡ଼ିକ ହେଲା ଶାଶ୍ୱତ ଶବ୍ଦରାଶି, ଯେଉଁଥିରୁ ସମଗ୍ର ଜଗତ୍ ଉତ୍ପନ୍ନ ହୋଇଛି । ଶବ୍ଦ ଛଡ଼ା କୌଣସି ଚିନ୍ତାର ଅଭିବ୍ୟକ୍ତି ହୁଏ ନାହିଁ । ଏହି ପୃଥିବୀରେ ଯାହା କିଛି ଅଛି, ତାହା ଚିନ୍ତାର ହିଁ ଅଭିବ୍ୟକ୍ତି ଏବଂ ଚିନ୍ତା ବ୍ୟକ୍ତ ହୁଏ କେବଳ ମାତ୍ର ଶବ୍ଦ ସାହାଯ୍ୟରେ । ଯେଉଁ ଶବ୍ଦରାଶିଦ୍ୱାରା ଅବ୍ୟକ୍ତ ଚିନ୍ତା ବ୍ୟକ୍ତ ହୁଏ, ତାହା ହିଁ ବେଦ ଅତଏବ କୁହାଯାଏ, ପ୍ରତ୍ୟେକ ବସ୍ତୁର ବାହାରର ଯେଉଁ ଅସ୍ତିତ୍ୱ, ତାହା ନିର୍ଭର କରେ ବେଦ ଉପରେ । କାରଣ ଶବ୍ଦ ଛଡ଼ା ଚିନ୍ତାର ଅଭିବ୍ୟକ୍ତି ସମ୍ଭବ ନୁହେଁ । ଯଦି 'ଅଶ୍ୱ' ଶବ୍ଦଟି ନ ଥାନ୍ତା, ତେବେ କେହି ଅଶ୍ୱ ସମ୍ବନ୍ଧରେ ଚିନ୍ତା କରିପାରନ୍ତେ ନାହିଁ । ଅତଏବ ଚିନ୍ତା, ଶବ୍ଦ ଓ ବସ୍ତୁ ମଧ୍ୟରେ ଗୋଟିଏ ଘନିଷ୍ଠ ସମ୍ବନ୍ଧ ରହିବା ଦରକାର । ପ୍ରକୃତ ପକ୍ଷରେ ଏ ଶବ୍ଦଗୁଡ଼ିକ

କଅଣ ? ଏଗୁଡ଼ିକ ବେଦ । ହିନ୍ଦୁମାନେ ଏ ଭାଷାକୁ ଆଦୌ ସଂସ୍କୃତ କହନ୍ତି ନାହିଁ; ଏହା ବୈଦିକ ବା ଦେବଭାଷା । ଅନ୍ୟାନ୍ୟ ଭାଷା ପରି ସଂସ୍କୃତ ମଧ୍ୟ ତାହାର ଗୋଟିଏ ବିକୃତ ରୂପ । ବୈଦିକ ଭାଷାଠାରୁ ପ୍ରାଚୀନତର ଆଉ କୌଣସି ଭାଷା ନାହିଁ । ଆପଣମାନେ ପ୍ରଶ୍ନ କରିପାରନ୍ତି—ବେଦସମୂହର ରଚୟିତା କିଏ ? ଏଗୁଡ଼ିକ କାହାରିଦ୍ୱାରା ଲିଖିତ ହୋଇ ନାହିଁ । ଶବ୍ଦରାଶି ହିଁ ବେଦ । ଗୋଟିଏ ଶବ୍ଦ ହିଁ ବେଦ, ଯଦି ମୁଁ ଠିକ୍ ଭାବରେ ତାହା ଉଚ୍ଚାରଣ କରିପାରେ । ଠିକ୍ ଭାବରେ ଉଚ୍ଚାରିତ ହେଲେ ତତ୍କ୍ଷଣାତ୍ ତାହା ବାଞ୍ଛିତ ଫଳ ପ୍ରଦାନ କରିବ ।

ଏହି ବେଦରାଶି ଅନାଦି କାଳରୁ ବିଦ୍ୟମାନ ଏବଂ ଏହି ଶବ୍ଦରାଶିରୁ ସମଗ୍ର ଜଗତ୍ ଅଭିବ୍ୟକ୍ତ । କଳ୍ପାନ୍ତରେ ଏହିସବୁ ଶକ୍ତିର ପ୍ରକାଶ ସୂକ୍ଷ୍ମଠାରୁ ସୂକ୍ଷ୍ମତର ହୋଇ ପ୍ରଥମେ କେବଳ ଶବ୍ଦରେ ଏବଂ ପରେ ଚିନ୍ତାରେ ଲୀନ ହୋଇଯାଏ । ପରବର୍ତ୍ତୀ କଳ୍ପରେ ଚିନ୍ତା ପ୍ରଥମେ ଶବ୍ଦରାଶିରେ ବ୍ୟକ୍ତ ହୁଏ ଏବଂ ପରେ ଶବ୍ଦଗୁଡ଼ିକରୁ ସମଗ୍ର ବିଶ୍ୱର ସୃଷ୍ଟି ହୋଇଥାଏ । ଏଥିପାଇଁ ଯାହା ବେଦରେ ନାହିଁ, ତାହାର ଅସ୍ତିତ୍ୱ ଅସମ୍ଭବ, ତାହା ଭ୍ରାନ୍ତି ମାତ୍ର । ବେଦର ଏହି ଅପୌରୁଷେୟତ୍ୱ ପ୍ରତିପାଦନ ପାଇଁ ବହୁ ଗ୍ରନ୍ଥ ଅଛି । ଯଦି ଆପଣମାନେ କହନ୍ତି, ବେଦ ମନୁଷ୍ୟଦ୍ୱାରା ରଚିତ, ତାହାହେଲେ ଏସବୁ ଗ୍ରନ୍ଥର ରଚୟିତାମାନଙ୍କ ନିକଟରେ ଆପଣମାନେ ହାସ୍ୟାସ୍ପଦ ହେବେ । ମନୁଷ୍ୟଦ୍ୱାରା ବେଦ ପ୍ରଥମେ ସୃଷ୍ଟ ହୋଇଥିଲା—ଏ କଥାର ଉଲ୍ଲେଖ କୌଣସିଠାରେ ମିଳେ ନାହିଁ । ବୁଦ୍ଧଦେବଙ୍କ କଥା ଧରାଯାଉ । ପ୍ରବାଦ ଅଛି, ସେ ବୁଦ୍ଧତ୍ୱଲାଭ ପୂର୍ବରୁ ବହୁବାର ଜନ୍ମଗ୍ରହଣ କରିଥିଲେ ଏବଂ ବେଦପାଠ ମଧ୍ୟ କରିଥିଲେ । ଯଦି ଖ୍ରୀଷ୍ଟାନ୍ କହନ୍ତି, 'ମୋର ଧର୍ମ ଐତିହାସିକ ଧର୍ମ ଏବଂ ସେଥିପାଇଁ ତାହା ସତ୍ୟ ଓ ତୁମର ଧର୍ମ ମିଥ୍ୟା' —ମୀମାଂସକ ଉତ୍ତର ଦେବେ, 'ତୁମ ଧର୍ମର ଗୋଟିଏ ଇତିହାସ ଅଛି ଏବଂ ତୁମେ ନିଜେ ହିଁ ସ୍ୱୀକାର କରୁଛ, କୌଣସି ମନୁଷ୍ୟ ଉଣେଇଶହ ବର୍ଷ ପୂର୍ବେ ଏହା ଆବିଷ୍କାର କରିଛି । ଯାହା ସତ୍ୟ, ତାହା ଅସୀମ ଓ ସନାତନ । ଏହା ହିଁ ସତ୍ୟର ଏକମାତ୍ର ଲକ୍ଷଣ । ସତ୍ୟର କେବେ ହେଁ ବିନାଶ ନାହିଁ—ଏହା ସର୍ବଦା ଏକ ରୂପ । ତୁମେ ସ୍ୱୀକାର କରୁଛ, ତୁମର ଧର୍ମ କୌଣସି ନା କୌଣସି ବ୍ୟକ୍ତିଙ୍କ ଦ୍ୱାରା ସୃଷ୍ଟ ହୋଇଥିଲା । କିନ୍ତୁ ବେଦ ସେପରି ନୁହେଁ; କୌଣସି ଅବତାର ବା ମହାପୁରୁଷଙ୍କଦ୍ୱାରା ତାହା ସୃଷ୍ଟ ନୁହେଁ । ବେଦ ଅନନ୍ତ ଶବ୍ଦରାଶି—ସ୍ୱଭାବତଃ ଯେଉଁ ଶବ୍ଦଗୁଡ଼ିକ ଶାଶ୍ୱତ ଓ ସନାତନ, ସେଗୁଡ଼ିକରୁ ଏହି ବିଶ୍ୱର ସୃଷ୍ଟି ଓ ସେଗୁଡ଼ିକରେ ହିଁ ଏହାର ଲୟ ହେଉଛି ।' ତତ୍ତ୍ୱଦିଗରୁ ଏହା ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ।··· ସୃଷ୍ଟିର ଆଦିରେ ଶବ୍ଦର ତରଙ୍ଗ । ଜୀବସୃଷ୍ଟିର ଆଦିରେ ଜୀବାଣୁ ପରି ଶବ୍ଦତରଙ୍ଗର ମଧ୍ୟ ଆଦି-ତରଙ୍ଗ ଅଛି । ଶବ୍ଦ ଛଡା କୌଣସି ଚିନ୍ତା ସମ୍ଭବ ନୁହେଁ ।···

ଯେଉଁଠାରେ କୌଣସି ବୋଧ, ଚେତନା ବା ଅନୁଭୂତି ଅଛି, ସେଠାରେ ଶବ୍ଦ ନିଶ୍ଚୟ ଅଛି । କିନ୍ତୁ ଯେତେବେଳେ କୁହାଯାଏ, ଗୁରୁଖଣ୍ଡି ଗ୍ରନ୍ଥ ହିଁ କେବଳ ବେଦ, ସେତେବେଳେ ଭୁଲ କୁହା ହୁଏ । ସେତେବେଳେ ବୌଦ୍ଧମାନେ କହିବେ, 'ଆମମାନଙ୍କ ଶାସ୍ତ୍ରଗୁଡ଼ିକ ହିଁ ବେଦ; ସେଗୁଡ଼ିକ ପରବର୍ତ୍ତୀ କାଳରେ ଆମମାନଙ୍କ ନିକଟରେ ପ୍ରକାଶିତ

ହୋଇଛି ।' ତାହା ସମ୍ଭବ ନୁହେଁ, ପ୍ରକୃତି ଏହି ଭାବରେ କାର୍ଯ୍ୟ କରେ ନାହିଁ । ପ୍ରକୃତିର ନିୟମଗୁଡ଼ିକ ଆଂଶିକ ଭାବରେ ପ୍ରକାଶିତ ହୁଏ ନାହିଁ । ମାଧ୍ୟାକର୍ଷଣ-ନିୟମର କେତେକାଂଶ ଆଜି ଏବଂ କେତେକାଂଶ କାଲି ପ୍ରକାଶିତ ହେବ, ଏପରି ହୁଏ ନାହିଁ । ପ୍ରତ୍ୟେକଟି ନିୟମ ପରିପୂର୍ଣ୍ଣ । ନିୟମର କ୍ରମବିବର୍ତ୍ତନ ଆଦୌ ନାହିଁ । ଯାହା ହେବାର କଥା ତାହା ଏକାଥରକେ ପ୍ରକାଶିତ ହେବ । 'ନୂତନ ଧର୍ମ', 'ମହତ୍ତର ପ୍ରେରଣା' ପ୍ରଭୃତି ଶବ୍ଦ ନିତାନ୍ତ ଅର୍ଥହୀନ । ପ୍ରକୃତିର ଶତସହସ୍ର ନିୟମ ଥାଇପାରେ ଏବଂ ମଣିଷ ଆଜି ସେଥିରୁ ଅତି ଅଳ୍ପ ମାତ୍ର ହୁଏତ ଜାଣିଛି । ତତ୍ତ୍ୱଗୁଡ଼ିକ ଅଛି, ଆମେମାନେ ସେଗୁଡ଼ିକୁ ଆବିଷ୍କାର କରୁ—ଏହି ମାତ୍ର । ପ୍ରାଚୀନ ପୁରୋହିତକୁଳ ଏହି ଶବ୍ଦଶ୍ରେଣିର ଉଚ୍ଚାରଣ-ବିଧି ଅଧିଗତ କରି ଦେବତାମାନଙ୍କୁ ସ୍ଥାନଚ୍ୟୁତ କରିଛନ୍ତି ଏବଂ ନିଜକୁ ସେମାନଙ୍କ ସ୍ଥଳରେ ବସାଇଛନ୍ତି । ସେମାନେ କହିଲେ : ଶବ୍ଦର କି ଅଦ୍ଭୁତ ଶକ୍ତି, ତାହା ତୁମେମାନେ ଜାଣ ନାହିଁ ! ସେଗୁଡ଼ିକୁ କିପରି ଭାବରେ ବ୍ୟବହାର କରିଯାଏ, ଆମେମାନେ ଜାଣୁ । ଏହି ପୃଥିବୀରେ ଆମେମାନେ ହିଁ ଜୀବନ୍ତ ଦେବତା । ଆମମାନଙ୍କୁ ଅର୍ଥ ଦିଅ । ଅର୍ଥ ବିନିମୟରେ ଆମେମାନେ ବେଦର ଶବ୍ଦରାଶିକୁ ଏପରି ଭାବରେ କାମରେ ଲଗାଇବୁ, ଯେଉଁଥିରେ ତୁମମାନଙ୍କର ଅଭୀଷ୍ଟ ସିଦ୍ଧ ହେବ । ତୁମେମାନେ କଅଣ ନିଜେ ନିଜେ ବେଦମନ୍ତ୍ର ଯଥାଯଥ ଉଚ୍ଚାରଣ କରିପାରିବ ? ପାରି ନାହିଁ । ସାବଧାନ, ଯଦି ଟିକିଏ ମଧ୍ୟ ଭୁଲ୍ କର, ତେବେ ଫଳ ବିପରୀତ ହେବ । ତୁମେମାନେ କଅଣ ଧନବାନ୍, ଧୀମାନ୍ ଓ ଦୀର୍ଘାୟୁ ହେବାକୁ ଚାହିଁ ଏବଂ ମନୋମତ ପତି ବା ପତ୍ନୀ ଲାଭ କରିବାକୁ ଚାହିଁ ? ତାହା ହେଲେ ପୁରୋହିତମାନଙ୍କୁ ଅର୍ଥ ଦିଅ ଏବଂ ଚୁପ୍ ହୋଇ ରହ ।

ଆହୁରି ଗୋଟିଏ ଦିଗ ଅଛି । ବେଦର ପ୍ରଥମ ଅଂଶର ଆଦର୍ଶ ଅପର ଅଂଶ ଉପନିଷଦ୍‌ର ଆଦର୍ଶଠାରୁ ସମ୍ପୂର୍ଣ୍ଣ ପୃଥକ୍ । ପ୍ରଥମ ଅଂଶର ଯେଉଁ ଆଦର୍ଶ, ତାହା ସହିତ କେବଳ ବେଦାନ୍ତ ଛଡ଼ା ପୃଥିବୀର ଅନ୍ୟାନ୍ୟ ଧର୍ମର ଆଦର୍ଶର ମେଳ ଅଛି । ଇହଲୋକ ଓ ପରଲୋକରେ ଭୋଗ ହିଁ ଏହାର ମୂଳ କଥା—ସ୍ୱାମୀ-ସ୍ତ୍ରୀ, ପୁତ୍ର-କନ୍ୟା । ଅର୍ଥ ଦିଅ, ପୁରୋହିତମାନେ ତୁମକୁ ଛାଡ଼ପତ୍ର ଦେବେ—ପରକାଳରେ ସ୍ୱର୍ଗରେ ତୁମେ ସୁଖରେ ରହିବ । ସେଠାରେ ମଧ୍ୟ ତୁମେ ସବୁ ଆତ୍ମୀୟସ୍ୱଜନଙ୍କୁ ପାଇବ ଏବଂ ଅନନ୍ତକାଳ ଆମୋଦ-ପ୍ରମୋଦ ଉପଭୋଗ କରିବ । ଅଶ୍ରୁ ନାହିଁ, ଦୁଃଖ ନାହିଁ—କେବଳ ହସ ଆଉ ଆନନ୍ଦ । ପେଟବ୍ୟଥା ନାହିଁ—ଯେତେ ପାର ଖାଅ । ମୁଣ୍ଡବ୍ୟଥା ନାହିଁ, ଯେତେ ପାର ଭୋଜସଭାରେ ଯୋଗଦାନ କର । ପୁରୋହିତମାନଙ୍କ ମତରେ ଏହା ହିଁ ମାନବ-ଜୀବନର ମହତ୍ତମ ଉଦ୍ଦେଶ୍ୟ ।

ଏହି ଜୀବନ-ଦର୍ଶନର ଅନ୍ତର୍ଭୁକ୍ତ ଆଉ ଗୋଟିଏ ବିଷୟ ସହିତ ଆଧୁନିକ ଭାବଧାରାର ଅନେକ ପରିମାଣରେ ମେଳ ଅଛି । ମନୁଷ୍ୟ ପ୍ରକୃତିର ଦାସ ଏବଂ ଚିରକାଳ ହିଁ ସେ ଏହିପରି ରହିବ । ଆମେମାନେ ଏହାକୁ 'କର୍ମ' କହୁଁ । କର୍ମ ଗୋଟିଏ ନିୟମ; ଏହା ସର୍ବତ୍ର ପ୍ରଯୋଜ୍ୟ । ପୁରୋହିତମାନଙ୍କ ମତରେ ସମସ୍ତେ ହିଁ କର୍ମର ଅଧୀନ । ତେବେ କଅଣ କର୍ମର ପ୍ରଭାବରୁ ମୁକ୍ତ ହେବାର ଉପାୟ ନାହିଁ ? ସେମାନେ କହନ୍ତି, 'ନା, ଅନନ୍ତକାଳ ପ୍ରକୃତିର କ୍ରୀତଦାସରୂପେ ରହିବାକୁ ହେବ—ତେବେ ସେ ଦାସତ୍ୱ ସୁଖକର ! ଯଦି ତୁମେମାନେ ଆମମାନଙ୍କୁ ଉପଯୁକ୍ତ

ଦକ୍ଷିଣା ଦିଅ, ତେବେ ଆମେ ଶବ୍ଦଗୁଡ଼ିକୁ ଏପରି ଭାବରେ ବ୍ୟବହାର କରିବୁ, ଯେଉଁଥିରେ ତୁମେମାନେ ପରଲୋକରେ କେବଳ ଭଲଟିକ ପାଇବ, ମନ୍ଦଟିକ ନୁହେଁ ।' —ମୀମାଂସକମାନେ ଏହିପରି କହନ୍ତି । ଯୁଗ ଯୁଗ ଧରି ଏହି ଆଦର୍ଶ ହିଁ ସାଧାରଣଙ୍କ ନିକଟରେ ପ୍ରିୟ ହୋଇ ରହିଛି । ଜନସାଧାରଣ କେବେହେଲେ ଚିନ୍ତା କରନ୍ତି ନାହିଁ । ଯଦି କେହି କେବେ ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ଚେଷ୍ଟା କରନ୍ତି, ସେତେବେଳେ ତା' ଉପରେ କୁସଂସ୍କାରର ପ୍ରଚଣ୍ଡ ଚାପ ପଡ଼ିଥାଏ । ଏହି ଦୁର୍ବଳତା ଯୋଗୁ ବାହାରର ଟିକିଏ ଆଘାତରେ ସେମାନଙ୍କର ମେରୁଦଣ୍ଡ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଏ । ପ୍ରଲୋଭନ ଓ ଶାସ୍ତିର ଭୟଦ୍ୱାରା ସେମାନେ ଚଲିପାରନ୍ତି ନାହିଁ । ସାଧାରଣ ଲୋକଙ୍କୁ ଭୀତ ଓ ସନ୍ତ୍ରସ୍ତ କରି ରଖିବାକୁ ହେବ; ଚିରକାଳ କ୍ରୀତଦାସ ହୋଇ ସେମାନେ ରହିବେ । ପୁରୋହିତମାନଙ୍କୁ ଦକ୍ଷିଣା ଦେବା ଏବଂ ସେମାନଙ୍କୁ ମାନି ଚଳିବା ଛଡ଼ା ଆଉ କୌଣସି କର୍ତ୍ତବ୍ୟ ନାହିଁ—ବାକି ଯାହା କରଣୀୟ, ତାହା ପୁରୋହିତମାନେ ହିଁ କରିଦେବେ ।··· ଧର୍ମ ଏହିପରି ଭାବରେ କେତେକ ପରିମାଣରେ ସହଜ ହୋଇଯାଏ । କାରଣ ଆପଣମାନଙ୍କର କିଛି କରିବାର ନାହିଁ—ଘରକୁ ଯାଇ ନିଶ୍ଚିନ୍ତଭାବରେ ବସିଥାଆନ୍ତୁ । ନିଜର ମୁକ୍ତିସାଧନାର ସମସ୍ତ ଚେଷ୍ଟା ଅପର ଲୋକ କରିଦେବ । ହାୟ, ହତଭାଗ୍ୟ ମନୁଷ୍ୟ !

ପାଖକୁ ପାଖ ଆଉ ଗୋଟିଏ ଦାର୍ଶନିକ ଚିନ୍ତାଧାରା ଥିଲା । ଉପନିଷଦ୍ କର୍ମକାଣ୍ଡର ସବୁ ସିଦ୍ଧାନ୍ତର ଏକାବେଳକେ ବିପରୀତ । ପ୍ରଥମତଃ ଉପନିଷଦ୍ ବିଶ୍ୱାସ କରନ୍ତି, ଏହି ବିଶ୍ୱର ଜଣେ ସ୍ରଷ୍ଟା ଅଛନ୍ତି—ସେ ଈଶ୍ୱର, ସମସ୍ତ ବିଶ୍ୱର ନିୟାମକ । କାଳକ୍ରମେ ସେ କଲ୍ୟାଣମୟ ଭାଗ୍ୟବିଧାତାରେ ପରିଣତ ହେଲେ । ଏହି ଧାରଣା ପୂର୍ବଧାରଣାର ସମ୍ପୂର୍ଣ୍ଣ ବିପରୀତ । ପୁରୋହିତମାନେ ମଧ୍ୟ ଏହି କଥା କହନ୍ତି, ତେବେ ଏଠାରେ ଈଶ୍ୱରଙ୍କର ଯେଉଁ ଧାରଣା, ତାହା ଅତି ସୂକ୍ଷ୍ମ । ବହୁ ଦେବତାଙ୍କ ସ୍ଥଳରେ ଏଠାରେ ଏକ ଈଶ୍ୱରଙ୍କ କଥା କୁହାଯାଇଛି ।

ଦ୍ୱିତୀୟତଃ ଉପନିଷଦ୍ ମଧ୍ୟ ସ୍ୱୀକାର କରନ୍ତି, କର୍ମର ନିୟମରେ ସମସ୍ତେ ଆବଦ୍ଧ, କିନ୍ତୁ ନିୟମ କବଳରୁ ମୁକ୍ତିପଥର ସନ୍ଧାନ ମଧ୍ୟ ସେମାନେ ଦେଇଛନ୍ତି । ମାନବଜୀବନର ଉଦ୍ଦେଶ୍ୟ ନିୟମ ଉପରକୁ ଯିବା । ଭୋଗ କେବେ ହେଁ ଜୀବନର ଉଦ୍ଦେଶ୍ୟ ହୋଇ ନ ପାରେ, କାରଣ ଭୋଗ କେବଳ ପ୍ରକୃତି ମଧ୍ୟରେ ହିଁ ସମ୍ଭବ ।

ତୃତୀୟତଃ ଉପନିଷଦ୍ ଯାଗଯଜ୍ଞର ବିରୋଧୀ ଏବଂ ତାହାକୁ ନିତାନ୍ତ ହାସ୍ୟକର ଅନୁଷ୍ଠାନ ବୋଲି ମନେକରନ୍ତି । ଯାଗଯଜ୍ଞଦ୍ୱାରା ସବୁ ଈପ୍ସିତ ବସ୍ତୁ ଲାଭ ହୋଇପାରେ, କିନ୍ତୁ ଏହା ହିଁ ମନୁଷ୍ୟର ଚରମ କାମ୍ୟ ହୋଇପାରିବ ନାହିଁ; କାରଣ ମନୁଷ୍ୟ ଯେତେ ପାଏ, ସେତେ ଅଧିକ ଚାହେଁ । ଫଳରେ ମାନବ ହସ-କାନ୍ଦର ଅନ୍ତହୀନ ଗୋଲକଧନ୍ଦାରେ ଚିରକାଳ ଘୂରୁଥାଏ—କେତେବେଳେ ହେଲେ ଲକ୍ଷ୍ୟରେ ପହଞ୍ଚିପାରେ ନାହିଁ । ଅନନ୍ତ ସୁଖ କେଉଁଠାରେ କେବେ ହେଁ ସମ୍ଭବ ନୁହେଁ; ଏହା ବାଳକର କଳ୍ପନା ମାତ୍ର । ଏକମାତ୍ର ଶକ୍ତି ହିଁ ସୁଖ ଓ ଦୁଃଖ ରୂପରେ ପରିଣତ ହୋଇଥାଏ ।

ଆଜି ମୋର ମନସ୍ତତ୍ତ୍ୱକୁ କେତେକ ପରିମାଣରେ ମୁଁ ପରିବର୍ତ୍ତିତ କରିଛି । ମୁଁ ଗୋଟିଏ ଅତି ଅଦ୍ଭୁତ ସତ୍ୟ ଆବିଷ୍କାର କରିଛି । ଅନେକ ସମୟରେ ଆମମାନଙ୍କ ମନରେ ଅନେକ ଭାବ ଜାଗରୂକ ହୋଇଥାଏ, ଯେଉଁଗୁଡ଼ିକୁ ଆମେମାନେ ଚାହୁଁ ନାହିଁ; ଆମେମାନେ ଅନ୍ୟ ବିଷୟର ଚିନ୍ତାଦ୍ୱାରା ସେଗୁଡ଼ିକୁ ସମ୍ପୂର୍ଣ୍ଣଭାବରେ ଚାପି ରଖିବାକୁ ଚାହୁଁ । ସେ ଭାବଟି କଅଣ ? ଦେଖିବାକୁ ମିଳେ, ପନ୍ଦର ମିନିଟ୍ ମଧ୍ୟରେ ତାହା ପୁଣି ମନରେ ଉଦିତ ହୋଇଥାଏ । ସେହି ଭାବଟି ଏତେ ପ୍ରବଳ ଓ ଭୀଷଣଭାବରେ ଆସି ମନ ଉପରେ ଆଘାତ କରେ ଯେ, ନିଜକୁ ପାଗଳ ବୋଲି ମନେହୁଏ ଏବଂ ଯେତେବେଳେ ଏହି ଭାବ ପ୍ରଶମିତ ହୁଏ, ସେତେବେଳେ ଦେଖାଯାଏ ଯେ, ଭାବଟିକୁ କେବଳ ଚାପି ରଖାହୋଇଥିଲା । ମନରେ କଅଣ ପ୍ରକାଶିତ ହୋଇଥିଲା ?—ମୋ ଭିତରେ ଯେଉଁ ଖରାପ ସଂସ୍କାରଗୁଡ଼ିକ କାର୍ଯ୍ୟରେ ପରିଣତ ହେବା ଅପେକ୍ଷାରେ ଭିତରେ ସଞ୍ଚିତ ଥିଲା, ସେହିଗୁଡ଼ିକ । 'ପ୍ରାଣୀଗଣ ନିଜ ନିଜର ପ୍ରକୃତିକୁ ଅନୁସରଣ କରନ୍ତି । ଇନ୍ଦ୍ରିୟ-ନିଗ୍ରହ କଅଣ କରିପାରେ ?'* ଗୀତାରେ ଏପରି ଭୀଷଣ କଥା ହିଁ କୁହାହୋଇଛି । ତେଣୁ ଆମମାନଙ୍କର ସମସ୍ତ ସଂଗ୍ରାମ—ସମସ୍ତ ଚେଷ୍ଟା ହିଁ ଶେଷ ପର୍ଯ୍ୟନ୍ତ ବ୍ୟର୍ଥ ବୋଲି ମନେହୁଏ । ମନ ମଧ୍ୟରେ ସହସ୍ର ପ୍ରେରଣା ଏକ ସମୟରେ ହିଁ ପ୍ରତିଯୋଗିତା କରୁଛି, ସେମାନଙ୍କୁ ଚାପି ରଖାଯାଇପାରେ; କିନ୍ତୁ ଯେତେବେଳେ ବାଧା ଅପସାରିତ ହୁଏ, ସେତେବେଳେ ହିଁ ସମସ୍ତ ଚିନ୍ତା ପ୍ରକଟିତ ହୋଇପଡ଼େ ।

କିନ୍ତୁ ଆଶା ଅଛି । ଯଦି କ୍ଷମତା ଥାଏ, ତେବେ ମନଃଶକ୍ତିକୁ ଏକା ସାଙ୍ଗରେ ବହୁ ଅଂଶରେ ବିଭକ୍ତ କରାଯାଇପାରେ । ମୁଁ ମୋର ଚିନ୍ତାଧାରାର ପରିବର୍ତ୍ତନ କରୁଛି । ମନ କ୍ରମଶଃ ବିକଶିତ ହୁଏ—ଯୋଗୀମାନେ ଏହି କଥା ହିଁ କହନ୍ତି । ମନର ଗୋଟିଏ ଆବେଗ ଆଉ ଗୋଟିଏ ଆବେଗକୁ ଜାଗ୍ରତ କରିଥାଏ—ସେତେବେଳେ ପ୍ରଥମଟି ନଷ୍ଟ ହୋଇଯାଏ । ଯଦି ତୁମେ କ୍ରୁଦ୍ଧ ହେବାର ପରମୁହୂର୍ତ୍ତରେ ସୁଖୀ ହୋଇପାର, ତେବେ ପୂର୍ବର କ୍ରୋଧ ଚାଲିଯିବ । କ୍ରୋଧ ମଧ୍ୟରୁ ହିଁ ତୁମର ପରବର୍ତ୍ତୀ ଅବସ୍ଥାର ଉଦ୍ଭବ ହେଉଛି । ମନର ଏହି ଅବସ୍ଥାଗୁଡ଼ିକ ସର୍ବଦା ପରସ୍ପର ପରିବର୍ତ୍ତନସାପେକ୍ଷ । ଚିରସ୍ଥାୟୀ ସୁଖ ଓ ଚିରସ୍ଥାୟୀ ଦୁଃଖ ଶିଶୁର ସ୍ୱପ୍ନ ମାତ୍ର । ଉପନିଷଦ୍ କହୁଛନ୍ତି ଯେ, ମାନବ-ଜୀବନର ଉଦ୍ଦେଶ୍ୟ ଦୁଃଖ ନୁହେଁ, ସୁଖ ମଧ୍ୟ ନୁହେଁ; କିନ୍ତୁ ଯେଉଁଥିରୁ ଏହି ସୁଖ ଓ ଦୁଃଖର ଉଦ୍ଭବ ହେଉଛି, ତାହାକୁ ବଶୀଭୂତ କରିବା । ପ୍ରାରମ୍ଭରୁ ହିଁ ଯେପରି ଅବସ୍ଥାକୁ ଆମମାନଙ୍କ ଆୟତ୍ତରେ ଆଣିବାକୁ ହେବ ।

ମତପାର୍ଥକ୍ୟର ଅନ୍ୟ ବିଷୟଟି ଏହି : ଉପନିଷଦ୍ ଆନୁଷ୍ଠାନିକ କ୍ରିୟାକର୍ମଗୁଡ଼ିକର—ବିଶେଷତଃ ପଶୁବଳି ସହିତ ସଂଶ୍ଳିଷ୍ଟ ଅନୁଷ୍ଠାନଗୁଡ଼ିକର ନିନ୍ଦା କରନ୍ତି । ଉପନିଷଦ୍ କହନ୍ତି, ଏସବୁ ନିତାନ୍ତ ନିରର୍ଥକ । ପ୍ରାଚୀନ ଦାର୍ଶନିକମାନଙ୍କର ଗୋଟିଏ ସମ୍ପ୍ରଦାୟ (ମୀମାଂସକମାନେ) କହନ୍ତି ଯେ, କୌଣସି ବିଶେଷ ଫଳ ପାଇବାକୁ ହେଲେ ଗୋଟିଏ ସମୟରେ ବିଶେଷ କୌଣସି ପଶୁକୁ ବଳି ଦେବାକୁ ହେବ । ଉତ୍ତରରେ କୁହାଯାଇଥାଏ, 'ପଶୁଟିର ପ୍ରାଣ ନେବା ଯୋଗୁଁ ତ ପାପ ହୋଇପାରେ ଏବଂ ସେଥିପାଇଁ ଶାସ୍ତି ଭୋଗ କରିବାକୁ ହେବ ।' ସେହି

* ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ।—ଗୀତା, ୩।୩୩

ଦାର୍ଶନିକମାନେ (ମୀମାଂସକମାନେ) କହନ୍ତି, ଏସବୁ ବାଜେ କଥା । କେଉଁଟା ପାପ, କେଉଁଟା ପୁଣ୍ୟ—ତାହା ତୁମେ କିପରି ଜାଣିଲ ? ତୁମ ମନ କହୁଛି ? ତୁମ ମନ କଅଣ କହୁଛି ନ କହୁଛି, ସେଥିରେ ଅନ୍ୟର କଅଣ ଯାଏ ଆସେ ? ତୁମର ଏସବୁ କଥାର କୌଣସି ଅର୍ଥ ନାହିଁ —କାରଣ ତୁମେ ଶାସ୍ତ୍ର ବିରୋଧରେ ଚିନ୍ତା କରୁଛ । ଯଦି ତୁମର ମନ ଗୋଟାଏ କଥା କହେ ଏବଂ ବେଦ ଅନ୍ୟ କଥା କହନ୍ତି, ତେବେ ତୁମ ମନକୁ ସଂଯତ କରି ବେଦର ନିର୍ଦ୍ଦେଶକୁ ଶିରୋଧାର୍ଯ୍ୟ କର । ଯଦି ବେଦ କହନ୍ତି, ନରହତ୍ୟା ଠିକ୍, ତେବେ ତାହା ହିଁ ଠିକ୍ । ଯଦି ତୁମେ କହ, 'ନାହିଁ, ମୋ ବିବେକ ଅନ୍ୟ ପ୍ରକାର କହୁଛି'— ଏ କଥା କହିବା ଚଳିବ ନାହିଁ ।

ଯେଉଁ ମୁହୂର୍ତ୍ତରେ କୌଣସି ଗ୍ରନ୍ଥକୁ ବିଶେଷ ପବିତ୍ର ଓ ଚିରନ୍ତନ ବୋଲି ବିଶ୍ୱାସ କଲ, ସେତେବେଳଠାରୁ ଆଉ ତାହାକୁ ସନ୍ଦେହ କରିପାରିବ ନାହିଁ । ମୁଁ ବୁଝିପାରେ ନାହିଁ, ଏ ଦେଶର ଲୋକମାନେ ବାଇବେଲରେ ପରମ ବିଶ୍ୱାସୀ ହୋଇ ସୁଦ୍ଧା କିପରି କହନ୍ତି— 'ଉପଦେଶଗୁଡ଼ିକ କେଡ଼େ ସୁନ୍ଦର, ନ୍ୟାୟସଙ୍ଗତ ଓ କଲ୍ୟାଣକର !' କାରଣ ବାଇବେଲ ସ୍ୱୟଂ ଈଶ୍ୱରଙ୍କ ବାଣୀ—ଏ ବିଶ୍ୱାସ ଯଦି ଦୃଢ଼ ହୋଇଥାଏ, ତେବେ ତାହାର ଭଲମନ୍ଦ ବିଚାରର ଅଧିକାର ଆପଣମାନଙ୍କର ଆଦୌ ନାହିଁ । ଯେତେବେଳେ ବିଚାର କରିବାକୁ ବସନ୍ତି, ସେତେବେଳେ ଆପଣମାନେ ଭାବନ୍ତି—ଆପଣମାନେ ବାଇବେଲ ଅପେକ୍ଷା ବଡ଼ । ସେ କ୍ଷେତ୍ରରେ ବାଇବେଲର ପ୍ରୟୋଜନ କଅଣ ? ପୁରୋହିତମାନେ କହନ୍ତି, 'ବାଇବେଲ ବା ଅନ୍ୟ କାହାରି ସହିତ ତୁଳନା କରିବାକୁ ଆମେମାନେ ନାରାଜ । ତୁଳନାର କୌଣସି ପ୍ରୟୋଜନ ନାହିଁ; କାରଣ କେଉଁଟି ପ୍ରମାଣିତ ? ଏହା ହିଁ ଶେଷ କଥା । ଯଦି କୌଣସିଟିର ସତ୍ୟତା ସମ୍ବନ୍ଧରେ ତୁମ ମନରେ ସନ୍ଦେହ ଆସେ, ତେବେ ବେଦର ଅନୁଶାସନ ଅନୁଯାୟୀ ଏହାକୁ ଠିକ୍ କରିନେବ ।'

ଉପନିଷଦ୍ ଏହା ବିଶ୍ୱାସ କରନ୍ତି, ତେବେ ସେଠାରେ ଗୋଟିଏ ଉଚ୍ଚତର ମାନ ମଧ୍ୟ ଅଛି । ଗୋଟିଏ ଦିଗରେ ଯେପରି ବେଦର କର୍ମକାଣ୍ଡକୁ ସେ ଅସ୍ୱୀକାର କରନ୍ତି ନାହିଁ, ସେହିପରି ଅନ୍ୟ ଦିଗରେ ସେମାନଙ୍କର ଦୃଢ଼ ମତ ଏହି ଯେ, ପଶୁବଳି ଏବଂ ଅପରର ଅର୍ଥ ପ୍ରତି ପୁରୋହିତକୁଳର ଲୋଭ ଅତ୍ୟନ୍ତ ଅସଙ୍ଗତ । ମନୋବିଜ୍ଞାନ ଦୃଷ୍ଟିରୁ ଉଭୟଙ୍କ ଭିତରେ ଅନେକ ମେଳ ଅଛି ସତ୍ୟ, ତେବେ ଆତ୍ମାର ସ୍ୱରୂପ ସମ୍ବନ୍ଧରେ ଦାର୍ଶନିକ ମତବାଦ ନେଇ ଘୋରତର ମତାନୈକ୍ୟ ବିଦ୍ୟମାନ । ଆତ୍ମାର କଅଣ ଦେହ ଓ ମନ ଅଛି ? ମନ କଅଣ କେତେଗୁଡ଼ିଏ କ୍ରିୟାଶୀଳ ଓ ସଂଜ୍ଞାବହ ସ୍ନାୟୁର ସମଷ୍ଟି ? ସମସ୍ତେ ମାନିଥାଆନ୍ତି, ମନୋବିଜ୍ଞାନ ଗୋଟିଏ ନିଖୁଣ ବିଜ୍ଞାନ; ଏ ବିଷୟରେ କୌଣସି ମତଭେଦ ନାହିଁ । କିନ୍ତୁ ଆତ୍ମା ଓ ଈଶ୍ୱର ପ୍ରଭୃତିର ଦାର୍ଶନିକ ବ୍ୟାଖ୍ୟାକୁ ନେଇ ଉଭୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି ।

ପୁରୋହିତକୁଳ ଏବଂ ଉପନିଷଦ୍ ମଧ୍ୟରେ ଆଉ ଗୋଟିଏ ବଡ଼ ପାର୍ଥକ୍ୟ ରହିଛି । ଉପନିଷଦ୍ କହନ୍ତି—ତ୍ୟାଗ କର । ତ୍ୟାଗ ହିଁ ସମସ୍ତ କାର୍ଯ୍ୟର କଷଟିପଥର । ସବୁ କିଛି ତ୍ୟାଗ କର । ସୃଷ୍ଟି-ପ୍ରକ୍ରିୟାରୁ ହିଁ ସଂସାରର ଯାହା କିଛି ବନ୍ଧନ । ମନ ଯେତିକିବେଳେ ସୁସ୍ଥ ହୁଏ,

ଯେତେବେଳେ ତାହା ଶାନ୍ତ ଥାଏ । ଯେଉଁ ମୁହୂର୍ତ୍ତରେ ମନକୁ ଶାନ୍ତ କରିପାରିବ, ସେହି ମୁହୂର୍ତ୍ତରେ ହିଁ ସତ୍ୟକୁ ଜାଣିପାରିବ । ମନ ଯେ ଏତେ ଚଞ୍ଚଳ, ତାହାର କାରଣ କ'ଣ ? କଳ୍ପନା- ଓ ସୃଜନୀ-ପ୍ରବୃତ୍ତି ହିଁ ଏହାର କାରଣ । ସୃଷ୍ଟି ବନ୍ଦ କର, ସତ୍ୟକୁ ଜାଣିପାରିବ । ସୃଷ୍ଟିର ସମସ୍ତ ଶକ୍ତି ବନ୍ଦ ହେଲେ ହିଁ ସତ୍ୟ ଜଣାଯାଏ ।

ଅପର ଦିଗରେ ପୁରୋହିତକୁଳ ସୃଷ୍ଟିର ପକ୍ଷପାତୀ । ଏପରି ଜୀବ କଳ୍ପନା କର, ଯାହା ମଧ୍ୟରେ ସୃଷ୍ଟିର କୌଣସି କ୍ରିୟାକଳାପ ନାହିଁ । ଏ ପ୍ରକାର ଅବଶ୍ୟ ଚିନ୍ତା କରିହେବ ନାହିଁ । ସ୍ଥାୟୀ ସମାଜ-ବିବର୍ତ୍ତନ ପାଇଁ ମଣିଷକୁ ଗୋଟିଏ ପରିକଳ୍ପନା କରିବାକୁ ହୋଇଥିଲା । ଏଥିପାଇଁ ବିବାହର କଠୋର ନିର୍ବାଚନ-ପ୍ରଥା ଅବଲମ୍ବନ କରିବାକୁ ହୋଇଥିଲା । ଉଦାହରଣସ୍ୱରୂପ କୁହାଯାଏ, ଖଞ୍ଜ ଓ ଅନ୍ଧର ବିବାହ ନିଷିଦ୍ଧ ଥିଲା । ଫଳରେ ଭାରତବର୍ଷରେ ବିକଳାଙ୍ଗ ଲୋକଙ୍କ ସଂଖ୍ୟା ପୃଥିବୀର ଅନ୍ୟ ସମସ୍ତ ଦେଶ ଅପେକ୍ଷା କମ୍ । ମୃଗୀରୋଗୀ ଏବଂ ପାଗଳର ସଂଖ୍ୟା ମଧ୍ୟ ସେଠାରେ କମ୍ । ଏହାର କାରଣ—ପ୍ରତ୍ୟକ୍ଷ ଯୌନ-ନିର୍ବାଚନ । ପୁରୋହିତମାନଙ୍କର ବିଧାନ ହେଲା—ବିକଳାଙ୍ଗମାନେ ସନ୍ନ୍ୟାସୀ ହୁଅନ୍ତୁ । ଅପର ଦିଗରେ ଉପନିଷଦ୍ କହନ୍ତି : ନା, ପୃଥିବୀର ଶ୍ରେଷ୍ଠ, ସବୁଠାରୁ ତଟକା ଓ ସୁନ୍ଦର ଫୁଲ ହିଁ ପୂଜା-ବେଦୀରେ ଅର୍ପଣ କରିବା କର୍ତ୍ତବ୍ୟ । ଆଶିଷ୍ଠ, ଦ୍ରଢ଼ିଷ୍ଠ, ବଳିଷ୍ଠ, ମେଧାବୀ ଓ ସୁସ୍ଥତମ ବ୍ୟକ୍ତିଗଣ ହିଁ ସତ୍ୟଲାଭର ଚେଷ୍ଟା କରିବେ ।

ଏହିସବୁ ମତ-ପାର୍ଥକ୍ୟ ସତ୍ତ୍ୱେ ପୁରୋହିତମାନେ ନିଜକୁ ଗୋଟିଏ ପୃଥକ୍ ଜାତି-ଗୋଷ୍ଠୀରେ (ବ୍ରାହ୍ମଣ) ପରିଣତ କରିଛନ୍ତି, ଏ କଥା ମୁଁ ଆପଣମାନଙ୍କୁ ଆଗରୁ କହିଛି । ଦ୍ୱିତୀୟ ହେଲା ରାଜପୁରୁଷଙ୍କ ଜାତି (କ୍ଷତ୍ରିୟ) । ଉପନିଷଦ୍‌ର ଦର୍ଶନ ରାଜାମାନଙ୍କ ମସ୍ତିଷ୍କରୁ ପ୍ରସୂତ, ପୁରୋହିତମାନଙ୍କ ମସ୍ତିଷ୍କରୁ ନୁହେଁ । ପ୍ରତ୍ୟେକ ଧର୍ମୀୟ ଆନ୍ଦୋଳନ ମାଧ୍ୟମରେ ଗୋଟିଏ ଅର୍ଥନୈତିକ ଦ୍ୱନ୍ଦ୍ୱ ଚାଲିଛି । ମନୁଷ୍ୟ ନାମକ ଜୀବ ଉପରେ ଧର୍ମର କିଛି ପ୍ରଭାବ ଅଛି ସତ, କିନ୍ତୁ ଅର୍ଥନୀତିଦ୍ୱାରା ହିଁ ତାହା ପରିଚାଳିତ ହୋଇଥାଏ । ବ୍ୟଷ୍ଟିର ଜୀବନ ଉପରେ ଅନ୍ୟ କାହାରି ପ୍ରଭାବ ଥାଇପାରେ; କିନ୍ତୁ ସମଷ୍ଟିଗତ ଭାବରେ ମନୁଷ୍ୟ ଭିତରେ ଯେତେବେଳେ କୌଣସି ଅଭ୍ୟୁତ୍ଥାନ ଆସିଛି, ସେତେବେଳେ ହିଁ ଦେଖାଯାଇଛି, ଆର୍ଥିକ ସମ୍ପର୍କ ବ୍ୟତୀତ ମନୁଷ୍ୟ କେବେହେଲେ ଜବାବ୍ ଦେଇ ନାହିଁ । ଆପଣ ଯେଉଁ ଧର୍ମମତ ପ୍ରଚାର କରୁଛନ୍ତି, ତାହା ସର୍ବାଙ୍ଗସୁନ୍ଦର ନ ହୋଇପାରେ; କିନ୍ତୁ ଯଦି ତା'ର ପଶ୍ଚାତ୍‌ରେ ଅର୍ଥନୈତିକ ପୃଷ୍ଠଭୂମିକା ଥାଏ ଏବଂ କେତେକ ଉତ୍ସାହୀ ସମର୍ଥକ ଏହାର ପ୍ରଚାର ପାଇଁ ବଦ୍ଧପରିକର ହୁଅନ୍ତି, ତେବେ ଆପଣ ଗୋଟିଏ ସମଗ୍ର ଦେଶକୁ ନିଜ ଧର୍ମମତକୁ ଆଣିପାରିବେ ।

ଯେତେବେଳେ କୌଣସି ଧର୍ମମତ ସଫଳ ହୋଇଛି, ସେତେବେଳେ (ବୁଝିବାକୁ ହେବ) ଅବଶ୍ୟ ତାହାର ଆର୍ଥିକ ମୂଲ୍ୟ ଅଛି । ଗୋଟିଏ ଧରଣର ସହସ୍ର ସମ୍ପ୍ରଦାୟ କ୍ଷମତା ପାଇଁ ସଂଗ୍ରାମ କଲେ ମଧ୍ୟ ଯେଉଁ ସମ୍ପ୍ରଦାୟ ଆର୍ଥିକ ସମସ୍ୟା ସମାଧାନ କରିପାରିବ, ସେହି କେବଳ ପ୍ରାଧାନ୍ୟ ଲାଭ କରିବ । ପେଟର ଚିନ୍ତା—ଅନ୍ନର ଚିନ୍ତା ମନୁଷ୍ୟର ପ୍ରଥମ । ପ୍ରଥମେ ଅନ୍ନ ବ୍ୟବସ୍ଥା, ତା'ପରେ ମସ୍ତିଷ୍କର । ମନୁଷ୍ୟ ଯେତେବେଳେ ଚାଲେ, ସେତେବେଳେ

ତାହାର ପେଟ ଆଗରେ ଗଲେ, ମୁଣ୍ଡ ଗଲେ ପଛରେ । ଏହା କଅଣ ଲକ୍ଷ୍ୟ କରି ନାହାନ୍ତି ? ଯେତେବେଳେ ମୁଣ୍ଡ ଆଗକୁ ଯାଏ, ସେତେବେଳେ ମନୁଷ୍ୟ ସଂସାରରୁ ବିଦାୟ ନେବାକୁ ବସେ । ମସ୍ତିଷ୍କର ଅଗ୍ରଗତି ପାଇଁ ବର୍ତ୍ତମାନ ମଧ୍ୟ କେତେ ଯୁଗ ଲାଗିବ । ସମଗ୍ର ଜୀବନ ଗୋଟିଏ ଭ୍ରାନ୍ତି । ବସ୍ତୁର ପ୍ରକୃତ ସ୍ୱରୂପ ବୁଝିବା ପରି ବୟସ ହେଉ ନ ହେଉଣୁ ମୃତ୍ୟୁ ଆସି ଉପସ୍ଥିତ ହୁଏ । ଯେତେଦିନ ପାକସ୍ଥଳୀ ସବଳ ଥାଏ, ସେତେଦିନ ସବୁ ଠିକ୍ ଥାଏ । ଯେତେବେଳେ ବାଲସୁଲଭ ସ୍ୱପ୍ନ ମଳିନ ହୋଇ ବସ୍ତୁର ପ୍ରକୃତ ସ୍ୱରୂପ ଦେଖିବାର ସମୟ ଆସେ, ସେତେବେଳେ ମସ୍ତିଷ୍କର ଗତି ଆରମ୍ଭ ହୁଏ; ଏବଂ ଯେତେବେଳେ ମସ୍ତିଷ୍କର କ୍ରିୟା ପ୍ରାଧାନ୍ୟ ଲାଭ କରେ, ସେତେବେଳେ ସଂସାରରୁ ଚାଲିଯିବାକୁ ପଡ଼େ । ସେଥିପାଇଁ ଉପନିଷଦ୍‌ର ଧର୍ମକୁ ଜନସାଧାରଣଙ୍କର ହୃଦୟଗ୍ରାହୀ କରିବା ଅତ୍ୟନ୍ତ ଦୁରୂହ । ଅର୍ଥଲାଭ ସେଠାରେ ଅତି ଅଳ୍ପ, ପରାର୍ଥପରତା ସେଠାରେ ପ୍ରଚୁର ।...

ଉପନିଷଦ୍‌ର ଧର୍ମ ଯଦ୍ୟପି ପ୍ରଭୂତ ରାଜଶକ୍ତିର ଅଧିକାରୀ ରାଜନ୍ୟବର୍ଗଦ୍ୱାରା ଆବିଷ୍କୃତ ହୋଇଥିଲା, ତଥାପି ଏହାର ରାଜ୍ୟ ବିସ୍ତୃତ ନ ଥିଲା । ତେଣୁ ସଂଗ୍ରାମ ପ୍ରବଳରୁ ପ୍ରବଳତର ହୋଇଥିଲା । ପ୍ରାୟ ଦୁଇ ହଜାର ବର୍ଷ ପରେ ବୌଦ୍ଧଧର୍ମର ବିସ୍ତାର ସମୟରେ ଏହା ଚୂଡ଼ାନ୍ତ ଅବସ୍ଥାରେ ଉପନୀତ ହୋଇଥିଲା । ବୌଦ୍ଧଧର୍ମର ବୀଜ ଥିଲା ଏହି ରାଜା ଓ ପୁରୋହିତଙ୍କର ସାଧାରଣ ଦ୍ୱନ୍ଦ୍ୱ ଭିତରେ । ଏହି ପ୍ରତିଯୋଗିତାରେ ଧର୍ମର ଅବନତି ହୋଇଥିଲା । ଦଳେ ଏ ଧର୍ମକୁ ତ୍ୟାଗ କରିବା ପାଇଁ ଓ ଅନ୍ୟ ଦଳ ବୈଦିକ ଦେବତା, ଯଜ୍ଞ ପ୍ରଭୃତିକୁ ଧରି ରହିବାକୁ ଚାହିଁଲେ । କାଳକ୍ରମେ ବୌଦ୍ଧଧର୍ମ ଜନସାଧାରଣଙ୍କର ଶୃଙ୍ଖଳ ମୋଚନ କଲା । ଏକ ମୁହୂର୍ତ୍ତରେ ସବୁ ଜାତି ଓ ସମ୍ପ୍ରଦାୟ ସମାନ ହୋଇଗଲେ । ଧର୍ମର ମହାନ୍ ତତ୍ତ୍ୱଗୁଡ଼ିକ ଭାରତରେ ଏବେ ସୁଦ୍ଧା ବିଦ୍ୟମାନ; କିନ୍ତୁ ସେଗୁଡ଼ିକୁ ପ୍ରଚାର କରିବାର କାର୍ଯ୍ୟ ଏବେ ମଧ୍ୟ ବାକି ଅଛି । ଅନ୍ୟଥା ସେହି ତତ୍ତ୍ୱଗୁଡ଼ିକଦ୍ୱାରା ଜଗତର କୌଣସି ଉପକାର ହେବ ନାହିଁ ।

ଦୁଇଟି କାରଣରୁ ପ୍ରତ୍ୟେକ ଦେଶରେ ପୁରୋହିତମାନେ ରକ୍ଷଣଶୀଳ ଓ ପ୍ରାଚୀନପନ୍ଥୀ ହୁଅନ୍ତି । ଗୋଟିଏ କାରଣ—ସେମାନଙ୍କର ଜୀବିକା ଏବଂ ଅନ୍ୟଟି ସେମାନଙ୍କୁ ଜନସାଧାରଣଙ୍କ ସହିତ ଚାଲିବାକୁ ହୋଇଥାଏ । ତାହା ଛଡ଼ା ପୁରୋହିତମାନଙ୍କର ମନ ସବଳ ନୁହେଁ । ଯଦି ଜନସାଧାରଣ କହନ୍ତି, 'ଦୁଇ ହଜାର ଦେବତାଙ୍କ କଥା ପ୍ରଚାର କର', ପୁରୋହିତମାନେ ତାହା ହିଁ କରିବେ । ଯେଉଁ ଜନମଣ୍ଡଳୀ ସେମାନଙ୍କୁ ଟଙ୍କା ଦିଅନ୍ତି, ପୁରୋହିତମାନେ ସେମାନଙ୍କର ଆଜ୍ଞାବହ ଭୃତ୍ୟ ମାତ୍ର । ଭଗବାନ ତ ଟଙ୍କା ଦିଅନ୍ତି ନାହିଁ; ତେଣୁ ପୁରୋହିତମାନଙ୍କୁ ଦୋଷ ଦେବା ପୂର୍ବରୁ ନିଜକୁ ହିଁ ଦୋଷ ଦିଅନ୍ତୁ । ଆପଣମାନେ ଯେଉଁପରି ଶାସନ, ଧର୍ମ ଓ ପୁରୋହିତକୁଳ ପାଇବାର ଉପଯୁକ୍ତ, ସେହିପରି ହିଁ ପାଇବେ । ଏହା ଅପେକ୍ଷା ଭଲ କିଛି ପାଇବା ଆପଣମାନଙ୍କ ପକ୍ଷରେ ସମ୍ଭବ ନୁହେଁ ।

ଏହି ସଂଘର୍ଷ ଭାରତବର୍ଷରେ ମଧ୍ୟ ଆରମ୍ଭ ହୋଇଥିଲା ଏବଂ ଏହାର ଚୂଡ଼ାନ୍ତ ପର୍ଯ୍ୟାୟ ଦେଖାଦେଲା ଗୀତାରେ । ଯେତେବେଳେ ସମଗ୍ର ଭାରତବର୍ଷ ଦୁଇଟି ବିବଦମାନ ଦଳରେ

ବିଭକ୍ତ ହେବାର ଆଶଙ୍କା ଦେଖାଗଲା, ସେତେବେଳେ ଏହି ବରିଷ୍ଠ ପୁରୁଷ ଶ୍ରୀକୃଷ୍ଣଙ୍କର ଆବିର୍ଭାବ । ସେ ଗୀତା ମାଧ୍ୟମରେ ଆନୁଷ୍ଠାନିକ କ୍ରିୟାକଳାପ ଏବଂ ପୁରୋହିତ ଓ ଜନ ସାଧାରଣଙ୍କର ଧର୍ମମତ ମଧ୍ୟରେ ଗୋଟିଏ ସମନ୍ୱୟ ସାଧନ କରିଥିଲେ । ଆପଣମାନେ ଯୀଶୁଖ୍ରୀଷ୍ଟଙ୍କୁ ଯେପରି ଶ୍ରଦ୍ଧା ଓ ପୂଜା କରନ୍ତି, ଭାରତବର୍ଷର ଲୋକେ ଶ୍ରୀକୃଷ୍ଣଙ୍କୁ ମଧ୍ୟ ସେହିପରି ଶ୍ରଦ୍ଧା ଓ ପୂଜା କରନ୍ତି । କେବଳ ଯୁଗର ବ୍ୟବଧାନ ମାତ୍ର । ଆପଣମାନଙ୍କ ଦେଶର କ୍ରୀସ୍‌ମାସ୍ ପରି ହିନ୍ଦୁମାନେ ଶ୍ରୀକୃଷ୍ଣଙ୍କ ଜନ୍ମତିଥି (ଜନ୍ମାଷ୍ଟମୀ) ପାଳନ କରନ୍ତି । ଶ୍ରୀକୃଷ୍ଣଙ୍କର ଆବିର୍ଭାବ ପାଞ୍ଚ ହଜାର ବର୍ଷ ତଳେ । ତାଙ୍କ ଜୀବନରେ ବହୁ ଅଲୌକିକ ଘଟଣା ଘଟିଛି । ସେଗୁଡ଼ିକର କିଛି କିଛି ଯୀଶୁଖ୍ରୀଷ୍ଟଙ୍କ ଜୀବନୀ ସହିତ ମିଳିଯାଏ । କାରାଗାରରେ ହିଁ ଶ୍ରୀକୃଷ୍ଣଙ୍କର ଜନ୍ମ ହୋଇଥିଲା । ପିତା ଶିଶୁକୁ ନେଇ ପଳାୟନ କରିଥିଲେ ଏବଂ ଗୋପଗୋପୀମାନଙ୍କ ନିକଟରେ ତାଙ୍କର ପାଳନର ଭାର ଅର୍ପଣ କରିଥିଲେ । ସେ ବର୍ଷ ଯେତେ ଶିଶୁ ଜନ୍ମିଥିଲେ, ସମସ୍ତଙ୍କୁ ହିଁ ହତ୍ୟା କରିବାର ଆଦେଶ ଦିଆ ହୋଇଥିଲା ଏବଂ ଜୀବନର ଶେଷଭାଗରେ ତାଙ୍କୁ ଅନ୍ୟର ହାତରେ ପ୍ରାଣ ଦେବାକୁ ପଡ଼ିଥିଲା—ଏହା ହିଁ କଥିତ !

ଶ୍ରୀକୃଷ୍ଣ ବିବାହ କରିଥିଲେ । ତାଙ୍କୁ ଅବଲମ୍ବନ କରି ଅସଂଖ୍ୟ ଗ୍ରନ୍ଥ ରଚିତ ହୋଇଛି । ସେଗୁଡ଼ିକ ସମ୍ବନ୍ଧରେ ମୋର ସେତେ ଆଗ୍ରହ ନାହିଁ । ଅତିରଞ୍ଜନ-ଦୋଷ ହିନ୍ଦୁମାନଙ୍କର ମଧ୍ୟ ଅଛି । ଖ୍ରୀଷ୍ଟାନ୍ ମିଶନାରୀମାନେ ଯଦି ବାଇବେଲର ଗୋଟିଏ ଗଳ୍ପ କହନ୍ତି, ହିନ୍ଦୁମାନେ କୋଡ଼ିଏଟି ଗଳ୍ପ କହିବେ । ଆପଣମାନେ ଯଦି କହନ୍ତି, ତିମିମାଛ 'ଜୋନା'ଙ୍କୁ ଗଳାଧଃକରଣ କରିଥିଲା—ହିନ୍ଦୁମାନେ କହିବେ, ତାଙ୍କର କେହି ନା କେହି ଗୋଟାଏ ହାତୀକୁ ଗିଳିଥିଲା !... ବାଲ୍ୟକାଳରୁ ମୁଁ ଶ୍ରୀକୃଷ୍ଣଙ୍କ ଜୀବନ-ସମ୍ପର୍କରେ ଅନେକ କଥା ଶୁଣିଛି । ମୁଁ ଧରି ନେଇଛି, ଶ୍ରୀକୃଷ୍ଣ ବୋଲି କେହି ନା କେହି ଥିଲେ ଏବଂ ଗୀତା ତାଙ୍କର ଅପୂର୍ବ ଗ୍ରନ୍ଥ । ଏ କଥା ଅନସ୍ୱୀକାର୍ଯ୍ୟ ଯେ, ଗଳ୍ପ ବା ଉପକଥାଗୁଡ଼ିକୁ ବିଶ୍ଳେଷଣ କଲେ ବ୍ୟକ୍ତିତ୍ୱ ସମ୍ବନ୍ଧରେ ଗୋଟିଏ ଧାରଣା ହୋଇଥାଏ । ଉପକଥାଗୁଡ଼ିକ ଅଳଙ୍କାରର କାର୍ଯ୍ୟ କରିଥାଏ । ସ୍ୱଭାବତଃ ସେଗୁଡ଼ିକୁ ଯେତେ ପରିମାଣରେ ସମ୍ଭବ ସୁଶୋଭନ କରାଯାଏ ଏବଂ ଆଲୋଚ୍ୟ ବ୍ୟକ୍ତିଙ୍କ ଚରିତ୍ର ସହିତ ଖାପ ଖୁଆଇ ନିଆ ହୁଏ । ବୁଦ୍ଧଦେବଙ୍କ କଥା ଧରାଯାଉ—ତ୍ୟାଗକୁ କେନ୍ଦ୍ର କରି ହଜାର ହଜାର ଉପକଥା ରଚିତ ହୋଇଛି ଏବଂ ପ୍ରତ୍ୟେକର ଉପସଂହାରରେ ସେହି ତ୍ୟାଗର ମାହାତ୍ମ୍ୟ ପ୍ରକଟିତ ହୋଇଛି । ଲିଙ୍କନ୍‌ଙ୍କ ମହାନ୍ ଜୀବନର ଗୋଟିଏ ଗୋଟିଏ ଘଟଣାକୁ ଧରି ବହୁ ଗଳ୍ପ ରଚିତ ହୋଇଛି । ଗଳ୍ପଗୁଡ଼ିକୁ ବିଶ୍ଳେଷଣ କଲେ ଗୋଟିଏ ସାଧାରଣ ଭାବ ଦେଖିବାକୁ ମିଳେ । ତାହା ମଧ୍ୟରେ ସେହି ବ୍ୟକ୍ତିଙ୍କର ଚରିତ୍ରର ପ୍ରଧାନ ବୈଶିଷ୍ଟ୍ୟ ପ୍ରକାଶ ପାଇଛି । ଶ୍ରୀକୃଷ୍ଣଙ୍କ ଜୀବନର ପ୍ରଧାନ ବୈଶିଷ୍ଟ୍ୟ ହେଲା ଅନାସକ୍ତି । ତାଙ୍କର କୌଣସି ବ୍ୟକ୍ତିଗତ ପ୍ରୟୋଜନ ନାହିଁ, କୌଣସି ଅଭାବ ମଧ୍ୟ ତାଙ୍କର ନାହିଁ । କର୍ମ ପାଇଁ ହିଁ ସେ କର୍ମ କରନ୍ତି । 'କର୍ମ ପାଇଁ କର୍ମ କର । ପୂଜା ପାଇଁ ପୂଜା କର । ପରୋପକାର କର—କାରଣ, ପରୋପକାର ମହତ୍ କାର୍ଯ୍ୟ । ଏହାଠାରୁ ଅଧିକ କିଛି ଖୋଜ ନାହିଁ ।' ଏହା ହିଁ ଶ୍ରୀକୃଷ୍ଣଙ୍କର ଚରିତ୍ର । ଅନ୍ୟଥା ଏହି ଉପକଥାଗୁଡ଼ିକୁ ସେହି ଅନାସକ୍ତିର ଆଦର୍ଶ ସହିତ ଖାପ ଖୁଆଇ ହେବ ନାହିଁ ।

ଗୀତା ତାଙ୍କର ଏକମାତ୍ର ଉପଦେଶ ନୁହେଁ ।...

ମୁଁ ଯେତେ ମନୁଷ୍ୟଙ୍କ କଥା ଜାଣେ, ସେମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣ ସର୍ବାଙ୍ଗସୁନ୍ଦର । ତାଙ୍କ ମଧ୍ୟରେ ମସ୍ତିଷ୍କର ଉତ୍କର୍ଷତା, ହୃଦୟବତ୍ତା ଓ କର୍ମନୈପୁଣ୍ୟ ସମଭାବରେ ବିକଶିତ ହୋଇଥିଲା । ତାଙ୍କ ଜୀବନର ପ୍ରତି ମୁହୂର୍ତ୍ତ ନାଗରିକ, ଯୋଦ୍ଧା, ମନ୍ତ୍ରୀ ଅଥବା ଅନ୍ୟ କୌଣସି ଦାୟିତ୍ୱଶୀଳ ପୁରୁଷର କର୍ମପ୍ରବଣତାରେ ପ୍ରାଣବନ୍ତ । ବିଦ୍‌ବତ୍ତା, କବି-ପ୍ରତିଭା, ଭଦ୍ର ବ୍ୟବହାର—ସବୁ ଦିଗରୁ ହିଁ ସେ ଥିଲେ ମହାନ୍ । ଗୀତା ଓ ଅନ୍ୟାନ୍ୟ ଗ୍ରନ୍ଥରେ ଏହି ସର୍ବାଙ୍ଗୀନ ଓ ବିସ୍ମୟକର କର୍ମଶୀଳତା ଏବଂ ମସ୍ତିଷ୍କ ଓ ହୃଦୟର ଅପୂର୍ବ ସମନ୍ୱୟ କଥା ବ୍ୟାଖ୍ୟାତ ହୋଇଛି । ଗୀତାରେ ଯେଉଁ ହୃଦୟବତ୍ତା ଓ ଭାଷାର ମାଧୁର୍ଯ୍ୟ ଫୁଟିଉଠିଛି, ତାହା ଅପୂର୍ବ ଓ ଅନବଦ୍ୟ । ଏହି ମହାନ୍ ବ୍ୟକ୍ତିଙ୍କର ପ୍ରଚଣ୍ଡ କର୍ମକ୍ଷମତାର ପରିଚୟ ଏବେ ସୁଦ୍ଧା ଦେଖାଯାଇଥାଏ । ପାଞ୍ଚ ହଜାର ବର୍ଷ ଅତିବାହିତ ହୋଇଛି—ଆଜି ମଧ୍ୟ କୋଟି କୋଟି ଲୋକ ତାଙ୍କର ବାଣୀରେ ଅନୁପ୍ରାଣିତ ହେଉଛନ୍ତି । ଚିନ୍ତା କର—ତୁମେମାନେ ତାଙ୍କୁ ଜାଣ ବା ନ ଜାଣ—ସମଗ୍ର ଜଗତରେ ତାଙ୍କ ଚରିତ୍ରର ପ୍ରଭାବ କେତେ ଗଭୀର ! ତାଙ୍କର ପୂର୍ଣ୍ଣାଙ୍ଗ ପ୍ରଜ୍ଞାକୁ ମୁଁ ପରମ ଶ୍ରଦ୍ଧା କରିଥାଏ । କୌଣସି ପ୍ରକାର ଅସାମଞ୍ଜସ୍ୟ, କୌଣସି ପ୍ରକାର କୁସଂସ୍କାର ସେହି ଚରିତ୍ରରେ ଦୃଷ୍ଟ ହୁଏ ନାହିଁ । ଜଗତର ପ୍ରତ୍ୟେକ ବସ୍ତୁର ଗୋଟିଏ ନିଜସ୍ୱ ସ୍ଥାନ ଅଛି ଏବଂ ସେ ତାହାର ଯୋଗ୍ୟ ମର୍ଯ୍ୟାଦା ଦେବାକୁ ଜାଣିଥିଲେ । ଯେଉଁମାନେ କେବଳ ତର୍କ କରନ୍ତି ଏବଂ ବେଦର ମହିମା ସମ୍ବନ୍ଧରେ ସନ୍ଦେହ କରନ୍ତି, ସେମାନେ ସତ୍ୟକୁ ଜାଣିପାରନ୍ତି ନାହିଁ, ସେମାନେ ଭଣ୍ଡ ବ୍ୟତୀତ ଅନ୍ୟ କିଛି ନୁହନ୍ତି । କୁସଂସ୍କାର ଓ ଅଜ୍ଞତାର ସ୍ଥାନ ମଧ୍ୟ ବେଦରେ ଅଛି । ପ୍ରତ୍ୟେକ ବସ୍ତୁର ଯଥାଯଥ ସ୍ଥାନ ନିର୍ଣ୍ଣୟ କରିବା ହିଁ ପ୍ରକୃତ ରହସ୍ୟ ।

ତା'ପରେ ହୃଦୟବତ୍ତା । ବୁଦ୍ଧଦେବଙ୍କର ବହୁପୂର୍ବରୁ ଶ୍ରୀକୃଷ୍ଣ ମଧ୍ୟ ସବୁ ସମ୍ପ୍ରଦାୟ ନିକଟରେ ଧର୍ମର ପ୍ରବେଶଦ୍ୱାର ଉନ୍ମୁକ୍ତ କରିଥିଲେ । ମନଃଶକ୍ତିର ଏବଂ ପ୍ରଚଣ୍ଡ କର୍ମପ୍ରବଣତାର କି ଅପୂର୍ବ ବିକାଶ ! ବୁଦ୍ଧଦେବଙ୍କର କର୍ମକ୍ଷମତା ଗୋଟିଏ ବିଶେଷ ସ୍ତରରେ ପରିସୀମିତ ହେଉଥିଲା—ତାହା ଆଚାର୍ଯ୍ୟଙ୍କର ସ୍ତର । ସେ ସ୍ତ୍ରୀ-ପୁତ୍ରଙ୍କୁ ପରିତ୍ୟାଗ କଲେ, ନ ହେଲେ ଆଚାର୍ଯ୍ୟଙ୍କ କାର୍ଯ୍ୟ କରିବା ସମ୍ଭବ ନୁହେଁ । କିନ୍ତୁ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ ଛିଡ଼ା ହୋଇ ଉପଦେଶ ଦେଉଛନ୍ତି ! ପ୍ରବଳ କର୍ମବ୍ୟସ୍ତତା ମଧ୍ୟରେ ଯେ ନିଜକୁ ଏକାନ୍ତ ଭାବରେ ଶାନ୍ତ ରଖନ୍ତି ଏବଂ ଯେ ଗଭୀର ଶାନ୍ତି ମଧ୍ୟରେ କର୍ମପ୍ରବଣତା ଦେଖାନ୍ତି, ସେ ହିଁ ଶ୍ରେଷ୍ଠ ଯୋଗୀ ଓ ଜ୍ଞାନୀ ।* ଯୁଦ୍ଧକ୍ଷେତ୍ରର ଅସ୍ତ୍ରଶସ୍ତ୍ରକୁ ଏହି ମହାପୁରୁଷ ଭ୍ରୂକ୍ଷେପ କରି ନ ଥିଲେ । ସଂଗ୍ରାମ ମଧ୍ୟରେ ସେ ଧୀର ସ୍ଥିର ଭାବରେ ଜୀବନ ଓ ମୃତ୍ୟୁର ସମସ୍ୟାସମୂହ ଆଲୋଚନା କରିଥିଲେ । ପ୍ରତ୍ୟେକ ଅବତାର ହିଁ ତାଙ୍କ ଉପଦେଶର ଜୀବନ୍ତ ଉଦାହରଣ । ନିଉ ଟେଷ୍ଟାମେଣ୍ଟର ଉପଦେଶର ତାତ୍ପର୍ଯ୍ୟ ଜାଣିବା ପାଇଁ ଆପଣମାନେ କାହାରି ନା କାହାରି ନିକଟକୁ ଯାଇଥାନ୍ତି । ତାହା ପରିବର୍ତ୍ତରେ ଆପଣମାନେ ତାକୁ ବାରମ୍ବାର ପଢ଼ନ୍ତୁ ଏବଂ ଖ୍ରୀଷ୍ଟଙ୍କର ଅପୂର୍ବ ଜୀବନାଲୋକରେ ତାହାକୁ ବୁଝିବା ପାଇଁ ଚେଷ୍ଟା କରନ୍ତୁ ।

* ଗୀତା, ୪।୧୮

ମନୀଷୀମାନେ ଚିନ୍ତା କରନ୍ତି ଏବଂ ଆମେମାନେ ମଧ୍ୟ ଚିନ୍ତା କରୁ; କିନ୍ତୁ ଏହା ମଧ୍ୟରେ ପାର୍ଥକ୍ୟ ଅଛି । ଆମମାନଙ୍କ ମନ ଯାହା ଚିନ୍ତା କରେ, ଶରୀର ତାହା ଅନୁସରଣ କରେ ନାହିଁ । ଆମମାନଙ୍କ କାର୍ଯ୍ୟ ଓ ଚିନ୍ତା ମଧ୍ୟରେ ସାମଞ୍ଜସ୍ୟ ନାହିଁ । ଯେଉଁ ଶକ୍ତି ବଳରେ 'ଶବ୍ଦ' ବେଦ ହୁଏ, ଆମମାନଙ୍କ କଥାରେ ସେ ଶକ୍ତି ନାହିଁ । କିନ୍ତୁ ଋଷି ବା ମନୀଷୀମାନେ ଯାହା ଚିନ୍ତା କରନ୍ତି, ତାହା କାର୍ଯ୍ୟରେ ଅବଶ୍ୟ ହିଁ ପରିଣତ ହୋଇଥାଏ । ଯଦି ସେମାନେ କହନ୍ତି, 'ମୁଁ ଏହା କରିବି', ତେବେ ସେମାନଙ୍କର ଶରୀର ସେ କାର୍ଯ୍ୟ କରିବ ହିଁ କରିବ । ପରିପୂର୍ଣ୍ଣ ଆତ୍ମାବହିତା—ଏହା ହିଁ ଲକ୍ଷ୍ୟ । ତୁମେ ଏକ ମୁହୂର୍ତ୍ତରେ ନିଜକୁ ଈଶ୍ୱର କଳ୍ପନା କରିପାର, କିନ୍ତୁ ତୁମେ ଈଶ୍ୱର ହୋଇପାରିବ ନାହିଁ—ବିପଦ ଏହିଠାରେ । ମନୀଷୀମାନେ ଯାହା ଚିନ୍ତା କରନ୍ତି, ତାହା ହିଁ ହୁଅନ୍ତି—ଆମମାନଙ୍କର ଚିନ୍ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଅନେକ ସମୟ ପ୍ରୟୋଜନ ।

ଆମେମାନେ ଏପର୍ଯ୍ୟନ୍ତ ଶ୍ରୀକୃଷ୍ଣ ଏବଂ ତାଙ୍କର ସମସାମୟିକ ଯୁଗର କଥା ଆଲୋଚନା କଲୁ । ପରବର୍ତ୍ତୀ ବକ୍ତୃତାରେ 'ଗୀତା' ସମ୍ବନ୍ଧରେ ଆହୁରି ଅନେକ କଥା ଜାଣିପାରିବା ।

## ଗୀତା—୨

[ ୧୯୦୦ ଖ୍ରୀ: ମେ ୨୮ରେ ସାନ୍ ଫ୍ରାନ୍‌ସିସ୍‌କୋରେ ପ୍ରଦତ୍ତ ବକ୍ତୃତାର ସଂକ୍ଷିପ୍ତ ଅନୁଲିପି ]

ଗୀତା ସମ୍ବନ୍ଧରେ ପ୍ରଥମରୁ ହିଁ କିଛି ଭୂମିକାର ପ୍ରୟୋଜନ । ଦୃଶ୍ୟ—କୁରୁକ୍ଷେତ୍ରର ସମରାଙ୍ଗନ । ପାଞ୍ଚହଜାର ବର୍ଷ ପୂର୍ବେ ଭାରତବର୍ଷର ଆଧିପତ୍ୟ ଲାଭ ପାଇଁ ଗୋଟିଏ ରାଜବଂଶର ଦୁଇଟି ଶାଖା—କୁରୁ ଓ ପାଣ୍ଡବ ଯୁଦ୍ଧକ୍ଷେତ୍ରରେ ସମବେତ ହୋଇଥିଲେ । ପାଣ୍ଡବମାନଙ୍କର ଥିଲା ରାଜ୍ୟରେ ନ୍ୟାୟସଙ୍ଗତ ଅଧିକାର, କୌରବମାନଙ୍କର ଥିଲା ବାହୁବଳ । ପାଣ୍ଡବମାନଙ୍କର ପଞ୍ଚଭ୍ରାତା ଏତେ ଦିନ ବନରେ ବାସ କରୁଥିଲେ; ଶ୍ରୀକୃଷ୍ଣ ଥିଲେ ସେମାନଙ୍କର ସଖା । କୌରବମାନେ ପାଣ୍ଡବମାନଙ୍କୁ ସୂଚ୍ୟଗ୍ର ମେଦିନୀ ମଧ୍ୟ ଦେବା ପାଇଁ ରାଜି ହୋଇ ନ ଥିଲେ ।

ଗୀତାର ପ୍ରଥମ ଦୃଶ୍ୟଟି ଯୁଦ୍ଧକ୍ଷେତ୍ରର । ଉଭୟ ଦଳରେ ଅଛନ୍ତି ଆତ୍ମୀୟସ୍ୱଜନ ଓ ଜ୍ଞାତିବନ୍ଧୁମାନେ—ଏକ ପକ୍ଷରେ କୌରବ-ଭ୍ରାତାଗଣ, ଅପର ପକ୍ଷରେ ପାଣ୍ଡବମାନେ । ଏକ ପକ୍ଷରେ ପିତାମହ ଭୀଷ୍ମ, ଅନ୍ୟ ଦଳରେ ପୌତ୍ରଗଣ । ବିପକ୍ଷଦଳରେ ସେମାନଙ୍କର ଜ୍ଞାତି, ବନ୍ଧୁ ଓ ଆତ୍ମୀୟମାନଙ୍କୁ ଦେଖି ଏବଂ ସେମାନଙ୍କୁ ବଧ କରିବା କଥା ଚିନ୍ତା କରି ଅର୍ଜୁନ ଯେତେବେଳେ ବିମର୍ଷ ହେଲେ ଏବଂ ଅସ୍ତ୍ର ତ୍ୟାଗ କରିବାକୁ ସ୍ଥିର କଲେ—ବସ୍ତୁତଃ ଏହିଠାରେ ହିଁ ଗୀତାର ଆରମ୍ଭ ।

ପୃଥିବୀରେ ଆମ ସମସ୍ତଙ୍କର ଜୀବନ ଗୋଟାଏ ବିରାମହୀନ ସଂଗ୍ରାମ । ଅନେକ ସମୟରେ ଆମେମାନେ ଆମମାନଙ୍କର ଦୁର୍ବଳତା ଓ କାପୁରୁଷତାକୁ କ୍ଷମା ଓ ତ୍ୟାଗ ବୋଲି ବ୍ୟାଖ୍ୟା କରିବାକୁ ଚାହୁଁ । କିନ୍ତୁ ଭିକ୍ଷୁକର ତ୍ୟାଗରେ କୌଣସି କୃତିତ୍ୱ ନାହିଁ । ଆଘାତ

କରିବାକୁ ସମର୍ଥ କୌଣସି ମନୁଷ୍ୟ ଯଦି ସହିଯାଏ, ତେବେ ସେଥିରେ କୃତିତ୍ୱ ଅଛି । ଯାହାର କିଛି ଅଛି ସେ ଯଦି ତ୍ୟାଗ କରେ, ତେବେ ସେଥିରେ ମହତ୍ତ୍ୱ ଅଛି । ଆମେମାନେ ତ ଜାଣୁ ଆମମାନଙ୍କ ଜୀବନରେ ହିଁ କେତେ ଥର ଆମେମାନେ ଆଳସ୍ୟ ଓ ଭୀରୁତା ପାଇଁ ସଂଗ୍ରାମ ତ୍ୟାଗ କରିଛୁ, ଆଉ ଆମେମାନେ ସାହସୀ—ଏହି ମିଥ୍ୟା ବିଶ୍ୱାସରେ ନିଜ ନିଜ ମନକୁ ସମ୍ମୋହିତ କରିବାକୁ ଚେଷ୍ଟା କରିଛୁ ।

'ହେ ଭାରତ (ଅର୍ଜୁନ), ଉଠ, ହୃଦୟର ଏହି ଦୁର୍ବଳତା ତ୍ୟାଗ କର, ତ୍ୟାଗ କର ଏହି ନିର୍ବୀର୍ଯ୍ୟତା ! ଉଠି ଛିଡ଼ା ହୁଅ, ସଂଗ୍ରାମ କର ।'*—ଏହି ତାତ୍ପର୍ଯ୍ୟପୂର୍ଣ୍ଣ ଶ୍ଳୋକଟିଦ୍ୱାରା ହିଁ ଗୀତାର ସୂଚନା । ଯୁକ୍ତିତର୍କ କରିବାକୁ ଯାଇ ଅର୍ଜୁନ ଉଚିତର ନୈତିକ ଧାରଣାର ପ୍ରସଙ୍ଗ ଆଣିଲେ : ପ୍ରତିରୋଧ କରିବା ଅପେକ୍ଷା ପ୍ରତିରୋଧ ନ କରିବା କେତେ ଭଲ—ଇତ୍ୟାଦି । ସେ ନିଜକୁ ସମର୍ଥନ କରିବା ପାଇଁ ଚେଷ୍ଟା କଲେ; କିନ୍ତୁ ସେ କୃଷ୍ଣଙ୍କୁ ଭୁଲ ବୁଝାଇପାରିଲେ ନାହିଁ । କୃଷ୍ଣ ପରମାତ୍ମା, ସ୍ୱୟଂ ଭଗବାନ । ସେ ଅବିଳମ୍ବେ ଅର୍ଜୁନଙ୍କ ଯୁକ୍ତିର ଅସଲ କାରଣ ଧରି ପକାଇଲେ—ଏହା ଦୁର୍ବଳତା । ଅର୍ଜୁନ ନିଜର ଆତ୍ମୀୟସ୍ୱଜନଙ୍କୁ ଦେଖି ଅସ୍ତ୍ରାଘାତ କରିପାରୁ ନାହାନ୍ତି ।

ଅର୍ଜୁନଙ୍କ ହୃଦୟରେ କର୍ତ୍ତବ୍ୟ ଓ ମାୟାର ଦ୍ୱନ୍ଦ୍ୱ । ଆମେମାନେ ଯେଉଁ ପରିମାଣରେ ପକ୍ଷୀସୁଲଭ ମମତାର ନିକଟବର୍ତ୍ତୀ ହେଉ, ସେହି ପରିମାଣରେ ଭାବାବେଗରେ ନିମଜ୍ଜିତ ହେଉ । ଏହାକୁ ଆମେମାନେ 'ଭଲପାଇବା' କହୁ । ଅସଲରେ ଏହା ଆତ୍ମସମ୍ମୋହନ । ଜୀବଜନ୍ତୁ ପରି ଆମେମାନେ ମଧ୍ୟ ଆବେଗର ଅଧୀନ । ବତ୍ସା ପାଇଁ ଗାଈ ପ୍ରାଣ ଦେଇପାରେ —ପ୍ରତ୍ୟେକ ଜୀବ ହିଁ ପାରନ୍ତି । ସେଥିରେ କ'ଣ ଅଛି ? ଅନ୍ଧ ପକ୍ଷୀସୁଲଭ ଭାବାବେଗ ପୂର୍ଣ୍ଣତ୍ୱକୁ ନେଇଯାଇପାରିବ ନାହିଁ । ଅନନ୍ତଚୈତନ୍ୟଲାଭ ହିଁ ମାନବର ଲକ୍ଷ୍ୟ । ସେଠାରେ ଆବେଗର ସ୍ଥାନ ନାହିଁ, ଭାବପ୍ରବଣତାର ସ୍ଥାନ ନାହିଁ, ଇନ୍ଦ୍ରିୟଗତ କୌଣସି କିଛିର ସ୍ଥାନ ନାହିଁ; ସେଠାରେ କେବଳ ବିଶୁଦ୍ଧ ବିଚାରର ଆଲୋକ; ସେଠାରେ ମନୁଷ୍ୟ ଆତ୍ମସ୍ୱରୂପରେ ପ୍ରତିଷ୍ଠିତ ।

ଅର୍ଜୁନ ବର୍ତ୍ତମାନ ଆବେଗର ଅଧୀନ । ତାଙ୍କର ଯାହା ହେବା ଉଚିତ—ଆହୁରି ଅଧିକ ଆତ୍ମ-ସଂଯମୀ, ପ୍ରଜ୍ଞାର ଚିରନ୍ତନ ଆଲୋକରେ ଉଦ୍ଭାସିତ ପଥଗାମୀ ଜଣେ ଜ୍ଞାନୀ ଋଷି—ତାହା ସେ ନୁହନ୍ତି । ହୃଦୟର ତାଡ଼ନାରେ ମସ୍ତିଷ୍କକୁ ବିଚଳିତ କରି, ନିଜକୁ ଭ୍ରାନ୍ତ କରି, 'ମମତା' ପ୍ରଭୃତି ସୁନ୍ଦର ଆଖ୍ୟାରେ ନିଜର ଦୁର୍ବଳତାକୁ ଆବୃତ କରିବାର ଚେଷ୍ଟା କରି ସେ ଶିଶୁ ପରି ହୋଇପଡ଼ିଛନ୍ତି, ପଶୁ ପରି ହୋଇପଡ଼ିଛନ୍ତି । କୃଷ୍ଣ ତାହା ଦେଖୁଛନ୍ତି । ଅର୍ଜୁନ ସାମାନ୍ୟ ବିଦ୍ୟାବୁଦ୍ଧିସମ୍ପନ୍ନ ମନୁଷ୍ୟ ପରି କଥା କହୁଛନ୍ତି; ବହୁ ଯୁକ୍ତିର ଅବତାରଣା କରୁଛନ୍ତି, କିନ୍ତୁ ଯାହା କହୁଛନ୍ତି, ତାହା ଅଜ୍ଞର କଥା ।

'ଜ୍ଞାନୀ ବ୍ୟକ୍ତି ଜୀବିତ ବା ମୃତ—କାହାରି ପାଇଁ ମଧ୍ୟ ଶୋକ ପ୍ରକାଶ କରନ୍ତି ନାହିଁ ।'**

---

* ଗୀତା, ୨।୩ ** ଗୀତା, ୨।୧୧

ତୁମେ ମରିପାର ନାହିଁ, ମୁଁ ମଧ୍ୟ ନୁହେଁ । ଏପରି ସମୟ କେବେହେଲେ ନ ଥିଲା, ଯେତେବେଳେ ଆମେମାନେ ନ ଥିଲୁ । ଏପରି ସମୟ କେବେହେଲେ ଆସିବ ନାହିଁ, ଯେତେବେଳେ ଆମେ ନ ଥିବୁ । ଇହଜୀବନରେ ମନୁଷ୍ୟ ଯେପରି ଶୈଶବାବସ୍ଥାରୁ ଆରମ୍ଭ କରି କ୍ରମେ ଯୌବନ ଓ ବାର୍ଦ୍ଧକ୍ୟ ଅତିକ୍ରମ କରେ, ସେହିପରି ମୃତ୍ୟୁରେ ସେ ଦେହାନ୍ତର ଗ୍ରହଣ କରେ ମାତ୍ର । ଜ୍ଞାନୀ ବ୍ୟକ୍ତି ଏଥିରେ ମୁହ୍ୟମାନ ହେବେ କାହିଁକି ?'[1] ଏହି ଯେ ଆବେଗପ୍ରବଣତା ତୁମକୁ ଗ୍ରାସ କରିଛି, ଏହାର ମୂଳ କେଉଁଠାରେ ? —ଇନ୍ଦ୍ରିୟଗ୍ରାମରେ । 'ଶୀତ ଓ ଉଷ୍ଣ, ସୁଖ ଓ ଦୁଃଖ—ଏ ସମସ୍ତର ଅସ୍ତିତ୍ୱ ଇନ୍ଦ୍ରିୟସ୍ପର୍ଶରୁ ହିଁ ଅନୁଭୂତ ହୁଏ । ସେମାନେ ଆସନ୍ତି ଏବଂ ଯାଆନ୍ତି ।'[2] ଏହିକ୍ଷଣି ମନୁଷ୍ୟ ଦୁଃଖୀ, ପୁଣି ପରକ୍ଷଣରେ ହିଁ ସୁଖୀ । ଏପରି ଅବସ୍ଥାରେ ସେ ଆତ୍ମାର ସ୍ୱରୂପ ଉପଲବ୍ଧି କରିପାରେ ନାହିଁ ।

'ଯାହା ଚିରକାଳ ଅଛି (ସତ୍), ତାହା ନାହିଁ—ଏପରି ହୋଇ ନ ପାରେ; ପୁଣି ଯାହା କେବେହେଲେ ନାହିଁ (ଅସତ୍), ତାହା ଅଛି—ଏହା ମଧ୍ୟ କଦାପି ହୋଇ ନ ପାରେ । ସୁତରାଂ ଯାହା ଏହି ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ କରି ରହିଛି, ତାହା ଆଦିଅନ୍ତହୀନ ଓ ଅବିନାଶୀ ବୋଲି ଜାଣିବ । ଏହି ବିଶ୍ୱରେ ଏପରି କିଛି ନାହିଁ, ଯାହା ଅପରିବର୍ତ୍ତନୀୟ ଆତ୍ମାକୁ ପରିବର୍ତ୍ତିତ କରିପାରେ । ଏ ଦେହର ଆଦି ଓ ଅନ୍ତ ଅଛି; କିନ୍ତୁ ଯେ ଦେହ ମଧ୍ୟରେ ବାସ କରନ୍ତି, ସେ ଅନାଦି ଓ ଅବିନଶ୍ୱର ।'[3]

ଏହା ଜାଣି ମୋହ ତ୍ୟାଗ କର ଏବଂ ଯୁଦ୍ଧରେ ପ୍ରବୃତ୍ତ ହୁଅ, ପଶ୍ଚାତ୍ପଦ ହୁଅ ନାହିଁ —ଏହା ହିଁ ଆଦର୍ଶ । ଫଳ ଯାହା ହେଉ, କର୍ମ କରିଯାଅ । ନକ୍ଷତ୍ରଗଣ କକ୍ଷଚ୍ୟୁତ ହୋଇପାରନ୍ତି, ସମଗ୍ର ଜଗତ୍ ଆମମାନଙ୍କ ବିରୋଧରେ ଛିଡ଼ାହୋଇପାରେ, ସେଥିରେ କିଛି ଯାଏ ଆସେ ନାହିଁ । ମୃତ୍ୟୁ ତ କେବଳ ଦେହାନ୍ତରପ୍ରାପ୍ତି ମାତ୍ର । ଯୁଦ୍ଧ କରିବାକୁ ହେବ । ଭୀରୁତା ଓ କାପୁରୁଷତାଦ୍ୱାରା କିଛି ହେଲେ ଲାଭ କରାଯାଏ ନାହିଁ । ପଶ୍ଚାଦପସରଣଦ୍ୱାରା କୌଣସି ବିପଦକୁ ଦୂର କରାଯାଇପାରେ ନାହିଁ । ଦେବତାମାନଙ୍କ ନିକଟରେ ତୁମେମାନେ ଅହରହ ଅକୁଳ ପ୍ରାର୍ଥନା କରୁଛ, ସେଥିରେ କଅଣ ତୁମର ଦୁଃଖ ଦୂର ହୋଇଛି ? ଭାରତର ଜନସାଧାରଣ ଷାଠିଏକୋଟି ଦେବତାଙ୍କ ପାଖରେ ଯେତେ କନ୍ଦାକଟା କଲେ ମଧ୍ୟ କୁକୁର-ବିରାଡ଼ି ପରି ଦଳ ଦଳ ହୋଇ ମରୁଛନ୍ତି । ଦେବତାମାନେ କାହାନ୍ତି ? ସେମାନେ ସେତିକି-ବେଳେ ଆଗେଇ ଆସନ୍ତି ଯେତେବେଳେ ତୁମେ ନିଜ ଗୋଡ଼ରେ ଛିଡ଼ାହୋଇପାର । ଦେବତାମାନଙ୍କର ପ୍ରୟୋଜନ କଅଣ ?

କୁସଂସ୍କାର ନିକଟରେ ଏହି ନତ ସ୍ୱୀକାର କରିବା, ନିଜ ମନର ଖିଆଲ ପାଖରେ ନିଜକୁ ବିକିଦେବା ତୁମକୁ ଶୋଭା ପାଏ ନାହିଁ । ହେ ପାର୍ଥ ' ତୁମେ ଅନନ୍ତ, ଅବିନଶ୍ୱର; ତୁମର ଜନ୍ମ ନାହିଁ, ମୃତ୍ୟୁ ନାହିଁ । ଅନନ୍ତଶକ୍ତିଶାଳୀ ଆତ୍ମା ତୁମେ; କ୍ରୀତଦାସ ପରି ବ୍ୟବହାର ତୁମକୁ ଶୋଭାପାଏ ନାହିଁ । ଉଠ, ଜାଗ, ଦୁର୍ବଳତା ତ୍ୟାଗ କରି ଯୁଦ୍ଧ କର । ଯଦି ମୃତ୍ୟୁ ହୁଏ, ହେଉ । ଅନ୍ୟର ସାହାଯ୍ୟରେ ତୁମର ପ୍ରୟୋଜନ ନାହିଁ—ତୁମେ ନିଜେ ହିଁ ଜଗତ୍ ।

---

[1] ଗୀତା, ୨।୧୩    [2] ଗୀତା, ୨।୧୪    [3] ଗୀତା, ୨।୧୬

କିଏ ତୁମକୁ ସାହାଯ୍ୟ କରିପାରେ ? 'ଜୀବଗଣର ଅସ୍ତିତ୍ୱ ଶରୀରର ଉତ୍ପତ୍ତି ପୂର୍ବରୁ ଏବଂ ମୃତ୍ୟୁ ପରେ ଅବ୍ୟକ୍ତ ଥାଏ । କେବଳ ମଝିରେ ସ୍ଥିତକାଳଟିକକ ହିଁ ବ୍ୟକ୍ତ ! ତେଣୁ ସେଥିରେ ଶୋକର କାରଣ କିଛି ନାହିଁ ।'[୧]

'କେହି ଏ ଆତ୍ମାକୁ ଆଶ୍ଚର୍ଯ୍ୟ ରୂପରେ ଦେଖନ୍ତି, କେହି ଏହାକୁ ଆଶ୍ଚର୍ଯ୍ୟ ରୂପରେ ବର୍ଣ୍ଣନା କରନ୍ତି, ଅନ୍ୟ କେହି ଏ ଆତ୍ମାକୁ ଆଶ୍ଚର୍ଯ୍ୟ ରୂପରେ ଶ୍ରବଣ କରନ୍ତି, ପୁଣି ଅନେକେ ଶୁଣି ମଧ୍ୟ ଏହାକୁ ଜାଣିପାରନ୍ତି ନାହିଁ ।'[୨]

କିନ୍ତୁ ଏହି ଆତ୍ମୀୟସ୍ୱଜନଙ୍କୁ ବଧ କରିବା ଯେ ପାପ—ଏ କଥା କହିବାର ଅଧିକାର ତୁମର ନାହିଁ; କାରଣ ତୁମେ କ୍ଷତ୍ରିୟ ଏବଂ ବର୍ଣ୍ଣାଶ୍ରମ ଅନୁଯାୟୀ ଯୁଦ୍ଧ କରିବା ହିଁ ତୁମର ସ୍ୱଧର୍ମ ।··· 'ସୁଖ-ଦୁଃଖ ଓ ଜୟ-ପରାଜୟକୁ ତୁଲ୍ୟ ଜ୍ଞାନ କରି ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ ।'[୩]

ଏଠାରେ ଗୀତାର ଆଉ ଗୋଟିଏ ବିଶେଷ ମତବାଦର ସୂଚନା ଦିଆଯାଉଛି— ଅନାସକ୍ତିର ଉପଦେଶ । ଅର୍ଥାତ୍ ଆମେମାନେ କାର୍ଯ୍ୟରେ ଆସକ୍ତ ହେଉ ବୋଲି ଆମମାନଙ୍କୁ କର୍ମଫଳ ଭୋଗ କରିବାକୁ ହୁଏ ।··· 'କେବଳ ଯୋଗଯୁକ୍ତ ହୋଇ କର୍ତ୍ତବ୍ୟ ପାଇଁ କର୍ତ୍ତବ୍ୟ କଲେ କର୍ମବନ୍ଧନ ଛିନ୍ନ ହୁଏ ।'[୪] ସମସ୍ତ ବିପଦ ତୁମେ ଅତିକ୍ରମ କରିପାରିବ । 'ଏହି ନିଷ୍କାମ କର୍ମଯୋଗର ଅଳ୍ପ ମାତ୍ର ଅନୁଷ୍ଠାନ କରି ମାନବ ଜନ୍ମମରଣ-ରୂପକ ସଂସାରର ଭୀଷଣ ଆବର୍ତ୍ତିରୁ ପରିତ୍ରାଣ ଲାଭ କରେ ।'[୫]

'ହେ ଅର୍ଜୁନ, କେବଳମାତ୍ର ନିଶ୍ଚୟାତ୍ମିକା ଏକନିଷ୍ଠ ବୁଦ୍ଧି ସଫଳକାମ ହୁଏ । ଅସ୍ଥିର-ଚିତ୍ତ ସକାମ ବ୍ୟକ୍ତିମାନଙ୍କ ମନ ସହସ୍ର ବିଷୟରେ ନିବିଷ୍ଟ ହେବାରୁ ଶକ୍ତିର ଅପଚୟ ଘଟେ । ଅବିବେକୀ ବ୍ୟକ୍ତିମାନେ ବେଦୋକ୍ତ କର୍ମରେ ଅନୁରକ୍ତ; ସ୍ୱର୍ଗାଦି ଫଳର ଜନକ ବେଦର କର୍ମକାଣ୍ଡ ବାହାରେ କିଛି ଅଛି, ଏହି କଥା ସେମାନେ ବିଶ୍ୱାସ କରନ୍ତି ନାହିଁ । କାରଣ ସେମାନେ ବୈଦିକ କ୍ରିୟାକାଣ୍ଡ ସାହାଯ୍ୟରେ ଭୋଗସୁଖ ଓ ସ୍ୱର୍ଗଲାଭ କରିବାକୁ ଇଚ୍ଛା କରନ୍ତି ଏବଂ ସେଥିପାଇଁ ଯଜ୍ଞାଦି କରନ୍ତି ।'[୬] 'ଏହିସବୁ ଲୋକ ଯେପର୍ଯ୍ୟନ୍ତ ବୈଷୟିକ ଭୋଗସୁଖର ପ୍ରତ୍ୟାଶା ତ୍ୟାଗ ନ କରନ୍ତି, ସେପର୍ଯ୍ୟନ୍ତ ସେମାନଙ୍କର ଆଧ୍ୟାତ୍ମିକ ଜୀବନର ସାଫଲ୍ୟ ଆସିପାରିବ ନାହିଁ ।'

ଏହା ମଧ୍ୟ ଗୀତାର ଆଉ ଗୋଟିଏ ମହାନ୍ ଉପଦେଶ । ବିଷୟର ଭୋଗସୁଖ ଯେ ପର୍ଯ୍ୟନ୍ତ ପରିତ୍ୟକ୍ତ ନ ହୁଏ, ସେପର୍ଯ୍ୟନ୍ତ ଆଧ୍ୟାତ୍ମିକ ଜୀବନ ଆରମ୍ଭ ହୁଏ ନାହିଁ । ଇନ୍ଦ୍ରିୟ-ସମ୍ଭୋଗରେ ସୁଖ କାହିଁ ? ଇନ୍ଦ୍ରିୟଗୁଡ଼ିକ ଆମମାନଙ୍କର ଭ୍ରମ ସୃଷ୍ଟି କରନ୍ତି ମାତ୍ର । ମନୁଷ୍ୟ ମୃତ୍ୟୁ ପରେ ସ୍ୱର୍ଗଲୋକରେ ମଧ୍ୟ ଯୋଡ଼ାଏ ଚକ୍ଷୁ ଓ ଗୋଟିଏ ନାସିକା କାମନା କରିଥାଏ । ଅନେକଙ୍କର କଳ୍ପନା—ଏ ଜଗତରେ ଯେତେଗୁଡ଼ିଏ ଇନ୍ଦ୍ରିୟ ଅଛି, ସ୍ୱର୍ଗକୁ ଯାଇ ତଦପେକ୍ଷା ଅଧିକସଂଖ୍ୟକ ଇନ୍ଦ୍ରିୟ ମିଳିପାରିବ । ଅନନ୍ତକାଳ ପର୍ଯ୍ୟନ୍ତ ସିଂହାସନରେ ଆସୀନ ଭଗବାନଙ୍କୁ —ଭଗବାନଙ୍କର ପାର୍ଥିବ ଦେହକୁ ସେମାନେ ଦେଖିବାକୁ ଇଚ୍ଛା କରନ୍ତି । ଏସବୁ ଲୋକଙ୍କର

---

[୧] ଗୀତା, ୨।୨୮ [୨] ଗୀତା, ୨।୨୯ [୩] ଗୀତା, ୨।୩୮
[୪] ଗୀତା, ୨।୩୯ [୫] ଗୀତା, ୨।୪୦ [୬] ଗୀତା, ୨।୪୨-୪୩

ବାସନା—ଶରୀର ପାଇଁ, ଦେହର ଭୋଗସୁଖ ପାଇଁ, ଖାଦ୍ୟ ଓ ପାନୀୟ ପାଇଁ । ସ୍ୱର୍ଗ ସେମାନଙ୍କ ନିକଟରେ ପାର୍ଥିବ ଜୀବନର ବିସ୍ତାର ମାତ୍ର । ମନୁଷ୍ୟ ଇହଜୀବନର ଅତିରିକ୍ତ କିଛି ଚିନ୍ତା କରିପାରେ ନାହିଁ । ଏହି ଦେହକୁ କେନ୍ଦ୍ର କରି ସେମାନଙ୍କ ଜୀବନର ସବୁ ଚିନ୍ତା । 'ମୁକ୍ତିପ୍ରଦ ନିଶ୍ଚୟାତ୍ମିକା ବୁଦ୍ଧି ଏହି ଶ୍ରେଣୀର ମାନବ ନିକଟରେ ଏକାନ୍ତ ଦୁର୍ଲ୍ଲଭ ।'[୧]

'ବେଦ—ସତ୍ତ୍ୱ, ରଜଃ ଓ ତମଃ ଏହି ତ୍ରିଗୁଣାତ୍ମକ ବିଷୟଗୁଡ଼ିକ ଶିକ୍ଷା ଦିଏ ।' ବେଦ କେବଳ ପ୍ରକୃତିର ଅନ୍ତର୍ଗତ ବିଷୟଗୁଡ଼ିକ ଶିକ୍ଷା ଦିଏ । ପୃଥିବୀରେ ଯାହା ଦେଖାଯାଏ ନାହିଁ, ଲୋକେ ତାହା ଭାବିପାରନ୍ତି ନାହିଁ । ସ୍ୱର୍ଗ ବିଷୟରେ କଥା କହିବାକୁ ଗଲେ, ସେମାନଙ୍କ ମନକୁ ଆସେ—ସିଂହାସନରେ ଜଣେ ରାଜା ବସିଛନ୍ତି, ଆଉ ଲୋକେ ତାଙ୍କ ନିକଟରେ ଧୂପ ଜଳାଉଛନ୍ତି । ସବୁ ହିଁ ପ୍ରକୃତି; ପ୍ରକୃତି ବାହାରେ କିଛି ନାହିଁ । ତେଣୁ ବେଦ ପ୍ରକୃତି ବିନା ଅନ୍ୟ କିଛି ଶିକ୍ଷା ଦିଏ ନାହିଁ । 'ଏହି ପ୍ରକୃତିର ଉପରକୁ ଯାଅ, ଅସ୍ତିତ୍ୱର ଏହି ଦ୍ୱୈତଭାବର ଉପରକୁ ଯାଅ; ତୁମର ବ୍ୟକ୍ତିଗତ ଚେତନାର ଉପରକୁ ଯାଅ; କୌଣସି କଥାକୁ ଗ୍ରାହ୍ୟ କର ନାହିଁ; ମଙ୍ଗଳ ବା ଅମଙ୍ଗଳ ଆଡ଼କୁ ଦୃଷ୍ଟିପାତ କର ନାହିଁ ।'[୨]

ଆମେମାନେ ନିଜକୁ ଦେହ ସହିତ ଅଭିନ୍ନ ଭାବରେ ଦେଖୁଛୁ । ଆମେମାନେ ଦେହ ମାତ୍ର, ଅଥବା ଦେହଟା ଆମମାନଙ୍କର, ଆମ ଦେହକୁ ଚିମୁଟିଲେ ଆମେମାନେ ପାଟି କରୁ । ଏସବୁ ଅର୍ଥଶୂନ୍ୟ, କାରଣ ମୁଁ ଆତ୍ମସ୍ୱରୂପ । ଦେହକୁ ଆତ୍ମା ସହିତ ଅଭିନ୍ନଭାବରେ ଚିନ୍ତା କରିବା କାରଣରୁ ହିଁ ଏହି ଦୁଃଖଶୋକର କଳ୍ପନା, ପ୍ରାଣୀ ଦେବତା ଦାନବ, ଏହି ବିଶ୍ୱଜଗତ—ପ୍ରତ୍ୟେକଟି ବିଷୟ ଆସିଯାଉଛି । ମୁଁ ଚୈତନ୍ୟ-ସ୍ୱରୂପ । ତୁମେ ମୋତେ ଚିମୁଟିଲେ ମୁଁ କାହିଁକି ଡେଇଁପଡ଼ିବି ?··· ଏହି ଦାସତ୍ୱକୁ ଲକ୍ଷ୍ୟ କର । ତୁମେ ଲଜ୍ଜିତ ହେଉ ନାହଁ ? ଆମେମାନେ ପୁଣି ଧାର୍ମିକ ! ଆମେମାନେ ପୁଣି ଦାର୍ଶନିକ ! ଆମେମାନେ ପୁଣି ଋଷି ! ଭଗବାନ ମଙ୍ଗଳ କରନ୍ତୁ ! ଆମେମାନେ କଅଣ ? ଜୀବନ୍ତ ନରକ କହିଲେ ଯାହା ବୁଝାଏ, ଆମେମାନେ କେବଳ ତାହା । ପାଗଳ କହିଲେ ଯାହା ବୁଝାଏ, ଆମେମାନେ ତାହା ।

ଆମେମାନେ ଆମମାନଙ୍କ ଦେହର 'ଧାରଣା' ଛାଡ଼ିପାରୁ ନାହିଁ । ଆମେମାନେ ପୃଥିବୀରେ ହିଁ ବଦ୍ଧ ଅଛୁ । ଏହି ସଂସ୍କାରଗୁଡ଼ିକ ହିଁ ଆମମାନଙ୍କର ବନ୍ଧନ । ଏହି ପ୍ରକାରର ସହସ୍ର ସଂସ୍କାର-ବନ୍ଧନରେ ବନ୍ଧା ପଡ଼ିଥିବା ବେଳେ ଆମେମାନେ ଦେହ ଛାଡ଼ି ଚାଲିଯାଉ ।

ଏକାବେଳକେ ଆସକ୍ତିଶୂନ୍ୟ ହୋଇ କିଏ କାର୍ଯ୍ୟ କରିପାରିବ ? ଏହା ହିଁ ପ୍ରକୃତ ପ୍ରଶ୍ନ । ଏ ପ୍ରକାର (ଆସକ୍ତିଶୂନ୍ୟ) ବ୍ୟକ୍ତିଙ୍କ ପକ୍ଷରେ କର୍ମର ସଫଳତା ଓ ବିଫଳତା ସମାନ କଥା । ଯଦି ସମଗ୍ର ଜୀବନର କର୍ମ ମୁହୂର୍ତ୍ତିକ ମଧ୍ୟରେ ପୋଡ଼ି ପାଉଁଶ ହୋଇଯାଏ, ତାହାହେଲେ ମଧ୍ୟ ସେ ବ୍ୟକ୍ତିର ହୃତ୍‌ପିଣ୍ଡ ଅଳକ ପାଇଁ ମଧ୍ୟ ବୃଥାରେ ସ୍ପନ୍ଦିତ ହୁଏ ନାହିଁ । 'ଫଳ କଥା ଚିନ୍ତା ନ କରି ଯେ କର୍ମ ପାଇଁ କର୍ମ କରନ୍ତି, ସେ ହିଁ ଯୋଗୀ । ଏହି ଭାବରେ ସେ ଜନ୍ମ-ମୃତ୍ୟୁର ଯନ୍ତ୍ରଣାକୁ ଅତିକ୍ରମ କରନ୍ତି—ଏହି ଭାବରେ ସେ ମୁକ୍ତ ହୁଅନ୍ତି ।'[୩] ସେତେବେଳେ

---

[୧] ଗୀତା, ୨।୪୫

[୨] ଗୀତା, ୨।୪୪

[୩] ଗୀତା, ୨।୫୧

ସେ ଦେଖିପାରନ୍ତି ଯେ, ସବୁ ପ୍ରକାର ଆସକ୍ତି ହିଁ ମିଥ୍ୟା ମାୟା । ଆତ୍ମା କେବେହେଲେ ଆସକ୍ତ ହୋଇପାରନ୍ତି ନାହିଁ ।··· ତାହାପରେ ସେ ସମସ୍ତ ଶାସ୍ତ୍ର ଓ ଦର୍ଶନର ଉପରକୁ ଗମନ କରନ୍ତି ।

ଗ୍ରନ୍ଥ ଓ ଶାସ୍ତ୍ରଦ୍ୱାରା ଯଦି ମନ ବିଭ୍ରାନ୍ତ ହୁଏ— ଏକ ମହା ଆବର୍ତ୍ତ ମଧ୍ୟରେ ଆକୃଷ୍ଟ ହୁଏ, ତା'ହେଲେ ଏସବୁ ଶାସ୍ତ୍ରର ସାର୍ଥକତା କଅଣ ? କୌଣସି ଶାସ୍ତ୍ର ଗୋଟିଏ ପ୍ରକାର କହନ୍ତି, ଅନ୍ୟ ଶାସ୍ତ୍ର ଅନ୍ୟ ପ୍ରକାର କହିଥାନ୍ତି । କେଉଁ ଗ୍ରନ୍ଥ ଅବଲମ୍ବନ କରିବ ? ଏକାକୀ ଦଣ୍ଡାୟମାନ ହୁଅ । ନିଜ ଆତ୍ମାର ମହିମା ଦେଖ ! ତୁମକୁ କର୍ମ କରିବାକୁ ହେବ, ତେବେ ଯାଇ ତୁମେ ଦୃଢ଼ପ୍ରତିଜ୍ଞ ହେବ ।

ଅର୍ଜୁନ ପ୍ରଶ୍ନ କଲେ, 'ସ୍ଥିତପ୍ରଜ୍ଞ ବ୍ୟକ୍ତି କିଏ ?' 'ଯେ ସମସ୍ତ ବାସନା ତ୍ୟାଗ କରିଛନ୍ତି, କିଛି ହିଁ ଆକାଙ୍‌କ୍ଷା କରନ୍ତି ନାହିଁ, ଏପରି କି ଏହି ଜୀବନ ମଧ୍ୟ ନୁହେଁ, ସ୍ୱାଧୀନତା ନୁହେଁ, ଦେବତା ନୁହେଁ, କର୍ମ ନୁହେଁ, କୌଣସି କିଛି ନୁହେଁ; ଯେତେବେଳେ ସେ ପରିତୃପ୍ତ, ଯେତେବେଳେ ଆଉ ଅଧିକ କିଛି ସ୍ପୃହିବାର ତାଙ୍କର ନାହିଁ ।'[୧] ସେ ଆତ୍ମାର ମହିମା ପ୍ରତ୍ୟକ୍ଷ କରିଛନ୍ତି ଓ ନିଜ ମଧ୍ୟରେ ସଂସାର ଦେବତା ସ୍ୱର୍ଗ—ସମସ୍ତ ହିଁ ପ୍ରତ୍ୟକ୍ଷ କରିଛନ୍ତି । ସେତେବେଳେ ଦେବତାମାନେ ଆଉ ଦେବତା ହୋଇ ରହନ୍ତି ନାହିଁ, ମୃତ୍ୟୁ ଆଉ ମୃତ୍ୟୁ ହୋଇ ରହେ ନାହିଁ, ଜୀବନ ଆଉ ଜୀବନ ହୋଇ ରହେ ନାହିଁ । ପ୍ରତ୍ୟେକ ବସ୍ତୁ ହିଁ ପରିବର୍ତ୍ତିତ ହୋଇଯାଏ । 'ଯଦି କାହାର ଇଚ୍ଛା ଦୃଢ଼ ହୁଏ, ତାଙ୍କ ମନ ଯଦି ଦୁଃଖରେ ବିଚଳିତ ନ ହୁଏ, ଯଦି ସେ କୌଣସି ପ୍ରକାର ସୁଖର ଆକାଙ୍‌କ୍ଷା ନ କରନ୍ତି, ଯଦି ସେ ସକଳ ପ୍ରକାର ଆସକ୍ତି, ସକଳ ପ୍ରକାର ଭୟ, ସକଳ ପ୍ରକାର କ୍ରୋଧରୁ ମୁକ୍ତ ହୁଅନ୍ତି, ତେବେ ତାଙ୍କୁ ସ୍ଥିତପ୍ରଜ୍ଞ କୁହାଯାଏ ।'[୨]

'କଚ୍ଛପ ଯେପରି ତାହାର ଗୋଡ଼ଗୁଡ଼ିକୁ ଭିତରକୁ ଟାଣିନିଏ, ଏବଂ ଯେତେ ଆଘାତ କଲେ ବି ଗୋଟିଏ ଗୋଡ଼ ବାହାରକୁ ଆସେ ନାହିଁ, ଠିକ୍ ସେହିପରି ଯୋଗୀ ତାଙ୍କର ଇନ୍ଦ୍ରିୟଗୁଡ଼ିକୁ ଅଭ୍ୟନ୍ତରକୁ ଟାଣିନେଇପାରନ୍ତି ।'[୩] କୌଣସି କିଛି ସେହି (ଇନ୍ଦ୍ରିୟ)-ଗୁଡ଼ିକୁ ବଳପୂର୍ବକ ବାହାରକୁ ଟାଣି ଆଣିପାରେ ନାହିଁ । କୌଣସି ପ୍ରଲୋଭନ ବା କୌଣସି ବସ୍ତୁ ତାଙ୍କୁ ଟଳାଇପାରେ ନାହିଁ । ସାରା ବିଶ୍ୱ ପଛକେ ତାଙ୍କର ଚତୁର୍ଦ୍ଦିଗରେ ଚୂର୍ଣ୍ଣ ହୋଇଯାଉ, ତାହା ତାଙ୍କ ମନରେ ଗୋଟିଏ ହେଲେ ତରଙ୍ଗ ମଧ୍ୟ ସୃଷ୍ଟି କରିପାରିବ ନାହିଁ ।

ଅତଃପର ଗୋଟିଏ ଅତି ପ୍ରୟୋଜନୀୟ ପ୍ରଶ୍ନ ଆସିଯାଉଛି । ଅନେକ ସମୟରେ ଲୋକେ ବହୁ ଦିନ ଧରି ଉପବାସ କରନ୍ତି,···କୌଣସି ନିକୃଷ୍ଟ ବ୍ୟକ୍ତି କୋଡ଼ିଏ ଦିନ ଉପବାସ କଲେ ଖୁବ୍ ଶାନ୍ତ ହୋଇଉଠେ । ଏହି ଉପବାସ ବା ଆତ୍ମପୀଡ଼ନ—ସାରା ପୃଥିବୀର ଲୋକ କରି ଆସୁଛନ୍ତି । କୃଷ୍ଣଙ୍କ ଧାରଣାରେ ଏସବୁ ଅର୍ଥଶୂନ୍ୟ । ସେ କହିଛନ୍ତି : ଯେଉଁ ମନୁଷ୍ୟ ନିଜ ଉପରେ ଉତ୍ପୀଡ଼ନ କରେ, ତା' ପାଖରେ ଇନ୍ଦ୍ରିୟଗୁଡ଼ିକ କିଛି ସମୟ ପାଇଁ ନିବୃତ୍ତ ହୁଅନ୍ତି, କିନ୍ତୁ କୋଡ଼ିଏଗୁଣ ଅଧିକ ଶକ୍ତି ଧରି ପୁନଃପ୍ରକାଶିତ ହୁଅନ୍ତି । ସେତେବେଳେ ତୁମେ କଅଣ କରିବ ? ଏହାର ଭାବ ହେଉଛି, ତୁମକୁ ସ୍ୱାଭାବିକ ହେବାକୁ ହେବ । କୃଚ୍ଛ୍ରସାଧନ ନୁହେଁ ।

[୧] ଗୀତା, ୨।୫୫ [୨] ଗୀତା, ୨।୫୬ [୩] ଗୀତା, ୨।୫୮

ଅଗ୍ରସର ହୁଅ, କର୍ମ କର, କେବଳ ଦୃଷ୍ଟି ରଖ—ଯେପରି ଆସକ୍ତ ହୋଇ ନ ପଡ଼ । ଯେଉଁ ବ୍ୟକ୍ତି ଅନାସକ୍ତିର କୌଶଳ ଜାଣେ ନାହିଁ ବା ତାହାର ସାଧନା କରେ ନାହିଁ, ତାହାର ପ୍ରଜ୍ଞା କେବେହେଲେ ଦୃଢ଼ଭାବରେ ପ୍ରତିଷ୍ଠିତ ହୋଇପାରିବ ନାହିଁ ।

ମୁଁ ତାହାରକୁ ଯାଇ ଆଖି ମେଲାଇଲି; ଯଦି କିଛି ଥାଏ, ମୁଁ ଅବଶ୍ୟ ହିଁ ଦେଖିପାରିବି, ନ ଦେଖି ରହିପାରିବି ନାହିଁ । ମନ ଇନ୍ଦ୍ରିୟ ପଛରେ ଧାବିତ ହୁଏ । ବର୍ତ୍ତମାନ ଇନ୍ଦ୍ରିୟଗୁଡ଼ିକୁ ଯେକୌଣସି ପ୍ରକାରର ପ୍ରକୃତି-ଜାତ ପ୍ରତିକ୍ରିୟା ବର୍ଜନ କରିବାକୁ ହେବ ।

'ଯାହା ସଂସାର ନିକଟରେ ଅନ୍ଧକାର ରାତ୍ରି, ସଂଯମୀ ପୁରୁଷ ସେଥିରେ ଜାଗ୍ରତ ରହନ୍ତି । ଏହା ତାଙ୍କ ପାଖରେ ଦିବାଲୋକ । ଆଉ ଯେଉଁ ବିଷୟରେ ସମଗ୍ର ସଂସାର ଜାଗ୍ରତ, ସେଥିରେ ସଂଯମୀ ନିଦ୍ରିତ ।'* ଏ ସଂସାର କେଉଁଠାରେ ଜାଗ୍ରତ ?—ଇନ୍ଦ୍ରିୟରେ । ମନୁଷ୍ୟ ଚାହେଁ ଭୋଜନ, ପାନ ଆଉ ସନ୍ତାନ; ତାହାପରେ କୁକୁର ପରି ମରେ ।··· କେବଳ ଇନ୍ଦ୍ରିୟବ୍ୟାପାରରେ ହିଁ ସେମାନେ ସର୍ବଦା ଜାଗ୍ରତ । ସେମାନଙ୍କର ଧର୍ମ ମଧ୍ୟ ଏଇଥିପାଇଁ । ସେମାନେ ଅଧିକ କାମିନୀ, ଅଧିକ କାଞ୍ଚନ ଆଉ ଅଧିକ ସନ୍ତାନ ଲାଭ ପାଇଁ ଗୋଟିଏ ଭଗବାନଙ୍କୁ ଆବିଷ୍କାର କରିଛନ୍ତି । ଅଧିକତର ଦେବତ୍ୱଲାଭରେ ସାହାଯ୍ୟ କରିବା ପାଇଁ ସେମାନେ ଭଗବାନଙ୍କୁ ଚାହାଁନ୍ତି ନାହିଁ ।

'ଯେଉଁଠାରେ ସମଗ୍ର ଜଗତ ଜାଗ୍ରତ, ସେଠାରେ ଯୋଗୀ ନିଦ୍ରିତ; ଯେଉଁଠାରେ ଅଜ୍ଞମାନେ ନିଦ୍ରିତ, ଯୋଗୀ ସେଠାରେ ଜାଗ୍ରତ', ସେହି ଆଲୋକରାଜ୍ୟରେ—ଯେଉଁଠାରେ ମନୁଷ୍ୟ ନିଜକୁ ପକ୍ଷୀ ପରି, ପଶୁପରି ଦେହ ମାତ୍ର ବୋଲି ଦେଖେ ନାହିଁ—ଦେଖେ ଅନନ୍ତ ମୃତ୍ୟୁହୀନ ଅମର ଆତ୍ମାରୂପରେ । ଏହିଠାରେ ଅଜ୍ଞମାନେ ସୁପ୍ତ; ସେମାନଙ୍କର ବୁଝିବାର ସମୟ ନାହିଁ, ବୁଦ୍ଧି ନାହିଁ, ସାଧ ନାହିଁ । ସେଠାରେ କେବଳ ଯୋଗୀ ହିଁ ଜାଗ୍ରତ ରହି ଥାଆନ୍ତି, ତାହା ହିଁ ତାଙ୍କ ପକ୍ଷରେ ଦିବାଲୋକ ।

'ପୃଥିବୀର ନଦୀଗୁଡ଼ିକ ଅବିରତ ସେମାନଙ୍କର ଜଳରାଶି ସମୁଦ୍ରରେ ଢାଳୁଛନ୍ତି; କିନ୍ତୁ ସମୁଦ୍ରର ସୁନ୍ଦର ଗମ୍ଭୀର ପ୍ରକୃତି ଅବିଚଳିତ, ଅପରିବର୍ତ୍ତିତ ହିଁ ଥାଏ । ସେହିପରି ଇନ୍ଦ୍ରିୟଗୁଡ଼ିକ ଏକଯୋଗରେ ପ୍ରକୃତିର ସମସ୍ତ ସଂବେଦନ ଆଣିଲେ ମଧ୍ୟ ଜ୍ଞାନୀର ହୃଦୟକୁ କୌଣସି ପ୍ରକାର ବିକ୍ଷେପ ବା ଭୟର କଥା ଭାବିପାରେ ନାହିଁ ।'** ଲକ୍ଷ ଲକ୍ଷ ସ୍ରୋତମୁଖରେ ଦୁଃଖ ଆସୁ, ଶତ ଶତ ସ୍ରୋତମୁଖରେ ସୁଖ ଆସୁ ! ମୁଁ ଦୁଃଖର ଅଧୀନ ନୁହେଁ—ମୁଁ ସୁଖର ମଧ୍ୟ କ୍ରୀତଦାସ ନୁହେଁ ।

* ଗୀତା, ୨।୬୯ ** ଗୀତା, ୨।୭୦

# ତୃତୀୟ ବକ୍ତୃତା

[ ୧୯୦୦ ଖ୍ରୀ: ମେ ୨୯ରେ ସାନ୍ ଫ୍ରାନ୍‌ସିସ୍କୋରେ ପ୍ରଦତ୍ତ ବକ୍ତୃତାର ଅନୁଲିପି ]

ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କଲେ : ଆପଣ ମୋତେ କର୍ମର ଉପଦେଶ ଦେଉଛନ୍ତି, ଅଥଚ ବ୍ରହ୍ମଜ୍ଞାନକୁ ଜୀବନର ଉଚ୍ଚତମ ଅବସ୍ଥା ବୋଲି ପ୍ରଶଂସା କରୁଛନ୍ତି । ହେ କୃଷ୍ଣ ! ଯଦି ଜ୍ଞାନକୁ କର୍ମ ଅପେକ୍ଷା ଆପଣ ଶ୍ରେଷ୍ଠ ମନେକରନ୍ତି, ତେବେ କର୍ମର ଉପଦେଶ ଦେଉଛନ୍ତି କାହିଁକି ?[୧]

ଶ୍ରୀକୃଷ୍ଣ : 'ଅତି ପ୍ରାଚୀନ କାଳରୁ ଦୁଇଟି ସାଧନପଥ ପ୍ରଚଳିତ ଅଛି । ଜ୍ଞାନାନୁରାଗୀ ଦାର୍ଶନିକଗଣ ଜ୍ଞାନଯୋଗର ଏବଂ ନିଷ୍କାମକର୍ମୀଗଣ କର୍ମଯୋଗର କଥା କହନ୍ତି । କିନ୍ତୁ କର୍ମ ତ୍ୟାଗ କରି କେହି ଶାନ୍ତି ଲାଭ କରିପାରେ ନାହିଁ । ଏ ଜୀବନରେ କର୍ମ ବନ୍ଦ କରି ରହିବା ମୁହୂର୍ତ୍ତେ ମାତ୍ର ସମ୍ଭବ ନୁହେଁ । ପ୍ରକୃତିର ଗୁଣଗୁଡ଼ିକ ହିଁ ମନୁଷ୍ୟକୁ କର୍ମ କରିବା ପାଇଁ ବାଧ୍ୟ କରିଥାଏ । ଯେଉଁ ବ୍ୟକ୍ତି ବାହ୍ୟ କର୍ମ ବନ୍ଦ କରି ମନେ ମନେ କର୍ମର କଥା ଚିନ୍ତା କରେ, ସେ କିଛି ହେଲେ ଲାଭ କରିପାରେ ନାହିଁ । ସେ ମିଥ୍ୟାଚାରୀ ହୋଇଯାଏ । କିନ୍ତୁ ଯେ ମନର ଶକ୍ତିଦ୍ୱାରା ଇନ୍ଦ୍ରିୟଗୁଡ଼ିକୁ ଧୀରେ ଧୀରେ ବଶୀଭୂତ କରି କର୍ମରେ ନିଯୁକ୍ତ କରନ୍ତି, ସେ ପୂର୍ବୋକ୍ତ ବ୍ୟକ୍ତିଙ୍କ ଅପେକ୍ଷା ଶ୍ରେଷ୍ଠ । ଅତଏବ ତୁମେ କର୍ମ କର ।'[୨]

'ଯଦି ତୁମେ ଏ ରହସ୍ୟ ବୁଝିଥାଅ ଯେ, ତୁମର କୌଣସି କର୍ତ୍ତବ୍ୟ ନାହିଁ—ତୁମେ ମୁକ୍ତ, ତଥାପି ଅପରର କଲ୍ୟାଣ ପାଇଁ ତୁମକୁ କର୍ମ କରିବାକୁ ହେବ । କାରଣ ଶ୍ରେଷ୍ଠ ବ୍ୟକ୍ତିଗଣ ଯାହା ଆଚରଣ କରନ୍ତି, ସାଧାରଣ ଲୋକେ ତାହା ହିଁ ଅନୁସରଣ କରନ୍ତି ।'[୩]

'ପକ୍ଷାନ୍ତରେ ଅଧିକାରୀ ମୁକ୍ତ ମହାପୁରୁଷ ଯଦି କର୍ମ ତ୍ୟାଗ କରନ୍ତି, ତେବେ ଯେଉଁମାନେ ସେହି ଜ୍ଞାନ ଓ ଶାନ୍ତି ଲାଭ କରି ନାହାନ୍ତି, ସେମାନେ ମହାପୁରୁଷଙ୍କ ଅନୁସରଣ କରିବାର ଚେଷ୍ଟା କରିବେ ଏବଂ ସେଥିରେ ବିଭ୍ରାନ୍ତିର ସୃଷ୍ଟି ହେବ ।

'ହେ ପାର୍ଥ, ତ୍ରିଭୁବନରେ ମୋର ଅପ୍ରାପ୍ତ ବା ପ୍ରାପ୍ତବ୍ୟ କିଛି ନାହିଁ; ତଥାପି ମୁଁ ସର୍ବଦା କର୍ମରେ ବ୍ୟାପୃତ ଅଛି । ଯଦି ମୁହୂର୍ତ୍ତିକ ପାଇଁ କର୍ମ ନ କରେ, ତେବେ ବିଶ୍ୱବ୍ରହ୍ମାଣ୍ଡ ଧ୍ୱଂସ ପାଇଯିବ ।'[୪]

'ଅଜ୍ଞ ବ୍ୟକ୍ତିମାନେ ଫଳାକାଙ୍‌କ୍ଷୀ ହୋଇ ଯେପରି କର୍ମ କରନ୍ତି, ଜ୍ଞାନୀଗଣଙ୍କୁ ଅନାସକ୍ତ ଭାବରେ ଏବଂ କୌଣସି ଫଳର ଆକାଙ୍‌କ୍ଷା ନ କରି ସେହିପରି କର୍ମ କରିବାକୁ ହେବ ।'[୫]

ଆପଣ ଯଦି ଜ୍ଞାନର ଅଧିକାରୀ ହୁଅନ୍ତି, ତଥାପି ଜ୍ଞାନହୀନ ବ୍ୟକ୍ତିମାନଙ୍କର ବାଳସୁଲଭ ବିଶ୍ୱାସକୁ ବିଭ୍ରାନ୍ତ କରିବେ ନାହିଁ । ପରନ୍ତୁ ସେମାନଙ୍କ ସ୍ତରକୁ ଓହ୍ଲାଇ ଆସି ସେମାନଙ୍କୁ

---

[୧] ଗୀତା, ୩।୧ [୨] ଗୀତା, ୩।୨।୮ [୩] ଗୀତା, ୩।୨୦-୨୧
[୪] ଗୀତା, ୩।୨୨-୨୪ [୫] ଗୀତା, ୩।୨୫

କ୍ରମଶଃ ଉନ୍ନତ କରିବା ପାଇଁ ଚେଷ୍ଟା କରନ୍ତୁ । —ଏହା ଗୋଟିଏ ଅତି ଶକ୍ତିଶାଳୀ ଭାବ ଏବଂ ଭାରତରେ ଏହା ହିଁ ଆଦର୍ଶ ହୋଇଆସିଛି । ତେଣୁ ଦେଖାଯାଇଥାଏ, ଭାରତବର୍ଷରେ ଜ୍ଞାନୀ ମହାପୁରୁଷଗଣ ମନ୍ଦିରକୁ ଯାଆନ୍ତି, ପ୍ରତିମା ପୂଜା ମଧ୍ୟ କରନ୍ତି—ଏହା କପଟତା ନୁହେଁ ।

ଗୀତାର ପରବର୍ତ୍ତୀ ଅଧ୍ୟାୟରେ ପଢ଼ୁ, ଶ୍ରୀକୃଷ୍ଣ କହୁଛନ୍ତି : 'ଯେଉଁମାନେ ଭକ୍ତିପୂର୍ବକ ଅନ୍ୟାନ୍ୟ ଦେବତାଙ୍କର ପୂଜା କରନ୍ତି, ସେମାନେ ବସ୍ତୁତଃ ମୋର ହିଁ ପୂଜା କରନ୍ତି ।'* ଏହି ଭାବରେ ମନୁଷ୍ୟ ସାକ୍ଷାତ୍ ଭଗବାନଙ୍କର ହିଁ ପୂଜା କରୁଛି । ଭଗବାନଙ୍କୁ ଭୁଲ ନାମରେ ଡାକିଲେ ସେ କଅଣ କ୍ରୁଦ୍ଧ ହେବେ ? ଯଦି କ୍ରୁଦ୍ଧ ହୁଅନ୍ତି, ତେବେ ସେ ଭଗବାନ ନୁହନ୍ତି । ଏ କଥା କଅଣ ବୁଝିପାର ନାହିଁ ଯେ, ମନୁଷ୍ୟର ହୃଦୟରେ ଯାହା ଅଛି ତାହା ହିଁ ଭଗବାନ ? —ଯଦ୍ୟପି ଭକ୍ତ ଶିଳାଖଣ୍ଡ ପୂଜା କରୁଛି, ସେଥିରେ ଯାଏ ଆସେ କଅଣ ?

ଧର୍ମ କେତେଗୁଡ଼ିଏ ମତବାଦର ସମଷ୍ଟି—ଏହି ଧାରଣାରୁ ଯଦି ଆମେମାନେ ଥରେ ମୁକ୍ତ ହୋଇପାରୁ, ତାହାହେଲେ ଯାଇ ବିଷୟଟିକୁ ଭଲରୂପେ ବୁଝିପାରିବା । ଧର୍ମର ଗୋଟିଏ ଧାରଣା : ଆଦି ମାନବ ଆଦମ୍ ଜ୍ଞାନବୃକ୍ଷର ଫଳ ଖାଇଥିଲେ ବୋଲି ପୃଥିବୀର ସୃଷ୍ଟି—ଆଉ ପଳାଇବାର ବାଟ ନାହିଁ । ଯୀଶୁଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତୁ—ଅର୍ଥାତ୍ ବ୍ୟକ୍ତିବିଶେଷଙ୍କର ମୃତ୍ୟୁରେ ବିଶ୍ୱାସ କରନ୍ତୁ ! କିନ୍ତୁ ଭାରତରେ ଧର୍ମର ଧାରଣା ଅନ୍ୟ ପ୍ରକାର । ସେଠାରେ ଧର୍ମର ଅର୍ଥ ଅନୁଭୂତି, ଉପଲବ୍ଧି; ଅନ୍ୟ କିଛି ନୁହେଁ । ଚାରିଟି ଘୋଡ଼ା ଯୋଗୁହୋଇଥିବା ଗାଡ଼ିରେ, ବୈଦ୍ୟୁତିକ ଶକଟରେ ଅଥବା ପଦବ୍ରଜରେ—କେଉଁପରି ଭାବରେ ଲକ୍ଷ୍ୟରେ ପହଞ୍ଚିଲେ, ସେଥିରେ କିଛି ଯାଏଆସେ ନାହିଁ । ଉଦ୍ଦେଶ୍ୟ ଗୋଟାଏ । ଖ୍ରୀଷ୍ଟାନ୍‌ମାନଙ୍କ ପକ୍ଷରେ ସମସ୍ୟା—କିପରି ଭାବରେ ସେହି ଭୀଷଣ ଈଶ୍ୱରଙ୍କ କ୍ରୋଧରୁ ଅବ୍ୟାହତି ମିଳିବ । ଭାରତୀୟମାନଙ୍କର ସମସ୍ୟା—ନିଜର ସ୍ୱରୂପ ଉପଲବ୍ଧି କରିବା ଏବଂ ନିଜର ହଜିଯାଇଥିବା ଆତ୍ମଭାବକୁ ଫେରପାଇବା ।

ଆପଣ କଅଣ ଉପଲବ୍ଧି କରିଛନ୍ତି ଯେ—ଆପଣ ଆତ୍ମା ? ଯଦି କହନ୍ତି—ହଁ, ତେବେ 'ଆତ୍ମା' କହିଲେ ଆପଣ କଅଣ ବୁଝନ୍ତି ? ଆତ୍ମା କଅଣ ଏହି ଦେହ-ନାମକ ମାଂସପିଣ୍ଡ, ଅଥବା ଅନାଦି ଅନନ୍ତ ଚିରଶାନ୍ତ ଜ୍ୟୋତିର୍ମୟ ଅମୃତତ୍ୱ ? ଆପଣ ଶ୍ରେଷ୍ଠ ଦାର୍ଶନିକ ହୋଇପାରନ୍ତି, କିନ୍ତୁ ଯେପର୍ଯ୍ୟନ୍ତ ଆପଣ ନିଜକୁ ଏହି ଦେହ ମନେକରୁଛନ୍ତି, ସେପର୍ଯ୍ୟନ୍ତ ଆପଣ ଆପଣଙ୍କ ଗୋଡ଼ତଳର ସେହି କ୍ଷୁଦ୍ର କୀଟ ସଙ୍ଗେ ସମାନ । ଏ ଅପରାଧର ମାର୍ଜନା ନାହିଁ; ଆପଣଙ୍କର ଅବସ୍ଥା ଆହୁରି ଶୋଚନୀୟ; କାରଣ ଆପଣ ଦର୍ଶନଶାସ୍ତ୍ରସବୁ ହିଁ ଜାଣନ୍ତି, ଅଥଚ ଦେହବୋଧରୁ ଊର୍ଦ୍ଧ୍ୱକୁ ଉଠିପାରୁ ନାହାନ୍ତି । ଦେହ ହିଁ ଆପଣଙ୍କର ଭଗବାନ—ଏହା ହିଁ ଆପଣଙ୍କର ପରିଚୟ ! ଏହା କଅଣ ଧର୍ମ ?

ଆତ୍ମାକୁ ଆତ୍ମସ୍ୱରୂପରେ ଉପଲବ୍ଧି କରିବା ହିଁ ଧର୍ମ । ଆମେମାନେ କଅଣ କରୁଛୁ ? ଠିକ୍ ଏହାର ବିପରୀତ । ଆତ୍ମାକୁ ଜଡ଼ବସ୍ତୁ ରୂପରେ ଅନୁଭବ କରୁଛୁ । ଅମୃତସ୍ୱରୂପ

* ଗୀତା, ୯।୨୩

ଈଶ୍ୱରଙ୍କଠାରୁ ଆମେମାନେ ମୃତ୍ୟୁ ଓ ଜଡ଼ବସ୍ତୁ ନିର୍ମାଣ କରୁଛୁ ଏବଂ ପ୍ରାଣହୀନ ଜଡ଼ବସ୍ତୁରୁ ଚେତନ ଆତ୍ମା 'ସୃଷ୍ଟି' କରୁଛୁ !

ଊର୍ଦ୍ଧ୍ୱବାହୁ ହୋଇ କିମ୍ବା ମୁଣ୍ଡ ତଳକୁ କରି କଠୋର ତପସ୍ୟାଦ୍ୱାରା ଅଥବା ତ୍ରିମୁଣ୍ଡ-ଧାରୀ ପାଞ୍ଚହଜାର ଦେବତାଙ୍କର ଆରାଧନାଦ୍ୱାରା ଯଦି ବ୍ରହ୍ମବସ୍ତୁ ଉପଲବ୍ଧି କରିବା ସମ୍ଭବ ହୁଏ, ତେବେ ସାନନ୍ଦରେ ସେଗୁଡ଼ିକୁ ଗ୍ରହଣ କରନ୍ତୁ । ଯେଉଁଭାବରେ ହେଲେ ମଧ୍ୟ ଆତ୍ମଜ୍ଞାନ ଲାଭ କରନ୍ତୁ । ଏ ବିଷୟରେ କୌଣସି ସମାଲୋଚନାର ଅଧିକାର କାହାରି ନାହିଁ । ତେଣୁ ଶ୍ରୀକୃଷ୍ଣ କହୁଛନ୍ତି : ଯଦି ତୁମର ସାଧନ-ପଦ୍ଧତି ଉଚ୍ଚତର ଓ ଉନ୍ନତତର ହୁଏ ଏବଂ ଅପରର ପଦ୍ଧତି ଅତି ଖରାପ ବୋଲି ମନେହୁଏ, ତଥାପି ତାହାକୁ ନିନ୍ଦା କରିବାର କୌଣସି ଅଧିକାର ତୁମର ନାହିଁ ।

ଧର୍ମ କେତେଗୁଡ଼ିଏ ଅର୍ଥହୀନ ଶବ୍ଦର ସମଷ୍ଟି ନୁହେଁ, ପରନ୍ତୁ ଧର୍ମକୁ କ୍ରମବିକାଶ ବୋଲି ମନେକରିବାକୁ ହେବ । ଦୁଇ ସହସ୍ର ବର୍ଷ ପୂର୍ବେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କର ଈଶ୍ୱର-ଦର୍ଶନ ହୋଇଥିଲା; ମୁଶା (Moses) ମଧ୍ୟ ଦାବାଗ୍ନି ଭିତରେ ଈଶ୍ୱରଙ୍କୁ ଦେଖିଥିଲେ । ମୁଶା ଈଶ୍ୱରଦର୍ଶନ କରି ଯାହା କରିଛନ୍ତି, ସେଥିରେ କଅଣ ଆପଣମାନଙ୍କର ପରିତ୍ରାଣ ହୋଇଛି ? ଅନ୍ୟର ଈଶ୍ୱରଦର୍ଶନ କଥା ଆପଣମାନଙ୍କୁ ପ୍ରେରଣା ଦେଇ ଈଶ୍ୱରଦର୍ଶନ ପାଇଁ ଉତ୍ସାହିତ କରିପାରେ, ଏତଦ୍‌ବ୍ୟତୀତ ଆଉ ସାମାନ୍ୟ କିଛିଏ ହେଲେ ସାହାଯ୍ୟ କରିପାରିବ ନାହିଁ । ପୂର୍ବବର୍ତ୍ତୀ ମହାପୁରୁଷଗଣଙ୍କ ଦୃଷ୍ଟାନ୍ତଗୁଡ଼ିକର ଏହା ହିଁ ମୂଲ୍ୟ, ଆଉ ବେଶୀ କିଛି ନୁହେଁ । ସାଧନାପଥରେ ଏଗୁଡ଼ିକ ନିର୍ଦ୍ଦେଶକ-ସ୍ତମ୍ଭ ମାତ୍ର । ଜଣେ ଆହାର କଲେ ଯେପରି ଅପରର କ୍ଷୁଧା ଦୂର ହୁଏ ନାହିଁ, ସେହିପରି ଜଣକର ଈଶ୍ୱରଦର୍ଶନ ହେଲେ ଅନ୍ୟର ମୁକ୍ତି ହୁଏ ନାହିଁ । ନିଜକୁ ଈଶ୍ୱରଦର୍ଶନ କରିବାକୁ ହେବ । ଭଗବାନଙ୍କର ଗୋଟିଏ ଦେହରେ ତିନୋଟି ମୁଣ୍ଡ ଅଥବା ଛଅଟି ଦେହରେ ପାଞ୍ଚଟି ମୁଣ୍ଡ—ଏହିପରି ଅର୍ଥହୀନ କଳହରେ ଅଜ୍ଞ ଲୋକେ ପ୍ରବୃତ୍ତ ହୁଅନ୍ତି । ଆପଣ କଅଣ ଈଶ୍ୱରଦର୍ଶନ କରିଛନ୍ତି ? ନା !··· ଏବଂ ଲୋକେ ବିଶ୍ୱାସ କରନ୍ତି ନାହିଁ ଯେ, ସେମାନେ କେବେ ଈଶ୍ୱରଙ୍କୁ ଦର୍ଶନ କରିପାରିବେ । ମର୍ତ୍ତ୍ୟର ମନୁଷ୍ୟ ଆମେମାନେ କି ନିର୍ବୋଧ ! ନିଶ୍ଚୟ—ପାଗଳ ମଧ୍ୟ !

ଭାରତବର୍ଷରେ ଏହି ଐତିହ୍ୟ ଚାଲିଆସିଛି—ଯଦି ଈଶ୍ୱର ଥାଆନ୍ତି, ତେବେ ସେ ଅବଶ୍ୟ ଆପଣଙ୍କର ଈଶ୍ୱର, ମୋର ମଧ୍ୟ ଈଶ୍ୱର । ସୂର୍ଯ୍ୟ କଅଣ କାହାରି ବ୍ୟକ୍ତିଗତ ସମ୍ପତ୍ତି ? ଆପଣମାନେ କହନ୍ତି, 'ସାମ୍ କକା' ସମସ୍ତଙ୍କର ହିଁ କକା । ଯଦି ଈଶ୍ୱର ଥାଆନ୍ତି, ତେବେ ନିଶ୍ଚୟ ଆପଣ ତାଙ୍କୁ ଦେଖିବାକୁ ପାଇବେ, ନଚେତ୍‌ବା ସେପ୍ରକାର ଈଶ୍ୱରଙ୍କର ଚିନ୍ତା କରିବେ ନାହିଁ ।

ପ୍ରତ୍ୟେକେ, ମନେକରନ୍ତି, ତାଙ୍କର ପଥ ହିଁ ଶ୍ରେଷ୍ଠ ପଥ । ଖୁବ୍ ଭଲ । କିନ୍ତୁ ମନେରଖିବେ—ଏହା ଆପଣଙ୍କ ପକ୍ଷରେ ହିଁ ଭଲ ହୋଇପାରେ । ଗୋଟିଏ ଖାଦ୍ୟ—ଯାହା ଜଣକ ପକ୍ଷରେ ଦୁଷ୍ପାଚ୍ୟ, ଅନ୍ୟ ପକ୍ଷରେ ତାହା ସୁପାଚ୍ୟ । ଯେହେତୁ ଏହା ଆପଣଙ୍କ ପକ୍ଷରେ ଭଲ, ଅତଏବ ଆପଣଙ୍କର ପଦ୍ଧତି ହିଁ ପ୍ରତ୍ୟେକଙ୍କର ଅବଲମ୍ବନୀୟ—ସହସା ଏପରି

ସିଦ୍ଧାନ୍ତ କରିବେ ନାହିଁ । ଜ୍ୟାକ୍‌ସ୍ କୋର୍ଟ୍ ସବୁ ସମୟରେ ଜନ୍ ବା ମେରୀର ଦେହକୁ ନ ହୋଇପାରେ । ଯେଉଁମାନଙ୍କର ଶିକ୍ଷା-ଦୀକ୍ଷା ନାହିଁ, ଯେଉଁମାନେ ଚିନ୍ତା କରନ୍ତି ନାହିଁ— ଏପରି ନରନାରୀଙ୍କୁ ଜୋର୍ କରି ଏ ପ୍ରକାରର ଗୋଟିଏ ଧରାବନ୍ଧା ଧର୍ମବିଶ୍ୱାସ ଭିତରେ ପ୍ରବେଶ କରାଇ ଦିଆଯାଏ । ସ୍ୱାଧୀନଭାବରେ ଚିନ୍ତା କରନ୍ତୁ; ବରଂ ନାସ୍ତିକ ବା ଜଡ଼ବାଦୀ ହେବା ଭଲ, ତଥାପି ବୁଦ୍ଧିବୃତ୍ତି ବ୍ୟବହାର କରନ୍ତୁ ! ଏ ବ୍ୟକ୍ତିର ପଦ୍ଧତି ଭୁଲ—ଏକଥା କହିବାର କି ଅଧିକାର ଆପଣଙ୍କର ଅଛି ? ଆପଣଙ୍କ ନିକଟରେ ଏହା ସମ୍ପୂର୍ଣ୍ଣ ଭ୍ରାନ୍ତ ହୋଇପାରେ; କିନ୍ତୁ ଏହାକୁ ନିନ୍ଦା କରିବାର ଅଧିକାର ଆପଣଙ୍କର ନାହିଁ । ଅର୍ଥାତ୍ ଏ ମତ ଅବଲମ୍ବନ କଲେ ଆପଣଙ୍କର ଅବନତି ହେବ; କିନ୍ତୁ ଏକଥା କୁହାଯାଇ ନ ପାରେ ଯେ, ସେ ବ୍ୟକ୍ତି ମଧ୍ୟ ଅବନତ ହେବ । ତେଣୁ ଶ୍ରୀକୃଷ୍ଣଙ୍କର ଉପଦେଶ : ଯଦି ତୁମେ ଜ୍ଞାନୀ ହୋଇଥାଅ, ତେବେ ଜଣକର ଦୁର୍ବଳତା ଦେଖି ତାକୁ ମନ୍ଦ ବୋଲି କହ ନାହିଁ ।

ଯଦି ପାର, ତା' ସ୍ତରକୁ ଓହ୍ଲାଇ ଯାଇ ତାକୁ ସାହାଯ୍ୟ କର । କ୍ରମେ କ୍ରମେ ତାକୁ ଉନ୍ନତ ହେବାକୁ ପଡ଼ିବ । ପାଞ୍ଚଘଣ୍ଟା ଭିତରେ ମୁଁ ହୁଏତ ତା' ମଗଜରେ ପାଞ୍ଚ ଟୋକେଇ ତଥ୍ୟ ପୂରାଇ ଦେଇପାରେ; କିନ୍ତୁ ସେଥିରେ ତାହାର କଅଣ ଭଲ ହେବ ? ପୂର୍ବାପେକ୍ଷା ତାହାର ଅବସ୍ଥା ହୁଏତ ଆହୁରି ଖରାପ ହେବ ।

କର୍ମର ଏହି ବନ୍ଧନ କେଉଁଠାରୁ ଆସେ ? ଆମେମାନେ ଆତ୍ମାକୁ କର୍ମଦ୍ୱାରା ଶୃଙ୍ଖଳିତ କରୁ । ଆମମାନଙ୍କ ଭାରତୀୟ ମତରେ ସତ୍ତାର ଦୁଇଟି ଦିଗ—ଗୋଟିଏ ଦିଗରେ ପ୍ରକୃତି, ଅପର ଦିଗରେ ଆତ୍ମା । ପ୍ରକୃତି କହିଲେ କେବଳ ବହିର୍ଜଗତର ବସ୍ତୁସମୂହକୁ ବୁଝାଏ ନାହିଁ; ଆମମାନଙ୍କର ଶରୀର, ମନ, ବୁଦ୍ଧି—ଏପରିକି 'ଅହଂକାର' ପର୍ଯ୍ୟନ୍ତ ଏହି ପ୍ରକୃତିର ଅନ୍ତର୍ଗତ । ଅନନ୍ତ ଜ୍ୟୋତିର୍ମୟ ଶାଶ୍ୱତ ଆତ୍ମା ଏସବୁର ଊର୍ଦ୍ଧ୍ୱରେ । ଏହି ମତରେ ଆତ୍ମା ପ୍ରକୃତିଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର, ଆତ୍ମା ଚିରକାଳ ଥିଲେ ଏବଂ ଚିରକାଳ ରହିବେ ।··· କୌଣସି ସମୟରେ ମଧ୍ୟ ଆତ୍ମାକୁ ମନବୁଦ୍ଧି ସହିତ ଅଭିନ୍ନ ବୋଲି ଗଣ୍ୟ କରାଯାଏ ନାହିଁ···(ଦେହ ସଙ୍ଗରେ ତ ଦୂରର କଥା) ।

ଏହା ସ୍ୱତଃସିଦ୍ଧ ଯେ, ଆମମାନଙ୍କ ଭୁକ୍ତ ଖାଦ୍ୟ ହିଁ ଚିରକାଳ ମନକୁ ସୃଷ୍ଟି କରୁଛି; ମନ ଜଡ଼ପଦାର୍ଥ । ଆତ୍ମା ସହିତ ଖାଦ୍ୟର କୌଣସି ସମ୍ପର୍କ ନାହିଁ । ଖାଇବା ବା ନ ଖାଇବା, ଚିନ୍ତା କରିବା ବା ନ କରିବା···ସେଥିରେ ଆତ୍ମାର କିଛି ଯାଏ ଆସେ ନାହିଁ । ଆତ୍ମା ଅନନ୍ତ ଜ୍ୟୋତିଃସ୍ୱରୂପ । ଏହି ଜ୍ୟୋତିଃ ଚିରକାଳ ସମଭାବରେ ଥାଏ । ଆଲୋକ ସମ୍ମୁଖରେ ନୀଳ ବା ସବୁଜ—ଯେଉଁ କାଚ ଦେଇ ଦେଖ ନା କାହିଁକି, ସେଥିରେ ଆଲୋକର କିଛି ଯାଏ ଆସେ ନାହିଁ; ମୂଳ ଆଲୋକର ରଙ୍ଗ ଅପରିବର୍ତ୍ତନୀୟ । ମନ ହିଁ ବିଭିନ୍ନ ପରିବର୍ତ୍ତନ ଆଣିଥାଏ—ନାନା ରଙ୍ଗ ଦେଖାଏ । ଆତ୍ମା ଯେତେବେଳେ ଏ ଦେହକୁ ତ୍ୟାଗ କରେ, ସେତେବେଳେ ଏ ସମସ୍ତ ଖଣ୍ଡ ଖଣ୍ଡ ହୋଇଯାଏ ।

ପ୍ରକୃତିର ମଧ୍ୟ ପ୍ରକୃତ ସ୍ୱରୂପ ଆତ୍ମା । ସତ୍‌ସ୍ୱରୂପ ଆତ୍ମା ହିଁ ଜୀବାତ୍ମା ରୂପରେ (ଆମମାନଙ୍କ ଦେହ-ମନ ଭିତର ଦେଇ) ଚଳବୁଲ କରେ, କଥା କହେ ଏବଂ ସବୁକିଛି

କର୍ମ କରେ । ଜୀବାତ୍ମାର ଶକ୍ତି ମନ-ବୁଦ୍ଧି ଏବଂ ପ୍ରାଣ ହିଁ ଜଡ଼ଦ୍ୱାରା ବିଭିନ୍ନ ଭାବରେ ପ୍ରଭାବିତ ହେଉଛି । ଯଦ୍ୟପି ଚେତନ ଆତ୍ମା ଆମମାନଙ୍କର ଚିନ୍ତା, ଶାରୀରିକ କର୍ମ ଓ ଅନ୍ୟ ସମସ୍ତର କାରଣ, ଯଦ୍ୟପି ଆତ୍ମାର ଜ୍ୟୋତିଃ ସର୍ବତ୍ର ପ୍ରତିଫଳିତ, ତଥାପି ଭଲ-ମନ୍ଦ, ସୁଖ-ଦୁଃଖ, ଶୀତ-ଉଷ୍ଣ ପ୍ରଭୃତି ପ୍ରକୃତିଗତ ଯାବତୀୟ ଦ୍ୱନ୍ଦ୍ୱ ଓ ଦ୍ୱୈତଭାବ ଆତ୍ମାକୁ ସ୍ପର୍ଶ କରେ ନାହିଁ ।

‘ହେ ଅର୍ଜୁନ, ଏହିସବୁ କ୍ରିୟା ପ୍ରକୃତିର ଅନ୍ତର୍ଗତ । ଆମମାନଙ୍କ ଦେହ-ମନ ମଧ୍ୟରେ ପ୍ରକୃତି ତାହାର ନିୟମାନୁସାରେ କାର୍ଯ୍ୟ କରିଚାଲିଛି । ଆମେମାନେ ପ୍ରକୃତି ସହିତ ନିଜକୁ ଅଭିନ୍ନ ମନେକରି କହୁଛୁଁ —ମୁଁ ଏହି ସକଳ କର୍ମର କର୍ତ୍ତା । ଏହି ଭାବରେ ଆମେମାନେ ଭ୍ରାନ୍ତି କବଳରେ ପଡ଼ିଥାଉଁ ।’[୧]

କୌଣସି ନା କୌଣସି କିଛିର ବାଧ୍ୟ ହୋଇ ଆମେମାନେ କର୍ମ କରିଥାଉ ! କ୍ଷୁଧା ବାଧ୍ୟ କରେ, ତେଣୁ ମୁଁ ଖାଏ । ଦୁଃଖଭୋଗ ସ୍ୱାନତର ଦାସତ୍ୱ । ପ୍ରକୃତ ‘ମୁଁ’ (ଆତ୍ମା) ଚିରନ୍ତନ ମୁକ୍ତ । କିଏ ତାହାକୁ କର୍ମରେ ବାଧ୍ୟ କରିପାରିବ ? କାରଣ ସୁଖ-ଦୁଃଖର ଭୋକ୍ତା ତ ପ୍ରକୃତିର ଅନ୍ତର୍ଗତ । ଯେତେବେଳେ ଆମେମାନେ ଦେହ ସହିତ ନିଜକୁ ଅଭିନ୍ନ ବୋଲି ଭାବୁ, ସେତେବେଳେ ହିଁ କହିଥାଉ, ‘ମୁଁ ଅମୁକ, ମୁଁ ଏହି ଦୁଃଖଭୋଗ କରୁଛି ।’ ଏହିପରି ସେତେ-ସବୁ ବାଜେ କଥା । କିନ୍ତୁ ଯେ ସତ୍ୟକୁ ଜାଣିଛନ୍ତି, ସେ ନିଜକୁ ସବୁ କିଛିରୁ ପୃଥକ୍ କରି ରଖନ୍ତି । ତାଙ୍କ ଦେହ କଅଣ କରେ ବା ମନ କଅଣ ଭାବେ, ତାହା ସେ ଗ୍ରାହ୍ୟ କରନ୍ତି ନାହିଁ । କିନ୍ତୁ ମାନବ-ସମାଜର ଗୋଟିଏ ବିରାଟ ଅଂଶ ଭ୍ରାନ୍ତିର ବଶୀଭୂତ; ଯେତେବେଳେ ସେମାନେ କୌଣସି ଭଲ କାର୍ଯ୍ୟ କରନ୍ତି, ସେତେବେଳେ ନିଜକୁ ଏହାର କର୍ତ୍ତା ବୋଲି ମନେକରିଥାଆନ୍ତି; ସେମାନେ ଏବେ ମଧ୍ୟ ଉଚ୍ଚ ଦାର୍ଶନିକ ତତ୍ତ୍ୱ ବୁଝିପାରନ୍ତି ନାହିଁ; ସେମାନଙ୍କର ବିଶ୍ୱାସ ବିଚଳିତ କର ନାହିଁ । ମନ୍ଦକୁ ଛାଡ଼ି ସେମାନେ ଭଲ କାମ କରୁଛନ୍ତି; ଖୁବ୍ ଭଲ, ତାହା ହିଁ କରନ୍ତୁ !··· ସେମାନେ କଲ୍ୟାଣକର୍ମୀ । କ୍ରମଶଃ ସେମାନେ ବୁଝିବେ, ଏହା ଅପେକ୍ଷା ଆହୁରି ମଧ୍ୟ ଗୌରବ ଅଛି । ସେମାନେ ସାକ୍ଷୀ ମାତ୍ର—କାର୍ଯ୍ୟ ସ୍ୱତଃ ହିଁ ହୋଇଯାଏ, କ୍ରମଶଃ ସେମାନେ ବୁଝିବେ । ଯେତେବେଳେ ଅସତ୍‌କର୍ମ ଏକାବେଳକେ ତ୍ୟାଗ କରି କେବଳ ସତ୍‌କର୍ମ କରିବେ, ସେତେବେଳେ ସେମାନେ ବୁଝିବାକୁ ଆରମ୍ଭ କରିବେ ଯେ, ସେମାନେ ପ୍ରକୃତିର ଊର୍ଦ୍ଧ୍ୱରେ—ସେମାନେ କର୍ତ୍ତା ନୁହନ୍ତି, ସେମାନେ କର୍ମଠାରୁ ପୃଥକ୍, ସେମାନେ ସାକ୍ଷୀ ମାତ୍ର । ସେମାନେ କେବଳ ଛିଡ଼ା ହୋଇ ଦେଖନ୍ତି । ପ୍ରକୃତିରୁ ବିଶ୍ୱସଂସାର ଉତ୍ପନ୍ନ ହୋଇଛି ।··· ସେମାନେ ଏସବୁଥିରୁ ଉପରତ । ‘ହେ ସୌମ୍ୟ, ସୃଷ୍ଟିପୂର୍ବରୁ ଏକମାତ୍ର ସତ୍‌ସ୍ୱରୂପ ହିଁ ଥିଲେ, ଆଉ କିଛି ନ ଥିଲା । ସେହି ସତ୍ ଈକ୍ଷଣ କଲେ ଏବଂ ଜଗତର ସୃଷ୍ଟି ହେଲା ।’[୨] ‘ଜ୍ଞାନୀ ମଧ୍ୟ ପ୍ରକୃତିଦ୍ୱାରା ଚାଳିତ ହୋଇ କାର୍ଯ୍ୟ କରନ୍ତି । ପ୍ରତ୍ୟେକେ ପ୍ରକୃତି ଅନୁଯାୟୀ କାର୍ଯ୍ୟ କରନ୍ତି । କେହି ପ୍ରକୃତିକୁ ଅତିକ୍ରମ କରିପାରିବେ ନାହିଁ ।’[୩] ଅଣୁ ମଧ୍ୟ

[୧] ଗୀତା, ୩।୨୭
[୨] ଛାନ୍ଦୋଗ୍ୟ ଉପ., ୬।୨।୨-୩
[୩] ଗୀତା, ୩।୩୩

ପ୍ରକୃତିର ନିୟମକୁ ଲଙ୍ଘନ କରିପାରେ ନାହିଁ । କି ଅନ୍ତର୍ଜଗତରେ କି ବହିର୍ଜଗତରେ ଅଣୁକୁ ମଧ୍ୟ ନିୟମ ମାନିବାକୁ ହିଁ ପଡ଼ିବ । 'ବାହାରର ସଂଯମରେ କଅଣ ହେବ ?'

ଜୀବନରେ କୌଣସି କିଛିର ମୂଲ୍ୟ କାହାଦ୍ୱାରା ନିର୍ଣ୍ଣିତ ହୁଏ ? ଭୋଗସୁଖ ବା ଧନସମ୍ପଦଦ୍ୱାରା ନୁହେଁ । ସବୁ ଜିନିଷ ବିଶ୍ଳେଷଣ କରନ୍ତୁ । ଦେଖିବେ, ଆମମାନଙ୍କର ଶିକ୍ଷା ପାଇଁ ଅଭିଜ୍ଞତା ଛଡ଼ା କୌଣସି କିଛିର ମୂଲ୍ୟ ନାହିଁ । ଅନେକ ସମୟରେ ଭୋଗସୁଖ ଅପେକ୍ଷା ଦୁଃଖକଷ୍ଟ ହିଁ ଆମମାନଙ୍କୁ ଆହୁରି ଭଲ ଅଭିଜ୍ଞତା ଦେଇଥାଏ । ଅନେକ ସମୟରେ ସୁଖାସ୍ୱାଦ ଅପେକ୍ଷା ଆଘାତଗୁଡ଼ିକ ହିଁ ଆମମାନଙ୍କ ଜୀବନରେ ମହତ୍ତର ଶିକ୍ଷା ଦେଇଥାଏ । ଦୁର୍ଭିକ୍ଷର ମଧ୍ୟ ଗୋଟିଏ ମୂଲ୍ୟ ଅଛି ।

ଶ୍ରୀକୃଷ୍ଣଙ୍କ ମତରେ ଆମେମାନେ ଏକାବେଳକେ ସଦ୍ୟୋଜାତ ନୂତନ ଜୀବ ନୋହୁଁ । ଆମମାନଙ୍କ ସତ୍ତା ପୂର୍ବେ ମଧ୍ୟ ଥିଲା । ଆମମାନଙ୍କର ମନଃ-ବୃତ୍ତି ମଧ୍ୟ ସମ୍ପୂର୍ଣ୍ଣ ନୂତନ ନୁହେଁ । ଆଧୁନିକ ବିଜ୍ଞାନ କହେ ଯେ, ପ୍ରତ୍ୟେକ ଶିଶୁ—କେବଳ ଅତୀତ ମାନବ-ଜୀବନର ଅଭିଜ୍ଞତା ନୁହେଁ, ତାହାର ପୂର୍ବବର୍ତ୍ତୀ ଉଦ୍ଭିଦଜୀବନର ଅଭିଜ୍ଞତା ଏବଂ ସ୍ମୃତିକୁ ମଧ୍ୟ ସାଙ୍ଗରେ ଧରି ଆସେ । ତାହାର ସଂସ୍କାରରେ ଅତୀତ ଅଧ୍ୟାୟଗୁଡ଼ିକ ସମସ୍ତ ରହିଛି—ବର୍ତ୍ତମାନ ଅଧ୍ୟାୟ ବି ଅଛି, ଆଉ ଅଛି ସମ୍ମୁଖ ଭବିଷ୍ୟତର ଅନେକଗୁଡ଼ିଏ ଅଧ୍ୟାୟ । ପ୍ରତ୍ୟେକର ଜୀବନପଥ ପୂର୍ବରୁ ହିଁ ପରିକଳ୍ପିତ, ମାନଚିତ୍ରରେ ଅଙ୍କିତ ହୋଇ ରହିଛି । ଏହି ଅନ୍ଧକାର ସତ୍ତ୍ୱେ କୌଣସି ଘଟଣା ବା ଅବସ୍ଥାର ଉଦ୍ଭବ କାରଣ ବ୍ୟତୀତ ହୋଇ ନ ପାରେ ।··· ଅଜ୍ଞାନ ହିଁ ଏହାର କାରଣ । କାର୍ଯ୍ୟ-କାରଣର ଅନ୍ତହୀନ ଶୃଙ୍ଖଳାରେ ଗୋଟିକ ପରେ ଗୋଟିଏ ଶିକୁଳି ବନ୍ଧା ରହିଛି । ବିଶ୍ୱବ୍ରହ୍ମାଣ୍ଡ ଏହିପରି ଶୃଙ୍ଖଳାରେ ଆବଦ୍ଧ । କାର୍ଯ୍ୟ ଓ କାରଣର ବିଶ୍ୱବ୍ୟାପୀ ଏହି ଶୃଙ୍ଖଳାର ଗୋଟିଏ ଶିକୁଳି ଆପଣ ଧରିଛନ୍ତି, ମୁଁ ଆଉ ଗୋଟିଏ ଧରିଛି । ଏହି ଶୃଙ୍ଖଳାର ସେହି ସେହି ଅଂଶଟିକ ଆମମାନଙ୍କର ନିଜସ୍ୱ ପ୍ରକୃତି ।

ବର୍ତ୍ତମାନ ଶ୍ରୀକୃଷ୍ଣ କହୁଛନ୍ତି : ନିଜର ପ୍ରକୃତିଗତ ପଥରେ ଚାଲୁ ଚାଲୁ ମରିବା ବରଂ ଭଲ । ଅପରର ପଥ ଅବଲମ୍ବନ କରିବା ପାଇଁ ଚେଷ୍ଟା କର ନାହିଁ ।* ଏହା ମୋର ନିଜ ପଥ ଏବଂ ସେଥିରେ ହିଁ ମୁଁ ଚାଲିଛି । ଆପଣ ଉପରେ ଥିବା ପଥରେ ଚାଲୁଛନ୍ତି । ନିଜ ପଥ ଛାଡ଼ି ମୁଁ ସେ ପଥରେ ଯିବା ପାଇଁ ସର୍ବଦା ପ୍ରଲୁବ୍ଧ ହେଉଛି ଏବଂ ଭାବୁଛି, ଆପଣଙ୍କର ସହଯାତ୍ରୀ ହେବି । ଯଦି ମୁଁ ସେଠାକୁ ଯାଏ, ତେବେ ମୁଁ 'ଇତୋ ନଷ୍ଟସ୍ତତୋ ଭ୍ରଷ୍ଟଃ' ହେବି । ଏ ସମ୍ବନ୍ଧରେ ଆମମାନଙ୍କୁ ସଚେତନ ହେବାକୁ ପଡ଼ିବ । ଏସବୁ ହିଁ କ୍ରମୋନ୍ନତିର କଥା । ଉନ୍ନତିର ପଥ ଧୀର ମନ୍ଥର । ଅପେକ୍ଷା କରନ୍ତୁ, ସବୁ ପାଇବେ; ନଚେତ୍ ବା ପରର ପନ୍ଥା ଅବଲମ୍ବନ କଲେ ଆଧ୍ୟାତ୍ମିକ ଜୀବନରେ ବିପଦ ଦେଖାଦେବ । ଧର୍ମ ଶିକ୍ଷା ଦେବାର ଏହା ହିଁ ମୌଳିକ ରହସ୍ୟ ।

ମନୁଷ୍ୟର ପରିତ୍ରାଣ କହିଲେ ଆପଣମାନେ କଅଣ ବୁଝନ୍ତି ? ସମସ୍ତଙ୍କୁ କଅଣ ଗୋଟିଏ ଧର୍ମମତରେ ବିଶ୍ୱାସ କରିବାକୁ ହେବ ? ତାହା କେବେହେଲେ ନୁହେଁ । ଅବଶ୍ୟ

* ଗୀତା, ୩।୩୫

ଏପରି କେତେଗୁଡ଼ିଏ ଉପଦେଶ ବା ଆଦର୍ଶ ଅଛି, ଯେଉଁଗୁଡ଼ିକ ସମଗ୍ର ମାନବସମାଜ ପକ୍ଷରେ ପ୍ରଯୋଜ୍ୟ । ଯଥାର୍ଥ ଆଚାର୍ଯ୍ୟ ଆପଣଙ୍କର ପ୍ରକୃତି ଏବଂ କେଉଁ ପଥ ଆପଣଙ୍କ ପକ୍ଷରେ ଶ୍ରେଷ୍ଠ, ତାହା କହିଦେଇପାରନ୍ତି । ଆପଣ ହୁଏତ ନିଜର ପ୍ରକୃତ ସ୍ୱରୂପ ଜାଣନ୍ତି ନାହିଁ; ଆପଣମାନେ ନିଜକୁ ଯେଉଁ ସାଧନପଥର ଅଧିକାରୀ ବୋଲି ଭାବୁଛନ୍ତି, ତାହା ଭୁଲ ମଧ୍ୟ ହୋଇପାରେ । ଏ ବିଷୟରେ ବର୍ତ୍ତମାନ ସୁଦ୍ଧା ଆପଣଙ୍କର ଚେତନା ବିକଶିତ ହୋଇ ନାହିଁ । କିନ୍ତୁ ପ୍ରକୃତ ଆଚାର୍ଯ୍ୟଙ୍କୁ ତାହା ଜାଣିବାକୁ ହେବ । ଆପଣଙ୍କୁ ଥରେ ମାତ୍ର ଦେଖି ସେ ବୁଝିପାରିବେ, ଆପଣ କେଉଁ ପଥର ଅଧିକାରୀ ଏବଂ ସେ ଆପଣଙ୍କୁ ସେହି ବାଟ ଧରାଇଦେବେ । ଅନ୍ଧକାରରେ ପଥ ଖୋଜି ଏପାଖ ସେପାଖ ନାନାପ୍ରକାର ଚେଷ୍ଟା କଲେ ମଧ୍ୟ ଆମେମାନେ ଟିକିଏ ହେଲେ ଅଗ୍ରସର ହୋଇପାରୁ ନାହିଁ । ତାହାପରେ ଯଥାସମୟରେ ସଦ୍‌ଗୁରୁଙ୍କ ଜୀବନ-ପ୍ରବାହରେ ପଡ଼ି ଆମେମାନେ ଦ୍ରୁତଗତିରେ ଅଗ୍ରସର ହୋଇଥାଉ । ଏହା ହିଁ ଈଶ୍ୱର-କୃପାର ନିଦର୍ଶନ ଯେ, ଅନୁକୂଳ ସ୍ରୋତ ପାଇବାର ଶୁଭ ମୁହୂର୍ତ୍ତରେ ଆମେମାନେ ଭାସିଥାଉ । ତାହାପରେ ଆଉ ସଂଗ୍ରାମ ନାହିଁ । ସେହି ବାଟ ଖୋଜି ବାହାର କରିବାକୁ ହେବ । ସେହି ବାଟ ତ୍ୟାଗ କରି ଅନ୍ୟ ପଥ ଅବଲମ୍ବନ କରିବା ଅପେକ୍ଷା ବରଂ ସେହି ବାଟରେ (ଚାଲୁ ଚାଲୁ) ମରିବାକୁ ହେବ ।

କିନ୍ତୁ ସାଧାରଣତଃ କ'ଣ ହୋଇଥାଏ ? ଆମେମାନେ ଗୋଟିଏ ଧର୍ମସମ୍ପ୍ରଦାୟ ପ୍ରତିଷ୍ଠା କରି କେତେଗୁଡ଼ିଏ ଧରାବନ୍ଧା ମତ ସ୍ଥାପନ କରିଥାଉ; ମନୁଷ୍ୟର ପ୍ରକୃତ ଲକ୍ଷ୍ୟ ଭୁଲିଯାଉଁ । ସମସ୍ତଙ୍କୁ ଗୋଟିଏ ପ୍ରକୃତିର ମନେକରି ସେହିପରି ବ୍ୟବହାର କରିଥାଉ । କିନ୍ତୁ ଦୁଇଜଣ ମନୁଷ୍ୟଙ୍କର କଦାପି ଏକ ପ୍ରକାର ଦେହ, ଏକ ପ୍ରକାର ମନ ହୁଏ ନାହିଁ ।··· ଦୁଇ ଜଣ ବ୍ୟକ୍ତିଙ୍କର ଧର୍ମ ବା ସାଧନାପଥ କଦାପି ଏକ ହୋଇପାରିବ ନାହିଁ । ଯଦି ଧର୍ମପଥରେ ଅଗ୍ରସର ହେବାକୁ ଇଚ୍ଛା କରନ୍ତି, ତେବେ କୌଣସି ସଂଗଠିତ ଧର୍ମ (organised religion)ର ଦ୍ୱାରସ୍ଥ ହେବେ ନାହିଁ । ସେଗୁଡ଼ିକଦ୍ୱାରା ଭଲ ଅପେକ୍ଷା ଶତଗୁଣ ମନ୍ଦ ହିଁ ହୋଇଥାଏ; କାରଣ ସେଥିରେ ବ୍ୟକ୍ତିଗତ ଉନ୍ନତି ରୁଦ୍ଧ ହୋଇଯାଏ । ମନୋଯୋଗ ସହିତ ସବୁ କିଛି ଦେଖନ୍ତୁ, କିନ୍ତୁ ନିଜ ପଥରେ ନିଷ୍ଠା ରଖନ୍ତୁ । ଯଦି ମୋ ପରାମର୍ଶ ଶୁଣନ୍ତି, ତେବେ କୌଣସି ଫାନ୍ଦରେ ଗୋଡ଼ ଦେବେ ନାହିଁ । ଯେତେବେଳେ କୌଣସି ସମ୍ପ୍ରଦାୟ ସେମାନଙ୍କର ଫାଶ ପିନ୍ଧାଇବା ପାଇଁ ଚେଷ୍ଟା କରିବେ, ସେତେବେଳେ ନିଜକୁ ସେଥିରୁ ମୁକ୍ତ କରି ଅନ୍ୟତ୍ର ଚାଲିଯାଆନ୍ତୁ । ଯେପରି ମଧୁକର ବହୁ ଫୁଲରୁ ମଧୁ ସଂଗ୍ରହ କରିଥାଏ, ଅଥଚ କୌଣସି ଫୁଲରେ ଆବଦ୍ଧ ହୁଏ ନାହିଁ, ସେହି ଭଳିରେ ସଂଗଠିତ ଧର୍ମରେ ପ୍ରବେଶ କରନ୍ତୁ, କିନ୍ତୁ ଆବଦ୍ଧ ହୁଅନ୍ତୁ ନାହିଁ । ଧର୍ମ ଆପଣଙ୍କୁ ଓ ଆପଣଙ୍କ ଈଶ୍ୱରଙ୍କୁ ନେଇ; କୌଣସି ତୃତୀୟ ବ୍ୟକ୍ତି ଆପଣଙ୍କର ଉଭୟଙ୍କ ଭିତରକୁ ଆସିବେ ନାହିଁ । ଥରେ ଭାବି ଦେଖନ୍ତୁ—ଏହି ସଂଗଠିତ ଧର୍ମଗୁଡ଼ିକ କ'ଣ କରିଛନ୍ତି ! କେଉଁ ନେପୋଲିୟନଙ୍କର ଅତ୍ୟାଚାର ଏସବୁ ଧର୍ମୀୟ ନିର୍ଯ୍ୟାତନ ଅପେକ୍ଷା ଅଧିକ ଭୟଙ୍କର ଥିଲା ? ଯଦି ଆମେମାନେ ସଂଘବଦ୍ଧ ହେଉ, ସାଙ୍ଗେ ସାଙ୍ଗେ ଅପରକୁ ଘୃଣା କରିବାକୁ ଆରମ୍ଭ କରୁ । ଜଣକୁ ଭଲ ପାଇବାର ଅର୍ଥ ଯଦି ଅନ୍ୟକୁ ଘୃଣା

କରିବା ବୁଝାଏ, ତା' ଅପେକ୍ଷା ବରଂ ଭଲ ନ ପାଇବା ହିଁ ଭଲ । ଏହା ଭଲ ପାଇବା ନୁହେଁ—ନରକ ! ଯଦି ନିଜ ଲୋକଙ୍କୁ ଭଲ ପାଇବା ଅର୍ଥ ଅନ୍ୟ ସମସ୍ତଙ୍କୁ ଘୃଣା କରିବା, ତେବେ ତାହା ନିଛକ ସ୍ୱାର୍ଥପରତା ଓ ପଶୁତ୍ୱ; ଏହା ଫଳରେ ପଶୁରେ ପରିଣତ ହେବାକୁ ପଡ଼ିବ । ଅତଏବ ଅପରର ଧର୍ମ ଯେତେ ବଡ଼ ବୋଲି ମନେହେଉନା କାହିଁକି, ତାହା ଅବଲମ୍ବନ କରିବା ଅପେକ୍ଷା ନିଜର (ଗୃହଗତ) ଧର୍ମ ପାଳନ କରି ମରିବା ହିଁ ଶ୍ରେୟଃ ।[୧]

'ଅର୍ଜୁନ ! ସାବଧାନ, କାମ ଓ କ୍ରୋଧ ମନୁଷ୍ୟର ପରମ ଶତ୍ରୁ । ଏମାନଙ୍କୁ ସଂଯତ କରିବାକୁ ହେବ । ଏମାନେ ଜ୍ଞାନୀବ୍ୟକ୍ତିମାନଙ୍କର ବିବେକକୁ ମଧ୍ୟ ଅଚ୍ଛନ୍ନ କରିପକାନ୍ତି । ଏହି କାମର ଅନଳ ଦୁଷ୍ପୂରଣୀୟ । ଇନ୍ଦ୍ରିୟସମୂହରେ ଏବଂ ମନରେ କାମର ଅଧିଷ୍ଠାନ । ଆତ୍ମା କିଛି ହେଲେ କାମନା କରେ ନାହିଁ ।'[୨]

'ପୂର୍ବକାଳରେ ଏହି ଯୋଗ ମୁଁ ସୂର୍ଯ୍ୟଙ୍କୁ ଶିଖାଇଥିଲି । ସୂର୍ଯ୍ୟ ତାହା (ରାଜର୍ଷି) ମନୁଙ୍କୁ ଶିକ୍ଷା ଦେଇଥିଲେ ।··· ଏହି ଭାବରେ ଯୋଗର ଜ୍ଞାନ ଜଣେ ରାଜାଙ୍କଠାରୁ ଅନ୍ୟ ରାଜାଙ୍କ ପାଖକୁ ପରମ୍ପରାକ୍ରମେ ଚାଲିଆସିଛି; କିନ୍ତୁ କାଳକ୍ରମେ ଯୋଗର ମହତ୍ତ୍ୱ ଶିକ୍ଷା ନଷ୍ଟ ହୋଇଯାଏ । ତେଣୁ ଆଜି ମୁଁ ପୁଣି ତୁମ ନିକଟରେ ତାହା କହୁଛି ।'

ସେତେବେଳେ ଅର୍ଜୁନ କହିଲେ, 'ଆପଣ ଏପରି କହୁଛନ୍ତି କିପରି ? ଆପଣ ତ ମାତ୍ର ସେହିଦିନ ଜନ୍ମିଛନ୍ତି ଏବଂ (ସୂର୍ଯ୍ୟ ତ ଆପଣଙ୍କର ବହୁ ପୂର୍ବରୁ ଜନ୍ମିଛନ୍ତି)—ଆପଣ ସୂର୍ଯ୍ୟଙ୍କୁ ଏ ଯୋଗ ଶିଖାଇଛନ୍ତି, ତାହା କିପରି ସମ୍ଭବ ?'[୩]

ଉତ୍ତରରେ ଶ୍ରୀକୃଷ୍ଣ କହୁଛନ୍ତି : ହେ ଅର୍ଜୁନ, ମୋର ଓ ତୁମର ବହୁ ଜନ୍ମ ଅତୀତ ହୋଇଛି; ତୁମେ ସେଗୁଡ଼ିକ ସମ୍ବନ୍ଧରେ ସଚେତନ ନୁହଁ । ମୁଁ ଅନାଦି ଜନ୍ମରହିତ ସର୍ବଭୂତର ଅଧୀଶ୍ୱର । ନିଜ ପ୍ରକୃତି ସହାୟତାରେ ମୁଁ ଦେହଧାରଣ କରିଥାଏ । ଯେତେବେଳେ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ ହୁଏ, ସେତେବେଳେ ମୁଁ ମନୁଷ୍ୟକୁ ସାହାଯ୍ୟ କରିବା ପାଇଁ ଆବିର୍ଭୂତ ହୋଇଥାଏ । ସାଧୁମାନଙ୍କର ପରିତ୍ରାଣ, ଦୁଷ୍କୃତର ବିନାଶ ଏବଂ ଧର୍ମସଂସ୍ଥାପନ ପାଇଁ ମୁଁ ଯୁଗେ ଯୁଗେ ଅବତୀର୍ଣ୍ଣ ହୁଏ । ଯେ ଯେଉଁ ଭାବରେ ମୋତେ ପାଇବାକୁ ଚାହେଁ, ସେହି ଭାବରେ ମୁଁ ତାହା ନିକଟକୁ ଯାଇଥାଏ । କିନ୍ତୁ ହେ ପାର୍ଥ ! ଜାଣିରଖ, କେହି ମଧ୍ୟ ମୋ ପଥରୁ କେବେ ହେଁ ବିଚ୍ୟୁତ ହୋଇପାରେ ନାହିଁ ।[୪]

କେହି କେବେ ବିଚ୍ୟୁତ ହୋଇ ନାହିଁ । ଆମେମାନେ ବା କିପରି ହେବୁ ? କେହି ହେଲେ ଭଗବାନଙ୍କ ପଥରୁ ବିଚ୍ୟୁତ ହୁଅନ୍ତି ନାହିଁ ।

···ସବୁ ସମାଜ ହିଁ ସ୍ଥାପନ କରାଯାଇଥିବା ଗୋଟିଏ ଲେଖାଏଁ ସାଧାରଣ ନିୟମ ଉପରେ ପ୍ରତିଷ୍ଠିତ । ତ୍ରୁଟିହୀନ ସାଧାରଣୀକରଣ ଉପରେ ହିଁ (ଯଥାର୍ଥ) ନିୟମ ଗଠିତ

---

୧ ଗୀତା, ୩।୩୫
୨ ଗୀତା, ୩।୩୭-୪୦
୩ ଗୀତା, ୪।୧-୪
୪ ଗୀତା, ୪।୫-୮, ୧୧

ହୋଇପାରେ । ପ୍ରାଚୀନ ପ୍ରବାଦ କ'ଣ ? ପ୍ରତ୍ୟେକ ନିୟମର ବ୍ୟତିକ୍ରମ ଅଛି ।…ଯଦି ଏହା ସତରେ ନିୟମ ହୋଇଥାଏ, ତେବେ ତାହା ଲଙ୍ଘନ କରାଯାଇ ପାରିବ ନାହିଁ । କେହି ଏହାକୁ ଲଙ୍ଘନ କରି ନ ପାରେ । 'ଆପେଲ୍' କ'ଣ ମାଧ୍ୟାକର୍ଷଣର ବିଧି କେବେହେଲେ ଲଙ୍ଘନ କରେ ? ନିୟମ ଲଙ୍ଘିତ ହେଲେ ବିଶ୍ୱବ୍ରହ୍ମାଣ୍ଡର ଅସ୍ତିତ୍ୱ ଆଉ ରହିବ ନାହିଁ । ଗୋଟିଏ ସମୟ ଆସିବ, ଯେତେବେଳେ ଆପଣ ମଧ୍ୟ ନିୟମ ଲଙ୍ଘନ କରିବେ ଏବଂ ସେହି ମୁହୂର୍ତ୍ତରେ ଆପଣଙ୍କର ଚେତନା ମନ ଓ ଦେହ ବିଲୀନ ହୋଇଯିବ ।

ଜଣେ ଲୋକ ଚୋରି କରୁଛି; ସେ କାହିଁକି ଚୋରି କରେ ? ଆପଣମାନେ ତାକୁ ଶାସ୍ତି ଦିଅନ୍ତି । କାହିଁକି ? ଆପଣମାନେ ତାହାର କର୍ମ-ଶକ୍ତିକୁ କ'ଣ କୌଣସି କାର୍ଯ୍ୟରେ ଲଗାଇପାରନ୍ତି ନାହିଁ ?… ଆପଣମାନେ କହନ୍ତି, ସେ ପାପୀ । ଅନେକେ ମଧ୍ୟ କହିବେ, ସେ ଆଇନ ଲଙ୍ଘନ କରିଛି । ବିଶାଳ ମାନବଗୋଷ୍ଠୀକୁ ବଳପୂର୍ବକ (ବୈଚିତ୍ର୍ୟହୀନ) ଗୋଟିଏ ମାତ୍ର ସମାଜର ଅନ୍ତର୍ଭୁକ୍ତ କରାଯାଇଛି । ସେଥିପାଇଁ ଏତେ ସବୁ ଦୁଃଖଯନ୍ତ୍ରଣା, ପାପ ଓ ଦୁର୍ବଳତା ।… ପୃଥିବୀକୁ ଯେତେ ପରିମାଣରେ ଖରାପ ବୋଲି ମନେକରାହୁଏ, ପୃଥିବୀ କିନ୍ତୁ ସେତେ ପରିମାଣରେ ଖରାପ ନୁହେଁ । ମୂର୍ଖ ଆମେମାନେ ପୃଥିବୀକୁ ଏତେ ଦୂର ଖରାପ କରିଛୁ । ଆମେମାନେ ନିଜେ ହିଁ ଭୂତ-ପ୍ରେତ ଦୈତ୍ୟଦାନବ ସୃଷ୍ଟି କରିଥାଉ ଏବଂ ପରେ ସେମାନଙ୍କ ହାତରୁ ଅବ୍ୟାହତି ପାଉ ନାହିଁ । ଆମେମାନେ ନିଜ ଆଖିକୁ ଘୋଡ଼ାଇ ଚିତ୍କାର କରୁ, 'କେହି ଆସି ଆମମାନଙ୍କୁ ଆଲୁଅ ଦେଖାନ୍ତୁ ।'—ନିର୍ବୋଧ ! ଆଖିରୁ ହାତ କାଢ଼ିନିଅ । ତାହାହେଲେ ସବୁ ଠିକ୍ ହୋଇଯିବ । ଆମମାନଙ୍କୁ ରକ୍ଷା କରିବା ପାଇଁ ଆମେମାନେ ଦେବତାମାନଙ୍କୁ ଆହ୍ୱାନ କରୁ, କେହିହେଲେ ନିଜ ଉପରେ ଦୋଷାରୋପ କରୁ ନାହିଁ । ବାସ୍ତବିକ, ଏହା ହିଁ ଦୁଃଖର ବିଷୟ । ସମାଜରେ ଏତେ ମନ୍ଦ କାହିଁକି ? ମନ୍ଦ କାହାକୁ କହନ୍ତି ?—ଦେହସୁଖ ଓ ସଇତାନି ଭାବ ! ମନ୍ଦକୁ ପ୍ରାଧାନ୍ୟ ଦିଅ କାହିଁକି ? ମନ୍ଦଗୁଡ଼ାକୁ ଏତେ ବଡ଼ କରି ଦେଖିବା ପାଇଁ ତ କେହି କହି ନାହାନ୍ତି । 'ହେ ଅର୍ଜୁନ, ମୋ ପଥରୁ କେହି ଘୁଞ୍ଚିଯାଇ ପାରିବେ ନାହିଁ ।'* ଆମେମାନେ ନିର୍ବୋଧ, ଆମମାନଙ୍କ ପଥ ମଧ୍ୟ ନିର୍ବୋଧର ପଥ । ଏସବୁ ମାୟା ଭିତର ଦେଇ ଆମମାନଙ୍କୁ ଅଗ୍ରସର ହେବାକୁ ପଡ଼ିବ । ଭଗବାନ୍ ସ୍ୱର୍ଗ ସୃଷ୍ଟି କରିଛନ୍ତି, ମନୁଷ୍ୟ ନିଜ ପାଇଁ ନରକ ସୃଷ୍ଟି କରିଛି ।

'କୌଣସି କର୍ମ ମୋତେ ସ୍ପର୍ଶ କରିପାରେ ନାହିଁ । କର୍ମଫଳରେ ମୋର ସ୍ପୃହା ନାହିଁ । ଯେ କେହି ମୋତେ ଏହି ଭାବରେ ଜାଣନ୍ତି, ସେ କର୍ମକୌଶଳ ଜାଣନ୍ତି ଏବଂ କର୍ମଦ୍ୱାରା କେବେହେଲେ ଆବଦ୍ଧ ହୁଅନ୍ତି ନାହିଁ । ପ୍ରାଚୀନ ଋଷିଗଣ ଏହି ତତ୍ତ୍ୱ ଜାଣି ନିର୍ବିଘ୍ନରେ ନିଜକୁ କର୍ମରେ ନିଯୁକ୍ତ କରୁଥିଲେ । ହେ ଅର୍ଜୁନ, ତୁମେ ମଧ୍ୟ ସେହି ଭାବରେ କର୍ମ କର ।'**

'ଯେ ପ୍ରଚଣ୍ଡ କର୍ମରେ ଗଭୀର ଶାନ୍ତଭାବ ଏବଂ ଗଭୀର ଶାନ୍ତଭାବରେ ପ୍ରଚଣ୍ଡ କର୍ମ

* ଗୀତା, ୪।୧୧

** ଗୀତା, ୪।୧୪-୧୫

ଦର୍ଶନ କରନ୍ତି, ସେ ହିଁ ପ୍ରକୃତ ଜ୍ଞାନୀ ।'[1] ବର୍ତ୍ତମାନ ପ୍ରଶ୍ନ ଏହି : ପ୍ରତ୍ୟେକ ଇନ୍ଦ୍ରିୟ, ପ୍ରତ୍ୟେକ ସ୍ନାୟୁ କର୍ମପରାୟଣ ହେଲେ ମଧ୍ୟ ଆପଣଙ୍କ ମନରେ ଗମ୍ଭୀର ପ୍ରଶାନ୍ତି ଅଛି କି ?—କୌଣସି କଥା ଆପଣଙ୍କ ମନକୁ ଚଞ୍ଚଳ କରେ ନାହିଁ ତ ? କର୍ମଚଞ୍ଚଳ ବଜାର-ରାସ୍ତାରେ ଛିଡ଼ା ହୋଇ ଗାଡ଼ି ପାଇଁ ଅପେକ୍ଷା କରୁଛନ୍ତି, ଚାରିଆଡ଼େ ଭିଡ଼ ଭଉଁରୀ ଖାଉଛି, ତାହା ମଧ୍ୟରେ ଆପଣଙ୍କ ମନ କଅଣ ଧ୍ୟାନମଗ୍ନ, ଧୀର ଓ ଶାନ୍ତ ? ଅଥବା (ନିର୍ଜନ) ଗିରିଗୁହାରେ ସ୍ତବ୍ଧ ନୀରବତା ମଧ୍ୟରେ କଅଣ ଆପଣ ତୀବ୍ର ଭାବରେ କ୍ରିୟାଶୀଳ ? ଯଦି ଏହିପରି ହୁଅନ୍ତି, ତେବେ ଆପଣ ଯୋଗୀ—ମୁକ୍ତପୁରୁଷ, ନଚେତ୍ ନୁହନ୍ତି ।

'ଯାହାଙ୍କର ପ୍ରତ୍ୟେକ କର୍ମପ୍ରଚେଷ୍ଟା ବନ୍ଧନହୀନ, ଫଳାକାଙ୍କ୍ଷାଶୂନ୍ୟ ଓ ସ୍ୱାର୍ଥରହିତ, ସତ୍ୟଦ୍ରଷ୍ଟାଗଣ ତାହାଙ୍କୁ ହିଁ ଜ୍ଞାନୀ କହିଥାଆନ୍ତି ।'[2] ଯେପର୍ଯ୍ୟନ୍ତ ସ୍ୱାର୍ଥବୋଧ ଥାଏ, ସେପର୍ଯ୍ୟନ୍ତ ଆମମାନଙ୍କ ନିକଟରେ ପ୍ରକୃତ ସତ୍ୟ ଉଦ୍‌ଘାଟିତ ହେବ ନାହିଁ । ନିଜର ଅହଙ୍କାରଦ୍ୱାରା ଆମେମାନେ ସବୁ କଥାକୁ ରଞ୍ଜିତ କରୁ । ବସ୍ତୁଗୁଡ଼ିକ ନିଜସ୍ୱ ରୂପରେ ହିଁ ଆମମାନଙ୍କ ନିକଟରେ ଉପସ୍ଥିତ ହୁଅନ୍ତି; ସେମାନେ ଯେ ଆବୃତ, ତାହା ନୁହେଁ; କିଛି ହିଁ ଆବୃତ ନ ଥାଏ । ଆମେମାନେ ସେଗୁଡ଼ିକୁ ଆବୃତ କରୁ । ଆମମାନଙ୍କ ମନବୁଦ୍ଧିର ତୂଳିଦ୍ୱାରା ଭିନ୍ନ ଭାବରେ ସେଗୁଡ଼ିକୁ ଚିତ୍ରିତ କରୁ । ଯେଉଁସବୁ ଜିନିଷ ଆମେମାନେ ପସନ୍ଦ ନ କରୁ, ସେଗୁଡ଼ିକ ନିକଟକୁ ଆସିଲେ ଆମେମାନେ ସେଗୁଡ଼ିକ ଉପରେ କିଛିଏ ତୂଳି ବୁଲାଇ ଦେଉଁ, ତା'ପରେ ସେଗୁଡ଼ିକ ଆଡ଼କୁ ଅନାଇଁଥାଉ ।··· ଆମେମାନେ କୌଣସି କଥା ଜାଣିବାକୁ ଚାହୁଁ ନାହିଁ । ସବୁ ଜିନିଷକୁ ଆମେମାନେ ନିଜ ରଙ୍ଗରେ ରଙ୍ଗାଇନେଉ । ସ୍ୱାର୍ଥ ହିଁ ସବୁ କାର୍ଯ୍ୟର ପ୍ରେରଣାଶକ୍ତି । ବସ୍ତୁର ସ୍ୱରୂପ ଆମମାନଙ୍କଦ୍ୱାରା ଆବୃତ ରହିଛି । ରେଶମପୋକ ପରି ଚାରିଆଡ଼େ ତନ୍ତୁ ସୃଷ୍ଟି କରି ଆମେମାନେ ତାହା ଭିତରେ ଆବଦ୍ଧ ହେଉ । ଏଣ୍ଡିପୋକ ତା' ନିଜ ଜାଲରେ ହିଁ ନିଜେ ଆବଦ୍ଧ ହୁଏ । ଆମେମାନେ ମଧ୍ୟ ଠିକ୍ ତାହା ହିଁ କରୁଛୁ । ଯେତେବେଳେ 'ମୁଁ' ଶବ୍ଦଟି ଉଚ୍ଚାରିତ ହୁଏ, ସେତେବେଳେ ହିଁ ତନ୍ତୁ ଘେରିଏ ଗୁଡ଼ାଇ ହୋଇଗଲା । 'ମୁଁ ଓ ମୋର' କହିବାମାତ୍ରକେ ଆଉ ଘେରିଏ ଗୁଡ଼ାଇ ହୋଇଗଲା । ଏହି ଭାବରେ ଚାଲିଥାଏ ।···

କାର୍ଯ୍ୟ ନ କରି ଆମେମାନେ ମୁହୂର୍ତ୍ତେ ମଧ୍ୟ ରହିପାରିବା ନାହିଁ । କାର୍ଯ୍ୟ କରିବାକୁ ହିଁ ହେବ । କିନ୍ତୁ ପ୍ରତିବେଶୀ ଯେତେବେଳେ କହନ୍ତି, 'ଆସ, ସାହାଯ୍ୟ କର', ସେତେବେଳେ ମନରେ ଯେଉଁ ଭାବ ଉଦିତ ହୁଏ, ନିଜକୁ ସାହାଯ୍ୟ କରିବାବେଳେ ମଧ୍ୟ ସେହି ଭାବ ପୋଷଣ କରିବେ । ଏହାଠାରୁ ବେଶୀ ନୁହେଁ । ଅନ୍ୟର ଦେହ ଅପେକ୍ଷା ଆପଣଙ୍କର ଦେହ ଅଧିକ ମୂଲ୍ୟବାନ୍ ନୁହେଁ । ଅନ୍ୟର ଦେହ ପାଇଁ ଯେତେ କିଛିଏ କରିଥାଆନ୍ତେ, ନିଜର ଦେହ ପାଇଁ ତା'ଠାରୁ ବେଶୀ କରିବେ ନାହିଁ । ଏହା ହିଁ ଧର୍ମ ।

'ଯାହାଙ୍କର ସମସ୍ତ କର୍ମପ୍ରଚେଷ୍ଟା ଫଳତୃଷ୍ଣାଶୂନ୍ୟ ଓ ସ୍ୱାର୍ଥବୁଦ୍ଧିରହିତ, ସେ କେବଳ

[1] ଗୀତା, ୪।୧୮
[2] ଗୀତା, ୪।୧୯

ଜ୍ଞାନାଗ୍ନି ଦ୍ୱାରା କର୍ମର ଏହିସବୁ ବନ୍ଧନ ଦଗ୍ଧ କରିଛନ୍ତି, ସେ ଜ୍ଞାନୀ ।'* କେବଳ ପୁସ୍ତକପାଠଦ୍ୱାରା ଏହି ଅବସ୍ଥା ଲଭ ହୁଏ ନାହିଁ । ଗୋଟିଏ ଗର୍ଦ୍ଦଭ ପିଠିରେ ଗୋଟିଏ ଗ୍ରନ୍ଥାଗାର ଲଦି ଦିଆଯାଇପାରେ, ସେଥିରେ ସେ ଆଦୌ ଜ୍ଞାନୀ ହୋଇପାରିବ ନାହିଁ । ଫଳରେ ବହୁ ପୁସ୍ତକ ପଢ଼ିବାର ପ୍ରୟୋଜନ କଅଣ ? 'କର୍ମରେ ଆସକ୍ତି ପରିତ୍ୟାଗପୂର୍ବକ ସର୍ବଦା ପରିତୃପ୍ତ ଥାଇ ଏବଂ କୌଣସି ଲଭର ପ୍ରତ୍ୟାଶା ନ କରି ଜ୍ଞାନୀ ବ୍ୟକ୍ତି କର୍ମ କରନ୍ତି; ଅଥଚ କର୍ମର ଊର୍ଦ୍ଧ୍ୱରେ ଅବସ୍ଥାନ କରନ୍ତି ।'**

ମାତୃଗର୍ଭରୁ ଉଲଗ୍ନ ଅବସ୍ଥାରେ ଏ ପୃଥିବୀକୁ ଆସିଥିଲି; ଉଲଗ୍ନ ଅବସ୍ଥାରେ ହିଁ ଫେରିଯିବି । ଅସହାୟ ଅବସ୍ଥାରେ ଆସିଥିଲି, ଅସହାୟ ଅବସ୍ଥାରେ ଚାଲିଯିବି । ବର୍ତ୍ତମାନ ମଧ୍ୟ ମୁଁ ଅସହାୟ । ଆମମାନଙ୍କର ଗନ୍ତବ୍ୟ କେଉଁଠି, ଲକ୍ଷ୍ୟ କଅଣ—ଏ ଅବସ୍ଥାର ଚିନ୍ତା କରିବା ମଧ୍ୟ ଆମମାନଙ୍କ ପକ୍ଷରେ ଭୟାବହ । କେତେ ଅଦ୍ଭୁତ ଅଦ୍ଭୁତ ଭାବ ଆମମାନଙ୍କୁ ଗ୍ରାସ କରେ, ତାହା ମଧ୍ୟ ଆମେମାନେ ଜାଣୁ ନାହିଁ । ଆମେମାନେ ପ୍ରେତାତ୍ମାର ମିଡିୟମ୍ ପାଖକୁ ଯାଉ—ଭୂତପ୍ରେତ ଯଦି କିଛି ସାହାଯ୍ୟ କରିପାରନ୍ତି । ଭାବନ୍ତୁ, କି ଦୁର୍ବଳତା ! ଭୂତପ୍ରେତ, ସଇତାନ, ଦେବତା—ସମସ୍ତେ ଆସ ! ପୁରୋହିତ, ଭଣ୍ଡ ଠକ—ଯେ ଯେଉଁଠି ଅଛ, ସମସ୍ତେ ଆସ ! ଯେଉଁ ମୁହୂର୍ତ୍ତରେ ଆମେମାନେ ଦୁର୍ବଳ ହେଉ, ଠିକ୍ ସେତେବେଳେ ହିଁ ସେମାନେ ଆମମାନଙ୍କୁ ଗ୍ରାସ କରନ୍ତି ଏବଂ ବହୁ ଦେବତାଙ୍କୁ ଆମଦାନୀ କରନ୍ତି ।

ମୋ ଦେଶରେ ଦେଖିଛି, କେହି ହୁଏତ ଶକ୍ତିମାନ୍ ଓ ଶିକ୍ଷିତ ହୋଇ ଦାର୍ଶନିକ ଭାବରେ କହନ୍ତି, 'ଏସବୁ ପ୍ରାର୍ଥନା, ପୁଣ୍ୟସ୍ନାନାଦି ଅର୍ଥହୀନ ।'··· ତା'ପରେ ହୁଏତ ତାଙ୍କର ପିତା ଦେହତ୍ୟାଗ କଲେ, ତାଙ୍କର ମାତୃବିୟୋଗ ହେଲା । ହିନ୍ଦୁଙ୍କ ପକ୍ଷରେ ଏ ଶୋକ ପ୍ରଚଣ୍ଡ ଆଘାତ । ସେତେବେଳେ ଦେଖାଯିବ, ପୂର୍ବୋକ୍ତ ବ୍ୟକ୍ତି କର୍ଦ୍ଦମାକ୍ତ କୁଣ୍ଡରେ ସ୍ନାନ କରୁଛି, ମନ୍ଦିରକୁ ଯାଉଛି, ସମସ୍ତଙ୍କର ଦାସତ୍ୱ କରୁଛି—ଯିଏ ପାର, ସାହାଯ୍ୟ କର ! କିନ୍ତୁ ଆମେମାନେ ଅସହାୟ ! କାହାରି ପାଖରୁ କୌଣସି ସାହାଯ୍ୟ ଆସେ ନାହିଁ । ଏହା ହିଁ ସତ୍ୟ ।

ମନୁଷ୍ୟଙ୍କ ସଂଖ୍ୟାଠାରୁ ଦେବତାଙ୍କ ସଂଖ୍ୟା ବେଶୀ; ତଥାପି କୌଣସି ସାହାଯ୍ୟ ଆସେ ନାହିଁ । କୁକୁର ପରି ଆମେମାନେ ମରୁ, ତଥାପି କୌଣସି ସାହାଯ୍ୟ ନାହିଁ । ସର୍ବତ୍ର ପଶୁ ପରି ବ୍ୟବହାର—ଦୁର୍ଭିକ୍ଷ, ରୋଗ, ଦୁଃଖ, ଅଭଦ୍ରଭାବ ! ସମସ୍ତେ ହିଁ ସାହାଯ୍ୟ ପାଇଁ ଚିତ୍କାର କରୁଛନ୍ତି; କିନ୍ତୁ କୌଣସି ସାହାଯ୍ୟ ନାହିଁ । କୌଣସି ଆଶା ନ ଥିଲେ ମଧ୍ୟ ଆମେମାନେ ସାହାଯ୍ୟ ପାଇଁ ଆର୍ତ୍ତନାଦ କରି ଚାଲିଛୁ । କି ଶୋଚନୀୟ ଅବସ୍ଥା ! କି ଭୟଙ୍କର ଦୁର୍ଦ୍ଦଶା ! ନିଜ ନିଜର ଅନ୍ତରରେ ଅନୁସନ୍ଧାନ କରନ୍ତୁ । ଆମମାନଙ୍କର ଏହି ଦୁଃଖକଷ୍ଟର ଅର୍ଦ୍ଧେକ ପାଇଁ ଆମେମାନେ ଦୋଷୀ ନୋହୁ—ମାତାପିତା ହିଁ ଦୋଷୀ । ଆମେମାନେ ଏହି ଦୁର୍ବଳତା ନେଇ ହିଁ ଜନ୍ମିଛୁ ଏବଂ ପରେ ଆହୁରି ବେଶୀ ଦୁର୍ବଳତା

---

* ଗୀତା, ୪।୧୯

** ଗୀତା, ୪।୨୦

ଆମମାନଙ୍କ ମୁଣ୍ଡରେ ପୂରାଇ ଦିଆଯାଇଛି । ଧୀରେ ଧୀରେ ଆମେମାନେ ତାହାକୁ ଅତିକ୍ରମ କରୁ ।

ନିଜକୁ ଅସହାୟ ମନେକରିବା ସାଙ୍ଘାତିକ ଭୁଲ୍ । କାହାରି ନିକଟରୁ ସାହାଯ୍ୟ ମାଗ ନାହିଁ । ଆମେମାନେ ନିଜେ ନିଜକୁ ସାହାଯ୍ୟ କରୁ । ଯଦି ତାହା ନ ପାରୁ, ତେବେ ଆମମାନଙ୍କୁ ସାହାଯ୍ୟ କରିବାକୁ କେହି ନାହିଁ ।...

'ତୁମେ ନିଜେ ହିଁ ତୁମର ଏକମାତ୍ର ବନ୍ଧୁ ଏବଂ ତୁମେ ନିଜେ ହିଁ ତୁମର ଏକମାତ୍ର ଶତ୍ରୁ । ଆତ୍ମା ବା ମନ ଛଡ଼ା ଅନ୍ୟ କେହି ଶତ୍ରୁ ନାହିଁ, ଆତ୍ମା ବା ମନ ଛଡ଼ା ଅନ୍ୟ ବନ୍ଧୁ ନାହିଁ ।'* ଏହା ହିଁ ଶେଷ ଏବଂ ଶ୍ରେଷ୍ଠ ଉପଦେଶ । କିନ୍ତୁ ଏହା ଶିଖିବାକୁ କେତେ କାଳ ନ ଲାଗେ ! ଅନେକ ସମୟରେ ମନେହୁଏ, ଏହି ଆଦର୍ଶକୁ ଆମେମାନେ ଯେପରି ଧରି ପକାଇଛୁ; କିନ୍ତୁ ପର ମୁହୂର୍ତ୍ତରେ ପୂର୍ବତନ ସଂସ୍କାର ଆସି ପହଞ୍ଚିଯାଏ । ଆମମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଏ । ଦୁର୍ବଳ ହୋଇ ପୁଣି ସେହି ଭ୍ରାନ୍ତ ସଂସ୍କାର ଓ ଅନ୍ୟର ସାହାଯ୍ୟକୁ ଭିଡ଼ିଧରୁ । ଅପରର ସାହାଯ୍ୟ ମିଳିବ, ଏହି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଆମମାନଙ୍କୁ ଯେଉଁ ବିରାଟ ଦୁଃଖ ଭୋଗ କରିବାକୁ ହୁଏ, ତାହା ଥରେ ଭାବି ଦେଖନ୍ତୁ ! ପୁରୋହିତ ତାହାର ନିୟମମତେ ପୂଜା ବା ପ୍ରାର୍ଥନାର ମନ୍ତ୍ର ଉଚ୍ଚାରଣ କରି ସମ୍ଭବତଃ କିଛି ପ୍ରତ୍ୟାଶା କରେ । ଷାଠିଏ ହଜାର ଲୋକ ଆକାଶ ଆଡ଼କୁ ଚାହିଁ ପ୍ରାର୍ଥନା କରନ୍ତି ଏବଂ ପ୍ରାର୍ଥନାନ୍ତେ ପୁରୋହିତର ପ୍ରାପ୍ୟ ଅର୍ଥ ଦିଅନ୍ତି । ମାସ ପରେ ମାସ ଲୋକମାନେ ଆକାଶ ଆଡ଼କୁ ଚାହିଁଥାଆନ୍ତି, ପ୍ରାର୍ଥନା କରନ୍ତି ଓ ପୁରୋହିତଙ୍କୁ ଟଙ୍କା ଦିଅନ୍ତି । ଥରେ ଭାବି ଦେଖନ୍ତୁ— ଏହା କଅଣ ପାଗଳାମି ନୁହେଁ ? ପାଗଳାମି ଛଡ଼ା ଏହାକୁ ଆଉ କଅଣ କୁହାଯିବ ? ଏଥିପାଇଁ ଦାୟୀ କିଏ ? ଆପଣମାନେ ଧର୍ମ ପ୍ରଚାର କରିପାରନ୍ତି, ଏହା କେବଳ ଅପରିଣତ ଶିଶୁମାନଙ୍କର ମନକୁ ଉତ୍ତେଜିତ କରିବା ! ଏଥିପାଇଁ ଆପଣମାନଙ୍କୁ ଦୁଃଖଭୋଗ କରିବାକୁ ହିଁ ହେବ । ଅନ୍ତରର ଅନ୍ତଃସ୍ଥଳରେ ଆପଣମାନେ କଅଣ ? ଯେଉଁ ଦୁର୍ବଳ ଚିନ୍ତାଗୁଡ଼ିକୁ ଆପଣ ଅନ୍ୟର ମୁଣ୍ଡରେ ପୂରାଇ ଦେଇଛନ୍ତି, ତାହାର ପ୍ରତ୍ୟେକଟି ପାଇଁ ଆପଣଙ୍କୁ ଚକ୍ରବୃଦ୍ଧି ହାରରେ ସୁଧ ସହିତ ମୂଲ୍ୟ ଦେବାକୁ ପଡ଼ିବ । କର୍ମର ନିୟମ—ତାହାର ପ୍ରାପ୍ୟ ଆଦାୟ କରିବ ହିଁ କରିବ ।

ଜଗତରେ ଗୋଟିଏ ମାତ୍ର ପାପ ଅଛି, ତାହା ଏହି ଦୁର୍ବଳତା । ବାଲ୍ୟକାଳରେ ଯେତେବେଳେ ମହାକବି ମିଲ୍‌ଟନ୍‌ଙ୍କ 'ପାରାଡାଇଜ୍ ଲଷ୍ଟ' କାବ୍ୟ ପଢ଼ୁଥିଲି, ସେତେବେଳେ ସଇତାନକୁ ହିଁ ଏକମାତ୍ର ସତ୍ତ୍ୱବ୍ୟକ୍ତି ବୋଲି ଶ୍ରଦ୍ଧା କରୁଥିଲି । ସେ କେବଳ ମହାପୁରୁଷ, ଯେ କେବେହେଲେ ଦୁର୍ବଳତାର ବଶୀଭୂତ ହୁଅନ୍ତି ନାହିଁ, ସର୍ବପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୁଅନ୍ତି ଏବଂ ଜୀବନପଣ କରି ସଂଗ୍ରାମ କରନ୍ତି । ଉଠ, ଜାଗ, ଏ ପ୍ରକାର ସଂଗ୍ରାମ ପାଇଁ ପ୍ରସ୍ତୁତ ହୁଅ... । ପାଗଳଙ୍କ ସଂଖ୍ୟା ଆଉ ବଢ଼ାଅ ନାହିଁ । ଯେଉଁ ଅନିଷ୍ଟ ଅବଶ୍ୟମ୍ଭାବୀ, ତାହା ସହିତ ଆଉ ତୁମର ଦୁର୍ବଳତା ଯୁକ୍ତ କର ନାହିଁ । ଜଗତ୍ ନିକଟରେ ମୁଁ ଏହି କଥା ହିଁ

* ଗୀତା, ୬।୫

କହିବାକୁ ଚାହେଁ—ଶକ୍ତିମାନ୍ ହୁଅ । ଭୂତପ୍ରେତ ଓ ସଇତାନ୍‌ର ଏସବୁ କଥା ତୁମେମାନେ କହିଥାଅ; ଆମେମାନେ ତ ଜୀବନ୍ତ ସଇତାନ । ଶକ୍ତି ଓ ଜମୋନ୍ମତ୍ତ ହିଁ ଜୀବନର ଚିହ୍ନ; ଦୁର୍ବଳତା ମୃତ୍ୟୁର ଚିହ୍ନ । ଯାହା କିଛି ଦୁର୍ବଳ ତାକୁ ଏଡ଼ାଇ ଯାଅ, ତାହା ହିଁ ମୃତ୍ୟୁ । ତାହା ଯଦି ଶକ୍ତି ହୋଇଥାଏ, ତେବେ ତାହା ପାଇଁ ନରକକୁ ମଧ୍ୟ ଯାଅ ଏବଂ ତାହା ଲାଭ କର । ସାହସୀମାନେ ହିଁ ମୁକ୍ତିର ଅଧିକାରୀ; 'ବୀରପୁରୁଷମାନେ ହିଁ ପୃଥ୍ୱୀରତ୍ନଲାଭର ଯୋଗ୍ୟ ।' ଆଉ ଯେଉଁମାନେ ସର୍ବାପେକ୍ଷା ବୀର, କେବଳ ସେହିମାନେ ହିଁ ମୁକ୍ତିଲାଭର ଯୋଗ୍ୟ । କାହାର ନରକ ? କାହାର ଅତ୍ୟାଚାର ? କାହାର ପାପ ? କାହାର ଦୁର୍ବଳତା ? କାହାର ମୃତ୍ୟୁ ? କାହାର ରୋଗ ?

ଆପଣମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ? ଯଦି ଯଥାର୍ଥ ବିଶ୍ୱାସ କରିବାକୁ ହୁଏ, ତେବେ ପ୍ରକୃତ ଈଶ୍ୱରଙ୍କଠାରେ ବିଶ୍ୱାସୀ ହୁଅନ୍ତୁ । 'ତୁମେ ପୁରୁଷ, ତୁମେ ସ୍ତ୍ରୀ; ତୁମେ ସବଳ ଯୁବକର ପାଦବିକ୍ଷେପରେ ଚାଲୁଛ, ପୁଣି ଜରାଗ୍ରସ୍ତ ବୃଦ୍ଧ—ଦଣ୍ଡ ସହାୟରେ ଚାଲୁଛ ।'* ତୁମେ ହିଁ ଦୁର୍ବଳତା, ତୁମେ ହିଁ ଭୟ, ତୁମେ ହିଁ ସ୍ୱର୍ଗ ଏବଂ ତୁମେ ହିଁ ନରକ; ତୁମେ ହିଁ ସର୍ପ ହୋଇ ଦଂଶନ କର, ଗୁଣିଆ ହୋଇ ବିଷମୁକ୍ତ କର—ତୁମେ ହିଁ ଭୟ-ମୃତ୍ୟୁ ଓ ଦୁଃଖ-ରୂପେ ଉପସ୍ଥିତ ହୁଅ ।···

ସବୁ ଦୁର୍ବଳତା, ସବୁ ବନ୍ଧନ ହିଁ ଆମର କଳ୍ପନା । ସଜୋରେ ଗୋଟିଏ କଥା କହ, ଏହା ଶୂନ୍ୟରେ ମିଳେଇଯିବ । ଦୁର୍ବଳ ହୁଅ ନାହିଁ, ଉଠ—ବାହାରିବା ପାଇଁ ଆଉ କୌଣସି ବାଟ ନାହିଁ । ଠାଣ ହୋଇ ଛିଡ଼ା ହୁଅ, ଶକ୍ତିମାନ୍ ହୁଅ—ଭୟ ନାହିଁ । କୁସଂସ୍କାର ନାହିଁ । ନଗ୍ନ ସତ୍ୟର ସମ୍ମୁଖୀନ ହୁଅ । ଦୁଃଖକଷ୍ଟର ଚରମ—ମୃତ୍ୟୁ ଯଦି ଆସେ, ଆସୁ । ପ୍ରାଣପଣ ସଂଗ୍ରାମ ପାଇଁ ଆମେମାନେ କୃତସଂକଳ୍ପ । ଧର୍ମ କହିଲେ, ମୁଁ ଏହା ହିଁ ଜାଣେ । ମୁଁ ଏହା ଲାଭ କରି ନାହିଁ, ଲାଭ କରିବାର ଚେଷ୍ଟା କରୁଛି । ମୁଁ ସଫଳ ହୋଇ ନ ପାରେ; କିନ୍ତୁ ତୁମେମାନେ ପାରିବ । ଅଗ୍ରସର ହୁଅ ।

'ଯେଉଁଠାରେ ଜଣେ ଅପରକୁ ଦେଖନ୍ତି ଏବଂ ଜଣେ ଅପରକୁ ଶୁଣନ୍ତି, ଯେପର୍ଯ୍ୟନ୍ତ ଦ୍ୱୈତବୋଧ ଅଛି, ସେପର୍ଯ୍ୟନ୍ତ ଭୟ ରହିବ ହିଁ ରହିବ ଏବଂ ଭୟ ହିଁ ସମସ୍ତ ଦୁଃଖର କାରଣ ।'**

ଯେତେବେଳେ ଯେଉଁଠାରେ ଜଣେ ଅପରକୁ ଦେଖେ ନାହିଁ, ଯେଉଁଠାରେ ସବୁ ହିଁ ଏକ—ସେଠାରେ ଦୁଃଖୀ ହେବାକୁ କେହି ନାହିଁ, ଅସୁଖୀ ହେବାକୁ କେହି ନାହିଁ । ଏକ ଅଛନ୍ତି, ଦ୍ୱିତୀୟ ନାହିଁ—'ଏକମେବାଦ୍ୱିତୀୟମ୍ ।' ତେଣୁ ଭୟ କର ନାହିଁ; ଉଠ, ଜାଗ, ଯେ-ପର୍ଯ୍ୟନ୍ତ ଲକ୍ଷ୍ୟସ୍ଥଳରେ ନ ପହଞ୍ଚିଛ, ସେପର୍ଯ୍ୟନ୍ତ କ୍ଷାନ୍ତ ହୁଅ ନାହିଁ ।

---

* ଶ୍ୱେତାଶ୍ୱତର ଉପ., ୪।୩

** ଛାନ୍ଦୋଗ୍ୟ ଉପ., ୭।୨୩-୨୪

# ତଥ୍ୟପଞ୍ଜୀ

## ମହାପୁରୁଷ ପ୍ରସଙ୍ଗ

ପୃଷ୍ଠାଙ୍କ

୧୭୫ ରାମାୟଣ ପ୍ରାଚୀନତର : ବାଲ୍ମୀକି ଆଦିକବି ବୋଲି ଅଭିହିତ ହୁଅନ୍ତି; ଏଥିରୁ ମଧ୍ୟ ସୂଚିତ ହୁଏ ରାମାୟଣ ପ୍ରାଚୀନତର । ମହାଭାରତର ବହୁ ସ୍ଥାନରେ ରାମାୟଣର ଉପାଖ୍ୟାନଗୁଡ଼ିକର ଉଲ୍ଲେଖ ଅଛି, କିନ୍ତୁ ରାମାୟଣର କୌଣସି ସ୍ଥାନରେ ମହାଭାରତର ଉଲ୍ଲେଖ ନାହିଁ ।

୧୭୮ ଯେଉଁ ଶ୍ଳୋକ : ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମାଃ ।
ଯତ୍ କ୍ରୌଞ୍ଚମିଥୁନାଦେକମ୍ ଅବଧୀଃ କାମମୋହିତମ୍ ॥

୧୮୭ ଅଶ୍ୱମେଧ ଯଜ୍ଞ : ସର୍ବଲକ୍ଷଣଯୁକ୍ତ ଗୋଟିଏ ଅଶ୍ୱର ଲଲାଟରେ ଜୟପତ୍ର ବାନ୍ଧି ଛାଡ଼ି ଦିଆଯାଉଥିଲା, ସଙ୍ଗରେ ସୈନ୍ୟସାମନ୍ତ ରହୁଥିଲେ । କେହି ଅଶ୍ୱକୁ ବାଧା ଦେଲେ ସଙ୍ଗରେ ଥିବା ସୈନ୍ୟମାନେ ଯୁଦ୍ଧ କରୁଥିଲେ । ବର୍ଷ ଶେଷରେ ଅଶ୍ୱ ଫେରି ଆସିଲେ ତା'କୁ ବଧ କରି ଯଜ୍ଞ କରାଯାଉଥିଲା । ଫଳ ସ୍ୱର୍ଗ ଓ ମୋକ୍ଷ-ଲାଭ ।

୧୯୧ ହୋମର୍‌ଙ୍କ କାବ୍ୟ : ଗ୍ରୀକ୍ ମହାକବି—ଖ୍ରୀ:ପୂ: ନବମ ଶତାବ୍ଦୀ । 'ଇଲିଆଡ୍' ଓ 'ଓଡ଼ିସୀ' ନାମକ ଦୁଇଟି କାବ୍ୟ ରଚନା କରିଥିଲେ । 'ଇଲିଆଡ୍'ରେ ଟ୍ରୟ୍ ଯୁଦ୍ଧର ଶେଷ ବର୍ଷର ବିବରଣ ଅଛି । ଯୁଦ୍ଧ ଶେଷରେ ୟୁଲିସିସ୍‌ଙ୍କ ଦଶବର୍ଷବ୍ୟାପୀ ଭ୍ରମଣର କାହାଣୀ ନେଇ 'ଓଡ଼ିସୀ' ରଚିତ ।

୧୯୨ ସ୍ମୃତିଶାସ୍ତ୍ରର ବିଧାନାନୁସାରେ :

ଅନଂଶୌ କ୍ଲୀବପତିତୌ ଜାତ୍ୟନ୍ଧବଧିରୌ ତଥା ।
ଉନ୍ମତ୍ତଜଡ଼ମୂକାଶ୍ଚ ଯେ ଚ କେଚିନ୍ନିରିନ୍ଦ୍ରିୟାଃ ॥
ସର୍ବେଷାମପି ତୁ ନ୍ୟାଯ୍ୟଂ ଦାତୁଂ ଶକ୍ତ୍ୟା ମନୀଷିଣା ।
ଗ୍ରାସାଚ୍ଛାଦନମତ୍ୟନ୍ତଂ ପତିତୋ ହ୍ୟଦଦଦ୍‌ଭବେତ୍ ॥

—ମନୁ, ୯।୨୦୧-୨୦୨

ନପୁଂସକ, ପତିତ, ଜନ୍ମାନ୍ଧ, ଜନ୍ମବଧିର, ଉନ୍ମତ୍ତ, ଜଡ଼, ମୂକ, ଇନ୍ଦ୍ରିୟଶୂନ୍ୟ—ଏମାନେ ପିତୃ-ସମ୍ପତ୍ତିରେ ଅଧିକାରୀ ନୁହନ୍ତି । ସମ୍ପଦ-ଭାଗୀ ସମସ୍ତେ ଏହି କ୍ଲୀବାଦି ସନ୍ତାନଙ୍କୁ ଗ୍ରାସାଚ୍ଛାଦନ ଦେବେ, ଯଦି ନ ଦିଅନ୍ତି, ତେବେ ସେମାନେ ପାପୀ ହେବେ ।

୧୯୫ ବହୁପତିକ ଯୁଗର : ଯେଉଁ ସ୍ଥାନରେ ଓ ଯେଉଁ ଯୁଗରେ ସ୍ତ୍ରୀ-ଲୋକଙ୍କର ସଂଖ୍ୟା ପୁରୁଷଙ୍କର ସଂଖ୍ୟା ତୁଳନାରେ କମ୍ ଥାଏ, ସେହି ଅଞ୍ଚଳରେ ଓ ସେହି ସମୟରେ ବହୁପତି-ବିବାହ ଦେଖାଯାଏ ।

୧୯୭ ରାଜସୂୟ ଯଜ୍ଞ : ସମ୍ରାଟଙ୍କ କରଣୀୟ ଯଜ୍ଞବିଶେଷ । ଏହି ଯଜ୍ଞରେ ଅଧୀନ ରାଜାମାନେ ଆସି ଭୃତ୍ୟୋଚିତ କର୍ମ କରିଥାଆନ୍ତି ।

୧୯୮ ମନ୍ତ୍ରର ନାମ ସାବିତ୍ରୀ : ଗାୟତ୍ରୀ ମନ୍ତ୍ର; ବ୍ରହ୍ମାଙ୍କ ଶକ୍ତି ସାବିତ୍ରୀ ।

୨୦୭ ସୈରନ୍ଧ୍ରୀ : ଯେଉଁ ନାରୀ ପର ଘରେ ଶିଳ୍ପାଦି ଦ୍ୱାରା ଜୀବିକା ନିର୍ବାହ କରେ । ବିରାଟଙ୍କ ଗୃହରେ ଦ୍ରୌପଦୀ 'ସୈରନ୍ଧ୍ରୀ' ନାମ ଗ୍ରହଣ କରି ଅଜ୍ଞାତବାସ କରିଥିଲେ ।

୨୧୦ ଅକ୍ଷୌହିଣୀ : ୨୧୮୭୦ଟି ରଥ, ୨୧୮୭୦ଟି ହସ୍ତୀ, ୬୫୬୧୦ଟି ଅଶ୍ୱ, ୧୦୯୩୫୦ଟି ପଦାତିକ—ଏହି ସଂଖ୍ୟକ ସେନା ।

୨୧୧ ଯେଉଁ ଗ୍ରନ୍ଥରେ : ଶ୍ରୀମଦ୍ଭାଗବତ, ୧୦ମ ସ୍କନ୍ଧ ।

୨୩୩ Atavism : 'The recurrence, in a descendant, of characters of a remote ancestor; reversion to a more primitive type.'—Webster.
—ଭବିଷ୍ୟତ ବଂଶଧରଙ୍କ ମଧ୍ୟରେ ପୂର୍ବ ପୁରୁଷଙ୍କ ବୃତ୍ତିର ପୁନଃପ୍ରକାଶ ।

୨୫୧ ଜଣେ ରାଜାଙ୍କୁ : ବିମ୍ବିସାର (ରାଜତ୍ୱ ଖ୍ରୀ:ପୂ: ୫୩୭—୪୮୫)

୨୫୭ Sermon on the Mount : New Testament, Mathew ୫–୭ମ ଅଧ୍ୟାୟ ଏବଂ Luke ଷଷ୍ଠ ଅଧ୍ୟାୟରେ ବର୍ଣ୍ଣିତ ଯୀଶୁଙ୍କ ଉପଦେଶାବଳୀ ।

୨୮୩ ତ୍ରିତ୍ୱ (Trinity) : The union of the three (the Father, the Son and the Holy Ghost) in one God-head. ଖ୍ରୀଷ୍ଟଧର୍ମ ମତରେ ଈଶ୍ୱରଙ୍କର ତ୍ରିତ୍ୱ—ଈଶ୍ୱରଙ୍କ ମଧ୍ୟରେ ପିତା, ପୁତ୍ର ଓ ପରମ ଆତ୍ମା, ଏହି 'ତିନି'ଙ୍କର ଏକୀଭବନ ।

୨୮୪ Gabriel : (ଇଂରାଜୀ ଉଚ୍ଚାରଣ ଗେବ୍ରିୟେଲ୍) ଦେବଦୂତ-ବିଶେଷ । ସେ ମହମ୍ମଦଙ୍କ ନିକଟରେ କୋରାନ୍‌ର ତତ୍ତ୍ୱ ଉଦ୍‌ଘାଟନ କରିଥିଲେ ।

୨୮୪ ମୁଶା : Moses, ଇହୁଦୀମାନଙ୍କର ଧର୍ମ-ନେତା । ଖ୍ରୀ:ପୂ: ୧୫୭୧-୧୪୫୧ ।

୨୯୪ ସେହି ଧର୍ମ-ସମ୍ପ୍ରଦାୟ : ଜୈନଧର୍ମ-ସମ୍ପ୍ରଦାୟ ।

୩୩୭ କଳ୍ପ : ବ୍ରହ୍ମାଙ୍କର ଏକଦିନ—ମନୁଷ୍ୟଙ୍କର ୪୩୨ କୋଟି ବର୍ଷ ।

## ସମଗ୍ର ପତ୍ରାବଳୀର ତଥ୍ୟପଞ୍ଜୀ

ବାମଭାଗର ସଂଖ୍ୟା ପତ୍ରର କ୍ରମିକ ସଂଖ୍ୟା; ୧୧୯ ପର୍ଯ୍ୟନ୍ତ ଷଷ୍ଠ ଖଣ୍ଡରେ, ୩୯୧ ପର୍ଯ୍ୟନ୍ତ ୭ମ ଖଣ୍ଡରେ, ବାକିତକ ଏହି ଅଷ୍ଟମ ଖଣ୍ଡରେ—ମୋଟ ୫୭୯ ଖଣ୍ଡି ପତ୍ର । ଆବଶ୍ୟକ ସ୍ଥଳେ ଷଷ୍ଠ ଖଣ୍ଡରେ 'ବ୍ୟକ୍ତି-ପରିଚୟ' ଏବଂ ଏହି ଖଣ୍ଡରେ ସମଗ୍ର 'ପତ୍ରାବଳୀର ସୂଚୀପତ୍ର' ଦ୍ରଷ୍ଟବ୍ୟ ।

ପତ୍ରସଂଖ୍ୟା

୧ କାଲୀବାବୁଙ୍କ କୁଞ୍ଜ : ଶ୍ରୀରାମକୃଷ୍ଣଙ୍କ ଗୃହୀଭକ୍ତ ବଳରାମ ବସୁଙ୍କ ପିତାମହ

ପରମବୈଷ୍ଣବ ଗୁରୁପ୍ରସାଦ ବସୁ ସହସ୍ର ଟଙ୍କା ବ୍ୟୟରେ ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦରଙ୍କ ବିଗ୍ରହ ସ୍ଥାପନ ଲାଗି ବୃନ୍ଦାବନରେ ଏହି କୁଞ୍ଜ ବା ଦେବାଳୟଟି ନିର୍ମାଣ କରାଇଥିଲେ । କାଲିବାବୁ ନାମକ ତାଙ୍କର ଜଣେ କର୍ମଚାରୀ ଏହାର ତତ୍ତ୍ୱାବଧାନ କରୁଥିବାରୁ ସ୍ଥାନୀୟ ଲୋକେ ଏହାକୁ 'କାଲିବାବୁଙ୍କ କୁଞ୍ଜ' ବୋଲି କହୁଥିଲେ । ସେହିଦିନୁ ଏହା ସେହି ନାମରେ ହିଁ ପରିଚିତ ।

୨ 'ବୃଦ୍ଧ ଗୁରୁଭ୍ରାତା' : ଗୋପାଳଦା, ବୁଢ଼ା ଗୋପାଳ ବା ସ୍ୱାମୀ ଅଦ୍ୱୈତାନନ୍ଦ ୧୮୮୮ ଖ୍ରୀ: କେଦାର-ବଦରିକା ଦର୍ଶନ କରିଥିଲେ ।

୩ ଅଷ୍ଟାଧ୍ୟାୟୀ : ପତଞ୍ଜଳି-କୃତ ପାଣିନି ବ୍ୟାକରଣର 'ମହାଭାଷ୍ୟ' ।

'ଆମ ଗୁରୁମହାରାଜଙ୍କର ଦୁଇଟି ଫଟୋଗ୍ରାଫ୍'—କ୍ୟାମେରାରେ ଉଠାଯାଇଥିବା ଶ୍ରୀରାମକୃଷ୍ଣଙ୍କ ସର୍ବମୋଟ ଚାରିଟି ଫଟୋ ମିଳେ—ଦୁଇଟି ଦଣ୍ଡାୟମାନ, ଗୋଟିଏ ଧ୍ୟାନରେ ଉପବିଷ୍ଟ ଏବଂ ଆଉ ଗୋଟିଏ ଶେଷ ଶଯ୍ୟାରେ ଶାୟିତ ଅବସ୍ଥାରେ । ପ୍ରଥମ ଫଟୋଟି ଉଠାଯାଏ ୧୮୭୯ ଖ୍ରୀ: ସେପ୍ଟେମ୍ବର ଏକୋଇଶରେ କଲିକତାସ୍ଥ କେଶବ ସେନଙ୍କ ବାସଭବନ 'କମଳକୁଟୀର'ରେ । ଫଟୋଟିରେ ଦେଖାଯାଏ ଶ୍ରୀରାମକୃଷ୍ଣ ଗଭୀର ସମାଧିମଗ୍ନ ଅବସ୍ଥାରେ ଦଣ୍ଡାୟମାନ, ଦକ୍ଷିଣ ହସ୍ତ ଊର୍ଦ୍ଧ୍ୱକୁ ଉତ୍ତୋଳିତ ଏବଂ ଅଙ୍ଗୁଳି ସବୁ ମୃଗମୁଦ୍ରାଯୁକ୍ତ, ବାମହସ୍ତଟି ବକ୍ଷଦେଶରେ ସଂସ୍ଥାପିତ ଓ ବିଶେଷ ମୁଦ୍ରା-ଯୁକ୍ତ, ମୁଖଶ୍ରୀ ଦିବ୍ୟ ହାସ୍ୟରେ ଉତ୍ଫୁଲ୍ଲ । ତାଙ୍କର ଦ୍ୱିତୀୟ ଫଟୋଟି ଗୃହୀତ ହୁଏ ଭକ୍ତବର ସୁରେନ୍ଦ୍ରନାଥ ମିତ୍ରଙ୍କ ସାହାଯ୍ୟରେ ରାଧାବଜାର ବେଙ୍ଗଲ ଫଟୋଗ୍ରାଫର ଷ୍ଟୁଡିଓରେ । ଶ୍ରୀରାମକୃଷ୍ଣ କ୍ୟାମେରା ଦେଖି ଦେଖି ସମାଧିସ୍ଥ ହେଲାବେଳେ ଏହି ଫଟୋ ଉଠାଯାଏ । ତାଙ୍କର ଦକ୍ଷିଣ ହସ୍ତଟି ଗୋଟିଏ ସ୍ତମ୍ଭ ଉପରେ ସ୍ଥାପିତ, ବାମ ହସ୍ତ ବକ୍ଷଦେଶର କିଞ୍ଚିତ୍ ନିମ୍ନରେ ସନ୍ନିବଦ୍ଧ, ପରିଧାନରେ ଧୋତି, ଦେହରେ ପୁରାହାତ କାମିଜ, କାମିଜ ଉପରେ ରଙ୍ଗୀନ କୋଟ୍ । ଧ୍ୟାନାସନରେ ଉପବିଷ୍ଟ ଫଟୋଟି ଦକ୍ଷିଣେଶ୍ୱରରେ ଶ୍ରୀଶ୍ରୀରାଧାକାନ୍ତଜୀଉଙ୍କ ମନ୍ଦିରର ବାରଣ୍ଡାରେ ଉଠାଯାଇ-ଥିଲା—କେଉଁ ଦୁଇଟି ସ୍ୱାମୀଜୀ ପଠାଇଥିଲେ, କହିବା କଷ୍ଟକର ।

'ଉପଦେଶର କିୟଦଂଶ ଯାହା କୌଣସି ବ୍ୟକ୍ତି ସଂକଳିତ' : ଏହି ପତ୍ରଟି ୧୯।୧୧।୮୮ ତାରିଖରେ ଲିଖିତ, ତତ୍ପୂର୍ବେ ଶ୍ରୀରାମକୃଷ୍ଣଙ୍କ ଉପଦେଶର ଯେଉଁସବୁ ସଂକଳନ ପ୍ରକାଶିତ ହୋଇଥିଲା, ତାହା ନିମ୍ନରେ ପ୍ରଦତ୍ତ ହେଲା :

(୧) ପରମହଂସଙ୍କ ଉକ୍ତି—କେଶବଚନ୍ଦ୍ର ସେନଙ୍କ ସଂକଳିତ । (୨୪ ଜାନୁଆରି ୧୮୭୮) ୧୦ ପୃଷ୍ଠା ।

(୨) ପରମହଂସ ରାମକୃଷ୍ଣଙ୍କ ଉକ୍ତି, ପ୍ରଥମ ଭାଗ—ସୁରେଶଚନ୍ଦ୍ର ଦତ୍ତ ସଂକଳିତ । (୧୨୯୧ ସାଲ, ଇଂ ୨୧ ଡିସେମ୍ବର, ୧୮୮୪) ୨୪ ପୃଷ୍ଠା । ୧୮୮୬ ଖ୍ରୀ: ଶ୍ରୀରାମକୃଷ୍ଣଙ୍କ ଦେହାବସାନର ଅବ୍ୟବହିତ ପରେ ଏହାର ଦ୍ୱିତୀୟ ଭାଗ ପ୍ରକାଶିତ ହୋଇଥିଲା ।

(୩) ତତ୍ତ୍ୱସାର—ରାମଚନ୍ଦ୍ର ଦତ୍ତ ସଂକଳିତ । ବୈଶାଖ ୧୨୯୨ ସାଲ (ଇଂ ୧୮୮୫) ୧୩୯ ପୃଷ୍ଠା ।

(୪) ତତ୍ତ୍ୱପ୍ରକାଶିକା ବା ଶ୍ରୀଯୁକ୍ତ ରାମକୃଷ୍ଣ ଦେବଙ୍କ ଉପଦେଶ—ରାମଚନ୍ଦ୍ର ଦତ୍ତ କର୍ତ୍ତୃକ ସଂପାଦିତ ଓ ଖଣ୍ଡାକାରରେ ପ୍ରକାଶିତ । ୧୮୮୭ ଖ୍ରୀ: ଜୁଲାଇ ମାସ ମଧ୍ୟରେ ତିନୋଟି ଖଣ୍ଡ ପ୍ରକାଶିତ ହୋଇଥିଲା ।

(୫) ପରମହଂସଙ୍କ ଉକ୍ତି (ଦ୍ୱିତୀୟ ସଂଖ୍ୟା) ଏବଂ ସଂକ୍ଷିପ୍ତ ଜୀବନୀ—ଭାରତବର୍ଷୀୟ ବ୍ରାହ୍ମସମାଜରୁ ଗିରିଶଚନ୍ଦ୍ର ସେନ କର୍ତ୍ତୃକ ପ୍ରକାଶିତ । ୧୮୦୮ ଶକ, ମାଘ (୨୩ ଜାନୁଆରି, ୧୮୮୭) ୭୪ ପୃଷ୍ଠା ।

[ ଦ୍ରଷ୍ଟବ୍ୟ : ବ୍ରଜେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ଓ ସଜନୀକାନ୍ତ ଦାସ ସଂପାଦିତ 'ଶ୍ରୀରାମକୃଷ୍ଣ ପରମହଂସ—ସମସାମୟିକ ଦୃଷ୍ଟିରେ' ]

—ଏଠାରେ ସ୍ୱାମୀଜୀ ସମ୍ଭବତଃ ସୁରେଶଚନ୍ଦ୍ର ଦତ୍ତଙ୍କ ଦ୍ୱାରା ସଂଗୃହୀତ ଉପଦେଶାବଳୀର କଥା ହିଁ କହୁଛନ୍ତି ।

୫ 'ଗୁରୁଦେବଙ୍କ ଜନ୍ମଭୂମି'—ହୁଗୁଳି ଜିଲ୍ଲାର ଅନ୍ତର୍ଗତ କାମାରପୁକୁର ଗ୍ରାମ ।

୬ ଆଣ୍ଟପୁର : ହୁଗୁଳି ଜିଲ୍ଲା ଅନ୍ତର୍ଗତ ତାରକେଶ୍ୱର ନିକଟସ୍ଥ ଗୋଟିଏ ଗ୍ରାମ, ସ୍ୱାମୀ ପ୍ରେମାନନ୍ଦଙ୍କ ଜନ୍ମଭୂମି । ୧୮୮୬ ଖ୍ରୀ: ୨୪ ଡିସେମ୍ବର (Christmas Eve)—ନରେନ୍ଦ୍ର ପ୍ରମୁଖ ନଅଜଣ ଗୁରୁଭ୍ରାତା ପ୍ରଜ୍ୱଳିତ ଧୂନି ସମ୍ମୁଖରେ ଭଗବାନ ଈଶାଙ୍କ ତ୍ୟାଗପୂତ ଜୀବନ ଆଲୋଚନା କରିଥିଲେ । ନରେନ୍ଦ୍ରନାଥଙ୍କ ଉଦ୍ଦୀପନାରେ ସମସ୍ତଙ୍କ ମନରେ ସନ୍ୟାସର ସଂକଳ୍ପ ଏବଂ ସଂଘ-ଗଠନର ବାସନା ଦୃଢ଼ ହୁଏ ।

'ଯେଉଁ ଉପଦେଶାମୃତ'—ନରେନ୍ଦ୍ରନାଥ ଗୁପ୍ତ ବା ଶ୍ରୀମ ୧୮୯୭ ଖ୍ରୀ:ରେ ପ୍ରଥମେ ଶ୍ରୀରାମକୃଷ୍ଣଙ୍କ ଉପଦେଶାବଳୀ ଇଂରାଜୀ ପୁସ୍ତିକାକାରରେ ଦୁଇ ଖଣ୍ଡରେ ପ୍ରକାଶ କରିଥିଲେ । ୧୯୦୨ ଖ୍ରୀ:ଠାରୁ ଶ୍ରୀମ-କଥିତ 'ଶ୍ରୀରାମକୃଷ୍ଣକଥାମୃତ' ବଙ୍ଗଳାରେ ପ୍ରକାଶିତ ହେବାକୁ ଲାଗିଲା । ଭକ୍ତ ରାମଚନ୍ଦ୍ର ଦତ୍ତଙ୍କ ଦ୍ୱାରା ପ୍ରକାଶିତ ତତ୍ତ୍ୱମଞ୍ଜରୀ ପତ୍ରିକାରେ ମଧ୍ୟ ଶ୍ରୀରାମକୃଷ୍ଣଙ୍କ ଉପଦେଶ ପ୍ରକାଶିତ ହେଉଥିଲା ।

କିନ୍ତୁ ସ୍ୱାମୀଜୀଙ୍କ ପତ୍ରଟି ୭।୨।୮୯ ତାରିଖରେ ଲିଖିତ । ଅତଏବ ଅନୁମିତ ହୁଏ, ସ୍ୱାମୀଜୀ ଶ୍ରୀମ-ଲିଖିତ ଶ୍ରୀରାମକୃଷ୍ଣ-ଉପଦେଶାମୃତର ଅନ୍ୟ କେଉଁ ଆଦ୍ୟ ସଂସ୍କରଣର ପ୍ରଶଂସା କରିଛନ୍ତି । ୧୮୯୭ ଖ୍ରୀ:ରେ ଶ୍ରୀମ-କର୍ତ୍ତୃକ ଇଂରାଜୀ ପୁସ୍ତିକାର ଦୁଇଖଣ୍ଡ ପ୍ରକାଶିତ ହେଲା ପରେ ସ୍ୱାମୀଜୀ ତାଙ୍କୁ ଆଉ ଦୁଇଟି ପ୍ରଶଂସା-ପତ୍ର ଲେଖିଥିଲେ । ଏହି ଗ୍ରନ୍ଥରେ ୩୯୯ ଓ ୪୦୬ ପତ୍ରଦ୍ୱୟ ଦ୍ରଷ୍ଟବ୍ୟ ।

୧୦ 'ମୋର ମାତା ଓ ଦୁଇଟି ଭ୍ରାତା'—ମାତା ଭୁବନେଶ୍ୱରୀ ଦେବୀ (୧୮୩୯-୧୯୧୧ ଖ୍ରୀ:), ମଧ୍ୟମ ଭ୍ରାତା ମହେନ୍ଦ୍ରନାଥ ଦତ୍ତ (୧୮୬୯-୧୯୫୬) ଓ କନିଷ୍ଠ ଭ୍ରାତା ଭୂପେନ୍ଦ୍ରନାଥ ଦତ୍ତ (୧୮୮୦-୧୯୬୧) । ପରବର୍ତ୍ତୀ କାଳରେ ସାଧକ-ପ୍ରକୃତି ମହେନ୍ଦ୍ରନାଥ ରାମକୃଷ୍ଣ-ବିବେକାନନ୍ଦଙ୍କ ସମ୍ପର୍କରେ ଓ ଶିଳ୍ପ ବିଷୟରେ ବହୁ

ଉଲ୍ଲେଖଯୋଗ୍ୟ ଗ୍ରନ୍ଥ ପ୍ରଣୟନ କରିଥିଲେ । ଭୂପେନ୍ଦ୍ରନାଥ ମନୀଷୀ ପଣ୍ଡିତ, ବଙ୍ଗଳାଦେଶର ବିପ୍ଳବ-ଆନ୍ଦୋଳନର ଅନ୍ୟତମ ନାୟକ ଓ ଗ୍ରନ୍ଥ-ପ୍ରଣେତା ହିସାବରେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ରଚିତ Swami Vivekananda: The Patriot and Prophet ସ୍ୱାମୀଜୀଙ୍କ ସମ୍ବନ୍ଧରେ ବହୁ ଜ୍ଞାତବ୍ୟ ତଥ୍ୟରେ ପୂର୍ଣ୍ଣ ।

୧୬ 'Imitation of Christ' —ଥୋମାସ୍ ବା କେମ୍ପିସ-ବିରଚିତ ଏହି ଗ୍ରନ୍ଥ ଖଣ୍ଡିକର କିଛି ଅଂଶ 'ଈଶା-ଅନୁସରଣ' ନାମରେ ସ୍ୱାମୀଜୀ ବଙ୍ଗଳାରେ ଅନୁବାଦ କରିଥିଲେ । ଷଷ୍ଠ ଖଣ୍ଡରେ 'ଭାବବାର କଥା'ର ତଥ୍ୟପଞ୍ଜୀ ଦ୍ରଷ୍ଟବ୍ୟ । ସ୍ୱାମୀ ଅଖଣ୍ଡାନନ୍ଦଙ୍କ 'ସ୍ମୃତିକଥା'ରେ ଆଉ ଗୋଟିଏ ତଥ୍ୟ ମିଳେ । 'ବସୁମତୀ' ପତ୍ରିକାର ପ୍ରତିଷ୍ଠାତା ଉପେନ୍ଦ୍ରନାଥ ମୁଖୋପାଧ୍ୟାୟଙ୍କ 'ଜ୍ଞାନାଙ୍କୁର' ପତ୍ରିକାରେ ସ୍ୱାମୀଜୀଙ୍କ 'ଈଶାନୁସରଣ' (Imitation of Christ-ର ବଙ୍ଗାନୁବାଦ) ପ୍ରକାଶିତ ହେଉଥିଲା ।

'କାହିଁକି ଶୂଦ୍ର ଉପନିଷଦ୍ ପଢ଼ିବେ ନାହିଁ ?'—ଏହି ସମ୍ବନ୍ଧରେ ସ୍ୱାମୀଜୀଙ୍କର ମତାମତ ପତ୍ରାବଳୀର ଅନ୍ୟତ୍ର, 'ଭାରତରେ ବିବେକାନନ୍ଦ' ଗ୍ରନ୍ଥରେ ଏବଂ 'ସ୍ୱାମୀଜୀ ଶିଷ୍ୟ-ସମ୍ବାଦ'ରେ ବ୍ୟକ୍ତ ହୋଇଛି । ଯଥା ସ୍ଥାନରେ ଦ୍ରଷ୍ଟବ୍ୟ ।

୧୩ 'ମୋର ସମସ୍ତ ବ୍ରାହ୍ମଣଜାତୀୟ ଗୁରୁଭ୍ରାତା'—ସ୍ୱାମୀଜୀଙ୍କ ସନ୍ନ୍ୟାସୀ ଗୁରୁଭ୍ରାତାମାନଙ୍କ ମଧ୍ୟରେ ବ୍ରାହ୍ମଣ ଜାତୀୟ ଥିଲେ : ଶରତ୍‌ଚନ୍ଦ୍ର ଚକ୍ରବର୍ତ୍ତୀ (ସ୍ୱାମୀ ସାରଦାନନ୍ଦ), ତାରକନାଥ ଘୋଷାଲ (ସ୍ୱାମୀ ଶିବାନନ୍ଦ), ଶଶିଭୂଷଣ ଚକ୍ରବର୍ତ୍ତୀ (ସ୍ୱାମୀ ରାମକୃଷ୍ଣାନନ୍ଦ), ଗଙ୍ଗାଧର ଗଙ୍ଗୋପାଧ୍ୟାୟ (ସ୍ୱାମୀ ଅଖଣ୍ଡାନନ୍ଦ), ହରିନାଥ ଚଟ୍ଟୋପାଧ୍ୟାୟ (ସ୍ୱାମୀ ତୁରୀୟାନନ୍ଦ), ଯୋଗୀନ୍ଦ୍ରନାଥ ଚୌଧୁରୀ (ସ୍ୱାମୀ ଯୋଗାନନ୍ଦ) । ହରିପ୍ରସନ୍ନ ଚଟ୍ଟୋପାଧ୍ୟାୟ (ସ୍ୱାମୀ ବିଜ୍ଞାନାନନ୍ଦ) ୧୮୯୫ ଖ୍ରୀ:ରେ ମଠରେ ଯୋଗଦାନ କରିଥିଲେ ।

'ନରେଶଚନ୍ଦ୍ରଙ୍କ ଗୋଟିଏ ସୁନ୍ଦର ଗୀତ'—ବଙ୍ଗଳା-ସାହିତ୍ୟର ଇତିହାସରେ ନଦୀୟା ରାଜବଂଶର କୁମାର ନରେଶଚନ୍ଦ୍ର ଅନ୍ୟତମ ଶ୍ୟାମାସଙ୍ଗୀତ-ପ୍ରଣେତା ।

୧୮ 'କଲିକତାର ଜଣେ ବାବୁଙ୍କ ବସାରେ'—୧୭ ସଂଖ୍ୟକ ପତ୍ର ଦ୍ରଷ୍ଟବ୍ୟ : 'ବୈଦ୍ୟନାଥରେ ପୂର୍ଣ୍ଣବାବୁଙ୍କ ବସାରେ କିଛିଦିନ ଅଛି ।'

୧୯ ଡାକ୍ତର ବାବୁ—ଏଲାହାବାଦର ଡାକ୍ତର ଗୋବିନ୍ଦଚନ୍ଦ୍ର [illegible] ।

୨୪ ବାବାଜୀ : ପଓହାରି ବାବା—ଷଷ୍ଠ ଖଣ୍ଡରେ ବ୍ୟକ୍ତି-ପରିଚୟ ଏବଂ ଏହି ଖଣ୍ଡରେ 'ମହାପୁରୁଷ-ପ୍ରସଙ୍ଗ'ରେ ଦ୍ରଷ୍ଟବ୍ୟ ।

୩୯ 'ଜଣେ ବାବୁଙ୍କର ଗୋଟିଏ ଶ୍ରେଷ୍ଠ ବଗିଚାରେ'—ଗଗନ ବାବୁଙ୍କ ବଗିଚାଘର ।

୪୦ 'ଏଲାହାବାଦରେ ଜଣେ ଭ୍ରାତାଙ୍କ ପୀଡ଼ାର ସମ୍ବାଦ'—ଯୋଗେନ୍ଦ୍ର ବା ସ୍ୱାମୀ ଯୋଗାନନ୍ଦ ଏହି ସମୟରେ ବସନ୍ତ ରୋଗରେ ଆକ୍ରାନ୍ତ ହୁଅନ୍ତି । (ପତ୍ର ୨୦ ଦ୍ର:)

'ହୃଷୀକେଶର ଖବର—ମନ ଦଉଡ଼ୁଛି'—କାଲୀ ବା ସ୍ୱାମୀ ଅଭେଦାନନ୍ଦ ସେତେବେଳେ ସେଠାରେ ପୁନଃପୁନଃ ଜ୍ୱର ଭୋଗୁଥିଲେ ।

୪୩ 'ସୁରେଶବାବୁଙ୍କ ପୀଡ଼ା'—୧୮୯୦ ଖ୍ରୀ: ୨୫ ମେ ୪୦ ବର୍ଷ ବୟସରେ ହୃଦରୋଗରେ କଲିକତାରେ ଦେହ ତ୍ୟାଗ କରନ୍ତି ।

୪୭ 'ଆଉ ଜଣେ ଗୁରୁଭାଇ ମୋ ପାଖରେ ଥିଲେ'—ସ୍ୱାମୀ ପ୍ରେମାନନ୍ଦ ।

୫୧ 'ଖ୍ରୀଷ୍ଟିଆନ୍ ରାଜାଙ୍କର ଅଦ୍ଭୁତ ଆଇନର ଜ୍ୱାଳାରେ'—ମହାସମାଧି ପରେ ପରମହଂସ ସନ୍ନ୍ୟାସୀଙ୍କ ମରଦେହର ସଲିଳ-ସମାଧି ହିଁ ପ୍ରଶସ୍ତ; କିନ୍ତୁ ସେତେବେଳେ ଇଂରାଜଙ୍କ ଆଇନରେ କଲିକତାରେ ତାହା ନିଷିଦ୍ଧ ଥିବାରୁ ଶ୍ରୀରାମକୃଷ୍ଣଙ୍କ ଦେହ ଦାହ କରିବାକୁ ପଡ଼ିଥିଲା । କାଶୀରେ ଓ ଉତ୍ତରାଖଣ୍ଡରେ ଏପରି ଆଇନ୍ ବଳବତ୍ତର ନ ଥିଲା, କାରଣ ପରବର୍ତ୍ତୀ କାଳରେ ସ୍ୱାମୀ ତୁରୀୟାନନ୍ଦ, ସ୍ୱାମୀ ବିଜ୍ଞାନାନନ୍ଦ ଓ ସ୍ୱାମୀ ଅଦ୍ଭୁତାନନ୍ଦଙ୍କ ମରଦେହ ଗଙ୍ଗାଗର୍ଭରେ ବିସର୍ଜିତ ହୋଇଥିଲା ।

'ମୋର ଜଣେ ବ୍ରାହ୍ମଣକୁଳୋଦ୍ଭବ ଗୁରୁଭ୍ରାତା'—ଶଶୀ ମହାରାଜ ବା ସ୍ୱାମୀ ରାମକୃଷ୍ଣାନନ୍ଦ ।

୬୬ 'କାହିଁକି ? ପ୍ରଶ୍ନେ ଆମର ନାହିଁ ଅଧିକାର'—ଇଂରେଜୀ Our's not to reason why. ତୁଳନୀୟ : Charge of the Light Brigade କବିତାର Their's not to reason why.

୬୭ 'ପ୍ରାୟ ସମସ୍ତ ଦକ୍ଷିଣୀ ରାଜାମାନଙ୍କ ସହିତ ଆଳାପ ହୋଇଛି'—ଏହି ସମୟ ମଧ୍ୟରେ ମହୀଶୁର, ହାଇଦ୍ରାବାଦ, ତ୍ରିବାଙ୍କୁର, କୋଚିନ୍, ରାମନାଦ ପ୍ରଭୃତି ରାଜ୍ୟର ରାଜାମାନଙ୍କ ସହିତ ସ୍ୱାମୀଜୀଙ୍କର ପରିଚୟ ହୋଇଥିଲା ।

୬୯ 'ମାନ୍ଦ୍ରାଜର ଲୋକେ ସ୍ୱତଃପ୍ରବୃତ୍ତ ହୋଇ'—ଆଲାସିଙ୍ଗା ପେରୁମଲ, ଜି. ଜି. ନରସିଂହାଚାରିୟାର୍, ସିଙ୍ଗାରଭେଲୁ ମୁଦାଲିୟର୍, ସୁବ୍ରହ୍ମଣ୍ୟ ଆୟାର ପ୍ରଭୃତି ମାନ୍ଦ୍ରାଜର ଅନୁଗତ ଶିଷ୍ୟମାନେ ସ୍ୱାମୀଜୀଙ୍କ ଆମେରିକା ଯାତ୍ରା ସମ୍ବନ୍ଧରେ ଅନେକ ସାହାଯ୍ୟ କରିଥିଲେ ।

'ଯେଉଁ ଦୁଇଜଣ ସ୍ୱାମୀଜୀ ଗତଥର ଜୁନାଗଡ଼ରେ ଆପଣଙ୍କ ନିକଟକୁ ଯାଇଥିଲେ'—ସ୍ୱାମୀ ବ୍ରହ୍ମାନନ୍ଦ ଓ ସ୍ୱାମୀ ତୁରୀୟାନନ୍ଦ ।

୭୧ 'ପ୍ରତି ମନ୍ଦିରରେ କେତେକ ସଂସ୍କୃତ-ମନ୍ତ୍ର ପ୍ରାଚୀନ ବଙ୍ଗଳା ଅକ୍ଷରରେ ଲେଖା'—'ଚୀନ ଓ ଜାପାନରେ ସବୁ ମନ୍ଦିରରେ ଓଁ ହ୍ରୀଂ କ୍ଲୀଂ ସବୁ ବଡ଼ ବଡ଼ ସୁନେଲି ଅକ୍ଷରରେ ଲେଖା ଦେଖିଛି । ସେ ଅକ୍ଷର ବଙ୍ଗଳାର ଏତେ ନିକଟବର୍ତ୍ତୀ ଯେ ବେଶ୍ ବୁଝି ପଡ଼େ' । (—'ପରିବ୍ରାଜକ' ପୁସ୍ତକ)

୭୨ 'ବ୍ରୁକ ମେଡୋଜ୍'—ମିସ୍ କେଟ୍ ଶ୍ୟାନବର୍ଣ୍ଣ ନ୍ୟୁହାମ୍ପଶାୟାରରୁ ଆସି ମାସାଚୁସେଟ୍ସ-ରେ ଗୋଟିଏ ପରିତ୍ୟକ୍ତ ଖମାର-ଘର କିଣି 'ବ୍ରୁକ ମେଡୋଜ୍' ରୂପରେ ତାହାକୁ ପୁନର୍ଗଠିତ କରିବାକୁ ଚାହିଁଥିଲେ । ତାଙ୍କର ସେଠାକାର ଜୀବନ

ପ୍ରସଙ୍ଗରେ ଦୁଇ ଖଣ୍ଡି ପୁସ୍ତକ ସେ ରଚନା କରିଛନ୍ତି । 'ଘରଟିର ଆଖପାଖରେ ଥିଲା ମନୋରମ ପାଇନ୍, ଲୁପେଲ ବାର୍ଚ୍ଚ ଓ ବଡ଼ ବଡ଼ ଏଲ୍‌ମ୍ ଗଛର ଧାଡ଼ି, କଇଁଫୁଲପୂର୍ଣ୍ଣ ଗୋଟିଏ ପ୍ରାକୃତିକ ଜଳାଶୟ ଓ ଦୁଇଟି ଛୋଟ ନଦୀ, ଯାହାର ଛାୟାଯୁକ୍ତ ତୀରରେ ଫୁଟିଥାଏ 'ଫର୍‌ଗେଟ୍-ମି-ନଟ୍‌ର' ଗୁଚ୍ଛ । ଘରଟିର ଅଧା ଘୋଡ଼ା ମାଡ଼ି ଗୋଟିଏ ଅଙ୍ଗୁର ଗଛ ରହିଥିଲା ।

'ବୋଷ୍ଟନ୍‌ର ଗୋଟିଏ ଗାଁରେ ଜଣେ ବୁଢ଼ୀ ମହିଳା'—ମିସ୍ କେଟ୍ ଶ୍ୟାନବର୍ଣ୍ଣ ।

'ଜଣେ ଧୋତିପିନ୍ଧା ଆଡ଼ପାଗଳା ମରହଟ୍ଟା ବ୍ରାହ୍ମଣ'—ଏହି ମରାଠୀ ବ୍ରାହ୍ମଣଙ୍କ ନାମ ରାଜୋୟାଡ଼ୀ, କିନ୍ତୁ ସମସ୍ତେ ତାଙ୍କୁ 'ରିଚ' ବୋଲି ଡାକୁଥିଲେ । ଚିକାଗୋ ମେଳାରେ ଭାରତ-ଉତ୍ପନ୍ନ ଜିନିଷପତ୍ର ବିକିବାକୁ ସେ ଯାଇଥିଲେ । ଏହି ରୁକ୍ଷ ମିଜାଜର ଦୋକାନଦାରଟି କାଗଜର ରିପୋର୍ଟରମାନଙ୍କ ନିକଟରେ ବରୋଦା-ମହାରାଜାଙ୍କ ନିନ୍ଦା କରିଥିଲେ । କିନ୍ତୁ ରିପୋର୍ଟରମାନେ ଏହି ବ୍ରାହ୍ମଣଟିର ନାମ ଭୁଲିଯିବାରୁ ପରଦିନ କାଗଜରେ ବାହାରିଲା : ବିବେକାନନ୍ଦ ବରୋଦା-ମହାରାଜାଙ୍କର ନିନ୍ଦା କରିଛନ୍ତି ।

'ଗୋଟିଏ ବୃହତ୍ ମହିଳା-ସଭାରେ ବକ୍ତୃତା'—ଏହି କ୍ଲବର ୧୮୯୩ ଖ୍ରୀ: ବାର୍ଷିକ ରିପୋର୍ଟରୁ ମଧ୍ୟ କୌଣସି ତଥ୍ୟ ମିଳିଲା ନାହିଁ । କ୍ଷାତବ୍ୟ ତଥ୍ୟର ସ୍ୱଳ୍ପତା ସତ୍ତ୍ୱେ ପରବର୍ତ୍ତୀ କାଳରେ ବ୍ରୁକ୍‌ଲିନ୍ ରମାବାଈ ସର୍କଲର ଘଟନାବଳୀର ଆଲୋକରେ ଆମେ ନିଶ୍ଚିତ ହୋଇପାରୁ ଯେ, ସ୍ୱାମୀଜୀ ବ୍ରୁକ୍‌ଲିନ୍ ରମାବାଈ ସର୍କଲର ମହିଳାମାନଙ୍କ ନିକଟରେ ଭାରତ ଏବଂ ସେଠାର ବାଲବିଧବାମାନଙ୍କର ଯଥାର୍ଥ ଚିତ୍ର ଅଙ୍କିତ କରିଥିଲେ, ଯେଉଁ ଚିତ୍ର ସେମାନେ ବିଶେଷ ପସନ୍ଦ କରି ନ ଥିଲେ । (New Discoveries)

'ଚିକାଗୋ ମେଳାର ଜଣେ କର୍ତ୍ତା'—ମିଃ ପାମାର୍ ।

'ସୋମବାର ଦିନ ସେଲେମ୍‌ରେ ଗୋଟିଏ ବୃହତ୍ ମହିଳା-ସଭାରେ ବକ୍ତୃତା'—୨୪ ଅଗଷ୍ଟ ୧୮୯୩ ଖ୍ରୀ: 'ସେଲେମ୍ ଇଭନିଂ ନ୍ୟୁଜ୍'ରେ ଏହି ସମ୍ବାଦଟି ପ୍ରକାଶିତ ହୋଇଥିଲା : ଆଗାମୀ ସୋମବାରଦିନ ଭାରତାଗତ ଜଣେ ଜ୍ଞାନୀ ସନ୍ନ୍ୟାସୀ 'ଥଟ୍ ଆଣ୍ଡ୍ ଓ୍ୱାର୍କ କ୍ଲବ'ରେ ସଭ୍ୟମାନଙ୍କ ନିକଟରେ ତାଙ୍କର ନିଜ ଦେଶ, ଧର୍ମ ଓ ରୀତିନୀତି ସମ୍ପର୍କରେ ବକ୍ତୃତା ଦେବେ ।··· ଯେଉଁ ସବୁ ଭଦ୍ରମହୋଦୟ ଏବଂ ମହିଳା ସଦସ୍ୟ ନୁହନ୍ତି, ସେମାନେ କ୍ଲବ୍‌ର କୌଣସି ସଦସ୍ୟଙ୍କ ଜରିଆରେ ଟିକେଟ୍ ପାଇପାରନ୍ତି । 'ରାଜା' ତାଙ୍କର ଦେଶୀୟ ପୋଷାକ ପରିଧାନ କରିବେ । (N. D. pp. 30-32)

୨୭ 'ସେଠାରେ ଗୋଟିଏ ବକ୍ତୃତାରେ ୮୭ ଡଲାର୍ ମିଳିଛି'—ଚିକାଗୋର ୯୦ ମାଇଲ ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ଷ୍ଟ୍ରୀଟର୍ ନାମକ କ୍ଷୁଦ୍ର ସହରର ପ୍ଲମ୍ବ ଅପେରା ହାଉସ୍‌ରେ ପ୍ରାୟ ଛ'ଶହ ଲୋକଙ୍କ ଉପସ୍ଥିତିରେ ବକ୍ତୃତାଟି ହୋଇଥିଲା । ବିଷୟ : ତୁଳନାତ୍ମକ

ଭାଷାତତ୍ତ୍ୱ ଦ୍ୱାରା ଆର୍ଯ୍ୟଜାତି ସହିତ ସେମାନଙ୍କ ବର୍ତ୍ତମାନ ବଂଶଧରମାନଙ୍କର ସମ୍ପର୍କ ପ୍ରତିଷ୍ଠା । (N. D. p. 104)

୮୧ 'ଆମ ଧର୍ମର ଯେଉଁ ସଂକ୍ଷିପ୍ତ ବିବରଣ ପାଠ କରିଥିଲି'—ଚିକାଗୋ ମେଳାର ବିଜ୍ଞାନ ବିଭାଗରେ ୨୫ ସେପ୍ଟେମ୍ବର, ୧୮୯୩, ସ୍ୱାମୀଜୀ 'The Essence of Hindu Religion' ପ୍ରସଙ୍ଗରେ ବକ୍ତୃତା ଦେଇଥିଲେ (—Lectures in America etc. by P. C. Mazoomdar) ।

୮୫ 'ଲିନ୍‌ର ଏକ ମହିଳା'— ମିସେସ୍ ବ୍ରୀଡ୍ (ବ୍ୟକ୍ତିପରିଚୟ ଦ୍ରଷ୍ଟବ୍ୟ) ।

'ଫ୍ଲାଗ୍‌ଙ୍କର ଗୋଟିଏ ପତ୍ର ପାଇଲି'—William Flagg ଆମେରିକାର Comparative Religion ବିଷୟରେ ପଣ୍ଡିତ । ନାନା ଧର୍ମର ଅଧ୍ୟାତ୍ମବାଦ ନେଇ ସେ ପ୍ରଚୁର ଗବେଷଣା କରିଥିଲେ । ଚିକାଗୋ ଧର୍ମସଭାର ଅବ୍ୟବହିତ ପରେ ଯେତେବେଳେ ସ୍ୱାମୀଜୀ ବକ୍ତୃତା-ଯାତ୍ରାରେ ବ୍ୟସ୍ତ, ସେତେବେଳେ ତାଙ୍କ ସହିତ ପତ୍ରାଳାପ ହୋଇଥିଲା । ୧୮୯୮ ଖ୍ରୀ:ରେ ସେ Yoga or Transformation ନାମକ ଗୋଟିଏ ବୃହତ୍ ଗ୍ରନ୍ଥ ପ୍ରକାଶ କରିଥିଲେ । ନ୍ୟୁୟର୍କରେ ତାହା ପ୍ରକାଶିତ ହୋଇଥିଲା ।

୯୦ '୧୭ ତାରିଖରେ ଲିନ୍ କ୍ଲବର ନିମନ୍ତ୍ରଣ'—ଲିନ୍ ବୋଷ୍ଟନ୍ ସହରଠାରୁ ଦଶ ମାଇଲ ଦୂରବର୍ତ୍ତୀ ଗୋଟିଏ ଶିଳ୍ପନଗରୀ । ସ୍ୱାମୀଜୀ ଲିନ୍‌ରେ ଦୁଇଟି ବକ୍ତୃତା ଦେଇଥିଲେ, ପ୍ରଥମଟି ୧୭ ଏପ୍ରିଲ୍ ଅପରାହ୍ଣରେ ନର୍ଥ ଶୋର୍ କ୍ଲବ୍‌ରେ ଏବଂ ଦ୍ୱିତୀୟଟି ୧୮ ଏପ୍ରିଲ୍ ସନ୍ଧ୍ୟାରେ ଅକ୍‌ସଫୋର୍ଡ ହଲ୍‌ରେ ଜନସାଧାରଣଙ୍କ ସମକ୍ଷରେ । ନର୍ଥ ଶୋର୍ କ୍ଲବ୍‌ର ଗୋଟିଏ କ୍ୟାଲେଣ୍ଡର୍‌ରେ ମିଳେ ୧୭ ଏପ୍ରିଲ୍ ବକ୍ତୃତାର ବିଷୟ ଥିଲା : The Manners and Customs of India (N.D. p. 366) ।

୯୧ 'ମାନ୍ଦ୍ରାଜରେ ଗୋଟିଏ ବଡ଼ ସଭା ଡକାଇବା'—୧୮୯୪ ଖ୍ରୀ: ଜୁନ୍ ମାସରେ ମାନ୍ଦ୍ରାଜରେ ସ୍ୱାମୀଜୀଙ୍କ ଅଭିନନ୍ଦନ-ସଭା ଅନୁଷ୍ଠିତ ହୁଏ । ଏହି ସମ୍ବାଦ ୩୦ ଅଗଷ୍ଟ 'ବୋଷ୍ଟନ୍ ଇଭିନିଂ ଟ୍ରାନ୍‌ସ୍କ୍ରିପ୍ଟ୍'ରେ ପ୍ରକାଶିତ ହେବାରୁ ସ୍ୱାମୀଜୀ ତାହା ଜାଣିପାରିଥିଲେ ।

୯୩ 'ଆମ ଦେଶର ଅନ୍ୟତମ ପ୍ରଧାନ ସମ୍ବାଦପତ୍ରର ସମ୍ପାଦକ'—'ଇଣ୍ଡିଆନ୍ ମିରର୍' ପତ୍ରିକାର ସମ୍ପାଦକ ନରେନ୍ଦ୍ରନାଥ ସେନ । ନରେନ୍ଦ୍ରବାବୁ ପ୍ରତାପ ମଜୁମଦାର୍ ମହାଶୟଙ୍କର ସମ୍ପର୍କୀୟ । ପ୍ରତାପବାବୁ କେଶବଚନ୍ଦ୍ର ସେନଙ୍କର ଆତ୍ମୀୟ ।

୧୦୫ 'ମଜୁମଦାରଙ୍କ ଲିଖିତ ରାମକୃଷ୍ଣ ପରମହଂସଙ୍କ ସଂକ୍ଷିପ୍ତ ଜୀବନଚରିତ'—୧୮୭୯ ଖ୍ରୀ: ଅକ୍‌ଟୋବର-ଡିସେମ୍ବର ସଂଖ୍ୟାରେ The Theistic Quarterly Review ପତ୍ରର ୩୨-୩୯ ପୃଷ୍ଠାରେ ପ୍ରତାପଚନ୍ଦ୍ର ମଜୁମଦାରଙ୍କ ଲେଖା 'The Hindu Saint' ପ୍ରବନ୍ଧଟି ପ୍ରକାଶିତ ହୋଇଥିଲା । ପରେ ଉଦ୍‌ବୋଧନ କାର୍ଯ୍ୟାଳୟରୁ ଏହା ପୁସ୍ତିକାକାରରେ ପ୍ରକାଶିତ ହୋଇଥିଲା । ପ୍ରବନ୍ଧଟି ସର୍ବପ୍ରଥମେ

୧୮୭୬ ଖ୍ରୀ: ୨୭ ଏପ୍ରିଲ୍ 'Sunday Mirror' ପତ୍ରରେ ପ୍ରକାଶିତ ହୋଇଥିଲା ବୋଲି ଜଣାଯାଏ ।

୧୦୭ 'ସ୍ୱାମ୍ପ୍‌ସ୍କଟ୍ ଯିବା ପାଇଁ ନିମନ୍ତ୍ରଣ ଜଣାଇଛନ୍ତି ଜଣେ ଅତିଧନୀ ମହିଳା'—ସ୍ୱାମୀଜୀ ଏହି ପତ୍ରରେ ଜଣାନ୍ତି ଯେ, ସେ ଉକ୍ତ ମହିଳାଙ୍କ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରନ୍ତି । ତାଙ୍କର ୨୭ ଜୁଲାଇ (୧୮୯୪)-ର ଗୋଟିଏ ଚିଠି ସ୍ୱାମ୍ପସ୍କଟ୍‌ରୁ ଲେଖା; ୩୧ ଜୁଲାଇର ପତ୍ରରେ ସ୍ୱାମୀଜୀ ଲେଖିଛନ୍ତି : 'ମିସ୍ ଗାର୍ଣ୍ଣସି ସ୍ୱାମ୍ପସ୍କଟ୍‌ରୁ ଘରକୁ ଯାଇଛନ୍ତି ।'

୧୦୮ ମୂଳ ପତ୍ରରେ କୌଣସି ତାରିଖ ନାହିଁ; କଲିକତାର ସମ୍ବର୍ଦ୍ଧନା-ସଭା ହୋଇଥିଲା ୫ ସେପ୍‌ଟେମ୍ବର ଏବଂ ସ୍ୱାମୀଜୀ ନିଶ୍ଚୟ ସେପ୍‌ଟେମ୍ବର ଶେଷ ସପ୍ତାହ ପୂର୍ବରୁ ତାହା ଜାଣି ପାରି ନ ଥିବେ ।

'କଲିକତାର ଜଣେ ଅଭିଜାତଶ୍ରେଷ୍ଠ' —ରାଜା ପ୍ୟାରୀମୋହନ ମୁଖୋପାଧ୍ୟାୟ ।

୧୧୧ 'ଡେଟ୍ରୟେଟ୍-ବାସିନୀ ଆଉ ଜଣେ ଉଚ୍ଚଶିକ୍ଷିତା ଭଦ୍ର ମହିଳା···ଗୋଟିଏ ଦ୍ୱୀପକୁ ମୋତେ ନେଇଯିବେ' —ଏହି ମହିଳାଙ୍କର ନାମ ମିସ୍ ଡାଚ୍ଚର୍ । 'ଥାଉଜାଣ୍ଡ ଆଇଲାଣ୍ଡ ପାର୍କ'ରେ ଥିବା ଏହାଙ୍କ ଗୃହରେ ହିଁ ପ୍ରାୟ ଦେଢ଼ମାସ କାଳ ରହି ସ୍ୱାମୀଜୀ ତାଙ୍କର ଆମେରିକାନ୍ ଶିଷ୍ୟ ଓ ଶିଷ୍ୟାମାନଙ୍କର ଅଧ୍ୟାତ୍ମଜୀବନ ଗଠନ କରିଥିଲେ । ମିସ୍ ଡାଚ୍ଚର୍ ମଧ୍ୟ ସ୍ୱାମୀଜୀଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।

'ପାଇନ୍ ଗଛ ତଳେ' —ଏଠାରେ (ଗ୍ରୀନ୍‌ଏକର୍‌ରେ) କେତେଜଣ ଆଗ୍ରହୀ ଶ୍ରୋତା ଜୁଟିଥିଲେ । ସେମାନେ ଗୋଟିଏ ପ୍ରାଚୀନ ଦେବଦାରୁ ବୃକ୍ଷତଳେ ବସି ସ୍ୱାମୀଜୀଙ୍କ ମୁଖରୁ ବେଦାନ୍ତ-ବ୍ୟାଖ୍ୟା ଶ୍ରବଣ କରୁଥିଲେ । ସେହି ଦିନୁ ସମସ୍ତେ ଏହି ବୃକ୍ଷଟିକୁ 'ସ୍ୱାମୀଜୀଙ୍କ ଦେବଦାରୁ ବୃକ୍ଷ' (Swami's Pine) ବୋଲି ଅଭିହିତ କରୁଥିଲେ ।

୧୧୨ 'ଗଛ ତଳେ ଆମ ଦଳର ଛବି'—ପାଇନ୍ ଗଛ ତଳେ ସ୍ୱାମୀଜୀଙ୍କ ଛବି New Discoveries ଗ୍ରନ୍ଥରେ ଦ୍ରଷ୍ଟବ୍ୟ ।

୧୩୫ 'ଦ୍ୱିବେଦୀ ମହାଶୟଙ୍କ ପ୍ରବନ୍ଧ'—ମଣିଲାଲ ଦ୍ୱିବେଦୀ ହିନ୍ଦୁ ସନାତନୀମାନଙ୍କ ପକ୍ଷରୁ ଚିକାଗୋ ଧର୍ମ-ମହାସଭାରେ ପ୍ରତିନିଧିତ୍ୱ କରିଥିଲେ । ସେ ହିନ୍ଦୁଧର୍ମ ଓ ଭାରତୀୟ ଦର୍ଶନ ସମ୍ବନ୍ଧରେ ଗୋଟିଏ ଲିଖିତ ପ୍ରବନ୍ଧ ପାଠ କରିଥିଲେ ।

୧୩୭ 'ଟାଉନ୍ ହଲ୍ ସଭାରେ ଯେଉଁସବୁ ପ୍ରସ୍ତାବ ଗୃହୀତ ହୋଇଛି'—ପ୍ରସ୍ତାବଗୁଡ଼ିକ ଏହିପରି ଥିଲା : (୧) ଏହି ସଭା ହିନ୍ଦୁଧର୍ମ ପାଇଁ ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱଧର୍ମସଭାରେ ଯେଉଁ ମହତ୍ତ୍ୱ କାର୍ଯ୍ୟ ସମ୍ପାଦନ କରିଛନ୍ତି ଓ ପରେ ଆମେରିକାର ଅନ୍ୟାନ୍ୟ ସ୍ଥାନରେ ଯେଉଁ ସମସ୍ତ କାର୍ଯ୍ୟ କରିଛନ୍ତି, ସେଥିପାଇଁ ତାଙ୍କ ପ୍ରତି ବିଶେଷ କୃତଜ୍ଞତା ଜ୍ଞାପନ କରୁଅଛନ୍ତି । (୨) ଏହି ସଭା ଚିକାଗୋ ମହାସଭାର ସଭାପତି ଓ ସାଧାରଣ ଭାବରେ ଆମେରିକାର ସମସ୍ତ ଅଧିବାସୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ସହୃଦୟ ଓ ସହାନୁଭୂତିପୂର୍ଣ୍ଣ ବ୍ୟବହାର ପାଇଁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । (୩) ଏହି ସଭା ଉପରୋକ୍ତ ଦୁଇଟି ପ୍ରସ୍ତାବ ସ୍ୱାମୀ ବିବେକାନନ୍ଦ, ଡଃ

ବ୍ୟାରୋଜ୍ ଓ ମିଃ ସ୍ନେଲ୍‌ଙ୍କ ଏବଂ ଏଥି ସଙ୍ଗେ ଥିବା ପତ୍ର ଖଣ୍ଡିକ ସ୍ୱାମୀ ବିବେକାନନ୍ଦଙ୍କୁ ପଠାଇଦେବା ନିମନ୍ତେ ସଭାପତି ମହାଶୟଙ୍କୁ ଅନୁରୋଧ କରୁଅଛନ୍ତି ।

୧୪୦ 'ଏଥିମଧ୍ୟରେ ନ୍ୟୁୟର୍କଠାରେ ଗୋଟିଏ ସମିତି ସ୍ଥାପନ କରିଛି'—ଶିକ୍ଷାମୂଳକ ପ୍ରଚାରକାର୍ଯ୍ୟର ସୁବିଧା ପାଇଁ ସ୍ୱାମୀଜୀ ୧୮୯୪ ଖ୍ରୀ: ନଭେମ୍ବରରେ ନ୍ୟୁୟର୍କଠାରେ ଗୋଟିଏ ସମିତି ଗଠନ କରିଥିଲେ । ୧୮୯୫ ଖ୍ରୀ: ଅଧିକାଂଶ ସମୟ କୌଣସି ସମିତିର ସାହାଯ୍ୟ ବ୍ୟତୀତ କାର୍ଯ୍ୟ କରିଲେ ସୁଦ୍ଧା ଏହାର ଅସ୍ତିତ୍ୱ ରହିଥିଲା । ପରେ (୧୮୯୬ ଖ୍ରୀ: ଫେବ୍ରୁଆରି ପୂର୍ବରୁ) ଉକ୍ତ ସୋସାଇଟି Vedanta Society of New York ନାମରେ ପରିଚିତ ହେଲା । ଗାର୍ଣ୍ଣସି ପରିବାର, ମିସେସ୍ ଓଲି ବୁଲ୍, ମିସ୍ ଫିଲିପ୍‌ସ୍, ମିସ୍ ଫାର୍ମର, ମିସ୍ ଥାର୍ସବି ପ୍ରଭୃତି କେତେଜଣ ସେହି ସମିତିର ସଭ୍ୟ ଥିଲେ । (N. D. pp. 460, 540)

୧୪୩ 'ସ୍ପାଲ୍‌ଡିଂମାନଙ୍କର ଘରକୁ···ଖାଇବାକୁ ଯାଇଥିଲି'—ବିଖ୍ୟାତ ବେହେଲାବାଦକ ଆଲ୍‌ବର୍ଟ ସ୍ପାଲ୍‌ଡିଂ (Albert Spalding) ତାଙ୍କର ଆତ୍ମଜୀବନୀ 'Rise to Follow'-ରେ ଲେଖିଛନ୍ତି, ତାଙ୍କ ବାଲ୍ୟାବସ୍ଥାରେ ତାଙ୍କର ପରିବାର ସହିତ ସ୍ୱାମୀଜୀଙ୍କର ପରିଚୟ ଥିଲା ଏବଂ ସେମାନେ ପ୍ରାୟତଃ ସ୍ୱାମୀଜୀଙ୍କ ବିଷୟ ଆଲୋଚନା କରୁଥିଲେ । ସେଠାରେ ଆହୁରି ଉଲ୍ଲିଖିତ ଅଛି ଯେ, ସ୍ୱାମୀଜୀ ଥରେ ତାଙ୍କ ଗୃହରେ ନୈଶଭୋଜନ କରିଥିଲେ । (N. D. pp. 67, 381)

୧୪୬ 'ଡଃ ବ୍ୟାରୋଜଙ୍କ ଧର୍ମମହାସଭା ସମ୍ପର୍କୀୟ ବିବରଣ-ପୁସ୍ତକଟି'—The World's Parliament of Religions.

୧୫୧ 'ଜନୈକ ଅବସରପ୍ରାପ୍ତ ମିଶନାରି ଲୋକେ'—ସେହି ମିଶନାରୀଙ୍କ ନାମ ରେଭେରେଣ୍ଡ ହ୍ୟୁମ୍, ସେ ଭାରତର ଗୋଟିଏ Christian Mission-ର ଡିରେକ୍ଟର ଥିଲେ । ୧୮୯୪ ଖ୍ରୀ: ମାର୍ଚ୍ଚ ୧୬ରେ ଡେଟ୍ରଏଟ୍ ଅପେରା ହାଉସ୍‌ଠାରେ 'Christian Mission in India' ପ୍ରସଙ୍ଗରେ ସ୍ୱାମୀଜୀ ଭାରତରେ ଖ୍ରୀଷ୍ଟିଆନ୍ ମିଶନାରୀମାନଙ୍କର କାର୍ଯ୍ୟକଳାପର ସମାଲୋଚନା କରି ବକ୍ତୃତା କରିବାରୁ ରେଭଃ ହ୍ୟୁମ୍ ୨୧ ମାର୍ଚ୍ଚରେ ମାସାଚୁସେଟ୍‌ସ୍‌ରୁ ପ୍ରକାଶ୍ୟ ବିତର୍କ ପାଇଁ ସ୍ୱାମୀଜୀଙ୍କୁ ପତ୍ର ଲେଖିଥିଲେ । ସ୍ୱାମୀଜୀ ସଂକ୍ଷେପରେ ତା'ର ଉତ୍ତର ଦେଇଥିଲେ ।

'ଇଣ୍ଡିଆନ୍ ମିରର୍‌ର ମହାନୁଭବ ସମ୍ପାଦକ'—ନରେନ୍ଦ୍ରନାଥ ସେନ; ୧୮୯୫ ଖ୍ରୀ: ସେପ୍ଟେମ୍ବର ୫ରେ କଲିକତା ଟାଉନ୍ ହଲ୍‌ରେ ସ୍ୱାମୀଜୀଙ୍କ ସମ୍ବର୍ଦ୍ଧନା-ସଭାରେ ସେ ବକ୍ତୃତା ଦେଇଥିଲେ ।

୧୫୬ 'ପରମହଂସ ମହାଶୟଙ୍କର ଜୀବନଚରିତ ଲେଖି ପଠାଇବି'—୧୮୯୬ ଖ୍ରୀ:ର ପୂର୍ବରୁ ସ୍ୱାମୀଜୀ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ କିଛି ଲେଖି ନ ଥିଲେ । ୧୮୯୬ ଖ୍ରୀ: ଫେବ୍ରୁଆରି ୨୪ରେ 'ମ୍ୟାଡିସନ୍ ସ୍କୋୟାର୍ ଗାର୍ଡନ୍'ରେ ସେ 'Sree

Ramakrishna Paramahansadeva' ପ୍ରସଙ୍ଗରେ ବକ୍ତୃତା ଦେଇଥିଲେ । ପରେ ଲଣ୍ଡନରେ ମଧ୍ୟ ସ୍ୱାମୀଜୀ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ବକ୍ତୃତା ଦୁଇଟି ଏକତ୍ର 'My Master' ନାମରେ ପ୍ରକାଶିତ ହୁଏ ।

୧୫୮ 'ସନ୍ଧ୍ୟା ସମସ୍ତଟା ପରମାନନ୍ଦରେ କଟିଗଲା'—୧୮୯୪ ଖ୍ରୀ: ଡିସେମ୍ବର ୨୮ରେ ସ୍ୱାମୀଜୀ ଲଣ୍ଡନରୁ ବ୍ରୁକଲିନ୍ ଯାଆନ୍ତି ଏବଂ ମିଃ ହିଗିନ୍ସ୍ (Mr. Charles M. Higgins)-ଙ୍କ ଗୃହରେ ସେହି ଦିନ ସନ୍ଧ୍ୟାରେ ଆପ୍ୟାୟିତ ହୁଅନ୍ତି । ସେଦିନର ପ୍ରଧାନ ଆଲୋଚ୍ୟ ବିଷୟ ଥିଲା 'ବୈଦିକ ଧର୍ମର ଦର୍ଶନ' ।

'ମିଃ ହିଗିନ୍ସ୍ ମୋ ସମ୍ବନ୍ଧରେ ଯେଉଁ ପୁସ୍ତିକା ଖଣ୍ଡିକ ଛପାଇଛନ୍ତି—ମିଃ ଚାର୍ଲସ୍ ହିଗିନ୍ସ୍ ଥିଲେ ବ୍ରୁକ୍ଲିନ୍ ଏଥିକାଲ୍ ଆସୋସିଏସନ୍‌ର ଜଣେ କର୍ମକର୍ତ୍ତା । ୧୮୯୪ ଖ୍ରୀ: ନଭେମ୍ବର ମାସରେ ସେ ସ୍ୱାମୀଜୀଙ୍କ ସମ୍ବନ୍ଧରେ ଦଶ ପୃଷ୍ଠାର ଗୋଟିଏ ପୁସ୍ତିକା ଛପାଇ ପ୍ରାଚ୍ୟଧର୍ମ ଅଧ୍ୟୟନରେ ଉତ୍ସାହୀ ବ୍ୟକ୍ତିମାନଙ୍କ ମଧ୍ୟରେ ବିତରଣ କରିଥିଲେ । ଆମେରିକା ଓ ଭାରତବର୍ଷର ସମ୍ବାଦପତ୍ରଗୁଡ଼ିକରୁ ତଥ୍ୟ ଗ୍ରହଣ କରି ପୁସ୍ତିକାଟି ସୁଷ୍ଠୁଭାବରେ ରଚିତ ହୋଇଥିଲା । (N. D. pp. 467-68)

୧୫୯ ଭାରତବର୍ଷର ଜନସାଧାରଣଙ୍କୁ ଅଜ୍ଞତା ଓ ଦାରିଦ୍ର୍ୟର ପଙ୍କରୁ ଉଦ୍ଧାର କରିବା କେତେ କଠିନ ଏବଂ ତାହାର ସମ୍ପାଦନ ନିମିତ୍ତ କେତେ ପରିମାଣ ତ୍ୟାଗ ଓ ଚେଷ୍ଟାର ପ୍ରୟୋଜନ, ତାହା ଅତି ପରିଷ୍କାର ଭାବରେ ଓ ବଳିଷ୍ଠ ଭାଷାରେ ଏହି ପତ୍ରରେ ବ୍ୟକ୍ତ ହୋଇଅଛି । ଏହି ସମ୍ପର୍କରେ ଧନୀ ଅଭିଜାତ ଓ ଶିକ୍ଷିତ ସମ୍ପ୍ରଦାୟର କର୍ତ୍ତବ୍ୟ ଅଳ୍ପ କଥାରେ ବ୍ୟକ୍ତ ହୋଇଅଛି । ଏହି ସମସ୍ତ ଭାବ ହିଁ ପରେ ଦେଶ ମଧ୍ୟରେ ଗଠନମୂଳକ କର୍ମସୂଚୀର ଜନ୍ମ ଦେଇଛି ।

ମେକଲେ—Thomas Babington Macaulay, Lord (୧୮୦୦-୧୮୫୯) ବିଖ୍ୟାତ ଇଂରେଜ ଲେଖକ, ଐତିହାସିକ ଓ ରାଜନୀତିଜ୍ଞ । ସେ ଭାରତବର୍ଷର ସୁପ୍ରିମ କାଉନ୍‌ସିଲ୍‌ର ଉପଦେଷ୍ଟା ଥିଲେ । Warren Hastings, Lord Clive ପ୍ରଭୃତିଙ୍କ ଜୀବନୀ-ଲେଖକ ।

୧୬୭ ମିସେସ୍ ଓଲି ବୁଲ୍ ଜଣେ ଉତ୍ତମ ଅଧିକାରୀ । ତେଣୁ ତାଙ୍କର ପିତୃ-ବିୟୋଗରେ ସ୍ୱାମୀଜୀ ତାଙ୍କୁ ମାମୁଲି ଧରଣରେ ସାନ୍ତ୍ୱନା ନ ଦେଇ ମୃତ୍ୟୁ, ପରକାଳ, ଜୀବାତ୍ମା ଓ ପରମାତ୍ମାଙ୍କ ସମ୍ପର୍କ ପ୍ରଭୃତି କଥା ଲେଖିଛନ୍ତି । ପ୍ରଥମ ଶିକ୍ଷାର୍ଥୀଙ୍କର ବୁଝିବା ପାଇଁ ଉପଯୋଗୀ କରି ଗୋଟିଏ ନକ୍ସା ଓ ଦୁଇ-ତିନଟି ଉପମା ସାହାଯ୍ୟରେ ମୂଳ ବୈଦାନ୍ତିକ ତଥ୍ୟ ସ୍ୱାମୀଜୀ ବୁଝାଇବାକୁ ଚେଷ୍ଟା କରିଛନ୍ତି । ଏହା କଠୋପନିଷଦ୍‌ର ସଂକ୍ଷିପ୍ତସାର ।

୧୬୨ 'ତୁମେ ସୁରଭଉଣୀ'—ମିଃ ଜର୍ଜ ଡବ୍ଲ୍ୟୁ ହେଲ୍‌ଙ୍କ ଦୁଇ କନ୍ୟା ମିସ୍ ମେରୀ ଓ ମିସ ହ୍ୟାରିଏଟ୍ ହେଲ୍ ଏବଂ ତାଙ୍କର ଦୁଇ ଭ୍ରାତୃଷ୍ପୁତ୍ରୀ ମିସ୍ ହ୍ୟାରିଏଟ୍ ଓ ମିସ୍

ଇସାବେଲ୍ ମ୍ୟାକ୍‌କିଣ୍ଡଲ୍ଲ ।

୮୮ 'ବାର୍ବର୍ ହାଉସ୍‌ରେ ପ୍ରଦତ୍ତ ବକ୍ତୃତାଗୁଡ଼ିକ'—୧୮୯୫ ଖ୍ରୀ: ମିସେସ୍ ବାର୍ବର୍ ନାମକ ଜଣେ ସମାଜନେତ୍ରୀଙ୍କ ପୃଷ୍ଠପୋଷକତାରେ ସ୍ୱାମୀଜୀ କେତେକ ଧାରାବାହିକ ବକ୍ତୃତା ଦେଇଥିଲେ । ସେହିଗୁଡ଼ିକ ହିଁ 'Barbar's Lecture'.

'ସହସ୍ର-ଦ୍ୱୀପୋଦ୍ୟାନ'—ସେଣ୍ଟ ଲରେନ୍‌ସ ନଦୀ ଉପରେ ଥାଉଜାଣ୍ଡ୍ ଆଇଲ୍ୟାଣ୍ଡ୍ ପାର୍କ ନାମକ ଦ୍ୱୀପପୁଞ୍ଜ । ମିସ୍ ଡାଚ୍ଚର୍ ନାମରେ ଜଣେ ମହିଳାଙ୍କର ଆମନ୍ତ୍ରଣରେ ସ୍ୱାମୀଜୀ ସେଠାରେ ତାଙ୍କ କୁଟୀରରେ ୧୮୯୫ ଖ୍ରୀ: ଜୁନ୍ ୧୯ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ରହି ପ୍ରତ୍ୟହ ବେଦାନ୍ତାଦି ଶାସ୍ତ୍ର ବ୍ୟାଖ୍ୟା କରି ତାଙ୍କ ଶିଷ୍ୟ ଓ ଶିଷ୍ୟାଗଣଙ୍କ ଜୀବନ ଗଠନ କରିଥିଲେ । ସର୍ବମୋଟ ବାର ଜଣ ସ୍ୱାମୀଜୀଙ୍କ ଉପଦେଶରୁ ଆଧ୍ୟାତ୍ମିକ ପ୍ରେରଣା ଲାଭ କରିଥିଲେ । ଏହିଠାରେ ହିଁ ସ୍ୱାମୀଜୀ ଲ୍ୟାଣ୍ଡସ୍‌ବର୍ଗ (ସ୍ୱାମୀ କୃପାନନ୍ଦ) ଓ ମେରୀ ଲୁଇଙ୍କୁ (ସ୍ୱାମୀ ଅଭୟାନନ୍ଦ) ସନ୍ନ୍ୟାସ ଦାନ କରିଥିଲେ ଏବଂ ପାଞ୍ଚଜଣଙ୍କୁ ବ୍ରହ୍ମଚର୍ଯ୍ୟ ବ୍ରତ ଓ ଅନ୍ୟ କେତେଜଣଙ୍କୁ 'ମନ୍ତ୍ର' ଦେଇଥିଲେ । ଏହି ସମୟର ଉପଦେଶାବଳୀ ମିସ୍ ଓ୍ୟାଲ୍‌ଡୋ କର୍ତ୍ତୃକ 'ଦେବବାଣୀ' (Inspired Talks) ଗ୍ରନ୍ଥରେ ସଙ୍କଳିତ ହୋଇଅଛି ।

୧୯୦ 'ଯେଉଁ ସାର୍ବଜନୀନ ମନ୍ଦିର ପ୍ରତିଷ୍ଠା କରିବା କଥା ଉଠିଥିଲା'—ବୋଷ୍ଟନ୍ ନିକଟରେ ଗୋଟିଏ 'ସାର୍ବଜନୀନ ମନ୍ଦିର' (International University ବା Temple Universal) ସ୍ଥାପନ କରିବା ସ୍ୱାମୀଜୀଙ୍କର ଇଚ୍ଛା ଥିଲା—ଯେଉଁଠାରେ ସର୍ବଧର୍ମ ଶିକ୍ଷା ଦିଆଯିବ । ଏହି ବିଶ୍ୱମନ୍ଦିର-ପ୍ରତିଷ୍ଠା ବାସ୍ତବରେ ରୂପାୟିତ ହୋଇନାହିଁ, ଯଦିଓ ରେଭଃ ଡ୍ରମାନ୍ ଏହାକୁ ସ୍ୱାମୀଜୀଙ୍କର ପ୍ରିୟ ଆଦର୍ଶସମୂହ ମଧ୍ୟରେ ଅନ୍ୟତମ ବୋଲି କହିଛନ୍ତି । ୧୮୯୬ ଖ୍ରୀ:ରେ ସ୍ୱାମୀଜୀଙ୍କ ଅନୁରାଗୀ ମିସ୍ ସାରା ଫାର୍ମର୍ ଓ ଡଃ ଜେନ୍‌ସଙ୍କ ଦ୍ୱାରା ପ୍ରତିଷ୍ଠିତ 'Monsalvat School for the Study of Comparative Religions' ମଧ୍ୟରେ ହିଁ ସେହି ଆଦର୍ଶ ରୂପାୟନର ପ୍ରଚେଷ୍ଟା ଅଛି କହିଲେ ଚଳେ । (N. D. p. 588)

୧୯୧ 'ମାନ୍ଦ୍ରାଜ ଅଭିନନ୍ଦନ-ସଭାର ସଭାପତି'—ମାନ୍ଦ୍ରାଜର ପ୍ରସିଦ୍ଧ ବିଚାରପତି ସାର୍ ସୁବ୍ରହ୍ମଣ୍ୟ ଆୟାର୍ ।

୧୯୩ 'ବର୍ତ୍ତମାନ ନ୍ୟୁୟର୍କ ମୋର ପ୍ରଧାନ ଆସ୍ଥାନ'—ବ୍ରୁକ୍‌ଲିନ୍ ଏଥିକାଲ୍ ସୋସାଇଟିରେ 'ହିନ୍ଦୁଧର୍ମ' ବିଷୟରେ ବକ୍ତୃତା ପରଠାରୁ ସ୍ୱାମୀଜୀଙ୍କ ଆମେରିକାର କାମ ଦୃଢ଼ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଥିଲା । ବହୁ ଗଣ୍ୟମାନ୍ୟ ଏବଂ ଧନୀ ବ୍ୟକ୍ତି ତାଙ୍କର ଭାବ ଗ୍ରହଣ କରିଥିଲେ । କେବଳ ଆମନ୍ତ୍ରଣ ଓ ନିମନ୍ତ୍ରଣ ଉପରେ ନିର୍ଭର ନ କରି ଏହି ସମୟରେ ସ୍ୱାମୀଜୀ ନ୍ୟୁୟର୍କରେ ଗୋଟିଏ ବସା ଭଡ଼ା ନେଇଥିଲେ । 'ରାଜଯୋଗ' ଓ 'ଜ୍ଞାନଯୋଗ' ବିଷୟରେ ବକ୍ତୃତା ପରେ ଯେ ଯାହା ଦେଉଥିଲେ ସେଥିରେ ହିଁ ଖର୍ଚ୍ଚ ଚଳାଇ ନେଉଥିଲେ; ଧ୍ୟାନ-ଧାରଣାରେ ଅଧିକାଂଶ ସମୟ କଟୁଥିଲା, ରନ୍ଧନାଦି

ମଧ୍ୟ ନକେ କରୁଥିଲେ । କିଛି କାଳ ଙ୍କାଣ୍ଡସ୍‌ବର୍ଗ ଶିଷ୍ୟ ରୂପେ ଏଠାରେ ତା'ଙ୍କ ସଙ୍ଗରେ ଥିଲେ ।

୧୯୬ 'ମୁଁ ହଜାର ଥର ଠକିଛି, ଏଥର ମଧ୍ୟ ଠକିଲି'—ପତ୍ରର ପାଣ୍ଡୁଲିପିରେ ଦେଖାଗଲ : 'ଚୂକେଛି' 'ଚୂକଲମ୍' ଅଛି । 'ଚଲନ୍ତିକା' ଅଭିଧାନରେ ଚୂକା, ଚୋକା—ଦୋଷ ଉଲ୍ଲେଖ କରିବା ।

୨୦୦ 'ମୁଁ ଏହିକ୍ଷଣି ଏଠାରେ ପହଞ୍ଚିଲି'—ଇଂରେଜୀ ପତ୍ରରେ ଅଛି 'I have just arrived home.' ନ୍ୟୁୟର୍କର ଠିକଣା ହିଁ ଥିଲା ସେତେବେଳେ ସ୍ୱାମୀଜୀଙ୍କର ଘର; ଏଠାରୁ ହିଁ ସେ ପାର୍ସି ଯାଇଥିଲେ, ଏବଂ ଏଠାରୁ ସହସ୍ରଦ୍ୱୀପୋଦ୍ୟାନକୁ ଯାଇଥିଲେ ।

'ଜନୈକ ଇଂରାଜଙ୍କର ଖଣ୍ଡିଏ ପତ୍ର ପାଇଲି'—ମିଃ ଷ୍ଟର୍ଡିଙ୍କର ଆମନ୍ତ୍ରଣପତ୍ର ।

୨୦୫ 'ତେଣୁ ଡଃ ଗୁମ୍ୟାନ୍‌...ଏଠାର ଏକ ବଡ଼ ହୋଟେଲକୁ ନେଇ ଯାଉଥିଲେ'—ରେଭଃ ଓ୍ୱାଲ୍‌ଟର୍ ଗୁମ୍ୟାନ୍ ବାଲ୍‌ଟିମୋର୍‌ରେ ସ୍ୱାମୀଜୀଙ୍କୁ ଗୁଡ଼ିଏ ହୋଟେଲ୍‌କୁ ନେଇଯାଇଥିଲେ; କିନ୍ତୁ ତାଙ୍କର କଳା ରଙ୍ଗ ପାଇଁ କେହି ସ୍ଥାନ ଦେଇ ନ ଥିଲେ । ଅବଶେଷରେ 'Revert' ନାମକ ଗୋଟିଏ ବଡ଼ ହୋଟେଲ୍ ସ୍ୱାମୀଜୀଙ୍କୁ ଗ୍ରହଣ କରିଥିଲା ।

୨୧୪ 'ଜନୈକ ବନ୍ଧୁଙ୍କ ସହିତ ପ୍ରଥମେ ପ୍ୟାରିସ୍ ଯାଉଛି'—ବନ୍ଧୁଙ୍କର ନାମ ମିଃ ଫ୍ରାନ୍‌ସିସ୍ ଲେଗେଟ୍ ।

୨୨୨ 'ସନ୍ଧ ଶଶୀର ଆସିବା ସ୍ଥିର ହେବ'—ବେଦାନ୍ତ ପ୍ରଚାର ନିମନ୍ତେ ସ୍ୱାମୀ ରାମକୃଷ୍ଣାନନ୍ଦଙ୍କର ଆମେରିକା ଯିବାର କଥା; କିନ୍ତୁ ସେ ଶୁଷ୍କ ଚର୍ମରୋଗରୁ ଭୋଗୁଥିଲେ ବୋଲି ଡାକ୍ତରଙ୍କ ପରାମର୍ଶରେ ଶୀତପ୍ରଧାନ ଦେଶକୁ ଯିବାର ସଂକଳ୍ପ ତ୍ୟାଗ କରନ୍ତି ।

୨୨୬ 'ମୁଁ ଜଣକ ପାଇଁ ଭାରତବର୍ଷକୁ ଲେଖିଛି'—ସ୍ୱାମୀଜୀ ସ୍ୱାମୀ ସାରଦାନନ୍ଦଙ୍କୁ ଲେଖିଥିଲେ ଇଂଲଣ୍ଡ ଯିବା ପାଇଁ, କିନ୍ତୁ ସାରଦାନନ୍ଦ ସେତେବେଳେ ଯାଇ ନ ଥିଲେ । ପରେ ସ୍ୱାମୀଜୀଙ୍କର ଦ୍ୱିତୀୟଥର ଆହ୍ୱାନ କ୍ରମେ ସେ ୧୮୯୬ ଖ୍ରୀ: ମାର୍ଚ୍ଚ ମାସରେ ଲଣ୍ଡନ ଯାତ୍ରା କରନ୍ତି ଏବଂ ପରେ ସେଠାରୁ ଆମେରିକା ଯାଆନ୍ତି ।

୨୩୦ 'ପ୍ରିନ୍‌ସେସ୍ ହଲ୍‌ରେ ବକ୍ତୃତା'—୨୨ ଅକ୍ଟୋବର ୧୮୯୫ ଖ୍ରୀ: ପିକାଡେଲିର ପ୍ରିନ୍‌ସେସ୍ ହଲ୍‌ରେ ସ୍ୱାମୀଜୀ 'ଆତ୍ମଜ୍ଞାନ' ସମ୍ବନ୍ଧରେ ଗୋଟିଏ ପ୍ରକାଶ୍ୟ ବକ୍ତୃତା ଦେଇଥିଲେ । ଲଣ୍ଡନ୍‌ର ବହୁ ଚିନ୍ତାଶୀଳ ବ୍ୟକ୍ତି ତାଙ୍କର ବକ୍ତୃତା ଶୁଣି ମୁଗ୍ଧ ହୋଇଥିଲେ । (ନବମ ଖଣ୍ଡରେ 'କଥୋପକଥନ' ଦ୍ରଷ୍ଟବ୍ୟ)

୨୩୪ 'ସମ୍ପାଦକଙ୍କ ନାମ ମିଃ ହାଉଇସ୍—ଚିକାଗୋ ମେଳାରେ ଆଙ୍ଗ୍ଲିକାନ୍ ଚର୍ଚ୍ଚର ଅନ୍ୟତମ ନେତା ମିଃ କ୍ୟାନନ୍ ହାଉଇସ୍' ସ୍ୱାମୀଜୀଙ୍କର ବକ୍ତୃତା ଶୁଣି ମୁଗ୍ଧ ହୋଇଥିଲେ । 'The Dead Pulpit' ନାମକ ପ୍ରବନ୍ଧରେ ସେ

Vivekanandaism ପ୍ରସଙ୍ଗରେ ଆଲୋଚନା କରିଥିଲେ ।

୨୪୦ 'ଯେଉଁପରି କାମ କରୁଛ, ତାହା ଅତି ଉତ୍ତମ'—ଏହି ସମୟରେ ସ୍ୱାମୀ ଅଖଣ୍ଡାନନ୍ଦ ରାଜପୁତାନାରେ ଯେଉଁ ସେବାବ୍ରତ ଆରମ୍ଭ କରିଥିଲେ, ସେଥିରେ ସ୍ୱାମୀଜୀଙ୍କର ଖୁବ୍ ଉତ୍ସାହ ଥିଲା ।

'ଆଲୱାର୍‌ରେ ମୋର କେତେଜଣ ଚେଲା ଅଛନ୍ତି'—ସ୍ୱାମୀ ଅଖଣ୍ଡାନନ୍ଦ ଜୟପୁରରୁ ଆଲୱାର୍ ଯାଆନ୍ତି ଏବଂ ସେଠାରେ ସ୍ୱାମୀଜୀଙ୍କ ଶିଷ୍ୟ ଗୋବିନ୍ଦ ସହାୟଙ୍କ ଘରେ ଆଠ ଦଶ ଦିନ ରହି ଗୋଟିଏ ସାପ୍ତାହିକ ସମିତି ସ୍ଥାପନ କରନ୍ତି ।

୨୪୭ 'ସ୍ୱର୍ଗୀୟ ଦମ୍ପତି'—୧୮୯୫ ଖ୍ରୀ: ରେ ଫ୍ରାନ୍‌ସିସ୍ ଲେଗେଟ୍ ଓ ମିସ୍ ମ୍ୟାକ୍‌ଲାଉଡ୍‌ଙ୍କ ଭଉଣୀ ମିସେସ୍ ବେଟି ଷ୍ଟାର୍ଜିସ୍ ପ୍ୟାରିସ୍‌ରେ ବିବାହସୂତ୍ରରେ ଆବଦ୍ଧ ହୁଅନ୍ତି । ଏହି ଦମ୍ପତିଙ୍କୁ ହିଁ 'ସ୍ୱର୍ଗୀୟ ଦମ୍ପତି' ବା 'ସ୍ୱର୍ଗର ପକ୍ଷୀ' କୁହାଯାଇଛି ।

୨୪୮ 'ଯେଉଁ ସନ୍ନ୍ୟାସୀ ଜଣକ ଆସୁଛନ୍ତି'—ସ୍ୱାମୀ ସାରଦାନନ୍ଦଙ୍କ କଥା ସ୍ୱାମୀଜୀ ଉଲ୍ଲେଖ କରିଛନ୍ତି । ସାରଦାନନ୍ଦ ଏହାର ପ୍ରାୟ ତିନି ମାସ ପରେ ଆଲମବଜାର ମଠରୁ ଯାତ୍ରା କରି ଏପ୍ରିଲ୍ ମାସରେ ଲଣ୍ଡନ୍‌ରେ ପହଞ୍ଚନ୍ତି ।

୨୪୯ 'ସେକ୍ରେଟାରୀଙ୍କ ପତ୍ର ପାଇଛି…ବକ୍ତୃତା ଦେବି'—ହାର୍ଭାର୍ଡ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଃ ଫକ୍‌ସଙ୍କ ଆମନ୍ତ୍ରଣରେ ସ୍ୱାମୀଜୀ ୧୮୯୬ ଖ୍ରୀ: ମାର୍ଚ୍ଚ ୨୫ରେ ଦର୍ଶନ ଶାସ୍ତ୍ରରେ ସୁପଣ୍ଡିତ ଅନେକ ଅଧ୍ୟାପକ ଓ ଶତ ଶତ ଗ୍ରାଜୁଏଟ୍ ଛାତ୍ରଙ୍କ ସମ୍ମୁଖରେ 'Philosophy of the Vedanta' ପ୍ରସଙ୍ଗରେ ଗୋଟିଏ ଗମ୍ଭୀର ତତ୍ତ୍ୱପୂର୍ଣ୍ଣ ବକ୍ତୃତା ଦେଇଥିଲେ; ବକ୍ତୃତାଟି ଛାତ୍ରମାନଙ୍କର ଆଗ୍ରହ ଯୋଗୁ ପୁସ୍ତିକାକାରରେ ପ୍ରକାଶିତ ହୋଇଥିଲା, ଭୂମିକାଟି ଲେଖିଥିଲେ ଅଧ୍ୟାପକ ଚେଭଃ ଏଭରେଟ୍ ।

'ଚାରିଖଣ୍ଡ ଗ୍ରନ୍ଥ ଗ୍ରନ୍ଥ ବହୁ ଶୀଘ୍ର ଶେଷ କରିବାକୁ ହେବ'—ରାଜଯୋଗ, କର୍ମ-ଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ—ଏହି ଚାରିଟି ପୁସ୍ତକ ଛପାଇବାକୁ ସ୍ୱାମୀଜୀ ତତ୍ପର ହୋଇଥିଲେ ।

୨୫୧ 'ଏମାନେ ବର୍ତ୍ତମାନ ଜଣେ ସାଙ୍କେତିକ ଲିପିକାର ନିଯୁକ୍ତ କରିଛନ୍ତି'—ମିଃ ଗୁଡ୍‌ଉଇନ୍ ('ବ୍ୟକ୍ତି-ପରିଚୟ'—୬ଷ୍ଠ ଖଣ୍ଡ ଦ୍ରଷ୍ଟବ୍ୟ) ।

୨୫୨ 'ଶଶୀ କପରି ସ୍ଥାନ ଜଗି ବସିଥାଏ'—ଅନ୍ୟାନ୍ୟ ଗୁରୁଭ୍ରାତାଗଣ ସମସ୍ତେ ତୀର୍ଥ ଭ୍ରମଣରେ ବାହାରି ପଡ଼ିଲେ ସୁଦ୍ଧା ଶଶୀ ବା ସ୍ୱାମୀ ରାମକୃଷ୍ଣାନନ୍ଦ ପ୍ରଥମେ ବରାହନଗର ମଠରେ ଓ ପରେ ଆଲମବଜାର ମଠରେ ଏକନିଷ୍ଠ ଭାବରେ ଶ୍ରୀରାମକୃଷ୍ଣଙ୍କ ସେବାରେ ନିଯୁକ୍ତ ଥିଲେ । ୧୮୯୭ ଖ୍ରୀ: ରେ ସ୍ୱାମୀଜୀଙ୍କ ଆଦେଶରେ ସେ ମାନ୍ଦ୍ରାଜରେ ପ୍ରଚାର କାର୍ଯ୍ୟ କରିବାକୁ ଯାଆନ୍ତି ।

'କାଳୀ ଓ ଯୋଗେନ୍ ଟାଉନ୍ ହଲ୍ ମିଟିଂ…'—୧୮୯୪ ଖ୍ରୀ: ସେପ୍ଟେମ୍ବର ୫ରେ କଲିକତା ଟାଉନ୍ ହଲ୍‌ରେ ନାଗରିକଙ୍କ ପକ୍ଷରୁ ଅନୁଷ୍ଠିତ ସ୍ୱାମୀଜୀଙ୍କର

ଅଭିନନ୍ଦନ-ସଭାକୁ ସାଫଲ୍ୟମଣ୍ଡିତ କରିବା ପାଇଁ ସ୍ୱାମୀ ଅଭେଦାନନ୍ଦ ଓ ସ୍ୱାମୀ ଯୋଗାନନ୍ଦ ଅକ୍ଲାନ୍ତ ପରିଶ୍ରମ କରିଥିଲେ ।

'ନିରଞ୍ଜନ ସିଲୋନ୍ ପ୍ରଭୃତି ସ୍ଥାନରେ ବହୁ କାର୍ଯ୍ୟ କରିଛି'—ସ୍ୱାମୀ ନିରଞ୍ଜନାନନ୍ଦ ସିଂହଳ ଓ ଦକ୍ଷିଣ ଭାରତରେ ଶ୍ରୀରାମକୃଷ୍ଣଙ୍କ ଭାବଧାରା ପ୍ରଚାର କରି ୧୮୯୫ ଖ୍ରୀ: ପ୍ରାରମ୍ଭରେ ଆଲମବଜାର ମଠକୁ ଫେରି ଆସିଥିଲେ ।

୨୫୭ 'ସାରଦା କଅଣ ବଙ୍ଗଳା କାଗଜ ବାହାର କରିବ କହୁଛି'—୧୮୯୪ ଖ୍ରୀ:ରୁ ସ୍ୱାମୀଜୀ ତାଙ୍କର ଗୁରୁଭ୍ରାତାମାନଙ୍କୁ ଗୋଟିଏ ବଙ୍ଗଳା କାଗଜ ବାହାର କରିବା ପାଇଁ ଉତ୍ସାହ ଦେଇ ଆସୁଥିଲେ । ସ୍ୱାମୀ ତ୍ରିଗୁଣାତୀତାନନ୍ଦ (ସାରଦା) ୧୮୯୭ ଖ୍ରୀ: ଆରମ୍ଭରୁ ହିଁ ଏହାର ପରିକଳ୍ପନା ପ୍ରସ୍ତୁତ କରନ୍ତି, କିନ୍ତୁ ତାଙ୍କ ସମ୍ପାଦନାରେ ଓ ଅଧ୍ୟକ୍ଷତାରେ 'ଉଦ୍‌ବୋଧନ' ପତ୍ରିକା ପାକ୍ଷିକ ଆକାରରେ ପ୍ରଥମ ଆତ୍ମପ୍ରକାଶ କରେ ୧୮୯୯ ଖ୍ରୀ: ୧୪ ଜାନୁଆରିରେ । ଦ୍ୱିତୀୟ ବର୍ଷରୁ ଏହା ମାସିକ ଆକାରରେ ବାହାର ହେଉଛି ।

୨୬୦ 'ଗଙ୍ଗାଧର ଖୁବ୍ ବାହାଦୁରୀ କରୁଛି'—ସ୍ୱାମୀ ଅଖଣ୍ଡାନନ୍ଦ ଏହା ପୂର୍ବରୁ ଖେତଡ଼ି ଓ ରାଜପୁତାନାର ଅନ୍ୟାନ୍ୟ ଅଞ୍ଚଳରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ । ଦରିଦ୍ର ପ୍ରଜା ଓ କୃଷକମାନଙ୍କର ଉନ୍ନତିବିଧାନ ମଧ୍ୟ ଦେଇ ସେ ଯେଉଁ ସେବାବ୍ରତର ସୂଚନା କରିଥିଲେ, ସେଥିରେ ସ୍ୱାମୀଜୀ ଖୁବ୍ ସନ୍ତୁଷ୍ଟ ହୋଇଥିଲେ ।

୨୭୪ 'ଯାହାଙ୍କୁ ମୁଁ ସନ୍ନ୍ୟାସ ଦେଇଛି, ସେମାନଙ୍କ ମଧ୍ୟରେ ସତରେ ଜଣେ ସ୍ତ୍ରୀଲୋକ'—ମେରୀ ଲୁଇ ନାମ୍ନୀ ଜଣେ ଫରାସୀ ମହିଳା ଥାଉଜେଣ୍ଡ ଆଇଲଣ୍ଡ ପାର୍କରେ ସ୍ୱାମୀଜୀଙ୍କ ବେଦାନ୍ତ କ୍ଲାସ୍‌ର ଛାତ୍ରୀ ଥିଲେ । ଏହାଙ୍କୁ ହିଁ ସ୍ୱାମୀଜୀ ସନ୍ନ୍ୟାସବ୍ରତରେ ଦୀକ୍ଷିତ କରି ନାମ ଦେଇଥିଲେ 'ସ୍ୱାମୀ ଅଭୟାନନ୍ଦ' । ସେଠାରେ ଲ୍ୟାଣ୍ଡସ୍‌ବର୍ଗ ନାମକ ଆଉ ଜଣେ ଶିଷ୍ୟଙ୍କୁ ମଧ୍ୟ ସ୍ୱାମୀଜୀ ସନ୍ନ୍ୟାସବ୍ରତରେ ଦୀକ୍ଷିତ କରି 'ସ୍ୱାମୀ କୃପାନନ୍ଦ' ନାମ ଦେଇଥିଲେ । ୧୩ ଫେବୃଆରି ୧୮୯୭ ଖ୍ରୀ:ରେ ଲିଖିତ ସ୍ୱାମୀଜୀଙ୍କ ପତ୍ରରେ ଅଛି, ଡଃ ଷ୍ଟ୍ରୀଟ୍ ନାମକ ଜଣେ ଧର୍ମପ୍ରଚାରକଙ୍କୁ ସେ ସନ୍ନ୍ୟାସ ଦାନ କରନ୍ତି, ତାଙ୍କ ନାମ 'ଯୋଗାନନ୍ଦ' ।

୨୮୭ 'ନାଇଣ୍ଟିନ୍‌ଥ୍ ସେଞ୍ଚୁରୀରେ···ପ୍ରବନ୍ଧ ଲେଖିଛନ୍ତି'—୧୮୯୬ ଖ୍ରୀ: ଅଗଷ୍ଟ ମାସର The Nineteenth Century ପତ୍ରିକାରେ 'A Real Mahatma' ନାମକ ପ୍ରବନ୍ଧରେ ପଣ୍ଡିତ ମ୍ୟାକ୍‌ସମୂଲର୍ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ ଆଲୋଚନା କରନ୍ତି । ପ୍ରବନ୍ଧର ଶେଷରେ ୩୨ଟି ଉକ୍ତି ସଙ୍କଳିତ ହୁଏ । ଏହି ପ୍ରବନ୍ଧରେ କେଶବଚନ୍ଦ୍ରଙ୍କୁ ଶ୍ରୀରାମକୃଷ୍ଣଙ୍କ ଭକ୍ତ ଓ ଶିଷ୍ୟ କୁହାଯାଇଥିବାରୁ କେଶବ-ଭକ୍ତମାନେ ପ୍ରବଳ ଆପତ୍ତି ଜ୍ଞାପନ କରନ୍ତି । ତାହା ଫଳରେ ୩୯୫ଟି ଉକ୍ତି ସଂଗ୍ରହ କରି 'Ramakrishna : His Life and Sayings' ନାମକ ବୃହତ୍ତର ଜୀବନୀଟି ଲିଖିତ ହୁଏ ।

୨୮୮ ‘ଗୋଟିଏ ହିନ୍ଦୁ ପିଲାକୁ ଦତ୍ତକ ଗ୍ରହଣ’—ଏହି ପିଲାଟିର ନାମ ଅକ୍ଷୟକୁମାର ଘୋଷ, ପରେ ସେ କଲିକତା ହାଇକୋର୍ଟର ବ୍ୟାରିଷ୍ଟର ହୋଇଥିଲେ ।

୨୯୨ ‘ସମ୍ପ୍ରତି କାଳୀକୁ ଅଣାଇବି, ତାକୁ ପ୍ରସ୍ତୁତ ହୋଇ ରହିବାକୁ କହ’—୧୮୯୬ ଖ୍ରୀ: ଜୁଲାଇ ମାସର ଶେଷଭାଗରେ ସ୍ୱାମୀଜୀ ୟୁରୋପ-ଭ୍ରମଣରେ ଯାଆନ୍ତି ଏବଂ ସେପ୍ଟେମ୍ବର ଶେଷରେ ଇଂଲଣ୍ଡକୁ ଫେରି ଆସନ୍ତି । ଏହାର କିଛିଦିନ ପରେ ସ୍ୱାମୀ ଅଭେଦାନନ୍ଦ (କାଳୀ) ସ୍ୱାମୀଜୀଙ୍କୁ ସାହାଯ୍ୟ କରିବା ନିମନ୍ତେ ଲଣ୍ଡନରେ ଉପସ୍ଥିତ ହୁଅନ୍ତି ।

୨୯୪ ‘ମିସେସ୍ ମାର୍ଟିନଙ୍କ ଘରେ ଗୋଟିଏ ପାର୍ଟିକୁ’—ନିମନ୍ତ୍ରଣ-ସଭାରେ ସ୍ୱାମୀଜୀ ‘The Hindu Idea of Soul’ ପ୍ରସଙ୍ଗରେ ବକ୍ତୃତା ଦେଇଥିଲେ ।

୨୯୫ ‘ତିନିଜଣ ଇଂରେଜ ବନ୍ଧୁଙ୍କ ସଙ୍ଗେ ସୁଇଜରଲଣ୍ଡର ପାହାଡ଼କୁ ଯାଉଛି’—ବନ୍ଧୁ ତିନିଜଣ ହେଲେ ମିଃ ଓ ମିସେସ୍ ସେଭିଅର୍ ଓ ମିସ୍ ମୁଲର୍ ।

୨୯୭ ‘ପ୍ରବୁଦ୍ଧଭାରତ-ଗୁଡ଼ିକ ପହଞ୍ଚିଛି’—୧୮୯୬ ଖ୍ରୀ: ଜୁଲାଇ ମାସରେ ବି. ଆର୍. ରାଜମ୍ ଆୟାରଙ୍କ ସଂପାଦନାରେ ମାନ୍ଦ୍ରାଜରୁ ‘ପ୍ରବୁଦ୍ଧ ଭାରତ’ ନାମକ ଇଂରେଜୀ ପତ୍ରିକା ପ୍ରଥମ ପ୍ରକାଶିତ ହୁଏ । ୧୮୯୮ ଖ୍ରୀ: ମେ ମାସରେ ମାତ୍ର ୨୬ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହେବାରୁ ପତ୍ରର ପ୍ରକାଶନ ମାତ୍ର ଏକମାସ ପାଇଁ ଅର୍ଥାତ୍ ୧୮୯୮ ଖ୍ରୀ: ଜୁଲାଇ ମାସଟି ବନ୍ଦ ରହେ । ପରେ ପୁନର୍ବାର ୧୮୯୮ ଖ୍ରୀ: ଅଗଷ୍ଟ ମାସରୁ ସ୍ୱାମୀ ସ୍ୱରୂପାନନ୍ଦଙ୍କ ସଂପାଦନାରେ ଓ ମିଃ ସେଭିଅର୍‌ଙ୍କ ପରିଚାଳନାରେ ଆଲ୍‌ମୋଡ଼ାର ‘ଟମ୍ପସନ’ ହାଉସ୍‌ରୁ ପ୍ରକାଶିତ ହେବାକୁ ଲାଗେ । ୧୮୯୯ ଖ୍ରୀ: ମାର୍ଚ୍ଚ ୧୯ରେ ଅଦ୍ୱୈତ ଆଶ୍ରମ ପ୍ରତିଷ୍ଠିତ ହେବାରୁ ପ୍ରବୁଦ୍ଧ ଭାରତ ଅଫିସ ମାୟାବତୀକୁ ଚାଲିଯାଏ । ଏହି ପତ୍ରିକା ନିମନ୍ତେ ସ୍ୱାମୀଜୀ ପ୍ରବନ୍ଧ ଓ କବିତା ଲେଖିଦିଅନ୍ତି ।

‘ମୋର ତିଆରି ପ୍ରତୀକଟି ଦେଖନ୍ତୁ’—ସ୍ୱାମୀଜୀ ମଠ ଓ ମିଶନ୍ ପାଇଁ ଯେଉଁ ପ୍ରତୀକଟି ରଚନା କରିଥିଲେ, ସେଥିରେ ଅଛି ଗୋଟିଏ କୁଣ୍ଡଳୀବଦ୍ଧ ସର୍ପ, ତାହା ମଧ୍ୟରେ ତରଙ୍ଗାୟିତ ଜଳ (କର୍ମର ପ୍ରତୀକ), ନବୋଦିତ ସୂର୍ଯ୍ୟ (ଜ୍ଞାନର ପ୍ରତୀକ), ପ୍ରସ୍ଫୁଟିତ ପଦ୍ମ (ପ୍ରେମର ପ୍ରତୀକ) ଏବଂ ହଂସ (ଆତ୍ମା ବା ପରମାତ୍ମାଙ୍କ ପ୍ରତୀକ) । ପରମାତ୍ମା ହିଁ ଆମମାନଙ୍କୁ କର୍ମ, ଜ୍ଞାନ ଓ ପ୍ରେମ ଦାନ କରନ୍ତି । (ନବମ ଖଣ୍ଡରେ ‘ସ୍ୱାମୀଜୀ-ଶିଷ୍ୟ-ସମ୍ବାଦ’ ଦ୍ରଷ୍ଟବ୍ୟ) ।

୩୦୧ ‘ମ୍ୟାକ୍ସମୁଲର୍···ଶ୍ରୀରାମକୃଷ୍ଣ ପରମହଂସଦେବଙ୍କ ସମ୍ବନ୍ଧରେ ଖଣ୍ଡିଏ ଗ୍ରନ୍ଥ ଲେଖିବାକୁ ପ୍ରସ୍ତୁତ’—ସ୍ୱାମୀଜୀ, ସ୍ୱାମୀ ରାମକୃଷ୍ଣାନନ୍ଦ ଓ ସ୍ୱାମୀ ସାରଦାନନ୍ଦଙ୍କ ନିକଟରୁ ତଥ୍ୟ ସଂଗ୍ରହ କରି ଅଧ୍ୟାପକ ମ୍ୟାକ୍ସମୁଲର୍ ‘Ramakrishna : His Life and Sayings’ ଗ୍ରନ୍ଥଟି ରଚନା କରନ୍ତି । ୧୮୯୮ ଖ୍ରୀ:ରେ ଲଣ୍ଡନର ‘ଲଙ୍ଗମ୍ୟାନ୍‌ସ ଗ୍ରୀନ୍ ଏଣ୍ଡ କୋ:’ ଦ୍ୱାରା ଏହା ପ୍ରକାଶିତ ହୁଏ ଏବଂ ୧୯୫୧ ଖ୍ରୀ:ରେ ଅଦ୍ୱୈତ ଆଶ୍ରମରୁ ପୁନର୍ମୁଦ୍ରିତ ହୁଏ ।

୩୦୪ 'ଆନି ବେସାନ୍ତ…ଭକ୍ତି ସମ୍ବନ୍ଧରେ ବକ୍ତୃତା'—ଥିଓଜଫିଷ୍ଟ ଆନି ବେସାନ୍ତଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ସ୍ୱାମୀଜୀ ଲଣ୍ଡନରେ 'ସେଣ୍ଟ ଜନସ୍ ଉଡ୍'ଠାରେ ତାଙ୍କର ଆଭେନ୍ୟୁ ରୋଡ୍ ବାସଭବନରେ 'ଭକ୍ତି' ସମ୍ବନ୍ଧରେ ବକ୍ତୃତା ଦେଇଥିଲେ ।

୩୦୬ 'ଜାକୋବ୍ବିଙ୍କର ଲେଖାଟି ମଧ୍ୟ ଅଛି'—Friedrich Heinrich Jacobi (୧୭୪୩-୧୮୧୯) ଜର୍ମାନୀର ଡୁସେଲଡର୍ଫରେ ଜନ୍ମଗ୍ରହଣ କରି ୧୮୦୭ ଖ୍ରୀ:ରେ ଏକାଡେମୀ ଅଫ୍ ସାଇନ୍‌ସର ପ୍ରେସିଡେଣ୍ଟ ପଦ ଲାଭ କରିଥିଲେ । ସମସ୍ତ ପ୍ରକାର ଦାର୍ଶନିକ ମତବାଦର ସ୍ୱୀୟ ଧାରା ଅନୁଯାୟୀ ସମାଲୋଚନା କରୁଥିଲେ । କିନ୍ତୁ କୌଣସି ନୂତନ ମତବାଦ ସ୍ଥାପନ କରି ନାହାନ୍ତି । ସେ ବିଶ୍ବାସ (reason)କୁ ପ୍ରାଧାନ୍ୟ ଦେଉଥିଲେ ।

୩୨୨ 'ବ୍ରାୟାନ୍ ଯଥାର୍ଥ କହିଛନ୍ତି'—'William Jennings Bryan (୧୮୬୦-୧୯୨୫) । ଯୁକ୍ତରାଷ୍ଟ୍ରର ରାଜନୀତିଜ୍ଞ ଓ ବାଗ୍ମୀ । ଜନ୍ମ ସାଲେମ୍ ଇଲିନୟ୍ସ ରାଜ୍ୟରେ । ସେ ରୌପ୍ୟମାନ ଓ ସ୍ୱର୍ଣ୍ଣମାନ ସମ୍ବନ୍ଧରେ ତୁଳନାମୂଳକ ଭାବେ ଆଲୋଚ୍ୟ କଥା କହିଥିଲେ ।

୩୩୬ 'ଫର୍ଗୁସନ ପ୍ରଭୃତିଙ୍କ ପ୍ରାମାଣିକ ଗ୍ରନ୍ଥରେ'—James Ferguson (୧୮୦୮-୮୬) ସ୍କଟଲଣ୍ଡବାସୀ ସ୍ଥାପତ୍ୟଶିଳ୍ପ ସମ୍ବନ୍ଧରେ ଲେଖକ । ଗୃହକର୍ମ ନିମନ୍ତେ କଲିକତା ଆସନ୍ତି । ଭାରତୀୟ ସ୍ଥାପତ୍ୟଶିଳ୍ପ ସମ୍ବନ୍ଧରେ ତାଙ୍କ ଲିଖିତ ପୁସ୍ତକ 'The Rock-cut Temples of India' (୧୮୪୫) ଓ 'History of Indian and Eastern Architecture' (୧୮୭୬) ।

୩୩୭ 'ଗୋଟିଏ ସ୍ମୃତିସ୍ତମ୍ଭ ତିଆରି ହେଉଛି'—ସ୍ମୃତିସ୍ତମ୍ଭଟିର ଫଳକରେ ଖୋଦିତ ହୋଇଛି : ସତ୍ୟମେବ ଜୟତେ । ଯେଉଁ ସ୍ଥାନରେ ମହାତ୍ମା ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଜଗତରେ ବୈଦାନ୍ତିକ ଧର୍ମର ବିଜୟ-ବୈଜୟନ୍ତୀ ପ୍ରୋତ୍ଥିତ କରି ଅଦ୍ୱିତୀୟ ଦିଗ୍‌ବିଜୟ ପରେ ତାଙ୍କର ଇଂରେଜ ଶିଷ୍ୟଗଣଙ୍କ ସହିତ ଭାରତଭୂମିରେ ପ୍ରଥମ ପବିତ୍ର ପଦପଙ୍କଜ ସ୍ଥାପନ କରିଥିଲେ, ସେହି ପୁଣ୍ୟସ୍ଥାନ ଚିହ୍ନିତ କରିବା ଉଦ୍ଦେଶ୍ୟରେ ଏହି ୪୦ ଫୁଟ ସ୍ମୃତିସ୍ତମ୍ଭ ରାମନାଦର ରାଜା ଭାସ୍କର ସେତୁପତି କର୍ତ୍ତୃକ ୧୮୯୭ ଖ୍ରୀ: ଜାନୁଆରି ୨୭ ତାରିଖରେ ନିର୍ମିତ ।

୩୪୩ 'ଭାରତୀ ପତ୍ରିକାର ମତ୍-ସମ୍ବନ୍ଧୀୟ ପ୍ରବନ୍ଧ'—ସରଳାଦେବୀ ସମ୍ପାଦିତ 'ଭାରତୀ' ପତ୍ରିକା ।

୩୬୦ 'ଯେଉଁସବୁ ପିଲାଏ ଶିକ୍ଷା ପାଉଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଇଞ୍ଜିନିୟର'—ଏଠାରେ ହରିପ୍ରସନ୍ନ ବା ସ୍ୱାମୀ ବିଜ୍ଞାନାନନ୍ଦଙ୍କ କଥା କୁହାଯାଇଛି । ସେ ଉତ୍ତର ଓ ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାରେ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଥିଲେ । ୧୮୯୬ ଖ୍ରୀ:ରେ ସେ ଗୃହକର୍ମ ଛାଡ଼ି ଆଲମବଜାର ମଠରେ ଯୋଗଦାନ କରିଥିଲେ ।

୩୬୨ 'ଆସନ୍ନ ବିଶ୍ୱମେଳା'—ଚିକାଗୋ ମହାମେଳାର ଅନୁକରଣରେ ପ୍ୟାରିସ୍ର ପ୍ରଦର୍ଶନୀ

ଉପଲକ୍ଷରେ ଗୋଟିଏ ଧର୍ମମହାସଭାର ଅଧିବେଶନ ହେବାର କଥା ଥିଲା, କିନ୍ତୁ ମତାନ୍ଧ ଖ୍ରୀଷ୍ଟିଆନ ମହଲରେ ବିବେକାନନ୍ଦ-ଭୀତି ଓ ବେଦାନ୍ତ-ଭୀତି ଏତେ ପ୍ରବଳ ହୋଇଥିଲା ଯେ, ଅବଶେଷରେ ଗୋଟିଏ ଧର୍ମ-ଇତିହାସ-ସଭା (Congress of the History of Religions) ଆହ୍ୱାନ କରାଯାଇଥିଲା । ଏଥିରେ ଯୋଗଦାନ ନିମନ୍ତେ ସ୍ୱାମୀଜୀ ୧୯୦୦ ଖ୍ରୀ: ଜୁଲାଇ ୨୦ରେ ନ୍ୟୁୟର୍କରୁ ପ୍ୟାରିସ୍ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ସେ ଧର୍ମର ଇତିହାସ ସମ୍ବନ୍ଧରେ ହିଁ ବକ୍ତୃତା ଦିଅନ୍ତି ଏବଂ ଦେଶବିଦେଶର ବହୁ ମନୀଷୀଙ୍କ ସହିତ ପରିଚିତ ହୁଅନ୍ତି ।

୩୮୫ 'ବ୍ରହ୍ମବାଦିନ୍'—ସ୍ୱାମୀଜୀଙ୍କ ଏକାନ୍ତ ଅନୁଗତ ଶିଷ୍ୟ ଆଲାସିଙ୍ଗା ପେରୁମଲ୍‌ଙ୍କ ସମ୍ପାଦନାରେ ଏହି ପାକ୍ଷିକ ପତ୍ରିକାଟି ୧୮୯୫ ଖ୍ରୀ: ସେପ୍ଟେମ୍ବର ୧୪ରେ ପ୍ରଥମ ପ୍ରକାଶିତ ହୁଏ । ସ୍ୱାମୀଜୀଙ୍କର ବହୁ ବକ୍ତୃତା, ପତ୍ର, ପ୍ରବନ୍ଧ, କବିତା ଏଥିରେ ପ୍ରକାଶିତ ହୁଏ ।

୩୯୧ 'ଡନ୍ କାଗଜଖଣ୍ଡିକ'—ସ୍ୱାମୀଜୀଙ୍କର ବନ୍ଧୁ, ହାଇକୋର୍ଟର ଓକିଲ ସତୀଶଚନ୍ଦ୍ର ମୁଖୋପାଧ୍ୟାୟ 'ଡନ୍' (Dawn) ନାମକ ମାସିକ ପତ୍ରଟି ବାହାର କରନ୍ତି । ପୂର୍ବେ ଆଲମବଜାର ମଠ ସହିତ ତାଙ୍କର ଘନିଷ୍ଠ ସହଯୋଗ ଥିଲା ।

୪୦୬ 'ସକ୍ରେଟିସ୍‌ଙ୍କ କଥୋପକଥନଗୁଡ଼ିକରେ ପ୍ଲେଟୋଙ୍କ କଥା ହିଁ ସର୍ବତ୍ର ଆଖିରେ ପଡ଼େ'—ପ୍ଲେଟୋ ସକ୍ରେଟିସ୍‌ଙ୍କ ଶିଷ୍ୟ ବୋଲି ସର୍ବଜନ-ବିଦିତ । ସେ ସକ୍ରେଟିସ୍‌ଙ୍କ ମତବାଦ-ବିଶ୍ଳେଷଣରେ ନିଜର ମତ ହିଁ ପାଠକଙ୍କ ନିକଟରେ ବ୍ୟକ୍ତ କରିଛନ୍ତି । କିନ୍ତୁ 'କଥାମୃତ'-କାର ତାଙ୍କ ପୁସ୍ତକରେ ନିଜକୁ ସମ୍ପୂର୍ଣ୍ଣ ଅବଲୁପ୍ତ ରଖି ଶ୍ରୀରାମକୃଷ୍ଣଙ୍କ କଥୋପକଥନ ହିଁ ପରିବେଷଣ କରିଛନ୍ତି ।

୪୧୨ 'ସ୍ୱାଧୀନତା ଓ କୁସଂସ୍କାରହୀନତାର ଦେଶ'—ଏଠାରେ ଆମେରିକା ଯୁକ୍ତରାଷ୍ଟ୍ରକୁ ହିଁ ଲକ୍ଷ୍ୟ କରାଯାଇଛି ।

୪୨୨ 'ନିବେଦିତାଙ୍କ ବାଳିକା ବିଦ୍ୟାଳୟଟି'—୧୮୯୮ ଖ୍ରୀ: ନଭେମ୍ବର କାଳୀପୂଜା ଦିନ ବାଗ୍‌ବଜାର ୧୬ ନଂ ବୋସ୍‌ପଡ଼ା ଲେନ୍‌ରେ ଗୋଟିଏ ଛୋଟ ଭଡ଼ାଘରେ ଶ୍ରୀଶ୍ରୀ ମାଆଙ୍କ ଶୁଭ ପଦାର୍ପଣ ପରେ ନିବେଦିତାଙ୍କ ପରିକଳ୍ପିତ ବାଳିକା ବିଦ୍ୟାଳୟର ସୂତ୍ରପାତ ହୁଏ ।

୪୨୩ 'କାଶ୍ମୀରର ରାଜା ଜମି ଦେବାକୁ ରାଜି'—କାଶ୍ମୀରରେ ଗୋଟିଏ ସଂସ୍କୃତ କଲେଜ ଓ ମଠ ସ୍ଥାପନ ଉଦ୍ଦେଶ୍ୟରେ ସ୍ୱାମୀଜୀ ଝେଲମ୍ ନଦୀ ତୀରରେ ଖଣ୍ଡିଏ ଜମି ବାଛି-ଥିଲେ ଏବଂ କାଶ୍ମୀରର ମହାରାଜା ତାହା ଦାନ କରିବାକୁ ରାଜି ଥିଲେ । କିନ୍ତୁ ତଦାନୀନ୍ତନ ଇଂରେଜ ରେସିଡେଣ୍ଟ ମିଃ ଟ୍ୟାଲ୍‌ବଟ (Adalbert Talbot) ସାହେବଙ୍କର ପ୍ରତିକୂଳତା ହେତୁ ପ୍ରସ୍ତାବଟି କାଉନ୍‌ସିଲରେ ଆଲୋଚିତ ହୋଇ-ପାରିଲା ନାହିଁ ।

୪୨୪ 'ରିପ୍ ଭ୍ୟାନ୍ ଉଇଙ୍କଲ୍‌ର ଢାଞ୍ଚାରେ'—ଓ୍ୱାଶିଙ୍ଗଟନ୍ ଆର୍ଭିଂ ଲିଖିତ ଗଳ୍ପରେ 'ରିପ୍

ଭ୍ୟାନ୍ ଉଇଙ୍କଲ୍' ଶିକାର କରିବାକୁ ଯାଇ ଏକାଦିକ୍ରମେ ୨୦ ବର୍ଷ ଶୋଇପଡ଼ିଥିଲେ । ସ୍ୱାମୀଜୀ ତାଙ୍କର ଏହି କାଳର ବହିର୍ବିମୁଖ ଓ ଅନ୍ତର୍ମୁଖୀ ଜୀବନକୁ ରିପ୍ ଭ୍ୟାନ୍ ଉଇଙ୍କଲ୍ ସହିତ ତୁଳନା କରିଛନ୍ତି ।

୪୨୫ 'ଫ୍ଲୋରେନ୍ସର କେଉଁ ପ୍ରତିମୂର୍ତ୍ତି ପରି ଯାହାର ଚେହେରା'—ଭଗିନୀ ଇସାବେଲ୍ ମ୍ୟାକ୍‌କିଣ୍ଡ୍ଲିଙ୍କର ଅବୟବ-ସୌଷ୍ଠବ ଫ୍ଲୋରେନ୍ସର 'ଭେନସ୍'ଙ୍କ ମୂର୍ତ୍ତି ପରି ଥିଲା । ଏଠାରେ ସେହି କଥା ହିଁ ଉକ୍ତ ହୋଇଛି ।

୪୨୬ 'ଦୁଇଜଣ ଆମେରିକାନ୍ ଲେଡି ଫ୍ରେଣ୍ଡ୍ ମାତ୍ର ଅଛନ୍ତି'—ଏହି ସମୟରେ ମିସ୍ ଜୋସେଫାଇନ୍ ମାକ୍‌ଲାଉଡ୍ ଓ ମିସେସ୍ ଓଲି ବୁଲ୍ ହିଁ ସ୍ୱାମୀଜୀଙ୍କ ସଙ୍ଗରେ ଥିଲେ । ଏମାନେ ଜାତିରେ ଆମେରିକାନ୍ ନ ହେଲେ ସୁଦ୍ଧା ସେଠାରେ ହିଁ ତାଙ୍କର କର୍ମଭୂମି ଥିଲା ।

୪୩୩ 'ନୂତନ ବଡ଼ଲାଟଙ୍କୁ ସମ୍ମାନ ଜ୍ଞାପନ କରିବାକୁ'—ଲର୍ଡ଼ କର୍ଜନ୍ ୧୮୯୯ ଖ୍ରୀ:ରେ ବଡ଼ଲାଟ କାର୍ଯ୍ୟଭାର ଗ୍ରହଣ କରନ୍ତି ।

୪୩୬ 'ଆପଣଙ୍କର ଅତ୍ୟନ୍ତ ସାନୁଗ୍ରହ ନିମନ୍ତ୍ରଣ ପାଇଁ ଅଶେଷ ଧନ୍ୟବାଦ'—ପ୍ରାୟ ଦୁଇ ବର୍ଷ ପରେ ସ୍ୱାମୀଜୀ ଢାକାର ଏହି ଆମନ୍ତ୍ରଣ ଗ୍ରହଣ କରିବାକୁ ସକ୍ଷମ ହୋଇଥିଲେ । କେତେଜଣ ସନ୍ନ୍ୟାସୀ-ଶିଷ୍ୟଙ୍କ ସହିତ ସେ ୧୯୦୧ ଖ୍ରୀ: ମାର୍ଚ୍ଚ ୧୮ରେ ଢାକା ଯାଇଥିଲେ ।

୪୪୬ 'ସାରଦା କହେ, କାଗଜ ଗ୍ଭଲୁ ନାହିଁ'—ଏଠାରେ ନବ-ପ୍ରତିଷ୍ଠିତ 'ଉଦ୍‌ବୋଧନ' ପତ୍ରିକାର କଥା କୁହାଯାଇଛି ।

୪୫୧ 'ତୁମେ ରୂପକଥାର ସିଣ୍ଡ୍ରେରେଲା ହୋଇ ବସିଛ'—Charles Perault (୧୬୨୮-୧୭୦୩) ଲିଖିତ ୟୁରୋପରେ ପ୍ରଚଳିତ ବିଖ୍ୟାତ ପଙ୍ଖ-ଗଳ୍ପର ସିଣ୍ଡ୍ରେରେଲା ସହିତ ମେରୀ ହେଲ୍‌ଙ୍କର ତୁଳନା କରାଯାଇଛି । ସିଣ୍ଡ୍ରେରେଲାକୁ ଯେପରି କେବେହେଲେ ଘରକାମ ଛଡ଼ା ସମାଜରେ ମିଶିବାକୁ ଦିଆଯାଉ ନ ଥିଲା, ସେପରି ମେରୀ ହେଲ୍ ମଧ୍ୟ ତାଙ୍କ ପିତାମାତାଙ୍କ ଭ୍ରମଣରେ ସହଯାତ୍ରୀ ନ ହୋଇ ଘର କୋଣରେ ବସିଛନ୍ତି ।

୪୯୦ 'ହୋମ୍ ଅଫ୍ ଟ୍ରୁଥ୍'—ଲସ୍ ଆଞ୍ଜେଲସ୍‌ର ଧର୍ମୀୟ ସମିତି କେତେ ପରିମାଣରେ ଖ୍ରୀଷ୍ଟିଆନ୍ ସାଇନ୍ସ ଭଳି । ସ୍ୱାମୀଜୀ ଏଠାରେ ବହୁ କ୍ଲାସ୍ ନେଇଥିଲେ ଓ ବକ୍ତୃତା ଦେଇଥିଲେ ।

୫୩୮ 'କ୍ୟାପ୍‌ଟେନ୍ ସେଭିଅର୍ ବିଚିତ୍ର···ଏପରି ଦୁଇଜଣ ମହାପ୍ରାଣ ଇଂରେଜ'—କ୍ୟାପ୍‌ଟେନ୍ ଜେ. ଏଇଚ୍. ସେଭିଅର୍ ୧୮୯୬ ଖ୍ରୀ:ରେ ସ୍ୱାମୀଜୀଙ୍କ ସଙ୍ଗରେ ଭାରତବର୍ଷକୁ ଆସନ୍ତି ଏବଂ ଏଠାରେ ହିଁ ସ୍ଥାୟୀ ଭାବରେ ବାସ କରନ୍ତି । ସ୍ୱାମୀଜୀଙ୍କ ଏକାନ୍ତ ଅନୁଗତ ସେଭିଅର୍ ମାୟାବତୀ ଆଶ୍ରମ ପ୍ରତିଷ୍ଠା ଓ 'ପ୍ରବୁଦ୍ଧ ଭାରତ' ପତ୍ରିକା ପରିଚାଳନାରେ ଏକନିଷ୍ଠ ଭାବରେ ସହାୟତା କରନ୍ତି । ୧୯୦୦ ଖ୍ରୀ: ଅକ୍ଟୋବର

୨୮ରେ ମାୟାବତୀ ଆଶ୍ରମରେ ସେ ପ୍ରାଣତ୍ୟାଗ କରନ୍ତି ।

ସ୍ୱାମୀଜୀଙ୍କର ଏକାନ୍ତ ଅନୁଗତ ଶିଷ୍ୟ ଜେ. ଜେ. ଗୁଡ୍‌ୱିନ୍ ମଧ୍ୟ ତାଙ୍କ ସଙ୍ଗରେ ଭାରତବର୍ଷ ଆସନ୍ତି ଏବଂ ସ୍ୱାମୀଜୀଙ୍କ ସଙ୍ଗରେ ପରିଭ୍ରମଣ କରି ତାଙ୍କ ବକ୍ତୃତାଗୁଡ଼ିକୁ ସଂକେତ-ଲିପିରେ ଲେଖି ରଖନ୍ତି । ତାଙ୍କର ପାଇଁ ସ୍ୱାମୀଜୀଙ୍କ ବକ୍ତୃତାଗୁଡ଼ିକୁ ଆମେ ପାଠ କରିବାକୁ ପାଉଛୁ । ସେ ୧୮୯୮ ଖ୍ରୀ: ଜୁନ ୨ରେ ଉଟକାମଣ୍ଡରେ ଆନ୍ତ୍ରିକ-ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କରନ୍ତି ।

୫୪୫ 'ସେମାନେ ଏହି ପର୍ବତୋପରି ଗୋଟିଏ ସୁନ୍ଦର ଆଶ୍ରମ ସ୍ଥାପନ କରିଛନ୍ତି'— ସ୍ୱାମୀଜୀଙ୍କ ସହିତ ଭାରତବର୍ଷକୁ ଆସି ସେଭିଅର୍-ଦମ୍ପତି ଅଦ୍ୱୈତ ବେଦାନ୍ତ ସାଧନା ପାଇଁ ହିମାଳୟ-କ୍ରୋଡ଼ରେ ଗୋଟିଏ ନିଭୃତ ସ୍ଥାନ ଖୋଜୁଥିଲେ । ଆଲ୍‌ମୋଡ଼ାର ଘରଟି (ଟମ୍ପସନ୍ ହାଉସ୍) ତାଙ୍କୁ ଯଥେଷ୍ଟ ନିର୍ଜନ ମନେହେଲା ନାହିଁ । ମିଃ ସେଭିଅର୍ ଓ ସ୍ୱାମୀ ସ୍ୱରୂପାନନ୍ଦ ଆଲ୍‌ମୋଡ଼ା ସହରରୁ ୫୦ ମାଇଲ ପୂର୍ବକୁ ୬,୮୦୦ ଫୁଟ ଉଚ୍ଚରେ ଗୋଟିଏ ସ୍ଥାନ ନିର୍ବାଚନ କଲେ ଏବଂ ଏହିପରି ୧୮୯୯ ଖ୍ରୀ: ମାର୍ଚ୍ଚ ୧୯ରେ ହିମାଳୟର ଅପୂର୍ବ ପ୍ରାକୃତିକ ପରିବେଶ ମଧ୍ୟରେ ଅଦ୍ୱୈତ ଆଶ୍ରମ ପ୍ରତିଷ୍ଠିତ ହେଲା ।

# ସମଗ୍ର ପତ୍ରାବଳୀର ସୂଚୀପତ୍ର

[ ବର୍ଷ, ମାସ, ସ୍ଥାନ, ବ୍ୟକ୍ତି ଓ ଭାଷା ସ୍ତମ୍ଭରେ ଖାଲିଥିବା ସ୍ଥାନର ଅର୍ଥ ତାହାର ଉପରେ ରହିଥିବା ଯଥାକ୍ରମେ ବର୍ଷ, ମାସ, ସ୍ଥାନ, ବ୍ୟକ୍ତି ଓ ଭାଷାର ନାମ । 'ଡ୍ୟାସ୍'ର ଅର୍ଥ 'ଅଜ୍ଞାତ' ।]

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୧ | ୧୮୮୮ | ୧୨ ଅଗଷ୍ଟ | ବୃନ୍ଦାବନ | ପ୍ରମଦାଦାସ ମିତ୍ର | ବଙ୍ଗ |
| ୨ | | ୨୦ | | | |
| ୩ | | ୧୯ ନଭେ. | ବରାହନଗର ମଠ | | |
| ୪ | | ୨୮ | | | |
| ୫ | ୧୮୮୯ | ୪ ଫେବ୍ରୁ. | | | |
| ୬ | | ୭ | ଆଣ୍ଟପୁର | ମହେନ୍ଦ୍ରଗୁପ୍ତ (ମାଷ୍ଟର) | ଇଂ |
| ୭ | | ୨୧ | ବରାହନଗର | ପ୍ରମଦାଦାସ ମିତ୍ର | ବଙ୍ଗ |
| ୮ | | ୨୧ ମାର୍ଚ୍ଚ | ବାଗବଜାର | | |
| ୯ | | ୨୬ ଜୁନ | ବରାହନଗର | | |
| ୧୦ | | ୪ ଜୁଲାଇ | ବାଗବଜାର | | |
| ୧୧ | | ୧୪ | କଲିକତା | | |
| ୧୨ | | ୭ ଅଗଷ୍ଟ | ବରାହନଗର | | |
| ୧୩ | | ୧୭ | | | |
| ୧୪ | | ୨ ସେପ୍ଟେ. | ବାଗବଜାର | | |
| ୧୫ | | ୩ ଡିସେ. | | | |
| ୧୬ | | ୧୩ | ବରାହନଗର | | |
| ୧୭ | | ୨୪ | ବୈଦ୍ୟନାଥ (ଦେଓଘର) | ବଲରାମ ବସୁ | |
| ୧୮ | | ୨୬ | | ପ୍ରମଦାଦାସ ମିତ୍ର | |
| ୧୯ | | ୩୦ | ଏଲାହାବାଦ | ବଲରାମ ବସୁ | |
| ୨୦ | | ୩୧ | ପ୍ରୟାଗଧାମ | ପ୍ରମଦାଦାସ ମିତ୍ର | |
| ୨୧ | ୧୮୯୦ | ୫ ଜାନୁ. | ଏଲାହାବାଦ | ବଲରାମ ବସୁ | |
| ୨୨ | | ୫ | | ଯଜ୍ଞେଶ୍ୱର ଭଟ୍ଟାଚାର୍ଯ୍ୟ | |
| ୨୩ | | ୫ | | ରାମ, କୃଷ୍ଣମୟୀ ଓ ଇନ୍ଦୁ | |
| ୨୪ | | ୨୪ | ଗାଜିପୁର | ପ୍ରମଦାଦାସ ମିତ୍ର | |
| ୨୫ | | ୩୦ | | ବଲରାମ ବସୁ | |
| ୨୬ | | ୩୧ | | ପ୍ରମଦାଦାସ ମିତ୍ର | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୨୭ | ୧୮୯୦ | ୪ ଫେବ୍ରୁ. | ଗାଜିପୁର | | ବଙ୍ଗ |
| ୨୮ | | ୬ | | ବଲରାମ ବସୁ | |
| ୨୯ | | ୭ | | ପ୍ରମଦାଦାସ ମିତ୍ର | |
| ୩୦ | | ୧୧ | | ବଲରାମ ବସୁ | |
| ୩୧ | | ୧୩ | | ପ୍ରମଦାଦାସ ମିତ୍ର | |
| ୩୨ | | ୧୪ | | | |
| ୩୩ | | ୧୪ | | ବଲରାମ ବସୁ | |
| ୩୪ | | ୧୪ | | ସ୍ୱାମୀ ସଦାନନ୍ଦ | |
| ୩୫ | | ୧୯ | | ପ୍ରମଦାଦାସ ମିତ୍ର | |
| ୩୬ | | — | | ବଲରାମ ବସୁ | |
| ୩୭ | | — | | ସ୍ୱାମୀ ଅଖଣ୍ଡାନନ୍ଦ | |
| ୩୮ | | ୨୫ | | ପ୍ରମଦାଦାସ ମିତ୍ର | |
| ୩୯ | | — ମାର୍ଚ୍ଚ | | ସ୍ୱାମୀ ଅଖଣ୍ଡାନନ୍ଦ | |
| ୪୦ | | ୩ | | ପ୍ରମଦାଦାସ ମିତ୍ର | |
| ୪୧ | | ୮ | | | |
| ୪୨ | | ୧୨ | | ବଲରାମ ବସୁ | |
| ୪୩ | | ୧୫ | | | |
| ୪୪ | | ୧୫ | | ଅତୁଲ୍ ଘୋଷ | |
| ୪୫ | | — | | ସ୍ୱାମୀ ଅଖଣ୍ଡାନନ୍ଦ | |
| ୪୬ | | ୩୧ | | ପ୍ରମଦାଦାସ ମିତ୍ର | |
| ୪୭ | | ୨ ଏପ୍ରିଲ୍ | | ସ୍ୱାମୀ ଅଭେଦାନନ୍ଦ | |
| ୪୮ | | ୨ | | ପ୍ରମଦାଦାସ ମିତ୍ର | |
| ୪୯ | | ୧୦ ମେ | ବରାହନଗର | | |
| ୫୦ | | ୧୦ | ଗାଜିପୁର | ତୁଳସୀରାମ | |
| ୫୧ | | ୨୬ | ବାଗ୍‌ବଜାର | ପ୍ରମଦାଦାସ ମିତ୍ର | |
| ୫୨ | | ୪ ଜୁନ | | | |
| ୫୩ | | ୬ ଜୁଲାଇ | | ସ୍ୱାମୀ ସାରଦାନନ୍ଦ | ଇଂ |
| ୫୪ | ୧୮୯୧ | ୧୪ ଏପ୍ରିଲ | ଆଜ୍‌ମୀର | ଗୋବିନ୍ଦ ସହାୟ | |
| ୫୫ | | ୩୦ | ଆବୁ ପାହାଡ଼ | | |
| ୫୬ | | — | | | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୫୭ | ୧୮୯୧ | — — | — | ହରିଦାସ ବିହାରୀଦାସ | ଇଂ |
| ୫୮ | ୧୮୯୨ | ୨୭ ଏପ୍ରିଲ | ବରୋଦା | | |
| ୫୯ | | ୧୫ ଜୁନ | ପୁନା | | |
| ୬୦ | | — | ବମ୍ବେ | | |
| ୬୧ | | ୨୨ ଅଗଷ୍ଟ | | | |
| ୬୨ | | ୨୦ ସେପ୍ଟେ. | | ପଣ୍ଡିତ ଶଙ୍କରଲାଲ | |
| ୬୩ | ୧୮୯୩ | — | ମାଡ଼ଗାଁଓ | ହରିପଦ ମିତ୍ର | ବଙ୍ଗ |
| ୬୪ | | ୨୧ ଫେବୃ. | ହାଇଦ୍ରାବାଦ | ଆଲାସିଙ୍ଗା ପେରୁମଲ | ଇଂ |
| ୬୫ | | ୨୭ ଏପ୍ରିଲ | ଖେତଡ଼ି | ଡାଃ ନାଞ୍ଜୁଣ୍ଡ ରାଓ | |
| ୬୬ | | — | ବମ୍ବେ | ବାଲାଜୀ ରାଓ | |
| ୬୭ | | ୨୮ | ଖେତଡ଼ି | ହରିଦାସ ବିହାରୀଦାସ | |
| ୬୮ | | ୨୨ ମେ | ବମ୍ବେ | | |
| ୬୯ | | —" | ଖେତଡ଼ି | | |
| ୭୦ | | ୨୪ | ବମ୍ବେ | ଇନ୍ଦୁମତୀ ମିତ୍ର | ବଙ୍ଗ |
| ୭୧ | | ୧୦ ଜୁଲାଇ | ୟୋକୋହାମା | ଆଲାସିଙ୍ଗା ପ୍ରଭୃତି | ଇଂ |
| ୭୨ | | ୨୦ ଅଗଷ୍ଟ | ବ୍ରିଜ ମେଡୋଜ୍ | ଆଲାସିଙ୍ଗା | |
| ୭୩ | | ୩୦ | ସେଲେମ୍ | ଅଧ୍ୟାପକ ରାଇଟ୍ | |
| ୭୪ | | ୪ ସେପ୍ଟେ. | | | |
| ୭୫ | | ୨ ଅକ୍ଟୋ. | ଚିକାଗୋ | | |
| ୭୬ | | ୧୦ | | ମିସେସ୍ ଉଡସ୍ | |
| ୭୭ | | ୨୬ | | ଅଧ୍ୟାପକ ରାଇଟ୍ | |
| ୭୮ | | ୨ ନଭେ. | | ଆଲାସିଙ୍ଗା | |
| ୭୯ | | ୧୯ | ଚିକାଗୋ | ମିସେସ୍ ଉଡସ୍ | ଇଂ |
| ୮୦ | | ୨୮ ଡିସେ. | | ହରିପଦ ମିତ୍ର | ବଙ୍ଗ |
| ୮୧ | ୧୮୯୪ | ୨୪ ଜାନୁ. | | ମାନ୍ଦ୍ରାଜୀ ଭକ୍ତଗଣ | ଇଂ |
| ୮୨ | | ୨୯ | | ହରିଦାସ ବିହାରୀଦାସ | |
| ୮୩ | | ୩ ମାର୍ଚ୍ଚ | | କିଡି | |
| ୮୪ | | ୧୨ | ଡେଟ୍ରୟେଟ | ହେଲ୍ ଭଗିନୀଗଣ | |
| ୮୫ | | ୧୫ | | | |
| ୮୬ | | ୧୭ | | ମିସ୍ ଇସାବେଲ | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୮୭ | ୧୮୯୪ | ୧୮ ମାର୍ଚ୍ଚ | ଡେଟ୍ରୟେଟ | ମିସ୍ ମେରୀ ହେଲ୍ | ଇଂ |
| ୮୮ | | ୧୯ | ଚିକାଗୋ | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୮୯ | | ୨୯ | ଡେଟ୍ରୟେଟ୍ | ରେଭରେଣ୍ଡ ହ୍ୟୁମ୍ | ଇଂ |
| ୯୦ | | ୩୦ | | ମିସ୍ ମେରୀ ହେଲ୍ | |
| ୯୧ | | ୯ ଏପ୍ରିଲ | ନ୍ୟୁୟର୍କ | ଆଲାସିଙ୍ଗା | |
| ୯୨ | | ୨୫ | | ଅଧ୍ୟାପକ ରାଇଟ୍ | |
| ୯୩ | | ୨୬ | | ଇସାବେଲ ମ୍ୟାକ୍‌କିଣ୍ଡଲ | |
| ୯୪ | | ୧ ମେ | | | |
| ୯୫ | | ୪ | | ଅଧ୍ୟାପକ ରାଇଟ୍ | |
| ୯୬ | | — | ବୋଷ୍ଟନ | | |
| ୯୭ | | ୨୦ | ଯୁକ୍ତରାଷ୍ଟ୍ର ଆମେରିକା | ସ୍ୱାମୀ ସାରଦାନନ୍ଦ | |
| ୯୮ | | ୨୪ | ଚିକାଗୋ | ଅଧ୍ୟାପକ ରାଇଟ୍ | |
| ୯୯ | | ୨୮ | | ଆଲାସିଙ୍ଗା | |
| ୧୦୦ | | ୧୮ ଜୁନ୍ | | ଅଧ୍ୟାପକ ରାଇଟ୍ | |
| ୧୦୧ | | ୨୦ | | ହରିଦାସ ବିହାରୀଦାସ | |
| ୧୦୨ | | ୨୩ | | ମହୀଶୂରର ମହାରାଜା | |
| ୧୦୩ | | ୨୩ | | ନରସିଂହାଚାର୍ଯ୍ୟ | |
| ୧୦୪ | | ୨୬ | | ମେରୀ ହାରିଏଟ୍ | |
| ୧୦୫ | | ୨୮ | | ଜଣେକ ମାଦ୍ରାଜୀ ଶିଷ୍ୟ | |
| ୧୦୬ | | ଗ୍ରୀଷ୍ମକାଳ | — | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୧୦୭ | | — ଜୁଲାଇ | ନ୍ୟୁୟର୍କ | ମିସେସ୍ ଜର୍ଜ ହେଲ୍ | ଇଂ |
| ୧୦୮ | | ୯ | | ହେଲ୍ ଭଗିନୀଗଣ | |
| ୧୦୯ | | ୧୧ | ଯୁକ୍ତରାଷ୍ଟ୍ର ଆମେରିକା | ଆଲାସିଙ୍ଗା | |
| ୧୧୦ | | ୨୬ | ସୋୱାମସ୍କଟ୍ | ହେଲ୍ ଭଗିନୀଗଣ | |
| ୧୧୧ | | ୩୧ | ଗ୍ରୀନ୍‌ଏକର | ମେରୀ ଓ ହାରିଏଟ୍ | |
| ୧୧୨ | | ୧୧ ଅଗଷ୍ଟ | | ହେଲ୍ ଭଗିନୀଗଣ | |
| ୧୧୩ | | ୨୦ | ଆନିସ୍କୋୟାମ | ମିସ୍ ଇସାବେଲ୍ | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୧୧୪ | ୧୮୯୪ | ୩୧ ଅଗଷ୍ଟ | ଆନସ୍କୋୟାମ୍ | ମିସ୍ ମେରି ହେଲ୍ | ଇଂ |
| ୧୧୫ | | ୩୧ | ଯୁକ୍ତରାଷ୍ଟ୍ର | ଆଲସିଙ୍ଗା | |
| ୧୧୬ | | ୫ ସେପ୍ଟେ. | ଗ୍ରୀନଏକର | ମନ୍ମଥନାଥ ଭଟ୍ଟାଚାର୍ଯ୍ୟ | ବଙ୍ଗ |
| ୧୧୭ | | ୧୩ | ବୋଷ୍ଟନ୍ | ଲଣ୍ଡସ୍‌ବର୍ଗ (କୃପାନନ୍ଦ) | ଇଂ |
| ୧୧୮ | | ୧୩ | | ମିସ୍ ମେରି ହେଲ୍ | |
| ୧୧୯ | | ୧୯ | | ମିସେସ୍ ଓଲ୍ ବୁଲ୍ | |
| ୧୨୦ | | ୨୧ | ଯୁକ୍ତରାଷ୍ଟ୍ର ଆମେରିକା | ଆଲସିଙ୍ଗା | |
| ୧୨୧ | | ୨୧ | | କିଡି | |
| ୧୨୨ | | ୨୫ | ନ୍ୟୁୟର୍କ | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୧୨୩ | | ୨୬ | ବୋଷ୍ଟନ୍ | ମିସେସ୍ ଓଲ୍ ବୁଲ୍ | ଇଂ |
| ୧୨୪ | | ୨୬ | | ଇସାବେଲ୍ ମାକ୍‌କିଣ୍ଡଲ | |
| ୧୨୫ | | ୨୭ | ଯୁକ୍ତରାଷ୍ଟ୍ର ଆମେରିକା | ଆଲସିଙ୍ଗା | |
| ୧୨୬ | | ୨୯ | | | |
| ୧୨୭ | | — | ଚିକାଗୋ | ହରିଦାସ ବିହାରୀଦାସ | |
| ୧୨୮ | | ୨୨ ଅକ୍ଟୋ. | ବାଲ୍‌ଟିମୋର | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୧୨୯ | | ୨୩ | ଓ୍ୱାଶିଂଟନ୍ | ବହ୍ମିମିସ୍ତ୍ରା ଗୃହ | ଇଂ |
| ୧୩୦ | | — | ବାଲ୍‌ଟିମୋର | ମିସେସ୍ ହେଲ୍ | |
| ୧୩୧ | | — | ଓ୍ୱାଶିଂଟନ୍ | ମିସ୍ ମେରି ହେଲ | |
| ୧୩୨ | | ୨୬ (?) | | ଇସାବେଲ୍ ମ୍ୟାକ୍‌କିଣ୍ଡଲ | |
| ୧୩୩ | | ୨୭ | | ମି.ସସ୍ ଓଲ ବୁଲ୍ | |
| ୧୩୪ | | ୨୭ | | ଆଲସିଙ୍ଗା | |
| ୧୩୫ | | ୧୫ ନଭେ. | ଚିକାଗୋ | ହରିଦାସ ବିହାରୀଦାସ | |
| ୧୩୬ | | — | | | |
| ୧୩୭ | | ୧୮ | ନ୍ୟୁୟର୍କ | ରାଜା ପ୍ୟାରୀମୋହନ | |
| ୧୩୮ | ଭୁଲବଶତଃ ଏହି ସଂଖ୍ୟାରେ ଚିଠି ଦିଆଯାଇ ନାହିଁ | | | | |
| ୧୩୯ | | ୧୯ | | ଆଲସିଙ୍ଗା ପ୍ରଭୃତି | |
| ୧୪୦ | | ୩୦ | ଯୁକ୍ତରାଷ୍ଟ୍ର ଆମେରିକା | ଆଲସିଙ୍ଗା | |
| ୧୪୧ | | ୩୦ | | କିଡି | |
| ୧୪୨ | | ୩୦ | | ଡାଃ ନାଞ୍ଜୁଣ୍ଡ ରାଓ | |
| ୧୪୩ | | ୮ ଡିସେ. | କେମ୍ବ୍ରିଜ୍ | ମିସ୍ ମେରି ହେଲ୍ | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୧୪୪ | ୧୮୯୪ | — ଡିସେ. | କେମ୍ବ୍ରିଜ୍ | ମିସ୍ ମେରୀ ହେଲ୍ | ଇଂ |
| ୧୪୫ | | ୨୧ | | | |
| ୧୪୬ | | ୨୬ | ଯୁକ୍ତରାଷ୍ଟ୍ର ଆମେରିକା | ଆଲାସିଙ୍ଗା ପେରୁମଲ | |
| ୧୪୭ | | — | ଚିକାଗୋ | ଲାଲ ଗୋବିନ୍ଦ ସହାୟ | |
| ୧୪୮ | | --- | ଯୁକ୍ତରାଷ୍ଟ୍ର ଆମେରିକା | | |
| ୧୪୯ | | — | ଚିକାଗୋ | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୧୫୦ | | — | — | ସ୍ୱାମୀ ଅଖଣ୍ଡାନନ୍ଦ | |
| ୧୫୧ | | — | ଆମେରିକା | ଅନାଗାରିକ ଧର୍ମପାଳ | ଇଂ |
| ୧୫୨ | | — | | ଆଲାସିଙ୍ଗା | |
| ୧୫୩ | | — | | ଖେତଡ଼ିର ମହାରାଜା | |
| ୧୫୪ | | — | | ସ୍ୱାମୀ ଅଭେଦାନନ୍ଦ | ବଙ୍ଗ |
| ୧୫୫ | | — | | ସ୍ୱାମୀ ଶିବାନନ୍ଦ | |
| ୧୫୬ | | — | — | ମଠର ଭ୍ରାତୃବୃନ୍ଦ | |
| ୧୫୭ | | — | — | ସ୍ୱାମୀ ବ୍ରହ୍ମାନନ୍ଦ | |
| ୧୫୮ | | ୨୮ | ବ୍ରୁକ୍ଲିନ୍ | ମିସେସ୍ ଓଲ୍ ବୁଲ୍ | ଇଂ |
| ୧୫୯ | | — | ଚିକାଗୋ | ଆଲାସିଙ୍ଗା | |
| ୧୬୦ | ୧୮୯୫ | ୩ ଜାନୁ. | | ମିସେସ୍ ଓଲ୍ ବୁଲ୍ | |
| ୧୬୧ | | ୩ | | ସୁବ୍ରହ୍ମଣ୍ୟ ଆୟାର୍ | |
| ୧୬୨ | | — | — | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୧୬୩ | | ୬ | ନ୍ୟୁୟର୍କ | ମିସ୍ ମେରୀ ହେଲ୍ | ଇଂ |
| ୧୬୪ | | ୧୧ | ଚିକାଗୋ | ଜି. ଜି. | |
| ୧୬୫ | | ୧୨ | ଆମେରିକା | ଆଲାସିଙ୍ଗା | |
| ୧୬୬ | | — | — | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୧୬୭ | | ୨୦ | ବ୍ରୁକ୍ଲିନ୍ | ମିସେସ୍ ଓଲ୍ ବୁଲ୍ | ଇଂ |
| ୧୬୮ | | ୨୪ | ନ୍ୟୁୟର୍କ | | |
| ୧୬୯ | | ୨୪ | | ଇସାବେଲ୍ ମ୍ୟାକ୍‌କିଣ୍ଡଲି | |
| ୧୭୦ | | ୧ ଫେବ୍ରୁ. | | ମିସ୍ ମେରୀ ହେଲ | |
| ୧୭୧ | | ୯ | | ବୈକୁଣ୍ଠନାଥ ସାନ୍ୟାଲ୍ | ବଙ୍ଗ |
| ୧୭୨ | | ୧୦ | | ମିସ୍ ମେରୀ ହେଲ୍ | ଇଂ |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୧୭୩ | ୧୮୯୫ | ୧୪ ଫେବୃ. | ନ୍ୟୁୟର୍କ | ମିସେସ୍ ଓଲ ବୁଲ୍ | ଇଂ |
| ୧୭୪ | | ୨୫ | | ଇସାବେଲ୍ ମ୍ୟାକ୍‌କଣ୍ଡେଲ | |
| ୧୭୫ | | — | | ଆଲସିଙ୍ଗା | |
| ୧୭୬ | | ୬ ମାର୍ଚ୍ଚ | ଆମେରିକା | | |
| ୧୭୭ | | ୨୧ | ନ୍ୟୁୟର୍କ | ମିସେସ୍ ଓଲ ବୁଲ୍ | |
| ୧୭୮ | | ୨୭ | | ଇସାବେଲ୍ ମ୍ୟାକ୍‌କଣ୍ଡେଲ | |
| ୧୭୯ | | ୪ ଏପ୍ରିଲ୍ | ଆମେରିକା | ଆଲସିଙ୍ଗା | |
| ୧୮୦ | | ୧୦ | — | ମିଃ ଫ୍ରାନ୍‌ସିସ୍ ଲେଗେଟ୍ | |
| ୧୮୧ | | ୧୧ | ଯୁକ୍ତରାଷ୍ଟ୍ର ଆମେରିକା | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୧୮୨ | | ୧୧ | ନ୍ୟୁୟର୍କ | ମିସେସ୍ ଓଲ ବୁଲ୍ | ଇଂ. |
| ୧୮୩ | | ୨୪ | | ମିଃ ଇ. ଟି. ଷ୍ଟାର୍ଡି | |
| ୧୮୪ | | — | | | |
| ୧୮୫ | | ୨୫ | | ମିସେସ୍ ଓଲ ବୁଲ୍ | |
| ୧୮୬ | | — ମେ | | — | |
| ୧୮୭ | | — | ଯୁକ୍ତରାଷ୍ଟ୍ର ଆମେରିକା | ଖେତଡ଼ିର ମହାରାଜା | |
| ୧୮୮ | | ୨ | ଚିକାଗୋ | କଲିକତାର ଜଣେ ବ୍ୟକ୍ତି | |
| ୧୮୯ | | ୫ | ନ୍ୟୁୟର୍କ | ହେଲ୍ ଭଗିନୀଗଣ | |
| ୧୯୦ | | ୬ | ଆମେରିକା | ଆଲସିଙ୍ଗା | |
| ୧୯୧ | | ୭ | ନ୍ୟୁୟର୍କ | ମିସେସ୍ ଓଲ ବୁଲ୍ | |
| ୧୯୨ | | ୧୪ | | ଆଲସିଙ୍ଗା | |
| ୧୯୩ | | ୨୮ | | | |
| ୧୯୪ | | — | ନ୍ୟୁୟର୍କ | ମିସେସ୍ ଓଲ ବୁଲ୍ | |
| ୧୯୫ | | — ଜୁନ୍ | | ମ୍ୟାକ୍‌ଲାଉଡ୍ | |
| ୧୯୬ | | — | ଯୁକ୍ତରାଷ୍ଟ୍ର ଆମେରିକା | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୧୯୭ | | ୭ | ପାର୍ସି | ମିସେସ୍ ଓଲ ବୁଲ୍ | ଇଂ |
| ୧୯୮ | | ୧୭ | | ମିସ୍ ମେରୀ ହେଲ୍ | |
| ୧୯୯ | | ୧୮ | ସହସ୍ରଦ୍ୱୀପୋଦ୍ୟାନ | ମିଷ୍ଟର୍ ଲେଗେଟ୍ | |
| ୨୦୦ | | — | ନ୍ୟୁୟର୍କ | ମିସେସ୍ ଓଲ ବୁଲ୍ | |
| ୨୦୧ | | ୨୨ | | ମିସ୍ ମେରୀ ହେଲ | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୨୦୨ | ୧୮୯୫ | ୨୨ ଜୁନ୍ | ନ୍ୟୁୟର୍କ | କିଡି | ଇଂ |
| ୨୦୩ | | ୨୬ | ସହସ୍ରଦ୍ୱୀପୋଦ୍ୟାନ | ମିସ୍ ମେରୀ ହେଲ୍ | |
| ୨୦୪ | | — | | | |
| ୨୦୫ | | ୧ ଜୁଲାଇ | ଆମେରିକା | ଆଲାସିଙ୍ଗା | |
| ୨୦୬ | | ୭ | ସହସ୍ରଦ୍ୱୀପୋଦ୍ୟାନ | ମିଃ. ଲେଗେଟ୍ | |
| ୨୦୭ | | ୮ | ନ୍ୟୁୟର୍କ | ଆଲ୍ବାର୍ଟା | |
| ୨୦୮ | | — | ସହସ୍ରଦ୍ୱୀପୋଦ୍ୟାନ | ମିସେସ୍ ଷ୍ଟର୍ଜିସ୍ | |
| ୨୦୯ | | ୯ | ଆମେରିକା | ଖେତଡ଼ିର ମହାରାଜା | |
| ୨୧୦ | | ୨୯ | ସହସ୍ରଦ୍ୱୀପୋଦ୍ୟାନ | ମିସେସ୍ ଷ୍ଟର୍ଜିସ୍ | |
| ୨୧୧ | | ୩୦ | ନ୍ୟୁୟର୍କ | ଆଲାସିଙ୍ଗା | |
| ୨୧୨ | | ୩୧ | ସହସ୍ରଦ୍ୱୀପୋଦ୍ୟାନ | ମିଃ. ଲେଗେଟ୍ | |
| ୨୧୩ | | — ଅଗଷ୍ଟ | | | |
| ୨୧୪ | | ୨ | ନିଉୟର୍କ | ମିଃ ଇ. ଟି. ଷ୍ଟର୍ଡି | |
| ୨୧୫ | | — | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୨୧୬ | | ୯ | | ମିଃ. ଇ. ଟି. ଷ୍ଟର୍ଡି | ଇଂ |
| ୨୧୭ | | — | ସହସ୍ରଦ୍ୱୀପୋଦ୍ୟାନ | ମିସେସ୍ ଓଲ ବୁଲ୍ | |
| ୨୧୮ | | — | ଆମେରିକା | ଆଲାସିଙ୍ଗା | |
| ୨୧୯ | | ୨୬ | ପ୍ୟାରିସ୍ | ମିଷ୍ଟର୍ ଷ୍ଟର୍ଡି | ଇଂ |
| ୨୨୦ | | ୫ ସେପ୍. | | | |
| ୨୨୧ | | ୯ | | ଆଲାସିଙ୍ଗା | |
| ୨୨୨ | | — | ଇଂଲଣ୍ଡ | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୨୨୩ | | — | | ସ୍ୱାମୀ ଅଖଣ୍ଡାନନ୍ଦ | |
| ୨୨୪ | | ୧୭ | | ମିସେସ୍ ଓଲ ବୁଲ୍ | ଇଂ |
| ୨୨୫ | | — | | ମିସ୍ ମ୍ୟାକ୍ଲାଉଡ୍ | |
| ୨୨୬ | | ୨୪ | | ମିସେସ୍ ଓଲ ବୁଲ୍ | |
| ୨୨୭ | | ୪ ଅକ୍ଟୋ. | | ନବେଦତା | |
| ୨୨୮ | | ୪ | | | |
| ୨୨୯ | | ୪ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୨୩୦ | | — | | ମିସ୍ ମ୍ୟାକ୍ଲାଉଡ୍ | ଇଂ |
| ୨୩୧ | | ୬ | | ମିସେସ୍ ଓଲ ବୁଲ୍ | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୨୩୨ | ୧୮୯୫ | — ଅକ୍ଟୋ. | ଇଂଲଣ୍ଡ | ମିସେସ୍ ଲେଗେଟ୍ | ଇଂ |
| ୨୩୩ | | ୨୦ | | ମିସ୍ ମ୍ୟାକ୍‌ଲଉଡ୍ | |
| ୨୩୪ | | ୨୪ | | ଆଲସିଙ୍ଗା | |
| ୨୩୫ | | — — | | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୨୩୬ | | ୩୧ ଅକ୍ଟୋ. | ଲଣ୍ଡନ | ମି. ଇ. ଟି. ଷ୍ଟର୍ଡି | ଇଂ |
| ୨୩୭ | | ୩୧ | | ମିସ୍ ମ୍ୟାକଲଉଡ୍ | |
| ୨୩୮ | | — — | ଇଂଲଣ୍ଡ | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୨୩୯ | | ୧ ନଭେ. | ଚେଲସୀ | ମିଃ ଷ୍ଟର୍ଡି | ଇଂ |
| ୨୪୦ | | ୨ | — | | |
| ୨୪୧ | | ୧୩ | ଲଣ୍ଡନ | ସ୍ୱାମୀ ଅଖଣ୍ଡାନନ୍ଦ | ବଙ୍ଗ |
| ୨୪୨ | | ୧୮ | | ଆଲସିଙ୍ଗା | ଇଂ |
| ୨୪୩ | | ୨୧ | | ମିସେସ୍ ଓଲ୍ ବୁଲ୍ | |
| ୨୪୪ | | — — | 'ବ୍ରଟାନିକ' | ମିଷ୍ଟର ଷ୍ଟର୍ଡି | |
| ୨୪୫ | | ୫ ଡିସେ. | | ଆଲବାର୍ଟା | |
| ୨୪୬ | | ୮ | ନ୍ୟୁୟର୍କ | ମିସେସ୍ ଓଲ୍ ବୁଲ୍ | |
| ୨୪୭ | | ୮ | | ମିସ୍ ମ୍ୟାକ୍‌ଲଉଡ୍ | |
| ୨୪୮ | | ୮ | | ମିଃ ଷ୍ଟର୍ଡ | |
| ୨୪୯ | | ୧୦ | | — | |
| ୨୫୦ | | ୧୬ | | ମିଷ୍ଟର୍ ଷ୍ଟର୍ଡି | |
| ୨୫୧ | | ୨୦ | | ଆଲସିଙ୍ଗା | |
| ୨୫୨ | | ୨୩ | | ସ୍ୱାମୀ ସାରଦାନନ୍ଦ | |
| ୨୫୩ | | — | | ମିଷ୍ଟର୍ ଷ୍ଟର୍ଡି | |
| ୨୫୪ | | ୨୯ | | ମିସ୍ ଫାର୍ମର୍ | |
| ୨୫୫ | | ୨୯ | ଜେଲ୍ଲ ମ୍ୟାନର୍ | ମିଃ ଷ୍ଟର୍ଡି | |
| ୨୫୬ | | — — | | ମଠର ସମସ୍ତଙ୍କୁ | ବଙ୍ଗ |
| ୨୫୭ | | — — | | ସ୍ୱାମୀ ବ୍ରହ୍ମାନନ୍ଦ | |
| ୨୫୮ | | — — | | ସ୍ୱାମୀ ରାମକୃଷ୍ଣାନନ୍ଦ | |
| ୨୫୯ | | — — | ଆମେରିକା | ଆଲସିଙ୍ଗା | ଇଂ |
| ୨୬୦ | ୧୮୯୬ | — ଜାନୁ. | — | ତ୍ରିଗୁଣାତୀତାନନ୍ଦ | ବଙ୍ଗ |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୧୬୧ | ୧୮୯୬ | ୬ ଜାନୁ. | ନ୍ୟୁୟର୍କ | ମିସ୍ ମେରୀ ହେଲ୍ | ଇଂ |
| ୧୬୨ | | ୧୬ | | ମିଃ ଇ. ଟି. ଷ୍ଟାର୍ଡି | |
| ୧୬୩ | | ୧୭ | | ତ୍ରିଗୁଣାତୀତାନନ୍ଦ | ବଙ୍ଗ |
| ୧୬୪ | | ୨୩ | ଆମେରିକା | ଆଲାସିଙ୍ଗା | ଇଂ |
| ୧୬୫ | | ୨୪ | ନ୍ୟୁୟର୍କ | ସ୍ୱାମୀ ଯୋଗାନନ୍ଦ | ବଙ୍ଗ |
| ୧୬୬ | | ୧୦ ଫେବ୍ରୁ. | | ମିସ୍ ମେରୀ ହେଲ୍ | ଇଂ |
| ୧୬୭ | | ୧୩ | | ମିଃ ଇ. ଟି. ଷ୍ଟାର୍ଡି | |
| ୧୬୮ | | ୧୭ | — | ଆଲାସିଙ୍ଗା | |
| ୧୬୯ | | ୨୯ | ନ୍ୟୁୟର୍କ | ମିଷ୍ଟର୍ ଷ୍ଟାର୍ଡି | |
| ୧୭୦ | | ୨ ମାର୍ଚ୍ଚ | | ବିହାରୀଦାସ ଦେଶାଇ | |
| ୧୭୧ | | — | ବୋଷ୍ଟନ | ତ୍ରିଗୁଣାତୀତାନନ୍ଦ | ବଙ୍ଗ |
| ୧୭୨ | | ୧୭ | ନ୍ୟୁୟର୍କ | ମିଃ ଷ୍ଟାର୍ଡି | ଇଂ |
| ୧୭୩ | | — — | — | ମିସ୍ ମେରୀ ହେଲ୍ | |
| ୧୭୪ | | ୨୩ ମାର୍ଚ୍ଚ | ବୋଷ୍ଟନ | ଆଲାସିଙ୍ଗା | |
| ୧୭୫ | | — | ଆମେରିକା | | |
| ୧୭୬ | | — — | | | |
| ୧୭୭ | | ୬ ଅପ୍ରେଲ | ଚିକାଗୋ | ମିସେସ୍ ଓଲ୍ ବୁଲ୍ | |
| ୧୭୮ | | ୧୪ | ନ୍ୟୁୟର୍କ | — | |
| ୧୭୯ | | ୧୪ | | ଡାକ୍ତର ନଞ୍ଜୁଣ୍ଡ ରାଓ | |
| ୧୮୦ | | ୧୪ | | ହେଲ୍ ଭଗିନୀଗଣ | |
| ୧୮୧ | | ୧୪ | | ତ୍ରିଗୁଣାତୀତାନନ୍ଦ | ବଙ୍ଗ |
| ୧୮୨ | | — | ଲଣ୍ଡନ | ମିଷ୍ଟର୍ ଷ୍ଟାର୍ଡି | ଇଂ |
| ୧୮୩ | | ୨୬ | ଇଂଲଣ୍ଡ | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୧୮୪ | | — — | | — | ବଙ୍ଗ |
| ୧୮୫ | | ୨୦ ଏପ୍ରିଲ | | ହେଲ୍ ଭଗିନୀଗଣ | ଇଂ |
| ୧୮୬ | | — ମେ | ଲଣ୍ଡନ | — | |
| ୧୮୭ | | ୩୦ | | ମିସେସ୍ ଓଲ୍ ବୁଲ୍ | |
| ୧୮୮ | | ୩୦ | | ମିସ୍ ମେରୀ ହେଲ୍ | |
| ୧୮୯ | | — | | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୧୯୦ | | ୫ ଜୁନ | | — | ଇଂ |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୨୯୧ | ୧୮୯୬ | ୬ ଜୁନ୍ | ଲଣ୍ଡନ | ଭଗିନୀ ନିବେଦିତା | ଇଂ |
| ୨୯୨ | | ୨୪ | | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୨୯୩ | | ୩ ଜୁଲାଇ | | | |
| ୨୯୪ | | ୬ | | ଫ୍ରାନସିସ୍ ଲେଗେଟ୍ | ଇଂ |
| ୨୯୫ | | ୭ | | ହେଲ୍ ଭଗିନୀଗଣ | |
| ୨୯୬ | | ୮ | | — | |
| ୨୯୭ | | ୧୪ | ଇଂଲଣ୍ଡ | ଡାକ୍ତର ନାଞ୍ଜୁଣ୍ଡ ରାଓ | |
| ୨୯୮ | | ୨୫ | ସୁଇଜରଲ୍ୟାଣ୍ଡ | ମିସେସ୍ ଓଲ ବୁଲ୍ | |
| ୨୯୯ | | — | | ମିଃ ଇ.ଟି. ଷ୍ଟଡ | |
| ୩୦୦ | | ୫ ଅଗଷ୍ଟ | ଲଣ୍ଡନ | ଲଲା ବଦ୍ରୀଶାହ | |
| ୩୦୧ | | ୫ | ସୁଇଜର୍‌ଲଣ୍ଡ | ମିଃ ଇ.ଟି. ଷ୍ଟର୍ଡି | |
| ୩୦୨ | | ୬ | | ଆଲସିଙ୍ଗା ପେରୁମଲ | |
| ୩୦୩ | | — | | ସ୍ୱାମୀ କୃପାନନ୍ଦ | |
| ୩୦୪ | | ୮ | | ଆଲସିଙ୍ଗା | |
| ୩୦୫ | | ୮ ଅଗଷ୍ଟ | | ଜେ. ଜେ. ଗୁଡ୍‌ଉଇନ୍ | |
| ୩୦୬ | | ୮ | | ମିଷ୍ଟର ଷ୍ଟର୍ଡି | |
| ୩୦୭ | | ୧୨ | | | |
| ୩୦୮ | | ୨୩ | ଲୁସାର୍ଣ୍ଣ | | |
| ୩୦୯ | | ୨୩ | | ମିସେସ୍ ଓଲ ବୁଲ୍ | |
| ୩୧୦ | | ୨୩ | ସୁଇଜରଲଣ୍ଡ | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୩୧୧ | | ୨୬ | | ଡାକ୍ତର ନଞ୍ଜୁଣ୍ଡ ରାଓ | ଇଂ |
| ୩୧୨ | | ୧୦ ସେପ୍ଟେ. | କସ୍ୱେଲ | ମିଃ. ଇ.ଟି. ଷ୍ଟର୍ଡି | |
| ୩୧୩ | | ୧୭ | ଉଇମ୍ବଲଡନ | ମିସ୍ ହ୍ୟାରିଏଟ୍ ହେଲ୍ | |
| ୩୧୪ | | ୧୭ | | ମିସ୍ ମେରି ହେଲ୍ | |
| ୩୧୫ | | ,, | | ଆଲସିଙ୍ଗା ପେରୁମଲ | |
| ୩୧୬ | | — | ଲଣ୍ଡନ | | |
| ୩୧୭ | | ୭ ଅକ୍ଟୋ. | ଉଇମ୍ବଲଡନ୍ | ମିସ୍ ମାକ୍‌ଲାଉଡ୍ | |
| ୩୧୮ | | ୮ | | ମିସ୍ ଓୟାଲ୍‌ଡୋ | |
| ୩୧୯ | | ୮ | | ମିସେସ୍ ଓଲ ବୁଲ୍ | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୩୨୦ | ୧୮୯୬ | ୨୮ ଅକ୍ଟୋ. | ଲଣ୍ଡନ | 'ଇଣ୍ଡିଆନ୍ ମିରର୍' | ଇଂ |
| ୩୨୧ | | ୨୮ | | ଆଲସିଙ୍ଗା ପେରୁମଲ | |
| ୩୨୨ | | ୧ ନଭେ. | | ମିସ୍ ମେରି ହେଲ୍ | |
| ୩୨୩ | | ୧୧ | | ଆଲସିଙ୍ଗା | |
| ୩୨୪ | | ୧୩ | | ମିସେସ୍ ଓଲି ବୁଲ୍ | |
| ୩୨୫ | | ୨୦ | | ଆଲସିଙ୍ଗା | |
| ୩୨୬ | | ୨୧ | | ଲାଲା ବଦ୍ରୀଶାହ | |
| ୩୨୭ | | ୨୮ | | ମେରି ଓ ହ୍ୟାରିଏଟ୍ | |
| ୩୨୮ | | ୩ ଡିସେ. | | ଆଲବର୍ଟା | |
| ୩୨୯ | | ୩ | | ମିସ୍ ମ୍ୟାକ୍ଲାଉଡ୍ | |
| ୩୩୦ | | ୯ | | ମିସେସ୍ ଓଲି ବୁଲ୍ | |
| ୩୩୧ | | ୧୩ | | ଆମେରିକାନ୍ ମହିଳା | |
| ୩୩୨ | | ୧୩ | — | ଫ୍ରାନ୍ସିସ୍ ଲେଗେଟ୍ | ଇଂ |
| ୩୩୩ | | ୨୦ | ଫ୍ଲୋରେନ୍ସ | ଆଲ୍ବର୍ଟା | |
| ୩୩୪ | | ୨୦ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୩୩୫ | | — | — | 'ଲାଇଟ୍ ଅଫ୍ ଦ ଇଷ୍ଟ' | ଇଂ |
| ୩୩୬ | ୧୮୯୭ | ୩ ଜାନୁ. | ଡ୍ୟାମ୍ପିୟାର୍ | ମେରି ହେଲ୍ | |
| ୩୩୭ | | ୩୦ | ରାମନାଡ | | |
| ୩୩୮ | | ୧୨ ଫେବ୍ରୁ. | ମାଡ୍ରାଜ | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୩୩୯ | | ୨୫ | ଆଲମବଜାର ମଠ | ମିସେସ୍ ଓଲି ବୁଲ୍ | ଇଂ |
| ୩୪୦ | | ୧୯ ମାର୍ଚ୍ଚ | ଦାର୍ଜିଲିଂ | ଶରଚ୍ଚନ୍ଦ୍ର ଚକ୍ରବର୍ତ୍ତୀ | ସଂ |
| ୩୪୧ | | ୨୦ | | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୩୪୨ | | ୨୬ | | ମିସେସ୍ ଓଲି ବୁଲ୍ | ଇଂ |
| ୩୪୩ | | ୬ ଅପ୍ରେଲ | | ସରଳା ଘୋଷାଲ | ବଙ୍ଗ |
| ୩୪୪ | | ୭ | | ଲାଲା ବଦ୍ରୀଶାହ | ଇଂ |
| ୩୪୫ | | ୨୪ | | ସରଳା ଘୋଷାଲ | ବଙ୍ଗ |
| ୩୪୬ | | ୨୮ | | ମିସ୍ ମେରି ହେଲ୍ | ଇଂ |
| ୩୪୭ | | ୫ ମଇ | ଆଲମବଜାର ମଠ | ମିସେସ୍ ଓଲି ବୁଲ୍ | |
| ୩୪୮ | | ୫ | | ଭଗିନୀ ନିବେଦିତା | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୩୪୯ | ୧୮୯୭ | ୨୦ ମଇ | ଆଲମୋଡ଼ା | ସୁଧୀର (ଶୁଦ୍ଧାନନ୍ଦ) | ଇଂ |
| ୩୫୦ | | ୨୦ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୩୫୧ | | ୨୯ | | ଶଶୀ ଡାକ୍ତର | ଇଂ |
| ୩୫୨ | | ୩୦ | | ପ୍ରମଦାଦାସ ମିତ୍ର | ବଙ୍ଗ |
| ୩୫୩ | | ୧ ଜୁନ | | — | ଇଂ |
| ୩୫୪ | | ୧ | | ସ୍ୱାମୀ ଶୁଦ୍ଧାନନ୍ଦ | ସଂ |
| ୩୫୫ | | ୨ | | ମେରୀ ହେଲ୍‌ବଏଷ୍ଟାର୍ | ଇଂ |
| ୩୫୬ | | ୩ | | ଭଗିନୀ ନିବେଦିତା | |
| ୩୫୭ | | ୩ | | ଆମେରିକାନ୍ ଭକ୍ତ | |
| ୩୫୮ | | ୧୪ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୩୫୯ | | ୧୫ | | ସ୍ୱାମୀ ଅଖଣ୍ଡାନନ୍ଦ | |
| ୩୬୦ | | ୨୦ | | ଭଗିନୀ ନିବେଦିତା | ଇଂ |
| ୩୬୧ | | ୨୦ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୩୬୨ | | ୩୦ | | ଟି. ଶୋକନାଥନ୍ | ଇଂ |
| ୩୬୩ | | ୩ ଜୁଲାଇ | | ଶରଚନ୍ଦ୍ର ଚକ୍ରବର୍ତ୍ତୀ | ସଂ |
| ୩୬୪ | | ୪ | | ଭଗିନୀ ନିବେଦିତା | ଇଂ |
| ୩୬୫ | | ୯ | | ମିସ୍ ମେରୀ ହେଲ୍ | |
| ୩୬୬ | | ୧୦ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୩୬୭ | | ୧୦ | | ମିସ ମ୍ୟାକ୍‌ଲଉଡ୍ | ଇଂ |
| ୩୬୮ | | ୧୧ | | ସ୍ୱାମୀ ଶୁଦ୍ଧାନନ୍ଦ | ବଙ୍ଗ |
| ୩୬୯ | | ୧୩ | | ସ୍ୱାମୀ ବ୍ରହ୍ମାନନ୍ଦ | |
| ୩୭୦ | | ୨୩ | | ଭଗିନୀ ନିବେଦିତା | ଇଂ |
| ୩୭୧ | | ୨୪ | | ସ୍ୱାମୀ ଅଖଣ୍ଡାନନ୍ଦ | ବଙ୍ଗ |
| ୩୭୨ | | ୨୫ | | ମେରୀ ହେଲବଏଷ୍ଟାର୍ | ଇଂ |
| ୩୭୩ | | ୨୮ | | ମିସେସ୍ ଲେଗେଟ୍ | |
| ୩୭୪ | | ୨୯ | | ଭଗିନୀ ନିବେଦିତା | |
| ୩୭୫ | | ୨୯ | | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୩୭୬ | | ୩୦ | | ସ୍ୱାମୀ ଅଖଣ୍ଡାନନ୍ଦ | |
| ୩୭୭ | | ୧୧ ଅଗଷ୍ଟ | ବେଲୁଡ଼ ମଠ | ମିସ୍ ମ୍ୟାକଲଉଡ୍ | ଇଂ |

| କ୍ରମିକ ସଂଖ୍ୟା | ବର୍ଷ | ତାରଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୩୭୮ | ୧୮୯୭ | ୧୯ ଅଗଷ୍ଟ | ଅମ୍ବାଲା | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୩୭୯ | | ୧୯ | ବେଲୁଡ଼ ମଠ | ମିସେସ୍ ଓଲ ବୁଲ୍ | ଇଂ |
| ୩୮୦ | | ୨ ସେପ୍. | ଅମୃତସର | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୩୮୧ | | ୧୩ | ଶ୍ରୀନଗର | | |
| ୩୮୨ | | ୧୪ | | ସ୍ୱାମୀ ଶୁଦ୍ଧାନନ୍ଦ | ଇଂ |
| ୩୮୩ | | — — | | ହରିପଦ ମିତ୍ର | ବଙ୍ଗ |
| ୩୮୪ | | — — | — | ଇନ୍ଦୁମତୀ ମିତ୍ର | |
| ୩୮୫ | | ୩୦ ସେପ୍. | ଶ୍ରୀନଗର | ସ୍ୱାମୀ ରାମକୃଷ୍ଣାନନ୍ଦ | |
| ୩୮୬ | | ୩୦ | | ସ୍ୱାମୀ ବ୍ରହ୍ମାନନ୍ଦ | |
| ୩୮୭ | | ୩୦ | | | ଇଂ |
| ୩୮୮ | | ୩୦ | | ମିସ୍ ମ୍ୟାକ୍‌ଲଉଡ୍ | |
| ୩୮୯ | ୧୮୯୮ | ୨୫ ଫେବ୍ରୁ. | ବେଲୁଡ଼ମଠ | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୩୯୦ | | ୨୫ | | ଡକ୍ଟର ପ୍ୟାରୀମୋହନ | ଇଂ |
| ୩୯୧ | | — ମାର୍ଚ୍ଚ | | ସ୍ୱାମୀ ରାମକୃଷ୍ଣାନନ୍ଦ | |
| ୩୯୨ | ୧୮୯୭ | ୧ ଅକ୍ଟୋ. | ଶ୍ରୀନଗର | ଭଗିନୀ ନିବେଦିତା | |
| ୩୯୩ | | ୧୦ | ମରୀ | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୩୯୪ | | ୧୦ | | ସ୍ୱାମୀ ତ୍ରିଗୁଣାତୀତାନନ୍ଦ | |
| ୩୯୫ | | ୧୦ | | ସ୍ୱାମୀ ଅଖଣ୍ଡାନନ୍ଦ | |
| ୩୯୬ | | ୧୧ | | ସ୍ୱାମୀ ବ୍ରହ୍ମାନନ୍ଦ | |
| ୩୯୭ | | ୧୧ | | ଜଗମୋହନଲାଲ | ଇଂ |
| ୩୯୮ | | ୧୨ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୩୯୯ | | ୧୨ | ରାଓଲପିଣ୍ଡି | 'ଶ୍ରୀମ' | ଇଂ |
| ୪୦୦ | | ୩ ନଭେ. | ଜାମ୍ମୁ | ମାର୍ଗାରେଟ୍ ନୋବ୍‌ଲ | |
| ୪୦୧ | | ୧୧ | ଲାହୋର | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୪୦୨ | | ୧୫ | | ଇନ୍ଦୁମତୀ ମିତ୍ର | |
| ୪୦୩ | | ୧୫ | | ସ୍ୱାମୀ ବ୍ରହ୍ମାନନ୍ଦ | |
| ୪୦୪ | | ୨୪ | ଡେରାଡୁନ୍ | ଇନ୍ଦୁମତୀ ମିତ୍ର | |
| ୪୦୫ | | ୨୪ | | ସ୍ୱାମୀ ପ୍ରେମାନନ୍ଦ | |
| ୪୦୬ | | ୨୪ | | 'ଶ୍ରୀମ' | ଇଂ |
| ୪୦୭ | | ୩୦ | ଦିଲ୍ଲୀ | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୪୦୮ | ୧୮୯୭ | ୮ ଡିସେ. | ଖେତଡ଼ି | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୪୦୯ | | ୧୪ | | | |
| ୪୧୦ | | ୨୭ | ଜୟପୁର | ସ୍ୱାମୀ ଶିବାନନ୍ଦ | ଇଂ |
| ୪୧୧ | ୧୮୯୮ | ୩ ଜାନୁ. | ଦେଓଘର | ମୃଣାଳିନୀ ବସୁ | ବଙ୍ଗ |
| ୪୧୨ | | ୨ ମାର୍ଚ୍ଚ | ବେଲୁଡ଼ ମଠ | ମିସ୍ ମେରୀ ହେଲ୍ | ଇଂ |
| ୪୧୩ | | ୪ ଏପ୍ରିଲ୍ | ଦାର୍ଜିଲିଂ | ଓଲ୍ ବୁଲ୍ (ଧୀରାମାତା) | |
| ୪୧୪ | | ୧୮ | | ମିସ୍ ମାକ୍‌ଲଉଡ୍ | |
| ୪୧୫ | | ୨୩ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୪୧୬ | | ୨୯ | | ମିସ୍ ମାକ୍‌ଲଉଡ୍ | ଇଂ |
| ୪୧୭ | | ୨୦ ମେ | ଆଲ୍‌ମୋଡ଼ା | ମାର୍ଗାରେଟ ନୋବ୍‌ଲ | |
| ୪୧୮ | | ୨୦ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୪୧୯ | | ୯ ଜୁନ୍ | | ଖେତଡ଼ିର ମହାରାଜା | ଇଂ |
| ୪୨୦ | | ୧୦ | | ଧର୍ମରାଜ ହୋସେନ୍ | |
| ୪୨୧ | | ୩ ଜୁଲାଇ | କାଶ୍ମୀର | ମିଃ ଷ୍ଟର୍ଡି | |
| ୪୨୨ | | ୧୭ | ଶ୍ରୀନଗର | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୪୨୩ | | ୧ ଅଗଷ୍ଟ | | | |
| ୪୨୪ | | ୨୫ | କାଶ୍ମୀର | ମାର୍ଗାରେଟ୍ ନୋବ୍‌ଲ | ଇଂ |
| ୪୨୫ | | ୨୮ | | ମେରୀ ହେଲ୍ | |
| ୪୨୬ | | ୧୬ ସେପ୍ଟେ. | | ହରିପଦ ମିତ୍ର | ବଙ୍ଗ |
| ୪୨୭ | | ୧୭ | | ଖେତଡ଼ିର ମହାରାଜା | ଇଂ |
| ୪୨୮ | | ୧୬ ଅକ୍ଟୋ. | ଲାହୋର | | |
| ୪୨୯ | | ୧୬ | | ହରିପଦ ମିତ୍ର | ବଙ୍ଗ |
| ୪୩୦ | | ୨୬ | ବେଲୁଡ଼ ମଠ | ଖେତଡ଼ିର ମହାରାଜା | ଇଂ |
| ୪୩୧ | | — ନଭେ.? | | | |
| ୪୩୨ | | ୧୨ ନଭେ. | କଲିକତା | ମିସ୍ ମ୍ୟାକ୍‌ଲଉଡ୍ | |
| ୪୩୩ | | ୧୫ ଡିସେ. | ବେଲୁଡ଼ ମଠ | ଖେତଡ଼ିର ମହାରାଜା | |
| ୪୩୪ | | ୧୫ | | — | |
| ୪୩୫ | | ୨୮ | ଦେଓଘର | ମିସେସ୍ ଓଲ୍ ବୁଲ୍ | |
| ୪୩୬ | ୧୮୯୯ | ୨ ଫେବ୍ରୁ. | ବେଲୁଡ଼ ମଠ | ମିସ୍ ମ୍ୟାକ୍‌ଲଉଡ୍ | |
| ୪୩୭ | | ୬ ମାର୍ଚ୍ଚ | | ଈଶ୍ୱରଚନ୍ଦ୍ର ଘୋଷ | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୪୩୮ | ୧୮୯୯ | ୧୭ ମାର୍ଚ୍ଚ | ବେଲୁଡ଼ମଠ | ମେରୀ ହେଲ୍ | ଇଂ |
| ୪୩୯ | | ୧୧ ଅପ୍ରେଲ | | — | |
| ୪୪୦ | | ୧୬ | | ସରଳା ଘୋଷାଲ | ବଙ୍ଗ |
| ୪୪୧ | | ୧୪ ଜୁନ | ଆଲମବଜାର ମଠ | — | ଇଂ |
| ୪୪୨ | | ୧୪ ଜୁଲଇ | ପୋର୍ଟ ସଇଦ | ମିଃ ଷ୍ଟର୍ଡି | |
| ୪୪୩ | | ୩ ଅଗଷ୍ଟ | ଉଇମ୍ବଲଡନ୍ | ମିସ୍ ମ୍ୟାକ୍‌ଲଉଡ୍ | |
| ୪୪୪ | | ୭ | | ଓଲି ବୁଲ୍ | |
| ୪୪୫ | | — | | ମେରୀ ହେଲବସ୍ଷ୍ଟାର୍ | |
| ୪୪୬ | | ୧୦ | ଲଣ୍ଡନ | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୪୪୭ | | ୩୧ | ରଜଲ୍ ମ୍ୟାନର୍ | ଇସାବେଲ୍ | ଇଂ |
| ୪୪୮ | | ୨ ସେପ୍ଟେ. | | — | |
| ୪୪୯ | | ୪ | | ଓଲି ବୁଲ୍ | |
| ୪୫୦ | | ୧୪ | | ମିଃ ଷ୍ଟର୍ଡି | |
| ୪୫୧ | | — | | ମେରୀ ହେଲ୍ | |
| ୪୫୨ | | ୩ ଅକ୍ଟୋ. | | | |
| ୪୫୩ | | ୩୦ | | | |
| ୪୫୪ | | — | | ମିଃ ଷ୍ଟର୍ଡି | |
| ୪୫୫ | | ୧ ନଭେ. | | ମାର୍ଗାରେଟ୍ ନୋବ୍‌ଲ୍ | |
| ୪୫୬ | | ୧୨ | ଆମେରିକା | ଓଲି ବୁଲ୍ | |
| ୪୫୭ | | ୧୫ | ନ୍ୟୁୟର୍କ | ମାର୍ଗାରେଟ୍ ନୋବ୍‌ଲ୍ | |
| ୪୫୮ | | ୧୫ | | ଓଲି ବୁଲ୍ | |
| ୪୫୯ | | — | | ମିଃ ଷ୍ଟର୍ଡି | |
| ୪୬୦ | | ୨୦ | | ମେରୀ ହେଲ୍ | |
| ୪୬୧ | | ୨୦ | ଆମେରିକା | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୪୬୨ | | ୨୧ | ନ୍ୟୁୟର୍କ | | ଇଂ |
| ୪୬୩ | | ୨୭ | ଚିକାଗୋ | ମିସେସ୍ ଲେଗେଟ୍ | |
| ୪୬୪ | | ୩୦ | | | |
| ୪୬୫ | | ୩୦ | | ଧୀରାମାତା | |
| ୪୬୬ | | ୬ ଡିସେ. | ଲସ୍ ଆଞ୍ଜେଲସ୍ | ନିବେଦିତା | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୪୬୭ | ୧୮୯୯ | ୧୨ ଡିସେ. | — | ଓଲ୍ ବୁଲ୍ | ଇଂ |
| ୪୬୮ | | ୨୨ | — | | |
| ୪୬୯ | | — | ଲସ୍ ଆଞ୍ଜେଲସ୍ | ସ୍ୱାମୀ ତୁରୀୟାନନ୍ଦ | ବଙ୍ଗ |
| ୪୭୦ | | ୨୩ | | ନିବେଦିତା | ଇଂ |
| ୪୭୧ | | ୨୭ | | ଧୀରମାତା | |
| ୪୭୨ | | ୨୭ | | ମେରି ହେଲ୍ | |
| ୪୭୩ | ୧୯୦୦ | ୧୭ ଜାନୁ. | | ଧୀରମାତା | |
| ୪୭୪ | | ୨୪ | | ନିବେଦିତା | |
| ୪୭୫ | | ୨ ଫେବ୍ରୁ. | ସାନ୍‌ଫ୍ରାନ୍‌ସିସ୍କୋ | ମ୍ୟାକ୍‌ଲଉଡ୍ | |
| ୪୭୬ | | ୧୫ | ଲସ୍ ଆଞ୍ଜେଲସ୍ | ନିବେଦିତା | |
| ୪୭୭ | | ୧୫ | | ଓଲ୍ ବୁଲ୍ | |
| ୪୭୮ | | ୨୦ | ପ୍ୟାସାଡେନା | ମେରି ହେଲ୍ | |
| ୪୭୯ | | ୨୧ | କାଲିଫର୍ଣ୍ଣିଆ | ସ୍ୱାମୀ ଅଖଣ୍ଡାନନ୍ଦ | ବଙ୍ଗ |
| ୪୮୦ | | ୨ ମାର୍ଚ୍ଚ | ସାନ୍ ଫ୍ରାନ୍‌ସିସ୍କୋ | ମେରି ହେଲ୍ | ଇଂ |
| ୪୮୧ | | ୪ | | ଧୀରମାତା | |
| ୪୮୨ | | ୪ | | ନିବେଦିତା | |
| ୪୮୩ | | ୭ | | ମିସ୍ ମ୍ୟାକ୍‌ଲଉଡ୍ | |
| ୪୮୪ | | ୭ | | ଓଲ୍ ବୁଲ୍ | |
| ୪୮୫ | | — | | ସ୍ୱାମୀ ତୁରୀୟାନନ୍ଦ | ବଙ୍ଗ |
| ୪୮୬ | | ୧୨ | | ସ୍ୱାମୀ ବ୍ରହ୍ମାନନ୍ଦ | |
| ୪୮୭ | | ୧୨ | | ଓଲ୍ ବୁଲ୍ | ଇଂ |
| ୪୮୮ | | ୧୨ | | ମେରି ହେଲ୍ | |
| ୪୮୯ | | ୧୬ | | ମିସେସ୍ ଲେଗେଟ୍ | |
| ୪୯୦ | | ୧୬ | | | |
| ୪୯୧ | | ୨୨ | | ମେରି ହେଲ୍ | |
| ୪୯୨ | | ୨୫ | | ନିବେଦିତା | |
| ୪୯୩ | | ୨୮ | | | |
| ୪୯୪ | | ୨୮ | | ମେରି ହେଲ୍ | |
| ୪୯୫ | | ୩୦ | | ମିସ୍ ମ୍ୟାକ୍‌ଲଉଡ୍ | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୪୯୬ | ୧୯୦୦ | — ଏପ୍ରିଲ | ସାନ୍ ଫ୍ରାନ୍‌ସିସ୍କୋ | ମିସ୍ ମ୍ୟାକ୍‌ଲାଉଡ୍ | ଇଂ |
| ୪୯୭ | | ୧ | | ନିବେଦିତା | |
| ୪୯୮ | | ୬ | | | |
| ୪୯୯ | | ୭ | | ଆମେରିକାନ୍ ବନ୍ଧୁ | |
| ୫୦୦ | | ୭ | | ମିସେସ୍ ଲେଗେଟ୍ | |
| ୫୦୧ | | ୮ | | ଓଲି ବୁଲ୍ | |
| ୫୦୨ | | ୧୦ | | ମିସ୍ ମ୍ୟାକ୍‌ଲଉଡ୍ | |
| ୫୦୩ | | ୧୨ | ଆଲାମେଡା | ଆମେରିକାନ୍ ବନ୍ଧୁ | ଇଂ |
| ୫୦୪ | | ୧୭ | — | ମିଃ ଲେଗେଟ୍ | |
| ୫୦୫ | | ୧୮ | ଆଲମେଡା | ମିସ୍ ମ୍ୟାକ୍‌ଲଉଡ୍ | |
| ୫୦୬ | | ୨୦ | | | |
| ୫୦୭ | | ୨୩ | — | ମେରି ହେଲ୍ | |
| ୫୦୮ | | ୩୦ | — | | |
| ୫୦୯ | | ୨ ମେ | — | ମିସେସ୍ ବ୍ଲଜେଟ୍ | |
| ୫୧୦ | | ୨ | — | ନିବେଦିତା | |
| ୫୧୧ | | ୧୮ | ସାନ୍ ଫ୍ରାନ୍‌ସିସ୍କୋ | ଓଲି ବୁଲ୍ | |
| ୫୧୨ | | ୧୯ | | ସ୍ୱାମୀ ଅଭେଦାନନ୍ଦ | |
| ୫୧୩ | | ୨୬ | | ନିବେଦିତା | |
| ୫୧୪ | | ୧୭ ଜୁନ | ଲସ୍ ଆଞ୍ଜେଲସ୍ | ମେରି ହେଲ୍ | |
| ୫୧୫ | | ୨୦ | ନ୍ୟୁୟର୍କ | ନିବେଦିତା | |
| ୫୧୬ | | ୨୩ | | ମେରି ହେଲ୍ | |
| ୫୧୭ | | ୨ ଜୁଲାଇ | | ନିବେଦିତା | |
| ୫୧୮ | | ୩ | | ମିସେସ୍ ହାନ୍‌ସବରୋ | |
| ୫୧୯ | | ୧୧ | | ମେରି ହେଲ୍ | |
| ୫୨୦ | | ୧୮ | | ସ୍ୱାମୀ ତୁରୀୟାନନ୍ଦ | |
| ୫୨୧ | | ୨୦ | | ମିସ୍ ମ୍ୟାକଲଉଡ୍ | |
| ୫୨୨ | | ୨୪ | | | |
| ୫୨୩ | | ୨୫ | | ସ୍ୱାମୀ ତୁରୀୟାନନ୍ଦ | ବଙ୍ଗ |
| ୫୨୪ | | — ଅଗଷ୍ଟ | | ମାୟାବତୀର ବ୍ରହ୍ମଚାରୀ | |
| ୫୨୫ | | ୧୩ | ପ୍ୟାରିସ୍ | ହରି ଭାଇ | |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୫୨୬ | ୧୯୦୦ | ୧୪ ଅଗଷ୍ଟ | ପ୍ୟାରିସ୍ | ଜନ୍ ଫକ୍ସ | ଇଂ |
| ୫୨୭ | | — | | ହରିଭାଇ | ବଙ୍ଗ |
| ୫୨୮ | | ୨୫ | | ନିବେଦିତା | ଇଂ |
| ୫୨୯ | | ୨୮ | | | |
| ୫୩୦ | | ୧ ସେପ୍ଟେ. | | ସ୍ୱାମୀ ତୁରୀୟାନନ୍ଦ | ବଙ୍ଗ |
| ୫୩୧ | | — | | | |
| ୫୩୨ | | ୩ | | ମିସେସ୍ ଲେଗେଟ୍ | ଇଂ |
| ୫୩୩ | | ୧୦ | | ଆଲବାର୍ଟା | |
| ୫୩୪ | | ୨୨ | ବ୍ରିଟାନେ | | |
| ୫୩୫ | | — ଅକ୍ଟୋ. | ପ୍ୟାରିସ୍ | ମାଡାମ୍ କାଲ୍‌ଭେ | ଫରାସୀ |
| ୫୩୬ | | ୧୪ | | କ୍ରିଷ୍ଟିନ୍ | |
| ୫୩୭ | | ୨୬ ନଭେ. | ପୋର୍ଟ ଟାଉଫିକ୍ | ମିସ୍ ମ୍ୟାକ୍‌ଲଉଡ୍ | ଇଂ |
| ୫୩୮ | | ୧୧ ଡିସେ. | ବେଲୁଡ଼ ମଠ | | |
| ୫୩୯ | | ୧୫ | | ଓଲି ବୁଲ୍ | |
| ୫୪୦ | | ୧୯ | | ନିବେଦିତା | |
| ୫୪୧ | | ୨୩ | ଦେଓଘର | ମୃଣାଳିନୀ ବସୁ | ବଙ୍ଗ |
| ୫୪୨ | | ୨୬ | ବେଲୁଡ଼ ମଠ | ସ୍ୱାମୀ ରାମକୃଷ୍ଣାନନ୍ଦ | |
| ୫୪୩ | | ୨୩ | | ମିସ୍ ମ୍ୟାକ୍‌ଲଉଡ୍ | ଇଂ |
| ୫୪୪ | ୧୯୦୧ | ୬ ଜାନୁ. | ମାୟାବତୀ | ଓଲି ବୁଲ୍ | |
| ୫୪୫ | | ୧୫ | | ମିଃ ଷ୍ଟର୍ଡି | |
| ୫୪୬ | | ୨୬ | ବେଲୁଡ଼ ମଠ | ଓଲି ବୁଲ୍ | |
| ୫୪୭ | | ୨ ଫେବ୍ରୁ. | | | |
| ୫୪୮ | | ୧୪ | | ମିସ୍ ମ୍ୟାକ୍‌ଲଉଡ୍ | |
| ୫୪୯ | | ୧୬ | | | |
| ୫୫୦ | | ୨୯ ମାର୍ଚ୍ଚ | ଢାକା | ଓଲି ବୁଲ୍ | |
| ୫୫୧ | | ୧୫ ମେ | ବେଲୁଡ଼ ମଠ | ସ୍ୱାମୀ ସ୍ୱରୂପାନନ୍ଦ | |
| ୫୫୨ | | ୧୮ | | ମିସ୍ ମେରୀ ହେଲ୍ | |
| ୫୫୩ | | ୩ ଜୁନ୍ | | ମିସେସ୍ ହାନ୍‌ସବରୋ | |
| ୫୫୪ | | ୩ | | ସ୍ୱାମୀ ରାମକୃଷ୍ଣାନନ୍ଦ | ବଙ୍ଗ |
| ୫୫୫ | | — | | | ଇଂ |

| କ୍ରମିକ ସଂଖ୍ୟା | ବର୍ଷ | ତାରିଖ | ସ୍ଥାନ | ଉଦ୍ଦିଷ୍ଟ ବ୍ୟକ୍ତି | ଭାଷା |
|---|---|---|---|---|---|
| ୪୫୬ | ୧୯୦୧ | ୧୪ ଜୁନ | ବେଲୁଡ଼ ମଠ | ମିସ୍ ମ୍ୟାକ୍‌ଲାଉଡ୍ | ଇଂ |
| ୪୫୭ | | ୧୮ | | | |
| ୪୫୮ | | ୧୮ | | ଓକାକୁରା | |
| ୪୫୯ | | — | | ମିସ୍ ମ୍ୟାକ୍‌ଲାଉଡ୍ | |
| ୪୬୦ | | ୫ ଜୁଲାଇ | | ମେରୀ ହେଲ୍ | |
| ୪୬୧ | | ୬ | | କ୍ରିଷ୍ଟିନ୍ | |
| ୪୬୨ | | ୨୬ ଅଗଷ୍ଟ | | ମେରୀ ହେଲ୍ | |
| ୪୬୩ | | ୨୯ | | ମହେନ୍ଦ୍ରନାଥ ବାନାର୍ଜୀ | |
| ୪୬୪ | | ୭ ସେପ୍ଟେ. | | | |
| ୪୬୫ | | ୭ | | ନିବେଦିତା | |
| ୪୬୬ | | ୮ ଅକ୍ଟୋ. | | | |
| ୪୬୭ | | ୮ ନଭେ. | | ମିସ୍ ମ୍ୟାକ୍‌ଲାଉଡ୍ | |
| ୪୬୮ | ୧୯୦୨ | ୯ ଫେବ୍ରୁ. | ବନାରସ୍ କ୍ୟାଣ୍ଟ | ସ୍ୱାମୀ ସ୍ୱରୂପାନନ୍ଦ | |
| ୪୬୯ | | ୧୦ | | ମିସେସ୍ ଓଲି ବୁଲ୍ | |
| ୪୭୦ | | ୧୨ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୪୭୧ | | ୧୨ | | ନିବେଦିତା | ଇଂ |
| ୪୭୨ | | ୧୪ | | ହ୍ୟାନ୍‌ସବ୍ରୋ | |
| ୪୭୩ | | ୧୮ | | ସ୍ୱାମୀ ବ୍ରହ୍ମାନନ୍ଦ | ବଙ୍ଗ |
| ୪୭୪ | | ୨୧ | | | |
| ୪୭୫ | | ୨୪ | | | |
| ୪୭୬ | | ୨୧ ଏପ୍ରିଲ | ବେଲୁଡ଼ ମଠ | ମିସ୍ ମ୍ୟାକ୍‌ଲାଉଡ୍ | ଇଂ |
| ୪୭୭ | | ୧୫ ମେ | | | |
| ୪୭୮ | | ୧୪ ଜୁନ | | ଓଲି ବୁଲ୍ | |
| ୪୭୯ | | — | ନ୍ୟୁୟର୍କ | ହ୍ୟାନ୍‌ସବ୍ରୋ | |

# ସମଗ୍ର ପତ୍ରାବଳୀର ସୂଚୀପତ୍ର—ଉଦ୍ଦିଷ୍ଟ ବ୍ୟକ୍ତି ଅନୁସାରେ

[ ନାମଗୁଡ଼ିକ ବର୍ଣ୍ଣାନୁକ୍ରମିକ । ନାମ ପାଖରେ ପତ୍ରସଂଖ୍ୟା ଦିଆଯାଇଛି । ଏହି ସଂଖ୍ୟାନୁସାରେ ତାରିଖ ଅନୁକ୍ରମରେ ସୂଚୀପତ୍ର ଦେଖି ବିସ୍ତାରିତ ବିବରଣ ପାଇପାରିବେ । ପତ୍ରଗୁଡ଼ିକ ମଧ୍ୟରୁ 'ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା'ର ନୂତନ ସଂସ୍କରଣର ୬ଷ୍ଠ ଖଣ୍ଡରେ ୧ରୁ ୧୧୯; ୭ମ ଖଣ୍ଡରେ ୧୨୦ରୁ ୩୯୧; ଏବଂ ୮ମ ଖଣ୍ଡରେ ୩୯୨ରୁ ୫୭୯ ସଂଖ୍ୟକ ପତ୍ରଗୁଡ଼ିକ ରହିଛି । ]

ଅଖଣ୍ଡାନନ୍ଦ ୩୭, ୩୯, ୪୫, ୧୫୦, ୨୨୩, ୨୪୧, ୩୫୯, ୩୬୧, ୩୭୭, ୩୯୫, ୪୭୯
ଅତୁଲ ଘୋଷ ୪୪ । ଅନାଗାରିକ ଧର୍ମପାଳ ୧୫୧
ଅଭେଦାନନ୍ଦ ୪୭, ୧୫୪, ୫୧୨ । ଆମେରିକାନ୍ ବନ୍ଧୁ ୪୯୯, ୫୦୩
ଆମେରିକାନ୍ ଭକ୍ତ ୩୫୭ । ଆମେରିକାନ୍ ମହିଳା ୩୩୧
ଆଲବାର୍ଟା ୨୦୭, ୨୪୫, ୨୮୬, ୩୨୮, ୩୩୩, ୫୩୩, ୫୩୪
ଆଲାସିଙ୍ଗା ୬୪, ୭୧, ୭୨, ୭୮, ୯୧, ୯୯, ୧୦୯, ୧୧୫, ୧୨୦, ୧୨୫, ୧୨୬, ୧୩୪, ୧୪୦, ୧୪୬, ୧୫୨, ୧୫୯, ୧୬୫, ୧୭୫, ୧୭୭, ୧୭୯, ୧୯୦, ୧୯୨, ୧୯୩, ୨୦୫, ୨୧୧, ୨୧୮, ୨୨୧, ୨୩୪, ୨୪୨, ୨୫୧, ୨୫୯, ୨୬୪, ୨୬୮, ୨୭୪, ୨୭୫, ୨୭୭, ୩୦୪, ୩୧୫, ୩୧୬, ୩୨୧, ୩୨୩, ୩୨୫
'ଇଣ୍ଡିଅନ୍ ମିରର୍' ୩୨୦
ଇନ୍ଦୁମତୀ ମିତ୍ର ୭୦, ୩୮୪, ୪୦୨, ୪୦୪
ଇସାବେଲ୍ (ମ୍ୟାକ୍‌କିଣ୍ଡଲି) ୮୬, ୯୩, ୯୪, ୧୧୩, ୧୨୪, ୧୩୨, ୧୬୯, ୧୭୪, ୧୭୮, ୪୪୭
ଈଶ୍ୱର ଘୋଷ ୪୩୭ । ଉଡ୍‌ସ୍ (ମିସେସ୍) ୭୭, ୭୯
ଓକାକୁରା ୫୫୮ । ଓୟାଲ୍‌ଡୋ (ମିସ୍) ୩୧୮
ଓଲି ବୁଲ୍ (ଧୀରାମାତା) ୧୧୯, ୧୨୩, ୧୩୩, ୧୫୮, ୧୬୦, ୧୬୬, ୧୬୮, ୧୭୩, ୧୭୭, ୧୮୨, ୧୮୫, ୧୯୧, ୧୯୪, ୧୯୭, ୨୦୦, ୨୧୭, ୨୨୪, ୨୨୬, ୨୩୧, ୨୪୩, ୨୪୬, ୨୭୭, ୨୮୭, ୨୯୮, ୩୦୯, ୩୧୯, ୩୨୪, ୩୩୦, ୩୩୯, ୩୪୨, ୩୪୭, ୩୬୧, ୪୧୩, ୪୩୫, ୪୪୪, ୪୪୯, ୪୫୭, ୪୫୮, ୪୬୫, ୪୬୭, ୪୬୮, ୪୭୧, ୪୭୭, ୪୮୧, ୪୮୪, ୪୮୭, ୪୯୭, ୫୦୧, ୫୧୧, ୫୩୯, ୫୪୪, ୫୪୬, ୫୪୭, ୫୫୦, ୫୬୯, ୫୭୮
କଲିକତାର ଜନୈକ ବ୍ୟକ୍ତି ୯୮ । କାଲ୍‌ଭେ (ମ୍ୟାଡାମ୍) ୫୩୫
କିଡି ୮୩, ୧୨୧, ୧୪୧, ୨୦୨
କୃପାନନ୍ଦ (ଲ୍ୟାଣ୍ଡସବର୍ଗ) ୧୧୭, ୩୦୩ । କ୍ରିଷ୍ଟିନ୍ ୫୩୬, ୫୬୧
ଖେତଡ଼ିର ମହାରାଜା ୧୫୩, ୧୮୭, ୨୦୯, ୪୧୯, ୪୨୭, ୪୨୮, ୪୩୦, ୪୩୧, ୪୩୩

ଗୁଡ଼୍‌ଉଇନ୍ (ମିଃ) ୩୦୫
ଗୋବିନ୍ଦ ସହାୟ ୫୪, ୫୫, ୫୬, ୧୪୭, ୧୪୮
ଜଗମୋହନ ଲାଲ୍ ୩୯୭
ଜନ୍ ଫକ୍ସ ୫୨୬
ଟି. ଶୋକନାଥନ୍ ୩୬୨
ତୁରୀୟାନନ୍ଦ (ହରି ଭାଇ) ୪୬୯, ୪୮୫, ୫୨୦, ୫୨୩, ୫୨୫, ୫୨୭, ୫୩୦, ୫୩୧
ତୁଳସୀରାମ ୫୦
ତ୍ରିଗୁଣାତୀତାନନ୍ଦ ୨୬୦, ୨୬୩, ୨୭୧, ୨୮୧, ୩୯୪
ନରସିଂହାଚାରିଆର୍ (ଜି.ଜି.) ୧୦୩, ୧୬୪
ନାଞ୍ଜୁଣ୍ଡ ରାଓ (ଡାଃ) ୬୫, ୧୪୨, ୨୭୯, ୨୯୭, ୩୧୧
ନିବେଦିତା (ମାର୍ଗାରେଟ୍ ନୋବଲ୍) ୨୦୭, ୨୨୮, ୨୯୧, ୩୪୮, ୩୫୬, ୩୬୦, ୩୬୪, ୩୭୦, ୩୭୪, ୩୯୨, ୪୦୦, ୪୫୫, ୪୫୭, ୪୬୬, ୪୭୦, ୪୭୪, ୪୭୭, ୪୮୨, ୪୯୨, ୪୯୩, ୪୯୮, ୫୧୦, ୫୧୩, ୫୧୫, ୫୧୭, ୫୨୮, ୫୨୯, ୫୪୦, ୫୬୫, ୫୬୬, ୫୭୧
ପଣ୍ଡିତ ଶଙ୍କରଲାଲ ୬୨
ପ୍ୟାରୀମୋହନ (ରାଜା) ୧୩୭, ୩୯୦
ପ୍ରମଦା ମିତ୍ର ୧, ୨, ୩, ୪, ୫, ୭, ୮, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୮, ୨୦, ୨୪, ୨୬, ୨୭, ୨୯, ୩୧, ୩୨, ୩୫, ୩୮, ୪୦, ୪୧, ୪୬, ୪୮, ୪୯, ୫୧, ୫୨, ୩୫୨
ପ୍ରେମାନନ୍ଦ ୪୦୫
ଫାର୍ମର୍ (ମିସ୍) ୨୫୪
ବଦ୍ରୀ ଶାହ (ଲାଲା) ୩୦୦, ୩୨୬, ୩୪୪
ବଲରାମ ବସୁ ୧୭, ୧୯, ୨୧, ୨୫, ୨୮, ୩୦, ୩୩, ୩୬, ୪୨, ୪୩
ବାଲାଜୀ ରାଓ ୬୬
ବିହାରୀଦାସ ଦେଶାଇ ୨୭୦
ବିହମିସ୍ଥା ଗୁନ୍ଦ ୧୨୯
ବୈକୁଣ୍ଠନାଥ ସାନ୍ୟାଲ ୧୭୧
ବ୍ରହ୍ମାନନ୍ଦ ୧୫୭, ୧୬୨, ୧୬୬, ୨୧୫, ୨୨୯, ୨୩୮, ୨୫୭, ୩୩୪, ୩୩୮, ୩୫୦, ୩୫୮, ୩୬୧, ୩୬୬, ୩୬୯, ୩୮୦, ୩୮୧, ୩୮୬, ୩୮୭, ୩୯୩, ୩୯୬, ୩୯୮, ୪୦୧, ୪୦୩, ୪୦୭, ୪୦୮, ୪୦୯, ୪୧୫, ୪୧୮, ୪୨୨, ୪୨୩, ୪୪୬, ୪୬୧, ୪୬୨, ୪୮୬, ୫୭୦, ୫୭୩, ୫୭୪, ୫୭୫
ବ୍ଲେକ୍ (ମିସେସ୍) ୫୦୯
ମଠର ଭ୍ରାତୃଗଣ (ଭ୍ରାତୃବୃନ୍ଦ) ୧୫୬, ୨୫୬

ମନ୍ମଥନାଥ ଭଟ୍ଟାଚାର୍ଯ୍ୟ ୧୧୬
ମହମ୍ମଦ ସର୍ଫରାଜ ହୋସେନ୍ ୪୨୦
ମହେନ୍ଦ୍ର ଗୁପ୍ତ ('ଶ୍ରୀମ') ୬, ୩୯୯, ୪୦୬
ମହୀଶୂରର ମହାରାଜା ୧୦୨
ମାନ୍ଦ୍ରାଜୀ ଭକ୍ତଗଣ ୮୧
ମାନ୍ଦ୍ରାଜୀ ଶିଷ୍ୟ ୧୦୫
ମାୟାବତୀର ବ୍ରହ୍ମଚାରୀ ୫୨୪
ମୃଣାଳିନୀ ବସୁ ୪୧୧, ୫୪୧
ମେରୀ ଓ ହ୍ୟାରିଏଟ୍ ହେଲ୍ ୧୦୪, ୧୧୧, ୩୨୭
ମେରୀ ହେଲ୍ ୮୭, ୯୦, ୧୧୪, ୧୧୮, ୧୩୧, ୧୪୩, ୧୪୪, ୧୪୫, ୧୬୩, ୧୭୦, ୧୭୨, ୧୯୮, ୨୦୧, ୨୦୩, ୨୦୪, ୨୬୧, ୨୬୬, ୨୭୩, ୨୮୮, ୩୧୪, ୩୨୨, ୩୩୬, ୩୩୭, ୩୪୬, ୩୬୫, ୪୧୨, ୪୨୫, ୪୩୮, ୪୫୧, ୪୫୨, ୪୫୩, ୪୬୦, ୪୭୨, ୪୭୮, ୪୮୦, ୪୮୮, ୪୯୧, ୪୯୪, ୫୦୭, ୫୦୮, ୫୧୪, ୫୧୬, ୫୧୯, ୫୫୨, ୫୬୦, ୫୭୨
ମାକ୍ଲାଉଡ୍ (ମିସ୍), (ଜୋ) ୧୯୫, ୨୨୫, ୨୩୦, ୨୩୩, ୨୩୭, ୨୪୭, ୩୧୭, ୩୨୯, ୩୬୭, ୩୭୭, ୩୮୮, ୪୧୪, ୪୧୬, ୪୩୨, ୪୩୬, ୪୪୩, ୪୭୫, ୪୮୩, ୪୯୫, ୪୯୬, ୫୦୨, ୫୦୫, ୫୦୬, ୫୨୧, ୫୨୨, ୫୩୭, ୫୩୮, ୫୪୩, ୫୪୮, ୫୪୯, ୫୫୬, ୫୫୭, ୫୫୯, ୫୬୭, ୫୭୬, ୫୭୭
ଯଜ୍ଞେଶ୍ୱର ଭଟ୍ଟାଚାର୍ଯ୍ୟ ୨୨
ଯୋଗାନନ୍ଦ ୨୬୫
ରାଇଟ୍ (ଅଧ୍ୟାପକ) ୭୩, ୭୪, ୭୫, ୭୭, ୯୨, ୯୫, ୯୬, ୯୮, ୧୦୦
ରାମ, କୃଷ୍ଣମୟୀ ଓ ଇନ୍ଦୁ ୨୩
ରାମକୃଷ୍ଣାନନ୍ଦ ୮୮ ୧୦୬, ୧୨୨, ୧୨୮, ୧୪୯, ୧୮୧, ୧୯୬, ୨୨୨, ୨୩୫, ୨୮୩, ୨୮୯, ୨୯୨, ୨୯୩, ୩୧୦, ୩୪୧, ୩୬୫, ୩୭୮, ୩୮୫, ୩୮୯, ୩୯୧, ୫୪୨, ୫୫୪, ୫୫୫
'ଲାଇଟ୍ ଅଫ୍ ଦ ଇଷ୍ଟ' ପତ୍ରିକାର ସମ୍ପାଦକ ୩୩୫
ଲେଗେଟ୍ (ମିସେସ୍) ୨୩୨, ୩୬୩, ୪୬୩, ୪୬୪, ୪୮୯, ୪୯୦, ୫୦୦, ୫୩୨
ଲେଗେଟ୍ (ମିଃ) ୧୮୦, ୧୯୯, ୨୦୬, ୨୧୨, ୨୧୩, ୨୯୦, ୫୦୪
ଶରତ୍ଚନ୍ଦ୍ର ଚକ୍ରବର୍ତ୍ତୀ ୩୪୦, ୩୫୩
ଶଶୀ ଡାକ୍ତର ୩୫୧
ଶିବାନନ୍ଦ ୧୫୫, ୪୧୦
ସଦାନନ୍ଦ ୩୪
ସରଳା ଘୋଷାଲ ୩୪୩, ୪୪୫, ୪୪୦

ସାରଦାନନ୍ଦ ୫୩, ୯୭, ୨୫୨
ସୁଧୀର (ଶୁଦ୍ଧାନନ୍ଦ) ୩୪୯, ୩୫୪, ୩୬୮, ୩୮୨
ସୁବ୍ରହ୍ମଣ୍ୟ ଆୟାର୍ ୧୬୧
ଷ୍ଟାର୍କିଂ (ମିସେସ୍) ୨୦୮, ୨୧୦
ଷ୍ଟର୍ଡି ୧୮୩, ୧୮୪, ୨୧୪, ୨୧୬, ୨୧୯, ୨୨୦, ୨୩୬, ୨୩୯, ୨୪୦, ୨୪୪, ୨୪୮, ୨୫୦, ୨୫୩, ୨୫୫, ୨୬୨, ୨୬୭, ୨୬୯, ୨୭୨, ୨୮୨, ୨୯୯, ୩୦୧, ୩୦୬, ୩୦୭, ୩୦୮, ୩୧୨, ୪୨୧, ୪୪୨, ୪୫୦, ୪୫୪, ୪୫୯, ୫୪୫
ସ୍ୱରୂପାନନ୍ଦ ୫୫୧, ୫୬୮
ହରିଦାସ ବିହାରୀଦାସ ୫୭, ୫୮, ୫୯, ୬୦, ୬୧, ୬୭, ୬୮, ୬୯, ୮୨, ୧୦୧, ୧୨୭, ୧୩୫, ୧୩୬
ହରିପଦ ମିତ୍ର ୬୩, ୮୦, ୩୮୩, ୪୨୬, ୪୨୯
ହାନ୍ସବ୍ରୋ ୫୧୮, ୫୫୩, ୫୭୨, ୫୭୯
ହାରିଏଟ୍ ହେଲ୍ ୩୧୩
ହ୍ୟୁମ୍ (ରେଭରେଣ୍ଡ) ୮୯
ହେଲ୍ ଭଗିନୀଗଣ ୮୪, ୮୫, ୧୦୮, ୧୧୦, ୧୧୨, ୧୮୯, ୨୮୦, ୨୮୫, ୨୯୫
ହେଲ୍ (ମିସେସ୍) ୧୦୭, ୧୩୦
ହେଲ୍‌ବଯ୍ସ୍ଟାର୍ (ମେରୀ) ୩୫୫, ୩୭୨, ୪୪୫
ଅକ୍ସାଡ଼ ୧୮୬, ୨୪୯, ୨୬୮, ୨୮୪, ୨୯୦, ୨୯୬, ୩୫୩, ୪୩୪, ୪୩୯, ୪୪୧, ୪୪୮

# ନିର୍ଘଣ୍ଟିକା


ଅଜିତ୍ ସିଂ (ଖେତଡ଼ିର ରାଜା) ତାଙ୍କର ଦୁର୍ଘଟଣାରେ ମୃତ୍ୟୁ ୧୫୦
ଅଜ୍ଞେୟବାଦୀ ୧୫୦
ଅଦ୍ୱୟବାଦୀ—ବୁଦ୍ଧଦେବଙ୍କ ନାମ ୧୬୩
ଅଦ୍ୱୈତ—ତତ୍ତ୍ୱ ୨୭; ଭୂମି ୨୬; -ପନ୍ଥୀ ୧୬୩
ଅଦ୍ୱୈତବାଦ—ଭାବୀ ମାନବ-ସମାଜର ଧର୍ମ ୨୭; ଧର୍ମର ଶେଷ କଥା ୨୬; ଏହା ହିଁ ଏକମାତ୍ର ଧର୍ମ ୧୧୮; ଶିକ୍ଷାଦାନ ୩୩୨
ଅଦ୍ୱୈତବାଦୀ—ମାନଙ୍କର ଜ୍ଞାନ ପ୍ରତି ଲକ୍ଷ୍ୟ ୧୧୯
ଅଧ୍ୟାତ୍ମ—ବାଦ ୩୭
ଅନାଥାଳୟ—ମହୁଲରେ ସ୍ଥାପନର କଥା ୪; -ନିର୍ମାଣ ପାଇଁ ଡେରାଡୁନ୍‌ରେ ଜମି କିଣିବାର ପରିକଳ୍ପନା ୧୦
ଅନାସକ୍ତ—ଅର୍ଥ ବୁଝିବା ୯୪; -ଲାଭ ୨୧୧, ୨୪୭; ଗୀତାର ମୂଳ କଥା ୨୩୫; କୃଷ୍ଣଙ୍କ ମଧ୍ୟରେ ୨୪୪; ଏଥିରେ ପହଞ୍ଚିବା କଠିନ ୨୪୮; ଏହାର ଉପଦେଶ ୩୪୯; ଏହାର କୌଶଳ ୩୫୨
ଅବତାର—ବା ପ୍ରଫେଟଙ୍କର ଉପାସନା ୨୨୭; -ପୂଜା ୨୩୧; ଭାରତୀୟ- ୨୩୫; ସତ୍ୟର ବାର୍ତ୍ତାବାହକ ୨୪୦; ଇହୁଦୀମାନଙ୍କର- ୨୬୮; -ସମସ୍ତେ ହିଁ ପ୍ରାଚ୍ୟ ଦେଶୀୟ ୨୭୧; -ବାଦ ଭାରତରେ ୨୮୦; ସେମାନଙ୍କର ଜୀବନ ଓ ଶିକ୍ଷା ୨୮୧
ଅଭୟାନନ୍ଦ (ମେରି ଲୁଇ) ୧୭୧
ଅଭିଜ୍ଞତା—ଦ୍ୱାରା ଶିକ୍ଷା ୪୯, ୧୩୭; ଏକମାତ୍ର ଶିକ୍ଷକ ୮୧; 'ମା' ଦେଉଛନ୍ତି ୧୦୨; -ଛଡ଼ା ଶିକ୍ଷା ନିମନ୍ତେ କାହାର ହିଁ ମୂଲ୍ୟ ନାହିଁ ୩୫୮
ଅଭେଦାନନ୍ଦ (କାଳୀ) ୪୪, ୪୯, ୧୦୩
ଅମର ସିଂ (ବୌଦ୍ଧ) ୧୬୩
ଅହଂ—କାର ୭, ୬୩, ୩୫୬, ୩୬୨; -ବୁଦ୍ଧି ୨୪୭; ବୋଲି କିଛି ନାହିଁ ୨୫୮; -ବିନାଶ ୨୫୯; ଏହାର ବନ୍ଧନ ୨୬୪; -ଶୂନ୍ୟ ୨୬୮; -ଭାବ ୨୬୮-୯; -ଶୂନ୍ୟତା ୨୭୯; -ବୋଧ ୨୭୯; -ସର୍ବସ୍ୱତା ୩୦୬
ଅଙ୍ଗ୍ଲିସାଇଜ୍‌ଡ୍—ଶବ୍ଦାର୍ଥ ୧୧୭
ଆଡାମ୍‌ସ୍ ମିସ୍ -୬୫; ମିସେସ୍- ୬୫, ୯୧
ଅଇଡା ଆନସେଲ୍ ୨୪୨
ଆତ୍ମ -ତ୍ୟାଗ ୭୩, ୯୩, ୧୪୦-୧, ୨୪୪; -ତୁଷ୍ଟ ୯୬; -ରତ ୯୬; -ଇଚ୍ଛା ୧୩୯; -ସୁଖ ୧୩୯; -ସ୍ଥ ୧୪୭; -ସଂଯମ ୧୯୪; -ବିଶ୍ୱାସ ୨୨୯; -ସ୍ୱରୂପ ୨୩୦; -ବିଶ୍ଳେଷଣ ୨୪୬;

-ବିସର୍ଜନ ୨୪୮, ୨୭୯; -ତତ୍ତ୍ୱ ୨୭୭, ୩୦୨, ୩୩୫; -ଗ୍ଲାନି ୨୯୧; -ସମ୍ମୋହନ ୩୪୭; -ପୀଡ଼ନ ୩୫୧; -ଭାବ ୩୫୪; -ଜ୍ଞାନ ୩୫୫
ଆତ୍ମା ଏହାର ସ୍ୱରୂପ ୨୨୦; ଏହାର ଉପଲବ୍ଧି ୬୧; ଏହାର ଦୁର୍ଗ ୮୧; -ଲାଭ ୯୬; ଏହାର ବନ୍ଧନସ୍ୱରୂପ ୧୬୧; କୌଣସି ବ୍ୟକ୍ତି ବା ବସ୍ତୁ ଉପରେ ନିର୍ଭର କରନ୍ତି ନାହିଁ ୨୪୫; ଜୀବନ-ମୃତ୍ୟୁର ମୂଳରେ ନାହିଁ ୨୪୮; ବୁଦ୍ଧଙ୍କ ଶିକ୍ଷାରେ ୨୫୯; ଅନ୍ତର- ୨୬୧, ୨୭୭; ପରମ- ୨୬୧; -ଓ ପରଂବ୍ରହ୍ମ ୨୬୦; ବସ୍ତୁ ନୁହେଁ ୨୬୦; -ସ୍ୱରୂପ ୨୭୪, ୨୭୭; କୋରାନ୍‌ରେ ୨୭୭; ବାଇବେଲ୍‌ରେ ୨୭୭; ପୂର୍ଣ୍ଣତ୍ୱପ୍ରାପ୍ତ- ୨୮୬; -ହନ୍ତା ୨୯୨; ଏହାର ଅମରତ୍ୱ ୩୧୧; ଏହାର କୌଣସି ଲିଙ୍ଗ ନାହିଁ ୩୧୮; ଅନନ୍ତ ଶକ୍ତିଶାଳୀ ୩୩୮; -କର୍ମଦ୍ୱାରା ଶୃଙ୍ଖଳିତ ୩୫୬; -ପ୍ରକୃତିର ମଧ୍ୟ ପ୍ରକୃତ ସ୍ୱରୂପ ୩୫୬
ଆଫ୍ରିକା—ଏଠାକାର ଭାରତୀୟମାନଙ୍କର ଆଧ୍ୟାତ୍ମିକ ଅଭାବ ଦୂରୀକରଣ ୧୫; ଶ୍ୱେତକାୟ-ଚକ୍ଷୁରେ ଏଠାକାର ଭାରତୀୟ ୧୫
ଆର୍ଣ୍ଣୋଲ୍ଡ (ଏଡ୍‌ଉଇନ୍)—'Light of Asia'-ର ଲେଖକ ୨୫୭
ଆଲମୋଡ଼ାଠାରୁ ପତ୍ରିକା ପ୍ରକାଶନର ପରିକଳ୍ପନା ୨୯
ଆଲେକ୍‌ଜାଣ୍ଡର୍—ମହାବୀର ୨୫୩
ଆଶା—ବାଧା ୫୩-୪
ଆସକ୍ତି—ଶୂନ୍ୟ କାର୍ଯ୍ୟ (କାମ) ୩୫୦; -ଓ ଅନାସକ୍ତି ୯୪; ଦୁଃଖ ଆଣେ ୨୧୧, ୨୪୭; ତୀବ୍ର- ୨୨୫; ଘୋର- ୨୭୩; ମିଥ୍ୟା ମାୟା ୩୫୧; କର୍ମରେ- ୩୬୩
ଆସାମ—ସୁନ୍ଦର କିନ୍ତୁ ଅସ୍ୱାସ୍ଥ୍ୟକର ୧୫୭
ଇଉରୋପ—ଏହାର ମୂଳ ଭିତ୍ତି ପର୍ଯ୍ୟନ୍ତ ଦୋହଲାଇ ଦେବା ୭୯; ଏହାର ବାଣୀ 'ହ୍ଲଜମାର୍ଡ' ୨୭୦; ଏହାର ବାଣୀ ପ୍ରାଚୀନ ଗ୍ରୀସ୍‌ର ପ୍ରତିଧ୍ୱନି ୨୭୦; ଜଡ଼ରାଜ୍ୟରେ ସାମଞ୍ଜସ୍ୟ ବିଧାନ କରିଛି ୩୦୦; ଏହାର ଧର୍ମ-ପ୍ରଚାରରେ ବ୍ୟର୍ଥତା ୩୨୨-୩
ଇଙ୍ଗରସୋଲ୍ (ରବର୍ଟ) ୬୬
ଇଚ୍ଛାଶକ୍ତି—ସମ୍ବନ୍ଧରେ ପ୍ରଶ୍ନୋତ୍ତର ୧୮; ଏହାର ଉଦ୍ରେକନା ୧୩୯; ଏହାର ବିକାଶ ୧୪୦; -ପ୍ରୟୋଗ ୨୦୯
ଇଣ୍ଡିଭିଜୁଆଲିଜମ୍—ବ୍ୟାଖ୍ୟା ୧୩୯
ଇଷ୍ଟଦେବତା—ବିଶେଷରେ ଭକ୍ତି ୧୦୧; -ଖ୍ରୀଷ୍ଟିଆନ୍‌ମାନଙ୍କର 'ଗାର୍ଡିୟାନ୍ ଆଞ୍ଜେଲ୍' ୩୩୨
ଇସାବେଲ (ମ୍ୟାକ୍‌କିଣ୍ଡଲି) ୫୨, ୭୪
ଇହୁଦୀ—ସମାଜ ୨୫୩; -ଇତିହାସରେ ଦୁଇ ପ୍ରକାର ଧର୍ମନେତା ୨୫୩; ମଧ୍ୟରେ ଦାର୍ଶନିକର ଅଭାବ ୨୫୫; ସେମାନଙ୍କର ଅବତାର ୨୬୮
ଈଶା—ଓ ତାଙ୍କର ଉପଦେଶ ୨୪୦
ଈଶ୍ୱର କାଳ୍ପନିକ-୫; -ମନୁଷ୍ୟରେ ଆରୋପ ୧୯; -ଅବତାର ୨୨୬, ୨୭୭; -ଉପଲବ୍ଧି

୨୨୭; ନିରାକାର ୨୩୧; ତାଙ୍କର ସାକ୍ଷାତ୍ ୨୩୨; -ତନୟ ୨୪୨, ୨୬୬, ୨୭୪; ପୁରୋହିତମାନଙ୍କର ଉଦ୍ଭାବିତ କୁସଂସ୍କାର ୨୫୧; -ଆଦେଶ ୨୬୭; -ପାପପୁଣ୍ୟର ବିଚାରକ ୨୭୫; -ସର୍ବବ୍ୟାପୀ, ସକଳ ଆତ୍ମାର ଅନ୍ତରାତ୍ମା ୨୭୬; -ଲଭ ୩୦୬, ୩୧୨; -ଦର୍ଶନ ୩୧୦, ୩୫୫

ଉପନିଷଦ୍—ଏଥିରେ ଧର୍ମର ଯାବତୀୟ ତତ୍ତ୍ୱ ୧୧୭; ଏହାର ତତ୍ତ୍ୱ ଓ ନୀତି ୧୧୭; -ଓ 'ମାୟା' ୧୬୩; ଏଥିରେ ଆତ୍ମା ଓ ବ୍ରହ୍ମ ୧୬୦; ଭାରତର ପ୍ରଧାନ ଧର୍ମଗ୍ରନ୍ଥ ୩୩୫; -ଗୂଢ଼ାର୍ଥ ୩୩୫; ବେଦର ଦାର୍ଶନିକ ଅଂଶ ୩୩୬; ଏହାର ଆଦର୍ଶ ୩୩୮; -ଯାଗଯଜ୍ଞ ବିରୋଧୀ ୩୩୯; ଏହାର ଧର୍ମ ୩୪୩

ଉପାସନା କାଳୀ—୧୧୭-୮; ଅଗ୍ନି- ୧୩୨; ପଦଚିହ୍ନ- ୧୬୩; ପିତୃପୁରୁଷ ୧୬୩; -ପ୍ରଣାଳୀ ୨୧୧; ଈଶ୍ୱର- ୨୩୦, ୨୪୫, ୨୬୭, ୩୧୪; -ପଦ୍ଧତି ୨୮୩; ସୂର୍ଯ୍ୟ- ୨୪୩; ପ୍ରତୀକ- ୨୪୮; ଅର୍ଥହୀନ ପୂଜା ୨୫୯; କ୍ରିୟା ଓ- ୨୬୧; ସମବେତ- ୩୦୯

ଏକତ୍ୱ—ସାଧନ ୨୮୩; ବହୁତ୍ୱରେ- ୩୨୪

ଏକାଗ୍ରତା—ସାଧନ ୭୦; ଚଉର- ୨୦୯

ଏଲାହାବାଦ—ସେଠାରେ ପ୍ଲେଗ୍‌ର ପ୍ରକୋପ ୨୬୮

ଏସିଆ—ଏହାର 'ବାଣୀ' ଧର୍ମ ୨୭୦; ଆଧ୍ୟାତ୍ମିକ ରାଜ୍ୟରେ ସମନ୍ୱୟ-ସାଧନର ଭିତ୍ତି ୩୦୧; ସକଳ (ସମସ୍ତ) ଧର୍ମର ପ୍ରାଚୀନ ଜନ୍ମଭୂମି ୩୨୨

'ଏସିଆର ଆଲୋକ'—କାବ୍ୟ ୨୫୭

ଓକାକୁରା (ମିଃ) ୧୫୫, ୧୬୫, ୧୭୦

ଓ୍ୱାଲ୍‌ଡୋ—(ମିସ୍) ୯୭

ଓଲ୍ଡ ଟେଷ୍ଟାମେଣ୍ଟ—ଧର୍ମଗୁରୁ ଓ ପୁରୋହିତର ବିରୋଧ ଦେଖାଯାଏ ୨୫୩

କର୍ତ୍ତବ୍ୟ—ମଧ୍ୟାହ୍ନ-ସୂର୍ଯ୍ୟଙ୍କ ପରି ୩୧; ଏହାର ବନ୍ଧନ ୨୪୬; ଏହା ପାଇଁ ହିଁ ଏହା କର ୨୪୭; -ସମ୍ବନ୍ଧରେ ଶାସ୍ତ୍ରୀୟ ବ୍ୟାଖ୍ୟା ୩୦୮; -ଆଉ ମାୟାର ଦ୍ୱନ୍ଦ୍ୱ ୩୪୭

କର୍ମ—ରହସ୍ୟ-ବ୍ୟାଖ୍ୟା ୨୪୭, ୨୯୯; ଏଥିରେ ଭାବପ୍ରବଣତା ଅନିଷ୍ଟକର ୨; କରିବାର ମୂଳମନ୍ତ୍ର ୯; -ଫଳ ୫୦, ୮୬, ୩୬୧; -ମିଳନ-ବିଚ୍ଛେଦର ହେତୁ ୫୬; -ଧାରା ପରିବର୍ତ୍ତନ ୬୧; -କୌଶଳ ୬୬, ୩୬୧; ଅଶୁଭକୁ ସାଙ୍ଗରେ ଆଣେ ୧୦୬; -କରିବା କଠିନ ୧୦୮; ଦୁଃଖର କାରଣ ନୁହେଁ ୨୧୧; ଶୀଳତା ୨୧୧, ୩୪୫; ନିଷ୍କାମ- ୨୫୦, ୨୫୨; -ଭୂମି ୨୮୭; -ତରଙ୍ଗ ୨୮୭; ଗୋଟିଏ ନିୟମ ୩୩୮; ଏହାର ନିୟମରେ ଆବଦ୍ଧ ୩୩୯; -ନୈପୁଣ୍ୟ ୩୪୫; -ବନ୍ଧନ ୩୪୯; -ଯୋଗରେ ନିଷ୍କାମ ଅନୁଷ୍ଠାନ ୩୪୯; ଏହାର ବନ୍ଧନ ୩୫୬; -ଶକ୍ତି ୩୬୧; ଏହାର ପ୍ରେରଣାଶକ୍ତି ୩୬୨; -ପ୍ରଚେଷ୍ଟା ୩୬୨

କର୍ମଯୋଗ—ଗ୍ରନ୍ଥ ସମ୍ପାଦନା ୯୭

କଲିକତା ସେଠାରେ ପ୍ରଧାନ ଗଢ଼ିବା ପରିକଳ୍ପନା ୮; ସେଠାରେ ପ୍ଲେଗର ଭୟ ୨୫, ୧୦୦, ୧୦୪, ୧୬୦, ୧୬୮; ଖଣ୍ଡିଏ କାଗଜ ଚଳାଇବାର ପରିକଳ୍ପନା ୨୪
କର୍ଜନ (ଲର୍ଡ) ୧୬୨
କାଲ୍‌ଭେ (ମ୍ୟାଡାମ୍) ୬୫, ୧୩୫, ୧୩୭
'କାଳୀ ଦ ମଦର୍'—ନିବେଦିତାଙ୍କ କବିତା ୧୪୭
କାଶ୍ମୀର—ଭୂସ୍ୱର୍ଗ ୧, ୩୨; ସେଠାରେ କାର୍ଯ୍ୟର ଆରମ୍ଭ ୯; -ରାଜ ୩୦
କିଷନଗଡ଼—ବାଳିକା ବିଦ୍ୟାଳୟ ୧୩୧
(ଶ୍ରୀ)କୃଷ୍ଣ—ଗୀତାର ମୂଳ ନାୟକ ୨୧୦; ଅବତାରଶ୍ରେଷ୍ଠ ୨୧୦, ୨୮୦; ଭାରତୀୟ ଅବତାର ୨୩୫; ତାଙ୍କର ଉପଦେଶ ୨୩୬, ୨୩୯, ୩୫୬; ତାଙ୍କର ମହତ୍ତମ କୀର୍ତ୍ତି ୨୪୩; ତାଙ୍କ ବାଣୀର ଦୁଇଟି ପ୍ରଧାନ ଭାବ ୨୪୪; ଉପନିଷଦ୍‌ରେ ଉଲ୍ଲିଖିତ ୨୪୩; ତାଙ୍କ ବାଣୀ ବୌଦ୍ଧଧର୍ମ-ତରଙ୍ଗରେ ନିମଜ୍ଜିତ ୨୮୪; ତାଙ୍କ ବାଣୀ ହିଁ ଭାରତର ବିଶିଷ୍ଟ ବାଣୀ ୨୮୪; -ଓ ଖ୍ରୀଷ୍ଟଙ୍କ ଜୀବନରେ ସାଦୃଶ୍ୟ ୩୪୪; -ପୂଜା ୩୪୪; -ଜୀବନର ପ୍ରଧାନ ବୈଶିଷ୍ଟ୍ୟ ୩୫୪; ସମସ୍ତ (ସକଳ) ସମ୍ପ୍ରଦାୟ ନିକଟରେ ଧର୍ମର ଦ୍ୱାର ଉନ୍ମୁକ୍ତ କରିଥିଲେ ୩୫୫; ପରମାତ୍ମା ୩୪୭
କୋରାନ୍ ୫, ୨୭
କ୍ରିଷ୍ଟିନ୍ (ଗ୍ରୀନ୍‌ଷ୍ଟିଡେଲ୍) ୧୫୮
ଖ୍ରୀଷ୍ଟ—ତାଙ୍କ ଉପଦେଶ ୨୪୦; ପାଶ୍ଚାତ୍ୟରେ ତାଙ୍କର ବିଭିନ୍ନ ବିବରଣ ୨୭୨;-ଜୀବନଚରିତ ସମାଲୋଚକ ୨୬୪; ସଗୁଣ ଈଶ୍ୱର ୨୮୨; ତାଙ୍କ ଅପୂର୍ବ ଜୀବନାଲୋକ ୩୫୫
ଖ୍ରୀଷ୍ଟିଆନ୍—ସମ୍ପ୍ରଦାୟ ୫୫; -ମିଶନାରୀର ଭାରତରେ ପ୍ରଚାରର ନମୁନା ୫୫; ସେମାନଙ୍କର ହିଦେନ୍-ହତ୍ୟା ୫୫; ସେମାନଙ୍କର ଯୀଶୁଙ୍କ ନାମରେ ରାଜନୀତି ପ୍ରଚାର ୨୮୫; ସେମାନଙ୍କର ଧର୍ମ-ଧାରଣା ୩୩୭; -ମିଶନାରୀ ୩୪୪
ଗଗନଚନ୍ଦ୍ର (ରାୟ ବାହାଦୁର୍)—ଗାଜିପୁର ଅହିଫେନ ବିଭାଗର କର୍ମକର୍ତ୍ତା ୨୯୬
ଗଣତନ୍ତ୍ର ୨୫୪
ଗୟୁଶୀର୍ଷ—ପର୍ବତ ୧୬୩
ଗୀତା—ଉପଦେଶ ଦେୟ ଫଳାଭିସନ୍ଧିଶୂନ୍ୟ କର୍ମର ୭୦; ଏଥିରେ କର୍ମର ଉପଦେଶ ୭୦, ୨୩୭; ଏହାର ମୂଳକଥା ୨୩୫; -ଓ ନିଉ ଟେଷ୍ଟାମେଣ୍ଟର ଉପଦେଶ ୨୪୯; ଉପନିଷଦ୍‌ର ଭାଷ୍ୟ ୩୩୫; -କ'ଣ କହୁଛି ୩୪୦; -ମାଧ୍ୟମରେ ଧର୍ମମତର ସମନ୍ୱୟ ୩୫୪; ଏଥିରେ କର୍ମ-ଶୀଳତା, ମସ୍ତିଷ୍କ ଓ ହୃଦୟର ସମନ୍ୱୟ ବ୍ୟାଖ୍ୟାତ ୩୪୫; ଏହାର ଆଉ ଗୋଟିଏ ମହାନ୍ ଉପଦେଶ ୩୪୯
ଗୀର୍ଣ୍ଣାର—ପର୍ବତ ୨୯୪
ଗୁଡ୍‌ଉଇନ୍—ତାହାର ମୃତ୍ୟୁ ସମ୍ବାଦ ୨୭

ଗୁପ୍ତ (ମିଃ) ୨୨
ଗୁରୁ—ଦେବ ୧୩, ୮୯, ୧୨୫; -ପୂଜା ୪୦; -ମହାରାଜ ୧୦୨, ୧୨୫, ୧୫୩; ଗୋଟିଏ ସ୍ୱତନ୍ତ୍ର ଭାବ ୧୧୮; ମାନବଜାତିର- ୨୫୦; -ଅର୍ଥ ଭାରତରେ ୩୧୭; ଧର୍ମର- ୩୧୭
ଗେଡ୍ଡସ୍ (ଅଧ୍ୟାପକ) ୯୪
ଗୌତମ—ବୁଦ୍ଧଦେବ ୨୫୦
ଗ୍ରୀନ୍ଷ୍ଟେଡେଲ୍ (ମିସ୍) ୭୩, ୭୫
ଗ୍ରୀକ୍—ପୁରାଣର ସ୍ଫିଙ୍କସ ୧୫୦; -ଭାବର ପରିଧି ଓ ବୈଶିଷ୍ଟ୍ୟ ୨୭୧; ଜାତି ଇଉରୋପର ଶିକ୍ଷାଗୁରୁ ୨୭୦; ମନ ଇହଲୋକ ନେଇ ବ୍ୟାପୃତ ୨୭୦
ଗ୍ରୀନ୍ଏକର୍ ୫୧; -ଇନ୍ ୫୨
ଚନ୍ଦ୍ରନାଥ—ତୀର୍ଥ ୧୪୯
ଜଡ଼—ଓ ଭଗବାନ ୨; ବନ୍ଧନ ୨୧୭; -ବାଦୀ ୨୫୨, ୩୦୧, ୩୨୧, ୩୫୭; -ବାଦ ୨୯୫, ୩୦୧, ୩୦୭; -ଶକ୍ତି ୩୦୧; -ବାଦର ପାଶ୍ଚାତ୍ୟରେ ପ୍ରବଳ ସ୍ରୋତ ୩୨୯
ଜଡ଼ଭରତ—ଉପାଖ୍ୟାନ ୨୧୭-୨୨୦
ଜନ୍ସନ୍ (ମିସେସ୍) ୫୦, ୧୧୧
ଜନ୍ଷ୍ଟନ୍ (ମିଃ) ୧୪୩
ଜାତି—ଭେଦ ୧୭, ୨୫୦, ୩୧୭; ପ୍ରତ୍ୟେକର ନିର୍ଦ୍ଦିଷ୍ଟ ଆଦର୍ଶ ଅଛି ୧୧୮; ଏସିଆର ଏକ ଧର୍ମାବଲମ୍ବୀ ଏକ- ୨୭୧
ଗାବ୍ରିଏଲ (Gabriel)—ସ୍ୱପ୍ନରେ ଆବିର୍ଭୂତ ୨୮୪
ଜୀବନ—ଏହାର ଉଦ୍ଦେଶ୍ୟ ୭, ୩୩୯; -ଦୁଃଖମୟ ୩୭; ଏହାର ଏକମାତ୍ର ବସ୍ତୁ ଭଲପାଇବା ୩୭; ଘାତପ୍ରତିଘାତ ୪୯; -ରହସ୍ୟ ଭୋଗ ନୁହେଁ ୪୯; ଏହାର ଅଭିଜ୍ଞତା ୫୦; ଆଘାତରେ ତିଆରି ୮୧; ସ୍ୱପ୍ନମାତ୍ର ୯୭, ୧୨୮; କଠୋର ପରିଶ୍ରମ ୧୨୭; ଏହାର ହେତୁ ୧୨୮; ଆଘାତପୂର୍ଣ୍ଣ ୧୪୭; ଏହାର ମୂଳ ଚୈତନ୍ୟ ୨୩୪
ଜୀବାତ୍ମା—ପରମାତ୍ମାର ଆବରଣ ୨୧୩; ଏହାର ଆବରଣ ଦେହ ୨୮୩; -ରୂପେ ଆତ୍ମା ହିଁ କାର୍ଯ୍ୟ କରେ ୩୫୭
ଜୋ, ଜୋଜୋ (ଜୋସେଫାଇନ୍) ୩୮, ୪୩, ୫୨, ୭୯, ୭୨, ୭୬, ୯୫, ୧୦୯, ୧୫୪
ଟାଟା (ମିଃ) ୧୪୮
ଟ୍ରିବିଉନ୍—ପତ୍ରିକା ୧୧
'ତାତାର ଧରିବା'—ପ୍ରସଙ୍ଗ ୭୪, ୨୩୭-୮
ତୁରୀୟାନନ୍ଦ (ହରି) ୪୩, ୭୩, ୮୦
ତ୍ୟାଗ—ଏହାର ମହିମା ୫୯; ଚିରନ୍ତନ ଆଦର୍ଶ ୧୧୮; କାମନା- ୧୪୧; -ବୈରାଗ୍ୟର ଶକ୍ତି ୨୭୩; ଏହାର ଭାବ ୨୭୩; ସମସ୍ତ ଧର୍ମର ଭିତ୍ତି ୨୭୮; ଯୀଶୁଙ୍କ ଶିକ୍ଷା ୨୭୮;

ଏହାର ତାତ୍ପର୍ଯ୍ୟ ୨୬୮; -ଅଭ୍ୟାସ ୩୦୪; ଧର୍ମର ପ୍ରଥମ ସୋପାନ ୩୨୪; -ଦ୍ୱାରା ହିଁ ଅମୃତତ୍ୱ ଲାଭ ହୁଏ ୩୨୫; ଏହାର ଶକ୍ତି ୩୨୯; -ଓ ପ୍ରତ୍ୟକ୍ଷାନୁଭୂତି ୩୩୦

ଦର୍ଶନ—ଶିକ୍ଷା ୫୧, ତୁଳନାମୂଳକ- ୧୩୧; ବେଦାନ୍ତ- ୨୩୬, ୨୪୮; -ଶାସ୍ତ୍ର ୨୦୧

ଦାନ—ଧର୍ମ ୨୧୨

ଦୁଃଖବାଦ ୫୪

ଦୁର୍ଭିକ୍ଷ—ସମସ୍ତରେ କଂଗ୍ରେସବାଲାମାନଙ୍କର ଦେଖା ନାହିଁ ୮୨; -ସମୟରେ ସେବାକାର୍ଯ୍ୟ ୯୮

ଦେବେନ୍ଦ୍ରନାଥ ଠାକୁର ୨୩

ଦ୍ୱୈତ—ବାଦ ୩୩୧; -ବାଦୀ ୩୩୨; -ଭାବ ୩୫୦, ୩୫୬; -ବୋଧ ୩୬୫

ଧ୍ୟାନ—ଗୁରୁମୂର୍ତ୍ତି- ୧୮; -ସାଧନ ୬୦; ସଙ୍ଗୀତ ମାଧ୍ୟମରେ- ୧୮୬

ଧର୍ମ—ଏହାର ସାର ୧୮; ଏକତ୍ୱରୂପ ଏକ ଧର୍ମର ହିଁ ବିବିଧ ପ୍ରକାଶ ୨୬; ତୁଳନାମୂଳକ- ୫୧; ଅଦ୍ୱୈତବାଦ ହିଁ ଏକମାତ୍ର- ୧୧୮; ଏହାର ଅନୁଭୂତି ୧୧୬; -କାର୍ଯ୍ୟ ୧୮୬; ଶାସ୍ତ୍ର ସଙ୍ଗତ- ୧୯୪; ଏହାର ରହସ୍ୟ ୨୦୬; ବ୍ୟକ୍ତିନିର୍ଭର- ୨୨୬; -ତତ୍ତ୍ୱ ୨୩୪, ୩୨୧; ନେଇ ବିବାଦ ୨୩୫; କେତେବେଳେ ମଧ୍ୟ ଦୁଇଟି ନ ଥିଲ ୨୪୩; -ବିପ୍ଳବ ୨୬୨; ଏହାର ତ୍ରିବିଧ ସୋପାନ ୨୬୬; ଶ୍ରେଷ୍ଠ- ୨୮୬; ଗୋଟିଏ ପ୍ରକ୍ରିୟା ୨୮୬; କୌଣସି ମତବାଦ ନୁହେଁ ୨୮୬; ଏହାର ଜୀବନ୍ତ ରହସ୍ୟ ୨୯୩; -ଲାଭ ୩୧୨; ଏହାର ପ୍ରତ୍ୟକ୍ଷ ପ୍ରମାଣ ୩୧୨; -ଦାନ ୩୨୨; ଆତ୍ମାର ସହିତ ପରମାତ୍ମାର ସମ୍ବନ୍ଧ ୩୨୨; ଏହାର ପ୍ରାଚୀନ ଜନ୍ମଭୂମି ୩୨୨; ଏହାର ଅସଲ କଥା ୩୨୩; ସନାତନ- ୩୨୩; -ଲାଭର ରହସ୍ୟ ୩୨୯; ଅର୍ଥ ୩୩୦; ସବୁ ମୂଳରେ ଏକ ଐକ୍ୟ ୩୩୦; -ମତ ୩୪୨; ଏହାର ଅବନତିର କାରଣ ୩୪୩; କେତେଗୁଡ଼ିଏ ମତବାଦର ସମଷ୍ଟି ୩୫୪; -ମାନେ ଉପଲବ୍ଧି ୩୫୪; କ୍ରମ-ବିକାଶ ୩୫୫; ସଂଗଠିତ- ୩୫୯

ଧର୍ମେତିହାସ ସମ୍ମେଳନ (ପ୍ୟାରିସ୍) ୧୨୫

ନାସ୍ତିକ ୨୧

ନାସଦୀୟ ସୂକ୍ତ ୧୪୪

ନିଉୟର୍କ ୧୦୫

ନିଉ ଟେଷ୍ଟାମେଣ୍ଟ ୨୪୪, ୨୬୪, ୩୩୫, ୩୪୫

ନିବେଦିତା—ମିସ୍ ନୋବଲ୍‌ଙ୍କ ବାଳିକା ବିଦ୍ୟାଳୟ ୨୯; ଭବିଷ୍ୟତଦ୍ରଷ୍ଟା ୬୩; ତାଙ୍କ କଳ୍ପନା-ବିଳାସ ୬୬; ତାଙ୍କର ଅର୍ଥ-ସଂଗ୍ରହର ସାଫଲ୍ୟ ୮୯; ତାଙ୍କର ଇଂଲଣ୍ଡ ଗମନ ୧୩୦; ତାଙ୍କର ମାନ୍ଦ୍ରାଜରେ ଭାଷଣ ୧୬୪; ତାଙ୍କର ସରସ୍ୱତୀ-ପୂଜା ୧୬୮

ନିମ୍ବାର୍କ ଭାଷ୍ୟ—ବ୍ୟାସସୂତ୍ରର ୨୬

ନିଷ୍କାମ—ଅର୍ଥ ୧୮; ସକାମଠାରେ ହିଁ- ୧୪୧; -ଭାବରେ ଭଲ ପାଇବା ୨୪୫; -ଭଲ ପାଇବା ୨୪୬

ନାରୋ—ରୋମ୍ ସମ୍ରାଟ ୫୫
ନେତୃତ୍ୱ—ଏହାର ମୂଳ ରହସ୍ୟ ୧; -ବିସର୍ଜନ (ସ୍ୱାମୀଜୀଙ୍କର) ୭୫; -ତ୍ୟାଗ ୧୦୯; ଏଥିରେ ପ୍ରଭୁତ୍ୱର ସ୍ପୃହା ୧୦୯
ନୈର୍ଗୁଣ୍ୟ—ବାଦ ୮୧
ପଓହାରି ବାବା—ରାମଚନ୍ଦ୍ରଙ୍କ ଭକ୍ତ ୨୯୭; ତାଙ୍କ ପ୍ରଚାର ବିଷୟରେ ମତ ୨୯୭
ପରଂବ୍ରହ୍ମ—ଉଚ୍ଚ ଆଦର୍ଶ ୩୩୨
ପରାବିଦ୍ୟା—ଓ ଜ୍ଞାନ ୨୮୯
ପ୍ୟାରିସ୍‌ରେ ନୂତନ ଅଭିଜ୍ଞତା ଲାଭ ୧୧୦
ପାଶ୍ଚାତ୍ୟ—ବାସୀଙ୍କର ବିଶେଷତ୍ୱ ୧୨୭; ଏଠିକାର ଜାକଜମକ ନିଷ୍ଫଳ ୧୭୧; -ଆଦର୍ଶ ୧୮୯, ୩୦୨; -ଓ ପ୍ରାଚ୍ୟର ସମ୍ମିଳନ ପ୍ରଚେଷ୍ଟା ୧୯୧; -ବାସୀମାନେ ନିଜର କାର୍ଯ୍ୟକ୍ଷେତ୍ରରେ କୃତକର୍ମତାର ପରିଚୟ ଦିଅନ୍ତି ୨୭୨; -ଦେଶର ଧର୍ମୋପଦେଷ୍ଟା ୨୭୨; -ଜାତି ୩୦୧; -ଜାତିର ସଭ୍ୟତାର ଧାରଣା ୩୦୩; -ଦେଶରେ ନାରୀପୂଜା ୩୧୮
ପୁରାଣ—ଅଗ୍ନି- ୧୬୩; ଭାରତୀୟ- ୧୭୮; -କଥା ୨୪୪
ପୁରୁଷାର୍ଥ— ମୁକ୍ତି ଦିଗକୁ ଅଗ୍ରସର ହେବା ୧୮
ପୁରୋହିତ—କୁଳର ଡଙ୍ଗଡାଙ୍ଗ ୨୪୪; -ବ୍ୟବସାୟୀର ସ୍ୱାର୍ଥସିଦ୍ଧିରେ ଘୋର ବିରୋଧ ୨୫୦; ଏମାନଙ୍କର ପତନ ୨୫୪; ଭାରତବର୍ଷୀୟ- ୨୫୫; ଏମାନଙ୍କ ଦ୍ୱାରା ଉଦ୍ଭାବିତ କୁସଂସ୍କାର ୨୫୯; ଅପ୍ରୟୋଜନ ୨୬୦; -ମଣ୍ଡଳୀ ହାତରେ କ୍ଷମତା ଦାନ ୨୬୨; -ଅନୁଶାସିତ ଆଚାର ଅନୁଷ୍ଠାନ ବର୍ଜନ ୨୬୨; ଏମାନଙ୍କର ଶିକ୍ଷା ୨୬୪; -ଓ ଧର୍ମାଚାର୍ଯ୍ୟଙ୍କୁ ଭାରତରୁ ତଡ଼ିଦେବା ୩୦୪; -କୁଳର ଉଚ୍ଛେଦ ୩୦୫; ଦରିଦ୍ର ୩୦୭; -ଆବଶ୍ୟକ ୩୩୬; ପ୍ରାଚୀନ- ୩୩୮; -କୁଳ ଓ ଉପନିଷଦ୍‌ରେ ପାର୍ଥକ୍ୟ ୩୪୧; ଏମାନଙ୍କର ବିଧାନ ୩୪୨; ଏମାନଙ୍କର ମନ ଦୁର୍ବଳ ୩୪୩; -ରକ୍ଷଣଶୀଳ ହେବାର କାରଣ ୩୪୩
ପୌରୋହିତ୍ୟ—ବ୍ରାହ୍ମଣମାନଙ୍କ କାର୍ଯ୍ୟ ୧୯୪; -ବ୍ୟବସାୟୀ ୨୬୦; -ବ୍ୟବସାୟ ୩୦୭; -ମନ୍ଦିରରେ ନିନ୍ଦନୀୟ ୩୧୦
ପ୍ୟାସାଡେନା ୭୦
ପ୍ରକୃତି—ଏହାର ଐକ୍ୟ ୪୭; ଏହାର ନିୟମ ୫୬, ୩୩୮; ଏହା ନିକଟରେ ବଳପ୍ରଦାନ ୫୭; ଏହାର ନିୟନ୍ତାସ୍ୱରୂପ ୨୨୩; -ସମ୍ବନ୍ଧରେ ପାଶ୍ଚାତ୍ୟ ଜାତିର ଧାରଣା ୩୦୨; ବେଗ ଏହା ମଧ୍ୟରେ ୩୩୯; ଭାରତୀୟ ମତରେ ୩୫୬; ଏହାକୁ ଅତିକ୍ରମ ୩୫୭
ପ୍ରବୁଦ୍ଧ ଭାରତ—ପତ୍ରିକା ୯୭, ୧୦୧
ପ୍ରାଚ୍ୟ—ଦେଶୀୟ କଷ୍ଟସହିଷ୍ଣୁତା ୧୯୦; -ପାଶ୍ଚାତ୍ୟର ସମ୍ମିଳନ ୧୯୧; -ଦେଶୀୟଗଣ କଳ୍ପନାପ୍ରବଣ ୨୭୧; -ଜାତିର ଆଦର୍ଶ ୩୦୨; -ଜାତିର ଗବେଷଣା ୩୦୨
ପ୍ରାର୍ଥନା--- ନିଉ ଟେଷ୍ଟାମେଣ୍ଟରେ ୨୭୬
ପ୍ରେମ— ଏଥିରେ ଉନ୍ମତ୍ତତା ଅଛି, ବନ୍ଧନ ନାହିଁ ୨; ଏହାର ପ୍ରଭାବ ୨; ଭାରତୀୟ ୬୨;

ସ୍ୱାଧୀନତା ମଞ୍ଚରେ- ୧୩୨; ଏହା ମଧ୍ୟରେ ସ୍ୱାଧୀନତା ଦର୍ଶନ ୧୩୨; ବିଶ୍ୱବ୍ୟାପୀ- ୧୪୧; ଏହାର ମୃତ୍ୟୁରେ ଜୟ ୨୦୪; -ସ୍ୱରୂପ ୨୪୫
ପ୍ରେମାନନ୍ଦ (ବାବୁରାମ) ୧୨୬
ପ୍ଲେଗ— କଲିକତାରେ ୨୩, ୧୦୧, ୧୦୪, ୧୬୦; ଏହାର ଡେରାଡୁନ୍‌ରେ ବିଭ୍ରାଟ ୧୨; ଏଲାହାବାଦରେ- ୧୬୮; -ହାସପାତାଲ ୨୫; -ବନ୍ଦ ୨୯; -ସମ୍ବନ୍ଧରେ ୩୦
ପ୍ଲେଟୋ ୧୩
ଫାଦର୍-ପୋପ୍ (ମିଃ ହେଲ୍) ୫୧
ଫରାସୀ—ମାନଙ୍କୁ ଜୟ କରିବା ୧୦୧-୨; ଗୃବାଙ୍କଙ୍କ ଦେଶ ୧୨୯; -ଭାଷା ୧୨୯
ଫାଙ୍କେ (ମିସେସ୍) ୧୩-୫
ଫାରସି (ସମ୍ପ୍ରଦାୟ) ୨୬୮
ଫେରିସ୍ତା— ମୁସଲମାନ ଐତିହାସିକ ୫୪
ବସୁ (ଜଗଦୀଶ ଚନ୍ଦ୍ର) ୧୧୭, ୧୪୪, ୧୪୭
ବାଇବେଲ୍— ବେଦ ଓ କୋରାନ୍‌ର ସମନ୍ୱୟ ୨୭; ଏହାର ନିଉ ଟେଷ୍ଟାମେଣ୍ଟର ଗଳ୍ପ ୨୪୪; ପ୍ରାଚ୍ୟ ଭାବର ହିଁ ସାକ୍ଷ୍ୟ ଦିଏ ୨୭୦; ଏହାର ନିଉ ଟେଷ୍ଟାମେଣ୍ଟ ଅଂଶ ୨୭୪; -ସମ୍ବନ୍ଧରେ ପ୍ରାଚୀନ ଧାରଣା ୩୩୬; ସ୍ୱୟଂ ଈଶ୍ୱରଙ୍କ ବାଣୀ ୩୪୧
ବାରାଣସୀ—ଶିବୋପାସନାର ପ୍ରଧାନ ସ୍ଥାନ ୧୬୩-୪
ବିବାଦ—ଧନୀ-ଦରିଦ୍ରମାନଙ୍କର- ୮୪
ବିବାହ—ବିଧବା- ୧୬; ବାଲ୍ୟ- ୧୪୧; ନାରୀମାନଙ୍କର ସ୍ୱାଭାବିକ ଉଚ୍ଚାକାଙ୍‌କ୍ଷା ୧୫୪; -ସମ୍ବନ୍ଧରେ ରୋମାନ୍ କ୍ୟାଥଲିକ୍, ହିନ୍ଦୁ ଓ ଆରବଗଣଙ୍କର ଧାରଣା ୧୭୦; ଏହାର ପବିତ୍ରତା ୧୭୦; ଏହାର ଉଚ୍ଚାଦର୍ଶ ୧୭୦; -ପ୍ରଥା ୧୭୦, ୧୭୯; -ବିଧି ୨୧୨; ହିନ୍ଦୁ ପ୍ରଥା ଅନୁସାରେ ୩୧୫
ବୁଦ୍ଧଗୟା ୧୭୪
ବୁଦ୍ଧଦେବ—ତାଙ୍କ ବାଣୀ ୧, ୨୩୯, ୨୫୮; ତାଙ୍କ ଉପଦେଶ ୨୩୮; ଭଗବାନ୍- ୨୫୦, ୨୫୭; -ଶବ୍ଦାର୍ଥ ୨୫୧; କର୍ମଯୋଗୀର ଆଦର୍ଶ ୨୫୨; ତାଙ୍କ ଅପୂର୍ବ ହୃଦୟବତ୍ତା ୨୫୨; ବେଦର ସାରଧର୍ମ-ପ୍ରଚାରକ ୨୫୮; ତାଙ୍କ ଶିକ୍ଷା ୨୫୮, ୨୬୧; ସାମ୍ୟର ଆଚାର୍ଯ୍ୟ ୨୫୮; ତାଙ୍କ ଶିକ୍ଷାରେ ଈଶ୍ୱର ଓ ଆତ୍ମା ୨୫୮; ତାଙ୍କ ଆତ୍ମତ୍ୟାଗର ଶିକ୍ଷା ୨୬୦; ତାଙ୍କ ଉପଲବ୍ଧିର ସ୍ୱରୂପ ୨୬୪; ତାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ ୩୩୭; ତାଙ୍କ କେନ୍ଦ୍ରଗତ ଭାବ ୩୪୪
ବୁଦ୍ଧି—ଭେଦ ଓ ଅଭେଦ- ୫
ବୁଲ୍, ଓଲ (ମିସେସ୍) ୬, ୨୮, ୩୦, ୫୩, ୬୦, ୧୦୯, ୧୧୧, ୧୨୬, ୧୩୦, ୧୩୨, ୧୪୩
ବେଦ— ବାଇବେଲ ଓ କୋରାନ୍‌ର ସମନ୍ୱୟ ୨୭; ବ୍ରହ୍ମାଙ୍କ ନିକଟରେ ପ୍ରକାଶ ୧୧୯;

ଏହାର ଶବ୍ଦ କାନରେ ପ୍ରବେଶ କଲେ ଦାରୁଣ ଶାସ୍ତି ୨୫୬; ଛନ୍ଦରେ ଲିଖିତ ୧୭୫; ନାନାବିଧ ୨୦୬; ହିନ୍ଦୁଙ୍କର ମୂଳ ଧର୍ମଗ୍ରନ୍ଥ ୩୩୫; ଶବ୍ଦରାଶି ୩୩୬; ଦୁଇ ଭାଗରେ ବିଭକ୍ତ ୩୩୬; ଋଗ୍- ୩୩୫; -ଅନାଦି ଅପୌରୁଷେୟ ୩୩୭; -ପାଠ ୩୩୭; -ମନ୍ତ୍ର ୩୩୮; ଏହାର ପ୍ରଥମାଂଶ ୩୩୮; ଏହାର କର୍ମକାଣ୍ଡ ୩୪୧; -ମହିମାରେ ସନ୍ଦେହ ୩୪୫; ଏଥିରେ କୁସଂସ୍କାର ଓ ଅଜ୍ଞତାର ସ୍ଥାନ ମଧ୍ୟ ଅଛି ୩୪୫

ବେଦାନ୍ତ—ଏହାର ସାରକଥା ୨; କର୍ମରେ ପରିଣତି- ୨୭; ଏହାର ମତବାଦ ୨୭; -ବାଦ ୯୭; ଏହାର ହିରଣ୍ୟଗର୍ଭ ୧୩୯; ବୌଦ୍ଧ ସାହିତ୍ୟରେ ଏହାର ଉଲ୍ଲେଖ ୧୬୩; -ଦର୍ଶନ ୨୩୭, ୨୪୮; ଏହାର ଭାବ ୩୩୨; ବେଦର ପ୍ରଥମାଂଶରେ ଆଦର୍ଶ ସହିତ ପୃଥକ୍ ୩୩୮

ବେଦାନ୍ତ ସୋସାଇଟି ୯୨, ୧୦୫

ବେସାନ୍ତ, ତାଙ୍କ ଅନୁନୟ ୨୫; ତାଙ୍କର ମନ୍ଦିରରେ ପ୍ରବେଶ ପାଇଁ ଚେଷ୍ଟା ୧୬୫

ବୈଷମ୍ୟ—ଏହାର ଭ୍ରମ ହିଁ ଦୁଃଖର ମୂଳ ୨୬୧

ବୋୟା (ମଁ ଜୁଲ୍) ୧୩୪, ୧୩୫, ୧୫୪

ବୌଦ୍ଧ—ମତରେ ଦୁଃଖ ନାଶ ୧୮; -ମହାଯାନ ଶାଖା ପ୍ରାଚୀନ ୧୬୩; ସେମାନଙ୍କର ଶିବପୂଜା ୧୫୩; -ସାହିତ୍ୟ ୧୬୩; -ଧର୍ମ ଓ ଆଧୁନିକ ହିନ୍ଦୁଧର୍ମ ୧୬୪; ସେମାନଙ୍କୁ ଅହିନ୍ଦୁ ମନେ କରାଯାଏ ନାହିଁ ୧୬୬; -ଧର୍ମ ୧୭୦, ୨୪୩, ୨୫୦; -ଭିକ୍ଷୁ ୨୫୩; -ଧର୍ମ ପ୍ରସାରର କାରଣ ୨୫୯; -ଧର୍ମ ସଂସ୍କାରମୂଳକ ୨୬୨; -ଧର୍ମର ବୀଜ ୩୪୩; -ଧର୍ମ ଜନସାଧାରଣଙ୍କର ଶୃଙ୍ଖଳମୋଚନ କରେ ୩୪୩

ବ୍ୟଷ୍ଟି ଓ ସମଷ୍ଟି – ଅନ୍ୱୟ ୧୩୮-୯

ବ୍ୟାଟ୍ଲେକ୍ (ମିଃ) ୨୦

ବ୍ରହ୍ମବାଦିନ୍—ପତ୍ରିକା ୨୮୭

'ବ୍ରହ୍ମସୂତ୍ର' ୧୬୩

ବ୍ରହ୍ମାନନ୍ଦ—(ସ୍ୱାମୀ) ମିଶନର ସଭାପତି ୧୨୬

ବ୍ରାହ୍ମଣ—ବର୍ଣ୍ଣଶ୍ରେଷ୍ଠ ୧୯୩-୪; ସେମାନଙ୍କର କାର୍ଯ୍ୟ ୧୯୪; -ପୁରୋହିତ ୨୫୫; -ଜୀବନ-ଶକ୍ତିର ରହସ୍ୟ ୩୦୭; -ଜୀବନରେ ନିତ୍ୟ ତ୍ୟାଗ ଓ ତପସ୍ୟା ୩୦୭

ବ୍ଲକେଟ୍ (ମିସେସ୍) ୭୪

ଭଗବଦ୍‌ଗୀତା—ଭାରତରେ ସର୍ବଜନପ୍ରିୟ ଶାସ୍ତ୍ର ୨୧୦; କୁରୁକ୍ଷେତ୍ରରେ କୃଷ୍ଣାର୍ଜୁନଙ୍କ କଥୋପକଥନ ୨୧୦; ଶ୍ରୀକୃଷ୍ଣଙ୍କ ଅପୂର୍ବ ବାଣୀ ୨୮୦

ଭଗବାନ—ଜ୍ଞାନୀଙ୍କ ଚକ୍ଷୁରେ ୨; ଯୀଶୁଙ୍କ ଅନୁଗାମୀଗଣଙ୍କର ଧାରଣା ୨୮୦; ତାଙ୍କର ପୂଜା ୩୫୪

ଭାଗଲ୍‌ପୁର—କେନ୍ଦ୍ରସ୍ଥାପନ ସମ୍ପର୍କରେ ୮୩

ଭାରତ—ଦରିଦ୍ର ୪, ୬୦; ଏ ଦେଶରେ କଲ୍ୟାଣକର କାର୍ଯ୍ୟ ୧୫; ଅପରାଜେୟ ଶକ୍ତିରେ

ଜାଗି ଉଠୁଛି ୨୭; ଏଠାରେ ଏକମାତ୍ର ଆଶା ୨୭; -ବାସୀର ସ୍ଥାୟୀ ପ୍ରତିଷ୍ଠାନ ଗଠନରେ ଅକ୍ଷମତା ୩୦; ସେଠାରେ ଆନ୍ଦୋଳନ ୩୮; ଏହାର ସ୍ୱତ ୫୦; -ବାସୀ ସମ୍ବନ୍ଧରେ ବହୁ ୫୧; ବ୍ରିଟିଶ- ୫୪; ଏ ଦେଶରେ ବର୍ତ୍ତମାନ ଜନସଂଖ୍ୟାର ପାଞ୍ଚଗୁଣ ଭରଣ-ପୋଷଣ ସମ୍ଭବ ୫୪; -ବସ୍ତୁର ସ୍ୱକତ୍ୱ ୫୪; ଜୀବନ୍ତ- ୭୨; ବର୍ତ୍ତମାନ ମଧ୍ୟ ମରି ନାହିଁ ୭୨; ଏହାର ପ୍ରେମ ୭୨; ପ୍ରାଚୀନ- ୭୨; ଏ ଦେଶରେ ଅର୍ଥ-ସଂଗ୍ରହର ଆଶା ୭୮; ଏଦେଶର ଭାଗ୍ୟରେ ଏକମାତ୍ର ଦୁଃଖ ୮୦; -ବାସୀ ପରନିର୍ଭରଶୀଳ ୯୮; ସେଠାକାର ଧର୍ମ ଉପନିଷଦ୍‌ର ତତ୍ତ୍ୱ ଓ ନୀତି ୧୧୭; -ମାତା ୧୨୨, ୧୮୯; ସେଠାରେ ତେଜସ୍ୱିତାର ପ୍ରୟୋଜନ ୧୨୫; ଏହି ଦେଶର ଗୁଣ ଓ ଦୋଷ ୧୩୯; ମୂର୍ଖତାର ଆକର ୧୪୦; ଏହି ଦେଶୀୟ ବିଧବା ୧୪୧; ଏହାର ଜାପାନ ସହିତ ଯୋଗସୂତ୍ର ସ୍ଥାପନ ୧୫୩; ଏ ଦେଶର ଜାତି ବିଭାଗ ୧୫୬; ଶିଳ୍ପମୟ- ୧୬୫; ସେଠାକାର ଗୋଟିଏ ପ୍ରାଚୀନ ପ୍ରଥା ୧୮୩; ଏ ଦେଶର ନାଟକ ଓ ସଙ୍ଗୀତ ଅତି ପବିତ୍ର ୧୮୭; ଏହି ଦେଶୀୟ ନାରୀର ସର୍ବାପେକ୍ଷା ଉଚ୍ଚାକାଙ୍କ୍ଷା ୧୮୯; -ବାସୀର ବିଶେଷତ୍ୱ ୧୯୦; ଏହି ଦେଶୀୟ ସଭ୍ୟତାର ବୈଶିଷ୍ଟ୍ୟ ୨୫୩; ଏ ଦେଶୀୟ ଋଷିମାନଙ୍କର ବାଣୀ ୨୬୧; ଏଠାରେ ଅବତାରବାଦ ୨୮୦; ଏହାର ଭିତରର ରହସ୍ୟ ୩୦୨; ଏହି ଦେଶର ବିନାଶ ନାହିଁ ୩୦୭; ଏ ଦେଶୀୟ ଜନନୀ ୩୦୭; ଏ ଦେଶୀୟ ପ୍ରାଚୀନ ଶିକ୍ଷା-ପଦ୍ଧତି ୩୦୯; ଏ ଦେଶର ସାହିତ୍ୟ ୩୦୮; ଏ ଦେଶରେ ଏବେ ସୁଦ୍ଧା ଧର୍ମର ମହାନ୍ ଭାବ ବିଦ୍ୟମାନ ୩୪୩; ଏ ଦେଶରେ ଆଦର୍ଶ ୩୫୪; ଏ ଦେଶରେ ଧର୍ମର ଧାରଣା ୩୫୪; -ବାସୀର ସମସ୍ୟା ୩୫୪; ଏ ଦେଶୀୟ ମତରେ ଈଶ୍ୱର ଦୁଇ ଢଗ ୩୫୬

ଭଲପାଇବା—ସ୍ୱାମୀଜୀଙ୍କ ଜୀବନର ମୂଳର କାରଣ ୭୮; ଅହେତୁକ- ୧୭୭; ଏଥିରେ ବିନିମୟ ନାହିଁ ୧୭୭

ମଠ—ଏଥିପାଇଁ ଅର୍ଥ ସଂଗ୍ରହ ୩, ୧୦; କଲିକତାରେ- ୧୦, ୧୩; ଏହାର ଭାବ ପ୍ରଚାର ୧୧; ବେଲୁଡ଼ ୩୯, ୫୧; ଏହାର ବାର୍ଷିକ ସଭା ୨୩; ଟ୍ରଷ୍ଟ ୬୭; -ଟ୍ରଷ୍ଟର ଦଲିଲ ୭୮, ୭୭; -ଟ୍ରଷ୍ଟର ଚଠା ୧୦୧; ଏହାର ସଭାପତି ପଦ ତ୍ୟାଗ (ସ୍ୱାମୀଜୀଙ୍କର) ୧୩୫; ସ୍ୱାସ୍ଥ୍ୟକର ସ୍ଥାନ ୧୪୯; ଏହାର ବାତାବରଣ ୧୫୩

ମନ, ମନଃ—ସର୍ବବ୍ୟାପୀ ୧୦୨; -କଷ୍ଟ ୧୨୫; -ଜଗତ୍ ୨୯୨; -ତତ୍ତ୍ୱ ୩୪୦; -ଶକ୍ତି ୩୪୦, ୩୪୫; -ବିଜ୍ଞାନ ୩୪୧

ମନ୍ଦିର—ଚର୍ଚ୍ଚର ତୁଳନା ୩୦୯

ମର୍ମନ୍—ବହୁ-ବିବାହ ଅନୁମୋଦିତ ଖ୍ରୀଷ୍ଟାନ୍ ସମ୍ପ୍ରଦାୟ (ଆମେରିକାର) ୩୨୪

ମହମ୍ମଦ—ସାମ୍ୟବାଦର ଆଗ୍ରହୀ ୨୪୦, ୨୮୫; ତାଙ୍କ ଜୀବନର ଦୃଷ୍ଟାନ୍ତ ୨୪୧; ତାଙ୍କ ସ୍ୱପ୍ନରେ ଦର୍ଶନାଦି ୨୮୪; ତାଙ୍କର ଧର୍ମ ଜଗତ୍ ପ୍ଲାବିତ କରେ ୨୮୫; -ଆରବ ଜାତିକୁ ଐକ୍ୟବଦ୍ଧ କରିଥିଲେ ୨୮୫

ମହାଭାରତ—ଉପାଖ୍ୟାନ ୧୯୧, ୩୦୮; କ୍ଳାନସିଗିର ବିଶ୍ୱକୋଷ ୨୧୬
'ମଦର୍ ଚର୍ଚ୍ଚ' (ମିସେସ୍ ହେଲ୍) ୫୨, ୭୪
ମାୟା—ମୁକ୍ତ ୧୦୯, ୧୭୧; ଶାନ୍ତ ଓ ନିୟତବଦ୍ଧତା ହିଁ ଜଗତ୍‌ଟାକୁ ମାୟା ବୋଲି ବୁଝାଇ ଦିଏ ୧୦୯; -ବାଦ ୧୬୩, ୨୮୦; ଏଥିରେ ଆତ୍ମା ବଦ୍ଧ ବୋଲି ପ୍ରତୀୟମାନ ୨୬୦; ଏହା ଭିତର ଦେଇ ଅଗ୍ରସର ୩୬୧
ମାଷ୍ଟର (ମହାଶୟ) ୧୧
ମିଲ୍‌ସ (ରେଭରେଣ୍ଡ ବେଞ୍ଜାମିନ୍ ଫେ) ୮୫
ମିଲ୍‌ଟନ୍ (ମିସେସ୍)—୯୧, ୯୨, ୯୯, ୧୧୧, ୧୨୯
ମୁକ୍ତି— ଅଭେଦ-ବୁଦ୍ଧି ହିଁ- ୫; ଉଚ୍ଚତମ ଅବସ୍ଥା ବା ନିର୍ବାଣ ୧୮; -ଲାଭର ପଥ ୨୭୩, ୨୭୭, ୩୬୫; -ସାଧନା ୩୩୯
ମୂଶା—୨୮୪, ୩୫୫
ମୁସଲମାନ—ବ୍ୟାବହାରିକ ଜୀବନରେ ସାମ୍ୟବାଦୀ ୨୭; ସେମାନଙ୍କର ଭାରତ ଆକ୍ରମଣ ୨୦୮; ଅବତାରଙ୍କ ଉପାସନାର ବିରୋଧୀ ୨୨୭; ସେମାନଙ୍କର ମୂଳମନ୍ତ୍ର ୨୩୩; ସାମ୍ପ୍ରଦାୟିକ ଭାବାପନ୍ନ ୨୩୩ ; -ସମ୍ପ୍ରଦାୟର ମହତ୍ତ୍ୱ ୨୪୧
ମୁଲର୍ ମିସେସ୍ ୧୩; ମିସ୍- ୩୦
(ମିସ୍) ମ୍ୟାକ୍‌ଲାଉଡ୍ ୬୦, ୧୫୭
ମ୍ୟାକ୍‌ସ୍‌ମୁଲର୍-ଲିଖିତ 'ଶ୍ରୀରାମକୃଷ୍ଣ ଜୀବନୀ' ୩୯
ମ୍ୟାକ୍‌ସିମ୍ (ହିରାମ୍) ୧୫୪
ଯୀଶୁଖ୍ରୀଷ୍ଟ—ତାଙ୍କର ଉପଦେଶ ୨୩୦; ତାଙ୍କର ଓ ଶ୍ରୀକୃଷ୍ଣଙ୍କ ଜୀବନର ସାଦୃଶ୍ୟ ୨୪୮; ତାଙ୍କର ବିଜୟ ୨୫୫; ଇହୁଦୀମାନଙ୍କର ଅବତାର ୨୬୮; ପ୍ରାଚ୍ୟଦେଶୀୟ ୨୭୯; ପ୍ରାଚ୍ୟ ଭାବରେ ଭାବିତ ୨୭୨; ତାଙ୍କୁ ଈଶ୍ୱର ରୂପରେ ପୂଜା ୨୮୨; ସଗୁଣ ଈଶ୍ୱର ୨୮୨; -କ୍ରୁଶବିଦ୍ଧ ହେବା ସମ୍ବନ୍ଧରେ ମହମ୍ମଦଙ୍କର ଧାରଣା ୨୮୩; ତାଙ୍କ ନାମରେ ଠକାମି ପ୍ରଚୁର ୨୮୪
(ସ୍ୱାମୀ) ଯୋଗାନନ୍ଦ—ମୃତ୍ୟୁ ପ୍ରତୀକ୍ଷାରେ ୩୮
ରାଖାଲ୍ (ବ୍ରହ୍ମାନନ୍ଦ) ୧୨୫
ରାଜଯୋଗ—ଛପା ୨୮; -ଗ୍ରନ୍ଥର ଅନୁବାଦ ୪୫; -ବହି ୭୦, ୭୩
(ଶ୍ରୀ) ରାମ (ଚନ୍ଦ୍ର)—ହିନ୍ଦୁ ମତରେ ସପ୍ତମ ଅବତାର ୧୮୫; ଭାରତବାସୀଙ୍କର ଆଦର୍ଶ ୧୮୯
(ଶ୍ରୀ) ରାମକୃଷ୍ଣ—ସମ୍ପୂର୍ଣ୍ଣ ମୌଳିକ ୧୩; ତାଙ୍କର ଅଲୌକିକ ସ୍ପର୍ଶ ୭୬; ତାଙ୍କ ପାଇଁ ଭଲ ପାଇବା ୮୭; ତାଙ୍କ ଜୀବନର ଧ୍ରୁବତାରା ରୂପେ ଗ୍ରହଣ ୮୭; ତାଙ୍କ କାର୍ଯ୍ୟ ୯୪; -ସଙ୍ଗରେ ଦକ୍ଷିଣେଶ୍ୱରରେ ୧୦୬, ୧୦୮; ତାଙ୍କର ମୂଳମନ୍ତ୍ର ୩୧୯; -ପରମହଂସଙ୍କ ନାମ ଭାରତରେ ସର୍ବଜନ ପରିଚିତ ୩୨୮; ତାଙ୍କ ଉପଦେଶ ୩୩୦; ବୈଦାନ୍ତିକ ଅର୍ଥରେ

ବ୍ରହ୍ମ ୩୩୧; ନିଜକୁ ଅବତାର ମନେ କରୁଥିଲେ ୩୩୧
ରାମକୃଷ୍ଣ ମିଶନ—ଏହାର ବାର୍ଷିକ ସଭା ୨୩; ଏହାର ଉଦ୍ଦେଶ୍ୟ ୮୩; ଏହାର ସିଲ୍ ମୋହର ୧୫୭
ରାମାୟଣ—ଅଦ୍ଭୁତକାବ୍ୟ ୧୭୫; -ଉପାଖ୍ୟାନ ୧୮୯; ଜ୍ଞାନରାଶିର ବିଶ୍ୱକୋଷ ୨୧୬
(ଶ୍ରୀ) ଶଙ୍କର (ଆଚାର୍ଯ୍ୟ)—ଭାଷ୍ୟକାର ୧୬୩
ଶକ୍ତି—ଏହାର ଉତ୍ପତ୍ତି ୮୨; ମହା- ୧୬୬; ମନ୍ତ୍ର- ୨୦୯; ଦୈବ- ୨୦୯; ଧର୍ମଜୀବନର- ୨୬୮; -ସମ୍ବନ୍ଧ ୩୨୧
ଶିକ୍ଷା—ଜୀବନର ଏକ ଉଦ୍ଦେଶ୍ୟ ୬; -ଲାଭ ୪୯, ୯୬; -ବିସ୍ତାର ୫୪; ଏଥିରେ ସରକାରଙ୍କର ସାମାନ୍ୟ ଖର୍ଚ୍ଚ ୫୫; ସ୍ୱପ୍ନ-ଭଙ୍ଗ ୫୬; ଏହାର ଆଦର୍ଶ ୧୧୮; ଏହାର ସଂଜ୍ଞା ୧୪୦, ୩୨୦; ବିଦ୍ୟା- ୧୪୦; -ଗ୍ରହଣ ୨୫୪; -ରୁ ବଞ୍ଚିତ ୨୫୬; -ଦାନ ୩୨୦
(ସ୍ୱାମୀ) ଶିବାନନ୍ଦ (ତାରକ) ୧୫
ଶୂନ୍ୟବାଦ ୪୩
ଶେଭଲୁର୍ (ମିଃ) ୧୫
ସକ୍ରେଟିସ୍—ଗ୍ରୀକ୍ ଦାର୍ଶନିକ ୧୩
ସତ୍ୟ—ଏକମାତ୍ର ସତ୍ସ୍ୱରୂପ ୨୪୭; ସ୍ୱୟଂ ଈଶ୍ୱର ୨୭୯
ସନ୍ଦେହବାଦ ୨୬୮, (ପାଃ ଟୀଃ) ୩୨୧
ସଭ୍ୟତା—ଭାରତୀୟ ୨୫୩; ପାଶ୍ଚାତ୍ୟ ଜାତିର- ୩୦୩
ସମାଜ—ବିଧବା-ବିବାହ ସମ୍ପର୍କରେ ୧୬; ଆତ୍ମରକ୍ଷା ପ୍ରୟୋଜନରେ ନିୟମ କରେ ୧୬; -କଲ୍ୟାଣ ୧୭; ଏହା ପାଇଁ ତ୍ୟାଗ ୧୪୧
ସଂସାର—ମାୟାର- ୮୬; ଏହାର ନିୟମ ୧୭୭; ଖେଳ ୨୪୬; ଏହାର ରହସ୍ୟ ୨୪୭; ଜଡ଼ବାଦପୂର୍ଣ୍ଣ- ୨୯୫
ସାଦ୍ୟୁସି—ସମ୍ପ୍ରଦାୟ ୨୬୮
ସାଧକ—ଗୁଣ ପ୍ରକାରର ୨୯୧
ସାମ୍ୟ—ମହମ୍ମଦଙ୍କ ବାଣୀ ୨୮୫
(ସ୍ୱାମୀ) ସାରଦାନନ୍ଦ (ଶରତ୍)—୧୪୩, ୧୬୦
ସାରନାଥ—ବୁଦ୍ଧଗୟା ୧୬୩
ସୀତା—ଭାରତବାସୀର ଆଦର୍ଶ ୧୮୯
ସୁଖବାଦ—୯୫
ସ୍ମିଟର୍ (ମିସ୍) ୨୮, ୪୬
ସେକ୍ସପୀୟର୍—ସଭା ୧୭୫, ୧୯୧
ସେଭିଅର୍—ସାହେବ ୪; କ୍ୟାପ୍ଟେନ ଏବଂ ମିସେସ- ୧୦, ୬୦; -କ୍ୟାପ୍ଟେନ୍ଙ୍କ ଦେହ-

ତ୍ୟାଗ ୧୩୭; ମିସେସ୍- ୧୩୭-୮, ୧୪୩, ୧୪୪; ତାଙ୍କର ସତ୍କାର ୧୪୩
ସୋରାବ୍‌ଜୀ, ମିସ୍ କର୍ଣ୍ଣେଲିଆ ୧୪୮
ସୋସିଆଲିଜମ୍ ୧୩୯
ଷ୍ଟକ୍‌ଟନ୍—ଗ୍ରେଟ ସହର ୧୦୫
ଷ୍ଟର୍ଡି (ମିଃ)—୯, ୧୧୧; ମିସେସ୍‌ଙ୍କର ଦେହତ୍ୟାଗ ୧୪୬
ସ୍ୱାମୀଜୀ (ବିବେକାନନ୍ଦ)—କଣ୍ଡିକ ଅନାଥାଶ୍ରମ ବ୍ୟବସ୍ଥାର ନିର୍ଦ୍ଦେଶ ୪; ତାଙ୍କ ଆଖିରେ ସଂସାର ୬; ତାଙ୍କର କାର୍ଯ୍ୟରୁ ଅବସର ଗ୍ରହଣର ଇଚ୍ଛା ୮୬, ୮୬-୮, ୯୦, ୧୦୮; ତାଙ୍କର 'ଶ୍ରୀରାମକୃଷ୍ଣ-କଥାମୃତ' ସମ୍ବନ୍ଧରେ ଅଭିମତ ୧୨; ତାଙ୍କର ମୃତ୍ୟୁକୁ ଜୟ ୨୦; ତାଙ୍କର ଦୁଶ୍ଚିନ୍ତା 'କାମ' ୨୦; ବଙ୍ଗଳାରେ ପତ୍ରିକା ପ୍ରକାଶନ ସମ୍ପର୍କରେ ୨୮; ତାଙ୍କର ଜୀବନ ଓ କର୍ମପ୍ରଣାଳୀ ୩୭; ଦେବାଳୟରୁ ବହିଷ୍କୃତ ୫୦; ତାଙ୍କର ସୁଖଦୁଃଖ ସମ୍ବନ୍ଧରେ ପ୍ରଶ୍ନର ୫୦; ତାଙ୍କର ଭାରତ ଓ ଭାରତବାସୀଙ୍କ ସମ୍ବନ୍ଧରେ ଗ୍ରନ୍ଥ ରଚନା ୫୧; ଗଲ୍‌ଫ୍ ଖେଳ ସମ୍ବନ୍ଧରେ ୫୩; -ଦ୍ୱାରା ନୂତନ ଭାରତର ସୂଚନା ୫୫; ମାଆଙ୍କର ଦାସ ୬୩; ନିଜ ଦୁର୍ବଳତା ସମ୍ବନ୍ଧରେ ୬୭; -ଭାରତରେ ଅର୍ଥସଂଗ୍ରହର ଆଶା ୬୮; ତାଙ୍କର କଠୋର ବୈଦାନ୍ତିକ ହେବାର ଇଚ୍ଛା ୬୮; ଇଂଲଣ୍ଡରେ ଅର୍ଥ-ସଂଗ୍ରହ ବିଷୟରେ- ୭୧; ତାଙ୍କର କାର୍ଯ୍ୟ ହିଁ ସେଫ୍‌ଟିଭଲ୍‌ଭ ୭୨; ତାଙ୍କର ନିଃସଙ୍ଗ ଅବସ୍ଥାରେ ହିଁ ଶକ୍ତି ବେଶୀ ଖୋଲେ ୭୨; ତାଙ୍କ ଗଳ୍ପଗୁଡ଼ିକ ଗ୍ରନ୍ଥ ଆକାରରେ ପ୍ରକାଶର ସମ୍ମତି ଦାନ ୭୮; ସୁଖଦୁଃଖରେ ବୋଧ-ଶୂନ୍ୟ ୮୦; ତାଙ୍କର ସନ୍ନ୍ୟାସୀ ରୂପେ ମୃତ୍ୟୁବରଣର ଇଚ୍ଛା ୯୦; ତାଙ୍କ ଜୀବନର ପ୍ରଧାନ କର୍ତ୍ତବ୍ୟ ୯୨; ଶ୍ରୀରାମକୃଷ୍ଣଙ୍କର ଦାସ ୧୦୨; ତାଙ୍କର ଦକ୍ଷିଣେଶ୍ୱରର ସ୍ମୃତି ୧୦୬; ତାଙ୍କ ବାଲ୍ୟ-ସ୍ମୃତିର ଆଲୋକରେ ଆତ୍ମବିଶ୍ଳେଷଣ ୧୦୮; ତାଙ୍କର ଜଗତ ପାଇଁ ଚିନ୍ତା ତ୍ୟାଗ ୧୧୯; -ଅଦ୍ୱୈତବାଦୀ ୧୧୯; -ଆତ୍ମସ୍ୱରୂପ ୧୨୦; ଈର୍ଷା, ଲୋଭ ବା କର୍ତ୍ତୃତ୍ୱର ଆକାଙ୍କ୍ଷା-ହୀନ ୧୨୬; -ମୃତ୍ୟୁପଥଯାତ୍ରୀ ୧୫୯; ବୌଦ୍ଧଧର୍ମ ଓ ଆଧୁନିକ ହିନ୍ଦୁଧର୍ମ ସମ୍ବନ୍ଧରେ-୧୬୪; ତାଙ୍କର ପଓହାରି ବାବାଙ୍କ ସହିତ ସାକ୍ଷାତ୍ ଲାଭ ୨୯୬; ତାଙ୍କର ଅଦ୍ୱୈତବାଦ ଶିକ୍ଷା ଲାଭ ୩୩୨; ପୂର୍ବେ ଦ୍ୱୈତବାଦୀ ଥିଲେ ୩୩୨
ହରିପ୍ରସନ୍ନ (ବିଜ୍ଞାନାନନ୍ଦ) ୮
ହିଦେନ୍ ୫୫
ହିନ୍ଦୁ— ଅନ୍ୟ ଜାତି ଅପେକ୍ଷା ଶୀଘ୍ର ଅଦ୍ୱୈତରେ ପହଞ୍ଚିବା ସମ୍ଭବ ୨୭; ସେମାନଙ୍କ ମଧ୍ୟରେ ସାର୍ବଜନୀନ ଭାବରେ ବେଦାନ୍ତ ବର୍ତ୍ତମାନ ମଧ୍ୟ ପୁଷ୍ଟିଲାଭ କରିନାହିଁ ୨୭; ହିବ୍ରୁ ବା ଆରବ ଜାତିଠାରୁ ପ୍ରାଚୀନତର ୨୭; ଦରିଦ୍ର ଓ ସେକାଲର- ୧୧୬; -ଜାତି ୧୪୩, ୨୩୨; -ବିଧବାର ପ୍ରାଣର ଆକାଙ୍କ୍ଷା ୧୪୬; ସେମାନଙ୍କର କମାଣ ବ୍ୟବହାର ୨୦୯; ବହୁ ଅବତାରର ପୂଜକ ୨୧୦, ୨୨୬; ଧର୍ମବିଧାନ ନୀତିତତ୍ତ୍ୱ ପ୍ରଭୃତିର ଅକ୍ଷୟ ଭଣ୍ଡାର ୨୧୨; -ଧର୍ମ ୨୪୩; -ଅଧିଶସ୍ୟ ସ୍ୱାତନ୍ତ୍ର୍ୟପ୍ରିୟ ୩୦୮; -ମତରେ ଜୀବନ-ସମସ୍ୟାର ସମାଧାନ ୩୧୨; ରକ୍ଷଣଶୀଳ- ୩୨୬

ହେର, ଯୁବକ—ଜାପାନର ସନ୍ନ୍ୟାସୀ ୧୭୦
ହେଲ୍ (ମିଃ) ୫୨, ୮୦
ହୋମର୍—ଗ୍ରୀକ୍ କାବ୍ୟରଚୟିତା ୧୯୧
'ହୋମ୍-ଅଫ୍-ଟ୍ରୁଥ୍'— (Home of Truth) ୧୨୯
ହ୍ୟାମଣ୍ଡ (ମିସେସ୍) ୧୪୭
ହ୍ୟାରସ୍ଥେଟ୍ (ହେଲ୍) ୫୨, ୭୪, ୧୧୮

---

PUBLICATION DEPT.
RAMAKRISHNA MATH
BHUBANESWAR-751002